AN

# ENGLISH-ORIYA DICTIONARY

originally prepared (1873) by

REV. W. MILLER

New and Revised Edition

**1937**

# ଇଂରାଜୀ-ଓଡ଼ିଆ ଅଭିଧାନ

ରେ. ଡବ୍ଲୁ. ମିଲର (୧୮୭୩)

ପରିମାର୍ଜିତ ନୂତନ ସଂସ୍କରଣ

**୧୯୩୭**

Electronic version 2009

developed by

Srujanika

Jagamara, PO: Khandagiri, Bhubaneswar 751030,
email: *srujanika@gmail.com*

Copyright © 2009, Srujanika.

ଇଲେକ୍ଟ୍ରନିକ ସଂସ୍କରଣ (୨୦୦୯) ପ୍ରସ୍ତୁତି

**ସୃଜନିକା**, ଜାଗମରା, ଡାକ: ଖଣ୍ଡଗିରି, ଭୁବନେଶ୍ୱର ୭୫୧୦୩୦

(ସ୍ୱତ୍ତ୍ୱ: ୨୦୦୯ ସୃଜନିକା – କ୍ରିଏଟିଭ କମନ୍ସ୍ ଜି.ପି.ଏଲ୍. ମୁକ୍ତ ସଫ୍ଟୱେର ଲାଇସେନ୍ସ୍ ଜରିଆରେ ବିତରିତ )

This program is **free software**; you can redistribute it and/or modify it **with due acknowledgement to the developers** under the terms of the GNU General Public License as published by the Free Software Foundation (*http://www.gnu.org/*).

This program is distributed in the hope that it will be useful, but WITHOUT ANY WARRANTY; without even the implied warranty of MERCHANTABILITY or FITNESS FOR A PARTICULAR PURPOSE.

See the GNU General Public License for more details.

>>ସୂଚୀ ଓ ବ୍ୟବହାର ପାଇଁ ସୂଚନା ପର ପୃଷ୍ଠାରେ >>

# ବ୍ୟବହାର ପାଇଁ ସଂକ୍ଷିପ୍ତ ସୂଚନା

ତଳେ ଥିବା ବିଷୟ ଓ ଅକ୍ଷର ସୂଚୀ ଉପରେ ଦର୍ଶିକା (କର୍ସର) ଚଳାଇଲେ କେତେ ଜାଗାରେ ତାହାର ହାତ ରୂପ ( ) ବଦଳି ଆଙ୍ଗୁଠି ରୂପ ( ) ନେବ । ସେହି ଜାଗାରେ ମାଉସ୍‌ର ବାମ ବୋତାମ ଦବାଇଲେ ସେହି ବିଷୟ ଥିବା ପୃଷ୍ଠା ଖୋଲିବ । କୌଣସି ଅକ୍ଷର ଉପରେ ଆଙ୍ଗୁଠି ଦର୍ଶିକା ରଖି ମାଉସ ବାମ ବୋତାମ ଦବାଇଲେ ଆଉ ଗୋଟିଏ ଶବ୍ଦସୂଚୀ ପୃଷ୍ଠା ଖୋଲିବ । ସେଥିରେ ନିର୍ବାଚିତ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ରହିଥିବ । ପ୍ରତିଟି ଶବ୍ଦଯୋଡ଼ି ହେଉଛି ଅଭିଧାନର ନିର୍ଦ୍ଦିଷ୍ଟ ପୃଷ୍ଠାରେ ଥିବା ଆରମ୍ଭ ଓ ଶେଷ ଶବ୍ଦ, ଯାହା ପୃଷ୍ଠାର ଉପରେ ଦିଆଯାଇଥାଏ । ତେଣୁ ଖୋଜୁଥିବା ଶବ୍ଦକୁ ଯିବାକୁ ହେଲେ ତା'ର ଆଗ ଓ ପରର ଶବ୍ଦଯୋଡ଼ି ଉପରେ ମାଉସ ଚିପିବାକୁ ହେବ ।

ଏହି ସୂଚୀ ପୃଷ୍ଠାଟି ଫାଇଲର ଆରମ୍ଭରେ ରହିଛି, ତେଣୁ ଆକ୍ରୋବାଟ ରିଡରର ନେଭିଗେସନ ବା ପୃଷ୍ଠାଚିହ୍ନ (ବୁକ୍‌ମାର୍କ) ସାହାଯ୍ୟରେ ଏଠାକୁ ସହଜରେ ଫେରିଆସିହେବ ।

**(ଆକ୍ରୋବାଟ ରିଡରର ସାହାଯ୍ୟ ବ୍ୟବସ୍ଥାରୁ ଏସବୁ ବିଷୟରେ ଅଧିକ ଜାଣିହେବ)**

CONTENTS


The Oriya Alphabet    Grammatical terms

Terms of kindred and affinity

Money, weights, measures etc.    Days of the Week

Of the Hindoo Months    Stops etc.

Directions for commencing and addressing letters to persons of rank


ALPHABET INDEX


A B C D E F G H I

J K L M N O P Q R

S T U V W X Y Z

A
A - Abjure
Ablative - Abundance
Abundant - Accrue
Accumulate - Actual
Actually - Admirable
Admirably - Advertiser
Advice - Affusion
Afield - Aid
Aid-de-camp - Allegory
Alleviate - Amazingly
Amazone - Ancestor
Ancestral - Annunciation
Anodyne - Apace
Apart - Apply
Appoint - Arcade
Arch - Array
Arrears - Aslant
Asleep - Assuage
Assume - Attentive
Attenuate - Available
Avarice - Azure

B
B - Backbite
Back-door - Bank
Banker - Basket
Bass - Beautifully
Beautify - Beldam
Beleaguer - Besiege
Besmear - Bill
Bill-of-exchange - Blank
Blanket - Blowpipe
Blubber - Book-keeper
Book-keeping - Boyish
Brace - Brickbat
Brickdust - Browbeat
Brown - Bump
Bumper - Button
Buttonhole - Byword

C
C - Caliber
Calico - Canticle
Canto - Care
Career - Cat
Catacombs - Celebrated
Celebration - Chafe
Chaff - Charger
Charily - Chestnut
Chevalier - Christmas
Chromatic - Circumvention
Circus - Clerical
Clerk - Coalescence
Coalition - Coinage
Coincide - Colour
Colour - Commiseration
Commissariat - Compendium
Compensate - Compulsion
Compulsory - Concurrence
Concussion - Conform
Conformably - Conscientious
Conscionable - Constitute
Constitution - Continental
Contingency - Controvert
Contumacious - Cool
Coolheaded - Corporal
Corporate - Count

Countenance - Cow
Cow - Credit
Creditable - Cross-grained
Crotchet - Cunning
Cup - Cutting
Cutting - Czarina

D
D - Darken
Darkness - Debilitate
Debility - Decorum
Decoy - Definite
Definition - Deluge
Delusion - Deplete
Deplorable - Descriptive
Descry - Detain
Dtect - Dialect
Dialogue - Dim
Dimension - Disbursement
Disc - Disdain
Disease - Disoblige
Disobliging - Dissatisfaction
Dissect - Disturbance
Disunion - Doggerel
Dogma - Downcast
Downfall - Drill
Drink - Duenna
Dues - Dypepsia

E
E - Earn
Earnest - Educate
Education - Electrify
Electuary - Emblematic
Embody - Emulous
Enable - Engine
Engineer - Enthrone
Enthusiasm - Epoch
Equable - Escort
Esculent - Evangelize
Evaporate - Excellent
Except - Exertion
Exhalation - Expiration
Expire - Exterminate
External - Eyry

F
F - Face to face
Facile - Famish
Famoush - Fathom
Fathomless - Feminine
Femoral - Fierce
Fiery - Firm
Firm - Flashy
Flask - Florid
Florin - Folly
Foment - Forelock
Foreman - Forte
Forte - Frailty
Frame - Fringe
Frippery - Funny
Fur - Fy

G
G - Gallantry
Gallery - Gazette
Gazetteer - Ghostly
Giant - Glisten

Glitter - Gonorrhea
Good - Grand
Grandchild - Great-grandfather
Greatly - Grove
Grovel - Gut
Gutter - Gyve

H
H - Halt
Halter - Hardy
Hare - Hazardous
Haze - Hedgehog
Hedger - Hereabouts
Hereafter - Highwayman
High-wrought - Hold
Hole - Horoscope
Horrible - Huckster
Huddle - Hush-money
Husk - Hysterics

I
I - Idolatry
Idolize - Imagery
Imaginable - Immure
Immutability - Implacable
Implant - Improbability
Improbable - Incalculable
Incantation - Incompetent
Incomplete - Inculcation
Incumbent - Indifferent
Indifferently - Induction
Indulge - Infatuate
Infatuation - Informant
Information - Inimitably
Iniquitous - Inquiry
Inquisition - Insolvent
Insomuch - Insular
Insulate - Interfere
Interference - Intervene
Intervention - Inundate
Inundation - Invite
Invitingly - Irreprovable
Irresistible - Ivy

J
J - Jag
Jagged - Joiner
Joinery - Junior
Junk - Juxta-position

K
K - Keyhole
Keystone - Knock
Knoll - Koran

L
L - Laird
Laity - Larder
Large - Lava
Lavatory - Learn
Learned - Lemonade
Lend - Liberal
Liberality - Ligneous
Like - Liquorice
Lisp - Lobby
Lobe - Longsuffering
Look - Lovingly
Low - Lungs

Lurch - Lyrist

M

M - Madcap

Madden - Majestic

Majesty - Manfully

Manager - Marauding

Marble - Masonry

Masquerade - Mausoleum

Maw - Medicine

Mediocrity - Menial

Menses - Metamorphose

Metamorphosis - Mightiness

Mighty - Miniature

Minikin - Misbehave

Misbehaviour - Mispronounce

Mispronunciation - Mobility

Mock - Moneyed

Monger - Moralize

Morally - Mother-in-law

Motherless - Mucus

Mud - Murky

Murmur - Myrtle

Myself - Mythology

N

N - Nativity

Natural - Nectar

Nectarine - Nettle

Network - Nipple

Nit - Nor

Normal - Nowise

Noxious - Nymph

O

O - Oath

Oatmeal - Observance

Observant - Octuple

Ocular - Omission

Omit - Opportunity

Oppose - Organist

Organization - Oust

Out - Oven

Over - Overseer

Overset - Oyster

P

P - Pagan

Paganism - Pamper

Pamphlet - Parboil

Parcel - Particularly

Particulars - Patentee

Paternal - Peach

Peacock - Pelvis

Pen - Perch

Perchance - Permeate

Permission - Pertinacious

Pertinent - Philanthropy

Philippic - Pig

Pigeon - Pitcher

Pitchfork - Plastic

Plat - Pliers

Plight - Poise

Poison - Pool

Poop - Portray

Pose - Pottery

Pouch - Precede

Precedence - Predominate

Pre-eminence - Preparation
Preparatory - Press
Press-gang - Prickle
Prickly - Privateer
Privately - Proem
Profanation - Prolific
Prolix - Prophetic
Propitiate - Protest
Protestant - Pry
Psalm - Puncture
Pungency - Push
Pushing - Pyrotechnical

Q
Q - Quarrel
Quarrelsome - Quip
Quire - Quotient

R
R - Railroad
Raiment - Rascally
Rash - Reality
Realize - Receptacle
Reception - Rectangular
Rectify - Reflect
Reflection - Regulate
Regulation - Remainder
Remains - Reparation
Repartee - Reproduction
Reproof - Resign
Resignation - Restraint
Restrct - Revelation
Revelry - Rib
Ribaldry - Rise
Risibility - Root
Rope - Rudeness
Rudiment - Ryot

S
S - Saccharine
Sacerdotal - Saloon
Salt - Sarcophagus
Sardius - Saying
Scab - Scholium
School - Screen
Screw - Sear
Search - Sedition
Seditions - Semen
Semi - Serf
Sergeant - Sexton
Sexual - Sheer
Sheet - Shoreless
Short - Sickness
Side - Simply
Simulation - Sixfold
Sixteen - Slay
Sledge - Small-pox
Smart - Snot
Snout - Solemnize
Solemnly - Sophism
Sophist - Spar
Spar - Sperm
Sperm-oil - Spokesman
Spoliation - Squander
Square - Stanchion
Stand - Steal
Stealth - Still
Still - Stork

Storm - Stress
Stretch - Stuffing
Stultify - Subscriber
Subscription - Succumb
Such - Summons
Sumptuous - Supervise
Supervision - Surreptitious
Surrogate - Sweeten
Sweetheart - Synonym
Synonymous - Systematic

T
T - Talkative
Tall - Tattler
Tattoo - Temperature
Tempest - Termination
Terminus - The
Theatre - Thickheaded
Thickness - Thresh
Threshold - Tidy
Tie - Tire
Tiresome - Tonnage
Tonsil - Tow
Tow - Tranquil
Tranquility - Transposition
Transubstantiate - Trephine
Trepidation - Trite
Trituration - Trunk
Trunnion - Turning
Turnip - Tyrannical
Tyranny - Tyro

U
U - Unalterable
Unamiable - Unbroken
Unbuckle - Underfinable
Undeniable - Undue
Undulate - Ungentle
Ungentlemanly - Uninvited
Uninviting - Unmarried
Unmask - Unpremeditated
Unprepared - Unruly
Unsafe - Unsuspected
Unsuspecting - Unyoke
Up - Uterine
Uterus - Uxorious

V
V - Valuation
Value - Velocity
Velvet - Verdict
Verdigris - Vial
Viand - Vintage
Vintner - Vituperation
Vivacious - Vouch
Voucher - Vulture

W
W - Wake
Wakeful - Warrantable
Warranty - Wave
Waver - Wedge
Wedge - Western
Westward - While
Whim - Whosoever
Why - Wing
Winged - Witty
Wizard - Worker

Workhouse - Wren
Wrench - Wry

X
X - Xylography

Y
Y - Yawl
Yawn - Yule

Z
Z - Zeal
Zealot - Zymotic

**APPENDIX**

Grammatical Terms

Orthographical Terms

Terms of Kindred and Affinity

Money, Weights, Measures &c.

Of Hindu Months

Directions for commencing and addressing letters to Persons of Rank

Stops &c.

AN

# ENGLISH-ORIYA DICTIONARY

DESIGNED

**FOR THE USE OF EUROPEAN AND INDIAN STUDENTS AND SCHOOLS.**

---

ଇଂରାଜୀ ଓ ଓଡ଼ିଆ ଅଭିଧାନ ।

---

ORIGINALLY PREPARED BY REV. W. MILLER.

---

NEW EDITION REVISED AND ENLARGED.

---

CUTTACK :
PRINTED AT THE ORISSA MISSION PRESS
1937.
[*All rights reserved.*]

1

# THE ORIYA ALPHABET.

### *Vowels* (ସ୍ୱର or ଅଚ୍.)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ | ୠ | ଌ | ଏ | ଐ | ଓ | ଔ | ଅଂ | ଅଃ |
| a | á | e | ē | u | ū | ru | rū | lu | é | ai | o | au | ang | ah |

### *Consonants* (ବ୍ୟଞ୍ଜନ or ହଲ୍) ।

| | | | | |
|---|---|---|---|---|
| କ | ଖ | ଗ | ଘ | ଙ |
| ka | kha | ga | gha | gnua |
| ଚ | ଛ | ଜ | ଝ | ଞ |
| cha | chha | ja | jha | gnia |
| ଟ | ଠ | ଡ | ଢ | ଣ |
| ṭa | ṭha | ḍa | ḍha | aṇa |
| ତ | ଥ | ଦ | ଧ | ନ |
| ta | tha | da | dha | na |
| ପ | ଫ | ବ | ଭ | ମ |
| pa | pha | ba | bha | ma |
| ଯ | ର | ଳ | ଲ | ୱ |
| ja | ra | ala | la | vwa |
| ଶ | ଷ | ସ | ହ | କ୍ଷ |
| sha | sha | sa | ha | kshya |

### *Letters and their Symbols.*

ଆ ଇ ଈ ଉ ଊ ଏ ଐ ଓ ଔ ଅଂ ଅଃ ଅଁ କ ଗ ଙ ଜ ଞ ଡ ଢ ଥ ପ ଫ ଧ
ା ି ୀ ୁ ୂ େ ୈ ୋ ୌ ଂ ଃ ଁ [illegible]

ଦ with ଧ ଣ ଉ ଯ ତ with ର ଚ୍ with ତ ର ଳ ମ
[illegible]

## *Combination of Symbols.*

କା କି କୀ କୁ କୂ କେ କୈ କୋ କୌ କ୍ୟ କ୍ର କ୍ଲ କ୍ୱ କ୍ମ କ୍ନ
ká ki kī ku kū ké kai ko kau kya kra kla kwa kma kna

ର୍କ କୃ କଂ କଃ କଁ ଇତ୍ୟାଦି ।
rka kru kang kah kaṅ &c.

## *Compound Letters.*

### Anka-phalá—ଅଙ୍କଫଳା ।

ଙ୍କ ଙ୍ଖ ଙ୍ଗ ଙ୍ଘ । ଞ୍ଚ ଞ୍ଛ ଞ୍ଜ ଞ୍ଝ । ଣ୍ଟ ଣ୍ଠ ଣ୍ଡ ଣ୍ଢ
nka nkha nga ngha ncha nchha nja njha nṭa nṭha nḍa nḍha

ନ୍ତ ନ୍ଥ ନ୍ଦ ନ୍ଧ । ମ୍ପ ମ୍ଫ ମ୍ବ ମ୍ଭ । ଗ୍ମ ଗ୍ଜ ଗ୍ର
nta ntha nda ndha ampa ampha mba mbha ngma ngja ngra

### Aska-phalá—ଅସ୍କଫଳା ।

ସ୍କ ସ୍ଖ ଦ୍ଗ ଦ୍ଘ ଙ୍କ୍ତ୍ର । ଶ୍ଚ ଶ୍ଛ ବ୍ଜ ବ୍ଝ ।
ska skha dga dgha nktra shcha shchha bja bjha

ଜ୍ଞ ଷ୍ଟ ଷ୍ଠ ଷ୍ଣ । ସ୍ତ ସ୍ଥ ବ୍ଦ ବ୍ଧ ସ୍ନ । ସ୍ପ ସ୍ଫ
ggyan shṭa shṭha shṇa sta stha bda bdha tsna spa spha

ଦ୍ବ ଦ୍ଭ ।
dba dbha

### Astrástria-phalá—ଅସ୍ତ୍ରାସ୍ତ୍ରୀଫଳା ।

ସ୍ତ୍ର ସ୍ତ୍ର୍ୟ ଲ୍କ ଲ୍ପ କ୍ତ ତ୍କ ପ୍ତ । ତ୍ପ ତ୍ୟ ତ୍ୱ ।
stra strya lka lpa kta tka pta tpa tya tva

ତ୍ନ ତ୍ମ ତ୍ସ ତ୍ସଂ । ର୍ଣ୍ଣ ହ୍ମ ହ୍ର ହ୍ଲ ହ୍ୱ ।
tna tma tsa tsang rnna hma hra hla hwa

## *Numerical Figures.*

୧ ୨ ୩ ୪ ୫ ୬ ୭ ୮ ୯ ୦
ଏକ ଦୁଇ ତିନ ଚାର ପାଞ୍ଚ ଛ ସାତ ଆଠ ନଅ ଶୂନ୍ୟ

# DICTIONARY.

ABBREVIATIONS EXPLAINED.

*ar.* article ; *s.* substantive ; *a.* adjective ; *p.* pronoun ; *v.* verb ; *ad.* adverb ; *pr.* preposition ; *pa.* participle ; *c.* conjunction ; *int.* interjection.

Oriya Abbs.—କ- କରିବା, କହି- କହିବା, ଦେ- ଦେବା, ଦେଖି- ଦେଖିବା, ହେ- ହେବା, ପା- ପାଇବା, ର- ରହିବା, ଲେଖି- ଲେଖିବା, ହେ- ହେବା ।



A; *ar.* ଏକ, କୌଣସି । ଇଂରାଜୀ ବର୍ଣ୍ଣମାଳାର ପ୍ରଥମ ଅକ୍ଷର; ଏହାର ଉଚ୍ଚାରଣ ଓ ବ୍ୟବହାର ଏକାର ପରି ହୁଏ । ଏହା ଏକବଚନାନ୍ତ ଶବ୍ଦର ଅଗ୍ରେ ସ୍ଥାପିତ, ଯଥା, a day, a boy; ସ୍ୱରାଦ୍ୟ ବା ଅନୁଚ୍ଚାର୍ଯ୍ୟ h ବର୍ଣ୍ଣାଦ୍ୟ ଶବ୍ଦର ଅଗ୍ରେ ସ୍ଥିତ ହେଲେ an ହୁଏ, ଯଥା, an earl, an hour.

Aback, *ad.* ପଶ୍ଚାତ୍, ପଛଆଡ଼େ, ପଛେ ।

Abandon, *v.* ପରିତ୍ୟାଗ-କ, ଛାଡ଼ିବା ।

Abandoned, *a.* ତ୍ୟକ୍ତ, ଛଡ଼ା; ଅତିଦୁଷ୍ଟ ।

Abase, *v.* ଖର୍ବ-କ, ଅନାଦର-କ, ନୁଆଁଇବା ।

Abash, *v.* ଲଜ୍ଜିତ ବା ଅପ୍ରସ୍ତୁତ-କ ।

Abate, *v.* ନ୍ୟୂନ ବା କମ୍-କ; ଉଣା ବା ହ୍ରାସ-ହେ

Abatement, *s.* ନ୍ୟୂନତା, ଉଣା, ହ୍ରାସ, କମତି ।

Abba, *s.* ଏବ୍ରୀ ଭାଷାରେ ପିତା ବା ବାପ ।

Abbess, *s.* ମଠାଧିକାରିଣୀ ।

Abbey, *s.* ମଠ, ଧର୍ମଯାଜକର ବାସସ୍ଥାନ, ଧର୍ମଶାଳା ।

Abbot, *s.* ମଠାଧ୍ୟକ୍ଷ, ମହନ୍ତ । [-କ ।

Abbreviate, *v.* ସଂକ୍ଷେପ-କ, ହ୍ରସ୍ୱ-କ, ଉଣା

Abbreviation, *s.* ସଂକ୍ଷେପ, ଚୁମ୍ବକ, ସାର ।

Abdicate, *v.* ଅଧିକାର ବା ପଦ ତ୍ୟାଗ-କ ।

Abdication, *s.* ପଦ ବା ଅଧିକାର ତ୍ୟାଗ ।

Abdomen, *s.* ତଳିପେଟ ।

Abduct, *v.* ଭୁଲାଇ-ନେ, ଫୁସୁଲାଇ-ନେ; ମନୁଷ୍ୟ ଚୋରି-କ ।

Abduction, *s.* ଅପକର୍ଷଣ; ଅପହରଣ ।

Abed, *ad.* ଶଯ୍ୟା ବା ବିଛଣାରେ; ଶଯ୍ୟାଗତ ।

Aberration, *s.* ବିପଥଗମନ, ବିଭ୍ରମ ।

Abet, *v.* ଉତ୍ସାହ ବା କୁପରାମର୍ଶ-ଦେ, ପ୍ରବୃତ୍ତି ଜନ୍ମାଇବା, ସାହାଯ୍ୟ-କ ।

Abettor, *s.* ସହକାରୀ, ସାହାଯ୍ୟକାରୀ, ଅପରାଧର ପ୍ରବର୍ତ୍ତକ ।

Abeyance, *s.* ଅନିଶ୍ଚିତ; property in- ପରବର୍ତ୍ତୀ ଦ୍ରବ୍ୟ ବା ଅଧିକାର ।

Abhor, *v.* ଅତିଘୃଣା-ଅଶ୍ରଦ୍ଧା-କ ।

Abhorrence, *s.* ଅତ୍ୟନ୍ତ ଘୃଣା, ବୈରକ୍ତ୍ୟ ।

Abide, *v.* ବାସ ବା ସ୍ଥିତ-କ, ଥିବା, ରହିବା ।

Ability, *s.* କ୍ଷମତା, ସାମର୍ଥ୍ୟ, ଶକ୍ତି, ସାଧ୍ୟ; ଦକ୍ଷତା, ପାରଗତା, ନିପୁଣତା ।

Abject, *a.* ନୀଚ, ହୀନ, ଅଧମ, ଇତର ।

Abjure, *v.* ନିୟମପୂର୍ବକ ତ୍ୟାଗ-କ ।

**A**blative, *s.* in Gram. ଅପାଦାନକାରକ ।

Ablaze, *ad.* ଜ୍ୱଲନ୍ତାବସ୍ଥାରେ; ପ୍ରଜ୍ୱଳିତଭାବେ; ସମ୍ପ୍ରଜ୍ୱଳଭାବେ ।

Able, *a.* କ୍ଷମତାପନ୍ନ, ସମର୍ଥ, ଶକ୍ତିମାନ୍, ପାରଗ ।

Ablution, *s.* ସ୍ନାନ, ଶାଉଚ, ପବିତ୍ରତା ।

Abnegation, *s.* ଅସ୍ୱୀକାର, ତ୍ୟାଗ ।

Abnormal, *a.* ଅନିୟମିତ; ବିକଟ ।

Aboard, *ad.* ନୌକା ବା ଜାହାଜ ଉପରେ ।

Abode, *s.* ଘର, ଗୃହ, ବାସସ୍ଥାନ, ବସା ।

Abolish, *v.* ଲୋପ ବା ରଦ୍-କ, ଉଠାଇ-ଦେ ।

Abolition, *s.* ଲୋପ, ରଦ୍, ବିନାଶ ।

Abominable, *a.* ଘୃଣାଯୋଗ୍ୟ, ଗୁଚ୍ଛ ।

Abominate, *v.* ଘୃଣା ବା ଗୁଚ୍ଛ ବା ଦ୍ୱେଷ ଜ୍ଞାନ-କ ।

Abomination, *s.* ଘୃଣା, ଗୁଚ୍ଛତା; ଅଶୁଚିତା ।

Aboriginal, *a.* ଆଦିମ, ପ୍ରାଥମିକ ।

Aborigines, *s.* ଦେଶର ଆଦିମ ନିବାସୀ, ଦେଶର ଅସଲ ଲୋକ । [ସ୍ରାବ ।

Abortion, *s.* ପେଟଖସା, ଗର୍ଭପାତ, ଗର୍ଭ-

Abortive, *a.* ନିଷ୍ଫଳ, ବ୍ୟର୍ଥ; ଅକାଳଜ, ଅସାମର୍ଥ୍ୟକ । [-ହେ ।

Abound, *v.* ଯଥେଷ୍ଟ ବା ପ୍ରଚୁର ବା ବହୁତ

About, *pr.* ଚତୁର୍ଦ୍ଦିଗରେ, ନିକଟରେ, ସମୀପରେ; ବିଷୟେ ।—*ad.* ପ୍ରାୟ, ଊଣାଅଧିକରେ; ଇତସ୍ତତଃ; ଉଦ୍ୟତ । [ଅଧିକ ।

Above, *pr.* ଉପରେ, ଊର୍ଦ୍ଧ୍ୱରେ, ଉପରିସ୍ଥ:

Above-board, *ad.* ପ୍ରକାଶ୍ୟରୂପେ, ପ୍ରତ୍ୟକ୍ଷଭାବେ, ଛଳରହିତଭାବେ ।

Abreast, *ad.* ଲଗାଲଗି, ପାଖେ ।

Abridge, *v.* ସଂକ୍ଷେପ ବା ହ୍ରାସ ବା କମ୍-କ ।

Abridgment, *s.* ସଂକ୍ଷେପ, ଚୁମ୍ବକ, ସାର ।

Abroad, *ad.* ବିଦେଶରେ, ବାହାରେ; ଚତୁର୍ଦ୍ଦିଗେ ।

Abrogate, *v.* ଅନ୍ୟଥା ବା ରଦ୍ ବା ରହିତ-କ, ଉଠାଇ-ଦେ, ଲୋପ-କ ।

Abrupt, *a.* ଆକସ୍ମିକ; ଅସମାନ, ଅସଂଯୁକ୍ତ ।

Abruptly, *ad.* ଅକସ୍ମାତ୍ ବା ହଠାତ୍ ।

Abscess, *s.* ବିସ୍ଫୋଟକ, ଝରପୁଷ, ଫୋଡ଼ା ।

Abscond, *v.* ଆତ୍ମଗୋପନ-କ, ଲୁଚି ପଳାଇବା । [ମାନ ।

Absence, *s.* ଅନୁପସ୍ଥିତି, ଅସାକ୍ଷାତ, ଅବର୍ତ୍ତ-

Absent, *a.* ଅବର୍ତ୍ତମାନ, ଗରହାଜର, ଅନୁପସ୍ଥିତ ।—*v.* ଅନୁପସ୍ଥିତ-ହେ, ଗରହାଜର-ହେ ।

Absentee, *s.* ଅନୁପସ୍ଥିତ ବ୍ୟକ୍ତି ।

Absolute, *a.* ସ୍ୱାଧୀନ, ସମ୍ପୂର୍ଣ୍ଣ, ଅବାଧିତ, ସ୍ୱତନ୍ତ୍ର

Absolutely, *ad.* ନିତାନ୍ତ, ନିଶ୍ଚୟ, ସମ୍ପୂର୍ଣ୍ଣରୂପେ । [ମାର୍ଜ୍ଜନା ।

Absolution, *s.* ପାପମୋଚନ, କ୍ଷମା, ଦୋଷ-

Absolve, *v.* କ୍ଷମା-କ, ମାଫ୍-କ, ମୁକ୍ତି-ଦେ ।

Absorb, *v.* ଗ୍ରାସ-କ, ଲୟ-ପା, ଶୋଷଣ-କ ।

Absorbent, *a.* ଶୋଷଣକାରୀ; ଗ୍ରାସକାରୀ ।

Absorption, *s.* ଲୟ, ଶୋଷଣ, ମୋକ୍ଷ ।

Abstain, *v.* ନିବୃତ୍ତ-କ୍ଷାନ୍ତ-ବିରତ-ହେ ।

Abstainer, *n.* ନିବୃତ୍ତ, ବିରତ ବା ଅନାସକ୍ତ ବ୍ୟକ୍ତି ।

Abstemious, *a.* ଅଳ୍ପଭୋଗୀ, ପରିମିତାହାରୀ

Abstinence, *s.* ନିର୍ଭୋଗ, ଉପବାସ, ଅନାହାର ।

Abstract, *v.* ସଂଗ୍ରହ ବା ସଂକ୍ଷେପ-କ; ଭିନ୍ନ-କ ।—*s.* ସାରାର୍ଥ, ସଂଗ୍ରହ, ସଂକ୍ଷେପ, ତତ୍ତ୍ୱ ।

Abstraction, *s.* ଭିନ୍ନତା, ପାର୍ଥକ୍ୟ, ଉନ୍ମାବସ୍ଥା ।

Abstruse, *a.* ଗୁପ୍ତ, ନିଗୂଢ଼, କଠିନ, ଗମ୍ଭୀର ।

Absurd, *a.* ଯୁକ୍ତିବିରୁଦ୍ଧ, ଅନୁଚିତ, ଅସଙ୍ଗତ ହାସ୍ୟାସ୍ପଦ ।

Absurdity, *s.* ଯୁକ୍ତିବିରୁଦ୍ଧତା, ଦୋଷ, ମୂଢ଼ତା ।

Abundance, *s.* ଆଧିକ୍ୟ, ବାହୁଲ୍ୟ, ପ୍ରାଚୁର୍ଯ୍ୟ ।

**Abundant**, *a.* ବହୁ, ପ୍ରଚୁର, ଅଧିକ, ଢେର ।
**Abuse**, *s.* ଗାଳି, କଟୁକ୍ତି, ଦୁର୍ଭାଷା, ଦୁର୍ନାମ । —*v.* ନିନ୍ଦା-କ, ଗାଳି-ଦେ, କଟୁକ୍ତି-କହ ।
**Abusive**, *a.* ନିନ୍ଦକ, ତିରସ୍କାରକ, କୁବାକ୍ୟବାଦୀ
**Abut**, *v.* ନିକଟବର୍ତ୍ତୀ ବା ସଂଯୁକ୍ତ ବା ସନ୍ନିଳିତ -ହେ ।
**Abyss**, *s.* ଅତଳସ୍ପର୍ଶ ଗର୍ତ୍ତ, ନରକ, ଗଭୀରସ୍ଥଳ
**Academical**, *a.* ବିଦ୍ୟାଳୟ ସମ୍ବନ୍ଧୀୟ ।
**Academy**, *s.* ଉଚ୍ଚ ବିଦ୍ୟାଳୟ ।
**Accede**, *v.* ସମ୍ମତ-ହେ, ସ୍ୱୀକାର ବା ଅଙ୍ଗୀକାର-କ ।
**Accelerate**, *v.* ଶୀଘ୍ର ବା ବେଗରେ କରାଇବା ।
**Accent**, *s.* ଉଚ୍ଚାରଣ, ଭେଦକ ଚିହ୍ନ ।—*v.* ସ୍ୱରାନୁସାରେ ଉଚ୍ଚାରଣ-କ ।
**Accept**, *v.* ଗ୍ରହଣ ବା ମଞ୍ଜୁର-କ ; ସହିବା ।
**Acceptable**, *a.* ଗ୍ରାହ୍ୟ, ଗ୍ରହଣୀୟ, ନେବା-ଯୋଗ୍ୟ ।
**Acceptance**, *s.* ଗ୍ରାହ୍ୟତା, ଗ୍ରହଣ, ସ୍ୱୀକାର ।
**Acceptation**, *s.* ଗ୍ରହଣ ; ଶବ୍ଦର ଚଳିତାର୍ଥ ।
**Access**, *s.* ପ୍ରବେଶ, ପ୍ରବେଶାନୁମତି, ଗମ୍ୟତା ।
**Accessible**, *a.* ପ୍ରବେଶନୀୟ, ଗମ୍ୟ ।
**Accession**, *s.* ବୃଦ୍ଧି, ପ୍ରାପ୍ତି ; ପ୍ରବେଶ ।
**Accessory, Accessary**, *s.* ସଙ୍ଗୀ ସାଥୀ, ସହକାରୀ ।
**Accidence**, *s.* ବ୍ୟାକରଣର ପ୍ରଥମ ଭାଗ ।
**Accident**, *s.* ଅନପେକ୍ଷିତ ବା ଦୈବାତ୍ ଘଟଣା । [ମିତ ।
**Accidental**, *a.* ଦୈବୀ, ଅନପେକ୍ଷିତ, ଅତି-
**Accidentally**, *ad.* ଅନପେକ୍ଷିତଭାବେ, ଦୈବାତ୍, ଦୈବଯୋଗେ । [ଧ୍ୱନି, ଧନ୍ୟବାଦ ।
**Acclamation**, *s.* ପ୍ରଶଂସା ବା ସମ୍ମତିସୂଚକ
**Acclimatize**, *v.* ସ୍ୱଭାବାନୁଯାୟୀ-କ ; ଜଳବାୟୁ ଅଭ୍ୟାସ-କ ।

**Acclivity**, *s.* ପର୍ବତର ଊର୍ଦ୍ଧ୍ୱଗମନ ପଥ ।
**Accommodate**, *v.* ନିର୍ବାହ ବା ସାହାଯ୍ୟ ବା ଉପକାର-କ ; ଆଶ୍ରୟ-ଦେ ।
**Accommodation**, *s.* ଉପକାର, ଆଶ୍ରୟ, ପ୍ରୟୋଜନ । [ଯେ ଯାଏ ।
**Accompaniment**, *s.* ମେଳେ ବା ସଙ୍ଗେ
**Accompany**, *v.* ସଙ୍ଗେ ବା ସହିତ ଯିବା ।
**Accomplice**, *s.* ଭାଗୀ, ଅଂଶୀ, ସଙ୍ଗୀ, କୁକର୍ମରେ ସହକାରୀ ।
**Accomplish**, *v.* ସମ୍ପନ୍ନ ବା ସିଦ୍ଧ ବା ପୂର୍ଣ୍ଣ-କ ।
**Accomplished**, *a.* ପୂର୍ଣ୍ଣ ; ନିପୁଣ, ପ୍ରାଜ୍ଞ ।
**Accomplishment**, *s.* ପୂର୍ଣ୍ଣତା, ନୈପୁଣ୍ୟ, ପ୍ରାଜ୍ଞତା ।
**Accord**, *v.* ମିଳନ ବା ଯୋଗ ବା ଐକ୍ୟ-କ । —*s.* ମିଳନ, ଐକ୍ୟ ; ଇଚ୍ଛା, ମନ ।
**Accordance**, *s.* ସମ୍ମତି, ଯୋଗ, ଐକ୍ୟ, ମିଳନ ; ଅନୁସାର । [ସାରେ ।
**According**, *pa.* ତଦ୍ରୂପ, ଅନୁଯାୟୀ, ଅନୁ-
**Accordingly**, *ad.* ଅନୁସାରେ, ତଦ୍ରୂପେ, ସେହିପରି ।
**Accost**, *v.* କହିବା, ଆଳାପ ବା ସମ୍ବୋଧନ-କ ।
**Account**, *v.* ଗଣନା ବା ବୋଧ ବା ଜ୍ଞାନ କ । —*s.* ହିସାବ, ଗଣନା ; on account of, କାରଣ, ବାବଦ ; ବିବରଣ ।
**Accountable**, *a.* ଦାୟୀ ; ଯେ ଗଣାଯାଏ ; ଫଳଭୋଗୀ, ଫଳାଫଳଯୋଗ୍ୟ । [ହିସାବୀ ।
**Accountant**, *s.* ଗଣନାକର୍ତ୍ତା, ମୋହରିର,
**Accoutre**, *v.* ଯୁଦ୍ଧ ସଜ୍ଜାରେ ପରିଧାନ-କ, ସଶସ୍ତ୍ର-କ, ସଜାଇବା । [ସାଜ, ଭୂଷଣ ।
**Accoutrements**, *s.* ଯୁଦ୍ଧସଜ୍ଜା, ପରିଚ୍ଛଦ,
**Accredited**, *a.* ବିଶ୍ୱାସ୍ୟ, ପ୍ରମାଣୀକୃତ ; ସମ୍ମାନ୍ତ ।
**Accrue**, *v.* ଉତ୍ପନ୍ନ ବା ବୃଦ୍ଧି ବା ଲାଭ-ହେ ।

**Accumulate**, *v.* ସଞ୍ଚୟ-, ବୃଦ୍ଧି-, ଜମା-କ ।
**Accumulation**, *s.* ସଞ୍ଚୟ, ବୃଦ୍ଧି, ଜମା, ଗଦା, ଗଡ଼ି । [ଶୂନ୍ୟତା ।
**Accuracy**, *s.* ଯଥାର୍ଥ୍ୟ, ଶୁଦ୍ଧତା, ଭ୍ରମ-
**Accurate**, *a.* ଠିକ୍, ଯଥାର୍ଥ, ସତ୍ୟ, ଶୁଦ୍ଧ ।
**Accurately**, *ad.* ଠିକ୍-ଯଥାର୍ଥ-ଶୁଦ୍ଧରୂପେ ।
**Accurse**, *v.* ଅଭିଶାପ ବା ଶାପ-ଦେ ।
**Accursed**, *a.* ଶାପଗ୍ରସ୍ତ, ଅଭିଶପ୍ତ, ନାରକୀୟ ।
**Accusable**, *a.* ଅପବାଦ ବା ଦୋଷଯୋଗ୍ୟ ।
**Accusation**, *s.* ଅପବାଦ, ଦୋଷ, ନାଲିଶ ।
**Accusative-case**, *s.* କର୍ମକାରକ ।
**Accuse**, *v.* ଅପବାଦ-କ, ଦୋଷ-ଦେ ।
**Accustom**, *v.* ବ୍ୟବହାର ବା ଅଭ୍ୟାସ-କ ।
**Ace**, *s.* ଏକମାତ୍ର, ରେଣୁ, ଅଣୁ ।
**Acerbity**, *s.* ଅମ୍ଳସ୍ୱାଦ, କାର୍କଶ୍ୟ, ଅମ୍ଳ ।
**Acetylene**, *s.* କାରବାଇଡ୍ ଅଫ୍ କାଲ୍-ସିଅମ୍ ଓ ଜଳ ସଂଯୋଗରୁ ଜାତ ଗ୍ୟାସ୍ ବା ବାଷ୍ପ ଯଦ୍ୱାରା ଗ୍ୟାସ୍‌ବତି ଜଳେ ।
**Ache**, *s.* ବେଦନା, ବ୍ୟଥା, ପୀଡ଼ା ।—*v.* ବଥାଇବା
**Achieve**, *v.* କର୍ମ ସାଧନ-କ, ପ୍ରାପ୍ତ-ହେ ।
**Achievement**, *s.* ସିଦ୍ଧ କର୍ମ, ସାଧନ କାର୍ଯ୍ୟ ।
**Acid**, *a.* ଅମ୍ଳ, ଖଟା; ତିକ୍ତ, କଟୁ ।—*s.* ଅମ୍ଳରସ ।
**Acidity**, *s.* ଅମ୍ଳତ୍ୱ, ଅମ୍ଳରସ ।
**Acidulate**, *v.* ଅମ୍ଳ ବା ଖଟା-କ ।
**Acknowledge**, *v.* ସ୍ୱୀକାର ବା ଅଙ୍ଗୀକାର-କ
**Acknowledgment**, *s.* ଅଙ୍ଗୀକାର, ସ୍ୱୀକାର, ମାନନ ।
**Acme**, *s.* ବୃଦ୍ଧିର ସୀମା, ପ୍ରାନ୍ତ ।
**Aconite**, *s.* ବତ୍ସନାଭ ବୃକ୍ଷ, ବିଷ, ଜହର ।
**Acorn**, *s.* ଓକ୍‌ନାମ ବୃକ୍ଷର ବୀଜ ବା ଫଳ ।
**Acoustics**, *s.* ଶବ୍ଦ ବିଦ୍ୟା । [ଜଣାଇବା ।
**Acquaint**, *v.* ଜ୍ଞାପିତ-କ, ପରିଚୟ-ଦେ,
**Acquaintance**, *s.* ଆତ୍ମୀୟ, ଜ୍ଞାତ, ପରିଚୟ ।
**Acquiesce**, *v.* ସମ୍ମତ-ହେ, ସ୍ୱୀକାର-କ, ବା ଅନୁମତ ଦେ ।
**Acquire**, *v.* ଉପାର୍ଜନ-କ, ପ୍ରାପ୍ତ-ହେ ।
**Acquirement**, *s.* ପ୍ରାପ୍ତି, ଲାଭ, ଗୁଣ ।
**Acquisition**, *s.* ଲବ୍ଧଦ୍ରବ୍ୟ, ପ୍ରାପ୍ତି ।
**Acquit**, *v.* ନିର୍ଦ୍ଦୋଷ ବା ମୁକ୍ତ-କ ଖଲାସ-ଦେ ।
**Acquittal**, *s.* ମୁକ୍ତି, ଖଲାସ ।
**Acre**, *s.* ଭୂମିର ପରିମାଣ ବିଶେଷ ପର୍ଯ୍ୟାୟ ଏକମାଣ (ଜମି) । [ସଂଖ୍ୟା ।
**Acreage**, *s.* କୌଣସି ଭୂମିର ମୋଟ ମାପ
**Acrid**, *a.* କଟୁ, ତିକ୍ତ ।
**Acrimonious**, *a.* କଷାୟ ; କଟୁ, କର୍କଶ ।
**Acrimony**, *s.* କର୍କଶତା, କଟୁତା ।
**Acrobat**, *s.* ଦଉଡ଼ି ଉପରେ ନାଚିବା ବା ଖେଳିବା କାରିଗର ।
**Acropolis**, *s.* ଗଡ଼, ଦୁର୍ଗ ।
**Across**, *ad.* ଆଡ଼ରେ, ଅନ୍ୟପାଖେ ; ବକ୍ରଭାବେ ।
**Acrostic**, *s.* ଚିତ୍ରକାବ୍ୟ, ଶ୍ଲୋକ ବିଶେଷ ।
**Act**, *s.* କ୍ରିୟା, କର୍ମ ; in law, ବିଧି, ଧାରା । —*v.* କର୍ମ-କ, ଅନ୍ୟର ବଦଳେ କର୍ମ-କ ।
**Acting**, *s.* କାର୍ଯ୍ୟକରଣ, ନାଟ୍ୟକ୍ରିୟା । for another, *v.* ପ୍ରତିନିଧି ହେବା ।
**Action**, *s.* କାର୍ଯ୍ୟ, କର୍ମ ; ଯୁଦ୍ଧ ; ଫରିଆଦ, ନାଲିଶ, ମୋକଦ୍ଦମା ।
**Actionable**, *a.* ବିଧିମତେ ଦଣ୍ଡନୀୟ, ନାଲିଶର ଯୋଗ୍ୟ ।
**Active**, *a.* କର୍ମୀ, ଉଦ୍ୟୋଗୀ, ଚଞ୍ଚଳ, ସତର୍କ ।
**Active-voice**, *s.* କର୍ତ୍ତୃବାଚ୍ୟ । [ଚଞ୍ଚଳତା ।
**Activity**, *s.* ଚଞ୍ଚଳ, ସତର୍କତା, ଉଦ୍ୟୋଗିତା ।
**Actor**, *s.* କର୍ତ୍ତା, କାରକ ; ନର୍ତ୍ତକ, ଅଭିନେତା ।
**Actress**, *s.* କର୍ତ୍ତ୍ରୀ ; ନାଚକୀ, କର୍ମକାରିଣୀ ।
**Actual**, *a.* ଯଥାର୍ଥ, ପ୍ରକୃତ, ନିଶ୍ଚିତ ।

Actually, *ad.* ଜବାସ୍ତ ବା ନିଶ୍ଚୟ ବା ଯଥାର୍ଥରୂପେ ।
Actuary, *s.* ହିସାବ କାର୍ଯ୍ୟ ନିଷ୍ପନ୍ନକାରକ, ବ୍ୟବସ୍ଥା ରଚକ । [ଲବା ।
Actuate, *v.* କର୍ମ କରାଇବା, ପ୍ରବୃତ୍ତ କରା-
Actuated, *pa.* ପ୍ରବର୍ତ୍ତିତ, ଚାଳିତ, କର୍ମରତ ।
Acumen, *s.* ତୀକ୍ଷ୍ଣାଗ୍ରବୁଦ୍ଧି; ତୀକ୍ଷ୍ଣବୁଦ୍ଧି ।
Acute, *a.* ତୀକ୍ଷ୍ଣ, ପ୍ରଖର; ଚତୁର ।
Acuteness, *s.* ତୀକ୍ଷ୍ଣତା, ପ୍ରାଖର୍ଯ୍ୟ, ତୀକ୍ଷ୍ଣବୁଦ୍ଧି ।
Adage, *s.* ସାଧାରଣ ଉପମା ବାକ୍ୟ, ମୂଳବାକ୍ୟ
Adamant, *s.* ହୀରକ, ହୀର, ବଜ୍ର, ଚୁମ୍ବକମଣି ।
Adamantine, *a.* ହୀରକନିର୍ମିତ, ବଜ୍ରବତ୍, ଅଭେଦ୍ୟ ।
Adam's-apple, *s.* କଣ୍ଠ, କଣ୍ଠି ।
Adapt, *v.* ଉପଯୁକ୍ତ ବା ସଂଯୋଗ ବା ଯୁକ୍ତ-କ;
Adaptation, *s.* ଉପଯୁକ୍ତତା । [ଖଟାଇବା ।
Add, *v.* ବୃଦ୍ଧି ବା ଯୋଗ ବା ଗୋଟ-କ ।
Addendum, *s.* ଜୋଡପତ୍ର ।
Adder, *s.* କାଳସର୍ପ, ଅଜଗରସର୍ପ ।
Addict, *v.* ଆସକ୍ତ ବା ରତ ବା ବଶୀଭୂତ-କ ।
Addicted, *pa.* ଆସକ୍ତ, ରତ, ବଶୀଭୂତ ।
Addition, *s.* ବୃଦ୍ଧି, ସଂଯୋଗ; in Arith. ଅଙ୍କବୃଦ୍ଧି, ମିଶାଣ ।
Additional, *a.* ଅତିରିକ୍ତ, ଉପରି, ଅଧିକ ।
Address, *s.* ପ୍ରବନ୍ଧ, ନିବେଦନପତ୍ର; ଶିରୋନାମା, ଠିକଣା ; ପଟୁତା । [ନାମା-ଦେ ।
Address, *v.* କଥା-କହ; ପତ୍ର-ଲେଖି, ଶିରୋ-
Adduce, *v.* ପ୍ରମାଣ ବା ହେତୁ ଦେଖାଇବା, ଉଲ୍ଲେଖ-କ ।
Adept, *s.* ଶିକ୍ଷିତ, ନିପୁଣ ବ୍ୟକ୍ତି ।—*a.* ନିପୁଣ, ପାରଗ, ଚତୁର ।
Adequate, *a.* ଉପଯୁକ୍ତ, ଯଥୋଚିତ, ସମାନ-ଯୋଗ୍ୟ, ଯଥେଷ୍ଟ ।
Adequately, *ad.* ଯୁକ୍ତ ବା ଉପଯୁକ୍ତରୂପେ ।
Adhere, *v.* ଲାଗି-ର, ସଂଯୁକ୍ତ-ହେ, ଅନୁଗତ-ହେ
Adherence, *s.* ସଂଯୋଗ, ସଂଲଗ୍ନତା, ନିଷ୍ଠା ।
Adherent, *s.* ଅନୁଗାମୀ, ସଂଯୋଗୀ, ଅବଲମ୍ବୀ
Adhesion, *s.* ସଂଲଗ୍ନତା, ଆସକ୍ତି ।
Adhesive, *a.* ଅଠାଳିଆ, ଚିକଟା, ଅଠାବତ୍ ।
Adieu, *s.* ପ୍ରସ୍ଥାନକାଳର ଆଶୀର୍ବାଦ ବା କଲ୍ୟାଣ
Adjacent, *a.* ନିକଟ, ନିକଟବର୍ତ୍ତୀ, ସମୀପସ୍ଥ, ଲଗାଲଗି ।
Adjective, *s.* ଗୁଣବାଚକ ପଦ, ବିଶେଷଣ ।
Adjoin, *v.* ଯୋଡି-ଦେ, ଏକତ୍ର ବନ୍ଧ-କ ।
Adjoining, *pa.* ସଂଲଗ୍ନ, ପାର୍ଶ୍ୱସ୍ଥ, ନିକଟ-ବର୍ତ୍ତୀ । [କାର୍ଯ୍ୟ କରିବାକୁ ସ୍ଥଗିତ-କ ।
Adjourn, *v.* ନିବୃତ୍ତ ବା ବନ୍ଦ ବା ବିରାମ-କ;
Adjournment, *s.* ନିବୃତ୍ତି, ବନ୍ଦ, ବିରତି, ବିରାମ ।
Adjudge, *v.* ଦୋଷ ନିଷ୍ପନ୍ନ ବା ବିଚାର ବା ଦଣ୍ଡ ସ୍ଥିର-କ । [ନିର୍ଣ୍ଣୟ-କ ।
Adjudicate, *v.* ବ୍ୟବସ୍ଥାମତେ ନିଷ୍ପତ୍ତି-କ,
Adjunct, *s.* ସଂଯୁକ୍ତ ବା ମିଳିତ ଦ୍ରବ୍ୟ ।
Adjunctive, *a.* ସଂଯୋଗକାରୀ ।
Adjure, *v.* ଧର୍ମମତେ ଶପଥ-ଦେ ।
Adjust, *v.* ଅବଧାରଣ ବା ଠିକ୍ ବା ଦୋରସ୍ତ ବା ନିଷ୍ପତ୍ତି-କ । [ଧାରଣ ।
Adjustment, *s.* ନିଷ୍ପତ୍ତି, ବନ୍ଦୋବସ୍ତ, ଅବ-
Adjutant, *s.* ସେନାପତି ବିଶେଷ ।
Administer, *v.* ଦାନ-କ, କାର୍ଯ୍ୟନିର୍ବାହ-କ ।
Administration, *s.* ଅମଲ, କର୍ତ୍ତୃତ୍ୱ; of an estate, ଜମିଦାରୀର ଅଧ୍ୟକ୍ଷତା କାର୍ଯ୍ୟ ।
Administrator, *s.* କର୍ତ୍ତା, ଦାନପତ୍ରଶୂନ୍ୟ ମୃତବ୍ୟକ୍ତିର ଧନାଧ୍ୟକ୍ଷ, କର୍ମନିର୍ବାହକ ।
Administratrix, *s.* ଯେ ସ୍ତ୍ରୀ ଉପର ଲିଖିତ କର୍ମ କରେ । [ସୁନ୍ଦର ।
Admirable, *a.* ପ୍ରଶଂସନୀୟ, ଅତ୍ୟୁତ୍ତମ,

Admirably, *ad.* ପ୍ରଶଂସାପୂର୍ବକ, ଆଶ୍ଚର୍ଯ୍ୟଜନକରୂପେ ।

Admiral, *s.* ଯୁଦ୍ଧଜାହାଜ ସମୂହର କର୍ତ୍ତା ।

Admiralty, *s.* ଯୁଦ୍ଧଜାହାଜର କର୍ମାର୍ଥ ସମାଜ ।

Admiration, *s.* ପ୍ରଶଂସା, ଆଶ୍ଚର୍ଯ୍ୟଜ୍ଞାନ ।

Admire, *v.* ଆଶ୍ଚର୍ଯ୍ୟ ବୋଧ-କ, ପ୍ରଶଂସା-କ ।

Admirer, *s.* ପ୍ରଶଂସକ, ପ୍ରେମୀ । [ପ୍ରବେଶ୍ୟ ।

Admissible, *a.* ଗ୍ରାହ୍ୟ, ସ୍ୱୀକାରଯୋଗ୍ୟ ;

Admission, *s.* ସ୍ୱୀକାର, ମାନନ ; ପ୍ରବେଶ ।

Admit, *v.* ଗ୍ରାହ୍ୟ ବା ସ୍ୱୀକାର-କ, ପ୍ରବେଶାନୁମତି-ଦେ ।

Admittance, *s.* ଆଗମନର ଅନୁମତି, ପ୍ରବେଶ

Admix, *v.* ମିଶାଇବା ବା ସଂଯୋଗ-କ ।

Admixture, *s.* ମିଶ୍ରିତ ବା ମେଳିତ ଦ୍ରବ୍ୟ ।

Admonish, *v.* ଉପଦେଶ ବା ପରାମର୍ଶ ବା ଚେତନା-ଦେ, ଅନୁଯୋଗ-କ । [ଉପଦେଶ ।

Admonition, *s.* ଅନୁଯୋଗ, ପରାମର୍ଶ,

Ado, *s.* କଷ୍ଟ, ଶ୍ରମ ; ଗୋଳମାଳ, ଧୂମଧାମ ।

Adolescence, *s.* ଯୌବନାବସ୍ଥା ।

Adopt, *v.* ପୋଷ୍ୟପୁତ୍ର-କ, ଗ୍ରହଣ-କ ।

Adoption, *s.* ପୋଷ୍ୟପୁତ୍ରତ୍ୱ ; ପରର ମନ୍ତ୍ରଣାଗ୍ରହଣ ।

Adorable, *a.* ପୂଜନୀୟ, ଅର୍ଚ୍ଚନୀୟ, ନମସ୍ୟ, ଆଦରଣୀୟ ।

Adoration, *s.* ଭଜନା, ପୂଜା, ସମ୍ଭ୍ରମ, ଅର୍ଚ୍ଚନା ।

Adore, *v.* ସମ୍ଭ୍ରମ ବା ପୂଜା-କ ।

Adorn, *v.* ଭୂଷିତ ବା ଶୋଭିତ-କ ।

Adornment, *s.* ଅଳଙ୍କାର, ଭୂଷଣ, ସୌନ୍ଦର୍ଯ୍ୟ

Adrift, *ad.* ବନ୍ଧ ସ୍ଥାନରୁ ଭାସିଭାସି, ଭାସମାନ ହୋଇ ।

Adroit, *a.* ନିପୁଣ, ଚତୁର, ଚଞ୍ଚଳ, ପ୍ରାଜ୍ଞ, ସିଆଣା ।

Adroitness, *s.* ନିପୁଣତା, ଚତୁରତା ।

Adulation, *s.* ସ୍ତୁତି ମିଥ୍ୟାପ୍ରଶଂସା ।

Adulator, *s.* ମିଥ୍ୟା ପ୍ରଶଂସକ । [ପ୍ରାପ୍ତ ।

Adult, *s.* ବୟଃପ୍ରାପ୍ତ ଲୋକ ।—*a.* ବୟଃକ୍ରମ-

Adulterate, *v.* ମିଶ୍ରିତ ବା ଅଶୁଦ୍ଧ-କ ।

Adulterer, *s.* ବ୍ୟଭିଚାରୀ, ପାରଦାରିକ ।

Adulteress, *s.* ବ୍ୟଭିଚାରିଣୀ, ଭ୍ରଷ୍ଟା ସ୍ତ୍ରୀ ।

Adultery, *s.* ବ୍ୟଭିଚାର, ପରସ୍ତ୍ରୀଗମନ, ପରଦାର ।

Adumbrate, *v.* ଛାୟାବତ୍ ମୂର୍ତ୍ତି-କ ।

Advance, *v.* ଅଗ୍ରଗମନ-କ ; ଦାଦନ-ଦେ ।—*s.* ଉନ୍ନତି ।

Advancement, *s.* ବୃଦ୍ଧି, ଉନ୍ନତି, ଅଗ୍ରସରଣ

Advantage, *s.* ଲାଭ, ପ୍ରାପ୍ତି, ଫଳ, ପ୍ରାଧାନ୍ୟ ।

Advantageous, *a.* ଫଳଦାୟକ, ଲାଭଜନକ, ପ୍ରାପ୍ତିକର । [ଆଗମନ କାଳ ।

Advent, *s.* ଆଗମନ, ଜଗତରେ ଖ୍ରୀଷ୍ଟଙ୍କର

Adventitious, *a.* ଦୈବସମ୍ବନ୍ଧୀୟ, ଅନିଶ୍ଚିତ ।

Adventure, *s.* ଦୁଃସାହସର ବା ବିପଦଜନକ ଘଟନା । [ପ୍ରବେଶକାରୀ ।

Adventurer, *s.* ଭ୍ରମଣକାରୀ, ଦୈବ କର୍ମରେ

Adventurous, *a.* ସାହସୀ, ନିର୍ଭୟ, ବିକ୍ରମୀ ।

Adverb, *s.* କ୍ରିୟାବିଶେଷଣ, ଅବ୍ୟୟ ଶବ୍ଦ ।

Adverbial, *a.* କ୍ରିୟାବିଶେଷଣ ସମ୍ବନ୍ଧୀୟ ।

Adversary, *s.* ଶତ୍ରୁ, ବିପକ୍ଷ, ଅରି, ରିପୁ ।

Adverse, *a.* ପ୍ରତିକୂଳ, ବିପରୀତ, ଦୁଃଖଦାୟକ । [ଦରିଦ୍ରତା ।

Adversity, *s.* ଦୁରବସ୍ଥା, ଦୁର୍ଦ୍ଦଶା, ବିପତ୍ତି,

Advert, *v.* ଉଲ୍ଲେଖ-କ, ମନୋଯୋଗ-କ ।

Advertent, *a.* ମନୋଯୋଗୀ, ଅବଧାନୀ ।

Advertise, *v.* ଇସ୍ତାହାର-ଦେ, ବିଜ୍ଞାପନ ବା ପ୍ରକାଶ-କ । [ଜ୍ଞାପନପତ୍ର ।

Advertisement, *s.* ବିଜ୍ଞାପନ, ବା ଇସ୍ତାହାର,

Advertiser, *s.* ପ୍ରକାଶକ, ଯେ ବିଜ୍ଞାପନ ବା ଇସ୍ତାହାର ଦିଏ ।

Advice, *s.* ପରାମର୍ଶ, ଉପଦେଶ, ମନ୍ତ୍ରଣା ।
Advisable, *a.* କରଣୀୟ, ଉପଯୁକ୍ତ ; ବିବେଚ୍ୟ ।
Advise, *v.* ପରାମର୍ଶ ବା ମନ୍ତ୍ରଣା ବା ଶିକ୍ଷା-ଦେ ।
Advisedly, *ad.* ପରାମର୍ଶ ବା ଯୁକ୍ତିପୂର୍ବକ ।
Adviser, *s.* ମନ୍ତ୍ରୀ, ପରାମର୍ଶ ବା ଯୁକ୍ତିଦାତା ।
Advocacy, *s.* ଓକାଲତି, ପ୍ରତିବାଦ, ପକ୍ଷଧର
Advocate, *s.* ପ୍ରତିବାଦକ, ଓକିଲ, ପକ୍ଷବାଦୀ । —*v.* ପ୍ରତିବାଦ ବା ମୋକଦ୍ଦମା ବା ଓକାଲତି-କ ।
Advowson, *s.* ମଣ୍ଡଳୀ ଜୀବିକାର ଦାନସ୍ୱତ୍ୱ ।
Adze, *s.* କୁହ୍ରାଡ଼, କୁଠାର ; ବାଷି ।
Ægis, *s.* ଫଳକ, ମିନର୍ଭା ଦେବୀର ଢାଲ ।
Aerate, *v.* ବାୟୁ ବା ବାଷ୍ପ ପ୍ରବେଶ କରାଇବା; ଅଙ୍ଗାରାମ୍ଳ ଦ୍ୱାରା ପୂର୍ଣ୍ଣ-କ ।
Aerated, *a.* ଅଙ୍ଗାରାମ୍ଳପୂର୍ଣ୍ଣ ।
Aerial, *a.* ଆକାଶୀୟ, ବାୟବୀୟ, ଖେଚର ।
Aerie, *s.* ବାଜ ବା ଶେନପକ୍ଷୀର ବସା ।
Aerodrome, *s.* ଉଡ଼ାକଳରେ ଚଢ଼ି ଉଡ଼ିବାକୁ ଅଭ୍ୟାସ କରିବା ସ୍ଥାନ ।
Aeroplane, *s.* ଉଡ଼ାକଳ ବିଶେଷ ।
Æsthetic, *a.* ସୌନ୍ଦର୍ଯ୍ୟ ବୋଧଦାୟକ, ଯଥା —ପ୍ରକୃତିରେ କୌଣସି ସୁଗଠିତ ବସ୍ତୁ ।
Afar, *ad.* ଦୂରେ, ଅନ୍ତରେ ।
Affability, *s.* ସୁଶୀଳତା, ସଦାଚାର, ଆଳାପ
Affable, *a.* ଆଳାପୀ, ସଦାଶୟ, ସରଳ ।
Affair, *s.* ବିଷୟ, କାର୍ଯ୍ୟ, କର୍ମ, କାରବାର ।
Affect, *v.* ମୋହିତ ବା ବ୍ୟାକୁଳ-କ; କପଟ-ବେଶ ବା ଗୁଣ ଦେଖାଇବା ।
Affectation, *s.* କୃତ୍ରିମ ବ୍ୟବହାର, ଛଳ ।
Affected, *a.* ମୋହିତ ; ଦୁଃଖିତ ; ଗର୍ବୀ ; କୃତ୍ରିମ ସ୍ୱଭାବବିଶିଷ୍ଟ । [ବିଳୁପଣ ।
Affection, *s.* ସ୍ନେହ, ପ୍ରୀତି, ପ୍ରଣୟ, ଭାବ,
Affectionate, *a.* ପ୍ରେମୀ, ସ୍ନେହବାନ ।
Affectionately, *ad.* ସ୍ନେହପୂର୍ବକ, ପ୍ରୀତିପୂର୍ବକ, ଅନୁରାଗରେ ।
Affiance, *v.* ବାଗ୍‌ଦତ୍ତ-ହେ ।—*s.* ବିବାହସମ୍ବନ୍ଧ; ପ୍ରତ୍ୟୟ, ବିଶ୍ୱାସ ।
Affidavit, *s.* ଶପଥପତ୍ର, ସ୍ୱୀକୃତପତ୍ର, ଏଜହାର
Affiliate, *v.* ଅଙ୍ଗସ୍ୱରୂପେ ପ୍ରଧାନ ସମାଜ ବା ଦଳରେ ଭୁକ୍ତ-କ ।
Affiliation, *s.* ସମାଜ ବା ଦଳଭୁକ୍ତ କରଣ, ପୋଷ୍ୟପୁତ୍ର କରଣ ।
Affinity, *s.* ସମ୍ବନ୍ଧ, କୁଟୁମ୍ବିତା, ସାଦୃଶ୍ୟ ।
Affirm, *v.* ଦୃଢରୂପେ କହିବା, ନିଶ୍ଚୟ-କ ।
Affirmable, *a.* ସତ୍ୟବୋଲି କହିବା ଯୋଗ୍ୟ, ପ୍ରକାଶ୍ୟ । [ପ୍ରମାଣ ।
Affirmation, *s.* ନିଶ୍ଚୟ କଥା, ଦୃଢବାକ୍ୟ,
Affirmative, *a.* ସ୍ୱୀକାର ବୋଧକ ।
Affix, *v.* ବନ୍ଧ ବା ସଂଯୋଗ-କ, ଲଗାଇବା ।—*s.* ବନ୍ଧ, ସଂଯୋଗ ।
Afflict, *v.* ଯନ୍ତ୍ରଣା-ପୀଡ଼ା-କ୍ଳେଶ-ଦୁଃଖ-ଦେ ।
Affliction, *s.* ଦୁଃଖ, ବିପଦ, କଷ୍ଟ, କ୍ଳେଶ ।
Afflictive, *a.* ଦୁଃଖ ବା ଯନ୍ତ୍ରଣା ବା ପୀଡ଼ା-ଦାୟକ । ଐଶ୍ୱର୍ଯ୍ୟ ।
Affluence, *s.* ଯଥେଷ୍ଟ ବା ବହୁଳଧନ, ସମ୍ପତ୍ତି,
Affluent, *s.* ଉପନଦୀ ।—*a.* ଧନୀ, ଧନାଢ୍ୟ, ଐଶ୍ୱର୍ଯ୍ୟବାନ୍ ।
Afford, *v.* ଉତ୍ପାଦନ-କ, ଧାରଣ ବା ସମର୍ଥ-ହେ
Afforestation, *s.* ଭୂମିକୁ ଜଙ୍ଗଲରେ ପରିଣତକରଣ । [ଦଙ୍ଗା, ମରାମରି ।
Affray, *s.* କଳହ, ବିବାଦ, ଗୋଳମାଳ,
Affright, *v.* ଭୟ ବା ଡର ଦେଖାଇବା ।
Affront, *s.* ଅପମାନ; ଅତ୍ୟାଚାର ।—*v.* ଅପମାନ ବା ଅନାଦର ବା ବିରକ୍ତ-କ ।
Affusion, *s.* ଢାଳଣ ।

Afield, *ad.* ବାହାରେ, ପଡ଼ିଆରେ ।
Afloat, *ad.* ଭାସମାନ, ଚଳିତ, ଅସ୍ଥିର, ପ୍ରବା-ହିତ ।
Afoot, *ad.* ପାଦଚଳରେ, ଚଳିବାର ।
Afore, *pr.* ଆଗେ, ପୂର୍ବେ, ଅଗ୍ରେ ।
Aforehand, *ad.* ପୂର୍ବକାଳରେ, ପୂର୍ବେ ।
Aforesaid, *a.* ପୂର୍ବକଥିତ, ପୂର୍ବୋକ୍ତ ।
Afraid, *a.* ଭୀତ, ଶଙ୍କିତ, ଭୟଯୁକ୍ତ, ତ୍ରସ୍ତ ।
Afresh, *ad.* ନୂତନଭାବେ : ପୁନର୍ବାର, ପୁନଶ୍ଚ ।
African, *a.* ଅଫ୍ରିକା ଦେଶୀୟ ।
After, *ad.* ପଶ୍ଚାତ୍, ପଛେ ।
After, *ad.* ଉତ୍ତାରେ, ବାଦ; ଅନୁସାରେ ।
After-birth, *s.* ଫୁଲ, ଗର୍ଭସ୍ଥ ଫୁଲ ।
Afternoon, *s.* ଅପରାହ୍ଣ, ଉପରବେଳା ।
After-pains, *s.* ପ୍ରସବାନ୍ତର ବେଦନା ।
After-thoughts, *s.* ଅନୁବୋଧ, ଉତ୍ତରଚିନ୍ତା ।
Afterwards, *ad.* ପରେ, ପଛେ, ପଶ୍ଚାତ୍, ତାବାଦ୍, ଉତ୍ତାରେ ।
Again, *ad.* ପୁନର୍ବାର, ପୁନଃ, ପୁଣି, ଆଉ ଥରେ
Against, *pr.* ବିରୁଦ୍ଧେ, ବିପକ୍ଷରେ, ବିପକ୍ଷେ, ସମ୍ମୁଖେ ।
Agape, *ad.* ଅଁ କରି ଚକିତ ହୋଇ ।
Age, *s.* ବୟସ, ବୟଃକ୍ରମ, କାଳ, ଶତବର୍ଷ ।
Aged, *a.* ବୃଦ୍ଧ, ପ୍ରାଚୀନ, ବୁଢ଼ା, ଜୀର୍ଣ୍ଣ ।
Agency, *s.* ବାଣିଜ୍ୟକର୍ତ୍ତୃତ୍ୱ, ଗମାସ୍ତାଗିରି ।
Agent, *s.* କାର୍ଯ୍ୟକାରକ, ପ୍ରତିନିଧି, ଗୁମାସ୍ତା ।
Aggrandizement, *s.* ମର୍ଯ୍ୟାଦା ବା ପଦ-କ୍ରମରେ ବୃଦ୍ଧି ।
Aggravate, *v.* ଦୁଃଖ ବା ଦୋଷ ବୃଦ୍ଧି-କର ।
Aggravation, *s.* ଦୁଃଖ ବା କ୍ରୋଧଜନକ ବିଷୟ, ମନ୍ଦ ।
Aggregate, *s.* ମୋଟ, ସମଷ୍ଟି, ଏକୁନ, ଜମା ।
Aggression, *s.* ଆକ୍ରମଣ, ଅତ୍ୟାଚାର, ଦୋଷ

Aggressor, *s.* ଆକ୍ରମଣକାରୀ, ଅପରାଧୀ ।
Aggrieve, *v.* ଦୁଃଖ ବା କ୍ଳେଶ-ଦେ, ଉପ-ଦ୍ରବ ବା ଅତ୍ୟାଚାର-କର ।
Aggrieved, *a.* ତାପିତ, ତ୍ୟକ୍ତ, ଦୁଃଖିତ ।
Aghast, *a.* ତ୍ରାସଯୁକ୍ତ, ସଶଙ୍କ, ଭୀତ ।
Agile, *a.* ଚଞ୍ଚଳ, ଚଟପଟ, ଲଘୁ, ନିରଳସ ।
Agility, *s.* ଚଟକୀ, ଚାଞ୍ଚଲ୍ୟ । [-କ ।
Agitate, *v.* ହଲାଇବା, ଅସ୍ଥିର ବା ବ୍ୟାକୁଳ
Agitation, *s.* ମନ୍ଥନ, ଆନ୍ଦୋଳନ ; ବ୍ୟାକୁଳତା । [କାରୀ ।
Agitator, *s.* ଆନ୍ଦୋଳନକର୍ତ୍ତା; ରାଜଦ୍ରୋହ-
Ago, *ad.* ପୂର୍ବେ, ଗଲେ, ଅଗରେ ।
Agonize, *v.* ଦୁଃଖ ବା ଯନ୍ତ୍ରଣା ଭୋଗ-କର ।
Agony, *s.* ଯନ୍ତ୍ରଣା, ଯାତନା, କ୍ଲେଶ, ମରଣ ପୀଡ଼ା ।
Agrarian, *a.* ଭୂମି ସମ୍ବନ୍ଧୀୟ । [ସନ୍ତ-ହେ ।
Agree, *v.* ଏକମତି ବା ସମ୍ମତ ବା ଏକଚିତ୍ତ ବା
Agreeable, *a.* ତୁଷ୍ଟିକର, ମନୋହର, ରମ୍ୟ, ସନ୍ତୋଷଜନକ ।
Agreeably, *ad.* ଅନୁରୂପେ, ସଦୃଶରୂପେ ; ଅନୁସାରେ ।
Agreed, *pa.* ସ୍ୱୀକୃତ, ନିର୍ଦ୍ଧାରିତ ।
Agreement, *s.* ମେଳ, ଐକ୍ୟ, ତୁଲ୍ୟତା ; written- ନିୟମପତ୍ର, ଏକରାର ବା ଖତଜାମା ।
Agriculture, *s.* ଚାଷ, କୃଷିକର୍ମ ବା କାର୍ଯ୍ୟ ।
Agriculturist, *s.* ଚାଷୀ, ଚଷା, କୃଷକ ।
Aground, *ad.* ଲଗିଲା, ଚଡ଼ାରେ ଠେକିଲା ।
Ague, *s.* କମ୍ପଜ୍ୱର, ଐକାହିକାଦି ଜ୍ୱର ।
Ah, *int.* ଅହୋ, ହାୟ, ଆଃ ।
Aha, *int.* ହାୟ, ଅହୋ, ସାବାସ ।
Ahead, *ad.* ଆଗେ, ଅଗ୍ରେ, ପୂର୍ବେ ।
Aid, *s.* ସାହାଯ୍ୟ ବା ଉପକାର ।—*v.* ସା-ହାଯ୍ୟ ବା ଉପକାର-କର ।

Aid-de-camp, *s.* ସୈନ୍ୟାଧ୍ୟକ୍ଷର ସହାୟ ।
Ail, *v.* ବ୍ୟସ୍ତ ବା ପୀଡ଼ିତ ବା ଦୁଃଖିତ-ହେ ।
Ailment, *s.* ବେଦନା, ରୋଗ, ପୀଡ଼ା, ତାପ ।
Aim, *s.* ଅଭିପ୍ରାୟ, ତାତ୍ପର୍ଯ୍ୟ; ଲକ୍ଷ୍ୟ ନିଶାଣ ।
—*v.* ଲକ୍ଷ୍ୟ-କ, ନିଶାଣ-କ ; ଚେଷ୍ଟାକ-କ ।
Air, *s.* ବାୟୁ, ହାଓ୍ୱା, ପବନ ; ସ୍ୱର ; ଆକାଶ ।
Air, *v.* ସେକିବା, ବାୟୁରେ ଶୁଖାଇବା ।
Air-gun, *s.* ବାୟୁଦ୍ୱାର ଚାଳିତ ବନ୍ଧୁକ ।
Airily, *ad.* ଶୂନ୍ୟରେ, ରସିକଭାବେ ।
Airing, *s.* ବାୟୁ ସେବନ, ପବନ ଖାଇବା ।
Airy, *a.* ବାୟୁ ସମ୍ବନ୍ଧୀୟ ; ଲଘୁ ; ରସିକ ।
Aisle, *a.* ଭଜନାଳୟର ମଧ୍ୟପଥ ।
Ajar, *ad.* ଅର୍ଦ୍ଧମୁକ୍ତ, ଅଧ ଖୋଲା ।
Akin, *a.* ସମ୍ପର୍କୀୟ, ସ୍ୱଗୋଷ୍ଠୀଜ, ଆତ୍ମୀୟ; ତୁଲ୍ୟ
Alabaster, *s.* କୋମଳ ଶୁକ୍ଳପଥର ବିଶେଷ ।
Alacrity, *s.* ହର୍ଷ; ଚଞ୍ଚଳ, ଉଦ୍ୟମ; ଶୀଘ୍ରତା ।
Alarm, *s.* ଭୟଧ୍ୱନି, ଡାକ, କଳରବ ।
Alarm, *v.* ଯୁଦ୍ଧକୁ ପ୍ରସ୍ତୁତାର୍ଥେ ଡାକିବା; ଭୟ ଦେଖାଇବା । [ଜନକ ।
Alarming, *pa.* ଭୟାନକ, ଭୟଙ୍କର, ଶଙ୍କା-
Alarum, *s.* ଉଠାଇବା କରିବା ଘଣ୍ଟା ।
Alas, Alack, *int.* ହାୟହାୟ ! ଅହୋ !
Albatross, *s.* ଅସ୍ତ୍ରେଲିଆ ଦେଶୀୟ ଜଳଚର ପକ୍ଷୀ ।
Albeit, *ad.* ଯଦ୍ୟପି, ଯଦି, ଯେବେହେଁ ।
Albino, *s.* ଯାହାର ଚର୍ମ ଅନିୟମିତରୂପେ ଶୁକ୍ଳବର୍ଣ୍ଣ ।
Albion, *s.* ଇଂଲଣ୍ଡ ଦେଶର ପ୍ରାଚୀନ ନାମ ।
Album, *s.* ଲେଖା ଓ ଛବି ରକ୍ଷଣାର୍ଥେ ବହି ।
Alchemy, Alchymy, *s.* କିମିୟା ବା ଧାତୁବିଦ୍ୟା ।
Alcohol, *s.* ମଦ୍ୟର ସାର, ଶୁଦ୍ଧୀକୃତ ଦ୍ରବ ।
Alcove, *s.* ବୈଠକଖାନା ।

Alderman, *s.* ଇଂଲଣ୍ଡ ଦେଶ, ନଗରର ଅଧ୍ୟକ୍ଷ ବିଶେଷ ।
Ale, *s.* ଯବଜାତ ମଦ୍ୟ ବିଶେଷ, କରସପାପ ।
Alehouse, *s.* ସରାପଖାନା, ଯେ ଘରେ କରସପାପ ବିକ୍ରୟ ହୁଏ ।
Alert, *a.* ସତର୍କ, ସଚେତନ, ସାବଧାନ, ହୁସି-ଆର । [ଗଣିତ ।
Algebra, *s.* ବୀଜଗଣିତ ବିଦ୍ୟା, ଅବ୍ୟକ୍ତ
Alias, *ad.* କିମ୍ବା, ନତୁବା, ଅଥବା, ଅର୍ଥାତ୍ ।
Alibi, *s.* ଅପରାଧ ଘଟନା ସମୟରେ ଅଭିଯୁକ୍ତ ବ୍ୟକ୍ତିର ନିଜେ ସ୍ଥାନାନ୍ତରରେ ଥିବାର ଆପତ୍ତି ।
Alien, *s.* ବିଦେଶୀୟ ଲୋକ, ଭିନ୍ନଜାତୀୟ ବ୍ୟକ୍ତି ।
Alienate, *v.* ସ୍ନେହବର୍ଜିତ-ବିପକ୍ଷ-କ ; ସ୍ୱତ୍ୱ-ତ୍ୟାଗ-ହସ୍ତାନ୍ତର-କ ।
Alienation, *s.* ସ୍ନେହବର୍ଜନ ; ବିଚ୍ଛେଦ; ସ୍ୱତ୍ୱ-ତ୍ୟାଗ ।
Alight, *v.* ଓହ୍ଲାଇବା, ଉତ୍ତରିବା ।
Alike, *ad.* ସଦୃଶ, ସମାନ, ବରାବର, ତୁଲ୍ୟ, ଏକା ।
Aliment, *s.* ଆହାର, ଖାଦ୍ୟଦ୍ରବ୍ୟ, ପଥ୍ୟ ।
Alimony, *s.* ସ୍ୱାମୀଠାରୁ ପୃଥକ୍‌କୃତା ସ୍ତ୍ରୀର ଖୋରାକ ପୋଷାକ ସ୍ୱରୂପ ଧନ ।
ଉଚ୍ଚ, ପୂଜନୀୟ ।
Alive, *a.* ଜୀବିତ, ସଜୀବ, ସଚେତନ, ସତର୍କ ।
Alkali, *s.* ଖାର, କ୍ଷାର ।
Alkaline earth, *s.* ସାଜିମାଟି ।
All, *a.* ସବୁ, ସମସ୍ତ, ସକଳ, ତାବତ୍, ସର୍ବ ।
Allah, *s.* ଆରବୀ ଭାଷାରେ ପରମେଶ୍ୱରଙ୍କ ନାମ ।
Allay, *v.* କ୍ଷାନ୍ତ ବା ଶାନ୍ତ ବା ସୁସ୍ଥିର-କ ।
Allegation, *s.* ନିଶ୍ଚୟ କଥା, ଏଜାହାର ।
Allege, *v.* ଦୃଢ଼ରୂପେ-କହ ; ଓଜର-କ ।
Allegiance, *s.* ରାଜବଶୀଭୂତତା, ରାଜଭକ୍ତି, ପ୍ରଜାଧର୍ମ ।
Allegory, *s.* ଉପମା, ଦୃଷ୍ଟାନ୍ତ, ରୂପକବାକ୍ୟ ।

**Alleviate**, *v.* ଊଣା ବା ନ୍ୟୂନ ବା ଉପ-
**Alley**, *s.* ଗଳି, ସାନ ପଥ । [ଶମ-କ ।
**Allfours**, *a.* ଚତୁଷ୍ପାଦସ୍ଥ । [ବିବାହ ସମ୍ବନ୍ଧ ।
**Alliance**, *s.* ସନ୍ଧି, ମେଳ, ଐକ୍ୟ ; କୁଟୁମ୍ବିତା
**Alligator**, *s.* କୁମ୍ଭୀର, କୁମ୍ମୀର, ଘଡିଆଳ ।
**Alliteration**, *s.* ଚିତ୍ରକାବ୍ୟ, ଅନୁପ୍ରାସ, ଯମକ-ଶବ୍ଦ ।
**Allot**, *v.* ଭାଗ-ଦେ, ଦାନ ବା ବିତରଣ-କ ।
**Allotment**, *s.* ଭାଗ ବା ଅଂଶ ନିରୂପଣ, ବିଭାଗ, ବଣ୍ଟନ, ବାଣ୍ଟ ।
**Allow**, *v.* ଅନୁମତି-ଦେ ; ସ୍ୱୀକାର-କ ।
**Allowance**, *s.* ନିରୂପିତ ଅଂଶ ; ସମ୍ମତି ; ବେତନ ; ଦସ୍ତୁରି ।
**Alloy**, *s.* ଖାଦ୍ୟ, ଛିଣ୍ଡ ।—*v.* ସୁନା ବା ରୁପାରେ କୁଧାତୁ ମିଶାଇବା । [କହିବା ।
**Allude**, *v.* ସଂକେତ ବା ଉଲ୍ଲେଖ-କ, ଲକ୍ଷ୍ୟ କରି
**Allure**, *v.* ଚିତ୍ତାକର୍ଷଣ-କ, ମୋହ ବା କୌଶଳରେ ଆୟତ୍ତ-କ । [କଥା ।
**Allusion**, *s.* ସଂକେତ ବାକ୍ୟ, ଉଲ୍ଲେଖ, ଲକ୍ଷ୍ୟ
**Alluvial**, *a.* ଜଳପ୍ଲାବିତ (ଭୂମି) ।
**Ally**, *s.* ଏକପକ୍ଷସମର୍ଥୀ, ସହାୟ, ସଖା, ମିତ୍ର ।
**Almanac**, *s.* ପାଞ୍ଜି, ପଞ୍ଜିକା । [ଶ୍ୱର ।
**Almighty**, *a.* ସର୍ବଶକ୍ତିମାନ୍ ।—*s.* ପରମେ-
**Almond**, *s.* ବାଦାମ, ବାଦାମି ।
**Almoner**, *s.* ଦାନାଧ୍ୟକ୍ଷ, ବିତରଣକାରୀ, ଭଣ୍ଡାରଘରିଆ ।
**Almost**, *ad.* ପ୍ରାୟ, ନିକଟ, କିଞ୍ଚିତ ଊଣାଶ୍ୱକ ।
**Alms**, *s.* ଭିକ୍ଷା, ଦାନ, ଖୈରାତ ।
**Alms-house**, *s.* ଦାନ ଘର, ଦରିଦ୍ରାଶ୍ରମ ।
**Aloft**, *ad.* ଉପରେ, ଊର୍ଦ୍ଧ୍ୱ ।
**Alone**, *ad.* ଏକଲା, ଏକାକୀ, ଏକା ; ନିର୍ଜନରେ ।
**Along**, *ad.* ସଙ୍ଗେ, ସହିତ ।
**Alongside**, *ad.* ପାଶେ, ପାଶେ, ପାଶାପାଶି ।
**Aloof**, *ad.* ଦୂରେ, ଅନ୍ତରେ, ତଫାତ୍ ।
**Aloud**, *ad.* ଉଚ୍ଚସ୍ୱରରେ, ବଡପାଟିରେ ।
**Alpha**, *s.* ଗ୍ରୀକ୍ ବର୍ଣ୍ଣମାଳାର ଆଦ୍ୟାକ୍ଷର ।
**Alphabet**, *s.* ବର୍ଣ୍ଣମାଳା, ଅକ୍ଷରମାଳା ।
**Alphabetical**, *a.* ବର୍ଣ୍ଣମାଳାନୁକ୍ରମେ ।
**Already**, *ad.* ଏକ୍ଷଣେ, ଏବେ, ଏଥିପୂର୍ବେ
**Also**, *ad.* ଆଉ, ଆହୁରି, ଅଥଚ । [ବା ମଧ୍ୟେ ।
**Altar**, *s.* ଯଜ୍ଞବେଦି, ବେଦି । [ବା ବଦଳ-କ ।
**Alter**, *v.* ପରିବର୍ତ୍ତନ ବା ଅନ୍ୟରୂପ ବା ଅନ୍ୟଥା
**Alteration**, *s.* ଅନ୍ୟଥାକରଣ, ପରିବର୍ତ୍ତନ, ବଦଳ, ବିକାର । [କଜିଆ ।
**Altercation**, *s.* ବାଦାନୁବାଦ, କଳି, ଝଗଡା,
**Alternate**, *a.* ପାଳିଅନୁଯାୟୀ, ପରସ୍ପରାନୁ-ବର୍ତ୍ତୀ, କ୍ରମାଗତ । [ୟାନ୍ତର ।
**Alternative**, *s.* ଦୁଇରୁ ଏକ ସ୍ୱୀକାର ; ଉପା-
**Although**, *ad.* ଯଦ୍ୟପି, ଯଦି, ଯେବେ ।
**Altitude**, *s.* ଉଚ୍ଚତ୍ୱ, ଊର୍ଦ୍ଧ୍ୱତା, ଉଚ୍ଚ ।
**Altogether**, *ad.* ସର୍ବଥା, ସର୍ବତୋଭାବେ ।
**Alum**, *s.* ଫିଟିକିରି ।
**Aluminium**, *s.* ଶୁକ୍ଳବର୍ଣ୍ଣ ଏକପ୍ରକାର ହାଲୁକା ଧାତୁ ।
**Always**, *ad.* ସଦା, ସର୍ବଦା, ନିରନ୍ତର, ସବୁବେଳେ ।
**Amain**, *ad.* ଦୃଢରୂପେ, ଉଗ୍ରତାପୂର୍ବକ ।
**Amalgamate**, *v.* ସଂଯୁକ୍ତ-କ, ମିଳାଇବା ।
**Amalgamation**, *s.* ଧାତୁ ସଂଯୋଗ ବା ମିଶ୍ରଣ । [ନବୀସ୍ ।
***Amanuensis***, *s.* ଶ୍ରୁତ ଲେଖକ ; ନକଲ-
**Amass**, *v.* ଗଦା-ସଞ୍ଚୟ-ଠୁଳ-ଜମା-କ ।
**Amateur**, *s.* ଶିଳ୍ପାଦି ବିଦ୍ୟାପ୍ରିୟ ଲୋକ ।
**Amaze**, *v.* ଚମତ୍କୃତ-କ, ବିସ୍ମୟାପନ୍ନ-କ ।
**Amazement**, *s.* ଚମତ୍କାର ବୋଧ, ବିସ୍ମୟ ।
**Amazingly**, *ad.* ଆଶ୍ଚର୍ଯ୍ୟଜନକରୂପେ ।

**Amazon**, *s.* ଯୁଦ୍ଧକାରିଣୀ, ନାରୀଯୋଦ୍ଧା ।
**Ambassador**, *s.* ରାଜପ୍ରତିନିଧି, ରାଜଦୂତ; ଉକିଲ ।
**Amber**, *s.* ପଥର ବିଶେଷ, ଅରବା, ତଦରୂପ ।
**Ambergris**, *s.* ଅମ୍ବର, ସୁଗନ୍ଧିଔଷଧ ବିଶେଷ ।
**Ambiguity**, *s.* ଦ୍ୱ୍ୟର୍ଥବାକ୍ୟ; ସନ୍ଦେହାର୍ଥ ।
**Ambiguous**, *a.* ଦ୍ୱ୍ୟର୍ଥ, ସନ୍ଦେହଯୁକ୍ତ, ଅସ୍ପଷ୍ଟ ।
**Ambition**, *s.* ସମ୍ମାନ ବା ଐଶ୍ୱର୍ଯ୍ୟାଦି ବାଞ୍ଛା, ଗର୍ବ, ଦମ୍ଭ । [ଲୋଭୀ ।
**Ambitious**, *a.* ବଡ ବା ଉଚ୍ଚପଦାଭିଲାଷୀ,
**Amble**, *v.* ଧୀରେ ଗତି-କ, ଦୁଲକି ଯିବା ।
**Ambrosia**, *s.* ଅମୃତ, ସୁଧା, ପୀୟୂଷ ।
**Ambulation**, *s.* ପ୍ରଦକ୍ଷିଣ, ଭ୍ରମଣ, ପର୍ଯ୍ୟଟନ ।
**Ambuscade, Ambush**, *s.* ଓଗାଳି, ଶତ୍ରୁର ଗୋପନୀୟ ସ୍ଥାନ ।
**Ameliorate**, *v.* ଉପଶମ-ସହଜ-ଲଘୁ-କ ।
**Amelioration**, *s.* ଉପଶମ, ଲଘୁତା, ଆରାମ ।
**Amen**, *ad.* ଏମନ୍ତ ହେଉ, ସତ୍ୟ, ଅସ୍ତୁ, ଭବତୁ ।
**Amenable**, *a.* ଦାୟୀ, ବଶୀଭୂତ, ଦାୟଭାଗୀ ।
**Amend**, *v.* ସୁଧାରିବା; ଅନ୍ତର ବଦଳ-କ ।
**Amendment**, *s.* ଶୋଧନ; ସ୍ୱାସ୍ଥ୍ୟ, ଅନ୍ତରପରିବର୍ତ୍ତନ ।
**Amends**, *s.* ପ୍ରତିଦାନ, ପ୍ରତିକାର, ଦୋଷମାର୍ଜନା; କ୍ଷତିପୂରଣ । [ବିହୂତ ।
**Amenity**, *s.* ରମ୍ୟତା, ରମ୍ୟସ୍ଥାନ, ସୁଖା-
**Amethyst**, *s.* କଟା ହେମ ମଣି ।
**Amiable**, *a.* ପ୍ରିୟ, ସୁଶୀଳ, ପ୍ରୀତିଯୋଗ୍ୟ ।
**Amicable**, *a.* ମିତ୍ରଭାବବିଶିଷ୍ଟ, ସ୍ନେହଶୀଳ, ମିଳାପୀ ।
**Amicably**, *ad.* ମିତ୍ରଭାବେ, ଆପୋଷରେ ।
**Amid, Amidst**, *pr.* ମଧ୍ୟରେ, ଭିତରେ ।
**Amiss**, *ad.* ମନ୍ଦ ବା ଅନୁଚିତରୂପେ ।
**Amity**, *s.* ପ୍ରୀତି, ମିତ୍ରତା, ଆତ୍ମୀୟତା ।

**Ammonia**, *s.* ନଉଶାଦର । [ଯୁଦ୍ଧସାମଗ୍ରୀ ।
**Ammunition**, *s.* ବାରୁଦ ଗୁଳି ଇତ୍ୟାଦି
**Amnesty**, *s.* ରାଜଦ୍ରୋହୀମାନଙ୍କ ପ୍ରତି କ୍ଷମା ।
**Among, Amongst**, *pr.* ମଧ୍ୟରେ, ଭିତରେ
**Amorous**, *a.* କାମୁକ, ରସିକ, ପ୍ରେମାସକ୍ତ ।
**Amount**, *s.* ମୋଟ, ଯାଏ, ଜମା; ଭାବାର୍ଥ ।
**Amphibious**, *a.* ଭୂଜଳଚର; ଦ୍ୱିସ୍ୱଭାବୀ ।
**Amphitheatre**, *s.* ଅର୍ଦ୍ଧଚନ୍ଦ୍ରାକୃତି ନାଟ୍ୟା-
**Ample**, *a.* ବହୁତ, ଯଥେଷ୍ଟ, ପ୍ରଚୁର । [ଳୟ ।
**Amplify**, *v.* ବୃଦ୍ଧି ବା ବିସ୍ତାର-କ ।
**Amputate**, *v.* ଅଙ୍ଗ ଛେଦନ-କ ।
**Amulet**, *s.* ବିପଦ୍ରକ୍ଷାର୍ଥ କବଚ, ତେଉଁରିଆ ।
**Amuse**, *v.* କୌତୁକ ବା ଆମୋଦ-କ ।
**Amusement**, *s.* କୌତୁକ, ତାମସା, ଖେଳ, କ୍ରୀଡା ।
**An**, *ar. before a vowel*, ଏକ, କୌଣସି ।
**Anachronism**, *s.* ସମୟ ଭ୍ରମ, କାଳନିରୂପଣରେ ଭୁଲ ।
**Anagram**, *s.* ଶ୍ଲେଷ ପ୍ରବନ୍ଧ, ଅସ୍ପଷ୍ଟ ସଂକେତ ।
**Analogous**, *a.* ସଦୃଶ, ସମଭାବ, ନ୍ୟାୟ ।
**Analogy**, *s.* ସଦୃଶତା, ଉଦାହରଣ, ତୁଳନା ।
**Analysis**, *s.* ବିଶ୍ଳେଷଣ; ସାରସଂଗ୍ରହ ।
**Analyze**, *v.* ପୃଥକ୍ ବା ଅଂଶାଂଶ-କ ।
**Anarchist**, *s.* ରାଜଶାସନବିରୋଧୀ ବ୍ୟକ୍ତି ।
**Anarchy**, *s.* ଅରାଜକତା, ବ୍ୟବସ୍ଥା ବା ବିଧିର ଅଭାବ ।
**Anathema**, *s.* ଅଭିଶାପ, ଶାପ ।
**Anathematize**, *v.* ଶାପ ବା ଅଭିଶାପ-ଦେ ।
**Anatomist**, *s.* ଶବଛେଦ ବିଦ୍ୟା ବେତ୍ତା; ଶରୀର ଗଠନ ପ୍ରଣାଳୀରେ ବିଜ୍ଞବ୍ୟକ୍ତି ।
**Anatomy**, *s.* ଶବଛେଦ ବିଦ୍ୟା; ଶରୀର ଗଠନ ବିଜ୍ଞାନ ।
**Ancestor**, *s.* ପୂର୍ବପୁରୁଷ, ଆଦ୍ୟପୁରୁଷ ।

**Ancestral**, *a.* ପୈତୃକ, ପୂର୍ବପୁରୁଷ ସମ୍ବନ୍ଧୀୟ ।
**Ancestry**, *s.* କୁଳ, ବଂଶ, ଗୋତ୍ର, ଗୋଷ୍ଠୀ ।
**Anchor**, *s.* ଲଙ୍ଗର, ଜାହାଜ ଅଟକାଇବା ପାଇଁ ଲୁହାର ଲଙ୍ଗର ।—*v.* ଲଙ୍ଗର ପକାଇବା, ସ୍ଥିତି-କ ।
**Anchorage**, *s.* ଲଙ୍ଗର ପକାଇବାର ସ୍ଥାନ ।
**Anchorite**, *s.* ତପସ୍ୱୀ, ଋଷି, ଅରଣ୍ୟବାସୀ,
**Anchovy**, *s.* କ୍ଷୁଦ୍ରମାଛ, ଉକ୍ତ ମାଛର ମସଲା ବିଶେଷ । [କାଳୀନ ।
**Ancient**, *a.* ପ୍ରାଚୀନ, ପୁରାତନ, ପୁରୁଣା, ପୂର୍ବ-
**And**, *con.* ଅଉ, ଓ, ପୁଣି, ଅପର, ଅଥଚ ।
**Anecdote**, *s.* ଇତିହାସ କଥା, ଉପକଥା, ଉପାଖ୍ୟାନ ।
**Anent**, *pr.* ବିଷୟେ, ସମ୍ବନ୍ଧେ, ମୁଖାମୁଖି ।
**Anew**, *ad.* ନୂତନରୂପେ; ପୁନର୍ବାର, ପୁନଶ୍ଚ,
**Angel**, *s.* ଦୂତ, ସ୍ୱର୍ଗଦୂତ; ଚର । [ପୁନରପି ।
**Angelic**, *a.* ଦୂତବତ୍, ସ୍ୱର୍ଗୀୟ ।
**Anger**, *s.* କୋପ, କ୍ରୋଧ, ରାଗ, ତାପ, ଅମର୍ଷ ।
—*v.* କ୍ରୋଧ ଜନ୍ମାଇବା, ରାଗ କରାଇବା ।
**Angle**, *s.* କୋଣ, ପରସ୍ପର ସନ୍ନିପାତୀ ଦୁଇ ରେଖାର ଅଭ୍ୟନ୍ତର ସ୍ଥାନ ।
**Angle**, *v.* ବଡଶୀ ବା ବନଶୀ ପକାଇବା ।
**Anglicism**, *s.* ଇଂରାଜୀ ଧାରାର କଥା ।
**Angrily**, *ad.* କ୍ରୁଦ୍ଧଭାବେ, କୋପରେ ।
**Angry**, *a.* କ୍ରୋଧୀ, ରାଗୀ, କୁପିତ ।
**Anguish**, *s.* ଅତିଶୟ ଯାତନା, ଯନ୍ତ୍ରଣା ।
**Angular**, *a.* କୋଣାକୃତ, କୋଣାକାର ।
**Anility**, *s.* ସ୍ତ୍ରୀର ପ୍ରାଚୀନାବସ୍ଥା ।
**Animadversion**, *s.* ଗୁଣର ପରୀକ୍ଷା ବା ବିଚାର; ଅନୁଯୋଗ, ଦୋଷ ।
**Animadvert**, *v.* ଗୁଣ ବିଚାର-କ, ଦୋଷୀ-କ ।
**Animal**, *s.* ଜୀବ, ପ୍ରାଣୀ, ଜନ୍ତୁ, ପଶୁ ।
**Animalcule**, *s.* କ୍ଷୁଦ୍ରଜୀବ ବା କୀଟ ।
**Animate**, *a.* ସଜୀବ, ଜୀବତ, ସଚେତନ ।
—*v.* ସଜୀବ-କ, ଜୀବନ୍ୟାସ-କ; ସାହସ-ଦେ ।
**Animated**, *a.* ସଚେତନ, ସତେଜ, ଜୀବନ୍ତ ।
**Animation**, *s.* ସଜୀବତ୍ୱ, ଚେତନା ।
**Animosity**, *s.* ଶତ୍ରୁଭାବ, ହିଂସା, ଦ୍ୱେଷ, ଶତ୍ରୁତା, ବିପକ୍ଷତା ।
**Ankle**, *s.* ପାଦର ଗଣ୍ଠି-bone, ଗୁଳିଆଖି ।
**Anna**, *s.* ଅଣା, ଟଙ୍କାର ୧୬ ଭାଗରୁ ୧ ଭାଗ ।
**Annals**, *s.* କାଳକ୍ରମିକ ବିବରଣ, ଇତିହାସ ।
**Anneal**, *v.* ଟାଣ ହେବାପାଇଁ କାଚ ବା ଧାତୁକୁ ତପ୍ତ କରି ଧୀରେ ଶୀତଳ-କ ।
**Annex**, *v.* ଯୋଗ ବା ଯୁକ୍ତ-କ । [ଟନ-କ ।
**Annihilate**, *v.* ଲୋପ ବା ନାଶ-କ, ଉତ୍ପା-
**Annihilation**, *s.* ଧ୍ୱଂସ, ଲୋପ, ପ୍ରଳୟ, ନାଶ । [ବିଶେଷ ଦିନ ।
**Anniversary**, *s.* ବାର୍ଷିକ ଦିନ, ବରଷର
**Anno Domini**, *s.* ଯୀଶୁ ଖ୍ରୀଷ୍ଟର ସନ, ଇଂରାଜୀ ସନ ।
**Annotation**, *s.* ଟୀକା, ବ୍ୟାଖ୍ୟା, ଟିପ୍ପଣୀ ।
**Announce**, *v.* ଘୋଷଣା ବା ପ୍ରକାଶ ବା ପ୍ରଚାର-କ ; ସମ୍ବାଦ-ଦେ [ଜ୍ଞାପନ ।
**Announcement**, *s.* ଘୋଷଣା, ସମ୍ବାଦ,
**Annoy**, *v.* ବ୍ୟସ୍ତ ବା ବିରକ୍ତ-କ, ଦିକ୍ଦାର-କ ।
**Annoyance**, *s.* ଦୁଃଖ, ବ୍ୟଥା, ଦିକ୍ ।
**Annual**, *a.* ବାର୍ଷିକ, ସାମ୍ବତ୍ସରୀୟ ।
**Annually**, *ad.* ପ୍ରତିବର୍ଷରେ, ବରଷକୁ-ବରଷ । [ୟାନାଦାର ।
**Annuitant**, *s.* ବାର୍ଷିକ ବୃତ୍ତିଭୋଗୀ, ସାଲି-
**Annuity**, *s.* ବାର୍ଷିକ ବୃତ୍ତି, ସାଲିୟାନା ପ୍ରାପ୍ତି ।
**Annul**, *v.* ଲୋପ ବା ରଦ୍ ବା ରହିତ-କ, ଉଠାଇ-ଦେ ।
**Annunciation**, *s.* ସମ୍ବାଦ, ସମାଚାର ; ଘୋଷଣା ।

Anodyne, s. ବେଦନାନିବାରକ ବା ବେଦନା-ନ୍ତକ ଔଷଧ ।
Anoint, v. ମର୍ଦ୍ଦନ-କ; ତୈଳ ମଖାଇବା; ଅଭିଷେକ-କ ।
Anointed, s. ଅଭିଷିକ୍ତ; ମଶୀହ ।
Anomalous, a. ଅନିୟମୀ, ବେଧାଡ଼, ନିୟମ ବହିର୍ଭୂତ ।
Anomaly, s. ଅସଙ୍ଗତ, ଅବ୍ୟବସ୍ଥା, ଅନିୟମ ।
Anon, ad. ଶୀଘ୍ର, ତ୍ୱରା, କେତେବେଳେ ।
Anonymous, a. ବେନାମୀ, ନାମରହିତ ।
Another, a. ଅନ୍ୟ, ଅପର, ଭିନ୍ନ, ଆରେକ, ଦୋସର
Answer, s. ଉତ୍ତର ବା ପ୍ରତ୍ୟୁତ୍ତର, ଜବାବ ।
—v. ଉତ୍ତର ବା ପ୍ରତ୍ୟୁତ୍ତର-କ, ଜବାବ ଦେବା
[ ଦାୟ, ଦାୟୀ, ଜାମୀନ ।
Answerable, a. ଉତ୍ତରଯୋଗ୍ୟ, ପ୍ରତିବାଦ-
Ant, s. ପିମ୍ପୁଡ଼ି, ପିମ୍ପିଳିକା; white- ଉଈ; black-ଡିମ୍ବି ।
Antagonism, s. ପ୍ରତିଦ୍ୱନ୍ଦ୍ୱିତା, ବିପକ୍ଷତା ।
Antagonist, s. ଶତ୍ରୁ, ଅରି, ବିପକ୍ଷଲୋକ, ପ୍ରତିବାଦୀ ।
Antarctic, a. ଦକ୍ଷିଣ କେନ୍ଦ୍ରୀୟ ।
Antecedent, a. ଅଗ୍ରଗାମୀ ।—s. ପୂର୍ବେ ଯାଏ ଯେ; ବିଶେଷଣ ବାଚକ ଶବ୍ଦ ।
Antechamber, s. ପାର୍ଶ୍ୱସ୍ଥ କୋଠରି, ଉପଶାଳା, ଦରଦାଲାଣ ।
Antedate, v. ପୂର୍ବଗତ ତାରିଖ-ଲେଖି ।
Antediluvian, s. ପ୍ରଳୟ ପୂର୍ବବର୍ତ୍ତୀ, ଜଳପ୍ଳାବନ ପୂର୍ବବର୍ତ୍ତୀ ଲୋକ ।
Antelope, s. ମୃଗ ବିଶେଷ, କୃଷ୍ଣସାର ।
Antemeridian, a. ପୂର୍ବାହ୍ନ ସମ୍ବନ୍ଧୀୟ, ପୌର୍ବାହ୍ନିକ ।
Anterior, a. ଅଗ୍ର, ଅଗ୍ରଗାମୀ, ଅଗ୍ରବର୍ତ୍ତୀ ।
Anthem, s. ଈଶ୍ୱରସ୍ତବ, ଗୀତ, ସ୍ତୁତିବାଦ ।
Anthology, s. କ୍ଷୁଦ୍ର କବିତା ବା ସୁକ୍ତିସଂଗ୍ରହ ।
Anthropology, s. ମନୁଷ୍ୟବିଷୟକ ବିଦ୍ୟା ।
Antic, s. ଭଣ୍ଡ, ମସ୍କରା; କୌତୁକ ।—a. କଦାକାର, ମସ୍କରିଆ ।
Antichrist, s. ବିପରୀତ ବା ମିଥ୍ୟା ଖ୍ରୀଷ୍ଟ ।
Antichristian, a. ଖ୍ରୀଷ୍ଟର ମତ ବିରୁଦ୍ଧ ।
Anticipate, v. ପୂର୍ବବୋଧ-କ, ଅପେକ୍ଷିତ-ହେ
Anticipation, s. ପୂର୍ବବୋଧ, ଭାବନା, ଆଶା, ଅପେକ୍ଷା ।
Anticlimax, s. ଅତ୍ୟୁଚ୍ଚଠାରୁ ଶେଷ ଭାଗରେ ଅଳ୍ପ ଅର୍ଥକ ବାକ୍ୟ । [ଉପାୟ ।
Antidote, s. ବିଷହର ଔଷଧ, ଦୋଷଖଣ୍ଡକ
Antimony, s. ସୁରମା, ଅଞ୍ଜନ, କଜ୍ଜଳ ।
Antipathy, s. ସ୍ୱାଭାବିକ ଘୃଣା, ବୈରକ୍ତି ।
Antipodes, s ଭୂଗୋଳ ଦେଶାଗ୍ରସ୍ଥ ସମସୂତ୍ରପାତସ୍ଥିତ, ବା ତେଠାସ୍ଥିତ ନିବାସୀ ।
Antiquarian, s. ପ୍ରାଚୀନ ଦ୍ରବ୍ୟ ସଂଗ୍ରାହକ ।
Antiquated, a. ପୁରାତନ, ଅବ୍ୟବହାର୍ଯ୍ୟ ।
Antique, a. ପୂର୍ବ ବା ପ୍ରାଚୀନ ପ୍ରଚଳନାନୁସାରେ ।
Antiquity, s. ପ୍ରାଚୀନକାଳ, ପୂର୍ବକାଳ, ପ୍ରାଚୀନତା ।
Antiseptic, a. ପଚନ ନିବାରକ ।
Antistrophe, s. ଗୀତର ଦ୍ୱିତୀୟ ଚରଣ ।
Antithesis, s. ବାକ୍ୟର ବୈପରୀତ୍ୟ ।
Antitype, s. ଉପମା, ଦୃଷ୍ଟାନ୍ତ; ପ୍ରତିବିମ୍ବିତ ବିଷୟ
Antler, s. ହରିଣ ଶୃଙ୍ଗର ଶାଖା ।
Anvil, s. ନେହାଇ, ଦାହୁ । [ବ୍ୟଥା ।
Anxiety, s. ଉଦ୍ବେଗ, ଚିନ୍ତା, ଭାବନା, ମନର
Anxious, a. ଭାବିତ, ଚିନ୍ତାଯୁକ୍ତ, ଉଦ୍ବିଗ୍ନ ।
Any, a. କୌଣସି, କିଛି, କେହି ।
Aorist, s. ଅନିର୍ଦ୍ଦିଷ୍ଟ କାଳବାଚକ କ୍ରିୟାପଦ ।
Aorta, s. ହୃତ୍ପିଣ୍ଡର ଏକ ନାଡ଼ି । [ଲମ୍ବେ ।
Apace, ad. ଶୀଘ୍ରଗତିରେ, ବେଗେ, ଅବ-

Apart, *ad.* ଭିନ୍ନରୂପେ, ପୃଥକ୍‌ରେ, ଖଣ୍ଡରେ କରି ।
Apartment, *s.* ଗୃହର ଏକ କୋଠରି, କାମରା ; ଅନ୍ତଃପୁର ।
Apathetic, *a.* ଅଚେତନ, ନିଶ୍ଚିନ୍ତ, ନିଶ୍ଚେଷ୍ଟ ।
Apathy, *s.* ଅଚେତନତା ; ନିଶ୍ଚିନ୍ତତା, ନିଷ୍ପନ୍ଦତା ।
Ape, *s.* ମାଙ୍କଡ଼ବିଶେଷ, ବାନର, କପି ।—*v.* ଅନୁରୂପ କଦ୍ ପ-କ ।
Aperient, *s.* ମଳ ଭେଦକ ଔଷଧ, ଜୁଲାପ ।
Aperture, *s.* ଦ୍ୱାର, ଛିଦ୍ର, ଛେଦ, କଣା ।
Apex, *s.* ଅଗ୍ର, ଚୂଡ଼ା, ଅଗ୍ରଭାଗ ।
Aphorism, *s.* ସଂକ୍ଷେପ ଉକ୍ତି, ସୂତ୍ର, ମୂଳ ।
Apiary, *s.* ମହୁମାଛି ରଖିବାର ସ୍ଥାନ ।
Apiece, *ad.* ଏକରେ, ଖଣ୍ଡରେ, ଅଂଶରେ, ଭିନ୍ନରେ ।
Apish, *a.* ବାନର ପରି, ନିର୍ବୋଧ; ରଙ୍ଗିକ ।
Apocalypse, *s.* ପ୍ରକାଶ ବାଣୀ; ପ୍ରକାଶିତ
Apocryphal, *a.* କୃତ୍ରିମ, ଅପ୍ରମାଣ୍ୟ । [ପୁସ୍ତକ ।
Apologize, *v.* ତ୍ରୁଟି ସ୍ୱୀକାର-କ, ଉତ୍ତର-କ ।
Apologue, *s.* ନୀତିକଥା, ହିତୋପଦେଶ ।
Apology, *s.* ତ୍ରୁଟିସ୍ୱୀକାର, କ୍ଷମା ପ୍ରାର୍ଥନା, ଉତ୍ତର ।
Apoplexy, *s.* ପକ୍ଷାଘାତ, ମୂର୍ଚ୍ଛାରୋଗ, ଜଡ଼ତା ।
Apostasy, *s.* ସ୍ୱଧର୍ମତ୍ୟାଗ, ବିଧର୍ମଗ୍ରହଣ ।
Apostate, *s.* ପତିତବ୍ୟକ୍ତି, ବିଧର୍ମାବଲମ୍ବୀ, ସ୍ୱ-
Apostle, *s.* ପ୍ରେରିତବ୍ୟକ୍ତି, ଦୂତ । [ଧର୍ମତ୍ୟାଗୀ ।
Apostolic, *a.* ପ୍ରେରିତ ଦ୍ୱାରା ଅଦିଷ୍ଟ, ପ୍ରେରିତ ଶିକ୍ଷାନୁଯାୟୀ । [ଯଥା ' ।
Apostrophe, *s.* ଲୋପ ବା ସଂକେତ ଚିହ୍ନ
Apothecary, *s.* ଔଷଧ ପ୍ରସ୍ତୁତ ବା ବିକ୍ରୟକାରୀ
Appal, *v.* ଭୟ ଦେଖାଇବା, ଭୀତ ବା ତ୍ରାସଯୁକ୍ତ-କ । [ସାଜ ।
Apparatus, *s.* ଯନ୍ତ୍ର, ଅସ୍ତ୍ରଶସ୍ତ୍ର, ହାତହତିଆର,
Apparel, *s.* ବସ୍ତ୍ର, ପୋଷାକ, ଲୁଗା, ପରିଚ୍ଛଦ
Apparel, *v.* ପରିଧାନ-କ, ବିଭୂଷିତ-କ ।
Apparent, *a.* ଦୃଶ୍ୟ, ପ୍ରତ୍ୟକ୍ଷ, ସ୍ପଷ୍ଟ ।
Apparently, *ad.* ବ୍ୟକ୍ତ ବା ପ୍ରତ୍ୟକ୍ଷ ବା ସ୍ପଷ୍ଟରୂପେ ।
Apparition, *s.* ଦର୍ଶନ, ଦୃଶ୍ୟବସ୍ତୁ, ଭୂତ, ପ୍ରେତ ।
Appeal, *s.* ପୁନର୍ବିଚାରର ପ୍ରାର୍ଥନା, ଅପୀଲ୍, ପୁନଃ ନାଲିଶ ।—*v.* ଅପୀଲ ବା ନାଲିଶ୍-କ ।
Appear, *v.* ପ୍ରକାଶ ବା ଦେଖା ବା ପ୍ରତ୍ୟକ୍ଷ ବା ସାକ୍ଷାତ୍-ହେ ।
Appearance, *s.* ଦର୍ଶନ, ଆକାର, ରୂପ, ସାକ୍ଷାତକାର ।
Appease, *v.* ଶାନ୍ତ ବା ସୁସ୍ଥିର ବା ନିବୃତ୍ତ-କ ।
Appellant, *s.* ଫରିୟାଦୀ, ପୁନର୍ବିଚାରର ପ୍ରାର୍ଥକ ।
Appellate court, *s.* ଅପୀଲ୍ ଅଦାଲତ ।
Appellation, *s.* ନାମ, ସଂଜ୍ଞା, ପଦବୀ ।
Append, *v.* ଲଗାଇବା, ଅନ୍ତେ ଯୋଗ-କ ।
Appendage, *s.* ସଂଯୁକ୍ତ ବିଷୟ, ବାହ୍ୟାଂଶ ।
Appendix, *s.* କ୍ରୋଡ଼ପତ୍ର; ଉପଗ୍ରନ୍ଥ; ଉପାଙ୍ଗ ।
Appertain, *v.* ସମ୍ବନ୍ଧ ବା ଅନ୍ତର୍ଗତ-ହେ ।
Appertaining, *a.* ସମ୍ପର୍କୀୟ, ବିଷୟକ ।
Appetite, *s.* କ୍ଷୁଧା, ଭୋକ; ଇଚ୍ଛା, ବାଞ୍ଛା ।
Applaud, *v.* ପ୍ରଶଂସା ବା ଧନ୍ୟବାଦ-କ ।
Applause, *s.* ପ୍ରଶଂସା, ଶ୍ଲାଘା, ସ୍ତବ, ସ୍ତୁତି ।
Apple, *s.* ଫଳ ବିଶେଷ, ଶିବଫଳ ; ଚକ୍ଷୁର ପିତୁଳା ବା ତାରା । [ଉପାୟ, ଯନ୍ତ୍ର ।
Appliance, *s.* ସହଯୋଗ, ସଂଲଗ୍ନ କରଣ ;
Applicable, *a.* ଯୋଗ୍ୟ, ଉପଯୁକ୍ତ, ସଂଯୋଜ୍ୟ । [କାରୀ ।
Applicant, *s.* ପ୍ରାର୍ଥକ, ପ୍ରାର୍ଥୀ, ଦରଖାସ୍ତ-
Application, *s.* ପ୍ରାର୍ଥନା, ଦରଖାସ୍ତ, ଅର୍ଜି; ମନୋଯୋଗ, ଯତ୍ନ ।
Apply, *v.* ଲଗାଇବା, ଖଟାଇବା; ମନ-ଦେ, ମନୋଯୋଗ-କ ।

Appoint, *v.* ନିଯୁକ୍ତ ବା ନିରୂପଣ ବା ନିର୍ଦ୍ଦିଷ୍ଟ-କ ।

Appointed, *p.* or *a.* ନିଯୋଜିତ, ନିଯୁକ୍ତ, ନିଶ୍ଚିତ ।

Appointment, *s.* ନିଯୋଜନ, ନିରୂପଣ; କର୍ମ, ପଦ; ଆଜ୍ଞା; ବେତନ ।

Apportion, *v.* ବିଭାଗ ବା ଅଂଶ-କ ।

Apposite, *a.* ଯୋଗ୍ୟ, ଉପଯୁକ୍ତ, ପ୍ରକୃତ ।

Apposition, *s.* ସଂଯୋଗ, ମେଳ ; (in Gram.) ସମାନ ବିଭକ୍ତି ।

Appraise, *v.* ମୂଲ୍ୟ ନିରୂପଣ-କ, ଜାଞ୍ଚିବା ।

Appraisement, *s.* ମୂଲ୍ୟ ନିରୂପଣ; ଜମା-ବନ୍ଦ । [କାରୀ ।

Appraiser, *s.* ଯାଚନଦାର, ମୂଲ୍ୟ ନିରୂପଣ-

Appreciable, *a.* ମୂଲ୍ୟ ନିରୂପଣ ଯୋଗ୍ୟ; ବୋଧଗମ୍ୟ । [ମୂଲ୍ୟଧାର୍ଯ୍ୟ-କ ।

Appreciate, *v.* ଗୁଣ ନିର୍ଣ୍ଣୟ-କ; ପସନ୍ଦ-କ;

Apprehend, *v.* ଧରିବା ; ବୋଧ-କ ; ଭୟ-କ ।

Apprehension, *s.* ବୋଧ, ଶଙ୍କା, ଭୟ ; ଧରା, ଆକ୍ରମଣ ।

Apprehensive, *a.* ଭୟଯୁକ୍ତ ; ସଚେତନ, ବୋଧଗମ୍ୟ ।

Apprentice, *s.* କାରିଗରର ଶିଷ୍ୟ, ଶିକ୍ଷାନୁବୀଶ୍

Apprize, *v.* ସମାଚାର ବା ସଂବାଦ ବା ଜଣାଇ-ଦେ ।

Approach, *s.* ନିକଟ-ଆଗମନ; ଯିବାର ପଥ ବା ଉପାୟ ।—*v.* ନିକଟରେ ଆସି ପହୁଞ୍ଚିବା; ନିକଟବର୍ତ୍ତୀ ବା ଉପସ୍ଥିତ-ହେ ।

Approbation, *s.* ସମ୍ମତି; ସନ୍ତୋଷ; ପସନ୍ଦ ।

Appropriate, *a.* ଉପଯୁକ୍ତ, ଯୋଗ୍ୟ, ସଙ୍ଗତ ।

Appropriate, *v.* ବିଶେଷ କର୍ମରେ ନିଯୁକ୍ତ -କ; ପରର ଦ୍ରବ୍ୟ ଆପଣା କାର୍ଯ୍ୟରେ ଖର୍ଚ୍ଚ-କ ।

Approval, *s.* ସମ୍ମତି, ପସନ୍ଦ, ସ୍ୱୀକାର ।

Approve, *v.* ଗ୍ରାହ୍ୟ ବା ସମ୍ମତ ବା ପସନ୍ଦ-କ ।

Approved, *pp.* ମନୋନୀତ, ପସନ୍ଦିତ, ସ୍ୱୀକୃତ

Approximate, *a.* ନିକଟବର୍ତ୍ତୀ, ପ୍ରାୟତୁଲ୍ୟ ।—*v.* ସମତୁଲ୍ୟ ବା ସଦୃଶ-ହେ ବା -କ ।

Approximation, *s.* ସାମୀପ୍ୟ, ନୈକଟ୍ୟ ।

Appurtenance, *s.* ସଂଯୁକ୍ତ ଦ୍ରବ୍ୟ, ଅଧିକ, ସମ୍ପର୍କ, ସଂଯୋଗ ।

April, *s.* ଇଂରାଜୀ ଚତୁର୍ଥ ମାସ ।

Apron, *s.* ପରିଧେୟ ବସ୍ତ୍ର ବିଶେଷ ।

Apropos, *ad.* ପ୍ରକୃତକାଳେ, ଯୋଗ୍ୟସମୟେ

Apt, *a.* କର୍ମୋପଯୁକ୍ତ, ପଟୁ ; ଉଦ୍ୟତ, ପ୍ରସ୍ତୁତ ।

Aptitude, *s.* ଉଦ୍ୟମ; ପଟୁତା, ଯୋଗ୍ୟତା, ନିପୁଣତ୍ୱ । [ରକ୍ଷାର୍ଥେ ଜଳାଶୟ ।

Aquarium, *s.* ଜଳଚରଜୀବ ବା ଜଳୀୟ ବୃକ୍ଷ

Aquarius, *s.* କୁମ୍ଭରାଶି ।

Aquatic, *a.* ଜଳଚର, ଜଳଜ, ଜଳଜାତ ।

Aqueduct, *s.* ଜଳ ମାର୍ଗ ବା ପ୍ରଣାଳୀ ।

Aqueous, *a.* ଜଳବତ୍, ପାଣିଆ, ପାଣିର ।

Aquiline, *a.* ଉତ୍କ୍ରୋଶ ପକ୍ଷୀର ଥଣ୍ଟର ନ୍ୟାୟ; ଶୁକ ଥଣ୍ଟ ପରି ।

Arab, Arabian, *s.* ଆରବଦେଶୀୟ ଲୋକ ।

Arabic, *a.* ଆରବୀୟ ।—*s.* ଆରବୀ ଭାଷା ।

Arable, *a.* କୃଷିର ଯୋଗ୍ୟ, ଚାଷକରିବାଯୋଗ୍ୟ ।

Arbiter, Arbitrator, *s.* ମଧ୍ୟସ୍ଥ, ସାଳିସୀ; ବିଚାରକର୍ତ୍ତା, *pl.* ପଞ୍ଚାୟତ ।

Arbitrary, *a.* ସ୍ୱେଚ୍ଛାମତ; କର୍ତ୍ତୃତ୍ୱରୂପ, ଅନିୟମିତ । [ନିଷ୍ପତ୍ତି-କ ।

Arbitrate, *v.* ସାଳିସ-କ, ମଧ୍ୟସ୍ଥ ଦ୍ୱାରା

Arbitration, *s.* ସାଳିସ, ନିଷ୍ପତ୍ତି; ପଞ୍ଚାୟତଦ୍ୱାରା

Arbour, *s.* ନିକୁଞ୍ଜ, ଲତାଗୃହ । [ନିଷ୍ପତ୍ତି ।

Arc, *s.* ପରିଧିର ଏକ ଅଂଶ ।

Arcade, *s.* ଛାଦ ଆଚ୍ଛାଦିତ ପଥ ବା ଦାଣ୍ଡ ।

Arch, *s.* ଅର୍ଦ୍ଧଗୋଲ. ଖିଲାନ ।—*a.* ପ୍ରଧାନ; ଚତୁର, ମସ୍ଖର ।—*v.* ଖିଲାନ କର୍ମ-କ, ଅର୍ଦ୍ଧ ଗୋଲାକାର-କ ।
Archangel, *s.* ସ୍ୱର୍ଗୀୟ ପ୍ରଧାନ ଦୂତ ।
Archbishop, *s.* ପ୍ରଧାନ ଧର୍ମାଧ୍ୟକ୍ଷ ।
Archdeacon, *s.* ପ୍ରଧାନ ଧର୍ମାଧ୍ୟକ୍ଷର ସହକାରୀ
Archer, *s.* ଧନୁର୍ଦ୍ଧର, ବାଣଯୋଦ୍ଧା ।
Archery, *s.* ଧନୁର୍ବିଦ୍ୟା, ଧନୁର୍ଦ୍ଧାରୀ ।
Archetype, *s.* ମୂଳତତ୍ତ୍ୱ, ଆଦର୍ଶ, ନମୁନା ।
Archipelago, *s.* ଉପଦ୍ୱୀପ ସମୂହଯୁକ୍ତ ସମୁଦ୍ର।
Architect, *s.* ଗୃହାଦି ନିର୍ମାତା, ନିର୍ମାଣକାରକ।
Architecture, *s.* ଗୃହାଦି ନିର୍ମାଣ ବିଦ୍ୟା ।
Archives, *s.* ପ୍ରାଚୀନ ପତ୍ରାଦି ରଖିବା ସ୍ଥାନ ।
Arctic, *a.* ଉତ୍ତର କେନ୍ଦ୍ରୀୟ ।
Ardent, *a.* ଉତ୍ତପ୍ତ, ଉଗ୍ରସ୍ୱଭାବ ; ଉତ୍ସାହୀ ; ଜ୍ୱଳନ୍ତ ।
Ardour, *s.* ଉତ୍ସାହ, ଉତ୍ତାପ, ଉଗ୍ରତା, ପ୍ରଭାବ ।
Arduous, *a.* ଦୁଃସାଧ୍ୟ, ଦୁଷ୍କର, କଠିନ, ଅସହ୍ୟ ।
Area, *s.* ମଧ୍ୟବର୍ତ୍ତୀ ସ୍ଥାନ; ଅଗଣା; କ୍ଷେତ୍ରଫଳ ।
Arena, *s.* ମଲ୍ଲଯୁଦ୍ଧାଦିର ଭୂମି ବା ସ୍ଥାନ ।
Argent, *a.* ରୂପାର ନ୍ୟାୟ, ଶୁଭ୍ର, ଧଳା ।
Argue, *v.* ସ୍ୱପକ୍ଷେ ବା ବିପକ୍ଷେ କଥା କହୁ ପ୍ରମାଣ ବା ହେତୁ-ଦେ; ତର୍କବିତର୍କ ବା ଯୁକ୍ତି-କ; ବାଦାନୁବାଦ-କ ।
Argument, *s.* କାରଣ, ବିତର୍କ, ଯୁକ୍ତି, ବିତଣ୍ଡା ।
Argumentative, *a.* ଯୁକ୍ତିଶୀଳ, ବିଚାରବିଶିଷ୍ଟ
Arid, *a.* ଶୁଷ୍କ, ଦଗ୍ଧ, ନୀରସ ।
Aries, *s.* ମେଷ, ପ୍ରଥମ ରାଶି ।
Aright, *ad.* ଯଥାର୍ଥ ବା ଉଚିତରୂପେ, ଭଲ ମତେ ।
Arise, *v.* ଉଠିବା, ଉଦିତ ବା ଉତ୍ପାଦିତ ବା ଦୃଷ୍ଟ-ହେ ।
Aristocracy, *s.* କୁଳୀନ ଲୋକସମୂହ ।
Aristocrat, *s.* କୁଳୀନଲୋକ; ପ୍ରଭୁତ୍ୱପ୍ରିୟ ।
Arithmetic, *s.* ଅଙ୍କବିଦ୍ୟା, ପାଟୀଗଣିତ ।
Arithmetician, *s.* ଅଙ୍କବିଦ୍ୟାଜ୍ଞ, ସଂଖ୍ୟାବେତ୍ତା ।
Ark, *s.* ନୌକା, ପ୍ଳାବନକାଳର ବୃହତ୍‌ନୌକା ; [ଈଶ୍ୱରଙ୍କ ସାକ୍ଷ୍ୟ ସିନ୍ଦୁକ ।
Arm, *s.* ବାହୁ, ହାତ, ଭୁଜ, ଶାଖା ଅସ୍ତ୍ରଶସ୍ତ୍ର ।—*v.* ଅସ୍ତ୍ରଧାରଣ ବା ସୁସଜ୍ଜ-କ ।
Armada, *s.* ଯୁଦ୍ଧାର୍ଥେ ସଜ୍ଜିତ ଜାହାଜସମୂହ ।
Armament, *s.* ଜଳଯୁଦ୍ଧର ବଳ ଓ ଆୟୋଜନ ।
Armistice, *s.* ଅଳ୍ପକାଳ ଯୁଦ୍ଧ ନିବୃତ୍ତି ।
Armlet, *s.* ବାହୁ, କଙ୍କଣ, ସମୁଦ୍ରର କ୍ଷୁଦ୍ର ମୁହାଣ ।
Armorial, *a.* କୌଳିକ ଚିହ୍ନ ବିଷୟକ, ଢାଲ-[ଚିହ୍ନ ।
Armour, *s.* ଯୁଦ୍ଧସଜ୍ଜା, ସାଞ୍ଜୁଆ, କବଚ ।
Armourer, *s.* ଅସ୍ତ୍ରନିର୍ମାଣକାରୀ; ସଜ୍ଜାରକ୍ଷକ ।
Armoury, *s.* ଅସ୍ତ୍ରାଗାର, ଯୁଦ୍ଧାସ୍ତ୍ର ରକ୍ଷଣର [ସ୍ଥାନ ବିଶେଷ ।
Armpit, *s.* କକ୍ଷ, ବାହୁମୂଳ ।
Arms, *s.* ଯୁଦ୍ଧାସ୍ତ୍ର, କୁଳୀନ ପଦସୂଚକ ଚିହ୍ନ ।
Army, *s.* ସୈନ୍ୟସମୂହ, ଯୋଦ୍ଧାସମୂହ ।
Aromatic, *a.* ସୁଗନ୍ଧି ସୁସ୍ୱାଦିତ । [ପାଶେ ।
Around, *ad.* ଚତୁର୍ଦ୍ଦିଗେ, ଚତୁର୍ଦ୍ଦିଗେ, ଚତୁ-
Around, *prep.* ଚତୁର୍ଦ୍ଦିଗ, ଚତୁଷ୍ପାର୍ଶ୍ୱ । [ବା
Arouse, *v.* ଜାଗ୍ରତ ବା ସଚେତନ-କ, ଜଣାଇ-
Arrack, *s.* ପଟ୍ଟା, ଧାନ୍ୟଜ ମଦ ।
Arraign, *v.* ଅଭିଯୋଗ ବା ଅପବାଦ ବା ନାଲିଶ-କ । [ଶ୍ରେଣୀ-କ ।
Arrange, *v.* ସଜାଇବା, ବନ୍ଦୋବସ୍ତ ବା
Arrangement, *s.* ବନ୍ଦୋବସ୍ତ, ନିୟମ, ବିନ୍ୟାସ ; ରଚନା, ମିଳନ ।
Arrant, *a.* ଅତ୍ୟନ୍ତ, ମହାଦୁଷ୍ଟ ।
Arras, *s.* ଚିତ୍ରିତ ଆବରଣ ବସ୍ତ୍ର ।
Array, *v.* ଭୂଷିତ-କ ; ସୈନ୍ୟ ଶ୍ରେଣୀବଦ୍ଧ-କ ।

**Arrears**, *n.* ବାକି, ବକେୟା ।
**Arrest**, *v.* ଧରିବା, ଅଟକାଇବା, ବନ୍ଦ-କ ।
**Arrival**, *s.* ଉପସ୍ଥିତ, ଆଗମନ ।
**Arrive**, *a.* ଆସିବା, ଉପସ୍ଥିତ-ହେ, ପହଞ୍ଚିବା ।
**Arrogance**, *s.* ଗର୍ବ, ଅହଂକାର, ଦମ୍ଭ, ଦର୍ପ ।
**Arrogant**, *a.* ଗର୍ବୀ, ଦାମ୍ଭିକ, ଅହଂକାରୀ ।
**Arrogate**, *v.* ଅନ୍ୟାୟରେ ବା ସ୍ୱେଚ୍ଛାମତେ କ୍ଷମତା ଗ୍ରହଣ-କ ।
**Arrow**, *s.* କାଣ୍ଡ, ଶର, ବାଣ, ଶର ।
**Arsenal**, s. ଯୁଦ୍ଧଦ୍ରବ୍ୟାଗାର, ଅସ୍ତ୍ରଶାଳା ।
**Arsenic**, *s.* yellow-ହରିତାଳ ; red-ହିଙ୍ଗୁଳ ; ମନଶିଳା ; white-ଶଙ୍ଖିଆ ।
**Arson**, *s.* ଗୃହଦାହାପରାଧ ।
**Art**, *s.* ପଟୁତା, ହିକମତ ; ଶିଳ୍ପବିଦ୍ୟା; ଚିତ୍ର ଓ ନିର୍ମାଣବିଦ୍ୟା ।
**Artery**, *s.* ରକ୍ତବାହିନୀ ନାଡ଼ୀ ବା ଶିରା ।
**Artesian-well**, *s.* କୂପ ବିଶେଷ ଯହିଁରେ ଜଳ ଝରି ପଡ଼ି ବହି ଆସେ ।
**Artful**, *a.* ନିପୁଣ, ଚତୁର ; ଧୂର୍ତ୍ତ, ଖଳ ।
**Artfully**, *ad.* ପ୍ରବଞ୍ଚନାପୂର୍ବକ, ଧୂର୍ତ୍ତରୂପେ, ଛଳରେ ।
**Article**, *s.* ଦ୍ରବ୍ୟ, ପଦାର୍ଥ ; ବିଶେଷ ଅଂଶ ବା ଭାଗ ; ନିୟମ, ସଂବାଦପତ୍ରାଦିର ପ୍ରବନ୍ଧ ; (in Gram.) ନିଶ୍ଚୟାତ୍ମକ ବା ଅନିଶ୍ଚୟାତ୍ମକ ବିଶେଷଣ ଯଥା,—a, an, the ।—*v.* ନିୟମବଦ୍ଧ ବା ନିବନ୍ଧ-କ ।
**Articulate**, *v.* ସ୍ପଷ୍ଟରୂପେ ଉଚ୍ଚାରଣ-କ ; ଗଣ୍ଠିଯୁକ୍ତ-କ ।—*a.* ଗଣ୍ଠିଯୁକ୍ତ; ସ୍ପଷ୍ଟରୂପେ ଉଚ୍ଚାରିତ ।
**Articulation**, *s.* ସ୍ପଷ୍ଟ ଉଚ୍ଚାରଣ; ଅସ୍ଥିସନ୍ଧିସ୍ଥାନ, ଗଣ୍ଠି । [ଞ୍ଚନା ।
**Artifice**, *s.* କୌଶଳ, ଯୁକ୍ତି; ଛଳ, ପ୍ରବ-
**Artificer**, *s.* କାରିଗର, ଶିଳ୍ପକର ।
4

**Artificial**, *a.* କଳ୍ପିତ, କୃତ୍ରିମ, ମନୁଷ୍ୟନିର୍ମିତ ।
**Artillery**, *s.* ତୋପସମୂହ, ଗୋଳନ୍ଦାଜ ; ତୋପ ବ୍ୟବସାୟୀ ସୈନ୍ୟଦଳ ।
**Artisan**, *s.* ଶିଳ୍ପ ବ୍ୟବସାୟୀ, କାରିଗର ।
**Artist**, *s.* ଚିତ୍ରକର, ଶିଳ୍ପକର୍ମରେ ପଟୁଲୋକ ।
**Artless**, *a.* ସରଳ, ଅକପଟ ; ଅପଟୁ ; ଅଚତୁର ।
**As**, *conj.* ଯେମନ୍ତ, ଯେହେତୁ, ଯଥା, ଯେରୂପ ।
**Asafœtida**, *s.* ହିଙ୍ଗୁ । [ବା ।
**Ascend**, *v.* ଊର୍ଦ୍ଧ୍ୱ ଗମନ-ଆରୋହଣ-କ, ଉଠି-
**Ascendant**, *s.* ଉଚ୍ଚତା ।—*a.* ଊର୍ଦ୍ଧ୍ୱଗାମୀ ।
**Ascendency**, *s.* ଶ୍ରେଷ୍ଠତା, ପ୍ରାଧାନ୍ୟ, ପ୍ରଭୁତ୍ୱ, କ୍ଷମତା, ସାମର୍ଥ୍ୟ । [ହଣ ।
**Ascension**, *s.* ଊର୍ଦ୍ଧ୍ୱଗମନ, ଉତ୍ଥାନ, ଆରୋ-
**Ascent**, *s.* ଉଚ୍ଚତା ; ଊର୍ଦ୍ଧ୍ୱଗତି, ଉଠାଣିପଥ; ଉଚ୍ଚ ସ୍ଥାନ । [ଠଉପରବା ।
**Ascertain**, *v.* ନିର୍ଣ୍ଣୟ-ନିର୍ଦ୍ଧାରିତ-ସ୍ଥାପିତ-କ ;
**Ascetic**, *s.* ତପସ୍ୱୀ, ସନ୍ନ୍ୟାସୀ, ଯୋଗୀ ।
**Asceticism**, *s.* ତପସ୍ୟାଧର୍ମ ; ସନ୍ନ୍ୟାସମତ ।
**Ascribe**, *v.* ଅର୍ପଣ-ବର୍ଣ୍ଣନା-ଆରୋପ-କ ।
**Ascription**, *s.* ଅର୍ପଣ, ପ୍ରସଙ୍ଗ, ଆରୋପଣ ।
**Ash**, *s.* ବୃକ୍ଷ ବିଶେଷ ।
**Ashamed**, *a.* ଲଜ୍ଜିତ, ଲାଜୁକ, ଲଜ୍ଜାନ୍ୱିତ ।
**Ashes**, *s.* ଭସ୍ମ, ପାଉଁଶ ।
**Ashore**, *ad.* ତଟରେ, ତୀରରେ, କୂଳରେ ।
**Asiatic**, *s.* ଆସିଆ ମହାଦେଶୀୟ ଲୋକ ।—*a.* ଆସିଆମହାଦେଶ ସମ୍ବନ୍ଧୀୟ ।
**Aside**, *ad.* ଏକପାଖେ ବା ପାର୍ଶ୍ୱେ ; ନିର୍ଜ୍ଜନରେ ।
**Asinine**, *a.* ଗଧ ସମ୍ବନ୍ଧୀୟ ।
**Ask**, *v.* ମାଗିବା, ପ୍ରାର୍ଥନା-କ; ପଚାରିବା ।
**Askance**, *ad.* ତେର୍ଚ୍ଛାଭାବେ; ଅଦ୍ଧ ଚକ୍ଷୁରେ ।
**Askew**, *ad.* ତେର୍ଚ୍ଛାଭାବେ; ଅଶ୍ରଦ୍ଧାପୂର୍ବକ ।
**Aslant**, *ad.* ତେର୍ଚ୍ଛା, ଢାଲୁ, ବଙ୍କା ।

Asleep, *a.* ନିଦ୍ରିତ, ନିଦ୍ରାଗତ, ସୁପ୍ତ ।
Aslope, *ad.* ଗଡ଼ଣିଭାବେ; ଢାଲୁ, ଗଡ଼ାଣିଆ ।
Asp, *s.* କାଳସର୍ପ ; ବୃକ୍ଷବିଶେଷ ।
Aspect, *s.* ଦର୍ଶନ, ଆକାର; ଅବସ୍ଥା, ଦଶା ।
Asperate, *v.* କର୍କଶ-ଅସମାନ-କ ।
Asperity, *s.* କଟୁଭାବ, କାର୍କଶ୍ୟ, କଟୁବାକ୍ୟ ।
Asperse, *v.* ଅପବାଦ-ନିନ୍ଦା-ଦୁର୍ନାମ-କ ।
Aspersion, *s* କଳଙ୍କ, ମିଥ୍ୟାପବାଦ, ଦୋଷ ।
Asphyxia, *s.* ନିଶ୍ୱାସ ବନ୍ଦ ଜନିତ ଅ-ଚେତନାବସ୍ଥା ।
Asphyxiate, *v.* ନିଶ୍ୱାସ ବନ୍ଦପୂର୍ବକ ଅଚେ-ତନ-କ ।
Aspirant, *s.* ଅନ୍ୱେଷୀ, ଆକାଂକ୍ଷୀ, ଉମେଦ-ୱାର ।
Aspirate, *v.* ଘର୍ଷୋଚ୍ଚାରଣ-ଘର୍ଷୋକ୍ତି-କ ।
Aspiration, *s.* ମହାକାଂକ୍ଷା ବା ଇଚ୍ଛା; ଘର୍ଷୋ-ଚ୍ଚାରଣ । [ଉର୍ଦ୍ଧ୍ୱେ ଉଠିବା ।
Aspire, *v.* ଉନ୍ନତିଚେଷ୍ଟା-ପ୍ରତ୍ୟାଶା-କ ;
Ass, *s.* ଗଧ, ଗର୍ଦ୍ଦଭ; ଗଣ୍ଡମୂର୍ଖ, ମୂଢ ।
Assail, *v,* ଆକ୍ରମଣ-ଚଢାଉ-କ ।
Assailant, *s.* ଆକ୍ରମଣକାରୀ ।
Assassin, *s.* ଗୁପ୍ତଘାତକ, ଗୁପ୍ତହନ୍ତା ।
Assassinate, *v.* ଗୁପ୍ତରେ ଅଘାତ-ବଧ-କ ।
Assault, *s.* ଆକ୍ରମଣ, ମାରପୀଟ, ଦଙ୍ଗା, ଯୁଦ୍ଧାରମ୍ଭ ।—*v.* ଚଢାଉ-ମାରପୀଟ-ଦଙ୍ଗା-କ
Assay, *v.* ପରୀକ୍ଷା-ଧାତୁକଷା-କ; ଉଦ୍ୟମ-କ ।
Assayer, *s.* ପରୀକ୍ଷକ, ଧାତୁକଷା କରିବା ଲୋକ ।
Assemblage, *s.* ସମାଜ, ସଭା, ଜନତା, ଭିଡ ।
Assemble, *v.* ସମୂହ-ଏକତ୍ର-ସଭାସ୍ଥ-ସମା-ଜସ୍ଥ-କ । [ବୈଠକ ।
Assembly, *s.* ସଭା, ମେଳା, ସମାଜ, ମଣ୍ଡଳୀ,
Assent, *s.* ଅନୁମତି, ସମ୍ମତି, ସ୍ୱୀକାର ।—*v.* ସ୍ୱୀକାର-କବୁଲ-କ, ସମ୍ମତ-ହେ; ଅନୁମତି-ଦେ ।

Assert, *v.* ଦୃଢରୂପେ-କହ, ସ୍ଥିର ବୋଲିବା
Assertion, *s.* ଦୃଢ ବା ନିଶ୍ଚିତ ବାକ୍ୟ, ପ୍ରମାଣ-ସ୍ୱରୂପ କଥା ।
Assess, *v.* ଶୁଳ୍କ ବା କର ବସାଇବା, ଜମା ଧାର୍ଯ୍ୟ-କ ।
Assessment, *s.* କର, ଜମାବନ୍ଦି, ହାସିଲ ।
Assessor, *s.* ଯେ ବ୍ୟକ୍ତି କର ଧାର୍ଯ୍ୟ କରେ ; ବିଚାରରେ ସାହାଯ୍ୟ ଦେବା ନିମନ୍ତେ ବିଚାରକର୍ତ୍ତା ନିକଟରେ ଯେ ବସେ ।
Assets, *s.* ମୃତ ବ୍ୟକ୍ତିର ସମ୍ପତ୍ତି ।
Asseveration, *s.* ଦୃଢଶପଥ, ପଣପୂର୍ବକ କଥନ ।
Assiduity, *s.* ଶ୍ରମ, ମନୋଯୋଗ, ଯତ୍ନ, ଚେଷ୍ଟା ।
Assiduous, *a.* ଶ୍ରମୀ, ମନୋଯୋଗୀ, ଅଧ୍ୟ-ବସାୟୀ, ପ୍ରୟାସୀ । [-କ ।
Assign, *v.* ଦେବା, ନିୟୋଗ-ସ୍ଥିର-ନିରୂପଣ
Assignation, *s.* ନିୟୋଗ, ମୁକରର; ନିରୂ-ପଣ ; ନିୟମ ।
Assignee, *s.* ପ୍ରତିନିଧିରୂପେ ନିଯୁକ୍ତ ବ୍ୟକ୍ତି ।
Assignment, *s.* ନିୟୋଜନ ପତ୍ରକୁ ଅର୍ପଣ-କରଣ, ପ୍ରଦାନ ।
Assimilate, *v.* ତୁଲ୍ୟରୂପେ-ସଦୃଶ-ସମାନ-କ ।
Assist, *v.* ସାହାଯ୍ୟ ଉପକାର-କ; ସହାୟ-ହେ
Assistance, *s.* ସହାୟତା, ଆନୁକୂଲ୍ୟ ।
Assistant, *s.* ସହକାରୀ, ସହାୟ, ସାହାଯ୍ୟକର୍ତ୍ତା
Assize, *s.* ମୂଲ୍ୟ ନିରୂପଣ କରିବା ଆଇନ ; ବିଚାରର ନିରୂପିତ ସ୍ଥାନ, ଅଦାଲତର ବୈଠକ
Associate, *s.* ସଙ୍ଗୀ, ମିତ୍ର, ସଖା, ସାଥୀ ।—*v.* ବନ୍ଧୁତ୍ୱ-ଆଳାପ-ସଂଯୋଗ-କ ।
Association, *s.* ଐକ୍ୟ, ମେଳ ; ସମ୍ପ୍ରଦାୟ ।
Assort, *v.* ପୃଥକ୍-କ, ବାଛିବା, ସଜାଡିବା ।
Assortment, *s.* ବସ୍ତୁ ଦ୍ରବ୍ୟ ସବୁ ।
Assuage, *v.* ଶାନ୍ତ-ନରମ-ଦମନ-କମ-କ ।

Assume, *v.* ଗ୍ରହଣ-କ; ପ୍ରମାଣ ବିନା-କହି; ଅନୁମାନ-କ।
Assuming, *a.* ଗର୍ବୀ, ଅଭିମାନୀ।
Assumption, *s.* ଗ୍ରହଣ, ଅନୁଭବ, ଗର୍ବ।
Assurance, *s.* ଭରସା,ନିଶ୍ଚୟବୋଧ,ପ୍ରତ୍ୟୟ
Assure, *v.* ଦୃଢକରି-କହ,ଆଶ୍ୱାସ-ଭରସା-ଦେ
Assuredly, *ad.* ନିଶ୍ଚୟ,ଅବଶ୍ୟ,ନିତାନ୍ତରୂପେ
Asterisk, *s.* ଚିହ୍ନବିଶେଷ ଯଥା, *।
Astern, *ad.* ଜାହାଜର ପଶ୍ଚାଦ୍ ଭାଗରେ।
Asthma, *s.* ଶ୍ୱାସକାଶ, ହାମ୍ପାକାଶ।
Astigmatism, *n.* ଚକ୍ଷୁର ଯେଉଁ ଦୋଷରୁ ପଦାର୍ଥଟି ଠିକ ଓ ନିର୍ଦ୍ଦିଷ୍ଟରୂପେ ଦୃଷ୍ଟିଗୋଚର ନ ହୋଇ ଧବଳା ଦିଶେ, ଝଲକମସ।
Astonish, *v.* ଚମତ୍କାରିତ, ବିସ୍ମୟାପନ୍ନ-କ।
Astonishment, *s.* ଚମତ୍କାର ବା ଆଶ୍ଚର୍ଯ୍ୟବୋଧ
Astound, *v.* ଚମତ୍କୃତ-ହତବୁଦ୍ଧି-କ।
Astral, *a.* ନକ୍ଷତ୍ର ସମ୍ବନ୍ଧୀୟ।
Astray, *ad.* ପଥଭ୍ରମେ, କୁପଥେ, ଅବାଟରେ।
Astride, *ad.* ଘୋଡ଼ାପରେ ପାଦ ମେଲାଇ ବସିବା। [ଚକ।
Astringent, *a.* କଷାୟ; ଧାରକ, ସଙ୍କୋ-
Astrologer, *s.* ଗଣକ, ଜ୍ୟୋତିର୍ବେତ୍ତା।
Astrology, *s.* ଗଣିତବିଦ୍ୟା।
Astronomer, *s.* ଜ୍ୟୋତିର୍ବେତ୍ତା, ଜ୍ୟୋତିଷୀ।
Astronomy, *s.* ଜ୍ୟୋତିର୍ବିଦ୍ୟା,ଖଗୋଳବିଦ୍ୟା
Astute, *a.* ଧୂର୍ତ୍ତ, ଚତୁର; ତୀକ୍ଷ୍ଣ, ପ୍ରଖର।
Asunder, *ad.* ପୃଥକ୍‌ଭାବେ; ଭିନ୍ନ; କଟକ୍ତ।
Asylum, *s.* ଆଶ୍ରୟସ୍ଥାନ, ରକ୍ଷାସ୍ଥାନ, ଆଶ୍ରମ।
At, *pr.* ନିକଟରେ, କତିକ, ରେ, କୁ, କ, ପ୍ରତି, ଠାରେ।
Atheism, *s.* ନାସ୍ତିକତା, ଅନୀଶ୍ୱରବାଦ।
Atheist, *s.* ନାସ୍ତିକ, ଅନୀଶ୍ୱରବାଦୀ ଲୋକ।
Athirst, *a.* ତୃଷିତ, ଶୋଷଯୁକ୍ତ, ପିପାସିତ।
Athletic, *a.* ବଳବାନ୍, ବଳିଷ୍ଠ,ବ୍ୟାୟାମଶୀଳ
Athwart, *ad.* ଅଡ଼ାଅଡ଼ି, ବଙ୍କଭାବେ।
Atlas, *s.* ଦେଶର ମାନଚିତ୍ର ସମୂହ [ପଟଳ।
Atmosphere, *s.* ଆକାଶ, ଅନ୍ତରୀକ୍ଷ, ଶୂନ୍ୟ,
Atom, *s.* ପରମାଣୁ, କଣିକା, ଅଣୁ।
Atone, *v.* ମେଳ-ମିଳନ-ପ୍ରାୟଶ୍ଚିତ-କ।
Atonement, *s.* ପ୍ରାୟଶ୍ଚିତ୍ତ, ଦୋଷମାର୍ଜ୍ଜନା; ପୁନର୍ମିଳନ।
Atrocious, *a.* ଅତିଦୁଷ୍ଟ, ମହାଦୁରାତ୍ମା।
Atrocity, *s.* ମହାଅତ୍ୟାଚାର, ଅତିଦୋରାତ୍ମ୍ୟ
Atrophy, *s.* ମନ୍ଦାଗ୍ନି, ଅଜୀର୍ଣ୍ଣତା।
Attach, *v.* ଯୁକ୍ତ-ସଙ୍ଗୀ-ଅସକ୍ତ-କ୍ରୋକ-କ।
Attachment, *s.* ସ୍ନେହ, ଅନୁରାଗ; କ୍ରୋକ, ଅଟକ। [ଚଢ଼ାଉ-କ; ଦୋଷାରୋପ-କ।
Attack, *s.* ଆକ୍ରମଣ, ଚଢ଼ାଉ।—*v.* ଆକ୍ରମଣ-
Attain, *v.* ପ୍ରାପ୍ତ-ହେ, ଲାଭ-କ, ଉପସ୍ଥିତ-ହେ।
Attainable, *a.* ପ୍ରାପ୍ତବ୍ୟ, ଲଭ୍ୟ; ଗମ୍ୟ।
Attainder, *s.* ଅପଯଶ,କଳଙ୍କ;ଦୋଷପ୍ରମାଣ-କରଣ।
Attainment, *s.* ପ୍ରାପ୍ତି,ଲାଭ;ବ୍ୟୁତ୍ପତ୍ତି;ଗୁଣ।
Attaint, *v.* ଅପମାନ-ସକଳଙ୍କ-ଭ୍ରଷ୍ଟ-କ।
Attemper, *v.* ଦ୍ରବ-ନରମ-ଐକ୍ୟ-ମିଶ୍ର-କ।
Attempt, *s.* ଉଦ୍ୟୋଗ, ଚେଷ୍ଟା, ଉପକ୍ରମ।—*v.* ଉଦ୍ୟୋଗ-ଚେଷ୍ଟା-ଯତ୍ନ-ଉପକ୍ରମ-କ; ପ୍ରବୃତ୍ତ-ହେ।
Attend, *v.* ଅବଧାନ-ମନୋଯୋଗ-କ, ମାନିବା; ହାଜର-ହେ; ସଙ୍ଗରେ ଯିବା।
Attendance, *s.* ଉପସ୍ଥିତ, ହାଜର; ସେବା।
Attendant, *s.* ଦାସ, ସେବକ, ଚାକର;ସଙ୍ଗୀ ସହଚର।
Attention, *s.* ମନୋଯୋଗ; ଶିଷ୍ଟାଚାର।
Attentive, *a.* ମନୋଯୋଗୀ; ହୁସିଆର, ସତର୍କ, ଚାଳକ।

**Attenuate**, *v.* ସୂକ୍ଷ୍ମ-କ୍ଷୀଣ-ପାତଳ-କ । [-କ ।
**Attest**, *v.* ସାକ୍ଷ୍ୟ-ପ୍ରମାଣ-ଦେ; ସହି-ମୋହର
**Attestation**, *s.* ସାକ୍ଷ୍ୟ, ଦୃଢପ୍ରମାଣ; ସ୍ୱାକ୍ଷର, ଦସ୍ତଖତ ।
**Attic**, *a.* ଅଥେନ୍ସ ନଗର ସମ୍ବନ୍ଧୀୟ; ଉଚ୍ଚ, ଉତ୍ତମ । —*s.* ପ୍ରାସାଦର ସର୍ବୋପରିସ୍ଥ କୋଠରୀ ।
**Attire**, *s.* ଲୁଗା, ଆଭରଣ, ପରିଧେୟବସ୍ତ୍ର । —*v.* ପରିଚ୍ଛନ୍ନ-ପରିଧାନ-ଭୂଷଣ-କ ।
**Attitude**, *s.* ଆକାର, ସ୍ୱଭାବଭଙ୍ଗୀ, ଅବସ୍ଥା, ଢୌଲ ।
**Attorney**, *s.* ଉକିଲ, ପ୍ରତିନିଧି, ମୋକ୍ତାର ; Power of—ମୋକ୍ତାରନାମା ।
**Attract**, *v.* ଆକର୍ଷଣ-ମୋହିତ-କ, ଟାଣିବା ।
**Attraction**, *s.* ଆକର୍ଷଣ; ମନ ଆକର୍ଷଣ ।
**Attractive**, *a.* ଆକର୍ଷକ; ମନୋହର, ମୋହନୀୟ ।
**Attribute**, *s.* ଗୁଣ, ଉପାଧି ।—*v.* ଗୁଣାଦି ଅର୍ପଣ-କ, ଆରୋପ-କ ।
**Attrition**, *s.* ଘର୍ଷଣ, କ୍ଷୟ, ସଂମର୍ଦ୍ଦନ ।
**Attune**, *v.* ସ୍ୱରର ମେଳ-କ ।
**Auburn**, *a.* ତାମ୍ରବର୍ଣ୍ଣ ।
**Auction**, *s.* ନିଲାମ ।
**Auctioneer**, *s.* ନିଲାମକର୍ତ୍ତା ।
**Audacious**, *a.*, ନିର୍ଭୟ, ଦୁଃସାହସୀ, ନିର୍ଲଜ୍ଜ ।
**Audacity**, *s.* ଦୁଃସାହସ, ନିର୍ଭୟତା, ନିର୍ଲଜ୍ଜତା ।
**Audible**, *a.* ଶ୍ରାବ୍ୟ, ଶ୍ରବଣୀୟ ।
**Audience**, *s.* ଶ୍ରୋତୃବର୍ଗ; ଶ୍ରବଣ; ସାକ୍ଷାତ ।
**Audit**, *v.* ହିସାବ ମୁକାବିଲା-ଠିକ୍-କ ।
**Auditor**, *s.* ଶ୍ରୋତା; ହିସାବ ପରୀକ୍ଷକ ।
**Auger**, *s.* ବରଣି, ଭଅଁର ।
**Aught**, *s.* କୌଣସି, କିଛି ।
**Augment**, *v.* ବୃଦ୍ଧି-ବେଶୀ-ଅଧିକ-କ ।
**Augur**, *v.* ଲକ୍ଷଣ ଦ୍ୱାରା ଗଣନା-ଅନୁମାନ-କ ।
**August**, *s.* ଇଂରାଜୀ ବର୍ଷର ଅଷ୍ଟମ ମାସ ।—*a.* ମହତ୍, ଶ୍ରୀଯୁକ୍ତ, ସମ୍ଭ୍ରାନ୍ତ, ଗୌରବଯୁକ୍ତ ।
**Aunt**, *s.* ଖୁଡ଼ୀ; ମାଈଁ; ପିଉସୀ; ମାଉସୀ; ଜେଠାଈ ।
**Auricle**, *s.* କର୍ଣ୍ଣର ବାହ୍ୟଭାଗ; ହୃଦ୍‌ଯନ୍ତ୍ରକୋଷ
**Auricular**, *a.* କର୍ଣ୍ଣେକଥିତ, କାନକୁହା; ଶ୍ରବଣୀୟ; କର୍ଣ୍ଣାକୃତ ।
**Aurist**, *s.* କର୍ଣ୍ଣରୋଗ ଚିକିତ୍ସକ ।
**Aurora**, *s.* ପ୍ରଭାତ, ଅରୁଣୋଦୟ ।
**Auspice**, *s.* ଲକ୍ଷଣ, ଆଶ୍ରୟ, ପ୍ରଭାବ, ପ୍ରସାଦ ।
**Auspicious**, *a.* ଶୁଭ, ମଙ୍ଗଳସୂଚକ, କୁଶଳଯୁକ୍ତ ।
**Austere**, *a.* କଠିଣ, କଠୋର, କଟୁ ।
**Austerity**, *s.* କଠିନତା, କଟୁତା, କାର୍କଶ୍ୟ ।
**Austral**, *a.* ଦକ୍ଷିଣସ୍ଥ, ଦକ୍ଷିଣ ଦେଶୀୟ ।
**Authentic**, *a.* ସତ୍ୟ, ନିଶ୍ଚୟ, ଅକୃତ୍ରିମ ।
**Authenticate**, *v.* ପ୍ରମାଣ- ସାବ୍ୟସ୍ତ- ସା–ବୃତ-କ । [ଯାଥାର୍ଥ୍ୟ ।
**Authenticity**, *s.* ସାବ୍ୟସ୍ତତା, ଅକୃତ୍ରିମତା,
**Author**, *s.* ସୃଷ୍ଟିକର୍ତ୍ତା, ରଚକ, ଉତ୍ପାଦକ ।
**Authoritative**, *a.* କର୍ତ୍ତୃତ୍ୱଯୁକ୍ତ, ପ୍ରମାଣବିଶିଷ୍ଟ; ଦାମ୍ଭିକ ।
**Authority**, *s.* କର୍ତ୍ତୃତ୍ୱ, କ୍ଷମତା, ପ୍ରଭୁତ୍ୱ ।
**Authorize**, *v.* ଆଜ୍ଞା-କ୍ଷମତା-ସାମର୍ଥ୍ୟ-ଦେ ।
**Autocrat**, *s.* ସ୍ୱେଚ୍ଛାଚାରୀ ରାଜା ବା ଦେଶାଧିପତି ।
**Autograph**, *s.* ସ୍ୱାକ୍ଷର, ସ୍ୱହସ୍ତଲିପି ।
**Automaton**, *s.* ସ୍ୱତଃଚାଳିତ ଯନ୍ତ୍ର, ସଜୀବ ପରି ପ୍ରତିମା ।
**Autumn**, *s.* ଶରତ୍‌କାଳ । [ଉତ୍ତରସାଧକ ।
**Auxiliary**, *a.* ସହାୟତାକାରୀ, ଉପକାରୀ,
**Avail**, *v.* ଲାଭ-ସାହାଯ୍ୟ-ସଫଳ-କ । [ଜନକ ।
**Available**, *a.* କର୍ମଯୋଗ୍ୟ; ପ୍ରାପଣୀୟ; ହିତ-

Avarice, *s.* ଲୋଭ, ଲାଳସା, ଅତିଚ୍ଛା ।
Avaricious, *a.* ଲୋଭୀ, ଲାଳସୀ; ଅତିଚ୍ଛୁକ ।
Avast, *int.* ସ୍ଥିର ହୁଅ, ଥାଅ, ବନ୍ଦକର, ବସ ।
Avaunt, *int.* ଦୂର, ଦୂର ହୁଅ ।
Avenge, *v.* ପ୍ରତିଫଳ-ଦଣ୍ଡ-ଦେ; ପ୍ରତୀକାର-କ
Avenger, *s.* ପ୍ରତିଫଳଦାତା ।
Avenue, *s.* ବୃକ୍ଷଯୁକ୍ତପଥ, ବଟିଆବାଟ ।
Aver, *v.* ନିଶ୍ଚୟ,-ପ୍ରମାଣ-ସତ୍ୟ-କହ ।
Average, *s.* ଗଡ଼, ମୋଟ, ହରଦର ।
Averse, *a.* ଅନିଚ୍ଛୁକ, ଅସମ୍ମତ, ବିମୁଖ ।
Aversion, *s.* ଅରୁଚି, ଘୃଣା, ବୈରକ୍ତ୍ୟ ।
Avert, *v.* ଫେରାଇବା, ନିବାରଣ-ରକ୍ଷା-କ ।
Aviary, *s.* ପକ୍ଷାଗାର, ଚିଡ଼ିଆଖାନା ।
Avidity, *s.* ଅତିଚ୍ଛା, ଲାଳସା; ବ୍ୟଗ୍ରତା ।
Avocation, *s.* ବ୍ୟବସାୟ, ବ୍ୟାପାର ।
Avoid, *v.* ତ୍ୟାଗ-ଦୂର-ନିବାରଣ-କ, ଛାଡ଼ିବା ।
Avoidable, *a.* ତ୍ୟାଜ୍ୟ, ଏଡ଼ିବା ବା ଛାଡ଼ିବା-ଯୋଗ୍ୟ ।
Avouch, *v.* ପ୍ରମାଣ-ଦେ; ନିଶ୍ଚୟ-ରୂପେ-କହ ।
Avow, *v.* ପ୍ରତିଜ୍ଞା-ଅଙ୍ଗୀକାର-ପ୍ରକାଶ-କ ।
Avowal, *s.* ସ୍ୱୀକାର, ନିଶ୍ଚିତ ବଚନ ।
Avowedly, *ad.* ସ୍ୱୀକାର ପୂର୍ବକ; ବ୍ୟକ୍ତରୂପେ
Await, *v.* ଅପେକ୍ଷା- ଅନୁସେଧ-କ, ଆଶା-କରି-ର ।
Awake, Awaken, *v.* ଜାଗ୍ରତ-କ, ନିଦରୁ ଉଠାଇବା, ସଚେତ-କ ।—*a.* ଜାଗ୍ରତ, ସତର୍କ, ସଚେତ ।
Award, *s.* ବିଚାର, ନିଷ୍ପତ୍ତି, ପ୍ରତିଫଳ ।—*v.* ନିଷ୍ପତ୍ତି-ସମାଧାନ-ବିଚାର-କ ।
Aware, *a.* ସତର୍କ, ସଚେତ, ଜ୍ଞାତସାର, ଅବଗତ
Away, *ad.* ସ୍ଥାନାନ୍ତରେ, ଦୂରେ; ଅନବରତ ।
Awe, *s.* ଭୟ, ଶଙ୍କା, ଭକ୍ତିଭୟ, ସମ୍ଭ୍ରମ ।
Awful, *a.* ଭୟାନକ, ଭୟଙ୍କର; ସମ୍ଭ୍ରମଯୁକ୍ତ ।
Awhile, *ad.* କ୍ଷଣେକ, କିଛିକାଳ, କିଞ୍ଚିତ୍‌କାଳ ।
Awkward, *a.* କଦର୍ଯ୍ୟ, କୁତ୍ସିତ, ଅସଭ୍ୟ; ଅପଟୁ ।
Awl, *s.* ବଜଣି, ଭଅଁର ।
Awn, *s.* ଶସ୍ୟ ବା ଘାସର ଶୁଙ୍ଗ ।
Awning, *s.* ଚାନ୍ଦୁଆ, ଚନ୍ଦ୍ରାତପ ।
Awry, *ad.* ବକ୍ରଭାବେ, ତେଢ଼ାରୂପେ ।
Axe, *s.* କୁହ୍ରାଡ଼ି, କୁଠାର ।
Axiom, *s.* ସ୍ୱତଃସିଦ୍ଧ ସତ୍ୟ, ସିଦ୍ଧାନ୍ତ କଥା ।
Axis, *s.* ବସ୍ତୁର ମଧ୍ୟସ୍ଥଗତରେଖା ବା ମେରୁଦଣ୍ଡ
Axle, Axle-tree, *s.* ଅକ୍ଷ, ଚକର ଅଖ, ଅକ୍ଷଦଣ୍ଡ ।
Ay, Aye, *ad.* ହଁ, ହାଁ, ସତ୍ୟ, ଅବଶ୍ୟ ।
Ayah, *s.* ଅୟା, ଧାତ୍ରୀ, ଧାଈ ।
Aye, *ad.* ସଦାସର୍ବଦା ।
Azure, *a.* ଆକାଶବର୍ଣ୍ଣ, ନୀଳବର୍ଣ୍ଣ ।

## B.

B, ଇଂରାଜୀ ବର୍ଣ୍ଣମାଳାର ଦ୍ୱିତୀୟାକ୍ଷର ।
Baal, *s.* କଣାନ ଦେଶର ଦେବତା ।
Babble, *v.* ବକ୍‌ବକ୍‌-କ, ନିରର୍ଥକ କଥା-କହ ।
Babbler, *s.* ବକୁଆ, ଗଳ୍ପକର୍ତ୍ତା, ବାଚାଳ ।
Babe, Baby, *s.* ଶିଶୁ, ଦୁଗ୍ଧପୋଷ୍ୟ ବାଳକ ।
Babel, *s.* ଗୋଳମାଳ, ଗଣ୍ଡଗୋଳ, କୋଳାହଳ
Baboon, *s.* ଏକପ୍ରକାର ବଡ଼ ବାନର ।
Bacchanalian, *s.* ମଦୁଆଳ, ମଦ୍ୟପାୟୀ, ଲମ୍ପଟବ୍ୟକ୍ତି ।
Bachelor, *s.* ଅବିବାହିତ ପୁରୁଷ; ବିଦ୍ୟାଳୟରେ ପ୍ରଥମ ଉପାଧିପ୍ରାପ୍ତ ବ୍ୟକ୍ତି ।
Back, *s.* ପିଠି, ପୃଷ୍ଠ, ପଶ୍ଚାଦ୍ଭାଗ ।—*v.* ସାହାଯ୍ୟ-କ; ହଟିବା, ପଛରେଯିବା, ପଛାଇବା ।—*ad.* ଲେଉଟି, ବାହୁଡ଼ି ।
Backbite, *v.* ଶଠ-ଚୁଗୁଲି-ଗ୍ଲାନି-କହ; ଅସାକ୍ଷାତରେ ନିନ୍ଦା-କ ।

Back-door, *s.* ଖିଡକିଦ୍ୱାର, ମଫସଲଦ୍ୱାର ।
Backside, *s.* ପିଠି, ପଶ୍ଚାଦ୍ଦେଶ, ନିତମ୍ବ ।
Backslide, *v.* ଧର୍ମତ୍ୟାଗ-କ; ପିଛଲିପଡିବା;
Backward, *a.* ଅନିଚ୍ଛୁକ, ଅସମ୍ମତ; ଅପୁଷ୍ଟ, ଅଳସ ।
Backwards, *ad.* ପଛକେ, ପଶ୍ଚାତରେ ।
Bacon, *s.* ଘୁଷୁରିର ଶୁଷ୍କମାଂସ ।
Bad, *a.* ମନ୍ଦ, ଦୁଷ୍ଟ, ଅଧମ ।
Badge, *s.* ନିଶାଣ, ଚିହ୍ନ, ମୁଦ୍ରା ।
Badger, *s.* ପଶୁବିଶେଷ ।
Badly, *ad.* ମନ୍ଦ ବା ଅଶୁଦ୍ଧରୂପେ ।
Baffle, *v.* ବ୍ୟର୍ଥ-ବୃଥା-ନିଷ୍ଫଳ-କ ।
Bag, *s.* ଥଳୀ, ମୁଣି, ଅଖା ।—*v.* ଥଳୀରେ ପୁରାଇବା ।
Bagatelle, *s.* କ୍ଷୁଦ୍ର ବିଷୟ; ଖେଳା ବିଶେଷ ।
Baggage, *s.* ପଥ ଚାଲିବାର ଦ୍ରବ୍ୟାଦି, ଚିଜବସ୍ତୁ, ଅସବାବ ।
Bagnio, *s.* ସ୍ନାନାଗାର; ବେଶ୍ୟାଳୟ ।
Bagpipe, *s.* ତୂରୀବିଶେଷ ।
Bail, *s.* ଜାମୀନ, ହାଜରଜାମୀନ ।—*v.* ଜାମୀନ-ପ୍ରତିଭୂ-ହେ ।
Bailiff, *s.* ନାଜର; ଦଣ୍ଡନାୟକ, କଟୁଆଳ ।
Bairn, *s.* ବାଳକ । [ଟୋପ-ଚାରା-ଦେ ।
Bait, *s.* ଟୋପ; ପରୀକ୍ଷା; ପଥଖାଦ୍ୟ ।—*v.*
Baize, *s.* ମୋଟ ବନାତ ବା ପଶମୀ ଲୁଗା ।
Bake, *v.* ଅଗ୍ନିରେ ପାକ-କ, ସେକିବା ।
Baker, *s.* ରୋଟିଉଆଳା ।
Balance, *s.* ବାକି, ଫାଜିଲ; ନିକ୍ତି, ତରାଜୁ । —*v.* ତୌଲ-ଜମାଖରଚ-କ ।
Balcony, *s.* ବରଣ୍ଡା, ଝୁଲାଲ ।
Bald, *a.* କେଶହୀନ, ଲଣ୍ଡା, ଟାଙ୍ଗରା; ଅଭୂଷିତ ।
Balderdash, *s.* ଅନର୍ଥବାକ୍ୟ; ପ୍ରଲାପ ।
Bale, *s.* ବସ୍ତା; ଦୁଃଖ ।—*v.* ଜଳ ବାହିବା ।
Baleful, *a.* ଶୋକଜନକ, ଅନିଷ୍ଟକାରୀ ।
Balk, Baulk, *s.* ନିରାଶ, ଫାଙ୍କି; ବଡକାଠ ।
—*v.* ନିରାଶ-ପ୍ରତିବନ୍ଧ-ନିବାରଣ-କ ।
Ball, *s.* ଗୁଳି, ଗେଣ୍ଡୁ, ନାଟ୍ୟ ।
Ballad, *s.* ଗୀତବିଶେଷ, କବିତା ।
Ballast, *s.* ଜାହାଜକୁ ସ୍ଥିର ରଖିବାର ବୋଝ ।
Balloon, *s.* ବେଲୁନ, ବ୍ୟୋମଯାନ ।
Ballot, *s.* ଗୁଳିବାଣ୍ଟ । [ରସ ।
Balm, *s.* ଉପଶମକାରୀ ଔଷଧ, ବୃକ୍ଷବିଶେଷର
Balmy, *a.* ଶାନ୍ତିଦାୟକ, ସୁବାସିତ, ନରମ ।
Balsam, *s.* ମଲମ, ଉପଶମକାରୀ ଔଷଧ ।
Balustrade, *s.* ଗରାଦିଆ, ଲୋହାଦି ନିର୍ମିତ
Bamboo, *s.* ବାଉଁଶ, ବେଣୁ । [ବାଡ
Bamboozle, *v.* ପ୍ରବଞ୍ଚନା-କ, ଭୁଲାଇବା ।
Ban, *s.* ଅଭିଶାପ, ଦୁର୍ନାମ; ବିଜ୍ଞାପନ ।
Band, *s.* ବନ୍ଧନ; ଦଳ; ବାଦ୍ୟକର ଦଳ ।
Bandage, *s.* ପଟିବନ୍ଧନୀ; ବନ୍ଧନ ।
Bandbox, *s.* ଛୋଟ ପେଡିବିଶେଷ । [ଅସ ।
Banditti, *s.* ଡକାଇତର ଦଳ, ଚୋର, ଲୁଟି-
Bandy, *s.* ଗେଣ୍ଡୁ ମାରିବାର ବଙ୍କାବାଡି ।—*v.* କୌତୁକରେ ବିବାଦ କ ।
Bandy-legged, *a.* ବଙ୍କା ଗୋଡିଆ ।
Bane, *s.* ବିଷ; ବିନାଶ, ଅପକାର ।
Baneful, *a.* ବିଷଯୁକ୍ତ; ନାଶକ, ହାନିଜନକ ।
Bang, *s.* ଆଘାତ; ଘୁଷାଘୁଷି ।—*v.* ମାରିବା, ପିଟିବା, ଆଘାତ-କ ।
Banish, *v.* ଦେଶାନ୍ତର-କ, ଦୂର ବା ତ୍ୟାଗ କରାଇବା ।
Banishment, *s.* ଦେଶତ୍ୟାଗ, ଦେଶାନ୍ତରକରଣ ।
Bank, *s.* ମହାଜନର କୋଠି; ଧନ ଭଣ୍ଡାର; ଜମାଘର; ମୁଡକାର ସଣି ।—*v.* ବନ୍ଧ ପକାଇବା; ଭଣ୍ଡାରରେ ଧନ ରଖିବା ।

Banker, *s.* ପୋଦ୍ଦାର, ବଣିଆ, ବଣିକ, ମହାଜନ । [ସର୍ବସ୍ୱ ।

Bankrupt, *s.* ଦେବାଳିଆ, ଦସ୍ୱାଳିଆ, ହୃତ-

Bankruptcy, *s.* ଦେବାଳିଆ, ଅବସ୍ଥା ।

Banner, *s.* ଚିହ୍ନପତାକା, ଧ୍ୱଜା, ନିଶାଣ, ବାନା ।

Banquet, *s.* ଭୋଜ, ବଡଖାନା, ମହାଭୋଜ, ମହୋତ୍ସବ ।

Banter, *s.* ପରିହାସ, ଥଟ୍ଟା, ବ୍ୟଙ୍ଗ ।—*v.* ପରିହାସ-ବଦ୍ରୂପ-ବ୍ୟଙ୍ଗ-କ । [ଚିହ୍ନ ।

Baptism, *s.* ଡୁବନ, ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ।

Baptist, *s.* ଡୁବକ; ଡୁବନ ମତାବଲମ୍ବୀ ।

Baptistery, *s.* ଡୁବନ କୁଣ୍ଡ ।

Baptize, *v.* ଡୁବନ-ଦେ, ଡୁବାଇବା ।

Bar, *s.* କୁଡ଼ିକା, ଅର୍ଗଳ; ବାଧା, ବନ୍ଦ ।—*v.* ରୁନ୍ଧ-କ, କିଲି-ଦେ, ଅଟକ-କ ।

Barb, *s.* ଦାଢ଼ି, ବଳଶୀ କଣ୍ଟା ବା ତୀରର ମୁନ ।

Barbarian, *s.* ମ୍ଲେଚ୍ଛ, ଅସଭ୍ୟ ବା ବନ୍ୟ ବ୍ୟକ୍ତି, ନିର୍ଦ୍ଦୟ ଲୋକ ।

Barbarism, *s.* ଅସଭ୍ୟତା, ମ୍ଲେଚ୍ଛତା ।

Barbarity, *s.* ନିଷ୍ଠୁରତା, କ୍ରୂରତା ।

Barbarous, *a.* ନିଷ୍ଠୁର, ନିର୍ଦ୍ଦୟ, ମୂର୍ଖ, ଅସଭ୍ୟ ।

Barber, *s.* ଭଣ୍ଡାରି, ନାପିତ, ନାଇକ ।

Bard, *s.* କବି, କାବ୍ୟକର୍ତ୍ତା; ଭାଟ ।

Bare, *a.* ଲଙ୍ଗଳା, ଉଲଙ୍ଗ, ଲୁଚ୍ଛା, ଅରକ୍ଷିତ ।

Barefaced, *a.* ନିର୍ଲଜ୍ଜ, ବେହିଆ, ବେସରମ ।

Barefoot, *ad.* ବିନାପାଦୁକାରେ, ଖାଲି ଗୋଡରେ, ଯୋତାରହିତ ।

Barely, *ad.* ଅନାବୃତରୂପେ, ପ୍ରାୟ ନାହିଁ, କଷ୍ଟରୂପେ, କେବଳ ।

Bargain, *s.* କରାର, ନିୟମ; ଦର, ମୂଲ୍ୟ, କସର

Barge, *s.* ବଜରା, ଯୁପ, ବଡ଼ ନୌକା ।

Bark, *s.* ବକଳ, ଛାଲ; କୁକୁରଭୁକାଶବ୍ଦ । —*v.* ଭୁକିବା; ବକଳ କାଢ଼ିବା ।

Barley, *s.* ଯବ, ଯବଧାନ୍ୟ ଶସ୍ୟବିଶେଷ ।

Barm, *s.* ମଦ୍ୟଫେଣ, ସୁରାମଣ୍ଡ, ମାଣ୍ଡ ।

Barn, *s.* ଗୋଲାଘର, ଖମାର ଅମାର ।

Barnacle, *s.* ପାହାଡ଼ ବା ଜାହାଜ ତଳାରେ ଲାଗିରହୁଥିବା ଏକପ୍ରକାର ଶାମୁକା ।

Barometer, *s.* ବୃଷ୍ଟ୍ୟାଦିବୋଧକଯନ୍ତ୍ର ।

Baron, *s.* ଉପାଧିବିଶେଷ ।

Baronet, *s.* କୁଳୀନ ଲୋକ ବିଶେଷ ।

Barque, Bark, *s.* କ୍ଷୁଦ୍ର ଜାହାଜ ।

Barrack, *s.* ସୈନ୍ୟଗୃହ, ସୈନ୍ୟଶାଳା ।

Barrage, *s.* ଅଟକ; ବାଧା, ପ୍ରତିବନ୍ଧକ; ବାନ୍ଧ ।

Barrel, *s.* ପିପା; ବନ୍ଧୁକ ନଳୀ ବା ଚୁଙ୍ଗୀ ।

Barren, *a.* ବାଞ୍ଝ, ବନ୍ଧ୍ୟା; ମରୁ, ଅଫଳା ।

Barricade, *s.* ଗଡବନ୍ଦ, ଅବରୋଧ ।—*v.* ରୁନ୍ଧ-କ, ଅବରୋଧ-କ ।

Barrier, *s.* ବ୍ୟବଧାନ, ଅଟକ, ସୀମା, ବେଢ଼ା ।

Barrister, *s.* ପ୍ରଧାନ ଉକିଲ ବିଶେଷ ।

Barrow, *s.* ହସ୍ତଚାଳିତ କ୍ଷୁଦ୍ର ଶକଟ; କବର-ମୃତ୍ତିକାର ପାହି ।

Barter, *s.* ବିନିମୟ, ଆଦାନପ୍ରଦାନ, ଅଦଳ-ବଦଳ ।—*v.* ବିନିମୟ-ପ୍ରତିଦାନ-ବଦଳାବଦଳି-କ ।

Base, *s.* ମୂଳ, ବୁନିୟାଦ, ପୋତା, ତଳ ।—*a.* ଅଧମ, ହେୟ, ନୀଚ, ପାଜି ।

Baseborn, *a.* ଜାରଜ, ବଜାତ; ନୀଚକୁଳଜ ।

Baseless, *a.* ଅମୂଳକ, ମୂଳରହିତ; ପୋତାଶୂନ୍ୟ ।

Bashful, *a.* ଲଜ୍ଜକ, ଲଜ୍ଜାଶୀଳ, ମୁଖଚୋରା ।

Basilisk, *s.* କାଳ୍ପନିକ ସର୍ପ, ସର୍ପବିଶେଷ ।

Basin, *s.* ବଡ଼ ବାଟି, କଟୋରା, ପାତ୍ର, ଚିଲମଚି ।

Basis, *s.* ମୂଳ, ପୋତା, ଆଧାର, ଚେର, ବୁନିୟାଦ ।

Bask, *v.* ଖରା ବା ନିଆଁ ପୋଇଁବା ।

Basket, *s.* ଟୋକେଇ, ଝୁଡ଼ି, ଚଙ୍ଗୁଡ଼ି, ଡାଲା ।

Bass, *s.* ବାଦ୍ୟ ଯନ୍ତ୍ରର ବମ, ଗଳାର ସ୍ୱର । ।
Bastard, *s.* ଜାରଜ, ଗୋଲକ, ବଜନ୍ମା; କୁଣ୍ଡ; ମଦ୍ୟବିଶେଷ ।
Baste, *v.* ଦଣ୍ଡାଘାତ-କ; କବାବରେ ଘିଅ ଲଗାଇବା; ଟାଙ୍କା ହିଆଇ-କ ।
Bastile, *s.* ଫ୍ରାନ୍ସ ଦେଶର ପ୍ରାଚୀନ କାରାଗାର ।
Bastinado, *v.* ପାଦତଳେ ମାରିବା, ବାଡ଼ିରେ ପ୍ରହାର-କ ।
Bastion, *s.* ଗଡବନ୍ଦ, ବୁରୁଜ, ଗଡ ବାହାରେ ମାଟିର ଢିପି ।
Bat, *s.* ଚିମ୍ପୁଡ଼ିଆ, ବାଦୁଡ଼ି; ଖେଳ୍ଲ ଖେଳର ଡାଣ୍ଡି ।
Batch, *s.* ଏକାବେଳେ ଯେତେ ସେଠା ପକ୍ୱ ହୁଏ, ଏକକ୍ଷେପ ।
Bate, *v.* ନ୍ୟୂନ-ଅଳ୍ପ-କ, ମୂଲ୍ୟ କମି-କ ।
Bathe, *v.* ସ୍ନାନ-ଗୋଶଲ-ଧୌତ-କ, ପାଧୋଇବା ।
Bathroom, *s.* ସ୍ନାନଶାଳା, ଗୋଶଲଖାନା ।
Baton, *s.* ପଦର ଚିହ୍ନ; ଯଷ୍ଟି ବିଶେଷ ।
Battalion, *s.* ସୈନ୍ୟରଦଳ, ପଲଟନ, ବାହିନୀ ।
Batten, *v.* ମୋଟ-ପୁଷ୍ଟ-ହେ; ଉର୍ବରା-କ ।
Batter, *s.* ଦୁଗ୍ଧ ମଇଦା ମିଶ୍ରିତ ଦ୍ରବ୍ୟ ।
Batter, *v.* ଅଘାତ ଦ୍ୱାରା ଭାଙ୍ଗିବା, ମାରିବା ।
Battery, *s.* କମାଣଶ୍ରେଣୀ, କମାଣ ରଖିବାର ସ୍ଥାନ; ତଡାଭ, ମାରପିଟ ।
Battle, *s.* ଯୁଦ୍ଧ, ସଂଗ୍ରାମ, ସମର, ଲଢାଇ ।
Battledore, *s.* ବାଳକର ଖେଳନା ବିଶେଷ ।
Battlement, *s.* ଦୁର୍ଗର ଉଚ୍ଚ ପାଚେରୀ ।
Bauble, *s.* ଖେଳନା, ଫଙ୍ଗମଣି ବା ତୁଚ୍ଛ ଦ୍ରବ୍ୟ ।
Bawd, *s.* କୁଟ୍ଟିନୀ, କୁଟ୍ଟନୀ, ସମ୍ଭଳୀ ।
Bawl, *v.* ଡାକ ପକାଇବା, ଚିତ୍କାର ଶବ୍ଦ-କ ।
Bay, *s.* ସାଗରର ଖାଲ; ବୃକ୍ଷ ବିଶେଷ ।—*a.* ପିଙ୍ଗଳବର୍ଣ୍ଣ, ରକ୍ତବର୍ଣ୍ଣ ।—*v.* କୁକୁରର ପ୍ରାୟ ଗାଉ-କ ।

Bayonet, *s.* ସଙ୍ଗୀନ, ବନ୍ଧୁକର ମସ୍ତକସ୍ଥିତ ଛୁରିକା
Bazaar, *s.* ବଜାର, ହାଟ ।
Be, *v.* ହେଉ, ଥାଅ; ଭୂ ବା ଅସ୍ ଧାତୁ—To be, ହେବା ।
Beach, *s.* ସମୁଦ୍ରର ସମାନ ତଟ, ଗାର, କୂଳ ।
Beacon, *s.* ପଥଚିହ୍ନ, ଲକ୍ଷଣ, ନିଶାଣୀ ।
Beadle, *s.* ପ୍ରହରୀ, ଦୂତ, ପିଅାଦା ବିଶେଷ ।
Beads, *s.* ମାଳାର ଗୁଡ଼ିକା, ମାଳା, ଜପମାଳା ।
Beak, *s.* ଚଞ୍ଚୁ, ଥଣ୍ଟ, ଥୋଣ୍ଟ, ଉପମନ୍ତ୍ରମଧ୍ୟ । ।
Beam, *s.* କଡ଼ିକାଠ, ଅଡ଼କାଠ; କିରଣ ।—*v.* କିରଣ ପ୍ରକାଶ-କ, ଅରୁଣୋଦୟ ବା ଆବିର୍ଭୂତ ହେ ।
Bean, *s.* ଶିମ, ଶିମ୍ବୀ, ଫଳବିଶେଷ ।
Bear, *s.* ଭାଲୁ, ଭଲ୍ଲୁକ, ଋକ୍ଷ ।
Bear, *v.* ବହିବା; ସହ୍ୟ-କ; ଫଳବନ୍ତ-ହେ; ପ୍ରସବ-କ; ମନେ ରଖିବା ।
Beard, *s.* ଦାଢ଼ି, ଜଣ, ଶ୍ମଶ୍ରୁ, ଗୋଫ ।
Bearer, *s.* ବାହକ, ଧାବକ; ଦୂତ, ବେହେରା ।
Bearing, *s.* ଅବସ୍ଥିତ; ଭାବ, ଚାଲି, ଗତି ।
Beast, *s.* ପଶୁ, ଜନ୍ତୁ, ଜାନ୍ୱର; ନିର୍ଦ୍ଦୟ ବ୍ୟକ୍ତି ।
Beastly, *a.* ପଶୁବତ୍, କୁତ୍ସିତ, ଘୃଣ୍ୟ ।
Beat, *v.* ପ୍ରହାର-ପରାଜୟ-କ, ପିଟିବା ।
Beatific, *a.* ସ୍ୱର୍ଗୀୟ, ଧନ୍ୟ, ମଙ୍ଗଳଦାୟକ ।
Beatification, *s.* ସ୍ୱର୍ଗୀୟସୁଖଗତି, ମୋକ୍ଷପ୍ରାପ୍ତି ।
Beating, *s.* ପ୍ରହାର, ମାରପିଟ, ମରାମରି ।
Beatitude, *s.* ସ୍ୱର୍ଗସୁଖଭୋଗ, ଅନନ୍ଦ, ପରମସୁଖ
Beau, *s.* ବସ୍ତ୍ରବିଳାସୀ, ଫୁଲବାବୁ, ଶୁଶ୍ରୋଷାକାଙ୍କ୍ଷୀ ।
Beauteous, *a.* ସୁନ୍ଦର, ସୁନ୍ଦର, ସୁରୂପ, ମନୋହର । [କୋରମ ।
Beautiful, *a.* ସୁନ୍ଦର, ସୁଶ୍ରୀ, ସୁଦୃଶ୍ୟ, ମ-
Beautifully, *ad.* ସୁନ୍ଦରରୂପେ, ଉତ୍ତମରୂପେ

Beautify, *v.* ସୁଶ୍ରୀ-ସୁନ୍ଦର-ଅଲଙ୍କୃତ-କ ।
Beauty, *s.* ସୌନ୍ଦର୍ଯ୍ୟ,ଶୋଭା: ଶ୍ରୀଯୁକ୍ତଲୋକ ।
Beaver, *s.* ଉଭଚର ପଶୁ ବିଶେଷ ।
Becalm, *v.* ଶାନ୍ତ-ସୁସ୍ଥିର-ବେଗରହିତ-କ ।
Because, *c.* ଯେହେତୁ, କାରଣ, ତେଣୁ ।
Beckon, *v.* ଇଙ୍ଗିତ-ଠାର-ଇସାର-କ ।
Becloud, *v.* ମେଘାଚ୍ଛାଦନ-ଅନ୍ଧକାର-କ । [-ଦେ ।
Become, *v.* ହେବା ; ଉପଯୁକ୍ତ-ହେ, ଶୋଭା
Becoming, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ ।
Bed, *s.* ଶଯ୍ୟା, ବିଛଣା; କିଆରି;ନଦୀର ତଳ ।
— *v.* ଶଯ୍ୟାଗତ-କ; ରୋପଣ-କ ।
Bedaub, *v.* ଲେପନ-କ, ମାଖିବା, ମାଲିସ-କ ।
Bedding, *s.* ଶଯ୍ୟା, ତଳ୍ପ, ବିଛଣା ।
Bedeck, *v.* ଭୂଷିତ-ଅଲଙ୍କୃତ-କ । [-କ ।
Bedew, *v.* ଶିଶିରରେ ଭିଜାଇବା ବା ଓଦା
Bedizen, *v.* ଅଯଥାରୂପେ ଭୂଷିତ-କ ।
Bedlam, *s.* ବାତୁଳାଗାର, ପାଗଳଘର ।
Bedridden, *a.* ରୋଗୀର ଶଯ୍ୟାଗତ, ପୀଡିତ; ପଡ଼ ବୃଦ୍ଧ । [ନିଦ୍ରାଳୟ ।
Bedroom, *s.* ଶୟନାଗାର,ଶୋଇବାକୋଠରୀ,
Bedstead, *s.* ଖଟ, ପର୍ଯ୍ୟଙ୍କ, ପଲଙ୍କ ।
Bedtime, *s.* ଶୟନକାଳ ।
Bee, *s.* ମହୁମାଛି, ମଧୁମକ୍ଷିକା, ଭ୍ରମର ।
Beef, *s.* ଗୋମାଂସ, ଗୋରୁର ମାଂସ ।
Beehive, *s.* ମହୁମାଛିର ପାଳନାଗାର, ମହୁଫେଣା ।
Beer, *s.* ଯବ ନିର୍ମିତ ମଦ୍ୟ, ବାର୍ ଶରବ ।
Beet, *s.* ପାଲଙ୍ଗଶାକ;-root, ଚକୁନ୍ଦର ।
Beetle, *s.* ଗୋବରିଆପୋକ, ରୋମଯୁକ୍ତକୀଟ ।
Befall, *v.* ଘଟିବା, ପଡ଼ିବା, ଉପସ୍ଥିତ-ହେ ।
Befit, *v.* ଖଟିବା, ଉପଯୁକ୍ତ-ସଙ୍ଗତ-ହେ ।
Before, *pr.* ଆଗେ, ସମ୍ମୁଖେ, ସାକ୍ଷାତେ ।
—*ad.* ଗତକାଳେ, ପୂର୍ବେ ।

Beforehand, *ad.* ଆଗରୁ, ପ୍ରଥମେ, ପୂର୍ବେ ।
Befriend, *v.* ଉପକାର-ମିତ୍ରତା-ସହାୟତା-କ
Beg, *s.* ଭିକ୍ଷା-ଯାଚଞ୍ଚା-ପ୍ରାର୍ଥନା-କ, ମାଗିବା ।
Beget, *v.* ଜନ୍ମାଇବା, ଜନ୍ମ-ଦେ, ଉତ୍ପନ୍ନ-କ ।
Beggar, *s.* ଭିକ୍ଷୁକ, ଯାଚକ,ଭିଖାରି, ଫକୀର ।
Beggarly, *a.* ନୀଚ, ଦରିଦ୍ର, ହେୟ; କୃପଣ ।
Beggary, *s.* ଦରିଦ୍ରତା, ଭିକ୍ଷୁକତା, ଦୈନ୍ୟ ।
Begin, *v.* ଆରମ୍ଭ-ଉପକ୍ରମ-କ, ଲାଗିବା ।
Beginning, *s.* ଆରମ୍ଭ, ଉପକ୍ରମ, ଆଦି,ପ୍ରଥମ ।
Begird, *v.* ପଟୀବନ୍ଧାଇବା, ବେଷ୍ଟନପୂର୍ବକବନ୍ଧନ-କ
Begone, *int.* ଦୂରହ, ଯାଅ, ଦୂର ହୁଅ ।
Begrime, *v.* ମଳିନ-ଅଶୁଚି-କ ।
Begrudge, *v.* ଦ୍ୱେଷ-ଈର୍ଷା-କ ।
Beguile, *v.* ପ୍ରତାରଣା-ପ୍ରବଞ୍ଚନା-କ,ଭୁଲାଇ-
Behalf, *s.* ସପକ୍ଷ; କାରଣ, ହେତୁ, । [ବା
Behave, *v.* ଆଚରଣ-ବ୍ୟବହାର-କ । [ସ୍ୱଭାବ ।
Behaviour, *s.* ଆଚରଣ,ଚଳଣ,ବ୍ୟବହାର;
Behead, *v.* ମସ୍ତକ ଛେଦନ-କ,ମୁଣ୍ଡ କାଟିବା ।
Behest, *s.* ଆଜ୍ଞା, ଆଦେଶ, ଶିକ୍ଷା, ଉପଦେଶ ।
Behind, *pr.* ପଶ୍ଚାତ୍, ପଛେ, ପଶ୍ଚାତେ ।
Behindhand, *ad.* ପଶ୍ଚାତ୍‌ପଡ଼ିବାପୂର୍ବକ, ବିଲମ୍ବରେ ।
Behold, *v.* ଚାହିଁବା, ଦେଖିବା, ଦୃଷ୍ଟି-ନିରୀକ୍ଷଣ-କ ।
Beholden, *a.* ଅନୁଗ୍ରହ ଦ୍ୱାରା ବାଧିତ, ପ୍ରାପ୍ତୋପକାର ଦ୍ୱାରା ବଦ୍ଧ ।
Behoof, *n.* ପ୍ରାପ୍ତି, ଲାଭ, ଫଳ; ନିମିତ୍ତ ।
Behove, *v.* ଯୋଗ୍ୟ-ଉପଯୁକ୍ତ-ହେ ।
Being, *s.* ସ୍ଥିତି; ପ୍ରାଣୀ, ବ୍ୟକ୍ତି, ଜୀବ ।
Belabour, *v.* ପ୍ରହାର-ମାରପିଟ-କ ।
Belated, *a.* ବିଲମ୍ବୀକୃତ;ଅନ୍ଧକାରରେ ମଗ୍ନ ।
Belch, *v.* ଢେକୁଟି ମାରିବା, ଉଦ୍ଗାର-କ ।
Beldam, *s.* ବୁଢୀ, କଲହୀ ସ୍ତ୍ରୀ; ଡାଆଣୀ ।

Beleaguer, *v.* ଅବରୋଧ ବେଷ୍ଟନ-କ,ଘେର-[ବା ।
Belfry, *s.* ଘଣ୍ଟାଘର, ଘଣ୍ଟାଗାର ।
Belial, *s.* ଭୂତାତ୍ମା, ଶଇତାନ ।
Belie, *v.* ଛଦ୍ମବେଶ-କ, ମିଥ୍ୟା କହ ।
Belief, *s.* ପ୍ରତ୍ୟୟ, ବିଶ୍ୱାସ; ଶ୍ରଦ୍ଧା; ଧର୍ମ, ମତ ।
Believe, *v.* ପ୍ରତ୍ୟୟ-ବିଶ୍ୱାସ-କ,ସତ୍ୟ ମଣିବା ।
Belike, *ad.* ପ୍ରାୟ, ହୋଇପାରେ ।
Bell, *s.* ଘଣ୍ଟା, ଘୁଙ୍ଗୁର ; -metal, କଂସା ।
Belle, *s.* ସୁନ୍ଦରୀ ସୁବେଶା, ସୁବେଶା ସ୍ତ୍ରୀ ।
Belles-lettres, *s.* ଅଳଙ୍କାର ବିଦ୍ୟା ।
Bell-founder, *s.* ଘଣ୍ଟା ବନାଇବା ବ୍ୟକ୍ତି ।
Belligerent, *a.* ଯୁଦ୍ଧକାରୀ, ରଣଶୀଳ ।
Bellow, *v.* ବୃଷ ବା ଷଣ୍ଢ ପ୍ରାୟ ଗର୍ଜ୍ଜନ-କ ।
Bellows, *s.* ଭସ୍ତ୍ର, ଯନ୍ତ୍ର, ଭସ୍ତ୍ରା ।
Belly, *s.* ଉଦର, ପେଟ, ଜଠର ।
Belly-band, *s.* ଘୋଡା ପେଟୀ, ଜେରବନ୍ଦ ।
Belong, *v.* ସମ୍ବନ୍ଧୀୟ-ସ୍ୱାଧିକାର ଭୁକ୍ତ-ହେ ।
Belongings, *s.* ଗୁଣ; ସମ୍ପତ୍ତି ।
Beloved, *a.* ପ୍ରିୟ, ବଲ୍ଲଭ, ଇଷ୍ଟ, ସ୍ନେହପାତ୍ର ।
Below, *pr.* ତଳେ, ତଳେ, ଅଧଃସ୍ଥ ।
Belt, *s.* କଟିବନ୍ଧ, ପଟୁକା କମରବନ୍ଦ ।
Bemoan, *v.* ବିଳାପ-ଶୋକ-ବେଦନ-କ ।
Bench, *s.* କାଷ୍ଠାସନ, ପିଢା, ବିଚାରାସନ ।
Bend, *v.* ନୁଆଁଇବା, ବଙ୍କ-ନତ-କ,ବଙ୍କା-ହେ ।
Beneath, *pr.* ତଳେ, ଅଧଃ, ତଳେ; ଅଯୋଗ୍ୟ
Benediction, *s.* ଆଶୀର୍ବାଦ, କଲ୍ୟାଣ, ଧନ୍ୟବାଦ, ଆଶିଷ ।
Benefaction, *s.* ଦାନ, ପ୍ରସାଦ, ଉପକାର ।
Benefactor, *s.* ହିତକାରକ, ଉପକାରୀ, ଦାତା
Benefice, *s.* ଧର୍ମୋପଦେଶକର ବୃତ୍ତି, ଉପକାର । [ଗ୍ରହ, କୃପା ।
Beneficence, *s.* ଦାତୃତ୍ୱ, ବଦାନ୍ୟତା,ଅନୁ-
Beneficent, *a.* ହିତକାରୀ, ଉପକାରୀ,ଦାତା ।
Beneficial, *a.* ହିତଜନକ, ଫଳଦାୟକ, କର୍ମଣ୍ୟ ।
Benefit, *a.* ହିତ, ଉପକାର, ମଙ୍ଗଳ, ଲାଭ ।
Benevolence, *s.* ପରହିତେଚ୍ଛା ; ଦାନଶୀଳତା, ଦାନ, ଦୟା । [ଶୀଳ ।
Benevolent, *a.* ଦୟାଳୁ, ହିତୈଷୀ, ଦାନ-
Benighted, *a.* ଅନ୍ଧକାରରେ ମଗ୍ନ, ପାର-ମାର୍ଥିକ ଜ୍ଞାନଶୂନ୍ୟ, ଅଜ୍ଞାନ ।
Bengal, *s.* ବଙ୍ଗଦେଶ ।
Bengali, *a.* ବଙ୍ଗାଳୀ ।
Benign, Benignant, *a.* ଅନୁଗ୍ରହଶୀଳ, କୃପାଳୁ, ହିତକାରୀ । [ଅନୁଗ୍ରହ ।
Benignity, *s.* ମୃଦୁତା, କୃପା, ଦୟା, କରୁଣା,
Bent, *a.* ବକ୍ର, ବଙ୍କା ।—*s.* ଭାବ, ଇଚ୍ଛା ;ସ୍ୱଭ ।
Benumb, *v.* ଜଡ-ଅବଶ-ହିମସ୍ତବ୍ଧ-କ ।
Benzoin, *s.* ଧୂପ, କୁନ୍ଦୁରୁ, ଲୋବାନ ।
Bequeath, *s.* ମରଣକାଳରେ ଦାନପତ୍ର ଦ୍ୱାରା ଦାନ-କ । [ଦ୍ୱାରା ଦତ୍ତ ଧନ ।
Bequest, *s.* ମରଣକାଳୀନ ଦାନ, ଦାନପତ୍ର
Bereave, *v.* ହୀନ-ବର୍ଜ୍ଜିତ-କ, କାଢି-ନେ ।
Bereavement, *s.* ମୃତ୍ୟୁଦ୍ୱାରା ହରଣ, ଔଦାସ୍ୟ
Berry, *s.* ସାନ ଫଳ, କୋଳି ।
Berth, *s.* ଜାହାଜ ରହିବା ସ୍ଥାନ ; ଜାହାଜରେ ଶୋଇବା କାମରା ବା ସ୍ଥାନ ; ପଦ, କାର୍ଯ୍ୟ ।
Beryl, *s.* ଇଷତ୍ହରିଦ୍ବର୍ଣ୍ଣ ମଣି,ଗୋମେଦମଣି ।
Beseech, *v.* ମିନତି-ବିନତି-ବିନୟ-ପ୍ରାର୍ଥନା-କ ।
Beseem, *v.* ଉପଯୁକ୍ତ-ଯୁକ୍ତ-ଯୋଗ୍ୟ-ହେ ।
Beset, *v.* ବେଷ୍ଟନ-ବେଢି-ଘେରାଉ-କ,ଘେରିବା
Beshrew, *v.* ଅଭିଶାପ-ଦେ, ଅମଙ୍ଗଳ ପ୍ରାର୍ଥନା-କ ।
Beside, *pr.* ନିକଟେ, ପାର୍ଶ୍ୱେ, ସମୀପରେ ।
Besides, *ad.* ଅଧିକନ୍ତୁ, ବ୍ୟତୀତରେ, ବିନା, ଛଡା
Besiege, *v.* ବେଷ୍ଟନ-ଅବରୋଧ ଘେରାଉ କ ।

Besmear, *v.* ଲିପ୍ତ-କ, ଲେପିବା, ସମଳ-କ ।
Besom, *s.* ଝାଡ଼ୁ, ଓଷଣି, ଝାଟା, ପହଁସ ।
Besotted, *a.* ବିହ୍ୱଳ, ହତବୁଦ୍ଧି, ମତ୍ତ, କ୍ଷିପ୍ତ ।
Bespangle, *v.* ନକ୍ଷତ୍ରାକାର ଭୂଷଣ ଦ୍ୱାରା ଭୂଷିତ- ଚକ୍‌ମିକ୍-କ । [ଦୁର୍ନାମ-କ ।
Bespatter, *v.* କାଦୁଅ ପାଣିରେ ମଇଳା-କ;
Bespeak, *v.* ଅଗ୍ରେ-କହ, ଫରମାଇସ-ଦେ, ଜ୍ଞାତ-କ । [ପ୍ରୋକ୍ଷଣ-କ ।
Besprinkle, *v.* ଛିଟାଇବା, ପକାଇବା,
Best, *a.* ଅତ୍ୟୁତ୍ତମ, ସର୍ବଶ୍ରେଷ୍ଠ, ଶ୍ରେଷ୍ଠତମ ।
Bestial, *a.* ପଶୁବତ୍, ଜନ୍ତୁପ୍ରାୟ, ମନୁଷ୍ୟଜ୍ଞାନରହିତ ।
Bestir, *v.* ସଚେତନ-ଚଞ୍ଚଳ-ଉଦ୍‌ଯୋଗ-କ ।
Bestow, *v.* ପ୍ରଦାନ- ବିତରଣ- ଅର୍ପଣ-କ ।
Bestrew, *v.* ପ୍ରକ୍ଷେପ-କ, ଏଣେତେଣେ ବିଞ୍ଚିବା ।
Bestride, *v.* ପାଦ ପକାଇବା, ଚଢ଼ିବା ।
Bestud, *v.* ଜଡ଼ିତ-ଭୂଷିତ- ଖଚିତ-କ ।
Bet, *s.* ବାଜି, ପଣ, ପ୍ରତିଜ୍ଞା ।—*v.* ବାଜି ମାରିବା, ପଣ-କ ।
Betake, *v.* ଅବଲମ୍ବନ-କ, ଧରିବା, ଆଶ୍ରୟ-କ
Betel-nut, *s.* ଗୁବାକ, ଗୁଅ, ସୁପାରି ।
Bethink, *v.* ସ୍ମରଣ- ମନେ-ଉଦ୍‌ବୋଧ-କ ।
Betide, *v.* ଘଟିବା, ଉପସ୍ଥିତ- ହେ ।
Betimes, *ad.* ସକାଳେ, ଉପଯୁକ୍ତ ସମୟରେ, ଶୀଘ୍ର ।
Betoken, *v.* ଲକ୍ଷଣ ବା ଅଭିପ୍ରାୟ ଦେଖାଇବା, ବ୍ୟକ୍ତ କରାଇବା । [ଗୁପ୍ତବ୍ୟକ୍ତ-କ ।
*Betray, v.* ବିଶ୍ୱାସଘାତକତା-ଶତ୍ରୁ ହସ୍ତଗତ-
Betrayal, *s.* ଶତ୍ରୁର ହସ୍ତଗତକରଣ ।
Betroth, *v.* ବିବାହସମ୍ବନ୍ଧ-ବାଗ୍‌ଦତ୍ତ-କ ।
Better, *a.* ଉତ୍ତମ, ଶ୍ରେଷ୍ଠତର, ଅତଭଲ ।
Between, Betwixt, *pr.* ମଧ୍ୟରେ, ଭିତରେ, ଅନ୍ତରାଳେ ।

Bevel, *s.* ସଜନିସ୍ତ୍ରିର ମଟାମ୍ ।
Beverage, *s.* ପାନୀୟଦ୍ରବ୍ୟ, ପେୟଦ୍ରବ୍ୟ, ପଣା
Bevy, *s.* ପକ୍ଷୀର ଝାଙ୍କ, ସମୂହ, ଦଳ ।
Bewail, *v.* ବିଳାପ-ଶୋକ-ହାୟ-କ୍ରନ୍ଦନ-କ
Beware, *v.* ସାବଧାନ-ସତର୍କ-ସଚେତନ-ହେ ।
Bewilder, *v.* ପଥ ଭୁଲାଇବା, ଭ୍ରାନ୍ତ କରାଇବା, ଘାବରା-କ । [ଇବା ।
Bewitch, *v.* ମୋହିତ-ବଶ-ଜାଦୁ-କ, ଭୁଲା-
Bewitching, *a.* ମନୋହର, ମନୋରଞ୍ଜକ ।
Bewray, *v.* ବିଶ୍ୱାସଘାତକତା- ଅପ୍ରକାଶ୍ୟ ବିଷୟ ବ୍ୟକ୍ତ-କ । [ତହିଁରୁ ।
Beyond, *pr.* ଆଗେ, ଅଧିକ, ସେପାରେ,
Bias, *s.* ମନୋବାଞ୍ଛା, ପକ୍ଷପାତ, ରୁଚି ।
Bibber, *s.* ମଦ୍ୟପାୟୀ, ମଦୁଆଳ, ଶରାବୀ ।
Bible, *s.* ଧର୍ମପୁସ୍ତକ, ବାଇବଲ ।
Biblical, *a.* ଧର୍ମପୁସ୍ତକ ସମ୍ବନ୍ଧୀୟ, ଧର୍ମବିଷୟକ
Bicker, *v.* ବିବାଦ-ଝଗଡ଼ା-କଚକଚି-କ ।
Bid, *v.* ଆଜ୍ଞା-କ, କହିବା, ନିମନ୍ତ୍ରଣ-କ ନୀଲାମରେ ଦର ଡାକିବା ।
Biennial, *a.* ଦୁଇବର୍ଷସ୍ଥାୟୀ, ଦୁଇବର୍ଷିଆ ।
Bier, *s.* ଶବ ବହିବାର ଖଟ, ଖଟୁଲି ।
Big, *a.* ବଡ଼, ପ୍ରକାଣ୍ଡ, ବୃହତ୍; ଗର୍ଭିଣୀ ।
Bigamy, *s.* ଏକ ସ୍ତ୍ରୀ ଥାଇ ଅନ୍ୟ ସ୍ତ୍ରୀ ବିବାହ-କ
Bigot, *s.* ପରମତଦ୍ୱେଷୀ, ଅବିବେଚିତ ପକ୍ଷପାତୀ
Bigotry, *s.* ସ୍ୱମତେ ବା ଅବିବେଚିତ ପକ୍ଷପାତ ।
Bile, *s.* ପିତ୍ତ, ଶରୀରର ଧାତୁବିଶେଷ ।
Bilge, *s.* ଜାହାଜ ତଳାର ଚୌଡ଼ା, ଉଦର ।
Bilious, *a.* ପୈତ୍ତିକ, ପିତ୍ତବିକାର ରୋଗୀ ।
Bilk, *v.* ପ୍ରବଞ୍ଚନା-ଚାତୁରୀ- କପଟ-କ ।
Bill, *s.* ଥଣ୍ଟ, ଚଞ୍ଚୁ; ହିସାବ, ପାଉଣାପତ୍ର; ଇଂଲଣ୍ଡୀୟ ମହାସଭାର ନିୟମ; ଘୋଷଣାପତ୍ର ।—*v.* ପକ୍ଷୀର ନ୍ୟାୟ ଥଣ୍ଟରେ ଚୁମ୍ବନ-କ, ପ୍ରୀତ-କ ।

Bill-of-exchange, *s.* ହୁଣ୍ଡୀ, ଟୀପ, ବରାତ ଚିଟି ।
Bill-of-sale, *s.* ବିକ୍ରୟ ପତ୍ର, ବିକ୍ରିନାମା ।
Billet, *s.* କ୍ଷୁଦ୍ରପତ୍ର, ଚିଟି, ଠିକଣା; ପ୍ରବାସସ୍ଥାନ ।
Billiards, *s.* ଖେଳ ବିଶେଷ, ପଞ୍ଜା ଖେଳ ।
Billion, *s.* ମହାପଦ୍ମ, ୧୦୦୦୦୦୦୦୦୦୦୦୦
Billow, *s.* ତରଙ୍ଗ, ଢେଉ, ଲହରୀ, ମୌଜା ।
Bin, *s.* ଧାନ୍ୟାଦି ରଖିବାର ସ୍ଥାନ, ଡୋଲି, ଭଣ୍ଡାର, ଅମାର ।
Binary, *a.* ଦୁଇ, ଦ୍ୱିବିଧ, ଦ୍ୱିଗୁଣ, ଯୁଗ୍ମ ।
Bind, *v.* ବନ୍ଧନ-କ, ବାନ୍ଧିବା, କୋଷ୍ଠବଦ୍ଧ-ହେ
Binding, *s.* ବନ୍ଧନୀ, ବନ୍ଧା, ପଟୀ ।
Binnacle, *s.* କମ୍ପାସର ଅଧାର ।
Binocle, *s.* ଦ୍ୱିନଳ ଦୁର୍ବୀନ ।
Binocular, *a.* ଦୁଇ ଚକ୍ଷୁବିଶିଷ୍ଟ ।
Biographer, *s.* ମନୁଷ୍ୟର ଜୀବନଚରିତ୍ର ଲେଖକ ।
Biography, *s.* ମନୁଷ୍ୟର ଚରିତ୍ରଗ୍ରନ୍ଥ ବା [କୀର୍ତ୍ତିର ଉପାଖ୍ୟାନ ।
Biped, *s.* ଦ୍ୱିପଦବିଶିଷ୍ଟ ଜନ୍ତୁ ।—*a.* ଦ୍ୱିପଦ, ଦୁଇ ଗୋଡ଼ିଆ ।
Birch, *s.* ବୃକ୍ଷବିଶେଷ; ଦଣ୍ଡ, କୋରଡ଼ା ।
Bird, *s.* ପକ୍ଷୀ, ବିହଙ୍ଗମ, ଚଢ଼େଇ ।
Birdlime, *s.* ପକ୍ଷୀ ଧରିବାର ଅଠା ।
Birth, *s.* ଜନ୍ମ; ଉତ୍ପତ୍ତି, ପ୍ରସବ, କୁଳ, ମର୍ଯ୍ୟାଦା ।
Birthday, *s.* ଜନ୍ମଦିନ, ଜନ୍ମୋତ୍ସବ, ବର୍ଷବୃଦ୍ଧି ।
Birthplace, *s.* ଜନ୍ମସ୍ଥାନ ବା ଭୂମି ।
Birthright, *s.* ଜ୍ୟେଷ୍ଠାଧିକାର, ଜନ୍ମ ଦ୍ୱାରା ଯାହାର ଯେ ସ୍ୱତ୍ୱ ।
Biscuit, *s.* ବିସ୍କୁଟରୁଟୀ, ପକ୍ୱରୁଟୀ ।
Bisect, *v.* ଦୁଇଖଣ୍ଡ-ଦୁଇଭାଗ-ଦୁଇଅଂଶ-କ
Bishop, *s.* ଖ୍ରୀଷ୍ଟିୟାନ ମଣ୍ଡଳୀ ଧର୍ମାଧ୍ୟକ୍ଷ ।
Bishopric, *s.* ପ୍ରଧାନ ଧର୍ମାଧ୍ୟକ୍ଷର ପଦ ବା ଅଧିକାର ।

Bison, *s.* ଅରଣା ମହିଷୀ ।
Bissextile, *s.* ଯେ ବର୍ଷ ଫେବ୍ରୁଏରି ମାସ ୨୯ ଦିନ ।
Bit, *s.* ଖଣ୍ଡ, ଟୁକୁରା; ଲଗାମ; କଡ଼ିଆଲି; କ୍ଷୁଦ୍ର [ମୁଦ୍ରା ।
Bitch, *s.* କୁକ୍କୁରୀ, କୁତ୍ତୀ ।
Bite, *v.* ଦଂଶନ-କ, କାମୁଡ଼ିବା; ପ୍ରବଞ୍ଚନା-କ ।
Bitter, *a.* ତିକ୍ତ, କଟୁ, ପିତ୍ତ, ତୀକ୍ଷ୍ଣ, ଶୋକଜନକ ।
Bitumen, *s.* ମାଟିଆ ତେଲ, ମୃତ୍ତିକାତେଲ, ଶୈଳଜ ।
Bivalve, *s.* ଦ୍ୱିକବାଟବିଶିଷ୍ଟ ।
Bivouac, *s.* ସେନାନିବେଶ ।
Blab, *v.* ଗୁପ୍ତବାକ୍ୟ ବ୍ୟକ୍ତ-କ, ବାବଦୂକ-ହେ ।
Black, *a.* କୃଷ୍ଣବର୍ଣ୍ଣ, କଳା, କାଳୀ, ଅନ୍ଧକାର, କାଳିଆରଙ୍ଗ ।
Blacken, *v.* କୃଷ୍ଣବର୍ଣ୍ଣ-କଳଙ୍କ-ଦୁର୍ନାମ-କ ।
Blackguard, *s.* ଦୁର୍ମୁଖ, ଦୁରାଚାର, ଦୁଷ୍ଟ ।
Blacking, *s.* ଜୋତା କାଳି, ସିଆହି ।
Blacklead, *s.* ପେନ୍ସିଲରେ ଥିବା ସୀସା ।
Blackamoor, *s.* କୃଷ୍ଣବର୍ଣ୍ଣ ମନୁଷ୍ୟ, କାଫ୍ରି ।
Blacksmith, *s.* କମାର, କର୍ମକାର, ଲୌହକାର ।
Bladder, *s.* ପଟକା, ବ୍ୟୋମ, ଚର୍ମରଚିତ ଥଳିବିଶେଷ
Blade, *s.* ଅସ୍ତ୍ରର ପତ୍ର; ତୃଣପତ୍ର; ସତେଜ ବ୍ୟକ୍ତି ।
Blain, *s.* ବଥ, ବ୍ରଣ, ଘା, ଫୋଡ଼ା, ସ୍ଫୋଟକ ।
Blamable, *s.* ଦୂଷ୍ୟ, ନିନ୍ଦନୀୟ, ଭର୍ତ୍ସନାର ଯୋଗ୍ୟ ।
Blame, *s.* ଦୋଷ, କଳଙ୍କ, ଅପରାଧ, ନିନ୍ଦା ।
Blameless, *a.* ନିର୍ଦ୍ଦୋଷ, ନିରପରାଧ, ନିଷ୍ପାପ ।
Blanch, *a.* ଶୁକ୍ଳ-ଧଳା-ନିର୍ମଳ-କ ।
Bland, *a.* ମୃଦୁ, କୋମଳ, ସ୍ନିଗ୍ଧ, ଚିକ୍କଣ, ସରଳ
Blandishment, *s.* ମିଷ୍ଟବାକ୍ୟ, ମୋହଜନକ ବଚନ ବା କ୍ରିୟା ।
Blank, *a.* ଶୁକ୍ଳ, ସାଦା, ଶୂନ୍ୟ, ଖୁଲା, ଫାଙ୍କ ।

Blanket, *s.* କମ୍ବଳ, ଲୁଇ ।
Blaspheme, *v.* ଈଶ୍ୱରନିନ୍ଦା-ପାଷଣ୍ଡତା-କ ।
Blasphemy, *s.* ଈଶ୍ୱରନିନ୍ଦା, ପାଷଣ୍ଡତା ।
Blast, *s.* ତୋଫାନ, ଦମକାବାୟୁ; ତୂରୀର ଧ୍ୱନି; ଫଟକ; ବୃକ୍ଷ ବା ଶସ୍ୟମାରି ।—*v.* ନାଶ-ଶୁଷ୍କ-ମ୍ଲାନ-ବିଦୀର୍ଣ-କ ।
Blaze, *s.* ଅଗ୍ନିଶିଖା, ଦୀପ୍ତି ।—*v.* ପ୍ରଜ୍ୱଳିତ-ହେ; ପ୍ରକାଶ-ଘୋଷଣା-କ ।
Blazon, *v.* କୁଳୀନପଦର ଚିହ୍ନର ଅର୍ଥ-କ; ଗୁଣ ପ୍ରକାଶ-କ; ଶୋଭିତ-କ; ବ୍ୟକ୍ତ-କ ।
Blazonry, *s.* କୁଳୀନପଦର ଚିହ୍ନ, ଚିହ୍ନବିଦ୍ୟା ।
Bleach, *v.* ଧବଳ-ଧଳା-ସଫା-କ ।
Bleak, *a.* ହିମାବୃତ, ଶୀତଳ ।
Blear-eyed, *a.* ନେତ୍ରରୋଗୀ, ମିଟ୍‌ମିଟିଆ-ଚକ୍ଷୁଯୁକ୍ତ ।
Bleat, *v.* ମେଣ୍ଢା ବା ଛେଳିପରି ରବ-କ ।
Bleed, *v.* ରକ୍ତପାତ ବା ମୋକ୍ଷଣ-କ, ରକ୍ତ କାଢିବା ।
Blemish, *s.* କଳଙ୍କ, ଦାଗ, ଦୋଷ, ନିନ୍ଦା ।
Blench, *v.* ଭୟରେ ସଙ୍କୁଚିତ-ହେ ।
Blend, *v.* ମିଶ୍ରିତ-କ ; ମିଶିବା ।
Bless, *v.* ଆଶୀର୍ବାଦ-ମଙ୍ଗଳପ୍ରାର୍ଥନା-କ, ବରଦେ
Blessed, *a.* ଧନ୍ୟ, ସୁଖୀ, କଲ୍ୟାଣଯୁକ୍ତ, ଆଶୀର୍ବାଦପ୍ରାପ୍ତ ।
Blessing, *s.* ଆଶୀର୍ବାଦ, ବର, କଲ୍ୟାଣ ।
Blight, *s.* ବୃକ୍ଷାଦି ଶୁଷ୍କ କରିବା ରୋଗ, ମ୍ଲାନି ।—*v.* ଶୁଷ୍କ-ନଷ୍ଟ-ନିଷ୍ଫଳ-କ ।
Blind, *s.* ଦୃଷ୍ଟିରୋଧକ ବସ୍ତୁ, ଆଡାଳ ।—*a.* ଅନ୍ଧ, କଣା, ଦୃଷ୍ଟିହୀନ ।
Blindfold, *v.* ଚକ୍ଷୁବନ୍ଧ-ଅନ୍ଧ-କ ।
Blindness, *s.* ଅନ୍ଧତା, ମୂର୍ଖତା, ଅଜ୍ଞାନତା ।
Blink, *v.* ଇଙ୍ଗିତ, ଇଶାରା-କ, ଠାରିବା ।
Bliss, *s.* ପରମସୁଖ, ସ୍ୱର୍ଗୀୟସୁଖ, ପରମାନନ୍ଦ ।
Blister, *s.* ଫୁଟ, ଫୋଟକା ।—*v.* ଫୋଟକାଜନକ ମଲମ ଲଗାଇବା ।
Blithesome, *a.* ହର୍ଷିତ, ତୁଷ୍ଟ, ପ୍ରଫୁଲ୍ଲିତ ।
Bloat, *v.* ସ୍ଫୀତ-ଫୁଲା-ଫମ୍ପା-କ ।
Block, *s.* କାଠ ବା ପଥର ମୁଣ୍ଡା; ଅବରୋଧ; ମୂଢବ୍ୟକ୍ତି; ଶ୍ରେଣୀବଦ୍ଧ ଗୃହମାନ ।—*v.* ରୁଦ୍ଧ-ବନ୍ଦ-ଅବରୋଧ-କ ।
Blockade, *s.* ସୈନ୍ୟ ଦ୍ୱାରା ପଥ ରୋଧ ।—*v.* ଅବରୋଧ-ବେଷ୍ଟନ-କ, ଘେରିବା ।
Blockhead, *s.* ମୂର୍ଖ, ନିର୍ବୋଧ, ଅଜ୍ଞାନ, ଜଡ-ମୂର୍ଖ ।
Blood, *s.* ରକ୍ତ, ରୁଧିର, ଶୋଣିତ; ବଂଶ; କ୍ରୋଧ
Bloodhound, *s.* ଶିକାରୀ କୁକ୍କୁରର ବିଶେଷ ।
Blood-letting, *s.* ରକ୍ତମୋକ୍ଷଣ ବା ପାତନ ।
Bloodshed, *s.* ରକ୍ତପାତ, ହତ୍ୟା, ଖୁନ ।
Bloodshot, *a.* ରକ୍ତପୂର୍ଣ୍ଣ; ରକ୍ତବର୍ଣ୍ଣ, ଲାଲ ।
Blood-sucker, *s.* ଜଳୌକା; ଜୋକ; ନିଷ୍ଠୁର-ବ୍ୟକ୍ତି ।
Bloodthirsty, *a.* ରକ୍ତପାୟୀ, ଖୁଣୀ, କ୍ରୂର ।
Blood-vessel, *s.* ରକ୍ତବାହକ ନାଡ଼ୀ ।
Bloom, *s.* ବଉଳ, ମୁକୁଳ, ଫୁଲ; ଯୌବନାବସ୍ଥା, ନବ ଯୌବନ ।—*v.* ବଉଳ-ମୁକୁଳିତ-ପୁଷ୍ପବନ୍ତ-ହେ, ପୁଷ୍ପ ଧରିବା, ବଉଳିବା ।
Blooming, *a.* ବଉଳଯୁକ୍ତ, ପୁଷ୍ପବିଶିଷ୍ଟ; ଯୌବନପ୍ରାପ୍ତ ।
Blossom, *s.* ବଉଳ, ମୁକୁଳ, କଢ, ଫୁଲ ।—*v.* ବଉଳିବା, ଫୁଟିବା ।
Blot, *s.* ଦାଗ, କଳଙ୍କ, କାଳିଚିହ୍ନ; ଦୁର୍ନାମ ।—*v.* ଦାଗ-କଳଙ୍କିତ-କ; ଲୋପ-କ ।
Blotch, *s.* ବଥ, ବ୍ରଣ; ଦାଗ, ଚିହ୍ନ ।
Blow, *s.* ପ୍ରହାର, ଆଘାତ, ଦୁର୍ଘଟନା ।—*v.* ଫୁଙ୍କ-ଦେ, ପବନ ବହିବା, ବାୟୁ ଦ୍ୱାରା ଚଳନ-କ; ପୁଷ୍ପବନ୍ତ-ହେ; ବାରୁଦରେ ଉଡାଇ-ଦେ
Blowpipe, *s.* ଅଗ୍ନି ଫୁଙ୍କିବାର ନଳୀ ବା ଚୋଙ୍ଗା ।

Blubber, *s.* ତିମିମତ୍ସ୍ୟର ବସା, ମକରମାଛର ତେଲ ବା ଚରବି ।—*v.* ଅତିକ୍ରନ୍ଦନ-କ ।
Bludgeon, *v.* ଛଟି, ଡଣ୍ଡା, ମୁଦ୍ଗର, ଠେଙ୍ଗା,
Blue, *a.* ନୀଳବର୍ଣ୍ଣ, ଆକାଶବର୍ଣ୍ଣ । [ମୁଷଳ ।
Bluebottle, *s.* ବଣ୍ଡାମାଛି, ବଣମକ୍ଷିକା ।
Bluff, *a.* ସ୍ଥୂଳ, ମୋଟା ।
Blunder, *s.* ଭ୍ରମ, ଭୁଲ, ଭ୍ରାନ୍ତି, ଦୋଷ ।
Blunderbuss, *s.* ବଡ ମୁଖବିଶିଷ୍ଟ ବନ୍ଧୁକ ।
Blunt, *a.* ଅଧାରୁଆ, ଅତୀକ୍ଷ୍ଣ; ଅସଭ୍ୟ, କର୍କଶ ।
Bluntly, *ad.* ଅସଭ୍ୟରୂପେ, କର୍କଶରୂପେ ।
Blur, *s.* ବିନ୍ଦୁ, ଦାଗ, କଳଙ୍କ ।—*v.* ଦାଗ-କଳଙ୍କ-କର; ଅସ୍ପଷ୍ଟ-କ ।
Blurt, *v.* ଅବିବେଚନାପୂର୍ବକ କଥା-କହ ।
Blush, *s.* ଲଜ୍ଜାମୁଖ, ଶରମ, ଲାଜ ।—*v.* ଲଜ୍ଜାରେ ରକ୍ତବର୍ଣ୍ଣ-ଲଜ୍ଜିତ-ହେ ।
Bluster, *v.* ଗର୍ଜନତର୍ଜନ-କ, ଦାମ୍ଭିକ-ହେ ।
Boar, *s.* ବରାହ, ଶୂକର, ବନଘୁସୁରି ।
Board, *s.* ପଟା, ତକ୍ତା; ଖାଦ୍ୟ; ସମାଜ; ଜାହାଜ ଉପରତଳ ।—*v.* ଜାହାଜ ଆକ୍ରମଣ-କ, ତକ୍ତା ବସାଇବା; ମୂଲ୍ୟ ଦେଇ ଆହାର ପ୍ରାପ୍ତ-ହେ ।
Boarder, *s.* ମୂଲ୍ୟ ଦେଇ ପରର ଘରେ ଯେ ଖାଏନ୍ତି, ସମଭୋକ୍ତା, ସମଭୋଜୀ ।
Boast, *v.* ଦର୍ପ-ଗର୍ବ-ଅହଙ୍କାର-କ ।
Boat, *s.* ନୌକା, ନାଆ, ନାବ, ତରଣୀ, ବଜ୍ରା ।
Boatman, *s.* ନାବିକ, ନାଉରିଆ, ମଲ୍ଲା, ମାଝି ।
Boatswain, *s.* ନାବିକ ପଦବିଶେଷ । [ସୁତା ।
Bobbin, *s.* ସୁତାର ନଳୀ ବା କାଠି; ବୁଣିବା
Bode, *v.* ଭବିଷ୍ୟତ ଚିହ୍ନ ଦେଖାଇବା ।
Bodice, *s.* କାଞ୍ଚୁଲି, କଞ୍ଚୁଳିକା, କାଞ୍ଚଲି ।
Bodily, *a.* ଦୈହିକ, କାୟିକ, ଶାରୀରିକ ।
Bodkin, *s.* ସୂଚିବିଶେଷ, ଗୁଣସୂଚି, ବକ୍ରୁଣି ।
Body, *s.* ଶରୀର, ଅଙ୍ଗ, ଦେହ; ବ୍ୟକ୍ତି, ସମୂହ ।
Bog, *s.* ପଙ୍କଯୁକ୍ତସ୍ଥାନ, କାଦୁଅ ଭୂମି ।
Boggle, *v.* ଚମକିବା, ଭୀତ-ହେ ।
Boil, *s.* ବଥ, ସ୍ଫୋଟକ, ଘୋଡା, ବ୍ରଣ ।—*v.* ଫୁଟାଇବା, ଜଳରେ ସିଦ୍ଧ-ପାକ-କ, ଫୁଟା-ଇବା ।
Boiler, *s.* ହାଣ୍ଡି, କଡାଇ, ସିଦ୍ଧକରଣପାତ୍ର ।
Boisterous, *a.* ଝଡମୟ, ପ୍ରଚଣ୍ଡ, କୋଳାହଳପର ।
Bold, *a.* ସାହସିକ, ବିକ୍ରମୀ, ନିର୍ଭୟ, ନିର୍ଲଜ୍ଜ ।
Bolster, *s.* ତକିଆ, ବଡବାଲିସ, ଉପଧାନ ।
Bolt, *s.* ଖିଲ, କୁଡୁଚା; ବଜ୍ର; ଶର ।—*v.* ଖିଲ-ଦେ, କୁଡୁଚା ବନ୍ଦ-କ ।
Bolus, *s.* ଔଷଧର ବଟୀ, ଗୁଳି, ବଟିକା ।
Bomb, *s.* ଛୁଟାପୂର୍ଣ୍ଣ ଗୋଲା, ଭାରିର ଧ୍ୱନି ।
Bombard, *v.* ତୋପଦ୍ୱାରା ଉଡାଇ-କ, ତୋପ ମାରିବା ।
Bombardier, *s.* ଗୋଲନ୍ଦାଜ, ତୋପ ଚାଳକ
Bombast, *s.* ନିରର୍ଥକ ବାକ୍ୟ, ଦର୍ପ, ଗର୍ବକଥା ।
Bona-fide, *a.* ପ୍ରକୃତ, ଯଥାର୍ଥ ।
Bond, *s.* ବନ୍ଧନ, ଏକତ୍ରର ନାମା, କର୍ଜପତ୍ର, ତମସୁକ, ଟିପ ।
Bondage, *s.* ବନ୍ଦିଅବସ୍ଥା, ଦାସତ୍ୱ, କଏଦ ।
Bondman, *s.* କ୍ରୀତଦାସ, ବନ୍ଦୀ, ପରାଧୀନ ।
Bondsman, *s.* ଜାମୀନ, ପ୍ରତିଭୂ, ଲଗା,
Bone, *s.* ଅସ୍ଥି, ହାଡ, ହଡ୍ଡି । [ଜାମୀନଦାର ।
Bonfire, *s.* ଅଗ୍ନ୍ୟୁତ୍ସବ, ଅଗ୍ନିକ୍ରୀଡା, ଅତସ-ବାଜି ।
Bonnet, *s.* ସ୍ତ୍ରୀଲୋକର ଟୋପି ।
Bonny, *a.* ସୁନ୍ଦରୀ, ହୃଷ୍ଟା, ସୁରୂପା ।
Booby, *s.* ନିର୍ବୋଧ, ମୂଢ, ମୂର୍ଖ; ପକ୍ଷୀବିଶେଷ ।
Book, *s.* ପୁସ୍ତକ, ଗ୍ରନ୍ଥ, ପୋଥି, କିତାବ, ବହି ।
Bookbinder, *s.* ଦପ୍ତରି, ଜିଲଦଗର, ବହି ବନ୍ଧା କରନ୍ତି ଯେ । [ଭର ।
Book-keeper, *s.* ଖାତାବହି ରକ୍ଷକ, ମୋହ-

Book-keeping, *s.* ମୋହରରଖିବା, ହିସାବ
Bookworm, *s.* ଗ୍ରନ୍ଥକୀଟ ; ଗ୍ରନ୍ଥ ପଢିବାରେ ଅତ୍ୟାସକ୍ତ ଲୋକ ।
Boon, *s.* ଦାନ, ବର, ଅନୁଗ୍ରହ ।
Boor, *s.* ଚଷା, ମୂଢ, ଅସଭ୍ୟ ବ୍ୟକ୍ତି ।
Boot, *s.* ଯୋତା, ପାଏଣ୍ଟୋଇ, ଚର୍ମପଦ୍ରକା; ଲାଭ —*v.* ଲାଭ-ସଫଳ-କ; ଯୋତା ପିନ୍ଧିବା ।
Booth, *s.* କୁଡିଆଘର, କୁଟୀର, ତମ୍ବୁ ।
Booty, *s.* ଲୁଣ୍ଠିତ ଦ୍ରବ୍ୟ, ଅପହୃତ ଧନ ।
Borax, *s.* ସୋହାଗା, ଖଣିଜଦ୍ରବ୍ୟବିଶେଷ ।
Border, *s.* କିନାର, ସୀମା, ଅଞ୍ଚଳ, ଧାର ।
Borderer, *s.* ସୀମାନିବାସୀ, ସୀମାବର୍ତ୍ତୀ, ସୀମାସ୍ଥାୟୀ ।
Bore, *s.* ଛିଦ୍ର, ରନ୍ଧ୍ର, ଫୋଡ଼; ବିରକ୍ତିଜନକ । —*v.* ବେଧ- ଭେଦ- ଛିଦ୍ର-କ ।
Boreas, *s.* ଉତ୍ତରପବନ, ଉତ୍ତରୀୟ ବତାସ ।
Born, *a.* ଜନ୍ମିତ, ଜାତ, ଉତ୍ପାଦିତ ।
Borne, *pp.* ବାହିତ; ସହ୍ୟ, ଧୃତ ।
Borough, *s.* ମହାସଭାକୁ ପ୍ରତିନିଧି ପ୍ରେରଣାର୍ଥେ କ୍ଷମତାପ୍ରାପ୍ତ ନଗର ।
Borrow, *v.* କର୍ଜ- ଋଣ- ଧାର-କ ।
Bosky, *a.* ଅରଣ୍ୟମୟ, ବଣୁଆ, ଜଙ୍ଗଲି ।
Bosom, *s.* ବକ୍ଷଃସ୍ଥଳ, କୋଡ଼, କୋଳ ।
Boss, *s.* ଢାଲର ଫୁଲ, ଉଚ୍ଚରୂପେ ଗଠିତ ଅଳ-
Botanic, *a.* ଉଦ୍ଭିଦବିଦ୍ୟାସମ୍ବନ୍ଧୀୟ । [କାର ।
Botanist, *s.* ଉଦ୍ଭିଦବିଦ୍ୟାଜ୍ଞ, ଉଦ୍ଭିଦବିଦ୍ୟାବେତ୍ତା ।
Botany, *s.* ଉଦ୍ଭିଦବିଦ୍ୟା, ବୃକ୍ଷାଦି ଶାସ୍ତ୍ରତତ୍ତ୍ୱ ।
Botch, *s.* ବ୍ରଣ, ବଥ, ଦାଗ, ଫୋଡା ।— —*v.* ବିଦଙ୍ଗିରୂପେ ସାରିବା, ବସ୍ତ୍ରରେ ତାଳି ଦେବା ।
Both, *a.* ଉଭୟ, ଦୁଇ, ଦ୍ୱୟ ।
Bother, *v.* ବ୍ୟସ୍ତ- ବିରକ୍ତ- ଦିକ୍-କ ।
Bottle, *s.* କାଚର ପାତ୍ରୀ, ବୋତଲ, ଶିଶି ।
Bottom, *s.* ତଳ, ଅଧୋଦେଶ, ମୂଳଭାଗ, ଉପତ୍ୟକା ।
Bottomless, *a.* ଅଗାଧ, ଅତଳସ୍ପର୍ଶ, ଅସ୍ଥାୟୀ ।
Bough, *s.* ଶାଖା, ବୃକ୍ଷର ଡାଳ ।
Bounce, *v.* କୁଦି ଉଠିବା, ହଠାତ୍ ଶବ୍ଦ-କ ।
Bouncer, *s.* ଦାମ୍ଭିକ, ଗର୍ବୀ; ମିଥ୍ୟାବାଦୀ ।
Bound, *a.* ବଦ୍ଧ, କୌଣସିସ୍ଥାନକୁ ଗମନଶୀଳ । —*v.* କୁଦିଉଠିବା; ସୀମା- ବେଢ଼ା- ବାଡ଼-କ ।
Boundary, Bounds, *s.* ସୀମା, ଅନ୍ତ, ସୀମାନା, ହଦ, ସରହଦ ।
Boundless, *a.* ଅସୀମ, ଅପାର, ଅଶେଷ, ଅନନ୍ତ ।
Bounteous, Bountiful, *a.* ଦାନଶୀଳ, ଦାତା, ଦାନୀ, ବଦାନ୍ୟ ।
Bounty, *s.* ଦାନଶୀଳତା, ଦାତୃତ୍ୱ, ଦାନ ।
Bouquet, *s.* ପୁଷ୍ପଗୁଚ୍ଛ, ଫୁଲତୋଡ଼ା, ସ୍ତବକ ।
Bourn, *s.* ସୀମା, ଅନ୍ତ; କ୍ଷୁଦ୍ରନଦୀ, ପ୍ରବାହ ।
Bout, *s.* କ୍ଷେତ୍ର, ଉପକ୍ରମ, ବାର, ଦଫା ।
Bow, *s.* ଧନୁ, ଧନୁକ; ପ୍ରଣାମ, ନମସ୍କାର ।— —*v.* ନମସ୍କାର-ପ୍ରଣାମ-କ, ମୁଣ୍ଡ ନୁଆଁଇବା ।
Bowels, *s.* ଅନ୍ତର, ନାଡ଼ିସମୂହ; ଦୟା ।
Bower, *s.* କୁଞ୍ଜ, ନିକୁଞ୍ଜ, ଲତା ଗୃହ, ମଣ୍ଡପ ।
Bowl, *s.* ବାଟି, କଟୋରା, ପାତ୍ର, ପେୟାଲା । —*v.* ଗଡାଇ-ଦେ, ଭଣ୍ଟାଖେଳିବା ।
Bowling-green, *s.* ଭଣ୍ଟା ବା ବର୍ତ୍ତୁଲ ଖେଳିବାସ୍ଥାନ, ମାଠ ।
Bowman, *s.* ଧନୁର୍ଦ୍ଧର, ଧାନୁଷ୍କୀ, ଧନ୍ୱୀ ।
Bowstring, *s.* ଧନୁର୍ଗୁଣ, ଜ୍ୟା, ମୌର୍ବୀ, ଛିଲା
Box, *s.* ସିନ୍ଦୁକ, ବାକ୍ସ; ମୁଷ୍ଟି, ଗୁସା ।—*v.* ମୁଷ୍ଟ୍ୟାଘାତ-କ, ମୁଥ ମାରିବା ।
Boy, *s.* ବାଳକ, ପିଲା, ଟୋକା ।
Boyish, *a.* ବାଳକବତ୍, ବାଳକ ପ୍ରାୟ ।

Brace, *s.* ଯୋଡ଼ା, ଯୁଟ୍, ବନ୍ଧନୀ, ଦୃଢ଼େ ।
—*v.* କଷିବା, ବନ୍ଧନ-କ, ବାନ୍ଧିବା ।
Bracelet, *s.* କଙ୍କଣ, ଖଡ଼ୁ, ହସ୍ତାଲଙ୍କାର ।
Bracket, *s.* ଦ୍ରବ୍ୟ ରକ୍ଷଣାର୍ଥେ କାଷ୍ଠାଧାର; ବନ୍ଧନୀ ଚିହ୍ନ ଯଥା ( ), { }, [ ], ।
Brackish, *a.* ଲୁଣା, ସଲବଣ, ଲୂଣମୟ ।
Brag, *v.* ଅହଂକାର-ଦର୍ପ-ଶ୍ଳାଘା-କ ।
Braggart, *s.* ଶ୍ଳାଘାକାରୀ, ଅହଂକାରୀ ।
Braid, *v.* ଗୁନ୍ଥିବା, ବେଣୀ-ଗଣ୍ଠି-କ ।
Brain, *s.* ମଜ୍ଜା, ମଗଜ. ବୁଦ୍ଧିର ସ୍ଥାନ ।
Brake, *s.* କଣ୍ଟକବନ: ଗାଡ଼ି ଅଟକାଇବାର ଯନ୍ତ୍ର
Bramble, *s.* କଣ୍ଟାବୃକ୍ଷ. ଶିଆକୁଲ ।
Bran, *s.* ଭୁଷି, ତୁଷ, ଚପ୍ପୁ, କୁଣ୍ଡା ।
Branch, *s.* ଡାଳ.ଶାଖା,ବଂଶ ଶୁଙ୍ଗା,ସନ୍ତାନ ।
Brand, *s.* ମଶାଲ ଜ୍ୱଳନ୍ତ କାଷ୍ଠ; ଅପକର୍ମ ନିମିତ୍ତ ଦାଗ, ଚିହ୍ନ ।—*v.* ଲୁହା ତତାଇ ଦାଗ-ଦେ କଳଙ୍କ-କ ।
Brandish, *v.* ଅସ୍ତ୍ର ବୁଲାଇବା, ଅସ୍ତ୍ର ଖେଳା- [ଇବା ।
Brandy, *s.* ମଦ୍ୟବିଶେଷ, ବ୍ରାଣ୍ଡି, ଶରାପ ।
Brasier, *s.* କଂସାରୀ, ଥଟାରୀ, କଂସାବଣିକ୍ ।
Brass, *s.* ଅରକୂଟ, ପିତ୍ତଳ; ନିର୍ଲଜ୍ଜତା ।
Bravado, *s.* ଦମ୍ଭ, ଗର୍ବ, ଭୟପ୍ରଦର୍ଶନ ।
Brave, *a.* ବୀର୍ଯ୍ୟବାନ୍. ବିକ୍ରମୀ, ସାହସୀ ।
—*v.* ନିର୍ଭୟ-ହେ, ଯୁଦ୍ଧକୁ ଡାକିବା ।
Bravery, *s.* ପୁରୁଷତ୍ୱ,ବୀରତ୍ୱ,ସାହସ,ଶୂରତ୍ୱ
Bravo, *s.* ବେତନଗ୍ରାହୀ. ହନ୍ତା, ଡକାଇତ ।
—*int.* ସାବାସ୍, ଭଲଭଲ ।
Brawl, *s.* କନ୍ଦଳ, କଳହ, ଝଗଡ଼ା, ଦଙ୍ଗା ।
Brawn, *s.* ଶରୀରର ମାଂସଳାଂଶ, ବରାହମାଂସ
Brawny, *a.* ମାଂସଳ, ହୃଷ୍ଟପୁଷ୍ଟ, ବଳବାନ୍ ।
Bray, *s.* ଗଧର ରବ, କର୍କଶ ଶବ୍ଦ ।—*v.* ଗଧର ବୋବାଇବା; ଚୂର୍ଣ୍ଣ-କ ।

Braze, *v.* ପିତ୍ତଳମଣ୍ଡିତ-କ; ନିର୍ଲଜ୍ଜ-କ ।
Brazen, *a.* ପିତ୍ତଳନିର୍ମିତ;ନିର୍ଭୟ । [ଲୋକ ।
Brazenface, *s.* ନିର୍ଲଜ୍ଜବ୍ୟକ୍ତି, ବେହାୟା
Breach, *s.* ଭଗ୍ନ, ଭଙ୍ଗା, ବିଚ୍ଛେଦ, ଲଙ୍ଘନ ।
Bread, *s.* ରୁଟି, ପିଠା; ଜୀବନୋପାୟ ।
Breadth, *s.* ପ୍ରସ୍ଥ, ଚଉଡ଼ା, ଓସାର, ପ୍ରସାର ।
Break, *v.* ଭଗ୍ନ-କ, ଭାଙ୍ଗିବା, ଭୁଶାଇବା; ଫୁଟିବା; ବଶୀଭୂତ-କ; ଦିନ ଉଦୟ-ହେ ।
Breakers, *s.* ସମୁଦ୍ରସ୍ଥ ପାଷାଣ ବା ଚଡ଼ାର ଉପରେ ଭଙ୍ଗା ଢେଉ ।
Breakfast, *s.* ପ୍ରାତଃକାଳର ଭୋଜନ,ହାଜିରି
Breast, *s.* ବକ୍ଷଃସ୍ଥଳ.ବୁକ.ସ୍ତନ, ଛାତି, ହୃଦୟ ।
—*v.* ସମ୍ମୁଖାସମ୍ମୁଖି ଭେଟିବା ।
Breastplate, *s.* ବୁକପଟା, ଉରଚ୍ଛଦ ।
Breath, *s.* ନିଶ୍ୱାସ, ଶ୍ୱାସ, ଦମ, ପ୍ରଶ୍ୱାସ ।
Breathe, *v.* ନିଶ୍ୱାସ ନେଇ ଛାଡ଼ିବା,ବିଶ୍ରାମ-କ
Breech, *s.* ନିତମ୍ବଦେଶ.ପିଛା;ବନ୍ଧୁକର କୁନ୍ଦା ।
Breeches, *s.* ପାଇଜାମା, ଜଙ୍ଘିଆ ।
Breed, *s.* ଜାତି, ବଂଶ, ସନ୍ତାନ, ଗୋତ୍ର ।—*v.* ସନ୍ତାନ ଜନ୍ମାଇବା, ପ୍ରତିପାଳନ-କ ।
Breeding, *s.* ସ୍ୱଭାବ, ରୀତି, ଆଚରଣ, ଶିକ୍ଷା
Breeze, *s.* ସୁବତାସ, ସୁବାୟୁ, ମନ୍ଦପବନ ।
Brethren, *s.* ଭାଇମାନେ, ଭ୍ରାତୃଗଣ, ଭ୍ରାତୃବର୍ଗ
Brevet, *s.* ସୈନ୍ୟର ପଦବିଶେଷ ।
Breviary, *s.* ରୋମୀୟ ଧର୍ମୋପଦେଶକର ଦୈନିକ ପ୍ରାର୍ଥନା ଗ୍ରନ୍ଥ ।
Brevity, *s.* ସଂକ୍ଷେପତ୍ୱ, ହ୍ରସ୍ୱତା, ଅଳ୍ପତା ।
Brew, *v.* ମଦ୍ୟପ୍ରସ୍ତୁତ-ଯବଜାତମଦ୍ୟ ପାକ-କ
Brewery, *s.* ମଦ୍ୟପାକଗୃହ, ଶୌଣ୍ଡିକଘର ।
Bribe, *s.* ଘୁଷ, ଲାଞ୍ଚ, ରେସବତ, ମୁଖବନ୍ଧା ।
—*v.* ଘୁଷ, ରେସବତ-ଲାଞ୍ଚ-ଦେ ।
Brick, *s.* ଇଟା, ଇଷ୍ଟକ ।
Brickbat, *s.* ଇଷ୍ଟକଖଣ୍ଡ, ଇଟାଖଣ୍ଡେ ।

**Brickdust**, *s.* ସୁର୍କି, ଇଟାଚେଳା, ଇଟାବଟ୍ଟି
**Brickkiln**, *s.* ଭାଟୀ, ଇଟ ଭାଟୀ ।
**Bricklayer**, *s.* ରାଜମିସ୍ତ୍ରି, ରାଜ ।
**Bridal**, *a.* ବିବାହସମ୍ବନ୍ଧୀୟ, ବୈବାହିକ ।
**Bride**, *s.* କନ୍ୟା, ନବବିବାହିତା ସ୍ତ୍ରୀ ।
**Bridegroom**, *s.* ବର ବରପାତ୍ର, ନବବିବାହିତ ପୁରୁଷ ।
**Bridesmaid**, *s.* ବିବାହ ସମୟରେ କନ୍ୟାର ସହଚରୀ ।
**Bridge**, *s* ସାଙ୍କ, ପୋଲ, ସେତୁ; ନାକଦଣ୍ଡା ।
**Bridle**, *s.* ଘୋଡାର ଲଗାମ, ପଟ୍ଟିକ, ରଜପଟି ଓ ଗଲ୍ଟିଣ୍ ସଂଲଗ୍ନ ମୁଣ୍ଡସାଜ ।
**Brief**, *s.* ସାର ସଂଗ୍ରହ; ଜାବିଦ; ହୁକୁମନାମା । —*a.* ସଂକ୍ଷିପ୍ତ, ହ୍ରସ୍ୱ, ଚୁମ୍ବକ ।
**Brier, Briar**, *s.* କଣ୍ଟାଗଛ, ବଣଗୋଲାପ ।
**Brig**, *s.* ଦୁଇ ମାସ୍ତୁଲବିଶିଷ୍ଟ ଜାହାଜ ।
**Brigade**, *s.* ସୈନ୍ୟର ବିଶେଷ ଦଳ ବା ବାହିନୀ ।
**Brigand**, *s.* ଡକାଇତ, ଦସ୍ୟୁ, ଚୋର, ଲୁଟିଆର
**Bright**, *a.* ଉଜ୍ଜ୍ୱଳ, ଦୀପ୍ତିମାନ୍; ଶୁକ୍ଳ; ପରିଷ୍କାର ।
**Brilliancy**, *s.* ଉଜ୍ଜ୍ୱଳତା, ତେଜଃ, କାନ୍ତି ।
**Brilliant**, *a.* ତେଜୋମୟ, ଦୀପ୍ତିମାନ୍, ତେଜସ୍ୱୀ —*s.* ହୀରକ, ତେଜସ୍କର ହୀରା ।
**Brim**, *s.* ଘଟାଦିର ଧାର, ଫନ, ତୀର, କିନାରା ।
**Brimful**, *a.* ଫନ ପର୍ଯ୍ୟନ୍ତ ପୂରିତ ବା ପୂର୍ଣ୍ଣ ।
**Brimstone**, *s.* ଗନ୍ଧକ, ଖଣିଜଦ୍ରବ୍ୟବିଶେଷ ।
**Brindled**, *a.* ଚିତ୍ରବିଚିତ୍ର, ବହୁରଙ୍ଗଯୁକ୍ତ ।
**Brine**, *s.* ଲବଣାମ୍ବୁ, ଲୁଣିଆପାଣି ।
**Bring**, *v.* ନେଇ ଆସିବା, ଆନୟନ-କ, ଆଣିବା ।
**Brink**, *s.* କିନାରା, ଧାର, କୂଳ, ତଟ ।
**Brisk**, *a.* ସତର୍କ, ଚଞ୍ଚଳ, ବଳବାନ୍, ସତେଜ ।
**Brisket**, *s.* ପଶୁର ବକ୍ଷଦେଶ ବା ବୁକ ।
**Bristle**, *s.* ଘୁଷୁରିର ପିଠିର ଲୋମ ।—*v.* ଲୋମାଞ୍ଚ-ଲୋମଯୁକ୍ତ-ହେ ।

**Britain**, *s.* ଇଂଲଣ୍ଡ ଦେଶର ପ୍ରାଚୀନ ନାମ ।
**British**, *s.* ବୃଟନ ବା ଇଂଲଣ୍ଡ ଦେଶସମ୍ବନ୍ଧୀୟ ।
**Briton**, *s.* ବୃଟନଦେଶୀୟ ପ୍ରଜା, ଇଂରେଜଲୋକ
**Brittle**, *a.* ମଡମଡିଆ, ଭଙ୍ଗନଶୀଳ, ମସ୍ତା ।
**Broach**, *v.* ଭେଦ-ଛିଦ୍ର-ପ୍ରକାଶ-କ ।
**Broad**, *a.* ଚୌଡା, ପ୍ରଶସ୍ତ, ପ୍ରସାରିତ ।
**Broad-cloth**, *s.* ସରୁ କନାତ ।
**Broadside**, *s.* ଜାହାଜର ଏକ ପାର୍ଶ୍ୱ, ଜାହାଜର ଏକ ପାଶରୁ ତୋପକୁ ଦେଇ ନିକ୍ଷେପ ।
**Brocade**, *s.* ଚିତ୍ରବିଚିତ୍ର ପାଟ, ଦୁକୂଳ, ସୁନ୍ଦର ଲୁଗା ବିଶେଷ ।
**Broccoli**, *s.* ବନ୍ଧାକୋବି ବିଶେଷ, ଫୁଲକୋବି ।
**Brogue**, *s.* ଗ୍ରାମ୍ୟ କୁତ୍ସିତଭାଷା, ଚର୍ମପାଦୁକା ।
**Broil**, *s.* କଳହ, ବିବାଦ, କନ୍ଦଳ, କଳି ।—*v.* ଭାଜିବା, ସନ୍ତୋଳିବା, ଉତ୍ତପ୍ତ-କ ।
**Broker**, *s.* ଦଲାଲ, ଘଟକ, କୁଟଣୀ ।
**Brokerage**. *s.* ଦଲାଲି, ଦଲାଲିଫିସ ।
**Bronze**, *s.* ଟିଣ ଓ ତାମ୍ର ମିଶ୍ରିତ ଧାତୁ ।
**Brooch**, *s.* ବକ୍ଷଭୂଷଣ, ଗହଣା, ଅଲଙ୍କାର ।
**Brood**, *s.* ସନ୍ତାନସମୂହ, ପକ୍ଷୀର ଛୁଆସବୁ ।—*v.* ଡିମ୍ବ ଉଷାଇବା, ଯତ୍ନରେ ପାଳନ-କ; ଭାବିବା ।
**Brook**, *s.* କ୍ଷୁଦ୍ର ନଦୀ, ସାନ ସ୍ରୋତ ।
**Brook**, *v.* ସହିବା, ସହ୍ୟ-ବରଦାସ୍ତ-କ ।
**Broom**, *s.* ଗୁଳ୍ମବିଶେଷ; ଝାଡୁ, ପଦ୍ମାଳ, ଝାଡୁଣୀ ।
**Broth**, *s.* ଝୋଳ, ରସା ଅଣ, ସୁରୁଆ ।
**Brothel**, *s.* ବେଶ୍ୟାଳୟ, କସବି ବା ଦାସୀଘର ।
**Brother**, *s.* ଭାଇ, ସହୋଦର, ଭ୍ରାତା; ଏକ ଧର୍ମାବଲମ୍ବୀ ବ୍ୟକ୍ତି ।
**Brotherhood**, *s.* ଭ୍ରାତୃତ୍ୱ; ଭ୍ରାତୃବର୍ଗ; ସମାଜ, ସଭା ।
**Brother-in-law**, *s.* ଶଳା, ଭିଣୋଇ ।
**Brow**, *s.* ପର୍ବତର କିନାରା, ଶିଖର; କପାଳ ।
**Browbeat**, *v.* ଭୟ ଦେଖାଇବା, ଭର୍ତ୍ସନ-କ ।

Brown, *a.* କଟାବର୍ଣ୍ଣ, ପିଙ୍ଗଳବର୍ଣ୍ଣ, ବଭ୍ରୁବର୍ଣ୍ଣ ।

Browse, *v.* ଡାଳପତ୍ର ଖାଇବା, ଚରିବା ।

Bruin, *s.* ଭାଲୁ, ଭଲ୍ଲୁକ ।

Bruise, *s.* ଘା, ଚୋଟ, ଦାଗ, କ୍ଷତ ।—*v.* କୁଟିବା, ଦଳିବା, ଆଘାତ-କ । [ବର୍ଣ୍ଣା ସ୍ତ୍ରୀ ।

Brunette, *s.* ପିଙ୍ଗଳବର୍ଣ୍ଣା ସ୍ତ୍ରୀ, ଈଷତ୍ ଗୌର-

Brunt, *s.* ଧକ୍କା, ଚୋଟ, ଆଘାତ ।

Brush, *s.* ବ୍ରସ୍, କୁଲା; ଆକ୍ରମଣ, ଚଢ଼ାଉ । —*v.* ବ୍ରସ୍-କ, କୁଞ୍ଚିଦ୍ୱାରା ଝାଡ଼ିବା; ବେଗେ ଗଳିବା ।

Brutal, *a.* ନିର୍ଦ୍ଦୟ, ନିଷ୍ଠୁର, କ୍ରୂର; ପଶୁଭାବ ।

Brutalize, *v.* ନିର୍ଦ୍ଦୟ-ପଶୁବତ୍-ନିଷ୍ଠୁର-କ ।

Brutally, *ad.* ନିର୍ଦ୍ଦୟରୂପେ, କ୍ରୂରତା ପୂର୍ବକ ।

Brute, *s.* ପଶୁ, ଜନ୍ତୁ; ପଶୁପ୍ରାୟ ଅଜ୍ଞାନବ୍ୟକ୍ତି ।

Brutish, *a.* ପଶୁବତ୍, ପଶୁଭାବ, ନିର୍ଦ୍ଦୟ, ଅଶିଷ୍ଟ

Bubble, *s.* ଜଳବିମ୍ବ, ବୁଦ୍‌ବୁଦ, ପାଣି ଫୋଟକା; ଅସାରବସ୍ତୁ ।—*v.* ଫୋଟିବା ବା ବୁଦ୍‌ବୁଦ ପ୍ରାୟ ଉଠିବା ।

Bubo, *s.* ଦେହର ବଥବିଶେଷ ।

Buck, *s.* ହରିଣ, ଅନ୍ୟମୃଗ ବା ଠେକୁଆ ଆଦି; କ୍ଷାରଜଳ । [ପାତ୍ର ।

Bucket, *s.* ଜଳାଦି ଉଠାଇବା ବା ରଖିବାର

Buckle, *s.* ଜୋତାର ଅଙ୍କଡ଼ା, ବକ୍ଲସ; ବନ୍ଧନ ବିଶେଷ ।

Buckler, *s.* ଢାଲ, ଫଳକ, ଚର୍ମ ।

Buckram, *s.* ମୋଟା ଲୁଗା ବିଶେଷ ।

Bud, *s.* କଳି, ମୁକୁଳ, ଅବିକଶିତ ଫୁଲ । —*v.* ମୁକୁଳିତ-ବିକଶିତ-ହେ ।

Budge, *v.* ଉଠି ଯିବା, ଗମନ-କ । [ନିର୍ଣ୍ଣୟ ।

Budget, *s.* ଥଳୀ, ସୁଲିଦା; ରାଜ୍ୟର ଆୟବ୍ୟୟ

Buff, *s.* ମହିଷ ଚର୍ମ; ରଙ୍ଗବିଶେଷ ।

Buffalo, *s.* ମଇଁଷି, ଭଇଁସା ।

Buffet, *v.* ଚାପଡ଼ ମାରିବା, ଆଘାତ-କ ।

Buffoon, *s.* ଭାଣ୍ଡ, ଭଣ୍ଡ, ମସ୍କରା, ବିଦୂଷକ ।

Buffoonery, *s.* ଭଣ୍ଡାମି, ମସ୍କରାମି ।

Bug, *s.* ଘରପୋକ, ଓଡ଼ଶ, ଖଟମଲ ।

Bugbear, *s.* ଭୟପ୍ରଦର୍ଶକ ମୂର୍ତ୍ତି, ମିଥ୍ୟାଭୟ ।

Buggy, *s.* ଦୁଇ ଚକିଆ ଗାଡ଼ି ବିଶେଷ ।

Bugle, *s.* ତୂରୀବିଶେଷ; ରଣଶିଙ୍ଗା ।

Build, *v.* ଘର ତୋଳିବା, ନିର୍ମାଣ-କ ।

Builder, *s.* ଗାନ୍ଥକ, ଘରନିର୍ମାଣକର୍ତ୍ତା, ରାଜମିସ୍ତ୍ରୀ

Building, *s.* ଗାନ୍ଥୁଣି, ଅଟ୍ଟାଳିକା, ଘର, କୋଠା ।

Bulb, *s.* ଗେଣ୍ଡୁ, ଗୋଲାକାର ମୂଳ ।

Bulbous, *a.* ଗେଣ୍ଡୁବତ୍, କୁଣ୍ଡାକାର ।

Bulge, *v.* ଫୁଲି ଉଠିବା ।

Bulk, *s.* ସ୍ଥୂଳତା, ବୃହତ୍ ପରିମାଣ, ଅଧିକାଂଶ ।

Bulky, *a.* ବୃହତ୍, ସ୍ଥୂଳ, ମୋଟା, ପ୍ରକାଣ୍ଡ ଦେହବିଶିଷ୍ଟ ।

Bull, *s.* ବୃଷ, ଷଣ୍ଢ; ଦ୍ୱିତୀୟ ରାଶି; ଭୁଲ ।

Bullbaiting, *s.* ଷଣ୍ଢ ଓ କୁକ୍କୁରର ଯୁଦ୍ଧ ।

Bulldog, *s.* ଷଣ୍ଢ ପ୍ରାୟ ମସ୍ତକ ବିଶିଷ୍ଟ କୁକ୍କୁର

Bullet, *s.* ଗୋଳା, ଗୁଳି; ବାଟୁଳି ।

Bulletin, *s.* ଯୁଦ୍ଧର ସମ୍ବାଦପତ୍ର, ରାଜାଜ୍ଞା ପ୍ରଚାରିତ ସମାଚାରପତ୍ର, ବଡ଼ଲୋକର ସ୍ୱାସ୍ଥ୍ୟ ବିଷୟକ ସମାଚାରର ପତ୍ର ।

Bullfinch, *s.* ପକ୍ଷୀବିଶେଷ ।

Bullion, *s.* ସୁନା ବା ରୂପାର ଥାନ ବା ଟଙ୍କା

Bullock, *s.* ବଳଦ, ବଲୀବର୍ଦ୍ଦ, ଗୋରୁ, ଦାମୁଡ଼ି

Bully, *s.* ଦାମ୍ଭିକ ବ୍ୟକ୍ତି, ଝଗଡ଼ାଳୁ ବା କନ୍ଦଳିଆ ଲୋକ ।—*v.* ଦମ୍ଭବାକ୍ୟ-କହ, ତର୍ଜ-ଧମକ-କ ।

Bulrush, *s.* ନଳବିଶେଷ ।

Bulwark, *s.* ଗଡ଼, ଦୁର୍ଗ, ରକ୍ଷା; ବୁରୁଜ; ପାଚେରି । [କା ବିଶେଷ ।

Bumboat, *s.* ଖାଦ୍ୟଦ୍ରବ୍ୟ ବିକ୍ରୟକାରୀ ନୌ-

Bump, *s.* ଫୁଲା, ସ୍ଫୀତ; ଆଘାତ ।

Bumper, *s.* ମଦ୍ୟପରିପୂର୍ଣ୍ଣ ପେୟାଲ ଅବା ପାନପାତ୍ର ।
Bumpkin, *s.* ଚଷା, ମୂର୍ଖ, ଅସଭ୍ୟ ପଲ୍ଲୀଜ, [ଅଜାଣ ।
Bun, *s.* ଲୁଚି ବା ପିଷ୍ଟକବିଶେଷ ।
Bunch, *s.* କାନ୍ଦି, ପେଣ୍ଡା, ସ୍ତବକ, ଗୁଚ୍ଛ, ଥୋପା ।
Bundle, *s.* ପୁଣ୍ଡୁଳି, ବୋଝ, କଡ଼ା, ପୁଡ଼ିଆ, ପୁଟଳି ।
Bung, *s.* ପିପାର ମେଣ ଅବା ଟିପି ।
Bungalow, *s.* ବଙ୍ଗଳା, କୋଠୀ, ସରକାରୀ କୋଠୀ ।
Bungle, *v.* ମୂର୍ଖ ବା ଅନାଡ଼ିରୂପେ କର୍ମ-କ ।
Bungler, *s.* ଅପଟୁ, ଅନାଡ଼ି, ମୂର୍ଖ ।
Buoy, *s.* ଲଙ୍ଗରର ଫାତନା, ବୟା ।
Buoyancy, *s.* ଭାସମାନତ୍ୱ, ଭାସିବା ଗୁଣ ।
Buoyant, *a.* ଭାସମାନ, ଯେ ନ ବୁଡ଼େ, ଲଘୁ, ହାଲୁକା ।
Burden, *s.* ବୋଝ, ଭାର; କଷ୍ଟ ।—*v.* ବୋଝାଇ-କ, ଭାର-କଷ୍ଟ-ଦେ ।
Burdensome, *a.* ଦୁର୍ବହ, ଭାରି; କଠିନ; ଦୁଃଖଦାୟକ ।
Bureau, *s.* ଲେଖିବାର ଅଲମାରି ।
Burgess, *s.* ନଗରର ଲୋକ, ନାଗରିକ ।
Burglary, *s.* ସିନ୍ଧି, ସିନ୍ଧି ଚୋରି ।
Burial, *s.* ଗୋର, କବର, ସମାଧି ।
Burial-ground, *s.* କବରଖାନା, ଗୋରସ୍ଥାନ, ଶ୍ମଶାନ ।
Burlesque, *s.* ପରିହାସ, ଥଟ୍ଟା, ବ୍ୟଙ୍ଗ ।
Burly, *a.* ପ୍ରକାଣ୍ଡ, ସ୍ଥୂଳକାୟ, ବୃହତ୍; ଦାମ୍ଭିକ ।
Burn, *s.* ଦଗ୍ଧ, କ୍ଷତ, ପୋଡ଼ା ଘା ।—*v.* ଦଗ୍ଧ-କ, ପୋଡ଼ିବା, ଜ୍ୱଳାଇବା ।
Burning-glass, *s.* ଅତଶୀକାଚ, ସୂର୍ଯ୍ୟକାନ୍ତ
Burnish, *v.* ଚକମକ-ଉଜ୍ଜ୍ୱଳ-କ, ଶାଣ-ଦେ
Burr, *s.* ଖାଲପତ୍ରୀ, ଓଟଙ୍ଗାଫଳ ।
Burrow, *s.* ଠେକୁଆ ଇତ୍ୟାଦି କ୍ଷୁଦ୍ର ଜନ୍ତୁର ଗାତ ।—*v.* ମାଟିରେ ଗାତ ଖୋଳିବା ।
Bursar, *s.* ବିଦ୍ୟାଳୟର ତହବିଲଦାର ।
Burst, *v.* ଫାଟିବା, ଫୁଟିବା, ଭଗ୍ନ-ହେ ।
Bury, *v.* ପୋତିବା, ଗୋର-କବର-ଦେ ।
Bush, *s.* ଗୁଳ୍ମଗଛ, ବୁଦା, ଝାଡ଼, ଜଙ୍ଗଲ, ବନ ।
Bushel, *s.* ଧାନ୍ୟର ମାପ ବା ପରିମାଣବିଶେଷ ।
Bushy, *a.* ବନମୟ, ଘନ, ନିବିଡ଼ ମୋଟା ।
Busily, *ad.* ବ୍ୟସ୍ତରୂପେ; ମନେ ଗଭରୂପେ ।
Business, *s.* କର୍ମ, କାର୍ଯ୍ୟ, ବ୍ୟବସାୟ; ବିଷୟ ।
Busk, *s.* ସ୍ତ୍ରୀମାନଙ୍କର ପରିଧେୟ କାଞ୍ଚୁଲିର କାଣ୍ଡିଡ଼ା ।
Buss, *s.* ନୌକାବିଶେଷ, ମାଛୁଆଡଙ୍ଗା; ଚୁମ୍ବନ
Bust, *s.* ପାଷାଣନିର୍ମିତ ଅର୍ଦ୍ଧମୂର୍ତ୍ତି ।
Bustle, *s.* ତଡ଼ାତଡ଼ି, ଧୂମ୍‌ଧାମ୍, ଲଣ୍ଡଭଣ୍ଡ ।
Busy, *a.* କର୍ମରେ ବ୍ୟସ୍ତ, ଝଙ୍କିଆ ।
Busybody, *s.* ପରସ୍ୱକାର୍ଯ୍ୟଚର୍ଚ୍ଚକ, ପରଚ୍ଛିଦ୍ରାନୁସନ୍ଧାନକାରୀ ।
But, *s.* ପୁଣି, କେବଳ, ମାତ୍ର, କିନ୍ତୁ, ତଥାପି ।
Butcher, *s.* କସାଇ, କଂସାଇ, ପଶୁଘାତକ; —*v.* ବଧ-କ, ମାରିବା, ହତ୍ୟା-କ ।
Butler, *s.* ଖାନସାମା, ଘରପରିଆ; ପରିଚାରକ ।
Butt, *s.* ବଡ଼ପିପା; ଲକ୍ଷ୍ୟ; ବନ୍ଧୁକର କୁନ୍ଦା; ଉପହାସର ବିଷୟ ।—*v.* ଠସା ବା ମେଷବତ୍ ଢାଇଁ ମାରିବା ।
Butt-end, *s.* ମୋଟ ବା-ତଳାଗ୍ର ।
Butter, *s.* ମଖନ, ଲହୁଣି, ନବନୀତ ।
Buttercup, *s.* ଫୁଲବିଶେଷ ।
Butterfly, *s.* ପ୍ରଜାପତି, ପତଙ୍ଗବିଶେଷ ।
Buttermilk, *s.* ଦହି, ଘୋଲ, ତକ୍ର ।
Buttery, *s.* ଭଣ୍ଡାର, ଘରଘର, ଖାଦ୍ୟାଗାର ।
Buttock, *s.* ନିତମ୍ବ, ପିଚ୍ଛ, କଟିପଶ୍ଚାଦ୍ଭାଗ ।
Button, *s.* ଘୁଣ୍ଡି, ବୋତାମ ।

Buttonhole, s. ଘଣ୍ଟିଘର, ବୋତାମ ଘର ବା ଦ୍ୱାର ।

Buttress, s. ଠେସ, ଟେକ, ଠେକ, ଠୋକ୍ସା, ଅବଲମ୍ବ । [ହୃଷ୍ଟା ।

Buxom, a. ରସିଆ, ଖେଳୁଆ; ଆମୋଦୀ;

Buy, s. କ୍ରୟ-କ, କିଣିବା, ଖରଦ-କ ।

Buyer, s. କ୍ରେତା, ଗ୍ରାହକ, କିଣିବା ବ୍ୟକ୍ତି ।

Buzz, s. ଗୁଣଗୁଣ ଶବ୍ଦ, ଭ୍ରମର ରବ ।—v. ଗୁଣ୍‌ଗୁଣ୍ ଶବ୍ଦ-କ ।

By, pr. ଦ୍ୱାରା, ଦେଇ କର୍ତ୍ତୃକ; ରେ, ଠାରେ; ନିକଟ ।

By-and-by, ad. କିଛିକାଳବାଦ୍, ପଛେ ।

By degrees, ad. କ୍ରମେ ।

By-gone, a. ଗତ. ଅତୀତ, ଭୂତ ।

By-law, s. ନିୟମ, ଉପବିଧି, ବ୍ୟବସ୍ଥା ।

Bystander, s. କିଛି ଦୂରରେ ଠିଆ ହୋଇ ଦେଖେ ଯେ ।

Byway, s. ଗଳି ସାନ ବାଟ, ଗୁପ୍ତ ପଥ ।

Byword, s. ନିନ୍ଦାସୂଚକ ଚଳନ୍ତିକଥା, ପହେଲି ।

## C.

C. ଇଂରାଜୀ ବର୍ଣ୍ଣମାଳାର ତୃତୀୟ ଅକ୍ଷର; ରୋମୀୟ ଗଣନାନୁସାରେ ଏକ ଶତ; ଉକ୍ତ ସଂକ୍ଷେପାର୍ଥେ ବ୍ୟବହାର୍ଯ୍ୟ ଚିହ୍ନ ।

Cab, s. ଟେକା ଗାଡି, ଏବ୍ରୀୟ ପରିମାଣ ବିଶେଷ ପ୍ରାୟ ତେଡ଼ସେର ।

Cabal, s. କୁମନ୍ତ୍ରଣା ସଭା, ଦ୍ରୋହୀ ସଭା ।

Cabbage, s. କୋବି, କପିଶାକ ।

Cabbage, v. (Colloq.) ଚୋରି-କ ।

Cabin, s. ଜାହାଜର କୋଠରୀ, କ୍ଷୁଦ୍ର ଗୃହ ।

Cabinet, s. ରତ୍ନାଧାର; ରାଜମନ୍ତ୍ରୀଗଣର ସଭା; ଅଲମାରି ବିଶେଷ ।

Cable, s. ଦାମାଣ, ଜାହାଜର ଲଙ୍ଗର ସମ୍ବନ୍ଧ ଜଞ୍ଜିର

Cackle, v. ଗଜହଂସ ପର ଟକ-କ ।

Cacophony, s. କୁରବ, ଶ୍ରୁତିକଟୁ ଶବ୍ଦ ।

Cadaverous, a. ଶବପ୍ରାୟ, ଶବାକୃତି, ପାଣ୍ଡୁ ।

Cadence, s. ସ୍ୱର ପାଠ କରିବାର ଛନ୍ଦ ।

Cadet, s. ଅନୁଜ, ଯୁଦ୍ଧକର୍ମ ଶିକ୍ଷାର୍ଥୀ ।

Cage, s. ପିଞ୍ଜରି, ପିଞ୍ଜରା; କାରାଗାର ।

Caitiff, s. ଅଧମ ଲୋକ, କୁଟିଳ, ଠକ । [ବା ।

Cajole, v. ପ୍ରତାରିବା, ବଶୀକ-କ, ଭୁଲାଇ-

Cajolery, s. ଚାଟୁ, ପ୍ରତାରଣା, ପ୍ରବଞ୍ଚନା ।

Cake, s. ପିଠା, ମିଷ୍ଟାନ୍ନ, ପୂପ, ପିଷ୍ଟକ ।

Calabash, s. ଲାଉ, ତୁମ୍ବୀ, ଅଲାବୁ, କଦୁ ।

Calamitous, a. ଦୁଃଖୀ; ବିପଦ୍‌ଜନକ, କ୍ଲେଶକର ।

Calamity, s. ବିପଦ, ଆପଦ, ଦୁର୍ଘଟନା, କ୍ଲେଶ

Calash, s. ଗାଡିବିଶେଷ; ଘୁଙ୍ଘାପଟ; ମସ୍ତକାଭରଣ ।

Calcareous, a. ଚୂନଗୁଣବିଶିଷ୍ଟ; ଚୂନମୟ ।

Calcine, v. ଭସ୍ମ-କ, ପୋଡିବା ଜାଳିବା ।

Calculate, v. ଗଣନା-ସଂଖ୍ୟା-ହିସାବ-କ ।

Calculation, s. ଗଣନା, ସଂଖ୍ୟା, ସୁମାରି, ହିସାବ ।

Calculous, a. ପଥରମୟ, ଶକ୍ତ ।

Caldron, s. କଡ଼ାହାଣ୍ଡି, କଟାହ ।

Calefaction, s. ଉଷ୍ଣକରଣ; ତପ୍ତାବସ୍ଥା ।

Calendar, s. ପଞ୍ଜିକା, ପାଞ୍ଜି ।

Calender, v. ଲୁଗାକୁ ଚପାଇ ଚିକ୍କଣ-କ ଇସ୍ତ୍ରି-କ ।

Calends, s. ପ୍ରତି ମାସର ପ୍ରଥମ ଦିନ, ପହିଲା ।

Calf, s. ବାଛୁରି, ବତ୍ସ; ଗୋଡର ଭଣ୍ଡା ।

Caliber, s ତୋପ ବା ବନ୍ଧୁକ ନଳୀର ଛିଦ୍ରର ପରିମାଣ ।

Calico, *s.* ବସ୍ତ୍ର, ଛିଟ, ସୂତା ବସ୍ତ୍ର ।

Calk, *v.* ନୌକା ବନ୍ଧାଳିବା, କଳାପାଢ଼-କ ।

Call, *s.* ଡାକ, ଆହ୍ବାନ, ନିମନ୍ତ୍ରଣ, ଆଦେଶ, ବୋଲ; ଦାବୀ ।—*v.* ଡାକିବା, ଆହ୍ବାନ କ ସମ୍ବୋଧନ-କ ।

Calling, *s.* ବ୍ୟବସାୟ, ବ୍ୟାପାର, ବିଷୟକର୍ମ ।

Callous, *a.* କଠିନ, କର୍କଶ, ଶକ୍ତ, ନିର୍ଦ୍ଦୟ ।

Callow, *a.* ଉଲଙ୍ଗ; ପକ୍ଷହୀନ ।

Calm, *s.* ସୁସ୍ଥିରତା, ଶାନ୍ତି, ନିବୃତ୍ତି ।—*a.* ସୁସ୍ଥିର, ନିବୃତ୍ତ, ଧୀର, ଶାନ୍ତ ।

Calmly, *ad.* ସୁସ୍ଥିର ବା ଶାନ୍ତରୂପେ, ଧୀରେ ।

Calomel, *s.* ଶୋଧିତ ପାରା, ଔଷଧ ବିଶେଷ ।

Calorific, *a.* ତାପଜନକ, ଉଷ୍ଣ ବା ଉତ୍ତାପଜନକ

Calumniate, *v.* ନିନ୍ଦା-ବଦନାମ-କ, ମିଥ୍ୟାରେ କଳଙ୍କ-ଦେ ।

Calumny, *s.* ନିନ୍ଦା, ଦୁର୍ନାମ, ଗ୍ଲାନି, ମିଥ୍ୟାପବାଦ ।

Calve, *v.* ବାଛୁରି ଜନ୍ମ-କ, ଗର୍ଭିଣୀ ଗାଈ ଖଲାସ-ହେ । [ଚୂନ ।

Calx, *s.* ଭସ୍ମୀକୃତ ଦ୍ରବ୍ୟ, ଅଙ୍ଗାର, ପୋଡ଼ା-

Calyx, *s.* ପୁଷ୍ପର ବହିଃକୋଷ, ଉପଦଳ ।

Cambric, *s.* କାମ୍ବ୍ରେଦେଶୀୟ ସୂକ୍ଷ୍ମବସ୍ତ୍ର ।

Camel, *s.* ଓଟ, ଉଷ୍ଟ୍ର, ଉଟ ।

Cameleon, *s.* ବହୁରୂପୀ, କୃକଳାସ, ଏଣ୍ଡୁଅ ।

Camera-obscura, *s.* ଛବି କରିବା ଯନ୍ତ୍ର ।

Camp, *s.* ଛାଉଣି, କଟକ, ସୈନ୍ୟ ତାମ୍ବୁ ଶ୍ରେଣୀ ।

Campaign, *s.* ବର୍ଷ ମଧ୍ୟରେ ଯେତେକାଳ ସୈନ୍ୟମାନେ ଯୁଦ୍ଧକ୍ଷେତ୍ରରେ ଥାନ୍ତି ।

Camphor, *s.* କର୍ପୂର, କପୂର, ସିତାଭ୍ର ।

Can, *v.* ପାରିବା, ସମର୍ଥ-ପାରଗ-ହେ ।

Can, *s.* ଟିଣ ପାତ୍ର, ରଙ୍ଗନିର୍ମିତ ପାନପାତ୍ର ।

Canal, *s.* ଖାଲ, ନାଳ, ଜଳପଥ, ପ୍ରଣାଳୀ ।

Cancel, *v.* ଲୋପ-ରଦ୍ଦ-କ, ପୋଛାଇବା ।

Cancer, *s.* କର୍କୋଟକ ରୋଗ; କର୍କଟ ରାଶି, କଙ୍କଡ଼ା ।

Candid, *a.* ଯଥାର୍ଥ; ସରଳ, ଅକପଟ, ଉଦାର

Candidate, *s.* ପଦାଭିଳାଷୀ, ପ୍ରାର୍ଥକ, ଉମେଦୁଆର । [ନିଷ୍କପଟେ ।

Candidly, *ad.* ସରଳଭାବେ, ଯଥାର୍ଥମତେ ।

Candle, *s.* ମହମବତୀ, ବତୀ, ବର୍ତ୍ତୀ, ସଳିତା ।

Candlelight, *s.* ପ୍ରଦୀପ ବା ବତୀର ଆଲୁଅ ।

Candlestick, *s.* ଦୀପରୁଖା, ଦୀପାଧାର, ପିଲସୁଜ ।

Candour, *s.* ସରଳତା, ସୁଶୀଳତା, ଔଦାର୍ଯ୍ୟ;

Candy, *s.* ମିଶ୍ରି ।—*v.* ମିଶ୍ରିଯୁକ୍ତ-କ ।

Cane, *s.* ବେତ, ଛଡ଼ି; ଆଖୁ—*v.* ବେତ ମାରିବା, ବେତାଘାତ-କ ।

Canine, *a.* କୁକ୍କୁରଜାତୀୟ, କୁକ୍କୁରବତ୍ ।

Canister, *s.* ଚା ଆଦି ରଖିବାର ପାତ୍ର ।

Canker, *s.* କୀଟଜନକ କ୍ଷତ, କ୍ଷୟୀ ଘା; ବୃକ୍ଷର ରୋଗବିଶେଷ ।

Cannibal, *s.* ମନୁଷ୍ୟଭୋକ୍ତା, ରାକ୍ଷସ, ନରାଦ

Cannon, *s.* ତୋପ, କମାଣ, ଶତଘ୍ନୀ ।

Cannonade, *v.* ତୋପ ଦ୍ୱାରା ଆଘାତ-କ ।

Cannot, *a.* ନ ପାରନ୍ତି, ପାରେ ନାହିଁ ।

Canoe, *s.* ଡଙ୍ଗା, ସାନ ନାଆ, କାଠୁଆ ।

Canon, *s.* ଧର୍ମଗ୍ରନ୍ଥ; ବ୍ୟବସ୍ଥା, ବିଧି, ନିୟମ ।

Canonical, *a.* ଧର୍ମଶାସ୍ତ୍ରାନୁସାରେ, ବ୍ୟବସ୍ଥାନୁଯାୟୀ । [ପୁରୁଷ-କ ।

Canonize, *v.* ପୋପମତେ ମୃତବ୍ୟକ୍ତିଙ୍କୁ ସିଦ୍ଧ-

Canopy, *s.* ଚାନ୍ଦୁଆ, ଚନ୍ଦ୍ରାତପ, ଛତ୍ର ।

Cant, *s.* ଭାକ୍ତନିକ କଥା, କପଟବାକ୍ୟ; ଠାର ।

Canteen, *s.* ସୈନ୍ୟର ମଦ୍ୟପାନଗାର ବା ମଦ୍ୟାଗାର ।

Canter, *s.* ଅଶ୍ୱର ଦ୍ରୁତଗମନ; ଭଣ୍ଡ ବ୍ୟକ୍ତି ।

Canticle, *s.* ଧର୍ମବିଷୟକ ଗାନ ।

Canto, *s.* କବତାର ଏକାଂଶ, କାବ୍ୟର ସର୍ଗ ବା ପଦ୍ୟ ।

Canton, *s.* ଦେଶର ଅଂଶ, ପରଗଣା, ପ୍ରଦେଶ ।

Canvas, *s.* ଛଣସୂତର ବସ୍ତ୍ର, ଅଙ୍ଗା. ଖୋଳ ।

Canvass, *v.* ପରୀକ୍ଷା-ବିଚାର-ଉଦ୍ଦେଶ୍ୟ ସମ୍ମତ ପ୍ରାର୍ଥନା-କ; ଜନସ ଯୋଗାଡ଼ିବାକୁ ବିବିଧ ମାଗିବା ।

Cap, *s.* ଟୋପି, ମସ୍ତକାଚ୍ଛାଦନ ।

Capability, *s.* ପାରକତା, ସାମର୍ଥ୍ୟ, କ୍ଷମତା ।

Capable, *a.* ପାରକ, ସମର୍ଥ, ଯୋଗ୍ୟ,ଧରେକ ।

Capacious, *a.* ପ୍ରଶସ୍ତ, ବୃହତ୍, ଚୌଡ଼ା. ବିସ୍ତୀର୍ଣ୍ଣ ।

Capacitate, *v.* ପାରଗ-ସକ୍ଷମ-ଉପଯୁକ୍ତ-କ ।

Capacity, *s.* ସାଧ୍ୟ, ସାମର୍ଥ୍ୟ, ଯୋଗ୍ୟତା ; ଅବସ୍ଥା, ପରିମାଣ ।

Cap-a-pie, *ad.* ମସ୍ତକରୁ ପାଦ ପାଏ ।

Caparison, *s.* ଅଶ୍ୱାଚ୍ଛାଦନବସ୍ତ୍ର. ଅଶ୍ୱାଭରଣ ।

Cape, *s.* ଅନ୍ତରୀପ; କୁର୍ତ୍ତି ଉପରବସ୍ତ୍ର ।

Caper, *s.* କୁଦା, ଝମ୍ପ. ନାଚ, ଶାକଫଳବିଶେଷ

Capillary, *a.* କେଶ ପରି ସୂକ୍ଷ୍ମ ।

Capital, *a.* ବଡ଼, ପ୍ରଧାନ ଉତ୍ତମ, ଶ୍ରେଷ୍ଠ ; ପ୍ରାଣଦଣ୍ଡ ଯୋଗ୍ୟ ।

Capital, *s.* ରାଜଧାନୀ. ପୁଞ୍ଜି; ମୂଳଧନ, ପୁଞ୍ଜି ; ବଡ଼ ଅକ୍ଷର; ସ୍ତମ୍ଭର ଅଗ୍ରଭାଗ ।

Capitalist, *s.* ମହାଜନ, ଉତ୍ତମର୍ଣ୍ଣ ; ଧନୀ ।

Capitally, *ad.* ଉତ୍ତମରୂପେ, ସୁଲକ୍ଷଣରୂପେ ।

Capitation, *s.* ଜନ ଜନଙ୍କଠାରୁ ମୁଣ୍ଡପିଛା ଗଣନା ।

Capitol, *s.* ରୋମ ନଗରସ୍ଥ ପ୍ରସିଦ୍ଧ ଗଡ଼ ଓ ମନ୍ଦିର ।

Capitulation. *s.* ସନ୍ଧି ବା ଇଚ୍ଛାପୂର୍ବକ ଗଡ଼ ସମର୍ପଣ, ସନ୍ଧି ।

Capon, *s.* ମୁଷ୍କହୀନ ବା ଖାସୀ କୁକୁଡ଼ା ।

Caprice, *s.* ଅସ୍ଥିର ଇଚ୍ଛା, ଚଞ୍ଚଳ ମନ ।

Capricious, *a.* ଚଞ୍ଚଳମନ, ଅସ୍ଥିର ।

Capricorn, *s.* ମକର ରାଶି; ମକରୀ ।

Capsicum, *s.* ଲଙ୍କାମରିଚ ।

Capsize, *v.* ଓଲଟାଇବା, ଲେଉଟି ପଡ଼ିବା ।

Capstan, *s.* ଲଙ୍ଗରକର୍ଷକ ଯନ୍ତ୍ରବିଶେଷ ।

Capsule, *s.* ବୀଜକୋଷ । [ପ୍ରଧାନ ।

Captain, *s.* ସୈନ୍ୟାଧ୍ୟକ୍ଷ, ସେନାପତି, ଜାହାଜ-ପ୍ରଧାନ ।

Captious, *a.* ଛିଦ୍ରାନ୍ୱେଷୀ, କଳହିଆ, ଚିଡ଼ିଚିଡ଼ିଆ ।

Captivate, *v.* ବଶୀଭୂତ-ମୋହିତ-ବନ୍ଦୀ-କ ।

Captive, *s.* ଯୁଦ୍ଧରେ ଲବ୍ଧ ବା ଧୃତ ବ୍ୟକ୍ତି, ବନ୍ଦୀ, କଏଦୀ ।

Captivity, *s.* ବନ୍ଦୀଭୂତତ୍ୱ, ଦାସତ୍ୱ, ଅଧୀନତା ।

Captor, *s.* ଜୟକାରକ; ଲୁଟକାରକ; ଧାରଣକର୍ତ୍ତା ।

Capture, *s.* ଲୁଟ, ଧୃତବସ୍ତୁ ।—*v.* ଯୁଦ୍ଧରେ ଲୁଟି-ନେ, ଆକ୍ରମଣ-କ ।

Car, *s.* ରଥ, ଗାଡ଼ି, ସ୍ୟନ୍ଦନ; ଭାସ୍ୱରୁଞ୍ଜ ।

Carat, *s.* ସୁନାର ପରିମାଣ—ପ୍ରାୟ ଚାରି ରତି ।

Caravan, *s.* ବଡ଼ଗାଡ଼ି; ଯାତ୍ରୀମାନଙ୍କର ଝୁଣ୍ଡ ।

Caravansary, *s.* ସରାଇ. ପାନ୍ଥଶାଳା, ଉତ୍ତୀର୍ଣ୍ଣ ହେବା ସ୍ଥାନ ।

Carbine, *s.* କ୍ଷୁଦ୍ର ବନ୍ଧୁକ । [ବ୍ରଣ ।

Carbuncle, *s.* ମାଣିକ୍ୟ; ତାମ୍ରାକ୍ଷ; ରକ୍ତବର୍ଣ୍ଣ ବ୍ରଣ ।

Carcass, *s.* ପଶୁର ଶବ, ମଢ଼ା, ମୃତଶରୀର ।

Card, *s.* ଖେଳିବାର ତାସ; ନିମନ୍ତ୍ରଣପତ୍ର ।

Cardamom, *s.* ଅଳାଇଚ, ଏଲାଚ ।

Cardinal, *a.* ଶ୍ରେଷ୍ଠ, ପ୍ରଧାନ, ମହତ୍; ଅଦ ।

Cardinal-points, *s.* ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହି ଚାରିଦିଗ ।

Care, *s.* ଭାବନା, ଚିନ୍ତା, ଉଦ୍‌ବେଗ; ଶ୍ରମ ।—*v.* ସାବଧାନ-ହେ; ଚିନ୍ତା-କ; ପାଳିବ ।

Career, *s.* ଦୌଡ଼, ଗତି; ଆଚରଣ ।
Careful, *a.* ସାବଧାନ, ସତର୍କ; ଉଦ୍‌ବିଗ୍ନ, ଚିନ୍ତିତ
Carefully, *ad.* ସାବଧାନରୂପେ, ମନୋଯୋଗସହ ।
Carelessly, *ad.* ଅସାବଧାନରେ, ଅମନୋଯୋଗୀରୂପେ ।
Carelessness, *s.* ଅସାବଧାନତା ।
Caress, *v.* ସ୍ନେହ- ସୋହାଗ-ପ୍ରେମ-କ ।
Cargo, *s.* ଜାହାଜର ବୋଝାଇ ।
Caricature, *s.* କୁତ୍ସିତମୂର୍ତ୍ତି, ବିକଟ ରୂପ ଛବି ।
Carminative, *s.* ବାୟୁନାଶକ ଔଷଧବିଶେଷ
Carmine, *s.* ଘୋରରଙ୍ଗ, ରକ୍ତବର୍ଣ୍ଣ ।
Carnage, *s.* ସଂହାର, ନାଶ, ନିପାତ, ଖୁଣ ।
Carnal, *a.* ଶାରୀରିକ, ସାଂସାରିକ, କାମୁକ ।
Carnival, *s.* ରୋମ ନିବାସୀମାନଙ୍କର ଉତ୍ସବବିଶେଷ ।
Carnivorous, *a.* ମାଂସାଶୀ, ମାଂସଭୋଜୀ, ମାଂସାଦ ।
Carol, *s.* ସଂକୀର୍ତ୍ତନ, ଜୟଗାନ, ସ୍ତୁତିଗାନ । —*v.* ସଂକୀର୍ତ୍ତନ-ସ୍ତୁତିଗାନ-କ ।
Carouse, *v.* ଆନନ୍ଦେ ମଦ୍ୟପାନ-ଉତ୍ସବ-କ ।
Carp, *v.* ବାଦାନୁବାଦ-ଅଳ୍ପବିଷୟେ ଆପତ୍ତି-କ
Carp, *s.* ପୁଷ୍କରିଣୀ ମତ୍ସ୍ୟବିଶେଷ ।
Carpenter, *s.* ବଢ଼ାଇ, ସୂତ୍ରଧର ।
Carpet, *s.* ଶତରଞ୍ଜି, ଦୁଲିଚା, ଗାଲିଚା, ପଟ
Carriage, *s.* ଗାଡ଼ି, ରଥ, ବାହାନ; ବ୍ୟବହାର, ଆଚାର ।
Carrier, *s.* ବାହକ, ଦୂତ, ମୋଟିଆ, ସମାଚାରଦାତା ।
Carrion, *s.* ଅଭକ୍ଷଣୀୟ ବା ପଚାମାଂସ, ମଡ଼ା
Carrot, *s.* ଗାଜର, ଭକ୍ଷଣୀୟ ମୂଳ ବିଶେଷ ।
Carry, *v.* ବହିବା, ନେଇଯିବା, ନେବ ।
Cart, *s.* ଶଗଡ଼, ଶକଟ, ଗାଡ଼ି ।
Carter, *s.* ଶଗଡ଼ିଆ, ଗାଡ଼ିଆନ, ସାରଥି ।
Cartilage, *s.* ଉପାସ୍ଥି, କୋମଳ ହାଡ଼ ।
Cartouch, *s.* ତୋଷଦାନ, କାର୍ତ୍ତୁସ୍ ।
Cartridge, *s.* ବନ୍ଧୁକର ଟୋଟା ।
Cartwright, *s.* ଶଗଡ଼ ବନାଇବା ଲୋକ, ଶକଟ ନିର୍ମାଣକର୍ତ୍ତା ।
Carve, *v.* ଖୋଦ-କ, କାଷ୍ଠ ବା ମାଂସ ବା ପଥର କାଟିବା ।
Cascade, *s.* ନିର୍ଝର, ଝର, ସ୍ରୋତପଡ଼ିବା ସ୍ଥାନ ।
Case, *s.* ଖାପ, କୋଷ, ଅବସ୍ଥା, ବିଷୟ; ମକଦ୍ଦମା ।
Casement, *s.* ଝରକା, ଖିଡ଼କି, ବାତାୟନ ।
Cash, *s.* ନଗଦ ଟଙ୍କା, ନେକଡ଼ ମୁଦ୍ରା ।
Cashier, *s.* ଖଜାଞ୍ଚୀ, ତହବିଲଦାର, ଭଣ୍ଡାରଘରିଆ ।
Cashier, *v.* କର୍ମଚ୍ୟୁତ-ପଦଚ୍ୟୁତ-କ ।
Cask, *s.* ପିପା, କାଷ୍ଠ ପାତ୍ରବିଶେଷ ।
Casket, *s.* ଗହଣାର ସିନ୍ଦୁକ; ଡବା ।
Casque, *s.* ଶିରସ୍ତ୍ର, ଦୃଢ଼ ମୁକୁଟ ।
Cassia, *s.* ସୋଣାଳୀ, ଦାରୁଚିନିବିଶେଷ ।
Cast, *s.* ନିକ୍ଷେପ; ଚକ୍ଷୁର ଟଳକ; ଛାଞ୍ଚ ।—*v.* ପ୍ରକ୍ଷେପ-କ, ଫୋପାଡ଼ିବା; ଗଣନା-କ ।
Castaway, *s.* ଅଗ୍ରାହ୍ୟ ବ୍ୟକ୍ତି, ତ୍ୟକ୍ତ ବ୍ୟକ୍ତି ।
Caste, *s.* ଜାତି, ବର୍ଣ୍ଣ, କୁଳ ।
Castigate, *v.* ଦଣ୍ଡ-ଦେ, ପ୍ରହାର-କ ।
Castigation, *s.* ଦଣ୍ଡ, ପ୍ରହାର, ଶାସ୍ତି ।
Castle, *s* ଦୁର୍ଗ, ଗଡ଼, ରାଜଗୃହ ।
Cast-lots, *v.* ଗୁଳିବାଣ୍ଟ-କ ।
Castor-oil, *s.* ଜଡ଼ାତେଲ, ଏରଣ୍ଡତୈଳ ।
Castrate, *v.* ଖାସି-ମୁଷ୍କଛେଦନ-କ ।
Casual, *a.* ଅନିର୍ଦ୍ଧାରିତ, ଅନିଶ୍ଚିତ, ଦୈବାତ୍
Casualty, *s.* ଦୈବଘଟନା; ଅକାଳ ମୃତ୍ୟୁ ।
Casuist, *s.* ଧର୍ମାଧର୍ମ ବିଷୟକ ସନ୍ଦେହ ଭଞ୍ଜନକର୍ତ୍ତା ।
Casuistry, *s.* ଧର୍ମାଧର୍ମ ମୀମାଂସା ।
Cat, *s.* ବିଲି, ବିଲେଇ, ବିରାଡ଼ି; କଟାସ; ବେଣାବାଘ; କୋରଡ଼ା ।

Catacombs, *s.* ମାଟି ତଳରେ ଶବ ରଖିବା ସ୍ଥାନ, ସମାଧି ସ୍ଥାନ ।
Catalepsy, *s.* ଅପସ୍ମାର, ମୃଗୀରୋଗ ।
Catalogue, *s.* ତାଲିକା, ଫର୍ଦ୍ଦ, ନିର୍ଘଣ୍ଟ, ଜାସ୍ତ
Cataract, *s.* ନିର୍ଝର, ଜଳଝରଣା, ଚକ୍ଷୁରୋଗ
Catarrh, *s.* ଶ୍ଳେଷ୍ମା, ସର୍ଦ୍ଦି, କଫ, କାଶ ।
Catastrophe, *s.* ଦୁର୍ଘଟଣା, ବିପଦ, ଦୁର୍ଗତି ।
Catch, *v.* ଧରିବା, ବନ୍ଦ-ଗ୍ରହଣ-କ ।
Catechetical, *a* ଉତ୍ତରପ୍ରତ୍ୟୁତ୍ତରିୟ, ପ୍ରଶ୍ନୋତ୍ତରଯୁକ୍ତ ।
Catechise, *v.* ପ୍ରଶ୍ନୋତ୍ତର ଦ୍ୱାରା ଶିକ୍ଷା-ଦେ
Catechism, *s.* ପ୍ରଶ୍ନୋତ୍ତରକ୍ରମେ ଉପଦେଶ ପୁସ୍ତକ ।
Catechist, *s.* ପ୍ରଶ୍ନୋତ୍ତରକ୍ରମେ ଧର୍ମୋପଦେଶକ ।
Catechumen, *s.* ଧର୍ମର ନୂଆ ଶିଷ୍ୟ ।
Categorical, *v.* ସନ୍ଦିଶ୍ଚି, ସ୍ପଷ୍ଟ, ନିଶ୍ଚିତ, ସ୍ୱତନ୍ତ୍ର ।
Category, *s.* ବର୍ଗ, ପଦ, ବସ୍ତୁର କ୍ରମ, ପଦାର୍ଥ ।
Cater, *v.* ଭକ୍ଷ୍ୟ, ଭୋଜନ-ଆହାର ଯୋଗାଡ଼-କ
Caterpillar, *s.* ଶୁଅପୋକ, କଣ୍ଟିଆ ବା ଗୁଟିପୋକ ।
Caterwaul, *v.* ବିଲେଇର ପ୍ରାୟ ରବ-କ ।
Catgut, *s.* ତନ୍ତ୍ର, ବାଦ୍ୟ ଯନ୍ତ୍ରର ତାର ।
Cathartic, *s.* ଭେଦକଔଷଧ, ଜୁଲାବ ।—*a.* ଭେଦକ, ରେଚକ ।
Cathedral, *s.* ବଡ଼ ଗୀର୍ଜାଘର, ପ୍ରଧାନ- [ଭଜନାଳୟ ।
Catheter, *s.* ମୂତ୍ରରେଚକ ନଳୀ ।
Catholic, *a.* ସାଧାରଣ, ସର୍ବଦେଶୀୟ, ସର୍ବଗ୍ରାହୀ
Cattle, *s.* ଗୋମେଷାଦି ଗ୍ରାମ୍ୟପଶୁଗଣ ।
Caul, *s.* ଅନ୍ତ୍ରବେଷ୍ଟ ଜାଲ; ସ୍ତ୍ରୀଲୋକର କେଶାବରଣ ।
Cauliflower, *s.* ଫୁଲକୋବି ।
Causal, *a.* କାରଣସମ୍ବନ୍ଧୀୟ, ନୈମିତ୍ତିକ, ହେତୁକ ।
Cause, *s.* ହେତୁ, କାରଣ, ନିମିତ୍ତ; ମୋକଦ୍ଦମା ।—*v.* କରାଇବା, ଜନ୍ମାଇବା, ଉତ୍ପାଦନ-କ, ଘଟାଇବା ।
Causeless, *a.* ଅକାରଣ, ଅନର୍ଥକ, ଅହେତୁ-କ
Causeway, *s.* ସେତୁବନ୍ଧ, ରାଜପଥ, ବନ୍ଧାପଥ
Caustic, *s.* ଜ୍ୱାଳାକର, ଓ କ୍ଷୟକାରକ ଔଷଧ
Cauterize, *v.* ଦଗ୍ଧ-ଦାଗ-କ, ଛଡ଼-ଦେ ।
Caution, *s.* ସାବଧାନତା, ସତର୍କତା ।—*v.* ସମାଚାର-ଦେ, ଚେତାଇବା, ସାବଧାନ-କ ।
Cautionary, *a.* ବୋଧକ, ସାବଧାନକାରୀ, ଚେତନାଜନକ ।
Cautious, *a.* ସାବଧାନ, ସତର୍କ, ଚୌକସ, ହୁସିଆର ।
Cavalcade, *s.* ଅଶ୍ୱାରୂଢ଼ ଶ୍ରେଣୀ ବା ସମୂହ ।
Cavalier, ଅଶ୍ୱାରୂଢ଼ ଯୋଦ୍ଧା, ଘୋଡ଼ସୱାର ।
Cavalierly, *ad.* ଦାମ୍ଭିକରୂପେ ।
Cavalry, *s.* ଅଶ୍ୱାରୂଢ଼ ସେନାଗଣ ।
Cave, *s.* ଗୁମ୍ଫା, ଗହ୍ୱର, ଗର୍ତ୍ତ, ଗୁହା, କନ୍ଦର ।
Caveat, *s.* ପ୍ରତ୍ୟାଦେଶପତ୍ର, ନିଷେଧାଜ୍ଞା ।
Cavern *s.* ଗହ୍ୱର, ପର୍ବତର ଖୋଲ ବା ଗୁମ୍ଫା
Cavil, *v.* ବୃଥା ଅପତ୍ତି-କୁତର୍କ-କ, ଦୋଷ-ଦେ ।
Caviller, *s.* ବୃଥା ଅପତ୍ତିକାରୀ ।
Cavity, *s.* ଗର୍ତ୍ତ, ଛିଦ୍ର, ଖାତ ।
Caw, *s.* କୁଆର ଡାକ ବା ରବ ।
Cease, *v.* କ୍ଷାନ୍ତ-ନିବୃତ୍ତ-ସ୍ଥଗିତ-ହେ ।
Ceaseless, *a.* ଅନବରତ, ନିରନ୍ତର, ଅବିରତ
Cede, *v.* ସମର୍ପଣ-କ, ସ୍ୱତ୍ୱ ବା ସ୍ୱାଧିକାର ଛାଡ଼ିବା ।
Ceiling, *s.* ଛାତର ତଳ, ଘରର ଛାତରେ ଆଚ୍ଛାଦନ ।
Celebrate, *v.* ପ୍ରଶଂସା-ଗୁଣବାଦ-କ; ପାଳିବା
Celebrated, *a.* ବିଖ୍ୟାତ, ପ୍ରସିଦ୍ଧ ।

Celebration, *s.* ସମାରୋହ, ସଂକୀର୍ତ୍ତନ ବା ମହୋତ୍ସବ ।

Celebrity, *s.* ଯଶଃ, କୀର୍ତ୍ତି ; ଯଶସ୍ୱୀ ଲୋକ ।

Celerity, *s.* ବେଗଗତି, ଦ୍ରୁତଗମନ, ତ୍ୱରା ।

Celestial, *a.* ସ୍ୱର୍ଗୀୟ, ସ୍ୱର୍ଗସ୍ଥ, ଆକାଶୀୟ । —*s.* ସ୍ୱର୍ଗନିବାସୀ ।

Celibacy, *s.* ଅବିବାହିତତ୍ୱ, ଅକୃତଦାରତ୍ୱ, ଅବିବାହ ।

Cell, *s.* କ୍ଷୁଦ୍ର କୋଠରୀ, ଗୁମ୍ଫା, ଗହ୍ୱର, କୁହର ।

Cellar, *s.* ଗୃହନିମ୍ନସ୍ଥ କୋଠରୀ, ଘର ତଳ ଗୁମ୍ଫା; ମଦ୍ୟାଗାର । [ଯୁକ୍ତ ।

Cellular, *a.* ଗର୍ତ୍ତମୟ, ଗମ୍ଫା, କ୍ଷୁଦ୍ରକୋଷ-

Cement, *s.* ଗାନ୍ଥୁଣୀର ମସଲା, ବନ୍ଧାର ଜମାଟ । —*v.* ଯୋଡ଼ାଇବା, ଜମାଟ-କ

Cemetery, *s.* କବର-ସମାଧି-ଗୋରସ୍ଥାନ, ଶ୍ମଶାନ । [ରଣାର୍ଥ ସ୍ତମ୍ଭ ।

Cenotaph, *s.* ଅନ୍ୟସ୍ଥାନେ ମୃତ ବ୍ୟକ୍ତିର ସ୍ମ-

Censer, *s.* ଧୂପଦାନୀ, ଧୂପାଗ ।

Censor, *s.* ସଦସଦ୍ବିଚାରକ ।

Censorious, *a.* ନିନ୍ଦକ, ଅପବାଦକ, ଭର୍ତ୍ସକ, ଦୋଷ ପ୍ରଦର୍ଶକ ।

Censurable, *a.* ଦୂଷଣୀୟ, ନିନ୍ଦନୀୟ, ନିନ୍ଦ୍ୟ ।

Censure, *s.* ନିନ୍ଦା, ଭର୍ତ୍ସନା, ଅପବାଦ । —*v.* ଦୋଷ-ଦେ, ଅପବାଦ-ଗ୍ଲାନି-କ ।

Census, *s.* ଲୋକସଂଖ୍ୟା, ଲୋକର ନାମ ଓ ବାସସ୍ଥାନର ତାଲିକା ।

Cent, *s.* ଏକଶତ, ଶତକର, ଶତସଂଖ୍ୟା ।

Centaur, *s.* ଧନୁରାଶି ; ନରାଶ୍ୱଜନ୍ତୁ, କିନ୍ନର ।

Centenary, *s.* ଶତସଂଖ୍ୟା, ଶତକ ।

Centennial, *a.* ଏକଶତ ବର୍ଷୀୟ ।

Centesimal, *a.* ଶତଭାଗର ଏକଭାଗ ।

Centipede, *s.* ବଗ୍ଣ, ବୃଶ୍ଚିକ, ଶତପଦୀ ।

Central, *a.* ମଧ୍ୟସ୍ଥିତ, ମଧ୍ୟମ, ମଧ୍ୟସ୍ଥ ।

Centre, *s.* ମଧ୍ୟ, ଭିତର, ଅଭ୍ୟନ୍ତରସ୍ଥଳ ।

Centrical, *a.* ମଧ୍ୟସ୍ଥଳୀୟ, ମଧ୍ୟବର୍ତ୍ତୀ, ମଧ୍ୟସ୍ଥିତ । [ଗାମୀ ।

Centrifugal, *a.* ମଧ୍ୟତ୍ୟାଗୀ, କେନ୍ଦ୍ରାପସା-

Centripetal, *a.* ମଧ୍ୟସ୍ଥଳାକର୍ଷଣଶୀଳ ।

Centuple, *a.* ଶତଗୁଣ, ଶତବାର ।

Centurion, *s.* ଶତସେନାପତି, ଶତସୈନ୍ୟାଧ୍ୟକ୍ଷ ।

Century, *s.* ଏକଶତ ବରଷ, ଶହେ ବରଷ ।

Cephalic, *a.* ମସ୍ତକପୀଡ଼ାର ପ୍ରତିକାରକ, ମସ୍ତକ ସମ୍ବନ୍ଧୀୟ ।

Ceramic, *a.* ମୃତ୍ତିକାପାତ୍ର ସମ୍ବନ୍ଧୀୟ ।

Cerebellum, *s.* ମସ୍ତିଷ୍କର ପଛ ଓ ସାନ ଭାଗ ।

Cerebrum, *s.* ମଗଜ, ମସ୍ତିଷ୍କର ଆଗ ଓ ବଡ଼ ଭାଗ ।

Cerecloth, *s.* ମହମଯୁକ୍ତବସ୍ତ୍ର, ମହମଢାଲ ।

Ceremonial, *a.* ବ୍ୟବହାରିକ, ଶିଷ୍ଟାଚାର, ଧର୍ମନୀତି ସମ୍ବନ୍ଧୀୟ ।—*n.* ଧର୍ମବିଧି । [ଚାର ।

Ceremonious, *a.* ବ୍ୟବହାରିକ; ଅତିଶିଷ୍ଟା-

Ceremony, *s.* କ୍ରିୟା; ଶିଷ୍ଟାଚାର; ଧର୍ମବାହ୍ୟକ ରୀତି, ବ୍ୟବସ୍ଥା । [ସମୂକ ।

Certain, *a.* ନିଶ୍ଚିତ, ନିଃସନ୍ଦେହ, ଅବଶ୍ୟ ;

Certainly, *ad.* ନିଶ୍ଚିତରୂପେ, ନିତାନ୍ତ, ସତ୍ୟରୂପେ ।

Certainty, *s.* ନିଶ୍ଚୟତା, ସ୍ଥୈର୍ଯ୍ୟ; ଠିକଣା ।

Certificate, *s.* ପ୍ରମାଣପତ୍ର, ନିଦର୍ଶନଲିପି ।

Certify, *v.* ଜ୍ଞାପନ-କ, ପ୍ରମାଣ-ଦେ, ଜଣାଇବା ।

Cerulean, *a.* ଆକାଶବର୍ଣ୍ଣ, ଈଷତ୍ ନୀଳବର୍ଣ୍ଣ ।

Cess, *s.* କର, ଟାକ୍ସ, ତୋଳା ।

Cessation, *s.* ନିବୃତ୍ତି, ବିରାମ, ବନ୍ଦ, ରୋଧ ।

Cession, *s.* ସମର୍ପଣ; ପଦତ୍ୟାଗ ।

Cesspool, *s.* ମଇଳା ପାଣିର ଗର୍ତ୍ତ, ଗେଁବାଡ଼ା ।

Cetaceous, *a.* ମକରମତ୍ସ୍ୟ ଜାତୀୟ ।

Chafe, *v.* ରଗଡ଼ିବା, ଘର୍ଷଣ ଦ୍ୱାରା ଉତ୍ତପ୍ତ-କ ।

Chaff, s. ଭୂଷି, ତୁଷ, ଶସ୍ୟଖୋଷା, ତୁଚ୍ଛଦ୍ରବ୍ୟ।
Chaffer, v. କ୍ରୟ ବିକ୍ରୟରେ ବିବାଦ-କ।
Chaffinch, v. କ୍ଷୁଦ୍ର ପକ୍ଷିବିଶେଷ।
Chafingdish, s. ଅଗ୍ନି ପାତ୍ର, ଧୂନା, ଅଙ୍ଗାଠି।
Chagrin, s. ଅତୁଷ୍ଟି, ବୈରକ୍ତ୍ୟ, ଅସନ୍ତୋଷ, ଖେଦ। [ନିଗଡ଼।
Chain, s. ଜିଞ୍ଜିର, ଜଞ୍ଜିର, ଶିକୁଳି, ବେଡ଼ୀ,
Chair, s. ଚୌକି, କୁରୁସି, ଆସନ; ଗାଡ଼ି ବିଶେଷ
Chairman, s. ସଭାପତି; ପ୍ରମାଣିକ।
Chaise, s. ଗାଡ଼ି ବିଶେଷ, ଦ୍ୱାଉଦାଗାଡ଼ି।
Chalcedony, s. ତାମ୍ରମଣି, ମାଣିକ୍ୟ।
Chaldron, s. ଅଙ୍ଗାରର ପରିମାଣବିଶେଷ।
Chalice, s. ବାଟି, ଧାତୁମୟ ପାନପାତ୍ର।
Chalk, s. ଖଡ଼ିମାଟି, ଶିଳାଧାତୁ।
Challenge, s. ଯୁଦ୍ଧାର୍ଥେ ଆହ୍ୱାନ; ଦାଓଅ।
—v. ଯୁଦ୍ଧାର୍ଥେ ଡାକିବା, ଆପତ୍ତି-କ।
Chamber, s. କୋଠରି, ଅଗାର, ଘର; କୋଷ
Chamberlain, s. ରାଜଗୃହାଧ୍ୟକ୍ଷ, ଭଣ୍ଡାରଘରିଆ। [କାରିଣୀ, ଦାସୀ।
Chambermaid, s. ପରିଚାରିକା, ଗୃହକର୍ମ-
Chamois, s. ପାର୍ବତୀୟ ଛାଗଳବିଶେଷ; ଛାଗଚର୍ମ। [ଦଂଶନ-କ।
Champ, v. ଦାନ୍ତରେ ପେଷିବା, ଚାମୁଡ଼ିବା,
Champagne, s ମଦବିଶେଷ।
Champaign, s. ପଡ଼ିଆ, ମୈଦାନ, ମାଠ।
Champion, s. ଯୋଦ୍ଧା, ବୀର, ଶୂର, ମଲ୍ଲ।
Chance, s. ଅଦୃଷ୍ଟ, ଭାଗ୍ୟ, କପାଳ, ଦୈବଘଟନା।
—v. ଦାୟ୍-ହେ; ଘଟିବା।
Chancel, s. ଭଜନାଳୟର ପୂର୍ବ ଦିଗ।
Chancellor, s. ପ୍ରଧାନ ବିଚାରକର୍ତ୍ତା।
Chancery, s. ଅଦାଲତ ବିଶେଷ।
Chandelier, s. ବତିର ଝାଡ଼, ଦୀପବୃକ୍ଷ।
Chandler, s. ବତିବ୍ୟବସାୟୀ, ବତିବାଲା।

Change, s. ପରିବର୍ତ୍ତନ, ବଦଳ; ବାଣିଜ୍ୟସ୍ଥାନ।
—v. ପରିବର୍ତ୍ତନ-ବଦଳ-ଅନ୍ୟଥା-କ; ଟଙ୍କା ଭଙ୍ଗାଇବା।
Changeable, a. ଚଞ୍ଚଳ, ଅସ୍ଥିର, ପରିବର୍ତ୍ତନୀୟ। [ପାଗଳ।
Changeling, s. ବାଳକବଦଳ; ବହୁରୂପୀ;
Channel, s. ସ୍ରୋତର ପଥ, ନଳା, ପ୍ରଣାଳୀ।
Chant, v. ଧର୍ମଗାନ-ସଂକୀର୍ତ୍ତନ-କ।
Chanticleer, s. କୁକ୍କୁଟ, ଗଞ୍ଜା, ମୁରଗ।
Chaos, s. ଶୂନ୍ୟତା, ଅସ୍ଥିରତ୍ୱ, ଅବ୍ୟବସ୍ଥିତ।
Chaotic, a. ଅସ୍ଥିରାକାର, ଅବ୍ୟବସ୍ଥିତ, ମିଶ୍ରିତ।
Chap, s. ଫାଟ, ଫାଙ୍କ, ଛିଦ୍ର।
Chapel, s. ଭଜନାଳୟ, ଗୀର୍ଜାଘର।
Chapfallen, a. ମଳିନମୁଖ, ଅଧୋବଦନ, ବିଷଣ୍ଣବଦନ।
Chaplain, s. ଧର୍ମୋପଦେଶକ। [ଗର୍ଭକ।
Chaplet, s. ଶିରୋଭୂଷଣ, ଫୁଲମାଳା, ମାଲ୍ୟ,
Chapman, s. କ୍ରୟବିକ୍ରୟକର୍ତ୍ତା, ଗ୍ରାହକ।
Chapter, s. ଅଙ୍କ, ଅଧ୍ୟାୟ, ପ୍ରକରଣ; ସମାଜ।
Char, s. ମାଛବିଶେଷ; ଦିନକର କର୍ମ।
Char, v. ଅଙ୍ଗାର ଦଗ୍ଧ-କ; ଦିନ ମଜୁରି-କ।
Character, s. ଚରିତ୍ର; ଗୁଣ, ସ୍ୱଭାବ; ବ୍ୟକ୍ତି; ଅକ୍ଷର, ବର୍ଣ୍ଣ; ଚିହ୍ନ।
Characteristic, a. ସ୍ୱାଭାବିକ ଗୁଣସୂଚକ।
Characterize, v. ଦୋଷ ବା ଗୁଣ ପ୍ରକାଶ-କ
Charcoal, s. ଅଙ୍ଗାର, ଦଗ୍ଧକାଷ୍ଠ, କାଠର କୋଇଲା।
Charge, s. ଆଜ୍ଞା; ସମର୍ପଣ; ମୂଲ୍ୟ; ବନ୍ଧୁକରେ ଥରକେ ଯେତେ ବାରୁଦ ଓ ଗୁଳି ଦିଆଯାଏ।
—v. ସମର୍ପଣ-କ, ଦୋଷ-ଦେ, ଆଜ୍ଞା-କ, ମୂଲ୍ୟ ନିର୍ଦ୍ଧାରଣ-କ; ଆକ୍ରମଣ-କ।
Chargeable, a. ଦୋଷଯୋଗ୍ୟ, ବ୍ୟୟଶୀଳ।
Charger, s. ଯୁଦ୍ଧର ଅଶ୍ୱ; ପାତ୍ର, ଥାଳୀ।

Charily, *ad.* ସତର୍କରୂପେ, ସାବଧାନରୂପେ ।
Chariot, *s.* ଗାଡ଼ି, ରଥ, ସ୍ୟନ୍ଦନ ।
Charioteer, *s.* ରଥୀ; ସାରଥୀ, ଚାଳକ ।
Charitable, *a.* ଦାନଶୀଳ, ଦୟାଳୁ,ବଦାନ୍ୟ
Charity, *s.* କୃପା, ଦୟା; ପ୍ରେମ; ଦାନ; କ୍ଷମା ।
Charlatan, *s.* ପ୍ରବଞ୍ଚକ ବୈଦ୍ୟ, ହାତୁଡ଼ିଆ ।
Charm, *s.* କବଚ, ତାବିଜ; ମନ୍ତ୍ର, ଟୁଣି, ଯାଦୁ ।—*v.* ମୋହିତ-କ, ଅତି ସନ୍ତୁଷ୍ଟ-କ ।
Charmer, *s.* ମୋହକ; ମାୟାବୀ, ଗୁଣୀ, କୁହୁକୀ, ଯାଦୁଗର ।
Charming, *a.* ମନୋହର, ରମଣୀୟ, ଅତି ସୁନ୍ଦର ।
Charnel-house, *s.* ଶ୍ମଶାନ, ଶବମନ୍ଦିର, ଅସ୍ଥିସଂରକ୍ଷଣସ୍ଥାନ ।
Chart, *s.* ଦେଶାଦିର ନକ୍ସା, ସମୁଦ୍ରାଦିର ପଟ
Charter, *s.* ସନନ୍ଦ, ରାଜାଜ୍ଞାପତ୍ର ।
Charter-party, *s.* ଜାହାଜର ଭଡ଼ାବିଷୟକ ନିୟମପତ୍ର ।
Chary, *a.* ସାବଧାନ, ସତର୍କ, ବିବେଚକ ।
Chase, *s.* ମୃଗୟାସ୍ଥାନ; ଶିକାର, ଅନୁଧାବନ । —*v.* ମୃଗୟା- ଶିକାର-କ, ଗୋଡ଼ାଇବା, ପଶ୍ଚାଦ୍ଧାବନ -କ ।
Chasm, *s.* ଛିଦ୍ର, ଫାଟ, ଗାତ, ଫାଙ୍କ, ଗର୍ତ୍ତ ।
Chaste, *a.* ସତୀ, ପତିବ୍ରତା, ସାଧ୍ୱୀ, ପବିତ୍ର ।
Chasten, Chastise, *v.* ଶାସ୍ତି-ସଜା-ଶାସନ-ଦଣ୍ଡ-ଦେ ।
Chastisement, *s.* ଶାସ୍ତି,ଦଣ୍ଡ,ଦମନ,ସଜା ।
Chastity, *s.* ସତୀତ୍ୱ, ପବିତ୍ରତା, ସାଧ୍ୱୀତ୍ୱ ।
Chat, *s.* କଥାବାର୍ତ୍ତା, ଗଳ୍ପ, ଗପ, ବକବକ ।
Chattel, *s.* ଅସ୍ଥାବର ଧନ, ସାମଗ୍ରୀ,ଜିନିସପତ୍ର
Chatter, *v.* ବକବକ-କ ; ପକ୍ଷୀ ପରି ଶବ୍ଦ-କ; ଦାନ୍ତ କଡ଼ମିଡ଼-କ ।
Chatter-box, *s.* ବକୁଆ, ବାତୁଳ, ବାଚାଳ
Chatty, *a.* ଅଳାପୀ, ଗପୁଡ଼ି ।
Cheap, *a.* ସୁମୂଲ୍ୟ, ଅଳ୍ପମୂଲ୍ୟ, ଶସ୍ତା ।
Cheapen, *v.* ଶସ୍ତା-କ, ମୂଲ୍ୟ କମ୍-କ ।
Cheat, *s.* ପ୍ରତାରକ,ଠକ,ପ୍ରବଞ୍ଚକ, ଜୁଆଚୋର ।—*v.* ପ୍ରତାରଣା- ପ୍ରବଞ୍ଚନା-କ, ଠକିବା ।
Check, *s.* ନିବୃତ୍ତି, ଅଟକ, ଅଟକ, ବନ୍ଦ; ହୁଣ୍ଡି ।—*v.* ଦମନ-ଶାସନ-କ, ଅଟକାଇବ ; ହିସାବ ମିଳାଇବା ।
Checker, *v.* ଚିତ୍ରବିଚିତ୍ର-କ ।
Checkmate, *s.* ଶତରଞ୍ଜର ମାତ, ପରାଜୟ ।
Cheek, *s.* ଗାଲ, ଗଣ୍ଡଦେଶ, କପୋଳ ।
Cheer, *s.* ଭୋଜ, ଆମୋଦ, ଜୟଧ୍ୱନି ।—*v.* ସାହସ-କ, ଆନନ୍ଦ କରାଇବା, ଆଶ୍ୱାସ-କ ।
Cheerful, *a.* ହୃଷ୍ଟ, ଆନନ୍ଦିତ, ପୁଲକିତ, ସୁଖୀ । [ନିରୁତ, ଉଦାସ ।
Cheerless, *a.* ଦୁର୍ଦ୍ଦଶାଗ୍ରସ୍ତ, ନିରାନନ୍ଦ, ଶୋକା-
Cheese, *s.* ପନିର, ଲବଣାକ୍ତ ଛେନା ।
Cheesemonger, *s.* ପନିର ବିକ୍ରୟକାରୀ, ପନିରବାଲା ।
Chemical, *a.* ରସାୟନ ବିଦ୍ୟାସମ୍ବନ୍ଧୀୟ ।
Chemise, *s.* ସ୍ତ୍ରୀଲୋକର କମିଜ ।
Chemist, *s.* ରସାୟନ ବିଦ୍ୟାଜ୍ଞ; କିମିୟାକାର
Chemistry, *s.* ରସାୟନ ବିଦ୍ୟା, କିମିୟା ।
Cherish, *v.* ପୋଷଣ-କ,ପାଳିବା; ବୃଦ୍ଧି-କ ।
Cherry, *s.* ଫଳବିଶେଷ ।
Cherub, *s.* କରୁବ, ସ୍ୱର୍ଗୀୟ ଦୂତବିଶେଷ ।
Cherubic, *a.* ସ୍ୱର୍ଗୀୟ, ଅତିସୁନ୍ଦର ।
Cherubim, *s.* ସ୍ୱର୍ଗୀୟ ଦୂତଗଣ ।
Chess, *s.* ଶତରଞ୍ଜଖେଳ, ପଶାକୀଡ଼ା ।
Chessboard, *s.* ଶତରଞ୍ଜର ଛକ ବା ପଟ ।
Chessman, *s.* ଶତରଞ୍ଜର ଖେଳିବା ଗୋଟି ।
Chest, *s.* ସିନ୍ଦୁକ; ବଡ଼ସିନ୍ଦୁକ; ବକ୍ଷସ୍ଥଳ, ଛାତି ।
Chestnut, *s.* କଠାବର୍ଣ୍ଣ ଫଳବିଶେଷ ।

Chevalier, *s.* ଅଶ୍ୱାରୂଢ଼ ସୈନ୍ୟ ।
Chew, *v.* ଚୋବାଇବା, ଚର୍ବଣ-କ ।
Chicanery, *s.* ଛଳ, ଅପଥ, ଓଜର, ଖୁଟୁସ ।
Chicken, *s.* କୁକୁଡ଼ା ବା ମୁରଗୀର ଛୁଆ ।
Chicken-hearted, *a.* ଭୀରୁ, ଭୟଶୀଳ ।
Chicken-pox, *s.* ପାଣିବସନ୍ତ, ହାଉଗୁଟି ।
Chide, *v.* ଭର୍ତ୍ସନା-ନିନ୍ଦା-ଅନୁଯୋଗ-କ ।
Chief, *s.* ଅଧ୍ୟକ୍ଷ, ଶ୍ରେଷ୍ଠବ୍ୟକ୍ତି, ସର୍ଦ୍ଦାର ।
—*a.* ପ୍ରଧାନ, ମହତ୍, ଶ୍ରେଷ୍ଠ, ବଡ଼ ।
Chiefly, *ad.* ବିଶେଷତଃ. ଶ୍ରେଷ୍ଠରୂପେ ।
Chieftain, *s.* ଅଧିପ, ଦଳର ସ୍ୱାମୀ ।
Chilblain, *s.* ହିମଜାତ ଫୋଟକା ବା କ୍ଷତ ।
Child, *s.* ସନ୍ତାନ, ଛୋଟ, ବାଳକ, ପିଲା ।
Childbearing, *s.* ଗର୍ଭଧାରଣ, ସନ୍ତାନୋତ୍ପାଦନ ।
Childbirth, *s.* ପ୍ରସବ, ଗର୍ଭମୋଚନ ।
Childhood, *s.* ଶୈଶବକାଳ, ବାଲ୍ୟାବସ୍ଥା ।
Childish, *a.* ବାଳକ ପରି, ବାଳକବତ୍ ।
Childless, *a.* ନିଃସନ୍ତାନ, ଅନପତ୍ୟ, ବନ୍ଧ୍ୟା ।
Children, *s.* ସନ୍ତାନସମୂହ, ବାଳକଗଣ ।
Chill, *s.* ଶୀତ, ଜଡ଼, ହିମ, ଶୀତକମ୍ପ ।
Chilly, *a.* ଶୀତାର୍ତ୍ତ, ହିମକାତର, ଶୀତଳ ।
Chime, *s.* ସ୍ୱରମେଳନ, ସୁତାନ; ଘଣ୍ଟାର ଶବ୍ଦ
Chimera, *s.* ଅସଙ୍ଗତ କଳ୍ପନା, ଅସମ୍ଭବ ଚିନ୍ତା; ମିଥ୍ୟାବାସନା ।   [ମୂଳ ।
Chimerical, *a.* ଅସଙ୍ଗତ, ଅମୂଳକ, ଅସ-
Chimney, *s.* ଧୂମନିର୍ଗମନାର୍ଥ ଚୁଲି ଅବା ନଳୀ
Chin, *s.* ଥୋମଣି, ଚିବୁକ, ଓଠ, ଦାଢ଼ି ।
China, *s.* ଚୀନ୍‌ଦେଶ ; ଚୀନ୍‌ଦେଶର ବାସନ ।
Chine, *s.* ମାଂସ ସହିତ କଟିଦେଶ ବା ଅସ୍ଥି ।
Chink, *s.* ଛିଦ୍ର, ଫାଙ୍କ, ଫଟା । —*v.* ଝମଝମ ବା ଟଣଟଣ ଶବ୍ଦ-କ; ଛିଦ୍ର-କ ।
Chintz, *s.* ଛିଟବସ୍ତ୍ର, ଚିତ୍ରିତ, ଲୁଗା ।
Chip, *v.* କାଠକୁ ଛେଦନ-ଖଣ୍ଡ-ଗୁଣ୍ଡି-କ ।
Chiromancer, *s.* ସାମୁଦ୍ରିକ, ହାତରେଖା-ଗଣକ ।
Chirp, *v.* ଚିଁଚିଁ ଶବ୍ଦ-ପକ୍ଷୀବତ୍ ଶବ୍ଦ-କ ।
Chisel, *s.* ବଟାଳୀ, ନିହାଣ ।
Chitchat, *s.* ଗଳ୍ପ, ଗପ, କଥାବାର୍ତ୍ତା ବାକ୍ୟାଳାପ ।
Chivalry, *s.* ଅଶ୍ୱାରୂଢ଼, ଯୁଦ୍ଧବିଦ୍ୟା, ପୌରୁଷ
Choice, *s.* ବାଞ୍ଛା, ବାଛିବାର କ୍ଷମତା, ଶ୍ରେଷ୍ଠାଂଶ
Choir, *s.* ସଙ୍ଗୀତ ଗାୟକ ସମୂହ ବା ସ୍ଥାନ ।
Choke, *v.* ଶ୍ୱାସ ବନ୍ଦ-ଅବରୋଧ-କ, ଗଳା ଚିପିବା ।
Choler, *s.* କ୍ରୋଧ, ରାଗ. କୋପ; ପିତ୍ତ ।
Cholera, *s.* ଓଲାଉଠାରୋଗ, ଝାଡ଼ାବାନ୍ତି ।
Choleric, *a.* କ୍ରୋଧୀ, ରାଗୀ, ଉଗ୍ର; ପିତ୍ତମୟ ।
Choose, *v.* ବାଛିବା, ପସନ୍ଦ ବା ମନୋନୀତ-କ
—*v.* ଛେଦନ-କ, କାଟିବା, ହାଣିବା ।
Chop, *s.* ମାଂସଖଣ୍ଡ; ଛେଦ, ଟୁକୁରା, ଚିରା ।
Chops, *s.* ପଶୁର ମୁଖ; ଉକ୍ତାମାଂସ ।
Choral, *a.* ଗାୟକ ଦଳସମ୍ବନ୍ଧୀୟ ଗୀତ-ବିଷୟକ ।
Chord, *s.* ତାର, ଗୁଣ, ତନ୍ତ୍ରୀ, ମୌର୍ବୀ ।
Chorister, *s.* ଗାୟକ, ସଂକୀର୍ତ୍ତନକାରକ ।
Chorus, *s.* ଘୋଷା, ଟୂଆ; ଗାୟକଦଳ ।
Chosen, *a.* ମନୋନୀତ, ବାଞ୍ଛିତ ।
Chrism, *s.* ପବିତ୍ର ତୈଳ; ଅଭିଷେକ ।
Christ, *s.* ଖ୍ରୀଷ୍ଟ, ମଶୀହ, ତ୍ରାଣକର୍ତ୍ତା ।
Christen, *v.* ଜଳ ସଂସ୍କାରଦ୍ୱାରା ନାମ-ଦେ ।
Christendom, *s.* ଖ୍ରୀଷ୍ଟୀୟ ରାଜ୍ୟସମୂହ ।
Christian, *s.* ଖ୍ରୀଷ୍ଟମତାବଲମ୍ବୀ, ଖ୍ରୀଷ୍ଟର ଶିଷ୍ୟ ।
Christianity, *s.* ଖ୍ରୀଷ୍ଟୀୟ ଧର୍ମ ।
Christmas, *s.* ଖ୍ରୀଷ୍ଟଙ୍କର ଜନ୍ମୋତ୍ସବ, ବଡ଼ଦିନ

Chromatic, *a.* ନାନାବର୍ଣ୍ଣ ସମ୍ବନ୍ଧୀୟ; ଗାନ ବା ବାଦ୍ୟବିଷୟକ ।
Chronic, *a.* ଦୀର୍ଘକାଳସ୍ଥାୟୀ, ବହୁକାଳିକ ।
Chronicle, *s.* ଇତିହାସ, ରାଜ୍ୟବୃତ୍ତାନ୍ତ ।
Chronology, *s.* କାଳନିରୂପଣ ବିଦ୍ୟା ।
Chronometer, *s.* କାଳନିରୂପକ ଯନ୍ତ୍ର, ଘଡିବିଶେଷ ।
Chrysalis, *s.* ଗୁଟିପୋକ, କୀଟର ଦ୍ୱିତୀୟାବସ୍ଥା ।
Chrysolite, *s.* ଚନ୍ଦ୍ରକାନ୍ତମଣି, ପୀତମଣି ।
Chubby, *a.* ସ୍ଥୂଳବଦନ, ଖସ୍ତମୁଖ ।
Chuck, *s.* ନିକ୍ଷେପ; କୁକ୍କୁଟୀର ଡାକ ।
Chuckle, *v.* ହିହିକରି ହସିବା; ସ୍ନେହ-କ ।
Chum, *s.* ସହବାସୀ, ସହଖେଳା, ସଙ୍ଗୀ
Chump, *s.* କାଷ୍ଠର ଗର ବା ଖଣ୍ଡ ।
Church, *s.* ଖ୍ରୀଷ୍ଟୀୟାନ ମଣ୍ଡଳୀ ବା ସମାଜ, ଭଜନାଳୟ ।
Churchyard, *s.* ଗୀର୍ଜାଘରର କବରସ୍ଥାନ ।
Churl, *s.* କୃପଣ, କଟୁଭାଷୀ, ଅଶିଷ୍ଟ ଲୋକ ।
Churlish, *a.* ଅଶିଷ୍ଟ, ଅସଭ୍ୟ, କଠୋର; ବ୍ୟୟକୁଣ୍ଠ ।
Churn, *s.* ମନ୍ଥନପାତ୍ର ।—*v.* ମନ୍ଥନ-ଆଲୋଡନ-କ, ମଥନ ଉଠାଇବା ।
Churning-staff, *s.* ମନ୍ଥନ ଦଣ୍ଡ, ଦହିଘୁଅ ।
Chyle, *s.* ଅନ୍ନରସ, ଅପକ୍ୱରସ, ସାରଭାଗ ।
Cicatrice, *s.* କ୍ଷତଚିହ୍ନ, ଘାଅର ଦାଗ ।
Cider, *s.* ଅତଫଳଜାତ ମଦ୍ୟବିଶେଷ ।
Cigar, *s.* ଚିକା, ଚୁଟା ।
Cimeter, *s.* ତରୁଆର, ଖଡ୍ଗ, କରବାଳ ।
Cincture, *s.* ପଟୁକା, କଟିବନ୍ଧନ, କାଞ୍ଚି, କମରବନ୍ଧ ।
Cinder, *s.* ଭସ୍ମାଙ୍ଗାର, ଦଗ୍ଧ କୋଇଲା ।
Cinnamon, *s.* ଦାରୁଚିନି, ଡାଲଚିନି ।

Cipher, *s.* ଶୂନ୍ୟ (॰) ବର୍ଣ୍ଣ, ଅଙ୍କ, ଗୁପ୍ତାକ୍ଷରର ଲେଖା ।—*v.* ଅଙ୍କବିଦ୍ୟା-ହିସାବ-କ ।
Circle, *s.* ମଣ୍ଡଳ, କୁଣ୍ଡଳାକାର, ଚକ୍ର, ଗୋଲ ।—*v.* ବେଷ୍ଟନ-ଚତୁର୍ଦିଗେ ପ୍ରଦକ୍ଷିଣ-କ ।
Circuit, *s.* ପ୍ରଦକ୍ଷିଣ, ବେଷ୍ଟିତ ସ୍ଥାନ, ଘେରଣ ।
Circuitous, *a.* ଘୂର୍ଣ୍ଣ୍ୟମାନ, ଫେରାଳ, ଘୁରଣିଆ
Circular, *a.* ଚକ୍ରାକୃତି, ଗୋଲ ବା ମଣ୍ଡଳାକାର
Circulate, *v.* ବ୍ୟାପିବା, ସର୍ବତ୍ର ପ୍ରେରଣ-କ ।
Circumambient, *a.* ଚତୁର୍ଦିଗସ୍ଥ, ସର୍ବତ୍ର-ବ୍ୟାପକ ।
[ଭ୍ରମଣ-କ ।
Circumambulate, *v.* ଚତୁର୍ଦିଗେ ବୁଲିବା,
Circumcise, *v.* ତ୍ୱକ୍‌ଚ୍ଛେଦନ-ସୁନ୍ନତ-କ ।
Circumcision, *s.* ତ୍ୱକ୍‌ଚ୍ଛେଦକ୍ରିୟା, ସୁନ୍ନତ ।
Circumference, *s.* ବେଢ, ଘେର, ପରିଧି, ଚତୁଃସୀମା ।
[କଣର ଚିହ୍ନ ।
Circumflex, *s.* ମିଳିତ ଲଘୁ ଗୁରୁ ସ୍ୱରସୂଚା-
Circumjacent, *a.* ନିକଟବର୍ତ୍ତୀ, ନିକଟସ୍ଥ, ଚତୁର୍ଦିଗସ୍ଥ ।
Circumlocution, *s.* ବୁଲାଇ ଫେରାଇ ବାକ୍ୟ କଥନ, ବାଗ୍‌ବାହୁଲ୍ୟ, ଦ୍ୱ୍ୟର୍ଥବାକ୍ୟ ।
Circumnavigate, *v.* ଚତୁର୍ଦିଗରେ ଜାହାଜରେ ଭ୍ରମଣ-କ ।
Circumscribe, *v.* ବେଷ୍ଟନ-କ, ବେଢ-ଦେ ।
Circumspect, *a.* ସତର୍କ, ସାବଧାନ, ମନୋଯୋଗୀ, ଜାଗ୍ରତ ।
Circumspection, *s.* ସତର୍କତା, ସାବଧାନତା, ସଚେତନତା ।
[ଅବସ୍ଥା ।
Circumstance, *s.* ବିଷୟ, ଘଟନା, ବିବରଣ,
Circumstantial, *a.* ବିଶେଷ, ବିସ୍ତାରିତ, ସୂକ୍ଷ୍ମ, ଆକସ୍ମିକ ।
Circumvent, *v.* ଠକାମି-ପ୍ରବଞ୍ଚନା-ଛଳ-କ ।
Circumvention, *s.* ପ୍ରତାରଣା, ଛଳନା, ଠକପଣ ।

Circus, *s.* ଅଖଡ଼ା, କ୍ରୀଡ଼ାଗୃହବିଶେଷ ।

Cistern, *s.* ଜଳକୁଣ୍ଡ, ପାଣିପାତ୍ର, ଚୌବାଚ୍ଚା ।

Citadel, *s.* ନଗରର ମଧ୍ୟସ୍ଥିତ ଦୁର୍ଗ, ଗଡ଼, କିଲ୍ଲା ।

Citation, *s.* ତଲବ ଚିଠି, ଗ୍ରନ୍ଥୋଦ୍ଧୃତ ଉକ୍ତି ।

Cite, *v.* ତଲବ-ସମନ-କ; ଉଲ୍ଲେଖ-କ, ଦୃଷ୍ଟାନ୍ତ-ଦେ । [ରିକ ।

Citizen, *s.* ନଗରବାସୀ, ସହରୀ ଲୋକ, ନାଗ-

Citron, *s.* କଲମ୍ବା ବା ବାତାପି ଲେମ୍ବୁ ।

City, *s.* ନଗର, ସହର, ରାଜଧାନୀ ।

Civet, *s.* ଗନ୍ଧଗୋକୁଳ, ତସ୍ତୌଗନ୍ଧ୍ୟ ।

Civet-cat, *s.* ବେଣାବାଘ ।

Civic, *a.* ନାଗରୀୟ, ରାଜପଦମର୍ଯ୍ୟାଦାସମ୍ବନ୍ଧୀୟ

Civil, *a.* ରାଜପଦୀୟ, ସମ୍ପ୍ରଦାୟିକ; ସଭ୍ୟ, ଶିଷ୍ଟ

Civil-court, *s.* ଦେୱାନୀ ଅଦାଲତ ।

Civilian, *s.* ବ୍ୟବସ୍ଥାଜ୍ଞ, ଦେଶୀୟ କର୍ମରେ ନିଯୁକ୍ତ ବ୍ୟକ୍ତି । [ସୌଜନ୍ୟ ।

Civility, *s.* ଶିଷ୍ଟତା, ସୁଶୀଳତା, ସରଳତା.

Civilization, *s.* ସଭ୍ୟତା ।

Civilize, *v.* ସଭ୍ୟ-ଶିଷ୍ଟ-କ, ଶିକ୍ଷା-ଦେ ।

Claim, *s.* ପ୍ରାପ୍ୟ, ଦାବୀ, ଦାଉଆ, ଅଧିକାର ।

Claimant, *s.* ଦାବୀଦାର, ମୁଦେଇ, ଫରିଆଦୀ

Clam, *v.* ଅଠାଗୁଣ୍ଡ ଦ୍ରବ୍ୟ ଦ୍ୱାରା ଅଟକାଇବା ।

Clamant, *a.* ଅତ୍ୟାବଶ୍ୟକ, ସାହ୍ଲାଦ ।

Clamber, *v.* କଷ୍ଟରେ ଆରୋହଣ-କ, ଚଢ଼ିବା ।

Clammy, *a.* ଅଠାଳିଆ, ଆର୍ଦ୍ର, ଚଟଚଟିଆ ।

Clamour, *s.* କଳରବ, କୋଳାହଳ, ଗୋଳ ।

Clamp, *v.* କାଷ୍ଠ ବା ଲୁହାପଟରମାରି ଟାଣ-କ

Clan, *s.* କୁଳ, ବଂଶ, ଜାତି, ଗୋଷ୍ଠୀ ।

Clandestine, *a.* ଗୁପ୍ତ, ଅପ୍ରକାଶ୍ୟ ।

Clang, *s.* କର୍କଶ ଶବ୍ଦ, ଝନ୍ଝନ ଶବ୍ଦ ।

Clap, *s.* କରତାଳି ଶବ୍ଦ, ଦୁଇ ଦ୍ରବ୍ୟର ପର-ସ୍ପରଘାତ, ଅକସ୍ମାତ ରବ ।

Clapper, *s.* ଘଣ୍ଟାର ଜିଭ, ଝୁଣ୍ଟୁଡ଼ ।

Clarify, *v.* ନିର୍ମଳ-ସଫା-ପରିଷ୍କାର-କ ।

Clarion, *s.* ତୂରୀ, ରଣଶିଙ୍ଗା, ଭେରଙ୍ଗ ।

Clash, *v.* ପରସ୍ପର ଆଘାତ ଦ୍ୱାରା ଶବ୍ଦ-କ, ବିପକ୍ଷରେ ଉଠିବା ।

Clasp, *s.* ଅଙ୍କୁଡ଼ି, ଅଙ୍କୁଶୀ; ଆଲିଙ୍ଗନ ।—*v.* ଆଲିଙ୍ଗନ-କୋଳ-ବନ୍ଦ-କ ।

Class, *s.* ବର୍ଗ, ଗଣ, ପଢ଼ୁଅମାନଙ୍କର ଶ୍ରେଣୀ ।

Classical, *a.* ପ୍ରାଚୀନଗ୍ରନ୍ଥ ସମ୍ବନ୍ଧୀୟ; ପଣ୍ଡିତ ।

Classics, *s.* ପ୍ରାଚୀନ ଶ୍ରେଷ୍ଠଗ୍ରନ୍ଥ ସମୂହ ।

Classify, *v.* ଜାତ୍ୟନୁସାରେ ଭିନ୍ନ-କ ।

Clatter, *s.* ଖଟ୍ ଖଟ୍ କିଡ଼୍ କିଡ଼୍ କଡ଼ବଡ଼ ଶବ୍ଦ ।

Clause, *s.* ପଦ, ପ୍ରକରଣ, ପ୍ରସଙ୍ଗ, ନିୟମ ।

Clavicle, *s.* କଣ୍ଠାସ୍ଥି, କଣ୍ଠର ହାଡ଼ ।

Claw, *s.* ପଶୁପକ୍ଷୀଙ୍କର ନଖ ବା ଖାବଲ ।—*v.* ନଖରେ ବିଦାରଣ-କ, ଆମ୍ପୁଡ଼ିବା ।

Clay, *s.* କାଦୁଅ, ମୃତ୍ତିକା, କର୍ଦ୍ଦମ, ପଙ୍କ ।

Clean, *a.* ପରିଷ୍କାର, ସଫା, ସାଫ, ନିର୍ମଳ ।

Cleanliness, *s.* ନିର୍ମଳତା, ପରିଷ୍କାରତା, ଶୁଦ୍ଧତା ।

Cleanse, *v.* ନିର୍ମଳ-ପରିଷ୍କାର-ସାଫ-କ ।

Clear, *a.* ସ୍ପଷ୍ଟ, ସ୍ୱଚ୍ଛ, ନିର୍ମଳ, ଶୁଦ୍ଧ ।—*v.* ପରିଷ୍କାର-ଉଜ୍ଜ୍ୱଳ-ସାଫ-କ; ଶୁଝିବା ।

Clearance, *s.* ଖଲାସଚିଠି, ରୱାନା, ଛାଡ଼ଣ

Clearly, *ad.* ସ୍ପଷ୍ଟ ବା ପ୍ରତ୍ୟକ୍ଷ ବା ନିର୍ଦ୍ଦିଷ୍ଟରୂପେ

Cleave, *v.* ଫାଡ଼ିବା, ଚିରିବା, ଫଟାଇବା; ସଂଯୁକ୍ତ-ହେ ।

Cleaver, *s.* ମାଂସକଟା କଟୁରି, କୁଠାର ।

Cleft, *s.* ଛିଦ୍ର, ବିଦାରି, ଫଟା, ଛିଦ୍ର ।

Clemency, *s.* କୃପା, ଦୟା, କ୍ଷମା, କରୁଣା, ଅନୁଗ୍ରହ ।

Clergy, *s.* ଧର୍ମୋପଦେଶକ ସମୂହ ।

Clergyman, *s.* ଧର୍ମୋପଦେଶକ, ପାଦ୍ରୀ ।

Clerical, *a.* ଧର୍ମୋପଦେଶକ ସମ୍ବନ୍ଧୀୟ ।

Clerk, *s.* ଲେଖକ, ମୋହରିର, କେରାଣୀ; ମଣ୍ଡଳୀର ପରିଚାରକ । [କ୍ଲର୍କ ।
Clever, *a.* ଚୁଣେବାଜ୍, ନିପୁଣ, ଚତୁର, ପାରଗ,
Clew, *s.* ସୂତାଗୁଟିକା; ପଥଦର୍ଶକ ସନ୍ଧାନ ।
Clew, *v.* ଜାହାଜର ପାଲ ଉଠାଇବା ।
Client, *s.* ମଉକଲ, ପ୍ରାର୍ଥୀ, ଉପଜୀବୀ ।
Cliff, *s.* ପାହାଡ, ପ୍ରପାତ, ଭୃଗୁ ।
Climate, Clime, *s.* ଜଳବାୟୁର ଗୁଣାଗୁଣ ଭେଦ, ଦେଶ, ବାୟୁ ।
Climax, *s.* କ୍ରମାଗତ ବାକ୍ୟର ଉନ୍ନତି ।
Climb, *v.* ଚଢିବା ଉଠିବା, ଆରୋହଣ ବା ଉଲ୍ଲମ୍ଫନ-କ ।
Clinch, *v.* ମୁଷ୍ଟି-ଦୃଢ-କ ।
Cling, *v.* ଲପଟି ବା ଜାପଟି ଧରିବା ।
Clinical, *a.* ଶଯ୍ୟାଗତ ରୋଗୀ ସମ୍ବନ୍ଧୀୟ ।
Clink, *v.* ଝଣ୍ ଶବ୍ଦ-ଠଣ୍ ଶବ୍ଦ-କ ।
Clip, *v.* ଛାଟିବା, କାଟିବା, କର୍ତ୍ତନ-କ ।
Clipper, *s.* ଯେ ମୁଦ୍ରାକ କାଟି ଊଣା କରେ; ନୌକା । [ଦିବା, ଆଚ୍ଛାଦନ -କ ।
Cloak, *s.* ଲୁଗାବିଶେଷ; ଛଳ ।—*v.* ଘୋଡା-
Clock, *s.* ଘଣ୍ଟା, ବଡଘଡି, ଘଟିକାଯନ୍ତ୍ର ।
Clok-maker, *s.* ଘଡିକାରକ, ଘଡିବାଲା ।
Clod, *s.* ଢେଲା, ଢେପ, ମୁଣ୍ଡାମାଟି; ମୂର୍ଖ ।
Clog, *s.* କଠାଉ; ବାଧା, ବ୍ୟାଘାତ, ଅଟକ ।
Cloister, *s.* ମଠ, ସୁପ୍ତଭଜନାଳୟ, ଧର୍ମଶାଳା
Close, *s.* ଘେରାଭୂମି; ଶେଷ, ସମାପ୍ତି, ସାଙ୍ଗ ।
—*v.* ବନ୍ଦ-ଶେଷ-ରୁଦ୍ଧ-କ, ସାଙ୍ଗ-ହେ ।
Close, *a.* ନିକଟ, ଘନ, ଗୁପ୍ତ ; କୃପଣ ।
Closely, *ad.* ପାଖେପାଖେ, ଦୃଢରୂପେ, ମନୋଯୋଗପୂର୍ବକ ।
Closet, *s.* ଘାଳି କୋଠରୀ, ଗୁପ୍ତ ସ୍ଥାନ ।
Clot, *s.* ଜମାରକ୍ତ ।—*v.* ଜମାଟ-କ, ରକ୍ତ ଗାଢ-ହେ ।

Cloth, *s.* ବସ୍ତ୍ର,ଲୁଗା,ମେଜର ଚାଦର, କନାଭ
Clothe, *v.* ଲୁଗା ପିନ୍ଧିବା, ବସ୍ତ୍ରାଦିଭ-ପରି-ଧାନ-କ । [ପୋଷାକ ।
Clothes, *s.* ପରିଚ୍ଛଦ, ପରିଧେୟ, ବସ୍ତ୍ରାଦି,
Clothier, *s.* କାପଡିଆ, ବସ୍ତ୍ରବ୍ୟବସାୟୀ ।
Cloud, *s.* ମେଘ, ଘନ, ଜଳଧର, ବାଦଲ, ବାଉଦ । [ଭିଡ଼ ।
Cloudless, *a.* ମେଘଶୂନ୍ୟ, ନିର୍ମଳ, ସ୍ୱଚ୍ଛ-
Cloudy, *a.* ମେଘାଚ୍ଛନ୍ନ, ଦୁର୍ଦ୍ଦିନ, ମେଘୁଆ, ଅନ୍ଧକାରମୟ ।
Clout, *s.* ଗାମୁଛା,କୌପୁନୀ,ଛିଣ୍ଡାକନା;ଚପୁଡା
Clove, *s.* ଲବଙ୍ଗ, ରସୁଣର କୋଷ ।
Cloven, *a.* ଫଟା, ଚିରା, ବିଦୀର୍ଣ୍ଣ, ବିଭକ୍ତ ।
Cloven-footed, *a.* ଦ୍ୱିଖଣ୍ଡ ଖୁରବିଶିଷ୍ଟ ।
Clown, *s.* ମୂର୍ଖ ବା ଅସଭ୍ୟ ଲୋକ, ମୂଢ; ଭଣ୍ଡା, ଭଣ୍ଡ । [ଗମାର ।
Clownish, *a.* ଅସଭ୍ୟ, ଅଜ୍ଞାତ, ଅଜ୍ଞାନ,
Cloy, *v.* ଅଧିକ ଖାଇବାରୁ ଅରୁଚି-ହେ ।
Club, *s.* ଗଦା, ଯଷ୍ଟି, ବୋଡା; ସମ୍ପ୍ରଦାୟ, ସଭା
Club-footed, *a.* କ୍ଷୁଦ୍ର ପାଦବିଶିଷ୍ଟ ।
Clump,*s.* କାଷ୍ଠଖଣ୍ଡ,ଗଛର ଝାଡ, କାଠମୁଣ୍ଡିଆ
Clumsy, *a.* ଅଜାଡ, ଅପଟୁ, ମୂର୍ଖ, ମୂଢ ।
Cluster, *s.* କାନ୍ଦି, ଗୁଚ୍ଛ, ଶ୍ରେଣୀ; ଝାଡ ।
Clutch, *s.* ହସ୍ତରେ ଧାରଣ, ମୁଷ୍ଟି, ମୁଠା ।
Coach, *s.* ଚାରିଚକିଆ ଘୋଡାଗାଡି, ରଥ ।
Coachhire, *s.* ଗାଡିର ଭଡା ବା ମାସୁଲ ।
Coachman, *s.* ଗାଡିଆଳ, ସାରଥି,କୋଚୱାନ୍ ।
Coadjutor, *s.* ସହକାରୀ, ସହାୟ, ସଙ୍ଗୀ, ଉପକାରକ ।
Coagulate, *v.* ଗାଢ-ଜମା-କ, ବସିବା ।
Coal, *s.* ପଥରକୋଇଲା, କୋଇଲା, ଅଙ୍ଗାର ।
Coalesce, *v.* ସଂଯୁକ୍ତ-ସଂଲଗ୍ନ-ହେ, ମିଳିବା ।
Coalescence, *s.* ସଂଯୋଗ, ସଂଶ୍ଳେଷ,ଯୋଗ

Coalition, *s.* ସମ୍ମିଳନ, ସଂଯୋଗ ।
Coarse, *a.* ମୋଟା; ନୀଚ, ଅସଭ୍ୟ, ଅଶିଷ୍ଟ ।
Coast, *s.* ସମୁଦ୍ରର ତୀର, କୂଳ, କନାର, ତଟ ।
Coat, *s.* କୁର୍ତ୍ତି, ଅଙ୍ଗରଖା; ଚର୍ମର ଖୋଳ; ପଶୁଆଦିର ରୋମ ।—*v.* ମାଖିବା, ଲେପିବା, ଚକ୍ଷିତ-କ ।
Coax, *v.* ମନ ନେବା, ଫୁସୁଲାଇବା, ଭୁଲାଇବା ।
Cobble, *v.* ଅପଟୁ ରୂପେ ତିଆରି-କ ।
Cobbler, *s.* ଚମାର ରୂପେ କର୍ମକାରୀ, ଜୀର୍ଣ୍ଣ ଜୋତା ମରାମତକାରୀ ।
Cobweb, *s.* ବୁଢିଆଣି ଜାଲ, ଲୁତା ଅବା ମାକଡସା ଜାଲ ।
Cochineal, *s.* କୃମିଦାନା, କିରମିଜପୋକ ।
Cock, *s.* ଗଞ୍ଜା, କୁକ୍କୁଟ; ପୁଂପକ୍ଷୀ; ଚୁଙ୍ଗି; ବନ୍ଧୁକର ଘୋଡା ।
Cockade, *s.* ଟୋପର ଉପର ଫୁଲ ।
Cockatrice, *s.* ସର୍ପବିଶେଷ, କୃଷ୍ଣସର୍ପ ।
Cocket, *s.* ମାସୁଲର ଖଡଚିଠି ।
Cockle, *s.* ଶାମୁକା, ଶମ୍ବୁକ, ଝିନୁକା, ଶୁକ୍ତି ।
Cockloft, *s.* ଘରର ସର୍ବୋପରିସ୍ଥ କୋଠରି ।
Cockney, *s.* ଲଣ୍ଡନନଗରର ଲୋକ ।
Cockpit, *s.* କୁକ୍କୁଟର ଯୁଦ୍ଧସ୍ଥାନ ।
Cockroach, *s.* ଅସରପା, ତେଲିପାୟୀ କୀଟ ।
Cocoanut, *s.* ନଡିଆ, ନାରିକେଳ ।
Cocoon, *s.* ପୁଟିପୋକର ଗୁଟି ।
Cod, *s.* ମତ୍ସ୍ୟବିଶେଷ; ବୀଜକୋଷ ।
Code, *s.* ସ୍ମୃତିଶାସ୍ତ୍ର, ବ୍ୟବସ୍ଥା ଅବା ଆଇନସମୂହ ।
Codicil, *s.* ଦାନପତ୍ରର କ୍ରୋଡପତ୍ର ।
Coefficient, *s.* ବୀଜଗଣିତର ସଂଖ୍ୟାବିଶେଷ, ତୁଲ୍ୟପରାକ୍ରମ । [ବା ମର୍ଯ୍ୟାଦା ।
Coequal, *a.* ସମତୁଲ୍ୟ, ସମଭାବ, ଏକପଦସ୍ଥଜନୀ

Coerce, *v.* ଦମନ-ଶାସନ-ନିବାରଣ-କ ।
Coercion, *s.* ଶାସନ, ବାଧା, ଦମନ, ବଳ, ଜୋର । [ପଦାର୍ଥ ।
Coessential, *a.* ସମଭାବ, ସମସାର, ତୁଲ୍ୟ-
Coeternal, *a.* ତୁଲ୍ୟାନନ୍ତ, ଅନାଦ୍ୟନନ୍ତ ।
Coeval, *a.* ସମକାଳସ୍ଥାୟୀ, ସମବୟସ୍କ ।
Coexistent, *a.* ସମକାଳଜୀବୀ, ସମଜୀବୀ ।
Coffee, *s.* କାଫୀ, କାଓଅ ।
Coffer, *s.* ଭଣ୍ଡାର, ଧନାଧର, ଟଙ୍କାର ସିନ୍ଦୁକ ।
Coffin, *s.* ଶବର ସିନ୍ଦୁକ, ମଡାର ଅଧାର ।
Cog, *s.* ଚକର ଦାନ୍ତ ଅବା ପାନ ।—*v.* ପ୍ରବଞ୍ଚନା-କ; ଚକର ଦାନ୍ତ-ଦେ ।
Cogency, *s.* ପ୍ରବଳତା, ସାମର୍ଥ୍ୟ, ପରାକ୍ରମ ।
Cogent, *a.* ଦୃଢ, ପ୍ରବଳ, ସପ୍ରମାଣ, ଅଟଳ ।
Cogitate, *v.* ଚିନ୍ତା-ଭାବନା-ବିବେଚନା-କ ।
Cogitation, *s.* ଚିନ୍ତା, ଧ୍ୟାନ, ଭାବନା ।
Cognate, *a.* ସହଜାତ, ସ୍ୱଜାତୀୟ, ତୁଲ୍ୟ ।
Cognizable, *a.* ଜ୍ଞାତବ୍ୟ, ବୋଧଗମ୍ୟ, ବି-ଚାର୍ଯ୍ୟ, ବିଚାରାଧୀନ ।
Cognizance, *s.* ବିଚାର, ପରିଚୟ, ଚିହ୍ନ ।
Cognomen, *s.* ପଦବୀ, ଉପାଧି, କୁଳସଂଜ୍ଞା ।
Cohabit, *v.* ସଂସର୍ଗ-ସହବାସ-ସଙ୍ଗମ-କ ।
Coheir, *s.* ସହୋତ୍ତରାଧିକାରୀ, ସମାନାଂଶୀ ।
Cohere, *v.* ସଂଲଗ୍ନ-ସଂଯୁକ୍ତ-ସଙ୍ଗତ-ହ ।
Coherence, *s.* ସଂଲଗ୍ନତା, ଯୋଗ, ସମ୍ପର୍କ ।
Coherent, *a.* ସଂଲଗ୍ନ, ସଙ୍ଗତ, ସଂଯୁକ୍ତ ।
Cohesion, *s.* ସଂଯୋଗ, ସମ୍ପର୍କ, ସଂସର୍ଗ ।
Cohesive, *a.* ସଂଯୋଜକ, ସଂଲଗ୍ନକ ।
Cohort, *s.* ପଞ୍ଚଶତ ସୈନ୍ୟର ଦଳ ।
Coil, *v.* କୁଣ୍ଡଳୀ-ଚକ୍ର-ଗୋଲ-କ ।
Coin, *s.* ମୁଦ୍ରା, ଟଙ୍କାପ୍ରଭୃତି ।—*v.* ଟଙ୍କା ନିର୍ମାଣ-କୃତ୍ରିମ-କ ।
Coinage, *s.* ମୁଦ୍ରା, ଟଙ୍କା ନିର୍ମାଣକରଣ ।

Coincide, *v.* ଏକଚିତ୍ତ-ସମ୍ମତ-ମିଳିତ-ଐକ୍ୟ-ହେ ।

Coincidence, *s.* ମେଳ, ସଂଘଟନ, ଯୋଗ ।

Coincident, *a.* ଐକ୍ୟଭାବଗ୍ରସ୍ତ, ଏକଚିତ୍ତ, ସମସ୍ତବ ।

Coiner, *s.* ମୁଦ୍ରା ନିର୍ମାଣକର୍ତ୍ତା, ମୁଦ୍ରାକାରକ ।

Coition, *s.* ସଙ୍ଗମ, ମୈଥୁନ, ସଂସର୍ଗ ।

Coke, *s.* ଅର୍ଦ୍ଧଦଗ୍ଧ କୋଇଲା, ପଥର କୋଇଲାର ଅଙ୍ଗାର ।

Colander, *s.* ଛାଙ୍କୁଣୀ, ଛାଣିବାର ପାତ୍ର ।

Cold, *s.* ଶୀତଳତା ।—*a.* ଶୀତ, ଶୀତଳ, କାତର, ଥଣ୍ଡା; ଧୀର; ଅନାସକ୍ତ ।—*s.* a cold, କଫ, ସର୍ଦ୍ଦି ଶ୍ଳେଷ୍ମା, ।

Coldly, *a.* ଅମନୋଯୋଗପୂର୍ବକ, ଅପ୍ରିୟରୂପେ । [ସ୍ନେହ ।

Coldness, *s.* ଶୀତଳତା; ଉଦାସୀନତା, ଅ-

Cold season, *s.* ଶୀତ ବା ଜାଡ଼କାଳ ।

Colic, *s.* ବାୟୁଶୂଳ, ବାତଶୂଳ, ଉଦରଶୂଳ ।

Collapse, *v.* ସଂକୋଚିତ-ହେ, ନଷ୍ଟ ହେବା ।

Collar, *s.* ଗଳାବନ୍ଧ; ହଲକା, ହାଁସୁଲି ।—*v.* ଗଳା ଅବା ବେକ-ଧ, ଗଳାବନ୍ଧ ପିନ୍ଧିବା ।

Collar-bone, *s.* କଣ୍ଠହାଡ଼, ଗଳାର ଅସ୍ଥି ।

Collate, *v.* ସଞ୍ଚୟ-ମୁକାବିଲା-କ, ଦାନ-କ ।

Collateral, *a.* ଲଗାଲଗି, ସମାନ୍ତର ନିକଟ, ପାର୍ଶ୍ୱଗତ । [କିଞ୍ଚିତ୍ ଆହାର ।

Collation, *s.* ପ୍ରଦାନ; ମୁକାବିଲା; ଭୋଜ,

Collator, *s.* ପୁସ୍ତକର ଐକ୍ୟକର୍ତ୍ତା, ଧର୍ମାନୁଷ୍ଠାନରେ ନିଯୋଗକର୍ତ୍ତା ।

Colleague, *s.* ସଙ୍ଗୀ, ସହକର୍ମକାରୀ, ସହକାରୀ

Collect, *v.* ଏକତ୍ର-ସଞ୍ଚୟ-ସଂଗ୍ରହ-ଅଦାୟ-କ

Collect, *s.* ସଂକ୍ଷେପ ପ୍ରାର୍ଥନାବିଶେଷ ।

Collected, *a.* ସ୍ଥିରମନା, ଧୀର, ନିଶ୍ଚଳଚିତ୍ତ ।

Collection, *s.* ସଂଗ୍ରହ, ରାଶି, ସଞ୍ଚୟ, ସଭା ।

Collective, *a.* ଏକତ୍ରୀକୃତ, ସଂଗୃହୀତ ।

Collectively, *ad.* ସମୁଦାୟ, ସକଳ, ସମସ୍ତ ।

Collector, *s.* ତହସିଲଦାର, ସଂଗ୍ରହକାରକ ସଂଗ୍ରାହକ, କଲଟର । [ପାଠଶାଳା ।

College, *s.* ବିଶ୍ୱବିଦ୍ୟାଳୟ, ଚୌପାଢ଼ୀ,

Collegian, *s.* ବିଶ୍ୱବିଦ୍ୟାଳୟସ୍ଥ ଛାତ୍ର, ବିଦ୍ୟାର୍ଥୀ

Collegiate, *a.* ବିଦ୍ୟାଳୟ ସମ୍ବନ୍ଧୀୟ ।

Collide, *v.* ପରସ୍ପର ଆଘାତ-କ ।

Collier, *s.* ପଥର କୋଇଲା ଖୋଳିବା ଲୋକ, କୋଇଲା ବାହକ ଜାହାଜ । [ଶ୍ରେଣି ।

Colliery, *s.* ପଥର କୋଇଲାର ଆକର ବା

Collision, *s.* ଦୁଇବସ୍ତୁର ପରସ୍ପର ଆଘାତ, ଧକ୍କା, ସଂଘଟ୍ଟ, ଘର୍ଷଣ ।

Collocation, *s.* ସ୍ଥାପନକରଣ, ପ୍ରୟୋଗ ।

Collocution, *s.* କଥୋପକଥନାର୍ଥେ ସଭା ।

Collop, *s.* ମାଂସଖଣ୍ଡ, ଭାଜିତ ମାଂସ ।

Colloquial, *a.* ଆଳାପସମ୍ବନ୍ଧୀୟ, ସଚରାଚର କଥୋପକଥନ ସମ୍ବନ୍ଧୀୟ ।

Colloquy, *s.* କଥୋପକଥନ, ଆଭାଷଣ ।

Collusion, *s.* ପ୍ରତାରଣ କରିବାର ଯୁକ୍ତି, ପକ୍ଷପାତ, ଅଙ୍ଗାଙ୍ଗୀ ।

Collyrium, *s.* କଜ୍ଜଳ, ଅଞ୍ଜନ, କଳା, ସୁରମା

Colon, *s.* ବାକ୍ୟଚ୍ଛେଦସୂଚକ ବା ପାଦପୂରଣସୂଚକ ଚିହ୍ନ, ଯଥା ( : ) [ଧ୍ୟକ୍ଷ, କର୍ଣ୍ଣେଲ ।

Colonel, *s.* ସେନାପତି, ସୈନ୍ୟଦଳର ଅ-

Colonial, *a.* ବିଦେଶରେ ବସତି ସମ୍ବନ୍ଧୀୟ ।

Colonise, *a.* ନୂତନ ଦେଶରେ ବସତି-କ ।

Colonnade, *s* ଶ୍ରେଣୀବଦ୍ଧସ୍ତମ୍ଭ, ସ୍ତମ୍ଭର ପଂକ୍ତି ।

Colony, *s.* ଦେଶାନ୍ତର ବସତିକାରୀ ଲୋକସମୂହ ବା ବସତି ।

Colossal, *a.* ବୃହଦାକୃତିବିଶିଷ୍ଟ, ଅତିପ୍ରକାଣ୍ଡ ।

Colour, *v.* ରଞ୍ଜିତ-କ, ରଙ୍ଗ ଦେବା ।

Colour, *s.* ରଙ୍ଗ, ବର୍ଣ୍ଣ, ରୂପ; ଛଳ, ଓଜର ।
Colours, *s.* ପତାକା, ନିଶାଣ, ବାନା, ଝଣ୍ଡା ।
Colt, *s.* ଘୋଡାର ବଛର ବା ବଛା ।
Column, *s.* ସ୍ତମ୍ଭ, ଖମ୍ବ; ପୃଷ୍ଠାଙ୍କ; ଶ୍ରେଣୀ ।
Comb, *s.* ପାନିଅ, ଟିକୁଣୀ, କଙ୍କତିକା; କୁକ୍କୁଟର ଜଟ ।—*v.* ପାନିଅ ଦେଇ ମୁଣ୍ଡ କୁଣ୍ଡାଇବା ।
Combat, *s.* ଲଢାଇ, ଯୁଦ୍ଧ, ସଂଗ୍ରାମ, ରଣ ।
Combatant, *s.* ଯୋଦ୍ଧା, ସଂଗ୍ରାମକର୍ତ୍ତା, ବୀର ।
Combination, *s.* ମେଳ, ସଂଯୋଗ, ଏକତ୍ର, ଏକତ୍ରକରଣ ।
Combine, *v.* ଯୋଗ-ସଂଯୋଗ-ଐକ୍ୟ-ଦେ
Combustible, *a.* ଜ୍ୱଳନୀୟ, ବାରୁଦପରି ।
Combustion, *s.* ଅଗ୍ନିଦାହ, ଜ୍ୱଳନ, ଦାହ୍ୟତା
Come, *v.* ଆସିବା, ଆଗମନ-କ, ଘଟିବା ।
Comedian, *s.* ତାମସାକରି, ନଟ, ନର୍ତ୍ତକ ।
Comedy, *s.* ତାମସା, ସ୍ୱାଙ୍ଗ, ତାମସାର ଗ୍ରନ୍ଥ ।
Comeliness, *s.* ସୌନ୍ଦର୍ଯ୍ୟ, ଶୋଭା, କାନ୍ତି ।
Comely, *a.* ସୁଦୃଶ୍ୟ, ସୁନ୍ଦର, ମନୋହର, ସ୍ୱରୂପ ।
Comet, *s.* ଧୂମକେତୁ, ଲଞ୍ଜାତାରା ।
Comfits, *s.* ଶୁଷ୍କ ମିଠାଇବିଶେଷ ।
Comfort, *s.* ସାନ୍ତ୍ୱନା, ଆଶ୍ୱାସ, ଆରାମ, ପ୍ରବୋଧ —*v.* ସାନ୍ତ୍ୱନା-କ, ପ୍ରବୋଧ ଜନ୍ମାଇବା ।
Comfortable, *a.* ସାନ୍ତ୍ୱନା ବା ସୁଖଦାୟକ ।
Comforter, *s.* ପ୍ରବୋଧକର୍ତ୍ତା, ଆଶ୍ୱାସକ, ସାନ୍ତ୍ୱନାକାରୀ ।
Comfortless, *a.* ସାନ୍ତ୍ୱନାରହିତ, ଅସୁଖ, ନିରାନନ୍ଦ ।
Comic, *a.* ଉପହାସ୍ୟ, ହାସ୍ୟଜନକ, ଥଟ୍ଟାବାଜ, କୌତୁକୀ ।
Comical, *a.* ହାସ୍ୟଉତ୍ପାଦକ, ରସିକ, ହାସ୍ୟଜନକ ।
Coming, *a.* ଆଗାମୀ, ଆସନ୍ତା ।
Coming and going, ଆତଯାତ, ଗମନାଗମନ, ଗତାୟାତ ।
Comma, *s.* ପଦଚ୍ଛେଦସୂଚକ ଚିହ୍ନ, ଯଥା (,)
Command, *v.* ଆଜ୍ଞା-ଦେ, ଆଦେଶ-ହୁକୁମ-କ
Commander, *s.* ଅଧ୍ୟକ୍ଷ, ଅଧିପତି, ଆଜ୍ଞାକର୍ତ୍ତା, ପ୍ରଧାନ । [ପତି ।
Commander-in-chief, *s.* ପ୍ରଧାନବାହିନୀ-
Commandment, *s.* ଆଜ୍ଞା, ଆଦେଶ, ହୁକୁମ
Commemorate, *v.* ସ୍ମରଣାର୍ଥ କର୍ମ-କ ।
Commemoration, *s.* ସ୍ମରଣାର୍ଥକ୍ରିୟା ବା ଉତ୍ସବ ।
Commence, *v.* ଆରମ୍ଭ-ଉଦ୍ୟମ-ସଙ୍କଳ୍ପ-କ
Commencement, *s.* ଆରମ୍ଭ; ଆଦି, ଉଦ୍ୟମ ।
Commend, *v.* ପ୍ରତିଷ୍ଠା-ପ୍ରଶଂସା-ସୁଖ୍ୟାତି-କ ।
Commendable, *a.* ପ୍ରଶଂସନୀୟ, ପ୍ରଶଂସ୍ୟ, ସୁଖ୍ୟାତିଯୋଗ୍ୟ ।
Commendation, *s.* ଗୁଣକୀର୍ତ୍ତନ, ପ୍ରଶଂସା, ସୁଖ୍ୟାତି । [ସମାନ ।
Commensurate, *a.* ସମପରିମିତ, ତୁଲ୍ୟ,
Comment, *v.* ଟୀକା ଲେଖିବା, ବ୍ୟାଖ୍ୟା-କ
Commentary, *s.* ଟୀକାଗ୍ରନ୍ଥ, ଟିପ୍ପଣୀସମୂହ ।
Commentator, *s.* ଟୀକାକାର, ଭାଷ୍ୟକାର, ଟିପ୍ପଣୀକର୍ତ୍ତା ।
Commerce, *s.* ବାଣିଜ୍ୟ, ବ୍ୟାପାର, ମହାଜନୀ, କ୍ରୟବିକ୍ରୟ ।
Commercial, *a.* ବାଣିଜ୍ୟସମ୍ବନ୍ଧୀୟ, କାରବାରୀ । [ଭୟ ପ୍ରଦର୍ଶନ ।
Commination, *s.* ଶାସ୍ତିପ୍ରତିଜ୍ଞା, ଅଭିଶାପ,
Commingle, *v.* ଏକତ୍ର-ମିଶ୍ରିତ-କ ।
Comminute, *v.* ଚୂର୍ଣ୍ଣ-ଗୁଣ୍ଡା-ଧୂଳିବତ୍-କ ।
Commiserate, *v.* ଦୟା-କୃପା-କରୁଣା-କ ।
Commiseration, *s.* ଦୟା, କରୁଣା, କୃପା ।

Commissariat, *s.* ସୈନ୍ୟର ଖାଦ୍ୟ ଯୋଗାଇବା କାର୍ଯ୍ୟ; ଉକ୍ତ କାର୍ଯ୍ୟରେ ନିଯୁକ୍ତ କର୍ମଚାରିଗଣ; ସୈନ୍ୟର ରସଦ୍ ।

Commissary, *s.* ସୈନ୍ୟର ଭକ୍ଷ୍ୟାୟୋଜନ କର୍ତ୍ତା, ଜନଯୋଗୀ ।

Commission, *s.* ଋସୁମ, ବଟା, ଦସ୍ତୁରି; କର୍ମରେ ନିଯୁକ୍ତି ବା ପଦାର୍ପଣପତ୍ର ।—*v.* ନିଯୁକ୍ତ-କ, ଭାର- କ୍ଷମତା-ଦେ ।

Commissioner, *s.* କମିଶ୍ୟନର୍-ଅମୀନ, ରାଜକର୍ମ ନିର୍ବାହକ ବ୍ୟକ୍ତି ।

Commit, *v.* କରିବା; ସମର୍ପଣ-ଜିମ୍ମା-କ, ଭାର-ଦେ; କଏଦ ବା କାରବଦ୍ଧ-କ ।

Committee, *s.* କର୍ମସମ୍ପାଦକ ସଭା ଅବା ସମ୍ପ୍ରଦାୟ ।

Commodious, *a.* ଉପଯୁକ୍ତ, ପ୍ରଶସ୍ତ, କର୍ମଣ୍ୟ ।

Commodity, *s.* ବାଣିଜ୍ୟଦ୍ରବ୍ୟ, ବସ୍ତୁ, ସାମଗ୍ରୀ

Commodore, *s.* ଯୁଦ୍ଧଜାହାଜ ସମୂହର ଅଧ୍ୟକ୍ଷ ବା ଅଧିପତି ।

Common, *s.* ସାଧାରଣ ଭୂମି, ପଡିଆ ।—*a.* ଜାତ; ସାମାନ୍ୟ, ସାଧାରଣ, ପ୍ରଚଳିତ ।

Commoner, *s.* ଅକୁଳୀନ, ସାମାନ୍ୟଲୋକ ।

Commonly, *ad.* ସଚରାଚର, ସାମାନ୍ୟରୂପେ

Common-place, *a.* ସାମାନ୍ୟ, ସାଧାରଣ, ପ୍ରଚଳିତ ।

Commons, *s.* ପ୍ରଜାଙ୍କର ସାଧାରଣ ସଭା ।

Commonwealth, *s.* ସାଧାରଣକର୍ତ୍ତୃକ ଅବା ପ୍ରଭୁତ୍ୱ । [ଲତା, ଗଣ୍ଡଗୋଳ ।

Commotion, *s.* କଳହ, ବିବାଦ, ବ୍ୟାକୁ-

Commune, *v.* କଥୋପକଥନ-କ, ଆଲାପ-କ; ପ୍ରଭୁର ଭୋଜ ପାଳନ-କ । [କାରୀ ।

Communicant, *s.* ପ୍ରଭୁର ଭୋଜ ପାଳନ-

Communicate, *v.* ଜ୍ଞାତ-କ, ଜଣାଇବା, ସମାଚାର-ଦେ, ଦାନ-କ; ଅଂଶ-କ ।

Communication, *s.* ଜ୍ଞାପନ; ଆଳାପ; ଯାତାୟାତର ପଥ । [ଭୋଜ ।

Communion, *s.* ସମ୍ଭାଷଣ, ସଂସର୍ଗ; ପ୍ରଭୁର

Community, *s.* ପ୍ରଜାବର୍ଗ, ଲୋକସମୂହ ।

Commutation, *s.* ପରିବର୍ତ୍ତନ, ବଦଳ, ବିନିମୟ ।

Compact, *s.* ନିୟମ, ବନ୍ଦୋବସ୍ତ, ନିର୍ଦ୍ଧାରଣ ।—*a.* ଠିକ୍, ସଂକ୍ଷେପ, ଦୃଢ, ଶକ୍ତ, ନିବିଡ ।

Companion, *s.* ସଙ୍ଗୀ, ସଖା, ମିତ୍ର, ସାଙ୍ଗୀ ।

Company, *s.* ସମ୍ପ୍ରଦାୟ, ସଭା; ସୈନ୍ୟର କ୍ଷୁଦ୍ର ଦଳ; ସହବର୍ତ୍ତୀ । [ତୁଲ୍ୟ ।

Comparable, *a.* ତୁଳନୀୟ, ଉପମେୟ, ସମ-

Comparatively, *ad.* ତୁଳନାରୂପେ, ତାରତମ୍ୟରୂପେ ।

Compare, *v.* ତୁଳନା-କ, ଉପମା-ଦେ ।

Comparison, *s.* ତୁଳନା, ଉପମା, ସାଦୃଶ୍ୟ, ଦୃଷ୍ଟାନ୍ତ ।

Compartment, *s.* ଅଂଶ, ଭାଗ, ପୃଥକ୍ ।

Compass, *s.* ଦିଗନିରୂପଣ ଯନ୍ତ୍ର; ବେଷ୍ଟନ, ଘେର, ବେଢା ।—*v.* ଘେରିବା, ବେଷ୍ଟନ-ପ୍ରଦକ୍ଷିଣ-କ; ଉଦ୍ଯୋଗ-କ । [ଯନ୍ତ୍ର ।

Compasses, *s.* କମ୍ପାସ, ବର୍ତ୍ତୁଳଲେଖାର୍ଥକ

Compassion, *s.* କରୁଣା, ଦୟା, ଅନୁକମ୍ପା, କୃପା ।

Compassionate, *a.* ଦୟାଳୁ, ଦାତା, କୃପାବାନ୍ ।

Compatible, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ ।

Compatriot, *s.* ସ୍ୱଦେଶୀୟ ବ୍ୟକ୍ତି, ଏକଦେଶୀୟ ଲୋକ ।

Compeer, *s.* ସମବ୍ୟବହାରୀ, ସଙ୍ଗୀ, ସାଥୀ ।

Compel, *v.* ବଳରେ ବା ବଳାତ୍କାର-ଦମନ-କ

Compendious, *a.* ସଂକ୍ଷିପ୍ତ, ହ୍ରସ୍ୱ, ସାର ।

Compendium, *s.* ସାରସଂଗ୍ରହ, ଚୁମ୍ବକ ଗ୍ରନ୍ଥ

Compensate, *v.* ପରିଶୋଧ-କ, ପ୍ରତିଫଳ -ଦେ, କ୍ଷତି ବା ତ୍ରୁଟି ପୂର୍ଣ୍ଣ-କ ।
Compensation, *s.* କ୍ଷତିପୂରଣ, ପ୍ରତୀକାର ।
Compete, *v.* ପ୍ରତିଯୋଗିତା-ସହି-କ, ପରସ୍ପରରେ ଏକଚେଷ୍ଟା-ହେ ।
Competency, *s.* ପ୍ରାଚୁର୍ଯ୍ୟ, ଜୀବନୋପାୟ, କ୍ଷମତା ।
Competent, *a.* ପାରଗ, ଯୋଗ୍ୟ, ଉପଯୁକ୍ତ, ଧିକାର; ଯଥେଷ୍ଟ । [ସ୍ୱାଭିଳାଷ, ଯତ୍ନ ।
Competition, *s.* ପ୍ରତିଯୋଗିତା, ଏକାଭିଷ-
Competitor, *s.* ପ୍ରତିପକ୍ଷ, ପ୍ରତିଯୋଗୀ ।
Compilation, *s.* ସଂଗ୍ରହ, ସାରଗ୍ରନ୍ଥ ।
Compile, *v.* ସଂଗ୍ରହ-ସମାହାର-ସଞ୍ଚୟ-କ ।
Complacency, *s.* ସନ୍ତୋଷ, ପ୍ରସନ୍ନତା, ସୁଶୀଳତା ।
Complacent, *a.* ସନ୍ତୁଷ୍ଟ, ପ୍ରସନ୍ନ, ସୁସ୍ଥ ।
Complain, *v.* ନିବେଦନ-ଗୁହାରି-ନାଲିଶ -କ; ବିଳାପ-କ । [ଖେଦ, ନିବେଦନକର୍ତ୍ତା ।
Complainant, *s.* ଫରିୟାଦୀ, ବାଦୀ, ଗୁହାରି
Complaint, *s.* ନିବେଦନ, ଗୁହାରି; ରୋଗ ।
Complaisance, *s.* ସୁଶୀଳତା, ସୌଜନ୍ୟ, ଶିଷ୍ଟାଚାର ।
Complaisant, *a.* ସୁବୁଦ୍ଧି, ସୁଶୀଳ, ଶିଷ୍ଟ ।
Complement, *s.* ସମ୍ପୂର୍ଣ୍ଣତା, ସାଙ୍ଗତା, ସମାପ୍ତି, ଦୂରବାଂଶ ।
Complete, *a.* ସମ୍ପୂର୍ଣ୍ଣ, ସମାପ୍ତ, ସାଙ୍ଗ, ସିଦ୍ଧ । —*v.* ସମ୍ପୂର୍ଣ୍ଣ-ସମାପ୍ତ-ସାଙ୍ଗ-କ ।
Complex, *a.* ସଂକର, ମିଶ୍ରିତ; ଅସ୍ପଷ୍ଟ ।
Complexion, *s.* ଶରୀରବର୍ଣ୍ଣ ବା ରଙ୍ଗ, ଚେହେର ।
Compliance, *s.* ସ୍ୱୀକାର, ସମ୍ମତି, ଅଙ୍ଗୀକାର, ହଁ । [ରୋଧୀ ।
Compliant, *a.* ସ୍ୱୀକାରୀ, ଶିଷ୍ଟ, ନମ୍ର, ଅନୁ-

Complicated, *a.* ସଂକର, ମିଶ୍ରିତ, ଜଡ଼ିତ ।
Compliment, *s.* ଶିଷ୍ଟାଚାର, ସମାଦର, ନମସ୍କାର, ପ୍ରଶଂସା ।—*v.* ଶିଷ୍ଟାଚାର-ପ୍ରଶଂସା-କ ।
Comply, *v.* ସମ୍ମତ-ହେ, ଅଙ୍ଗୀକାର-ସ୍ୱୀକାର -କ, ଅନୁମତ-ଦେ ।
Component, *a.* ମିଶ୍ରିତ ବସ୍ତୁର ଭିନ୍ନ ଅଂଶ ସମ୍ବନ୍ଧୀୟ ।
Comport, *v.* ଯୋଗ୍ୟ-ମେଳ-ହେ, ବ୍ୟବହାର-କ । [ପ୍ରବୋଧ-କ ।
Compose, *v.* ରଚନା-ସଂଗ୍ରହ-କ; ସୁସ୍ଥିର-
Composed, *a.* ସ୍ଥିର, ଧୀର, କ୍ଷାନ୍ତ, ଶାନ୍ତ ।
Composer, *s.* ରଚକ, ଲେଖକ, ଗ୍ରନ୍ଥକର୍ତ୍ତା ।
Composition, *s.* ମିଶ୍ର, ରଚିତ ଗ୍ରନ୍ଥ; ମିଶା, ମିଳନ, ମୀମାଂସା । [ଅକ୍ଷର ଯୋଜକ ।
Compositor, *s.* ଛାପା ବସାଇବା ବ୍ୟକ୍ତି,
Compost, *s.* ସାରମାଟି, ଗୋବର ।
Composure, *s.* ସ୍ଥିରତା, ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ଶାନ୍ତି ।
Compound, *s.* ସଂଯୋଗ, ମେଳ, ମିଶ୍ରିତ ବସ୍ତୁ —*v.* ମିଶ୍ରିତ-କ, ମିଳାଇବା ।
Comprehend, *v.* ବୁଝିବା, ଧାରଣ-ବୋଧ-କ ।
Comprehension, *s.* ବୋଧ, ଜ୍ଞାନ, ବୁଦ୍ଧି, ଅବଧାରଣ । [ଦର୍ଶୀ; ପ୍ରଶସ୍ତ; ପୂର୍ଣ୍ଣ ।
Comprehensive, *a.* ନାନାର୍ଥକ, ପାର-
Compress, *s.* ଅଙ୍ଗବନ୍ଧନ ପଟୀ ବା ପଟା ।—*v.* ସମ୍ମର୍ଦ୍ଦନ-କ, ଚିପିବା, ଦାବିବା, ଟିପିବା
Comprise, *v.* ଧାରଣ-କ, ଭିତରେ-ଅନ୍ତର୍ଗତ-ହେ । [ବା, ରଫା-କ ।
Compromise, *v.* ମଧ୍ୟସ୍ଥ ବା ସାଲିସ୍ ମାନି-
Compulsatory, *a.* ପ୍ରବଳକାରୀ, ବଳବାନ, ଅବାଧ୍ୟ, ଜବରଦସ୍ତ । [ଜୋର
Compulsion, *s.* ବଳାତ୍କାର, ଅତ୍ୟାଚାର

Compulsory, *a.* ପ୍ରବଳକାରୀ, ସବଳ, ଅନିବାର୍ଯ୍ୟ ।

Compunction, *s.* ଅନୁତାପ, ଖେଦ, ଅନୁଶୋକ ।

Computation, *s.* ଗଣନା, ସଂଖ୍ୟା, ସୁମାର ।

Compute, *v.* ସଂଖ୍ୟା-ଗଣନା-ସୁମାରି-କ ।

Comrade, *s.* ସଙ୍ଗୀ, ସାଥୀ, ମିତ୍ର, ବନ୍ଧୁ ।

Con, *v.* ଅଭ୍ୟାସ-ତତ୍ତ୍ୱ-ଆଲୋଚନା-କ ।

Concatenation, *s.* ଶ୍ରେଣୀକ୍ରମ, ଶୃଙ୍ଖଳା ।

Concave, *a.* ମଧ୍ୟନମ୍ର, ଖିଲଣବତ୍, ଅର୍ଦ୍ଧଗୋଲାକାର, ମଧ୍ୟନମ୍ର ।

Concavity, *s.* ଖୋଲ, ଫମ୍ପା ଦ୍ରବ୍ୟର ମଧ୍ୟସ୍ଥଳ ।

Conceal, *v.* ଗୁପ୍ତ-କ, ଲୁଚାଇବା, ଘୋଡାଇବା ।

Concealment, *s.* ଗୋପନ, ଅପ୍ରକାଶନ ।

Concede, *v.* ସ୍ୱୀକୃତ-ସମ୍ମତ-ହେ, ମାନିବା ।

Conceit, *s.* ଦମ୍ଭ, ଗର୍ବ, ଆତ୍ମଶ୍ଲାଘା; ମାନସ, ଅନୁଭବ ।

Conceited, *a.* ଦାମ୍ଭିକ, ଦର୍ପୀ, ଗର୍ବୀ, ଆତ୍ମାଭିମାନୀ ।

Conceive, *v.* ଅନୁଭବ-ଗର୍ଭଧାରଣ-କ ।

Concentrate, *v.* ସଂଶ୍ଳେଷ-ଏକ ମଧ୍ୟରେ ଏକତ୍ର-ଅବସ୍ଥାନ-କ ।

Concentre, *v.* ଏକମଧ୍ୟ-ମଧ୍ୟରେ ମେଳ-ହେ

Conception, *s.* ଗର୍ଭଧାରଣ ; ବୋଧଶକ୍ତି, ଅଭିପ୍ରାୟ ।

Concern, *s.* ଭାବନା, ଚିନ୍ତା ; ସମ୍ପର୍କ, ବିଷୟ । —*v.* ସମ୍ବନ୍ଧ ଥିବା; ଭାବିତ-ହେ, ଚିନ୍ତାଚେଷ୍ଟା-କ ।

Concerning, *pr.* ବିଷୟକ, ସମ୍ବନ୍ଧୀୟ, ଅର୍ଥକ ।

Concert, *v.* ଗୋପନରେ ମନ୍ତ୍ରଣା ବା ଷଡ଼ଯନ୍ତ୍ର-କ ।

Concert, *s.* ବୈଠକଗାନ ବା ବାଦ୍ୟ, ସଙ୍ଗୀତ; ଐକ୍ୟ ।

Concession, *s.* ସ୍ୱୀକାର, ଅଙ୍ଗୀକାର ପ୍ରଦାନ ।

Conch, *s.* ଶଙ୍ଖ, କମ୍ବୁ ।

Conciliate, *v.* ପୁନର୍ମେଳ-କ, ମିଳାଇବା ।

Conciliatory, *a.* ପୁନର୍ମେଳସୂଚକ, ମିଳନକାରକ ।

Concise, *a.* ସଂକ୍ଷିପ୍ତ, ହ୍ରାସ, ଲଘୁ, ଅଳ୍ପ ।

Concision, *s.* ଛେଦନ, କାଟିବା କର୍ମ ।

Conclave, *s.* ଧର୍ମସଭା, ଗୁପ୍ତସଭା, ଧର୍ମାଧ୍ୟକ୍ଷମାନଙ୍କର ସମାଜ ।

Conclude, *v.* ସାଙ୍ଗ-ସମାପ୍ତି-ସିଦ୍ଧାନ୍ତ-ସ୍ଥିର-କ

Conclusion, *s.* ଶେଷ, ସାଙ୍ଗ, ସମାପ୍ତି ।

Conclusive, *a.* ପ୍ରାମାଣ୍ୟ, ସିଦ୍ଧାନ୍ତ, ଚୂଡ଼ାନ୍ତ

Concoct, *v.* ପାକ-ପରିପକ୍ୱ-ଜୀର୍ଣ୍ଣ-ହଜମ-କ ; କଳ୍ପନା-କ ।

Concoction, *s.* ପରିପାକ, ଅନ୍ନପାକ, ଜୀର୍ଣ୍ଣକରଣ ।

Concomitant, *a.* ସଂଯୁକ୍ତ, ସଂଯୋଗୀ, ମିଳିତ ।

Concord, *s.* ମିଳନ, ଐକ୍ୟ; ସ୍ୱର ; ସୁହୃଦତା ।

Concordance, *s.* ଧର୍ମଶାସ୍ତ୍ରର ନିର୍ଘଣ୍ଟ, ବା ଅଭିଧାନ ।

Concordant, *a.* ଉପଯୁକ୍ତ, ମିଳନକାରୀ, ଅନୁସାରୀ ।

Concourse, *s.* ଜନସମୂହ, ଜନତା, ଭିଡ଼, ଲୋକଗହଳ ।

Concremation, *s.* ସହଦଗ୍ଧକରଣ, ସହଦାହ

Concrete, *a.* ସଂଯତ, ଜଡ଼ୀଭୂତ, ନାନାବସ୍ତୁରେ ନିର୍ମିତ ।—*s.* ଚୂନ ବାଲି ଓ ଗୋଡ଼ି ଆଦିର ମିଶ୍ରିତ ଦ୍ରବ୍ୟ ।—*v.* ଜମାଟ-ହେ, ଜମିଯିବା; ଜମାଟ-କ ।

Concretion, *s.* ସଂଯମ, ଜଡ଼ୀଭାବ, ଗଣ୍ଠି ।

Concubine, *s.* ଉପସ୍ତ୍ରୀ, ଉପପତ୍ନୀ, ଚେମଣୀ ।

Concupiscence, *s.* କାମ, ଇନ୍ଦ୍ରିୟଦୋଷ, ଲମ୍ପଟତା, କୁଅଭିଳାଷ ।

Concur, *v.* ଏକଚିତ୍ତ-ସମ୍ମତ-ସଂଘଟିତ-ହେ ।

Concurrence, *s.* ଯୋଗ, ଐକ୍ୟ, ସଂଘଟନ, ସଙ୍ଗ ।

Concussion, *s.* ଦୁଇ ବସ୍ତୁର ପରସ୍ପର ଘାତ, ଧକ୍କା, ଠେସ ।
Condemn, *v.* ଦୋଷୀ-ଦଣ୍ଡାର୍ହ-ଅପରାଧୀ-କ
Condense, *v.* ଗାଢ-ଘନ-ସ୍ୱଳ୍ପ-ଶକ୍ତ-କ ।
Condescend, *v.* ନମ୍ର-ବିନୟୀ-ହେ, ଶିଷ୍ଟାଚାର କ । [ଶୀତଳତା, ଉଦାରତା ।
Condescension, *s.* ନମ୍ରତା, ଶିଷ୍ଟତା, ସୁ-
Condign, *a.* ଉଚିତ, ସମୁଚିତ, ଉପଯୁକ୍ତ ।
Condiment, *s.* ବ୍ୟଞ୍ଜନ, ଅଚାର, ଚଟଣୀ, ଅନ୍ନର ଉପକରଣ ।
Condition, *s.* ଦଶା, ଅବସ୍ଥା, ଗତି, ହାଲ; ନିୟମ, ପଣ ।
Conditional, *a.* ନିବନ୍ଧ, ନିୟମାନ୍ୱିତ, ପଣ-ଯୁକ୍ତ । [ବିଳାପ-ପ୍ରବୋଧ-କ ।
Condole, *v.* ପର ଦୁଃଖରେ ଦୁଃଖୀ-ହେ,
Condolence, *s.* ପର ଦୁଃଖରେ ଖେଦୋକ୍ତି
Conduce, *v.* ସାହାଯ୍ୟ-କ, ଅନୁକୂଳ-ସହକାରୀ-ହେ, ଉପକୃତ-କ ।
Conducive, *a.* ପ୍ରବର୍ତ୍ତକ, ସମ୍ପାଦକ, ସାଧକ ।
Conduct, *s.* ଆଚରଣ, ବ୍ୟବହାର, ଚଳନ, ସ୍ୱଭାବ ।—*v.* ଆଚରଣ-କ, ବାଟ ଦେଖାଇବା ।
Conductor, *s.* ପଥଦର୍ଶକ, ଅଗ୍ରସର, ସମ୍ପାଦକ, ନିର୍ବାହକ ।
Conduit, *s.* ନଳା, ପାଣିବାଟ, ପ୍ରଣାଳୀ, ନାଳୀ
Cone, *s.* ଶଙ୍କୁ, ଅଧୋଭାଗେ ମଣ୍ଡଳାକାର ଓ ଅଗ୍ରଭାଗେ ସୂଚ୍ୟାକାର ପଦାର୍ଥ ।
Confabulation, *s.* ଆଳାପ, ଗଳ୍ପ, କଥାବାର୍ତ୍ତା
Confection, *s.* ମୋରବ୍ବା, ମଠାଇ, ମିଷ୍ଟାନ୍ନ ।
Confectioner, *s.* ମିଷ୍ଟ କାରୀ, ଗୁଡିଆ, ହାଲୁଇ । [ବିଚାର ।
Confederacy, *s.* ସନ୍ଧି, ଐକମତ୍ୟ, ଏକ-
Confederate, *s.* ଏକପରାମର୍ଶୀ, ମିତ୍ର, ସହାୟ, ଅଂଶୀ ।—*v.* ସନ୍ଧି-କ, ଏକବାକ୍ୟ-ହେ ।

Confer, *v.* କଥୋପକଥନ-କ; ଦାନ-କ ।
Conference, *s.* କଥୋପକଥନ, ବାଦାନୁବାଦ, ବିବେଚନାର୍ଥ ସଭା ।
Confess, *v.* ସ୍ୱୀକାର-ଅଙ୍ଗୀକାର-କ, ମାନିବା ।
Confessedly, *ad.* ସ୍ୱୀକାରପୂର୍ବକ, ନିଃସନ୍ଦେହରୂପେ । [ସ୍ୱୀକାର ।
Confession, *s.* ସ୍ୱୀକାର, ଅଙ୍ଗୀକାର, ଦୋଷ
Confessor, *s.* ପାପସ୍ୱୀକାର ଶ୍ରବଣକାରୀ ; ସ୍ୱୀକାରକର୍ତ୍ତା ।
Confidant, *s.* ବିଶ୍ୱାସପାତ୍ର, ସଖା, ମିତ୍ର ।
Confide, *v.* ବିଶ୍ୱାସ-ପ୍ରତ୍ୟୟ-ଭରସା-କ ।
Confidence, *s.* ବିଶ୍ୱାସ, ପ୍ରତ୍ୟୟ, ଆସ୍ଥା, ଭରସା
Confident, *a.* ନିଃସନ୍ଦେହ, ନିର୍ଭୟ, ସାହସୀ, ଦାମ୍ଭିକ, ଉତ୍ସାହଶୀଳ । [ୟିକ ।
Confidential, *a.* ବିଶ୍ୱାସୀ, ବିଶ୍ୱସ୍ତ, ପ୍ରାତ୍ୟ-
Configuration, *s.* ଅବୟବ, ଆକାର, ରୂପ ;
Confine, *s.* ସୀମା, ସୀମାନା, ପ୍ରାନ୍ତ, ସରହଦ ।
—*v.* ସୀମାବଦ୍ଧ-କାରାବଦ୍ଧ ବା କଏଦ-କ ।
Confinement, *s.* ଅଟକ, କାରାବନ୍ଧନ, କଏଦ
Confirm, *v.* ସ୍ଥିର-ଦୃଢ-ପ୍ରମାଣସିଦ୍ଧ-ସାବୁ-ତ-କ । [ସାବୁତ କରଣ ।
Confirmation, *s.* ନିଶ୍ଚୟ ବା ପ୍ରମାଣ ବା
Confiscate, *v.* ଜବ-କ୍ରୋକ-କ, ସର୍କାର ଖାସ୍ କରି ନେବା । [ବୃତ୍ତିଚ୍ଛେଦ ।
Confiscation, *s.* ଦଣ୍ଡାର୍ଥ ଧନାପହରଣ,
Conflagration, *s.* ମହାଗ୍ନି ଦାହ, ବଡ଼ ନିଆଁ
Conflict, *s.* ସଂଗ୍ରାମ, ଯୁଦ୍ଧ, ଲଢାଇ, କଳହ ।
—*v.* ସଂଗ୍ରାମ ଅବା ଯୁଦ୍ଧ-ବିବାଦ-କ ।
Confluence, *s.* ଅନେକ ସ୍ରୋତର ଯୋଗ, ନଦନଦୀର ସଙ୍ଗମ, ପ୍ରବାହ ।
Conflux, *s.* ସଙ୍ଗମ, ଜନତା, ମେଳାରଣ୍ୟ ।
Conform, *v.* ଅନୁସାରେ ଚାଲିବା ; ତୁଲ୍ୟ-ସମ୍ମତ-ଆଜ୍ଞାନୁବର୍ତ୍ତୀ-ହେ ।

Conformably, *ad.* ଅନୁସାରେ, ମତେ. ଅନୁରୂପେ । [ତୌଲ ।

Conformation, *s.* ଆକୃତି, ଅବୟବ, ଗଠନ,

Conformity, *s.* ସାଦୃଶ୍ୟ, ଐକ୍ୟ, ସ୍ୱୀକାର ।

Confound, *v.* ମିଶ୍ରିତ-ଅପ୍ରସ୍ତୁତ-ଘାବର-କ ।

Confront, *v.* ସମ୍ମୁଖବର୍ତ୍ତୀ-ମୁଖାମୁଖି-ହ ; ମୁକାବଲା-କ, ତୁଳନା-ଦେ ।

Confuse, *v.* ଘାବର ଅପ୍ରତିଭ-ଅପ୍ରସ୍ତୁତ-କ ।

Confusion, *s.* ଗୋଳମାଳ, ଅସ୍ଥିରତା, ବୁଦ୍ଧିଭ୍ରଂଶ । [ରଦ, ବାଧା ।

Confutation, *s.* ଖଣ୍ଡନ, ବାକ୍ୟଖଣ୍ଡନ,

Confute, *v.* ଅସାବ୍ୟସ୍ତ-ଖଣ୍ଡନ-ରଦ-କ

Congeal, *v.* ଜମି ବା ବସି ଯିବା, ଗାଢ଼ ହେ ।

Congenial, *a.* ଏକସ୍ୱଭାବ, ସ୍ୱାଭାବିକ, ସବର୍ଣ୍ଣ. ତୁଲ୍ୟ, ସଜାତ ।

Congeries, *s.* ରାଶି, ସ୍ତୂପ, ସୂକ୍ଷ୍ମବସ୍ତୁ ସଂଗ୍ରହ ।

Conglomerate, *v.* ପିଣ୍ଡପ୍-ଜମା-ଗୋଲ-କ

Conglomeration, *s.* ବର୍ତ୍ତୁଲାକୃତ ବା ନାନାପ୍ରକାର ଏକତ୍ରୀକରଣ । [ଜଣାଇବା ।

Congratulate, *v.* ପର ମଙ୍ଗଳରେ ହର୍ଷ

Congratulation, *s.* ମଙ୍ଗଳବାଦନ, ପରକଲ୍ୟାଣବାଦ ।

Congregate, *v.* ଏକତ୍ର-ହେ, ମଣ୍ଡଳୀ-କ ।

Congregation, *s.* ମଣ୍ଡଳୀ ସଭା, ସମାଜ, ମଜଲିସ ।

Congress, *s.* ରାଜସଭା, ସମାଜ ।

Congruity, *s.* ସମଞ୍ଜତା, ଉପଯୁକ୍ତତା, ଯୋଗ୍ୟତା ।

Congruous, *a.* ଉପଯୁକ୍ତ, ସମଞ୍ଜସା, ଯୋଗ୍ୟ

Conical, *a.* ସୂଚ୍ୟଗ୍ରାକୃତ, ଶୁଣ୍ଡାକୃତ ।

Conjectural, *a.* ଆନୁମାନିକ, ଅନୁଭବ-ଯୋଗ୍ୟ, ଅଟକଳ ।

Conjecture, *s.* ଅନୁମାନ, ବିବେଚନା, ଅଟକଳ

Conjoin, *v.* ସଂଲଗ୍ନ-ସଂଯୁକ୍ତ-ସଂଯୋଗ-କ ।

Conjointly, *ad.* ସଂଯୋଗପୂର୍ବକ ।

Conjugal, *a.* ବିବାହସମ୍ବନ୍ଧୀୟ, ବୈବାହିକ ।

Conjugate, *v.* ସଂଯୁକ୍ତ-ଧାତୁରୂପ-କ ।

Conjugation, *s.* ଯୁଗ୍ମ, ଯୁଗଳ, ଧାତୁରୂପକରଣ, ସମାହାର । [ଉପସର୍ଗ ।

Conjunction, *s.* ସନ୍ଧି, ମିଳନ, ସଙ୍ଗମ ।

Conjuncture, *s.* ଦୁଇ ଯୋଗର ସଂଘଟନ, ଠିକ ସମୟ ।

Conjure, *v.* ଶପଥ-ପଣ-କ, ପବିତ୍ର ନାମୋଚ୍ଚାରଣ ଦ୍ୱାରା ଅଞ୍ଚ-କ ; ଜାଦୁ- ଭେଲ୍କୀ-କୁହୁକ-କ ।

Conjurer, *s.* ଜାଦୁକର, ଭେଲ୍କୀକାରକ, ପ୍ରବଞ୍ଚକ । [ଜାତ, ସହଜ ।

Connate, *a.* ଏକକାଳରେ ଜାତ, ସମକାଳ

Connatural, *a.* ଏକସ୍ୱାଭାବିକ, ସହଜାତ ।

Connect, *v.* ଯୁକ୍ତ-ସଂଲଗ୍ନ-ମିଳିତ-କ ।

Connective, *a.* ସଂଲଗ୍ନକାରୀ ।

Connection, Connexion, *s.* ସଂଯୋଗ; ସମ୍ପର୍କ, ସମ୍ବନ୍ଧ; କୁଟୁମ୍ବ ।

Connive, *v.* ଦେଖି ନ ଦେଖିବା, ଜାଣି ନ ଜାଣିବା, ଶୁଣି ନ ଶୁଣିବା । [ବିଜ୍ଞ ।

Connoisseur, *s.* ଗୁଣବୋଧା, ବ୍ୟୁତ୍ପନ୍ନ, ଜ୍ଞାନୀ,

Connubial, *a.* ବିବାହସମ୍ବନ୍ଧୀୟ, ବୈବାହିକ ।

Conquer, *v.* ଜୟ-କ, ଜିତିବା, ଜିଣିବା ।

Conqueror, *s.* ଜୟକର୍ତ୍ତା, ବିଜୟୀ, ଜୟକାରକ । [ଜିତ ।

Conquest, *s.* ଜୟ, ଜୟରେ ଲବ୍ଧ, ପରାସ୍ତ,

Consanguinity, *s.* ଜ୍ଞାତିତ୍ୱ, ସଗୋତ୍ରତା ।

Conscience, *s.* ବିବେକ, ମନ, ହୃଦୟସ୍ଥ ଭଲମନ୍ଦ ବୋଧ ।

Conscientious, *a.* ବିବେକୀ, ଯାଥାର୍ଥିକ, ଧର୍ମଭୀତ ।

Conscionable, *a.* ଯୁକ୍ତିବିଷ୍ଟ, ପ୍ରକୃତ, ଯଥାର୍ଥ
Conscious, *a.* ସଚେତନ, ଜ୍ଞାତସାର, ସବୋଧ
Consciousness, *s.* ଅନ୍ତର୍ବୋଧ, ସ୍ୱଜ୍ଞାନ, ସଚେତନତା ।
Conscript, *a.* ଲିଖିତ, ଲେଖା ।
Conscript, *s.* ନୂଆ ଯୋଦ୍ଧା ।
Consecrate, *v.* ପବିତ୍ର-ପ୍ରତିଷ୍ଠା-ସମର୍ପଣ-କ ।
Consecration, *s.* ସଂସ୍କାର, ଅଭିଷେକ, ପ୍ରତିଷ୍ଠା, ଉତ୍ସର୍ଗ ।
Consecutive, *a.* କ୍ରମାଗତ, ପରମ୍ପରାକ୍ରମିକ ।
Consent, *s.* ସମ୍ମତ, ସ୍ୱୀକାର, ଅନୁମତି, ସାଇ, ହିଁ
Consequence, *s.* ଫଳ. ପ୍ରତିଫଳ; ଅନୁମାନ ।
Consequent, *a.* ପଶ୍ଚାଦ୍ଗତ, ଅନୁବୃତ୍ତ, ଅନୁଯାୟୀ । [ଫୁଲିଆ ।
Consequential, *a.* ଭାରୀ; ଗର୍ବୀ, ଦେହ-
Consequently, *ad.* ତେଣୁକରି, ଅତଃ, ଏନିମନ୍ତେ, ଫଳତଃ, ଅତଏବ ।
Conservancy, *s.* ନଗରର ସ୍ୱାସ୍ଥ୍ୟ ରକ୍ଷଣାର୍ଥ ନିଯୁକ୍ତ ଲୋକେ ।
Conservation, *s.* ରକ୍ଷଣ, ରକ୍ଷଣାବେକ୍ଷଣ ।
Conservative, *a.* ରକ୍ଷଣକାରୀ, ରକ୍ଷାକରଣକ୍ଷମ ।
Conservatory, *s.* ବୃକ୍ଷଲତାଦି ରକ୍ଷଣାର୍ଥ କାଚନିର୍ମିତ ଘର ।
Conserve, *s.* ମିଠାଇ, ମିଷ୍ଟାନ୍ନ, ମୁରବ୍ବା ।
Consider, *v.* ବିବେଚନା-ମନୋଯୋଗ-ବିଚାର-କ । [ବୃହତ୍, ଅଧିକ ।
Considerable, *a.* ବିବେଚନୀୟ, ମାନ୍ୟ;
Considerate, *a.* ବିବେଚକ, ଧୀର, ବିବେକୀ, ବୁଦ୍ଧିମାନ୍ । [ଗୁରୁତା, ଗୌରବ ।
Consideration, *s.* ବିବେଚନା, ମନୋଯୋଗ;
Consign, *v.* ସମର୍ପଣ-ଜିମ୍ମା-କ, ଭାର-ଦେ ।
Consignment, *s.* ସମର୍ପଣ; ଚଳିତ ଧନାଦି ।

Consist, *v.* ସ୍ଥିର ହୋଇଥିବା, ଅନ୍ତର୍ଭୂତ-ହେ ।
Consistency, *s.* ସ୍ଥିତି, ଅବସ୍ଥା, ଦୃଢତା, ଘନତା, ସଙ୍ଗତି । [ଯୁକ୍ତ, ତୁଲ୍ୟ ।
Consistent, *a.* ସଦା ସମାନ, ସଙ୍ଗତ, ଉପ-
Consistory, *s.* ଧର୍ମାଧ୍ୟକ୍ଷମାନଙ୍କର ସଭା, ଧର୍ମସଭା ।
Consolation, *s.* ସାନ୍ତ୍ୱନା, ପ୍ରବୋଧ, ଆଶ୍ୱାସ ।
Consolatory, *a.* ସାନ୍ତ୍ୱନାଜନକ, ପ୍ରବୋଧକ ।
Consolidate, *v.* ଘନ-ଦୃଢ-ସଂଯୋଗ-କ ।
Consonance, *s.* ସ୍ୱରର ମେଳ, ଐକ୍ୟ, ତୁଲ୍ୟତା ।
Consonant, *a.* ସଦୃଶ, ଉପଯୁକ୍ତ, ତୁଲ୍ୟ ।
Consonant, *s.* ବ୍ୟଞ୍ଜନବର୍ଣ୍ଣ, ହଲବର୍ଣ୍ଣ, ଯଥା କ ଖ ଇତ୍ୟାଦି ।
Consort, *s.* ସ୍ତ୍ରୀ ବା ସ୍ୱାମୀ, ସଙ୍ଗୀ, ମିତ୍ର, ସହବାସୀ ।—*v.* ସଂସର୍ଗ-ସହବାସ-ବିବାହ-କ, ମିଶିବା । [ବିଖ୍ୟାତ ।
Conspicuous, *a.* ସ୍ପଷ୍ଟ, ପ୍ରକାଶିତ, ସୁବ୍ୟକ୍ତ,
Conspiracy, *s.* କୁଯୁକ୍ତି, କୁମନ୍ତ୍ରଣା, ଚକ୍ରାନ୍ତ; ରାଜଦ୍ରୋହ । [ବିରୋଧୀ ।
Conspirator, *s.* କୁମନ୍ତ୍ରଣାକାରୀ, ବ୍ୟବସ୍ଥା-
Constable, *s.* ପିଅଦା, କୋଟପାଳ, ଦଣ୍ଡନାୟକ, ପୋଲିସ ଲୋକ । [ଅଚଞ୍ଚଳ ।
Constancy, *s.* ସ୍ଥିରତା, ସ୍ଥୈର୍ଯ୍ୟ, ଅବିଶ୍ରାନ୍ତତା
Constant, *a.* ନିତ୍ୟ, ସ୍ଥିର, ନିରନ୍ତର, ଅଟଳ ।
Constantly, *ad.* ନିତ୍ୟ, ସର୍ବଦା, ସଦା ।
Constellation, *s.* ରାଶିନକ୍ଷତ୍ର, ତାରାସମୂହ ।
Consternation, *s.* ଶଙ୍କା, ଭୟ, ବିସ୍ମୟ, ଉଦ୍ବେଗ ।
Constipation, *s.* ମଳବନ୍ଧ, ଛଡ, କଠିନ ।
Constituent, *a.* ସମ୍ମୂଳକ, ଆବଶ୍ୟକ ।
Constituent, *s.* ନିୟୋଜକ, ପ୍ରେରକ, ପ୍ରତିନିଧିକୁ ଯେ ନିଯୁକ୍ତ କରେ ।
Constitute, *v.* ନିଯୋଗ-ପ୍ରେରଣ-ନିର୍ମାଣ-କ ।

Constitution, *s.* ସ୍ୱଭାବ, ମୂଳବ୍ୟବସ୍ଥା, ପ୍ରକୃତି, ଦେହମଳ, ଧାତୁ ।

Constitutional, *a.* ମୂଳସମ୍ବନ୍ଧୀୟ, ସ୍ୱାଭାବିକ

Constrain, *v.* ବଳାତ୍କାର-ଜୋର-ଜବର୍ଦସ୍ତି-କ

Constraint, *s.* ବଳାତ୍କାର, ଜବର୍ଦସ୍ତି ।

Constriction, *s.* ସଂକୋଚ, ହ୍ରାସପ୍ରାପଣ ।

Construct, *v.* ନିର୍ମାଣ ବା ଗଠନ-କ, ବନାଇବା, ଗୁନ୍ଥିବା । [ସମାସ ।

Construction, *s.* ଗଠନ, ରଚନା, ଅର୍ଥ;

Construe, *v.* ଅର୍ଥ-ଶବ୍ଦବିନ୍ୟାସ-କ ।

Consubstantial, *a.* ସମମୂଳକ, ସମପ୍ରକୃତିକ

Consuetude, *s.* ରୀତି, ବ୍ୟବହାର, ଧାରା, ଚଳନ

Consul, *s.* ବିଦେଶରେ ସ୍ୱଜାତୀୟ ବାଣିଜ୍ୟର ଅମିନ । [ବା ।

Consult, *v.* ପରାମର୍ଶ-ବିବେଚନା-କ, ପଚାର-

Consultation, *s.* ପରାମର୍ଶ, ମନ୍ତ୍ରଣା, ଯୁକ୍ତିଗ୍ରହଣ, ସଭା ।

Consume, *v.* କ୍ଷୟ-ଦଗ୍ଧ-ନାଶ-ଧ୍ୱଂସ-କ ।

Consummate, *a.* ସମ୍ପୂର୍ଣ୍ଣ, ସାଙ୍ଗ, ଶ୍ରେଷ୍ଠ, ସମାପ୍ତ —*v.* ସମ୍ପୂର୍ଣ୍ଣ-ସାଙ୍ଗ-ସମାପ୍ତ-କ ।

Consummation, *s.* ଶେଷ, ସମାପ୍ତି, ସମ୍ପୂର୍ଣ୍ଣତା, ସମ୍ପାଦନ ।

Consumption, *s.* କ୍ଷୟ, କ୍ଷୟରୋଗ, ଯକ୍ଷ୍ମା ।

Consumptive, *a.* କ୍ଷୟକାରୀ, ନାଶକ, କ୍ଷୟରୋଗଗ୍ରସ୍ତ । [ଅଙ୍ଗସ୍ପର୍ଶ ।

Contact, *s.* ସଂଯୋଗ, ଲଗାଲଗି, ସଂଲଗ୍ନ,

Contagion, *s.* ସଂସ୍ପର୍ଶାକ୍ରାମକ ରୋଗ, ମଡ଼କ, ଉଲରଠା । [ବ୍ୟାପକ ।

Contagious, *a.* ସ୍ପର୍ଶାକ୍ରାମକ, ସଞ୍ଚାରକ,

Contain, *v.* ଧାରଣ-କ, ଭିତରେ ଧରିବା, ଧୈର୍ଯ୍ୟ ଧରିବା ।

Contaminate, *v.* ଭ୍ରଷ୍ଟ-ଅପବିତ୍ର-ଅଶୁଚି-କ, ଦାଗ-ଦେ ।

Contemn, *v.* ତୁଚ୍ଛ-ଅବଜ୍ଞା-ଅନାଦର-କ ।

Contemplate, *v.* ଧ୍ୟାନ-ଭାବନା-ମନେ ଚିନ୍ତା-କ । [ଚିନ୍ତା, ଭାବନା, ଅଭ୍ୟାସ ।

Contemplation, *s.* ଧ୍ୟାନ, ବିବେଚନା,

Contemporary, *a.* ସମକାଳିକ, ଏକସମୟର, ସମକାଳୀନ । [ଜ୍ଞାନ ।

Contempt, *s.* ଅବଜ୍ଞା, ଅଶ୍ରଦ୍ଧା, ଘୃଣା, ତୁଚ୍ଛ-

Contemptible, *a.* ତୁଚ୍ଛଣୀୟ, ହେୟ, ଘୃଣ୍ୟ ।

Contemptuous, *a.* ହେୟବୋଧକ, ପସବଜ୍ଞ, ଅନାଦରକାରୀ । [-କ ।

Contend, *v.* ବିରୋଧ-ବିବାଦ-ଯୁଦ୍ଧ-ଝଗଡ଼ା

Contender, *s.* ବିବାଦୀ, ବିରୋଧୀ, ଦ୍ୱନ୍ଦ୍ୱୀ ।

Content, *a.* ସନ୍ତୁଷ୍ଟ, ତୃପ୍ତ, ଶାନ୍ତ । [ଗଡ଼ା ।

Contention, *s.* କଳହ, କଳି, ବିବାଦ, ଝ-

Contentious, *a.* ବିବାଦୀ, ବିରୋଧୀ, ଦ୍ୱନ୍ଦ୍ୱୀ ।

Contentment, *s.* ସନ୍ତୋଷ, ତୃପ୍ତି, ଶାନ୍ତି, ନିରାକାଂକ୍ଷା ।

Contents, *s.* ନିର୍ଘଣ୍ଟ, ସୂଚୀପତ୍ର, ଅନୁକ୍ରମଣିକା

Conterminous, *a.* ସୀମାବର୍ତ୍ତୀ, ପାରସ୍ଥ; ସଂସ୍ପୃଷ୍ଟ ।

Contest, *s.* ଯୁଦ୍ଧ, ବାଦାନୁବାଦ, ବିବାଦ । —*v.* ବାଦାନୁବାଦ-ଯୁଦ୍ଧ-ବିରୋଧ-କ ।

Context, *s.* ପୂର୍ବାପର ପାଠ ବା ପ୍ରସଙ୍ଗ, ସଂଯୁକ୍ତି ।

Contexture, *s.* ବସ୍ତୁଅଂଶର ସଂଯୋଗ, ନିର୍ମାଣ ପ୍ରଣାଳୀ । [ଧାନ ।

Contiguity, *s.* ନୈକଟ୍ୟ, ସାମୀପ୍ୟ, ସନ୍ନି-

Contiguous, *a.* ନିକଟବର୍ତ୍ତୀ, ସନ୍ନିକଟ, ସମୀପସ୍ଥ, ସଂଲଗ୍ନ । [ମନ, ସଂଯମ ।

Continence, *s.* ଜିତେନ୍ଦ୍ରିୟତା, ଇନ୍ଦ୍ରିୟ-ଦ

Continent, *a.* ଜିତେନ୍ଦ୍ରିୟ, ସାଧୁ, ନିଷ୍କାମ, ସଂଯମୀ

Continent, *s.* ମହାଦ୍ୱୀପ, ଅବିଚ୍ଛିନ୍ନ ଭୂମି ।

Continental, *a.* ମହାଦ୍ୱୀପ ସମ୍ବନ୍ଧୀୟ ।

Contingency, *s.* ଦୈବଘଟଣା, ଅନିଶ୍ଚିତ ଘଟଣା ।
Contingent, *s.* ଅନିଶ୍ଚିତ ବିଷୟ, ଭୁକ୍ତଭାଗ, ସହମାଣ ।—*a.* ଅକସ୍ମାତ, ଅନିଶ୍ଚିତ, ଦୈବାଧୀନ ।
Continual, *a.* ନିତ୍ୟ, ଅନବରତ, ଅବିରତ ।
Continually, *ad.* ସର୍ବଦା, ସତତ, ନିରନ୍ତର, ସଦା । [ଅନୁକ୍ରମ ।
Continuance, *s.* ସ୍ଥିତି, ସ୍ଥାୟିତ୍ୱ, ଅବିଚ୍ଛିନ୍ନ
Continuation, *s.* ସନ୍ନିବେଶ, ନିତ୍ୟତା, ପାରମ୍ପର୍ଯ୍ୟ ।
Continue, *v.* ସ୍ଥିର-କର, ଏକାବସ୍ଥାରେ ଥିବା ।
Continuity, *s.* ଅଭେଦ, ଅଛିନ୍ନତା, ଅବିଚ୍ଛିନ୍ନଭାବ ।
Continuous, *a.* ଅବିଚ୍ଛିନ୍ନ, ନିତ୍ୟ ।
Continuously, *ad.* ଅବିଚ୍ଛେଦରୂପେ, ନିରନ୍ତର, ଅବିରତ ।
Contort, *v.* ମୋଡିବା ।
Contortion, *s.* ଅକୁଞ୍ଚନ, ମୋଡା ।
Contour, *s.* ଆକୃତି, ଆକାର, ମୂର୍ତ୍ତିରଡୌଲ, ରୂପ । [ସମ୍ପୂର୍ଣ ।
Contra, *pr.* ବିପରୀତ, ଓଲଟା, ବିରୁଦ୍ଧ,
Contraband, *a.* ନିଷିଦ୍ଧ, ଅବୈଧ, ନିବାରିତ, ବାଣିଜ୍ୟବିରୁଦ୍ଧ ।
Contract, *s.* ନିୟମ, ବନ୍ଦୋବସ୍ତ; ବିବାହ ବନ୍ଦୋବସ୍ତ; ଇଜାରା ।—*v.* ସଂକ୍ଷେପ-ନିୟମ-ସଉଦାପକ୍କ-କର [ଯୋଗ୍ୟ ।
Contractile, *a.* ସଂକୋଚନୀୟ, ସଂକ୍ଷେପ—
Contractor, *s.* ସଂକ୍ଷେପକ, ଚୁକ୍ତିକାରକ; ଇଜରଦାର, ଠିକାଦାର ।
Contradict, *v.* ବାକ୍ୟଖଣ୍ଡନ-ଅନ୍ୟର ବା କଥା-କର । [ବାଦ ।
Contradiction, *s.* ବିପରୀତ ବାକ୍ୟ, ଖଣ୍ଡନ,
Contradictory, *a.* ବିପରୀତ, ଅସଙ୍ଗତ ।
Contradistinction, *s.* ଗୁଣର ପାର୍ଥକ୍ୟ, ବିପରୀତଭାବ, ବିଶେଷତ୍ୱ । [ଭିନ୍ନ-କର ।
Contradistinguish, *v.* ଭେଦ-ପୃଥକ୍-
Contrariety, *s.* ବୈପରୀତ୍ୟ, ବ୍ୟତିକ୍ରମ, ବିପର୍ଯ୍ୟୟ ।
Contrariwise, *ad.* ବିପରୀତମତେ ।
Contrary, *a.* ବିପରୀତ, ବିରୁଦ୍ଧ, ପ୍ରତିକୂଳ ।
Contrast, *s.* ଭିନ୍ନ ବସ୍ତୁର ତୁଳନା, ବୈଲକ୍ଷଣ୍ୟ—*v.* ଭିନ୍ନ ବସ୍ତୁର ତୁଳନା-ଦେ, ପ୍ରଭେଦ-କର, ବିପରୀତ ଭାବେ ଦୁଇ ବସ୍ତୁ ରଖିବା ।
Contravene, *v.* ବ୍ୟାଘାତ-ବ୍ୟର୍ଥ-କର ।
Contravention, *s.* ବିପକ୍ଷତା, ବାଧା ।
Contribute, *v.* ପ୍ରଦାନ-ସାହାଯ୍ୟ-ଉପକାରଅନୁକୂଲ-କର ।
Contribution, *s.* ଅର୍ଥଦାନ, ଚନ୍ଦା, ସହାୟତା, ଅଂଶ ।
Contributor, *s.* ଦାତା, ଅନୁକୂଲକାରୀ, ଅଂଶଦାତା । [ମନା ।
Contrite, *a.* ଖେଦାନ୍ୱିତ, ଅନୁତପ୍ତ, ଭଗ୍ନ-
Contrition, *s.* ଖେଦ, ମନସ୍ତାପ, ଅନୁତାପ ।
Contrivance, *s.* କଳ୍ପନା, ଉପାୟ, ଫିକର ବା ଯୁକ୍ତି ।
Contrive, *v.* କଳ୍ପନା-ଉପାୟ-ଉଦ୍ଯୋଗ-କର ।
Control, *s.* କର୍ତ୍ତୃତ୍ୱ, ବଶତା, ଶାସନର ଅଧିକାର ।—*v.* ଦମନ-ଅଟକ-ବଶୀଭୂତ-କର ।
Controller, *s.* ଅଧ୍ୟକ୍ଷ, ଶାସନକର୍ତ୍ତା, ତତ୍ତ୍ୱାବଧାରକ ।
Controversial, *a.* ବିବାଦୀ, ଖଣ୍ଡନକାରୀ ।
Controversy, *s.* ତର୍କବିତର୍କ, ବାକ୍ୟଯୁଦ୍ଧ, ବାଦାନୁବାଦ ।
Controvert, *v.* ବାଦାନୁବାଦ- ବିବାଦ-ଖଣ୍ଡନ-ଅସ୍ୱୀକାର-କର ।

Contumacious, *a.* ଅବାଧ୍ୟ, ଅବଶ, ଅମାନକ, ଜେଣ୍ଡା ।
Contumacy, *s.* ଅବାଧ୍ୟତା, ଅବଶତା, ଅଜ୍ଞାଲଙ୍ଘନ । [ଗ୍ଲାନିକର ।
Contumelious, *a.* ନିନ୍ଦକ, ଅପବାଦକ,
Contumely, *s.* ଗ୍ଲାନି, ନିନ୍ଦା, କଟୂବାକ୍ୟ, ଗାଳି ।
Contusion, *s.* ଚୋଟ, ମାଡ଼, ଅଘାତ ।
Conundrum, *s.* ଥଟ୍ଟା, ପ୍ରହେଳିକା, ଶ୍ଳେଷ ।
Convalescence, *s.* ସ୍ୱାସ୍ଥ୍ୟ, ଆରାମ, ରୋଗନିବୃତ୍ତି, ଉପଶମ । [ରୋଗ୍ୟ ।
Convalescent, *a.* ସୁସ୍ଥ, ଉପଶମପ୍ରାପ୍ତ, ଆ-
Convene, *v.* ଏକତ୍ର-ସଭା-କ, ଡାକି ଆଣିବା
Convenience, *s.* ସୁଯୋଗ, ସୁବିଧା, ଉପଯୁକ୍ତତା, ସୁଖ ।
Convenient, *a.* ସୁସାଧ୍ୟ, ଉପଯୁକ୍ତ, ସୁଗମ ବା ଅନାୟାସସାଧ୍ୟ, ସୁବିଧାଜନକ ।
Convent, *s.* ମଠ, ଉଦାସୀନର ଆଶ୍ରମ ।
Conventicle, *s.* ଅପଧର୍ମାର୍ଥ ସଭା; ଗୁପ୍ତ ସଭା
Convention, *s.* ସଭା, ସମାଜ, ମେଳା; ନିୟମ
Conventional, *a.* ନିୟମିତ, ନିର୍ଦ୍ଧାରିତ, ଲୋକାଚାରାନୁଯାୟୀ । [-ହେ ।
Converge, *v.* ଏକସ୍ଥାନେ ଆସିବା, ସଂଯୁକ୍ତ
Conversant, *a.* ଦକ୍ଷ, ନିପୁଣ, ପାରଗ; ସୁପରିଚିତ । [ବାର୍ତ୍ତା, ଆଳାପ, ସମ୍ଭାଷଣ ।
Conversation, *s.* କଥୋପକଥନ, କଥା-
Conversative, *a.* ଆଳାପୀ, ସମ୍ଭାଷଣୀୟ ।
Converse, *s.* ଆଳାପ, କଥାବାର୍ତ୍ତା, ସମ୍ଭାଷଣ, ବିପରୀତ କଥା ।—*v.* ଆଳାପ-କଥାବାର୍ତ୍ତା-କ
Conversely, *ad.* ବ୍ୟତିକ୍ରମେ, ବିପରୀତ ରୂପେ ଓଲଟାଭାବେ ।
Conversion, *s.* ମତର ପରିବର୍ତ୍ତନ, ମତ-ଫେରଣ ।

Convert, *s.* ଶିଷ୍ୟ, ମତାବଲମ୍ବୀ ।—*v.* ମତାନ୍ତର-ପରିବର୍ତ୍ତନ-କ ।
Convertible, *a.* ପରିବର୍ତ୍ତନୀୟ ।
Convex, *a.* କଇଁଛପିଠି ପରି ଆକାର, ବକ୍ରାକାର । [କୁର୍ମ୍ମାକାର ।
Convexity, *s.* ଗୋଲାକାର, ଚକ୍ରାକୃତି, କୁ-
Convey, *v.* ନେଇ-ଯାଇ-ଦିବା, ବହିବା ।
Conveyance, *s.* ଯାନ, ବାହନ, ଗାଡ଼ି, ସଉଅରୀ; ସ୍ଥାନାନ୍ତରକରଣ; ସମର୍ପଣପତ୍ର ।
Convict, *s.* ଦୋଷଗ୍ରସ୍ତ ବ୍ୟକ୍ତି, କଏଦୀ ।—*v.* ଦୋଷ ସାବୁଦ୍ ବା ସାବ୍ୟସ୍ତ-କ ।
Conviction, *s.* ସ୍ଥିର ବୋଧ, ପ୍ରବୋଧ; ଦୋଷ ସାବ୍ୟସ୍ତକରଣ ।
Convince, *v.* ବିଶ୍ୱାସ ଜନ୍ମାଇବା, ବୁଝାଇବା, ପ୍ରବୋଧ କରାଇବା ।
Convivial, *a.* ଆମୋଦୀ, ଆନନ୍ଦଜନକ ।
Convocate, *v.* ସମାଜ-ଏକତ୍ର ଅବା ସଭା-କ
Convocation, *s.* ଧର୍ମସମ୍ପର୍କୀୟ ସଭା ।
Convoke, *v.* ସମାଜରେ ଆହ୍ୱାନ-କ, ଡକାଇବା ।
Convolve, *v.* ଏକତ୍ର ଗୁଡ଼ାଇବା ।
Convoy, *s.* ଜଳ ବା ସ୍ଥଳ ପଥର ରକ୍ଷକ, ସଙ୍କଟ ରକ୍ଷା ସଙ୍ଗୀ ।
Convulse, *v.* ଅଙ୍ଗ ମୋଡ଼ିବା, ମୂର୍ଚ୍ଛିତ ବା ଥରଥର କରାଇବା । [ଅଙ୍ଗମୋଡ଼ନ ।
Convulsion, *s.* ମୂର୍ଚ୍ଛା, ଉତ୍ତେଜନା, ଧୂମଧାମ,
Coo, *v.* କପୋତର ରବ ବା ଶବ୍ଦ-କ ।
Cook, *s.* ବବୁର୍ଚି, ପାଚକ, ରୋଷାୟା ।—*v.* ପାକ-ରନ୍ଧନ ଅବା ରୋଷାଇ-କ ।
Cookery, *s.* ପାକବିଦ୍ୟା, ରୋଷାଇ, ରନ୍ଧନ ।
Cool, *a.* ଅଳ୍ପଶୀତଳ, ଥଣ୍ଡା; ଅନୁଦ୍ବେଗ, ଦୁଃସାହସୀ ।—*v.* ଶୀତଳ-ଥଣ୍ଡା-ସ୍ଥିର-ଶାନ୍ତ-କ ।

Coolheaded, *a.* ଧୀର, ସ୍ଥିରମନା ।
Coolness, *s.* ଶୀତଳତା, ସ୍ୱସ୍ଥତା, ନିର୍ଦ୍ଦୟତ୍ୱ
Cooly, *s.* ଭାରବାହକ, ମୂଲିଆ, କୁଲି ।
Coop, *s.* କୁକୁଡ଼ା ରଖିବା ଘର ବା ପେଞ୍ଜରା, ଟୋପା ।—*v.* ପେଞ୍ଜରାରେ ବନ୍ଦ ବା ଅଟକ-କ ।
Cooper, *s.* ପିପା ନିର୍ମାଣକର୍ତ୍ତା, ପିପାବାଲା ।
Co-operate, *v.* ସହକାରୀ-ହେବ, ସଙ୍ଗେ ଉଦ୍ୟୋଗ-କ । [ଶ୍ରେଣୀ ।
Co-ordinate, *a.* ସମପଦସ୍ଥ, ତୁଲ୍ୟାବସ୍ଥା ବ-
Copartner, *s.* ଭାଗୀ, ଅଂଶୀ, ବଖରାଦାର ।
Copartnership, *s.* ଅଂଶିତ୍ୱ, ଭାଗଦାରୀ ।
Cope, *v.* ବିରୁଦ୍ଧେ ଉଦ୍ୟୋଗ-ଆଚ୍ଛାଦନ-କ ।
Cope, *s.* ଗୋଲ ଶିଖର ; ମସ୍ତକାବରଣ ।
Coping, *s.* ପ୍ରାଚୀର ଉପରଭାଗ ବା ଆଚ୍ଛାଦନ ।
Copious, *a.* ବହୁତ, ପ୍ରଚୁର, ସମ୍ପୂର୍ଣ୍ଣ ।
Copper, *s.* ତମ୍ବା, ତାମ୍ର; କଟାହ, ବଡ଼ହାଣ୍ଡି ।
Copperas, *s.* ହୀରାକଷ, କସିସ୍ ।
Copperplate, *s.* ଖୋଦିତ ତାମ୍ର ପଟା, ଅଙ୍କିତ ତାମ୍ରପତ୍ର । [ଜଙ୍ଗଲ ।
Coppice, Copse, *s.* ଗଛର ଝାଡ଼, ଗଛ-
Copulate, *v.* ମୈଥୁନ-ଶୃଙ୍ଗାର-କ, ସଂଯୁକ୍ତ-ହେ
Copulation, *s.* ସଂଗମ, ମୈଥୁନ, ଶୃଙ୍ଗାର ।
Copulative, *a.* ସଂଯୋଗକାରୀ, ସଂଯୋଜକ ।
Copy, *s.* ପ୍ରତିରୂପ, ଆଦର୍ଶ, ହସ୍ତଲେଖା, ନକଲ ।—*v.* ପ୍ରତିରୂପ-ନକଲି-ଅନୁରୂପ-କ, ଉତାରିବା ।
Copyist, *s.* ପ୍ରତିରୂପକାରକ, ନକଲନବିସ୍ ।
Copyright, *s.* ଗ୍ରନ୍ଥ ରଚକର ସ୍ୱତ୍ୱ ବା ଅଧିକାର ।
Coquet, *v.* ପ୍ରୀତିବାକ୍ୟ ଦ୍ୱାରା ଭୁଲାଇବା ।
Coquetry, *s.* ରସିକତା, ବିଳାସିତା, ଛଳମଟକ । [ଖେଳାଳୀ ।
Coquette, *s.* ରସିକା, ମନୋମୋହିନୀ,

Coral, *s.* ପୋହଳା, ପ୍ରବାଳ ।
Coralline, *a.* ପ୍ରବାଳନିର୍ମିତ; ପ୍ରବାଳମୟ ।
Corban, *s.* ଭିକ୍ଷାପାତ୍ର, ଦାନ, ଈଶ୍ୱରୋଦ୍ଦେଶେ ନିବେଦିତ ବସ୍ତୁ ।
Cord, *s.* ଦୋଉଡ଼ି, ରସୀ, ରଜ୍ଜୁ, ସୂତଳି ।
Cordage, *s.* ଦୋଉଡ଼ି, ଜାହାଜର ଦୋଉଡ଼ିସବୁ
Cordial, *s.* ଧାତୁ ପୁଷ୍ଟିକର ପେୟଦ୍ରବ୍ୟ ।
Cordial, *a.* ସ୍ନେହପୂର୍ଣ୍ଣ; ଯଥାର୍ଥ, ସରଳ ।
Cordiality, *s.* ସୌହୃଦ୍ୟ, ସ୍ନେହ; ପ୍ରଣୟ, ସରଳତା ।
Cordially, *ad.* ଅନ୍ତଃକରଣ ସହିତ ।
Core, *s.* ମଧ୍ୟଭାଗ, ମଞ୍ଜି, ସାର, ଅନ୍ତର ।
Coriander, *s.* ଧନିଆ, ଧାନ୍ୟକ ।
Cork, *s.* ଟେପି, ଶୋଲବିଶେଷ ।
Corkscrew, *s.* ଟେପି କାଢ଼ିବାର ପେଁଚ ।
Cormorant, *s.* ମତ୍ସ୍ୟଖାଦକ ପକ୍ଷୀ, ହାଡ଼ଗିଲା ।
Corn, *s.* ଧାନ୍ୟାଦିଶସ୍ୟ; ପାଦର କଡ଼ା ।
Cornea, *s.* ଚକ୍ଷୁର ପଟଲ ।
Cornelian, *s.* ମଣିବିଶେଷ, ଅକିକ ।
Corner, *s.* କୋଣ କନ୍ଦରର ସ୍ଥାନ, ଲୁଚାଇବା ସ୍ଥାନ । [ଧାରୀ ।
Cornet, *s.* ରଣଶିଙ୍ଗା, ତୂରୀ, ଅଶ୍ୱାରୂଢ଼ଧ୍ୱଜା-
Cornice, *s.* କାର୍ନିସ, ନିକାଳ ।
Cornucopia, *s.* ଦେବୀୟ ଲକ୍ଷ୍ମୀ ଦେବୀର ହସ୍ତସ୍ଥିତ ଶୃଙ୍ଗ ।
Corollary, *s.* ଅନୁଭବ, ଫଳ, ସିଦ୍ଧାନ୍ତ ।
Coronation, *s.* ରାଜାଭିଷେକ ସମୟରେ ମୁକୁଟଧାରଣ କ୍ରିୟା ।
Coroner, *s.* ଅପମୃତ୍ୟୁର ବିଚାରକର୍ତ୍ତା ।
Cornet, *s.* ମୁକୁଟ, କିରୀଟ, ଶିରୋଭୂଷଣ ।
Corporal, *s.* ସୈନ୍ୟମାନଙ୍କର ନାୟକ ।
Corporal, *a.* ଦୈହିକ ।

Corporate, *a.* ଏକତ୍ରୀଭୂତ, ସାଧାରଣ ।
Corporation, *s.* ରାଜାଜ୍ଞାସ୍ଥାପିତ ସମାଜ ।
Corporeal, *a.* ଶାରୀରିକ, ଦୈହିକ, କାୟିକ ।
Corporeity, *s.* ଶାରୀରିକତ୍ୱ, କାୟିକତ୍ୱ ।
Corps, *s.* ସୈନ୍ୟଦଳ, ପଲଟଣ ।
Corpse, *s.* ଶବ, ମଡ଼ା, ମୁର୍ଦ୍ଦାର, ମୃତଶରୀର ।
Corpulence, *s.* ସ୍ଥୂଳତା, ସ୍ଥୂଳକାୟତ୍ୱ ।
Corpulent, *a.* ମୋଟା, ସ୍ଥୂଳକାୟ, ପେଟୁଆ, ଗୁନ୍ଦଲ ।
Corpuscle, *s.* ଅଣୁ, ରେଣୁ, ପରମାଣୁ, କଣା ।
Correct, *v.* ଶାସନ-କ, ଦଣ୍ଡ-ଦେ; ସଜାଡ଼ିବା, ସଂଶୋଧନ-ଠିକ-କ ।
Correct, *a.* ଠିକ, ଶୁଦ୍ଧ, ନିର୍ଦ୍ଦୋଷ, ଯଥାର୍ଥ ।
Correction, *s.* ଶାସ୍ତି, ଶାସନ, ଦଣ୍ଡ, ସଜା, ସୁଧରଣ; ଶୁଦ୍ଧକରଣ ।
Corrective, *a.* ଶୋଧକ, ଶୁଦ୍ଧକାରକ ।
Correctly, *ad.* ଶୁଦ୍ଧ-ଠିକ-ନିର୍ଭୁଲରୂପେ ।
Correlative, *a.* ପରସ୍ପର ସମ୍ବନ୍ଧୀୟ, ସମ୍ବନ୍ଧଯୁକ୍ତ । [ଚିଠି ଲେଖିବା ।
Correspond, *v.* ମିଳନ-ସମାନ-ତୁଲ୍ୟ-ହେ;
Correspondence, *s.* ମିଳନ, ଐକ୍ୟ; ପରସ୍ପର ଆଳାପ; ଚିଠିପତ୍ର । [ବ୍ୟକ୍ତି ।
Correspondent, *s.* ପତ୍ରଲେଖକ, ସମ୍ପର୍କୀୟ
Corridor, *s.* ପାର୍ଶ୍ୱବାରଣ୍ଡା ବିଶେଷ ।
Corroborate, *v.* ଦୃଢ଼-ସାବ୍ୟସ୍ତ-ସପ୍ରମାଣ-କ
Corrode, *v.* କ୍ଷୟ-କ, ଖାଇଯିବା, ଜୀର୍ଣ୍ଣ-କ ।
Corrosion, *s.* କ୍ଷୟକରଣ, କ୍ରମେ କ୍ଷୟ ।
Corrosive, *a.* କ୍ଷୟକାରୀ, ନାଶକ, କ୍ଷାରକ ।
Corrupt, *v.* ନଷ୍ଟ-କ, ଭ୍ରଷ୍ଟ-କ, ବିଗାଡ଼ିବା ।
—*a.* ଦୁଷ୍ଟ, ପଚା, ବିଗିଡ଼ା, ସଢ଼ା ।
Corruptible, *a.* କ୍ଷୟଶୀଳ, ନାଶ୍ୟ ।
Corruption, *s.* ଦୁଷ୍ଟତା, ଧର୍ମନାଶ; ପଚ-ସଢ଼, ପୂଜ; ଘୁଷ ଦାନ ବା ଗ୍ରହଣ ।

Corsair, *s.* ସମୁଦ୍ରର ଡକାୟତ, ଜଳଦସ୍ୟୁ ।
Corselet, *s.* ସାଞ୍ଜୁଆ ଦବା କବଚ ବିଶେଷ ।
Corset, *s.* ସ୍ତ୍ରୀଲୋକମାନଙ୍କର ଅଙ୍ଗରକ୍ଷଣୀ ।
Cortege, *s.* ଦାସଦାସୀଗଣ, ସମଭିବ୍ୟାହାରୀ-ସମୂହ । [ଦାମ ।
Coruscation, *s.* ଝକ୍‌ଝକ, ଝକ୍‌ମକ, ବିଦ୍ୟୁ-
Cosmetic, *s.* ଗାତ୍ରରଞ୍ଜନ ଔଷଧ, ଅଙ୍ଗରାଗ ।
Cosmogony, *s.* ଜଗତର ସୃଷ୍ଟିବର୍ଣ୍ଣନ, ବିଶ୍ୱ-ବର୍ଣ୍ଣନ । [ବିଦ୍ୟା ।
Cosmography, *s.* ବ୍ରହ୍ମାଣ୍ଡ ବା ଭୂମଣ୍ଡଳ-
Cosmopolitan, *s.* ସର୍ବଦେଶସ୍ଥାୟୀ, ଜଗନ୍ନିଷ୍ଠ ।—*a.* ସାର୍ବଜନିକ, ବିଶ୍ୱଜନୀନ ।
Cost, *s.* ମୂଲ୍ୟ, ଦାମ, ଦର, ଖରଚ; କ୍ଷତି, ହାନି, ଲୋକସାନ ।
Costive, *a.* କୋଷ୍ଠବଦ୍ଧ, ମଳବଦ୍ଧ, କଷାୟୁକ
Costly, *a.* ବହୁମୂଲ୍ୟ, ଦୁର୍ମୂଲ୍ୟ, ମହାର୍ଘ ।
Costume, *s.* ପୋଷାକ, ବେଶଭୂଷା ବ୍ୟବହାରର ରୀତି ।
Cot, *s.* କୁଟୀର, କୁଡ଼ିଆଘର; ଖଟ, ପଲଙ୍କ ।
Cotemporary, *s.* ସମକାଳସ୍ଥାୟୀ ବ୍ୟକ୍ତି, ସମକାଳୀନ ଜନ । [ଏକମତାବଲମ୍ବୀ ।
Coterie, *s.* ଅଳ୍ପ ଲୋକମାନଙ୍କର ଦଳ,
Cottage, *s.* କୁଡ଼ିଆ ଘର, କ୍ଷୁଦ୍ର ଘର ।
Cotton, *s.* ତୁଳା, କପା, କାର୍ପାସ, ରୂଇ ।
Couch, *s.* ଖଟ, ପଲଙ୍କ, ପର୍ଯ୍ୟଙ୍କ, ଶଯ୍ୟା ।
—*v.* ଶୟନ-କ; ଲୁଚିବା ।
Cough, *s.* କାଶ, କଫ; କାଶରୋଗ ।
Coulter, *s.* ଲଙ୍ଗଳର ଫାଳ ବା ଲୁହା ।
Council, *s.* ମନ୍ତ୍ରିସଭା, ମନ୍ତ୍ରଣାର୍ଥ ସଭା ।
Counsel, *s.* ପରାମର୍ଶ, ମନ୍ତ୍ରଣା, ଉତ୍ତର ।
Counsellor, *s.* ପରାମର୍ଶକ, ମନ୍ତ୍ରୀ, ଉକିଲ ।
Count, *s.* ସଂଖ୍ୟା, ଗଣନ; ଉପାଧିବିଶେଷ ।
—*v.* ଗଣନା-କ, ସଂଖ୍ୟା ବା ହିସାବ-କ ।

Countenance, *s.* ମୁଖ, ବଦନ; ସାହାଯ୍ୟ । —*v.* ସାହାଯ୍ୟ-ଉପକାର-କ, ସାହସ-ଦେ ।
Counter, *s.* ଦୋକାନ ମେଜବିଶେଷ; କଳ୍ପିତ ମୁଦ୍ରା ।
Counter, *ad.* ବିପରୀତେ, ବିରୁଦ୍ଧେ ।
Counteract, *v.* ପ୍ରତିପକ୍ଷତା-କ, ବାଧା-ଦେ, ଅନ୍ୟଥା-କ, ବିଫଳ-କ । [ଗ-କ ।
Counterbalance, *v.* ତୁଲ୍ୟପରିମାଣ ଗାସ-
Countercharm, *s.* ମନ୍ତ୍ରର ପ୍ରତିକାର ମନ୍ତ୍ର ।
Counterfeit, *a.* ମେକି ନକଲ, କୃତ୍ରିମ, ମିଥ୍ୟା-କଳ୍ପିତ । [ଛେପ-କ ।
Countermand, *v.* ଆଜ୍ଞା ରହିତ- ପୂର୍ବଆଜ୍ଞା
Countermarch, *s.* ପ୍ରତ୍ୟାଗମନ, ପଶ୍ଚାତ୍ ହଟିବା । [ପରସ୍ତ-କ ।
Countermine, *v.* ଗୁପ୍ତାଘାତ ବା ଗୁପ୍ତରେ
Counterpane, *s.* ଶଯ୍ୟାର ଆଚ୍ଛାଦନ, ପଲଙ୍କପୋଷ । [ଯୋଗ ।
Counterpart, *s.* ପ୍ରତିରୂପ, ପ୍ରତିଲିପି, ପ୍ରତି-
Counterpoise, *v.* ତୁଲ୍ୟପରିମାଣ-ଗାସଙ୍ଗ-କ
Counterpoison, *s.* ବିଷନାଶକ ବିଷ, ବିଷଘ୍ନ ଔଷଧ ।
Countersign, *v.* ସ୍ୱାକ୍ଷରର ତଳେ ସ୍ୱାକ୍ଷର-କ, ସତ୍ୟ ବା ପ୍ରମାଣ-କ ।
Countersign, *s.* ପ୍ରହରୀର ସଂକେତ ବାକ୍ୟ ।
Countess, *s.* କୁଳୀନ ସ୍ତ୍ରୀର ଉପାଧିବିଶେଷ
Countinghouse, *s.* ମୋହରିର ବା ଦପ୍ତରଶାଳା ।
Countless, *a.* ଅଗଣ୍ୟ, ଅସଂଖ୍ୟ ଅଶେଷ ।
Country, *s.* ଦେଶ, ପ୍ରଦେଶ ।
Countryman, *s.* ପଲ୍ଲୀଗ୍ରାମବାସୀ; କୃଷକ, ଚଷା, ସ୍ୱଦେଶୀ ।
County, *s.* ପ୍ରଦେଶ, ପରଗଣା, ଜିଲ୍ଲା ।
Couple, *s.* ଯୋଡ଼ା, ଦମ୍ପତି, ଦୁଇ, ଯୁଗ୍ମ ।
Couplet, *s.* ଦୁଇ ଚରଣର ଶ୍ଳୋକ ଅବା ପଦ୍ୟର, ଦୋହା । [ହିମ୍ମତ ।
Courage, *s.* ସାହସ, ବିକ୍ରମ, ବୀରତ୍ୱ, ଶୌର୍ଯ୍ୟ,
Courageous, *a.* ସାହସିକ, ବୀର, ବିକ୍ରାନ୍ତ, ପ୍ରତାପବନ୍ତ । [ପିଅଦା ।
Courier, *s.* ଦୂତ, ହରକରା, ଧାବକ, ହର୍କରା,
Course, *s.* ଦୌଡ଼ ; ନଦୀର ସ୍ରୋତ ; ଗତି, ଚାଲି, ପଥ, ବାଟ ।—*v.* ମୃଗୟା-କ, ଶିକାର-କ ପଶୁଙ୍କୁ ଘୋଡ଼ାଇବା ।
Courser, *s.* ଶୀଘ୍ରଗାମୀ ଅଶ୍ୱ, ଘୋଡ଼ାଦୌଡ଼ର ଘୋଡ଼ା । [ରାଜସଭ; ଅଗଣା ।
Court, *s.* ରାଜସଭା, ଅଦାଲତ, କଚେରି,
Court, *v.* ପ୍ରୀତିଚେଷ୍ଟା-ସ୍ନେହ ବା ପ୍ରେମ-ଅନୁସରଣ-କ । [ସଭ୍ୟ ।
Courteous, *a.* ସୁଶୀଳ, ଶିଷ୍ଟ, ସୁସଙ୍ଗୀ,
Courtesan, *s.* ବେଶ୍ୟା, କସବୀ, କୁଳଟା ।
Courtesy, *s.* ସୁଶୀଳତା, ଶିଷ୍ଟତା, ସଭ୍ୟତା ।
Courtier, *s.* ସଭାସଦ୍, ଅମାତ୍ୟ, ଦରବାରୀ ।
Cousin, *s.* ଜ୍ଞାତି, ପିତାମାତାର ଭାଇ ଭଉଣୀ-ମାନଙ୍କର ସନ୍ତାନ ସନ୍ତତି ।
Cove, *s.* ଖାଲ, ଖାଡ଼ି । [ରାରନାମା ।
Covenant, *s.* ନିୟମ, ପଣ, ବନ୍ଦୋବସ୍ତ, ଏକ-
Cover, *s.* ଆବରଣ, ଆଚ୍ଛାଦନ, ଢାଙ୍କୁଣୀ, ସରପୋସ ।—*v.* ଆଚ୍ଛାଦନ-କ, ଢାଙ୍କିବା, ଘୋଡ଼ାଇବା, ଛାପିବା, ଲୁଚାଇବା ।
Coverlet, *s.* ଖଟାବରଣ, ପଲଙ୍କପୋଷ ।
Covert, *s.* ନିବିଡ଼ବନ, ଆଶ୍ରୟସ୍ଥାନ ।—*a.* ଆଚ୍ଛାଦିତ, ଅଦୃଷ୍ଟ, ଗୁପ୍ତ ।
Covet, *v.* ଲୋଭ-ଲାଳସା-ଆକାଂକ୍ଷା-କ ।
Covetous, *a.* ଲୋଭୀ, ଲାଳସୀ, ଅଭିଲାଷୀ ।
Covetousness, *s.* ଲୋଭ, ଲାଳସା, ପର-
Covey, *s.* ପକ୍ଷୀର ଝାଙ୍କ । [ଧନେଚ୍ଛା ।
Cow, *s.* ଗାଈ, ଗାଭୀ, ଧେନୁ ।

Cow, *v.* ଭୟରେ ବଶ୍ୟ-କ, ଧମକାଇବା ।
Coward, *s.* ଭୀତବ୍ୟକ୍ତି, ଅସାହସୀ, କାପୁରୁଷ ।
Cowardice, *s.* ଭୀରୁତା, ଅବୀର୍ଯ୍ୟ, କାପୁରୁଷତ୍ୱ
Cow-dung, *s.* ଗୋବର, ଶଭ ।
Cower, *a.* ଭୟରେ ନଇଁଯିବା ।
Cowherd, *s.* ଗୌଡ, ଗୋପାଳ, ରକ୍ଷକ, ଗୁଆଳ ।
Cow-house, *s.* ଗୁହାଳ ।   [ବିଶେଷ ।
Cowl, *s.* ମସ୍ତକାଚ୍ଛାଦନ ବିଶେଷ ; ଜଳପାତ୍ର-
Cowleech, *s.* ଗୋବୈଦ୍ୟ, ଗୋରୁର ଚିକିତ୍ସକ ।
Cowry, *s.* କଉଡ଼ି, କପର୍ଦ୍ଦକ, ବା ବରାଟକ ।
Cowslip, *s.* କ୍ଷୁଦ୍ର ପୀତବର୍ଣ୍ଣ ପୁଷ୍ପବିଶେଷ ।
Coxcomb, *s.* କୁକୁଡ଼ାର ଜଟ ; ସୁବେଶୀ, ଆତ୍ମଶ୍ଳାଘୀ, ଫୁଲବାବୁ ।
Coy, *a.* ଲାଜୁକ, ଲଜ୍ଜିତ, ମୃଦୁସ୍ୱଭାବ ।
Cozen, *v.* ପ୍ରବଞ୍ଚନା-ଛଳ-କ ।
Crab, *s.* କଙ୍କଡ଼ା, କର୍କଟ ।
Crab-apple, *s.* ଅମ୍ଳ ଫଳ ବିଶେଷ ।
Crabbed, *a.* କର୍କଶ, କଠିନ, ଉଗ୍ର, ରାଗୀ ।
Crack, *s.* ତଡ଼ତଡ଼ ଶବ୍ଦ, ଛିଦ୍ର, ଫାଟ ।—*v.* ଫାଟିବା, ଫଟାଇବା, ଫୁଟିବା ।
Crackle, *v.* ଫଟ୍ଫଟ୍ଶବ୍ଦ-କ ।   [ବିଶେଷ ।
Cradle, *s.* ଶିଶୁର ଖଟ, ଦୋଳନା, ଦୋଳି-
Craft, *s.* ବ୍ୟବସାୟ; ନୈପୁଣ୍ୟ, ଧୂର୍ତ୍ତତା, ଚତୁରତା; ସାନ ନୌକାଦି ।
Crafty, *a.* ଧୂର୍ତ୍ତ, ଶଠ, ପ୍ରତାରକ, ଖଳ ।
Crag, *s.* ଶୈଳ, ପାହାଡ଼, ଉଚ୍ଚପର୍ବତ ।
Craggy, *a.* ଅବଡ଼ାଖାବଡ଼ା, ଉଚ୍ଚନୀଚ, ଅସମାନ ।
Cram, *v.* ଠୁସିକରି ଭୋଜନ-କ; ପୂର୍ଣ୍ଣ-କ ।
Cramp, *s.* ବାତରୋଗ, ଅଙ୍ଗଗ୍ରହ, ବାଧା ।—*v.* ବନ୍ଦ-କ, ଅଟକାଇବା, ଅବଶ-କ ।

Crane, *s.* ସାରସପକ୍ଷୀ, ଉଠାଇବାର ଯନ୍ତ୍ର ।
Cranium, *s.* ମୁଣ୍ଡଖପୁରି, କପାଳ, ଖର୍ପର ।
Cranny, *s.* ଛିଦ୍ର, ଫାଙ୍କ, ରନ୍ଧ୍ର ।
Crape, *s.* ରେଶମୀ ବସ୍ତ୍ରବିଶେଷ ।
Crash, *s.* ଭାଙ୍ଗିବାର ମଡମଡ ଶବ୍ଦ ।
Crate, *s.* ବେତପେଟୀ ବିଶେଷ ।
Crater, *s.* ଆଗ୍ନେୟ ପର୍ବତର ମୁଖ ।
Cravat, *s.* ଗଳାବନ୍ଧ ଗ୍ରୀବାବନ୍ଧନୀ ।
Crave, *v.* ଉତ୍ସୁକ ହୋଇ ମାଗିବା, ମିନତି-କ ।
Craven, *s.* ଭୀରୁବ୍ୟକ୍ତି, କାପୁରୁଷ ।
Craw, *s.* ପକ୍ଷ୍ୟାଦିର ଉଦର ବା ଜଠର ।
Crawfish, *s.* ଚିଙ୍ଗୁଡ଼ିମତ୍ସ୍ୟ ବିଶେଷ ।
Crawl, *v.* ଗୁରୁଣ୍ଡିବା, ଉରଗଗମନ-କ ।
Crayon, *s.* ଖଡ଼ିମାଟିର କଲମ; ଛବି ।
Craze, *v.* ହତବୁଦ୍ଧି ବା ପାଗଳ-କ ; ଭଗ୍ନ-କ ।
Crazy, *a.* ଉନ୍ମତ୍ତ, ପାଗଳ: ଜୀର୍ଣ୍ଣ, ଦୁର୍ବଳ ।
Creak, *v.* କେଁକେଁ ବା କର୍କଶ ବା ଘାଉ-ଗକର ଶବ୍ଦ-କ ।
Cream, *s.* ଦୁଗ୍ଧର ସାରଭାଗ, ସର ।
Crease, *s.* ବସ୍ତ୍ର ବା ଭାଙ୍ଗର ଦାଗ, ଚୁନଟ ।
Create, *v.* ସୃଷ୍ଟି-ସୃଜନ-ନିର୍ମାଣ-କ ।
Creation, *s.* ସୃଷ୍ଟି, ଉତ୍ପତ୍ତି; ପୃଥିବୀ, ବିଶ୍ୱ ।
Creator, *s.* ସୃଷ୍ଟିକର୍ତ୍ତା, ଈଶ୍ୱର, ନିର୍ମାଣକର୍ତ୍ତା ।
Creature, *s.* ସୃଷ୍ଟବସ୍ତୁ, ଜୀବଜନ୍ତୁ, ପ୍ରାଣୀମାତ୍ର ।
Credence, *s.* ବିଶ୍ୱାସ, ପ୍ରତ୍ୟୟ; ଶ୍ରଦ୍ଧା; ସମ୍ଭ୍ରମ ।
Credentials, *s.* ପ୍ରତ୍ୟୟଜନକ ପତ୍ର, ସାକ୍ଷ୍ୟାଦି ପତ୍ର, ସୁପାରିଶ ପତ୍ର ।
Credibility, *s.* ପ୍ରତ୍ୟୟଯୋଗ୍ୟତା, ବିଶ୍ୱସ୍ତତା ।
Credible, *a.* ପ୍ରତ୍ୟୟାର୍ହ, ବିଶ୍ୱାସଯୋଗ୍ୟ, ଶ୍ରଦ୍ଧାଳ ।
Credit, *s.* ପ୍ରତ୍ୟୟ, ବିଶ୍ୱାସ; ସମ୍ଭ୍ରମ, ମାନ, ସୁଖ୍ୟାତି ।—*v.* ବିଶ୍ୱାସ-ପ୍ରତ୍ୟୟ-କ; ଜମା ପାଖରେ ଲେଖିବା ।

Creditable, *a*, ସମ୍ମାନ୍ତ, ଭଦ୍ର, ମାନ୍ୟ, ଯଶସ୍ୱୀ
Creditably, *ad.* ସମ୍ମାନପୂର୍ବକ, ଉତ୍ତମରୂପେ
Creditor, *s.* ମହାଜନ, ସାହୁ, ଉତ୍ତମର୍ଣ୍ଣ ।
Credulity, *s.* କ୍ଷୀଣବିଶ୍ୱାସ, ଆଶୁପ୍ରତ୍ୟୟ ।
Credulous, *a.* କ୍ଷୀଣବିଶ୍ୱାସୀ, ଆଶୁପ୍ରତ୍ୟୟୀ ।
Creed, *s.* ଧର୍ମବିଷୟକ ପ୍ରତ୍ୟୟର ସାର ।
Creek, *s.* ଖାଲ; ଖାତ, ନଳା, କ୍ଷୁଦ୍ରନଦୀ ।
Creep, *v.* ଲଟାଇଯିବା; ଗୁରୁଣ୍ଡିବା, ହାମୁଡ଼ି ଯିବା ।
Creeper, *s.* ଲତାବୃକ୍ଷ ।
Cremation, *s.* ଦଗ୍ଧକରଣ, ଶବ ଦାହନ ।
Crepitation, *s.* ଚଟ୍‌ପଟ୍ ଶବ୍ଦ, ଚଡ଼ଚଡ଼ ଶବ୍ଦ
Crepuscule, *s.* ଉଷା, ଗୋଧୂଳି, ଅରୁଣୋଦୟ କାଳ ।
Crescent, *s.* ଅର୍ଦ୍ଧଚନ୍ଦ୍ର, ଶୁକ୍ଳପକ୍ଷୀୟ ଚନ୍ଦ୍ର ।
Cress, *s.* ହାଲିମ, ଶାକବିଶେଷ ।
Crest, *s.* ଚୂଡ଼ା, ଶିଖା, ମୁକୁଟ, ଶିରୋଭୂଷଣ ।
Crest-fallen, *a.* ବିଷଣ୍ଣମୁଖ, ନମ୍ରୀଭୂତ, ମ୍ଳାନବଦନ ।
Crevice, *s.* ଛିଦ୍ର, ଫାଟ, ଫଟା, ଫାଙ୍କ ।
Crew, *s.* ଜାହାଜର ନାବିକ ସମୂହ; ଦଳ ।
Crib, *s.* ଗୋରୁଅଡ଼ର କୁଣ୍ଡ; କ୍ଷୁଦ୍ର ଘର; ପିଲାଙ୍କ ଖଟ ।—*v.* ସଂକୀର୍ଣ୍ଣସ୍ଥାନରେ ବନ୍ଦ-କ, ଚୋରି-କ ।
Cribbage, *s.* ତାସଖେଳ ବିଶେଷ ।
Cricket, *s.* ଦଣ୍ଡାଗୁଳି ଖେଳ; ଝିଙ୍କାରି ।
Crier, *s.* ଟେଣ୍ଡେରିଆ, ସମାଚାରଘୋଷକ, ନାଗରଚି ।
Crime, *s.* ଦୁଷ୍କର୍ମ, ଅପରାଧ, ପାତକ, ଦୋଷ ।
Criminal, *s.* ଦୁଷ୍କର୍ମକାରୀ, ଅପରାଧୀ, ଦୋଷୀ —*a.* ଦୁଷ୍ଟ, ଦୋଷୀ, ଦୋଷଯୁକ୍ତ ।
Criminal court, *s.* ଫୌଜଦାରୀ ଅଦାଲତ
Crimp, *a.* ମଡ଼ମଡ଼ିଆ, ମସ୍ତା, ଚୂଣ୍ଡା ।

Crimson, *s.* ରକ୍ତବର୍ଣ୍ଣ, ଶୋଣିତବର୍ଣ୍ଣ, ଲାଲରଙ୍ଗ ।
Cringe, *v.* ଖୋସାମଦ-ବନ୍ଦନା-ବିନତି-କ ।
Cripple, *s.* ଛୋଟା, ଲେଙ୍ଗଡ଼ା, ଖୋଟା, ଖଞ୍ଜ ।
Crisis, *s.* ରୋଗୋପଶମ ବା ବୃଦ୍ଧିକାଳ, ଶୁଭାଶୁଭନିଷ୍ପାଦକ କାଳ ।
Crisp, *a.* କୋକଡ଼ା, କୁଞ୍ଚିତ, ଭଙ୍ଗୁର ।
Criterion, *s.* ଯାଥାର୍ଥ୍ୟ ବୋଧକ ଆଦର୍ଶ ।
Critic, *s.* ଗ୍ରନ୍ଥର ଦୋଷଗୁଣ ବିଚାରକ, ଦୂଷଣିତ
Critical, *a.* ସୂକ୍ଷ୍ମ, ଟିକ, ଶୁଭାଶୁଭ ସମ୍ପାଦକ, ସୂକ୍ଷ୍ମବିବେଚକ ।
Criticise, *v.* ଦୋଷଗୁଣ ବିଚାର-କ ।
Criticism, *s.* ଦୋଷଗୁଣ ବିବେଚନା ।
Critique, *s.* ଦୋଷଗୁଣ ବ୍ୟାଖ୍ୟା ।
Croak, *s.* ବେଙ୍ଗର ସ୍ୱର ।—*v.* ବେଙ୍ଗପରି ଶବ୍ଦ-କ ।
Crockery, *s.* ମାଟିର ବାସନାଦି, ମୃଣ୍ମୟ ହାଣ୍ଡି ।
Crocodile, *s.* କୁମ୍ଭୀର, ଘଡ଼ିଆଳ, ମଗର, ନକ୍ର
Crone, *s.* ବୁଢ଼ୀ ସ୍ତ୍ରୀ, ବୁଢ଼ୀ, ଡାଆଣୀ ।
Crony, *s.* ବହୁକାଳର ବନ୍ଧୁ, ମିତ୍ର ବା ସଖା ।
Crook, *s.* ବାଙ୍କ, ଅବର୍ତ୍ତଣୀ; ଅଙ୍କୁଶ; ମେଷପାଳକର ଯଷ୍ଟି ବିଶେଷ, ବଙ୍କ ବାଡ଼ି ।
Crooked, *a.* ବଙ୍କ, ବଙ୍କା, କୁଟିଳ ।
Crop, *s.* ଫସଲ; ପକ୍ଷୀର ଗଳାର ଥଳୀ ।
Crop, *v.* କାଟିବା, ଛେଦନ-କ ।
Crosier, *s.* ଧର୍ମାଧ୍ୟକ୍ଷର ଦଣ୍ଡ ।
Cross, *s.* କ୍ରୁଶ ନାମକ ଯନ୍ତ୍ର; ଆପଦ, ଦୁଃଖ, ବିରକ୍ତି ।—*a.* ଅଡ଼, ତେର୍ଚ୍ଛା; ବିପରୀତ, ଚିଡ଼ଚିଡ଼ା ।—*v.* ଅଡ଼-କ; ବାଧା-ଦେ, ବିରକ୍ତ-ହେ; ପାର ବା ଉତ୍ତୀର୍ଣ୍ଣ-ହେ ।
Cross-bow, *s.* ନଳୀୟାଧନୁକ, ଗୁଲତି ।
Cross-examine, *v.* ପୁନଃପୁନଃ ପ୍ରଶ୍ନ-କ ।
Cross-grained, *a.* ଉଲା, ରଗା, ଦୁଃସ୍ୱଭାବୀ ।

Crotchet, s. ଛନ୍ଦର ଚିହ୍ନବିଶେଷ, ଯଥା [ ]; ବାଦ୍ୟର ଲିଖିତ ଚିହ୍ନ ବିଶେଷ; ବାଙ୍କଡ଼ା ।
Crouch, v. ନଇଁପଡ଼ିବା; ଚରଣ ସେବିବା ।
Croup, s. କଣ୍ଠ୍ୟରୋଗବିଶେଷ ।
Crow, s. କାକ, କାଉ, ବାୟସ; କୁକ୍କୁଟ ଧ୍ୱନି । —v. କୁକ୍କୁଟ ରବ-କ; ଶ୍ଲାଘା- ଦମ୍ଭ-କ ।
Crowd, s. ଭିଡ଼, ଲୋକସମୂହ, ଜନତା ।
Crown, s. ମୁକୁଟ, କିରୀଟ; ବ୍ରହ୍ମତାଳୁ ବା; ଇଂଲଣ୍ଡୀୟ ୫ ଶିଲିଙ୍ଗ ମୁଦ୍ରାବିଶେଷ ।—v. ମୁକୁଟ ଦ୍ୱାରା ରାଜ୍ୟାଭିଷେକ- ଭୂଷିତ-କ ।
Crucible, s. କୋଇ, ଧାତୁଆଦି ତରଳାଇବାର ପାତ୍ର ।
Crucifix, s. ଖ୍ରୀଷ୍ଟଙ୍କ କ୍ରୁଶାରୋହଣମୂର୍ତ୍ତି ।
Crucifixion, s. କ୍ରୁଶରେ ବା ଶୂଳ ବିଶେଷରେ ହତକରଣ । [ବା ଶୂଳରେ ହତ-କ ।
Crucify, v. କ୍ରୁଶ ଯନ୍ତ୍ରରେ ବଦ୍ଧ-କ, ଦଣ୍ଡକାଷ୍ଠେ
Crude, a. କଞ୍ଚା ଅପକ୍ୱ, ଅଜୀର୍ଣ୍ଣ; ଅବିବେଚିତ ।
Cruel, a. ନିଷ୍ଠୁର, ନିର୍ଦ୍ଦୟ, କ୍ରୂର, କଠୋର ।
Cruet, s. କ୍ଷୁଦ୍ର ଶିଶି, କାଚର ଛିଟ୍କାଧାରପାତ୍ର ।
Cruise, v. ଜାହାଜରେ ଏଣେତେଣେ ଭ୍ରମଣ-କ
Crumb, s. ଚୂର୍ଣ୍ଣ, ରୋଟୀର କୋମଳ ଭାଗ, ଅଉଣ୍ଡା ।
Crumple, v. କୁଞ୍ଚିବା, କୋଂକଡ଼ିବା ।
Crupper, s. ଘୋଡ଼ାର ଦୁମଚି ।
Crusade, s. ଯିରୂଶାଲମ ଉଦ୍ଧାରାର୍ଥେ ଯୁଦ୍ଧ ।
Crusader, s. ଉପରୋକ୍ତ ଯୁଦ୍ଧରେ ଯୋଦ୍ଧା ।
Crush, v. କୁଟିବା, ପେଷିବା, ମର୍ଦ୍ଦନ-କ; ଦମନ-କ ।
Crust, s. ଖୋଲ,ଛାଲକା; ରୋଟୀର କଠିଣ ଭାଗ ।
Crusty, a. ଛାଲକାଯୁକ୍ତ; କର୍କଶ, କୁଟକୁଟିଆ ।
Crutch, s. ପଙ୍ଗୁବ୍ୟକ୍ତିର ଚଳନାର୍ଥେ ଦଣ୍ଡ ।
Cry, v. କାନ୍ଦିବା, ରୋଦନ-ବିଳାପ-କ; ଡାକ ଛାଡ଼ିବା, ଘୋଷଣା-କ ।

Crystal, s. ସ୍ଫଟିକ, କାଚ, ବଲୋର ।
Crystallize, v. ଜମାଟ-ହେ, ସ୍ଫଟିକବତ୍-କ ।
Cub, s. ଭଲ୍ଲୁକାଦିର ଛୁଆ ।
Cube, s. ଘନ ଚତୁଷ୍କୋଣିଆ ବସ୍ତୁ ।
Cubit, s. ଏକହାତ ପରିମାଣ, ହାତେ ।
Cuckoo, s. କୋଇଲି, କୋକିଳ, ପିକପକ୍ଷୀ ।
Cucumber, s. କାକୁଡ଼ି, କର୍କଟୀ, ଖିରା ।
Cud, s. ରୋମନ୍ଥ ଘାସ, ପାକୁଳି ।
Cuddle, v. ଆଲିଙ୍ଗନ-କୋଳ-ସ୍ନେହ-କ ।
Cudgel, s. ଠେଙ୍ଗା, ଗଦା; ମୁଦ୍ଗର ।
Cue, s. ଇଙ୍ଗିତ; ପଣ୍ଡା ଖେଳାର ବାଡ଼; ଜଟା ।
Cuff, s. ମୁଷ୍ଟ୍ୟାଘାତ; ବସ୍ତ୍ରହସ୍ତର ଅଗ୍ରଭାଗ । —v. ଦୁଷା ବା ବିଧା ମାରିବା ।
Cuirass, s. ବୁକୁପଟା, ବକ୍ଷର ସଞ୍ଜୁଆ ।
Cuirassier, s. ବୁକପଟାବିଶିଷ୍ଟ ସୈନ୍ୟ ।
Culinary, a. ରନ୍ଧନାଗାରସମ୍ବନ୍ଧୀୟ ।
Cull, v. ବାଛି-ନେ; ମନୋନୀତ-କ ।
Culminate, v. ଊର୍ଦ୍ଧ୍ୱସ୍ଥାନ ପ୍ରାପ୍ତ-ହେ ।
Culpability, s. ଦୋଷଯୋଗ୍ୟତା, ଦୋଷିତା । [ଦୋଷୀ, ପାପିଷ୍ଠ ।
Culpable, a. ଦୋଷଯୋଗ୍ୟ, ଅପରାଧୀ,
Culprit, s. ଅପରାଧୀ, ପାତକୀ, ଦୋଷୀ ।
Cultivate, v. କୃଷିକର୍ମ-ଚାଷ-ଅବାଦ-କ; ଅଭ୍ୟାସ-କ ।
Cultivation, s. କୃଷିକର୍ମ, ଚାଷ, ଅବାଦ ।
Culture, s. ବିଦ୍ୟାଭ୍ୟାସ, ବିଦ୍ୟାନୁଶୀଳନ ।
Cultured, a. ଶିକ୍ଷିତ, ସୁପଣ୍ଡିତ ।
Cumber, v. ଭାରଗ୍ରସ୍ତ-କ, ଦୁଃଖ-ବାଧା-ଦେ
Cumbersome, a. କ୍ଲେଶଦାୟକ, ଭାରି ।
Cumin, s. ଜିରା, ଜୀରକ ।
Cuneiform, a. କୀଳାକାର, ମେଖର ନ୍ୟାୟ ।
Cunning, s. ଚତୁରତା, ଧୂର୍ତ୍ତତା, ଖଳତା । —a. ସିଆଣା, ଚତୁର, ଧୂର୍ତ୍ତ, ଖଳ, ଶଠ ।

Cup, *s.* ପେୟଳା, ପାନପାତ୍ର, ବାଟିଆ ।
Cup, *v.* ରକ୍ତ କାଢ଼ିବା, ଶିଙ୍ଗା ଲଗାଇବା ।
Cupbearer, *s.* ପାନପାତ୍ରବାହକ, ପାନଭୃତ୍ୟ ।
Cupboard, *s.* ଖାଦ୍ୟାଦି ରଖିବା ଅଲମାରି ।
Cupid, *s.* କନ୍ଦର୍ପ, କାମଦେବ ।
Cupidity, *s.* କାମ, ଲୁବ୍ଧଅଭିଲାଷ, ଲାଳସା ।
Cupola, *s.* ଶିଖରଘର, ଗୁମ୍ବେଜ ।
Cur, *s.* କଦର୍ଯ୍ୟ କୁକ୍କୁର; ନୀଚଲୋକ ।
Curable, *a.* ପ୍ରତୀକାର୍ଯ୍ୟ, ଚିକିତ୍ସ୍ୟ, ଉପଶାମ୍ୟ ।
Curacy, *s.* ଧର୍ମୋପଦେଶକର ପଦ ବିଶେଷ ।
Curate, *s.* ଧର୍ମୋପଦେଶକର ଉପାଧିବିଶେଷ ।
Curative, *a.* ରୋଗଶାନ୍ତିସମ୍ବନ୍ଧୀୟ ।
Curator, *s.* ରକ୍ଷକ, ତତ୍ତ୍ୱାବଧାରକ ।
Curb, *s.* ଘୋଡାର ଲଗାମର ଜଞ୍ଜିର ।
Curb, *v.* ବେଗ ନିବାରଣ-କ, ଅଟକାଇବା, ଥମାଇବା, ଶାସନ-କ ।
Curd, *s.* ଦଧି, କ୍ଷୀରଦଧି ; ଛେନା ।
Curdle, *v.* ଦଧି-ଘନ-କ, ଗାଢ-ହେ ।
Cure, *s.* ଉପାୟ, ପ୍ରତୀକାର, ସ୍ୱାସ୍ଥ୍ୟ ପ୍ରାପ୍ତି । —*v.* ସୁସ୍ଥ-ଆରୋଗ-କ ; ଲବଣ-କ ।
Curfew, *s.* ଅଗ୍ନିନିର୍ବାଣାର୍ଥେ ଘଣ୍ଟାନାଦ ।
Curiosity, *s.* ଅନୁସନ୍ଧାନେଚ୍ଛା ; ଦୁଷ୍ପ୍ରାପ୍ୟଦ୍ରବ୍ୟ
Curious, *a.* ଚମତ୍କାର, ଅଦ୍ଭୁତ; ସନ୍ଧାନେଚ୍ଛୁ ।
Curl, *s.* କୁଞ୍ଚୁଞ୍ଚିଆ ବାଳ, ମୋଡାବାଳ । —*v.* କୁଞ୍ଚୁଞ୍ଚିଆ-ବକ୍ର-କ ।
Curlew, *s.* କୌଞ୍ଚବକ, ଜଳଚର ପକ୍ଷୀ-
Currant, *s.* ଫଳବିଶେଷ । [ ବିଶେଷ ।
Currency, *s.* ଚଳନ ; ଚଳିତ ମୁଦ୍ରା ।
Current, *s.* ପ୍ରବାହ, ସ୍ରୋତ, ଧାର । —*a.* ଚଳିତ, ଚଳନ୍ତି, ବ୍ୟବହୃତ ।
Currently, *ad.* ପ୍ରଚଳିତରୂପେ ।
Curricle, *s.* ଦୁଇ ଘୋଡାର ଗାଡ଼ିବିଶେଷ ।
Currier, *s.* ଚମର କର୍ମକାରକ, ମୋଚି ।
Curry, *s.* ବ୍ୟଞ୍ଜନ, ତିଅଣ, ତରକାରୀ ।
Curry, *v.* ଚର୍ମ ପରିଷ୍କାର-କ; ତୋଷାମୋଦ-କ
Currycomb, *s.* ଖରରା, ଘୋଡାରଲୋମମାର୍ଜନୀ
Curse, *s.* ଶାପ, ଅଭିଶାପ ; ଯନ୍ତ୍ରଣା ।—*v.* ଅଭିଶାପ-କ, ଶାପଦେ, ମନ୍ଦ-କ ।
Cursed, *a.* ଅଭିଶପ୍ତ, ଶାପଗ୍ରସ୍ତ, ଅପବିତ୍ର ।
Cursory, *a.* ଅନିର୍ଦ୍ଦିଷ୍ଟ, ଶୀଘ୍ର, ଅସାବଧାନ ।
Curtail, *v.* ହ୍ରସ୍ୱ-ସଂକ୍ଷିପ୍ତ-ଛୋଟ-କ, କାଟିବା ।
Curtain, *s.* ପର୍ଦ୍ଦା; ମଶାରି ।
Curtsy, *s.* ସ୍ତ୍ରୀଲୋକର ପ୍ରଣାମ । [ନୁସ୍କାର ।
Curvature, *s.* ବକ୍ରତ୍ୱ, ବକ୍ରତା, ବାଙ୍କ, ଧ-
Curve, *s.* ବାଙ୍କ, ଧନୁସ୍କୃତ ।
Cushion, *s.* ଗଦି, ତକିଆ, ବାଲିସ, ଉପାଧାନ
Custard, *s.* ଡିମ୍ବ ଦୁଗ୍ଧ ଚିନି ମିଶ୍ରିତ ଖାଦ୍ୟଦ୍ରବ୍ୟ ବିଶେଷ ।
Custard-apple, *s.* ଆତଫଳ, ସୀତାଫଳ ।
Custody, *s.* ଜିମ୍ମା, ଅଟକ, ବନ୍ଦୀ, କାରାବନ୍ଦାବସ୍ଥା । [ ଶୁଲ ।
Custom, *s.* ରୀତି, ଧାର, ଚାଲି; ଦସ୍ତୁର, ମା-
Customary, *a.* ବ୍ୟବହୃତ, ଚଳିତ, ଧାର-ବାହିକ । [ଦାର, କୟାରୀ ।
Customer, *s.* କିଣିବାଲୋକ, ଗ୍ରାହକ, ଖରିଦ-
Custom-house, *s.* ପଣ୍ୟୋତ୍ତର ବା ମାସୁଲ ଘର, ପର୍ମିଟ ଘର ।
Cut, *s.* ଆଘାତ, କ୍ଷତ; ଆକାର; ଛବି, ନକ୍ସା । —*v.* କାଟିବା, ଛେଦବା, ବିଭାଗ-କ ।
Cutaneous, *a.* ଚର୍ମସମ୍ବନ୍ଧୀୟ ।
Cuticle, *s.* ଦେହର ବାହ୍ୟଚର୍ମ, ସୂକ୍ଷ୍ମଚର୍ମ ।
Cutlass, *s.* ଖଡ୍ଗ, ତରବାରି, କରବାଳ ।
Cutler, *s.* ଛୁରି କଇଞ୍ଚି ଇତ୍ୟାଦି କର୍ମକର୍ତ୍ତା ।
Cutlery, *s.* ଛୁରି କଇଞ୍ଚି ଇତ୍ୟାଦି ।
Cutter, *s.* ନୌକାବିଶେଷ; ଛେଦକ ।
Cutting, *a.* କଠୋର, ନିଷ୍ଠୁର, ଶକ୍ତ, କଟୁ ।

Cutting, *s.* ଖଣ୍ଡ, ଟୁକୁରା ; ବୃକ୍ଷର କଲମ, ଗାଡ଼ାଙ୍ଗରେ କଟା ବାଟ । [କାଳକ୍ରମ ।

Cycle, *s.* ଘଣ୍ଟୀ, ମଣ୍ଡଳ, ଗୋଲକ; ନିୟମିତ-

Cyclone, *s.* ଘୂର୍ଣ୍ଣିବତାସ, ଚକ୍ରବର୍ତ୍ତୀ ତୋଫାନ

Cyclopædia, *s.* ବିଦ୍ୟାଦି ସଂହିତା, ବିଦ୍ୟା-ମୁକ୍ତାବଳୀ ।

Cylinder, *s.* ରଙ୍ଗ, ନଳ, ବେଲଣା, ଦଳନା ।

Cylindrical, *a.* ବେଲଣାକୃତ, ନଳାକୃତ ।

Cymbal, *s.* କରତାଳ, ଝାଞ୍ଜ, ମନ୍ଦିରା ।

Cynic, *s.* ଦୋଷମାର୍ଗାନ୍ବେଷୀ, ଉଦାସୀନ ଲୋକ ।

Cypress, *s.* ଶୁଣ୍ଡାଳବୃକ୍ଷ, ଶୋକସୂଚକ ବୃକ୍ଷ ।

Czar, *s.* ରୁଷଦେଶୀୟ ରାଜା ବା ଚକ୍ରବର୍ତ୍ତୀ ।

Czarina, *s.* ରୁଷଦେଶୀୟ ରାଣୀ ।

## D.

D, ଇଂରାଜୀ ବର୍ଣ୍ଣମାଳାର ଚତୁର୍ଥ ଅକ୍ଷର ; ରୋମୀୟ ଗଣନାନୁସାରେ ପଞ୍ଚଶତ ।

Dab, *v.* ଓଦା ଦ୍ରବ୍ୟ ଦ୍ୱାରା ଲେପିବା, ଘଷାଘଷି-କ ।

Dabble, *v.* ଜଳକ୍ରୀଡା-କ; ପରଚର୍ଚ୍ଚା-କ ।

Dabbler, *s.* ଜଳକ୍ରୀଡକ; ପଲ୍ଲବଗ୍ରାହୀ ।

Dactyl, *s.* ଏକ ଦୀର୍ଘ ଦୁଇ ହ୍ରସ୍ୱ ପଦ ।

Dad, Daddy, *s.* ସ୍ନେହୋକ୍ତିରେ ବାପା, ପିତା, ବାବା । [ଧାର ।

Dagger, *s.* ଛୁରୀ, ସାନଶସ୍ତ୍ର, କଟାର, ଦୁଇ-

Daily, *a.* ଦୈନିକ, ଦିନହିକ ।—*ad.* ପ୍ରତ୍ୟହ, ପ୍ରତିଦିନ, ଦିନକୁଦିନ, ରୋଜ ।

Dainty, *s.* ସୁସ୍ୱାଦୁ ଖାଦ୍ୟଦ୍ରବ୍ୟ ।—*a.* ସୁସ୍ୱାଦୁ, ଉତ୍ତମ, ସୁରୁଚିକ ।

Dairy, *s.* ଗୋଉଘର, ଦୁଧଆଦି ରଖିବାର ଘର

Dairymaid, *s.* ଗୋଉଣୀ, ଗୋପୀ, ଗୋ-ପାଳୁଣୀ ।

Daisy, *s.* କ୍ଷେତ୍ରପୁଷ୍ପ ବିଶେଷ ।

Dale, *s.* ଦୁଇ ପର୍ବତର ମଧ୍ୟସ୍ଥାନ, ନିମ୍ନଭୂମି ।

Dalliance, *s.* କ୍ରୀଡା, ଲୀଳା, ବିଳାସ, ପର-ସ୍ପରବିଦ୍ରୂପ । [ଇ-କ ।

Dally, *v.* ଟାଳମଟାଳ- ଅମନୋଯୋଗ-ହେ-

Dam, *s.* ପଶ୍ୱାଦିର ମାତା, ମାଈ; ବନ୍ଧ ।

Damage, *s.* କ୍ଷତ, ଅପଚୟ, ହାନି, ଲୋକସାନ; *pl.* କ୍ଷତିପୂରଣ, ଅର୍ଥଦଣ୍ଡ ।

Damask, *s.* ଦାମାସ୍କ, ବୁଟାଦାର ପଟ୍ଟବସ୍ତ୍ର ।

Dame, *s.* ଗୃହିଣୀ, କର୍ତ୍ତ୍ରୀ, ସ୍ତ୍ରୀଲୋକ ।

Damn, *v.* ଅଭିଶାପ-ଦେ, ଦୋଷୀ-କ, ଦଣ୍ଡରେ ପକାଇବା ।

Damnable, *a.* ନାରକୀ, ପାତକୀ, ଦଣ୍ଡଯୋଗ୍ୟ

Damnation, *s.* ନରକଦଣ୍ଡ, ଦଣ୍ଡାଜ୍ଞା, ଧିକ୍କାର ।

Damp, *a.* ଓଦା, ଆର୍ଦ୍ର, ତିନ୍ତା, ଭିଜା, ସନ୍ତା ।—*v.* ତିନ୍ତାଇବା, ଓଦା-କ; ମନୋଭଙ୍ଗ-କ ।

Damsel, *s.* ଯୁବତୀ, ତରୁଣୀ, ବାଳା, କନ୍ୟା, କୁମାରୀ ।

Dance, *s.* ନୃତ୍ୟ, ନାଚ, ନାଟ, ତାମସା ।

Dandle, *v.* କୋଳରେ ନାଚିବା, ଦୁଲାଗ-କ ।

Danger, *s.* ଆପଦ, ବିପ୍ନ, ସଂକଟ, ଭୟ, ଦାୟ ।

Dangerous, *a.* ଆପଜ୍ଜନକ, ଶଙ୍କାଜନକ, ଭୟଙ୍କର । [ପରାଧୀନ-ହେ ।

Dangle, *v.* ଝୁଲିବା, ଲଟକାଇବା; ଅନୁଗାମୀ-

Dangler, *s.* ପରାସକ୍ତ, ସ୍ତ୍ରୀପରାୟଣ, ଅନୁଗାମୀ ।

Dapper, *a.* ଚଞ୍ଚଳ, ଚତୁର, ସୁନ୍ଦର ।

Dapple, *a.* ଚିତ୍ରବିଚିତ୍ର, ଚିତ୍ରିତ ।

Dare, *v.* ସାହସ-କ, ସ୍ପର୍ଦ୍ଧା-କ, ଧମକାଇବା ।

Daring, *a.* ସାହସୀ, ନିର୍ଭୟ, ବୀର, ବିକ୍ରମୀ ।

Dark, *a.* ଅନ୍ଧକାରମୟ, ଘୋର, ଅପ୍ରସନ୍ନ, ଅସ୍ପଷ୍ଟ ।

Darken, *v.* ଅନ୍ଧାର- ମେଘାଚ୍ଛନ୍ନ- ଅସ୍ପଷ୍ଟ-କ; ଅଜ୍ଞାନ-କ ।

Darkness, *s.* ଅନ୍ଧକାର, ତିମିର, ଅନ୍ଧାର, ଅସ୍ପଷ୍ଟତା ; ଅଜ୍ଞାନତା ।

Darling, *s.* ପ୍ରିୟତମ, ପ୍ରିୟପାତ୍ର, ଦୁଲାଳ ।

Darn, *v.* ରଫୁ-ଟାଙ୍କ-କ, ବସ୍ତ୍ରର ଛିଦ୍ର ମାରିବା ।

Dart, *s.* ତୀର, ବାଣ, ଶୂଳ ।

Dash, *s.* ଆଘାତ, ଠେଲି ; ଲେଖିବାର ଛେଦ, ଯଥା (—) ।—*v.* କଚାଡ଼ିବା, ଧକ୍କାମାରିବା ; ଫେଙ୍ଗିବା ।

Dashing, *a.* ଅସାବଧାନ, ଅବିବେକୀ ; ଆଡ଼ମ୍ବର ।

Dastard, *s.* ଡରୁଆ, ଭୀରୁ, କାପୁରୁଷ ।

Data, *s.* ସ୍ୱୀକୃତ ତତ୍ତ୍ୱ ବିଷୟ, ଯଥାର୍ଥ ।

Date, *s.* ତାରିଖ, ଦିନ ; ଖଜୁରିକୋଳି ।

Dative case, *s.* ସମ୍ପ୍ରଦାନକାରକ ।

Daub, *v.* ଲେପନ-କ, ଲେପିବା, ମାଖିବା ।

Daughter, *s.* ଝିଅ, କନ୍ୟା, ଦୁହିତା, ପୁତ୍ରୀ ।

Daughter-in-law, *s.* ପୁତ୍ରବଧୂ, ବୋହୂ ।

Daunt, *v.* ସାହସଭଙ୍ଗ- ଭୀତ-କ, ଧମକାଇବା ।

Dauntless, *a.* ନିର୍ଭୟ, ନିଃଶଙ୍କ, ସାହସୀ ।

Dauphin, *s.* ଫ୍ରାନ୍ସଦେଶୀୟ ଯୁବରାଜର ଉପାଧି

Daw, *s.* କାକବିଶେଷ ।

Dawdle, *v.* ଟାଲମଟାଲ-କ, ଡେରି-କ ।

Dawn, *s.* ପ୍ରଭାତ, ଅରୁଣୋଦୟ, ଭୋର, ପାହାନ୍ତି ।

Day, *s.* ଦିନ, ଦିବସ, ସମୟ ।

Daybook, *s.* ଖାତାବହି, ରୋଜନାମା ।

Daybreak, *s.* ଅରୁଣୋଦୟ, ପ୍ରାତଃକାଳ ।

Daylight, *s.* ସୂର୍ଯ୍ୟର ଆଲୁଅ, ଦିନ ପ୍ରକାଶ ।

Daysman, *s.* ମଧ୍ୟସ୍ଥ, ମିଳନକର୍ତ୍ତା, ବିରୋଧଭଞ୍ଜକ ।

Dayspring, *s.* ଅରୁଣୋଦୟ, ପ୍ରଭାତ ।

Daystar, *s.* ପ୍ରଭାତ ତାରା, ଶୁକ୍ରତାରା ।

Dazzle, *v.* ଝକ୍‌ମକ୍- ଅତିଦୀପ୍ତିରେ ଦୃଷ୍ଟ୍ୟାବରୋଧ-କ ।

Deacon, *s.* ମଣ୍ଡଳୀର ସେବକ ।

Dead, *a.* ମୃତ, ନିର୍ଜୀବ, ପ୍ରାଣଶୂନ୍ୟ, ନୀରସ ।

Deaden, *v.* ତେଜୋହୀନ-କ, ତେଜୋହ୍ରାସ-କ

Deadly, *a.* ମୃତ୍ୟୁଜନକ, ପ୍ରାଣନାଶକ, ଅନ୍ତକ ।

Deaf, *a.* ବଧିର, କାଲ, ଶ୍ରବଣେନ୍ଦ୍ରିୟହୀନ ।

Deafen, *v.* ବଧିର- କାଲ- ଶ୍ରବଣହୀନ-କ ।

Deal, *s.* ସଂଖ୍ୟା, ପରିମାଣ, ଭାଗ ; ଦେବଦାରୁକାଠ ।—*v.* ବାଣ୍ଟିବା, ବଣ୍ଟନ-କ; ବ୍ୟବସାୟ-କ ।

Dealer, *s.* ବ୍ୟବସାୟୀ, ବ୍ୟାପାରୀ ; ବଣ୍ଟକ ।

Dealing, *s.* ସମ୍ପର୍କ, ଦେବାନେବା, ବ୍ୟବସାୟ, ବ୍ୟବହାର ।

Dean, *s.* ଧର୍ମାଧ୍ୟକ୍ଷବିଶେଷ । [ପଦ ।

Deanery, *s.* ପୂର୍ବୋକ୍ତ ବ୍ୟକ୍ତିର ଅଧିକାର ବା

Dear, *a.* ପ୍ରିୟ ; ବହୁମୂଲ୍ୟ, ଦୁର୍ମୂଲ୍ୟ, ମହଙ୍ଗା ।

Dearly, *ad.* ସ୍ନେହପୂର୍ବକ, ଦୁର୍ମୂଲ୍ୟେ, ବହୁମୂଲ୍ୟେ । [ଅଭାବ ।

Dearth, *s.* ଅକାଳ, ଦୁର୍ଭିକ୍ଷ, ଆହାରର

Death, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ, କାଳପ୍ରାପ୍ତି

Deathless, *a.* ଅମର, ଚିରଜୀବୀ, ନିତ୍ୟସ୍ଥାୟୀ ।

Debar, *v.* ଅବରୋଧ- ନିବାରଣ- ନିଷେଧ-କ ।

Debarkation, *s.* ଜାହାଜରୁ ମାଲ ଖଲାସ ।

Debase, *v.* ମାନହାନି- ଲଘୁ- ଅପମାନ-କ ।

Debate, *v.* ବାଦାନୁବାଦ-ବିବାଦ-ବିତଣ୍ଡା-କ ।

Debauch, *s.* ଲମ୍ପଟ୍ୟର ଉତ୍ସବ, ଖାଇବ ଖେଳର ବାହୁଲ୍ୟ ।—*v.* ଭ୍ରଷ୍ଟ-ସତୀତ୍ୱ ନାଶ-କ

Debauchee, *s.* ଲମ୍ପଟୀ, ସ୍ୱେଚ୍ଛାଚାରୀ, ମଦୁଆ । [ ଛାପଣିଆ ।

Debauchery, *s.* ଲମ୍ପଟତା, ଲାମ୍ପଟ୍ୟ, ଖେ-

Debenture, *s.* ଖତ, ଋଣପତ୍ର, ଦାବୀପତ୍ର ।

Debilitate, *v.* ଦୁର୍ବଳ- କ୍ଷୀଣ- କୃଶ-କ ।

Debility, *s.* ଦୁର୍ବଳତା, କ୍ଷୀଣତା, ଅସ୍ୱାସ୍ଥ୍ୟ ।
Debit, *s.* ପାଉଣା, ଖରଚର ଦଫା ।
Debonair, *a.* ସୁନ୍ଦର, ସୁଶୀଳ, ଶିଷ୍ଟ, ସଭ୍ୟ ।
Debt, *s* କର୍ଜ୍ଜ, ଋଣ, ଉଧାର, ଦେଣା, ଧାର ।
Debtor, *s.* ଋଣୀ, ଖାତକ, ଦେଣାଦାର ।
Decade. *s.* ଦଶସଂଖ୍ୟକ, ଦଶ, ଦଶକ ।
Decagon. *s.* ଦଶଭୁଜ କ୍ଷେତ୍ର ।
Decalogue. *s.* ଈଶ୍ୱରଦତ୍ତ ଦଶାଜ୍ଞା ।
Decamp, *v.* ତାମ୍ବୁ ଉଠାଇବା, ପ୍ରସ୍ଥାନ-ପଳାୟନ-କ, ଖସିଯିବା ।
Decant, *v.* ସୂକ୍ଷ୍ମଧାରରେ ଢାଳିବା ।
Decanter, *s.* କାଚର ଟିପଦିଆ ଜଳପାତ୍ର ।
Decapitate, *v* ଶିରଚ୍ଛେଦନ-କ, ମୁଣ୍ଡକାଟିବା ।
Decapitation. *s.* ଶିରଚ୍ଛେଦନ, ମୁଣ୍ଡକାଟ ।
Decay, *v.* କ୍ଷୟ-ଜୀର୍ଣ୍ଣ-ହ୍ରାସ-ହେ ।
Decease, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ ।
Deceit, *s.* କପଟ, ଛଳ, ଫକୁଆ, ଶଠତା, ପ୍ରବଞ୍ଚନା । [ଜାଦୁର୍ଣ୍ଣି ।
Deceitful, *a.* କପଟୀ, ପ୍ରବଞ୍ଚକ, କୁଟିଳ, ଛଳ-
Deceitfulness, *s.* କାପଟ୍ୟ, ଖଳତା, ପ୍ରବଞ୍ଚନା । [ଖ୍ରି-କ ।
Deceive, *v.* ପ୍ରବଞ୍ଚନା-କ, ଭୁଲାଇବା, ଫୁଲୁ-
Deceiver, *s* ପ୍ରବଞ୍ଚକ, ପ୍ରତାରକ, ଠକ, କପଟୀ
December, *s.* ଇଂରେଜୀୟ ବର୍ଷର ଶେଷ ମାସ ।
Decency, *s.* ଉପଯୁକ୍ତତା, ସୁଲଜ୍ଜା, ସୁଶୀଳତା, ସଭ୍ୟତା ।
Decennial, *a.* ଦଶବର୍ଷୀୟ, ଦଶାବ୍ଦିକ ।
Decent, *a.* ଉପଯୁକ୍ତ, ଉଚିତ, ଯୋଗ୍ୟ, ଶୋଭାକର । [ଫକୁଆ ।
Deception, *s.* ବଞ୍ଚନା, ଛଳ, ମିଥ୍ୟା, ମାୟା,
Deceptive, *a.* ଭ୍ରାନ୍ତିଜନକ, ମିଥ୍ୟା, ପ୍ରବଞ୍ଚନାକାରୀ, ପ୍ରତାରଣକ୍ଷମ ।

Decide, *v.* ନିଷ୍ପତ୍ତି-ନିର୍ଣ୍ଣୟ-ରଫା-କ ।
Decidedly, *ad.* ନିଶ୍ଚୟରୂପେ, ନିତାନ୍ତ, ନିଃସନ୍ଦେହରେ ।
Deciduous, *a.* ପତନଶୀଳ, ଅସ୍ଥାୟୀ ।
Decimal, *a.* ଦଶମିକ, ଦଶସଂଖ୍ୟକ ।
Decimate, *v.* ଦଶମବ୍ୟକ୍ତିକୁ ନାଶ-କ ।
Decipher, *v.* ଗୁପ୍ତାର୍ଥ ପ୍ରକାଶ-ସ୍ପଷ୍ଟ-ଅର୍ଥ-କ ।
Decision, *s.* ନିଷ୍ପତ୍ତି, ନିର୍ଣ୍ଣୟ, ସିଦ୍ଧାନ୍ତ, ରଫା ।
Decisive, *a.* ନିଷ୍ପତ୍ତିଜନକ, ସନ୍ଦେହଭଞ୍ଜକ ।
Deck, *s.* ଜାହାଜର ମେଝିଆ ।
Deck, *v.* ଭୂଷିତ-ଶୋଭିତ-କ । [ବା ।
Declaim, *v.* ବ୍ୟାଖ୍ୟା-ବକ୍ତୃତା-କ, ବୋଲି-
Declamation, *s.* ବକ୍ତୃତା, କଥକତା, ବ୍ୟାଖ୍ୟା, ଅଳଙ୍କାର ବାକ୍ୟ ।
Declaration, *s.* ପ୍ରକାଶ, ବିଜ୍ଞାପନ, ଘୋଷଣା
Declarative, *a.* ବ୍ୟଞ୍ଜକ, ପ୍ରକାଶକ, ପ୍ରଚାରକ, ବିଜ୍ଞାପକ ।
Declare, *v.* ଜଣାଇବା, ପ୍ରକାଶ-ଜ୍ଞାତ-କ ।
Declension, *s.* ଅଧଃପତନ, ହ୍ରାସାବସ୍ଥା ; ଶବ୍ଦସାଧନ ।
Declinable, *a.* ବିଭକ୍ତିଦ୍ୱାରା ସାଧ୍ୟ ।
Decline, *s.* କ୍ଷୟ, ହ୍ରାସ, ପତନ, ଜୀର୍ଣ୍ଣ ।—*v.* ନୁଅଁଇବା, ବର୍ଜ୍ଜିବା, ଅସ୍ୱୀକାର-କ, ଅସ୍ତମିତ-ହେ ।
Declivity, *s.* ଗଡ଼ନ୍ତି ସ୍ଥାନ, ଗଡ଼ାଣିଆ ; କ୍ରମନିମ୍ନତା । [ସିଦ୍ଧକରଣ ।
Decoction, *s.* ନିର୍ଯ୍ୟାସ, ପାଚନ, ପାକକ୍ରିୟା-
Decompose, *v.* ଦ୍ୱି-ସଙ୍କର ବସ୍ତୁକୁ ପୃଥକ୍ -କ । [ଭୂତ-କ ।
Decorate, *v.* ଭୂଷିତ-ଅଳଙ୍କୃତ-ସୁଶୋ-
Decoration, *s.* ଭୂଷଣ, ଅଳଙ୍କାର, ଆଭରଣ
Decorous, *a.* ଉପଯୁକ୍ତ, ଯଥାଯୋଗ୍ୟ, ଉଚିତ ।
Decorum, *s.* ଶିଷ୍ଟାଚାର, ସଭ୍ୟତା, ସୁଆଚାର ।

Decoy, *v.* ଲୋଭ ଦେଖାଇ ଧରିବା, ଭୁଲାଇବା, ଫାନ୍ଦରେ ପକାଇବା ।

Decrease, *s.* ନ୍ୟୂନତା, ହ୍ରାସ, କ୍ଷୟ, କମ ।—*v.* ହ୍ରାସ-କମ-ନ୍ୟୂନ-ଅଳ୍ପ-ହେ ।

Decree, *s.* ଆଜ୍ଞାନିର୍ଦ୍ଧାରଣ, ମତ, ଆଇନ, ହୁକୁମ, ଡିକ୍ରୀ ।—*v.* ଆଜ୍ଞା-ବିଧାନ-କ, ବ୍ୟବସ୍ଥା-ଦେ ।

Decrepit, *a.* ଜୀର୍ଣ୍ଣ, ଜରାତୁର, ଜଡ, ଅଚଳ ।

Decrepitude, *s.* ଜୀର୍ଣ୍ଣାବସ୍ଥା, ଅତିବାର୍ଦ୍ଧକ୍ୟ, ଜଡତା ।

Decretal, *a.* ବ୍ୟବସ୍ଥାସମ୍ବନ୍ଧୀୟ, ବିଧିବିଷୟକ

Decry, *v.* ଅଖ୍ୟାତି-ବଦନାମ-କରା-କ ।

Dedicate, *v.* ପ୍ରତିଷ୍ଠା-ନୈବେଦ୍ୟ-ଉତ୍ସର୍ଗ-ଦାନ-କ ।

Dedication, *s.* ଉତ୍ସର୍ଗ, ଦାନ; ନିବେଦନପତ୍ର

Deduce, *v.* ତର୍କ କରି ନିର୍ଣ୍ଣୟ-ଅନୁଭବ-ଯୁକ୍ତିସିଦ୍ଧ-କ ।

Deduct, *v.* ବାଦ ଦେ, ଊଣା-କର୍ତ୍ତନ-କ ।

Deduction, *s.* ବାଦ, କର୍ତ୍ତନ, ବିଯୋଗ; ଯୁକ୍ତିସିଦ୍ଧ କଥା, ଉପଲବ୍ଧି ।

Deed, *s.* କର୍ମ, କ୍ରିୟା; ଦାନପତ୍ର, ପଟା ।

Deem, *v.* ବିବେଚନାଦ୍ୱାରା ସ୍ଥିର-ବୋଧ-କ ।

Deep, *s.* ସାଗର, ସମୁଦ୍ର, ଅତଳସ୍ପର୍ଶ ଜଳ ।—*a.* ଗମ୍ଭୀର; ଘୋର; ନିଗୂଢ, ଗୂଢ଼ବୁଦ୍ଧି ।

Deepen, *v.* ଗମ୍ଭୀର-ଗଭୀର-ଗହ୍ୱର-କ ।

Deer, *s.* ହରିଣ, ମୃଗ, କୁରଙ୍ଗ, ଏଣ ।

Deface, *v.* ବିକୃତ-ବିରୂପ-ନାଶ-କ ।

Defalcation, *s.* ହ୍ରାସ, ନ୍ୟୂନତା, ତ୍ରୁଟି, କମି

Defamation, *s.* ଅପବାଦ, ଦୁର୍ନାମ, କଳଙ୍କ, ନିନ୍ଦା ।

Defamatory, *a.* ନିନ୍ଦକ, ଦୁର୍ନାମଜନକ, ଅପବାଦକ ।

Defame, *v.* ଦୁର୍ନାମ-ନିନ୍ଦା-କ, ଅପବାଦ-ଦେ ।

Default, *s.* ଆଜ୍ଞାଲଙ୍ଘନ, ଅପରାଧ, କର୍ତ୍ତବ୍ୟକର୍ମର ତ୍ରୁଟି ।

Defaulter, *s.* ନିୟମର ଅନ୍ୟଥାକାରୀ, ଦୋଷୀ

Defeat, *s.* ପରାଭବ, ପରାଜୟ, ସୈନ୍ୟର ହାର ।—*v.* ପରାଜୟ-ପରାସ୍ତ-କ, ଜିତିବା ।

Defect, *s.* ଦୋଷ, ଖୁଣ, କଳଙ୍କ, ତ୍ରୁଟି, ଅଭାବ, କସୁର ।

Defection, *s.* ସ୍ୱପକ୍ଷତ୍ୟାଗ, ତ୍ରୁଟି, ରାଜଦ୍ରୋହ ।

Defective, *a.* ଦୋଷଯୁକ୍ତ, ଅସମ୍ପୂର୍ଣ୍ଣ, ସଦୋଷ ।

Defence, *s.* ଆଶ୍ରୟ; ରକ୍ଷା, ଗଡ; ପ୍ରତ୍ୟୁତ୍ତର, ଜବାବ ।

Defenceless, *a.* ନିରାଶ୍ରୟ, ଅରକ୍ଷକ, ଦୁର୍ବଳ; ଅସ୍ତ୍ରହୀନ ।

Defend, *v.* ଆଶ୍ରୟ-ଦେ, ରକ୍ଷା-ପ୍ରତିକାର-କ ।

Defendant, *s.* ରକ୍ଷାକର୍ତ୍ତା, ପ୍ରତିବାଦୀ, ଦାୟୀ, ଅସାମୀ ।

Defensive, *a.* ରକ୍ଷାକାରକ, ରକ୍ଷାକାରୀ, ସତର୍କ ।

Defer, *v.* ବିଳମ୍ବରେ କର୍ମ-ଡେରି-ଟାଳମଟାଳ-କ ।

Deference, *s.* ବିନୟ, ଆଜ୍ଞାଧୀନତା ସ୍ୱୀକାର, ମର୍ଯ୍ୟାଦା ।

Defiance, *s.* ହେୟଜ୍ଞାନ, ସ୍ପର୍ଦ୍ଧା, ଯୁଦ୍ଧାର୍ଥେ ଆହ୍ୱାନ ।

Deficiency, *s.* ଅଭାବ, ଅକୁଲାନ, ନିଅଣ୍ଟ, କମି ।

Deficient, *a.* ଅସମ୍ପୂର୍ଣ୍ଣ; ଊଣା, କମ; ଅନୁପଯୁକ୍ତ ।

Defile, *v.* ଅପବିତ୍ର-ଭ୍ରଷ୍ଟ-ଅଶୁଚି-ମଳିନ-କ ।

Defile, *s.* ସଂକୀର୍ଣ୍ଣ ପଥ, ଗଳି, ଦୁଇ ପର୍ବତର ମଧ୍ୟରେ ସାନ ବାଟ ।

Definable, *a.* ବର୍ଣ୍ଣନୀୟ, ବ୍ୟାଖ୍ୟାଯୋଗ୍ୟ ।

Define, *v.* ନିର୍ଦ୍ଧାର-ବର୍ଣ୍ଣନ-ନିର୍ଦ୍ଦିଷ୍ଟ-ସୀମାନିର୍ଦ୍ଦେଶ-କ ।

Definite, *a.* ନିର୍ଦ୍ଧାରିତ, ନିର୍ଦ୍ଦିଷ୍ଟ, ସ୍ପଷ୍ଟ ।

Definition, *s.* ବ୍ୟାଖ୍ୟା, ଅର୍ଥ, ଗୁଣବର୍ଣ୍ଣନ, ସଂଜ୍ଞା ।
Definitive, *a.* ନିର୍ଦ୍ଦିଷ୍ଟ, ନିର୍ଭ୍ରାନ୍ତ । [ଗତ ।
Deflection, *s.* ବିପଥଗମନ, ପଥତ୍ୟାଗ, ବି-
Deform, *v.* କୁତ୍ସିତ-କୁରୂପ-ବିକୃତ-କର ।
Deformity, *s.* କୁତ୍ସିତରୂପ, କଦାକାର, ବିକୃତା । [ଅପହରଣ-କର ।
Defraud, *v.* ପ୍ରତାରଣା-ପ୍ରବଞ୍ଚନା-ଛଳରେ
Defray, *v.* ବ୍ୟୟ ନିର୍ବାହ-କର, ଖରଚ-ଦେ, ଶୁ-
Defunct, *a.* ମୃତ, ନିର୍ଜୀବ, ମଲା । [ଝିବା ।
Defy, *v.* ଯୁଦ୍ଧ-ଅସ୍ପର୍ଦ୍ଧା-ଯୁଦ୍ଧେ ଆହ୍ୱାନ କର ।
Degeneracy, *s.* ଅପଗମନ, ଧର୍ମକ୍ଷୟ, ନଷ୍ଟତା ।
Degenerate, *a.* ବିକୃତପ୍ରାପ୍ତ, ନଷ୍ଟ, ଧର୍ମଚ୍ୟୁତ ।
Deglutition, *s.* ଗ୍ରାସକରଣ, ଗିଳନଶକ୍ତି ।
Degradation, *s.* ମାନହାନି, ଅପମାନ, ପଦଚ୍ୟୁତ ।
Degrade, *v.* ପଦଚ୍ୟୁତ-ପତିତ-ଅସମ୍ମାନ-କର ।
Degraded, *a.* ପଦଚ୍ୟୁତ, ପତିତ, ଭ୍ରଷ୍ଟ ।
Degree, *s.* ପଦ, ବର୍ଗ; କ୍ର. ଅଂଶ; ଅକ୍ଷାଂଶ; by degrees, କ୍ରମଶଃ । [ମାନନ ।
Deification, *s.* ଦେବତ୍ୱଦାନ, ଦେବ କରି
Deify, *v.* ଦେବତ୍ୱଦାନ-ଦେବତାସଦୃଶ ପୂଜା-କର ।
Deign, *v.* ଦୟା କରି ସମ୍ମତ-ହେ, ଅନୁଗ୍ରହ ପ୍ରକାଶ-କର, ପ୍ରସନ୍ନ-ହେ ।
Deism, *s.* ଅସ୍ତିକତା, ପରମାତ୍ମଜ୍ଞାନ ।
Deist, *s.* ଅଦ୍ୱୈତବାଦୀ, ଏକେଶ୍ୱରବାଦୀ ।
Deity, *s.* ପରମେଶ୍ୱର, ପରମାତ୍ମା, ଈଶ୍ୱରତ୍ୱ ।
Dejected, *a.* ବିଷଣ୍ଣ, ଦୁଃଖଗ୍ରସ୍ତ, ଶୋକଯୁକ୍ତ, ଖେଦିତ ।
Dejection, *s.* ବିଷାଦ, ଶୋକ, ଉଦ୍ବେଗ ।
Delay, *s.* ବିଳମ୍ବ, ଡେରି, ଉଛୁର ।
Delectable, *a.* ମନୋହାରୀ, ମନୋହର, ରମ୍ୟ, ସୁନ୍ଦର ।

Delegate, *s.* ପ୍ରତିନିଧି, ପ୍ରତିଭୂ, ବିଶେଷ କର୍ମ ନିର୍ବାହକ, ଉକିଲ ।—*v.* ପ୍ରେରଣ-ସମର୍ପଣ-କର
Delete, *v.* ଲେଖାକୁ କାଟି ଉଠାଇ-ଦେ ।
Deleterious, *a.* ଧ୍ୱଂସକ, ପ୍ରାଣନାଶକ ।
Delf, *s.* ଖଣିଜାତ, ମୃତ୍ପାତ୍ର; କୁମ୍ଭ ଚିକ୍କଣ ବାସନ ।
Deliberate, *a.* ବିବେଚକ, ଧୀର, ସତର୍କ, ସାବଧାନ ।—*v.* ବିଚାର-ବିବେଚନା-କର ।
Deliberation, *s.* ବିବେଚନା, ଚର୍ଚ୍ଚା, ଭାବନା, ସ୍ଥିରତା । [ମଳତା ।
Delicacy, *s.* ସୁଭକ୍ଷ୍ୟ, ସୁସ୍ୱାଦଦ୍ରବ୍ୟ, କୋ-
Delicate, *a.* ସୁନ୍ଦର, କୋମଳ, ସୁସ୍ୱାଦୁ, ସୂକ୍ଷ୍ମ ।
Delicious, *a.* ସୁସ୍ୱାଦୁ, ଉପାଦେୟ, ମିଷ୍ଟ, ଅନୁତ୍ତମ ।
Delight, *s.* ସନ୍ତୋଷ, ଆନନ୍ଦ, ଉଲ୍ଲାସ, ହର୍ଷ ।
Delightful, *a.* ହର୍ଷଜନକ, ଆନନ୍ଦଦାୟକ, ମନୋହର ।
Delineate, *v.* ପ୍ରତିମୂର୍ତ୍ତି ଲେଖିବା, ବର୍ଣ୍ଣନ-କର ।
Delineation, *s.* ପ୍ରତିମୂର୍ତ୍ତି, ବର୍ଣ୍ଣନା ।
Delinquency, *s.* ଅପରାଧ, ଦୋଷ, ତ୍ରୁଟି ।
Delinquent, *s.* ଅପରାଧୀ, ଦୋଷୀ; ବାକିଦାର । [ହତବୁଦ୍ଧି ।
Delirious, *a.* ଅଚେତନ, ମତିଭ୍ରଷ୍ଟ, ପ୍ରଳାପୀ,
Delirium, *s.* ପ୍ରଳାପ, ଅଚେତନତା, ଉନ୍ମାଦ
Deliver, *v.* ସମର୍ପଣ-ଉଦ୍ଧାର-ରକ୍ଷା-ନିସ୍ତାର-କର; ପ୍ରସବ-କର ।
Deliverance, *s.* ଉଦ୍ଧାର, ମୁକ୍ତି, ରକ୍ଷା, ତ୍ରାଣ ।
Delivery, *s.* ବକ୍ତୃତୋଚ୍ଚାରଣ; ସମର୍ପଣ; ପ୍ରସବକ୍ରିୟା ।
Dell, *s.* ଗହ୍ୱର, ଗର୍ତ୍ତ, ଖାତ, ତଳଭୂମି ।
Delude, *v.* ଭୁଲାଇବା, ଭ୍ରମ ଜନ୍ମାଇବା, ଠକିବା ।
Deluge, *s.* ଜଳପ୍ଲାବନ, ବଢି, ବନ୍ୟା ।

Delusion, *s.* ମାୟା, ମୋହ, ଭ୍ରମ, ବଞ୍ଚନା ।
Delusive, *a.* ମାୟିକ, ଭ୍ରାନ୍ତିକର, ମିଥ୍ୟା ।
Demagogue, *s.* ନଗରଲୋକର ଦଳପତି ।
Demand, *s.* ଦାବି, ଦାଓଆ, ପ୍ରଶ୍ନ, ତଲବ ।
—*v.* ଦାଓଆ-ଦାବି-ତଲବ-କ ।
Demarcation, *s.* ବିଭାଗ, ସୀମା, ଭେଦକରଣ, ଭାଗ । [-କ ।
Demean, *v.* ଆଚରଣ-ବ୍ୟବହାର-ଅଧୋଗତି
Demeanour, *s.* ଆଚରଣ, ଆଚାର, ବ୍ୟବହାର ସ୍ୱଭାବ ।
Demerit, *s.* ନିର୍ଗୁଣତା, ଦୋଷଯୋଗ୍ୟତା ।
Demi, *a.* ଅର୍ଦ୍ଧ, ଅର୍ଦ୍ଧେକ, ଅଧେ । [ରଶ୍ରେଷ୍ଠ ।
Demigod, *s.* ଉପଦେବତା, ବସୁଦେବ, ବୀ-
Demise, *s.* ମୃତ୍ୟୁ, ମରଣ, ପ୍ରାଣତ୍ୟାଗ ।
Democracy, *s.* ସାଧାରଣ ସତ୍ତ୍ୱ, ପ୍ରଜାମାନଙ୍କର ପ୍ରଭୁତ୍ୱ ।
Demolish, *v.* ଉଚ୍ଛନ୍ନ-ନାଶ-ନଷ୍ଟ-କ ।
Demolition, *s.* ବିନାଶ, ଗୃହାଦି ଭଗ୍ନକରଣ, ଉଚ୍ଛିନ୍ନତା ।
Demon, *s.* ଭୂତ, ପିଶାଚ, ଦାନବ, ଅସୁର ।
Demoniac, *s.* ଭୂତଗ୍ରସ୍ତ ବ୍ୟକ୍ତି ।
Demonology, *s.* ଭୌତିକ ବିଦ୍ୟା ।
Demonstrable, *a.* ମୀମାଂସ୍ୟ, ପ୍ରମାଣସିଦ୍ଧ, ପ୍ରତିପାଦ୍ୟ । [ତିପନ୍ନ-ସାବୁଦ-କ ।
Demonstrate, *v.* ପ୍ରମାଣ ଦ୍ୱାରା ନିଶ୍ଚୟ-ପ୍ର-
Demonstration, *s.* ଦୃଢ଼ ପ୍ରମାଣ, ନିଶ୍ଚୟ ପ୍ରମାଣ, ମୀମାଂସା । [ସିଦ୍ଧ ।
Demonstrative, *a.* ସୁପ୍ରାମାଣିକ, ପ୍ରମାଣ-
Demoralize, *v.* ନୀତିଭ୍ରଷ୍ଟ-କ ।
Demur, *v.* ବିଳମ୍ବ-ସନ୍ଦେହ-କ; ଅସମ୍ମତ-ହେ ।
Demure, *a.* ଗମ୍ଭୀର, ଧୀର, ଅଧୋମୁଖ ।
Demurrage, *s.* ନୌକାର ଗନ୍ତବ୍ୟ ଅବା ବିଳମ୍ବର ଭଡ଼ା ।

Demy, *s.* କାଗଜବିଶେଷ, ଯହିଁର ଲମ୍ବ ୨୨ ଓ ଓସାର ୧୮ ଈ ।
Den, *s.* ବନ୍ୟପଶୁର ଗାତ, ଗହ୍ୱର ।
Denial, *s.* ଅସ୍ୱୀକାର, ଅସମ୍ମତି, ନାସ୍ତି ।
Denizen, *s.* ନଗରର ସାମାଜିକ ପ୍ରଜା, ପୌର-
Denominate, *v.* ନାମ-ଦେ, ସଂଜ୍ଞା-କ । [ଜନ
Denomination, *s.* ନାମ, ସଂଜ୍ଞା, ଆଖ୍ୟାନ; ମତ, ଦଳ । [ଇବା ।
Denote, *v.* ଲକ୍ଷଣ-କ, ଚିହ୍ନାଇବା, ଜଣା-
Denounce, *v.* ଦଣ୍ଡପ୍ରଚାର-ଭର୍ତ୍ସନ-କ, ଦୋଷ ଦେଖାଇବା ।
Dense, *a.* ଘନ, ନିବିଡ଼, ଗାଢ଼, ଗହଳ ।
Density, *s.* ଘନତ୍ୱ, ଗାଢ଼ତ୍ୱ, ଦାର୍ଢ୍ୟ ।
Dental, *a.* ଦନ୍ତ୍ୟ, ଦନ୍ତସମ୍ବନ୍ଧୀୟ ।
Dentifrice, *s.* ମଞ୍ଜନ, ଦାନ୍ତଘଷା ମିଶି ।
Dentist, *s.* ଦନ୍ତରୋଗର ଚିକିତ୍ସକ ।
Dentition, *s.* ବାଳକର ଦନ୍ତ ଉଠିବା ସମୟ ।
Denude, *v.* ଉଲଗ୍ନ-ବିବସ୍ତ୍ର-କ; ଶୂନ୍ୟ-କ ।
Denunciation, *s.* ଭୟପ୍ରଦର୍ଶନ; ଦଣ୍ଡବିଜ୍ଞାପନ, ତାଡ଼ନା ।
Deny, *v.* ଅସ୍ୱୀକାର-ନାସ୍ତି-ଅଗ୍ରାହ୍ୟ-କ ।
Deodand, *s.* ପ୍ରାୟଶ୍ଚିତ୍ତରୂପ ଅର୍ଥଦଣ୍ଡ, ଦେବଦଣ୍ଡ । [ନ୍ତରେ ଗମନ-କ ।
Depart, *v.* ପ୍ରସ୍ଥାନ-କ, ଚାଲିଯିବା, ସ୍ଥାନା-
Department, *s.* ପୃଥକ୍ ବର୍ଗ ବା ପଦ, ବିଭାଗ ।
Departure, *s.* ପ୍ରସ୍ଥାନ, ସ୍ଥାନାନ୍ତର ଗମନ; ମରଣ, ମୃତ୍ୟୁ । [ଭରସା ରଖିବା ।
Depend, *v.* ପରାଧୀନ-ନିର୍ଭର-ହେ, ଝୁଲିବା,
Dependence, *s.* ସମ୍ପର୍କ, ନିର୍ଭର, ଭାର, ଆସ୍ଥା, ଶରଣ । [ପ୍ରତ୍ୟାଶୀ ।
Dependent, *a.* ପରାଧୀନ, ଆଶ୍ରିତ, ପର-
Depict, *v.* ଚିତ୍ର-ବର୍ଣ୍ଣନ-କ ।
Deplete, *v.* ଶୂନ୍ୟ-ଖାଲି-କ ।

Deplorable, *a.* ବିଳାପଯୋଗ୍ୟ, ଶୋକଜନକ, ଶୋଚନୀୟ ।

Deplore, *v.* ବିଳାପ-ଶୋକ-ଖେଦ-ରୋଦନ-କର ।

Deploy, *v.* ସୈନ୍ୟଶ୍ରେଣୀ ବିସ୍ତାର-ପ୍ରକାଶ-କର ।

Deponent, *s.* ସାକ୍ଷୀ, ଶପଥକାରକ-ଗୁହାରି ।

Depopulate, *v.* ମନୁଷ୍ୟଶୂନ୍ୟ-ଦେଶଉଚ୍ଛିନ୍ନ ବା ଉଜାଡ଼-କର ।

Deport, *v.* ଆଚାର, ବ୍ୟବହାର-ଦେଶାନ୍ତର-କର ।

Deportment, *s.* ଆଚାର, ବ୍ୟବହାର, ଚାଲ: ନିର୍ବାସନ । [ଗୁହାରି-ଦେ ।

Depose, *v.* ପଦଚ୍ୟୁତ-ଅନଧିକାର-କର, ସାକ୍ଷ୍ୟ-

Deposit, *s.* ନିକ୍ଷେପ, ଗଚ୍ଛିତଦ୍ରବ୍ୟ, ନ୍ୟାସ —*v.* ଗଚ୍ଛିତ-ନ୍ୟସ୍ତ-ଜମା-କର, ଥୋଇବା ।

Depositary, *s.* ଗଚ୍ଛିତଦ୍ରବ୍ୟର ଗ୍ରାହକ, ରକ୍ଷକ, ଜେମାଦାର ।

Deposition, *s.* ସାକ୍ଷ୍ୟ, ଗୁହାରି, ଜବାନବନ୍ଦୀ, ପଦଚ୍ୟୁତ । [ଗୋଲା ।

Depository, *s.* ରଖିବାର ସ୍ଥାନ, ଭଣ୍ଡାର,

Depot, *s.* ଭଣ୍ଡାର, ଦ୍ରବ୍ୟାଗାର, ଗୋଲା ।

Deprave, *v.* ନଷ୍ଟ-ଭ୍ରଷ୍ଟ-କର, ବିଗାଡ଼ିବା ।

Depravity, *s.* ଦୁଷ୍ଟତା, ଭ୍ରଷ୍ଟପଣ, ନଷ୍ଟତା, ଅଗୁଣ । [ମାଗିବା ।

Deprecate, *v.* ନିବାରଣ-ପ୍ରାର୍ଥନା-କର, କ୍ଷମା

Depreciate, *v.* ମୂଲ୍ୟ ଊଣା-ତୁଚ୍ଛ-କର ।

Depredation, *s.* ଲୁଟ, ଅପହାର, ଡକାଇତି

Depredator, *s.* ଲୁଟିଆର, ଡକାଇତ, ଅପହାରକ, ଉପଦ୍ରବୀ ।

Depress, *v.* ସ୍ୱର ସ୍ୱାସ ଅବନତ-ହତାଶ-କର ।

Depressed, *a.* ଉଦାସ, ବିଷଣ୍ଣ । [ନମନ ।

Depression, *s.* ବିଷଣ୍ଣତା, ଔଦାସ୍ୟ, ଅବ-

Deprivation, *s.* ଅପହାର, କ୍ଷତି, କ୍ଷୟ; ଧର୍ମୋପଦେଶକର ପଦଚ୍ୟୁତ ।

11

Deprive, *v.* କାଟି-ନେ, ଅପହାର-ହରଣ-କର

Depth, *s.* ଗମ୍ଭୀରତା, ଗଭୀର; ଚତୁରତା, ନିଗୂଢ଼ତା ।

Deputation, *s.* ପ୍ରତିନିଧିରୂପେ ପ୍ରେରଣ ବା ପ୍ରେରିତ ଲୋକ ସକଳଙ୍କ ନିଯୋଗ ।

Depute, *v.* ନିଯୋଗ-ପ୍ରେରଣ-କର, ବଦଳେ ପଠାଇବା ।

Deputy, *s.* ପ୍ରତିନିଧି-ନାଏବ, ଉକିଲ, ବଦଳି ।

Derange, *v.* ବ୍ୟତିକ୍ରମ-ବିଶୃଙ୍ଖଳ-ଉଲଟ-ପାଲଟ-କର ।

Deranged, *a.* ଉନ୍ମତ୍ତ, ହତବୁଦ୍ଧି, ଜ୍ଞାନଭ୍ରଷ୍ଟ ।

Dereliction, *s.* ପରିତ୍ୟାଗକରଣ, ବର୍ଜନ ।

Deride, *v.* ବିଦ୍ରୂପ-ପରିହାସ-ତିରସ୍କାର-କର ।

Derision, *s.* ବିଦ୍ରୂପ, ପରିହାସ, ତିରସ୍କାର, ଥଟ୍ଟା ।

Derivation, *s.* ମୂଳଶବ୍ଦାନୁସନ୍ଧାନ, ବ୍ୟୁତ୍ପତ୍ତି

Derivative, *a.* ବ୍ୟୁତ୍ପତ୍ତିକର, ବ୍ୟୁତ୍ପାଦକ ।

Derive, *v.* ଉତ୍ପନ୍ନ-ପ୍ରାପ୍ତ-ହେ, ପାଇବା ।

Dernier, *a.* ଶେଷ, ଅନ୍ତ୍ୟ, ଅନ୍ତିମ, ଅବଶିଷ୍ଟ ।

Derogate, *v.* ହ୍ରାସ-ମାନହାନି-ଲଘୁ-କର, ତୁଚ୍ଛିବା ।

Derogatory, *a.* ଅପମାନକ, ହ୍ରାସଜନକ ।

Descant, *v.* ବିସ୍ତାର କରି-କହ, ବ୍ୟାଖ୍ୟା-କଥୋପକଥନ-କର । [ଅଧେ ଗମନ-କର ।

Descend, *v.* ଓହ୍ଲାଇବା, ତଳକୁ ଯିବା,

Descendant, *s.* ସନ୍ତାନସନ୍ତତି, ଔରସଜାତ ଲୋକ, ବଂଶ ।

Descent, *s.* ଅଧୋଗମନ: ବଂଶାବଳି; ଔରସ ଜନ୍ମ; ଗଡ଼ନ୍ତି ସ୍ଥାନ । [-ଦେ ।

Describe, *v.* ବର୍ଣ୍ଣନା-ବ୍ୟାଖ୍ୟା-କର, ବିବରଣ

Description, *s.* ବର୍ଣ୍ଣନା, ବ୍ୟାଖ୍ୟା, ବିବରଣ: ପ୍ରକାର ।

Descriptive, *a.* ବର୍ଣ୍ଣନାବାଚୀ, ନିର୍ଦ୍ଦେଶକ ।

Descry, *v.* ଦୂରରୁ ଦେଖିବା, ଯତ୍ନରେ ଦୃଷ୍ଟି ପକାଇବା । [ଖେପ-କ ।
Desecrate, *v.* ଅପବିତ୍ର-ଅଶୁଦ୍ଧ-ଭ୍ରଷ୍ଟ
Desert, *s.* ଅରଣ୍ୟ, ବଣ, ଜଙ୍ଗଲ, ଜନଶୂନ୍ୟ ସ୍ଥାନ, ମରୁଭୂମି । [ବର୍ଜନ-କ ।
Desert, *v.* ତ୍ୟାଗ-କ, ଛାଡ଼ି ପଳାଇବା, ବି-
Desert, *s.* ଗୁଣାଗୁଣ, ଯୋଗ୍ୟତା, ଉଚିତଫଳ
Deserve, *v.* ଯୋଗ୍ୟ-ଉପଯୁକ୍ତ-ହେ । [ପେ ।
Deservedly, *ad.* ଯଥାଯୋଗ୍ୟ, ସଙ୍ଗତରୂ-
Deserving, *a.* ଯୋଗ୍ୟ, ଉପଯୁକ୍ତ, ଉତ୍ତମ ।
Desideratum, *s.* ଅବର୍ତ୍ତମାନ, ଅତି ବାଞ୍ଛନୀୟ ବସ୍ତୁ ।
Design, *s.* ଅଭିପ୍ରାୟ, ଅର୍ଥ, ତାତ୍ପର୍ଯ୍ୟ; ପ୍ରତିମୂର୍ତ୍ତି ।—*v.* କଳ୍ପନା-ଚିତ୍ର-ମନସ୍ଥ-ଅଭିପ୍ରାୟ-କ ।
Designation, *s.* ନିଯୋଜନ, କର୍ମରେ ନିଯୋଗ, ନିର୍ଦ୍ଦେଶ; ନାମ । [ଛଳଭାବରେ ।
Designedly, *ad.* ଯଥେଚ୍ଛାରେ, ଜ୍ଞାତସାରେ,
Designing, *a.* ଧୂର୍ତ୍ତ, ଚତୁର, ହିଅଣା, ଠକ ।
Desirable, *a.* ବାଞ୍ଛନୀୟ, ମନୋହର, ସୁନ୍ଦର. ଆକାଂକ୍ଷଣୀୟ । [ଅଭିଳାଷ ।
Desire, *s.* ବାଞ୍ଛା, କାମନା, ଇଚ୍ଛା, ଆକାଂକ୍ଷା.
Desirous, *a.* ଆକାଂକ୍ଷୀ, ଇଚ୍ଛୁକ, ଲୋଭୀ. କାମୁକ ।
Desist, *v.* ନିରସ୍ତ-ନିବୃତ୍ତ-କ୍ଷାନ୍ତ-ସ୍ଥଗିତ-ହେ ।
Desk, *s.* ଲେଖିବାର ମେଜ, ଡେସ୍କ, ସିନ୍ଦୁକ ।
Desolate, *a.* ଉଜାଡ଼, ନିରାଶ୍ରୟ, ଅନାଥ । —*v.* ଉଚ୍ଛିନ୍ନ-କ, ଶୂନ୍ୟ ବା ଉଜାଡ଼-କ ।
Desolation, *s.* ସର୍ବନାଶ, ଉଚ୍ଛିନ୍ନତା, ଶୂନ୍ୟତା, ମହୋପଦ୍ରବ । [ନିରାଶା, ଅଧୈର୍ଯ୍ୟ ।
Despair, *s.* ନିରାଶଭାବ, ଭରସାହୀନଭାବ.
Despatch, *s.* ଶୀଘ୍ରତା, ଶୀଘ୍ର ପ୍ରେରିତ ପତ୍ର । —*v.* ତ୍ୱରାରେ ପ୍ରେରଣ-କ ; ବଧ-କ ।

Desperado, *s.* ଦୁଃସାହସୀ, ସଗାଢ଼ ।
Desperate, *a.* ନିରାଶ, ସଗାଢ଼, ନିରୁପାୟ, ଭୟଶୂନ୍ୟ ।
Despicable, *a.* ଘୃଣନୀୟ, ନୀଚ, ପାଜି, ଅଧମ ।
Despise, *v.* ତୁଚ୍ଛ-ଅବଜ୍ଞା-ହେୟଜ୍ଞାନ-କ ।
Despite, *s.* ହିଂସା, ଈର୍ଷା, ବିରୋଧ, ଅବଜ୍ଞା ।
Despoil, *v.* ଅପହରଣ-ଲୁଟ-କ, ଛଡ଼ାଇ-ନେ ।
Despond, *v.* ଭରସାହୀନ-ନିରାଶ-ହେ ।
Despondency, *s.* ନିରାଶା, ଅଭରସା ।
Despot, *s.* ସ୍ୱେଚ୍ଛ ତନ୍ତ୍ରୀ ରାଜା, ସ୍ୱାଧୀନ ରାଜା ।
Despotic, *a.* ସ୍ୱେଚ୍ଛାଧୀନ, ଉପଦ୍ରବୀ ।
Despotism, *s.* ସ୍ୱେଚ୍ଛାମତେ ପ୍ରଭୁତ୍ୱ, ଉପଦ୍ରବ, ଏକାଧିପତ୍ୟ ।
Dessert, *s.* ଭୋଜନର ଶେଷେ ଫଳାଦି ମିଷ୍ଟାନ୍ନ ।
Destination, *s.* ନିରୂପିତ ସ୍ଥାନ ।
Destine, *v.* ନିରୂପଣ-ନିଯୁକ୍ତ-କ ।
Destiny, *s.* ଅଦୃଷ୍ଟ, କପାଳ, ଭାଗ୍ୟ, କର୍ମ ।
Destitute, *a.* ରହିତ, ହୀନ, ଅନାଥ, ତ୍ୟକ୍ତ ।
Destitution, *s.* ଦୀନହୀନତା, ଦୁର୍ଦ୍ଦଶା ।
Destroy, *v.* ବିନାଶ-ଧ୍ୱଂସ-ଉଚ୍ଛନ୍ନ-ସଂହାର-କ
Destruction, *s.* ବିନାଶ, ଧ୍ୱଂସ, ସଂହାର, ନିପାତ ।
Destructive, *a.* ବିନାଶକ, ଧ୍ୱଂସକ, ନାଶକ ।
Desuetude, *s.* ନିବୃତ୍ତି, ଅବ୍ୟବହାର, ପ୍ରଥାର ଅଚଳନ ।
Desultory, *a.* ଅସ୍ଥିର, ଅନିଶ୍ଚିତ, ଅକ୍ରମିକ ।
Detach, *v.* ବିଚ୍ଛିନ୍ନ-ପୃଥକ୍-କ ।
Detachment, *s.* ସୈନ୍ୟରୁ ଯେଉଁ ଭାଗ କୌଣସି ବିଶେଷ କର୍ମରେ ପ୍ରେରିତ ହୁଏ, ସୈନ୍ୟର ଦଳ ।
Detail, *s.* ବିଶେଷ ବିବରଣ. ବୃତ୍ତାନ୍ତ, ବେଓରା, ଖୋଲାସା ।
Detain, *v.* ବନ୍ଦ-ଅଟକ-କ, ରଖିବା ।

Detect, *v.* ଦୋଷ ଧରିବା; ପ୍ରକାଶ କରି ଗୁପ୍ତ ବିଷୟ ବାହାର-କ । [ବ୍ୟକ୍ତକରଣ ।

Detection, *s.* ଦୋଷ ପ୍ରକାଶନ. ଗୁପ୍ତକଥା

Detention, *s.* ଅଟକ, ବନ୍ଦୀକରଣ, କଏଦ ।

Deter, *v.* ଉଦ୍ୟୋଗ ଭାଙ୍ଗିବା, ନିବାରଣ-ଅଟକ-କ ।

Detergent, *a.* ପରିଷ୍କାରକ, ମଳନାଶକ ।

Deteriorate, *v.* ମନ୍ଦ-ବଦଳିଂ-କ, ଖରାପ ହୋଇଯିବା । [ନତା ।

Deterioration, *s.* ଅପଗତ, ନଷ୍ଟକରଣ, ମ-

Determinate, *a.* ନିର୍ଦ୍ଧାରିତ, ନିଶ୍ଚିତ. ନିରୂପିତ । [ଅଭିପ୍ରାୟ, ନିର୍ଦ୍ଧାରଣ ।

Determination, *s.* ନିଶ୍ଚୟ, ଇଚ୍ଛା, ସ୍ଥିର,

Determine, *v.* ସ୍ଥିର- ନିଶ୍ଚୟ- ନିର୍ଦ୍ଧାରଣ-ନିଷ୍ପତ୍ତି-କ ।

Detest, *v.* ଘୃଣା-ଅତ୍ୟନ୍ତ ଅଶ୍ରଦ୍ଧା-ଅବଜ୍ଞା-କ ।

Detestation, *s.* ଅତି ଘୃଣା, ଅଶ୍ରଦ୍ଧା, ଦ୍ୱେଷଜ୍ଞାନ । [-କ ।

Dethrone, *v.* ସିଂହାସନଚ୍ୟୁତ- ରାଜ୍ୟଚ୍ୟୁତ

Detonation, *s.* ଫାଟିବାର ହଠାତ୍ ଶବ୍ଦ ।

Detract, *v.* ମାନ ବା ଯଶହାନି-ନିନ୍ଦା -କ ।

Detriment, *s.* ଅପକାର, କ୍ଷତି, ହାନି, ଲୋକସାନ ।

Deuce, *s.* ଭୂତ; ତାସ୍‌ଖେଳରେ ଦୁଇ, ଦୁଆ

Deuteronomy, *s.* ମୋଶା ରଚିତ ପଞ୍ଚମ ପୁସ୍ତକ, ଦ୍ୱିତୀୟ ବିବରଣ । [ଉପଦ୍ରବ ।

Devastation, *s.* ଉଚ୍ଛେଦ, ନାଶ, ଉତ୍ପାତ,

Develop, *v.* ପ୍ରକାଶ- ବିକାଶ- କ୍ରମେ ବୃଦ୍ଧି-ଅବସ୍ଥିତ-କ । [ନ୍ତ-ଦ୍ୱେ ।

Deviate, *v.* ବିପଥେ ଯିବା, ଭ୍ରମଣ-କ, ଭ୍ରା-

Deviation, *s.* ବିପଥଗମନ, ବକ୍ରଗତି. ଭ୍ରମ ।

Device, *s.* କଳ୍ପନା, ଛଳ,ଫିକର; ମୁଦ୍ରାର ଚିହ୍ନ

Devil, *s.* ଶୟତାନ, ଭୂତ. ମନ୍ଦଆତ୍ମା ।

Devilish, *a.* ଶୟତାନୀ,କୁସ୍‌ସିତ,ଭୌତିକ ।

Devious, *a.* ବିପଥଗାମୀ, ବଙ୍କା, ଭ୍ରମକ ।

Devise, *v.* କଳ୍ପନା-ଉପାୟ-ଚିନ୍ତା-କ; ଦାନପତ୍ରଦ୍ୱାରା ଦାନ-କ ।

Devoid, *a.* ଶୂନ୍ୟ, ହୀନ, ରହିତ, ବିନା, ବର୍ଜ୍ଜିତ

Devolve, *v.* ପଡିପଡିବା, ଅର୍ପଣ-କ ।

Devote, *v.* ଉତ୍ସର୍ଗ-ଦାନ- ସମର୍ପଣ-କ ।

Devoted, *a.* ଆସକ୍ତ, ପରାୟଣ, ଅନୁରକ୍ତ ।

Devotee, *s.* ଭକ୍ତ, ଯୋଗୀ, ତପସ୍ୱୀ, ସନ୍ନ୍ୟାସୀ

Devotion, *s.* ଭକ୍ତି, ଧର୍ମନିଷ୍ଠା; ଅନୁରାଗ, ଶ୍ରଦ୍ଧା ।

Devotional, *a.* ଧର୍ମସମ୍ବନ୍ଧୀୟ, ଭକ୍ତିଜନକ ।

Devour, *v.* ଗ୍ରାସ-କ, ଖାଇପକାଇବା ।

Devout, *a.* ଈଶ୍ୱରପରାୟଣ, ଧାର୍ମିକ, ଭକ୍ତ, ଧର୍ମିଷ୍ଠ. ଅକପଟ ।

Dew, *s.* ଶୀକର, ଶିଶିର, ନୀହାର: ହିମକଣା ।

Dewlap, *s.* ଗଳକମ୍ବଳ, ସାସ୍ନା ।

Dexter, *a.* ଡାହାଣ, ଦକ୍ଷିଣ, ଦକ୍ଷିଣସ୍ଥ ।

Dexterity, *s.* ଦକ୍ଷତା, ନିପୁଣତା, ଚତୁରତା, ଚଞ୍ଚଳ । [କଲ୍ଭ ।

Dexterous, *a.* ନିପୁଣ, ଦକ୍ଷ, ପଟୁ, ଯୋଗ୍ୟ-

Diabetes, *s.* ବହୁମୂତ୍ରରୋଗ, ପ୍ରସ୍ରାବମଧୁ ।

Diabolical, *a.* ଶୟତାନୀ, ଅତିଦୁଷ୍ଟ ।

Diadem, *s.* ମୁକୁଟ, କିରୀଟ, ଶିରୋଭୂଷଣ ।

Diagnose, *v.* ଲକ୍ଷଣଦ୍ୱାରା ପ୍ରକୃତି ନିର୍ଣ୍ଣୟ-କ ।

Diagnostic, *s.* ରୋଗନିର୍ଣ୍ଣାୟକ ଚିହ୍ନ, ବାହ୍ୟର ଲକ୍ଷଣ ।

Diagonal, *a.* ଏକ କୋଣରୁ ଅନ୍ୟ କୋଣପର୍ଯ୍ୟନ୍ତ ଅନ୍ତରେ ଯେଉଁ ରେଖା ଟଣାଯାଏ ।

Diagram, *s.* ଅନୁରୂପକ୍ଷେତ୍ର.ରେଖାମୟଚିତ୍ର ।

Dial, *s.* ଘଡିର ଉପରସ୍ଥ ଅଙ୍କିତଭାଗ, ସୂର୍ଯ୍ୟଘଡି, ରୌଦ୍ରଘଡି ।

Dialect, *s.* ପ୍ରଦେଶୀୟଭାଷା, ବାକ୍ୟ, ବୋଲି ।

Dialogue, *s.* କଥୋପକଥନ, ପ୍ରଶ୍ନୋତ୍ତର ।
Diameter, *s.* ବ୍ୟାସରେଖା, ମଣ୍ଡଳର ସମ-
ଦ୍ୱିଖଣ୍ଡକାରୀ ରେଖା । [ବା ବିପରୀତରୂପେ ।
Diametrically, *ad.* ଠିକ୍ ଉଲଟାଭାବରେ
Diamond, *s.* ହୀରା, ହୀରକମଣି ।
Diaper, *s.* ବୁଣା ଫୁଲଦିଆ ତୁଳାଲୁଗା ।
Diaphoretic, *a.* ସ୍ୱେଦ ବା ଝାଳଜନକ, ଘର୍ମୋତ୍ପାଦକ ।
Diarrhœa, *s.* ଗ୍ରହଣୀ, ଅଗ୍ନାଶୟ, ଅତିସାର,
ଉଦରପୀଡ଼ା । [ଦୈନିକ ।
Diary, *s.* ରୋଜନାମା, ଦିନର ଲେଖାପୁସ୍ତକ,
Dice, *s.* ପଶାଖେଳ, ଦ୍ୟୂତ, ଅକ୍ଷ, ପାଷ୍ଟି ।
Dictate, *s.* ଆଦେଶ, ଆଜ୍ଞା, ବିଧି ।—*v.* ଲେଖାଇବା, କର୍ତ୍ତୃତ୍ୱ-କ, ଆଜ୍ଞା-ଦେ ।
Dictation, *s.* ଶ୍ରୁତଲିଖନ ; ଆଜ୍ଞାକରଣ ।
Dictator, *s.* ଏକାଧିପତି,ଆଦେଶକ ।
Dictatorial, *a.* କର୍ତ୍ତୃତ୍ୱରୂପ, ଦାମ୍ଭିକ, ସାମର୍ଥ୍ୟବନ୍ତ ।
Diction, *s.* ଶବ୍ଦବିନ୍ୟାସ, ବାକ୍ୟପ୍ରବନ୍ଧ ।
Dictionary, *s.* ଅଭିଧାନ, ଶବ୍ଦକୋଷ, ଶବ୍ଦସଂଗ୍ରହ ।
Didactic, *a.* ଉପଦେଶକ, ଶିକ୍ଷାଦାୟକ ।
Die, *s.* ମୁଦ୍ରାର ଛେଣୀ; ରଙ୍ଗ, ବର୍ଣ୍ଣ ।
Die, *v.* ମରିବା, ପ୍ରାଣତ୍ୟାଗ-କ; ରଙ୍ଗ-ଦେ ।
Diet, *s.* ପଥ୍ୟ, ଆହାର, ଖୋରାକ; ସଭାସଭ ।
—*v.* ପଥ୍ୟ-କ, ଆହାର- ଖାଦ୍ୟ-ଦେ ।
Differ, *v.* ଭିନ୍ନ-ଅମେଳ-ଅନୈକ୍ୟ-ହେ ।
Difference, *s.* ବିଶେଷତ୍ୱ, ପ୍ରଭେଦ, ପାର୍ଥକ୍ୟ,
ଭେଦ, ବିବାଦ । [ମାନ, ଶେଷ ।
Different, *a.* ଭିନ୍ନ, ପୃଥକ୍, ଅତୁଲ୍ୟ, ଅସ-
Difficult, *a.* ଅସହଜ, ଦୁଷ୍କର, କଠିନ, କଷ୍ଟ
କ୍ଲେଶଦାୟକ ।
Difficulty, *s.* କଷ୍ଟ, କାଠିନ୍ୟ, କ୍ଲେଶ, ଦୁଃଖ ।

Diffidence, *s.* ଅସାହସ, ଅବିଶ୍ୱାସ, ସନ୍ଦେହ ।
Diffident, *a.* ମୃଦୁ, ସନ୍ଦେହଯୁକ୍ତ, ଭୀରୁ, ଅସାହସିକ ।
Diffuse, *a.* ବିସ୍ତାରିତ, ବ୍ୟାପ୍ତ ; ବାଙ୍ମୟ ।
—*v.* ବ୍ୟାପ୍ତ- ବିସ୍ତାରିତ-କ ।
Diffusely, *ad.* ବହୁଳ- ପ୍ରଶସ୍ତ- ବିସ୍ତାରିତ-
Diffusive, *a.* ବ୍ୟାପନଗୁଣବିଶିଷ୍ଟ । [ରୂପେ ।
Dig, *v.* ଖାଣିବା, ମାଟି ଖୋଳିବା, ଗର୍ତ୍ତ-କ ।
Digest, *s.* ସଙ୍କଳିତସଂଗ୍ରହ; ସ୍ମୃତି, ବ୍ୟବସ୍ଥା, ସଂହିତା ।
Digest, *v.* ପାକ-କ,ଜୀର୍ଣ୍ଣ-ହେ; ସାର ସଂଗ୍ରହ-କ
Digestion, *s.* ପାକ, ଜୀର୍ଣ୍ଣ, ଜାରଣ; ଶ୍ରେଣୀ-
କରଣ । [ଚତୁର୍ଥାଂଶ ।
Digit, *s.* ଏକରୁ ନଅ ପର୍ଯ୍ୟନ୍ତ ଅଙ୍କ; ଅଙ୍ଗୁଳିର
Digitated, *a.* ଅଙ୍ଗୁଳିର ପରି ଶାଖାଯୁକ୍ତ ।
Dignify, *v.* ଉଚ୍ଚପଦସ୍ଥ- ମର୍ଯ୍ୟାଦାବନ୍ତ- ଉ-
ନ୍ନତ-କ । [ରୋହିତ ।
Dignitary, *s.* ଉନ୍ନତବ୍ୟକ୍ତି, ଉଚ୍ଚପଦସ୍ଥ ପୁ-
Dignity, *s.* ଗୌରବ, ସମ୍ମାନ, ପ୍ରଭୁତ୍ୱ,ମହିମା ।
Digress, *v.* ବକ୍ରଗମନ-କ, ବାଟଛାଡ଼ିବା, ଅନ୍ୟ
ବାକ୍ୟ-କହ । [କଥା ।
Digression, *s.* କଥାର ମଧ୍ୟରେ କଥା, ପାଶ
Dike, *s.* ଖାଇ, ଖାଲ, ଜଳପଥ; ବନ୍ଧ ।
Dilapidate, *v.* ଜୀର୍ଣ୍ଣ-କ୍ଷୟ-ଭଗ୍ନ-ହେ; ନଷ୍ଟ-କ
Dilapidation, *s.* କ୍ଷୟ, ନାଶ, ଉଚ୍ଛିନ୍ନତା ।
Dilate, *v.* ବିସ୍ତାର- ପ୍ରଶସ୍ତ- ପ୍ରସାର-କ ।
Dilatory, *a.* ଅଳସୁଆ, ଧୀର, ଅସତ୍ୱର ।
Dilemma, *s.* ସନ୍ଦେହ, ଦ୍ୱିଧା, ବିକଳ୍ପ, କୁ-
ଚାପ, ଜଞ୍ଜାଳ । [ଲସ୍ୟ ।
Diligence, *s.* ମନୋଯୋଗ, ପରିଶ୍ରମ, ନିରା-
Diligent, *a.* ଶ୍ରମୀ,ଉଦ୍ୟୋଗୀ, ପ୍ରୟାସୀ,ଚଞ୍ଚଳ
Dilute, *v.* ପାତଳା- ତରଳ- ପାଣିଆ-କ ।
Dim, *a.* ଅସ୍ପଷ୍ଟ,ଜାଲିଜାଲୁଆ,ଝାପସା,ଧମଳ ।

Dimension, *s.* ପରିମାଣ, ମାପ, ପରିସର ।
Diminish, *v.* ହ୍ରାସ-ନ୍ୟୂନ-ଊଣା ବା କମ୍-କ
Diminution, *s.* ହ୍ରାସ, ଅଳ୍ପତା, ନ୍ୟୂନତା ।
Diminutive, *a.* କ୍ଷୁଦ୍ର, ସାନ, ଛୋଟ ।
Dimity, *s.* ଦମଟିବସ୍ତ୍ର, ଲୁଗାବିଶେଷ ।
Dimple, *s.* ଚିବୁକ ବା ଗାଲର ଟୋଲ ।
Din, *s.* ଧ୍ୱନି, ନାଦ, ଗୋଳଶବ୍ଦ, କୋଳାହଳ ।
Dine, *v.* ପ୍ରଧାନ ଭୋଜନ-କ, ଖାନାଖାଇବା ।
Dingy, *a.* ମଳିନ, ମାଟିଅରଙ୍ଗ, କଟାବର୍ଣ୍ଣ ।
Dinner, *s.* ପ୍ରଧାନ ଭୋଜନ, ଖାନା ।
Dint, *s.* ଆଘାତ, ଟୋଲ, ବଳ; ଯୋଗ ।
Diocesan, *s.* ପ୍ରଧାନ ଧର୍ମାଧ୍ୟକ୍ଷ ।
Diocese, *s.* ଧର୍ମାଧ୍ୟକ୍ଷର ଅଧିକାର ।
Dip, *v.* ବୁଡ-ଦେ, ବୁଡାଇବା, ମଗ୍ନ-କ ।
Diploma, *s.* ଯୋଗ୍ୟତାର ପ୍ରମାଣପତ୍ର,ସନଦ
Diplomacy, *s.* ରାଜପ୍ରତିନିଧି କର୍ମ, ରାଜସମ୍-
ବନ୍ଧୀୟ କାର୍ଯ୍ୟ; ଋଗୁସ୍ତ ।
Dipthong. *s.* ସ୍ୱରସନ୍ଧି, ଦ୍ୱିସ୍ୱର, ଯୁକ୍ତସ୍ୱର ।
Dire, Direful, *a.* ଦାରୁଣ, ଭୟାନକ,
ଘୋର ।
Direct, *a.* ସରଳ, ସିଧା, ସଳଖ ସ୍ପଷ୍ଟ ।
Direct, *a.* ଚଳାଇବା, ଲକ୍ଷ୍ୟ-ଆଜ୍ଞା-କ, ପଥ
ଦେଖାଇବା, ଶିକ୍ଷା-ଦେ । [ଦିଅ ।
Direction, *s.* ଶିକ୍ଷା, ଶିରୋନାମା, ନିୟମ;
Directly, *ad.* ଏକ୍ଷଣେ, ଏବେ, ସଳଖରୂପେ
Director, *s.* ଆଜ୍ଞାକର୍ତ୍ତା, ଅଧ୍ୟକ୍ଷ, ସମ୍ପାଦକ ।
Directory, *s.* ନାମ ଧାମ ପ୍ରଦର୍ଶକ ପୁସ୍ତକ ।
Dirge, *s.* ଶୋକୋକ୍ତିଗାୟନ,ମୃତସ୍ମରଣଗୀତ ।
Dirk, *s.* କ୍ଷୁଦ୍ର ତରୁଆର, ଯମଧାର, ଛୋରା ।
Dirt, *s.* କାଦୁଅ, ମଳ, କର୍ଦ୍ଦମ, ପଙ୍କ ।
Dirty, *a.* ଅପରିଷ୍କାର, ମଳିନ, ମଇଳା ।
Disability, *s.* ଅକ୍ଷମତା, ଅସାମର୍ଥ୍ୟ ।
Disable, *a.* ଅପାରଗ-ନିର୍ବଳ-ଅଶକ୍ତ-କ ।

Disabuse, *v.* ଭ୍ରମରୁ ମୁକ୍ତ-ଭୁଲଭଞ୍ଜନ-କ ।
Disadvantage, *s.* ଅପକାର, ବ୍ୟାଘାତ,
କ୍ଷତି, ହାନି । [କୌଶଳ ।
Disaffection, *s.* ଅସନ୍ତୋଷ, ବିରକ୍ତି, ଅ-
Disagree, *v.* ବିବାଦ-କ, ଅନୈକ୍ୟ-ବିପରୀତ-
ଭିନ୍ନମତ-ହେ ।
Disagreeable, *a.* ଅସନ୍ତୋଷକର, କୁତ୍ସିତ,
ଅତୁଷ୍ଟିକର । [ମିତ-ହେ ।
Disallow, *v.* ଅସ୍ୱୀକାର-ନିଷେଧ-କ, ଅସ-
Disannul, *v.* ଅନ୍ୟଥା-ବ୍ୟର୍ଥ-ଲୋପ-ରଦ୍-କ
Disappear, *v.* ଅନ୍ତର୍ଦ୍ଧାନ-ଅନ୍ତର୍ହିତ-ଅନ୍ତର-
ଅଦୃଶ୍ୟ-ହେ ।
Disappearance, *s.* ଅନ୍ତର୍ଦ୍ଧାନ । [ନିରାଶ-କ ।
Disappoint, *v.* ଆଶା ଭଙ୍ଗିବା, ବଞ୍ଚିତ-
Disapprobation, *v.* ଅସମ୍ମତି, ଅସ୍ୱୀକାର,
ଅସନ୍ତୋଷ, ଅପସନ୍ଦ । [ଣା-କ ।
Disapprove, *v.* ଅସମ୍ମତ-ଅସନ୍ତୁଷ୍ଟ-ହେ, ଘୃ-
Disarm, *v.* ନିରସ୍ତ୍ର-ଅସ୍ତ୍ରରହିତ- ଯୁଦ୍ଧାସ୍ତ୍ର
ହରଣ-କ ।
Disarrange, *v.* ଅଶୃଙ୍ଖଳ-ବ୍ୟତିକ୍ରମ- କ ।
Disaster, *s.* ବିପଦ, ଆପଦ,କ୍ଳେଶ,ଦୁର୍ଘଟଣା ।
Disastrous, *a.* ଅମଙ୍ଗଳ, ଅନିଷ୍ଟ, କ୍ଳେଶ-
ଦାୟକ ।
Disavow, *v.* ଅସ୍ୱୀକାର-ନାସ୍ତି-ଅପଲାପ-କ ।
Disavowal, *s.* ଅସ୍ୱୀକାର, ଅସମ୍ମତି, ଅପ-
ଲାପ । [ରି-ଦେ ।
Disband, *v.* ସୈନ୍ୟଦଳ ଭାଙ୍ଗିବା, ଛଡା-
Disbelief, *s.* ଅପ୍ରତ୍ୟୟ, ଅବିଶ୍ୱାସ,ଅନାସ୍ଥା ।
Disbelieve, *v.* ଅପ୍ରତ୍ୟୟ- ଅଶ୍ରଦ୍ଧା- ଅବି-
ଶ୍ୱାସ-କ ।
Disburden, *v.* ଭାରରୁ ମୁକ୍ତ-ନିର୍ଭାର-କ ।
Disburse, *v.* ଅର୍ଥବ୍ୟୟ-ଟଙ୍କାଖରଚ-କ ।
Disbursement, *s.* ଅର୍ଥବ୍ୟୟ, ଟଙ୍କାଖରଚ ।

Disc, *s.* ସୂର୍ଯ୍ୟାଦିର ପରିବେଶ ବା ମଣ୍ଡଳ; ଚକ୍ର ।
Discard, *v.* କର୍ମଚ୍ୟୁତ କ ଛୁଟି-ଘୁଞ୍ଚ-ଦେ, ପଦଭ୍ରଷ୍ଟ-କ ।
Discern, *v.* ଦେଖିବା, ଚିହ୍ନିବା, ବୁଝିବା ।
Discerning, *a.* ବିଜ୍ଞ, ସୁବୁଦ୍ଧି, ଦୂରଦର୍ଶୀ, ବିବେକୀ ।
Discernment, *s.* ବୁଦ୍ଧି ବିବେଚନା, ଜ୍ଞାନ ।
Discharge, *s.* କର୍ମଚ୍ୟୁତି, ବିଦାୟ, ମୋଚନ, ପରିଶୋଧ; ସାଧନ ।—*v.* କର୍ମଚ୍ୟୁତ-ବିଦାୟ-କ; ମୁକ୍ତ-କ, ପରିଶୋଧ-ସାଧନ-କ; ବନ୍ଧୁକ-ମାରିବା ।
Disciple, *s.* ଶିଷ୍ୟ, ଛାତ୍ର, ସେବକ, ପନ୍ଥୀ, ସୁଧ ।
Disciplinarian, *s* କଠିନ ଶାସନକର୍ତ୍ତା, ଦୃଢ଼ ଶାସ୍ତା । [ଦଣ୍ଡ ।
Discipline, *s.* ଶାସନ ଧାରା, ଶିକ୍ଷା, ଶାନ୍ତି,
Disclaim, *v.* ଅସ୍ୱୀକାର-ପରିତ୍ୟାଗ-ଅନଙ୍ଗୀକାର-କ ।
Disclose, *v.* ବ୍ୟକ୍ତ-ପ୍ରକାଶ-ପ୍ରଚାର-କ ।
Disclosure, *s.* ଗୁପ୍ତ ବିଷୟ ପ୍ରକାଶ, ପ୍ରଚାର ।
Discolour, *v.* ବିବର୍ଣ୍ଣ-ମଳିନ-ବିଦରଙ୍ଗ-କ ।
Discomfit, *v.* ପରାଜୟ-ପରାସ୍ତ-କ, ଛଡ଼ିବା ।
Discomfiture, *s.* ହାର, ପରାଭବ, ପରାଜୟ
Discomfort, *s.* ଅସୁଖ, ଅଶାନ୍ତି: ଦୁଃଖ, କଷ୍ଟ ।
Discompose, *v.* ଅସ୍ଥିର-ବ୍ୟସ୍ତ-ଗୋଳମାଳ-କ
Discomposure, *s.* ଅସ୍ଥିରତା, ବୈଲକ୍ଷଣ୍ୟ, ଉଦ୍ବେଗ, ଘାବରାଣି ।
Disconcert, *v.* ଅପ୍ରସ୍ତୁତ-ଘାବର-ବ୍ୟସ୍ତ-କ ।
Disconnect, *v.* ଛିନ୍ନ-ଅସଂଲଗ୍ନ-ପୃଥକ-କ ।
Disconsolate, *a.* ବିଷର୍ଣ୍ଣ, ଖେଦିତ, ଉଦାସ, ନିରାଶ । [ଗ. ଅତୃପ୍ତି ।
Discontent, *s.* ଅସନ୍ତୋଷ, ଅତୁଷ୍ଟି, ଉଦ୍ବେ-
Discontinue, *v.* ନିବୃତ୍ତ-କ୍ଷାନ୍ତ-ବନ୍ଦ-କ ।
Discord, *s.* ଅନୈକ୍ୟ, ଅମେଳ, ବିବାଦ, ବିରୋଧ ।
Discordant, *a.* ଅସଙ୍ଗତ, ଅଯୋଗ୍ୟ, ଅମିଳିତ, ବିପରୀତ ।
Discount, *s.* ଟଙ୍କାର ବଟା, ବ୍ୟାଜ, ଶୋଧ ।
Discountenance, *v.* ଅନାଦର ଉତ୍ସାହଭଙ୍ଗ-କ । [ଲାଗିବା, ପ୍ରତିକୂଳ-ହେ ।
Discourage, *v.* ନିରାଶ ନିରୁତ୍ସାହ-କ, ଉଦ୍ୟ-
Discourse, *s.* ଆଳାପ, କଥାବାର୍ତ୍ତା, ଧର୍ମୋପଦେଶ, ପ୍ରବନ୍ଧ ।—*v.* ବକ୍ତୃତା-କ । [ଶୀଳ ।
Discourteous, *a.* ଅଶିଷ୍ଟ, ଅସଭ୍ୟ, ଦୁଃ-
Discover, *v.* ବ୍ୟକ୍ତ-ପ୍ରକାଶ-କ, ସନ୍ଧାନ ପାଇବା, ଆବିଷ୍କାର-କ । [ଅନ୍ୱେଷଣ ।
Discovery, *s.* ଗୁପ୍ତବିଷୟର ପ୍ରକାଶ, ସନ୍ଧାନ,
Discredit, *s.* ଅପମାନ, ଅବିଶ୍ୱାସ, ଅଖ୍ୟାତି, ଅନାଦର । [ଅବିଶ୍ୱାସୀ ।
Discreditable, *a.* ଲଜ୍ଜାଜନକ, ଅମାନ୍ୟ;
Discreet, *a.* ପରିଣାମଦର୍ଶୀ, ପ୍ରାଜ୍ଞ, ଧୀର, ସାବଧାନ, ବିବେକୀ । [ଭାବରେ ।
Discreetly, *ad.* ବିବେଚନା ପୂର୍ବକ, ସତର୍କ-
Discrepancy, *s.* ବିଭିନ୍ନତା, ବୈଲକ୍ଷଣ୍ୟ, ବ୍ୟତିକ୍ରମ, ପ୍ରଭେଦ ।
Discretion, *s.* ବିବେଚନା, ସୁବୁଦ୍ଧି, ବିବେକ, ସତର୍କତା ; ଯଥେଚ୍ଛା ।
Discretionary, *a.* ସ୍ୱେଚ୍ଛାଧୀନ, ଅବାଧିତ ।
Discriminate, *v.* ଭେଦାଭେଦ-ପୃଥକ୍-କ, ଚିହ୍ନିବା, ବିବେଚନା-କ ।
Discrimination, *s.* ପ୍ରଭେଦ, ବିବେଚନା ।
Discursive, *a.* ଇତସ୍ତତଃ, ଭ୍ରମଣଶୀଳ, ଅପ୍ରାସଙ୍ଗିକ ।
Discus, *s.* ଚକ୍ର, ଲେଖକାଟ ଲୌହଚକ୍ର ।
Discuss, *v.* ବିଚାର-ବିତର୍କ-ବିତଣ୍ଡା-କ ।
Disdain, *s.* ଦ୍ୱେଷ୍ୟଜ୍ଞାନ, ଅନାଦର, ତୁଚ୍ଛ ।

Disease, *s.* ରୋଗ, ପୀଡ଼ା, ବ୍ୟାଧି, ବ୍ୟା-ମୋହ । [ଉତ୍ତରିବା ।

Disembark, *v.* ନୌକାରୁ ଓହ୍ଲାଇବା ବା

Disembodied, *a.* ଦେହହୀନ, ତ୍ୟକ୍ତଦେହ, ଅଶରୀରୀ ।

Disembowel, *v.* ଅନ୍ତବୁଜୁଳା ବାହାର-କ ।

Disencumber, *v.* ଭାରରୁ ମୁକ୍ତ-କ ବା ଉ-ଦ୍ଧାର-କ ।

Disengage, *v.* ଛାଡ଼ିବା, ବନ୍ଧନ ଖୋଲିବା, ମୁକ୍ତ-କ ।

Disentangle, *v.* ବନ୍ଧନରୁ ମୁକ୍ତ-କ ।

Disesteem, *s.* ଅଭକ୍ତି, ଅନାଦର, ପରିହାର ।

Disfavour, *s.* ଅପ୍ରସନ୍ନତା, ନାରାଜ । [-କ ।

Disfigure, *v.* ବିମୂର୍ତ୍ତି-ବିରୂପ-ବିକୃତାକାର ।

Disfranchise, *v.* ସାମାଜିକ କ୍ଷମତା ଚ୍ୟୁତ-କ ।

Disgorge, *v.* ଉଦ୍ଗାର- ବମନ- ବାନ୍ତି-କ ।

Disgrace, *s.* ଅପମାନ, ଅନାଦର, ଅଖ୍ୟାତି, କଲଙ୍କ ।

Disguise, *s.* ଛଦ୍ମବେଶ, କପଟବେଶ, ଭଙ୍ଗିମା ।

Disgust, *s.* ଅରୁଚି, ଘୃଣା, ବିରକ୍ତି, ମନକ୍ଷୋଭ ।

Dish, *s.* ଭୋଜନପାତ୍ର, ବାସନ, ଥାଳୀ ।

Dishabille, *s.* ଘରେ ପିନ୍ଧିବା ବସ୍ତ୍ର, ଅଲଗା-ପରିଚ୍ଛଦ ।

Dishearten, *v.* ମନୋଭଙ୍ଗ- ନିରାଶ-କ ।

Dishevel, *v.* କେଶ ମୁକ୍ତ-କ, ବାଳଫିଟାଇବା ।

Dishonest, *a.* ଅସରଳ, ପ୍ରବଞ୍ଚକ, ଅବିଶ୍ୱସ୍ତ, ଦୁଷ୍ଟ । [ଳତା ।

Dishonesty, *s.* ପ୍ରବଞ୍ଚନା, ଖଳତା, ଅସର-

Dishonour, *s.* ଅପମାନ, ଅସମ୍ଭ୍ରମ, ତିରସ୍କାର ।—*v.* ଅପମାନ- ଅନାଦର- ଅମର୍ଯ୍ୟାଦା-ଭୁକ୍ତ-କ ।

Disinclination, *s.* ଅନିଚ୍ଛା, ଅଶ୍ରଦ୍ଧା, ବିମତ

Disinfect, *v.* ସଂକ୍ରାମକ ରୋଗରୁ ପରିଷ୍କାର-କ

Disingenuous, *a.* କୁଟିଳ, ଅସରଳ, ଖଳ, ଚତୁର ।

Disinherit, *v.* ପୈତୃକଧନରୁ ଅନଧିକାର-କ ।

Disinter, *v.* କବରରୁ ବାହାର-କ ।

Disinterested, *a.* ନିର୍ଲୋଭ, ନିଃସ୍ୱାର୍ଥ, ଅପକ୍ଷପାତୀ ।

Disjoin, *v.* ବିଯୋଗ- ପୃଥକ୍- ବିଚ୍ଛେଦ-କ ।

Disjoint, *v.* ଅସନ୍ଧି କ, ଗଣ୍ଠି ଫିଟାଇବା ।

Disjunction, *s.* ଅସନ୍ଧି, ପାର୍ଥକ୍ୟ, ବିଚ୍ଛେଦ ।

Disjunctive, *a.* ବିଚ୍ଛେଦକ, ବିଭେଦକ ।

Dislike, *s.* ଅରୁଚି, ଘୃଣା, ଅସମ୍ମତି ।

Dislocate, *v.* ଗଣ୍ଠି ଭାଙ୍ଗିବା, ସ୍ଥାନାନ୍ତର-କ ।

Dislodge, *v.* ସ୍ଥାନାନ୍ତର-ବାହାର-କ,ତଡ଼ି-ଦେ

Disloyal, *a.* ପ୍ରଭୁଭକ୍ତିହୀନ, ରାଜ ଶାସନରେ ଅସମ୍ମତ ।

Dismal, *a.* ଅନ୍ଧକାରମୟ, ଖେଦଜନକ, ନିରାନନ୍ଦ, ଭୟଙ୍କର ।

Dismantle, *v.* ବିବସ୍ତ୍ର- ଅସଜ୍ଜ- ବିନାଶ-କ ।

Dismast, *v.* ମାସ୍ତୁଲଶୂନ୍ୟ- ବିମାସ୍ତୁଲ-କ ।

Dismay, *s.* ଭୟ, ଶଙ୍କା, ତ୍ରାସ, ନିରାଶ, ଉଦ୍ବେଗ ।

Dismember, *v.* ଅଙ୍ଗ ଛେଦନ-କ, ଅବୟବ ଛେଦନ-କ । [ପଦଚ୍ୟୁତ-କ ।

Dismiss, *v.* ବିଦାୟ-କ, ଛୁଟି- ଛାଡ଼-ଦେ,

Dismissal, *s.* ବିଦାୟ, ଚ୍ୟୁତକରଣ ।

Dismount, *v.* ଅବରୋହଣ-କ, ଅଶ୍ୱାଦିରୁ ଓହ୍ଲାଇବା । [ଅବମାନନା ।

Disobedience, *s.* ଆଜ୍ଞାଲଙ୍ଘନ, ଅବାଧ୍ୟତା,

Disobedient, *a.* ଆଜ୍ଞାଲଙ୍ଘନକାରୀ, ଅବଶ, ଅବାଧ୍ୟ ।

Disobey, *v.* ଆଜ୍ଞା ଲଙ୍ଘନ-କ, ଆଜ୍ଞା ଭାଙ୍ଗିବା, ଅମାନ୍ୟ-ହେ ।

Disoblige, *v.* ଅସନ୍ତୁଷ୍ଟ-ବେକାର-ଅପକାର-କ

Disobliging, *pa.* ଅନୁପକାରୀ, ଅସୁଶୀଳ, ଅନନୁରୋଧୀ ।

Disorder, *s.* ଗୋଳମାଳ, ଲଣ୍ଡଭଣ୍ଡ ; ରୋଗ ।

Disorganise, *v.* ବନ୍ଦୋବସ୍ତ-ବ୍ୟବସ୍ଥା- ଶୃଙ୍ଖଳା-ଭଙ୍ଗ-କ ।

Disown, *v.* ଅସ୍ୱୀକାର- ତ୍ୟାଗ- ଅପହ୍ନବ-କ ।

Disparage, *v.* ତୁଳନାଦ୍ୱାରା ତୁଚ୍ଛାଦର-କ, ତୁଚ୍ଛ-ଅବଜ୍ଞା-କ ।

Disparagement, *s.* ନିନ୍ଦା, ଅପମାନ, ତିରସ୍କାର, ହେୟଜ୍ଞାନ ।

Disparity, *s.* ଅସମାନତା, ଅତୁଲ୍ୟତା, ପ୍ରଭେଦ, ତାରତମ୍ୟ । [ଅପକ୍ଷପାତୀ ।

Dispassionate, *a.* ଧୀର, ସ୍ଥିରମନା, ଶାନ୍ତ,

Dispatch, *v.* ବେଗେ ପଠାଇବା, ଶୀଘ୍ର ଶେଷ-କ ; ବଧ-କ । [ଉଡାଇବା ।

Dispel, *v.* ଦୂର-କ, ଖେଦିବା, ଘୁଞ୍ଚାଇବା,

Dispensary, *s.* ଔଷଧାଳୟ, ଦବାଇଖାନା ।

Dispensation, *s.* ବଣ୍ଟନ ; ମନୁଷ୍ୟର ପ୍ରତି ଈଶ୍ୱରଙ୍କର ବ୍ୟବହାର ।

Dispense, *v.* ବାଣ୍ଟିବା, ବିତରଣ-କ ।

Dispeople, *v.* ଲୋକଶୂନ୍ୟ-ନିର୍ଜନ-ଉଚ୍ଛିନ୍ନ-କ ।

Disperse, *v.* ଛିନ୍ନଭିନ୍ନ-କ, ଛଡାଇବା ।

Dispirit, *v.* ନିରସ- ଦୁର୍ବଳ- ସାହସହୀନ-କ ।

Displace, *v.* ସ୍ଥାନାନ୍ତର- ପଦଚ୍ୟୁତ-କ ।

Display, *s.* ଐଶ୍ୱର୍ଯ୍ୟ, ଆଡମ୍ବର, ଦର୍ଶନ ।— *v.* ଦେଖାଇବା, ପ୍ରକାଶ-ପ୍ରସାର-ବିସ୍ତାର-କ ।

Displease, *v.* ଅସନ୍ତୁଷ୍ଟ- ବିରକ୍ତ- ରୁଷ୍ଟ-କ ।

Displeasure, *s.* ଅସନ୍ତୋଷ, କ୍ରୋଧ, ବିରକ୍ତି । [ତାମାସା-କ ।

Disport, *v.* କ୍ରୀଡା- କୌତୁକ ଖେଳ- ରଙ୍ଗ-

Disposal, *s.* ଅଧୀନ, ଅଧିକାର, ନିରୂପଣ, ବିକ୍ରୟ

Dispose, *v.* ବିନ୍ୟସ୍ତ- ଦାନ-କ ; ସଜାଡିବା ; ଇଚ୍ଛୁକ-ହେ ; ସମାପ୍ତ- ସାଙ୍ଗ-କ ।

Disposed, *a.* ମନୋନୀତ, ବିନୀତ, ଇଚ୍ଛୁକ ।

Disposer, *s.* ନିୟନ୍ତ୍ରଣକର୍ତ୍ତା, ଦାତା, ଶାସନକର୍ତ୍ତା ।

Disposition, *s.* ପ୍ରକୃତି, ମତ, ଗୁଣ, ଧାତୁ, ମେଜାଜ । [ବିଚ୍ଛିନ୍ନ-କ ।

Dispossess, *v.* ଅଧିକାରଚ୍ୟୁତ-କ, ସ୍ୱତ୍ୱ-

Disproof, *s.* ପ୍ରମାଣ ଖଣ୍ଡନ, ଅଯଥାର୍ଥ୍ୟକରଣ ।

Disproportion, *s.* ଅସମାନତା, ଅମେଳ, ଅତୁଲ୍ୟତା । [ପ୍ରମାଣ-କ ।

Disprove, *v.* ଖଣ୍ଡାଇବା, ଅଯାଥାର୍ଥ୍ୟ- ଅ-

Disputable, *a.* ଖଣ୍ଡନଯୋଗ୍ୟ, ତର୍କ୍ୟ, ଖଣ୍ଡନୀୟ ।

Dispute, *s.* ବିବାଦ, ବିରୋଧ, ଝଗଡା, କଳି ।

Disqualify, *v.* ଅଯୋଗ୍ୟ- ଅପାରଗ- ଅକ୍ଷମ- ଅନୁପଯୁକ୍ତ-କ । [ବ୍ୟସ୍ତ-କ ।

Disquiet, *v.* ଅସ୍ଥିର- ଉଦ୍‌ବିଗ୍ନ- ବିରକ୍ତ-

Disquietude, *s.* ଅସ୍ଥିରତା, ଉଦ୍‌ବେଗ, ଚଞ୍ଚଳ, ବିପଦ । [ବିତର୍କ ।

Disquisition, *s.* ବ୍ୟାଖ୍ୟା, ବିବରଣ, ପ୍ରସଙ୍ଗ,

Disregard, *s.* ଅବଜ୍ଞା, ଅବହେଳା, ଅଶ୍ରଦ୍ଧା, ଅମନୋଯୋଗ ।

Disrelish, *s.* ଅରୁଚି, ବିସ୍ୱାଦ, ଘୃଣା, ଅନିଚ୍ଛା ।

Disreputable, *a.* ଅପମାନଜନକ, ଅଖ୍ୟାତିକର, ଅପ୍ରଶଂସନୀୟ । [ଅପଯଶଃ ।

Disrepute, *s.* ଅଖ୍ୟାତି, ଅପମାନ, ଅମର୍ଯ୍ୟାଦା,

Disrespect, *s.* ହେଳା, ଅନାଦର, ଅସମ୍ଭ୍ରମ, ଅପମାନ । [ଅଶିଷ୍ଟ ।

Disrespectful, *a.* ଅନାଦରକାରୀ, ଅସଭ୍ୟ,

Disrobe, *v.* ବିବସ୍ତ୍ର- ଅନାବୃତ-କ, ପରିଚ୍ଛଦ-ତ୍ୟାଗ-କ ।

Disruption, *s.* ବିଦାରଣ, ଭେଦ, ଫାଟ ।

Dissatisfaction, *s.* ଅସନ୍ତୋଷ, ଅପରିତୋଷ, ବିରସ, ଅତୃପ୍ତି ।

Dissect, *v.* ଶବର ବ୍ୟବଚ୍ଛେଦ-ଖଣ୍ଡ-କ ।
Dissemble, *v.* କପଟ- ଛଳ-ଗୋପନ-କ ।
Disseminate, *v.* ବପନ-ବ୍ୟାପ୍ତ-ବିସ୍ତାର-କ ।
Dissension, *s.* ଅନୈକ୍ୟ, ବିରୋଧ, ଅମେଳ, ମତଭେଦ । [ମ୍ମତି-ଦେ ।
Dissent, *v.* ବିବେଚନାରେ ଅନୈକ୍ୟ- ଅସ-
Dissertation, *s.* ଉପଦେଶ, ବିବରଣ, ପ୍ରବନ୍ଧ
Disservice, *s.* ଅପକାର, ହିଂସା, ଅନିଷ୍ଟ ।
Dissever, *v.* ଦ୍ୱିଖଣ୍ଡ- ଦ୍ୱିଭାଗ- ବିଯୋଗ-କ ।
Dissimilar, *a.* ଅସଦୃଶ, ଅତୁଲ୍ୟ, ଅସମାନ ।
Dissimilarity, *s.* ବିଶେଷ, ଅସାଦୃଶ୍ୟ, ପ୍ର-ଭେଦ, ଅତୁଲ୍ୟତା, ଅସାମ୍ୟ । [ପ୍ରତାରଣା ।
Dissimulation, *s.* କପଟବେଶ, କାପଟ୍ୟ,
Dissipate, *v.* ଉଡାଇବା, ଅପବ୍ୟୟ- ଅପ-ଚୟ-କ । [ଷ୍ଟାଚାର ।
Dissipation, *s.* ଅପବ୍ୟୟ, ଧନକ୍ଷେପ, ଦୁ-
Dissolute, *a.* ଲମ୍ପଟ, ଲୁଚ୍ଚା, ଖେଚଡା, ଦୁଷ୍ଟାଚାର । [ଗଳନ, ସନ୍ଧିଭଙ୍ଗ ।
Dissolution, *s.* ମରଣ, ନାଶ, ଦ୍ରବକରଣ,
Dissolve, *v.* ଗଳି ଯିବା, ତରଳାଇବା, ଦ୍ରବ-ହେବ; ସନ୍ଧି ଭାଙ୍ଗିବା ବା ବଦାସ୍ତ-କ । [ବକ ।
Dissolvent, *a.* ଗଳନଶୀଳ, ଦ୍ରବକାରୀ, ଦ୍ରା-
Dissonance, *s.* ସ୍ୱରର ଅମେଳନ, ଅନୈକ୍ୟ ।
Dissonant, *a.* ଅମେଳିତ, ଶ୍ରୁତିକଟୁ, କୁସ୍ୱର, କର୍କଶ । [ନିବୃତ୍ତ କରାଇବା ।
Dissuade, *v.* ବିପରୀତପରାମର୍ଶ-ଦେ, କଥାଦ୍ୱାରା
Dissuasive, *a.* ନିରସ୍ତକାରୀ, ନିବର୍ତ୍ତକ, ଶାନ୍ତି-ଜନକ ।
Dissyllable, *s.* ଦ୍ୱିସ୍ୱରଶବ୍ଦ, ଦ୍ୱ୍ୟକ୍ଷରପଦ ।
Distaff, *s.* କପାସ ଅରଟର ଡାଙ୍କୁଡ, ଟାକୁଆ ।
Distance, *s.* ଦୂର, ଅନ୍ତର, ତଫାତ୍, ଅନା-ଲାପ । [ଅନାଳାପୀ ।
Distant, *a.* ଦୂରବର୍ତ୍ତୀ, ଦୂରସ୍ଥ, ଅନେକ କାଳର

Distaste, *s.* ଅରୁଚି, ବିତୃଷ୍ଣା, ଘୃଣା, ଅନିଚ୍ଛା ।
Distemper, *s.* ରୋଗ, ପୀଡା, ଅସ୍ୱାସ୍ଥ୍ୟ, ଅସୁସ୍ଥ
Distend, *v.* ବିସ୍ତୀର୍ଣ୍ଣ- ବିସ୍ତାର-କ, ଫୁଲିବା ।
Distich, *s.* ଦ୍ୱିଚରଣ ଶ୍ଳୋକ, ଦୋହା ।
Distil, *v.* ଝରିବା, ଚୁଆଇବା, ଟୋପାଟୋପା ହୋଇ ପଡିବା । [ତାର ।
Distillery, *s.* ମଦ୍ୟର ଭାଟୀ, ମଦ୍ୟଝରଣା-
Distinct, *a.* ଭିନ୍ନ, ପୃଥକ୍, ସ୍ପଷ୍ଟ, ପ୍ରତ୍ୟକ୍ଷ, ଅନ୍ୟ
Distinction, *s.* ପ୍ରଭେଦ, ବିଶେଷ, ବିଭିନ୍ନତା; ମର୍ଯ୍ୟାଦା, ସମ୍ଭ୍ରମ । [ବୋଧକ ।
Distinctive, *a.* ପ୍ରଭେଦସୂଚକ, ବିଶେଷ-
Distinctly, *ad.* ସ୍ପଷ୍ଟ-ବ୍ୟକ୍ତ-ରୂପେ, ସବିଶେଷେ
Distinguish, *v.* ଭେଦାଭେଦ ଜାଣିବା, ଇତରବିଶେଷେ ଚିହ୍ନିବା; ସମ୍ମାନ୍ତ-କ ।
Distinguished, *a.* ମର୍ଯ୍ୟାଦାବନ୍ତ, ପ୍ରସିଦ୍ଧ, ଅତ୍ୟୁତ୍ତମ, ସୁଖ୍ୟାତିମନ୍ତ ।
Distort, *v.* ବକ୍ରିତ-କ, ମୋଡିବା, ଅର୍ଥ ଉଲ୍ଟାଇବା, ଅନ୍ୟଥା-କ ।
Distract, *v.* ବିରକ୍ତ-କ, ବ୍ୟସ୍ତ ବା ଉଦ୍‌ବିଗ୍ନ-କ ।
Distracted, *a.* କ୍ଷିପ୍ତ, ଉଦ୍‌ବିଗ୍ନଚିତ୍ତ, ଉନ୍ମତ୍ତ, ପାଗଳ ।
Distrain, *v.* କ୍ରୋକ-କ, ଅଟକାଇବା, ଧରିବା ।
Distraint, *s.* କ୍ରୋକକରଣ, ନିରୋଧ, ଅଟକ ।
Distress, *s.* ଦୁଃଖ, ଦୁର୍ଗତି, କ୍ଲେଶ, ସନ୍ତାପ; କ୍ରୋକକରଣ ।—*v.* ଦୁଃଖ-ପୀଡା-କ୍ଲେଶ-ଦେ
Distressing, *a.* ଦୁଃଖଜନକ, କ୍ଲେଶଦାୟକ ।
Distribute, *v.* ବିଭାଗ-ବିତରଣ-କ; ବାଣ୍ଟିବା
District, *s.* ପ୍ରଦେଶ, ପଲ୍ଲୀ, ଜିଲ୍ଲା, ପରଗଣା, ଅଞ୍ଚଳ ।
Distrust, *s.* ଅପ୍ରତ୍ୟୟ, ଅବିଶ୍ୱାସ, ସନ୍ଦେହ ।
Disturb, *v.* ବ୍ୟସ୍ତ- ବ୍ୟାକୁଳ- ହକ୍-କ ।
Disturbance, *s.* ଗଣ୍ଡଗୋଳ, କଳହ, ଗୋ-ଳମାଳ, ଦଙ୍ଗା ।

Disunion, *s.* ବିୟୋଗ, ବିଚ୍ଛେଦ, ପାର୍ଥକ୍ୟ, ଅନୈକ୍ୟ।

Disunite, *v.* ପୃଥକ୍- ବିଭିନ୍ନ-ବିଚ୍ଛେଦ-କ।

Disuse, *s.* ଅବ୍ୟବହାର, ନିବୃତ୍ତି।

Ditch, *s.* ଗଡ଼ଖାଇ, ଖାତ, ଖଣା, ଗର୍ତ୍ତ।

Ditto, *ad.* ଏକାର, ତଥା, ଏମନ୍ତ, ସେପରି।

Ditty, *s.* ସଂକ୍ଷିପ୍ତ ଗୀତ ବା କବିତା, ଗାନ।

Diuretic, *a.* ମୂତ୍ରୋତ୍ପାଦକ, ମୂତ୍ରବର୍ଦ୍ଧକ।

Diurnal, *a.* ଦିବସୀୟ, ଦୈନିକ, ପ୍ରାତ୍ୟହିକ।

Divan, *s.* ତୁରସ୍କଦେଶୀୟ ରାଜସଭାଗୃହ; ଅ-ସନ ବିଶେଷ। [-ହେ।

Dive, *v.* ବୁଡ଼-ହେ, ଗୋତାମାରିବା, ମଗ୍ନ

Diverge, *v.* ଏକସ୍ଥାନରୁ ନାନା ଦିଗକୁ ଯିବା, ବିଭିନ୍ନ-ହେ।

Divers, *a.* ନାନା, ବିବିଧ, ଅନେକ, ବହୁ।

Diverse, *a.* ଅତୁଲ୍ୟ, ଭିନ୍ନ, ଅନ୍ୟପ୍ରକାର, ବିପରୀତ।

Diversion, *s.* କୌତୁକ, ଖେଳା, ଲୀଳା, ରହସ୍ୟ, ବିଭ୍ରମ।

Diversity, *s.* ବିଭିନ୍ନତା, ନାନାବିଧ, ଅସାମ୍ୟ।

Divert, *v.* ପଥାନ୍ତରଗ କରାଇବା, ରହସ୍ୟ-ନିବୃତ୍ତ- ତୁଷ୍ଟ-କ।

Diverting, *a.* କୌତୁକୀ, ରସିକ, ତୁଷ୍ଟିକର।

Divest, *v.* ହରଣ- ବିବସ୍ତ୍ର- ଉଲଙ୍ଗ-କ।

Divide, *v.* ବିଭିନ୍ନ-ବିଭାଗ-ଅଂଶ-ବଣ୍ଟନ-କ।

Dividend, *s.* ଭାଗ, ଲଭ୍ୟାଂଶ, ଭାଜ୍ୟ ଅଙ୍କ।

Divination, *s.* ଭବିଷ୍ୟତ୍କଥନ, ଗଣକତା।

Divine, *s.* ଧର୍ମଶାସ୍ତ୍ରଜ୍ଞ, ଧର୍ମୋପଦେଶକ। —*a.* ଐଶ୍ୱରିକ, ସ୍ୱର୍ଗୀୟ; ପାରମାର୍ଥିକ। —*v.* ଭବିଷ୍ୟଦ୍ବାକ୍ୟ-କହ, ଗଣନା କରି ଶୁଭାଶୁଭ-କହ। [ଦୈବଜ୍ଞ।

Divinity, *s.* ଈଶ୍ୱରତ୍ୱ, ଐଶ୍ୱରିକ ବିଦ୍ୟା.

Divisible, *a.* ବିଭାଜ୍ୟ, ଭେଦ୍ୟ, ଅଂଶନୀୟ।

Division, *s.* ଭାଗ, ବାଣ୍ଟ; ଅପହରଣ, ବି-ଚ୍ଛେଦ; ଅନୈକ୍ୟ।

Divisor, *s.* ଭାଜକ ଅଙ୍କ।

Divorce, *s.* ବିବାହ ବନ୍ଧନ ବିଚ୍ଛେଦ, ଛାଡପତ୍ର, ବିଚ୍ଛେଦ। —*v.* ପୃଥକ୍- ବିବାହବନ୍ଧନ ଛେଦ-କ, ଛାଡପତ୍ର-ଦେ।

Divulge, *v.* ବ୍ୟକ୍ତ-ପ୍ରକାଶ-ପ୍ରଚାର-କ।

Dizzy, *a.* ଘୂରୁଣିଆ, ଭ୍ରମୀ, ମତିଭ୍ରମ, ଅ-ଚେତନ।

Do, *v.* କରିବା, ନିର୍ବାହ- ସାଙ୍ଗ-କ।

Docile, *a.* ଧୀର, ବଶ୍ୟ, ନମ୍ର, ସୁବୋଧ।

Docility, *s.* ନମ୍ରତା, ବଶ୍ୟତା, ଶିଷ୍ଟତା, ଶିକ୍ଷା-ଶୀଳତା।

Dock, *s.* ଜାହାଜ ବନାଇବା ବା ରଖିବା ସ୍ଥାନ; ଅଦାଲତରେ ଅପରାଧୀ ଠିଆ ହେବା ସ୍ଥାନ।

Dock, *v.* ଲାଙ୍ଗୁଡ଼ କାଟିବା; ଜାହାଜ ଘେଧା-ରେ ରଖିବା। [ସ୍ଥାନ।

Dockyard, *s.* ଜାହାଜର ନିର୍ମାଣ ବା ମରାମତ

Doctor, *s.* ଚିକିତ୍ସକ, ବୈଦ୍ୟ; ବିଦ୍ୱାନ; ବିଶ୍ୱ-ବିଦ୍ୟାଳୟର ସର୍ବୋଚ୍ଚ ପଦବୀ।

Doctrine, *s.* ଶିକ୍ଷା, ଉପଦେଶ; ମତ।

Document, *s.* କାଗଜପତ୍ର, ନିଦର୍ଶନପତ୍ର, ଅଦେଶରୂପେ, ଦଲିଲ। [ଫେରିବା।

Dodge, *v.* ଛଳ- ପ୍ରତାରଣା-କ, ପଳାଇ

Doe, *s.* ହରିଣୀ, ମୃଗୀ, ମୃଗଣୀ।

Doer, *s.* କାରକ, କର୍ମକର୍ତ୍ତା, କରିବାଲୋକ।

Doff, *v.* ବସ୍ତ୍ରତ୍ୟାଗ-କ, ଛାଡିବା।

Dog, *s.* କୁକ୍କୁର, କୁକୁର, ଶ୍ୱାନ, କୁତ୍ତା; ଲୌହଦଣ୍ଡ। —*v.* କୁକ୍କୁର ପରି ପଛେ ଗୋଡ଼ାଇବା; [କାଳ।

Dogdays, *s.* ୨୮ ଶ୍ରାବଣରୁ ୨୮ ଭାଦ୍ରବ ପର୍ଯ୍ୟନ୍ତ

Dogged, *a.* ଅବାଧ୍ୟ, ଉଗ୍ର, ମଗସ।

Doggerel, *s.* କୁତ୍ସିତକବିତା, ସାମାନ୍ୟ ଶ୍ଳୋକ

Dogma, *s.* କୌଣସି ମତର ମୂଳକଥା, ମତର ନିୟମ ।

Dogmatical, *a.* ସ୍ୱମତାଭିମାନୀ, ସ୍ୱଧର୍ମଗର୍ବୀ ।

Doings, *s.* ବ୍ୟାପାର; କ୍ରିୟା, କର୍ମ, କୃତ-କର୍ମ, ବିଷୟ ।

Dole, *v.* ବିତରଣ-ଅଳ୍ପଦାନ-କ; ବାଣ୍ଟିବା ।

Doleful, *a.* ଶୋକାନ୍ୱିତ, ବିଷାଦଜନକ, କରୁଣ ।

Doll, *s.* ଖେଳୁଣା, ପୁତ୍ତଳିକା, କଣ୍ଢେଇ ।

Dollar, *s.* ଦୁଇ ଟଙ୍କା ଦୁଇଅଣା ମୂଲ୍ୟର ରୂପା ମୁଦ୍ରା ।

Dolphin, *s.* ସାମୁଦ୍ରିକ ମତ୍ସ୍ୟବିଶେଷ ।

Dolt, *s.* ନିର୍ବୋଧ, ମୂର୍ଖ, ବୋକା ।

Domain, *s.* ଅଧିକାର, ରାଜତ୍ୱ, ଆଧିପତ୍ୟ ।

Dome, *s.* ଘରର ଚୂଡ଼ା, ଗୁମ୍ବଜ ।

Domestic, *s.* ଘରର ଚାକର, ଭୃତ୍ୟ, ଦାସ, ସେବକ ।—*a.* ଗୃହସମ୍ବନ୍ଧୀୟ, ଘରପ୍ରିୟ, ଗୃହ୍ୟ ।

Domesticate, *v.* ଘରପୋଷା-ହାତପୋଷା-କ ।

Domicile, *s.* ଘର, ଗୃହ, ବାସସ୍ଥାନ ।—*v.* ସ୍ଥାୟୀରୂପରେ ଘର ବା ବାସସ୍ଥାନ ଯୋଗାଇବା ।

Domineer, *v.* ଦମ୍ଭ କରି ଶାସନ-ଅତ୍ୟାଚାର କରି ପ୍ରଭୁତ୍ୱ-କ ।

Dominion, *s.* ରାଜତ୍ୱ, ଅଧିକାର, କ୍ଷମତା, ରାଜ୍ୟ ।

Donation, *s.* ଦାନ, ପୁରସ୍କାର, ବିତରଣ ।

Donjon, *s.* ଦୁର୍ଗ ମଧ୍ୟସ୍ଥ କାରାଗାର ।

Donor, *s.* ଦାତା, ଦାନକର୍ତ୍ତା, ଦେବାଲୋକ ।

Doom, *s.* ଦଣ୍ଡାଜ୍ଞା, ବିଚାରାଜ୍ଞା, ଶେଷବିଚାର, ସର୍ବନାଶ ।

Doomsday, *s.* ମହାବିଚାରର ଦିନ ।

Door, *s.* ଦ୍ୱାର, କବାଟ, ପ୍ରବେଶପଥ ।

Doorkeeper, *s.* ଦ୍ୱାରପାଳ, ଦ୍ୱାସ୍ଥ, ଦ୍ୱାର-ରକ୍ଷକ, ଦରୁଆନ ।

Dormant, *a.* ନିଦ୍ରିତ, ସୁପ୍ତ, ଅବ୍ୟବହୃତ ।

Dormitory, *s.* ଶୟନ ଘର ।

Dose, *s.* ଔଷଧର ପାନ ବା ମାତ୍ରା, ଯେତେ ଔଷଧ ଏକାବେଳେ ଖାଇବାକୁ ହୁଏ ।

Dot, *s.* ବିନ୍ଦୁ, ଦାଗ, ଯଥା (.) ।

Dotage, *s.* ବୃଦ୍ଧାବସ୍ଥା, ହତବୁଦ୍ଧିତା ।

Dotard, *s.* ବୃଦ୍ଧାବସ୍ଥାରୁ ହତବୁଦ୍ଧିବ୍ୟକ୍ତି ।

Dote, *v.* ଅପରିମିତପ୍ରେମ-କ, ମୋହିତ-ହେ ।

Double, *a.* ଦୋହୋରା, ଦ୍ୱିଗୁଣ, ମୋଟା ।—*v.* ଦ୍ୱିଗୁଣ-କ, ଦୁଇପଟ୍ଟ-କ; (ଜାହାଜ ଅନ୍ତରୀପକୁ) ଘୂରି ଯିବା; ଦୌଡ଼ରେ ହଠାତ୍ ବୁଲି ଯିବା ।

Double-dealing, *s.* କପଟପଣ, ପ୍ରବଞ୍ଚନା ।

Doublet, *s.* ଅଙ୍ଗରଖାବିଶେଷ; ଦୁଇ,ଯୁଗ୍ମ ।

Doubt, *s.* ସନ୍ଦେହ, ସଂଶୟ, ଅପ୍ରତ୍ୟୟ, ଦ୍ୱିଧା, ଧୋକା ।

Doubtful, *a.* ସନ୍ଦିଗ୍ଧ, ଅନିଶ୍ଚିତ, ଅଧ୍ରୁବ, ଅସ୍ପଷ୍ଟ ।

Doubtless, *ad.* ନିଃସନ୍ଦେହରୂପେ, ଅବଶ୍ୟ ।

Douceur, *s.* ଲାଞ୍ଚ, ଘୁଷ, ପାରିତୋଷିକ ।

Dough, *s.* ଚକଟାମଇଦା, ଗୋଳା ଅଟା ।

Doughty, *a.* ବୀର, ବିକ୍ରମୀ, ସାହସୀ ।

Dove, *s.* କାପ୍ତା, କପୋତ, ଘୁଘୁ ।

Dove-tail, *v.* ଖଟାର ଖଣ୍ଡ ବା ଯୋଡ-ହେ ।

Dowager, *s.* ରାଜାର ବା କୁଳୀନର ବିଧବା ।

Dowdy, *a.* କୁରୂପା, କୁତ୍ସିତବେଶା ।

Dower, Dowry, *s.* ଯୌତୁକ, ବିବାହ ଭେଟି, ସ୍ତ୍ରୀଧନ ।

Down, *pr.* ଖାଲେ, ତଳେ, ଅଧଃ ।

Down, *s.* ପତଅ, ମଇଦାନ; କୋମଳପକ୍ଷ ।

Downcast, *a.* ଅଧୋମୁଖ, ନମ୍ରବଦନ, ବିଷଣ୍ଣ ।

Downfall, *s.* ଅଧଃପତନ, ଧ୍ୱଂସ, ବିନାଶ, ନିପାତ
Downright, *ad.* ସୁଷ୍ଠୁ- ପ୍ରକୃତ- ଠିକ- ନିତାନ୍ତରୂପେ ।
Downward, *ad.* ଅଧୋଭାବେ, ତଳେ, ତଳସ୍ଥ
Downy, *a.* କୋମଳପକ୍ଷମୟ, କୋମଳ ।
Doxology, *s.* ଈଶ୍ୱରଙ୍କ ଧନ୍ୟବାଦସୂଚକଗୀତ ।
Doze, *v.* ଢୋଲାଇବା, ଝିମାଇବା, ଘୁମାଇବା, ଅବସନ୍ନ-ହେ ।
Dozen, *s.* ଦ୍ୱାଦଶ, ବାର, ଦ୍ୱାଦଶସଂଖ୍ୟା ।
Drab, *s.* ବେଶ୍ୟା, ବାରସ୍ତ୍ରୀ; ପଶମୀ ବସ୍ତ୍ର ବିଶେଷ ।—*a.* ପିଙ୍ଗଳ ବା ତାମ୍ରବର୍ଣ୍ଣ ।
Draft, *s.* ଟଙ୍କାର ଚିଟି, ହୁଣ୍ଡୀ ।—*v.* ପାଣ୍ଡୁଲିପି ଲେଖିବା ।
Drag, *v.* ଆକର୍ଷଣ-କ, ଟାଣିବା, ଓଟାରିବା, ।
Draggle, *v.* କାଦୁଅ ବା ପଙ୍କରେ ମଇଳା-କ
Dragon, *s.* ପକ୍ଷଯୁକ୍ତ ସର୍ପ, ନାଗ ।
Dragon-fly, *s.* ଝିଙ୍କାରିପୋକ, ହିଙ୍ଗୁଳୀଭାଅଁର
Dragoon, *s.* ଅଶ୍ୱାରୂଢ଼ ସୈନ୍ୟ ।
Drain, *s.* ନଳା, ନର୍ଦ୍ଦମା, ନହର, ପାଣିନଳା ।
Drain, *v.* ଶୁଖାଇବା, ନଳାଦ୍ୱାରା ଜଳ ବାହାର- ନିରସ-କ ।
Drake, *s.* ପାତିହଂସ, ପୁଂହଂସ ।
Dram, *s.* ପରିମାଣବିଶେଷ ।
Drama, *s.* ନାଟକକାବ୍ୟ; ଯାତ୍ରା; ଦୃଶ୍ୟ ।
Dramatist, *s.* ନାଟକକର୍ତ୍ତା, କାବ୍ୟଶାସ୍ତ୍ରଜ୍ଞ ।
Draper, *s.* କାପଡ଼ିଆ, ବସ୍ତ୍ରବିକ୍ରେତା ।
Drapery, *s.* ବସ୍ତ୍ରବ୍ୟବସାୟ; ବସ୍ତ୍ର. ପରିଚ୍ଛଦ ।
Draught, *s.* ଗାଡ଼ି ଆଦି ଟଣାଟଣି; ଢୋକେ; ପାନେ; ପାଣ୍ଡୁଲେଖା, ନକ୍ସା; ଏକ କ୍ଷେପ ଜାଲରେ ଯେତେ ମାଛ ଧରାଯାଏ; ନର୍ଦ୍ଦମା; ସୈନ୍ୟ ଦଳ ।
Draughts, *s.* ବଢ଼ୟାଖେଳାବିଶେଷ ।
Draughtsman, *s.* ଚିତ୍ରକର, ଲିପିକର ।

Draw, *v.* ଆକର୍ଷଣ-କ, ଟାଣିବା; ଛବି ବା ନକ୍ସା ଲେଖିବା; ଖାପରୁ କାଢ଼ିବା ।
Drawback, *s.* ଫେରି ଦେବା ମାସୁଲ; ଦସ୍ତୁରୀ; ଅପକାର, ବ୍ୟାଘାତ ।
Drawback, *v.* ପଛଆଡ଼େ ହଟିବା, ଧର୍ମତ୍ୟାଗ-କ ।
Drawbridge, *s.* ଯେ କାଷ୍ଠମୟ ପୋଲ ଇଚ୍ଛାପୂର୍ବକ ଉଠା ବା ପକାଯାଏ ।
Drawer, *s.* ଅଲମାରିର ଦାଜ; ଆକର୍ଷକ; ହୁଣ୍ଡୀଦାତା ।
Drawers, *s.* ପାଜାମା, ଜଙ୍ଘିଆ ।
Drawing, *s.* ଚିତ୍ର, ଛବି, ପଟ, ନକ୍ସା ।
Drawl, *v.* ଅସ୍ପଷ୍ଟରୂପେ ବା ଧୀରେ୨ କଥା କହିବା ।
Dray, *s.* ଗୁରୁ ବୋଝ ବହିବାର ଗାଡ଼ି ।
Dread, *s.* ଶଙ୍କା, ଆଶଙ୍କା, ତ୍ରାସ, ଭୟ, ଡର ।
Dreadful, *a.* ଭୟଙ୍କର, ଭୟାନକ, ଘୋର, ଉଗ୍ର ।
Dream, *s.* ସ୍ୱପ୍ନ, ନିଦ୍ରାକାଳର ଦର୍ଶନ, ବୃଥା- [ବାସନା ।
Dreary, *a.* ଅରଣ୍ୟବତ୍, ତ୍ରାସଜନକ, ନିର୍ଜ୍ଜନ ।
Dredge, *a.* ବସ୍ତୁର ଆଦି ଧରିବାର ଜାଲ, ଜଳରୁ ପଙ୍କାଦି ଉଠାଇବାର ଯନ୍ତ୍ର ।
Dregs, *s.* କାଣ୍ଡି, ଗାଦ, ମଇଳା ।
Drench, *v.* ଭିଜାଇବା, ବୁଡ଼ାଇବା, ଓଦା [-କ ।
Dress, *s.* ପୋଷାକ, ଲୁଗା, ବେଶ, ପରିଧେୟବସ୍ତ୍ର ।—*v.* ବସ୍ତ୍ର ପରିଧାନ-କ, ଲୁଗା ପିନ୍ଧିବା; ପାକ- ପ୍ରସ୍ତୁତ- ପାଆଦି ପରିଷ୍କାର-କ ।
Driblet, *s.* ଅଳ୍ପ୨, କିଞ୍ଚିତ୍୨, କ୍ଷୁଦ୍ରାଂଶ ।
Drier, *s.* ଶୁଷ୍କକାରକ, ଶୁଖାଇବା ଲୋକ ।
Drift, *s.* ଅଭିପ୍ରାୟ, ସ୍ରୋତ, ତାତ୍ପର୍ଯ୍ୟ; ବାୟୁଦ୍ୱାରା ରାଶୀକୃତ ବସ୍ତୁ ।—*v.* ଠେଲି-ହେ, ଜଳରେ ଭାସିବା, ବାୟୁରେ ତାଡ଼ିତ-ହେ ।
Drill, *s.* ସୈନ୍ୟର ଶିକ୍ଷା; ଭ୍ରମର, ଫୋଡ଼ଣୀ ।

Drink, *s.* ପାନୀୟଦ୍ରବ୍ୟ, ପାଣି, ପେୟ ।— *v.* ପାନ- ତୃଷ୍ଣାନିବୃତ୍ତି-କ, ପିଇବା ।
Drip, *v.* ଟୋପାଏ ଅବା ବିନ୍ଦୁଏ ପଡିବା ।
Dripping, *s.* ଯାହା ବିନ୍ଦୁଏ ହୋଇ କ୍ଷରିତ ହୁଏ
Drive, *v.* ଚଳାଇବା, ହଙ୍କାଇବା, ତଡ-ଦେ ।
Drivel, *v.* ଲାଳ ବା ଶ୍ଳେଷ୍ମ ପଡିବା ।
Driveller, *s.* ନିର୍ବୋଧ, ପାଗଳ ।
Driver, *s.* ସାରଥି, ଗାଡୋୟାନ୍, ଚାଳକ ; ମାହୁନ୍ତ ।
Drizzle, *v.* ସୂକ୍ଷ୍ମ ବା ଅଳ୍ପ ବୃଷ୍ଟି-ହେ ।
Droll, *a.* ତାମସିକ, ରସିକ, କୌତୁକୀ ।
Drollery, *s.* ବିଦ୍ରୂପ, ପରିହାସ, ଥଟ୍ଟା ।
Dromedary, *s.* ଉଷ୍ଟ୍ରବିଶେଷ ।
Drone, *s.* ଅକର୍ମଣ୍ୟ ମଟମକ୍ଷିକା ; ଅଳସୁଆ ।
Droop, *v.* କରୁଣ-ହେ, ମ୍ଳାନରେ ବା ଖେଦ ଭୟାବରେ ନଇ ପଡିବା ।
Drop, *s.* ଟୋପା, ବିନ୍ଦୁ, ସ୍ପର୍ଶ, କୁଣ୍ଡଳ ।— *v.* ବିନ୍ଦୁଏ ବା ଟୋପାଏ ହୋଇ ପଡିବା ; ନିବୃତ୍ତ-ହେ; ଅବସ୍ଥାନ୍ତର ଅସିବା ।
Dropsy, *s.* ଜଳୋଦରରୋଗ, ଶୋଥବିଶେଷ
Dross, *s.* ଧାତୁରଖାଦ, ମଇଳା, କଳଙ୍କ, ଖାଦ ।
Drought, *s.* ଅନାବୃଷ୍ଟି, ଶୁଷ୍କତା ; ତୃଷା ।
Drove, *s.* ପଶୁାଦିର ଦଳ, ଗୋଠ; ଭିଡ ।
Drover, *s.* ଗଉଡ, ପଶୁବାଣିଜ୍ୟକାରୀ, ପାଳକ
Drown, *v.* ଜଳରେ ବୁଡିମରିବା, ମଗ୍ନ-ହେ ।
Drowsiness, *s.* ନିଦ୍ରାକର୍ଷଣ, ଆଳସ୍ୟ, ଢୋଲ
Drowsy, *a.* ନିଦ୍ରାକ୍ରାନ୍ତ, ନିଦ୍ରାଳୁ, ନିଦ୍ରିତ ।
Drub, *v.* ବାଡେଇବା, ପିଟିବା, ମାରିବା ।
Drubbing, *s.* ପ୍ରହାର, ମାଡ ।
Drudge, *v.* ନୀଚକର୍ମ- ଦାସତ୍ୱ- ଅତି ପରିଶ୍ରମ-କ ।
Drudgery, *s.* ନୀଚକର୍ମ, ଦାସତ୍ୱ, ଗୋଲାମୀ ।
Drug, *s.* ଔଷଧର ମସଲା; ନ୍ୟୂନମୂଲ୍ୟଦ୍ରବ୍ୟ ।
Druggist, *s.* ପସାରୀ, ଗନ୍ଧବଣିକ, ପୋଟଳୀ ବଣିଆ ।
Druid, *s.* ଇଂଲଣ୍ଡ ଦେଶର ପୂର୍ବମତର ପୁ- [ରୋହିତ ।
Drum, *s.* ଢୋଲ, ଡମ୍ବର, ଜୟଢକ୍କା, ଢକ୍କା; କାନର ବଳିବା ପାର୍ଦ୍ଦା ।
Drummer, *s.* ଡମ୍ବରି, ଢେଣ୍ଡରିଆ ।
Drumstick, *s.* ଢକ୍କା ଅବା ଡମ୍ବରର କାଠି ।
Drunk, *a.* ମତ୍ତ, ମଦୁଆଳା, ମଦବିହ୍ୱଳ, ବେହୋସ ।
Drunkard, *s.* ମଦ୍ୟପାୟୀ, ମଦୁଆଳ ।
Drunkenness, *s.* ମତ୍ତତା, ବିହ୍ୱଳତା ।
Dry, *a.* ଶୁଷ୍କ, ଶୁଖିଲା, ନୀରସ, ନିର୍ଜଳ, ଅନାବୃଷ୍ଟି; ତୃଷିତ ।
Dual, *a.* ଦ୍ୱିବାଚକ, ଦ୍ୱିବଚନାନ୍ତ, ଦ୍ୱିସଂଖ୍ୟକ ।
Dub, *v.* ବିଶେଷ ଉପାଧି-ଦେ ।
Dubious, *a.* ସନ୍ଦିଗ୍ଧ, ସଂଶୟଯୁକ୍ତ, ଅସ୍ଥିର ।
Ducal, *a.* ଡ୍ୟୁକ୍ନାମକ କୁଳୀନପଦସମ୍ବନ୍ଧୀୟ ।
Ducat, *s.* ମୁଦ୍ରାବିଶେଷ ।
Duchy, *s.* ଡ୍ୟୁକର ଭୂମ୍ୟଧିକାର ।
Duck, *v.* ଜଳରେ ମଗ୍ନ-କ, ବୁଡାଇବା, ମୁଣ୍ଡ ନୁଆଁଇବା ।
Duck, *s.* ପାତିହଂସ, ବତକ; ସ୍ନେହବାକ୍ୟ ।
Duckling, *s.* ପାତିହଂସର ଛୁଆ ।
Duct, *s.* ପଥ, ପ୍ରଣାଳୀ, ନଳା ।
Ductile, *a.* ନମ୍ର; ଚେମଡା, ବିସ୍ତାରଣୀୟ ।
Ductility, *s.* ନମ୍ରନୀୟତା, ନମ୍ରତା; ବିସ୍ତାର୍ଯ୍ୟତା
Dudgeon, *s.* ଖଣ୍ଡାଖୋଲ; ଅଭିମାନ, ଦ୍ୱେଷ, ଈର୍ଷା ।
Due, *a.* ପାଉଣା, ପ୍ରାପ୍ୟ, ହକ; ଯୋଗ୍ୟ, ଉପ- [ଯୁକ୍ତ ।
Duel, *s.* ଦୁଇ ଲୋକଙ୍କର ପରସ୍ପର ଯୁଦ୍ଧ ।
Duellist, *s.* ପରସ୍ପର ଯୁଦ୍ଧକାରୀ ଉଭୟ ଯୋଦ୍ଧା ।
Duenna, *s.* ଗୃହିଣୀ, ରକ୍ଷିକା, ପ୍ରାଧାନକର୍ତ୍ତ୍ରୀ ।

Dues, *s.* ରାଜକର, ମାସୁଲ, ସମୁଚିତ ଫଳ।
Duet, *s.* ଦୁଇଜଣ ମିଳି ଗାୟନ।
Dug, *s.* ପଶୁର ସ୍ତନ, ଥନ, ଚୁଚା।
Duke, *s.* କୁଳୀନର ଉପାଧିବିଶେଷ।
Dukedom, *s.* ଉକ୍ତ କୁଳୀନର ଅଧିକାର।
Dulcet, *a.* ସୁଶ୍ରାବ୍ୟ, ମିଷ୍ଟ, ମଧୁର, ସୁସ୍ୱର।
Dulcimer, *s.* ବାଦ୍ୟଯନ୍ତ୍ରବିଶେଷ।
Dull, *a.* ମୂର୍ଖ, ନିର୍ବୋଧ, ମୋଟାବୁଦ୍ଧି; ମେଘୁଆ; ନିସ୍ତେଜ।
Duly, *ad.* ଉପଯୁକ୍ତରୂପେ, ଯଥାଯୋଗ୍ୟ।
Dumb, *a.* ମୂକ, ଅବାକ୍, ମୁଙ୍ଗା; ମୌନୀ।
Dumpling, *s.* ଗୋଲାକୃତ ସିଦ୍ଧ ପିଠାବିଶେଷ
Dumps, *s.* ବିଷାଦ; ଉତ୍କଣ୍ଠା, ଉଦ୍ବେଗ।
Dun, *s.* ପାଉଣା ନିମନ୍ତେ ତାଗିଦା ବା ତାଗିଦା କରିବା ଲୋକ।—*v.* ପାଉଣା ଟଙ୍କା ପୁନଃ-ପୁନଃ ମାଗିବା।
Dun, *a.* ପିଙ୍ଗଳବର୍ଣ୍ଣ, ତାମ୍ରବର୍ଣ୍ଣ; ଘୋର।
Dunce, *s.* ମୂର୍ଖ, ଦୁର୍ମେଧାବୀ, ନିର୍ବୋଧ।
Dung, *s.* ବିଷ୍ଠା, ଗୁହ, ପୁରୀଷ, ମଇଳା; ଲଣ୍ଡି, ଗୋବର, ଖତ।
Dungeon, *s.* କାରାଗାର, ପାତାଳଘର।
Dunghill, *s.* ଖତାଦିର ଗଦା ବା ଗଣି।
Duodecimo, *s.* ପ୍ରତି ଫର୍ଦ୍ଦରେ ୧୨ ପୃଷ୍ଠା ଛପା ବହି।
Dupe, *s.* ପ୍ରତାରିତ ବା ବଞ୍ଚିତଲୋକ, କ୍ଷୀଣ-ପ୍ରତ୍ୟୟୀ।—*v.* ପ୍ରବଞ୍ଚନା-କ, ଠକିବା।
Duplicate, *s.* ଦ୍ୱିତୀୟାଦର୍ଶ, ଦୋହୋରା, ପ୍ରତିଲିପି।
Duplicity, *s.* କପଟ, ପ୍ରବଞ୍ଚନା, ଖଳତା।
Durable, *a.* ବହୁକାଳସ୍ଥାୟୀ, ଚିରସ୍ଥାୟୀ, ଟାଣ, ଶକ୍ତ।
Durance, *s.* କାରାବନ୍ଧାବସ୍ଥା, ଅଟକ; ସହିଷ୍ଣୁତା।
Duration, *s.* ସ୍ଥାୟିତ୍ୱ, ସ୍ଥିତି; କାଳର ପରିମାଣ
During, *pa.* ପର୍ଯ୍ୟନ୍ତ, ଯାବତ୍, ଯାଏ, ସନ୍ଧେ।
Dusk, *s.* ଗୋଧୂଳିସମୟ, ସନ୍ଧ୍ୟାର ପୂର୍ବକାଳ।
Dust, *s.* ଧୂଳି, ରେଣୁ; ମାଟିବସ୍ତୁ।—*v.* ଝାଡ଼ିବା, ଧୂଳିପୋଛିବା।
Duster, *s.* ମାର୍ଜନୀ, ଗାମୁଛା, ଝାଡ଼ୁଣୀ, ଝାଡ଼ନ।
Dutiful, *a.* ଆଜ୍ଞାବହ, ଆଜ୍ଞାପାଳକ, ଆଜ୍ଞାଧୀନ।
Duty, *s.* କର୍ତ୍ତବ୍ୟକର୍ମ; ଧର୍ମ, ଉଚିତ ବ୍ୟବହାର; କର, ମାସୁଲ।
Dwarf, *s.* ବାମନ, ବାଙ୍ଗରା ଲୋକ।
Dwarfish, *a.* କ୍ଷୁଦ୍ର, ଖର୍ବ, ଛୋଟ, ପେଣ୍ଡୁ।
Dwell, *v.* ବାସ- ବସତି- ନିବାସ-କ।
Dwelling, *s.* ବାସସ୍ଥାନ, ଘର, ଗୃହ, ବସତି।
Dwindle, *v.* ହ୍ରାସ- କ୍ଷୟ- ଦୁର୍ବଳ-ହେ।
Dye, *v.* ରଙ୍ଗ-ଦେ, ବର୍ଣ୍ଣ- ଚିତ୍ର-କ।
Dynasty, *s.* ରାଜବଂଶ, ରାଜକୁଳ, ସାମ୍ରାଜ୍ୟ।
Dysentery, *s.* ଅତିସାର, ଗ୍ରହଣୀ, ଉଦର-ପୀଡ଼ା।
Dyspepsia, *s.* ମନ୍ଦାଗ୍ନି, ଅପାକ, ଅଜୀର୍ଣ୍ଣତା।

## E

E, ଇଂରାଜୀ ବର୍ଣ୍ଣମାଳାର ପଞ୍ଚମ ଅକ୍ଷର ଓ ଦ୍ୱିତୀୟ ସ୍ୱର।
Each, *a.* ପ୍ରତ୍ୟେକ, ଏକଏକ।
Eager, *a.* ବ୍ୟଗ୍ର, ଉଗ୍ର, ଅସ୍ଥିର, ଉଦ୍ଯୋଗୀ।
Eagle, *s.* ଉତ୍କ୍ରୋଶପକ୍ଷୀ, ଗୃଧ୍ର, ଶାଗୁଣା।
Eaglet, *s.* ଉତ୍କ୍ରୋଶପକ୍ଷୀ ଶାବକ ବା ଛୁଆ।
Ear, *s.* କର୍ଣ୍ଣ, କାନ; ଶସ୍ୟର ଫେଣ୍ଡା, ଶିଷା।
Earl, *s.* କୁଳୀନ ପଦବୀବିଶେଷ।
Earldom, *s.* ଉକ୍ତ ପଦବୀର ପଦ ବା ଅଧି-କାର।
Early, *ad.* ସକାଳେ, ପ୍ରଭାତେ, ଭୋର, ପ୍ରାତଃକାଳେ।
Earn, *v.* ଉପାର୍ଜନ- ଲାଭ କ, କମାଇବା।

Earnest, *a.* ସ୍ଥିରମନା, ଉଦ୍ୟୋଗୀ, ବ୍ୟଗ୍ରଚିତ୍ତ, ଉତ୍ସୁକ ।

Earnest, *s.* ବଇନା ; ଧାରଣା, ଯାଥାର୍ଥ୍ୟ ।

Earnestly, *ad.* ଯତ୍ନପୂର୍ବକ, ଏକାନ୍ତ ବା ବ୍ୟଗ୍ରଭାବେ, ସଚେଷ୍ଟ ।

Earnings, *s.* ଉପାର୍ଜିତ ଟଙ୍କା, ଲଭ ।

Ear-ring, *s.* କୁଣ୍ଡଳ, କର୍ଣ୍ଣଭୂଷଣ, ଝୁମ୍ପା, ଫୋଲି ।

Earth, *s.* ପୃଥିବୀ, ଭୂଲୋକ, ଅବନୀ, ସଂସାର, ଜଗତ ; ଭୂମି, ମୃତ୍ତିକା, ମାଟି ।

Earthen, *a.* ମୃତ୍ତିକାନିର୍ମିତ, ମାଟିର ତିଆରି ।

Earthly, *a.* ପାର୍ଥିବ, ଶାରୀରିକ, ଭୌମ, ସାଂସାରିକ ।

Earthquake, *s.* ଭୂମିକମ୍ପ, ଭୂକମ୍ପ ।

Earwig, *s.* କାନକୁଟେଲୀ, କୀଟବିଶେଷ ।

Ease, *s.* ଶାନ୍ତି, ବିଶ୍ରାମ, ଆରାମ, ଅନାୟାସ ।

Easel, *s.* ଯେଉଁ କାଠ ଫାରମ୍ ଉପରେ ଚିତ୍ରାଧାରକୁ ଥୋଇ ଚିତ୍ର କରାଯାଏ । [ସହଜେ ।

Easily, *ad.* ଅନାୟାସେ, ଅକ୍ଲେଶରେ,

East, *s.* ପୂର୍ବଦିଗ, ପୂର୍ବ । [ର୍ଥ ପର୍ବ ।

Easter, *s.* ଯୀଶୁ ଖ୍ରୀଷ୍ଟଙ୍କର ପୁନରୁତ୍ଥାନ ସ୍ମରଣା-

Easterly, *a.* ପୂର୍ବରେ, ପୂର୍ବଦିଗରେ । [ଶୀୟ ।

Eastern, *a.* ପୂର୍ବୀୟ, ପୂର୍ବଦିକସ୍ଥ, ପୂର୍ବଦେ-

Eastward, *ad.* ପୂର୍ବଆଡ଼େ, ପୂର୍ବାଭିମୁଖେ ।

Easy, *a.* ଶାନ୍ତ, ସହଜ, ଅନାୟାସ, ସୁସ୍ଥିର, ମୃଦୁ ।

Eat, *v.* ଭୋଜନ-କ, ଖାଇବା ; ଗ୍ରାସ-ଗ୍ରସ୍ତ-କ ।

Eaves, *s.* ଘରର ଛାଞ୍ଚ, ଓଳି ।

Eaves-dropper, *s.* କାନପତା, ଗୋପନରେ ଶୁଣିବା ଲୋକ ।

Ebb, *s.* ଭଟ୍ଟା, ଜଳହ୍ରାସ ।

Ebony, *s.* କେନ୍ଦୁକାଠ, ଅବନୁସକାଷ୍ଠ ।

Ebullition, *s.* ଉଛୁଳି ଉଠିବା, ଫୁଟିବା ।

Eccentric, *a.* ବକ୍ରଗାମୀ, ଅନିୟମିତ, ଝକ୍କି ।

Eccentricity, *s.* ମଧ୍ୟରୁ ଅପଗମନ, ନିୟମ-

Ecclesiastic, *s.* ଧର୍ମୋପଦେଶକ । [ଭଙ୍ଗ ।

Ecclesiastical, *a.* ଧର୍ମମଣ୍ଡଳୀସମ୍ବନ୍ଧୀୟ, ଧର୍ମବିଷୟକ ।

Echo, *s.* ପ୍ରତିଧ୍ୱନି, ପ୍ରତ୍ୟାଗତ ଶବ୍ଦ ।

Eclat, *s.* ଶୋଭା, ପ୍ରଭା, ଯଶଃ, ଖ୍ୟାତି ।

Eclectic, *a.* ମନୋନୀତକାରୀ, ସାରଗ୍ରାହୀ ।

Eclipse, *s.* ଚନ୍ଦ୍ରାଦିର ଗ୍ରହଣ, ଲୋପ, ଅନ୍ଧକାର

Eclipse, *v.* ଗ୍ରହଣ- ଆଚ୍ଛନ୍ନ-କ ।

Ecliptic, *s.* ରାଶିଚକ୍ରର ମଧ୍ୟରେଖା ।

Eclogue, *s.* ମେଷାଦି ପାଳନ ବିଷୟକ ଗୀତ ।

Economical, *s.* ପରିମିତବ୍ୟୟୀ, ଅଳ୍ପବ୍ୟୟୀ ।

Economist, *s.* ପରିମିତ ବ୍ୟୟକାରୀ, ଅଳ୍ପବ୍ୟୟୀ ।

Economy, *s.* ପରିମିତବ୍ୟୟ, ଅଳ୍ପବ୍ୟୟ, ଗୃହଧର୍ମ ; ନିୟମ । [ଆହ୍ଲାଦ ।

Ecstasy, *s.* ପରମାନନ୍ଦ, ମୋହ, ଅତ୍ୟନ୍ତ

Ecstatic, *a.* ଅତ୍ୟନ୍ତ ଆହ୍ଲାଦଜନକ, ମୋହ-

Eddy, *s.* ଘୂର୍ଣ୍ଣିଜଳ, ଆବର୍ତ୍ତ । [କାରୀ ।

Edge, *s.* ଧାର, କୂଳ, ପ୍ରାନ୍ତଭାଗ, କିନାରା ।

Edging, *s.* ଝାଲର, ବସ୍ତ୍ରର ଝୁମ୍ପ, ମଗଜି ।

Edible, *a.* ଖାଦ୍ୟ, ଭକ୍ଷ୍ୟ, ଭୋଜ୍ୟ, ଆହାରୋପଯୁକ୍ତ ।

Edict, *s.* ରାଜାଜ୍ଞା, ଘୋଷଣା, ପ୍ରକାଶ୍ୟ ଆଦେଶ

Edification, *s.* ଉପଦେଶ, ଧର୍ମନିଷ୍ଠା, ଧର୍ମରେ

Edifice, *s.* ବଡ଼ଘର, ଅଟ୍ଟାଳିକା । [ବୃଦ୍ଧି ।

Edify, *v.* ଦୃଢ଼ କରାଇବା, ଧର୍ମରେ ନିଷ୍ଠା-କ ।

Edit, *v.* ଗ୍ରନ୍ଥସମ୍ପାଦନ-କ ।

Edition, *s.* ଏକଥର ଯେତେ ଗ୍ରନ୍ଥ ଛପା ହୁଏ ।

Editor, *s.* ଗ୍ରନ୍ଥ ବା ସମାଚାରପତ୍ରର ସମ୍ପାଦକ ।

Educate, *v.* ଶିକ୍ଷା କରାଇବା, ମାନସିକ ଶକ୍ତିର ଅନୁଶୀଳନ-କ ।

Education, *s.* ଶିକ୍ଷା ଦାନ, ଚରିତ୍ରଗଠନ ।
Educe, *v.* ନିର୍ଗତ- ବାହାର-କର, ଦୃଷ୍ଟିଗୋଚରରେ ଆଣିବା ।
Eel, *s.* ଭୋଡ଼ ମାଛ, ବୋଚିଅ ।
Efface, *v.* ଲୋପ-କର, ନିଭାଇବା, ମାର୍ଜନା-କର ।
Effect, *v.* ସମ୍ପନ୍ନ-ସିଦ୍ଧ-କର, ଘଟାଇବା ।
Effect, *s.* କର୍ମର ଫଳ, ଅର୍ଥସିଦ୍ଧି ।
Effective, *a.* ଫଳଦାୟକ, କର୍ମକାରୀ, ସିଦ୍ଧାର୍ଥ, ଏକାନ୍ତ ।
Effects, *s.* ମାଲ, ଧନ, ଅସ୍ଥାବର ସମ୍ପତ୍ତି, ଅସବାବ । [ଯୋଗ୍ୟ, ବଳିଅର ।
Effectual, *a.* ଫଳୋତ୍ପାଦକ, ଗୁଣକାରକ,
Effectually, *ad.* ସମ୍ପୂର୍ଣ୍ଣ ରୂପେ, ଯଥାର୍ଥ ରୂପେ
Effeminacy, *s.* ସ୍ତ୍ରୀବତ୍ୱ, ସ୍ତ୍ରୀସ୍ୱଭାବ, ନାମର୍ଦ୍ଦ ।
Effeminate, *a.* ସ୍ତ୍ରୀବତ୍, ମାଇପ, କାପୁରୁଷ
Effervesce, *v.* ତେଜରେ ଉତ୍ତପ୍ତ-ହେ, ଫୁଟି ଉଠିବା ।
Effete, *a.* ଜରାଗ୍ରସ୍ତ, ଗତବୟସ୍କ, ବନ୍ଧ୍ୟା ।
Efficacious, *a.* ସୁଫଳ, ଗୁଣଯୁକ୍ତ, ଅମୋଘ, ଫଳୋତ୍ପାଦକ । [ଗ୍ୟତା ।
Efficacy, *s.* ଫଳଦାୟକ ଶକ୍ତି, ଗୁଣ, ଯୋ-
Efficiency, *s.* କାର୍ଯ୍ୟକାରିତ୍ୱ, ସାଫଲ୍ୟ, ସାଧକତା । [ଗ୍ୟ ।
Efficient, *a.* ଫଳଦାୟକ, କର୍ମସାଧକ, ଯୋ-
Effigy, *s.* ପ୍ରତିମୂର୍ତ୍ତି, ପ୍ରତିମା, ପିତୁଳା, ଅନୁରୂପ
Efflorescence, *s.* ପୁଷ୍ପୋତ୍ପତ୍ତି, ପୁଷ୍ପୋତ୍ପାଦନ
Effluvia, *s.* ପଦାର୍ଥରୁ ଉଦ୍ଭବ ଦୁର୍ଗନ୍ଧ ।
Effort, *s.* ଉଦ୍ୟମ, ଉଦ୍ଯୋଗ, ଯତ୍ନ, ଚେଷ୍ଟା ।
Effrontery, *s.* ନିର୍ଲଜ୍ଜତା, ସାହସ. ପ୍ରଗଳ୍ଭତା
Effulgence, *s.* ଉଜ୍ଜ୍ୱଳତା, ଦୀପ୍ତି, ତେଜ, ଆଭା
Effulgent, *a.* ଉଜ୍ଜ୍ୱଳ, ଦୀପ୍ତିମାନ, ଚୋଖକର
Effuse, *v.* ଢାଳିବା, ବହାଇବା ; କ୍ଷରିବା ।
Effusive, *a.* ଢାଳନୀୟ, ବିସ୍ତୀର୍ଣ୍ଣ ।

Egg, *s.* ଅଣ୍ଡ, ଅଣ୍ଡା, ଡିମ, ଡିମ୍ବ ।
Egotism, *s.* ଆତ୍ମଶ୍ଲାଘା, ଅହଙ୍କାର, ଅହମିକା
Egotist, *s.* ଆତ୍ମଶ୍ଲାଘୀ, ଅହଙ୍କାରୀ, ଦାମ୍ଭିକ ।
Egregious, *a.* ଅସଙ୍ଗତ, ଅଶ୍ରୁତପୂର୍ବ, ଅତ୍ୟନ୍ତ, ଅନୁପମ । [କରଣ ।
Egress, *s.* ନିର୍ଗମନ, ବାହାର ଗମନ, ପ୍ରସ୍ଥାନ-
Eight, *a.* ଆଠ, ଅଷ୍ଟ ।
Eighty, *a.* ଅଶୀ, ଚାରିକୋଡ଼ି, ଅଶୀତି ।
Either, *pro.* ଦୁଇର ମଧ୍ୟେ ଏକ, ଅନ୍ୟତର, ଏ ବା ସେ ।
Ejaculate, *v.* ଅକସ୍ମାତ୍ ଡାକ ଛାଡ଼ିବା ।
Ejaculation, *s.* ହଠାତ୍ ପ୍ରାର୍ଥନା, ଅକସ୍ମାତ୍ ଉଚ୍ଚାରଣ ।
Ejaculatory, *a.* ହଠାତ୍ ଉଚ୍ଚାରିତ ।
Eject, *v.* ନିର୍ଗତ-ବାହାର-ଦୂର-ପ୍ରକ୍ଷେପ-କର
Eke, *v.* ବୃଦ୍ଧି- ପୂର୍ତ୍ତି- ବଡ଼-କର, ଲମ୍ବାଇବା ।
Elaborate, *a.* ଅତି ସୁନ୍ଦର, ଅତ୍ୟୁତ୍ତମକୃତ, ଶ୍ରମରେ ସମ୍ପନ୍ନ ।
Elaborate, *v.* ଶ୍ରମରେ ସମ୍ପନ୍ନ- ଶ୍ରମସିଦ୍ଧ-କର ।
Elapse, *v.* ଗତ- ଅତୀତ- ଶେଷ-ହେ ।
Elastic, *a.* ଯାହା ଟାଣିଲେ ବଢ଼ିଯାଏ, ସ୍ଥିତିସ୍ଥାପକ ।
Elasticity, *s.* ସ୍ଥିତିସ୍ଥାପକତା, ତେଜତାପଣ ।
Elate, *v.* ପ୍ରଫୁଲ୍ଲଚିତ୍ତ-ଉଲ୍ଲାସିତ-କର ।
Elbow, *s.* କହୁଣି, କୂର୍ପର, କଫୋଣି ।
Elder, *a.* ଜ୍ୟେଷ୍ଠ, ବଡ଼, ଅଗ୍ରଜାତ, ପ୍ରାଚୀନ ।
Elderly, a. ବୟୋଧିକ, ବୃଦ୍ଧ ।
Eldest, *a.* ସର୍ବଜ୍ୟେଷ୍ଠ, ପ୍ରଥମଜାତ, ବଡ଼ ।
Elect, *a.* ମନୋନୀତ, ଗ୍ରାହ୍ୟ, ନିର୍ବାଚିତ ।
—*v.* ମନୋନୀତ- ପସନ୍ଦ-କର, ବାଛିବା ।
Election, *s.* ନିର୍ବାଚନ, ନିୟୋଗକରଣ ।
Electricity, *s.* ବୈଦ୍ୟୁତିକ ଧର୍ମ । [କୃତ-କର
Electrify, *v.* ବିଦ୍ୟୁତର ଗୁଣସଂଶ୍ଲିଷ୍ଟ-କର ; ଚମ-

Electuary, *s.* ଔଷଧୀୟ ଚଟାଣିବିଶେଷ।
Eleemosynary, *a.* ଭିକ୍ଷାଦାନସମ୍ବନ୍ଧୀୟ।
Elegance, *s.* ସୌନ୍ଦର୍ଯ୍ୟ, ଶୋଭା, ସୌଷ୍ଠବ।
Elegant, *a.* ଅତି ସୁନ୍ଦର, ସୁଶ୍ରୀ, ଶୋଭାଯୁକ୍ତ
Elegy, *s.* ମରଣଗୀତ, ବିଳାପସୂଚକ।
Elementary, *a.* ପ୍ରାରମ୍ଭିକ; ଭୌତିକ; ଅମିଶ୍ରିତ, ମୂଳସ୍ୱରୂପାତ୍ମକ।
Elements, *s.* ପଞ୍ଚଭୂତ ଯଥା—ଭୂ, ଜଳ, ଅଗ୍ନି, ବାୟୁ, ଆକାଶ; ମୂଳବସ୍ତୁ।
Elephant, *s.* ହାତୀ, ହସ୍ତୀ, ଗଜ, ମାତଙ୍ଗ।
Elephantiasis, *s.* ଗୋଦର,ଶ୍ଳୀପଦରୋଗ।
Elevate, *v.* ଉଚ୍ଚ- ଉତ୍ଥାପିତ- ଉନ୍ନତ- ସମ୍ମାନିତ-କ।
Elevation, *s.* ଉଚ୍ଚତା, ଉନ୍ନତି, ଉତ୍ଥାପନ,
Eleven, *a.* ଏଗାର ଏକାଦଶ। [ମର୍ଯ୍ୟାଦା।
Elf, *s.* କାଳ୍ପନିକ ଦେବତା, ପ୍ରେତ। [ଶ-କ।
Elicit, *v.* ଯତ୍ନଦ୍ୱାରା ଉପଲବ୍ଧ-କ; ନିର୍ଗତ-ପ୍ରକା-
Eligible, *a.* ଉପଯୁକ୍ତ, ବରଣୀୟ, ମନୋନୀୟ, ଯୋଗ୍ୟ।
Eliminate, *v.* ଦୂର- ମୁକ୍ତ-କ, ଛାଡ଼ିବା।
Elision, *s.* ଛିନ୍ନକରଣ, ସଂକ୍ଷେପରେ ଉଚ୍ଚାରଣକରଣ। [ଅରକ୍।
Elixir, *s.* କୌଣସି ଦ୍ରବ୍ୟର କ୍ୱାଥ, ସାର ରସ,
Elk, *s.* ହରିଣବିଶେଷ, ଶମ୍ବର।
Ell, *s.* ବସ୍ତ୍ରର ପରିମାଣ ଯଥା—ସଉଆଗଜେ।
Ellipsis, *s.* ଲକ୍ଷଣା, ଅଧ୍ୟାହାର।
Elliptical, *a.* ଅଣ୍ଡାକାର, ଲକ୍ଷିତ, ଊହ୍ୟ।
Elocution, *s.* ବାକ୍ପଟୁତା, ବକ୍ତୃତା; ଉଚ୍ଚାରଣ ବିଦ୍ୟା।
Elongate, *v.* ଦୀର୍ଘ-ଲମ୍ବା-ଟାଣି ବଢ଼-କ।
Elope, *v.* ପଳାଇବା, ପତିକି ପତ୍ନୀ ଛାଡ଼ିବା।
Eloquence, *a.* ବାକ୍ପଟୁତା, ବକ୍ତୃତା।
Eloquent, *a.* ବାକ୍ପଟୁ, ବକ୍ତା, ବାଗ୍ମୀ।

Else, *ad.* ନୋହିଲେ, ନତୁବା, ଅନ୍ୟ, ବା।
Elsewhere, *ad.* ଅନ୍ୟତ୍ର, ଅନ୍ୟଠାରେ, ସ୍ଥାନାନ୍ତରରେ। [ନ-ଦେ।
Elucidate, *v.* ଅର୍ଥ ପ୍ରକାଶ-ସ୍ପଷ୍ଟ-କ, ବ୍ୟାଖ୍ୟା-
Elude, *v.* କପଟ ଛାଡ଼ିବା, ଛଳରେ ପଳାଇବା। [ଦାୟକ।
Elysian, *a.* ସ୍ୱର୍ଗୀୟ, ମନୋହର, ଅତି ସୁଖ-
Elysium, *s.* ସ୍ୱର୍ଗ, ବୈକୁଣ୍ଠ, ସୁଖଭୋଗର ସ୍ଥାନ।
Emaciated, *a.* କ୍ଷୀଣ,ଶୀର୍ଣ୍ଣ,କୃଶ, ଦୁର୍ବଳ।
Emanate, *v.* ନିର୍ଗତ-ନିଃସୃତ-ହେ।
Emanation, *s.* ନିର୍ଗମନ, ନିଃସରଣ, ଯାହା ନିର୍ଗତ ହୁଏ। [ଛାଡ଼-ଦେ।
Emancipate, *v.* ଦାସତ୍ୱରୁ ମୁକ୍ତ କରି ବା
Emasculate, *v.* ନପୁଂସକ-କ।
Embalm, *v.* ଶବକୁ ସୁଗନ୍ଧି ଦ୍ରବ୍ୟଯୁକ୍ତ-କ।
Embankment, *s.* ବନ୍ଧ, ବନ୍ଦ, ପୋଲବନ୍ଧ।
Embargo, *s.* ଜାହାଜ ଗମନାଗମନ ଅଟକ-କାରଣ।
Embark, *v.* ଜାହାଜରେ ଚଢ଼ିବା ବା ଆରୋହଣ-କ; କୌଣସି ବିଷୟରେ ପ୍ରବୃତ୍ତ-ହେ।
Embarrass, *v.* ଦୁଃଖ-କ୍ଲେଶ-ଦେ, ଅପ୍ରତିଭ-ଘାବର-କ। [ଭାବନା।
Embarrassment, *s.* ଦୁଃଖ,ଘାବର,ଚିନ୍ତା,
Embassy, *s.* ଦୂତକର୍ମ, ଦୌତ୍ୟ।
Embellish, *v.* ସୁଶୋଭିତ-ବିଭୂଷିତ-କ।
Embellishment, *s.* ଭୂଷଣ, ସଜ୍ଜା, ଅଳ-
Embers, *s.* ଜଳନ୍ତା ଅଙ୍ଗାର। [କାର
Embezzle, *v.* ଗୋପନରେ ଚୋରି-କ, ତୋସରପାତ-କ। [ଚିହ୍ନ।
Emblem, *s.* ପ୍ରତିରୂପ, ଉଦାହରଣ, ଚିହ୍ନ,
Emblematic, *a.* ପ୍ରତିରୂପକ, ନିଦର୍ଶନମୟ, ଉପମାଯୁକ୍ତ।

Embody, *v.* ଦେହବିଶିଷ୍ଟ-ଏକତ୍ର-କ ।

Embolden, *v.* ସାହସ-ଆଶ୍ୱାସ-ଦେ ।

Emboss, *v.* କଡାଉ ବା ବୁଟାର କର୍ମ-କ ।

Embowel, *v.* ନାଡ଼ି ବା ଅନ୍ତ ବାହାର-କ ।

Embrace, *s.* ଆଲିଙ୍ଗନ, କୋଳାଲିଙ୍ଗନ ।—*v.* ଆଲିଙ୍ଗନ- କୋଳ-କ; ଗ୍ରହଣ-ସ୍ୱୀକାର-କ ।

Embrasure, *s.* ଦୁର୍ଗର ଉଚ୍ଚପାଚେରି, ଗଡ ପ୍ରାଚୀରରେ କମାଣର ଛିଦ୍ର ।

Embrocation, *s.* ମର୍ଦ୍ଦନୀୟ ଔଷଧ । [କର୍ମ-କ

Embroider, *v.* ବସ୍ତ୍ରରେ କଡାଉ ବା ବୁଟାର

Embroil, *v.* ବିବାଦ-କଜିଆ-ଝଗଡା ଘଟା-ଇବା ।

Embryo, *s.* ଭ୍ରୂଣ, ଗର୍ଭସ୍ଥ ଅପୁଷ୍ଟପ୍ରାଣୀ ।

Emendation, *s.* ଅଶୁଦ୍ଧ ବା ଭୁଲ ଶୋଧନ ।

Emerald, *s.* ମରକତ, ହରିନ୍ମଣି, ମଣିବିଶେଷ

Emerge, *v.* ନିର୍ଗତ-ବାହାର-ହେ, ଉଠିବା; ଉଦୟ-ହେ । [ପ୍ରୟୋଜନ ।

Emergency, *s.* ଆକସ୍ମିକ ଘଟନା, ଅତି

Emergent, *a.* ଅତ୍ୟାବଶ୍ୟକ, ହଠାତ୍ ।

Emersion, *s.* ଉଦୟ, ଉନ୍ମଜ୍ଜନ ।

Emery, *s.* ଧାତୁ ଓ ମଣିଆଦି ପରିଷ୍କାରକ ଧାତୁ ।

Emetic, *s.* ବମନକାରୀ ଔଷଧ ।

Emigrant, *s.* ସ୍ୱଦେଶତ୍ୟାଗୀ, ଦେଶାନ୍ତରଗାମୀ, ବିଦେଶବାସୀ ।

Emigrate, *v.* ସ୍ୱଦେଶତ୍ୟାଗ—ଦେଶାନ୍ତର ଗମନ-କ । [ସମ୍ଭ୍ରମ ।

Eminence, *s.* ଉଚ୍ଚତା, ଊର୍ଦ୍ଧ୍ୱତା, ଉନ୍ନତ,

Eminent, *a.* ପ୍ରଧାନ, ବଡ, ମହତ, ଉଚ୍ଚ ।

Eminently, *ad.* ଉତ୍ତମରୂପେ, ଉତ୍କୃଷ୍ଟଭାବରେ, ଦୃଶ୍ୟାତ୍ମକ ।

Emissary, *s.* ଚର, ଦୂତ, ଗୋଇନ୍ଦା, ଦୂତପୁରୁଷ ।

Emission, *s.* ନିକ୍ଷେପ, ପ୍ରକ୍ଷେପ, ନିଃସରଣ ।

Emit, *v.* ନିର୍ଗତ-ବାହାର-ପ୍ରକ୍ଷେପ-କ ।

Emollient, *a.* କୋମଳକାରୀ ।

Emolument, *s.* ଲାଭ, ପ୍ରାପ୍ତି, ଫଳ,ଲଭ୍ୟ ।

Emotion, *s.* ଉଦ୍‌ବେଗ, ମନସ୍ତାପ, ମନୋବିକାର ।

Empale, *v.* ଶୂଳଦ୍ୱାରା ହତ-କ, ଶୂଳି-ଦେ ।

Empannel, *v.* ପଞ୍ଚାୟତ ବା ଜୁରି ନିଯୁକ୍ତ-କ

Emperor, *s.* ରାଜାଧିରାଜ, ସମ୍ରାଟ୍ ଅଧିରାଜ, ଚକ୍ରବର୍ତ୍ତୀ, ବାଦଶାହ ।

Emphasis, *s.* ଦୃଢ଼ୋଚ୍ଚାରଣ, ସ୍ୱରାବଧାରଣ ।

Emphatic, *a.* ସ୍ୱରବିଶିଷ୍ଟ, ଗୁରୁତର, ଅବଧାରିତ ।

Empire, *s.* ସାମ୍ରାଜ୍ୟ, ରାଜ୍ୟ, ରାଜତ୍ୱ ।

Empiric, *a.* ପରୀକ୍ଷା ଦ୍ୱାରା ସ୍ଥିରୀକୃତ; ଅନୁଭବରୁ ଜାତ । [ବା; ବ୍ୟବହାର-କ ।

Employ, *v.* କର୍ମରେ ନିଯୁକ୍ତ-କ, ଚାକର ରଖି-

Employer, *s.* କର୍ମଦାତା, ପ୍ରଭୁ,କର୍ତ୍ତା,ମୁନିବ ।

Employment, *s.* କର୍ମ, କାର୍ଯ୍ୟ, ବ୍ୟବସାୟ, ପଦ, ଚାକରି ।

Emporium, *s.* ବାଣିଜ୍ୟସ୍ଥାନ, ପତ୍ତନ, ଗଞ୍ଜ ।

Empoverish, *v.* ନିର୍ଦ୍ଧନ- ଦରିଦ୍ର-କ ।

Empower, *v.* କ୍ଷମତାର୍ପଣ- ସ୍ୱତ୍ୱାର୍ପଣ-କ, କର୍ତ୍ତୃତ୍ୱ-ଦେ । [ଶ୍ୱରୀ, ପଟ୍ଟମହିଷୀ ।

Empress, *s.* ରାଜାଧିରାଜର ପତ୍ନୀ, ରାଜରାଜେ-

Emptiness, *s.* ଶୂନ୍ୟତା, ଅଭାବ, ରିକ୍ତତା ।

Empty, *a.* ଶୂନ୍ୟ, ଛୁଚ୍ଛା, ଖାଲି, ରିକ୍ତ ।

Empyreal, *a.* ପରିଷ୍କୃତ, ତୈଜସ, ଆକାଶୀୟ ।

Empyrean, *s.* ସର୍ବୋପରିସ୍ଥ ଆକାଶ ।

Emulate, *v.* ପ୍ରତିଯୋଗୀ- ଜୟେଚ୍ଛୁ- ହେ, ଅନୁଯୋଗ- ।

Emulation, *s.* ପ୍ରତିଯୋଗିତା, ଦ୍ୱେଷ,ସ୍ପର୍ଦ୍ଧା ।

Emulous, *a.* ପ୍ରତିଯୋଗୀ, ସ୍ପର୍ଦ୍ଧୀ, ଜିଗୀଷୁ ।

Enable, *v.* କ୍ଷମତାପନ୍ନ-କ, ସାମର୍ଥ୍ୟ-ଶକ୍ତି-ଦେ

Enact, *v.* ବ୍ୟବସ୍ଥା ସଂସ୍ଥାପନ-କ, ବଦ୍ଧ-ଦେ, କର୍ମ ଦ୍ୱାରା ବ୍ୟକ୍ତ-କ । [-କ ।

Enamel, *v.* କଳାଇ- ଚିତ୍ରବିଚିତ୍ର- ମଣ୍ଡିତ କର

Enamour, *v.* ପ୍ରେମାସକ୍ତ- ମୋହିତ-କ ।

Encamp, *v.* ଛାଉଣି-କ, ଡେରା ଉଠାଇବା ।

Encampment, *s.* ଛାଉଣି, ସୈନ୍ୟସ୍ଥାନ ।

Enchain, *v.* ଶିକୁଳିରେ ବନ୍ଧ-କ, ବେଡ଼ି-ଦେ

Enchant, *v.* ମୋହିତ-ଯାଦୁ-ମନ୍ତ୍ରରେ ବଶ-କ

Enchantment, *s.* ମୋହ, କୁହକ, ମାୟା, ଯାଦୁ, ମନ୍ତ୍ର ।

Enchase, *v.* ସୁବର୍ଣ୍ଣମଣ୍ଡିତ-ଭୂଷିତ-କଳାଇ-କ

Encircle, *v.* ଘେରଣ-ବେଷ୍ଟନ-କ, ବେଢ଼ିବା ।

Enclose, *v.* ବେଷ୍ଟନ-କ, ବେଢ଼ିବା ଘେରିବା ।

Enclosure, *s.* ଘେରସ୍ଥାନ, ବେଢ଼ା । [ଘୀ ।

Encomiast, *s.* ପ୍ରଶଂସାକାରୀ, ସ୍ତୋତା, ଶ୍ଲା-

Encomium, *s.* ପ୍ରଶଂସା, ସ୍ତୁତିବାଦ, ପ୍ରତିଷ୍ଠା ।

Encompass, *v.* ଘେରିବା, ବେଢ଼ିବା, ବେଷ୍ଟନ-କ ।

Encore, *ad.* ପୁନଶ୍ଚ, ପୁନର୍ବାର, ପୁନର୍ବାର ।

Encounter, *s.* ଯୁଦ୍ଧ, ସଂଗ୍ରାମ, ରଣ, ଲଢ଼ାଇ । —*v.* ଯୁଦ୍ଧ- ସଂଗ୍ରାମ- ଲଢ଼ାଇ-କ ; ସାକ୍ଷାତ-କ । [-ଦେ ।

Encourage, *v.* ସାହସ- ଅଶ୍ୱାସ- ଭରସା

Encroach, *v.* ସୀମା ଲଙ୍ଘନ- ଅକ୍ରମଣ-କ ।

Encumber, *v.* ବ୍ୟସ୍ତକାନ୍ତ-କ, ବ୍ୟାଘାତ ଜନ୍ମାଇବା । [ବ୍ୟାଘାତ ।

Encumbrance, *s.* ଭାର, ବାଧା, ବୋଝ,

Encyclopedia, *s.* ବିଦ୍ୟାହାରାବଳି, ବିଦ୍ୟାମୁକ୍ତାବଳି ।

End, *s.* ଶେଷ, ଅନ୍ତ, ପ୍ରାନ୍ତ, ସୀମା ; ଅଭିପ୍ରାୟ ।

Endanger, *v.* ଅପଦ ବା ସଙ୍କଟରେ ପକାଇବା ।

Endear, *v.* ସ୍ନେହପାତ୍ର- ପ୍ରିୟପାତ୍ର-କ ।

Endearment, *s.* ସ୍ନେହକରଣ, ପ୍ରିୟତା ।

Endeavour, *s.* ଚେଷ୍ଟା, ଉଦ୍ୟୋଗ, ଯତ୍ନ, ଉଦ୍ୟମ ।

Endemic, *a.* ଦେଶୀୟ, ଦେଶଜ, ଦେଶବ୍ୟାପକ । [ନିୟତ ।

Endless, *a.* ଅଶେଷ, ଅନନ୍ତ, ଅସୀମ, ନିତ୍ୟ,

Endorse, *v.* ପତ୍ର-ଚୁକ୍ତିର ପିଠିରେ ସ୍ୱାକ୍ଷର-କ ।

Endow, *v.* ବୃତ୍ତି-ଦେ, ଦାନ-କ, ଯୌତୁକ-ଦେ

Endowment, *s.* ବୃତ୍ତିଦାନ, ଯୌତୁକ ; ଗୁଣ ।

Endue, *v.* ପ୍ରାପ୍ତ କରାଇବା, ଜ୍ଞାନ- ଗୁଣାଦି -ଦେ ।

Endurance, *s.* ସହିଷ୍ଣୁତା, ଧୈର୍ଯ୍ୟ, ବରଦାସ୍ତ

Endure, *v.* ସହିବା, ସହ୍ୟ- ବରଦାସ୍ତ-କ, ଭୋଗିବା ।

Enemy, *s.* ଶତ୍ରୁ, ବିପକ୍ଷ, ବୈରୀ, ଅରି ।

Energetic, *a.* ତେଜସ୍ୱୀ, ବଳବନ୍ତ, ଉଗ୍ର ।

Energy, *s.* ପ୍ରଭାବ, ତେଜଃ, ବଳ, ଶକ୍ତି, ଉତ୍ସାହ ।

Enervate, *v.* ଦୁର୍ବଳ- କ୍ଷୀଣ- ନିସ୍ତେଜ-କ ।

Enfeeble, *v.* ଦୁର୍ବଳ- କ୍ଷୀଣ-ନିସ୍ତେଜ-କ ।

Enforce, *v.* ପ୍ରବଳ- ଜୋର-କ, ବଳପୂର୍ବକ କରାଇବା ।

Enfranchise, *v.* ମୁକ୍ତ-ଉଦ୍ଧାର-ସ୍ୱାଧୀନ-କ ।

Engage, *v.* ଅବଦ୍ଧ-ହେ, କର୍ମ-ଦେ, ନିଯୁକ୍ତ-କ; ଯୁଦ୍ଧ- ଲଢ଼ାଇ-କ; ଅଙ୍ଗୀକାର- ନିୟମ-କ; ମୋହିତ-କ, ପ୍ରବୃତ୍ତ କରାଇବା ।

Engagement, *s.* ନିୟମ, ନିରୂପଣ, ପ୍ରତିଜ୍ଞା, ଯୁଦ୍ଧ; କର୍ମବିଷୟ; ବ୍ୟାପାର ।

Engaging, *a.* ପ୍ରୀତିମୟ, ମନୋହର, ପ୍ରେମଜନକ । [ଇବା ।

Engender, *a.* ଜନ୍ମ-ଦେ, ଉତ୍ପନ୍ନ-କ, ଜନ୍ମା-

Engine, *s.* କଳ, ଯନ୍ତ୍ର, ଦମକଳ ଇତ୍ୟାଦି ।

Engineer, *s.* କଳଜ୍ଞ, ଗୋଲନ୍ଦାଜ, ଯନ୍ତ୍ରକର୍ମିତା ।

English, *a.* ଇଂରାଜୀ, ଇଂଲଣ୍ଡୀୟ ।

Engrain, *v.* ପକ୍କାରଙ୍ଗ- ଘୋର ରଙ୍ଗ-କ ।

Engrave, *v.* ଖୋଦ-କ, ଧାତୁଆଦିରେ ଲେଖିବା ।

Engraving, *s.* ଖୋଦିତ ଛବି, ଚିହ୍ନିତ ବେଶ ।

Engross, *v.* ସମସ୍ତ ଧରିନେବା, ସମ୍ପୂର୍ଣ୍ଣରୂପେ ମନ ମଗ୍ନ-କ; ବଡ଼ ଅକ୍ଷରରେ ଉତାରିବା ।

Enhance, *v.* ବୃଦ୍ଧି-କ, ବଢାଇବା, ବୃଦ୍ଧି-କ ।

Enigma, *s.* ପ୍ରହେଳିକା, ଗୂଢ଼ବିଷୟ, ଘୋର-ପ୍ରଶ୍ନ ।

Enigmatical, *a.* ପ୍ରହେଳିକାପୂର୍ଣ୍ଣ, ଅସ୍ପଷ୍ଟ, କଠିନ ।

Enjoin, *v.* ଆଜ୍ଞା- ଆଦେଶ- ହୁକୁମ-କ ।

Enjoy, *v.* ଭୋଗ-କ, ସନ୍ତୁଷ୍ଟ- ବିଳାସୀ-ହେ ।

Enjoyment, *s.* ସୁଖଭୋଗ, ଆନନ୍ଦ, ଆମୋଦ ।

Enkindle, *v.* ପ୍ରଜ୍ୱଳିତ-କ, ଜଳାଇ-ଦେ ।

Enlarge, *v.* ପ୍ରଶସ୍ତ- ବୃଦ୍ଧି-କ, ବଢାଇବା ।

Enlargement, *s.* ବୃଦ୍ଧି, ବିସ୍ତାର, ଆଧିକ୍ୟ । ମୁକ୍ତି ।

Enlighten, *v.* ଆଲୋକ- ଦୀପ୍ତି-କ, ବୋଧ-କରାଇବା, ଜ୍ଞାନ-ଦେ ।

Enlist, *v.* ସୈନ୍ୟକର୍ମରେ ନିଯୋଗ-କ; ପ୍ରବୃତ୍ତି ଜନ୍ମାଇବା ।

Enliven, *v.* ସଜୀବ- ସତେଜ-ଆନନ୍ଦିତ-କ ।

Enmity, *s.* ହିଂସା, ଶତ୍ରୁତା, ବିପକ୍ଷତା, ବୈର, ଦ୍ୱେଷ ।

Ennoble, *v.* କୁଳୀନପଦସ୍ଥ- ଉଚ୍ଚପଦସ୍ଥ-କ ।

Ennui, *s.* କ୍ଳାନ୍ତି, ଶ୍ରାନ୍ତି, ଅରୁଚି, କୌଣସି କର୍ମରେ ଅନିଚ୍ଛା ।

Enormity, *s.* ମହାପାପ, ଅତିଶୟ ଦୁଷ୍ଟତା; ଅତ୍ୟାଚାର ।

Enormous, *a.* ବଡ଼, ବୃହତ, ମହା; ଅବ୍ୟବସ୍ଥିତ ।

Enough, *a.* ପ୍ରଚୁର, ଯଥେଷ୍ଟ, ବହୁତ, ବେଶୀ

Enrage, *v.* କ୍ରୋଧାନ୍ୱିତ-କ, କ୍ରୋଧ ଜନ୍ମାଇବା ।

Enrapture, *v* ଅହ୍ଲାଦରେ ମଗ୍ନ- ପରମ ଆନନ୍ଦିତ-କ ।

Enrich, *v.* ଧନବାନ୍- ଧନୀ-କ, ଉର୍ବର-କ ।

Enrobe, *v.* ବସ୍ତ୍ରପରିହିତ- ଉତ୍ତମ ବସ୍ତ୍ରାନ୍ୱିତ- ଭୂଷିତ-କ ।

Enrol, *v.* ଫର୍ଦ୍ଦରେ ନାମ ଲେଖିବା, ଭର୍ତ୍ତି-କ ।

Ensample, *s.* ଆଦର୍ଶ, ଦୃଷ୍ଟାନ୍ତ, ନମୁନା, ଉଦାହରଣ ।

Ensconce, *v.* ଦୁର୍ଗାବୃତ-କ; ଆଶ୍ରୟରେ ବସାଇବା ।

Enshrine, *v.* ପବିତ୍ରସ୍ଥାନରେ ରଖିବା, ଆଦର କରି ରଖିବା ।

Ensign, *s.* ଚିହ୍ନ, ପତାକା, ନିଶାଣ, ଧ୍ୱଜା; ପତାକାଧାରୀ ।

Enslave, *v.* ଦାସ- ପରାଧୀନ- ଗୋଲାମ-କ ।

Ensue, *v.* ଘଟିବା, ଫଳିବା, ଉତ୍ପନ୍ନ-ହେ ।

Entablature, *s.* ସ୍ତମ୍ଭର ବା ଖମ୍ବର ମସ୍ତକାଭରଣ ।

Entail, *v.* ପୁତ୍ରପୌତ୍ରାଦିକ୍ରମେ ଭୋଗ-କ ।

Entangle, *v.* ଅଟକାଇବା, ଛନ୍ଦାଇ ବନ୍ଦ-କ, ଫାନ୍ଦରେ ପକାଇବା ।

Enter, *v.* ପ୍ରବେଶ-କ, ପଶିବା, ଭିତରକୁ ଯିବା ।

Enterprise, *s.* ଦୁଃସାଧ୍ୟ ବା ସାହସର କର୍ମ, ମହୋଦ୍ୟମ ।

Enterprising, *a.* ଉଦ୍ଯୁକ୍ତ, ସାହସିକ, ଉଦ୍ଯୋଗୀ ।

Entertain, *v.* ଆମୋଦ-ଆତିଥ୍ୟ-କ, ମନରେ ସ୍ଥାନ-ଦେ ।

Entertaining, *a* ସନ୍ତୋଷଜନକ, ତୁଷ୍ଟିକର

Entertainment, *s.* ଆତିଥ୍ୟ, ଭୋଜ; କୌତୁକ, ଖେଳା; କଥୋପକଥନ ।

Enthral, *v.* ଦାସ-ସ୍ୱାଧୀନତା ହରଣ-କ ।

Enthrone, *v.* ସିଂହାସନୋପବିଷ୍ଟ-ଉନ୍ନତ-କ

Enthusiasm, *s.* ଉତ୍ସାହ, ମତ୍ତୋଦ୍ୟମ. ଅତିଚେଷ୍ଟା । [ଅତିବ୍ୟଗ୍ର ।
Enthusiast, *s.* ଅନର୍ଥକ ପ୍ରତ୍ୟାଶୀ, ବାୟୁଗ୍ରସ୍ତ.
Enthusiastic, *a.* ଅନର୍ଥକ ପ୍ରତ୍ୟାଶାପନ୍ନ, ଉତ୍ସୁକ, ମତ୍ତୋଦ୍ୟମୀ । [ଭୁଲାଇବା ।
Entice, *v.* ମନକୁ ଲିପ୍ତ-କ ଫୁସୁଲାଇବା,
Enticement, *s.* ଯାହା ଦ୍ୱାରା ଲୋଭ ଜନ୍ମଇ ।
Entire, *a.* ଷୋଳଅଣା, ସମ୍ପୂର୍ଣ୍ଣ, ଅଖଣ୍ଡ, ସକଳ, ଯାବତ୍ । [ସମୁଦାୟେ ।
Entirely, *ad.* ସର୍ବତୋଭାବେ. ସମ୍ପୂର୍ଣ୍ଣରୂପେ.
Entitle, *v.* ଅଧିକାର-ଉପାଧି-ଦେ, ଯୋଗ୍ୟ-କ
Entity, *s.* ଭାବ, ସତ୍ତ୍ୱ, ସ୍ଥିତି. ସ୍ୱଭାବ ।
Entomb, *v.* କବର- ଗୋର- ସମାଧି-ଦେ, ପୋତିବା । [ବିଦ୍ୟା ।
Entomology, *s.* ପତଙ୍ଗ ବା କୀଟବିଷୟକ
Entrails, *s.* ନାଡ଼ି ; ଅନ୍ତ୍ର, ଭୁଡ଼ି ।
Entrance, *s.* ପ୍ରବେଶପଥ, ଦ୍ୱାର, ବାଟମୁଣ୍ଡ । —*v.* ମୂର୍ଚ୍ଛିତ- ମୋହିତ-କ ।
Entrap, *v.* ଫାନ୍ଦରେ ଧରିବା, କଳରେ ବନ୍ଦ-କ
Entreat, *v.* ବିନତି- ପ୍ରାର୍ଥନା-କ, ଦୃଢ଼ କରି ମାଗିବା । [କାକୁକ୍ତି ।
Entreaty, *v.* ବିନତି, ମିନତି, ପ୍ରାର୍ଥନା, ବିନୟ,
Entry, *s.* ଦ୍ୱାର, ପ୍ରବେଶପଥ ; ବହିରେ ଲେଖା
Enumerate, *v.* ଏକ ୨ ଗଣନା-କ, ସଂଖ୍ୟା - ସୁମାରି-କ । [ବ୍ୟକ୍ତ-କ ।
Enunciate, *v.* ଉଚ୍ଚାରଣ-କ ; ପ୍ରକାଶ-
Envelope, *s.* ଆଚ୍ଛାଦନ, ବେଷ୍ଟନ ; ଖାପ, ଲଫାଫା ।—*v.* ଆଚ୍ଛାଦନ-ଆବୃତ-ଆଚ୍ଛନ୍ନ-କ ।
Envenom, *v.* ବିଷମୟ-ବିଷାକ୍ତ-କ ; ଘୃଣା ଜନ୍ମାଇବା ।
Enviable, *a.* ଈର୍ଷ୍ୟାଯୋଗ୍ୟ. ଈର୍ଷଣୀୟ, ବାଞ୍ଛନୀୟ । [ନ୍ୱିତ ।
Envious, *a.* ପରଶ୍ରୀକାତର, ହିଂସକ, ଈର୍ଷ୍ୟା-

Environ, *v.* ବେଷ୍ଟନ-କ, ଘେରିବା, ବେଢ଼ିବା ।
Environs, *s.* ନଗରର ପ୍ରାନ୍ତଭାଗ, ଚତୁର୍ଦ୍ଦିଗର ନିକଟସ୍ଥ ସ୍ଥାନ ।
Envoy, *s.* ରାଜଦୂତ, ରାଜପ୍ରେରିତ, ଧାଉଡ଼ିଆ ।
Envy, *s.* ଈର୍ଷ୍ୟା, ପରଶ୍ରୀକାତରତା, ମାତ୍ସର୍ଯ୍ୟ ।
Epaulet, *s.* ସୈନ୍ୟର କାନ୍ଧ ଉପରସ୍ଥିତ ଝୁମ୍ପା ।
Ephemera, *s.* ଏକଦିନଜୀବୀ କୀଟ ।
Ephemeral, *a.* ଦୈନିକ, ଅଳ୍ପସ୍ଥାୟୀ, ଯାହା ଏକଦିନେ ଜାତ ଓ ନାଶ ହୁଏ ।
Ephemeris, *s.* ପଞ୍ଜିକାବିଶେଷ, ରୋଜନାମା ।
Epic, *s.* ବୀରରସ ଉପାଖ୍ୟାନ କାବ୍ୟ ।
Epicene, *s.* ବ୍ୟାକରଣ ଶାସ୍ତ୍ରରେ ଦ୍ୱିଲିଙ୍ଗ ।
Epicure, *s.* ପେଟୁକ, ଉଦରମ୍ଭରି, ଖାଦ୍ୟରସ-ସୁଖାଭିଳାଷୀ ।
Epidemic, *a.* ଦେଶବ୍ୟାପକ, ମାରକ, ମଡ଼କ ।
Epigram, *s.* ଶ୍ଳୋକବିଶେଷ, ଅଳ୍ପ ସଂକ୍ଷିପ୍ତୋକ୍ତି ।
Epigrammatist, *s.* ଉକ୍ତ ଶ୍ଳୋକ ରଚକ ।
Epilepsy, *s.* ଅପସ୍ମାର. ମୃଗୀରୋଗ ।
Epilogue, *s.* ଗ୍ରନ୍ଥର ଶେଷଭାଗ, ଯାତ୍ରାର ଶେଷ କବିତା ।
Episcopacy, *s.* ଧର୍ମାଧ୍ୟକ୍ଷର ପ୍ରଭୁତ୍ୱ ।
Episcopal, *a.* ଧର୍ମାଧ୍ୟକ୍ଷସମ୍ବନ୍ଧୀୟ ।
Episode, *s.* କାବ୍ୟର ମଧ୍ୟରେ ଉପକଥା, ଗ୍ରନ୍ଥର ଶାଖା ।
Epistle, *s.* ଚିଠାଉ, ପତ୍ର, ପତ୍ରିକା, ଚିଠି ।
Epistolary, *a.* ପତ୍ରବିଷୟକ, ପତ୍ରୀୟ, ପତ୍ରଗତ ।
Epitaph, *s.* କବରରେ ଲିଖିତ ବିବରଣ ।
Epithet, *s.* ଗୁଣବାଚକ ପଦ, ଉପନାମ ଉପାଧି । [ଗ୍ରନ୍ଥରସାର ।
Epitome, *s.* ସଂକ୍ଷେପ. ସାରସଂଗ୍ରହ, ଟୀକା,
Epitomize, *v.* ସାରସଂଗ୍ରହ- ସଂକ୍ଷେପ-କ ।
Epoch, *s.* ଯୁଗ, ଶକ, ଶକାବ୍ଦ, ନିର୍ଦ୍ଦିଷ୍ଟକାଳ ।

Equable, *a.* ସମଭାବ, ତୁଲ୍ୟ, ସମାନ, ନିର୍ବିକାର । [ବରାବର ।
Equal, *a.* ସମତୁଲ୍ୟ, ତୁଲ୍ୟସମାନ, ଅବିଶେଷ,
Equality, *s.* ତୁଲ୍ୟତା, ସମଭାବ, ସମତା, ଏକାବସ୍ଥା ।
Equalize, *v.* ସମତୁଲ୍ୟ- ସମାନ-କ ।
Equanimity, *s.* ସ୍ଥିରତା, ଧୀରତ୍ୱ, ଶାନ୍ତ-ସ୍ଥିରତ୍ୱ ।
Equation, *s.* ତୁଲ୍ୟାଙ୍କ, ସମାନକରଣ ।
Equator, *s.* ନାଡ଼ୀମଣ୍ଡଳ, ଦକ୍ଷିଣୋତ୍ତର କେନ୍ଦ୍ର-ବକ୍ଷଗତାଶ୍ରେଣୀ ଲେଖା ।
Equatorial, *a.* ନାଡ଼ୀ ମଣ୍ଡଳସମ୍ବନ୍ଧୀୟ ।
Equestrian, *a.* ଅଶ୍ୱାରୂଢ଼, ଅଶ୍ୱସମ୍ବନ୍ଧୀୟ ।
Equiangular, *a.* ସମକୋଣବିଶିଷ୍ଟ ।
Equidistant, *a.* ସମଦୂରବର୍ତ୍ତୀ, ତୁଲ୍ୟାନ୍ତରସ୍ଥ
Equilateral, *a.* ସମଭୁଜବିଶିଷ୍ଟ, ତୁଲ୍ୟବାହୁଯୁକ୍ତ । [ମାଣ ।
Equilibrium, *s.* ସମତା, ସମଭାବ, ସମପରି-
Equinoctial, *a.* ବିଷୁବରେଖା ସମ୍ବନ୍ଧୀୟ ।
Equinox, *s.* ବିଷୁବକାଳ, ସମଦିବାରାତ୍ର; ବିଷୁବପଦ; ଦୃଢ଼ପଦ ।
Equip, *v.* ସଜ୍ଜିତ- ପ୍ରସ୍ତୁତ-କ, ସଜାଇବା ।
Equipage, *s.* ପରିଛଦ, ଯାନବାହନାଦି, ସରଞ୍ଜାମ ।
Equipoise, *s.* ତୁଲ୍ୟପରିମାଣ, ସମଭାବ, ସମାନତା । [ଯୁକ୍ତ ।
Equitable, *a.* ଯଥାର୍ଥ, ପ୍ରକୃତ, ଠିକ, ଉପ-
Equity, *s.* ସୁବିଚାର, ନ୍ୟାୟ, ଯାଥାର୍ଥ୍ୟ, ସାଧୁତା
Equivalent, *a.* ସମତୁଲ୍ୟ, ତୁଲ୍ୟମୂଲ୍ୟ, ସମ-ଗୁଣବିଶିଷ୍ଟ । [ସ୍ପଷ୍ଟ ।
Equivocal, *a.* ଦ୍ୱ୍ୟର୍ଥକ, ଦ୍ୱିବିଧ, ସନ୍ଦିଗ୍ଧ, ଅ-
Equivocate, *v.* ଅନିଶ୍ଚିତ କଥା କ । ଟାଳମଟାଳ କର-କହ ।

Era, *s.* ଶକ, କାଲ, ଶକ ନିର୍ଦ୍ଦିଷ୍ଟକାଳ । [ରଣ ।
Eradiation, *s.* ଅଂଶୁପାତ, ସୂର୍ଯ୍ୟର ଅଗ୍ନି, କି-
Eradicate, *v.* ସମୂଳୋତ୍ପାଟନ-କ, ମୂଳ ସହିତ ଉପାଡ଼ିବା ।
Erase, *v.* କାଟିବା, ଲୋପ-କ, ଘଷିବା ।
Erasure, *s.* ଲୋପକରଣ, ମୋଚନ ।
Ere, *ad.* ପୂର୍ବେ, ଅଗ୍ରେ, ଆଗେ ।
Erect, *a.* ଠିଆ, ସଳଖ, ଟେକ, ଉଚ୍ଚା ।—*v.* ନିର୍ମାଣ-କ, ଗଢ଼ିବା, ଠିଆ-କ, ଉଠାଇବା ।
Erection, *s.* ଗଠନ, ସ୍ଥାପନ, ଉତ୍ଥାପନ ।
Ermine, *s.* ଉତ୍ତମ ଲୋମନିର୍ମିତ ବସ୍ତ୍ର; ପଶୁ-ବିଶେଷ ।
Err, *v.* ଭୁଲିବା, ଭ୍ରମଣ-କ, କୁପଥରେ ଯିବା ।
Errand, *s.* ଦୂତର କର୍ତ୍ତବ୍ୟକର୍ମ, ଖବର, ବାର୍ତ୍ତା ।
Errant, *a.* ଭ୍ରମଣକାରୀ, ଭ୍ରମଣଶୀଳ, ନୀଚ,
Errantry, *s.* ଭ୍ରମଣାବସ୍ଥା, ପର୍ଯ୍ୟଟନ । [ଅଧମ ।
Errata, *s.* ଅଶୁଦ୍ଧ ଶୋଧନପତ୍ର, ଛାପାର ଭୁଲ ।
Erratic, *a.* ଭ୍ରମଣଶୀଳ, ଅନିୟମିତ ।
Erroneous, *a.* ଅଶୁଦ୍ଧ, ମିଥ୍ୟା, ଭୁଲ, ଭ୍ରାନ୍ତ ।
Error, *s.* ଭୁଲ, ଭ୍ରମ, ଭ୍ରାନ୍ତି, ଦୋଷ, ତ୍ରୁଟି ।
Erst, *ad.* ଆଦିରେ, ପ୍ରଥମେ, ଆଗେ, ପୂର୍ବେ ।
Eructate, *v.* ବାୟୁ ନିର୍ଗତ- ଉଦ୍ଗାର-କ ।
Erudite, *a.* ପ୍ରାଜ୍ଞ, ପଣ୍ଡିତ, ଜ୍ଞାନୀ । [ବିଦ୍ୟା ।
Erudition, *s.* ପାଣ୍ଡିତ୍ୟ, ପଣ୍ଡିତତ୍ୱ, ଜ୍ଞାନ,
Eruption, *s.* ବିସ୍ଫୋଟକ, କୁଣ୍ଡିଆ; ହଠାତ୍ ବହିର୍ଗମନ ।
Erysipelas, *s.* ରକ୍ତ କୁଷ୍ଠ, ପରିବାତ ।
Escalade, *s.* ଗଡ଼ ପାଚେରୀରେ ଆରୋହଣ ।
Escape, *s.* ପଳାୟନ, ରକ୍ଷା, ନିସ୍ତାର, ଖଲାସକରଣ । [ହସ୍ତରେ ପଡ଼େ ହୁଏ ।
Escheat, *s.* ବେଓାରିସୀ ଧନ, ଯାହା ରାଜା
Eschew, *v.* ତ୍ୟାଗ-କ, ଛାଡ଼ ପଳାଇବା ।
Escort, *s.* ଯାତ୍ରାପଥେ ରକ୍ଷାର୍ଥେ ସୈନ୍ୟଦଳ ।

Esculent, *a*. ଆହାରେଯୋଗ୍ୟ, ଖାଦ୍ୟ, ଭକ୍ଷ୍ୟ
Escutcheon, *s*. ବଂଶ ମର୍ଯ୍ୟାଦାର ଲକ୍ଷଣ ।
Especial, *a* ବିଶେଷ, ପ୍ରଧାନ, ବରିଷ୍ଠ, ଶ୍ରେଷ୍ଠ
Especially, *ad*. ବିଶେଷତଃ, ବିଶେଷରୂପେ, ଅତିଶୟ ।
Espionage, *s*. ଚର, ଗୋଇନ୍ଦା, ଗୂଢ଼ ପୁରୁଷର ବୃତ୍ତି, ଅନୁସନ୍ଧାନ ।
Esplanade, *s*. ଦୁର୍ଗ ତଳସ୍ଥ ମାଠ, ମଇଦାନ ।
Espousal, *a*. ବୈବାହିକ, ବିବାହସମ୍ବନ୍ଧୀୟ ।
Espousals, *s*. ବିବାହର ସମ୍ବନ୍ଧ ବା ବିବାହ ।
Espouse, *v*. ବିବାହ-କ; ସପକ୍ଷ-ହେ. ପକ୍ଷପାତ -କ । [ନିରୀକ୍ଷଣ-କ ।
Espy, *v*. ଦୂରରେ ଦେଖିବା, ଅନାଇବା,
Esquire, *s*. ମର୍ଯ୍ୟାଦାସୂଚକଉପାଧି. ମହାଶୟ ।
Essay *s*. ସଂକ୍ଷିପ୍ତ ପ୍ରବନ୍ଧ; ଉଦ୍ୟୋଗ, ଚେଷ୍ଟା, ଯତ୍ନ ।—*v* ଚେଷ୍ଟା- ପରୀକ୍ଷା-କ ।
Essence, *s*. ସାରଭାଗ, ତତ୍ତ୍ୱ, ପଦାର୍ଥ, ସୁଗନ୍ଧି ଦ୍ରବ୍ୟ । [ପ୍ରୟୋଜନୀୟ ।
Essential, *a*. ଅତ୍ୟାବଶ୍ୟକ, ତତ୍ତ୍ୱଗତ,
Establish, *v*. ସ୍ଥାପନ-ନିଶ୍ଚୟ-ସ୍ଥିର-ଦୃଢ଼-କ ।
Establishment, *s*. ବସତି, ସ୍ଥିରତା; ଗୃହ-ପରିବାରବର୍ଗ ।
Estate, *s*. ବିଷୟ, ଧନ, ଅଧିକାର, ଅବସ୍ଥା ।
Esteem, *s*. ଶ୍ରଦ୍ଧା, ଆଦର, ସମ୍ମାନ, ପ୍ରେମ । —*v*. ଶ୍ରେଷ୍ଠଜ୍ଞାନ-ବୋଧ-କ । [ଉତ୍ତମ ।
Estimable, *a*. ସମ୍ମାନଯୋଗ୍ୟ, ମାନ୍ୟ,
Estimate, *s*. ସଂଖ୍ୟା. ଗଣନା, ମୂଲ୍ୟ; ଅନୁମାନିକ ବ୍ୟୟ ନିରୂପଣ; ବୋଧ, ବିବେଚନା । —*v*. ସଂଖ୍ୟା-ଗଣନା- ମୂଲ୍ୟ ଅନୁମାନ-କ ।
Estimation, *s*. ବୋଧ, ମୂଲ୍ୟନିରୂପଣ, ମର୍ଯ୍ୟାଦା, ସମ୍ମାନ ।
Estrange, *v*. ସ୍ନେହଭେଦ-କ, ସ୍ନେହ ଭଙ୍ଗ-କ, ଦୂରାନ୍ତର-କ ।
Estrangement, *s*. ସ୍ନେହଭଙ୍ଗ, ସୁହୃଦ୍‌ଭେଦ, ଅନ୍ତର, ଦୂର ।
Esquary, *s*. ନଦ୍ୟାଦିର ମୁଖ, ଖାଲର ମୁହାଣ. ନଦୀ ଓ ସମୁଦ୍ରର ସଙ୍ଗମସ୍ଥାନ ।
Etcetera, *ad*. ଇତ୍ୟାଦି, ପ୍ରଭୃତି, ଆଦିକରି ।
Etch, *v*. ଖୋଦନ ଦ୍ୱାରା ଚିତ୍ର-କ । [ଶେଷ ।
Eternal, *a*. ନିତ୍ୟ, ଅନାଦ୍ୟନନ୍ତ, ଅକ୍ଷୟ, ଅ-
Eternally, *ad*. ଚିରକାଳ, ଅନାଦ୍ୟନ୍ତେ, ଅନନ୍ତ ବା ଅଶେଷରୂପେ । [ପରଲୋକ ।
Eternity, *s*. ନିତ୍ୟତା, ଅନନ୍ତକାଳ, ଅକ୍ଷୟତା,
Ether, *s*. ଆକାଶ, ଔଷଧବିଶେଷ, ଅତି ନିର୍ମଳ ବାୟୁ ।
Ethereal, *a*. ଆକାଶୀୟ, ସ୍ୱର୍ଗୀୟ, ଅତିସୂକ୍ଷ୍ମ ।
Ethical, *a*. ନୀତିବିଦ୍ୟା ବିଷୟକ ବା ସମ୍ବନ୍ଧୀୟ ।
Ethics, *s*. ନୀତିବିଦ୍ୟା, ନୀତିଶାସ୍ତ୍ର ।
Etiquette, *s*. ସଦ୍ୟବହାର ବିଧି, ଶିଷ୍ଟାଚାର ।
Etymology. *s*. ଶବ୍ଦସାଧନବିଦ୍ୟା, ବ୍ୟୁତ୍ପତ୍ତି, ଧାତ୍ୱନୁସନ୍ଧାନ । [ଜନ ।
Eucharist, *s*. ଖ୍ରୀଷ୍ଟଙ୍କ ମରଣ ସ୍ମରଣାର୍ଥ ଭୋ-
Eulogium, *s*. ପ୍ରଶଂସା, ସ୍ତୁତି, ସ୍ତବ ।
Eulogize, *v*. ପ୍ରଶଂସା- ସ୍ତବ-କ ।
Eunuch, *s*. ନପୁଂସକ, ଷଣ୍ଢ, ନାମର୍ଦ୍ଦ ।
Euphony, *s*. ସୁସ୍ୱର, ମିଷ୍ଟସ୍ୱର, ସୁତାନ ।
European, *s*. and *a*. ଇଉରୋପଦେଶୀୟ ବ୍ୟକ୍ତି ।
Evacuate, *v*. ବାହାର-ତ୍ୟାଗ-ଶୂନ୍ୟ-ଖାଲି-କ
Evade, *v*. ଛଳ ବା କୌଶଳରେ ମୁକ୍ତ-ହେ, ବଞ୍ଚନା କରି ଉତ୍ତର-ଦେ । [ୟୀ, କ୍ଷଣିକ ।
Evanescent, *a*. ଅଦୃଶ୍ୟ, କ୍ଷଣସ୍ଥାୟୀ, ଅସ୍ଥା-
Evangelical, *a*. ଖ୍ରୀଷ୍ଟଧର୍ମ ବା ମଙ୍ଗଳସମାଚାରାନୁଯାୟୀ । [ଚାରକ ।
Evangelist, *s*. ଖ୍ରୀଷ୍ଟବିଷୟକ ସୁସମାଚାର ପ୍ର-
Evangelize, *v*. ଖ୍ରୀଷ୍ଟଧର୍ମାବଲମ୍ବୀ-କ ।

Evaporate, *v.* ବାଷ୍ପୀଭୂତ-ହେ ବା ମେଘରେ ଉଡ଼ିଯିବା । [ଛଳନା ।

Evasion, *s.* ଓଜର, ବାହାନା, ଟାଳମଟାଳ,

Evasive, *a.* କପଟୀ, ବାହାନାକାରୀ, ପ୍ରବଞ୍ଚକ ।

Eve, Even, *s.* ସନ୍ଧ୍ୟାକାଳ, ପର୍ବର ପୂର୍ବଦିନ ।

Even, *a.* ସମାନ, ସମତୁଲ୍ୟ, ସ୍ଥିର ।—*ad.* ସତ୍ୟ, ପ୍ରମାଣ, ବରଂ, ହିଁ ।

Evening, *s.* ସନ୍ଧ୍ୟାକାଳ, ସାୟଂକାଳ, ଦିନାନ୍ତ

Event, *s.* ଘଟଣା, ଫଳ, ଶେଷ, ଅନ୍ତ ।

Eventual, *a.* କର୍ମର ଫଳସମ୍ବନ୍ଧୀୟ ଶେଷାନ୍ତ, ପରିଶେଷ । [ଅନ୍ତେ ।

Eventually, *ad.* ଶେଷତଃ, ଅବଶେଷେ,

Ever, *ad.* କୌଣସିକାଳେ, ସର୍ବକାଳେ, ସର୍ବଦା, ନିତ୍ୟ ।

Evergreen, *s.* ଅମ୍ଳାନ ପତ୍ରବିଶିଷ୍ଟ ବୃକ୍ଷ ।

Everlasting, *a.* ଅନନ୍ତ, ଅକ୍ଷୟ, ନିତ୍ୟ, ଚିରକାଳସ୍ଥାୟୀ ।

Everliving, *a.* ଅମର, ଚିରଜୀବୀ, ଚିରସ୍ଥାୟୀ ।

Evermore, *ad.* ସତତ, ନିରନ୍ତର, ସର୍ବଦା, ସଦା ।

Every, *a.* ପ୍ରତ୍ୟେକ, ଏକ୍ୟ, ସକଳ, ପ୍ରତିଜଣ ।

Everywhere, *ad.* ସର୍ବତ୍ର, ସବୁଠାରେ, ସର୍ବସ୍ଥାନେ ।

Evict, *v.* ବ୍ୟବସ୍ଥାନୁଯାୟୀ ଅଧିକାରଚ୍ୟୁତ-କ ।

Evidence, *s.* ପ୍ରମାଣ, ସାକ୍ଷ୍ୟ, ଗୁହାରି; ନିଶ୍ଚିତତା ।

Evident, *a.* ସ୍ପଷ୍ଟ, ପ୍ରତ୍ୟକ୍ଷ, ସପ୍ରମାଣ, ପ୍ରସିଦ୍ଧ ।

Evil, *s.* ମନ୍ଦ, ବିପଦ, ଅମଙ୍ଗଳ, ହାନି, ପାପ ।—*a.* ମନ୍ଦ, ଅଶୁଭ, ଅନିଷ୍ଟ, ଦୁଷ୍ଟ ।

Evince, *v.* ପ୍ରକାଶ-କ, ଦେଖାଇବା, ବ୍ୟକ୍ତ-ପ୍ରମାଣ-କ ।

Eviscerate, *v.* ଅନ୍ତ୍ର ବାହାର-କ ।

Evoke, *v.* ଡାକିବା, ଆହ୍ୱାନ-ସମ୍ବୋଧନ-କ ।

Evolution, *s.* ଅନାବୃତ ବା ପ୍ରକାଶ ବା ବ୍ୟକ୍ତକରଣ ।

Evolve, *v.* ଅନାବୃତ-କ, ଖୋଲିବା ।

Evulsion, *s.* ଉତ୍ପାଟନ, ଉତ୍ପାଟ; ଉନ୍ମୂଳନ ।

Ewe, *s.* ଭେଡ଼ି, ମେଣ୍ଢା, ମେଷୀ । [ଝୁଲ ।

Ewer, *s.* ହାତ ଧୋଇବାର ଜଳପାତ୍ର, ଗଡୁ,

Exacerbation, *s.* କଷ୍ଟର ବା ପୀଡ଼ାର ବୃଦ୍ଧି ।

Exact, *a.* ଠିକ୍, ନିଶ୍ଚୟ, ଯଥାର୍ଥ, ନିୟମନିଷ୍ଠ ।—*v.* ହକ ବୋଲି ଦାବି-କ, ଅନ୍ୟାୟରେ ଦାବି କରି-ନେ । [ଥାର୍ଥ୍ୟ ।

Exactitude, *s.* ସୂକ୍ଷ୍ମତା; ପ୍ରକୃତତା, ଯା-

Exactly, *ad.* ଠିକ୍, ଯଥାର୍ଥ, ନିଶ୍ଚୟରୂପେ ।

Exaggerate, *v.* ବଢ଼ାଇବା, ସତ୍ୟରୁ ଅଧିକ-କହ ।

Exalt, *v.* ଉନ୍ନତ- ଉଚ୍ଚପଦସ୍ଥ- ପ୍ରଶଂସା-କ ।

Exaltation, *s.* ଉନ୍ନତି, ଗୌରବପ୍ରାପ୍ତି ।

Examination, *s.* ପରୀକ୍ଷା, ବିଚାର, ତଜବୀଜ ।

Examine, *v.* ପରୀକ୍ଷା-ପରଖ-ପ୍ରଶ୍ନ-ବିଚାର-କ ।

Examiner, *s.* ପରୀକ୍ଷକ, ବିଚାରକ ।

Example, *s.* ଉଦାହରଣ, ଦୃଷ୍ଟାନ୍ତ, ଆଦର୍ଶ, ଉପମା, ନମୁନା ।

Exasperate, *v.* ପ୍ରଜ୍ୱଳିତ-ବିରକ୍ତ-କ୍ରୁଦ୍ଧ-କ ।

Excavate, *v.* ଗର୍ତ୍ତ-କ, ଖୋଳିବା, ସୁଡ଼ଙ୍ଗ କାଟିବା ।

Exceed, *v.* ଅଧିକ- ଶ୍ରେଷ୍ଠ- ଅତିରିକ୍ତ-ହେ ।

Exceeding, *a.* ଅତିବାଦ, ଅଧିକ, ଅତିଶୟ, ଅନେକ । [ଅତି ।

Exceedingly, *ad.* ବହୁଳରୂପେ, ଅତିଶୟ,

Excel, *v.* ଶ୍ରେଷ୍ଠତମ-ଉତ୍କୃଷ୍ଟ- ଅତ୍ୟୁତ୍ତମ-ହେ ।

Excellence, *s.* ଉତ୍ତମତା, ଶ୍ରେଷ୍ଠତା, ନିର୍ମଳତା; ମର୍ଯ୍ୟାଦାର ପଦବୀ ।

Excellency, *s.* ମହାମହିମ, ଶ୍ରେଷ୍ଠତା ।

Excellent, *a.* ଅତ୍ୟୁତ୍ତମ, ଶ୍ରେଷ୍ଠ, ପରମ ।

Except, *v.* ବର୍ଜ୍ଜନ-କ, ଛାଡ଼-ଦେ, ଆପତ୍ତି-କ।
—*pr.* ବିନା, ବିନୁ, ଛଡ଼ା, ବର୍ଜିତ, ବ୍ୟତି-ରେକେ।

Exception, *s.* ବ୍ୟତିରେକ, ଆପତ୍ତି, ଓଜର।

Exceptionable, *a.* ଅଗ୍ରାହ୍ୟ, ବର୍ଜନୀୟ, ଆପତ୍ତିଯୋଗ୍ୟ, ନିକୃଷ୍ଟ।

Excess, *s.* ଆଧିକ୍ୟ, ବାହୁଲ୍ୟ, ଅତିରେକ; ଅପରିମିତତା, ଅତ୍ୟାଚାର। [ବାଡ଼କ।

Excessive, *a.* ଅତ୍ୟନ୍ତ, ଅତିରିକ୍ତ, ବଡ଼, ଅତି-

Exchange, *s.* ପରିବର୍ତ୍ତନ, ବଦଳ, ପାଲଟ, ବିନିମୟ।

Exchequer, *s.* ରାଜକୋଷ, ରାଜଭଣ୍ଡାର, ଖଜଣାଖାନା। [ମାସୁଲ।

Excise, *s.* ଅବକାରି ଦ୍ରବ୍ୟର କର, ରାଜକର,

Excision, *s.* ଉଚ୍ଛେଦ, ଉତ୍ପାଟ, ସର୍ବନାଶ।

Excitable, *a.* ଚେତନୀୟ, ପ୍ରବର୍ତ୍ତନୀୟ, ଉତ୍ତେ-ଜନୀୟ।

Excite, *v.* ପ୍ରବୃତ୍ତି ଜନ୍ମାଇବା, ଚେତାଇବା।

Excitement, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ଅଡମ୍ବର, ଚେତାଣ।

Exclaim, *v.* ଉଚ୍ଚୈଃସ୍ୱରେ-କହ, ଡାକିବା।

Exclamation, *s.* ଡାକ, ଚିତ୍କାର, ଚମତ୍କାର-ଜ୍ଞାପକ ଶବ୍ଦ, ଆଶ୍ଚର୍ଯ୍ୟ ବା ଶୋକୋକ୍ତିର ଚିହ୍ନ।

Exclude, *v.* ଦଳଚ୍ୟୁତ- ବାହାର- ଦୂର-କ।

Exclusion, *s.* ନିବାରଣ, ବର୍ଜନ। [ରକ।

Exclusive, *a.* ଭିନ୍ନ, ଛଡ଼ା, ବର୍ଜନକାରୀ, ନିବା-

Exclusively, *ad.* ଏକାକୀରୂପେ, ଏକର ଅଧିକାର ପ୍ରମାଣେ।

Excommunicate, *v.* ମଣ୍ଡଳୀଚ୍ୟୁତ- ସଙ୍ଘ-ଭ୍ରଷ୍ଟ- ଅବ୍ୟବହାର୍ଯ୍ୟ-କ।

Excoriate, *v.* ପ୍ରହାର ଦ୍ୱାରା ଚମ ଛଡାଇବା, ଚର୍ମ ବା ଛାଲ କାଢିବା।

Excrement, *s.* ବିଷ୍ଠା, ମଳ, ପୁରୀଷ।

Excrescence, *s.* ଉପମାଂସ, ଆବୁ, ଫୋଟକା, ବଥ। [-ଦେ।

Excruciate, *v.* ଯନ୍ତ୍ରଣା- ଯାତନା- ଦୁଃଖ-

Exculpate, *v.* ନିରପରାଧ- ନିର୍ଦ୍ଦୋଷ-କ।

Excursion, *v.* ଭ୍ରମଣ, କିଞ୍ଚିଦ୍ଦୂରଯାତ୍ରା, ପର୍ଯ୍ୟଟନ।

Excusable, *a.* କ୍ଷମାଯୋଗ୍ୟ, ମାର୍ଜନୀୟ।

Excuse, *s.* ଦୋଷଖଣ୍ଡନ, ଆପତ୍ତି, ଓଜର।
—*v.* କ୍ଷମା-କ, ଛାଡ଼-ଦେ, ବାହାନା-କ।

Execrable, *a.* ଅଭିଶାପଯୋଗ୍ୟ, ଘୃଣାର୍ହ, ଅତିମନ୍ଦ। [ଇଚ୍ଛା-କ।

Execrate, *v.* ଅଭିଶାପ-ଶାପ-ଦେ, ଅମଙ୍ଗଳ

Execration, *s.* ଅଭିଶାପ, ଶାପ, ମନ୍ୟୁ, ଅମ-ଙ୍ଗଳେଚ୍ଛା।

Execute, *v.* ନିର୍ବାହ-କ; ପ୍ରାଣଦଣ୍ଡ-ଦେ।

Execution, *s.* ନିଷ୍ପତ୍ତି; ବ୍ୟବସ୍ଥାନୁସାରେ ପ୍ରା-ଣଦଣ୍ଡ। [କାରୀ ଜଲ୍ଲାଦ।

Executioner, *s.* ଦଣ୍ଡୀ, ପ୍ରାଣଦଣ୍ଡକାରୀ; କର୍ମ-

Executive, *a.* କର୍ମ ସମ୍ପାଦକ, ନିଷ୍ପାଦକ।

Executor, *s.* ମୃତ ବ୍ୟକ୍ତିର ବିଷୟରକ୍ଷକ।

Exegetical, *a.* ଅର୍ଥକାରକ, ବ୍ୟାଖ୍ୟାକର, ପ୍ରକାଶକ।

Exemplar, *s.* ଆଦର୍ଶ, ଉଦାହରଣ, ଦୃଷ୍ଟାନ୍ତ।

Exemplary, *a.* ନିଦର୍ଶନର ଯୋଗ୍ୟ, ଉତ୍ତମ, ସଦାଶୟ। [ଷ୍ଟାନ୍ତ-ଦେ।

Exemplify, *v.* ନିଦର୍ଶନ ପ୍ରମାଣ- ଦୃ-

Exempt, *v.* ଦାୟ-ମୁକ୍ତ-କ, ଛାଡ଼-ଦେ, ଗଣନା ନ-କ, ବର୍ଜନ-କ।

Exercise, *s.* ପରିଶ୍ରମ, ଅଭ୍ୟାସ, ବ୍ୟବହାର।
—*v.* କର୍ମରେ ନିଯୁକ୍ତ- ଅଭ୍ୟାସ- ଉଦ୍ୟମ-କ; ଖେଳିବା।

Exert, *v.* ଯତ୍ନ- ପରିଶ୍ରମ- ଉଦ୍ୟମ-କ।

Exertion, *s.* ଯତ୍ନ, ଉଦ୍ୟୋଗ, ପରିଶ୍ରମ, ପ୍ରୟାସ।

Exhalation, *s.* ବାଷ୍ପୋଦ୍ଗମନ, ବାଷ୍ପ ବା ବାମ୍ପ ଉତ୍ଥାନ । [ଶ୍ୱାସ ପ୍ରଶ୍ୱାସ ଫେଲିବା ।

Exhale, *v.* ବାଷ୍ପ ବା ବାଷ୍ପରେ ଉଠିବା, ନି-

Exhaust, *v.* ସବୁ ବ୍ୟୟ-କ, କ୍ଷୟ-ଶେଷ-କ, ସାରିବା । [ଶାନ୍ତ ।

Exhausted, *a.* ଅବସନ୍ନ, କ୍ଲାନ୍ତ; ସରିଗଲ,

Exhaustion, *s.* ଅବସାଦ, କ୍ଷୀଣତା, ଅବସନ୍ନତା ।

Exhibit, *v.* ଦେଖାଇବା, ପ୍ରକାଶ-ବ୍ୟକ୍ତ-କ ।

Exhibition, *s.* ଦର୍ଶନ, ପ୍ରକାଶ; ତାମସା, ଦୃଅସ, କୌତୁକ । [ଇବା, ସ୍ଫୂର୍ତ୍ତି-କ ।

Exhilarate, *v.* ଅହ୍ଲାଦିତ-କ, ହର୍ଷ ଜନ୍ମା-

Exhort, *v.* ଉପଦେଶ-ସତ୍ପରାମର୍ଶ-ଦେ ।

Exhortation, *s.* ଉପଦେଶ, ଶିକ୍ଷା, ସତ୍ପରାମର୍ଶ ।

Exhumation, *s.* କବରରୁ ଶବ ବାହାରକରଣ । [ପ୍ରୟୋଜନ ।

Exigency, *s.* ଅପ୍ରତୁଳ, ଅଭାବ, ଦୁର୍ଯୋଗ,

Exile, *s.* ଦେଶାନ୍ତରଗମନ, ପ୍ରବାସୀ, ବିଦେଶୀ ।

Exist, *v.* ହେବା, ବଞ୍ଚିବା, ଜୀବନଧାରଣ-କ, ବର୍ତ୍ତମାନ-ହେ ।

Existence, *s.* ଜୀବଦଶା, ସ୍ଥିତି, ଅସ୍ତି, ଜୀବନ ।

Exit, *s.* ପ୍ରସ୍ଥାନ, ଗତି; ଗମନପଥ; ମରଣ ।

Exodus, *s.* ଯାତ୍ରା, ପ୍ରସ୍ଥାନ; ମୋଶାଲିଖିତ ଧର୍ମପୁସ୍ତକ, ଦ୍ୱିତୀୟ ପୁସ୍ତକ ।

Exonerate, *v.* ଦୋଷରୁ ମୁକ୍ତ-କ ।

Exorbitant, *a.* ଅପରିମିତ, ଅତିରିକ୍ତ ।

Exorcise, *v.* ଭୂତ ଛଡ଼ାଇବା, ଝାଡ଼ିବା, ନିର୍ମଳ-କ । [ତସ୍ୱୀ ।

Exorcist, *s.* ଓଝା, ଯେ ଭୂତ ଛଡ଼ାଏ, ତନ-

Exordium, *s.* ଭୂମିକା, ଆରମ୍ଭ, ଉପନ୍ୟାସ

Exotic, *a.* ବିଦେଶୀ, ଅନ୍ୟଦେଶୀୟ ।

Expand, *v.* ପ୍ରଫୁଲ୍ଲ-ବିସ୍ତାର-ପ୍ରସାର-କ ।

Expanse, *s.* ବିସ୍ତୃତ ବସ୍ତୁ, ପ୍ରସାର; ଆକାଶ, ଖଗୋଳକ । [ରଣୀୟ ।

Expansive, *a.* ବିସ୍ତାରକ ଶକ୍ତିବିଶିଷ୍ଟ, ପ୍ରସା-

Expatiate, *v.* ପର୍ଯ୍ୟଟନ-କ; ବିସ୍ତାରି-ବାକ୍ୟ ବାହୁଲ୍ୟ-କ ।

Expatriate, *v.* ସ୍ୱଦେଶ ତ୍ୟାଗ କରାଇବା ।

Expect, *v.* ଆଶା-ଭରସା-ଅପେକ୍ଷା-କ ।

Expectation, *s.* ଅପେକ୍ଷା, ଆଶା, ପ୍ରତ୍ୟାଶା, ଭରସା, ଉମ୍ମେଦ । [ନିର୍ଗତ-କ ।

Expectorate, *v.* ଶ୍ଲେଷ୍ମାନିକ୍ଷେପ ବା କଫାଦି

Expediency, *s.* ଯୋଗ୍ୟତା, ଉପଯୁକ୍ତତା, ଆବଶ୍ୟକତା ।

Expedient, *s.* ଗତି, ଉପାୟ, କୌଶଳ, କଳ୍ପନା, ଉଦ୍ୟମ ।—*a.* ଉଚିତ, କର୍ତ୍ତବ୍ୟ, ଯୋଗ୍ୟ, ଆବଶ୍ୟ ।

Expedite, *v.* ସୁଗମ- ତ୍ୱରା- ତ ଚଳା-କ ।

Expedition, *s.* ଶୀଘ୍ରତା, ଯୁଦ୍ଧଯାତ୍ରା, ବେଗଗତି, ସତର୍କତା । [ଚଞ୍ଚଳ ।

Expeditious, *a.* ତ୍ୱରା, ଶୀଘ୍ର, ସତ୍ୱର, ଚ-

Expel, *v.* ବାହାର-କ, ତଡ଼ି-ଦେ, ନିଃସୃତ-କ

Expend, *v.* ବ୍ୟୟ, ଖରଚ-କ, ଉଡ଼ାଇବା ।

Expenditure, *s.* ବ୍ୟୟ, ଖରଚ ।

Expense, *s.* ବ୍ୟୟ, ଖରଚ, ଖରଞ୍ଚ, ମୂଲ୍ୟ ।

Expensive, *a.* ବ୍ୟୟଶୀଳ, ଖରଚି, ବହୁମୂଲ୍ୟ ।

Experience, *s.* ଜ୍ଞାତସାର, ଅନୁଭବ, ପରୀକ୍ଷା ।

Experiment, *s.* ବ୍ୟବହାର, ପରୀକ୍ଷା, ପରଖ ।

Experimental, *a.* ପରୀକ୍ଷାସମ୍ବନ୍ଧୀୟ ।

Expert, *a.* ଦକ୍ଷ, ପଟୁ, ନିପୁଣ, ପାରଗ, ତତ୍ପର

Expiate, *v.* ପ୍ରାୟଶ୍ଚିତ୍ତ-କ, ମୋଚନ-ମାର୍ଜନା-କ ।

Expiation, *s.* ପ୍ରାୟଶ୍ଚିତ୍ତ, ପ୍ରତିକାର, ଦୋଷଖଣ୍ଡନ । [ତ୍ୟାଗ ।

Expiration, *s.* ମରଣ; ଶେଷ ଅନ୍ତ; ଶ୍ୱାସ-

Expire, *v.* ପ୍ରାଣତ୍ୟାଗ-କ, ମରିବା, ପ୍ରାଣ ଛାଡ଼ିବା । [ବ୍ୟାଖ୍ୟା-କ ।
Explain, *v.* ଅର୍ଥ-କ, ବୁଝାଇବା, ପ୍ରକାଶ-
Explanation, *s.* ଅର୍ଥ, ଟୀକା, ବ୍ୟାଖ୍ୟା ।
Explanatory, *a.* ସ୍ପଷ୍ଟ ଅର୍ଥକାରୀ, ଅର୍ଥଜ୍ଞାପକ ।
Expletive, *s.* ଶ୍ଳୋକର ପାଦପୂରଣାର୍ଥକ ଶବ୍ଦ, ଉପାକ୍ଷର । [ଅଭିଧେୟ ।
Explicable, *a.* ସ୍ପଷ୍ଟ କରଣୀୟ, ବ୍ୟାଖ୍ୟାତବ୍ୟ,
Explicit, *a.* ସ୍ପଷ୍ଟ, ସୁବ୍ୟକ୍ତ, ପ୍ରତ୍ୟକ୍ଷ, ନିଶ୍ଚୟ ।
Explicitly, *ad.* ସ୍ପଷ୍ଟ ବା ସାଫରୂପେ ।
Explode, *v.* ଶବ୍ଦ କରି ଫୁଟିବା ବା ଫାଟି-ଯିବା, ଅବ୍ୟବହୃତ-କ । [କର୍ମ ।
Exploit, *s.* ବୃହତ୍କର୍ମ, ବୃହଦ୍ବ୍ୟାପାର, ସାହସ-
Explore, *v.* ଅନ୍ୱେଷଣ-କ, ଖୋଜିବା, ଅନୁ-ସନ୍ଧାନ-କ । [ମହାଶବ୍ଦ ।
Explosion, *s.* ବାରୁଦପରି ଫୁଟିବା କ୍ରିୟା,
Exponent, *s.* ପ୍ରଦର୍ଶକ, ପ୍ରତିନିଧି ।
Export, *v.* ରପ୍ତାନି-କ, ବିଦେଶକୁ ପଦାର୍ଥ ପଠାଇବା ।—*s.* ରପ୍ତାନି, ବିଦେଶେ ପ୍ରେରିତ ବାଣିଜ୍ୟ ଦ୍ରବ୍ୟ ।
Expose, *v.* ବ୍ୟକ୍ତ-ଦୋଷବ୍ୟକ୍ତ-ପ୍ରକାଶ-ଅର୍ଥ ପ୍ରକାଶ-କ, ଖୋଲିବା, ଦେଖାଇବା ।
Exposition, *s.* ଅର୍ଥପ୍ରକାଶକ ଟୀକା ।
Expositor, *s.* ଅର୍ଥପ୍ରକାଶକ, ଟୀକାକାର, ଉପଦେଶକ ।
Expostulate, *v.* ବୁଝାଇବା ଦ୍ୱାରା ମନା-କ, ଅନୁଯୋଗ-କ ।
Expostulation, *s.* ପ୍ରତିବାଦ, ଅନୁଯୋଗ, ପ୍ରବୋଧ । [ପଦସ୍ଥତା ।
Exposure, *s.* ବ୍ୟକ୍ତ ବା ପ୍ରକାଶକରଣ ; ଅ-
Expound, *v.* ଅର୍ଥ ପ୍ରକାଶ-କ, ବୁଝାଇବା ।
Express, *s.* ବେଗଗାମୀ ଦୂତ, ଧାଉଡ଼ିଆ, ବେଗେ ପ୍ରେରିତ ସଂବାଦ ।—*a.* ସ୍ପଷ୍ଟ ପ୍ରତ୍ୟକ୍ଷ, ନିର୍ଦ୍ଦିଷ୍ଟ, ନିତାନ୍ତ, ବିଶେଷ ।—*v.* ବୋଲିବା, ପ୍ରକାଶ-କ, ସ୍ପଷ୍ଟ କରି-କହ ; ନିଗାଡ଼ିବା, ଚିପୁ-ଡ଼ିବା । [ଳି, ଉକ୍ତି ।
Expression, *s.* କଥା, କହିବାର ଧରଣ, ବୋ-
Expressive, *a.* ଅର୍ଥପ୍ରକାଶକ, ଭାବ ବ୍ୟକ୍ତ-କାରୀ, ଠିକ୍ ଅର୍ଥବୋଧକ ।
Expressly, *ad.* ସ୍ପଷ୍ଟରୂପେ, ନିର୍ଦ୍ଦିଷ୍ଟରୂପେ, ଏକାନ୍ତ ହେତୁ ।
Expulsion, *s.* ବାହାର ବା ବର୍ଜନକରଣ, ତଡ଼ିବା କ୍ରିୟା, ତାଡ଼ନ ।
Expunge, *v.* ପୋଛି ପକାଇବା, ନିକାଳିବା, ମାର୍ଜନା-ଲୋପ-କ ।
Expurgate, *v.* ପରିଷ୍କାର-ଶୁଦ୍ଧ-କ ।
Exquisite, *a.* ବଡ଼ ସୁନ୍ଦର, ଅତ୍ୟୁତ୍ତମ, ବିଲ-କ୍ଷଣ, ଖାସା ।
Extant, *a.* ବର୍ତ୍ତମାନ, ବିଦ୍ୟମାନ ।
Extempore, *ad.* ବିନା ଅଭ୍ୟାସେ, ବିନା ପୂର୍ବ-ଚିନ୍ତାରେ ।
Extemporise, *v.* ହଠାତ୍-କହ, ବିବେଚନା ବା ଅଭ୍ୟାସ ବିନା ଉପଦେଶ-ଦେ ।
Extend, *v.* ବଢ଼ାଇବା, ବୃଦ୍ଧି-ବିସ୍ତାର-କ ।
Extension, *s.* ବିସ୍ତାରଣ, ପ୍ରସାରଣ, ବିସ୍ତାର
Extensive, *a.* ପ୍ରଶସ୍ତ, ବୃହତ୍, ଚୌଡ଼ା, ବଡ଼, ବିସ୍ତାରିତ ।
Extent, *s* ଆୟତନ, ପ୍ରସାର, ସୀମା, ସର-ହଦ । [କ୍ଷୀଣ-କ ।
Extenuate, *v.* ଦୋଷ ଲଘୁ-କ ; ଶ୍ଳେଠ-
Extenuation, *s.* ଲଘୁତା, କ୍ଷୀଣତା, ଦୋଷ ଊଣାକରଣ ।
Exterior, *s.* ବାହାର ଭାଗ, ଉପର ଭାଗ ।—*a.* ବାହ୍ୟ, ବାହାର, ବହିର୍ଭୂତ ।
Exterminate, *v.* ସମୂଳ ଉତ୍ପାଟନ-କ, ଉପା-ଡ଼ିବା, ବିନାଶ-କ ।

External, *a.* ବାହାରେ, ବାହ୍ୟ, ଦୃଷ୍ଟିଗୋଚର ।
Extinct, *a.* ନିର୍ବାଣ, ଲୁପ୍ତ, ମୃତ, ନଷ୍ଟ, ଅବସନ୍ନ । [ଲିବା ।
Extinguish, *v.* ନିର୍ବାଣ-ଲୋପ-କ, ନିଭା-
Extinguisher, *s.* ନିର୍ବାଣକାରୀ, ବତୀ ନିଭାଇବାର ଚୁଙ୍ଗି ।
Extirpate, *v.* ଉଚ୍ଛିନ୍ନ-କ, ଉପାଡିବା, ନାଶ-କ । [ସ୍ତୁତି-କ ।
Extol, *v.* ପ୍ରତିଷ୍ଠା-ପ୍ରଶଂସା-ଗୁଣ-ବର୍ଣ୍ଣନା-
Extort, *v.* ବଳରେ-ଅନ୍ୟାୟରେ-ନେ ।
Extortioner, *s.* ଅନ୍ୟାୟରୂପେ ଧନଗ୍ରାହକ ।
Extra, *a.* ଅଧିକ, ଅତିରିକ୍ତ, ବେଶୀ, ଉପରି ।
Extract, *s.* ସାରଭାଗ, ରସ, ନିର୍ଯ୍ୟାସ; ଚୁମ୍ବକ । —*v.* ନିର୍ଗତ-ରସ ବାହାର-କ, ବାଛି-ନେ ।
Extraction, *s.* ନିର୍ଗତକରଣ; ସାର ସଂଗ୍ରହକରଣ ; କୁଳ, ଗୋତ୍ର ।
Extraneous, *a.* ଅସ୍ୱାଭାବିକ, ଭିନ୍ନ, ଅନ୍ୟ ।
Extraordinary, *a.* ଅସାଧାରଣ, ଅସାମାନ୍ୟ, ଆଶ୍ଚର୍ଯ୍ୟଜନକ । [ବହୁବ୍ୟୟ ।
Extravagance, *s.* ଅପବ୍ୟୟ, ଅନିୟମ,
Extravagant, *a.* ଅପରିମିତ ବା ବହୁବ୍ୟୟୀ, ଉଡାଣିଆ ।
Extreme, *s.* ଅନ୍ତଭାଗ, ସୀମା ଶେଷ, ଅଗ୍ରଭାଗ ।—*a.* ଅତିରିକ୍ତ, ଅତିଶୟ, ଅତ୍ୟନ୍ତ ।
Extremely, *ad.* ଅତିଶୟରୂପେ, ବହୁଳରୂପେ । [ଦୁର୍ଦ୍ଦଶା ।
Extremity, *s.* ଅନ୍ତଭାଗ, ସୀମା, ଦୁଃଖ,
Extricate, *v.* ଭାର-ଦାୟରୁ ମୁକ୍ତ-କ, କାଟିବା ।
Extrinsic, *a.* ବାହାର, ବାହ୍ୟ, ଉପରି, ବର୍ଜିତ
Exuberance, *s.* ବାହୁଲ୍ୟ, ଆଧିକ୍ୟ, ପ୍ରାଚୁର୍ଯ୍ୟ ।
Exudation, *s.* ଘର୍ମ, ନିର୍ଗମନ, ଝାଳ ।
Exude, *v.* ଝାଳ ବା ଘର୍ମ ନିର୍ଗତ-ହେ ।
Exult, *v.* ଅତ୍ୟନ୍ତ ଆନନ୍ଦ-ଗର୍ବ-ଦର୍ପ-ଦମ୍ଭ-କ ।
Exultation, *s.* ଉଲ୍ଲାସ-ଆହ୍ଲାଦ, ମହାନନ୍ଦ ।
Eye, *s.* ଚକ୍ଷୁ, ଅକ୍ଷି, ନେତ୍ର ; ସୂଚି ବା ଛୁଞ୍ଚିର ରନ୍ଧ୍ର, ଅଙ୍କୁଶୀ ଘର ।—*v.* ଅବଲୋକନ-ଦୃଷ୍ଟି-କ, ଦେଖିବା; ଚୌକି-ଦେ ।
Eyeball, *s.* ଚକ୍ଷୁର ତାରା ବା ପୁଅ, ନେତ୍ରମଣି ।
Eyebrow, *s.* ଭ୍ରୂ, ଚକ୍ଷୁର ଭ୍ରୂ, ଭ୍ରୂଲତା ।
Eyelash, *s.* ଚକ୍ଷୁର ପତାବାଳ, ପକ୍ଷ, ଲୋମ ।
Eyelet, *s.* ଗବାକ୍ଷ, ଆଲୁଅର ଛିଦ୍ର ।
Eyelid, *s.* ଚକ୍ଷୁର ପତା, ଅକ୍ଷିପୁଟ, ଅକ୍ଷିପତା ।
Eye-service, *s.* ଚକ୍ଷୁର ଗୋଚରରେ ସେବା ।
Eyesore, *s.* ଚକ୍ଷୁଃଶୂଳ, ନେତ୍ରରୋଗ, ଚକ୍ଷୁକ୍ଲେଶଦାୟକ ବସ୍ତୁ ।
Eye-witness, *s.* ସାକ୍ଷୀ; ପ୍ରତ୍ୟକ୍ଷ ପ୍ରମାଣ ।
Eyry, Eyrie, *s.* ଶିକାରୀ ପକ୍ଷୀର ବାସସ୍ଥାନ ।

## F.

F. ଇଂରାଜୀ ବର୍ଣ୍ଣମାଳାର ଷଷ୍ଠାକ୍ଷର ।
Fable, *s.* ମିଛକଥା, ହିତୋପଦେଶର ଗଳ୍ପ, କାହାଣୀ ।
Fabric, *s.* ଅଟ୍ଟାଳିକା, ଘରର ଗାନ୍ଥଣୀ, ରଚନାର ଧାରା, ବୁଣାଣ ଇତ୍ୟାଦି ଗଢଣ । [ବିନାଇବା ।
Fabricate, *v.* ନିର୍ମାଣ-କୃତ୍ରିମ-କଳ୍ପନା-କ ;
Fabrication, *s.* କୃତ୍ରିମ, ସୃଷ୍ଟ, ନିର୍ମାଣ, କଳ୍ପନା ।
Fabulist, *s.* ଗଳ୍ପ ଲେଖକ, ଇତିହାସ ବାକ୍ୟ ରଚକ । [ରାଣିକ ।
Fabulous, *a.* କଳ୍ପିତ, ମିଥ୍ୟାରଚିତ, ପୌ-
Face, *s.* ମୁଖ, ବଦନ, ମୂର୍ତ୍ତି, ଆସ୍ୟ; ଉପର ଭାଗ; ସାହସ ।—*v.* ସାକ୍ଷାତ-କ, ସମ୍ମୁଖରେ-ସମ୍ମୁଖ-ହେ; ଆବୃତ-କ ।
Face to face, *ad.* ମୁଖାମୁଖି ।

Facile, *a.* ସହଜ; ସୁଗମ; ନମ୍ରଶୀଳ, ନରମ ।
Facilitate, *v.* ସୁଗମ-ସହଜ-ଉପକାର-କ ।
Facility, *s.* ଅନାୟାସ, ସହଜ କର୍ମ, ସୁଗମତା ।
Facing, *s.* ଅଲଙ୍କାର, ଝାଲିଅ; ମୁଖାମୁଖି ।
Facsimile, *s.* ପ୍ରତିଛାୟା, ପ୍ରତିରୂପ, ଆଦର୍ଶ ।
Fact, *s.* କର୍ମ, କାର୍ଯ୍ୟ, କ୍ରିୟା, ସତ୍ୟତା, ପ୍ରମାଣ ।
Faction, *s.* ରାଜବିଦ୍ରୋହୀର ଦଳ, କଳହ ।
Factious, *a.* ରାଜବିଦ୍ରୋହୀ, ଉପଦ୍ରବୀ ।
Factitious, *a.* କୃତ୍ରିମ, କାଳ୍ପନିକ, ଅସ୍ୱାଭାବିକ
Factor, *s.* କର୍ମକାରକ, ପ୍ରତିନିଧି, ଗୁମାସ୍ତା ।
Factory, *s.* କୋଠୀ, ବାଣିଜ୍ୟର ଘର, କାରଖାନା । [ପୁରୁଷ ।
Factotum, *s.* ସର୍ବକର୍ମକାରକ, ସକଳ କର୍ମର
Faculty, *s.* ଗୁଣ, ମନର ଶକ୍ତି, କ୍ଷମତା; ବିଦ୍ୟାଳୟର ଅଧ୍ୟାପକଗଣ ।
Fade, *v.* ମଳିନ-ମ୍ଳାନ-କ୍ଷୀଣ-ବିଲୁପ୍ତ-ହେ ।
Fæces, *s.* ବିଷ୍ଠା, ମଳ, ପୁରୀଷ, ଗାଦ, ଗୁହ ।
Fag, *v.* ପରିଶ୍ରାନ୍ତ-କ୍ଲାନ୍ତ-ହେ, ଅତିପରିଶ୍ରମ-କ ।
Fag-end, *s.* ବସ୍ତ୍ରର ଦଶୀ; ଶେଷଭାଗ, ହେୟାଂଶ ।
Fagot, *s.* ଜାଳନ୍ତା କାଷ୍ଠର ବିଡା ବା ପୁଳା ।
Fail, *v.* ଅକୃତାର୍ଥ-ନିର୍ଦ୍ଧନ-ଦେବାଳିଆ-ହେ, ତ୍ରୁଟି-କ ।
Failure, *s.* ଭୁଲ, ନିଷ୍ଫଳତା, ତ୍ରୁଟି; କମି ।
Fain, *ad.* ଇଚ୍ଛାନୁକ୍ରମେ, ସ୍ୱେଚ୍ଛାପୂର୍ବକ, ତୁଷ୍ଟରୂପେ ।
Faint, *a.* ଦୁର୍ବଳ, କ୍ଳାନ୍ତ, କାତର, ଅବସନ୍ନ, ମୂର୍ଚ୍ଛିତ ।—*v.* ମୂର୍ଚ୍ଛିତ- ଅଚେତନ- ପରିଶ୍ରାନ୍ତ-ହେ ।
Fair, *s.* ସୁନ୍ଦରୀ ସ୍ତ୍ରୀ; ହାଟ, ମେଳା ।—*a.* ସୁନ୍ଦର, ସୁରୂପ, ଗୌରବର୍ଣ୍ଣ, ଶୋଭ; ନ୍ୟାୟବାନ ।
Fairy, *s.* ପରୀ, ମୋହିନୀ, ଉପଦେବୀ ।

Faith, *s.* ବିଶ୍ୱାସ, ପ୍ରତ୍ୟୟ; ଶ୍ରଦ୍ଧା; ଧର୍ମ ।
Faithful, *a.* ବିଶ୍ୱାସୀ, ବିଶ୍ୱସ୍ତ, ପ୍ରତ୍ୟୟଯୋଗ୍ୟ
Faithless, *a.* ଅବିଶ୍ୱାସୀ, ଅପ୍ରତ୍ୟୟୀ, ବିଶ୍ୱାସଘାତକ, ଅଧାର୍ମିକ ।
Falchion, *s.* ଟାଙ୍ଗୀ, ଖଡ୍ଗବିଶେଷ ।
Falcon, *s.* ବାଜପକ୍ଷୀ, ବହରି, ଶ୍ୟେନ । [କାରୀ ।
Falconer, *s.* ବାଜପକ୍ଷୀପାଳକ, ବାଜଦ୍ୱାରା ଶି-
Fall, *s.* ପତନ, ଅଧୋଗତି, ବିନାଶ, ପଦଚ୍ୟୁତ: ନିର୍ଝର ।—*v.* ପଡିବା, ତଳେ ପଡିବା, ପତିତ-ହେ, ଘଟିବା; ମିଳିବା; ସେନା ଦଳଭଙ୍ଗ-ହେ; ସମ୍ମତ-ହେ; ଆକ୍ରମଣ-କ ।
Fallacious, *a.* ଭ୍ରମଜନକ, ମିଥ୍ୟା, ବୃଥା ।
Fallacy, *s.* ମିଥ୍ୟାଯୁକ୍ତି, ପ୍ରବଞ୍ଚନା, ଭ୍ରମ, ଭୁଲ
Fallible, *a.* ଭ୍ରାନ୍ତିବଶ୍ୟ, ଭ୍ରମଯୋଗ୍ୟ, ଅସ୍ଥିର
Fallow, *a.* ପଡିଆ ଭୂମି, ଅଚଷା କ୍ଷେତ ।
False, *a.* ମିଥ୍ୟା, ବୃଥା, ବିଶ୍ୱାସଘାତକ, ଅସାର
Falsehood, *s.* ମିଥ୍ୟାକଥା, ଅସତ୍ୟ ବାକ୍ୟ ।
Falsify, *v.* ମିଥ୍ୟା- କୃତ୍ରିମ- ରଦ୍-କ ।
Falsity, *s.* ମିଥ୍ୟାକଥା, ଅସତ୍ୟତା ।
Falter, *v.* ଅସ୍ପଷ୍ଟ ବା ଗାବର ହୋଇ-କହ, ଅସ୍ଥିର-ହେ ।
Fame, *s.* ଯଶଃ, ସୁଖ୍ୟାତି, କୀର୍ତ୍ତି ।
Familiar, *s.* ବନ୍ଧୁ, ଆତ୍ମୀୟ, ସୁହୃତ; ଭୂତ ।—*a.* ଅଳାପୀ, ଜ୍ଞାତ, ଅନୁଗତ; ସୁଶୀଳ, ସାମାନ୍ୟ । [ଘନିଷ୍ଠି ।
Familiarity, *s.* ସଖ୍ୟଭାବ, ପ୍ରଣୟ, ଅଳାପ,
Familiarize, *v.* ବ୍ୟବହାର ଦ୍ୱାରା ଜ୍ଞାତ-ହେ, ସୌହାର୍ଦ୍ଦ ଜନ୍ମାଇବା ।
Family, *s.* ପରିବାର, ପରିଜନ, ବଂଶ, କୁଳ ।
Famine, *s.* ଅକାଳ, ଦୁର୍ଭିକ୍ଷ, ମହର୍ଘ, ଅନାହାର ।
Famish, *v.* ଅନାହାରରେ ପ୍ରାଣ ନଷ୍ଟ-କ, ଅନ୍ନାଭାବେ ମରିବା ।

Famous, *a.* ଖ୍ୟାତ୍ୟାପନ୍ନ, ପ୍ରସିଦ୍ଧ, ଯଶସ୍ୱୀ ।
Fan, *s.* ପଙ୍ଖା, ବିଞ୍ଚଣା, ସୂର୍ପ, କୁଲା ।—*v.* ବିଞ୍ଚିବା, ପଙ୍ଖା-କ, ଶସ୍ୟ ଝାଡିବା ।
Fanatic, *s.* ଧର୍ମବିଷୟରେ ଅତି ବ୍ୟଗ୍ର ବା ଉନ୍ମତ୍ତ ବ୍ୟକ୍ତି ।
Fanaticism, *s.* ଅତ୍ୟନ୍ତବ୍ୟଗ୍ରତା, ଧର୍ମବିଷୟରେ ଭ୍ରାନ୍ତି, ଉନ୍ମତ୍ତତା ।
Fanciful, *a.* ମାନସିକ, କାଳ୍ପନିକ, ଭ୍ରମଜାତ ।
Fancy, *s.* ମନର କଳ୍ପନା, ମାନସ, ମନୋରଥ ଇଚ୍ଛା ।—*v.* କଳ୍ପିବା- ମାନସ- ବୋଧ- ମନେ-କ ।
Fane, *s.* ମନ୍ଦିର, ଦେବାଳୟ, ଭଜନାଳୟ
Fang, *s.* ପଶ୍ଚାଦ୍ଦନ୍ତ, ବିଷଦନ୍ତ, ପକ୍ଷୀର ନଖ ।
Fangled, *a.* ଚିତ୍ରବିଚିତ୍ର, ଭଙ୍ଗବସ୍ତୁ ।
Fantastic, *a.* କଳ୍ପିତ, ମାନସିକ, ଅନର୍ଥକ ।
Fantasy, *s.* ଅନର୍ଥକମାନସ, ଅସାରଚିନ୍ତା
Far, *a.* ଦୂର, ଅନ୍ତର, ଦୂରସ୍ଥ, ଅସମୀପ ।
Farce, *s.* ପରିହାସଘଟିତ ନାଟକ, ହସେଇ-ବାପାଇ ନାଟ୍ୟ ଶାସ୍ତ୍ରମଧ୍ୟ, କପଟ ମାତ୍ର ।
Fare, *s.* ଖାଦ୍ୟଦ୍ରବ୍ୟ, ଅହାର; ନୌକାଦିର ଭଡା ।—*v.* ଭଲମନ୍ଦ ଅବସ୍ଥା ପ୍ରାପ୍ତ-ହେ: ଭକ୍ଷଣ-କ ।
Farewell, *s.* ବିଦାୟ: ପ୍ରସ୍ଥାନ କାଳୀନ-ବନ୍ଦନା, ଯଥା: ମଙ୍ଗଳ ହେଉ ।
Farinaceous, *a.* ଶସ୍ୟଖୁଦବିଶିଷ୍ଟ, ଅଟାପରି ।
Farm, *s.* ଜମୀ, ଇଜାରଭୂମି, ଯୋତର ଭୂମି ।—*v.* ଭୂମି କୃଷି-କ, ଇଜରା-ଦେ, ଜମୀ ଭଡା-କ ବା-ଦେ । [ଦାର, ଚଷା ।
Farmer, *s.* ରୟତ, ଯୋତଦାର, ଇଜାର-
Farrier, *s.* ଅଶ୍ୱଚିକିତ୍ସକ, ନାଲବନ୍ଦ ।
Farriery, *s.* ଅଶ୍ୱଚିକିତ୍ସା, ନାଲବନ୍ଦ ।
Farrow, *s.* ଘୁଷୁରିର ଛୁଆସମୂହ ।
Farther, *a.* ଅଧିକ ବା ଅତି ଦୂର, ଦୂରତର ।
Farthest, *a.* ଅତିଦୂର, ଦୂରତମ, ସବୁଠୁଁ ଦୂର ।
Farthing, *s.* ଇଂଲଣ୍ଡୀୟ ପେନି ମୁଦ୍ରାର ଚତୁର୍ଥାଂଶ । [ଜିନ୍ମାଇବା ।
Fascinate, *v.* ମୋହିତ-ବଶୀଭୂତ-କ, ମାୟା
Fascine, *s.* କାଠର ଅଟି ଅବା ବୋଝ ।
Fashion, *s.* ଧାରା, ଅକୃତି, ରୂପ, ରୀତି, ପ୍ରକାର, ଡୌଲ ।—*v.* ନିର୍ମାଣ- ଅକୃତି- ଧାରା-ମତ-କ ।
Fashionable, *a.* ଚଳିତ ଧାରାନୁଯାୟୀ, ରୀତ୍ୟନୁସାରେ ।
Fast, *s.* ଉପବାସ, ଉପାସ, ଅନାହାର ।—*a.* ଶକ୍ତ, ଦୃଢ, ସ୍ଥିର; ବେଗଗାମୀ, ଶୀଘ୍ର ।—*ad.* ଶୀଘ୍ର- ଶକ୍ତ- ଦୃଢରୂପେ; ନିକଟେ ।
Fasten, *v.* ବନ୍ଧନ ବନ୍ଦ- ଦୃଢ-କ, ବାନ୍ଧିବା ।
Fastening, *s.* ବନ୍ଧନୀ, ହୁଡୁକା, ଅର୍ଗଳ ।
Fastidious, *a.* ଅସନ୍ତୁଷ୍ଟ, ଅରୁଚି, ଖିଟଖିଟିଆ
Fastness, *s.* ଦୁର୍ଗମସ୍ଥାନ, ଗଡ, ଦୁର୍ଗ, ଦୃଢତା
Fat, *s.* ଚର୍ବି, ବସା, ମାଂସଚର୍ବିଲ ।—*a.* ସ୍ଥୂଳକାୟ, ହୃଷ୍ଟପୁଷ୍ଟ, ମୋଟା, ସ୍ଥୂଳ ।
Fatal, *a.* ପ୍ରାଣନାଶକ, ଧ୍ୱଂସକ, ସଂହାରକ ।
Fatalist, *s.* ଦୈବପରାୟଣ, ଅଦୃଷ୍ଟବାଦୀ ।
Fatality, *s.* ଦୈବଘଟନା, ଅଦୃଷ୍ଟ, ପ୍ରାକୃତ ଘଟନା । [ମରଣ ।
Fate, *s.* ଅଦୃଷ୍ଟ, କପାଳ, ପ୍ରାକୃତ, ଭାଗ୍ୟ;
Father, *s.* ପିତା, ପିତୃ, ଜନକ, ବାପ, ପୂର୍ବପୁରୁଷ । [ପତିର ପିତା ।
Father-in-law, *s.* ଶ୍ୱଶୁର, ସ୍ତ୍ରୀର ଅବା
Fatherless, *a.* ପିତୃହୀନ, ଅପିତୃକ, ଅନାଥ ।
Fatherly, *a.* ପିତୃଭୁକ୍ତ, ପିତୃବତ୍, ବାପପରି ।
Fathom, *s.* ଛଅ ହାତ ପରିମାଣ, ବ୍ୟାମର-ମାପ, ବାହୁ ।—*v.* ମାପିବା, ପରିମାଣ-କ, ତଳର କଥା ବୋଧ-କ ।

Fathomless, *a.* ଅତଳସ୍ପର୍ଶ, ଅଗାଧ, ଅପାର, ବୋଧାଗମ୍ୟ ।
Fatigue, *s.* ଶ୍ରାନ୍ତି, ପରିଶ୍ରମ, କ୍ଳାନ୍ତି, କଷ୍ଟ ।
Fatten, *v.* ହୃଷ୍ଟପୁଷ୍ଟ-ମୋଟା-ସ୍ଥୂଳ-କ ।
Fatuity, *s.* ଉନ୍ମତ୍ତତା, ମୂର୍ଖତା, ନିର୍ବୋଧତା ।
Fault, *s.* ଦୋଷ, ଅପରାଧ, ତ୍ରୁଟି, ଭ୍ରମ ।
Faultless, *a.* ନିର୍ଦ୍ଦୋଷ, ନିରପରାଧ, ନିଖୁଣ ।
Favour, *s.* ଅନୁଗ୍ରହ, କୃପା, ଉପକାର, ପ୍ରସାଦ
Favourable, *a.* ଅନୁକୂଳ, ଅନୁଗ୍ରାହକ, ପ୍ରସନ୍ନ ।
Favourite, *s.* ପ୍ରିୟ ବ୍ୟକ୍ତି, ସ୍ନେହପାତ୍ର ।
Fawn, *s.* ହରିଣ ଛୁଆ ।—*v.* ଫୁସୁଲାଫୁସୁଲି-ଖୋସାମୋଦ-କ; ମୃଗ ପ୍ରସବ-ହେ ।
Fay, *s.* ପରୀ, ଦାନବୀଯକ୍ଷୀ ।
Fealty, *s.* ପ୍ରଭୁ ଭକ୍ତି, ଆଜ୍ଞାଧୀନତା, ଅନୁଗତ ।
Fear, *s.* ଭୟ, ତ୍ରାସ, ଡର, ଭୀତ, ଆଶଙ୍କା; ଆଦର ।—*v.* ଡରିବା, ଭୟ-ଶଙ୍କା-କ ।
Fearful, *a.* ଶଙ୍କିତ, ଭୀତ, ଭୟାର୍ତ୍ତ, ଭୟାନକ
Fearless, *a.* ନିର୍ଭୟ, ସାହସୀ, ନିଃଶଙ୍କ ।
Feasible, *a.* ସାଧ୍ୟ, ସହଜ, ସମ୍ଭବନୀୟ ।
Feast, *s.* ଭୋଜ, ବଡଖାନା; ମହୋତ୍ସବ, ପର୍ବ ।
Feat, *s.* ସାହସିକକର୍ମ, ଆଶ୍ଚର୍ଯ୍ୟକ୍ରିୟା, ଅଦ୍ଭୁତ ବ୍ୟାପାର ।
Feather, *s.* ପକ୍ଷ, ପର, ପଖା, ପାଲଖ ।
Feature, *s.* ମୁଖର ଢୌଲ, ରୂପ, ମୁଖଶ୍ରୀ, ଚେହେରା ।
Febrifuge, *s.* ଜ୍ୱରନାଶକ ଔଷଧ, ଜ୍ୱରଘ୍ନ ।
Febrile, *a.* ଜ୍ୱରଜାତ, ଜ୍ୱରଘଟିତ, ଜ୍ୱରଜ ।
February, *s.* ଇଂରେଜୀ ବର୍ଷର ଦ୍ୱିତୀୟ ମାସ
Feculence, *s.* ମାଳିନ୍ୟ, ଗାଦ, ମଳ ।
Feculent, *a.* ଗାଦମୟ, ସମଳ, ମଳିନ ।
Fecundity, *s.* ଉର୍ବରତା, ଫଳବତ୍ତ୍ୱ, ଫଳଜନକତା ।

Federal, *a.* ନିୟମସମ୍ବନ୍ଧୀୟ, ନିୟମବିଶିଷ୍ଟ ।
Fee, *s.* ବେତନ, ପ୍ରତିଦାନ. ପାରିତୋଷିକ, ଖରଚ । [ଜୀର୍ଣ୍ଣ ।
Feeble, *a.* ଦୁର୍ବଳ, କ୍ଷୀଣ, କମଜୋର, ସରୁ,
Feed, *v.* ଭୋଜନ-କ ବା କରାଇବା, ପୋଷିବା, ଆହାର-ଦେ । [ବୋଧ-କ ।
Feel, *v.* ଛୁଇଁବା, ସ୍ପର୍ଶ-କ, ସୁଖ ବା ଦୁଃଖ
Feeler, *s.* ସ୍ପର୍ଶକ, କୀଟର ଶୁଙ୍ଗ ବା ଶଙ୍ଗା ।
Feeling, *s.* ବୋଧ, ଜ୍ଞାନ; ଦୟା, କୃପା, ସ୍ନେହ, ମାୟା । [ମିଥ୍ୟା ଦେଖାଇବା ।
Feign, *v.* ବାହାନା-କଳ୍ପନା-ପ୍ରତାରଣା-କ,
Feigned, *a.* କଳ୍ପିତ, ମିଥ୍ୟା, କାଳ୍ପନିକ ।
Feint, *s.* ଛଳ, ଛଳନା, ଫାଙ୍କି, ଛଦ୍ମବେଶ ।
Felicitate, *v.* ପରର ମଙ୍ଗଳରେ ଆହ୍ଲାଦ-ପ୍ରକାଶ-କ, ମଙ୍ଗଳାଚରଣ-କ ।
Felicity, *s.* ସୁଖ, ଆହ୍ଲାଦ, ଆନନ୍ଦ, ମଙ୍ଗଳ ।
Feline, *a.* ବିଡାଳଜାତୀୟ, ମାର୍ଜାରବତ୍ ।
Fell, *v.* କାଟି ବା ମାରି ପକାଇବା, ଛେଦନ-କ ।—*a.* ନିଷ୍ଠୁର, ନିର୍ଦ୍ଦୟ, ହିଂସକ, କ୍ରୂର ।
Felloe, *s.* ଚକର ପରିଧି, ଚକର ଘେର ।
Fellow, *s.* ସଙ୍ଗୀ, ସମସ୍ଥଜନ; ଯୁଗ୍ମ; ନୀଚଲୋକ ।
Fellowship, *s.* ସଙ୍ଗ, ସଂସର୍ଗ, ସମ୍ଭାଷ, ଆଳାପ, ମିତ୍ରତା, ସତ୍ସଙ୍ଗ ।
Felo-de-se, *s.* ଆତ୍ମଘାତ, ଆତ୍ମହତ୍ୟାକାରୀ ।
Felon, *s.* ମହାଦୋଷୀ, ଅତ୍ୟପରାଧୀ, ମହାପାତକୀ । [ପୁର ।
Felonious, *a.* ଦୁଷ୍ଟ, ହିଂସ୍ରକ, ପାତକୀ, ଦୁର-
Felony, *s.* ମୃତ୍ୟୁଯୋଗ୍ୟ ଅପରାଧ ।
Felt, *s.* ଲୋମନିର୍ମିତ ଜମାଟବସ୍ତ୍ର ।
Female, *s.* ସ୍ତ୍ରୀ, ଛତ୍ର. ନ ଗ୍ର. 'ମାଇକିନିଆ ।
Feminine, *a.* ସ୍ତ୍ରୀଜାତୀୟ, ମୃଦୁ, ସ୍ତ୍ରୀବତ୍, ସ୍ତ୍ରୀଲିଙ୍ଗ ।

Femoral, *a.* ଊରୁ ବା ଜଙ୍ଘସମ୍ବନ୍ଧୀୟ ।

Fen, *s.* ଜଳଭୂମି, ଆର୍ଦ୍ରଭୂମି, ହ୍ରଦ ।

Fence, *s.* ବେଢ଼ା, ବାଡ଼, ସେତୁ, ଆବରଣ, ଢାଲ ।—*v.* ବାଡ଼-ବେଢ଼ା-ଦେ; ଅସ୍ତ୍ରଖେଳା ଅଭ୍ୟାସ-କ ।

Fend, *v.* ଅବରୋଧ-ନିବାରଣ-ଦୂର-କ ।

Fennel, *s.* ଶୁଲ୍ଫାଶାକ, ଶୁଲ୍ଫା ।

Ferment, *v.* ଫୁଲ ଅବା ଉଚ୍ଛୁଳି ଉଠିବା, ଫାମ୍ପିବା ।—*s.* ଫାମ୍ପନ; କଳହ,ଗଣ୍ଡଗୋଳ ।

Ferocious, *a.* ନିଷ୍ଠୁର, ହିଂସ୍ର, କ୍ରୂର,ଉଗ୍ରାନକ

Ferocity, *s.* ହିଂସା, ନିଷ୍ଠୁରତା, କ୍ରୂରତା ।

Ferret, *s.* ନେଉଳପରି କ୍ଷୁଦ୍ରଜନ୍ତୁ ।—*v.* ଗୁପ୍ତସ୍ଥାନରୁ ବାହାର-କ । [ଧର୍ମକ ।

Ferruginous, *a.* ଲୌହଗୁଣବିଶିଷ୍ଟ,ଲୌହ-

Ferry, *s.* ପାରଘାଟ, ଘାଟନୌକା ।—*v.* ନାଆରେ ପାର-କ ।

Ferry-boat, *s.* ପ୍ଲବ, ପ୍ଲବନୌକା । [ଜ ।

Fertile, *a.* ଉର୍ବର, ଫଳବାନ୍, ସଫଳ, ସତେ-

Fertility, *s.* ଉର୍ବରତା, ଫଳବତ୍ତ୍ୱ ଜନ୍ମିବାର ତେଜ

Fertilize, *v.* ଉର୍ବର-ଫଳବାନ୍-ସତେଜ-କ ।

Fervency, *s.* ଔତ୍ସୁକ୍ୟ, ଉତ୍ସାହ, ବହୁଚେଷ୍ଟା, ବ୍ୟଗ୍ରତା ।

Fervent, *a.* ଉଦ୍ୟମୀ, ସତେଜ, ବ୍ୟଗ୍ର, ଉତ୍ସୁକ, ଅନୁରାଗୀ ।

Fervid, *v.* ଉଷ୍ଣ,ତପ୍ତ,ତେଜସ୍ୱୀ,ବ୍ୟଗ୍ର,ଗରମ ।

Ferule, *s.* ସାଜବାଡ଼ିବିଶେଷ । [ଉତ୍ସାହ ।

Fervour, *s.* ଉଦ୍ୟମ, ଅବସ୍ଥତା, ଔତ୍ସୁକ୍ୟ.

Festal, *a.* ପର୍ବ ଉତ୍ସବସମ୍ବନ୍ଧୀୟ, ଉତ୍ସବାନ୍ୱିତ ।

Fester, *v.* ପାଚିବା, ରସ-ପୂଜ-ହେ ।

Festival, *s.* ପର୍ବ, ଉତ୍ସବ, ଯାତ୍ରା, ମେଳା ।

Festive, *a.* ଉତ୍ସବବିଷୟକ, ଆନନ୍ଦଦାୟକ ।

Festivity, *s.* ହର୍ଷ, ଆହ୍ଲାଦ, ଆନନ୍ଦବିଷୟ, ଉତ୍ସବ ।

Festoon, *s.* ପୁଷ୍ପମାଳା, ପୁଷ୍ପହାର, ପୁଷ୍ପାଭରଣ ।

Fetch, *v.* ଯାଇ ଆଣିବା, ଆଣିବା ।

Fetch, *s.* ଛଳ, ପ୍ରବଞ୍ଚନା, ଫାଙ୍କି, କଳ୍ପନା ।

Fetid, *a.* ଦୁର୍ଗନ୍ଧ, କୁବାସ, ପଚା ।

Fetlock, *s.* ଘୋଡ଼ାର ଅଣ୍ଟିତଳର ଲୋମ ।

Fetter, *s.* ବେଡ଼ି. ଶିକୁଳି, ଜିଞ୍ଜିର ।

Fetus, *s.* ଭ୍ରୂଣ,ଗର୍ଭସ୍ଥବାଳକ. ଜରାୟୁସ୍ଥପ୍ରାଣୀ

Feud, *s.* କଳହ, ବିବାଦ, ଝଗଡ଼ା, କଜିଆ, ଯୁଦ୍ଧ । [ଗିରି, ପ୍ରବର୍ତ୍ତକ ।

Feudal, *a.* ଭୂମିର ବନ୍ଦୋବସ୍ତ ବିଷୟକ, ଜା-

Fever, *s.* ଜ୍ୱର, ତାପ, ଉଷ୍ମା, କମ୍ପଜ୍ୱର ।

Feverish, *a.* ଜ୍ୱରାକ୍ରାନ୍ତ, ଜରି, ଜ୍ୱରଗ୍ରସ୍ତ ।

Few, *a.* ଅଳ୍ପସଂଖ୍ୟକ, ଅଳ୍ପ, କେଛି, ଥୋକାଏ ।

Fiat, *s.* ଆଜ୍ଞା, ଆଦେଶ, ହୁକୁମ ।—*v.* ହେଉ ।

Fib, *s.* ମିଥ୍ୟାକଥା, ଅସତ୍ୟକଥା, ଗପ ।

Fibre, *a.* ତନ୍ତୁ, ସୂକ୍ଷ୍ମ, ସୂତା, ଶିର, ନେଶ ।

Fibrous, *a.* ତନ୍ତୁବିଶିଷ୍ଟ, ସୂକ୍ଷ୍ମମୟ । [ସ୍ଥିର ।

Fickle, *a.* ଚଞ୍ଚଳ, ଚପଳ, ଅସ୍ଥିର, ଭରତ-

Fiction, *s.* ଗଳ୍ପ.ଉପହାସ.କଳ୍ପନା, କାହାଣୀ

Fictitious, *a.* କଳ୍ପିତ, କୃତ୍ରିମ, ଅଯଥାର୍ଥ ।

Fiddle, *s.* ବେହେଲା,ସାରଙ୍ଗି,ସାରିନ୍ଦାବାଜା ।

Fidelity, *s.* ବିଶ୍ୱସ୍ତତା, ସତ୍ୟତା, ପ୍ରଭୁଭକ୍ତି, ଶ୍ରଦ୍ଧାଭକ୍ତି ।

Fidget, *v.* ଚଞ୍ଚଳ-ଅସ୍ଥିର-ବ୍ୟଗ୍ର-ହେ ।

Fiducial, *a.* ପ୍ରତ୍ୟୟୀ, ବିଶ୍ୱସ୍ତ, ଅସନ୍ଦିଗ୍ଧ ।

Fiduciary, *s.* ଗଚ୍ଛିତ ଦ୍ରବ୍ୟର ରକ୍ଷକ;ବିଶ୍ୱାସୀ

Fie, *int.* ଛିଛି, ଥୁକ୍, ଛ୍ୟା, ଛ୍ୟାଛ୍ୟା ।

Fief, *s.* ଜାଗିର, ତାଲୁକ, ବୃତ୍ତିଭୂମି ।

Field, *s.* କ୍ଷେତ, କ୍ଷେତ୍ର, ବିଲ, ବିସ୍ତାର, ରଣଭୂମି ।

Fiend, *s.* ଭୂତ; ପିଶାଚ, ଶୟତାନ, ଦୈତ୍ୟ ।

Fierce, *a.* ପ୍ରଚଣ୍ଡ, କ୍ରୂର, ଭୟାନକ ।

Fiery, *a.* ଅଗ୍ନିମୟ, ଗରମସ୍ୱଭାବ, ରଗାଲ ।
Fife, *s.* ବଂଶୀ, ମୁରଲୀ, ବଇଁଶୀ ।
Fifteen, *s.* ପନ୍ଦର, ପଞ୍ଚଦଶ ।
Fifty, *s.* ପଞ୍ଚାଶ, ପଞ୍ଚ ଶତ ।
Fig, *s.* ଡମ୍ବୁର, ଅଞ୍ଜିରଫଳ; ତୁଚ୍ଛ ବାକ୍ୟ ।
Fight, *s.* ଦ୍ୱନ୍ଦ୍ୱ, ଲଢାଇ, ସଂଗ୍ରାମ, ରଣ ।
Figment, *s.* କଳ୍ପନା, ଛଳ, କଳ୍ପିତବାକ୍ୟ, କାହାଣୀ । [ନ୍ତପୂର୍ଣ୍ଣ ।
Figurative, *a.* ଉପମାବିଶିଷ୍ଟ, ରୂପକ, ଦୃଷ୍ଟା-
Figure, *s.* ଆକାର, ମୂର୍ତ୍ତି, ରୂପ; ଦୃଷ୍ଟାନ୍ତ; ଅଙ୍କ ।—*v.* ଆକାର-ଅଙ୍କିତ-ଚିହ୍ନ-କ ।
Filament, *s.* ତନ୍ତୁ, ସୂକ୍ଷ୍ମସୂତ୍ର, ଅଂଶୁ ।
Filbert, *s.* ଫଳବିଶେଷ, ଫିନ୍ଦୁକ ।
Filch, *v.* ଚୋରି-କ, ହାତରୁ ଛଡାଇବା ।
File, *s.* ଉଖା, ରେଖ; ଶିକ; କଥା; ସୈନ୍ୟଶ୍ରେଣୀ
Filial, *a.* ସନ୍ତାନବତ୍, ପୁତ୍ରଧର୍ମିକ, ପୁତ୍ରସମ୍ବନ୍ଧୀୟ
Filigree, *s.* ସ୍ୱର୍ଣ୍ଣାଦିର ବା ସୂକ୍ଷ୍ମତାରର କର୍ମ ।
Filings, *s.* ଉଖାର ଚୂର୍ଣ୍ଣ, ଲୌହଚୂର୍ଣ୍ଣ ।
Fill, *v.* ପୂର୍ଣ୍ଣ-ଭର-ପରିତୃପ୍ତ-ଭର୍ତ୍ତି-କ ।
Fillet, *s.* କେଶ ବାନ୍ଧିବାର ଫିତା ବା ପଟି ।
Fillip, *v.* ଚୁଟିକା ବା ମୁଠା ମାରିବା ।
Filly, *s.* ଘୋଡାର ମାଈବଛା ।
Film, *s.* ଝିଲି, ପାତଳ ଚମଡା ।
Filter, *v.* ଛାଣିବା, ଛାଣି ନିର୍ମଳ-କ ।
Filth, *s.* ମଳ, ମଇଳା, ଗଳିତ, ବିଷ୍ଠା ।
Filthy, *a.* ସମଳ, ମଳିନ, ଅପବିତ୍ର ।
Filtrate, *v.* ଛାଙ୍କିବା, ଛାଣିବା, ଗାଦ କାଢିବା
Fin, *s.* ମତ୍ସ୍ୟର ଡେଣା, ମତ୍ସ୍ୟର ପକ୍ଷ ।
Final, *a.* ଶେଷ, ଅନ୍ତ, ପ୍ରାନ୍ତ, ନିତାନ୍ତ, ସିଦ୍ଧାନ୍ତ
Finally, *ad.* ଅଶେଷ, ଶେଷେ, ଅବଶେଷେ, ସର୍ବଶେଷେ, ଅନ୍ତେ ।
Finance, *s.* ରାଜସ୍ୱ, କର, ଖଜଣା ।
Financial, *a.* ଅର୍ଥବିଷୟକ, ରାଜସ୍ୱବିଷୟକ ।

Find, *v.* ପାଇବା, ଅନ୍ୱେଷଣ ଦ୍ୱାରା ପ୍ରାପ୍ତ-ହେ
Fine, *s.* ଅର୍ଥଦଣ୍ଡ, ଜରିମାନା, ଦଣ୍ଡାଗାର ।
—*a.* ସୂକ୍ଷ୍ମ, ମିହିନ, ସରୁ, ପାତଳ, ନିର୍ମଳ, ଉତ୍ତମ ।
Finer, *s.* ଧାତୁପରିଷ୍କାରକ, ଧାତୁନିର୍ମଳକର୍ତ୍ତା ।
Finery, *s.* ବେଶଭୂଷଣ, ଆଭରଣାଦି, ଅଳଙ୍କାର
Finesse, *s.* ଛଳ, କୌଶଳ, ନୈପୁଣ୍ୟ, ଫିକର ।
Finger, *s.* ଅଙ୍ଗୁଳି, ଅଙ୍ଗୁଳ, ଅଙ୍ଗୁଠି--ତର୍ଜ୍ଜନୀ ମଧ୍ୟମା, ଅନାମିକା, କନିଷ୍ଠା, ଅଙ୍ଗୁଷ୍ଠ ।—*v.* ଅଙ୍ଗୁଳି ଦ୍ୱାରା ସ୍ପର୍ଶ-କ, ଛୁଇଁବା ।
Finical, *a.* ସୁବେଶରେ ଯତ୍ନବିଶିଷ୍ଟ, ଫୁଲ-ବଣିଆ, ବସ୍ତ୍ରବିଳାସୀ ।
Finis, *s.* ସମାପ୍ତି, ଇତି, ସାଙ୍ଗ, ଶେଷ ।
Finish, *v.* ସମାପ୍ତ-ସାଙ୍ଗ- ସମ୍ପୂର୍ଣ୍ଣ-ଶେଷ-କ ।
Finite, *a.* ଅନ୍ତ୍ୟ, ଯାହାର ସୀମା ବା ଅନ୍ତ
Fir, *s.* ଗଛବିଶେଷ । [ଅଛି, ଦୃଷ୍ଟ ।
Fire, *s.* ଅଗ୍ନି, ନିଆଁ, ଅଗ୍ନିଦାହ, ତେଜ ।
—*v.* ଅଗ୍ନି-ଦେ, ପ୍ରଜ୍ୱଳିତ-କ, ପୋଡିପକାଇବା; ବନ୍ଧୁକାଦି ମାରିବା ।
Firearm, *s.* ଆଗ୍ନେୟାସ୍ତ୍ର, ବନ୍ଧୁକ ତୋପାଦି ।
Firebrand, *s.* ପ୍ରଜ୍ୱଳିତକାଷ୍ଠ, ନିଆଁଖୁଣ୍ଟା, ଉଲ୍କା; କଳି ଉତ୍ପାଦକ ବ୍ୟକ୍ତି ବା ବସ୍ତୁ ।
Fire-engine, *s.* ଅଗ୍ନିନିର୍ବାଣ ଯନ୍ତ୍ର, ଦମକଳ
Firefly, *s.* ଜୁଳୁଜୁଳିଆ ପୋକ, ଜହ୍ନିପୋକ ।
Firelock, *s.* ବନ୍ଧୁକ, ଅଗ୍ନିଯନ୍ତ୍ର ।
Fireman, *s.* ଗୃହଦାହ ନିର୍ବାଣକାରୀ ।
Firewood, *s.* ଜଳାଇବାକାଷ୍ଠ, ଇନ୍ଧନ, ଜାଳ, କାଠ ।
Fireworks, *s.* ଅଗ୍ନିକ୍ରୀଡା, ଆତସବାଜି, ବାଣାଦି ।
Firkin, *s.* ମଦ୍ୟପାତ୍ରର ପରିମାଣ ।
Firm, *a.* ଶକ୍ତ, ଦୃଢ, ଟାଣ, ସ୍ଥିର, ସାରଯୁକ୍ତ, ଅଟଳ ।

Firm, *s.* ବାଣିଜ୍ୟାର୍ଥ ସମ୍ପ୍ରଦାୟ, ବାଣିଜ୍ୟର କୋଠୀ ।
Firmament, *s.* ଆକାଶମଣ୍ଡଳ, ଶୂନ୍ୟପଥ ।
First, *a.* ପ୍ରଥମ, ଆଦ୍ୟ, ଅଗେ; ପ୍ରଧାନ, ଶ୍ରେଷ୍ଠ
Firstborn, *s.* ପ୍ରଥମଜାତ, ଅଗ୍ରଜ, ଜ୍ୟେଷ୍ଠ ।
Firstfruits, *s.* ପ୍ରଥମଜାତଫଳ, ପ୍ରଥମୋତ୍ପନ୍ନଫଳ ।
Firstling, *s.* ପ୍ରଥମଜାତ ଶାବକ ବା ଛୁଆ ।
First-rate, *a.* ସର୍ବଶ୍ରେଷ୍ଠ, ସର୍ବୋତ୍ତମ, ପ୍ରଧାନ ।
Fiscal, *a.* ରାଜସ୍ୱସମ୍ବନ୍ଧୀୟ, ରାଜଭଣ୍ଡାର ।
Fish, *s.* ମାଛ, ମତ୍ସ୍ୟ, ମୀନ, ଜାଅଁଳ; ଶୁଖୁଆ । —*v.* ମତ୍ସ୍ୟ ଧରିବା, ବନଶୀ ବା ଜାଲରେ ମାଛ ମାରିବା; କୌଶଳରେ ଧରିବା ।
Fisherman, *s.* କେଉଟ, କୈବର୍ତ୍ତ, ମାଛୁଆ, ମତ୍ସ୍ୟବ୍ୟବସାୟୀ ।
Fishery, *s.* ମତ୍ସ୍ୟାଗାର, ମତ୍ସ୍ୟବ୍ୟବସାୟ ।
Fish-hook, *s.* ବନଶୀକଣ୍ଟା, ମତ୍ସ୍ୟ ଧରଣାର୍ଥେ ବଡଶୀ । [ମତ୍ସ୍ୟବିକ୍ରେତା ।
Fishmonger, *s.* ମାଛୁଆ, ମାଛବ୍ୟବସାୟୀ,
Fissure, *s.* ଛିଦ୍ର, ଫାଟ, ରନ୍ଧ୍ର, ବିବର, ଫାଙ୍କ ।
Fist, *s.* ମୁଠା, ବିଧା, ମୁଷ୍ଟି, ଘୁଷା ।
Fisticuffs, *s.* ମୁଷ୍ଟାମୁଷ୍ଟି, ଘୁଷାଘୁଷି, ମୁଷ୍ଟିଯୁଦ୍ଧ ।
Fistula, *s.* ଭଗନ୍ଦର, ମଳଦ୍ୱାରେ ବ୍ରଣବିଶେଷ ।
Fit, *s.* ଅଚେତନଜନକ ରୋଗ, ମୃଗୀ, ମୂର୍ଚ୍ଛା ।
Fit, *a.* ଉଚିତ, ଉପଯୁକ୍ତ ଯୋଗ୍ୟ, ବିହିତ । —*v.* ଉପଯୁକ୍ତ-ଠିକ୍-ଯୋଗ୍ୟ-ହେ, ପ୍ରସ୍ତୁତ-କ
Five, *a.* ପାଞ୍ଚ, ପଞ୍ଚ ।
Fives, *s.* ପେଣ୍ଡୁଖେଳାବିଶେଷ; ଘୋଡାରୋଗ
Fix, *v.* ସ୍ଥାପିତ-ଦୃଢ-ନିଶ୍ଚିତ-ନିଯୁକ୍ତ-କ ।
Fixture, *s.* ସ୍ଥାପିତ ଦ୍ରବ୍ୟ, ସ୍ଥାବର ବିଷୟ, ସ୍ଥିରତା ।
Flabby, *a.* ଢିଲ, କୋମଳ, ଅଦୃଢ, ଶିଥିଳ ।
Flaccid, *a.* ନରମ, କୋମଳ, ଢିଲ, ଅଶକ୍ତ ।

Flag, *s.* ପତାକା, ଧ୍ୱଜା, ନିଶାଣ; ପଟ୍ଟା, ପଥର; ଜଳତୃଣ ବିଶେଷ ।—*v.* କ୍ଲାନ୍ତ-ଶିଥିଳ-ମ୍ଳାନ-ଦୁର୍ବଳ-ହେ । [ରଡାମାଡ ।
Flagellation, *s.* ପ୍ରହାର, ବେତ୍ରାଘାତ, କୋ-
Flageolet, *s.* କ୍ଷୁଦ୍ରବଂଶୀ, ବାଜାବିଶେଷ ।
Flagitious, *s.* ଅତିଦୁଷ୍ଟ, ଦୁରାଚାର, ମହାପାତକୀ ।
Flagon, *s.* ଦ୍ରାକ୍ଷାରସରପାତ୍ର, ସୋରାଇ, କୁଞ୍ଜ
Flagrancy, *s.* ଦୋଷର ଅତିଶଯ୍ୟ, ଅତିଚାରକର୍ମ ।
Flagrant, *a.* କଳଙ୍କ, ଅତିଦୁଷ୍ଟ, ପ୍ରସିଦ୍ଧ ।
Flagstaff, *s.* ପତାକାଦଣ୍ଡ, ଧ୍ୱଜାଦଣ୍ଡ, ନିଶାଣକାଷ୍ଠ । [ବାଡ ।
Flail, *s.* ଶସ୍ୟମର୍ଦ୍ଦନର ଦଣ୍ଡ,ଧାନ୍ୟାଦି ପିଟିବାର
Flake, *s.* ହିମ ବା ଲୋମପରି ଅଦୃଢରୂପେ ଏକତ୍ରୀଭୂତ ଦ୍ରବ୍ୟ ଖଣ୍ଡେ ।
Flambeau, *s.* ମଶାଲ, ଉଲ୍କା, ଡାମର ।
Flame, *s.* ଅଗ୍ନିଶିଖା, ଝଲକ; ତେଜ; ଅନୁରାଗ, କ୍ରୋଧ । [ଜାଜ୍ୱଲ୍ୟମାନ ।
Flaming, *a.* ପ୍ରଜ୍ୱଳିତ, ଶିଖାବାନ୍, ଜ୍ୱଳନ୍ତ,
Flank, *s.* ପଞ୍ଜରା, କାଖ; ସୈନ୍ୟ ବା ଯୁଦ୍ଧଜାହାଜର ପାର୍ଶ୍ୱ ।—*v.* ପାର୍ଶ୍ୱ ଆକ୍ରମଣ ବା ରକ୍ଷା-କ ।
Flannel, *s.* ପଶମୀ ବସ୍ତ୍ରବିଶେଷ, ଲୁଇ, ଧୂସା ।
Flap, *s.* ବସ୍ତ୍ରର ଲଟକଣ; ଘୋଡାର ରୋଗବିଶେଷ ।—*v.* ପରା ବା ଝାପଟା ବା ପାଖସାଟ ମାରିବା ।
Flap-eared, *a.* ଲେଳିତ କର୍ଣ୍ଣଯୁକ୍ତ, ବୃହତ୍ କର୍ଣ୍ଣବିଶିଷ୍ଟ ।
Flare, *v.* ଉଜ୍ଜ୍ୱଳ-ହେ, ଝକ୍ଝକ୍-ଦୀପ୍ତି-କ ।
Flash, *s.* ଅର୍ଚ୍ଚି, କ୍ଷଣପ୍ରଭା, ଚକମକିଆ ଆଲୁଅ, ଦୀପ୍ତି । [ଲାସା ।
Flashy, *a.* ଫମ୍ପା, ଅସାର, ରଙ୍ଗିଲା; ବସ୍ତ୍ର-

**Flask**, *s.* ପାତ୍ର, ଜଳପାତ୍ର; ବାରୁଦର ଶିଙ୍ଗା, ବାରୁଦର ଡାବା ।

**Flat**, *s.* ସମଭୂମି, ପଡ଼ିଆ; ସମୁଦ୍ରର ଚଡ଼ା । —*a.* ସମାନ, ସମ, ଚେପଟ;ନିସ୍ତେଜ;ସ୍ପଷ୍ଟ ।

**Flatly**, *ad.* ସ୍ପଷ୍ଟରୂପେ, ସମାନରୂପେ, ନିଶ୍ଚୟ-ରୂପେ ।

**Flatten**, *v.* ସମାନ-ଚେପଟ-କଷଣ୍ଡ-କ ।

**Flatter**, *v.* ମିଥ୍ୟାପ୍ରଶଂସା- ଖୁସାମଦ-କ, ପୁସଲାଇବା । [ସ୍ତାବକ ।

**Flatterer**, *s.* ସ୍ତୁତିବାଦକାରୀ, ଖୁସାମଦିଆ,

**Flattery**, *s.* ମିଥ୍ୟା, ପ୍ରଶଂସା, ସ୍ତୁତିବାଦ, ଖୁସାମଦ । [ଫାମ୍ପ ।

**Flatulency**, *s.* ବାୟୁବେଗ, ବାୟୁ, ପେଟର

**Flatulent**, *a.* ବାୟୁବେଗଗ୍ରସ୍ତ, ବାଉଆ, ଫମ୍ପା।

**Flaunt**, *v.* ଭଡ଼ଙ୍କ କ କୁହକ ଦେଖାଇବା, ବୁକୁ ଫୁଲାଇ ଚାଲିବା ।

**Flavour**, *s.* ଆସ୍ଵାଦ, ସୁସ୍ଵାଦ, ସ୍ଵାଦୁ ।

**Flaw**, *s.* ଛିଦ୍ର, ଚିର, କଳଙ୍କ, ଦୋଷ ।

**Flax**, *s.* ଫେସି, ମହେଣା, ଶଣ, ଝଣ୍ଟି ।

**Flay**, *v.* ଚମ କାଢ଼ିବା, ପ୍ରହାରରେ ଚମ ଉପାଡ଼ିବା ।

**Flea**, *s.* ଉକୁଣିଅପୋକ, ପିଶୁ ।

**Fledged**, *a.* ପକ୍ଷବାନ୍, ପକ୍ଷବିଶିଷ୍ଟ ।

**Flee**, *v.* ପଳାଇବା, ପଳାୟନ-କ ।

**Fleece**, *s.* ମେଷଠାରୁ ଯେତେ ଲୋମ ଏକ-ବାରେ କଟାଯାଏ ।—*v.* ଲୋମ କାଟିବା; ଲୁଟ-କ ।

**Fleecy**, *a.* ଲୋମବନ୍ତ, ଲୋମମୟ, ପଶମୀ ।

**Fleet**, *s.* ଜାହାଜସମୂହ, ପୋତବହର ।

**Fleet**, *a.* ଦ୍ରୁତଗାମୀ, ଶୀଘ୍ରଗାମୀ, ଚଞ୍ଚଳ ।

**Fleeting**, *a.* ଶୀଘ୍ରଗାମୀ, ଅସ୍ଥାୟୀ, କ୍ଷଣିକ ।

**Flesh**, *s.* ମାଂସ, ମାଉଂସ; ଶାରୀରିକ ଧର୍ମ; ନିକଟ କୁଟୁମ୍ବ ।

**Fleshly**, *a.* ଶାରୀରିକ, ପାର୍ଥିବ, ଦୈହିକ, ଦେହସମ୍ବନ୍ଧୀୟ ।

**Fleshy**, *a.* ମାଂସଳ, ହୃଷ୍ଟପୁଷ୍ଟ, ସ୍ଥୂଳକାୟ, ମୋଟା । [ୟତା ।

**Flexibility**, *s.* ନମ୍ରତା, ବଶ୍ୟତା, ନମନୀ-

**Flexible**, *a.* ନମ୍ରଶୀଳ, ନରମ, କୋମଳ, ବଶ୍ୟ

**Flexure**, *s.* ନମ୍ର, ବାଙ୍କ, ମୋଡ଼, ପେଚ ।

**Flicker**, *v.* ପକ୍ଷ ଝାଡ଼ିବା; ଟଳଟଳ-କ ।

**Flight**, *s.* ପଳାୟନ, ଉଡ଼ିବା ପକ୍ଷୀପାଳ; ମନର ଭ୍ରମ ବା ଉଗ୍ରତା ।

**Flighty**, *a.* ଉଡ଼ନ୍ତୀୟମାନ, ଦ୍ରୁତଗାମୀ, ଚଞ୍ଚଳ

**Flimsy**, *a.* କ୍ଷୀଣ, ସରୁ, ପାତଳ, କୃଶ, ଦୁର୍ବଳ ।

**Flinch**, *v.* ପଛକୁ ହଟିବା, ଭୀତ-ହେ ।

**Fling**, *v.* ପକାଇ-ଫୋପାଡ଼ି-ଦେ, ନିକ୍ଷେପ-କ

**Flint**, *s.* ଚକମକିଅପଥର, ଅଗ୍ନି ଉତ୍ପାଦକ ପ୍ରସ୍ତର

**Flinty**, *a.* ଚକମକିଅପଥରମୟ, ନିଷ୍ଠୁର, ନିର୍ଦ୍ଦୟ

**Flippant**, *a.* ବାଚାଳ, ବକୁଆ, ବଡ଼ବଡ଼ିଆ ।

**Flirt**, *s.* ପ୍ରଗଲ୍ଭା ସ୍ତ୍ରୀ, ଖେଳାଳୀ, ପଙ୍ଗଉଗି-କାରିଣୀ ।—*v.* କୃତ୍ରିମ ପ୍ରୀତ ଦେଖାଇବା, ଥଟ୍ଟା-କ ।

**Flit**, *v.* ଉଡ଼ିଯିବା, ଅସ୍ଥିର-ହେ, ଏଣେତେଣେ ଭ୍ରମଣ-କ ।

**Flitch**, *s.* ଶୂକରର ଶୁଷ୍କ ପଞ୍ଜରର ମାଂସ ।

**Float**, *s.* ଭେଳା; ଭେରଣ୍ଡା ।—*v.* ଭାସିବା, ଜଳଉପରେ ବହିଯିବା । [ଉଡ଼ ।

**Flock**, *s.* ଦଳ, ଗୋଠ, ଝାଙ୍କ; ଲୋମଗୁଚ୍ଛ,

**Flog**, *v.* ପ୍ରହାର-କ, ମାରିବା, ଶାସ୍ତି-ଦ ।

**Flood**, *s.* ବଢ଼ି, ଜଳପ୍ଲାବନ, ଜୁଆର, ବନ୍ୟା ।

**Floodgate**, *s.* ଜଳ ଆସିବାଯିବାର ବାଟ ।

**Floor**, *s.* ଗମ୍ଭୀର, ତଳ, ଘରର ମେଜିଆ ।

**Floral**, *a.* ପୁଷ୍ପସମ୍ବନ୍ଧୀୟ, ଫୁଲବିଷୟକ ।

**Florid**, *a.* ରକ୍ତବର୍ଣ୍ଣ, ଲାଲିଆ, ଶୋଭିତ ।

Florin, *s.* ଇଂଲଣ୍ଡୀୟ ରୌପ୍ୟ ମୁଦ୍ରାବିଶେଷ, ୨ ଟଙ୍କା ।

Florist, *s.* ମାଳାକାର,ମାଳୀ,ପୁଷ୍ପବ୍ୟବସାୟୀ।

Flotilla, *s.* କ୍ଷୁଦ୍ରଜାହାଜର ବହର ବା ସମୂହ ।

Flounce, *v.* ଡେଇଁବା, ଅସ୍ଫାଳନ-କ ।

Flounce, *s.* ବସ୍ତ୍ରର ଶୋଭାକର ଅଞ୍ଚଳ ବା ପ୍ରାନ୍ତଭାଗ, ଝାଲର ।

Flounder, *v.* ଧଡ଼ପଡ଼-କ, ଡେଇଁବା, ଅ-ସ୍ଫାଳନ-କ ।

Flour, *s.* ମଇଦା, ଅଟା, ସୁଜି ।

Flourish, *v.* ଶ୍ରୀଯୁକ୍ତ-ସତେଜ-ଉନ୍ନତ-ବୃଦ୍ଧି-ପ୍ରାପ୍ତ-ହେ ।

Flow, *v.* ବହିଯିବା, ପ୍ରବାହିତ-ହେ ।

Flower, *s.* ପୁଷ୍ପ, ଫୁଲ, କୁସୁମ ; ଯୌବନ ; ସାରଭାଗ ।—*v.* ପୁଷ୍ପିତ-ହେ, ଫୁଲ ଧରିବା, ପୁଷ୍ପଦ୍ୱାରା ସୁଶୋଭିତ-କ । [ଙ୍କୃତ ।

Flowery, *a.* ପୁଷ୍ପରେ ଭୂଷିତ,ପୁଷ୍ପଯୁକ୍ତ,ଅଳ-

Fluctuate, *v.* ଅସ୍ଥିର-ଅନିଶ୍ଚିତ-କମବେଶୀ-ହେ

Fluctuation, *s.* ଅସ୍ଥିରତା, ଆନ୍ଦୋଳନ, ଚଞ୍ଚଳତା, ଅସ୍ଥାୟିତ୍ୱ ।

Flue, *s.* କୋମଳ ବା ନରମ ଲୋମ ; ଧୂଆଁନଳୀ ।

Fluency, *s.* ବାକ୍ପଟୁତା, ସଦ୍ବକ୍ତୃତା, ବାକ୍ୟ-ବାହୁଲ୍ୟ ।

Fluent, *a.* ବାକ୍‌ପଟୁ, ସଦ୍ବକ୍ତା, ବହନଶୀଳ ।

Fluid, *s.* ଦ୍ରବ ଦ୍ରବ୍ୟ, ଜଳବତ୍ ଦ୍ରବ୍ୟ, ରସ, ବହି ପଡ଼ିବା ଦ୍ରବ୍ୟ ।—*a.* ତରଳ,ଦ୍ରବ, ଜଳ-ବତ୍, ବହନଶୀଳ ।

Fluidity, *s.* ତାରଲ୍ୟ, ଦ୍ରବଭାବ ।

Fluke, *s.* ଲଙ୍ଗରର ଫାଳପଟ ; କାର୍ଯ୍ୟ ବସ୍ତୁ୨ ଅନପେକ୍ଷିତ ଲାଭ ।

Flummery, *s.* ଗହମର ଅଟାଚାଉଳି; ଚିଥା ସ୍ତବ, ସ୍ତୁତି ।

Flurry, *s.* ଧୁମଧାମ, ଗୋଳ, ହଡ଼ବଡ଼ ।

Flush, *s.* ମୁଖର ରକ୍ତବର୍ଣ୍ଣ ବୃଦ୍ଧି, ବାହୁଲ୍ୟ ।—*a.* ତେଜସ୍ୱୀ ; ପରିପୂର୍ଣ୍ଣ ।—*v.* ପୁଲକିତ-ରକ୍ତବର୍ଣ୍ଣ-ହେ ।

Flute, *s.* ମୁରଲୀ, ବଂଶୀ ।

Flutter, *s.* ଚାଞ୍ଚଲ୍ୟ,ମନର ଅସ୍ଥିରତା, କ୍ଷୋଭ, ଘାବଡ଼ାଣୀ ।—*v.*ପକ୍ଷୀଧଡ଼ପଡ଼-ଛଟପଟ-ହେ ।

Flux, *s.* ପ୍ରବହନ, ଆମାଶୟ, ରକ୍ତାତିସାର, [ପ୍ରବାହ ।

Fly, *s.* ମାଛି, ମକ୍ଷିକା ।

Fly, *v.* ଉଡ଼ିଯିବା, ପଳାଇବା; ଫାଟି ଯିବା ।

Foal, *s.* ଘୋଡାର ବାଛୁରି ବା ଛୁଆ ।

Foam, *s.* ଫେଣ, ଭିଷା, ଚୋଳ; କୋପ ।

Fob, *s.* ଜେବ, ଘଡି ରଖିବାର ମୁଣି । [ହୁଏ ।

Focus, *s.* ଯେ ସ୍ଥାନରେ ସୂର୍ଯ୍ୟକିରଣ ଏକତ୍ରୀଭୂତ

Fodder, *s.* ଗାଈ ଆଦି ପଶୁର ଖାଇବା ଦ୍ରବ୍ୟ ।

Foe, *s.* ଶତ୍ରୁ, ବିପକ୍ଷ, ଅରି, ବୈରୀ । [ପ୍ରାଣୀ ।

Fœtus, *s.* ଭ୍ରୂଣ, ଗର୍ଭସ୍ଥ ବାଳକ, ଜରାୟୁସ୍ଥ

Fog, *s.* କୁହୁଡ଼ି, କାକର, କୁଜ୍ଝଟିକା ।

Foggy, *a.* କୁହୁଡ଼ିମୟ, କୁଜ୍ଝଟିକାମୟ ।

Foible, *s.* ଅଳ୍ପଭ୍ରମ,ଲଘୁପାପ,ତ୍ରୁଟି,ଦୋଷ ।

Foil, *v.* ଉଦ୍‌ଯୋଗ ଭାଙ୍ଗିବା, ପରାଜୟ-କ, ବିଫଳ-ହେ । [ପର କୃତ୍ରିମ ବିଷୟ-ଦେ ।

Foist, *v.* ଜାଲ୍ କରି ଲେଖିବା, ଯଥାର୍ଥ ବିଷୟ

Fold, *s.* ଖୁଆଡ଼, ଗୁହାଳ; ଭାଙ୍ଗ; ଦ୍ୱିଗୁଣ, ଦୋହରା ଭାଙ୍ଗ ।—*v.* ଭାଙ୍ଗ-ବନ୍ଦ-ଗୋଳ-କ

Foliage, *s.* ଗଛର ପତ୍ରସମୂହ ।

Folio, *s.* ଏକତକ୍ତା କାଗଜକୁ ଦୁଇ ଭାଗ କଲେ ଯେତିକି ଅଡ଼ା ହୁଏ ସେହି ପୁସ୍ତକ ।

Folk, *s.* ଲୋକ, ନରଗଣ, ମନୁଷ୍ୟମାନେ ।

Follow, *v.* ପଶ୍ଚାଦ୍ଗାମୀ-ହେ, ପଛେ୨ ଯିବା, ଅନୁସରଣ-କ, ଘୋଡାଇବା; ଅଣ୍ଡଦାସ-ହେ; ଅନୁଗାମୀ-ହେ । [ଶିଷ୍ୟ ।

Follower, *s.* ପଶ୍ଚାଦ୍ଗାମୀ,ଅନୁଚର,ଅନୁଯାୟୀ,

Folly, *s.* ଅବିବେଚନା, ମୂଢ଼ତା, ଅଜ୍ଞାନତା ।

Foment, *v.* ଗରମ ପାଣି ବା ଦବ ଔଷଧରେ ଧୋଇ-କ, ସେକିବା; କବାଟ ପ୍ରବର୍ତ୍ତାଇବା ।

Fomentation, *s.* ଉଷ୍ଣ ଦ୍ରବ ଔଷଧାଦରେ ସେକ । [ଦେଖ ।

Fond, *a.* ସ୍ନେହବନ୍ତ, ଆସକ୍ତ, ଅନୁରାଗୀ, ପକ-

Fondle, *v.* ସୋହାଗ-ସ୍ନେହ-ବାତ୍ସଲ୍ୟ-କ ।

Fondling, *s.* ସ୍ନେହପାତ୍ର, ପ୍ରିୟପାତ୍ର, ଦୁଲାଳ

Fondness, *s.* ପ୍ରେମ,ଅନୁରାଗ,ସ୍ନେହ,ବାତ୍ସଲ୍ୟ

Font, *s.* ଜଳକୁଣ୍ଡ; ଏକପ୍ରକାର ଛାପା ଅକ୍ଷର-ସମୂହ ।

Food, *s.* ଅନ୍ନ, ଭକ୍ଷ୍ୟ, ଆହାର, ଖାଦ୍ୟ ।

Fool, *s.* ବାୟା, ବାଉଳ; ମୂର୍ଖ, ନିର୍ବୋଧ ।

Foolery, *s.* ନିର୍ବୁଦ୍ଧିତା, ମୂର୍ଖତା, ଅଜ୍ଞାନତା ।

Foolhardy, *a.* ଅସମସାହାସୀ, ଦୁଃସାହସୀ, ନିର୍ଭୟ । [ବାଉଳ ।

Foolish, *a.* ନିର୍ବୋଧ, ପାଗଳପରି ଅଜ୍ଞାନ,

Foolishness, *s.* ଅଜ୍ଞାନତା, ମୂର୍ଖତା, ପାଗ-ଳାମି ।

Foolscap, *a.* ଏକ ପ୍ରକାର କାଗଜ ।

Foot, *s.* ପାଦ, ଗୋଡ, ଚରଣ; ପାୟା; ୧୨ ଇଞ୍ଚିଲ ପରମାଣ, ଫୁଟ ।

Football, *s.* ପାଦ ଦ୍ୱାରା ଖେଳିବାର ଗେଣ୍ଡୁ ।

Footing, *s.* ପାଦ ପକାଇବାର ସ୍ଥାନ, ମୂଳ, ଭୂମିସ୍ପାଦ । [ଦାସ ।

Footman, *s.* ପଦାତିକ, ପିଅଦା; ଭୃତ୍ୟ,

Footpad, *s.* ଡକାଇତ, ବାଟମାର ।

Footpath, *s.* କ୍ଷୁଦ୍ର ପଥ, ସାନ ବାଟ ।

Footstep, *s.* ପଦଚିହ୍ନ, ପଦାଙ୍କ, ଖୋଜ ।

Footstool, *s.* ପାଦପୀଠ, ପାଦାସନ, ମୋଡା

Fop, *s.* ଫୁଲବାବୁ, ଫୁଲଫକିଆ ।

For, *pr.* and *con.* କାରଣ, ଯେହେତୁ, ଏଣୁ, ବଦଳେ, ପରିବର୍ତ୍ତେ ।

Forage, *s.* ପଶ୍ୱାଦିର ଭକ୍ଷ୍ୟ ଦ୍ରବ୍ୟ, ଘାସାଦି ।

Forasmuch, *con.* ଯେହେତୁ, ଯେ କାରଣ ।

Forbear, *v.* ସହ୍ୟ-କ, କ୍ଷାନ୍ତ-ନିବୃତ୍ତ-ହେ ।

Forbearance, *s.* କ୍ଷାନ୍ତି, କ୍ଷମା, ସହିଷ୍ଣୁତା, କରଦାସ୍ତ ।

Forbid, *v.* ନିଷେଧ-ବାରଣ- ମନା-କ ।

Forbidding, *a.* ଘୃଣାଜନକ, ନିଷେଧ ବା ଅସନ୍ତୋଷଜନକ ।

Force, *s.* ବଳ, ପରାକ୍ରମ, କ୍ଷମତା; ସୈନ୍ୟଦଳ —*v.* ବଳରେ-ଜବରଦସ୍ତି-ବଳାତ୍କାର-କ ।

Forceps, *s.* ଚିମୁଟା, ସଣ୍ଡୁଆସି, ସନଶ ।

Forcible, *a.* ପ୍ରବଳ, ବଳବନ୍ତ, ସବଳ, ପରାକ୍ରାନ୍ତ ।

Ford, *s.* ନଦୀ ପାର ହେବାର ସ୍ଥାନ, ଥଳ । —*v.* ଥଳରେ ନଦୀ ପାର-ହେ

Fore, ଅଗ୍ର, ଆଗ, ପୂର୍ବ, ପ୍ରଥମ ।

Forebode, *v.* ଅଗ୍ରେ ବୋଧ-ଅମଙ୍ଗଳସୂଚନା-କ

Forecast, *s.* ଦୂରଦର୍ଶନ, ଅଗ୍ରେ ଚିନ୍ତା ବା କଳ୍ପନା ।

Forecastle, *s.* ଜାହାଜର ଅଗ୍ରଭାଗ ।

Forefather, *s.* ପିତୃଲୋକ, ପୂର୍ବପୁରୁଷ ।

Forefinger, *s.* ତର୍ଜନୀ, ହସ୍ତର ଦ୍ୱିତୀୟ ଅଙ୍ଗୁଳି

Forefront, *s.* ଅଗ୍ରଭାଗ, କପାଳ, ସମ୍ମୁଖ ।

Forego, *v.* ତ୍ୟାଗ-କ,ଛାଡିଦେ, ଭୋଗ ନ-କ ।

Foregoing, *a.* ପୂର୍ବଗାମୀ, ପୂର୍ବୋକ୍ତ, ଅଗ୍ର-ଗାମୀ ।

Forehead, *s.* କପାଳ, ଲଲାଟ, ଭାଲ, ନିଦ୍ଧିକ ।

Foreign, *a.* ବିଦେଶୀୟ,ଭିନ୍ନଦେଶର,ଦୂରସ୍ଥ, ନିଃସମ୍ପର୍କୀୟ ।

Foreigner, *s.* ବିଦେଶୀ, ବିଦେଶୀୟ ବ୍ୟକ୍ତି, ପରଦେଶୀ ।

Foreknow, *v.* ଭବିଷ୍ୟତ ବିଷୟ ଜାଣିବା ।

Foreland, *s.* ଅନ୍ତରୀପ ।

Forelock, *s.* କପାଳ ଉପରର ବାଳ ସମୂହ ।

Foreman, *s.* ସରଦାର, ପ୍ରଧାନ କାରିଗର, ବେବର୍ତ୍ତ, ସଭାପତି । [ପ୍ରଥମ ।

Foremost, *a.* ଅଗ୍ରବର୍ତ୍ତୀ, ଅଗ୍ରଗଣ୍ୟ, ଶ୍ରେଷ୍ଠ,

Forenoon, *s.* ସକାଳଓଳି, ପୂର୍ବାହ୍ନ, ସକାଳ ।

Forensic, *s.* ଅଦାଲତର ସମ୍ପର୍କୀୟ, ବ୍ୟବସ୍ଥା-ସମ୍ବନ୍ଧୀୟ ।

Foreordain, *v.* ପୂର୍ବରୁ ନିରୂପଣ-କ ।

Forerunner, *s.* ଅଗ୍ରସର, ଅଗ୍ରଗ, ଦୂତ. ଉପଗ୍ର ।

Foresee, *v.* ଭବିଷ୍ୟକୁ ବା ଆଗ ଦର୍ଶନ-କ, ଆଗ ଜ୍ଞାତ-ହେ, ପୂର୍ବରୁ ଠଉରାଇବା, ଦୂର-ଦର୍ଶନ-କ ।

Foresight, *s.* ଭବିଷ୍ୟଜ୍ଞାନ, ଅନୁପସ୍ଥିତ ବିଷୟରେ ବୋଧ । [ଚର୍ମ ।

Foreskin, *s.* ଲିଙ୍ଗାଗ୍ରଚର୍ମ, ପୁରୁଷାଙ୍ଗର ଅଗ୍ର-

Forest, *s.* ବନ, ଅରଣ୍ୟ, ଜଙ୍ଗଲ, କାନନ ।

Forestall, *v.* ଅଗ୍ରେ ଦଖଲ-କ, ଅନ୍ୟର ପୂର୍ବେ କ୍ରୟ-କ ।

Forester, *s.* ବନରକ୍ଷକ, ଅରଣ୍ୟବାସୀ ।

Foretaste, *s.* ପୂର୍ବସ୍ୱାଦାନୁଭବ ।—*v.* ଅପେକ୍ଷାରେ ଚାଖିବା ।

Foretell, *v.* ଭବିଷ୍ୟଦ୍ବାକ୍ୟ-କହ ।

Forethought, *s.* ଭବିଷ୍ୟଚ୍ଚିନ୍ତା, ପୂର୍ବ-ସୂଚନା ।

Forewarn, *v.* ପୂର୍ବେ ସାବଧାନ ବା ସୂଚନା-କ, ଚେତନା-ଦେ । [ଦ୍ରଣାଗାର ।

Forfeit, *s.* ଅର୍ଥ ବା ଧନଦଣ୍ଡ, ଜରିମାନା,

Forfeiture, *s.* ଅର୍ଥଦଣ୍ଡ, ଜରିମାନା, ଅଧି-କାର ଲୋପ ।

Forge, *s.* କମାରଶାଳ, ଲୌହଦ୍ରବ୍ୟ ନିର୍ମାଣାର୍ଥେ ଅଗ୍ନିକୁଣ୍ଡ । [ନିର୍ମାଣ-କ ।

Forge, *v.* ଜାଲ-କୃତ୍ରିମ-କ; ଧାତୁ ଦ୍ରବ୍ୟ

Forgery, *s.* ଜାଲସାଜି, କୃତ୍ରିମକର୍ମ ।

Forget, *v.* ବିସ୍ମୃତ-ହେ, ପାସୋରିବା, ଭୁଲି-ଯିବା, ମନରେ ନ ରଖିବା ।

Forgive, *v.* କ୍ଷମା-ମାର୍ଜନା-ମାଫ-କ ।

Forgiveness, *s.* କ୍ଷମା, ମାର୍ଜନା, ମାଫ, ମୋଚନ ।

Fork, *s.* ମେଜର କଣ୍ଟା, ଖେଟୁଳି । [ବିଭକ୍ତ ।

Forked, *a.* କଣ୍ଟାଯୁକ୍ତ, କଣ୍ଟାପରି ଦ୍ୱିଭାଗେ

Forlorn, *a.* ଦୀନ, ତ୍ୟକ୍ତ, ଅନାଥ, ନିଃସହାୟ

Form, *s.* ଆକୃତି, ଆକାର, ରୂପ, ଡୌଲ; ଧାରା; ବର୍ଗ; ଲମ୍ବ କାଷ୍ଠାସନ ।—*v.* ନିର୍ମାଣ-କ, ଗଢିବା, ବନାଇବା ।

Formal, *a.* ଯଥାବିଧି, ବିଧ୍ୟନୁଗାମୀ, ପ୍ରଚଳ-ନୁଯାୟୀ । [ଯାୟୀ ।

Formalist, *s.* ପ୍ରଚଳମତାଶ୍ରିତ, ବ୍ୟବହାରାନୁ-

Formality, *s.* ପ୍ରଚଳିତ ବ୍ୟବହାର, କାପଟ୍ୟ, କପଟପଣ ।

Formation, *s.* ନିର୍ମାଣ, ଗଠନ, ଗଢଣ, ରଚନା ।

Former, *a.* ଆଦ୍ୟ, ପ୍ରାକ୍, ପୂର୍ବ, ପ୍ରଥମ, ଗତ ।

Formerly, *ad.* ପୂର୍ବକାଳେ, ପ୍ରଥମେ, ଅଗ୍ରେ, ଆଦ୍ୟରେ ।

Formidable, *a.* ଭୟାନକ, ଦାରୁଣ, ଭୟଙ୍କର, ଘୋର । [ବେଡୌଲ ।

Formless, *a.* ନିରାକାର, ଆକୃତିରହିତ,

Formula, *s.* ପଦ୍ଧତି, ନିୟମ, ଧାରା, ବିଧି ।

Formulary, *s.* ବିଧିଗ୍ରନ୍ଥ, କର୍ମ କାଣ୍ଡ ପୁସ୍ତକ ।

Fornication, *s.* ବେଶ୍ୟାଗମନ, ବ୍ୟଭିଚାର-କ୍ରିୟା, ଲମ୍ପଟତା; ପ୍ରତିମା ପୂଜା ।

Forsake, *v.* ତ୍ୟାଗ-ପରିତ୍ୟାଗ-କ, ଛାଡିବା ।

Forsooth, *ad.* ସତ୍ୟ, ଯଥାର୍ଥ, ପ୍ରମାଣ, ଠିକ୍ ।

Forswear, *v.* ମିଥ୍ୟାଶପଥ-କ; ଶପଥପୂର୍ବକ ପରିତ୍ୟାଗ-କ ।

Fort, *s.* ଦୁର୍ଗ, ଗଡ, କିଲ୍ଲା, କୋଟ । [ଣତା ।

Forte, *s.* ବିଶେଷ ଗୁଣ ଅବା କ୍ଷମତା, ନିପୁ-

Forte, *ad.* (ବାଦ୍ୟ ସମ୍ବନ୍ଧରେ) ଉଚ୍ଚୈଃସ୍ୱରେ ।
Forth, *ad.* ବାହାରେ, ଏଠାରୁ, ଏସମୟରୁ ।
Forthcoming, *a.* ଅସନ୍ତା, ଭବିଷ୍ୟତ୍, ଅଗତ, ଅଗାମୀ । [କ୍ଷଣି ।
Forthwith, *ad.* ଅବିଳମ୍ବରେ, ଏକ୍ଷଣି, ସେହି-
Fortification, *s.* ଗଡ, ଦୁର୍ଗ; ଦୁର୍ଗ ନିର୍ମାଣ କରିବା । [ବା ଦୃଢ଼ୀଭୂତ-ଦେ ।
Fortify, *v.* ସବଳ- ଦୁର୍ଗନିର୍ମାଣ-କ; ଅଣାଯ
Fortitude, *s.* ସାହସ, ଧୈର୍ଯ୍ୟ, ସହିଷ୍ଣୁତା ।
Fortnight, *s.* ଏକପକ୍ଷ, ଦୁଇସପ୍ତାହ, ଅର୍ଦ୍ଧ-
Fortress, *s.* ଦୁର୍ଗ, ଗଡ, କିଲ୍ଲା । [ମାସ ।
Fortuitous, *a.* ଦୈବଘଟିତ, ଅକସ୍ମାତ୍, ହଠାତ୍ । [ଭାଗ୍ୟବାନ୍ ।
Fortunate, *a.* ଭାଗ୍ୟବନ୍ତ, କପାଳବନ୍ତ, ସୌ-
Fortune, *s.* ଭାଗ୍ୟ, ଅଦୃଷ୍ଟ, କପାଳ; ସମ୍ପତ୍ତି ।
Fortuneteller, *s.* ଦୈବଜ୍ଞ, ଗଣକ, ଜ୍ୟୋ-
Forty, *a.* ଚାଳିଶ । [ତିର୍ବିତ୍ ।
Forum, *s.* ରୋମ ନଗରର ବିଶେଷ ବିଚାରସ୍ଥାନ, ଚକ ।
Forward, *a.* ଅଗ୍ରସ୍ଥିତ, ଅଗ୍ରସାର, ଚଞ୍ଚଳ, ଉଦ୍ଧତ, ନିର୍ଲଜ୍ଜ ।—*v.* ଅଗ୍ରସର- ତ୍ୱରା- ସାହାଯ୍ୟ-କ ।—*ad.* ଅଗ୍ରେ, ଆଗେ ।
Forwardness, *s.* ଧୃଷ୍ଟତା, ଉଦ୍ଯୋଗ, ଉଦ୍ୟମ, ଚାଞ୍ଚଲ୍ୟ ।
Fosse, *s.* ଗଡଖାଇ, ଖାତ, ଗର୍ତ୍ତ, ପରିଖା ।
Fossil, *s.* ପ୍ରସ୍ତରୀଭୂତ ଧାତୁଦ୍ରବ୍ୟ । [-କ ।
Foster, *v.* ପୋଷିବା, ପ୍ରତିପାଳନ- ସହାୟ
Fosterbrother, *s.* ଧାଈମାଆର ପୁଅ, ଏକ ସ୍ତନ୍ୟପାୟୀ ।
Fosterchild, *s.* ପୋଷ୍ୟସନ୍ତାନ, ପାଳିତପୁଅ
Fosterfather, *s.* ସ୍ୱପିତାର ବଦଳେ ଅନ୍ନଦାତା, ପ୍ରତିପାଳକ ।
Foul, *a.* ମଳିନ, ଅପବିତ୍ର, ଦୁରାଚାର, କଦର୍ଯ୍ୟ ।
Foulmouthed, *a.* ଦୁର୍ମୁଖ, କଟୁବାଦୀ, ଅପ୍ରିୟବାଦୀ ।
Found, *v.* ସ୍ଥାପନ-ସ୍ଥାପିତ-କ, ଗଢିବା ।
Foundation, *s.* ମୂଳ, ଭିତ୍ତିମୂଳ, ମୂଳଦୁଆ, ବୁନିୟାଦ । [ଗ୍ରନ୍ଥରେ ଯେ ଢାଳେ ।
Founder, *s.* ନିର୍ମାତା, ନିର୍ମାଣକର୍ତ୍ତା, ଧାତୁଅଦ
Founder, *v.* ଜଳରେ ମଗ୍ନ-ହେ, ବୁଡ଼ିଯିବା; ଘୋଡା ନେଙ୍ଗଡା-ହେ ।
Foundling, *s.* ଲବ୍ଧ ଶିଶୁ, ଅନାଥ ବାଳକ ।
Foundry, *s.* ଧାତୁ ଗ୍ରନ୍ଥରେ ଢାଳିବାର ଘର-ଅଟ୍ଟାଳିଶାଳ ।
Fountain, *s.* ନିର, ନିର୍ଝର, ଜଳାକର ।
Four, *a.* ଚାରି, ଚତୁର୍ଥ, ଚତୁଷ୍ଟୟ ।
Fourfold, *a.* ଚତୁର୍ଗୁଣ, ଚତୁର୍ଦ୍ଧା ।
Foursquare, *a.* ଚତୁଷ୍କୋଣ, ଚାରିକୋଣିଆ ।
Fourteen, *a.* ଚୌଦ, ଚତୁର୍ଦ୍ଦଶ ।
Fourth, *a.* ଚତୁର୍ଥ ।
Fowl, *s.* କୁକୁଡା, ମୁରଗୀ, ପକ୍ଷୀ ।
Fowler, *s.* ଚଢ଼େଇମାର, ପକ୍ଷୀଧର, ବ୍ୟାଧ ।
Fox, *s.* ଶୃଗାଳ, ଶିଆଳି, କୋକିଶିଆଳ, ଲୋମ୍ବ, ଖେକଶିଆଳି, ଧୂର୍ତ୍ତ
Fraction, *s.* ଭାଗ, ଅଂଶ, ଖଣ୍ଡ, ଭଗ୍ନାଙ୍କ ।
Fractional, *a.* ଅଂଶ ବା ଭଗ୍ନାଙ୍କସମ୍ବନ୍ଧୀୟ ।
Fracture, *v.* ଭଞ୍ଜନ-କ, ହାଡଭାଙ୍ଗିବା ।
Fragile, *a.* ଅଶକ୍ତ, କ୍ଷୀଣ, ଦୁର୍ବଳ, ନଶ୍ୱର ।
Fragility, *s.* ନଶ୍ୱରଭାବ, ଅଶକ୍ତତା, ଶୀଘ୍ର ଭଞ୍ଜନଶୀଳତା । [ଟୁକୁର ।
Fragment, *s.* ଖଣ୍ଡ, ଟୁକୁଡ଼ା, ଭାଗ, ଗୁଣ୍ଡ,
Fragrance, *s.* ସୁଗନ୍ଧ, ସୌରଭ, ସୁବାସ, ଖୁସବୋ । [ବିଶିଷ୍ଟ ।
Fragrant, *a.* ସୁଗନ୍ଧି, ସୁବାସିତ, ସୌରଭ-
Frail, *a.* ଅଶକ୍ତ, ଦୁର୍ବଳ, ଅସ୍ଥାୟୀ, ଭ୍ରମଯୋଗ୍ୟ ।
Frailty, *s.* ଦୌର୍ବଲ୍ୟ, କ୍ଷୀଣତା, ଦୋଷ ।

Frame, *s.* ଗଠନ, ଛାପ, ଆକୃତି, ନିର୍ମାଣ । —*v.* ଗଢ଼ିବା, ରଚନା-ନିର୍ମାଣ-କ ; ନିୟମବଦ୍ଧ ସ୍ଥାପନ-କ ।
Franc, *s.* ଫ୍ରାନ୍ସ ଦେଶର ମୁଦ୍ରାବିଶେଷ ।
Franchise, *s.* ମୁକ୍ତି ଦେବାର ଅଧିକାର ।
Frangible, *a.* ଶୀଘ୍ର; ଭଙ୍ଗଶୀଳ, ଠସ୍କା ।
Frank, *v.* ବେମାଶୁଲ ଚିଠି ପଠାଇବା ।
Frank, *a.* ସରଳ, ଅକପଟ, ବଦାନ୍ୟ ।
Frankincense, *s.* କୁନ୍ଦୁରୁ, ଧୂପବିଶେଷ ।
Frantic, *a.* ଉନ୍ମତ୍ତ, ବାୟା, ବ୍ୟାକୁଳ, ରଗାଣ ।
Fraternal, *a.* ଭ୍ରାତୃବତ୍, ଭାଇପର ।
Fraternity, *s.* ଭ୍ରାତୃତ୍ୱ, ଭାଇପଣିଆ ; ଦଳ, ସମାଜ ।
Fratricide, *s.* ଭ୍ରାତୃହତ୍ୟା, ଭ୍ରାତୃଘ୍ନ, ଭ୍ରାତୃହନ୍ତା ।
Fraud, *s.* ଫନ୍ଦି, ଛଳ, ପ୍ରବଞ୍ଚନା ।
Fraudulent, *a.* ଶଠ, କୁଟିଳ, ପ୍ରବଞ୍ଚକ ।
Fraught, *pa.* ଭରା, ପୂର୍ଣ୍ଣ, ସମ୍ପୂର୍ଣ୍ଣ ।
Fray, *s.* ଦଙ୍ଗା, ବିରୋଧ, କଳହ, ଝଗଡ଼ା । —*v.* ଭୟ ଦେଖାଇବା; ଘଷିବା ଦ୍ୱାରା କ୍ଷୟ-କ
Freak, *s.* କୌତୁକ, ଅକସ୍ମାତ୍ ଇଚ୍ଛା, ଖେଳା ।
Freckle, *s.* ଛିଟା, ଦେହର ତିଳ, ଗାଲଉପର କ୍ଷୁଦ୍ର ଦାଗ ।
Free, *a.* ମୁକ୍ତ, ସ୍ୱତନ୍ତ୍ର, ସ୍ୱାଧୀନ ; ବ୍ୟୟରହିତ, ବିନାମୂଲ୍ୟ, ମାଗଣିଆ; ଦାନଶୀଳ ।
Freebooter, *s.* ଲୁଟିଆର, ଡକାଇତ ।
Freedom, *s.* ମୁକ୍ତି, ସ୍ୱାଧୀନତା, କ୍ଷମତା ।
Freehold, *s.* ନିଷ୍କର ଭୂମ୍ୟଧିକାର, ଜାଗିର ।
Freely, *ad.* ସ୍ୱଚ୍ଛନ୍ଦେ, ଅବାଧେ, ବିନାମୂଲ୍ୟେ ।
Freeman, *s.* ସ୍ୱାଧୀନ ବ୍ୟକ୍ତି, ସ୍ୱବଶ; ନଗରର ବିଶେଷ ଅଧିକାର ଭୋଗୀ ।
Freespoken, *a.* ନିର୍ଭୟେ ଉକ୍ତ, ସ୍ପଷ୍ଟବକ୍ତା ।
Freestone, *s.* ବାଲିପଥର ।
Freethinker, *s.* ଶାସ୍ତ୍ରନିନ୍ଦକ, ପାଷଣ୍ଡ, ନାସ୍ତିକ ।
Freeze, *v.* ଶୀତରେ ଜମାଟ-ହେ ।
Freight, *s.* ନୌକାର ବୋଝାଇ ବା ଭଡ଼ା ।
French, *a.* ଫ୍ରାନ୍ସଦେଶୀୟ ।
Frenzy, *s.* ଉନ୍ମତ୍ତତା, କ୍ଷିପ୍ତତା, ଉନ୍ମାଦ ।
Frequency, *s.* ନିତ୍ୟତା, ନୈତ୍ୟ, ବାରମ୍ବାରତା ।
Frequent, *v.* ନିତ୍ୟ ଗତାୟାତ-ନିତ ଯାଆସ-କ । —*a.* ନିତ୍ୟ, ସତତ ।
Frequently, *ad.* ପୁନଃପୁନଃ, ବାରମ୍ବାର, ଥରକୁଥର ।
Fresh, *a.* ସତେଜ; ତାଜା; ଅଲବଣ ; ଶୀତଳ ନୂତନ, ନୂଆ ।
Freshen, *v.* ସତେଜ- ସବଳ-କ, ଥଣ୍ଡା-କ [ବା-ହେବା
Fret, *v.* ଖେଦ-ଶୋକ-କ; ଘର୍ଷଣଦ୍ୱାରା କ୍ଷୟ-କ
Fretful, *a.* ରଗୀ, ବକ୍ରୀ, ଖିଟଖିଟିଆ ।
Friable, *a.* ଚୂର୍ଣ୍ଣଯୋଗ୍ୟ, ମଡମଡିଆ ।
Friar, *s.* ଉଦାସୀନବ୍ୟକ୍ତି, ବୈରାଗୀବିଶେଷ ।
Friction, *s.* ଘର୍ଷଣ, ଦଳନ, ମର୍ଦ୍ଦନ, ରଗଡାଘଷି ।
Friday, *s.* ଶୁକ୍ରବାର, ସପ୍ତାହର ଷଷ୍ଠଦିବସ ।
Friend, *s.* ବନ୍ଧୁ, ମିତ୍ର, ସଖା ଆତ୍ମୀୟବ୍ୟକ୍ତି ।
Friendless, *a.* ବନ୍ଧୁହୀନ, ଅନାଥ, ନିଃସହାୟ ।
Friendly, *a.* ବନ୍ଧୁବତ୍, ମୈତ୍ରଯୁକ୍ତ, ଅନୁକୂଳ, ପ୍ରଣୟୀ ।
Friendship, *s.* ବନ୍ଧୁତା, ମୈତ୍ରତା, ସଖ୍ୟତା, [ପ୍ରୀତି, ଅନୁକୂଳ ।
Frigate, *s.* ଯୁଦ୍ଧଜାହାଜ ବିଶେଷ ।
Fright, *s.* ଭୟ, ଶଙ୍କା, ତ୍ରାସ, ଡର ।
Fright, Frighten, *v.* ଭୀତ-କ, ଭୟ ଦେଖାଇବା, ଡରାଇବା ।
Frightful, *a.* ଭୟାନକ, ଭୟଙ୍କର, ଦାରୁଣ, [ଘୋର ।
Frigid, *a.* ଶୀତଳ, ନିସ୍ତେଜ, ଥଣ୍ଡା, ଅନୁଷ୍ଣ ।
Fringe, *s.* ଝାଲର, ଦଶୀ, ବସ୍ତ୍ରର କାନି ।

**Frippery**, *s.* ପୁରାତନ ବା ଜୀର୍ଣ୍ଣବସ୍ତ୍ର ।
**Frisk**, *v.* ନାଚିବା, ଡେଇଁବା, କୁଦାମାରିବା ।
**Frith**, *s.* ସମୁଦ୍ରର ଖାଡ଼ି, ଖାଲ । [କାଟିବା ।
**Fritter**, *v* ଟୁକୁରାଟୁକୁରା-କ; ମିଥ୍ୟାରେ କାଳ
**Frivolity**, *s.* ଅନର୍ଥକତା, ଲଘୁତା, ତୁଚ୍ଛତା ।
**Frivolous**, *a.* କ୍ଷୁଦ୍ର, ସାନ, ତୁଚ୍ଛ, ବ୍ୟର୍ଥ ।
**Frizzle**, *v.* କେଶ କୁଞ୍ଚନ-କ, କୁଞ୍ଚକୁଞ୍ଚ-କ ।
**Fro**, *ad.* ତତଃ, ଯଥା :-ଇତସ୍ତତଃ; ପଶ୍ଚାତ୍ ।
**Frock**, *s.* ଅଙ୍ଗଜାମା, କୁର୍ତ୍ତା ।
**Frog**, *s.* ବେଙ୍ଗ, ମଣ୍ଡୂକ, ଭେକ ।
**Frolic**, *s.* ଖେଳା, କୌତୁକ, ପରିହାସ ।
**From**, *pr.* ରୁ, ଠାରୁ. ଅବଧି ।
**Front**, *s.* ସମ୍ମୁଖ, ମୁଖ, ଅଗ୍ର, ସମ୍ମୁ ।
**Frontier**, *s.* ସୀମା, ଦେଶପ୍ରାନ୍ତ, ସରହଦ ।
**Frontispiece**, *s.* ଗ୍ରନ୍ଥର ପ୍ରଥମାଙ୍କର ଛବି ।
**Frost**, *s.* ହିମ, ନୀହାର, କାକର, ତୁଷାର ।
**Froth**, *s.* ଫେଣ, ସମୁଦ୍ରଫେଣ; ନିରର୍ଥକ ବାକ୍ୟ ।
**Frothy**, *a.* ଫେଣମୟ, ଅନର୍ଥକ ।
**Froward**, *a.* ଅବାଧ୍ୟ, ଅବଶ, ଖେଚଡ଼ା, ନିର୍ଲଜ୍ଜ ।—*v.* ପଠାଇବା, ପ୍ରେରଣ-କ ।
**Frown**, *s.* ଭ୍ରୂକୁଟି, ଭ୍ରୂଭଙ୍ଗୀ, ମୁଖର ଭାବ ଦ୍ୱାରା ରାଗ ପ୍ରକାଶନ ।
**Fructify**, *v.* ଫଳବାନ୍- ଉର୍ବରା- ଫଳୋ-ତ୍ପନ୍ନ କ; ଫଳବତୀ-ହେ ।
**Frugal**, *a.* ପରିମିତବ୍ୟୟୀ ।
**Frugality**, *s.* ପରିମିତବ୍ୟୟ, ଅଳ୍ପବ୍ୟୟ ।
**Fruit**, *s.* ଫଳ, ଫଳୋତ୍ପନ୍ନ, ପ୍ରତିଫଳ, ଲାଭ ।
**Fruiterer**, *s.* ଫଳବ୍ୟବସାୟୀ, କୁଞ୍ଜଡ଼ା, କୁନରା
**Fruitful**, *a.* ଫଳବାନ୍, ଫଳବତୀ, ଉର୍ବରା,
**Fruition**, *s.* ଭୋଗ, ଫଳଭୋଗ । [ଫଳନ୍ତ
**Fruitless**, *a.* ନିଷ୍ଫଳ, ବ୍ୟର୍ଥ, ଅନର୍ଥକ; ବନ୍ଧ୍ୟା ।
**Frumenty**, **Frumety**, *s.* କ୍ଷୀରି, ପରମାନ୍ନ, ପାୟସ ।

**Frustrate**, *v.* ନିଷ୍ଫଳ-ବୃଥା-କ, ଆଶା ଭଙ୍ଗି-
**Fry**, *v.* ଭାଜିବା । [କା ।
**Fry**, *s.* ଭଜାମାଂସାଦି; ମାଛଜାଅଁଳର ଛୁଆଙ୍କ ବା
**Fuddle**, *v.* ମତ୍ତ-କ, ମଦୁଆଳ-ହେ । [ପଲ ।
**Fuel**, *s.* ଜାଳିବାର କାଠ, ଜ୍ୱଳନ୍ତବସ୍ତୁ ।
**Fugitive**, *s.* ପଳାଇବା ବ୍ୟକ୍ତି, ପର୍ଯ୍ୟଟନକାରୀ ।
**Fulcrum**, *s.* ଟେଣ୍ଟି, ଅବଲମ୍ବ ।
**Fulfil**, *v.* ସିଦ୍ଧ-ପରିପୂର୍ଣ୍ଣ- ସଫଳ-ସମାପ୍ତ-କ ।
**Fulgency**, *s.* ପ୍ରଭା, ଦୀପ୍ତି, କାନ୍ତି, ତେଜଃ ।
**Full**, *a.* ପୂର୍ଣ୍ଣ, ପରିପୂର୍ଣ୍ଣ, ତୃପ୍ତ, ଭରା, ପୂରା ।
**Fuller**, *s.* ଧୋବା, ରଜକ, ବସ୍ତ୍ର ପରିଷ୍କାରକ
**Fully**, *ad.* ସମ୍ପୂର୍ଣ୍ଣରୂପେ, ନିତାନ୍ତ, ସର୍ବତୋ-ଭାବେ [ସମ୍ମୁଖରେ ଦୋଷୀଙ୍କ ଭର୍ତ୍ସନା-କ ।
**Fulminate**, *v.* ଗର୍ଜ୍ଜନ-ମହାଶବ୍ଦ-କ; ଧର୍ମ—
**Fulness**, *s.* ସମ୍ପୂର୍ଣ୍ଣତା, ପରିପୂର୍ଣ୍ଣତା, ତୃପ୍ତି, ଭର୍ତ୍ତି
**Fulsome**, *a.* ଘୃଣାଯୋଗ୍ୟ, ଅନିଷ୍ଟକର ।
**Fumble**, *a.* କୁତ୍ସିତ ବା ଅଜ୍ଞାତରୂପେ କର୍ମ-କ ।
**Fume**, *s.* ଧୂମ, ବାଷ୍ପ, ଧୂଆଁ ; କୋପ, କ୍ରୋଧ ।
**Fumigate**, *v.* ଧୂମ-କ, ଧୂଆଁ-ଦେ; ତଅଁ ବେ-ଷରୁ ଗନ୍ଧକ ପୋଡ଼ାଇବା ଦ୍ୱାରା ପରିଷ୍କାର-କ
**Fun**, *s.* ପରିହାସ, କୌତୁକ, ଠାପରା, ଖେଳା, ତାମସା ।
**Function**, *s.* କର୍ମ, କାର୍ଯ୍ୟ, ପଦ, ବ୍ୟବସାୟ ।
**Functionary**, *s.* ପଦସ୍ଥଲୋକ, କର୍ମକାରୀ, ଆମଲା ।
**Fund**, *s.* ସଞ୍ଚିତ ବା ମୂଳଧନ, ଜମାଟଙ୍କା, ପୁଞ୍ଜି ।
**Fundament**, *s.* ଗୁହ୍ୟ, ଗାଣ୍ଡି, ପଛଅଡ଼, ମଳଦ୍ୱାର । [ମୂଳସ୍ୱାଦ ସମ୍ବନ୍ଧୀୟ ।
**Fundamental**, *a.* ମୌଳିକ, ଅସଲ, ଜଡ଼ ବା
**Funeral**, *s.* ସମାଧିକର୍ମ, ଅନ୍ତ୍ୟେଷ୍ଟିକ୍ରିୟା ।
**Fungus**, *s.* ଛତା, ଛତୁ । [ପ୍ରଣାଳୀ ।
**Funnel**, *s.* ଚୁଙ୍ଗୀ, ନଳୀ, ଟୁଅ ବା ଜଳର
**Funny**, *a.* କୌତୁକୀ, ହାସ୍ୟଜନକ, ରସିକ ।

Fur, *s.* ପଶମ, ଲୁମ, ରୋମ; ପଶୁଚର୍ମ ।
Furbish, *v.* ଉଜ୍ଜ୍ୱଳ- ମାର୍ଜିତ- ପରିଷ୍କାର- ସ୍ୱଚ୍ଛ-କ ।
Furious, *a.* ପ୍ରଚଣ୍ଡ, ସର୍ବାନ୍ତକ, ବଡରୋଷା ।
Furl, *v.* ପାଲ ଇତ୍ୟାଦି ଗୁଡ଼ାଇବା ।
Furlong, *s.* ୪୦୦ ହାତ ପରିମାଣ, ମାଇଲର ଅଷ୍ଟମାଂଶ ।
Furlough, *s.* ଛୁଟି, କର୍ମରୁ ବିଶ୍ରାମ ।
Furnace, *s.* ଚୁଲ୍ଲୀ, ଚୁଲ୍ଲୀ, ଅଗ୍ନିକୁଣ୍ଡ, ଭାଟୀ, ଉହ୍ନାଇ ।
Furnish, *v.* ଯୋଗାଇବା, କିଣାଦି-କ, ସଜା- [ଇବା ।
Furniture, *s.* ଘରର ସାମଗ୍ରୀ, ଗୃହର ସର- [ଞ୍ଜାମ ।
Furier, *s.* ପଶମ ବ୍ୟବସାୟୀ ।
Furrow, *s.* ଲଙ୍ଗଳର ଗାଡ଼; ବୃଦ୍ଧାବସ୍ଥା ପ୍ରଯୁକ୍ତ କପାଳର କୋଞ୍ଚିତ ମାଂସ ।
Further, *ad.* ଅଧିକଦୂରରେ, ସ୍ଥାନାନ୍ତର, ଅଧିକନ୍ତୁ ।—*v.* ସାହାଯ୍ୟ- ଉପକାର-କ, ପ୍ରବର୍ତ୍ତାଇବା । [କୂଲ ।
Furtherance, *s.* ସାହାଯ୍ୟ, ଉନ୍ନତି, ଅନୁ-
Furthermore, *ad.* ଅଧିକ, ଅଧିକନ୍ତୁ, ଏତ- [ଦ୍ଭିନ୍ନ ।
Furtive, *a* ଚୋର ପରି, ଗୁପ୍ତ ।
Fury, *s.* ଅତିଶୟ ରାଗ, ଅତିକ୍ରୋଧ, କୋପ ।
Furze, *s.* କଣ୍ଟାବୃକ୍ଷବିଶେଷ । [ଇବା ।
Fuse, *v.* ଉତ୍ତାପରେ ତରଳାଇବା, ଗଳା-
Fusee, *s.* ଘଡ଼ିଅଙ୍ଗବିଶେଷ; ତୋପରବଳିତା
Fusible, *a.* ତରଳଯୋଗ୍ୟ, ଗଳନୀୟ ।
Fusil, *s.* ଏକପ୍ରକାର ବନ୍ଧୁକ ।
Fusion, *s.* ଦ୍ରବକରଣ, ଗଳନ, ଦ୍ରବତ୍ୱ ।
Fuss, *s.* ଅନର୍ଥକ ବ୍ୟସ୍ତତା, ଧୂମଧାମ, ଗୋଳମାଳ । [ଲୁଗା ।
Fustian, *s.* ବସ୍ତ୍ରବିଶେଷ, ଛଣ ସୂତା ନିର୍ମିତ
Fusty, *a.* ଦୂଷିତ, କୁସ୍ୱାଦକ, ଛତାମଳ ।
Futile, *a.* ଅନର୍ଥକ, ନିଷ୍ଫଳ, ବ୍ୟର୍ଥ ।
Future, *a.* ଭବିଷ୍ୟତ୍, ଆଗାମୀ, ଅଗତ ।
Futurity, *s.* ଭବିଷ୍ୟତ୍କାଳ, ପରଲୋକ, ଆଗାମୀ ସମୟ ।
Fy, Fie, *inter.* ଛି, ଛୀ, ଥୁକ୍ ।

## G.

G, ଇଂରାଜୀ ବର୍ଣ୍ଣମାଳାର ସପ୍ତମାକ୍ଷର । [-କହି ।
Gabble, *v.* ବଡ଼ବଡ଼ କହି-କ, ଅର୍ଥଶୂନ୍ୟ କଥା
Gable, *s.* ଘରର ଚାଳଛାତ, ହାତପଦ ।
Gad, *v.* ନିରର୍ଥକ ଭ୍ରମଣ-କ ।
Gadfly, *s.* ଡାଶ, ଉଦଂଶ ।
Gag, *v.* ମୁଖବନ୍ଦ- ବାକ୍ୟରୋଧ-କ ।
Gage, *s.* ବନ୍ଧକ, ପଣ, ପ୍ରତିଜ୍ଞା; ମାପ ।
Gaiety, *s.* ହର୍ଷ, ଆମୋଦ, ରସିକତା ।
Gaily, *ad.* ହର୍ଷପୂର୍ବକ, ଆନନ୍ଦେ, ରସିକରୂପେ
Gain, *s.* ଉପାର୍ଜନ, ଲାଭ, ପ୍ରାପ୍ତି, ଲଭ୍ୟ ।—*v.* ଲାଭ-କ, ପ୍ରାପ୍ତ-ହେ, ଉପାର୍ଜନ-କ ।
Gainsay, *v.* ଅସ୍ୱୀକାର-ଆପତ୍ତି-କ, କଥା କାଟିବା ।
Gait, *s.* ଚାଲିବାର ଧାରା, ଗତି, ଗମନ ।
Gaiters, *s.* ଜୁତାଉପରେ ନିର୍ମିତ ଗୋଡ଼ାର ଆବରଣ ।
Gala, *s.* ଉତ୍ସବ, ପର୍ବ, ଆନନ୍ଦ ।
Galaxy, *s.* ମନ୍ଦାକିନୀ, ଆକାଶଗଙ୍ଗା ।
Gale, *s.* ଝଡ଼, ବେଗବତାସ, ପ୍ରବଳବାୟୁ ।
Gall, *s.* ପିତ୍ତ, ତିକ୍ତରସ; ରାଗ, ଦ୍ୱେଷ ।
Gall, *v.* ଘର୍ଷଣ ଦ୍ୱାରା ଘାୟୁକ୍ତ ବା କ୍ଷତ-ହେ; ବିରକ୍ତ-କ ।
Gallant, *s.* ଉପପତି, ଜାର, ରସିକ, ରମଣ ।
Gallant, *a.* ସାହସୀକ, ବୀର, ପ୍ରତାପୀ ।
Gallantry, *s.* ସ୍ତ୍ରୀଲୋକ ପ୍ରତି ଶିଷ୍ଟାଚାର, ସାହସ, ପ୍ରତାପ ।

Gallery, *s.* ବରଣ୍ଡା, ଗୃଜଣା, ଉପରବଖଣ ।

Galley, *s.* ଜାହାଜ, କଏଦ ଜାହାଜ; ଛାପାକର୍ମର ଅକ୍ଷରଧାର ।

Galling, *a.* ପୀଡ଼ାଦାୟକ, କ୍ଲେଶଦାୟକ ।

Gallipot, *s.* ଔଷଧ ରଖିବା ଖାଲ ଡବଅ ।

Gallon, *s.* ଦ୍ରବ ଦ୍ରବ୍ୟର ପ୍ରାୟ ୪ ସେରର ପରିମାଣ ।

Gallop, *s.* ପ୍ଲୁତଗତି, ଅଶ୍ୱର ବେଗ ଗମନ ।

Gallows, *s.* ଫାଶୀଦେବାର କାଠ ।

Galvanism, *s.* ବୈଦ୍ୟୁତଶକ୍ତି, ବଜୁଳୀସମ୍ବନ୍ଧ ।

Gamble, *v.* ଜୁଆଖେଳ-ପାଶକ୍ରୀଡ଼ା-କ ।

Gambol, *v.* ନାଚିବା, ଖେଳିବା, ଡିଆଁମାରିବା, କୌତୁକ-କ ।

Game, *s.* ବାଜି. ଖେଳ; ମୃଗୟା, ଶିକାର ।

Game-cock, *s.* ଲଢ଼ାଇ କୁକୁଡ଼ା ବା ମୁରଗ ।

Gamesome, *a.* ରସିକ, କ୍ରୀଡ଼ାକର ।

Gamester, *s.* ଜୁଆଡ଼ି, ଜୁଆଡ଼େର ।

Gammon, *s.* ଶୂକରର ସଲବଣ ଶୁଷ୍କଜଙ୍ଘ ।

Gamut, *s.* ସ୍ୱର ସରଣୀର ଆଦ୍ୟପାଠ, ସାରେଗମ ଇତ୍ୟାଦି ।

Gander, *s.* ପୁଂହଂସ, ହଂସ ।

Gang, *s.* ମୂଲିଆ ବା କାର୍ଯ୍ୟକାରୀମାନଙ୍କର ଦଳ; ଦୁଷ୍ଟସମୂହ ।

Gangrene, *v.* ମାଂସ ପଚିଯିବା ।

Gangway, *s.* ଜାହାଜାରୋହଣ ଦ୍ୱାର ।

Gaol, *s.* କାରାଗାର, ବନ୍ଦଶାଳା ବା ଘର, ଜେଲଖାନା । (see *Jail*)

Gaoler, *s.* କାରାଗାର ରକ୍ଷକ, ବନ୍ଦଶାଳକର୍ତ୍ତା ।

Gap, *s.* ଛିଦ୍ର, ଫାଙ୍କ, ଭଙ୍ଗା ।

Gape, *v.* ହାଇ ମାରିବା; ଖୋଲ-ଫାଙ୍କ-ହେ ।

Garb, *s.* ବେଶ, ପୋଷାକ, ଲୁଗା ।

Garbage, *s.* ଅଇଁଠା, ଉଚ୍ଛିଷ୍ଟମାଂସ, ଅନ୍ତ୍ର ।

Garble, *v.* କେତେକ ଅଂଶ ଗୁପ୍ତ ଦେଇ ମିଥ୍ୟା-ବର୍ଣ୍ଣନ-କ ।

Garden, *s.* ଉଦ୍ୟାନ, ବଗିଚା, ଉପବନ, ବାଗ ।

Gardener, *s.* ଉଦ୍ୟାନପାଳ, ମାଳୀ ।

Gargle, *v.* କୁଳୁକୁଞ୍ଚା-କ, କୁଳିପକାଇବା ।

Garland, *s.* ପୁଷ୍ପମାଳା, ପୁଷ୍ପହାର ।

Garlic, *s.* ରସୁଣ, ଲଶୁନ ।

Garment, *s.* ଲୁଗା, ପରିଧାନ, ବସ୍ତ୍ର ।

Garner, *s.* ଗୋଲା, ଅମାର, ଶସ୍ୟାଗାର ।

Garnish, *v.* ଭୂଷିତ-ସଜ୍ଜିତ-ଶୋଭିତ-କ ।

Garret, *s.* ଗୃହର ସର୍ବୋପରିସ୍ଥ କୋଠରୀ ।

Garrison, *s.* ଦୁର୍ଗରସୈନ୍ୟ; ଗଡ଼, ଦୁର୍ଗ, କିଲ୍ଲା ।

Garrulous, *s.* ବକୁଆ, ବହୁଭାଷୀ, ବଡ଼ବଡ଼ିଆ

Garter, *s.* ମୋଜାର ଫିତା; ପଦଚିହ୍ନବିଶେଷ ।

Gas, *s.* ଗ୍ୟାସ୍, ବାଷ୍ପବିଶେଷ ।

Gasconade, *s.* ଗର୍ବ, ଦର୍ପ ।

Gash, *s.* ଗଭୀର ଘା ଅବା କ୍ଷତ, ଲମ୍ବା କଟା ।

Gasometer, *s.* ବାଷ୍ପପରିମାପକ ଯନ୍ତ୍ର ।

Gasp, *s.* ଦୀର୍ଘଶ୍ୱାସ, ଧକଧକ ।—*v.* ଦୀର୍ଘଶ୍ୱାସ ମାରିବା, ହାଙ୍ଫିବା ।

Gastric, *a.* ଔଦରୀୟ, ପେଟସମ୍ବନ୍ଧୀୟ ।

Gate, *s.* ବାହାର ଦ୍ୱାର, ଫାଟକ ।

Gather, *v.* ସଂଗ୍ରହ-ଏକତ୍ର-ଏକଠା-ଜମା-କ ।

Gathering, *s.* ସଞ୍ଚୟ, ସଂଗ୍ରହ, ଜମା; ଫୋଟକ, ବଥ ।

Gaudy, *a.* ବହୁରଙ୍ଗ, ଚିତ୍ରବିଚିତ୍ର, ରଙ୍ଗିଲା ।

Gauge, *s.* ଜଳାଦିର ପରିମାଣ, ମାପ ।—*v.* ଦ୍ରବଦ୍ରବ୍ୟର ମାପ-କ; ଅନୁମାନ-କ ।

Gaunt, *a.* ପାତଳା, କ୍ଷୀଣ, ମାଂସହୀନ, ଦୁର୍ବଳ ।

Gauntlet, *s.* ଲୌହନିର୍ମିତ ହସ୍ତରକ୍ଷଣୀ ବା ଖାପ ।

Gauze, *s.* ଝିଲ୍‌ମିଲିବସ୍ତ୍ର, କପଡ଼ଥିଲି ।

Gawky, *a.* ଅସଭ୍ୟ, ଅନାଡ଼ି, ନିର୍ବୋଧ ।

Gay, *a.* ରସିକ, ହୃଷ୍ଟ, ଉତ୍ସବ, ରଙ୍ଗିଲା ।

Gaze, *v.* ଏକ ଦୃଷ୍ଟିରେ ଚାହିଁବା, ସ୍ଥିରଦୃଷ୍ଟି-କ, ଅନାଇବା ।

Gazette, *s.* ସମାଚାରପତ୍ର, ଖବରକାଗଜ, ଗେଜେଟ ।

Gazetteer, *s.* ଦେଶାଦିର ନାନାବିବରଣ ସଂ-
କଳିତ ପୁସ୍ତକ ।
Gazingstock, *s.* ଲୋକଙ୍କର ବା କୌତୁକବିଷୟ
Gear, *s.* ସଜ୍ଜା, ବେଶ, ବେଶଭୂଷା; ଗୃହସାମଗ୍ରୀ
Gelatinous, *a.* ଅଠାପରି, ଅଠାଳିଆ, ଚଟ-
ଚଟିଆ ।
Geld, *v.* ମୁଷ୍କ ଛେଦନ-ଦାମଡ଼ା-ଖାସି-କ ।
Gelding, *s.* ଖାସି ଘୋଡ଼ା ।
Gem, *s.* ରତ୍ନ, ମଣି, ଜହର; ମୁକ୍ତା ।
Gemini, *s.* ମିଥୁନରାଶି; ଯମଜ ।
Gender, *s.* ଲିଙ୍ଗ, ଯଥା—ପୁଲିଙ୍ଗ, ସ୍ତ୍ରୀଲିଙ୍ଗ ଓ
କ୍ଲୀବଲିଙ୍ଗ ।—*v.* ଜନ୍ମାଇବା, ଉତ୍ପାଦନ-କ ।
Genealogical, *a.* ବଂଶାବଳୀସମ୍ବନ୍ଧୀୟ ।
Genealogy, *s.* ବଂଶାବଳୀ, ଗୋଷ୍ଠୀ, କୁଳ ।
General, *a.* ସାଧାରଣ. ସରସରତ, ସାମାନ୍ୟ ।
General, *s.* ପ୍ରଧାନ ସେନାପତି ।
Generalissimo, *s.* ସର୍ବପ୍ରଧାନ ସୈନ୍ୟାଧ୍ୟକ୍ଷ ।
Generality, *s.* ଅଧିକାଂଶ, ସାଧାରଣତ୍ୱ,
ପ୍ରାୟ ସବୁ । [ମତେ ।
Generally, *ad.* ସରସରିର ରୂପେ, ସାଧାରଣ-
Generalship, *s.* ସୈନ୍ୟାଧ୍ୟକ୍ଷର ପଦ ବା
ନୈପୁଣ୍ୟ । [-କ ।
Generate, *v.* ଜନ୍ମାଇବା, ଉତ୍ପନ୍ନ-ଉତ୍ପାଦନ
Generation, *s.* ଗୋଷ୍ଠୀ, ବଂଶ, କୁଳ, ସନ୍ତାନ
Generic, *a.* ବର୍ଗସମ୍ବନ୍ଧୀୟ, ବର୍ଗୀୟ ।
Generosity, *s.* ଦାତୃତ୍ୱ, ଦାନଶୀଳତା ।
Generous, *a.* ଦାନଶୀଳ, ବଦାନ୍ୟ, ଦାତା,
ଉଦାର । [ବିବରଣ ପୁସ୍ତକ ।
Genesis, *s.* ମୋଶା ଲିଖିତ ଆଦି ପୁସ୍ତକ; ସୃଷ୍ଟି
Genial, *a.* ସୁଖଦାୟକ, ହିତକାରୀ, ଫଳଜନକ ।
Genitals, *s.* ପୁରୁଷାଙ୍ଗ, ଉପସ୍ଥ ।
Genitive, *a.* ସମ୍ବନ୍ଧକାରକ, ସମ୍ବନ୍ଧ ସୂଚକ ।
Genius, *s.* ଗୁଣ, ଯୋଗ୍ୟତା, ସ୍ୱାଭାବିକବୁଦ୍ଧି ।
Genteel, *a.* ଶିଷ୍ଟ. ସୁଶୀଳ, ସଭ୍ୟ, ସୁଅବସ୍ଥ ।
Gentile, *s.* ଯିହୁଦୀୟ ଛଡ଼ା ଅନ୍ୟଦେଶୀ ।
Gentility, *s.* ସୁଶୀଳତା, ଭଦ୍ରତା, ସତ୍ ଲୋ-
Gentle, *a.* କୋମଳ. ମୃଦୁ, ଶିଷ୍ଟ, ନରମ । [ପ୍ରତ୍ତ ।
Gentleman, *s.* ସମ୍ଭ୍ରାନ୍ତବ୍ୟକ୍ତି, ମାନ୍ୟଲୋକ ।
Gently, *ad.* ଧୀରେ, ସ୍ନେହପୂର୍ବକ, ମୃଦୁ-
ଭାବେ ।
Gentry, *s.* ସମ୍ଭ୍ରାନ୍ତ ଲୋକଶ୍ରେଣୀ. ଭଦ୍ରଲୋକ ।
Genuflection, *s.* ପ୍ରାର୍ଥନାର୍ଥେ ଅଣ୍ଠୁ ପାତ ।
Genuine, *a.* ଅସଲ, ପ୍ରକୃତ, ଅକଳ୍ପିତ, ଅକୃତ୍ରିମ
Genus, *s.* ଜାତି, ଗଣ, ବର୍ଗ, ବର୍ଣ୍ଣ. ପ୍ରକାର ।
Geographer, *s.* ଭୂଗୋଳବିଦ୍ୟାଜ୍ଞ, ଭୂଗୋଳ
ବିଦ୍ୟାବେତ୍ତା ।
Geographical, *a.* ଭୂଗୋଳବିଦ୍ୟାସମ୍ବନ୍ଧୀୟ
Geography, *s.* ଭୂଗୋଳବିଦ୍ୟା ।
Geology, *s.* ମୃତ୍ତିକାନିର୍ଣ୍ଣାୟକ ବିଦ୍ୟା ।
Geometrical, *a.* କ୍ଷେତ୍ରବିଦ୍ୟା ସମ୍ବନ୍ଧୀୟ ।
Geometrician, *s.* କ୍ଷେତ୍ର ପରିମାପକ ବା
ତଦ୍ବିଦ୍ୟାବେତ୍ତା ।
Geometry, *s.* କ୍ଷେତ୍ରପରିମାଣବିଦ୍ୟା ।
Germ, *s.* ଅଙ୍କୁର, ଗଜା, କଳିକା, ବୀଜର କଳି ।
Germinate, *v.* ଅଙ୍କୁରିତ-ଗଜା-ହେ ।
Gerund, *s.* ଚଳୁମନ୍ତପଦ, ତୁମନ୍ତପଦ ।
Gestation, *s.* ଗର୍ଭଧାରଣ, ଅନ୍ତଃସତ୍ତ୍ୱା-
ବସ୍ଥା । [ଶରୀରର ଗତି ।
Gesture, *s.* ଶରୀରର ଭଙ୍ଗୀ, ଅଙ୍ଗବିଶେଷ,
Get, *v.* ପ୍ରାପ୍ତ-ହେ, ହସ୍ତଗତ-ଉପାର୍ଜନ-କ ;
ଶିକ୍ଷା-କ ; ପହଞ୍ଚିବା ।
Gewgaw, *s.* ଖେଳନା, ଅସାର ବସ୍ତୁ ।
Ghastly, *a.* ଭୂତପରି, ଭୟଙ୍କର, ବିକଟାକାର ।
Gherkin, *s.* ସାନକାକୁଡ଼ି, କ୍ଷୁଦ୍ରକ୍ଷୀର ।
Ghost, *s.* ଭୂତ, ପ୍ରେତ, ଆତ୍ମା, ପ୍ରାଣ ।
Ghostly, *a.* ଭୌତିକ, ମୃତପ୍ରାୟ, ଭୂତବତ୍ ।

Giant, *s.* ରାକ୍ଷସ, ଅସୁର, ବୃହଚ୍ଛରୀର ।
Gibberish, *s.* ଅର୍ଥଶୂନ୍ୟବାକ୍ୟ, ଅସ୍ପଷ୍ଟବାକ୍ୟ ।
Gibbet, *v.* ଫାଶୀକାଠରେ ଟଙ୍ଗାଇବା ।
Gibbous, *a.* କୂର୍ମପୃଷ୍ଠାକାର, ଢୋପକରୂ ।
Gibe, *s.* ବିଦ୍ରୂପ, ଟାପର, ଥଟ୍ଟା ।
Giblets, *s.* ହଂସ ମୁରଗିର କଲିଜାଦି ।
Giddy, *a.* ଭ୍ରମଯୁକ୍ତ, ଚଞ୍ଚଳବୁଦ୍ଧିବିଶିଷ୍ଟ ।
Gift, *s.* ଦାନ, ଦତ୍ତଦ୍ରବ୍ୟ, ନୈବେଦ୍ୟ; ଗୁଣ, କ୍ଷମତା ।
Gifted, *a.* ଗୁଣବାନ୍, କ୍ଷମତାବାନ୍, ପାରଗ ।
Gig, *s.* ଏକଘୋଡାର ଗାଡିବିଶେଷ ; ଘୁର୍ଣ୍ଣି ଖେଳନା ।
Gigantic, *a.* ବୃହଦାକାରବିଶିଷ୍ଟ, ଅତିବୃହତ୍, [ପ୍ରକାଣ୍ଡଶରୀର ।
Giggle, *v.* ଖେଁ ବା ଖିର୍ ଖିର୍ ହସିବା ।
Gild, *v.* ସୁନାରେ ମଣ୍ଡିତ-କ; ଅଭୂଷଣ-ଶୋଭି [-କ ।
Gilding, *s.* ସୁନେଇକର୍ମ, ସ୍ୱର୍ଣ୍ଣମଣ୍ଡନ ।
Gill, *s.* ଦ୍ରବଦ୍ରବ୍ୟର ପରିମାଣବିଶେଷ ।
Gills, *s.* ମାଛର ଗାଲସି, ଫୁଲକା ।
Gimlet, *s.* ଭଅଁର, ଫୋଡଣୀ, ଘୁରପଣ ।
Gin, *s.* ମଦବିଶେଷ; ଫାନ୍ଦ, କଳ ।
Ginger, *s.* ଅଦା, ଆର୍ଦ୍ରକ, ଶୁଣ୍ଠୀବିଶେଷ ।
Gingerbread, *s.* ଅଦା ଚିନି ମଇଦାଆଦି ମିଶ୍ରିତ ପିଠା ।
Gipsy, *s.* କେଳା ଲୋକ, ଭ୍ରମଣକାରୀ ଜାତିବିଶେଷ ।
Gird, *v.* ବନ୍ଧନ- ସମ୍ବନ୍ଧ- କମରବନ୍ଧ-କ, ସଜା- [ଡବା ।
Girdle, *s.* କମରବନ୍ଧ, ପଟୁକା, କଟିବନ୍ଧନୀ ।
Girl, *s.* କନ୍ୟା, ବାଳିକା, ଟୋକୀ, ମାଇକିନିଅ ପିଲା ।
Girth, *s.* ଘୋଡାର ପେଟୀ ବା ପେଟୀବନ୍ଧନୀ, [ପଟୀ ।
Give, *v.* ଦେବା, ଦାନ- ଅର୍ପଣ-କ ।
Giver, *s.* ଦାତା, ଦାନକର୍ତ୍ତା, ଦାୟକ, ଦେବାଲୋକ ।

Gizzard, *s.* ପକ୍ଷୀର ପିଜୁଳା ବା ଗିଲ ।
Glacier, *s.* ବରଫମୟସ୍ଥାନ, ହିମାନୀ କ୍ଷେତ୍ର ।
Glacis, *s.* କୋଟର ଚାରିଅଡ ପଦା, ଢଳନ୍ତିଭୂମି ।
Glad, *a.* ଆନନ୍ଦିତ, ତୁଷ୍ଟ, ହର୍ଷିତ, ଉଲ୍ଲସିତ ।
Gladden, *v.* ଆନନ୍ଦିତ- ତୁଷ୍ଟ- ହୃଷ୍ଟ-କ ।
Glade, *s.* ବନ ମଧ୍ୟରେ ପରିଷ୍କୃତ ପଡିଆ ।
Gladiator, *s.* ଅସ୍ତ୍ରକ୍ରୀଡକ, ମଲ୍ଲଯୋଦ୍ଧା ।
Gladness, *s.* ଆନନ୍ଦ, ସନ୍ତୋଷ, ହର୍ଷ, ଖୁସୀ ।
Glair, *s.* ଅଣ୍ଡାର ଥଳା ବା ଶୁକ୍ଲାଂଶ ।
Glance, *s.* କଟାକ୍ଷ, ଈଷଦ୍‌ଦୃଷ୍ଟି, ବାଙ୍କଚାହାଣି ।
Gland, *s.* ମାଂସର ଗଣ୍ଠିବିଶେଷ, ଗିଲଟି ।
Glanders, *s.* ଘୋଡାର କାଶିବାର ରୋଗ ।
Glare, *s.* ଚକଚକ ଆଲୁଅ, ମହା ତେଜ ।
—*v.* ଝକଝକିଆ- ଝଲମଲ-ହେ ।
Glaring, *a.* ସୁସ୍ପଷ୍ଟ, ସୁପ୍ରକାଶ; ନିର୍ଲଜ୍ଜ ।
Glass, *s.* କାଚ; ଅଇନା, ଦର୍ପଣ, ଗ୍ଲାସ, ପାନପାତ୍ର ।
Glass-blower, *s.* କାଚପାତ୍ର ନିର୍ମାଣକର୍ତ୍ତା ।
Glaze, *v.* ଅଇନା ବସାଇବା, ଲୁଗା ଚିକ୍କଣ-କ
Glazier, *s.* ଅଇନା ବା କାଚ ବ୍ୟବସାୟୀ ।
Gleam, *s.* ବିଦ୍ୟୁତ୍ ବା ଜୁଳୀପୋକ ଦୀପ୍ତି, ରଶ୍ମି ।
Gleaming, *a.* ଉଜ୍ଜ୍ୱଳ, ଚକମକିଆ ।
Glean, *v.* ସାଉଣ୍ଟିବା, ସଂଗ୍ରହ-କ, ଗୋଟାଇବା
Glebe, *s.* ପୁରୋହିତର ବୃତ୍ତିଭୂମି; ମାଟିଢେଲା ।
Glee, *s.* ଆନନ୍ଦ, ଆହ୍ଲାଦ, ହର୍ଷ, କୌତୁକ ।
Glen, *s.* ଦୁଇ ପର୍ବତର ମଧ୍ୟସ୍ଥାନ, ଘୋହରୀ ।
Glib, *a.* ଚିକ୍କଣ, ସ୍ନିଗ୍ଧ; ବହୁଭାଷୀ, ବକୁଆ ।
Glide, *v.* ଅବାଧରେ ବେଗେ ଗତି-କ, ସର୍ପ ପରି ଚାଲିବା ।
Glimmer, *v.* ମିଟିମିଟି- ମିଞ୍ଜିମିଞ୍ଜି-କ ।—*s.* ଅଳ୍ପ ବା ମିଞ୍ଜିମିଞ୍ଜି ଆଲୁଅ ।
Glipmse, *s.* ଈଷଦ୍‌ଦୃଷ୍ଟି, ଅଳ୍ପ ଆଲୁଅ ।
Glisten, *v.* ଚକ୍‌ମକ୍ୟା- ତେଜସ୍ୱୀ-ହେ ।

Glitter, *v.* ଚକମକ୍- ଉଜ୍ଜ୍ୱଳ-ହେ, ଝକ୍‌ମକ୍-କ ।
Gloat, *v.* ଲୁବ୍ଧ ଅଭିଳାଷପୂର୍ବକ କଟାକ୍ଷ-ବକ୍ରଦୃଷ୍ଟି-କ
Globe, *s.* ଭୂଗୋଳକ: ଗୋଲାକୃତ, ବ୍ରହ୍ମାଣ୍ଡ ।
Globular, *a.* ଗୋଲାକୃତ, ମଣ୍ଡଳାକାର, ବର୍ତ୍ତୁଳାକୃତ ।
Globule, *s.* ବିନ୍ଦୁ, ସାନଗୋଲ, ପରମାଣୁ ।
Gloom, *s.* ଅନ୍ଧକାର, ଘୋର, ବିଷାଦ, ବିମର୍ଷ ।
Gloomy, *a.* ଘୋର, ଅନ୍ଧକାରମୟ, ମେଘାଚ୍ଛନ୍ନ; ବିଷଣ୍ଣ, ମୌନୀ । [-କ, ସ୍ୱର୍ଗକୁ-ନେ ।
Glorify, *a.* ଧନ୍ୟବାଦ- ପ୍ରଶଂସା- ଗୌରବ
Glorious, *a.* ଗୌରବଯୁକ୍ତ, ତେଜସ୍କର, ଶ୍ରୀଯୁକ୍ତ, ଐଶ୍ୱର୍ଯ୍ୟବନ୍ତ ।
Glory, *s.* ଗୌରବ, ବିଭବ, ମହିମା, ପ୍ରଭାବ, ଐଶ୍ୱର୍ଯ୍ୟ, ଶୋଭା, ପର: ସ୍ୱର୍ଗ ସୁଖ ବା ବାସ । —*v.* ଦର୍ପ-ଅହଙ୍କାର-ଗର୍ବ-କ ।
Gloss, *s.* ଚିକ୍କଣତା, ଛଟା, ଉଜ୍ଜ୍ୱଳତା; ଟୀକା, ବ୍ୟାଖ୍ୟା । [ବଳୀ ।
Glossary, *s.* ଶବ୍ଦମାଳା, ଅଭିଧାନ, ବାକ୍ୟା-
Glossy, *a.* ଚିକ୍କଣ, ସ୍ନିଗ୍ଧ, ଉଜ୍ଜ୍ୱଳ ।
Glove, *s.* ଦସ୍ତାନା, ହାତକୋଷ ବା ମୋଜା ।
Glover, *s.* ଦସ୍ତାନା ଯେ ବନାଏ ବା ବିକ୍ରୟ କରେ
Glow, *v.* ଉତ୍ତପ୍ତ-ବଂଶଚିତ୍ତ-ହେ, ଧପ୍‌ଧପ୍-କ ।
Glowworm, *s.* ଜହ୍ନି ବା ଜୋନାକୀ ପୋକ ।
Glue, *s.* ସରେସ, ଶ୍ଲେଷ, ଅଠା ।—*v.* ଶ୍ଲେଷ ଦେଇ ଯୋଡିବା ।
Glum, *a.* ମ୍ଳାନମୁଖ, ବିଷଣ୍ଣବଦନ, ଅଧୋମୁଖ ।
Glut, *v.* ଗ୍ରାସ-କ, ବହୁତ ଖାଇ ତୃପ୍ତ-ଭରା-ହେ ।
Glutinous, *a.* ଅଠାପରି, ଚଟଚଟିଆ ।
Glutton, *s.* ପେଟୁକ, ଅତିଭୋକ୍ତା ।
Gluttonous, *a.* ପେଟସର୍ବସ୍ୱ, ପେଟୁକ ।
Gluttony, *s.* ପେଟୁକତା, ଅତିଭୋଜନ ।
Gnash, *v.* ଦାନ୍ତଘର୍ଷଣ- ଦନ୍ତକଡମଡ-କ ।
Gnat, *s.* ମଶା, ମଶକ, ଡଂଶ, ଡାଶ ।
Gnaw, *v.* ଦାନ୍ତରେ କାମୁଡିବା, କେଣ୍ଟିବା ।
Gnomon, *s.* ସୂର୍ଯ୍ୟଘଡିର କଣ୍ଟା ।
Go, *v.* ଯିବା, ଚାଲିବା, ଗମନ- ପ୍ରସ୍ଥାନ-କ ।
Goad, *s.* ପାଞ୍ଚଣ, ଅଙ୍କୁଶ, ତାଡଣ ।
Goal, *s.* ଦୌଡିବାର ଲକ୍ଷ୍ୟ ବା ଅନ୍ତିମ ସ୍ଥାନ; ଅଭିପ୍ରାୟ ।
Goat, *s.* ଛେଳି, ବକରି, ବୋକଡ, ଅଜ, ଛାଗଳ ।
Goatherd, *s.* ଛେଳି ରଖୁଆଳ ।
Gobble, *v.* ଶୀଘ୍ର ଖାଇବା, ଗିଳି ପକାଇବା ।
Goblet, *s.* ଭାଟିଆ, ପାନପାତ୍ର, କଟୋରା ।
Goblin, *s.* ଭୂତ, ପିଶାଚ, ପ୍ରେତ, ନିଶାଚର ।
God, *s.* ପରମେଶ୍ୱର, ପରମାତ୍ମା, ବ୍ରହ୍ମ, ସ୍ୱୟମ୍ଭୂ ।
Godchild, *s.* ଧର୍ମପୁତ୍ର ।
Goddess, *s.* ଦେବୀ, ଠାକୁରାଣୀ, ଦେବପତ୍ନୀ ।
Godfather, *s.* ଧର୍ମପିତା, ଧର୍ମବାପ ।
Godhead, *s.* ଈଶ୍ୱରତ୍ୱ, ଦେବତ୍ୱ ।
Godless, *a.* ନାସ୍ତିକ, ପାଷଣ୍ଡ, ଅଧାର୍ମିକ ।
Godliness, *s.* ଈଶ୍ୱରଙ୍କ ସେବା ବା ଭକ୍ତି, ଧର୍ମାଚରଣ । [ଭକ୍ତ ।
Godly, *a.* ଈଶ୍ୱରପରାୟଣ, ଧାର୍ମିକ, ଈଶ୍ୱର
Goggle, *v.* ବକ୍ର ବା ଟେରାଦୃଷ୍ଟି-କ ।
Goggle-eyed, *a.* ଟେରାଚକ୍ଷୁଯୁକ୍ତ ।
Goggles, *s.* ଚଷମାବିଶେଷ ।
Going, *s.* ଗମନ, ଚଳନ, ଯିବା, ଅନ୍ତର ।
Goitre, *s.* ଗଳାରୋଗ, ଗଳଗଣ୍ଡ ।
Gold, *s.* ସୁବର୍ଣ୍ଣ, ସୁନା, ସ୍ୱର୍ଣ୍ଣ; ଧନ, ସମ୍ପଦ ।
Goldbeater. *s.* ସ୍ୱର୍ଣ୍ଣକାର, ସୁନାରି ।
Golden, *a.* ସ୍ୱର୍ଣ୍ଣନିର୍ମିତ, ସ୍ୱର୍ଣ୍ଣମୟ; ଉତ୍ତମ ।
Goldfinch, *s.* ଏକ ସୁନ୍ଦର ପକ୍ଷୀବିଶେଷ ।
Goldleaf, *s.* ସୁନାପାତିଆ, ସୁବର୍ଣ୍ଣପତ୍ର ।
Goldsmith, *s.* ସୁନାରି, ସୁନାବେଣିଆ, ସ୍ୱର୍ଣ୍ଣ- [କାର ।
Gong, *s.* କଂସାର ଘଣ୍ଟା ।
Gonorrhea, *s.* ପ୍ରମେହ, ଧାତୁଗଳା, ମେହ ।

Good, *s.* କୁଶଳ, ମଙ୍ଗଳ, କଲ୍ୟାଣ ।—*a.* ଭଲ, ଭଦ୍ର, ମଙ୍ଗଳ, ଅଚ୍ଛା, ହି ।

Goodbye, *s.* ତୁମ୍ଭର ମଙ୍ଗଳ ବା କଲ୍ୟାଣ ହେଉ, ନମସ୍କାର, ସଲାମ ।

Goodly, *a.* ସୁନ୍ଦର, ଉତ୍ତମ, ସ୍ୱରୂପ ।

Good-nature, *s.* ସୁସ୍ୱଭାବ, ସୁଶୀଳତା ।

Goodness, *s.* ସୁଗୁଣ, ଭଦ୍ରତା, ଉତ୍ତମତା, ଶ୍ରେଷ୍ଠତା, ସଦ୍ଭାବ । [ସମ୍ପତ୍ତି ।

Goods, *s.* ଧନ, ମାଲ, ଦ୍ରବ୍ୟାଦି, ସାମଗ୍ରୀ,

Goose, *s.* ରାଜହଂସୀ; ଦରଜୀର ଇସ୍ତ୍ରୀ; ଅବୋଧ, ମୂର୍ଖ ।

Gooseberry, *s.* ଫଳବିଶେଷ, ଟିପାରିଫଳ ।

Gore, *s.* ଜମାରକ୍ତ, ଗାଢ଼ରକ୍ତ ।

Gore, *v.* ଶିଙ୍ଗ ଦେଇ ବିନ୍ଧିବା, ଚୋ ମାରିବା ।

Gorge, *s.* ଗଳା, କଣ୍ଠ, ଗଳଦେଶ, ବେକ; ପର୍ବତ ମଧ୍ୟରେ କ୍ଷୁଦ୍ର ପଥ ।

Gorge, Gormandize, *v.* କଣ୍ଠ ପର୍ଯ୍ୟନ୍ତ ଖାଇବା, ଅତ୍ୟନ୍ତ ଖାଇବା ।

Gorgeous, *a.* ଶୋଭାବିଶିଷ୍ଟ, ଅତିସୁନ୍ଦର, ଚକଚକିଆ ।

Gory, *a.* ରକ୍ତମୟ, ରକ୍ତଲିପ୍ତ ।

Gosling, *s.* ରାଜହଂସର ଛୁଆ । [ଖବର ।

Gospel, *s.* ଖ୍ରୀଷ୍ଟଙ୍କ ସୁସମାଚାର, ମଙ୍ଗଳସମା-

Gossamer, *s.* ବୁଢ଼ିଅଣିର ଜାଲପରି ସୂକ୍ଷ୍ମବସ୍ତୁ

Gossip, *s.* ଗପ, ଗଳ୍ପ, ବକୁଆ, ଜନରବ ।

Gothic, *a.* ଅସଭ୍ୟ, ଅଶିଷ୍ଟ; ଗଥଜାତି ସମ୍ବନ୍ଧୀୟ ।

Gouge, *s.* ବଟାଲିବିଶେଷ ।

Gourd, *s.* ଲାଉ, କୁମ୍ଭା, ଅଲାବୁ ।

Gourmand, *s.* ପେଟୁକବ୍ୟକ୍ତି, ବହୁଭୋଜୀ ।

Gout, *s.* ବାତରୋଗ ।

Govern, *v.* ରାଜ୍ୟ-କର୍ତ୍ତୃତ୍ୱ-ଶାସନ-ପ୍ରଭୁତ୍ୱ-କ ।

Governess, *s.* କର୍ତ୍ତ୍ରୀ, ରକ୍ଷିକା, ଶିକ୍ଷୟିତ୍ରୀ ।

Government, *s.* ରାଜତ୍ୱ, ପ୍ରଭୁତ୍ୱ, ରାଜଶାସନ, ରାଜକର୍ମ; ରାଜଶାସନ କରିବା ଲୋକସମୂହ ।

Governor, *s.* କର୍ତ୍ତା, ଶାସନକର୍ତ୍ତା, ରାଜ୍ୟାଧିପତି

Gown, *s.* ସ୍ତ୍ରୀଲୋକର ବସ୍ତ୍ରବିଶେଷ, ଘାଗରା, ଅଙ୍ଗରଖା । [ପ୍ରସାଦ, ଗୁଣବିଶେଷ ।

Grace, *s.* ଅନୁଗ୍ରହ, ଦୟା, କୃପା, କରୁଣା,

Graceful, *a.* ମନୋହର, ସୁନ୍ଦର, ଲାବଣ୍ୟ ।

Graceless, *a.* ଧର୍ମହୀନ, ଦୁଷ୍ଟ, କୁସ୍ଥଭାଗ୍ୟ ।

Gracious, *a.* ଅନୁଗ୍ରାହକ, ପ୍ରସନ୍ନ, ଦୟାଳୁ, କୃପାବନ୍ତ, ଶିଷ୍ଟ, ନମ୍ର ।

Gradation, *s.* ଅନୁକ୍ରମ, ପରମ୍ପରା, ଅନୁପୂର୍ବ ।

Grade, *s.* ପଦକ୍ରମ, ବର୍ଗ, ଅନୁପୂର୍ବ ।

Gradual, *a.* କ୍ରମିକ, କ୍ରମାଗତ, ଧୀର ।

Gradually, *ad.* କ୍ରମେ ପଦେ, କ୍ରମଶଃ, ସ୍ୱଚ୍ଛନ୍ଦକ ।

Graduate, *n.* ମହାବିଦ୍ୟାଳୟର ଉପାଧି-ପ୍ରାପ୍ତ ବ୍ୟକ୍ତି ।—*v.* ଗୌରବର ଉପାଧି ପ୍ରାପ୍ତ-ହେ, କ୍ରମରେ ଅଙ୍କ ଚିହ୍ନିତ-କ ।

Graft, *s.* ବୃକ୍ଷାଦିର କଲମ, ସଂଯୁକ୍ତ ଶାଖା ।

Grain, *s.* ଶସ୍ୟ, ଧାନ୍ୟାଦି, ଦାନା, କଣିକା, କାଠର ଆଁଶ ।

Gram, *s.* ବୁଟ, ଚଣକ, ଚଣା; କୋଲଥ ।

Gramineous, *a.* ତୃଣପ୍ରାୟ, ତୃଣମୟ ।

Graminivorous, *a.* ତୃଣଜୀବୀ, ତୃଣଖାଦକ, ତୃଣାହାରୀ । [ବିଦ୍ୟା ।

Grammar, *s.* ବ୍ୟାକରଣ, ଶୁଦ୍ଧ ଲେଖିବା ଆଦି

Grammarian, *s.* ବ୍ୟାକରଣବେତ୍ତା, ବୈୟାକରଣ । [ଶାସ୍ତ୍ରସମ୍ବନ୍ଧୀୟ ।

Grammatical, *a.* ବ୍ୟାକରଣସିଦ୍ଧ, ବ୍ୟାକର-

Grampus, *s.* ବଡ଼ ମାଛବିଶେଷ ।

Granary, *s.* ଅମାର, ଶସ୍ୟର ଗୋଲା, କୋଠି

Grand, *a.* ବଡ଼, ମହା, ମହତ୍, ଶ୍ରେଷ୍ଠ, ପ୍ରଧାନ, ଶୋଭାଯୁକ୍ତ, ଗରିଷ୍ଠ ।

Grandchild, *s.* ନାତି ବା ନାତୁଣୀ, ପୌତ୍ର ବା ପୌତ୍ରୀ, ଦୌହିତ୍ର ବା ଦୌହିତ୍ରୀ । [ଲୋକ ।
Grandee, *s.* ପ୍ରଧାନବ୍ୟକ୍ତି, କୁଳୀନ ବା ବଡ-
Grandeur, *s.* ଐଶ୍ୱର୍ଯ୍ୟ, ମହିମା, ଗୌରବ, ବିଭବ ।
Grandfather, *s.* ପିତାମହ, ଶାଆନ୍ତବାପ, ଅଜା, ବଡବାପ ।
Grandiloquence, *s.* ଅତ୍ୟୁକ୍ତି, ବାଗାଡମ୍ବର, ଉତ୍କୃଷ୍ଟ ବକ୍ତୃତା, ସାଡମ୍ବରୀୟ ବାକ୍‌ପଟୁତା ।
Grandmother, *s.* ଅଈ, ବଡମା, ଶାଆନ୍ତମା, ପିତାମହୀ, ମାତାମହୀ, ।
Grandsire, *s.* ପିତାମହ, ମାତାମହ ।
Granite, *s.* ପଥରବିଶେଷ ।
Granivorous, *a.* ଶସ୍ୟଜୀବୀ, ଶସ୍ୟଖାଦକ ।
Grant, *s.* ଦତ୍ତଦ୍ରବ୍ୟ, ଦାନ, ବୃତ୍ତି; ଅନୁମତି । —*v.* ଦାନ-କ, ଅନୁଗ୍ରହରେ-ଦେ ସ୍ୱୀକାର-କ ।
Grantee, *s.* ଦାନଭୋଗୀ, ବୃତ୍ତିଭୋଗୀ ।
Granular, *a.* ଦାନାପରି, ଶସ୍ୟବତ୍ ।
Granulate, *v.* ଦାନାବତ୍-ବୀଜାକାର-ହେ ।
Granulous, *a.* ଦାନାମୟ, ବୀଜମୟ ।
Grape, *s.* ଦ୍ରାକ୍ଷାଫଳ, ଅଙ୍ଗୁର, ଗୋସ୍ତନୀ ।
Graphic, *a.* ଉତ୍ତମରୂପେ ଲିଖିତ, ସୁବର୍ଣ୍ଣିତ ।
Grapnel, *s.* କ୍ଷୁଦ୍ରନଙ୍ଗର, ଜାହାଜ ଧରା ଅଙ୍କୁଶ
Grapple, *v.* ହାତାହାତି-ଧରାଧରି-କୁସ୍ତାକୁସ୍ତି-କ
Grasp, *v.* ଶକ୍ତ କରି ବା ଚାପି ଧରିବା ।
Grass, *s.* ଘାସ, ତୃଣ ।
Grasshopper, *s.* ପତଙ୍ଗ; ଫଡିଙ୍ଗ ।
Grass-plot, *s.* ଘାସାଚ୍ଛାଦିତ ଭୂମି ବା ସ୍ଥାନ ।
Grate, *s.* ଲୁହାନିର୍ମିତ ଅଗ୍ନିକୁଣ୍ଡ, ଚୁଲା ମୁହଁରେ ଦେବାର ଲୁହାପନ୍ତି ।
Grate, *v.* ଘଷ-ଘର୍ଷଣ-ଚୂର୍ଣ୍ଣ-କ
Grateful, *a.* କୃତଜ୍ଞ, ଉପକାରମାନୀ, ଧନ୍ୟବାଦୀ; ତୁଷ୍ଟିକର, ପ୍ରିୟ ।
Gratification, *s.* ସନ୍ତୋଷ, ତୃପ୍ତି, ପରିତୋଷ ।
Gratify, *v.* ତୃପ୍ତ-ସନ୍ତୁଷ୍ଟ-କ ।
Gratifying, *a.* ମନୋରମ, ତୁଷ୍ଟିକର ।
Grating, *a.* ଘର୍ଷକ, ଅତୁଷ୍ଟିଜନକ ।
Grating, *s.* ଲୁହା ଝାଞ୍ଜି ।
Gratis, *ad.* ବିନାମୂଲ୍ୟରେ, ଅକାରଣେ, ବିନା-ପ୍ରମାଣେ, ମାଗଣିଆରେ ।
Gratitude, *s.* କୃତଜ୍ଞତା, ଉପକାରସ୍ମରଣ, ଉପକାରମାନନ, ପ୍ରତ୍ୟୁପକାରେଚ୍ଛା ।
Gratuitous, *a.* ମାଗଣା, ବିନାମୂଲ୍ୟରେ ଦତ୍ତ, କଳ୍ପିତ, କାରଣ ରହିତ ।
Gratuity, *s.* ଦାନ, ବକ୍‌ସିସ, ଇନାମ, ପାରିତୋଷିକ ।
Grave, *s.* କବର, ଗୋର, ସମାଧି, ଶବ ପୋତିବା ସ୍ଥାନ ।
Grave, *a.* ଗମ୍ଭୀର, ସ୍ଥିର, ଧୀର ।
Gravel, *s.* କଙ୍କର, କରକଚ; ପଥୁରୀରୋଗ ।
Gravitate, *v.* ଆକର୍ଷଣଗୁଣ ହେତୁରୁ ଅଧଃପତିତ-ହେ ।
Gravitation, *s.* ସ୍ୱଭାବ ଗୁରୁତ୍ୱ ହେତୁରୁ ଭୂମିରେ ପତନଶୀଳତା । [ଓଜନ, ଭାରିତ୍ୱ ।
Gravity, *s.* ଗାମ୍ଭୀର୍ଯ୍ୟ, ଗୁରୁତ୍ୱ, ଧୀରତା;
Gravy, *s.* ମାଂସର ରସ, ଝୋଳ, ସୁରୁଆ ।
Gray, Grey, *a.* ପାଣ୍ଡୁରଙ୍ଗ, ଧୂସରବର୍ଣ୍ଣ, ଅଳ୍ପପାଣ୍ଡୁର; ପାଚିଲା ବାଳବିଶିଷ୍ଟ ।
Graze, *v.* ଚରିବା, ଘାସ ଖାଇବା; ଟିକେ ଘଷିବା, ଅଳ୍ପ ଘଷି-ହେ ।
Grazier, *s.* ପଶୁପାଳକ, ଗଉଆଳ ।
Grease, *s.* ଚର୍ବି, ବସା, ମାଂସର ତେଲ ।
Greasy, *a.* ଚିକ୍କଣ, ସ୍ନିଗ୍ଧ ।
Great, *a.* ବଡ, ମହା, ବୃହତ୍, ଅତି, ମହତ୍ ।
Great-grandfather, *s.* ପ୍ରପିତାମହ ।

Greatly, *ad.* ଅତିଶୟ ବା ମହତ୍ତ୍ୱରୂପେ, ଅ-ତ୍ୟନ୍ତ, ବୃହଦ୍ରୂପେ ।

Greatness, *s.* ବୃହତ୍ତ୍ୱ, ଗୁରୁତ୍ୱ, ମହତ୍ତ୍ୱ, ମହିମା, ଗୌରବ ।

Grecian, Greek, *s.* ଗ୍ରୀସ୍‌ଦେଶର ଲୋକ ।

Greedy, *a.* ପେଟୁକ, ଲୋଭୀ ।

Green, *s.* ଘାସମୟ ଭୂମି ।—*a.* ହରିଦ୍ୱର୍ଣ୍ଣ, ସବୁଜ ବା ସାଗୁଆରଙ୍ଗ, କଞ୍ଚା, ନବୀନ ।

Greens, *s.* ଶାକସବଜି, ଶାଗ, ଶାକ୍ୟ, ତୃଣପତ୍ର

Green-dove, *s.* ହରିଅଲପକ୍ଷୀ ।

Greenhouse, *s.* ବୃକ୍ଷ ଗୁଳ୍ମ ରକ୍ଷିବାର ଘର ।

Greet, *v.* ବନ୍ଦନା-ପ୍ରଣାମ-ନମସ୍କାର-ଧନ୍ୟବାଦ-କ ।

Greeting, *s.* କଲ୍ୟାଣ, ସମ୍ମାନ, ମଙ୍ଗଳବାଦ ।

Grenade, *s.* ଲୌହଗୋଲା ବା ଗୁଳିବିଶେଷ ।

Grenadier, *s.* ଦୀର୍ଘକାୟ ସୈନ୍ୟ, ଡେଙ୍ଗା ସିପାହୀ ।

Greyhound, *s.* ଶିକାରୀ କୁକ୍କୁର ବିଶେଷ ।

Gridiron, *s.* ମାଂସ ଭାଜିବା ବା କବାବ କରିବାର ଝାଞ୍ଜରି ।

Grief, *s.* ଶୋକ, ଖେଦ, ସନ୍ତାପ, ଦୁଃଖ ।

Grievance, *s.* ଦୁଃଖ କଥା, ହାନି, କ୍ଲେଶର ବିଷୟ ।

Grieve, *v.* ଦୁଃଖ-ଦେ, ଶୋକ-କ ।

Grievous, *a.* ଦୁଃଖଦାୟକ, କ୍ଲେଶଜନକ ।

Grill, *v.* କବାବ-କ, ମାଂସଭାଜିବା; ଯନ୍ତ୍ରଣା-ଦେ

Grim, *a.* ବିକଟମୂର୍ତ୍ତି, କଠିମୁଖ, ମୁର୍ଦ୍ଦାରପରି ।

Grimace, *s.* ମୁଖଭଙ୍ଗୀ, ବଙ୍କାମୁଖ ।

Grimalkin, *s.* ବୃଦ୍ଧ ବିଡାଲ ବା ବିରାଳ ।

Grin, *v.* ଦାନ୍ତ ଦେଖାଇ ଖେଚର-ହେ, ମୁହଁ ଭଙ୍ଗି କରି ଚିଡ଼ାଇବା ।

Grind, *v.* ଚୂର୍ଣ୍ଣ-କ, ଦାନ୍ତ ଚୋବିବା, ଘଷିବା, ଶାଣ-ଦେ, ମକିବା, ଦୁଃଖ-ଦେ ।

Grinder, *s.* ପେଷିବାର ଦାନ୍ତ, କଳଦାନ୍ତ; ପେଷକ ।

Grindstone, *s.* ଶାଣପଥର, ଶିଳା ।

Grip, *s.* ଧାରଣ ; ହାତ ଜାଲ ।

Gripe, *v.* ଶକ୍ତକରି ଧରିବା, ଚିମୁଟିବା; ଉଦର ବେଦନା-ପେଟ-କାଟି-ହେ ।

Grisly, *a.* ଭୟାନକ, ବିକଟାକାର, କୁତ୍ସିତ ।

Grist, *s.* ପେଷିବାପାଇଁ ଯେତେ ତଣ୍ଡୁଳାଦି ଏକ କ୍ଷେପରେ ଥାଏ, ଖାଦ୍ୟଦ୍ରବ୍ୟ ।

Gristle, *s.* କୋମଳଅସ୍ଥି, ଚମଡ଼ାମାଂସ ।

Grit, *s.* ବାଲି, ଶସ୍ୟର ମୋଟାଗୁଣ୍ଡି, ସାନ ପଥର

Gritty, *a.* ବାଲୁକାମୟ ।

Grizzled, *a.* ଧୂସରବର୍ଣ୍ଣ, ଚିତ୍ରିତ ।

Groan, *s.* ଆର୍ତ୍ତସ୍ୱର, କାତରୋକ୍ତି, କୋକାନି ।

Groat, *s.* ଇଂଲଣ୍ଡୀୟ ତାମ୍ରଜ ମୁଦ୍ରାବିଶେଷ ।

Grocer, *s.* ମୁଦି, ପସାରୀ ।

Grocery, *s.* ମୁଦୀଖାନା, ମୁଦୀର ବିକ୍ରେୟଦ୍ରବ୍ୟ ।

Grog, *s.* ମଦ୍ୟ ଓ ଜଳମିଶ୍ରିତ ପେୟଦ୍ରବ୍ୟ ।

Groin, *s.* କୋର, କୁଚ୍କି ।

Groom, *s.* ସଇସ, ଅଶ୍ୱରକ୍ଷକ, ଭୃତ୍ୟ ।

Groove, *s.* ପଥ, ଗର୍ତ୍ତ, ପାଗଇ ।

Grope, *v.* ତଲାସିବା, ଅଣ୍ଡାଳିବା, ଖୋଜିବା ।

Gross, *a.* ସ୍ଥୂଳ, ବଡ଼, ପୁଷ୍ଟ, ମୋଟା; ମୂର୍ଖ, ନିର୍ଲଜ୍ଜ ।

Gross, *s.* ୧୪୪ ସଂଖ୍ୟା ; ମୋଟ ।

Grotesque, *a.* ବିକଟାକାର, ବଦାକାର, ଅସ୍ୱାଭାବିକ ।

Grotto, *s.* ଗହ୍ୱର, ଗୁହା, କୁଞ୍ଜ, କୁଟୀର ।

Ground, *s.* ଭୂମି, ମାଟି, ତଳ, ଭିତ୍ତି ।

Groundless, *a.* ଅମୂଳକ, ଅକାରଣ, ଅଯଥାର୍ଥ ।

Ground-rent, *s.* ଖଜଣା, କର, ସଲାମି, ମାଲଗୁଜାରି ।

Group, *s.* ଲୋକ ଦଳ, ଗଦା, ସମୂହ ।

Grove, *s.* ଉପବନ, କୁଞ୍ଜ, ଉଦ୍ୟାନ, ତୋଟା ।

Grovel, *v.* ଲଟାଇ ବା ହାମଗୁଡ଼ ଯିବା, ଚୁରୁଣ୍ଡିବା ; ନୀଚାଚର-କ ।

Grow, *v.* ବଢ଼ିବା, ଉତ୍ପନ୍ନ-ବୃଦ୍ଧି-ବର୍ଦ୍ଧିତ-ହେ ।

Growl, *v.* ଗର୍ଜ୍ଜନ-ତର୍ଜ୍ଜନ-କ । [ବସ୍ତୁ, ଫସଲ ।

Growth, *s.* ବୃଦ୍ଧି, ବର୍ଦ୍ଧିଷ୍ଣୁତା, ଉତ୍ପତ୍ତି ; ଉତ୍ପନ୍ନ-

Grub, *s.* ପୋକ, କୀଟ ; ସୋଣ୍ଡିପୋକ ।

Grub, *v.* ଉପାଡ଼ିବା, ଖୋଳିବା, ବାହାର-କ ।

Grudge, *s.* ବିରୋଧ, ହିଂସା, ଦ୍ୱେଷ, ଈର୍ଷା, ପୁରୁଣା ବିବାଦ ।—*v.* ଈର୍ଷା-କ, ଅନିଚ୍ଛାରେ -ଦେ, ପରଶ୍ରୀକାତର-ହେ ।

Gruel, *s.* କାଞ୍ଜୀ, ମଣ୍ଡ, ତୋରାଣୀ ।

Gruff, *a.* କର୍କଶ, କଠିନ, କ୍ରୋଧୀ, କଟୁ ।

Grumble, *v.* ଗର୍ଜିବା, କଚକଚି-କ ।

Grunt, *v.* ଘୁଷୁରିପରି ଗର୍ଜ୍ଜନ-କ, ଘମୁରିବା

Guana, *s.* ଗୋଧିସାପ, ଗୋଧିକା, ଗୋଧି ।

Guarantee, *s.* ଜାମିନ, ଲଗା, ପ୍ରତିଭୂ ।

Guard, *s.* ରକ୍ଷକ, ପ୍ରହରୀ, ଚୌକିଦାର । —*v.* ରକ୍ଷା-କ, ଚୌକି-ଦେ, ଜାଗିବା ।

Guardedly, *ad.* ସାବଧାନରୂପେ, ସତର୍କତାପୂର୍ବକ । [ଅଧ୍ୟକ୍ଷ ।

Guardian, *s.* ରକ୍ଷକ, ପ୍ରତିପାଳକ, ମହାଜନ,

Guava, *s.* ପିଜୁଳି, ପିଜୁଳୁ । [ତୋଷିକ ।

Guerdon, *s.* ପ୍ରତିଫଳ, ପୁରସ୍କାର, ପାରି-

Guess, *s.* ଅନୁମାନ, ଅନ୍ଦାଜ, ଅଟକଳ । —*v.* ଅନୁମାନ-ଅନ୍ଦାଜ-ଅଟକଳ-କ ।

Guest, *s.* ନିମନ୍ତ୍ରିତ ବ୍ୟକ୍ତି, ଅତିଥି, ଅଭ୍ୟାଗତ ।

Guidance, *s.* ପଥଦର୍ଶନ ; ଉପଦେଶ, ଶିକ୍ଷା, ଜ୍ଞାପନ ।

Guide, *s.* ପଥଦର୍ଶକ, ଶିକ୍ଷକ, ଉପଦେଶକ, ଗୁରୁ ।—*v.* ପଥ ଦେଖାଇବା, ବତାଇବା, କଢ଼ାଇବା, ଉପଦେଶ-ଦେ ।

Guild, *s.* ଦଳ, ସମାଜ, ସଙ୍ଘ, ସମ୍ପ୍ରଦାୟ ।

Guile, *s.* କୁଟିଳତା, ଛଳ, କପଟ, ପ୍ରବଞ୍ଚ ।

Guillotine, *s.* ଶିରଶ୍ଛେଦନଯନ୍ତ୍ର ବିଶେଷ ।

Guilt, *s.* ଅପରାଧ, ଦୋଷ, ପାପ ।

Guiltless, *a.* ନିରପରାଧ, ନିର୍ଦ୍ଦୋଷ ।

Guilty, *a.* ଅପରାଧୀ, ଦୋଷୀ, ପାପୀ ।

Guinea, *s.* ଇଂରେଜୀୟ ଟଙ୍କଶାଳୀୟ ସୁବର୍ଣ୍ଣ ମୁଦ୍ରା ବିଶେଷ, ୨୧ ଶିଲିଙ୍ଗ ।

Guise, *s.* ବେଶ, ଗତି, ରୂପ, ଧାରା ।

Guitar, *s.* ସେତାର, ତମ୍ବୁରା, ବୀଣାବିଶେଷ ।

Gulf, *s.* ମହାଖାଲ, ଗମ୍ଭୀରସ୍ଥଳ, ଅତଳସ୍ପର୍ଶ ସ୍ଥାନ ।

Gull, *s.* ଜଳଚର ପକ୍ଷୀ, ଗାଙ୍ଗଚିଲ : ମୂର୍ଖ, ଅବୋଧ ।

Gull, *v.* ଛଳ-ପ୍ରବଞ୍ଚନା-କ, ଫାଙ୍କି-ଦେ ।

Gullet, *s.* ଗଳାର ବା ବେକର ନଳୀ ।

Gulp, *v.* ଢକଢକ ଗିଳିବା, ଢୋକିବା, ଏକାବେଳକେ ଗିଳି-ଦେ ।

Gum, *s.* ଦନ୍ତମୂଳ ; ଅଠା, ଗୋନ୍ଦ ।

Gumption, *s.* ବୁଦ୍ଧି, ଯୋଗ୍ୟତା, ଗୁଣ, ଚତୁରତା ।

Gun, *s.* ବନ୍ଧୁକ, ତୋପ, କମାଣ, କଳ ।

Gunner, *s.* ଗୋଲନ୍ଦାଜ, ଯେ ତୋପ ମାରେ ।

Gunnery, *s.* ଗୋଲନ୍ଦାଜୀ ବିଦ୍ୟା ।

Gunpowder, *s.* ବାରୁଦ ।

Gunshot, *s.* ଏକ ଗୁଳି ଯେତେ ଦୂର ଯାଏ ତତ୍ପରିମିତ ସ୍ଥାନ ।

Gunstock, *s.* ବନ୍ଧୁକର କୁନ୍ଦା ।

Gurgle, *s.* ଜଳସ୍ରୋତର ମନ୍ଦଶବ୍ଦ ।

Gush, *s.* ପ୍ରବଳ ସ୍ରୋତ ।—*v.* ବେଗେ ନିର୍ଗମନ-ହେ, ଧାରା ହୋଇ ବାହାରିବା ।

Gust, *s.* ଦମକା ବତାସ, ତୋଫାନ, ହଠାତ୍ ବାୟୁ ।

Gusto, *s.* ସୁସ୍ୱାଦ, ଅତ୍ୟନ୍ତ ରୁଚି ।

Gut, *s.* ନାଡ଼ୀ, ଉଦର ନାଡ଼ୀ, ବୁଜୁଳି ।—*v.* ଅନ୍ତ୍ର ସବୁ କାଟିବା ; ଗୃହକୁ ଲୁଟିବା ।

Gutter, *s.* ନାଳ, ନର୍ଦ୍ଦମା, ମନ୍ଦୁରୀ ।
Guttural, *a.* କଣ୍ଠ୍ୟ, କଣ୍ଠଦ୍ୱାରା ଉଚ୍ଚାରିତ ।
Guzzle, *v.* ବହୁପାନ-ଅତ୍ୟନ୍ତ ପାନ-କ ।
Gymnasium, *s.* ବ୍ୟାୟାମ ଭୂମି, ମଲ୍ଲଯୁଦ୍ଧର
ଅଖଡ଼ା । [ନ୍ଧୀୟ ।
Gymnastic, *a.* ବ୍ୟାୟାମ ବା ମଲ୍ଲଯୁଦ୍ଧସମ୍-
Gypsum, *s.* ଏକପ୍ରକାର ଖଡ଼ିମାଟି ।
Gyration, *s.* ଘୂରଣି, ଚକ୍ରଗତି, ବେଗରେ
ବୁଲିବା । [ଇବା, ଜଞ୍ଜିରରେ ବନ୍ଧ-କ ।
Gyve, *s.* ବେଡ଼ି, ଶୃଙ୍ଖଳ ।—*v.* ବେଡ଼ି ପକା-

## H.

H, ଇଂରାଜୀ ବର୍ଣ୍ଣମାଳାର ଅଷ୍ଟମାକ୍ଷର ।
Ha, *int.* ହାଃ, ଅହୋ, ହାହା, ହାୟ, ଆଶ୍ଚର୍ଯ୍ୟ-
ବୋଧକ ଶବ୍ଦ ।
Habeas-corpus, *s.* ବନ୍ଦୀଲୋକକୁ ଉପ-
ଯୁକ୍ତ ଅଦାଲତରେ ଉପସ୍ଥିତ ହେବା ନିମନ୍ତେ
ଆଣିବା ପରୁଆନା । [ପସାରୀ ।
Haberdasher, *s.* ଫିତା ପଟ୍ଟାଦି ବିକାଳିଲୋକ,
Haberdashery, *s.* ପସାରୀଦ୍ରବ୍ୟ, ବସ୍ତ୍ରାଦିଦ୍ରବ୍ୟ
Habit, *s.* ପରିଚ୍ଛଦ, ବେଶଭୂଷା, ବସ୍ତ୍ର;
ଅଭ୍ୟାସ, ଶୀଳ, ରୀତି, ଧାରା, ଆଚରଣ ।
Habitable, *a.* ବାସ ବା ସ୍ଥିତିଯୋଗ୍ୟ ।
Habitation, *s.* ଗୃହ, ବାସସ୍ଥାନ, ବସା, ଘର ।
Habitual, *a.* ସ୍ୱାଭାବିକ, ବ୍ୟବହାରିକ ।
Habitually, *ad.* ଅଭ୍ୟାସାନୁସାରେ ।
Habituate, *v.* ବ୍ୟବହାର- ଅଭ୍ୟାସ-କ ।
Habitude, *s.* ବ୍ୟବହାର, ଧାରା, ରୀତି, ପ୍ରଚ-
ଳନ, ଆଚରଣ ।
Hack, *v.* ଖଣ୍ଡ- କାଟକୁଟ-କ, ହାଣିବା ।
Hack, *s.* ଭଡ଼ା ଘୋଡ଼ା ବା ଗାଡ଼ି ।
Hackle, *v.* ଛଣପଟଆଦି ଶାଉଳି ସଫା-କ ।
Hackney, *s.* ଭଡ଼ା ଗାଡ଼ି ବା ଘୋଡ଼ା ।
Haft, *s.* ଅସ୍ତ୍ରର ବେଣ୍ଟ ଅବା ମୁଠା ।
Hag, *s.* ଡାଆଣୀ, କୁତ୍ସିତାସ୍ତ୍ରୀ ।
Haggard, *a.* କୁତ୍ସିତ, କୁରୂପ, ରୋଗହେତୁରୁ
କୃଶ, କ୍ଷୀଣ । [ରୂପେ ହାଣିବା ।
Haggle, *v.* କଷ୍ଟକଷ୍ଟରେ କଟକଟ-କ; ମନ-
Hail, *int.* କଲ୍ୟାଣବଚନ, ନମସ୍କାର, ମଙ୍ଗଳା-
ଶିଷ ।
Hail, *s.* ଶିଳା ବା କୁଆପଥର ବୃଷ୍ଟି ।—*v.*
ଡାକିବା, ସମ୍ବୋଧନ-କ; ଶିଳା ବା କୁଆପଥର
ବୃଷ୍ଟି-ହେ ।
Hailstone, *s.* ଶିଳା, କୁଆପଥର ।
Hair, *s.* କେଶ, ବାଳ, ଲୋମ, ରୋମ ।
Hair's-breadth, *s.* ଏକ କେଶ ବା ବାଳେ
ଅନ୍ତର, ଅତ୍ୟଳ୍ପ ।
Hairy, *a.* ଲୋମମୟ, ଲୋମଶ, କେଶନିର୍ମିତ ।
Halbert, *s.* ଟାଙ୍ଗିଆ, ଅସ୍ତ୍ରବିଶେଷ ।
Halcyon, *a.* ଶୁଭ, ଶାନ୍ତ, ସୁସ୍ଥିର, ହୃଷ୍ଟ ।
Hale, *v.* ବେଗାରେ ଧରିବା, ଓଟାରିବା, ଟାଣିବା ।
Hale, *a.* ସୁସ୍ଥ ଶରୀରୀ, ବଳବାନ୍, ନିରୋଗ ।
Half, *s.* ଅଧ, ଅର୍ଦ୍ଧ, ଅର୍ଦ୍ଧେକ । [ଅଧଭାଗ ।
Halfpenny, *s.* ଇଂଲଣ୍ଡୀୟ ପେଜା ମୁଦ୍ରାର
Half-witted, *a.* ନିର୍ବୋଧ, ଅଳ୍ପ ବୁଦ୍ଧିମାନ୍ ।
Hall, *s.* ଶାଳା, ବଡ଼ କାମରା, ଦରବାରସ୍ଥାନ ।
Hallelujah, Halleluiah, Alleluia,
*s.* ଈଶ୍ୱରଙ୍କ ପ୍ରତି ଧନ୍ୟବାଦ, ଜୟଶବ୍ଦ ।
Halloo, *v.* ଉଚ୍ଚୈଃସ୍ୱରରେ ଡାକିବା, ହାକିବା ।
Hallow, *a.* ପବିତ୍ର- ଶୁଦ୍ଧ- ପ୍ରତିଷ୍ଠା-କ ।
Hallucination, *s.* ଭ୍ରମ, ଭୁଲ, ଭ୍ରାନ୍ତି ।
Halo, *s.* ସୂର୍ଯ୍ୟ ବା ଚନ୍ଦ୍ରମଣ୍ଡଳ ।
Halt, *v.* ଛୋଟାଇ ଚାଲିବା; ସ୍ଥଗିତ-ହେ,
ଅଗମ-ସନ୍ଦେହ-କ ।—*a.* ଛୋଟା, ପଙ୍ଗୁ, ଲେ-
ଙ୍ଗଡ଼ା ।

Halter, *s.* ଫାଶଦଉଡ଼ି ; ବାଗଡୋର, ଗୁଣ୍ଡୀ ।
Halve, *v.* ଦୁଇଭାଗ-ଦୁଇଖଣ୍ଡ-ଅର୍ଦ୍ଧାଂଶ-କ ।
Ham, *s.* ଜାନୁର ପଶ୍ଚାଦ୍ଭାଗ, ଶୂକରର ଲୁଣ, ଜଙ୍ଘ
Hamlet, *s.* ସାନଗାଁ, ପଲ୍ଲୀଗ୍ରାମ ।
Hammer, *s.* ମାଗୁଲ, ହାତୁଡ଼ି ।
Hammock, *s.* ଜାହାଜର ଦୋଲଣାଖଟ ।
Hamper, *s.* ବେତର ବଡ଼ ପେଡ଼ି ।—*v.* ଜଡ଼ୀଭୂତ-କ, ଜାଲରେ ବାନ୍ଧିବା, ଅଟକାଇବା, ବାଧା-କ ।
Hamstring, *v.* ଜଙ୍ଘର ଟିସ ଛେଦନ-କ ।
Hand, *s.* ହସ୍ତ, ହାତ, କର, ପାଣି; ଜନ; ହସ୍ତଲେଖା; ଘଡ଼ିର କଣ୍ଟା ।—*v.* ହସ୍ତାର୍ପଣ-କ. ହସ୍ତରେ-ଦେ ।
Hand-and-glove, ବଡ଼ ବନ୍ଧୁତା, ଏକତା ।
Handcuffs, *s.* ହାତବେଡ଼ି, ହାତକଡ଼ି, ହସ୍ତବନ୍ଧନୀ । [ଅତ୍ୟଳ୍ପ ।
Handful, *s.* ମୁଠାଏ, ଏକମୁଠା ପରିମାଣ,
Handicraft, *s.* କାରିଗରକର୍ମ, କାରିଗରି ।
Handily, *ad.* ଦକ୍ଷ ବା ନିପୁଣଭାବରେ ।
Handiwork, *s.* ହସ୍ତକୃତକର୍ମ, ଶିଳ୍ପକର୍ମ ।
Handkerchief, *s.* ରୁମାଲ, ଗାମୁଛାବିଶେଷ ।
Handle, *s.* ବେଣ୍ଟ, ମୁଠା, କଡ଼ା ।—*v.* ହାତରେ ଲଗାଇବା, ଧରିବା, ହସ୍ତସ୍ପର୍ଶ-କ ।
Handmaid, *s.* ଦାସୀ, ଚାକରାଣୀ, ପରିଚାରିକା ।
Handmill, *s.* ଚକି, ପେଷଣୀ । ବଇନା ।
Handsel, *s.* ବହନୀ, ପ୍ରଥମ ବିକ୍ରୟର ଟଙ୍କା ।
Handsome, *a.* ସୁଶ୍ରୀ, ସୁନ୍ଦର, ସୁରୂପ; ଯଥେଷ୍ଟ, ବହୁଳ ।
Handsomely, *ad.* ଶିଷ୍ଟ ବା ସୁନ୍ଦର ବା ଉତ୍ତମ ବା ଦାତୃତ୍ୱରୂପେ ।
Hand-to-mouth, ଅବଶ୍ୟକମତେ, ଯଥାଅପ୍ ତତ୍କାଳ୍ୟ । [ଲେଖା ।
Handwriting, *s.* ହସ୍ତାକ୍ଷର, ହସ୍ତଲିପି,

Handy, *a.* ପ୍ରସ୍ତୁତ, ଦକ୍ଷ, କର୍ମୋପଯୁକ୍ତ ।
Hang, *v.* ଲଟକାଇବା, ଟଙ୍ଗାଇବା, ଫାଶୀ-ଦେ
Hanger-on, *s.* ଅଧୀନ ବା ଅନୁଗତ ଲୋକ ।
Hangings, *s.* ପର୍ଦା, ଝାଲର, ଯବନିକା ।
Hangman, *s.* ଯେ ଫାଶୀ ଦିଅଇ, ଜଲ୍ଲାଦ, ଘାତକ । [ବିଳମ୍ବ ।
Hank, *s.* ସୂତାର ପେଣ୍ଟୀ ବା ମୁଠା, କାଠର
Hanker, *v.* ସ୍ପୃହା-ଇଚ୍ଛା-ଲୋଭ-କ ।
Hap, *s.* ଦୈବଘଟନା ବିଷୟ, ଭାଗ୍ୟ, କପାଳ ।
Haphazard, *s.* ଦୈବଘଟନା, ଦୈବଯୋଗ ।
Hapless, *a.* ଦୁର୍ଭାଗା, ଅନାଥ, ଅଭାଗା, ଅଶୁଭ । [ହୋଇପାରେ ।
Haply, *ad.* ଦୈବାତ୍, ଘଟନାକ୍ରମେ; କେଜାଣି,
Happen, *v.* ଘଟିବା, ଉପସ୍ଥିତ-ହେ ।
Happiness, *s.* ସୁଖ, ଆନନ୍ଦ, ସୌଭାଗ୍ୟ, ମଙ୍ଗଳ ।
Happy, *a.* ସୁଖୀ, ତୁଷ୍ଟ, ଆନନ୍ଦିତ. କୁଶଳୀ ।
Harangue, *s.* ପ୍ରସ୍ତାବକଥା, ବକ୍ତୃତାବାକ୍ୟ ।
Harass, *v.* କଷ୍ଟ-କ୍ଲେଶ-ଦେ, ବିରକ୍ତ-କ ।
Harbinger, *s.* ଅଗ୍ରଗାମୀ, ଦୂତ, ବାର୍ତ୍ତାବହ ।
Harbour, *s.* ଜାହାଜର ଆଶ୍ରୟସ୍ଥାନ, ବନ୍ଦର ।—*v.* ଆଶ୍ରୟ-ବସା-ଦେ, ରକ୍ଷା-ଆତିଥ୍ୟ-କ ।
Hard, *a.* କଠିନ, ଶକ୍ତ, ଦୃଢ଼, ଟାଣ, କଠୋର ।
Hard, *ad.* ପ୍ରାୟ ନିକଟରେ, ପାଖରେ, କଷ୍ଟରେ
Harden, *v.* ଶକ୍ତ-କଠିନ-ଦୃଢ଼-କ ।
Hardhearted, *a.* କଠିନାନ୍ତଃକରଣବିଶିଷ୍ଟ, ନିଷ୍ଠୁର, କ୍ରୂର, ନିର୍ଦୟ ।
Hardihood, *s.* ସାହସ, ନିର୍ଭୟ, ନିର୍ଲଜ୍ଜତ୍ୱ ।
Hardiness, *s.* ଶକ୍ତି, ବଳ, ତେଜ; ନିର୍ଲଜ୍ଜତା ।
Hardly, *ad.* କଷ୍ଟେ, ଶକ୍ତରୂପେ, ପ୍ରାୟ ନୁହେ ।
Hardship, *s.* କ୍ଲେଶ, ଦୁଃଖ, କଷ୍ଟ, ପରିଶ୍ରମ ।
Hardware, *s.* ଲୋହାଦି ନିର୍ମିତ ଦ୍ରବ୍ୟ ।
Hardy, *a.* ଶକ୍ତ, ବଳବାନ୍, ସାହସୀ, ମଜବୁତ ।

Hare, *s.* ଠେକୁଆ, ଖରଗୋଶ, ଶଶକ ।
Harebrained, *a.* ଚଞ୍ଚଳ, ଅବିବେକ,
Harelip, *s.* ଖଣ୍ଡଓଷ୍ଠ୍ୟ । [ଅସ୍ଥିରମନଃ ।
Hark! *int.* ଶୁଣଶୁଣ,ଅବଧାନ ବା ଶ୍ରବଣ କର
Harlequin, *s.* ଭଣ୍ଡ, ଭଣ୍ଡ, ମସ୍କରା,କୌତୁକୀ ।
Harlot, *s.* ବେଶ୍ୟା, ଦାସୀ, କସ୍‌ବୀ, ବାରାଙ୍ଗନା
Harm, *s.* ହାନି, କ୍ଷତି, ଅପକାର, ହିଂସା ।
Harmless, *a.* ଅହିଂସକ; ନିର୍ଦ୍ଦଂଶ, ସରଳ ।
Harmonize, *v.* ଐକ୍ୟ- ଉପଯୁକ୍ତ-ହେ, ସଦ୍ଭାବ୍ୟ-କ, ସ୍ୱର ବାନ୍ଧିବା ।
Harmony, *s.* ସ୍ୱରର ବା ବାଦ୍ୟର ମେଳନ; ଐକ୍ୟ, ଅବିରୋଧ ।
Harness, *s.* ସଜ୍ଜା, ସାଜ, ଘୋଡାର ସାଜ । —*v.* ସାଜ ଲଗାଇବା, ସଜାଇବା ।
Harp, *s.* ବୀଣା ।—*v.* ଏକ ବିଷୟରେ ନିତ୍ୟ କହିବା; ବୀଣା ବଜାଇବା ।
Harper, *s.* ବୀଣାବାଦକ, ବୈଣିକ ।
Harpoon, *s.* ବଡମାଛ ମାରିବା ଅସ୍ତ୍ର, ଟେଣ୍ଟା ।
Harpsichord, *s.* ବାଦ୍ୟଯନ୍ତ୍ରବିଶେଷ ।
Harpy, *s.* ବିକଟରୂପ ସ୍ତ୍ରୀକାୟବିଶିଷ୍ଟ କଳ୍ପିତ ପକ୍ଷୀବିଶେଷ; ଲୋଭିବ୍ୟକ୍ତି ।
Harrow, *s.* ଚଷର ମଇ ।
Harsh, *a.* କଠିନ, କର୍କଶ, କଠୋର, କଟୁ ।
Harshness, *s.* କଠିନତା, କଟୁତା,କାର୍କଶ୍ୟ ।
Hart, *s.* ହରିଣ, ମୃଗ, କୁରଙ୍ଗ ।
Hartshorn, *s.* ହରିଣ ଶିଙ୍ଗ, ତନ୍ନିର୍ମିତଔଷଧ
Harvest, *s.* ଫସଲ, ଶସ୍ୟସଂଗ୍ରହ ।
Hash, *v.* ଖଣ୍ଡ-କ, କୁଟି କାଟିବା ।
Hassock, *s.* ପ୍ରାର୍ଥନାରେଆଣ୍ଠୁପାତିବାର ଆସନ
Haste, *s.* ଶୀଘ୍ରତା, ତ୍ୱରା,ବେଗ, ବହନ,ଜଲଦି
Haste, Hasten, *v.* ଶୀଘ୍ର-ବେଗ-ତ୍ୱରା-କ ।
Hastily, *ad.* ଶୀଘ୍ର, ବେଗେ, ହଠାତ, ତ୍ୱରା ।
Hasty, *a.* ଉଗ୍ର, ଶୀଘ୍ର, ଅସାବଧାନ; ରାଗୀ ।

Hat, *s.* ଟୋପି, ଟୋପର ।
Hatch, *s.* ଥରେ ଯେତେ ଛୁଆ ହୁଏ; ଜାହାଜର ଉପରକବାଟର ଦ୍ୱାର ।
Hatch, *v.* ଡିମ୍ବ ଫୁଟାଇବା; କଳ୍ପନା-କ ।
Hatchet, *s.* କୁହ୍ରାଡି; କୁଠାରି, କଟୁରି ।
Hate, *v.* ଘୃଣା-ହିଂସା-ଅଶ୍ରଦ୍ଧା-ଦ୍ୱେଷ-କ ।
Hateful, *a.* ଘୃଣ୍ୟ, ଘୃଣାଯୋଗ୍ୟ, ଦ୍ୱେଷ୍ୟ, ମନ୍ଦ
Hatred, *s.* ଘୃଣା, ଅଶ୍ରଦ୍ଧା, ଦ୍ୱେଷଜ୍ଞାନ ।
Hatter, *s.* ଟୋପୀ ବନାଇବା ବା ବିକିବା ଲୋକ
Haughty, *a.* ଗର୍ବିତ, ଦାମ୍ଭିକ, ଅହଂକାରୀ ।
Haul, *v.* ଟାଣିବା, ଆକର୍ଷଣ-କ, ଓଟାରିବା ।
Haunch, *s.* ଜଙ୍ଘ, ପୃଷ୍ଠ, କଟିଦେଶ ।
Haunt, *s.* ଗମନାଗମନର ସ୍ଥାନ, ବସା,ଆଶ୍ରୟ —*v.* ସଦା ଯତାୟାତ-କ, ନିତ୍ୟାଭ୍ୟାଗତ-ହେ ।
Haunted, *pa.* ଭୂତଗ୍ରସ୍ତ, ଭୂତାବିଷ୍ଟ ।
Hautboy, *s.* ବଂଶୀବିଶେଷ, ସାନାଇ ।
Hauteur, *s.* ଗର୍ବ, ଦର୍ପ, ଅହଂକାର,ଅଭିମାନ
Have, *v.* ପାଖରେ ଥିବା, ପ୍ରାପ୍ତ-ହେ, ଧାରଣ-ଭୋଗ-କ । [ଆଶ୍ରୟ ସ୍ଥାନ ।
Haven, *s.* ଜାହାଜ ଥିବାର ଗାଲି, ବନ୍ଦର,
Havoc, *s.* ନାଶ, ବିନାଶ, ଉତ୍ପାତ, ଉପଦ୍ରବ, ଉଚ୍ଛିନ୍ନତା ।
Hawk, *s.* ବାଜପକ୍ଷୀ, ଶ୍ୟେନ ।—*v.* ବାଜପକ୍ଷୀ ଦ୍ୱାରା ଶିକାର-କ; ଗଳା ଖଙ୍କାରିବା; ବୁଲି ବିକିବା ।
Hawker, *s.* ଦ୍ରବ୍ୟାଦିର ଭ୍ରମଣକାରୀ ବିକ୍ରେତା ।
Hawser, *s.* ଜାହାଜର ମୋଟା ଦଉଡି ।
Hay, *s.* ଶୁଖିଲା ତୃଣ ଘାସ ।
Haystack, *s.* ଶୁଖିଲା ଘାସର ଗଦା ।
Hazard, *s.* ଆପଦ, ଦାୟ, ସଂକଟ, ଦୈବ; ଜୁଆଖେଳ । [ଦୈବାଧୀନ ।
Hazardous, *a.* ସଂକଟଜନକ, ଭୟାନକ,

Haze, *s.* କୁହୁଡ଼, କାକର, କୁଜ୍ଝଟିକା ।
Hazel, *a.* ଧୂମ୍ର, ଧୂସରବର୍ଣ୍ଣ, ପାଣ୍ଡୁରେ ।
Hazy, *a.* କୁହୁଡ଼ମୟ, ଘୋର ।
He, *pro.* ସେ, ସେହି, ଏ, ଏହି ।
Head, *s.* ମସ୍ତକ, ଶିର, ମୁଣ୍ଡ; ଅଗ୍ରଭାଗ । —*a.* ପ୍ରଧାନ, ମହତ୍ତ୍ୱ, ଅଧ୍ୟକ୍ଷ ।—*v.* କର୍ତ୍ତୃତ୍ୱ-ପ୍ରଭୁତ୍ୱ-କ; ଅଗ୍ରସର-ହେ ।
Headache, *s.* ମୁଣ୍ଡବ୍ୟଥା, ଶିରପୀଡ଼ା ।
Headland, *s.* ଅନ୍ତରୀପ, ଟେକ ।
Headless, *s.* ମସ୍ତକ ରହିତ; ଅବୋଧ ।
Headlong, *a.* ଦୁଃସାହସୀ, ଅବିବେଚକ ।
Headstrong, *a.* ଏକଗୁଞ୍ଜା, ଧୋଣ୍ଡା, ଦୁର୍ମାନୀ, ଅବାଧ୍ୟ ।
Heady, *a.* ଚଞ୍ଚଳ, ଅବଶ ; ମତ୍ତତାଜନକ ।
Heal, *v.* ଆରୋଗ୍ୟ- ସୁସ୍ଥ- ଭଲ-କ ; ବିବାଦ ଭଞ୍ଜନ-କ ।
Health, *s.* ସ୍ୱାସ୍ଥ୍ୟ, ଆରୋଗ୍ୟ, ଆରାମ ।
Healthful, *a.* ସୁସ୍ଥ, ଆରୋଗୀ, ସୁଖଦ, ସବଳ
Healthy, *a.* ନୀରୋଗ, ସ୍ୱାସ୍ଥ୍ୟଜନକ, ନିଷ୍ପୀଡ଼ ।
Heap, *s.* ଗଣ୍ଡି, ଗଦା, ଠୁଳ, ଢେର, ସ୍ତୂପ ।
Hear, *v.* ଶୁଣିବା, ଶ୍ରବଣ-କ, କାନଡେରିବା ।
Hearer, *s.* ଶ୍ରୋତା, ଶ୍ରବଣକର୍ତ୍ତା, ଶୁଣିବାଲୋକ
Hearing, *s.* ଶ୍ରୁତ, କର୍ଣ୍ଣଗୋଚର; ଗୁହାରି ଶ୍ରବଣ; ଶ୍ରବଣ ଇନ୍ଦ୍ରିୟ । [ଣ-କ ।
Hearken, *v.* ଅବଧାନ- ମନୋଯୋଗ-ଶ୍ରବ-
Hearsay, *s.* ଶୁଣିବା କଥା, ଶ୍ରୁତବାକ୍ୟ, ଜନ-
Hearse, *s.* ଶବ ବହିବା ଗାଡ଼ି । [ ରବ ।
Heart, *s.* ହୃତ୍ପିଣ୍ଡ; ଅନ୍ତଃକରଣ, ହୃଦୟ, ଚିତ୍ତ, ମନ; ସାରଭାଗ; ମଧ୍ୟ, ସ୍ନେହ; ସାହସ, (By heart), ମୁଖସ୍ଥ ।
Heartburn, *s.* ହୃଦ୍ରୋଗ, ଅନ୍ତର୍ବେଦନା, ବୁକଜଳ ।
Heartburning, *s.* ମନଦ୍ୱେଷ, ହିଂସା ।
Heartfelt, *a.* ନିଷ୍କପଟ, ସରଳ, ଦୃଷ୍ଟ, ଅନ୍ତଃକରଣ ସହିତ ।
Hearth, *s.* ଚୁଲ୍ଲୀ, ଚୁଲି, ଉନାନ ।
Heartily, *ad.* ମନର ସହିତ, ସରଳଭାବରେ, ସାହସକଲ୍ପରେ, ଉଦ୍ୟମଚିତ୍ତରେ ।
Heartless, *a.* ମନୋଭଙ୍ଗ, ନିସ୍ତେଜ, ବିମନା; ନିର୍ଦ୍ଦୟ ।
Hearty, *a.* ସୁସ୍ଥ, ମନର ସହିତ, ବଳବାନ୍, ସରଳ ।
Heat, *s.* ତାପ, ଗ୍ରୀଷ୍ମ, ଉଷ୍ଣତା, ଉତ୍ତାପ, ରାଗ । —*v.* ଉଷ୍ଣ- ଗରମ- ତତଲ-ଉତ୍ତପ୍ତ-କ ; ରାଗାନ୍ୱିତ-କ ।
Heath, *s.* ସାନ ଜଙ୍ଗଲୀଗଛ, ଜଙ୍ଗଲ, ପଡ଼ିଆ ।
Heathen, *s.* ଦେବପୂଜକ, ଦେବତାସେବକ ।
Heathenism, *s.* ଦେବପୂଜକଧର୍ମ, ଦେବପୂଜା
Heave, *v.* ଉଠାଇବା, ତୋଳିବା, ଫୋପାଡ଼ିବା; ଦୀର୍ଘ ନିଶ୍ୱାସ ମାରିବା ।
Heaven, *s.* ସ୍ୱର୍ଗ, ଈଶ୍ୱରଙ୍କର ରାଜଧାନୀ; ଆକାଶ ।
Heavenly, *a.* ସ୍ୱର୍ଗୀୟ, ଦିବ୍ୟ, ପାରମାର୍ଥିକ, ଆକାଶୀୟ ।
Heaviness, *s.* ଭାର, ଗୁରୁତ୍ୱ, ବୋଝ, ଖେଦ, ଶୋକ ।
Heavy, *a.* ଭାରି, ଗୁରୁ, ବୃହତ୍, କଷ୍ଟଗ୍ରସ୍ତମନାଃ, ଉଦାସ ।
Hebrew, *s.* ଏବ୍ରୀଭାଷା; ଏବ୍ରୀୟ ଲୋକ ।
Hecatomb, *s.* ଶତ ବଳି, ଯଥା—ଏକଶତ ବୃଷୋତ୍ସର୍ଗ ।
Hectic, *a.* ସ୍ୱାଭାବିକ, ସଦା ତାପଯୁକ୍ତ ।
Hectic, *s.* କ୍ଷୟଜ୍ୱର, ଧାତୁସ୍ଥଜ୍ୱର ।
Hector, *v.* ବଡ଼ାଇ-ଗର୍ବ-କ, ଦାମ୍ଭିକ-ହେ ।
Hedge, *s.* ବାଡ଼, ବାଡ଼ବନ୍ଦ, ଅଟକ ।
Hedgehog, *s.* ଝିଙ୍କ, ଶଜାରୁ ।

Hedger, *s.* ବାଡ଼ବନ୍ଧ କରିବା ଲୋକ ।

Heed, *s.* ସାବଧାନତା, ମନୋଯୋଗ, ସତର୍କତା ।

Heedless, *a.* ଅସାବଧାନ, ଅମନୋଯୋଗୀ, ହେଳାକାରୀ, ଅବିବେଚକ ।

Hell, *s.* ଗୋଇଠୀ, ଗଣ୍ଠି ।

Hegira, *s.* ମହମ୍ମଦ ମକ୍କାରୁ ମଦିନାକୁ ପଳାଇବା ସମୟ, ଯଥା ଇଂରାଜୀ ଗଣନାନୁସାରେ ଜୁଲାଇ ୧୬ ତାରିଖ ୬୨୨ ଖ୍ରୀଃ, ସେ ସମୟରୁ ମୁସଲମାନମାନଙ୍କର ଶକ ଆରମ୍ଭ ହୁଏ ।

Heifer, *s.* ଛଡ଼ା, ଅଳ୍ପ ବୟସ୍କ ମାଈଗୋରୁ ।

Heigh-ho, *int.* ଉହୁ, ଓହୋ, ଇଃ, ଅହା ।

Height, *s.* ଉଚ୍ଚତା, ଉର୍ଦ୍ଧ୍ୱତା, ଉପର, ଉନ୍ନତ

Heighten, *v.* ବଢ଼ାଇବା, ଉତ୍କୃଷ୍ଟ ବୃଦ୍ଧି-ଉଚ୍ଚ-ଉନ୍ନତ-କ ।

Heinous, *a.* ଅତିଶୟ, ଉଗ୍ର, ବଡ଼ମନ୍ଦ ।

Heir, *s.* ଉତ୍ତରାଧିକାରୀ, ଉଆରସ ।

Heiress, *s.* ଉତ୍ତରାଧିକାରିଣୀ । [ରସ ।

Heirless, *a.* ଉତ୍ତରାଧିକାରୀ ରହିତ, ବେଉଆ-

Heirloom, *s.* ପିତାଠାରୁ ପୁତ୍ରକୁ ପୁରୁଷାନୁକ୍ରମେ ଦତ୍ତ ବସ୍ତୁ ।

Heirship, *s.* ଉତ୍ତରାଧିକାରିତ୍ୱ ।

Hell, *s.* ନରକ, ପାପୀ ଲୋକଙ୍କ ଯନ୍ତ୍ରଣାସ୍ଥାନ ।

Hellish, *a.* ନାରକୀୟ, ମହାଦୁଷ୍ଟ, ଅତିମନ୍ଦ ।

Helm, *s.* ମଙ୍ଗଧର, ନୌକାକର୍ଣ୍ଣ ।

Helmet, *s.* ଟୋପ, ଯୁଦ୍ଧର ଟୋପିବିଶେଷ ।

Helmsman, *s.* କର୍ଣ୍ଣଧାର, ନାଉରିଆ, ମାଝି, ନହିଆ ।

Help, *s.* ଉପକାର, ସାହାଯ୍ୟ, ଅନୁକୂଳ, ଉପାୟ ।—*v.* ଉପକାର- ସାହାଯ୍ୟ- ପ୍ରତିକାର-ସହାୟତା-କ ।

Helpless, *a.* ଉପାୟରହିତ, ଗତିହୀନ, ଦୀନହୀନ, ଅନାଥ, କାତର ।

Helter-skelter, *ad.* ଗୋଳମାଳପୂର୍ବକ ।

Hem, *s.* ମୋଡ଼ା, ବସ୍ତ୍ରର କିନାର ବା ଦଶୀ, ଅଞ୍ଚଳ ।—*v.* ଲୁଗାର ଦଶୀ ବା କାନି ସିଲାଇ-କ; ବନ୍ଦ-କ, ଘେରିବା ।

Hemisphere, *s.* ଅର୍ଦ୍ଧଗୋଲକ, ଭୂଗୋଲକର ଅର୍ଦ୍ଧଭାଗ ।

Hemistich, *s.* ଅର୍ଦ୍ଧଶ୍ଲୋକ ବା ଛନ୍ଦ ।

Hemlock, *s.* ବିଷବୃକ୍ଷବିଶେଷ ।

Hemorrhage, *s.* ରକ୍ତପତନ, ରକ୍ତସ୍ରାବ,

Hemorrhoids, *s.* ଅର୍ଶରୋଗ । [ଅରିଶ ।

Hemp, *s.* ଛଣପଟ, ଛଣପାଟ ।

Hen, *s.* କୁକୁଡ଼ୀ, କୁକୁଟୀ, ମୁରଗୀ ।

Hence, *ad.* ଏସ୍ଥାନରୁ, ଏସମୟରୁ; ଏହେତୁ ।—*int.* ଦୂରହୁଅ, ଦୂରହୁର ।

Henceforth, *ad.* ଏକାଳରୁ, ଏଉତ୍ତରୁ ।

Hencoop, *s.* କୁକୁଡ଼ାର ପଞ୍ଜର ବା ଟପା ।

Henpecked, *a.* ସ୍ତ୍ରୀବଶ, ସ୍ତ୍ରୈଣ, ଭାର୍ଯ୍ୟାର ଅଧୀନ । [ଶାଳା ।

Henroost, *s.* ମୁରଗୀର ବାସସ୍ଥାନ, ମୁରଗୀ-

Heptagon, *s.* ସପ୍ତକୋଣାକୃତି, ସାତକଣିଆ ।

Heptarchy, *s.* ଇଂଲଣ୍ଡଦେଶର ପୂର୍ବ ସାତ ରାଜ୍ୟ । [ବାହକ ।

Herald, *s.* ଘୋଷକ, ଦୂତ, ଅଗ୍ରଗାମୀ, ବାର୍ତ୍ତା-

Heraldry, *s.* ବଂଶାବଳି ବିବରଣ, କୁଳାଦର୍ଶ ।

Herb, *s.* ତୃଣ, ଶାକ, ଲତା; ଔଷଧି ।

Herbage, *s.* ଶାକତୃଣାଦି ।

Herbal, *s.* ବୃକ୍ଷବିବରଣଜ୍ଞାପକ ପୁସ୍ତକ ।

Herculean, *a.* ଅତିବଳବାନ୍, ମହାବଳିଷ୍ଠ, ବୃହତ, ଦୁଷ୍କର ।

Herd, *s.* ଗୋଠ, ଯୂଥ, ପଲ; ଲୋକର ଗହଳ ।—*v.* ଏକତ୍ର-ପଲସ୍ଥ-ଜମା-ହେ ।

Here, *ad.* ଏଠାରେ, ଏଣେ, ଏଅବେ, ଏସ୍ଥାନରେ । [ପ୍ରଦେଶରେ ।

Hereabouts, *ad.* ଏହି ସ୍ଥାନର ମଧ୍ୟେ, ଏହି

Hereafter, *ad.* ଏହାପରୁ, ଏସମୟରୁ, ଏହାପରେ ।—*s.* ପରଲୋକ ।
Hereby, *ad.* ଏହାଦ୍ୱାରା, ଏଥିରେ, ଏତଦ୍ୱାରା ।
Hereditary, *a.* ପୈତୃକ, ବଂଶାଗତ, ମୌରସି ।
Herein, *ad.* ଏଥିମଧ୍ୟରେ, ଏଥିରେ ।
Hereof, *ad.* ଏହା ବିଷୟରେ, ଏହାଠାରୁ, ଏହାର ।
Hereon, Hereupon, *ad.* ଏହା ଉପରେ, ଏଥିରେ ।
Heresy, *s.* ସ୍ଥାପିତ ଧର୍ମ ବିରୁଦ୍ଧ ମତ ।
Heretic, *s.* ଧର୍ମର ସ୍ଥାପିତ ମତର ବିରୋଧୀ ।
Heretofore, *ad.* ଏଥିପୂର୍ବେ, ପୂର୍ବକାଳରେ, ଅଗ୍ରେ ।
Hereunto, *ad.* ଏତଣିକି, ଏ ପର୍ଯ୍ୟନ୍ତରେ ।
Herewith, *ad.* ଏହା ସହିତ, ଏଥି ସଙ୍ଗରେ ।
Heritage, *s.* ପୈତୃକଧନ, ଉତ୍ତରାଧିକାର ।
Hermaphrodite, *s.* ଦ୍ୱିଲିଙ୍ଗଯୁକ୍ତଜନ୍ତୁ, କ୍ଲୀବ
Hermit, *s.* ବନବାସୀ, ତପସ୍ୱୀ, ମୁନି, ଯୋଗୀ ।
Hermitage, *s.* ବନର ଆଶ୍ରମ ବା ବାସସ୍ଥାନ ।
Hernia, *s.* ଗିଳୁଟି, ଅନ୍ତ୍ରକୋଷ, ଅନ୍ତ୍ରବୃଦ୍ଧି ।
Hero, *s.* ବୀର, ଶୂର, ଯୋଦ୍ଧା, ବିକ୍ରାନ୍ତ ।
Heroic, *a.* ସାହସୀ, ଉତ୍ତମ, ବୀରବିଷୟକ ।
Heroine, *s.* ବୀରା, ସାହସିକା ସ୍ତ୍ରୀ ।
Heroism, *s.* ବୀରତ୍ୱ, ଉତ୍ସାହ, ବୀରଧର୍ମ ।
Heron, *s.* ବକ, ଗେଣ୍ଡାଳିଆ ।
Herring, *s.* ସମୁଦ୍ରମାଛ ବିଶେଷ ।
Herself, *pro.* ସେ ନିଜେ ବା ଆପେ ।
Hesitate, *v.* ସନ୍ଦେହ- ସଂଶୟ-ବିଲମ୍ବ-କ ।
Hesitation, *s.* ସନ୍ଦେହ, ସଂଶୟ, ଅସ୍ଥିରତା ।
Heterodox, *a.* ପ୍ରଚଳିତ ମତର ବିରୁଦ୍ଧ, ବିଧର୍ମୀ, ଶାସ୍ତ୍ରବିରୁଦ୍ଧ ।
Heterogeneous, *a.* ସ୍ୱଭାବରେ ଭିନ୍ନ, ଅସମାନ ଜାତୀୟ ।
Hew, *v.* କାଟିବା, ହାଣିବା, ଛେଦନ-କ ।
Hexagon, *s.* ଷଟ୍କୋଣାକୃତି ।
Hexameter, *s.* ଛପାଦଅ ଶ୍ଲୋକ ।
Hey ! *int.* ହର୍ଷବୋଧକ ଶବ୍ଦ, ହାଃହାଃ, ଭଲ ଭଲ ।
Haitus, *s.* ଛିଦ୍ର, ଶୂନ୍ୟ ।
Hiccup, Hiccough, *s.* ହିକ୍କା, ହେଟ୍କି, ହାକୁଟି ।
Hide, *v.* ଗୁପ୍ତ-କ, ଲୁଚାଇ ରଖିବା, ଘୋଡାଇବା, ଛାପି-ଦେ ।
Hide, *s.* ପଶୁଚର୍ମ, ଚମ, ଚର୍ମ, ।
Hide-and-seek, *s.* ଲୁଚକାଳିଖେଳା, ଲୁଚଉଖେଳ ।
Hideous, *a.* ଭୟଙ୍କର, କଦାକାର, ଘୋର, କୁତ୍ସିତ ।
Hie, *v.* ଶୀଘ୍ରଗମନ-କ, ବେଗେଯିବା ।
Hierarchy, *s.* ପୁରୋହିତମଣ୍ଡଳୀ, ଧର୍ମସମ୍ବନ୍ଧୀୟ ସଙ୍ଘ ।
Hieroglyphic, *s.* ଛବିଦେଇ ଲିଖନ, ଚିତ୍ରଲେଖାବିଶେଷ ।
Higgle, *v.* ଓଜନ ବା କଳି କରି ଦ୍ରବ୍ୟର ମୂଲ୍ୟ-କ ।
Higgledy-piggledy, *ad.* ଓଲଟାପାଲଟାଭାବେ ।
High, *a.* ଉଚ୍ଚ, ବଡ, ଊର୍ଦ୍ଧ୍ୱ, ଉନ୍ନତ, ପ୍ରଧାନ, ଉଦ୍ଧତ ।
High-court, *s.* ବଡ଼ ଅଦାଲତ ।
Highland, *s.* ପାର୍ବତୀୟ ବା ପାହାଡ଼ିଆଦେଶ
Highlander, *s.* ପାର୍ବତୀୟଲୋକ, ପାହାଡ଼ିଆ ।
Highly, *ad.* ଅତିଶୟ ବା ଉତ୍ତମ ବା ଅତ୍ୟନ୍ତରୂପେ ।
High-minded, *a.* ଗର୍ବିତ, ଅହଂକାରୀ, ଅଭିମାନୀ, ମହାମନା ।
Highness, *s.* ଉଚ୍ଚତା, ମହତ୍ତ୍ୱ; ମହାମହିମା ।
High-tide, *s.* ପୂର୍ଣ୍ଣଜୁଆର, ଜୁଆର ।
High-treason, *s.* ମହା ରାଜଦ୍ରୋହ ।
Highway, *s.* ସଡକ, ରାଜପଥ, ରାଜଦାଣ୍ଡ ।
Highwayman, *s.* ଡକାଇତ, ବାଟପାଡୁ, ଗଣ୍ଠି ।

High-wrought, *a.* ସୁନିର୍ମିତ, ଉତ୍ତମ ନିର୍ମିତ ।
Hilarity, *s.* ହର୍ଷ, ଆନନ୍ଦ, ଆହ୍ଲାଦ, ଗର୍ବ ।
Hill, *s.* କ୍ଷୁଦ୍ର ପର୍ବତ ବା ଗିରି, ଉପପର୍ବତ, ସ୍ଥାନ ପାହାଡ଼ ।
Hillock, *s.* ଢିପ, ଉଚ୍ଚଭୂମି, ଅଳ୍ପଉଚ୍ଚ ଗିରି ।
Hilly, *a.* ପର୍ବତମୟ, ପାର୍ବତୀୟ, ଉଚ୍ଚନୀଚ ।
Hilt, *s.* ଖଣ୍ଡାଦିର ମୁଠା, ତରୁଆରର ବେଣ୍ଟ ।
Him, *pro.* ତାହାକୁ, ଏହାକୁ ।
Himself, *pro.* ସେ ଆପେ ବା ନିଜେ ।
Hind, *s.* ହରିଣୀ, ମୃଗୀ ; ଚଷା, ଗୌଡ ।
Hinder, *a.* ପଶ୍ଚାତ୍, ପଛେ । [ବାରଣ-କ ।
Hinder, *v.* ବାଧା-ଦେ, ଅଟକାଇବା, ନିଷେଧ-
Hinderance, *s.* ବାଧା, ଅଟକ, ନିଷେଧ, ପ୍ରତିବନ୍ଧକ ।
Hindmost, *a.* ସର୍ବଶେଷ, ଅନ୍ତ୍ୟ, ପଛୁଆ, [ପଛ ।
Hinge, *s.* କବ୍ଜା, ଦ୍ୱାରର ହାଁସକଳ ।
Hint, *s.* ଇଙ୍ଗିତ, ସଙ୍କେତ, ଇଶାରା, ଠାର ।
—*v.* ସଙ୍କେତ-କ, ଠାରିବା, ଇଶାରା-କ ।
Hip, *s.* କୋଡ଼ପାଖ, ଊରୁଦେଶର ସନ୍ଧି ।
Hip, hip, hurrah! *int.* ଆନନ୍ଦର ଧ୍ୱନିବିଶେଷ ।
Hire, *s.* ଭଡ଼ା, ବେତନ, ମୂଲ୍ୟ ।—*v.* ଭଡ଼ା-କ, ବେତନ-ଦେ । [ଗ୍ରାହୀ ।
Hireling, *s.* ଟଙ୍କା ଲୋକ, ମୂଲିଆ, ବର୍ତ୍ତନ-
His, *pro.* ତାହାର, ଏହାର ।
Hiss, *s.* ସର୍ପର ରବ ; ତୁଚ୍ଛଜ୍ଞାନବୋଧକ ଶବ୍ଦ ।
—*v.* ସର୍ପପ୍ରାୟ ଶବ୍ଦ-କ, ଅନାଦର ଦେଖାଇ ଉକ୍ତ ଶବ୍ଦ-କ ।
Hist, *int.* ଚୁପ୍, ତୁନି ହୁଅ ।
Historian, *s.* ଇତିହାସ ଲେଖକ ।
Historical, *a.* ଚରିତ୍ର ବା ଇତିହାସ ସମ୍ବନ୍ଧୀୟ
History, *s.* ଚରିତ୍ର, ଇତିହାସ, ଉପାଖ୍ୟାନ ।
Hit, *s.* ମାରଣ, ଆଘାତ ; ଠୋକର, ପେଟନ ; ସୌଭାଗ୍ୟର ପ୍ରୟୋଗ ।—*v.* ମାରିବା, ଆଘାତ-କ, ପେଟିବା ; ଠୋକର ପାଇବା ।
Hitch, *s.* ଫାଶ, ରଜ୍ଜୁଗଣ୍ଠି ; ଅଟକ, ବନ୍ଧ ।
Hither, *ad.* ଏଠାରେ, ଏସ୍ଥାନରେ, ଏଆଡ଼େ ।
Hither & thither, *ad.* ଏଣେତେଣେ, ଏଆଡ଼େ ସେଆଡ଼େ । [ପର୍ଯ୍ୟନ୍ତ ।
Hitherto, *ad.* ଏପର୍ଯ୍ୟନ୍ତ, ଏଯାବତ, ଅଦ୍ୟ-
Hive, *s.* ମହୁଫେଣା, ମହୁବସା ।
Hoar, Hoary, *a.* ଶୁକ୍ଳବର୍ଣ୍ଣ, ପାଚିଲା, ପାକିଲା ବାଳଯୁକ୍ତ ।
Hoard, *s.* ପୁଞ୍ଜି, ସଞ୍ଚୟ, ସଞ୍ଚିତ ଧନାଦି ।—*v.* ପୁଞ୍ଜି-ପକା-କ, ଜମା-ସଞ୍ଚୟ-କ ।
Hoarfrost, *s.* କାକର, ହିମ ।
Hoarse, *a.* ସ୍ୱର ବା ଗଳାଭଙ୍ଗ ।
Hoax, *s.* କୌତୁକ, ଫାଙ୍କି, ପ୍ରବଞ୍ଚନା ।
Hobble, *v.* ଛୋଟାଇ ବା ଲେଙ୍ଗଡ଼ାଇ ଚାଲିବା ।
Hobby, *s.* ଯେ ବିଷୟରେ ମନ ଆସକ୍ତ ହୁଏ ।
Hobgoblin, *s.* ଭୂତ, ପିଶାଚ, ନିଶାଚର ।
Hobnail, *s.* ଯେ ଭାର ଘୋଡ଼ାନାଲର କଣ୍ଟା ।
Hod, *s.* ଇଟା ସୁର୍କିର ମସଲାର ପାତ୍ର ।
Hoe, *s.* କୋଡ଼, କୋଦାଳ, ଖୋଳିବା ଅସ୍ତ୍ର ।
—*v.* କୋଦାଳ ଦ୍ୱାରା ହାଣିବା ବା କାଟିବା ।
Hog, *s.* ଶୂକର, ବରାହ, ଘୁଷୁରି ।
Hogshead, *s.* ପାଞ୍ଚ ମହଣ ଅଠାଇଶ ସେର ପରିମାଣ ପିପା । [ଉଚ୍ଚ-କ ।
Hoist, *v.* ଉଠାଇବା, ତୋଳିବା, ଟେକିବା,
Hold, *s.* ଧାରଣ, ହସ୍ତଗ୍ରହଣ ; କାରାଗାର ; ଜାହାଜର ଖୋଲ ବା ତଳ ; ଶକ୍ତି, ପରାକ୍ରମ, ଅଧିକାର ।—*v.* ଧରିବା, ରଖିବା, ରକ୍ଷା-କ ; ଅଟକାଇବା, ବିବେଚନା-ମତ, ଗ୍ରହଣ-କ, ଭୋଗ-କ, ଦଖଲରେ ରଖିବା ।—*int.* ରହ ; ଛାଡ଼ ବା ସ୍ଥିର ହୁଅ, ଚୁପ୍ ।

Hole, *s.* ଗର୍ତ୍ତ, ଗାତ, ରନ୍ଧ୍ର, ବିଲ, ଛିଦ୍ର, ଫାଙ୍କ ।
Holiday, *s.* ଉତ୍ସବ ଦିନ, ବିଶ୍ରାମ କାଳ, ଛୁଟୀ ।
Holiness, *s.* ଧାର୍ମିକତା, ପବିତ୍ରତା ଶୁଦ୍ଧସତ୍ତ୍ୱଭାବ, ଶୁଚିତା, ସାଧୁତା ।
Holla! Holloa! *int.* ଅରେ, ଓହେ, ଓରେ
Holla, Holloa, *v.* ଉଚ୍ଚୈଃସ୍ୱରରେ ଡାକିବା
Hollow, *s.* ଖୋଲ, କୋଟର, ଗର୍ତ୍ତ, ଫୋଲ ।—*a.* ଫମ୍ପା, ଶୂନ୍ୟ, ଖାଲି, ଭଣ୍ଡ; ଅସରଳ ମିଥ୍ୟା ।
Holster, *s.* ଘୋଡାସବାରର ପିସ୍ତଲର ଖାପ ।
Holy, *a.* ପବିତ୍ର, ଧାର୍ମିକ, ପୁଣ୍ୟବାନ୍ ।
Holy-Ghost, *s.* ପବିତ୍ର ଆତ୍ମା, ଧର୍ମାତ୍ମା ।
Homage, *s.* ରାଜସେବା ; ପୂଜା, ଉପାସନା, ପ୍ରଣାମ, ଆଦର ।
Home, *s.* ନିଜ ଗୃହ ବା ଘର, ବାସସ୍ଥାନ, ନିଜ [ଦେଶ ।
Homeborn, *a.* ଗୃହଜାତ, ଘରେ ପାଳିତ, ଘରୁଆ । [ଅସଭ୍ୟତା ।
Homeliness, *s.* ଅସୌନ୍ଦର୍ଯ୍ୟ, କୁରୂପତା,
Homely, *a.* ସାମାନ୍ୟ, ଅଶିଷ୍ଟ, ଅସୁନ୍ଦର, ମଫସଲି । [ମୋଟା, ଦେଶୀ ।
Homemade, *a.* ଗୃହନିର୍ମିତ ବା ଜାତ.
Homewards, *ad.* ଘରଆଡେ, ସ୍ୱଗୃହର ଅଭିମୁଖେ । [ହତ୍ୟା ।
Homicide, *s.* ହତ୍ୟା, ନରହତ୍ୟା, ଖୁଣ, ବଧ,
Homily, *s.* ଧର୍ମୋପଦେଶ ।
Homogeneous, *a.* ସମ ପ୍ରକାର ବା ବର୍ଣ୍ଣ, ଏକଜାତୀୟ ଉପାଦାନବିଶିଷ୍ଟ । [ପଥର ।
Hone, *s.* ଶାଣ, କ୍ଷୁରବ ତୀକ୍ଷ୍ଣକାର ଶିଳ ବା
Honest, *a.* ସରଳ, ଅକପଟ, ବିଶ୍ୱସ୍ତ, ଯଥାର୍ଥ ।
Honesty, *s.* ସରଳତା, ଅକାପଟ୍ୟ, ସତ୍ୟତା, ବିଶ୍ୱସ୍ତତା ।
Honey, *s.* ମଧୁ, ମହୁ, ପୁଷ୍ପରସ ।
Honey-comb, *s.* ମହୁଫେଣା ବା ଚକ ।
Honeymoon, *s.* ବିବାହ ଉତ୍ତାରୁ ପ୍ରଥମ ମାସ ।
Honorary, *a.* ସମ୍ମାନଶାଳୀ, ମର୍ଯ୍ୟାଦାସୂଚକ; ଅବୈତନିକ ।
Honour, *s.* ସମ୍ମାନ, ଗୌରବ, ମର୍ଯ୍ୟାଦା, ସମ୍ମାନ, ଆଦର ।—*v.* ସମ୍ମାନ- ସମ୍ମାନ-ମର୍ଯ୍ୟାଦା-ଆଦର-କ ।
Honourable, *a.* ମାନ୍ୟ, ସମ୍ମାନ୍ତ, ମର୍ଯ୍ୟାଦାବନ୍ତ, ସରଳ, ଯଥାର୍ଥ ।
Hood, *s.* ମସ୍ତକାବରଣ, ଟୋପିବିଶେଷ : ଫଣା ।
Hoodwink, *v.* ଆଖିବନ୍ଦ ବା ସେଧ-କ, ଭୁଲାଇବା ।
Hoof, *s.* ପଶୁଙ୍କର ଖୁର ବା ଖୁରା, ଖୁମା ।
Hook, *s.* ଅଙ୍କୁଶ, ଅଙ୍କୁଶୀ; ବଡିଶ; ବନ୍ଦଶୀକଣ୍ଟା ।—*v.* ଅଙ୍କୁଶଦ୍ୱାରା ଧରିବା, ଫାନ୍ଦରେ ପକାଇବା ।
Hooked, *a.* ବଙ୍କା, ଅଙ୍କୁଶପରି ।
Hoop, *s.* ପେଟାପଟର ବା ଶାମୀ ।
Hooping-cough, *s.* ବାଳକର ସ୍ୱାସ କାଶ
Hoot, *v.* ହୋ ହୋ କରି ତଡ-ଦେ, ପେଚକର ରବ-କ । [ମାରିବା, ନୃତ୍ୟ-କ ।
Hop, *v.* ଏକ ଗୋଡରେ ଡେଇଁବା ବା କୁଦା
Hop, *s.* ବୃକ୍ଷବିଶେଷ; ଏକ ପାଦରେ ଡିଆଁ ।
Hope, *s.* ଭରସା, ଆଶା, ପ୍ରତ୍ୟାଶା, ଅପେକ୍ଷା ।
Hopeful, *a.* ଆଶା ବା ଭରସାଯୁକ୍ତ, ପ୍ରତ୍ୟାଶୀ
Hopeless, *a.* ନିରାଶ, ଭରସାହୀନ, ଅନାଶ୍ରୟ, ନିରୁପାୟ ।
Horde, *s.* ଅସଭ୍ୟଲୋକର ଦଳ ବା ଝୁଣ୍ଡ ।
Horizon, *s.* ଦିଗନ୍ତ ମଣ୍ଡଳ, ଭୂମଣ୍ଡଳର ଦୃଷ୍ଟିସୀମା ।
Horizontal, *a.* ସମଭୂମି, ଭୂମଣ୍ଡଳବତ୍ ବର୍ତ୍ତୀ ।
Horn, *s.* ଶୃଙ୍ଗ, ଶିଙ୍ଗା, ତୂରୀବିଶେଷ, ରଣ- [ଶିଙ୍ଗା ।
Hornet, *s.* ବିରୁଡିବିଶେଷ ।
Hornpipe, *s.* ନୃତ୍ୟ ବା ବାଦ୍ୟବିଶେଷ ।
Horoscope, *s.* ଜନ୍ମପତ୍ରିକା, ଜାତକ, କୋଷ୍ଠୀ

Horrible, *a.* ଭୟାନକ, ଦାରୁଣ, ଭୀଷଣ, ଭୟଙ୍କର, ଘୋର । [ଭୟ ଦେଖାଇବା ।

Horrify, *v.* ରୋମ ଟାଙ୍କୁରିବା, ଷ୍ଟଭ-କ.

Horror, *s.* ମହାଶଙ୍କା, ଡର, ଭୟ, ଘୃଣା-ଯୁକ୍ତଭୟ ।

Horse, *s.* ଅଶ୍ୱ, ଘୋଡା, ତୁରଙ୍ଗ, ବାଜୀ. ଲୁଗାଦି ରଖିବା କାଠବିଶେଷ ।

Horseback, *s.* ଅଶ୍ୱାରୋହଣ, ଘୋଡାସବାର

Horse-dealer, *s.* ଅଶ୍ୱବେପାରୀ, ଅଶ୍ୱବ୍ୟବ-ସାୟୀ ।

Horse-laugh, *s.* ଠୋଠୋ ହସ ।

Horse-leech, *s.* ବଡ ଜୋକ ।

Horseman, *s.* ଅଶ୍ୱାରୂଢ, ଘୋଡସବାର ।

Horsemanship, *s.* ଅଶ୍ୱାରୋହଣବିଦ୍ୟା ।

Horse-race, *s.* ଘୋଡ଼ାଦୌଡ, ଘୋଡା-ଦୌଡ଼ଖେଳ ।

Horse-shoe, *s.* ଘୋଡାର ନାଲ, ନାଲ ।

Horse-whip, *s.* ଘୋଡା ଚାବୁକ, କୋରଡା ।

Horticulture, *s.* ବଗିଚା ବା ଉଦ୍ୟାନବିଦ୍ୟା ।

Hosanna, *s.* ଈଶ୍ୱରଙ୍କରଅନୁବାଦ, ସ୍ତବବାକ୍ୟ

Hose, *s.* ମୋଜା, ପାଦାବରଣ ; ଜଳ ବହିବା ନିମନ୍ତେ ନମନୀୟ ନଳ ।

Hosier, *s.* ମୋଜାବେପାରୀ, ଉଦ୍ୟବସାୟୀ ।

Hospitable, *a.* ଅତିଥିସେବକ, ଅତିଥ୍ୟଶୀଳ. ପରସେବକାରୀ । [ଚିକିତ୍ସାଳୟ ।

Hospital, *s.* ଚିକିତ୍ସାଳୟ, ଦାତବ୍ୟ ଚି.

Hospitality, *s.* ଅତିଥିସେବା, ଅତିଥ୍ୟ ।

Host, *s.* ଭୋଜନଦାତା, ଅତିଥିସେବକ; ସେ-ନାର୍ ଗୀର୍ଜାରେ ବଳିବିଶେଷ; ସେନାସମୂହ ।

Hostage, *s.* ମନୁଷ୍ୟବନ୍ଧକ, ଜାମୀନ, ଲଗା ।

Hostile, *a.* ବିପକ୍ଷ, ପ୍ରତିକୂଳ, ବିପରୀତ, ଶତ୍ରୁବତ୍

Hostility, *s.* ପ୍ରତିକୂଳତା, ଶତ୍ରୁତା, ବିପକ୍ଷତା ।

Hot, *a.* ଉଷ୍ଣ, ଗ୍ରୀଷ୍ମ, ତପ୍ତ, ଗରମ ।

Hothouse, *s.* ବୃକ୍ଷ ରକ୍ଷାଦନାର୍ଥ ଘର ।

Hough, *s.* ପଶୁର ପଚ୍ଛଗୋଡର ଗଣ୍ଠି ।— —*v.* ଜଂଘାସ୍ନାୟୁ କାଟିବା । [ଜୁଆ ।

Hound, *s.* ଶିକାରୀ କୁକୁରବିଶେଷ. ଡାହାଳ

Hour, *s.* ଘଡି,ଘଣ୍ଟା,ଘଟିକା, ଅଢାଇଦଣ୍ଡକାଳ

Hour-glass, *s.* ବାଲିଘଡି,କାଳନିରୂପକ ଯନ୍ତ୍ର

Houri, *s.* ବିଦ୍ୟାଧରୀ, ଅପ୍ସରା ।

Hourly, *a.* ଘଡିକି, ଦଣ୍ଡେକି, କ୍ଷଣେକି,ନିତ୍ୟ ।

House, *s.* ଘର, ଗୃହ, ବସତି. ବାସସ୍ଥାନ. ବଂଶ, କୁଳ; ସଭା ।—*v.* ଘରେ ଆଶ୍ରୟ ବା ସ୍ଥାନ-ଦେ । [ଚୋର ।

House-breaker, *s.* ସିନ୍ଧାଳ, ସନ୍ଧିଚୋର,

Household, *s.* ଘରଜନ, ଘରଲୋକ ।

House-holder, *s.* ଗୃହସ୍ଥ, ଗୃହପତି, ଗୃହ-କର୍ତ୍ତା, ଗୃହୀ । [ବ୍ୟାପାର ।

Housekeeping, *s.* ଗୃହକାର୍ଯ୍ୟ ବା ଧର୍ମ ବା

*Housemaid*, *s.* ଦାସୀ, ଚାକରାଣୀ, ଘର-ଚାକର । [ପରସ୍ତ୍ରୀ ।

Housewise, *s.* ଗୃହିଣୀ, ଘରଣୀ, କୁଳସ୍ତ୍ରୀ,

Housewifery, *s.* ଗୃହିଣୀପଣ, ଗୃହକାର୍ଯ୍ୟର

Hovel, *s.* କୁଡିଆଘର, କୁଟୀର । [କର୍ତ୍ତୃତ୍ୱ ।

Hover, *v.* ଆକାଶରେ ଉଡି ବୁଲିବା ।

*How*, *ad.* କେମନ୍ତ, କିପ୍ରକାରେ, କିରୂପେ ।

Howbeit, *ad.* ସେ ଯାହାହେଉ,ତେବେହେଁ ।

However, *ad.* ତଥାପି, ତଥାଚ, ଯେରୂପେ, ଯେ ଯାହା ହେଉ ।

Howitzer, *s.* ବଡମୁହଁ କମାଣବିଶେଷ ।

Howl, *s.* କୁକୁର ବା ବିଲୁଆର ରବ; ଦୁଃଖ-ହେତୁ ଶବ୍ଦ ।—*v.* ଚିତ୍କାର-ରୋଦନ-ହାହା-କାର-ବିଳାପ-କ ।

Hubub, *s.* କଳହ, ଗୋଳମାଳ, କୋଳାହଳ

Huckster, *s.* ପଇକାର, ନାନାଦ୍ରବ୍ୟ ବିକିବା ଲୋକ ।

Huddle, *v.* ଲଟ୍ଟଭଣ୍ଡରେ-ଅସ୍ତବ୍ୟସ୍ତ କର୍ମ-କ; ଭିଡ଼-ହେ ।
Hue, *s.* ବର୍ଣ୍ଣ, ରଙ୍ଗ; ଗୋଳ, କଳରବ ।
Huff, *s.* ରାଗ, ହଠାତ୍ କ୍ରୋଧ, ଅଭିମାନ ।—*v.* ଦମ୍ଭ ଗର୍ଜ୍ଜନ-କ ।
Hug, *v.* କୋଳେ- ଆଲିଙ୍ଗନ-କ, କୁଣ୍ଡାଇ ଧରିବା ।
Huge, *a.* ପ୍ରକାଣ୍ଡ, ମହା, ବୃହତ୍, ଅତିବଡ଼ ।
Hulk, *s.* ପୁରୁଣା ଜାହାଜର ଖୋଳମାତ୍ର ।
Hull, *s.* ଜାହାଜର ଦେହ ବା ଖୋଳା; ଛିଲ୍ ।
Hum, *s.* ମହୁମାଛିର ଧ୍ୱନି, ଭଣଭଣଶବ୍ଦ, ଗୁଁ-ଗୁଁ-ଶବ୍ଦ । [ଗାସ୍ ।
Human, *a.* ମାନୁଷିକ, ମନୁଷ୍ୟ ଜାତୀୟ, ମାନ·
Humane, *a.* ଦୟାଳୁ, କୃପାବନ୍ତ, ସସ୍ନେହ-କାଷ୍ଟ, ସ୍ନେହୀ ।
Humanity, *s.* ମନୁଷ୍ୟତ୍ୱ; ମାନବଗଣ; ଦୟା, ପରହିତେଚ୍ଛା । [ମାନବଗଣ ।
Humankind, *s.* ମନୁଷ୍ୟଜାତି, ମନୁଷ୍ୟବର୍ଗ,
Humanly, *ad.* ମନୁଷ୍ୟଭାବେ, ଭଦ୍ରଭାବେ
Humble, *a.* ବିନୀତ, ଅଗର୍ବ, ବିନୟୀ, ନମ୍ର, କୋମଳ, ନୀଚ, କ୍ଷୁଦ୍ର ।—*v.* ନମ୍ର-ଦମନ-ନୀଚ-ବଶ-କ; ଅପ୍ରତୁ-କ ।
Humble-bee, *s.* ଭଅଁର, ଭ୍ରମର, ଭୃଙ୍ଗ, ଅଳି
Humbly, *ad.* ନମ୍ରଭାବରେ, ବିନୟପୂର୍ବକ ।
Humbug, *s.* ପ୍ରତାରଣା, ପ୍ରବଞ୍ଚନା; ଠକ ।
Humid, *a.* ଓଦା, ଭିଜା, ସଜଳ । [ଭାବ ।
Humidity, *s.* ସଜଳଭାବ, ଆର୍ଦ୍ରତା, ଜଳୀଅ-
Humiliation, *s.* ନୀଚତା, ଦରିଦ୍ରତା; ନମ୍ରତାଚରଣ, ଅନାଦର । [ହୀନତା ।
Humility, *s.* ନମ୍ରତା, ଅନହଙ୍କାର, ଗର୍ବ-
Humming-bird, *s.* ଅତିକ୍ଷୁଦ୍ର ପକ୍ଷିବିଶେଷ ।
Humorist, *s.* ରସିକ, ଭଣ୍ଡ, ପରିହାସକ ।
Humorous, *a.* ପରିହାସକ, କୌତୁକୀ ।
Humour, *s.* ରସ, ଜଳ; ଧାତୁ; ଇଚ୍ଛା, ସ୍ୱଭାବ, ଖୋଧ, ମେଜାଜ; ଖୁସି; ବିରକ୍ତି ।—*v.* ତୁଷ୍ଟ-କ, ଅନୁସରି-ଚଳ ।
Hump, *s.* କୁଜ, କକୁଦ, କୁବ୍ଜ; ଟିଙ୍ଗା ।
Humpback, *s.* କୁଜା, କୁବ୍ଜା, ବକ୍ରପୃଷ୍ଠ ।
Hundred, *s.* ଶ, ଶତ, ଶହ, ଶତସଂଖ୍ୟା ।
Hunger, *s.* ଭୋକ, କ୍ଷୁଧା, ବୁଭୁକ୍ଷା, ଲାଳସା ।
Hungry, *a.* କ୍ଷୁଧିତ, ବୁଭୁକ୍ଷିତ, ଭୋକିଲା, କ୍ଷୁଧାର୍ତ୍ତ । [ଖୋଜିବା ।
Hunt, *v.* ଶିକାର-ମୃଗୟା-କ, ଗୋଡ଼ାଇବା;
Hunting, *s.* ମୃଗୟା, ଶିକାର, ଅନ୍ୱେଷଣ ।
Huntsman, *s.* ଶିକାରୀ, ବ୍ୟାଧ, ମୃଗୟାକାରୀ ।
Hurdle, *s.* ତାଟିବାଡ଼, ଗାଡ଼ିବିଶେଷ ।
Hurl, *v.* ବେଗେ ନିକ୍ଷେପ-କ, ପକାଇ-ଦେ ।
Hurly-burly, *s.* କଳହ, କୋଳାହଳ, ହଡ଼ବଡ଼ । [ଶାବାସ ।
Hurrah, *int.* ଜୟଧ୍ୱନି, ଜୟ୨କାର, ଭଲ୨,
Hurricane, *s.* ଝଡ଼, ତୋଫାନ, ପ୍ରଚଣ୍ଡବାୟୁ ।
Hurry, *s.* ବ୍ୟସ୍ତତା, ତ୍ୱରା, ବେଗ, ବିହ୍ୱଳ, ଶୀଘ୍ରତା ।—*v.* ଶୀଘ୍ର- ବ୍ୟସ୍ତ-ତ୍ୱରା-କ ।
Hurt, *s.* ଘା, କ୍ଷତ, ହାନି, ଚୋଟ, ହିଂସା, ଅନିଷ୍ଟ —*v.* ହାନି-କ୍ଷତି-କ, ବ୍ୟଥା-ଦେ ।
Hurtful, *a.* ମନ୍ଦ, କ୍ଷତିଜନକ, ଅପକାରକ, ଅହିତକାରୀ, ହିଂସକ । [ବ୍ୟୟୀ ।
Husband, *s.* ସ୍ୱାମୀ, ପତି, ଭର୍ତ୍ତା; ପରିମିତ-
Husband, *v.* ପରିମିତବ୍ୟୟ-କ, ବୁଦ୍ଧିକରି ବା ଅଟକଳ କରି ବ୍ୟୟ-କ ।
Husbandman, *s.* ଚାଷା, କୃଷକ, କୃଷାଣ ।
Husbandry, *s.* କୃଷି ବା କୃଷିକର୍ମ, କୃଷାଣି ।
Hush, *int.* ଚୁପ୍, ଚୁପ୍ ବା ସ୍ଥିର ହୁଅ । —*v.* ଚୁପ୍-ସ୍ଥିର-ଶାନ୍ତ-ନିରସ୍ତ-ନୀରବ-କ ।
Hush-money, *s.* ମୁହଁ ବନ୍ଦ କରିବା ଟଙ୍କା, ଲାଞ୍ଚ, ଘୁଷ୍ ।

Husk, *s.* ଭୁଷ, ଚୋପା, ଭୁଷୀ, ଖୋଳ, ଛୋଲକା ।
Hussar, *a.* ଅଶ୍ୱାରୂଢ଼ ସୈନିକବିଶେଷ ।
Hussy, *s.* କଟପଟସ୍ତ୍ରୀ, ଉଗ୍ରା । [ବୈଠକ ।
Husting, *s.* ସଭା ବସିବାସ୍ଥାନ, ପରାମର୍ଶସ୍ଥଳ ।
Hut, *s.* କୁଡ଼ିଆଘର, କ୍ଷୁଦ୍ର ଘର, କୁଟୀର ।
Huzza, *int.* ଜୟଜୟକାର, ଜୟଧ୍ୱନି ।
Hyacinth, *s.* ପୁଷ୍ପବିଶେଷ, ମଣି ଓ ବର୍ଣ୍ଣବିଶେଷ ।
Hybrid, *a.* ଦ୍ୱିଜାତୀୟ, ଖଚର, ସଙ୍କର ।
Hydra, *a.* ନାଗ, ଅଜଗର, ବହୁମସ୍ତକବିଶିଷ୍ଟ ସର୍ପ
Hydraulics, *s.* ଜଳ ଚଳାଇବାର ବିଦ୍ୟା ।
Hydrocele, *s.* କୋଷବୃଦ୍ଧି, କୁରୁଣ୍ଡ ।
Hydrography, *s* ସମୁଦ୍ର ନଦୀଆଦିର ନିର୍ଣ୍ଣୟ ବିଦ୍ୟା ।
Hydrometer, *s.* ଜଳପରିମାପକ ଯନ୍ତ୍ର ।
Hydrophobia, *s.* ବାୟା କୁକୁର କାମୁଡ଼ା ରୋଗ ବା ଜଳାତଙ୍କ ରୋଗ ।
Hydrostatics, *s.* ଜଳର ଗୁରୁତ୍ୱନିର୍ଣ୍ଣୟ ବିଦ୍ୟା
Hyena, *s.* ହେଟାବାଘ, ଗୋବାଘ ।
Hygeian, *a.* ଶରୀର ସ୍ୱାସ୍ଥ୍ୟସମ୍ବନ୍ଧୀୟ ।
Hymeneal, *a.* ବିବାହସମ୍ବନ୍ଧୀୟ, ବିବାହବିଷୟକ
Hymn, *s.* ଧର୍ମଗୀତ, ସ୍ତୁତି ବା ପାରମାର୍ଥିକ ଗାନ
Hyperbole, *s.* ଅସମ୍ଭବ କଥନ, ସତ୍ୟରୁ ଅଧିକ ବର୍ଣ୍ଣନା ।
Hyperbolical, *a.* ଅତ୍ୟୁକ୍ତିବିଶିଷ୍ଟ, ଅସମ୍ଭବ ।
Hyphen, *s.* ଶବ୍ଦବନ୍ଧକାରୀ ଚିହ୍ନ, ଯଥା (-)
Hypochondriac, *a.* ବାୟୁଗ୍ରସ୍ତ, ବାତୁଳ, ବିଷଣ୍ଣଚିତ୍ତ । [କତା, ଶଠତା ।
Hypocrisy, *s.* କପଟତା, ଭଣ୍ଡତା, କାଳ୍ପନି-
Hypocrite, *s.* କପଟୀ, ଭଣ୍ଡ, ଛଦ୍ମବେଶୀ ।
Hypocritical, *a.* କପଟୀ, ପାଷଣ୍ଡ, ଶଠୀ ।
Hypothesis, *s.* ତର୍କ ହେତୁ ଅପ୍ରମାଣିତ ଅନୁମାନ
Hypothetical, *a.* ଅନୁମାନସିଦ୍ଧ ।
Hyson, *s.* ଚୀନ ଦେଶୀୟ ଚା ପତ୍ରବିଶେଷ ।

Hyssop, *s.* ରେଚକ ବୃକ୍ଷବିଶେଷ ।
Hysterical, *a.* ମୂର୍ଚ୍ଛାରୋଗବିଶିଷ୍ଟ ।
Hysterics, *s.* ସ୍ତ୍ରୀଲୋକର ମୂର୍ଚ୍ଛାରୋଗ ।

## I.

I, ଇଂରାଜୀ ବର୍ଣ୍ଣମାଳାର ନବମାକ୍ଷର ।
I, *pro.* ଅମ୍ଭେ, ମୁଁ, ମୁହିଁ ।
Ibex, *s.* ବନଛାଗଳ, ପାହାଡ଼ୀୟ ଛେଳି ।
Ibis, *s.* ମିଶରଦେଶର ପକ୍ଷୀବିଶେଷ ।
Ice, *s.* ବରଫ, ଶୀତରେ ଜମାଟ ଜଳ ।
Ichneumon, *s.* ନେଉଳ, ନକୁଳ ।
Ichor, *s.* ସ୍ୱେଦ, ରସାନି, ପୂଜ ।
Ichthyology, *s.* ମତ୍ସ୍ୟ ଚିହ୍ନିବା ବିଦ୍ୟା ।
Icicle, *s.* ହିମକଣା, କାକରବିନ୍ଦୁ ।
Iconoclast, *s.* ପ୍ରତିମା ଭଗ୍ନକାରୀ ବ୍ୟକ୍ତି ।
Icy, *a.* ବରଫମୟ; ଅତିଶୀତଳ, ନିଷ୍ଠୁର ।
Idea, *s.* ବୋଧ, ମନୋଭାବ, ଜ୍ଞାନ, ମାନସ ।
Ideal, *a.* ମାନସିକ, ଅନୁମାନିକ; ଆଦର୍ଶନୀୟ । —*s.* ଆଦର୍ଶ ।
Identical, *a.* ସେ, ସେହି, ସ୍ୱୟଂ, ଅନ୍ୟ ନାହିଁ ।
Identify, *v.* ଠଉରାଇବା, ଚିହ୍ନିବା, ପରିଚୟ-କ । [ପତା ।
Identity, *s.* ଅଭେଦ, ଅନନ୍ୟତା, ତତ୍ତ୍ୱ, ସ୍ୱରୂ-
Idiom, *s.* ଭାଷାର ଧାରା ବା ରୀତି ।
Idiosyncrasy, *s.* ବିଶେଷ ସ୍ୱଭାବ ବା ପ୍ରକୃତି
Idiot, *s.* ବାୟା, ନିର୍ବୋଧ, ବାତୁଳ, ପାଗଳ ।
Idle, *a.* ଅଳସ, ସୁସ୍ତ, ନିଷ୍କର୍ମା: ବୃଥା ।—*v.* ଅଳସୁଆ-ହେ, ନିଷ୍ଫଳରେ କାଳ କ୍ଷେପଣ-କ ।
Idleness, *s.* ଆଳସ୍ୟ, ଅକର୍ମଶୀଳତା, ନିଷ୍କର୍ମ ।
Idol, *s.* ପ୍ରତିମା, ଦେବମୂର୍ତ୍ତି, ବିଗ୍ରହ, ପୁତ୍ତଳୀ ।
Idolater, *s.* ପ୍ରତିମା ବା ଦେବପୂଜକ ।
Idolatry, *s.* ଦେବ ବା ପ୍ରତିମାପୂଜା ।

Idolize, *v.* ଅତିସ୍ନେହ-କ, ଆସକ୍ତ-ହେ ।
If, *conj.* ଯେବେ, ଯଦ୍ୟପି, ଯଦି, ହେଲେ ।
Igneous, *a.* ଅଗ୍ନିମୟ, ଆଗ୍ନେୟ ।
Ignis-fatuus, *s.* ଜଳନ୍ତା ବାଷ୍ପ ଯାହାକୁ ଅଜ୍ଞାନଲୋକେ ଢିଉଗୁଣୀ ବୋଲନ୍ତି ।
Ignite, *v.* ଅଗ୍ନି ଜାଳିବା ବା ଲଗାଇବା, ଅଗ୍ନିଯୁକ୍ତ-ହେ, ନିଆଁ ଧରିବା ।
Ignition, *s.* ଜ୍ୱଳନ, ଦହନ, ଅଗ୍ନିଧାରଣ ।
Ignoble, *a.* ନୀଚଜାତ, ଅକୁଳୀନ, ଇତର, ଅମାନ୍ୟ ।
Ignominious, *a.* ଅତିଲଜ୍ଜାକର, ନୀଚ, ଅପମାନଜନକ । [ମାନ, ନିନ୍ଦା, କଳଙ୍କ ।
Ignominy, *a.* ଅଖ୍ୟାତି, ଅମର୍ଯ୍ୟାଦା, ଅପ-
Ignoramus, *s.* ନିର୍ବୋଧବ୍ୟକ୍ତି, ମୂର୍ଖ ।
Ignorance, *s.* ଅଜ୍ଞାନତା, ମୂର୍ଖତା, ମୂଢତା, ନିର୍ବୋଧତା ।
Ignorant, *a.* ଅଜ୍ଞାନ, ନିର୍ବୋଧ, ମୂର୍ଖ, ଅଜାଣ
Ignore, *v.* ଅପରିଚିତ-ହେ, ଜ୍ଞାତ ହେଲେ ଅଜ୍ଞାତ ଭୁଲି ମଣିବା, ସ୍ୱେଚ୍ଛାରେ ଅନାଦର-କ ।
Ill, *s.* ଦୁର୍ଦଶା, ଦୁଃଖ, ଅନିଷ୍ଟ, କ୍ଷତି, ହାନି, ଦୁଷ୍ଟତା ।—*a.* ପୀଡିତ, ଅସୁସ୍ଥ, ବେଆରାମୀ, ରୋଗୀ; ମନ୍ଦ, ଦୁଷ୍ଟ ।
Illegal, *a.* ବିଧି ବା ବ୍ୟବସ୍ଥାବିରୁଦ୍ଧ, ବେଆଇନ, ଅନ୍ୟାୟ । [ଥାର୍ଥ୍ୟ ।
Illegality, *s.* ବ୍ୟବସ୍ଥାର ବିରୁଦ୍ଧତା, ଅଯଥା-
Illegally, *ad.* ବିଧିବିରୁଦ୍ଧେ, ଅନ୍ୟାୟରୂପେ ।
Illegible, *a.* ଅପାଠ୍ୟ, ଅସ୍ପଷ୍ଟ, ଅପଢା ।
Illegitimacy, *s.* ଜାରଜାବସ୍ଥା, ବିଜନ୍ମ ।
Illegitimate, *a.* ଜାରଜ, ବିଜନ୍ମା, ଅବୈଧ ।
Ill-favoured, *a.* କୁତ୍ସିତ, କୁରୂପ, ଅସୁନ୍ଦର
Illiberal, *a.* ଅଦାତା, କୃପଣ, ହାତକସା, କ୍ଷୁଦ୍ରମନା ।
Illicit, *a.* ଅବୈଧ, ଅନୁଚିତ, ନିଷିଦ୍ଧ ।
Illimitable, *a.* ଅସୀମ, ଅପରିମିତ, ଅନନ୍ତ, ଅଶେଷ । [ଅଶିକ୍ଷିତ, ମୂର୍ଖ ।
Illiterate, *a.* ବିଦ୍ୟାହୀନ, ଅବିଦ୍ୱାନ, ଅପଣ୍ଡିତ,
Ill-nature, *s.* କୁସ୍ୱଭାବ, କ୍ରୋଧମନ, ମନ୍ଦସ୍ୱଭାବ।
Ill-natured, *a.* ମନ୍ଦସ୍ୱଭାବଯୁକ୍ତ, ଦୁଃଶୀଳ, ନିଷ୍ଠୁର, ଦ୍ୱେଷୀ, କ୍ରୋଧୀ ।
Illness, *s.* ଅସ୍ୱାସ୍ଥ୍ୟ, ପୀଡା, ରୋଗ, ବେଆରାମ, ବ୍ୟାଧି ।
Illogical, *a.* ଅଯୁକ୍ତିସିଦ୍ଧ, ଯୁକ୍ତିବିରୁଦ୍ଧ, ଅପ୍ରମାଣ, ଅସିଦ୍ଧାନ୍ତ ।
Illtreatment, *s.* ନିଗ୍ରହ, ଦୌରାତ୍ମ୍ୟ, କୁବ୍ୟବହାର, ଅନାଦର, ତିରସ୍କାର ।
Illude, *v.* ପ୍ରବଞ୍ଚନା-ପ୍ରତାରଣା-କ ।
Illuminate, Illumine, *v.* ଦୀପ୍ତିମାନ ବା ଉଜ୍ଜ୍ୱଳ-କ, ଆଲୁଅ-ଦେ ; ବିଦ୍ୟା-ଜ୍ଞାନ-ଦେ ; ସୁଶୋଭିତ-କ । [ଦୀପ୍ତି, ଆଭା; ବିଦ୍ୟା ।
Illumination, *s.* ଉଜ୍ଜ୍ୱଳ ବା ଆଲୁଅକରଣ,
Illuminator, *s.* ଦୀପ୍ତିକାରକ, ଜ୍ଞାନଦାତା, ଭ୍ରମନାଶକ ।
Illusion, *s.* ମାୟା, ଭ୍ରମ, ଭୁଲ, ଧାନ୍ଦା ।
Illusive, Illusory, *a.* ମାୟିକ, ଭ୍ରମଜନକ, ବଞ୍ଚକ, ପ୍ରତାରକ, ମିଥ୍ୟା ।
Illustrate, *v.* ଉଜ୍ଜ୍ୱଳ-କ ; ଦୃଷ୍ଟାନ୍ତଦ୍ୱାରା ଅର୍ଥ ବୁଝାଇବା, ବ୍ୟାଖ୍ୟା-ଅର୍ଥ-କ ; ଅଳଙ୍କୃତ-କ ।
Illustration, *s.* ବ୍ୟାଖ୍ୟା, ଅର୍ଥ, ଟୀକା, ଉଦାହରଣ । [ବୋଧକ ।
Illustrative, *a.* ଦୀପ୍ତିକାରକ, ଅର୍ଥଦାୟକ ବା
Illustrious, *a.* ସୁଖ୍ୟାତ, ପ୍ରସିଦ୍ଧ, ଶ୍ରୀମାନ୍, ଯଶୋବନ୍ତ, କୀର୍ତ୍ତିମାନ୍ । [ଘୃଣା ।
Ill-will, *s.* ଦ୍ୱେଷ, ହିଂସା, ଅନିଷ୍ଟଚିନ୍ତା, ଈର୍ଷା,
Image, *s.* ପ୍ରତିମା, ମୂର୍ତ୍ତି, ପୁତୁଳା, ପ୍ରତିମୂର୍ତ୍ତି ।
Imagery, *s.* ଦୃଷ୍ଟିଗୋଚରମୂର୍ତ୍ତି ; ଦୃଷ୍ଟାନ୍ତ ; କାବ୍ୟାଳଙ୍କାର, କଳ୍ପିତ ବର୍ଣ୍ଣନା ।

Imaginable, *a.* ଅନୁମାନଯୋଗ୍ୟ, ବୋଧ-ଗମ୍ୟ, କଳ୍ପନୀୟ । [ଅନୁମାନକ ।
Imaginary, *a.* କଳ୍ପିତ, ମାନସିକ, ମିଥ୍ୟା,
Imagination, *s.* କଳ୍ପନାଜନକ ବୁଦ୍ଧି,ଉତ୍ପ୍ରେକ୍ଷା-ଭାବ, ମାନସ, ବୁଦ୍ଧି, ମନର ଭାବ ବା କଳ୍ପନା ।
Imagine, *v.* କଳ୍ପନା ବୋଧ-ମ.ନ-ଅନୁମାନ-କ । [ଅଜ୍ଞାନ ।
Imbecile, *a.*ଦୁର୍ବଳବୁଦ୍ଧି,ଶକ୍ତିହୀନ,ଦୁର୍ବଳ, ମୂର୍ଖ,
Imbecility, *s.* ମନର ଦୁର୍ବଳତା, ଅକ୍ଷମତା, ଅଜ୍ଞାନତା । [ଗ୍ରହଣ-କ ।
Imbibe, *v.* ଶୋଷିବା, ପିଇବା, ମନରେ
Imbitter, *v.* ତିକ୍ତ- କରକ୍ତ,- ଦୁଃଖିତ-କ ।
Imbrue, *v.* ସିଞ୍ଚିବା, ଓଦା-କ, ଭିଜାଇବା, ମଗ୍ନ-ହେ । [ରେ ଶିକ୍ଷିତ-ହେ ।
Imbue, *v.* ବର୍ଣ୍ଣ-ଦେ, ରଙ୍ଗ-କ; କୌଣସି ଜ୍ଞାନ-
Imitate, *v.* ଅନୁକାଶ୍ଚ-ହେ; ଅନୁରୂପ-ନକଲ-ଅନୁକରଣ-ଗୁଣ୍ଡ-କ । [ସଦୃଶ ।
Imitation, *s.* ଅନୁକରଣ,ଅନୁସାର,ଅନୁରୂପ,
Imitative, *a.* ଅନୁରୂପୀ, ଅନୁକାଶ୍ଚ ।
Imitator, *s.* ନକଲି ବା ଅନୁରୂପ ବା ଅପଟ-କାରକ, କୁତ୍ରିମକର୍ତ୍ତା । [ସତ୍ତ୍ୱ ।
Immaculate, *a.* ନିଷ୍କଳଙ୍କ, ନିର୍ଦ୍ଦୋଷ, ଶୁଦ୍ଧ-
Immanent, *a.* ଅଭ୍ୟନ୍ତରିକ, ଅନ୍ତରସ୍ଥ ।
Immaterial, *a.* ଦେହରହିତ, ଅଦେହୀ; ନିଷ୍ପ୍ରୟୋଜନ, ଅନାବଶ୍ୟକ ।
Immature, *a.* ଅପକ୍ୱ, କଞ୍ଚା, ଅପୂର୍ଣ୍ଣ, ଅକାଳ
Immaturity, *s.* ଅପକ୍ୱତା, କିମ୍ବା ବା କାଳର ଅସମ୍ପୂର୍ଣ୍ଣତା । [ଅସୀମ,ଅମାପ ।
Immeasurable, *a.* ଅଶେଷ, ଅପରିମେୟ,
Immediate, *a.* ଅବ୍ୟବହିତ, ସନ୍ନିକଟସ୍ଥ, ବର୍ତ୍ତ-ମାନ, ଉପସ୍ଥିତ; ସଳଖ, ସିଧା ।
Immediately, *ad.* ଏହିକ୍ଷଣେ, ବେଗେ ଏବେହିଁ, ତତ୍କ୍ଷଣାତ୍ ।

Immemorial, *a.* ସ୍ମରଣର ବିଷୟ ନୁହେଁ, ଅତି ପ୍ରାଚୀନ ।
Immense, *a.* ଅସୀମ, ଅନନ୍ତ, ଅତିବୃହତ୍, ଅତିବଡ । [ରୂପେ ।
Immensely, *ad.* ଅସୀମ ବା ଅପରିମେୟ-
Immensity, *s.* ଅସୀମତା, ଅପରିମେୟତା ।
Immerse, *v.* ଡୁବ-ହେ, ବୁଡ଼ନ-ଦେ, ବୁ-ଡ଼ାଇବା, ମଗ୍ନ-ହେ, ଅବଗାହନ-କ ।
Immersion, *s.* ଡୁବ, ଡୁବନ,ଅବଗାହନ,ମଗ୍ନ
Immethodical, *a.* ଅନିୟମିତ, ଅବ୍ୟବସ୍ଥିତ
Imminent, *a.* ଆସନ୍ନ, ଆଗତପ୍ରାୟ, ଅତି ନିକଟ, ଭୟଙ୍କର । [ଅତିବାଦ ।
Immoderate, *a.* ଅପରିମିତ, ଅତିଶୟ,
Immodest, *a.* ନିର୍ଲଜ୍ଜ, ବେଶରମ, ଲମ୍ପଟ, ବେହୟା । [ଧୃଷ୍ଟତା ।
Immodesty, *s.* ନିର୍ଲଜ୍ଜତା, ଲମ୍ପଟ୍ୟ ଅସା-
Immolate, *v.* ବଳିଦାନ- ହତ-କ; ବୋଦା -ଦେ । [ଉତ୍ସର୍ଗକରଣ ।
Immolation, *s.* ବଳିଦାନ; ବୋଦା ମାରଣ,
Immoral, *a.* ମନ୍ଦ, ଅତିଦୁଷ୍ଟ, ଦୁରାଚାର, ଅଧାର୍ମିକ । [ଅଧର୍ମ ।
Immorality, *s.* କୁକ୍ରିୟା, ଦୁଷ୍ଟତା,ଅସାଧୁତା,
Immortal, *a.* ଅମର, ଅନନ୍ତଜୀବୀ, ଚିରସ୍ଥାୟୀ
Immortality, *s.* ଅମରତ୍ୱ, ଚିରଜୀବତା, ଅନନ୍ତଜୀବନ ।
Immortalize, *v.* ଅମର- ଚିରସ୍ଥାୟୀ - ଚିର-ସ୍ମରଣୀୟ-କ ।
Immovable, *a.* ଅଚଳ, ନିଶ୍ଚଳ, ଦୃଢ଼, ସ୍ଥାବର, ସ୍ଥିର ।
Immovably, *ad.* ସ୍ଥିର ବା ଦୃଢ଼ରୂପେ ।
Immunity, *s.* ବିଶେଷ ଅଧିକାର, କ୍ଷମତା, ସ୍ୱାଧୀନତା, ସକଳସ୍ୱାଦରୁ ମୁକ୍ତି ।
Immure, *v.* ବନ୍ଦ- କାରାବଦ୍ଧ-କ ।

Immutability, *s.* ସଦାସମାନାବସ୍ଥା, ସମ-
ଭାବ, ସ୍ଥିରତା, ନିତ୍ୟତା । [ଉଦ୍ଧତ, ଅଟଳ ।
Immutable, *a.* ଅପରିବର୍ତ୍ତନୀୟ, ନିର୍ବିକାର-
Imp, *s.* ବାଳ ଭୂତ, ପ୍ରେତ ।
Impair, *v.* ହ୍ରାସ-କ୍ଷତ-ହାନି-ଅପଚୟ-କ ।
Impalpable, *a.* ଅସ୍ପର୍ଶ୍ୟ, ଅସ୍ଥୂଳ, ଇନ୍ଦ୍ରିୟର
ଅଗୋଚର । [ଜ୍ଞାତ କରାଇବା ।
Impart, *v.* ଜଣାଇବା, ଦାନ-କ, ଦେବା,
Impartial, *a.* ଅପକ୍ଷପାତୀ, ଅମୁଖାପେକ୍ଷୀ,
ଯଥାର୍ଥ, ଅନପେକ୍ଷୀ । [ହିତ୍ୟ ।
Impartiality, *s.* ଅପକ୍ଷପାତ, ଉପେକ୍ଷଧସ-
Impartially, *ad.* ବିନା ପକ୍ଷପାତରେ, ନ୍ୟାୟ
ବା ଯଥାର୍ଥରୂପେ ।
Impassable, *a.* ଅଲଙ୍ଘ୍ୟ, ଅଗମ୍ୟ, ଅଗମ-
ନୀୟ, ଅପାର, ଦୁର୍ଗମ ।
Impassioned, *a.* କାମ କ୍ରୋଧାଦିରେ ଆସକ୍ତ,
ଉତ୍ସାହଯୁକ୍ତ, ବ୍ୟଗ୍ରଚିତ୍ତ, ତେଜୋବନ୍ତ ।
Impatience, *s.* ଅଧୈର୍ଯ୍ୟ, ଅସହିଷ୍ଣୁତା,
ଅସ୍ଥିରତା । [ଅସହିଷ୍ଣୁ, ଅସ୍ଥିର ।
Impatient, *a.* ଅଧୈର୍ଯ୍ୟବାନ, ଅଧୀର, ବ୍ୟସ୍ତ,
Impeach, *v.* ଅପବାଦ- ଗୁହାରି-ନାଲିଶ-କ,
ଦୋଷ-ଦେ । [ନାଲିଶ, ଗୁହାରି ।
Impeachment, *s.* ଅପବାଦ, ଅଭିଯୋଗ,
Impeccable, *a.* ନିଷ୍କଳଙ୍କ, ପାପ ସମ୍ଭାବନା
ନାହିଁ, ଯାହାକୁ ଦୋଷ ନ ଲାଗଇ ।
Impede, *v.* ବାଧା- ବିଘ୍ନ-ଦେ, ଅଟକାଇବା,
ନିଷେଧ- ବାରଣ-କ । [ବ୍ୟାପୃତ, ଅଟକ ।
Impediment, *s.* ବାଧା, ବିଘ୍ନ, ନିଷେଧ,
Impel, *v.* ଚଳାଇବା, ଠେଲ- ପ୍ରେରଣ-ଦେ ।
Impend, *v.* ନିକଟସ୍ଥ- ପ୍ରାୟ ଉପସ୍ଥିତ-ହେ ।
Impending, *a.* ପତନ ପ୍ରାୟ, ନିକଟସ୍ଥ ।
Impenetrable, *a.* ଅଭେଦ୍ୟ, ଅଗମ୍ୟ,
ଅପ୍ରବେଶ୍ୟ, ନିବିଡ଼ ।

Impenitence, *s.* ଅନନୁତାପ, ଅଖେଦ ।
Impenitent, *a.* ଅନନୁତାପୀ, ଖେଦରହିତ,
କଠିଣ । [ଶାସକ, ପ୍ରୟୋଜନୀୟ ।
Imperative, *a.* ନୋହିଲେ ନାହିଁ, ଅତ୍ୟାବ-
Imperceptible, *a.* ଅଦୃଶ୍ୟ, ଅତିସୂକ୍ଷ୍ମ,
ବୋଧାଗମ୍ୟ, ଇନ୍ଦ୍ରିୟ ଅଗୋଚର ।
Imperceptibly, *ad.* ଅଦୃଶ୍ୟ ବା ଗୁପ୍ତ ବା
ଅଜ୍ଞାତରୂପେ ।
Imperfect, *a.* ଅସମ୍ପୂର୍ଣ୍ଣ, ଅପକ୍ୱ, ଅସିଦ୍ଧ, କଞ୍ଚା
Imperfection, *s.* ଦୋଷ, ତ୍ରୁଟି, ଅଶୁଦ୍ଧତା,
କସୁର, ଅସମ୍ପୂର୍ଣ୍ଣତା । [ବିଷୟକ ।
Imperial, *a.* ସମ୍ରାଟସମ୍ବନ୍ଧୀୟ, ରାଜାଧିରାଜ
Imperious, *a.* ଦାମ୍ଭିକ, ଅହଂକାରୀ, ଗର୍ବିତ ।
Imperishable, *a.* ଅବିନାଶ୍ୟ, ଅକ୍ଷୟ, ଚିର-
ସ୍ଥାୟୀ, ଅଜରାମର ।
Impersonal, *a.* ଅକର୍ତ୍ତୃବାଚ୍ୟ, ଭାବବାଚକ ।
Impersonate, *v.* ମନୁଷ୍ୟରୂପ-କ, ଅପ୍ରାଣ
ବସ୍ତୁକୁ ପ୍ରାଣିରୂପ-କ ।
Impertinence, *s.* ଅଶିଷ୍ଟାଚାର, କୁଆଚାର,
ଥେଣ୍ଟାପଣ । [ଥେଣ୍ଟା ।
Impertinent, *a.* ଅନର୍ଥବାଦୀ, ଅଶିଷ୍ଟ,
Impervious, *a.* ଅଭେଦ୍ୟ, ଅଗମ୍ୟ, ନିବିଡ଼,
ଅଛେଦନୀୟ ।
Impetuosity, *s.* ତେଜ, ବେଗବତ୍ତ୍ୱ, ଶୀଘ୍ରତା,
ଉଗ୍ରତା ।
Impetuous, *a.* ବେଗଗାମୀ, ତେଜସ୍ୱୀ, ଉଗ୍ର,
ଅତିସାହସୀ ।
Impetus, *s.* ବେଗ, ଶକ୍ତି, ବଳ, ଜୋର ।
Impiety, *s.* ଅଧର୍ମ, ପାପ, ଦୁଷ୍ଟତା, ପାଷଣ୍ଡତା
Impious, *a.* ଅଧର୍ମୀ, ପାଷଣ୍ଡ, ଦୁଷ୍ଟ, ପାପିଷ୍ଠ ।
Implacability, *s.* ଅନିବାର୍ଯ୍ୟତା, ଦ୍ୱେଷ,
କଠିନତା । [ନିଷ୍ଠୁର ।
Implacable, *a.* ନିର୍ଦ୍ଦୟ, ଅକ୍ଷମାବାନ ଦ୍ୱେଷୀ,

Implant, *v.* ରୋପଣ-କ, ରୋପିବା, ବସା-
Implement, *s.* ଅସ୍ତ୍ରଶସ୍ତ୍ର, ଉପକରଣ । [ଇବା ।
Implicate, *v.* ଜଡ଼ାଇବା; ଦୋଷଗ୍ରସ୍ତ-କ, ଫାନ୍ଦରେ ପକାଇବା । [ପତନ; ସ୍ୱୀକାର ।
Implication, *s.* ଭାବ୍ୟଗ୍ରାହକରଣ, ଫାନ୍ଦେ
Implicit, *a.* ନିହିତ, ଅସ୍ପଷ୍ଟ, ସନ୍ଦେହରହିତ
Implicitly, *ad.* ସର୍ବତୋଭାବେ, ନିରାକୁଳ ନିଃସନ୍ଦେହରୂପେ । [ଦନ-ପ୍ରାର୍ଥନା-କ ।
Implore, *v.* ଯାଚଞ୍ଚା-ବିନୟ-ମିନତି-ନିବେ-
Imply, *v.* ବୁଝାଇବା, ଉପଲକ୍ଷ୍ୟ-କ ।
Impolite, *a.* ଅଶିଷ୍ଟ, ଅସଭ୍ୟ, କର୍କଶ ।
Impolitic, *a.* ଅନୁପଯୁକ୍ତ, ଅଚତୁର, ଅବିବେଚକ, ଅବୋଧପର ।
Import, *s.* ଆମଦାନୀ; ଅର୍ଥ, ଅଭିପ୍ରାୟ, ତାତ୍ପର୍ଯ୍ୟ ।—*v.* ଆମଦାନୀ-କ, ବାଣିଜ୍ୟଦ୍ରବ୍ୟ ଆଣିବା ; ଅର୍ଥବୋଧ କରାଇବା ।
Importance, *s.* ଆବଶ୍ୟକତା, ମହତ୍ତ୍ୱ, ଗୁରୁତ୍ୱ
Important, *a.* ଆବଶ୍ୟକ, ମୁଖ୍ୟ, ଗୁରୁତର, ନିଜାକୁ ବର୍ତ୍ତିବ । [ଦ୍ରବ୍ୟ ବା ମାଲ ।
Importation, *s.* ଆମଦାନୀକରଣ, ବିଦେଶୀୟ
Importer, *s.* ଆମଦାନୀକର୍ତ୍ତା । [କାରୀ ।
Importunate, *a.* ଅନ୍ତୁଷ୍ଟ; ସର୍ବଦା ବିନୟ-
Importune, *v.* ବିରକ୍ତ-କ, ଏକାନ୍ତଭାବେ ମାଗିବା, ହଇରାଣ-କ ।
Importunity, *s.* ହଇରାଣି, ମିନତି, ପୁନଃପୁନଃ ମାଗଣ, ଜଞ୍ଜାଳ ।
Impose, *v.* ଅର୍ପଣ-ସମର୍ପଣ-କ; ଭୁଲାଇବା ।
Imposition, *s.* ଉପଦ୍ରବ; ପ୍ରବଞ୍ଚନ; ଭାର, ବୋଝ, କର । [ଅସମ୍ଭାବନା ।
Impossibility, *s.* ଅସାଧ୍ୟତା, ଅସଙ୍ଗତତ୍ୱ,
Impossible, *a.* ଅସାଧ୍ୟ, ଅସଙ୍ଗତ, ଅସମ୍ଭବ
Impost, *s.* କର, ଶୁଳ୍କ, ଖଜଣା; ମାଶୁଲ ।
Impostor, *s.* ପ୍ରବଞ୍ଚକ, ମିଛୁଆ, ଠକ, ଭଣ୍ଡ ।

19

Imposture, *s.* ପ୍ରତାରଣା, ଛଳ, ବଞ୍ଚନା, ଫାନ୍ଦ, କୃତ୍ରିମତା ।
Impotence, *s.* ଅକ୍ଷମତା, ଦୁର୍ବଳତା, ପୁରୁଷତ୍ୱ ବା ପୁଂଶକ୍ତି ରହିତ୍ୟ ।
Impotent, *a.* ଅପାରଗ, ବଳ ବା ଶକ୍ତିହୀନ, ଅକ୍ଷମ । [ଦାଣ୍ଡରେ ବନ୍ଦ-କ ।
Impound, *v.* ଗୋରୁ ଜନ୍ତୁ ଆଦି କାଞ୍ଜିହୌ-
Impoverish, *v.* ନିର୍ଦ୍ଧନ-ଦରିଦ୍ର-କଙ୍ଗାଳ-କ ।
Impracticability, *s.* ଅସାଧ୍ୟତା, ଅକର୍ତ୍ତବ୍ୟତା, ଅସମ୍ଭବତା ।
Impracticable, *a.* ଅସାଧ୍ୟ, ଅସଙ୍ଗତ, ଅସମ୍ଭବ, ଅପାରଗ, ହୋଇ ନ ପାରେ ।
Imprecate, *v.* ଶାପ-ଦେ, ଅଭିଶାପ-କ, ମନ୍ଦ ବା ଅନିଷ୍ଟ ପ୍ରାର୍ଥନା-କ ।
Imprecation, *s.* ଅଭିଶାପ, ଶାପ, ମନ୍ଦ ।
Impregnable, *a.* ଅଚ୍ଛେଦ୍ୟ, ଅଭେଦ୍ୟ, ଅଗମ୍ୟ, ଦୁର୍ଗମ ।
Impregnate, *v.* ଗର୍ଭବତୀ-ଗର୍ଭଉତ୍ପାଦନ-କ ।
Impress, *s.* ଛାପ, ଦାଗ, ମୁଦ୍ରା, ଚିହ୍ନ, ମୂର୍ତ୍ତି ।—*v.* ମୁଦ୍ରିତ-କ, ଛପାଇବା; ବେଗାର ଧରିବା; ମନ ବା ହୃଦୟରେ ଲଗାଇବା ।
Impression, *s.* ମୁଦ୍ରା, ଚିହ୍ନ, ଛାପ; ଏକାଥରେ ଯେତେ ଛପା ହୁଏ; ମନର ଜ୍ଞାନ ବା ବୋଧ ।
Impressive, *a.* ମର୍ମବୋଧକ, ହୃଦୟ ଆକର୍ଷକ, ମନୋହର । [ଆଜ୍ଞାପତ୍ର ।
Imprimatur, *s.* ମୁଦ୍ରଣ ବା ଛପାକରଣାର୍ଥେ
Imprimis, *ad.* ପ୍ରଥମତଃ, ଆଦ୍ୟରେ ।
Imprint, *v.* ଛପା-କ, ମନୋଗତ-କ ।
Imprison, *v.* କାରାଗାରରେ ବନ୍ଦ-କଏଦ-କ ।
Imprisonment, *s.* କାରାବନ୍ଧ, କଏଦ, ଅଟକ, ଜେଲକରଣ । [ଅପ୍ରତ୍ୟୟତା ।
Improbability, *s.* ଅସମ୍ଭାବନା, ଅପ୍ରାମାଣ୍ୟ,

Improbable, *a.* ଅସମ୍ଭବ, ଅସଙ୍ଗତ, ଅପ୍ରତ୍ୟୟ । [ଭାବ ପ୍ରସ୍ତାବ ।

Impromptu, *s.* ଉପସ୍ଥିତ ବକ୍ତୃତା, ବିନା-

Improper, *a.* ଅନୁଚିତ, ଅକର୍ତ୍ତବ୍ୟ, ଅବିହିତ, ମନ୍ଦ, ଅପ୍ରସ୍ତୁତ । [କଥା ବା କର୍ମ ।

Impropriety, *s.* ଅନୁପଯୁକ୍ତତା, ଅନୁଚିତ

Improve, *v.* କ୍ରମେ ଉନ୍ନତ-ହେ, ବୃଦ୍ଧି-କ ।

Improvement, *s.* ଅପର ରୁ ଭଲ; ପୂର୍ବାପେକ୍ଷା ବୃଦ୍ଧି ବା ଉନ୍ନତି; ଉପଦେଶ ।

Improvidence, *s.* ଦାସ୍ତୁରପଣ, ଅପରିଣାମଦର୍ଶିତା, ବିବେଚନାରାହିତ୍ୟ, ଅସାବଧାନତା ।

Improvident, *a.* ଅସାବଧାନ, ଦାସ୍ତୁର, ଅବିବେକୀ । [ଦାସ୍ତୁର କର୍ମ ।

Imprudence, *s.* ଅବିବେଚନା, ଅଦକ୍ଷତା,

Imprudent, *a.* ବିବେଚନାରହିତ, ଅଧୀର, ଅବିବେକୀ । [ଚପଳପଣ ।

Impudence, *s.* ନିର୍ଲଜ୍ଜତା, ବେହିଆମି, ଢେ-

Impudent, *a.* ନିର୍ଲଜ୍ଜ, ବେହିଆ, ଧୃଷ୍ଟ, ଢେଣ୍ଟା, ପ୍ରଗଳ୍ଭ ।

Impugn, *v.* ବିରୁଦ୍ଧ-ଉତ୍ତର-କ, ଦୋଷ ଧରିବା, ନିନ୍ଦା-କ । [ପ୍ରତିକୂଳ ଉକ୍ତି ।

Impulse, *s.* ପ୍ରବୃତ୍ତି, ଆକର୍ଷଣ, ଗତିଶକ୍ତି,

Impunity, *s.* ଶାସ୍ତିରାହିତ୍ୟ, ବିନାଦଣ୍ଡ ।

Impure, *a.* ଅପବିତ୍ର, ଅଶୁଚି, ଅପରିଷ୍କାର, ମଳିନ; ଦୂଷିତ । [ଣ୍ଟତା, ଅଶ୍ଳୀଳ ।

Impurity, *s.* ଅପବିତ୍ରତା, ଅଶୁଚିତା, ଅଶୁ-

Imputation, *s.* ଆରୋପଣ, ଦୋଷ ଆରୋପ, ଅପବାଦ । [ବାଦ ଦେବା-କ ।

Impute, *v.* ଆରୋପଣ-କ, ଦୋଷ-ଦେ, ଅପ-

In, *prep.* ମଧ୍ୟରେ, ଭିତରେ, ରେ ।

Inability, *s.* ଅସାମର୍ଥ୍ୟ, ଅକ୍ଷମତା, ଅଶକ୍ତି, ଅପାରକମ, ଅସାଧ୍ୟତା । [ବେଶ୍ୟ ।

Inaccessible, *a.* ଅଗମ୍ୟ, ଦୁର୍ଗମ, ଅପ୍ର-

Inaccuracy, *s.* ଅଶୁଦ୍ଧତା, ଅଶୁଦ୍ଧି, ଭୁଲ, ଭ୍ରମ । [ଠିକ ନୁହେ ।

Inaccurate, *a.* ଅଶୁଦ୍ଧ, ଭୁଲଯୁକ୍ତ, ସଦୋଷ,

Inaction, *s.* ଅଚେଷ୍ଟା, ଅକ୍ରିୟା, ଆଳସ୍ୟ, ଅନୁଦ୍ୟୋଗ । [କର୍ମହୋଡ଼ୀ ।

Inactive, *a.* ନିରୁଦ୍ୟୋଗୀ, ଅଳସ, ମନ୍ଥର,

Inactivity, *s.* ନିଶ୍ଚେଷ୍ଟ, ଆଳସ୍ୟ, ଅନୁଦ୍ୟମ ।

Inadequate, *a.* ନ୍ୟୂନ, ଅଳ୍ପ, ନିଅଣ୍ଟ, ଅପ୍ରଚୁର, ଅଳ୍ପ । [ଗ୍ରାହ୍ୟ ।

Inadmissible, *a.* ଅଗ୍ରାହ୍ୟ, ଅସ୍ୱୀକାର୍ଯ୍ୟ, ଅଗ୍ର-

Inadvertence, *s.* ଭୁଲ, ଅନବଧାନତା, ଅସାବଧାନତା । [ଧାନ ।

Inadvertent, *a.* ଅମନୋଯୋଗୀ, ଅସାବ-

Inalienable, *a.* ପରକୁ ଅଦେୟ, ଯାହା ହସ୍ତାନ୍ତର ହୋଇ ନ ଯାଏ, ଅଖାରଜ ।

Inanimate, *a.* ନିର୍ଜୀବ, ଅଚେତନ, ଅପ୍ରାଣ, ଅଜୀବ । [ବୁଦ୍ଧିହୀନତା ।

Inanity, *s.* ଶୂନ୍ୟତା, ଫାଙ୍କ, ନିର୍ବୁଦ୍ଧିତା,

Inapplicable, *a.* ନ ଖଟିବା, ବେଲଗା, ଅସଙ୍ଗତ, ଅନୁପଯୁକ୍ତ । [ଅକ୍ଷମତା ।

Inaptitude, *s.* ଅସଙ୍ଗତତା, ଅଯୋଗ୍ୟତା,

Inarticulate, *a.* ଅବ୍ୟକ୍ତ, ଅସ୍ପଷ୍ଟ, ଅସ୍ଫୁଟ ।

Inattention, *s.* ଅସାବଧାନତା, ଅମନୋଯୋଗ, ଅବହେଳା; ଅନାଦର ।

Inattentive, *a.* ଅମନୋଯୋଗୀ, ଅସାବଧାନ ଅଶିଷ୍ଟ । [ଦୁଃଶ୍ରାବ୍ୟ ।

Inaudible, *a.* ଅଶ୍ରବଣୀୟ, କର୍ଣ୍ଣଅଗୋଚର,

Inauguration, *s.* ଅଭିଷେକ, ପଦାର୍ପଣ ।

Inauspicious, *a.* ଅଶୁଭ, ଅକଲ୍ୟାଣ, ଅମଙ୍ଗଳ । [ସ୍ୱଭାବୋତ୍ପନ୍ନ ।

Inborn, Inbred, *a.* ସ୍ୱାଭାବିକ, ଜନ୍ମଜାତ,

Incalculable, *a.* ଅଗଣ୍ୟ, ଅଗଣନୀୟ, ଅସଂଖ୍ୟ, ଅପାର ।

Incantation, *s* ମନ୍ତ୍ର, ଗୁଣ, ଟୋଣା, ଯାଦୁ, ଭେଲ୍କି ।
Incapability, *s.* ଅକ୍ଷମତା, ଅସାମର୍ଥ୍ୟ, ଅଯୋଗ୍ୟପଣ ।
Incapable, *a.* ଅସମର୍ଥ, ଅପାରକ, ଅକ୍ଷମ, ଅଶକ୍ତ, ଅପଟୁ । [ଅଯୋଗ୍ୟ-କ ।
Incapacitate, *v.* ଅକ୍ଷମ-ଅପାରଗ-
Incapacity, *s.* ଅକ୍ଷମତା, ଅଜ୍ଞାନତା, ସ୍ୱାଭାବିକ ଅଯୋଗ୍ୟତା । [-କ ।
Incarcerate, *v.* କାରାଗାରରେ ବନ୍ଦ-କଏଦ
Incarnate, *a.* ଅବତୀର୍ଣ୍ଣ, ଦେହଧାରୀ, ଦେହବନ୍ତ । [ଧାରଣ ।
Incarnation, *s.* ଅବତାର, ମାନବଦେହ-
Incautious, *a.* ଅସାବଧାନ, ଅସତର୍କ, ଅବିବେଚକ ।
Incendiary, *s.* ଘରପୋଡ଼ଆ, ଗୃହଦାହକ ।
Incense, *s.* ଧୂପ, ଗନ୍ଧଧୂପ, ଝୁଣା, ଧୂନା ।
—*v.* କୋପ ବା ରାଗ ଜନ୍ମାଇବା, ଉସ୍କ ଇବା ।
Incentive, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ହେତୁ, ଅଭିପ୍ରାୟ ।
Incessant, *a.* ନିରନ୍ତର, ନିତ୍ୟ, ଅବିରତ ।
Incest, *s.* ଅଗମ୍ୟାଗମନ ଦୋଷ, ଜ୍ଞାତି ସ୍ତ୍ରୀ ଗମନ । [ପରିମାଣ, ବୁରୁଳ ।
Inch, *s.* ଇଞ୍ଚ, ତିନିଯବ ବା ଅଙ୍ଗୁଷ୍ଠପର୍ବର
Incident, *s.* ଘଟନା, ଦୈବଘଟନା, ଆନୁଷଙ୍ଗିକ ବିଷୟ । [ଉପସ୍ଥିତ ।
Incidental, *a.* ଦୈବାତୁପସ୍ଥିତ, ହଠାତ
Incipient, *s.* ଆରମ୍ଭକ, ବୀଜସ୍ୱରୂପ, ପ୍ରାଥମିକ, ଉଦ୍ଭବ ।
Incision, *s.* କଟା, ଛିଦ୍ର, ଭେଦ, ଘା, କଣା ।
Incite, *v.* ପ୍ରବୃତ୍ତି ଜନ୍ମାଇବା, ଲୋଭ ଦେଖାଇବା, ପ୍ରବର୍ତ୍ତାଇବା, ଉଦ୍ଯୋଗ କରାଇବା ।
Incitement, *s.* ପ୍ରବୃତ୍ତି, ପ୍ରବର୍ତ୍ତନା, ହେତୁ ।

Incivility, *s.* ଅଶିଷ୍ଟାଚାର, ଅସଭ୍ୟତା, ଅଭଦ୍ର ବ୍ୟବହାର, ମୂର୍ଖତା । [କାଠିନ୍ୟ ।
Inclemency, *s.* ନିର୍ଦ୍ଦୟତା, ନିଷ୍ଠୁରତା,
Inclement, *a.* ନିର୍ଦ୍ଦୟ, ନିଷ୍ଠୁର ; କଠିନ, କ୍ଲେଶଦାୟକ ; ଅତି ଶୀତ । [ଯୁକ୍ତ ।
Inclinable, *a.* ଇଚ୍ଛୁକ, ନମନଶୀଳ, ସ୍ପୃହା-
Inclination, *s.* ମନର ଭାବ, ଇଚ୍ଛା, ପ୍ରବୃତ୍ତି, ସ୍ନେହ ; ଢାଲୁ, ଗଡ଼ନ୍ତି ।
Include, *v.* ସଂଖ୍ୟା ମଧ୍ୟରେ ଲଗାଇବା, ସାମିଲ-ଭୁକ୍ତ-ଅନ୍ତର୍ଗତ-କ, ମଧ୍ୟବର୍ତ୍ତୀ-ହେ ।
Included, *a.* ଅନ୍ତର୍ଭୂତ, ଅନ୍ତର୍ଗତ, ଏକତ୍ର, ସାମିଲ ।
Inclusive, *a.* ଏକତ୍ର, ସମେତ, ସହିତ, ସୁଦ୍ଧା ।
Incognito, *ad.* ଛଦ୍ମବେଶେ, ଗୁପ୍ତ ବା ଅପ୍ରକାଶରୂପ । [ଅମେଳ ।
Incoherence, *s.* ଅସଂଲଗ୍ନତା, ଅସଂଯୋଗ,
Incoherent, *a.* ଅସଂଲଗ୍ନ, ଅମିଳିତ, ଅସ୍ପଷ୍ଟ ।
Incombustible, *a.* ଅଦାହ୍ୟ, ଅଜ୍ୱଳନୀୟ ଅପୋଡ଼ା ।
Income, *s.* ଆୟ, ଉପାର୍ଜନ, ଧନାଗମ, ପାଉଣା, ପ୍ରାପ୍ତି ।
Incommode, *v.* କ୍ଲେଶ-ଦିଆ । -ଦେ ।
Incommodious, *a.* ଅଳ୍ପ ସ୍ଥାନ, ଅପ୍ରଶସ୍ତ; ଅସୁବିଧା, ଅପ୍ରସ୍ତୁତ, କ୍ଲେଶଦାୟକ ।
Incommunicable, *a.* ଅଜ୍ଞାପନୀୟ, ଅପ୍ରକାଶ୍ୟ, ଅକଥନୀୟ, ଅକଥ୍ୟ ।
Incomparable, *a.* ଅନୁପମ, ଯାହାର ସମାନ ନାହିଁ, ଅସଦୃଶ, ଅତୁଲ୍ୟ, ଅତ୍ୟୁତ୍ତମ ।
Incompatible, *a.* ଅଯୁକ୍ତ, ଅସଙ୍ଗତ, ଅନୁଚିତ, ଅମେଳ [ଗ୍ୟତା, ଅକ୍ଷମତା ।
Incompetency, *s.* ଅପାରଗତା, ଅଯୋ-
Incompetent, *a.* ଅପାରଗ, ଅଯୋଗ୍ୟ, ଅକ୍ଷମ, ଅନୁପଯୁକ୍ତ ।

Incomplete, *a.* ଅସମ୍ପୂର୍ଣ୍ଣ,ଅସମାପ୍ତ,ଅସାଙ୍ଗ, ଅପୂର୍ଣ୍ଣ । [ଜ୍ଞେୟ, କଳୁଷ, ଗମ୍ଭୀର ।

Incomprehensible, *a.* ବୋଧାଗମ୍ୟ, ଅ-

Incompressible, *a.* ଅସଂକ୍ଷେପ୍ୟ, ଯାହା ଚେପି କରି ଅଳ୍ପ କରିଯାଇ ନ ପାରେ ।

Inconceivable, *a.* ବୋଧରଅଗମ୍ୟ, ଅଚିନ୍ତନୀୟ, ଅତର୍କ୍ୟ । [ସ୍ଥିରକର, ଅସିଦ୍ଧାନ୍ତ ।

Inconclusive, *a.* ଅପ୍ରମାଣ୍ୟ,ଅଯୁକ୍ତ,ଅନି-

Incongruity, *s.* ଅମେଳନ, ଭେଦ, ଅସଙ୍ଗତତା, ଅନୁପଯୁକ୍ତତା ।

Incongruous, *a.* ଅସଙ୍ଗତ, ଅସମ୍ଭବ,ଅନୁପଯୁକ୍ତ, ବିପରୀତ ।

Inconsiderable, *a.* ଅବିବେଚନୀୟ, ଲଘୁ, କ୍ଷୁଦ୍ର, ଅଳ୍ପ । [ଅସତର୍କ, ଅସାବଧାନ ।

Inconsiderate, *a.* ଅବିବେଚକ,ଅବିଚାରକ.

Inconsistency, *s.* ବିରୁଦ୍ଧଭାବ,ଅସଙ୍ଗତତ ବୈଲକ୍ଷଣ୍ୟ । [ଯୁକ୍ତ ।

Inconsistent, *a.* ବିପରୀତ,ଅସଙ୍ଗତ, ଅନୁ-

Inconsolable, *a.* ଅସାନ୍ତ୍ୱନୀୟ,ଅପ୍ରବୋଧ୍ୟ।

Inconstancy, *s.* ଅସ୍ଥିରତା,ଚପଳତା.ଚଞ୍ଚଳପଣ । [ଅନିତ୍ୟ ।

Inconstant, *a.* ଅସ୍ଥିର, ଚଞ୍ଚଳ, କ୍ଷଣିକ,

Incontestable, *a.* ଅଖଣ୍ଡନୀୟ,ନିଶ୍ଚିତ, ଅବିବାଦ୍ୟ, ପ୍ରମାଣସିଦ୍ଧ ।

Incontinence, *s.* ଅସଂଯମ, ସ୍ୱେଚ୍ଛାଗାମୀ ଅଜିତେନ୍ଦ୍ରିୟତା, ଲମ୍ପଟତା ।

Incontinent, *a.* ଅସଂଯତ, ଅଜିତେନ୍ଦ୍ରିୟ, ଲମ୍ପଟ, କାମୁକ ।

Incontrovertible, *a.* ଅଖଣ୍ଡନୀୟ; ଅଟଳ, ପ୍ରମାଣସିଦ୍ଧ । [ଅସ୍ୱଚ୍ଛନ୍ଦତା ।

Inconvenience, *s.* ଅସୁଖ, କ୍ଲେଶ, ଦୁଃଖ,

Inconvenient, *a.* ଅସ୍ୱଚ୍ଛନ୍ଦ, ଅସୁବିଧା, ବାଧାଜନକ, କଷ୍ଟକର, ଅସୁଖଦାୟକ ।

Inconvertible, *a.* ଅପରିବର୍ତ୍ତନୀୟ, ଅବ-ଚାରଯୋଗ୍ୟ ।

Incorporate, *v.* ଏକତ୍ର-ମିଳନ ସ୍ଥାପନ-କ ।

Incorporation, *s.* ଯୋଗ ବା ମିଶ୍ର କରଣ, ସଭାଙ୍କରେ ସଙ୍ଘ ସ୍ଥାପନ ।

Incorporeal, *a.* ନିରାକାର,ଅଦେହୀ, ଅମୂର୍ତ୍ତ

Incorrect, *a.* ଭୁଲ, ଅଶୁଦ୍ଧ, ଭ୍ରମଯୁକ୍ତ, ଦୋଷୀ । [ଭ୍ରମଯୁକ୍ତତା ।

Incorrectness, *s.* ଅଶୁଦ୍ଧତା,ଅଯଥାର୍ଥତା.

Incorrigible, *a.* ଅସାଧ୍ୟ, ଅଦମନୀୟ, ଅତିଦୁଷ୍ଟ, ଅମାର୍ଜକ । [ଅକ୍ଷୟ, ଯଥାର୍ଥ ।

Incorrupt, *a.* ଶୁଦ୍ଧ, ଅବିକୃତ, ପରିଷ୍କୃତ,

Incorruptible, *a.* ଅକ୍ଷୟଣୀୟ,ଅବିନାଶୀ, ଅବିକାରୀ, ଦୋଷରହିତ ।

Increase, *s.* ବୃଦ୍ଧି, ଉନ୍ନତି; ଉତ୍ପନ୍ନ; ସନ୍ତାନ-ସନ୍ତତି; ଫଳ, ଫସଲ ।—*v*, ବୃଦ୍ଧି-କ,ବଢ଼ିବା, ଅଧିକ ଅଧିକ-ହେ ।

Incredible, *a.* ପ୍ରତ୍ୟୟ ଅଯୋଗ୍ୟ, ଅବିଶ୍ୱାସ୍ୟ, ଅଶ୍ରଦ୍ଧେୟ ।

Incredulity, *s.* ଅବିଶ୍ୱାସ, ଅଶ୍ରଦ୍ଧା, ଅପ୍ରତ୍ୟୟ, ଅପତ୍ୟୟ, ଅନାସ୍ଥା ।

Incredulous, *a.* ଅବିଶ୍ୱାସୀ, ଅପ୍ରତ୍ୟୟୀ, ସନ୍ଦେହମନାଃ ।

Increment, *s.* ବୃଦ୍ଧି, ଉନ୍ନତି, ଉତ୍ପତ୍ତି ।

Incriminate, *v.* ଦୋଷୀ-କ,ଅପବାଦ-ଦେ ।

Incrust, *v.* ଲେପିବା, ମଢ଼ିବା, ଜଡ଼ାଇବା, ସାଥ ଖୋଳପା ବାନ୍ଧିବା । [ବୃଦ୍ଧି ।

Incrustation, *s.* ଲେପ, ମଢ଼ା, ଲେପନ;

Incubation, *s.* ଡିମ୍ବ ପୋଷଣ ।

Incubus, *s.* କୁସ୍ୱପ୍ନ, ଦୁଃସ୍ୱପ୍ନ; ଭାର ।

Inculcate, *v.* ଉପଦେଶ-ଶିକ୍ଷା-ଦୃଢ଼ଶିକ୍ଷା -ଦେ, ଅଭ୍ୟାସ-କ ।

Inculcation, *s.*ପୁନଃ ୨ ଶିକ୍ଷା ବା ପରାମର୍ଶଦାନ

Incumbent, *s.* ବାର୍ଷିକାଶ, ବୃତ୍ତିଭୋଗୀ. ଅଧିକାରୀ ।—*a.* ଅବଶ୍ୟକ, ଉଚିତ, କର୍ତ୍ତବ୍ୟ; ଆଶ୍ରିତ ।

Incumbrance, *s.* ଭାର, କ୍ଲେଶଦାୟକ ବୋଝ, ଜଞ୍ଜାଳ । [ ବ୍ୟୟ-କ ।

Incur, *v.* ଦାୟଗ୍ରସ୍ତ- ଦଣ୍ଡଯୋଗ୍ୟ-ହେ ;

Incurable, *a.* ଅପ୍ରତିକାର୍ଯ୍ୟ, ଚିକିତ୍ସାରହିତ, ଅନୁପାୟ । [ବଳରେ ପ୍ରବେଶ ।

Incursion, *s.* ଆକ୍ରମଣ, ଚଢ଼ାଉ, ଦୌଡ଼,

Indebted, *a.* ଋଣୀ, ଋଣଗ୍ରସ୍ତ କରଜଦାର, ଦେଣାଦାର, ଖାତକ, ଧାରୁଆ; ବାଧିତ ।

Indecency, *s.* ନିର୍ଲଜ୍ଜତା, ଅଶୁଚିତା, ଅଶିଷ୍ଟାଚାର, କଦର୍ଯ୍ୟାଚାର । [ନିର୍ଲଜ୍ଜ, ମନ୍ଦ ।

Indecent, *a.* କୁତ୍ସିତ, ଅଶିଷ୍ଟ, ଅନୁଚିତ.

Indecision, *s.* ଅସ୍ଥିରମନସ୍କତା, ଅନିଶ୍ଚୟତା, ଦ୍ୱୈଧଜ୍ଞାନ, ସନ୍ଦେହ । [କର୍ତ୍ତବ୍ୟ ।

Indeclinable, *a.* ଅବ୍ୟୟ (ଶବ୍ଦ),ଅପରି-

Indecorous, *a.* ଅଶାନ୍ତ, ଅନୁଚିତ, ଅନିଷ୍ଟ, ଅସୁନ୍ଦର ।

Indecorum, *s.* ଅଶିଷ୍ଟାଚାର, ବ୍ୟବହାରର ଅନୌଚିତ୍ୟ, ନିର୍ଲଜ୍ଜତା ।

Indeed, *ad.* ସତ୍ୟ, ପ୍ରମାଣ, ଅବଶ୍ୟ, ନିତାନ୍ତରୂପେ । [ ଅକ୍ଲାନ୍ତ ।

Inuetatigable, *a.* ଅଶାନ୍ତ, ସଦାପରିଶ୍ରମୀ,

In.lefensible, *a.* ଅନୁଦ୍ଧରଣୀୟ, ଅରକ୍ଷୀୟ, ଅପ୍ରମାଣୀୟ ।

Indefinable, *a.* ଅନିର୍ବଚନୀୟ, ଅନିର୍ବାଚ୍ୟ ।

Indefinite, *a.* ଅନିର୍ଦ୍ଦିଷ୍ଟ, ଅସ୍ପଷ୍ଟ. ଅନିୟମିତ, ଅନେକ ।

Indelible, *a.* ଅମାର୍ଜନୀୟ, ଅକ୍ଷୟ, ଅଲୋପ୍ୟ ।

Indelicacy, *s.* ଅସୁଶୀଳତା, ଅସଦାଚାର, ଅଳ୍ପ ନିର୍ଲଜ୍ଜତା ।

Indelicate, *a.* ଅଶିଷ୍ଟ, ନିର୍ଲଜ୍ଜ ଅସୁଶୀଳ ।

Indemnify, *v.* ନିସ୍ତାର-ଦେ, କ୍ଷତି ପରିଶୋଧ-କ୍ଷତିପୂରଣ-କ । [ କହିବାର ପ୍ରତିଜ୍ଞା ।

Indemnity, *s.* ନିସ୍ତାର, କ୍ଷତିପୂରଣ, ରକ୍ଷା

Indent, *s.* କଟ ଚିହ୍ନ, ଅସମାନତା; ଆଦେଶ ବା ଫରମାଇସ୍‌ପତ୍ର ।

Indent, *v.* କରତ ଦାନ୍ତ ପରି ଦାନ୍ତ କାଟିବା ; ଦ୍ରବ୍ୟ ପଠାଇବାର ଆଜ୍ଞା-କ, ନିୟମ-କ ।

Indenture, *s.* ପ୍ରତିଜ୍ଞାପତ୍ର, ନିୟମପତ୍ର, ବନ୍ଦୋବସ୍ତ, ମୁଚୁଲିକା । [ସ୍ୱତନ୍ତ୍ରତା ।

Independence, *s.* ସ୍ୱାଧୀନତା, ସ୍ୱାବଶତା,

Independent, *a.* ସ୍ୱାଧୀନ, ସ୍ୱତନ୍ତ୍ର, ସ୍ୱବଶ, ଅନଧୀନ । [ଭାଷାତୀତ, କଥା ।

Independently, *ad.* ବ୍ୟତିରେକେ, ଭିନ୍ନରୂପ,

Indescribable, *a.* ଅବର୍ଣ୍ଣନୀୟ, ଅକଥନୀୟ, ଅନିର୍ବାଚ୍ୟ । [ଅକ୍ଷୟ, ଅଧ୍ୱଂସନୀୟ ।

Indestructible, *a.* ଅବିନାଶୀ, ଚିରସ୍ଥାୟୀ,

Indeterminate, *a.* ଅନିଶ୍ଚିତ, ଅସ୍ଥିର, ଅନିର୍ଦ୍ଧାରିତ । [ପତ୍ର, ନିର୍ଘଣ୍ଟ

Index, *s.* ପ୍ରଦର୍ଶକ ଚିହ୍ନ; ଘଡ଼ିର କଣ୍ଟା; ହସ୍ତ-

India, *s.* ଭାରତବର୍ଷ, ହିନ୍ଦୁସ୍ଥାନ ।

Indian, *a.* ଭାରତବର୍ଷୀୟ, ହିନ୍ଦୁସ୍ଥାନବାସୀ ।

Indian-corn, *s.* ମକା, ଭୁଟ୍ଟା ।

Indicate, *v.* ଦେଖାଇବା, ଚିହ୍ନାଇବା, ଜଣାଇବା, ପ୍ରକାଶ-କ । [ ର୍ଶନ ।

Indication, *s.* ଚିହ୍ନ, ଲକ୍ଷଣ, ସୂଚନା, ପ୍ରଦ-

Indicative, *a.* ଦର୍ଶକ, ଜ୍ଞାପକ, ବୋଧକ, ସୂଚକ ।

Indicative mood, *s.* ବର୍ତ୍ତବାଚକ ।

Indict, *v.* ନାଲିଶ-ଅଭିଯୋଗ-କ ।

Indictment, *s.* ନାଲିଶପତ୍ର, ଗୁହାରି, ଅଭିଯୋଗ । [ନିଃସ୍ପୃହତା ।

Indifference, *s.* ହେଳା, ଅମନୋଯୋଗ,

Indifferent, *a.* ଉଦାସୀନ, ଅନିଚ୍ଛୁକ, ମଧ୍ୟବର୍ତ୍ତୀ, ଅଳ୍ପବିଷୟକ, ସାମାନ୍ୟ, ଠାଉଆ ।

Indifferently, *ad.* ଅମନୋଯୋଗୀରୂପେ, ସାମାନ୍ୟ ବା ଅପ୍ରଭେଦରୂପେ ।

Indigence, *s.* ଦରିଦ୍ରତା, ଦୀନତା, ଦୀନହୀନତା ।

Indigenous, *a.* ଦେଶଜାତ, ଦେଶୀୟ ।

Indigent, *a.* ଦରିଦ୍ର, କଙ୍ଗାଳୀ, ଅକିଞ୍ଚନ, ଗରିବ, ଦୀନ, ଦୁଃଖୀ ।

Indigestible, *a.* ଅଜୀର୍ଣ୍ଣ, ଅପାଚ୍ୟ ।

Indigestion, *s.* ମନ୍ଦାଗ୍ନି, ବଦହଜମୀ, ଅଜୀର୍ଣ୍ଣତା, ଅପକ୍ୱତା ।

Indignant, *a.* କ୍ରୋଧାନ୍ୱିତ, କୁପିତ, ରାଗୀ, ବ୍ୟଗ୍ର, ରୁଷ୍ଟ । [କୋପ ।

Indignation, *s.* ଅବଜ୍ଞା ମିଶ୍ରିତ କ୍ରୋଧ, ରାଗ,

Indignity, *s.* ଅପମାନ, ଅମର୍ଯ୍ୟାଦା, ଅନାଦର, ଅସମ୍ଭ୍ରମ, ଅବଜ୍ଞା ।

Indigo, *s.* ନୀଳ, ନୀଳବୃକ୍ଷ ।

Indirect, *a.* ବକ୍ର, ବଙ୍କା, ଅସରଳ, ଅସ୍ପଷ୍ଟ ।

Indirectly, *ad.* ବକ୍ରଭାବେ, ବକ୍ରରୂପେ; ଘରବସ୍ତରେ ।

Indiscernible, *a.* ଅଦୃଶ୍ୟ, ଅଲକ୍ଷ୍ୟ, ଅପ୍ରକାଶନୀୟ, ଅତିକ୍ଷୁଦ୍ର ବା ସୂକ୍ଷ୍ମ ।

Indiscreet, *a.* ଅବିବେଚକ, ଅବିଜ୍ଞ, ଅବିବେକୀ, ଅସାବଧାନ ।

Indiscretion, *s.* ଅବିବେଚନା, ଭ୍ରମ, ପ୍ରମାଦ

Indiscriminate, *a.* ଅଭେଦ, ଅବିଶେଷ, ଅଜ୍ଞ ।

Indiscriminately, *ad.* ସାଧାରଣ ବା ଅଭେଦରୂପେ, ସବୁ ସମାନଭାବେ ।

Indispensable, *a.* ଅତିପ୍ରୟୋଜନୀୟ, ଅତ୍ୟାବଶ୍ୟକ, ନିତାନ୍ତକର୍ତ୍ତବ୍ୟ ।

Indispose, *v.* ମନ ବଗାଡିବା, ଅନିଚ୍ଛୁକ-ବିରକ୍ତ-କ, ପୀଡିତ-କ ।

Indisposed, *a.* ପୀଡିତ, ଅସୁସ୍ଥ ; ଅନିଚ୍ଛୁକ, ଦୁଃଖିତ, ବିରକ୍ତ ।

Indisposition, *s.* ପୀଡା, ଦୁଃଖ, ବ୍ୟାଧି, ବୈମୁଖ୍ୟ, ଅସ୍ୱାସ୍ଥ୍ୟ ।

Indisputable, *a.* ଅବିବାଦନୀୟ, ଅଖଣ୍ଡନୀୟ, ନିଶ୍ଚିତ, ନିର୍ବାଦ । [ଅଦ୍ରବଣୀୟ, ଶକ୍ତ ।

Indissoluble, *a.* ଅଭେଦନୀୟ, ଅଟଳନୀୟ,

Indissolubly, *ad.* ଅଭେଦ ବା ଅଟଳରୂପେ, ଦୃଢବନ୍ଧନରେ ।

Indistinct, *a.* ଅସ୍ପଷ୍ଟ, ଅବ୍ୟକ୍ତ, ଅପ୍ରକାଶ ।

Indite, *v.* ରଚନା-କ, ଲେଖିବା ।

Individual, *s.* ଜଣ, ବ୍ୟକ୍ତି, ଲୋକ, ଏକଜଣ, ଜଣେକ ।—*a.* ଏକ, ନିଜ, ସ୍ୱୟଂ, ଅଦ୍ୱିତୀୟ, ଅଭକ୍ତ ।

Individuality, *s.* ବ୍ୟକ୍ତିତ୍ୱ, ପାର୍ଥକ୍ୟ, ବ୍ୟକ୍ତିଭେଦ । [ଜଣ ।

Individually, *ad.* ଏକେ୨, ଜଣେ୨, ପ୍ରତି-

Indivisible, *a.* ଯାହାର ବିଭାଗ ହୋଇନ ପାରେ, ଅଭେଦ୍ୟ, ଅନଂଶନୀୟ, ଅଚ୍ଛେଦ୍ୟ ।

Indocile, *a.* ମୂର୍ଖ, ଅଶିଷ୍ଟ, ଅଶିକ୍ଷଣୀୟ, ଅନୁପଦେଶ୍ୟ, ଅଦମ୍ୟ ।

Indolence, *s.* ଆଲସ୍ୟ, ସୁସ୍ତିପଣ, ଢିଲାମୀ ।

Idolent, *a.* ଅଳସ, ଗଧା, ଅଳସୁଆ, ସୁସ୍ତି, ଢିଲା ।

Indomitable, *a.* ଅନାୟତ୍ତ, ଅଜେୟ ।

Indubitable, *a.* ନିଃସନ୍ଦେହ, ନିଶ୍ଚିତ, ନିଃସଂଶୟ, ନିର୍ବାଦ । [ରୂପେ ।

Indubitably, *ad.* ନିଶ୍ଚିତରୂପେ, ନିଃସନ୍ଦେହ-

Induce, *v.* ପ୍ରବୃତ୍ତ କରାଇବା, ମଣାଇବା, ଭୁଲାଇବା, ଲୋଭ ଦେଖାଇବା ।

Inducement, *s.* ପ୍ରବୃତ୍ତି, ଲୋଭ, ଆଶା; ହେତୁ । [ସ୍ଥାପିତ-କ ।

Induct, *v.* ପଦରେ ନିଯୁକ୍ତ- ପଦାର୍ପଣ

Induction, *s.* ଅନୁମାନ, ତର୍କ ; ପଦାର୍ପଣକରଣ ।

Indulge, *v.* ଅନୁଗ୍ରହଂକରିବା-ତୁଷ୍ଟ-କ ।

Indulgence, *s.* ଅନୁଗ୍ରହ, ସ୍ନେହ, କ୍ଷମା, ଅନୁମତି, ପ୍ରଶ୍ରୟଦାନ । [ଶୀଳ, ଧୀର ।

Indulgent, *a.* ଅନୁଗ୍ରାହକ, ବତ୍ସଳ, ଦୟା-

Indurate, *v.* କଠିନ-ହେ, ଶକ୍ତ-କଠିନ-କ ।

Industrious, *a.* ପରିଶ୍ରମୀ, ମେହନତୀ, ଉଦ୍ୟୋଗୀ, କର୍ମବନ୍ତ ।

Industry, *s.* ପରିଶ୍ରମ, ଉଦ୍ୟୋଗ, କର୍ମଶୀଳତା, ଯତ୍ନ, ସଚେଷ୍ଟା ।

Inebriate, *v* ମତ୍ତ-ମଦ୍ୟପାନ-ବିହ୍ୱଳ-କ ।

Inebriation, *s.* ମତ୍ତତା, ମଦ୍ୟପାନାସକ୍ତି, ଅତି ମଦ୍ୟପାନ । [ଅନିର୍ବଚନୀୟ ।

Ineffable, *a.* ଅବର୍ଣ୍ଣନୀୟ, ଅକଥନୀୟ,

Ineffably, *ad.* ଅକଥ୍ୟ ବା ଅକଥ୍ୟରୂପେ, ଅବର୍ଣ୍ଣନୀୟରୂପେ ।

Ineffective, Ineffectual, Inefficacious, *a.* ଅକର୍ମକ, ନିଷ୍ଫଳ, ମିଥ୍ୟା, ବୃଥା ।

Inefficacy, *s.* ନିଷ୍ଫଳତା, ବ୍ୟର୍ଥତା, ବିଫଳତା

Inefficiency, *s.* ଅକ୍ଷମତା, ଅପାରକତା, ଅସାମର୍ଥ୍ୟ । [ବ୍ୟର୍ଥ ।

Inefficient, *a.* ଅସମର୍ଥ, ଅପାରକ, ଅକ୍ଷମ,

Inelegance, *s.* କୁତ୍ସିତତା, ଅଶୋଭା, କୁରୂପତା, ଅସୌନ୍ଦର୍ଯ୍ୟ । [ଅସୁନ୍ଦର ।

Inelegant, *a.* ଅଶୋଭିତ, କୁଶ୍ରୀ, କଦର୍ଯ୍ୟ,

Inequality, *s.* ଅସମତା, ଅତୁଲ୍ୟତା, ବୈଷମ୍ୟ; ଉଚ୍ଚନୀଚତା ।

Inert, *a.* ଜଡ଼, ଅଳସ, ନିଶ୍ଚେଷ୍ଟ, ସ୍ଥୂଳ ।

Inestimable, *a.* ଅମୂଲ୍ୟ, ଅତ୍ୟୁତ୍ତମ, ବହୁମୂଲ୍ୟ । [ଘଟିବ ।

Inevitable, *a.* ଅବାରଣୀୟ, ଯାହା ନିଶ୍ଚୟ

Inevitably, *ad.* ଅବଶ୍ୟ, ନିତାନ୍ତ, ନିଶ୍ଚିତରୂପେ । [ନିରୁତ୍ତର ।

Inexcusable, *a.* ଅକ୍ଷମଣୀୟ, ଅମାର୍ଜନୀୟ-

Inexhaustible, *a.* ଅବ୍ୟୟ, ଅକ୍ଷୟ, ଅଶେଷ, ଅସରନ୍ତି ।

Inexorable, *a.* ନିର୍ଦ୍ଦୟ, ନିଷ୍ଠୁର, ଅକୃପ ।

Inexpediency, *s.* ଅନୁପଯୁକ୍ତତା, ଅଯୋଗ୍ୟତା । [ଅନୁଚିତ ।

Inexpedient, *a.* ଅନୁପଯୁକ୍ତ, ଅକର୍ତ୍ତବ୍ୟ,

Inexperience, *s.* ଅନଭିଜ୍ଞତା, ଅପଟୁତା, କଞ୍ଚାବୁଦ୍ଧି, ଅପ୍ରବୀଣତା । [କଞ୍ଚା ।

Inexperienced, *a.* ଅପଟୁ, ଅଜଣା, ଅଜ୍ଞାତ,

Inexpert, *a.* ଅଜ୍ଞାତ, ଅନିପୁଣ, ଅଜ୍ଞ, [illegible] । [ଅମୋଚନୀୟ ।

Inexpiable, *a.* ପ୍ରାୟଶ୍ଚିତ୍ତର ଅଯୋଗ୍ୟ,

Inexplicable, *a.* ବୁଦ୍ଧିର ଅଗମ୍ୟ, ଅବର୍ଣ୍ଣନୀୟ, ଗମ୍ଭୀର କଥା । [ଅବର୍ଣ୍ଣନୀୟ ।

Inexpressible, *a.* ଅକଥନୀୟ, ଅବାଚ୍ୟ,

Inextinguishable. *a.* ଯାହା ନିଭାଇବାର ନୋହେ, ଅନିର୍ବାପଣୀୟ । [ଅଦମନୀୟ ।

Inextricable, *a.* ଅନିସ୍ତରଣୀୟ, ଦୁସ୍ତର,

Infallibility, *s.* ଅଭ୍ରାନ୍ତି, ଅଭୁଲ, ଭ୍ରମଶୂନ୍ୟତା

Infallible, *a.* ଅଭ୍ରାନ୍ତ, ଭ୍ରମରହିତ ।

Infallibly, *ad.* ଅବଶ୍ୟ, ନିଶ୍ଚିତରୂପେ ।

Infamous, *a.* ଅପକୃଷ୍ଟ, ଦୁର୍ନାମୀ, ନିନ୍ଦିତ, କଳଙ୍କି, ବଦନାମୀ ।

Infamy, *s.* ଅପକୀର୍ତ୍ତି, ଅପଯଶ, କଳଙ୍କ, ଦୁର୍ନାମ, ଅଖ୍ୟାତି ।

Infancy, *s.* ବାଲ୍ୟାବସ୍ଥା, ଶିଶୁକାଳ, ପିଲାଦିନ, ଅପ୍ରାପ୍ତବୟସ୍କତା ।

Infant, *s.* ଶିଶୁ, ବାଳକ, ଦୁଗ୍ଧପୋଷ୍ୟ ପିଲା ।

Infanticide, *s.* ଶିଶୁବଧ, ବାଳହତ୍ୟା ।

Infantile, Infantine, *a.* ଶିଶୁସମ୍ବନ୍ଧୀୟ, ଶିଶୁବତ୍, ଶୈଶବୀୟ ।

Infantry, *s.* ପଦାତିକ ସୈନ୍ୟ, ପଦାତି ।

Infatuate, *v.* ମୋହିତ-ବଶ-କ, ଭୁଲାଇବା ।

Infatuation, s. ଜ୍ଞାନଲୋପ, ମୋହ, ମୁଗ୍ଧାବସ୍ଥା, ବାମାକତା ।

Infect, v. ଛୁଇଁବାରେ ବା ସ୍ପର୍ଶଦ୍ୱାର ପୀଡିତ-ଅପବିତ୍ର-କ ।

Infection, s ସ୍ପର୍ଶ ବା ଛୁଆଁରୋଗ, ଲଗାରୋଗ. ମାରୀ । [ବ୍ୟାପକ ।

Infectious, a. ରୋଗ ବା ବ୍ୟାଧିଜନକ, ଛୁଆଁ.

Infer, v. ବୋଧ-ଉପଲବ୍ଧ-ଅଃଫଳ-ଅନୁମାନ-କ । [ଯୋଗ୍ୟ ।

Inferable, Inferrible, a. ଅନୁମାନ–

Inference, s. ଅନୁମାନ, ଉପଲବ୍ଧି, ଅନୁମାନ. ଅପେକ୍ଷା । [ଉତ୍ତର ।

Inferior, a. ଅପକୃଷ୍ଟ, ଅଧମ, ନୀଚ, କ୍ଷୁଦ୍ର,

Inferior, s. ନୀଚପଦସ୍ଥଲୋକ, ଅଧୀନଲୋକ ।

Infernal, a. ନାରକୀୟ, ମହାଦୁଷ୍ଟ. ଭୂତ ।

Infertile, a. ଅଫଳନ୍ତ,ଅନୁର୍ବର, ବନ୍ଧ୍ୟା ।

Infest, v. ବିରକ୍ତ-ଉପଦ୍ରବ-କ, କ୍ଲେଶ-ଦିଅ--ଦ

Infidel, s. ନାସ୍ତିକ, ଧର୍ମନିନ୍ଦକ. ପରମେଶ୍ୱରଙ୍କ ବାକ୍ୟ ଅମାନକ ।

Infidelity, s. ନାସ୍ତିକତା,ଅବିଶ୍ୱାସ,ପାଷଣ୍ଡତା

Infinite, s. ଅନନ୍ତ, ଅଶେଷ, ଅସୀମ.ଅପରିମେୟ ।

Infinitesimal, a. ଅଶେଷରୂପେ ଅଳ୍ପ ।

Infinitive, a. ଭାବବାଚକ, ନିର୍ଦ୍ଦେଶକ ।

Infinitude, Infinity, s. ଅସୀମତ୍ୱ, ଅପରିମେୟତା, ଯାହାର ଅନ୍ତ ନାହିଁ, ଅସଂଖ୍ୟତା ।

Infirm, a. ଦୁର୍ବଳ, ଅଶକ୍ତ, କ୍ଷୀଣ, ଅସୁସ୍ଥ. ରୋଗୀ । [ଚିକିତ୍ସା ।

Infirmary, s. ଚିକିତ୍ସାଳୟ, ହସ୍ପିଟାଲ,ଦବା-

Infirmity, s. ଦୁର୍ବଳତା, କ୍ଷୀଣତା, ପୀଡା, ବ୍ୟାଧି, ରୋଗ । [ଖାନା ।

Infix, v. ବସାଇ-ଦେ, ବନ୍ଧି ମାରିବା, ଲଗା-

Inflame, v. ଅଗ୍ନି ଲଗାଇବା, ଜଳା-ଦେ ; କ୍ରୋଧାନ୍ୱିତ-କ । [ଗାଇବା ।

Inflammability, s. ଜ୍ୱଳନୀୟତ୍ୱ, ଜ୍ୱଳନ-

Inflammable, a. ଜ୍ୱଳନୀୟ,ଦହନୀୟ;କ୍ରୋଧୀ

Inflammation, s. ଜ୍ୱଳନ, ଉତ୍ତାପ, ଜ୍ୱାଳା, ଦାହ । [ଉତ୍ତେଜକ ।

Inflammatory, a. ଜ୍ୱଳନୀୟ, ତାପ ବା

Inflate, v. ଫୁଲାଇବା, ଫାମ୍ପିବା, ପ୍ରଫୁଲ୍ଲ ବା ଗର୍ବୀ କର ।

Inflation, s. ଫୁଲନ,ପ୍ରଫୁଲ୍ଲତା,ମିଥ୍ୟାଭିମାନ ।

Inflection, s. ଧାତୁର ବା ଶବ୍ଦର ବିଭକ୍ତି ; ବକ୍ରୀକରଣ ।

Inflexibility, s. ଶକ୍ତତା, ଦୃଢତ୍ୱ, ସ୍ଥୈର୍ଯ୍ୟ, ଅବାଧ୍ୟତା, ଯେଣ୍ଡାମୀ ।

Inflexible, a. ଦୃଢ, ଶକ୍ତ. ଅନମ୍ୟ, ଜବର ।

Inflexibly, ad. ସ୍ଥିରମନେ, ଅନମ୍ୟ ବା ଅତିଶକ୍ତରୂପେ ।

Inflict, v. ଦଣ୍ଡ-ସଜା-ଦେ । [ଭୋଗ ।

Infliction, s. ଶାସ୍ତି. ଶାସନ, ସଜା, ଦଣ୍ଡାଦି

Influence, s. ପ୍ରବର୍ତ୍ତକ ଶକ୍ତି, କ୍ଷମତା; ବ୍ୟାପକତା ; ପ୍ରଭାବ ।

Influence, v. ପ୍ରବର୍ତ୍ତାଇବା,ପ୍ରବୃତ୍ତି ଜନ୍ମାଇବା, ମଣାଇବା, ବଶଇବା ।

Influential, a. ପ୍ରଭାବବିଶିଷ୍ଟ,ଭାରି, ବ୍ୟାପକ, ପ୍ରବର୍ତ୍ତକ । [ରୋଗ ।

Influenza, s. ସର୍ଦ୍ଦି ଜ୍ୱରରୋଗବିଶେଷ. ଇଅଁ-

Influx, s. ଆଗମନ, ପ୍ରବାହ, ପ୍ରବେଶ; ଅମଦାନୀ, ବାହୁଲ୍ୟ । [-ଜ ।

Infold, v. ଗୁଡାଇବା, ଘୋଡାଇବା, ଆବୃତ

Inform, v. ଜ୍ଞାତ-କ, ଜଣାଇବା, ବୁଝାଇବା, ସମ୍ବାଦ-ଦେ ।

Informal, a. ଅବିଧି, ଅଦାଣ୍ଡ, ବେଦସ୍ତୁର ।

Informant, s. ଜ୍ଞାପକ,ସମ୍ବାଦଦାତା,ସୂଚକ ।

Information, s. ଜ୍ଞାନ, ସଂବାଦ, ସମାଚାର, ବାର୍ତ୍ତା, ଏତ୍ତେଲା, ଖବର । [ଗୋଏନ୍ଦା ।
Informer, s. ଜ୍ଞାପକ, ସଂବାଦଦାତା, ସୂଚକ,
Infraction, s. ଭଙ୍ଗ ବା ଲଙ୍ଘନ ବା ମେଣ୍ଟନକରଣ । [ଚର ।
Infrequent, a. କଦାଚିତ୍, କ୍ୱଚିତ୍, ଅସଚରାଚର-
Infringe, v. ନିୟମ ଭାଙ୍ଗିବା ବା ଲଙ୍ଘନ-କ, ମେଣ୍ଟାଇବା । [ଲଙ୍ଘନ ।
Infringement, s. ଆଜ୍ଞା ମେଣ୍ଟନକରଣ, ଉ-
Infuriated, a. ରାଗାନ୍ୱିତ, ରାଗାନ୍ଧ, କ୍ରୋଧିତ ।
Infuse, v. ଜଳରେ ଢାଳିବା; ଶିକ୍ଷା-ଦେ, ମନେ ନିବିଷ୍ଟ-କ; ଭିଜାଇବା ।
Infusion, s. କ୍ୱାଥ; ଅର୍ଦ୍ଧକରଣ, ଢାଳିବା ଦ୍ୱାରା ପୂର୍ଣ୍ଣକରଣ ।
Ingathering, s. ଶସ୍ୟ ସଂଗ୍ରହ, ସଞ୍ଚୟ, ଜମା, ଫଳାଦି ଏକତ୍ରକରଣ । [ବୁଦ୍ଧିମତ୍ତା ।
Ingenious, a. ଦକ୍ଷ, ଜ୍ଞାନୀ, ଗୁଣବନ୍ତ, ନିପୁଣ,
Ingeniously, ad. ଦକ୍ଷରୂପେ, ଚତୁରତାପୂର୍ବକ । [ପଣ ।
Ingenuity, s. ସୂକ୍ଷ୍ମବୁଦ୍ଧିତା, କୌଶଳ, ଚତୁର-
Ingenuous, a. ସରଳ, ଅକପଟ, ଅବକ୍ର, ସତ୍ୟ
Ingenuously, ad. ସରଳ ବା ନିଷ୍କପଟଭାବେ । [ଅବକ୍ରତା ।
Ingenuousness, s. ସାରଲ୍ୟ, ଅକପଟପଣ,
Inglorious, a. ଅମର୍ଯ୍ୟାଦାଜନକ, ଅପମାନ ବା ଅଖ୍ୟାତିକର, ଅପକୃଷ୍ଟ, ଅପ୍ରସିଦ୍ଧ ।
Ingot, s. ସୁନା ବା ରୁପାର ଖଣ୍ଡ ବା ଥାନ ।
Ingraft, v. କଲମ- ସଂଯୁକ୍ତ-କ, ଲଗାଇବା ।
Ingrate, s. କୃତଘ୍ନବ୍ୟକ୍ତି, ଉପକାର ଅମାନକ ଲୋକ, ନିମକହରାମ । [ପାତ୍ର-କ; ଅନୁଗ୍ରହ-କ ।
Ingratiate, v. ଅନୁଗ୍ରହପ୍ରାପ୍ତ-ହେ, ଅନୁଗ୍ରହ
Ingratitude, s. କୃତଘ୍ନତା, ଅକୃତଜ୍ଞତା, ଉପକାର ଅସ୍ୱୀକାର ।

Ingredient, s. ମସଲା; ମିଶ୍ରିତ ବସ୍ତୁର ଭାଗ । ଅଂଶ । [ହେବାର କ୍ଷମତା ।
Ingress, s. ପ୍ରବେଶ, ପଶିବା ବାଟ, ପ୍ରବେଶ-
Ingulf, v. ସମୁଦ୍ରରେ ମଗ୍ନ-ହେ, ଘୂର୍ଣ୍ଣିତ ଜଳରେ ବୁଡ଼ିଯିବା, ଗ୍ରାସ-କ ।
Inhabit, v. ବସତି- ବାସ- ଘର-କ ।
Inhabitable, a. ବାସ ବା ରହିବା ଯୋଗ୍ୟ ।
Inhabitant, s. ନିବାସୀ, ବାସକର୍ତ୍ତା, ଘରବାସୀ ବା ଲୋକ ।
Inhale, v. ନିଶ୍ୱାସ ଟାଣିବା, ବାୟୁ ଶୋଷିବା ।
Inharmonious, a. କୁଶ୍ରାବ୍ୟ, ଅମିଷ୍ଟ ବା ଅମେଳ ସ୍ୱରଯୁକ୍ତ । [କଦ, କକର ।
Inherent, a. ଅନ୍ତର୍ଜାତ, ଅନ୍ତର୍ବର୍ତ୍ତୀ, ସ୍ୱାଭ-
Inherit, v. ପୈତୃକାଧିକାର ଭୋଗ-କ, ଅଧିକାରପ୍ରାପ୍ତ-ହେ ।
Inheritable, a. ଉତ୍ତରାଧିକାର ଯୋଗ୍ୟ ।
Inheritance, s. ଉତ୍ତରାଧିକାର, ପୈତୃକଧନାଦି
Inheritor, s. ଉତ୍ତରାଧିକାରୀ, ପୈତୃକଧନାଧିକାରୀ ;
Inhibit, v. ନିଷେଧ- ନିବାରଣ- ମନା-କ ।
Inhibition, s. ନିଷେଧ, ନିବାରଣ, ବାଧା ।
Inhospitable, a. ଅତିଥିବର୍ଜିତ, ନିକୃଷ୍ଟ, ଅନୁପକାରୀ ।
Inhospitably, ad. ଅନାତିଥ୍ୟପୂର୍ବକ, ଅତିଥିଦ୍ୱେଷ ପୂର୍ବକ । [କୃପଣତା ।
Inhospitality, s. ଅତିଥି ସେବାରେ ଅନିଚ୍ଛା,
Inhuman, a. ନିର୍ଦ୍ଦୟ, ନିଷ୍ଠୁର, କ୍ରୂର, ଅସଭ୍ୟ ।
Inhumanity, s. ନିର୍ଦ୍ଦୟତା, ନିଷ୍ଠୁରତା, ଅସଭ୍ୟତା । [ଅନିଷ୍ଟକାରୀ ।
Inimical, a. ଶତ୍ରୁବତ୍, ବିପକ୍ଷ, ପ୍ରତିକୂଳ,
Inimitable, a. ନିରୁପମ, ଅନୁପମ, ଅତୁଲ୍ୟ, ଅଦ୍ୱିତୀୟ । [ରୂପେ ।
Inimitably, ad. ଅତୁଲ୍ୟ ବା ଅତ୍ୟୁତ୍ତମ-

Iniquitous, *a.* ଅନ୍ୟାୟୀ, ପାପିଷ୍ଠ, ଦୁଷ୍କର୍ମ, ଦୁଷ୍ଟ ।
Iniquity, *s.* ଅପରାଧ, ଅଧର୍ମ, ଦୁଷ୍କ୍ରିୟା, ପାପ ।
Initial, *s.* ଆଦ୍ୟ, ପ୍ରଥମ: ନାମର ଆଦ୍ୟାକ୍ଷର ।
Initiate, *v.* ପ୍ରଥମଶିକ୍ଷା ଦୀକ୍ଷା-ଦେ, ଆରମ୍ଭ-କ
Initiation, *a.* ଶିକ୍ଷାରମ୍ଭ, ଦଳଭୁକ୍ତକରଣ ।
Inject, *v.* ନିକ୍ଷେପ- ପ୍ରକ୍ଷେପ-କ; ପିଚିକାରୀ ମାରିବା ।
Injection, *s.* ପିଚିକାରୀ ଦ୍ୱାରା ନିକ୍ଷେପ ।
Injudicial, *a.* ଅଶାସ୍ତ୍ର, ଅବ୍ୟବସ୍ଥାମତ, ବିଧି ବା ଆଇନବିରୁଦ୍ଧ ।
Injudicious, *a.* ଅବିବେକୀ, ଅବିଜ୍ଞ, ବିଚାର-ରହିତ ।
Injudiciously, *ad.* ଅବିବେଚନାପୂର୍ବକ ।
Injunction, *s.* ଆଜ୍ଞା, ଆଦେଶ, ବିଧି, ହୁକୁମ ।
Injure, *v.* କ୍ଷତି- ହାନି- ହିଂସା- ଅପକାର-କ ।
Injurious, *a.* ଅପକାରକ, କ୍ଷତିକର, ଦ୍ୱେଷୀ. [ହିଂସକ ।
Injury, *s.* ହାନି, କ୍ଷତି, ଦୁଃଖ ।
Injustice, *s.* ଅନ୍ୟାୟ, ଅବିଚାର, ଅଧର୍ମ ।
Ink, *s.* କାଳି, ମସୀ, ସେହାଇ, ସ୍ୟାହି ।
Inkhorn, Inkstand, *s.* ଦୁଆତ, ସ୍ୟାହି-ପାତ୍ର ବା ଦାନ ।
Inkling, *s.* ଇଙ୍ଗିତ, ଅଳ୍ପ ଇଚ୍ଛା ।
Inland, *a.* ଦେଶମଧ୍ୟସ୍ଥ, ଅନ୍ତର୍ବର୍ତ୍ତୀ ।
Inlay, *v.* ଖଚିତ- ଜଡିତ- ରତ୍ନଖଚିତ-କ ।
Inlet, *s.* ପ୍ରବେଶ ପଥ, ପଶିବାର ବାଟ, ଖାଲ ।
Inly, *ad.* ମନରେ, ଅନ୍ତରେ, ଗୁପ୍ତରେ, ଭିତରେ ।
Inmate, *s.* ସହବାସୀ, ଏକଗୃହସ୍ଥିତ ଲୋକ ।
Inmost, *a.* ଅନ୍ତଃକରଣସ୍ଥ, ଅନ୍ତର୍ବର୍ତ୍ତୀ, ଅନ୍ତରସ୍ଥ
Inn, *s.* ରହିବାର ଘର, ପଥିକଗୃହ, ସରାଇ ।
Innate, *a.* ଅନ୍ତର୍ଜାତ, ସ୍ୱାଭାବିକ, ଅନ୍ତରସ୍ଥ ।
Inner, *a.* ଭିତର, ଅନ୍ତରୀୟ, ଅନ୍ତରସ୍ଥ ।
Innkeeper, *s.* ରହିବାଘରର କର୍ତ୍ତା, ସରାଇରକ୍ଷକ ।
Innocence, *s.* ପାପରହିତତା, ନିର୍ଦୋଷତା, ସରଳତା, ନିଷ୍କପଟତା ।
Innocent, *a.* ନିର୍ଦୋଷ, ନିରପରାଧ, ନିଷ୍ପାପ, ଅହିଂସକ । [ନିର୍ଦୋଷ ।
Innocuous, *a.* ଅନପକାରକ, ଅହିଂସକ,
Innovation, *s.* ନୂତନ ଧାରାସ୍ଥାପନ । [ଶକ ।
Innovator, *s.* ନୂତନ ଧାରାସ୍ଥାପକ ବା ପ୍ରବ-
Innoxious, *a.* ଅହିଂସକ, ଅଦ୍ୱେଷୀ, ନିର୍ଦୋଷ
Innuendo, *s.* ଇଙ୍ଗିତ, ସଙ୍କେତବାକ୍ୟ, ଠାର, ଇସାରା । [ଅପାର, ବହୁତ ।
Innumerable, *a.* ଅଗଣନୀୟ, ଅସଂଖ୍ୟ,
Inoculate, *v.* ବସନ୍ତର ଟୀକା-ଦେ; କଲମ-କ
Inoculation, *s.* ବସନ୍ତର ଟୀକା ଦେବାର କର୍ମ ; କଲମକରଣ ।
Inoculator, *s.* ଟୀକାଦାର; କଲମକାରକ ।
Inodorous, *a.* ଗନ୍ଧହୀନ, ନିର୍ଗନ୍ଧ, ବାସହୀନ ।
Inoffensive, *a.* ଅହିଂସକ, ନିର୍ଦୋଷ, ଅନପକାରକ ।
Inopportune, *a.* ଅନୁପଯୁକ୍ତ, ଅଶୁଭକାଳୀନ, ଅସମୟଜାତ । [ଶୟ, ଅଧିକ ।
Inordinate, *a.* ଅପରିମିତ, ବହୁଳ, ଅତି-
Inorganic, *a.* ଅଜୈବ, ସ୍ୱାଭାବିକ ଶକ୍ତିହୀନ ।
Inquest, *s.* ଅକସ୍ମାତ ମୃତ୍ୟୁର ହେତୁ ଅନୁସନ୍ଧାନ, ସୁରତହାଲ, ବିଚାର ।
Inquietude, *s.* ଚିନ୍ତା, ବ୍ୟାକୁଳତା; ବ୍ୟଗ୍ରତା, ଉଦ୍ବେଗ, ମନୋଦୁଃଖ ।
Inquire, *v.* ପ୍ରଶ୍ନ-କ, ପଚାରିବା, ତଲାସ-ଅନୁସନ୍ଧାନ-କ ।
Inquirer, *s.* ପ୍ରଶ୍ନକାରୀ, ପଚାରିବା ଲୋକ, ଅନ୍ୱେଷଣକାରୀ, ପରୀକ୍ଷକ । [ବିଚାର ।
Inquiry, *s.* ପ୍ରଶ୍ନ, ତଦାରକ,, ଅନୁସନ୍ଧାନ,

Inquisition, *s.* ଦୋଷାନୁସନ୍ଧାନ; ମତାନ୍ତର ଲୋକମାନଙ୍କୁ ଦଣ୍ଡ ଦେବା ନିମନ୍ତେ ରୋମ ମତାବଲମ୍ବୀମାନଙ୍କ ବିଚାର ସଭା ।

Inquisitive, *a.* ଅନୁସନ୍ଧାନୀ, ଅନୁସନ୍ଧାନ ତତ୍ପର, ପରଚ୍ଛିଦ୍ରାନ୍ୱେଷୀ ।

Inroad, *s.* ହଠାତ୍ ଆକ୍ରମଣ, ଚଢ଼ାଉ, ପଶିବା,

Insalutary, *a.* ଅସ୍ୱାସ୍ଥ୍ୟଜନକ, ଅହିତକର ।

Insane, *a.* ଉନ୍ମତ୍ତ, ବାୟା, ବାତୁଳ, ପାଗଳ ।

Insanity, *s.* ଉନ୍ମତ୍ତତା, ଉନ୍ମାଦ, ବାତୁଳତା, ପାଗଳପଣ । [ଲୋଭୀ ।

Insatiable, *a.* ଅତୃପ୍ତିକର, ଅତୋଷେୟ, ବହୁ-

Inscribe, *v.* ଲେଖାଉପରେ ଲେଖିବା, ଚିହ୍ନ-କ, ଶିରୋନାମା-ଦେ ।

Inscription, *s.* ଉପରଲିଖନ, ଶିରୋନାମା ।

Inscrutable, *a.* ବୋଧାଗମ୍ୟ, ଅଜ୍ଞେୟ, ଗୂଢ଼ାର୍ଥ, ଗୁପ୍ତ ।

Insect, *s.* କୀଟ, କୃମୀ, ପୋକ ।

Insecure, *a.* ଆପଦଯୁକ୍ତ, ସଂକଟାପନ୍ନ, ଅରକ୍ଷିତ, ସନ୍ଦେହଯୁକ୍ତ ।

Insecurity, *s.* ସଙ୍କଟ, ବିପଦ, ଭୟ, ଆପଦ ।

Insensate, *a.* ଅବୋଧ, ଅଜ୍ଞାନ, ହତଜ୍ଞାନ, ମୂର୍ଖ ।

Insensibility, *s.* ଅଚେତନ, ମୂର୍ଚ୍ଛାବସ୍ଥା, ନିଷ୍ପନ୍ଦ ; ନିର୍ବୁଦ୍ଧିପଣ, ଜଡ଼ତା ।

Insensible, *a.* ବୋଧଶୂନ୍ୟ, ଅଚେତନ, ମୂର୍ଚ୍ଛାପନ୍ନ, ନିର୍ବୋଧ । [ଅଲକ୍ଷ୍ୟରୂପେ ।

Insensibly, *ad.* ଅଗୋଚରରେ, ଧୀରେ୨,

Inseparable, *a.* ଅଭେଦ୍ୟ, ଅବିଚ୍ଛେଦ୍ୟ, ଯାହାର ବିୟୋଗ ହୋଇ ନ ପାରେ ।

Inseparably, *ad.* ଅଭେଦ୍ୟରୂପେ ।

Insert, *v.* ଲେଖିବା, ଲେଖି ରଖିବା, ମିଶାଇବା, ଭୁକ୍ତ-କ । [ମଧ୍ୟରେ ସ୍ଥାପନ ।

Insertion, *s.* ସାମିଲ ବା ଭୁକ୍ତକରଣ, ଅନ୍ୟର

Inside, *s.* ମଧ୍ୟସ୍ଥାନ, ଅନ୍ତର, ଭିତର, ଅଭ୍ୟନ୍ତର

Insidious, *a.* କପଟୀ, ପ୍ରବଞ୍ଚକ, କୁଟିଳ, ଛଳୀ ।

Insidiously, *ad.* ଶଠତାପୂର୍ବକ, ଛଳକ୍ରମେ, କୁଟିଳଭାବରୂପେ । [ଜ୍ଞାନ ।

Insight, *s.* ବିଶେଷଜ୍ଞାନ, ମର୍ମଜ୍ଞାନ, ଦୃଷ୍ଟବୋଧ-

Insignia, *s.* ପଦର ଚିହ୍ନ, ସମ୍ମାନ୍ତପଦର ଲକ୍ଷଣ ।

Insignificance, *s.* କ୍ଷୁଦ୍ରତା, ତୁଚ୍ଛତା, ଅନର୍ଥକତା । [ଅକିଞ୍ଚିତ୍ ।

Insignificant, *a.* କ୍ଷୁଦ୍ର, ତୁଚ୍ଛଯୋଗ୍ୟ, ସାନ,

Insincere, *a.* ଅସରଳ, ଖଳ, କୁଟିଳ, କପଟୀ, ମିଥ୍ୟା । [ଟିଲ୍ୟ ।

Insincerity, *s.* କପଟପଣ, ଅସାରଲ୍ୟ, କୌ-

Insinuate, *v.* କୌଶଳକ୍ରମେ ବସା-କ, ଇଙ୍ଗିତ ଦ୍ୱାରା ବ୍ୟକ୍ତ-କ, କ୍ରମଶଃ ପଶିବା ବା ପ୍ରବେଶ-କ । [ବିଶ୍ୱାସୀ, ତୁଷ୍ଟିକାରୀ ।

Insinuating, *a.* କଥାବାର୍ତ୍ତାପ୍ରିୟ, କୌଶଳରେ

Insinuation, *s.* ବାକ୍ୟଚ୍ଛଳ, ଠାର, ପ୍ରସଙ୍ଗ । [ଅନୁପ୍ରବର୍ତ୍ତନ ।

Insipid, *a.* ନିରସ, ନିସ୍ୱାଦୁ, ପାଣିଆ, ବେମଜା,

Insipidity, *s.* ନିରସତା, ନିସ୍ୱାଦୁତା, ଅସ୍ୱାଦୁପଣ । [ଉତ୍ତେଜନା-କ ।

Insist, *v.* ନିଶ୍ଚୟ ବା ଦୃଢ଼ କହି-କହୁ; ଜିଦ୍-କ ;

Insnare, *v.* ଫାନ୍ଦରେ ପକାଇବା, ଜାଲରେ ଧରିବା, ଫସାଇବା । [କତା ।

Insolence, *s.* ପ୍ରଗଲ୍ଭତା, ଅଶିଷ୍ଟତା, ଦାମ୍ଭି-

Insolent, *a.* ଦାମ୍ଭିକ, ପ୍ରଗଲ୍ଭ, ଗର୍ବୀ, ଧୃଷ୍ଟ, ଅଶିଷ୍ଟ, ଦୁର୍ମୁଖ ।

Insoluble, *a.* ଅଦ୍ରବଣୀୟ, ଅଗଳନୀୟ, ଯାହା ତରଳ ନୁହେ ।

Insolvency, *s.* ଦେଉଳିଆପଣ, ନିର୍ଦ୍ଧନତା, ଋଣ ଶୋଧିବାର ଅସାମର୍ଥ୍ୟ ।

Insolvent, *a.* ଋଣ ଶୋଧନରେ ଅକ୍ଷମ, ଦେଉଳିଆ, ଅକ୍ଷମ ଋଣୀ ।

Insomuch, *ad.* ଏଣୁ, ଏତାବତ୍, ଏତେକ, ଏପର୍ଯ୍ୟନ୍ତ, ଏମନ୍ତ ଯେ । [ନ୍ତ-କ ।
Inspect, *v.* ଦୃଷ୍ଟି-କ ; ନିରୀକ୍ଷଣ-ପରଖ-ତଦ-
Inspection, *s.* ପରୀକ୍ଷା, ପରଖ, ତଦନ୍ତକ-ରଣ, ତତ୍ତ୍ୱାବଧାରଣ ।
Inspector, *s.* ପରୀକ୍ଷକ, ଅମୀନ, ତତ୍ତ୍ୱାବଧାରକ
Inspiration, *s.* ନିଶ୍ୱାସ ବା ବାୟୁ ଗ୍ରହଣ ; ଦୈବଜ୍ଞାନ, ଧର୍ମଗ୍ରନ୍ଥର ଆବେଶ ।
Inspire, *v.* ନିଶ୍ୱାସାକର୍ଷଣ-କ ; ମନରେ ଆବେଶ କରାଇବା, ଦୈବଜ୍ଞାନବିଶିଷ୍ଟ-କ ।
Inspired, *a.* ଈଶ୍ୱରଦତ୍ତ, ଆପ୍ତ, ଅବତୀର୍ଣ୍ଣ, ଦୈବଜ୍ଞାନବିଶିଷ୍ଟ । [ଜୀଆଇବା ।
Inspirit, *v.* ସାହସ-ଭରସା-ଦେ, ସତେଜ-କ,
Inspissate, *v.* ଘନୀଭୂତ-ଗାଢ଼-କ, ଅଉଟିବା
Instability, *s.* ଅସ୍ଥିରତା, ଚଞ୍ଚଳତା, ଅନିତ୍ୟତା
Install, *v.* ପଦସ୍ଥ-ପଦାଭିଷିକ୍ତ-ପଦାର୍ପଣ-କ ।
Installation, *s.* ଅଭିଷେକ, ପଦାର୍ପଣ ।
Instalment, *s.* ଅଭିଷେକକରଣ, ଭାଗ, ବାଣ୍ଟ ; ଟଙ୍କାର କିସ୍ତି ।
Instance, *s.* ପ୍ରାର୍ଥନା, ଦରଖାସ୍ତ ; ଉଦାହରଣ, ଦୃଷ୍ଟାନ୍ତ ; କାରଣ ; ଘଟନା ।—*v.* ଦୃଷ୍ଟାନ୍ତ- ଉଦାହରଣ- ପ୍ରମାଣ-ଦେ ।
Instant, *s.* ମୁହୂର୍ତ୍ତ, ନିମେଷ, ଏକ୍ଷଣ ; ତାରିଖ । —*a.* ବର୍ତ୍ତମାନ ତାରିଖର ବା ମାସର ; ଅବିଳମ୍ବ, ବ୍ୟସ୍ତ, ବ୍ୟଗ୍ର ।
Instantaneous, *a.* କ୍ଷଣିକ, କ୍ଷଣକାଳୀନ, ହଠାତ୍ । [ବିଦ୍ଧ, ବୃହତ ।
Instantly, *ad.* ଏବେ, ଅବିଳମ୍ବେ, ତତ୍କ୍ଷଣାତ୍.
Instead, *ad.* ପରିବର୍ତ୍ତେ, ବଦଳରେ, ପାଲଟେ ।
Instep, *s.* ପାଦର ଉପରଭାଗ, ଗୋଡ଼ର ପିଠି
Instigate, *v.* କୁମନ୍ତ୍ରଣା-ଦେ, ଦୁଷ୍କର୍ମରେ ପ୍ରବୃତ୍ତ କରାଇବା । [ପରାମର୍ଶ ।
Instigation, *s.* କୁମନ୍ତ୍ରଣା, କୁପ୍ରବୃତ୍ତି, କୁ-
Instigator, *s.* ପ୍ରବର୍ତ୍ତକ, କୁମନ୍ତ୍ରଣାଦାତା, କୁପରାମର୍ଶଦାତା ।
Instil, *v.* ଟୋପା ଟୋପା କରି ଦେବା ; କ୍ରମେ ଶିକ୍ଷା ମନରେ ପ୍ରବେଶ କରାଇବା ।
Instinct, *s.* ସ୍ୱାଭାବିକଜ୍ଞାନ, ପଶୁବୁଦ୍ଧି ।
Instinctive, *a.* ସ୍ୱାଭାବିକ, ଅବିବେଚକ, ପଶୁବତ୍ ଜ୍ଞାନାତ୍ମକ । [ବିନାଭ୍ୟାସେ ।
Instinctively, *ad.* ସ୍ୱଭାବତଃ, ପ୍ରକୃତିବଳେ,
Institute, *s.* ବ୍ୟବସ୍ଥା, ବିଧି, ଆଇନ, ନିୟମ । —*v.* ସ୍ଥିର- ସ୍ଥାପନ- ନୂତନ ବ୍ୟବସ୍ଥା- ନିୟମ-କ । [ଳୟ ।
Institution, *s.* ସଂସ୍ଥାପନ ; ବ୍ୟବସ୍ଥା ; ବିଦ୍ୟା-
Institutor, *s.* ବ୍ୟବସ୍ଥାପକ, ସଂସ୍ଥାପକ ।
Instruct, *v.* ଉପଦେଶ- ଶିକ୍ଷା-ଦେ, ଜଣାଇବା, ଆଦେଶ-କ । [ଆଜ୍ଞା ।
Instruction, *s.* ଶିକ୍ଷା, ଉପଦେଶ ; ଆଦେଶ,
Instructive, *a.* ଉପଦେଶକାରୀ, ଶିକ୍ଷାଦାୟକ, ଉପଦେଶଯୋଗ୍ୟ । [ପକ, ଗୁରୁ ।
Instructor, *s.* ଶିକ୍ଷକ, ଉପଦେଶକ, ଅଧ୍ୟା-
Instrument, *s.* ଅସ୍ତ୍ରଶସ୍ତ୍ର, କଳଯନ୍ତ୍ର, ହତିଆର, ପଟ୍ଟା ; କାରଣ, ଉପାୟ ।
Instrumental, *a.* ସାଧକ, କାରକ, ପ୍ରଯୋଜକ, ସହକାରୀ ; ଯନ୍ତ୍ରୋତ୍ପନ୍ନ ।
Insubordinate, *a.* ଅନାଜ୍ଞାକାରୀ, ଅବାଧ୍ୟ, ଅବଶ, ଛେଚଡ଼ା । [ଥେଣ୍ଟାପଣ ।
Insubordination, *s.* ଅବାଧ୍ୟତା, ଅବଶତା,
Insufferable, *a.* ଅସହ୍ୟ, ଅସହନୀୟ, ଦୁଃସହ, ଅତିକୁତ୍ସିତ, ଘୃଣ୍ୟ ।
Insufficiency, *s.* ଅପ୍ରଚୁରତା, ଅକ୍ଷମତା, ଅପ୍ରତୁଳତା । [ର୍ଯ୍ୟାପ୍ତ, ନିଅଣ୍ଟ ।
Insufficient, *a.* ଅପ୍ରଚୁର, ଅଯଥେଷ୍ଟ, ଅପ-
Insular, *a.* ଉପଦ୍ୱୀପସମ୍ବନ୍ଧୀୟ, ଦ୍ୱୀପସ୍ଥ, ପାଣିରେ ବେଷ୍ଟିତ ।

Insulate, *v.* ଅଲଗା ସ୍ଥାନରେ ରଖିବା ।
Insulated, *a.* ଅଲଗା, ପୃଥକ୍, ଅସଂଯୁକ୍ତ ।
Insult, *s.* ଅପମାନ, ଅମର୍ଯ୍ୟାଦା, ଅବଜ୍ଞା, ନିନ୍ଦା ।
—*v.* ଅବଜ୍ଞା-ଅପମାନ-ତିରସ୍କାର-ଅମର୍ଯ୍ୟାଦା-କର । [ଣୀୟ, ଅଜେୟ, ଅପାର୍ଯ୍ୟ ।
Insuperable, *a.* ଅସାଧ୍ୟ, ଅଗମ୍ୟ, ଅତର-
Insupportable, *a.* ଅସହ୍ୟ, ଅସହନୀୟ, ଅକ୍ଷନ୍ତବ୍ୟ । [ବସ୍ତ, ବୀମା ।
Insurance, *s.* କେ ନୁକ୍ସାନର ଭରଣା ବନ୍ଦୋ-
Insure, *v.* ବୀମା-କର, କ୍ଷତି ବା ଅପଚୟ ପୂର୍ତ୍ତିର ବନ୍ଦୋବସ୍ତ-କର । [ଦୁଃସାଧ୍ୟ ।
Insurmountable, *a.* ଅଜେୟ, ଅନିବାର୍ଯ୍ୟ,
Insurrection, *s.* ରାଜଦ୍ରୋହ, ଗଣ୍ଡଗୋଳ, ରାଜବିପକ୍ଷତା ।
Intact, *a.* ଅଖଣ୍ଡିତ, ଅକ୍ଷୁଣ୍ଣ ।
Integer, *s.* ସମୁଦାୟ, ସମସ୍ତ, ଗୋଟା, ମୋଟ ।
Integral, *a.* ସବୁ, ଷୋଳଅଣା, ଅଖଣ୍ଡ, ପୂର୍ଣ୍ଣ ।
Integrity, *s.* ଅଖଣ୍ଡତା; ସାଧୁତା, ସରଳତା, ସୌଜନ୍ୟ ।
Integument, *s.* ଚର୍ମ, ତ୍ୱକ୍, ଛାଲ, ବକଲ ।
Intellect, *s.* ବୁଦ୍ଧି, ଚିତ୍ତ, ମନ, ପ୍ରବୋଧ, ଜ୍ଞାନ, ଧୀ, ମାନସ । [ସମ୍ବନ୍ଧୀୟ ।
Intellectual, *a.* ମାନସିକ, ବୁଦ୍ଧିମାନ୍; ଜ୍ଞାନ-
Intelligence, *s.* ବୁଦ୍ଧି, ଜ୍ଞାନ, ବୋଧ; ସଂବାଦ, ସମାଚାର, ଖବର ।
Intelligent, *a.* ବିଜ୍ଞ, ବୁଦ୍ଧିମାନ, ଜ୍ଞାନୀ, ନିପୁଣ
Intelligible, *a.* ସୁସ୍ପଷ୍ଟ, ବୋଧଗମ୍ୟ ।
Intemperance, *s.* ଅପରିମିତାଚାର, ଅତିଭୋଜନପାନ, ମତ୍ତତା, ଅଧୈର୍ଯ୍ୟ ।
Intemperate, *a.* ଅପରିମିତାଚାରୀ; ପେଟୁକ, ମତ୍ତ; ରାଗୀ ।
Intend, *v.* ମନସ୍ଥ-ମନେ-ଅଭିପ୍ରାୟ-କର ।
Intense, *a.* ଅତ୍ୟନ୍ତ, ଅତିଶୟ, ବଡ, ଏକାନ୍ତ ।

Intensely, *ad.* ଖୁବ୍ ବା ଅତ୍ୟନ୍ତ ବା ଏକାନ୍ତରୂପେ । [ପଣ; ବ୍ୟଗ୍ରତା ।
Intensity, *s.* ଅତ୍ୟନ୍ତିକତା, ଅତିଶୟ, କଠିନ-
Intent, *a.* ସଚେଷ୍ଟ, ମନୋନିବେଶ, ପରିଶ୍ରମୀ ।
—*s.* ମାନସ, ଅଭିପ୍ରାୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ।
Intention, *s.* ଅଭିପ୍ରାୟ, ମାନସ, ଭାବ, ମତଲବ । [ଜ୍ଞାତସାରେ, ଜ୍ଞାନତଃ ।
Intentionally, *ad.* ଜ୍ଞାନପୂର୍ବକ, ଜାଣି୨,
Intently, *ad.* ଅବଷରୂପେ, ଅବଷ୍ଟଚିତ୍ତେ, ମନୋଯୋଗ ବା ବ୍ୟଗ୍ରତାପୂର୍ବକ ।
Inter, *v.* ପୋତିବା, ସମାଧି-ମାଟି-କବର-ଦେ । [ପ୍ରତିନିଧି-ହେ ।
Intercede, *v.* ପରପାଇଁ ପ୍ରାର୍ଥନା-କର, ମଧ୍ୟସ୍ଥ-
Intercept, *v.* ଅଟକାଇବା, ବାଧା ଜନ୍ମାଇବା, ବନ୍ଦ-କର, ବାଟରେ ଧରିବା । [ପ୍ରାର୍ଥନା ।
Intercession, *s.* ମଧ୍ୟସ୍ଥପଣ, ପରପାଇଁ ମଙ୍ଗଳ
Intercessor, *s.* ମଧ୍ୟସ୍ଥ, ପରପାଇଁ ପ୍ରାର୍ଥକ ବା ନିବେଦନକାରୀ ।
Interchange, *s.* ପରିବର୍ତ୍ତନ, ବଦଳ, ବିନିମୟ ।—*v.* ଫେରଫାର-ଆଦାନପ୍ରଦାନ-ବଦଳାବଦଳି-କର । [ଯୋଗ୍ୟ ।
Interchangeable, *a.* ପରିବର୍ତ୍ତନୀୟ, ବଦଳ-
Intercourse, *s.* ଯାତାୟାତ; ସମ୍ଭାଷ, ଆଳାପ, କଥାବାର୍ତ୍ତା, ସଂସର୍ଗ ।
Interdict, *v.* ନିବାରଣ-ନିଷେଧ-ମନା-କର ।
—*s.* ନିଷେଧ; ଧର୍ମକର୍ମର ନିବାରଣ ।
Interdictory, *a.* ନିଷେଧକ, ବାରଣକାରୀ ।
Interest, *v.* ମନୋଯୋଗ-କର; ସ୍ୱାର୍ଥ ବା ସମ୍ପର୍କ ରଖିବା, ଲାଭାଲାଭର ଅଂଶୀ-ହେ ।—*s.* ଲାଭ, ଅଂଶ, ସ୍ୱାର୍ଥ, ସମ୍ପର୍କ; ସୁଧ, ବଅଢ଼, ମୁନାଫା, କଲନ୍ତର । [ସୁନ୍ଦର ।
Interesting, *a.* ମନୋହର, ମନୋରମ୍ୟ,
Interfere, *v.* ହାତ-ଦେ, ପରସ୍ୱକାର, ଚର୍ଚ୍ଚା-କର

Interference, *s.* ପରକାର୍ଯ୍ୟରେ ହସ୍ତକ୍ଷେପଣ, ପରସ୍ପରବିରୋଧ ।

Interim, *s.* ମଧ୍ୟକାଳ, ଏଥମଧ୍ୟରେ; ଅବସର

Interior, *a.* ମଧ୍ୟସ୍ଥ, ମଧ୍ୟବର୍ତ୍ତୀ, ଅନ୍ତରସ୍ଥ, ଅନ୍ତଃସ୍ଥ ।

Interjection, *s.* ଅଶ୍ଚର୍ଯ୍ୟ ବା ଦୁଃଖାଦି ବୋଧକ ଅବ୍ୟୟଶବ୍ଦ, ଯଥା ଅହୋ, ଉହୁ, ହାୟ୍ ।

Interlard, *v.* ମିଶାଇବା, ଉପରଉପରି-କ ।

Interleave, *a.* ପ୍ରତ୍ୟେକ ପୃଷ୍ଠା ଉପରେ ସାଦା କାଗଜ-ଦେ । [ଲେଖିବା ।

Interline, *v.* ଦୁଇ ଧାଡିର ମଧ୍ୟରେ

Interlocutor, *s.* ଉତ୍ତର ପ୍ରତ୍ୟୁତ୍ତରକାରୀ ।

Interloper, *s.* ପରସ୍ୱକାରରେ ପ୍ରବେଶକ, ଅନନୁମତିଗାମୀ, ଅନଧିକାରଚର୍ଚ୍ଚକ ।

Interlude, *s.* ଯାତ୍ରା ମଧ୍ୟରେ କୌତୁକ ମଧ୍ୟରଙ୍ଗ । [କବାଦ ।

Intermarriage, *s.* ଦୁଇକୁଳର ପରସ୍ପର

Intermeddle, *v.* ପରକାର୍ଯ୍ୟରେ ହାତ-ଦେ ।

Intermediate, *a.* ମଧ୍ୟସ୍ଥିତ, ମଧ୍ୟବର୍ତ୍ତୀ, ମଧ୍ୟମ

Interment, *s.* କବର ବା ସମାଧି ଦେବା କର୍ମ ।

Interminable, *a.* ଅସୀମ, ଅଶେଷ, ଅନନ୍ତ, ସଦାକାଳ । [ଥିବା ।

Intermingle, *v.* ମିଶ୍ରିତ-ମିଳନ-କ, ମିଶା-

Intermission, *s.* ବିଶ୍ରାମ, ନିବୃତ୍ତି, ବିରତି, ବିଶ୍ରାମକାଳ ଅବସର ।

Intermit, *v.* କିଛିକାଳ ନିବୃତ୍ତ-କ, ମଧ୍ୟେ ଉପଶମ-ହ ।

Intermittent, *a.* ଅନିତ୍ୟ, ଅନିୟମିତ, ପାଳିଜ୍ୱର ପର ।

Intermix, *v.* ମିଶାଇବା, ମିଳନ-କ ।

Intermixture, *s.* ନାନାଦ୍ରବ୍ୟର ମିଶ୍ରିତବସ୍ତୁ ।

Internal, *a.* ଅଭ୍ୟନ୍ତର, ଅନ୍ତରସ୍ଥ, ମଧ୍ୟବର୍ତ୍ତୀ, ଦେଶୀୟ, ସ୍ୱଦେଶୀ ।

Internally, *ad.* ଭିତରେ, ଅନ୍ତରେ, ଅଭ୍ୟନ୍ତରେ, ମନମଧ୍ୟରେ ।

Interpolate, *v.* ପର ରଚନାରେ ବାକ୍ୟାନ୍ତର ଲେଖିବା, କଳ୍ପିତ-କୃତ୍ରିମ-କ ।

Interpose, *v.* ପରପ୍ରେ, ପ୍ରାର୍ଥନା-କ, ମଧ୍ୟବର୍ତ୍ତୀ-ମଧ୍ୟସ୍ଥ-ହ ।

Interposition, *s.* ପରପାଇଁ ପ୍ରାର୍ଥନା, ମଧ୍ୟସ୍ଥତା, ମଧ୍ୟସ୍ଥଳୀ । [ଭାଷାନ୍ତର-କ ।

Interpret, *v.* ଅର୍ଥ-ବ୍ୟାଖ୍ୟା-କ, ବୁଝାଇବା;

Interpretation, *s.* ଅର୍ଥ, ତର୍ଜମା, ବ୍ୟାଖ୍ୟା; ଭାଷାନ୍ତରକରଣ ।

Interpreter, *s.* ଦୋଭାଷୀ, ଅର୍ଥକାରୀ, ତର୍ଜମାକର୍ତ୍ତା । [ଶୂନ୍ୟାବସ୍ଥା ।

Interregnum, *s.* ଅରାଜକ କାଳ, ରାଜ-

Interrogate, *v.* ପ୍ରଶ୍ନ-କ, ପଚାରିବା, ପ୍ରଶ୍ନ ଦ୍ୱାରା ପରୀକ୍ଷା-କ । [ଯଥା ? ।

Interrogation, *s.* ପ୍ରଶ୍ନ, ପ୍ରଶ୍ନବୋଧକ ଚିହ୍ନ,

Interrogative, *a.* ପ୍ରଶ୍ନକାରୀ, ଜିଜ୍ଞାସାର୍ଥକ । —*s.* ପଚାରିବା କଥା, ଯଥା କି, କେ, କାହିଁ ।

Interrogatory, *a.* ପ୍ରଶ୍ନବିଶିଷ୍ଟ, ପ୍ରଶ୍ନସୂଚକ । —*s.* ପ୍ରଶ୍ନ, ସଓଆଲ, ଜିଜ୍ଞାସା ।

Interrupt, *v.* ବାଧା-ଦେ, ଅଟକ-ବ୍ୟାଘାତ କର-କ । [ଭଙ୍ଗ, ବିଚ୍ଛେଦ ।

Interruption, *s.* ବ୍ୟାଘାତ, ବାଧା, ଅଟକ;

Intersect, *v.* ଦ୍ୱିଖଣ୍ଡ-ଦ୍ୱିଖଣ୍ଡ-ମଧ୍ୟ ଛେଦନ -କ, କାଟିବା । [ତେଣେ ପକାଇବା ।

Intersperse, *v.* ବୁଣିବା, ବିଞ୍ଚିବା, ଏଣେ-

Interstice, *s.* ଫାଙ୍କ, ଛିଦ୍ର, ଫଟା, ଟିପ, ଦୁଇ ଦ୍ରବ୍ୟ ମଧ୍ୟସ୍ଥଳ ।

Intertwine, *v.* ଲଟାରେ ଲଟାଇବା, ଯୋଡିବା

Interval, *s.* ମଧ୍ୟକାଳ, ଅଭ୍ୟନ୍ତର ସ୍ଥଳ ।

Intervene, *v.* ମଧ୍ୟରେ ଆଗମନ-କ, ମଧ୍ୟସ୍ଥ କାଳର ଅନ୍ତର-ହ ।

Intervention, *s.* ବ୍ୟବଧାନ, ମଧ୍ୟସ୍ଥତା, ମଧ୍ୟବର୍ତ୍ତିତା; ସାହାଯ୍ୟ ।

Interview, *s.* ସାକ୍ଷାତ୍, ଆଳାପ, ସନ୍ଦର୍ଶନ, ଦେଖାଶୁଣା, ମୁଲାକାତ ।

Intestate, *a.* ଦାନପତ୍ରରହିତ ।

Intestine, *a.* ସ୍ୱଦେଶୀୟ, ଅନ୍ତରସ୍ଥ, ଅନ୍ତର୍ବର୍ତ୍ତୀ ।

Intestines, *s.* ଅନ୍ତ୍ର, ଅନ୍ତ, ନାଡ଼ି, ନାଡ଼ିଭୁଡ଼ି ।

Intimacy, *s.* ଭାବ, ଆତ୍ମୀୟତା, ମିତ୍ରପଣ, ବନ୍ଧୁତା, ଅନ୍ତରଙ୍ଗତା, ସଙ୍ଗ ।

Intimate, *a.* ଆତ୍ମୀୟ, ଜ୍ଞାତ, ଅନ୍ତରଙ୍ଗ, ଜ୍ଞାତସାର; ସନ୍ନିକଟ ।—*v.* ଜଣାଇବା, ସମ୍ବାଦ-ଦେ, ସଙ୍କେତ-କ, ଠାରିବା ।

Intimation, *s.* ଇଙ୍ଗିତ, ସଙ୍କେତବାକ୍ୟ, ଇଶାରା, ଠାର; ବିଜ୍ଞାପନ, ଇସ୍ତାହାର ।

Intimidate, *v.* ଭୀତ-କ, ଭୟ ଦେଖାଇବା, ଡରାଇବା ।

Into, *prep.* ରେ, ମଧ୍ୟରେ, ଭିତରେ ।

Intolerable, *a.* ଅସହ୍ୟ, ଅତି ପୀଡ଼ାକର, ଅତିଶୟ ମନ୍ଦ ବା କଠିଣ ।

Intolerant, *a.* ଅସହନଶୀଳ, ପରଧର୍ମଅସହିଷ୍ଣୁ, ପରମତଦ୍ୱେଷୀ; ନିର୍ଦ୍ଦୟ ।

Intomb, *v.* ପୋତିବା, କବର-ସମାଧି-ଦେ ।

Intonation, *s.* ଉଚ୍ଚାରଣର ଧାରା; ସ୍ୱର, ଧ୍ୱନି ।

Intoxicate, *v.* ମତ୍ତ-ବିହ୍ୱଳ-ମତୁଆଲା-କ ।

Intoxication, *s.* ମତ୍ତତା, ମତୁଆଲାପଣ, ବିହ୍ୱଳତା, ଉନ୍ମତ୍ତତା, ଉନ୍ମାଦ ।

Intractable, *a.* ଅବାଧ୍ୟ, ଅଦମ୍ୟ, ଅବଶ, ଅନାୟତ୍ତ, ଅମାନ; ଦୁର୍ଦ୍ଦାନ୍ତ ।

Intreat, *v.* ନିବେଦନ-ମିନତି-କାକୁତି-କ, ନମ୍ରଭାବେ ମାଗିବା ।

Intrench, *v.* ଗଡ଼ଖାଇ-ଗଡ଼ ବେଷ୍ଟନ-କ; କ୍ରମେ ପର ଦ୍ରବ୍ୟ ଆକ୍ରମଣ-କ ।

Intrenchment, *s.* ଘେରବନ୍ଦ, ଗଡ଼ଖାଇ, ବେଷ୍ଟନକରଣ ।

Intrepid, *a.* ନିର୍ଭୟ, ସାହସୀ, ବୀର, ନିଃଶଙ୍କ

Intrepidity, *s.* ସାହସ, ବୀରତ୍ୱ, ବିକ୍ରମ, ନିର୍ଭୟତା ।

Intricacy, *s.* ଅଡୁଆ, ଜଞ୍ଜାଳ, ନଟଘଟ, ସଙ୍କଟ ।

Intricate, *a.* ଜଞ୍ଜାଳିଆ, ନଟଘଟିଆ; କଠିଣ, ଶକ୍ତ, ଦୁଷ୍କର ।

Intrigue, *s.* ଫନ୍ଦୀ, ଛଳ, କୁମନ୍ତ୍ରଣା, ଧୂର୍ତ୍ତତା ।—*v.* ଫନ୍ଦୀ-ଛଳ-କୁମନ୍ତ୍ରଣା-କ ।

Intrinsic, *a.* ନିଜ, ପ୍ରକୃତ, ସ୍ୱାଭାବିକ, ଅକୃତ୍ରିମ; ସତ୍ୟ, ଯଥାର୍ଥ ।

Introduce, *v.* ପ୍ରବେଶ କରାଇବା, ସାକ୍ଷାତ କରାଇ-ଦେ, ପରିଚୟ-ଦେ, ଦର୍ଶାଇବା ।

Introduction, *s.* ସାକ୍ଷାତ ବା ପ୍ରବେଶ କରଣ; ପରିଚୟ; ପୁସ୍ତକର ଆରମ୍ଭ, ଭୂମିକା ।

Introductory, *a.* ପୂର୍ବବର୍ତ୍ତୀ, ପ୍ରାଥମିକ ଭୂମିକାସମ୍ବନ୍ଧୀୟ ।

Intrude, *v.* ଅନୁମତି ବିନା ପ୍ରବେଶ-କ, ଅନଧିକାରରେ ହାତ-ଦେ ।

Intruder, *s.* ଅନଧିକାରରେ ଯେ ହାତ ଦିଏ; ଅନାହୂତ ବ୍ୟକ୍ତି, ବିନାନୁମତିରେ ଯେ ପ୍ରବେଶ କରେ ।

Intrusion, *s.* ବିନା ଅନୁମତିରେ ପ୍ରବେଶ ।

Intrust, *v.* ବିଶ୍ୱାସରେ ସମର୍ପଣ-କ, ଭାର-ଦେ, ଜିମ୍ମା-କ, ଗଚ୍ଛାଇବା ।

Intuition, *s.* ସ୍ୱାଭାବିକ ଜ୍ଞାନ, ବିନାଶିକ୍ଷାରେ ପ୍ରାପ୍ତଜ୍ଞାନ । [ଉପଲବ୍ଧ ।

Intuitive, *a.* ସ୍ୱାଭାବିକ ଜ୍ଞାନସମ୍ବନ୍ଧୀୟ, ହଠାତ୍

Intwine, *v.* ଲତାପରି ଜଡ଼ ବା ଘେରିବା ।

Inuendo, *s.* ଇଙ୍ଗିତ, ସଙ୍କେତ, ଠାର ।

Inundate, *v.* ଜଳପ୍ଲାବିତ-କ, ଜଳରେ ଭସାଇବା; ପରିପୂର୍ଣ୍ଣ-ମଗ୍ନ-କ ।

Inundation, *s.* ଜଳପ୍ଲାବନ, ବଢି, ବନ୍ୟା ।
Inure, *v.* ଅଭ୍ୟାସ କରାଇବା, ଅଭ୍ୟସ୍ତ-କ, ପୁନଃ୨ ବ୍ୟବହାରରେ ପାରଗ-ହେ ।
Inutility, *s.* ବ୍ୟର୍ଥତା, ଅନର୍ଥକତା, ନିଷ୍ପ୍ରଭା, ନିଷ୍ଫଳତା ।
Invade, *v.* ଆକ୍ରମଣ-ଚଢାଉ-କ ।
Invader, *s.* ଆକ୍ରମଣକାରୀ, ଚଢାଉକାରକ, ଶତ୍ରୁ, ପରସ୍ଥାନରେ ପ୍ରବେଶ-କ ।
Invalid, *a.* ଅସିଦ୍ଧ, ବ୍ୟର୍ଥ, ଅସାର; ଦୁର୍ବଳ । —*s.* ପୀଡିତବ୍ୟକ୍ତି, ବେମାରୀ, ଅସୁସ୍ଥବ୍ୟକ୍ତି, ବଳହୀନ ଲୋକ ।
Invalidate, *v.* ଅସାଧ୍ୟ-ଦୁର୍ବଳ-କ; ଅସିଦ୍ଧ-ବ୍ୟର୍ଥ-ରଦ-ଲୋପ-କ ।
Invaluable, *a.* ବହୁମୂଲ୍ୟ, ଅମୂଲ୍ୟ, ଅତ୍ୟୁତ୍ତମ ।
Invariable, *a.* ନିତ୍ୟ, ନିୟତ, ଅଟଳ, ସ୍ଥିର, ସଦାସ୍ଥାୟୀ, ବିକାରରହିତ । [ସମରୂପେ ।
Invariably, *ad.* ନିତ୍ୟ୨, ସତତ, ଅପରିବର୍ତ୍ତ-
Invasion, *s.* ଚଢାଉ, ଆକ୍ରମଣ, ଯୁଦ୍ଧାର୍ଥେ ପ୍ରବେଶ । [କଥା ।
Invective, *s.* କଟୁବାକ୍ୟ, ତିରସ୍କାର, ଭର୍ତ୍ସନା-
Inveigh, *v.* କଟୁବାକ୍ୟ-କହ, ଅପବାଦ-ଗ୍ଲାନି-ଭର୍ତ୍ସନା-କ । [କର୍ମରେ ପ୍ରବର୍ତ୍ତାଇବା ।
Inveigle, *v.* ଫୁସୁଲାଇବା, ଭୁଲାଇବା, କୁ-
Invent, *v.* ସୃଷ୍ଟି-ରଚନା-କ, ଚଲାଇବା, କଳ୍ପନା-ଉଦ୍ୟମ-କ । [କଳ୍ପନା ।
Invention, *s.* ସୃଷ୍ଟି, ରଚନା, ଗଠନ, ନିର୍ମାଣ,
Inventor, *s.* ନିର୍ମାଣକର୍ତ୍ତା, ରଚନାକର୍ତ୍ତା, ଜନକ, କଳ୍ପନାକାରୀ । [ବସ୍ତୁ ।
Inventory, *s.* ତାଲିକା, ଜାୟଫର୍ଦ୍ଦ, ଫେ-
Inverse, *a.* ବିପରୀତ, ଓଲଟା, ତଳଉପରେ ।
Inversion, *s.* ବ୍ୟତିକ୍ରମ, ଓଲଟାଇବ, ବୈପରୀତ୍ୟ । [ଓଲଟ-କ ।
Invert, *v.* ତଳଉପରେ-ବ୍ୟତିକ୍ରମ-ବିପରୀତ-

Invest, *v.* ସଜ୍ଜିତ-କ, ସଜାଇବା; ପଦରେ ନିଯୁକ୍ତ-କ; ଘେରିବା; ବସ୍ତ୍ରାବୃତ-କ; ଟଙ୍କା ଖଟାଇବା । [ଅନୁସନ୍ଧାନ-କ ।
Investigate, *v.* ବିଚାର-ତଦନ୍ତ-ତତ୍ତ୍ୱ-
Investigation, *s.* ଅନୁସନ୍ଧାନ, ତଦାରକ, ବିଚାର, ତର୍କ, ବୁଝିବା ।
Investigator, *s.* ଅନୁସନ୍ଧାନକାରୀ, ବିଚାରକର୍ତ୍ତା, ପରୀକ୍ଷକ; ଆମୀନ । ପ୍ରତିଷ୍ଠାପଣ ।
Investiture, *s.* ପଦସ୍ଥକରଣ, ଅଧିକାରଦାନ,
Investment, *s.* ଏକ ଶେୟର ବାଣିଜ୍ୟର ମାଲ; ଅବରୋଧ; ପଦାର୍ପଣ ।
Inveteracy, *s.* ବହୁକାଳସ୍ଥାୟିତ୍ୱ, ଶକ୍ତତା ।
Inveterate, *a.* ଚିରକାଳୀନ, ପୁରାତନ; ଦୃଢବଦ୍ଧ; ଅଭ୍ୟାସ୍ତ । [ପର ।
Invidious, *a.* ଦ୍ୱେଷୀ, ଦ୍ୱେଷଜନକ, ହିଂସା-
Invidiousness, *s.* ଦ୍ୱେଷ, ଅନିଷ୍ଟଭାବ, ପରଶ୍ରୀକାତରତା ।
Invidiously, *ad.* ଦ୍ୱେଷପୂର୍ବକ ।
Invigorate, *v.* ସତେଜ-ସବଳ-ପୁଷ୍ଟ-ତେଜସ୍କର-କ । [କରଣ ।
Invigoration, *s.* ସବଳ ବର୍ଦ୍ଧନ, ସତେଜ-
Invincible, *a.* ଅଜେୟ, ପରାଜୟାସମ୍ଭାବନୀୟ, ଅଦମ୍ୟ ।
Inviolability, *s.* ଅଲଙ୍ଘନୀୟତା ।
Inviolable, *a.* ଅଲଙ୍ଘନୀୟ, ଅଭଙ୍ଗନୀୟ, ଅଟଳ । [ଅଟୁଟ ।
Inviolate, *a.* ଅଲଙ୍ଘିତ, ଅଭଗ୍ନ, ସ୍ଥିର,
Invisibility, *s.* ଅଦୃଶ୍ୟତ୍ୱ, ଅଗୋଚରତା ।
Invisible, *a.* ଅଦୃଶ୍ୟ, ଚକ୍ଷୁର ଅଗୋଚର, ଅଦେଖା, ଗୁପ୍ତ । [ଡ଼ାକ ।
Invitation, *s.* ନିମନ୍ତ୍ରଣ, ଆହ୍ୱାନ, ଆମନ୍ତ୍ରଣ,
Invite, *v.* ନିମନ୍ତ୍ରଣ-ଆହ୍ୱାନ-କ, ଡାକିବା; ଲୋଭ ଦେଖାଇବା ।

Invitingly, *ad.* ମନୋହର ବା ରମ୍ୟରୂପେ

Invocate, Invoke, *v.* ସମ୍ବୋଧନ-ଆହ୍ୱାନ-ନାମ ଜପ-ପ୍ରାର୍ଥନା-କାମନା-କ ।

Invocation, *s.* ପ୍ରାର୍ଥନା, ସମ୍ବୋଧନ, ଜପ ।

Invoice, *s.* ଚାଲାଣ, ପଠାଉଣ ବସ୍ତୁର ଚାଲାଣ, ଫର୍ଦ୍ଦ । [ରୂପେ ।

Involuntarily, *ad.* ଅନିଚ୍ଛାପୂର୍ବକ, ଅବଶ-

Involuntary, *a.* ଅନିଚ୍ଛ; ଅକସ୍ମାତ ।

Involution, *s.* ଜଡ଼ିତ କରଣ, ଅଡ଼ୁଆ ଅବସ୍ଥା ।

Involve, *v.* ଜଡ଼ିତ-କ, ଗୁନ୍ଥାଇବା, ମୋଡ଼ିବା, ସାମିଲ-କ; ଫାନ୍ଦେ ପକାଇବା ।

Invulnerable, *a.* ଅନାଘାତ୍ୟ, ଅଭେଦ୍ୟ, ଅଛେଦ୍ୟ ।

Inward, *a.* ଅନ୍ତରସ୍ଥ, ମଧ୍ୟବର୍ତ୍ତୀ, ମାନସିକ ।

Inwardly, *ad.* ଅନ୍ତରରେ, ଭିତରେ, ଗୋପନେ, ମନେ ।

Inwrought, *a.* ଶିଳ୍ପକର୍ମ ଦ୍ୱାରା ଜଡ଼ିତ ବା ଶୋଭିତ । [ଏକ ଧାରା ।

Ionic, *a.* ଗୃହ ନିର୍ମାଣ ବ୍ୟାପାରରେ ଚଳିବାର

Irascibility, *s.* ହଠାତ୍ କ୍ରୋଧ, କୋପାବସ୍ଥା । [ଉଗ୍ର ।

Irascible, *a.* କ୍ରୋଧାନ୍ୱିତ, ରାଗୀ, ରାଗାନ୍ଧ,

Ire, *s.* କ୍ରୋଧ, ରାଗ, କୋପ ।

Iris, *s.* ଇନ୍ଦ୍ରଧନୁ, ମେଘଧନୁ; ଚକ୍ଷୁ ତାରାର ମଣ୍ଡଳ । [ଦୁଃଖକର ।

Irksome, *a.* କ୍ଲେଶଦାୟକ, ଦୁଃଖଜନକ,

Iron, *s.* ଲୌହ, ଲୁହା, ଲୋହ, କାନ୍ତ ।
—*a.* ଲୌହନିର୍ମିତ; କଠିଣ, ନିଷ୍ଠୁର ।
—*v.* ଲୁଗା ଇସ୍ତ୍ରୀ-କ ।

Ironical, *a.* ଶ୍ଳେଷ ବା ବ୍ୟଙ୍ଗ ବା ଉପହାସଯୁକ୍ତ ।

Ironically, *ad.* ଶ୍ଳେଷ ବା ବ୍ୟଙ୍ଗପୂର୍ବକ ।

Ironmonger, *s.* ଲୌହଦ୍ରବ୍ୟ ବ୍ୟବସାୟୀ ।

Ironmould, *s.* ବସ୍ତ୍ରରେ ଲୌହର ଦାଗ ।

Irony, *s.* ଶ୍ଳେଷ, ଉପହାସ, ଦ୍ୱ୍ୟର୍ଥବାକ୍ୟ ।

Irradiate, *v.* ଉଜ୍ଜ୍ୱଳ-ଦୀପ୍ତିମାନ-ତେଜସ୍ୱୀ-କ

Irradiation, *s.* ଦୀପ୍ତି, ତେଜ, ଶୋଭା, ପ୍ରଭା ।

Irrational, *a.* ବୁଦ୍ଧିବିରୋଧ, ପଶୁବତ୍, ନିର୍ବୋଧ, ଅଯୁକ୍ତିସିଦ୍ଧ । [ପରେ ।

Irrationally, *ad.* ନିର୍ବୋଧରୂପେ, ଅଯୁକ୍ତି-

Irreclaimable, *a.* ଅଶୋଧନୀୟ, ଅପୁନଃ ପ୍ରାପ୍ୟ; ଅତିଦୁଷ୍ଟ ।

Irreconcilable, *a.* ଅମେଳନୀୟ, ଅସାମ୍ୟ ।

Irrecoverable, *a.* ଅପୁନଃ ପ୍ରାପ୍ୟ, ଅନୁଦ୍ଧରଣୀୟ । [ଭାବେ ।

Irrecoverably, *ad.* ନିରୁପାୟେ, ଅନୁଦ୍ଧାର୍ଯ୍ୟ

Irrefragable, Irrefutable, *a.* ଅଖଣ୍ଡନୀୟ, ପ୍ରମାଣସିଦ୍ଧ, ଅଟଳ ।

Irregular, *a.* ଅନିୟମିତ, ଅବ୍ୟବସ୍ଥିତ, ଅନୁଚିତ, ଅଶାସ୍ତ୍ର; ଉଚ୍ଛନ୍ନ, ବିଷମ ।

Irregularity, *s.* ବ୍ୟତିକ୍ରମ, ବ୍ୟବସ୍ଥାଲଙ୍ଘନ; ଅବ୍ୟବସ୍ଥାଚାର । [ସ୍ଥିତରୂପେ ।

Irregularly, *ad.* ଅନିୟମିତରୂପେ, ଅବ୍ୟବ-

Irrelevant, *a.* ଅଯୁକ୍ତ, ଅସଙ୍ଗତ, ଅସମ୍ପର୍କୀୟ

Irreligion, *s.* ଅଧର୍ମ, ନାସ୍ତିକତା, ପାଷଣ୍ଡତା; ପାପାଚାର, ଦୁଷ୍ଟତା ।

Irreligious, *a.* ଅଧାର୍ମିକ, ପାଷଣ୍ଡ, ଧର୍ମରହିତ

Irremediable, *a.* ନିରୁପାୟ, ଅପ୍ରତିକାର୍ଯ୍ୟ, ଅନୁପଶମ୍ୟ ।

Irremovable, *a.* ଅଚଳ, ସ୍ଥାବର, ଅଟଳ ।

Irreparable, *a.* ଅପ୍ରତିକାର୍ଯ୍ୟ, ଉପାୟଶୂନ୍ୟ, ଅଶୋଧନୀୟ ।

Irreprehensible, *a.* ଅଦୂଷ୍ୟ, ଅନିନ୍ଦନୀୟ, ନିଷ୍କଳଙ୍କ, ନିର୍ଦ୍ଦୋଷ ।

Irreproachable, *a.* ନିଷ୍କଳଙ୍କ, ଅପବାଦ ବା ଭର୍ତ୍ସନାର ଅଯୋଗ୍ୟ ।

Irreprovable, *a.* ଅଦୂଷଣୀୟ, ଅନିନ୍ଦ୍ୟ ।

Irresistible, *a.* ଅନିବାର୍ଯ୍ୟ, ଅବାରଣୀୟ; ଅତି ପ୍ରବଳ ।
Irresolute, *a.* ଅସ୍ଥିରମନା, ଚଞ୍ଚଳଚିତ୍ତ ।
Irresolution, *s.* ମନର ଅସ୍ଥୈର୍ଯ୍ୟ, ଚାଞ୍ଚଲ୍ୟ, ନିଃସାହସ, ସନ୍ଦେହ । [ତାହାଛଡ଼ା ।
Irrespective, *a.* ଅସମ୍ପର୍କୀୟ, ଅନପେକ୍ଷ;
Irresponsible, *a.* ଦାୟରହିତ; ଅନୁତ୍ତରୀୟ ।
Irretrievable, *a.* ଅପ୍ରାପ୍ୟ, ଅନୁଦ୍ଧରଣୀୟ ।
Irreverence, *s.* ଅନାଦର, ଅପମାନ, ଅମର୍ଯ୍ୟାଦା, ଅବଜ୍ଞା ।
Irreverent, *a.* ଅପମାନକାରୀ, ଅବଜ୍ଞାକାରୀ ।
Irreversible, *a.* ଅପରିବର୍ତ୍ତନୀୟ ।
Irrevocable, *a.* ଅଟଳ, ଅଖଣ୍ଡନୀୟ, ଦୃଢ ।
Irrigate, *v.* କ୍ଷେତ୍ରରେ ଜଳ-ଦେ, ପାଣିସିଞ୍ଚିବା
Irrigation, *s.* ଜଳସେଚନ, ଆର୍ଦ୍ରକରଣ ।
Irritability, *s.* କ୍ରୋଧଶୀଳତ୍ୱ, ସ୍ପର୍ଶାନୁଭବତା
Irritable, *a.* ହଠାତ୍ କ୍ରୋଧୀ, କୋପାସକ୍ତ ।
Irritate, *v.* କ୍ରୋଧ ଜନ୍ମାଇବା, ଚିଡ଼ାଇବା, ବିରକ୍ତ-କ । [ବ୍ରଣ ।
Irruption, *s.* ଆକ୍ରମଣ, ଚଢ଼ାଉ; ବହିସ୍ଫୋଟକ,
Is, *v.* ଅଛି, ଅଛନ୍ତି, ଅଟେ, ଅଟନ୍ତି, ହୁଏ, ହୁଅଇ ।
Isinglass, *s.* ମାଛ ଅନ୍ତ୍ରରୁ ନିର୍ମିତ ଶିରଷ ।
Island, Isle, *s.* ଦ୍ୱୀପ, ଉପଦ୍ୱୀପ, ଟାପୁ ।
Islander, *s.* ଦ୍ୱୀପନିବାସୀ, ଉପଦ୍ୱୀପବାସୀ ।
Isolated, *a.* ପୃଥକ୍‌କୃତ, ଏକାକୀ, ଅଲଗା, ଏକଲା । [ୟେଲ୍ଲସ୍ ଲୋକ, ଯିହୁଦୀ ।
Israelite, *s.* ଇଶ୍ରାୟେଲର ସନ୍ତାନ, ଇଶ୍ରା-
Issue, *s.* ନିର୍ଗମ, ନିର୍ଝର; ଫଳ, ଶେଷ ଘଟନା; ସନ୍ତାନ; ବହିଷ୍କରଣ ।—*v.* ନିର୍ଗତ-ହେ; ଜନ୍ମିବା, ଉଦ୍ଭବ-ହେ ।
Isthmus, *s.* ଯୋଜକ, ଡମରୁମଧ୍ୟ ।
It, *pro.* ତାହା, ତାହ, ଏହା, ଇହା, ସେ, ସେହି
Italics, *s.* ଛାପାର ବକ୍ରାକୃତ ଅକ୍ଷରବିଶେଷ ।
Itch, *s.* କଣ୍ଡୁରୋଗ, ଖାଜୁ, କୁଣ୍ଡିଆ; କରକର ଭାବନା ।—*v.* ଗଲ୍-କ, କୁଣ୍ଡାଇ-ହେ ।
Item, *s.* ଭିନ୍ନ ଦ୍ରବ୍ୟ, ତାଲିକାରେ ଭିନ୍ନ ବିଷୟ, ନୂତନ ଦଫା ।
Iterate, *v.* ପୁନଃପୁନଃ-କହ, ପୁନରୁକ୍ତ-କ ।
Itinerant, *s.* ଭ୍ରମଣକାରୀ, ପଥିକ, ପର୍ଯ୍ୟଟକ ।
Itinerary, *s.* ଦେଶ ଭ୍ରମଣର ବୃତ୍ତାନ୍ତସୂଚକ ପୁସ୍ତକ ।
Itinerate, *v.* ଭ୍ରମଣ-ପର୍ଯ୍ୟଟନ-କ, ବୁଲିବା ।
Itself, *pro.* ସ୍ୱୟଂ, ନିଜେ, ଆପେ ।
Ivory, *s.* ହସ୍ତିଦନ୍ତ, ଗଜଦନ୍ତ, କୁନ୍ଦ ।
Ivy, *s.* ଲତାବୃକ୍ଷ ବିଶେଷ ଯାହାର ପତ୍ର କେବେ ମଳିନ ହୁଏ ନାହିଁ ।

## J.

J, ଇଂରାଜୀ ବର୍ଣ୍ଣମାଳାର ଦଶମାକ୍ଷର ।
Jabber, *v.* ବକ୍‌ବକ୍-ବଡ଼ବଡ଼-କ, ଶୀଘ୍ର-କହ ।
Jabberer, *s.* ବକବକିଆ, ବଡ଼ବଡ଼ିଆ, ଅର୍ଥଶୂନ୍ୟ [ବକ୍ତା ।
Jacinth, *s.* ଫେରେଜମଣି ।
Jack, *s.* ଜାହ ଜର କ୍ଷୁଦ୍ର ପତାକା; ଦମକଳ; ଜାକ୍; ମତ୍ସ୍ୟ ବିଶେଷ; ଫଳ ବିଶେଷ ।
Jackal, *s.* ଶୃଗାଳ, ବିଲୁଆ, ଜମ୍ବୁକ, ଶୟାଳ ।
Jackanapes, *s.* ବାନର, ତାମସାଉଅଣ; ବସ୍ତ୍ରବିଳାସୀ ।
Jackass, *s.* ଗଧ, ଗର୍ଦ୍ଦଭ ।
Jackdaw, *s.* କାକ ବିଶେଷ ।
Jacket, *s.* ଅଙ୍ଗରଖା, ଜାମା ।
Jackfruit, *s.* କଣ୍ଟକିଫଳ, ପଣସ ।
Jack-o'lantern, *s.* ଚିଲୁକୁଣୀ ।
Jade, *s.* ବୁଢା ଓ ଅକାମୀ ଘୋଡା; ବୁଢୀ । —*v.* ଶ୍ରାନ୍ତ-କ୍ଳାନ୍ତ-କ । [କାଟିବା ।
Jag, *v.* ଦନ୍ତ କାଟିବା, କରତଦାନ୍ତ ପରି

Jagged, *a.* କରତ ଦାନ୍ତପରି ଅବଡ଼ାଖାବଡ଼ା ।
Jail, *s.* କାରାଗାର, ବନ୍ଦିଘର, କଏଦଖାନା ।
Jailer, *s.* କାରାଗାରରକ୍ଷକ, ବନ୍ଦିପାଳ ।
Jalap, *s.* ଜୁଲାପ, ରେଚକଔଷଧ ।
Jam, *s.* ମୋରବା ବିଶେଷ ।—*v.* ଦୁଇ-ଦ୍ରବ୍ୟର ମଧ୍ୟରେ ବନ୍ଦ-କ, ଠେସି ଭରିବା ।
Jamb, *s.* ଚୌକାଠର ବାଜୁ ।
Jangle, *v.* ବାଗ୍‌ଯୁଦ୍ଧ-ବାଦାନୁବାଦ-କ ।
Janitor, *s.* ଦ୍ୱାର ରକ୍ଷକ, ଦରୁଆନ ।
January, *s.* ଇଂରାଜୀ ବର୍ଷର ପ୍ରଥମ ମାସର ନାମ ।
Japan, *s.* ଏକ ଦେଶର ନାମ; ରୋଗଣ, ରୋଗଣୀ କର୍ମ ।
Jar, *v.* ଝଣଝଣଶବ୍ଦ-କ, ଅମେଳନ-ହେ, କଳହ-କ ।—*s.* ଅନୈକ୍ୟ; ମୃତ୍ତିକାପାତ୍ର, ଜାହାଜ; କର୍କଶ ଶବ୍ଦ । [ଚଢ଼ାକଥା ।
Jargon, *s.* ଅପଭାଷା, ଅଶୁଦ୍ଧବାକ୍ୟ, ଚେ-
Jasper, *s.* ସୂର୍ଯ୍ୟକାନ୍ତମଣି ।
Jaundice, *s.* ପାଣ୍ଡୁରୋଗ, କାମଳବ୍ୟାଧି ।
Jaunt, *v.* ଏଣେତେଣେ ବୁଲିବା, ଭ୍ରମଣ-କ ।
Javelin, *s.* ବଛ, ବର୍ଛା, ଶଲାକା, ଶଲ୍ୟ ।
Jaw, *s.* ଚିବୁକ, ଗାଲପାଟି, ଓଷ୍ଠର ଅଧୋଭାଗ
Jay, *s.* ପକ୍ଷିବିଶେଷ ।
Jealous, *a.* ଦ୍ୱେଷୀ, ସନ୍ଦିଗ୍ଧଚିତ୍ତ, ଜାରଶଙ୍କିତ ।
Jealousy, *s.* ଜାରଶଙ୍କା, ଈର୍ଷ୍ୟା, ସନ୍ଦେହ, ମନର ଜ୍ୱାଳା ।
Jeer, *v.* ଥଟ୍ଟା-ପରିହାସ-ଠାପରା-ଠାକୁରି-କ ।
Jehovah, *s.* ଏବ୍ରୀ ଭାଷାରେ ପରମେଶ୍ୱରଙ୍କ ନାମ, ସ୍ୱୟମ୍ଭୂ ।
Jejune, *a.* ଶୂନ୍ୟ, ରସହୀନ, ଅସାର ।
Jelly, *s.* ମୋରବା ବିଶେଷ ।
Jeopardise, *v.* ଅପଦସ୍ଥ-ଶଙ୍କାପନ୍ନ-କ ।
Jeopardy, *s.* ବିପଦ, ସଂକଟ, ଦୁର୍ଗତି, ଦାୟ ।
Jerk, *s.* ଝିଙ୍କା, ଟଣା, ଓଟରା ।—*v.* ଝିଙ୍କିବା, ଝିଙ୍କା ମାରିବା, ହଠାତ୍ ଟାଣିବା ।
Jest, *s.* ପରିହାସ, ଠାପରା, ଥଟ୍ଟା ।—*v.* କୌତୁକ-ବଦ୍ରସ-କ । [ହାସ୍ୟକାରୀ ।
Jester, *s.* କୌତୁକୀ, ପରିହାସକ, ମସ୍କରା.
Jesuit, *s.* ରୋମାନକାଥଲିକ୍ ମତାବଲମ୍ବୀବିଶେଷ
Jesus, *s.* ଯୀଶୁ, ଜଗତର ତ୍ରାଣକର୍ତ୍ତା ।
Jet, *s.* କଳା ପଥର ବିଶେଷ; ଜଳଝରଣା ।
Jew, *s.* ଯିହୁଦୀୟ ଲୋକ ।
Jewel, *s.* ମଣି, ରତ୍ନ, ଅଳଙ୍କାର ।
Jeweller, *s.* ମଣିହାରୀ, ରତ୍ନଜୀବୀ, ଅଳଙ୍କାର ବ୍ୟାପାରୀ ।
Jew's-harp, *s.* ଲୌହ ବାଦ୍ୟଯନ୍ତ୍ରବିଶେଷ ।
Jig, *s.* ନୃତ୍ୟ ବା ବାଦ୍ୟ ବିଶେଷ ।
Jilt, *s.* ପ୍ରତାରକା ସ୍ତ୍ରୀ, ପ୍ରତାରଣୀ, ପ୍ରବଞ୍ଚକା ।
Jingle, *v.* ଝଣ୍‌ଝଣ୍ ବା ଟିଣ୍‌ଟିଣ୍ ଶବ୍ଦ-କ ।
Job, *s.* ଟିକାକାମ, ହାଲୁକା କର୍ମ ।—*v.* ଟିକାକାମ-କ; ପର କାମରେ କସ୍ପୂ ବଞ୍ଚସ୍-କ ।
Jobber, *s.* ଦଲାଲ, ଠିକାଲୋକ, କ୍ଷୁଦ୍ର କର୍ମକାରୀ ।
Jobwork, *s.* ଠିକାକର୍ମ ।
Jockey, *s.* ଅଶ୍ୱାରୋହୀ, ଘୋଡ଼ା ବ୍ୟବସାୟୀ, ଘୁଡ଼ସବାର ।
Jocose, Jocular, *a.* ରସିକ, କୌତୁକୀ, ମସ୍କରା । [କୌତୁକକ୍ରମେ ।
Jocosely, *ad.* ରସିକତାପୂର୍ବକ, ହାସ୍ୟଭାବେ,
Jocularity, *s.* ରସିକତା, କୌତୁକ, ପରିହାସ
Jocund, *a.* ରସିକ; ଫୁଲ୍ଲିତ, ପ୍ରଫୁଲ୍ଲଚିତ୍ତ ।
Jog, *v.* ଧକ୍କା ମାରିବା, ପେଲାପେଲି-କ, ଠେସି-ହେ; ଧୀରେ ଧୀରେ ଚାଲିବା ।—*s.* ଜଳପାତ୍ର-ବିଶେଷ, କଳସ । [ମିଳାଇବା ।
Join, *v.* ଯୋଡ଼ିବା, ଯୁକ୍ତ-କ, ଲଗାଇବା;
Joiner, *s.* ସୂତ୍ରଧର, ବଢ଼ାଇ ।

Joinery, *s.* କାଠ ଯୋଡ଼ିବା କର୍ମ, ବଢ଼ାଇ କର୍ମ ।

Joint, *s.* ଗଣ୍ଠି, ଗ୍ରନ୍ଥି, ସନ୍ଧି; ଖାଦ୍ୟାର୍ଥେ ହତ ପଶୁର ଏକ ଅଙ୍ଗ ।—*v.* ଯୋଡ଼-ଦେ; ଗଣ୍ଠି ପୃଥକ୍-କ ।—*a.* ସଂଯୁକ୍ତ, ଅବିଭକ୍ତ; ସହାୟକାରୀ ।

Jointly, *ad.* ସାଧାରଣରେ, ଏକତ୍ର, ସହଯୋଗେ ।

Jointure, *s.* ଯୌତୁକ, ସ୍ତ୍ରୀଧନ, ବିଧବାର ସେବାର୍ଥେ ସମ୍ପତ୍ତି ।

Joke, *v.* ବିଦ୍ରୂପ-ଥଟ୍ଟା-ପରିହାସ-କ ।—*s.* ପରିହାସ, ଥଟ୍ଟା, କୌତୁକ, ତାମସା ।

Jollity, *s.* ହର୍ଷିତା, ରସିକତା, ପ୍ରଫୁଲ୍ଲତା, କୌତୁକ ।

Jolly, *a.* କୌତୁକୀ, ରସିକ, ପ୍ରଫୁଲ୍ଲ ।

Jolly-boat, *s.* ଜାହାଜର ଡଙ୍ଗୀ ବା କ୍ଷୁଦ୍ର ନୌକା ।

Jolt, *v.* ଲଟାଲଟି-କ, ହଲହଲ-ହେ ।

Jostle, *v.* ଧକ୍କାଧକ୍କି-ଠେଲାଠେଲି-କ ।

Jot, *s.* ବିନ୍ଦୁ, ଅଣୁ, ତିଳ, ମାତ୍ରା ।

Journal, *s.* ରୋଜନାମା, ଦୈନିକ ବୃତ୍ତାନ୍ତର ସଂବାଦପତ୍ର, ଖବର କାଗଜ ।

Journalist, *s.* ସଂବାଦପତ୍ର ଲେଖକ ।

Journey, *s.* ଯାତ୍ରା, ଦେଶଭ୍ରମଣ, ଦେଶ ପର୍ଯ୍ୟଟନ ।—*v.* ଯାତ୍ରା-କ, ଦେଶ ବୁଲିବା ।

Journeyman, *s.* ଶିକ୍ଷିତ କାରିଗର, ବେତନିକ ଶିଳ୍ପକର ।

Joust, *s.* ଅଶ୍ୱାରୂଢ଼ ଦ୍ୱନ୍ଦ୍ୱକ୍ରୀଡ଼ା ବିଶେଷ ।

Jovial, *a.* କୌତୁକୀ, ରସିକ, ପ୍ରଫୁଲ୍ଲ ।

Joy, *s.* ଆନନ୍ଦ, ଉଲ୍ଲାସ, ହର୍ଷ, ଆମୋଦ, ଖୁସି ।—*v.* ଆନନ୍ଦ-ଆମୋଦ-କ, ହୃଷ୍ଟ-ଉଲ୍ଲସିତ-ହେ ।

Joyful, *a.* ଆନନ୍ଦଯୁକ୍ତ, ହୃଷ୍ଟ, ଖୁସି ।

Jubilant, *a.* ଜୟଜୟକାର; ଆହ୍ଲାଦିତ ।

Jubilee, *s.* ପଞ୍ଚାଶଦ୍‌ବର୍ଷୀୟ ମହାପର୍ବ; ମହୋତ୍ସବ, ପ୍ରଧାନପର୍ବ, ଆନନ୍ଦ ସମୟ ।

Judaism, *s.* ଯିହୁଦୀୟ ଲୋକମାନଙ୍କର ଧର୍ମ ।

Judge, *s.* ବିଚାରକର୍ତ୍ତା, ନ୍ୟାୟପତି, ନିଷ୍ପତ୍ତିକର୍ତ୍ତା ।—*v.* ବିଚାର-ବିବେଚନା-ତଜବୀଜ-କ; ଦଣ୍ଡାଜ୍ଞା-କ ।

Judgment, *s.* ବିଚାର, ନିଷ୍ପତ୍ତି; ଦଣ୍ଡାଜ୍ଞା; ମତ, ବୋଧ; ଈଶ୍ୱରଙ୍କ ଦଣ୍ଡ ।

Judicature, *s.* ବିଚାର କରିବାର କ୍ଷମତା ।

Judicial, *a.* ବ୍ୟବସ୍ଥାନୁଯାୟୀ, ବିଚାରକାରୀ, ଅଦାଲତ ବିଷୟକ ।

Judicially, *ad.* ବ୍ୟବସ୍ଥାକ୍ରମେ, ନ୍ୟାୟାନୁସାରେ ।

Judicious, *a.* ସୁବିବେଚକ, ବିଜ୍ଞ, ଜ୍ଞାନୀ, ବୁଦ୍ଧିମନ୍ତ ।

Judiciously, *ad.* ବିବେଚନାପୂର୍ବକ, ବିଜ୍ଞରୂପେ ।

Juggle, *v.* ଇନ୍ଦ୍ରଜାଲ-ଭେଲ୍କୀ-କୁହୁକ-କ ।

Juggler, *s.* ଭେଲ୍କିକାରୀ, ବାଜିଗର, ଠକ ବାଜଗର ।

Juggling, *s.* ପ୍ରତାରଣା, ପ୍ରବଞ୍ଚନା, ଫାଁକି ।

Juice, *s.* ରସ, ନିର୍ଯ୍ୟାସ, କ୍ୱାଥ, ଆରକ ।

Juicy, *a.* ରସାଳ, ରସଯୁକ୍ତ, ସରସ, ରସମୟ ।

July, *s.* ଇଂରାଜୀ ବର୍ଷର ସପ୍ତମ ମାସର ନାମ ।

Jumble, *v.* ମିଶାମିଶି-ଅଡୁଆଅଡୁଆ-ଗୋଳମାଳ-କ ।

Jump, *v.* ଝାମ୍ପ-ଦେ, ଡେଇଁ ପଡ଼ିବା, କୁଦା ମାରିବା ।—*s.* ଝାମ୍ପ, କୁଦା, ଡିଆଁ ।

Junction, *s.* ସଂଯୋଗ, ମେଳ, ଯୋଡ଼, ସନ୍ଧି ।

Juncture, *s.* ସନ୍ଧି, ଯୋଗ; ସୁଯୋଗ, କାଳର ଯୋଗ, ବିଶେଷ ସମୟ ।

June, *s.* ଇଂରାଜୀ ବର୍ଷର ଷଷ୍ଠ ମାସର ନାମ ।

Jungle, *s.* ବନ, ଜଙ୍ଗଲ ।

Junior, *a.* କନିଷ୍ଠ, ସାନ, ଛୋଟ, ଅନୁଜ ।

Junk, *s.* ଚୀନ ଦେଶର ଜାହାଜ; ଜାହାଜର ପୁରୁଣା ରସି ବା ଦୌଡ଼ି ।

Junket, *s.* ମିଠାଇ, ଗୁପ୍ତଭୋଜ, ବଣଭୋଜ ।

Junto, *s.* ଗୁପ୍ତସମାଜ, କୁମନ୍ତ୍ରିର ସଭା ।

Jupiter, *s.* ବୃହସ୍ପତିଗ୍ରହ ; ରୋମୀୟ ଲୋକଙ୍କର ପ୍ରଧାନ ଦେବତା ।

Juridical, *a.* ବ୍ୟବସ୍ଥାରେ ବ୍ୟବହୃତ ।

Jurisconsult, *s.* ବ୍ୟବସ୍ଥାଶାସ୍ତ୍ରଜ୍ଞ ବ୍ୟକ୍ତି ।

Jurisdiction, *s.* ବିଚାର କରିବା ଅଧିକାର, କ୍ଷମତା, ଅଧିକାରର ସୀମା । [ଶାସ୍ତ୍ର ।

Jurisprudence, *s.* ବ୍ୟବସ୍ଥାବିଦ୍ୟା, ସ୍ମୃତି-

Juror, Juryman, *s.* ପଞ୍ଚାୟତର ସଭ୍ୟ ।

Jury, *s.* ବିଚାରାର୍ଥେ ନିଯୁକ୍ତ ବାରଜଣ. ପଞ୍ଚାୟତ

Jurymast, *s.* ଭଗ୍ନ ମାସ୍ତୁଲର ବଦଳେ କ୍ଷୁଦ୍ର ମାସ୍ତୁଲ ।

Just, *a.* ଯଥାର୍ଥ, ପ୍ରକୃତ, ନ୍ୟାୟସଙ୍ଗତ, ଠିକ୍, ଦୃଢ଼, ଧାର୍ମିକ ।—*ad.* ଠିକ୍‌ରୂପେ, କେବଳ, ପ୍ରାୟ । [କର୍ତ୍ତା ।

Justice, *s.* ଯାଥାର୍ଥ୍ୟ, ସୁବିଚାର, ଧର୍ମ, ବିଚାର-

Justiciary, *s.* ବିଚାରକର୍ତ୍ତା, ନ୍ୟାୟବିଚାରକ ।

Justifiable, *a.* ଯଥାର୍ଥ, ନ୍ୟାଯ୍ୟକରଣ ଯୋଗ୍ୟ, ହେତୁବର୍ଣ୍ଣିତ, ବିଧିମତ ।

Justification, *s.* ପ୍ରତିବାଦ, ହେତୁବାଦ; ଧର୍ମଗଣନ, ନିର୍ଦ୍ଦୋଷକରଣ, ମୁକ୍ତି ।

Justifier, *s.* ଧାର୍ମିକ ଗଣନାକର୍ତ୍ତା, କ୍ଷମାଦାତା; ପ୍ରତିବାଦୀ । [ପାପମୋଚନ-ଧର୍ମଗଣିତ-କ ।

Justify, *v.* ପ୍ରତିବାଦ-କ ; ଦୋଷରୁ ମୁକ୍ତ-

Justly, *ad.* ଯଥାର୍ଥରୂପେ, ନ୍ୟାୟରେ, ଉଚିତମତେ ।

Justness, *s.* ଯାଥାର୍ଥ, ନ୍ୟାୟ, ସତ୍ୟତା ।

Jut, *v.* ବାହାର ପଡ଼ିବା । [ଯୌବନବିଶିଷ୍ଟ ।

Juvenile, *a.* ଯୁବକାଳୀନ, ତରୁଣ, ଯୁବା,

Juvenility, *s.* ଯୌବନ, ଯୁବତ୍ୱ, ବାଲ୍ୟାବସ୍ଥା

Juxta-position, *s.* ନିକଟାନିକଟ, ନୈକଟ୍ୟାବସ୍ଥା, ସାମୀପ୍ୟ ।

## K.

K, ଇଂରାଜୀ ବର୍ଣ୍ଣମାଳାର ଏକାଦଶାକ୍ଷର ।

Kaleidoscope, *s.* ଚିତ୍ରଦର୍ଶନ ଯନ୍ତ୍ର ।

Kali, *s.* ସମୁଦ୍ର ଶୈବାଳ ଯାହାର ଭସ୍ମରେ କାଚ ଜନ୍ମେ, ଶାର; କାଳୀ ଦେବୀ ।

Kangaroo, *s.* ଅଷ୍ଟ୍ରେଲିଅ ଦେଶର ଚତୁଷ୍ପଦ ପଶୁ ବିଶେଷ ।

Kaw, *v.* କାକ ପରି କା କା ଶବ୍ଦ-କ ।

Kedge, *s.* କ୍ଷୁଦ୍ର ଲଙ୍ଗର ।

Keel, *s.* ନାବର ମେରୁଦଣ୍ଡ ।

Keen, *a.* ପ୍ରଖର, ଦାରୁଣ, ତୀକ୍ଷ୍ଣ, ଉଗ୍ର, ତୀବ୍ର ।

Keep, *s.* ଦୁର୍ଗର କାରାଗାର; ରକ୍ଷା, ଭରଣପୋଷଣ ।—*v.* ରଖିବା, ଧରିବା; ପ୍ରତିପାଳନ-କ; ଅଟକାଇବା; ଗୋପ୍ୟ-ଦେ ।

Keeper, *s.* ପ୍ରତିପାଳକ; ରକ୍ଷକ, ରକ୍ଷପାଳ ।

Keeping, *s.* ରକ୍ଷା, ଆଶ୍ରୟ, ଜିମ୍ମା ।

Keepsake, *s.* ସ୍ମରଣାର୍ଥକ ଦାନ ।

Keg, *s.* କ୍ଷୁଦ୍ର ପିପା ।

Kelp, *s.* ସମୁଦ୍ର ବୃକ୍ଷର ଭସ୍ମ ।

Ken, *s.* ଦୃଷ୍ଟିଗୋଚର, ଅବଲୋକନ ।—ଦୂରରୁ ଦେଖି ଜାଣିବା ।

Kennel, *s.* କୁକ୍କୁର ଘର; ଏକ ଦଳ କୁକ୍କୁର ।

Kerchief, *s.* ମସ୍ତକାଚ୍ଛାଦନୀ, ଗାମୁଛା, ରୁମାଲ

Kernel, *s.* ମଞ୍ଜି, ଶସ, ଫଳର ଶସ୍ୟ ।

Kettle, *s.* ଜଳ ଉଷ୍ମ କରିବା ପାତ୍ର ।

Kettle-drum, *s.* ନାଗରା, ଡବଡବବାଦ୍ୟ ।

Key, *s.* ଚାବି, କୁଞ୍ଚି, କାଠି; ଅର୍ଥଦାୟକ ପୁସ୍ତକ । ଅସ୍ପଷ୍ଟ ବିଷୟର ବ୍ୟାଖ୍ୟା ।

Keyhole, *s.* ତାଲାର ଚାବିଘର, କୋଲପ ଛିଦ୍ର

Keystone, *s.* ଖିଲାଣର ମଧ୍ୟସ୍ଥ ପଥର ।
Kick, *s.* ପଦାଘାତ, ଗୋଇଠା, ଲାତ । —*v.* ପଦାଘାତ-କ, ଗୋଇଠା ବା ଲାତ ମାରିବା ।
Kid, *s.* ଛେଳି ବା ଗୁଗଲର ଛୁଆ ।
Kidnap, *v.* ବାଳକ ବା ମନୁଷ୍ୟ ଚୋରି-କ ।
Kidnapper, *s.* ବାଳକ ବା ମନୁଷ୍ୟ ଚୋର ।
Kidney, *s.* ଗୁରୁଦା, ଯହିଁରେ ମୂତ୍ର ପ୍ରସ୍ତୁତ ହୁଏ
Kidney-bean, *s.* ଶିମ ବା ଶିମ୍ବବିଶେଷ ।
Kill, *v.* ହତ୍ୟା-ବଧ-ପ୍ରାଣନାଶ-କ, ମାରିବା ।
Kiln, *s.* ଇଟା ଇତ୍ୟାଦିର ଭାଟି ବା ଚୁଲ୍ଲୀ ।
Kimbo, *a.* ବଙ୍କା, ବକ୍ର, ବାଙ୍କ, ଖିଲାଣାକୃତ ।
Kin, *s.* ଜ୍ଞାତି ବା ଆତ୍ମୀୟବର୍ଗ, କୁଟୁମ୍ବ ।
Kind, *a.* ଦୟାଳୁ, କୃପାବାନ, ପ୍ରସନ୍ନ । —*s.* ଜାତି; ସ୍ୱଭାବ; ପ୍ରକାର, ରକମ; ଜିନିଷ ।
Kindle, *v.* ପ୍ରଜ୍ୱଳିବା; ପୋଡ଼-ଦେ, ନିଅ ଲଗାଇବା; ପ୍ରଜ୍ୱଳିତ-କ ।
Kindly, *ad.* ଅନୁଗ୍ରହ ବା ଦୟାପୂର୍ବକ ।
Kindness, *s.* ଅନୁଗ୍ରହ, ଦୟା, କୃପା, କରୁଣା
Kindred, *s.* ବଂଶ, କୁଳ, କୁଟୁମ୍ବ, ଜ୍ଞାତିସମୂହ । —*a.* ସଗୋତ୍ର, ସମଜାତି, କୁଟୁମ୍ବୀୟ; ତୁଲ୍ୟ ।
Kine, *s.* ଗାଈମାନ, ଗୋସମୂହ ।
King, *s.* ରଜା, ରାଜନ, ଭୂପତି, ନୃପତି ।
Kingdom, *s.* ରାଜ୍ୟ, ରାଜତ୍ୱ, ରାଜାଧିକାର ।
Kingfisher, *s.* ମାଛରଙ୍କା ପକ୍ଷୀ ।
Kingly, *s.* ରାଜବତ୍, ରାଜଯୁକ୍ତ ।
King's-evil, *s.* ଗଣ୍ଡମାଳାରୋଗ ।
Kingship, *s.* ରାଜପଦ, ନୃପତିତ୍ୱ, ରାଜତ୍ୱ ।
Kinsfolk, *s.* କୁଟୁମ୍ବ, ଜ୍ଞାତି, ସ୍ୱଜନ, ବନ୍ଧୁବାନ୍ଧବ
Kiık, *s.* ସ୍କଟଲଣ୍ଡଦେଶର ଭଜନାଳୟ ।
Kiss, *v.* ଚୁମ୍ବନ-କ, ଚୁମା-ଦେ ।
Kitchen, *s.* ରନ୍ଧନଶାଳା, ରୋଷାଇ ଘର, ବବୁଚିଖାନା ।
Kite, *s.* ଚିଲପକ୍ଷୀ, କାଗଜର ଗୁଡ଼ି, ପତଙ୍ଗ ।
Kitten, *s.* ବିଡ଼ାଳଶାବକ, ବିରାଡ଼ିଛୁଆ । —*v.* ବିଡ଼ାଳ ପ୍ରସବ-କ ।
Klick, *v.* ଘଡ଼ ଘଡ଼ ଟିକ୍ ଶବ୍ଦ-କ ।
Knack, *s.* ଅଭ୍ୟାସ, ନିପୁଣତା, ଦକ୍ଷତା; ଖେଳନା । [ବୋଚକା, ପିଣ୍ଡୁଳା ।
Knapsack, *s.* ସୈନ୍ୟମାନଙ୍କର ଥଳିବିଶେଷ,
Knave, *s.* ଖଳ, ଶଠ, ପ୍ରବଞ୍ଚକ, କୁଆଚୋର ।
Knavery, *s.* ପ୍ରତାରଣା, ଶଠତା, ଠକାମୀ, ଧୂର୍ତ୍ତାମି, ଧୂର୍ତ୍ତତା ।
Knavish, *a.* ଦୁଷ୍ଟ, ଖଳ, ବଞ୍ଚକ, କପଟୀ ।
Knead, *v.* ଦଳିବା, ମଳିବା, ଚକଟିବା ।
Kneading-trough, *s.* କୁଣ୍ଡୀ ଯହିଁରେ ମଇଦା ଇତ୍ୟାଦି ଚକଟିବା ପାତ୍ର ।
Knee, *s.* ଆଣ୍ଠୁ ।
Kneecap, Kneepan, *s.* ଆଣ୍ଠୁର ଚକି ।
Knee-deep, *a.* ଆଣ୍ଠୁପର୍ଯ୍ୟନ୍ତ ।
Kneel, *v.* ଆଣ୍ଠୁ ଭୁଷିବା, ଆଣ୍ଠୁ ପାତିବା, ଆଣ୍ଠୁ ପାଡ଼ିବା ।
Knell, *s.* ଘଣ୍ଟାର ଶବ୍ଦ, ମରଣକାଳର ଘଣ୍ଟାର-ଧ୍ୱନି । —*v.* ସମାଧି ଦେବା ସମୟରେ ଘଣ୍ଟା ବଜାଇବା ।
Knife, *s.* ଛୁରି, ଚୋପ, ପଟକା ।
Knight, *s.* ବୀର କୁଳୀନର ଉପାଧି; ଶତରଞ୍ଜ ଖେଳର ଘୋଡ଼ା । [ବା ପଦ ।
Knighthood, *s.* ବୀର କୁଳୀନର ମର୍ଯ୍ୟାଦା
Knit, *v.* ବନା ତନ୍ତୁରେ ବୁଣିବା, ଯୋଡ଼ିବା ।
Knitter, *s.* ବୁଣିବା ଲୋକ, ଯେ ବୁଣେ ।
Knitting-needle, *s.* ବୁଣିବା ଛୁଞ୍ଚି ।
Knob, *s.* ବୃକ୍ଷର ଗଣ୍ଠି, ପଦାର୍ଥର ଅବୁ : ଉଚ୍ଚାଙ୍ଗ ।
Knock, *v.* ଆଘାତ-କ, ମାରିବା, ଠୋକର ମାରିବା । —*s.* ଆଘାତ, ଚୋଟ, ଠୋକର, ମାରଣ ।

Knoll, *s.* ଗୋଲାକାର କ୍ଷୁଦ୍ର ପର୍ବତ ।
Knot, *s.* ଗଣ୍ଠି ; ଗୂଢାର୍ଥ ; ସମୂହ ; ମେଳା ; ଜାହାଜ କଥାରେ ଅର୍ଦ୍ଧକ୍ରୋଶ ପରିମାଣ ।—*v.* ଗଣ୍ଠି-ଗିଣ୍ଠ-ଦେ, ଯୋଡିବା, ଯୋଗ-କ ।
Know, *v.* ଜ୍ଞାତ–ଅବଗତ–ହେ, ଜାଣିବା, ବୁଝିବା, ଚିହ୍ନିବା । [ସିଆଣା ।
Knowing, *a.* ଜ୍ଞାନୀ, ବିଜ୍ଞ, ପ୍ରାଜ୍ଞ ; ଚତୁର,
Knowingly, *ad.* ଜାଣିଶୁଣି, ଜ୍ଞାନରେ, ଜ୍ଞାନପୂର୍ବକ । [ଣତା ।
Knowledge, *s.* ଜ୍ଞାନ, ବୁଦ୍ଧି, ବିଦ୍ୟା ; ବିଜ୍ଞ-
Known, *ad.* ଜ୍ଞାତ, ଅବଗତ, ଜଣା, ପ୍ରସିଦ୍ଧ ।
Knuckle, *s.* ଅଙ୍ଗୁଳିର ଗଣ୍ଠି ।—*v.* ନମ୍ର-ହେ ; ବଶୀଭୂତ-ଅଧୀନ-ହେ ।
Koran, *s.* ମହମ୍ମଦୀୟ ଧର୍ମଗ୍ରନ୍ଥ ।

## L.

L, ଇଂରାଜୀ ବର୍ଣ୍ଣମାଳାର ଦ୍ୱାଦଶାକ୍ଷର ।
La, ! *int.* ଚମତ୍କାରବୋଧକ ଶବ୍ଦ, ଦେଖ ।
Label, *s.* ଚିହ୍ନପତ୍ର, ନାମାଙ୍କିତକାଗଜ, ଟିକଟ ।
Labial, *a.* ଓଷ୍ଠଦ୍ୱାରା ଉଚ୍ଚାରିତ, ଓଷ୍ଠ୍ୟ ।—*s.* ଓଷ୍ଠ୍ୟବର୍ଣ୍ଣ ।
Laboratory, *s.* ରସାୟନ ବା କର୍ମିଅର କର୍ମଶାଳା; ଯନ୍ତ୍ରାସ୍ତ୍ର ନିର୍ମାଣର ଘର ।
Laborious, *a.* ପରିଶ୍ରମୀ, କର୍ମଶୀଳ, ଉଦ୍ଯୋଗୀ; ଦୁଷ୍କର । [ଯତ୍ନରେ ।
Laboriously, *ad.* ଶ୍ରମପୂର୍ବକ, କ୍ଳେଶରେ,
Labour, *s.* ଶ୍ରମ, କର୍ମ, କାର୍ଯ୍ୟ, କ୍ଳେଶ; ପ୍ରସବଯାତନା ।—*v.* ଶ୍ରମ-ଉଦ୍ଯୋଗ-କ ; ପ୍ରସବ ବେଦନା-ହେ । [ବେଦନସ୍ଥାୟୀ ।
Labourer, *s.* କର୍ମକାରୀ, ମୂଲିଆ, କୁଲି,
Labyrinth, *s.* ବହୁପଥ, ନାବନ୍ଦନ ; ଜଟିଳ ଗଣ୍ଠସ୍ଥାନ, ବୋଧଗମ୍ୟ ବିଷୟ ।

Lac, *s.* ଅଲତା, ଲାଖ, ଜୌ, ଜତୁ; ଲକ୍ଷସଂଖ୍ୟା ।
Lace, *s.* ସୂତାର ଜାଲି, ଫିତାର ଦୌଡ଼ି, ଜରି —*v.* ଫିତା ଦୌଡ଼ି ଦେଇ ବାନ୍ଧିବା, ବୁଣିବା ।
Lacerate, *v.* ବିଦାରିବା, ଚିରିବା, ଖଣ୍ଡିବା ।
Laceration, *s.* ବିଦାରଣ, ଚିରଣ, ଖଣ୍ଡନ ।
Lachrymal, *a.* ଅଶ୍ରୁଉତ୍ପାଦକ, ଲୋତକଜନକ
Lack, *v.* ଅଭାବ-ହୀନ-ରହିତ-ଊଣା-ହେ ।—*s.* ଅଭାବ, ଊଣା, କମୀ; ପ୍ରୟୋଜନ ।
Lacker, *s.* ଲେପନବିଶେଷ ।—*v.* ଲେପନ-ଲାଖରେ ଲିପ୍ତ-କ ।
Lackey, *s.* ଦାସ, ଭୃତ୍ୟ, ଚାକର, ପିଅଦା ।
Laconic, *a.* ଚୁମ୍ବକ, ସଂକ୍ଷିପ୍ତ, ସାରଯୁକ୍ତ, ଅଳ୍ପ କଥାରେ ଅନେକାର୍ଥକ । [ସମୟ ବା କର୍ମ ।
Lactation, *s.* ସ୍ତନ ଦୁଗ୍ଧ ପାନ କରାଇବା
Lacteal, *s.* ଅନ୍ନ ବା ଦୁଗ୍ଧରସ ପ୍ରବାହକ ନାଡ଼ୀ
Lad, *s.* ବାଳକ, ଟୋକା, ପିଲା, ସେବକ ।
Ladder, *s.* ଟିଡ଼ି, ନିଶୁଣି, ସୋପାନ ।
Lade, *v.* ବୋହାଇବା, ଲଦାଇବା; ବାହାର କରି ପକାଇ-ଦେ ।
Lading, *s.* ବୋହାଇ, ବୋଝ, ଭାର ।
Ladle, *s.* ହତା, ବଡଚାମଚ; ଡଙ୍କା ।
Lady, *s.* ମାନ୍ୟାସ୍ତ୍ରୀ, ଠାକୁରାଣୀ; କୁଳୀନ ସ୍ତ୍ରୀର ଉପାଧି । [ବିଶେଷ ।
Lady-bird, *s.* ଇନ୍ଦ୍ରଗୋପ, ଲାଲଆ କୀଟ-
Lady-day, *s.* ମାର୍ଚ୍ଚ ମାସର ୨୫ ତାରିଖ ।
Ladylike, *a.* ଶିଷ୍ଟାସ୍ତ୍ରୀର ବ୍ୟବହାର ପରି, ସଭ୍ୟ ।
Ladyship, *s.* ସମ୍ଭ୍ରାନ୍ତାର ଉପାଧି ।
Lag, *v.* ପଛେ ପଡ଼ିବା, ବିଳମ୍ବ-ଡେରି-କ ।
Lair, *s.* ବନ୍ୟପଶୁର ବସା, ଗହ୍ୱର ।
Laird, *s.* ସ୍କଟଲଣ୍ଡଦେଶର ଜମିଦାର ବା ଭୂମ୍ୟଧ୍ୟକ୍ଷ ।

Laity, *s.* ଧର୍ମୋପଦେଶକ ବ୍ୟକ୍ତି ଭିନ୍ନ ସାମାନ୍ୟ ଲୋକସମୂହ ।

Lake, *s.* ହ୍ରଦ, ସରୋବର, ଗଡ଼ିଆ, ଝିଲ, ଜଳାଶୟ ; ଲାଲବର୍ଣ୍ଣ ବିଶେଷ ।

Lama, *s.* ଭୋଟ ବା ତିବେତ ଦେଶର ମହାଧର୍ମାଧ୍ୟକ୍ଷ ।

Lamb, *s.* ମେଣ୍ଢାଛୁଆ, ମେଷଶାବକ, ଯୁବାମେଷ ।

Lambent, *a.* ଚଞ୍ଚଳ, ଶିଖାବାନ, ଉଜ୍ଜ୍ୱଳିତ ।

Lambkin, *s.* କ୍ଷୁଦ୍ର ମେଷଶାବକ ବା ଛୁଆ ।

Lame, *a.* ଖୋଟା, ଛେଙ୍ଗଡ଼ା, ପଙ୍ଗୁ; ଅସମ୍ପୂର୍ଣ୍ଣ । —*v.* ଛେଙ୍ଗଡ଼ା-ଖୋଟା-କର ।

Lament, *v.* ବିଳାପ–ଶୋକ–ରୋଦନ–କର, କାନ୍ଦିବା ।

Lamentable, *a.* ବିଳାପମୟ, ଶୋକାର୍ଦ୍ର, ଖେଦଯୁକ୍ତ ।

Lamentation, *s.* ବିଳାପ, କ୍ରନ୍ଦନ, ରୋଦନ, ଶୋକୋକ୍ତି, ହାହାକାର ।

Lamp, *s.* ଦୀପ, ପ୍ରଦୀପ, ବତି, ଡିବରି ।

Lampblack, *s.* ଦୀପକଳା, ତେଲକାଳୀ, କଜ୍ଜଳ ।

Lampoon, *s.* ଅପବାଦକଥା, ଥଟ୍ଟା, ଟାହୁଳ ।

Lamprey, *s.* ଛୋଟ ମତ୍ସ୍ୟବିଶେଷ ।

Lampstand, *s.* ଦୀପରୁଖା, ପିଲସୁଜ ।

Lance, *s.* ବର୍ଚ୍ଛା, ଶୂଳ, ଭଲ୍ଲ, ବଲ୍ଲମ ।—*v.* ଭେଦ-କର, ଚିରିବା, କାଟିବା ।

Lancet, *s.* ନସ୍ତର, ରକ୍ତ କାଢିବା ଅସ୍ତ୍ର ।

Land, *s.* ଭୂମି, ଜମି, ମାଟି, ମୃତ୍ତିକା; ସ୍ଥଳ; ଦେଶ, ପ୍ରଦେଶ, ରାଜ୍ୟ ।—*v.* ନୌକାରୁ ଉତୁରିବା, ଓହ୍ଲାଇବା ।

Landed, *a.* ସ୍ଥାବର ସମ୍ପତ୍ତିବିଶିଷ୍ଟ ।

Landholder, *s.* ଭୂମ୍ୟଧିକାରୀ, ଜମିଦାର, ତାଲୁକଦାର ।

Landing, *s.* ଡଙ୍ଗାରୁ ଓହ୍ଲାଇବା ସ୍ଥାନ, ଉତୁରିବା ଘାଟ, ଗୁଠ, କୂଳ ।

Landlady, *s.* ଭୂମ୍ୟଧିକାରିଣୀ, ଗୃହକର୍ତ୍ତ୍ରୀ, ଘରୁଆଣୀ ।

Landlord, *s.* ଭୂସ୍ୱାମୀ, ଭୂମ୍ୟଧିକାରୀ, ଭଡ଼ା ଘରର କର୍ତ୍ତା ।

Landmark, *s.* ଭୂମି ସୀମାର ଚିହ୍ନ ।

Landscape, *s.* ବିଶେଷ ସ୍ଥାନର ଛବି, ଦୃଷ୍ଟିଗୋଚର ଭୂମିସ୍ଥଳ ।

Landslip, *s.* ପର୍ବତରୁ ଖସି ପଡ଼ିଲା ଭୂମି ।

Land-tax, *s.* ଭୂମିର ଖଜଣା ।

Lane, *s.* ଗଳିବାଟ, ସୋହରି ।

Language, *s.* ଭାଷା, କଥା, ବୋଲି; ବାକ୍ୟର ଧାର ।

Languid, *a.* ଅବଶ, ଦୁର୍ବଳ, କ୍ଳାନ୍ତ, କ୍ଷୀଣ ।

Languish, *v.* ଅବସନ୍ନ-ଦୁର୍ବଳ-ନିସ୍ତେଜ-ହେ

Languor, *s.* କ୍ଷୀଣତା, ଦୌର୍ବଲ୍ୟ, କ୍ଳାନ୍ତତା ।

Lank, *a.* କୃଶ, ସରୁ, କ୍ଷୀଣ, ପାତଳ ।

Lankness, *s.* କ୍ଷୀଣତା, ଅପୁଷ୍ଟତା, କୃଶତା ।

Lantern, *s.* ଲଣ୍ଠନ, କାଚମୟ ଦୀପାଧାର, ଫାନସ ।

Lap, *v.* ଚାଟି ପାନ-ଲେହନ-କର ; ଆବୃତ-ବେଷ୍ଟନ-କର ।—*s.* ଅଣ୍ଟି, କୋଳ, କୋଡ଼, କାଖ ।

Lapdog, *s.* ସ୍ତ୍ରୀଲୋକର ପ୍ରିୟ ସାନ କୁକ୍କୁର ।

Lapful, *s.* ଅଣ୍ଟିପୁରା, କୋଡ଼ପୂର୍ଣ୍ଣ ।

Lapidary, *s.* ମଣିକାର, ରତ୍ନ ପରିଷ୍କାରକ, ମଣିହାରୀ ।

Lappet, *s.* ପିନ୍ଧିବା ଲୁଗାର ନୀଚ ଭାଗ ।

Lapse, *s.* ଗମନ, ପତନ, ଭ୍ରମ, ତ୍ରୁଟି; କାଳର ପ୍ରବାହ ।—*v.* ବହି ଯିବା; ଧର୍ମଚ୍ୟୁତ-ପତିତ-ହେ; ଅଧିକାରଲୁପ୍ତ-ହେ ।

Lapwing, *s.* ପକ୍ଷୀବିଶେଷ, ଟିଟ୍ଟିଭ ।

Larboard, *s.* ଜାହାଜର ବାମ ପାର୍ଶ୍ୱ ।

Larceny, *s.* ସାନ ଚୋରି, ସହଜ ଚୋରି ।

Lard, *s.* ଶୂକର ଚରବି, ଘୁଷୁରିର ବସା ।

Larder, *s.* ମାଂସାଦି ରଖିବା କୋଠରି ।

**Large**, *a.* ବଡ, ବୃହତ୍, ସ୍ଥୂଳ, ମହତ୍, ମୋଟା।
**Largely**, *ad.* ବହୁଳ ବା ପ୍ରଶସ୍ତ ବା ଯଥେଷ୍ଟ ବା ବିସ୍ତରରୂପେ।
**Largeness**, *s.* ବୃହତ୍ତ୍ୱ, ବାହୁଲ୍ୟ, ପ୍ରସାର।
**Largess**, *s.* ପାରିତୋଷିକ, ଦାନ, ବକ୍‌ଶିସ୍।
**Lark**, *s.* ଭରତପକ୍ଷୀ, ଭରଦ୍ୱାଜ।
**Larva**, *s.* କୀଟର ପ୍ରଥମାବସ୍ଥା।
**Larynx**, *s.* ଗଳା, ଶ୍ୱାସନଳୀର ଉପର ଭାଗ।
**Lascar**, *s.* ଏତଦ୍ଦେଶୀୟ ମଲ୍ଲା, ଖଲାସୀ।
**Lascivious**, *a.* କାମୁକ, ଲମ୍ପଟ, କାମୀ, ଲୋଚା।
**Lasciviousness**, *s.* କାମୁକତା, ଲାମ୍ପଟ୍ୟ, ଲୋଚାମୀ।
**Lash**, *s.* କୋରଡା, ଚାବୁକ, ଚାବୁକର ଅଗ; କୋରଡାର ଆଘାତ।—*v.* କୋରଡା ମାରିବା, ପ୍ରହାର-କ; ଅନୁଯୋଗ-କ: ଦଉଡ଼ି ଦେଇ ବାନ୍ଧିବା।
**Lass**, *s.* ବାଳିକା, ଟୋକୀ, କନ୍ୟା।
**Lassitude**, *s.* ବିଷାଦ, ଦୁର୍ବଳତା, କ୍ଳାନ୍ତି।
**Last**, *a.* ଶେଷ, ଅନ୍ତ, ପ୍ରାନ୍ତ, ଅନ୍ତ୍ୟସ୍ଥ, ଚରମ; ଗତ।—*s.* ଜୋତାର ଫରମ ବା ଛାଞ୍ଚ।—*v.* ରହିବା, ଥିବା, ସ୍ଥାୟୀ-ହେ; ଅଣ୍ଟିବା।
**Lasting**, *a.* ନିତ୍ୟ, ବହୁକାଳୀନ, ଚିରକାଳ-ସ୍ଥାୟୀ, ଅକ୍ଷୟ। [ପ୍ରାନ୍ତରେ।
**Lastly**, *ad.* ଅନ୍ତେ, ଶେଷେ, ପଛରେ,
**Latch**, *s.* କବାଟର ଖିଲ, ହୁଡ଼୍କା।—*v.* ଖିଲ ଲଗାଇବା।
**Latchet**, *s.* ଜୋତାର ଫିତା, ବନ୍ଧନୀ।
**Late**, *a.* ପଶ୍ଚାତ୍, ବିଳମ୍ବ; ଡେରି; ଅସ୍ତଗତ, ମୃତ, ବିଗତ।—*ad.* ବିଳମ୍ବ କରି, ଅସମୟରେ, ଡେରିରେ। [ପୂର୍ବେ।
**Lately**, *ad.* ଅଳ୍ପଦିନ ହେଲା, କିଛି ସମୟ
**Lateness**, *s.* ବିଳମ୍ବ, ଡେରି, ଉଛୁର।
**Latent**, *a.* ଗୁପ୍ତ, ଅପ୍ରକାଶ, ଅବ୍ୟକ୍ତ, ଅଲକ୍ଷ୍ୟ।

**Lateral**, *a.* ପାର୍ଶ୍ୱସ୍ଥ, ପାଶେପାଶେ, ପାର୍ଶ୍ୱ-
**Lath**, *s.* କାଠର ସରୁ ବତା। [ସମ୍ବନ୍ଧୀୟ।
**Lathe**, *s.* କୁନ୍ଦ, ଭ୍ରମି, କୁନ୍ଦର ଯନ୍ତ୍ର।
**Lather**, *s.* ସାବୁନର ଫେଣ।
**Latin**, *s.* ରୋମ ଦେଶର ପୁରୁଣା ଭାଷା।
**Latitude**, *s.* ପ୍ରଶସ୍ତତା, ଓସାର; ଅକ୍ଷାଂଶ-ପରିମାଣ।
**Latitudinarian**, *s.* କାମାଚାରୀ, ସ୍ୱେଚ୍ଛାଚାରୀ, ଧର୍ମର ନିୟମାତିକ୍ରାମକ, ଖେରଡା ଲୋକ।
**Latrine**, *s.* ପାଇଖାନା।
**Latter**, *a.* ଦୁଇର ଶେଷ, ଶେଷର, ପଛର।
**Lattice**, *s.* ଝାଫର, ଚିକ, ଝାଲି।
**Laud**, *v.* ପ୍ରଶଂସା-ସ୍ତବ-ସ୍ତୁତି-କ। [ତ୍ୟର୍ହ।
**Laudable**, *a.* ପ୍ରଶଂସନୀୟ, ସ୍ତୁତିଯୋଗ୍ୟ, ସ୍ତୁ-
**Laudably**, *ad.* ପ୍ରଶଂସନୀୟରୂପେ, ପ୍ରଶଂସାପୂର୍ବକ।
**Laudanum**, *s.* ଅଫିମର ରସବିଶେଷ।
**Laudatory**, *a.* ସ୍ତବକାରୀ, ପ୍ରଶଂସକ, ସ୍ତାବକ
**Laugh**, *v.* ହାସ୍ୟ-ପରିହାସ-କ, ହସିବା।—*s.* ହସ, ପରିହାସ।
**Laughable**, *a.* ହାସ୍ୟଯୋଗ୍ୟ, ଉପହାସ୍ୟ।
**Laughing-stock**, *s.* ହାସ୍ୟାସ୍ପଦ, ଉପହାସର ବିଷୟ।
**Laughter**, *s.* ହାସ୍ୟ, ପରିହାସ୍ୟ, ହସ।
**Launch**, *v.* ଜାହାଜ ଜଳରେ ଭସାଇ-ଦେ; ଅସ୍ତ୍ର ବାହାର-ହେ; ବିସ୍ତାର କରି ବ୍ୟାଖ୍ୟା-କ; ନିକ୍ଷେପ-କ।
**Laundress**, *s.* ଧୋବଣୀ, ରଜକୀ।
**Laundry**, *s.* ଲୁଗା ଧୋଇ ଇସ୍ତ୍ରୀଅଦ କରିବା ଘର, ରଜକାଳୟ।
**Laureate**, *s.* ରାଜକବି, ରାଜକାବ୍ୟକର୍ତ୍ତା।
**Laurel**, *s.* ଅମ୍ଳାନପତ୍ରଯୁକ୍ତ ବୃକ୍ଷବିଶେଷ।
**Lava**, *s.* ଆଗ୍ନେୟ ପର୍ବତରୁ ଗଳିତଦ୍ରବ୍ୟ।

Lavatory, *s.* ପ୍ରକ୍ଷାଳନ ସ୍ଥାନ, ଶୋଗଲଶାଳା ।
Lave, *v.* ଧୋଇବା, ଧୌତ- ସ୍ନାନ- ପ୍ରକ୍ଷାଳନ [-କ ।
Lavender, *s.* ସୁଗନ୍ଧି ବୃକ୍ଷବିଶେଷ ।
Laver, *s.* ଧୌତ ଅବା ସ୍ନାନାର୍ଥେ ବୃହତ୍ ପାତ୍ର ।
Lavish, *v.* ନିରର୍ଥକ ବ୍ୟୟ- ଅପବ୍ୟୟ-କ, ଉଡ଼ାଇ-ଦେ ।—*a.* ଅପବ୍ୟୟୀ, ଉଡାଣିଆ, ଅତିଶୟଦାନଶୀଳ ।
Law, *s.* ବ୍ୟବସ୍ଥା, ସୂତ୍ର ନିୟମ, ବିଧି, ଆଇନ; ଧର୍ମଶାସ୍ତ୍ର । [ହିତ ।
Lawful, *a.* ବ୍ୟବସ୍ଥାନୁଯାୟୀ, ବିହିତ, ଯଥାର୍ଥ,
Lawfully, *ad.* ଶାସ୍ତ୍ରାନୁସାରେ, ବିଧିମତେ, ନ୍ୟାୟପୂର୍ବକ । [କର୍ତ୍ତା ।
Lawgiver, *s.* ବ୍ୟବସ୍ଥାପକ, ବିଧିଦାତା, ଆଜ୍ଞା-
Lawless, *a.* ଅବିଧି, ଶାସ୍ତ୍ରାସମ୍ମତ, ବିଧିବିରୁଦ୍ଧ ।
Lawn, *s.* ପରିଷ୍କୃତ ଘାସପଡ଼ିଆ; ସୂକ୍ଷ୍ମବସ୍ତ୍ର ବିଶେଷ ।
Lawsuit, *s.* ମକଦ୍ଦମା, ବ୍ୟୱହାର, ନାଲିଶ ।
Lawyer, *s.* ଉକିଲ, ଅଦାଲତର ମୁକ୍ତିଆର, ଧର୍ମଶାସ୍ତ୍ରବେତ୍ତା ।
Lax, *a.* ଢିଲା, ଶିଥିଳ, ଅଲଗା, ଖୁଟୁଲା ।
Laxative, *a.* ରେଚକ, ଭେଦକଔଷଧ; ଜୁଲାପ । [ପେଟଭଙ୍ଗା ।
Laxity, *s.* ଶୈଥିଲ୍ୟ, ଢିଲାମୀ; ଉଦରାମୟ,
Lay, *v.* ଶୁଆଇବା, ରଖିବା, ଥୋଇବା; ବସାଇବା; ଶାନ୍ତ-ସ୍ଥିର-କ; ପଣ-କ; ଡିମ୍ବ-ଦେ । —*s.* ଗୀତ, ଗାନ, କବିତା ।
Layer, *s.* ଥାକ, ଶ୍ରେଣୀ, ପଂକ୍ତି ।
Layman, *s.* ଧର୍ମପଦସ୍ଥ ଭିନ୍ନବ୍ୟକ୍ତି ।
Lazarhouse, Lazaretto, *s.* କୁଷ୍ଠରୋଗି-ମାନଙ୍କର ଆଶ୍ରୟସ୍ଥାନ ।
Lazily, *ad.* ଅଳସ୍ୟରୂପେ, ଧୀରେଧୀରେ ।
Laziness, *s.* ଆଳସ୍ୟ, ଅଳସପଣ, ଶୈଥିଲ୍ୟ, ଢିଲାମୀ; ଜଡ଼ତା ।
Lazy, *a.* ଅଳସ, ଅଳସୁଆ; ମନ୍ଥର, ଜଡ଼, ଶିଥିଳ, ସୁସ୍ତ ।
Lea, Ley, *s.* ତୃଣମୟଭୂମି, ଚରଣିପଡ଼ିଆ ।
Lead, *v.* ଆଗେ ନିବା; କଢାଇବା; ପଥ ଦେଖାଇବା; ପ୍ରବୃତ୍ତି ଜନ୍ମାଇବା; ସୈନ୍ୟ ବା ବାଦ୍ୟରେ ଅଗ୍ରଗାମୀ-ହେ; କର୍ତ୍ତୃତ୍ୱ-କ; ଯାପନ-କ ।—*s.* ଅଗ୍ରଗମନ; ପ୍ରାଧାନ୍ୟ; କର୍ତ୍ତୃତ୍ୱ; ସୀସା, ସୀସକ; ମାପର ଗୁଳମ ।
Leaden, *a.* ସୀସାନିର୍ମିତ, ଭାରି; ନିର୍ବୁଦ୍ଧି ।
Leader, *s.* ଅଗ୍ରଗାମୀ, ଅଧ୍ୟକ୍ଷ, ସର୍ଦ୍ଦାର, ସେନାପତି; ସମାଚାରପତ୍ରର ସମ୍ପାଦକୀୟ ପ୍ରଧାନ ପ୍ରସ୍ତାବ ।
Leading, *a.* ଅଗ୍ରଗଣ୍ୟ, ମୁଖ୍ୟ, ମୂଳ, ପ୍ରଧାନ ।
Leaf, *s.* ପତ୍ର, ପଲ୍ଲବ, ପତ୍ରିକା; ପୃଷ୍ଠା ।
Leafy, *a.* ପତ୍ରମୟ, ସପତ୍ର, ପତ୍ରଯୁକ୍ତ ।
League, *s.* ସନ୍ଧି, ଐକ୍ୟ, ଯୋଗ, ଏକବିରୁଦ୍ଧ; ଦେଢକୋଶ ।—*v.* ଐକ୍ୟ-ସନ୍ଧି- ମେଳ-କ ।
Leak, *v.* ଝରିବା, ବହିବା, ଟୋପାଏ ପଡ଼ିବା, ଗଳିବା ।—*s.* ଛିଦ୍ର, ଫଣା ।
Leakage, *s.* ଝରିପଡ଼ିବା, ଜଳଝରଣ ହେତୁ କ୍ଷତ ଦ୍ରବ୍ୟର ମୂଲ୍ୟ ।
Leaky, *a.* ଛିଦ୍ରଯୁକ୍ତ, ଫଟା, ଦଦରା ।
Lean, *a.* କୃଶ, କ୍ଷୀଣ, ରୋଗା, ସରୁ ।—*s.* ଚର୍ବିରହିତ ମାଂସ ।—*v.* ଠେସ-ଦେ, ଆଉଜିବା, ଢଳିବା; ଈଷତ୍ ଅନୁରକ୍ତ-ହେ ।
Leanness, *s.* କୃଶତା, କ୍ଷୀଣତା, ଅପୁଷ୍ଟତା, କାହିଲି । [ଡେଇଁବା, କୁଦା ମାରିବା ।
Leap, *s.* କୁଦା, ଲମ୍ଫ, ଡିଅଁ, ଝାମ୍ପ ।—*v.*
Leap-frog, *s.* ବାଳକର କ୍ରୀଡ଼ା ବିଶେଷ ।
Leap-year, *s.* ଅଧିବର୍ଷ, ଯେଉଁ ବର୍ଷରେ ଫେବ୍ରୁଅରି ମାସ ୨୯ ଦିନ ହୁଏ ।
Learn, *v.* ଶିକ୍ଷା- ଅଭ୍ୟାସ- ଅଧ୍ୟୟନ- କ, ଶିଖିବା, ପଢିବା ।

Learned, *a.* ପଣ୍ଡିତ, ଜ୍ଞାନୀ, ବିଜ୍ଞ, ବିଦ୍ୟାବନ୍ତ ।
Learner, *s.* ଶିକ୍ଷାକାରୀ, ପଢୁଆ, ଶିଷ୍ୟ, ପାଠକ ।
Learning, *s.* ବିଦ୍ୟା, ପାଣ୍ଡିତ୍ୟ, ବ୍ୟୁତ୍ପତ୍ତି ।
Lease, *s.* ପଟ୍ଟା, ଇଜାରା, ଭଡ଼ାର ନିୟମ । —*v.* ପଟ୍ଟା ବା ଇଜାରା-ଦେ ।
Leash, *s.* କୁକ୍କୁର ପଦ ବନ୍ଧା ଚମ ଦଉଡ଼ି ।
Leasing, *s.* ମିଥ୍ୟାକଥା, ପ୍ରବଞ୍ଚନା ।
Least, *a.* ଅତିକ୍ଷୁଦ୍ର, କ୍ଷୁଦ୍ରତମ, ସବୁଠୁଁ ସାନ, ନିକୃଷ୍ଟ ।
Leather, *s.* ଚର୍ମ୍ମ, ଚମଡ଼ା, ଖଲ, ଚମ ।
Leathern, *a.* ଚର୍ମ୍ମନିର୍ମ୍ମିତ, ଚର୍ମ୍ମମୟ ।
Leave, *s.* ଅନୁମତି, ଛୁଟି, ବିଦାୟ, ମେଲାଣି । —*v.* ତ୍ୟାଗ-କର, ଛାଡ଼ିବା, ଦେଇବା; ମରଣକାଳେ ଦାନ-କର ।
Leaven, *s.* ଖଣ୍ଡ, ଖମୀର; କପଟପଣ ।
Leavings, *s.* ଅଇଣ୍ଠା ଉଚ୍ଛିଷ୍ଟ, ଅବଶିଷ୍ଟ ।
Lecherous, *a.* କାମୁକ, କାମୀ, ଲମ୍ପଟ, ଲୋଚ୍ଛା ।
Lechery, *s.* ଲମ୍ପଟ୍ୟ, କାମୁକତା, ଲୋଚ୍ଛାମୀ ।
Lecture, *s.* ବ୍ୟାଖ୍ୟାନ, ଉପଦେଶ; ତିରସ୍କାର, ଭର୍ତ୍ସନା ।—*v.* ଶିକ୍ଷା-ଉପଦେଶ-ଦେ; ଧମକାଇବା ।
Lecturer, *s.* ଉପଦେଶକ, ଅଧ୍ୟାପକ, ଶିକ୍ଷକ ।
Ledge, *s.* ପର୍ବତାଦିର ଡାଲୁ ଭାଗ; ପାଡ଼ ।
Ledger, *s.* ଖାତାବହି, ଜେରଜାମଦ ।
Lee, *s.* ବାୟୁର ପ୍ରତିକୂଳ ଅଙ୍ଗ ।
Leech, *s*, ଜୋକ, ଜଳୌକା; ବୈଦ୍ୟ ।
Leek, *s.* ପିଆଜପରି ଏକପ୍ରକାର ଶାକ ।
Leer, *s.* କଟାକ୍ଷ, ବାଙ୍କଚାହାଣୀ, ଅପାଙ୍ଗଦୃଷ୍ଟି । —*v.* କଟାକ୍ଷ-ଅନା ବା ବକ୍ରଦୃଷ୍ଟି-କର ।
Lees, *s.* ଛିଟା, ଗାଦ, କାଣ୍ଡି ।
Leeward, *a.* ପବନପ୍ରତିକୂଳ ଦିଗସ୍ଥ ।
Leeward, *ad.* ପବନର ପ୍ରତିକୂଳ ଦିଗରେ ।
Left, *a.* ବାମ, ବାଁ, ଡେବିରି; ବାମପାର୍ଶ୍ୱସ୍ଥ ।
Left-handed, *a.* ଡେବିରିଆ, ବାଁହାତିଆ ।
Leg, *s.* ଗୋଡ଼, ପାଦ, ଚରଣ ।
Legacy, *s.* ମୃତବ୍ୟକ୍ତିର ଦତ୍ତଧନ, ମୁମୂର୍ଷୁର ଦାନ ।
Legal, *a.* ବିଧିମତ, ବ୍ୟବସ୍ଥାସିଦ୍ଧ, ଆଇନାନୁଯାୟୀ
Legality, *s.* ବ୍ୟବସ୍ଥାନୁଯାୟିତ୍ୱ, ବିଧାନତା ।
Legalize, *v.* ବ୍ୟବସ୍ଥାନୁଯାୟୀ-ବିଧିମତ-କର ।
Legally, *ad.* ବ୍ୟବସ୍ଥାମତେ, ଶାସ୍ତ୍ର ବା ଆଇନ ପ୍ରମାଣେ ।
Legate, *s.* ରୋମାଣ-କାଥଲିକମାନଙ୍କର ଧର୍ମାଧ୍ୟକ୍ଷର ପ୍ରତିନିଧି ।
Legatee, *s.* ମୃତବ୍ୟକ୍ତିର ଦାନାଧିକାରୀ ।
Legation, *s.* ଦୂତ, ପ୍ରତିନିଧି, ପେରିତ ।
Legend, *s.* ଅମୂଳକ କାହାଣୀ, ଅଦ୍ୟକାଳୀନ ଅଷ୍ଟର୍ଣ୍ଣି ବୃତ୍ତାନ୍ତ ; ଉପରର ଲେଖନ ।
Legendary, *a.* ଅମୂଳକ, ମିଥ୍ୟା, ପୌରାଣିକ
Legerdemain, *s.* ଭେଲିକି, କୁହୁକ, ଫାଙ୍କି ଲୋକବାଜି, ପ୍ରତାରଣା ।
Legible, *a.* ସୁସ୍ପଷ୍ଟ, ସୁପାଠ୍ୟ, ସହଜପଢ଼ା ।
Legion, *s.* ରୋମୀୟ ପ୍ରାଚୀନ ସୈନ୍ୟ ସମ୍ପ୍ରଦାୟ, ବାହିନୀ, ସୈନ୍ୟଦଳ; ଅନେକ, ବହୁସଂଖ୍ୟା ।
Legislate, *v.* ବ୍ୟବସ୍ଥା ସ୍ଥାପନ-କର, ବିଧି-ଦେ ।
Legislation, *s.* ବ୍ୟବସ୍ଥା ବା ବିଧିବିଧାନକରଣ
Legislator, *s.* ବ୍ୟବସ୍ଥାକର୍ତ୍ତା, ଆଇନସ୍ଥାପକ, ବିଧିଦାତା ।
Legislature, *s.* ବ୍ୟବସ୍ଥାପକ ସମାଜ, ବିଧିଦାୟୀ ବ୍ୟକ୍ତିସମୂହ ।
Legitimacy, *s.* ପ୍ରକୃତତା, ଯାଥାର୍ଥ୍ୟ; ଔରସଜନ୍ମ, ଯଥାବିଧିଜନ୍ମ ।
Legitimate, *a.* ବୈଧ ବା ଔରସଜାତ; ବିହିତ, ଶାସ୍ତ୍ରସିଦ୍ଧ ।
Legume, *s.* ମଟର ଇତ୍ୟାଦିକରି ଶସ୍ୟ, ଛିମ୍ବ ।
Leisure, *s.* ଅବକାଶ, ଅବସର, ସମୟ, ବିଶ୍ରାମ, ଫୁରସତ ।
Leisurely, *ad.* ଅବକାଶପୂର୍ବକ, ସମୟକ୍ରମେ, ଧୀରେ, ସାବକାଶେ ।
Lemon, *s.* ଲେମ୍ବୁ, ଜେମ୍ବୁ, ଜମ୍ବୀର ।
Lemonade, *s.* ଲେମ୍ବୁରସମିଶ୍ରିତ ପଣା ।

Lend, *v.* ଋଣ-କର୍ଜ-ଧାର-ଉଧାର-ଦେ ।

Lender, *s.* କର୍ଜଦାତା, ମହାଜନ, ଋଣଦାତା, ସାହୁ, ଉତ୍ତମର୍ଣ୍ଣ ।

Length, *s.* ଦୀର୍ଘତା, ଦୈର୍ଘ୍ୟ, ଲମ୍ବା, ବିସ୍ତାର ।

Lengthen, *v.* ଦୀର୍ଘ-ଲମ୍ବା-କର, ବଢାଇବା ।

Lengthwise, *ad.* ଲମ୍ବଆଡେ, ଲମ୍ବେଲମ୍ବେ ।

Lenient, *a.* ଦୟାବାନ୍, କ୍ଷମାଶୀଳ, କୃପାଳୁ ।

Lenity, *s.* କ୍ଷମା, ଦୟା, କୃପା, ସ୍ନେହ, କୋମଳତା ।

Lens, *s.* ସ୍ଥୂଳମଧ୍ୟ କାଚ, ଚସମାଦିର କାଚ ।

Lent, *s.* ଖ୍ରୀଷ୍ଟ ଦଳର ଉପବାସ ପର୍ବ ।

Leo, *s.* ସିଂହରାଶି, ସିଂହ ।

Leopard, *s.* ଚିତାବାଘ, କଲସପଡିଆ ବାଘ ।

Leper, *s.* କୋଢୀ, କୁଷ୍ଠୀ ।

Leprosy, *s.* କୁଷ୍ଠରୋଗ, କୁଷ୍ଠ ।

Leprous, *a.* କୁଷ୍ଠରୋଗ ବିଶିଷ୍ଟ, କୋଢିଆ ।

Less, *a.* କମ୍, ନ୍ୟୂନ, ଅଳ୍ପ, ଊଣା; ହୀନ, ବର୍ଜିତ

Lessee, *s.* ଇଜାରଦାର, ପଟ୍ଟାଦାର, ଭଡା-ନେବା ଲୋକ ।

Lessen, *v.* ଊଣା-ଖର୍ବ-ଅଳ୍ପ-ହ୍ରାସ-କର ।

Lesson, *s.* ପାଠ, ପଢା; ଉପଦେଶ, ଶିକ୍ଷା; ଅଧ୍ୟାୟ ।

Lessor, *s.* ଇଜାରା ବା ପଟ୍ଟାଦାତା ।

Lest, *conj.* କେଜାଣି, ପଛେ, ନୋହିଲେ ।

Let, *v.* ଅନୁମତି-ଦେ; ଭଡା-ପଟ୍ଟା-ଦେ; ଛାଡିବା ।—*s.* ବାଧା, ଅଟକ, ବିଲମ୍ବ ।

Lethargic, *a.* ନିଦ୍ରାଳୁ, ଅଳସୁଆ, ମୂର୍ଚ୍ଛାଇଆ ।

Lethargy, *s.* ନିଦ୍ରାକର୍ଷଣ, ଜଡତା, ଆଳସ୍ୟ ।

Letter, *s.* ପତ୍ର, ଚିଠି, ଚିଟାଉ, ଭାଷା; ବର୍ଣ୍ଣ, ଅକ୍ଷର । [ମୁଦ୍ରିତାକ୍ଷର ।

Letter-press, *s.* ଛାପା, ଅକ୍ଷରର ଛାପା,

Letters, *s.* ବିଦ୍ୟା, ପାଠ, ପାଣ୍ଡିତ୍ୟ, ଜ୍ଞାନ ।

Lettuce, *s.* ଶାକ ବିଶେଷ ।

Levant, *a.* ପୂର୍ବୀୟ, ପୂର୍ବଦେଶୀୟ ।

Levant, *s.* ଭୂମଧ୍ୟସ୍ଥ ସମୁଦ୍ରର ପୂର୍ବାଞ୍ଚଳ ।

Levee, *s.* ଦରବାର, ରାଜସଭା, ବୈଠକ ।

Level, ସମଭୂମି, ପଡିଆ, ପଦା; ମଠାମ ।—*a.* ଏକତାଳୁ, ସମାନ, ତୁଲ୍ୟ, ଚୌରସ, ବରାବର ।—*v.* ସମାନ-ଚୌରସ-ସମଭୂମି-କର; ଲକ୍ଷ୍ୟ-କର ।

Leveller, *s.* ସମାନକାରକ; ପ୍ରଧାନନାଶକର୍ତ୍ତା

Lever, *s.* ଉତ୍ତୋଳନ ଦଣ୍ଡ, ଉଠାଇବା ଯନ୍ତ୍ର, ଛଡ, ଠେକ ।

Leveret, *s.* ଠେକୁଅ ଛୁଆ, ଶଶକ ଶାବକ ।

Leviable, *a.* ରାଜକର ନିର୍ଦ୍ଧିଷ୍ଟଯୋଗ୍ୟ, କର ସଂଗ୍ରାହ୍ୟ ।

Leviathan, *s.* ବୃହତ୍ ଜଳଜନ୍ତୁ ବିଶେଷ ।

Levite, *s.* ୟିହୁଦୀୟ ଯାଜକ ବଂଶର ଲୋକ ।

Levity, *s.* କୌତୁକ, ରସିକତା, ହସକୁରା; ଅସ୍ଥିରତା; ଚପଳତ୍ୱ ।

Levy, *s.* କର ଆଦାୟ; ସୈନ୍ୟ ସଂଗ୍ରହ ।—*v.* କର ଆଦାୟ-କର; ସୈନ୍ୟ ସଂଗ୍ରହ-କର ।

Lewd, *a.* ଲମ୍ପଟ, କାମୁକ, କାମୀ, ଲୋଚା ।

Lewdness, *s.* ଲାମ୍ପଟ୍ୟ, କାମୁକତା, ଲୋଚାମି

Lexicographer, *s.* ଅଭିଧାନକର୍ତ୍ତା, ଶବ୍ଦ-କୋଷ ରଚକ ।

Lexicon, *s.* ଅଭିଧାନ, ଶବ୍ଦକୋଷ ।

Liability, *s.* ଦାୟିତ୍ୱ, ଯୋଗ୍ୟତା, ଭାର ।

Liable, *a.* ଦାୟୀ, ଅଧୀନ, ବ୍ୟସନାକ୍ତ; ଯୋଗ୍ୟ

Liar, *s.* ମିଥ୍ୟାବାଦୀ, ଅସତ୍ୟବାଦୀ, ମିଛୁଆ ।

Libation, *s.* ତର୍ପଣ, ନୈବେଦ୍ୟ ।

Libel, *s.* କୁଯଶୋଲିପି, ଅପବାଦ ଲେଖା, ଅଶ୍ଳୀଳପତ୍ର ।

Libeller, *s.* ଅପବାଦଲିପି ଲେଖକ ।

Libellous, *a.* ଅପବାଦଜନକ, ନିନ୍ଦାକାରକ

Liberal, *a.* ଦାନଶୀଳ, ବଦାନ୍ୟ, ମୁକ୍ତହସ୍ତ; ଅପକ୍ଷପାତୀ; ସ୍ୱକମତାନୁରକ୍ତ ।

Liberality, *s.* ଦାତୃତ୍ୱ, ଦାନଶୀଳତା; ମହତ୍ତ୍ୱ; ଔଦାର୍ଯ୍ୟ ।
Liberally, *ad.* ଦାତୃତ୍ୱରୂପେ, ମୁକ୍ତହସ୍ତେ, ଉଦାରଭାବେ ।
Liberate, *v.* ମୁକ୍ତ-ଉଦ୍ଧାର-କ, ଛାଡ଼-ଦେ ।
Liberation, *s.* ମୁକ୍ତି, ଉଦ୍ଧାର, ତ୍ରାଣ, ଖଲାସ
Libertine, *s.* ସ୍ୱେଚ୍ଛାଚାରୀ, କାମୁକ, ଲୋଚା-ଲେଫଡ଼ା ।
Liberty, *s.* ମୁକ୍ତି, ସ୍ୱାଧୀନତା, କ୍ଷମତା; ଉଦ୍ଧାର; ଅନୁମତି । [ଇଚ୍ଛା ।
Libidinous, *a.* କାମୁକ, କାମାର୍ତ୍ତ, ଲମ୍ପଟ,
Librarian, *s.* ପୁସ୍ତକାଳୟର ରକ୍ଷକ ।
Library, *s.* ପୁସ୍ତକାଳୟ, ପୁସ୍ତକାଗାର; ଗ୍ରନ୍ଥ-ସମୂହ ।
Lice, *s.* ଉକୁଣୀସମୂହ ।
License, *s.* ଅନୁମତି; ପରୁଆନା, ପଟ୍ଟା, ସନନ୍ଦ ।—*v.* ପଟ୍ଟାଦ୍ୱାରା ଅନୁମତି-ଅଧିକାର-ଦେ ।
Licentious, *a.* ସ୍ୱେଚ୍ଛାଚାରୀ, ଅଧର୍ମୀ, କାମୁକ, ଅବାଧ୍ୟ । [ଅଧର୍ମ ।
Licentiousness, *s.* ଲମ୍ପଟତା, ଅତ୍ୟାଚାର,
Lick, *v.* ଚାଟିବା, ଜିହ୍ୱାରେ ଲେହିବା ।
Lid, *s.* ଢାଙ୍କୁଣି, ଢାଙ୍କ, ସରପୋଷ ; ଅକ୍ଷିପତ୍ର ।
Lie, *s.* ମିଥ୍ୟାକଥା, କଞ୍ଚାମିଛ, ଅସତ୍ୟବାକ୍ୟ, ଅଲୀକ ବା ଅସାର ବିଷୟ ।—*v.* ମିଥ୍ୟା-କଥା-କହ; ଶୋଇବା, ଶୟନ-କ ।
Lief, *ad.* ଇଚ୍ଛାପୂର୍ବକ, ଇଚ୍ଛାରେ, ବାଞ୍ଛାରେ ।
Liege, *s.* ଭୂପତି, ରାଜା, ଅଧିପତି ।
Liege, *a.* ପରାୟଣ, ଅଧୀନ, ବଶ୍ୟ; ପ୍ରଧାନ ।
Lieu, *s.* ପରିବର୍ତ୍ତ, ବଦଲ, ପାଲଟ; ଠାଇଁ ।
Lieutenancy, *s.* ପ୍ରତିନିଧିତ୍ୱ, ନାଏବୀ ।
Lieutenant, *s.* ସେନାପତିବିଶେଷ, ନାଏବ, ପ୍ରତିନିଧି । [ମାୟୁ, ଜୀବଦଶା; ଅମର ।
Life, *s.* ଜୀବନ, ପ୍ରାଣ; ଚେତନା, ତେଜ; ପର-

Life-boat, *s.* ପ୍ରାଣରକ୍ଷାର୍ଥେ ନୌକା ବିଶେଷ
Life-giving, *a.* ଜୀବନଦାୟକ । [ସୈନ୍ୟ ।
Life-guard, *s.* ଶରୀରରକ୍ଷକ ବା ତଦନୁଚର
Lifeless, *a.* ମୃତ, ପ୍ରାଣହୀନ, ନିର୍ଜୀବ; ନିସ୍ତେଜ
Lifetime, *s.* ଜୀବନକାଳ, ପରମାୟୁ ।
Lift, *v.* ଟେକିବା, ଉଠାଇବା, ଉନ୍ନତ-ଉଚ୍ଚପଦସ୍ଥ-କ ।—*s.* ଉଠାଣ ; ସାହାଯ୍ୟ, ଉପକାର ।
Ligament, *s.* ମାଂସ ଶିରାବିଶେଷ ।
Ligature, *s.* ବନ୍ଧନୀ, ପଟୀବନ୍ଧନାର୍ଥେ ସୂତ୍ର, ପଟୀ
Light, *s.* ଦୀପ୍ତି, ଜ୍ୟୋତିଃ ଆଲୁଅ, ପ୍ରଭା, ଜ୍ଞାନ, ବୁଦ୍ଧି; ଦୀପ, ବତୀ ।—*a.* ଉଜ୍ଜ୍ୱଳ, ଦୀପ୍ତିମୟ; ଲଘୁ, ହାଲୁକା, ସହଜ ।—*v.* ଉଜ୍ଜ୍ୱଳ-କ, ଆଲୁଅ-ଦେ, ଜଳାଇବା
Lighten, *v.* ଆଲୁଅ-ଦେ, ଉଜ୍ଜ୍ୱଳ-କ; ବିଦ୍ୟୁତ-ହେ; ଜ୍ଞାନ-ଦେ; ହାଲୁକା-କ ।
Lighter, *s.* ଜାହାଜର ଭାର ବା ହାଲୁକା କରିବା ନୌକା ।
Lighterman, *s.* ଉକ୍ତ ନୌକାର ନାବିକ ।
Lightfingered, *a.* ଛୁଟିକିଆଚୋର, ଚୋର-
Lightfooted, *a.* ବେଗଗାମୀ, କ୍ଷିପ୍ର । [ବନ୍ତ ।
Lightheaded, *a.* ପ୍ରଳାପୀ, ଅଜ୍ଞବାୟୁ, ଅବିବେଚକ ।
Lighthearted, *a.* ପ୍ରଫୁଲ୍ଲଚିତ୍ତ, ହର୍ଷିତ ।
Lighthouse, *s.* ବତୀଘର, ଜାହାଜର ପଥ ଦର୍ଶନାର୍ଥେ ଦୀପଗୃହ । [ୟାସେ ।
Lightly, *ad.* ଲଘୁରୂପେ, ସହଜରେ, ଅନା-
Lightness, *s.* ଲଘୁତା, ହାଲୁକାଭାବ, ଚଞ୍ଚଳ-ତା; ଉଜ୍ଜ୍ୱଳତା । [ଚପଳ ।
Lightning, *s.* ବିଜୁଳି, ବିଦ୍ୟୁତ, ତଡ଼ିତ୍,
Lights, *s.* ଫୋପସା, ଫେପଡ଼ା । [ରସିକ ।
Lightsome, *a.* ଦୀପ୍ତିମାନ, ଉଜ୍ଜ୍ୱଳ; ପ୍ରଫୁଲ୍ଲ;
Ligneous, *a.* କାଷ୍ଠମୟ, କାଠୁଆ, କାଷ୍ଠବତ୍ ।

Like, *a.* ସଦୃଶ,ସ୍ୱରୂପ,ନ୍ୟାଯ଼, ତୁଲ୍ୟ, ସମାନ । —*v.* ଭଲ ବାସିବା, ଇଚ୍ଛିବା,ପସନ୍ଦ-ସ୍ନେହ-କ

Likelihood, *s.* ସମ୍ଭାବନା, ସମ୍ଭବ,ପ୍ରମାଣ୍ୟ ।

Likely, *ad.* ସମ୍ଭବ, ସମ୍ଭାବନୀଯ଼,ହୋଇପାରେ

Liken, *v.* ତୁଳନା-ସଦୃଶ-କ, ଉପମା-ଦେ ।

Likeness, *s.* ସାଦୃଶ୍ୟ, ପ୍ରତିମୂର୍ତ୍ତି, ଆକାର;ଛବି

Likewise, *ad.* ସେହିରୂପେ,ତଦନୁସାରେ,ଆଉ

Liking, *s.* ଅନୁରାଗ, ରୁଚି, ଇଚ୍ଛା, ସ୍ନେହ ।

Lily, *s.* ଫୁଲ ବିଶେଷ; ପଦ୍ମ, କମଳ, କଇଁ ।

Limb, *s.* ଅଙ୍ଗ, ଅବଯ଼ବ; ଡାଳ, ଶାଖା ।

Limber, *a.* ନମ୍ର, ନମ୍ୟ, ନମନଶୀଳ ।

Limbo, *s.* ନରକ; କାରାଗାର, ବନ୍ଧନଗୃହ ।

Lime, *s.* ଚୂନ; କଇଁଚ; ଲେମ୍ବୁ; ଅଠା ।

Limekiln, *s.* ଚୂନ ପୋଡିବାର ଭାଟୀ ।

Limit, *s.* ସୀମା, ସରହଦ, ଅଞ୍ଚଳ, କନାର, ଅନ୍ତ ।—*v.* ସୀମାନିର୍ଦ୍ଦିଷ୍ଟ-କ, ସୀମା-ଦେ, ଘେରିବା ।

Limitation, *s.* ଅଟକକରଣ; ସୀମା ନିର୍ଦ୍ଦିଷ୍ଟାବସ୍ଥା; ସରହଦ, ମିଆଦ ।

Limitless, *a.* ସୀମାରହିତ, ଅଶେଷ,ଅନନ୍ତ ।

Limner, *s.* ଚିତ୍ରକର, ଛବିକର, ପଟୁଆ ।

Limp, *v.* ଲେଙ୍ଗଡାଇ ଚାଲିବା, ଖୋଟା-ହେ ।

Limpid, *a.* ନିର୍ମଳ, ପରିଷ୍କାର, ସ୍ୱଚ୍ଛ, ସାଫ ।

Linchpin, *s.* ଗାଡିର ଚକ ଅଟକାଇବା ଖିଲ

Line, *v.* ଭିତରେ ଲେପିବା, ଅସ୍ତର-ଦେ, ଭିତର ଲୁଗା ମଡାଇବା; ରେଖା କାଟିବା; ସୈନ୍ୟାଦି ଶ୍ରେଣୀବଦ୍ଧ-କ ।—*s.* ରେଖା, ଧାଡି; ସରୁ ଦଉଡି; ଗୋଷ୍ଠୀ, କୁଳ, ବଂଶ; ସୈନ୍ୟ ଶ୍ରେଣୀ, ଗାର, ଚିହ୍ନ ।

Lineage, *s.* ଗୋଷ୍ଠୀ, ବଂଶ, ଗୋତ୍ର, କୁଳ, ସନ୍ତାନ ।

Lineal, *a.* ରେଖାମଯ଼; କୁଳୋଦ୍ଭବ, ବଂଶଜାତ ।

Lineally, *ad.* ଗୋତ୍ର ବା ବଂଶାନୁକ୍ରମେ ।

Lineament, *s.* ମୁଖର ଆକାର, ବଦନରୂପ, ଚେହେରା ।

Linear, *a.* ରେଖାବତ୍, ରେଖାମଯ଼ ।

Linen, *s.* ଛଣ ସୂତାର ବସ୍ତ୍ର ।

Linen-draper, *s.* ପୂର୍ବୋକ୍ତବସ୍ତ୍ର ବ୍ୟବସାଯ଼ୀ, [କାପୁଡିଆ ।

Linger, *v.* ବିଳମ୍ବ-ଡେରି-କ; ସନ୍ଦିଗ୍ଧମନା-ହେ

Lingo, *s.* ଇତରଭାଷା, ଅପଭାଷା ।

Lingual, *a.* ମୂର୍ଦ୍ଧନ୍ୟ, ଜିହ୍ୱା ସମ୍ବନ୍ଧୀଯ଼ । —*s.* ମୂର୍ଦ୍ଧନ୍ୟ ବର୍ଣ୍ଣ ।

Linguist, *s.* ନାନା ଭାଷାଜ୍ଞ,ବହୁଭାଷାର ପଣ୍ଡିତ

Liniment, *s.* ମଲମ, ପ୍ରଲେପ ।

Lining, *s.* ଲୁଗାର ଅସ୍ତର ବା ଭିତର ଭାଗ ।

Link, *s.* ଶିକୁଳିର କଡା; ମଶାଲ ।—*v.* ଶିକୁଳିରେ ଯୋଡିବା, ସଂଯୁକ୍ତ-ସମ୍ବନ୍ଧ-କ ।

Linseed, *s.* ପେସି, ଶସ୍ୟବିଶେଷ ।

Linstock, *s.* ତୋପରେ ଅଗ୍ନି ଦେବାର ପ- [ଲିତା ।

Lint, *s.* ମଲମ ଲେପିବାକୁ କୋମଳବସ୍ତ୍ର ।

Lintel, *s.* ଚୌକାଠର ଉପରଖଣ୍ଡ ।

Lion, *s.* ସିଂହ, ମୃଗ ବା ପଶୁରାଜ ।

Lioness, *s.* ସିଂହୀ, ସିଂହୁଣୀ, ମୃଗେନ୍ଦ୍ରାଣୀ ।

Lion-hearted, *a.* ସାହସିକ, ସିଂହବତ୍ ।

Lip, *s.* ଅଧର, ଓଷ୍ଠ, ଓଠ; କନାର ।

Liquefaction, *s.* ଦ୍ରବକରଣ, ଗଳନ, ତରଳିବା ।

Liquefy, *v.* ଦ୍ରବ-କ, ଗଳାଇବା; ତରଳା- [ଇବା ।

Liquid, *a.* ପାଣିମଯ଼, ଦ୍ରବ, ଓଦା, ଜଳବତ୍, ତରଳ ।—*s.* ପେଯ଼, ଦ୍ରବଦ୍ରବ୍ୟ, ଜଳ, ରସ

Liquidate, *v.* ଋଣ ପରିଶୋଧ-ନିକାଶ-କ, କର୍ଜ ଶୁଝିବା ।

Liquidation, *s.* ଋଣ ପରିଶୋଧକରଣ ।

Liquor, *s.* ଦ୍ରବଦ୍ରବ୍ୟ, ରସ; ମଦ, ସୁରା, ସରାପ

Liquorice, *s.* ଯଷ୍ଟିମଧୁ, ଯଷ୍ଟିକା ।

Lisp, *v.* ଅର୍ଦ୍ଧବାକ୍ୟ-କହ, ତୋତଲ-ହେ, ଭୁଣ୍ ଲାଗିବା ।
List, *s.* ତାଲିକା, ଫର୍ଦ୍ଦ, ତପସୀଲ ; ଇଚ୍ଛା, ଅଭିଳାଷ ।—*v.* ଶ୍ରବଣ-କ ; ଇଚ୍ଛା-କାମନା-କ ; ସୈନ୍ୟ ଦଳଭୁକ୍ତ-କ । [ଯୋଗ-କ ।
Listen, *v.* ଶୁଣିବା, ଶ୍ରବଣ-ଅବଧାନ-ମନୋ-
Listless, *a.* ଅନିଚ୍ଛୁକ, ଅନୁଦ୍ୟମ, ଅମନୋଯୋଗୀ । [ଅନୁଦ୍ୟମତା ।
Listlessness, *s.* ଅମନୋଯୋଗ, ନିଶ୍ଚେଷ୍ଟା,
Lists, *s.* ମଲ୍ଲଯୁଦ୍ଧର ଅଖଡ଼ା ।
Litany, *s.* ପ୍ରାର୍ଥନାସଂହିତା, ସ୍ତବଗାନ ।
Literal, *a.* ଅକ୍ଷର ପ୍ରମାଣେ, ଠିକ୍ ଅର୍ଥ, ଶବ୍ଦାନୁଯାୟୀ ।
Literally, *ad.* ଅକ୍ଷରେ୨, ପ୍ରତ୍ୟକ୍ଷର, ଶବ୍ଦେ୨
Literary, *a.* ବିଦ୍ୟାବିଷୟକ, ଶାସ୍ତ୍ରୀୟ, ବିଦ୍ୟାବ୍ୟବସାୟୀ, ବିଦ୍ୱାନ୍ । [ସମୂହ ।
Literati, *s.* ପଣ୍ଡିତବର୍ଗ, ବିଦ୍ୟାବନ୍ତ ବ୍ୟକ୍ତି-
Literature, *s.* ସାହିତ୍ୟ, ବିଦ୍ୟା, ପାଠ, ପାଣ୍ଡିତ୍ୟ
Lithe, *a.* ନରମ, ଚେମଡ଼ା, ନମନଶୀଳ ।
Lithography, *s.* ପଥରଛପା କର୍ମ ବା ବିଦ୍ୟା ।
Litigant, *s.* ବାଦୀ, ବିବାଦୀ, ପ୍ରତିବାଦୀ, ମକଦ୍ଦମା ଯେ କରଇ ।
Litigate, *v.* ବିରୋଧ-ନାଲିଶ-ମକଦ୍ଦମା-କ ।
Litigation, *s.* ବିରୋଧ, ବିବାଦ, ପ୍ରତିବାଦ, ମକଦ୍ଦମା । [ଜୀବ ।
Litigious, *a.* ବିରୋଧୀ, ବିବାଦୀ, ମକଦ୍ଦମେ-
Litter, *s.* ଡୋଲି, ଚଉଦୋଳ; କଚୁଲି, ଏକ ପଲ ଛୁଆ; ଜଞ୍ଜାଳ, ଅଡୁଆ ।—*v.* ପଶାଦର ଛୁଆ-ହେ ; ଜଞ୍ଜାଳ-କ ।
Little, *a.* ଅଳ୍ପ, କ୍ଷୁଦ୍ର, କିଞ୍ଚିତ୍, ସାନ, ଛୁଟ, ଛୋଟ ।—*s.* କିଞ୍ଚିତ୍ ଅଂଶ, ଅଳ୍ପ, କିଞ୍ଚିନ୍ମାତ୍ର, କିଛି, କ୍ଷୁଦ୍ରବିଷୟ । [ଭାବ ।
Littleness, *s.* କ୍ଷୁଦ୍ରତା, ଅଳ୍ପତା, ଔଣ୍ଟା-

Liturgy, *s.* ପ୍ରାର୍ଥନାପଦ୍ଧତି, ସ୍ତୋତ୍ରମାଳା ।
Live, *v.* ଜୀଇବା, ଜୀବିତ-ହେ, ବଞ୍ଚିବା, କାଳକାଟିବା; ବାସ-କ ।—*a.* ସଜୀବ, ଜୀବିତ, ଜୀଅନ୍ତା, ଜଳନ୍ତା ।
Livelihood, *s.* ଉପଜୀବିକା, ବୃତ୍ତି, ଜୀବନୋପାୟ, ଗୁଜରାଣ ।
Liveliness, *s.* ସଜୀବତ୍ୱ, ଚପଳତା, ତେଜ, ଫୁର୍ତ୍ତି ।
Livelong, *a.* ଦୀର୍ଘସ୍ଥାୟୀ, ବହୁକାଳସ୍ଥାୟୀ ।
Lively, *a.* ସଜୀବ, ସତେଜ, ସବଳ, ଫୁର୍ତ୍ତିକ, ରସିକ ।
Liver, *s.* କଲିଜା, ଅଗ୍ରମାଂସ, ଯକୃତ ।
Liver-complaint, *s.* କଲିଜାରୋଗ ।
Livery, *s.* ଚାକରର ବିଶେଷ ବସ୍ତ୍ର, ବେଶ ।
Livery-stable, *s.* ଭଡ଼ାଟିଆ ଘୋଡ଼ାଶାଳ ।
Livestock, *s.* ଗୋମେଷାଦି ପଶୁଗଣ ।
Livid, *a.* କଳାଶୀସବର୍ଣ୍ଣ, ସୀସାବର୍ଣ୍ଣ ।
Living, *s.* ଉପଜୀବିକା, ଜୀବନୋପାୟ, ନିର୍ବାହ, ବୃତ୍ତି ; ଯାଜକର ବୃତ୍ତି ।—*a.* ଜୀବନ୍ତ, ଜୀଅନ୍ତା, ସଜୀବ ; ବର୍ତ୍ତମାନ ।
Lizard, *s.* ଝିଟିପିଟି, ଟିକ୍‌ଟିକି, ଗୃହଗୋଧିକା ।
Lo, *int.* ଦେଖ, ଚୁପ୍, ଅବଧାନ ।
Load, *s.* ବୋଝ, ଭାର, ମୋଟ ।—*v.* ବୋଝାଇ-କ, ଭାର-ଦେ; ବନ୍ଧୁକ ଭରିବା ।
Loadstone, *s.* ଚୁମ୍ବକପଥର, ଅୟସ୍କାନ୍ତମଣି ।
Loaf, *s.* ରୁଟୀ, ପାଉରୁଟୀ ।
Loam, *s.* ଚିକ୍କଣ ମାଟି, ସତେଜ ମୃତ୍ତିକା ।
Loan, *s.* ଋଣ, କର୍ଜ, ଉଧାର, ଦେଣା ।
Loath, *a.* ଅନିଚ୍ଛୁକ, ନିସ୍ପୃହ, ବିରକ୍ତ ।
Loathe, *v.* ଘୃଣା-ଅଶ୍ରଦ୍ଧା-କ ; ଅରୁଚି-ବିରକ୍ତ-ହେ ।
Loathsome, *a.* ଘୃଣିତ, ଅଶ୍ରଦ୍ଧାଜନକ ।
Lobby, *s.* ଘରର ସମ୍ମୁଖବର୍ତ୍ତୀ ଦାଣ୍ଡ, ଦେଉଡ଼ି ।

Lobe, *s.* ଫୋପ୍ସାରୁ ଏକ ଅଂଶ; କାନମୂଡ଼ା ।
Lobster, *s.* ବଡ଼ଚିଙ୍ଗୁଡ଼ି ବିଶେଷ ।
Local, *a.* ସ୍ଥାନିକ, ଏକସ୍ଥାନର, ପ୍ରଦେଶୀୟ ।
Locality, *s.* ବିଶେଷସ୍ଥାନ, ସ୍ଥାନବର୍ତ୍ତିତ୍ୱ ।
Locate, *v.* ସ୍ଥିତ-ଅବସ୍ଥିତ-ସ୍ଥାପନ-କ ।
Location, *s.* ସ୍ଥାପନ, ସ୍ଥିତ, ସ୍ଥାନ ।
Locative case, *s.* ଅଧିକରଣ କାରକ ।
Loch, *s.* ହ୍ରଦ, ସରୋବର ।
Lock, *s.* ତାଲା, କୋଲପ; କଳ, ବନ୍ଧୁକର ଚକ୍‌ମକ ଘର; କୁଲପି; ଜଳର ଦ୍ୱାର ।—*v.* ଚାବି ବା ତାଲା ବନ୍ଦ-କ, କୋଲପ-ଦେ ।
Locker, *s.* ସିନ୍ଦୁକ, ଦ୍ରବ୍ୟର ଆଧାର, ଅଲମାରି
Locket, *s.* ବେକରେ ପିନ୍ଧିବା ଅଳଙ୍କାର ବିଶେଷ ।
Lock-jaw, *s.* ଦାନ୍ତଲଗା ବାତ ।
Locksmith, *s.* ତାଲା ନିର୍ମାଣକର୍ତ୍ତା ଓ ମରାମତକାରୀ । [ଶକ୍ତି ।
Locomotion, *s.* ସ୍ଥାନାନ୍ତରେ ଗମନ, ଗତି-
Locomotive, *a.* ଗମନକ୍ଷମ, ଚଳନଶକ୍ତି-ବିଶିଷ୍ଟ ।—*s.* ଚକ୍ରବିଶିଷ୍ଟ ଧୂଆଁକଳ ।
Locust, *s.* ପତଙ୍ଗ, ଶଲଭ, ପଙ୍ଗପାଳ, ପତଙ୍ଗ
Lodge, *v.* ବସା କରି ରହିବା, ପ୍ରବାସ-କ; ବସା-ଦେ ।—*s.* ପଥୁଆଙ୍କର ଘର; ବସା-ଘର, ଉପଗୃହ; ବଗିଚାର ବୈଠକଶାଳା; ଗୁପ୍ତ ସମାଜ ।
Lodger, *s.* ପ୍ରବାସୀ, ଭଡ଼ା ଦେଇ ଯେ ପର ଗୃହରେ ଭୋଜନ ବାସ କରେ ।
Lodging, *s.* ବସା, ଭଡ଼ାଘର, ବାସସ୍ଥାନ ।
Lodgment, *s.* ଅବସ୍ଥିତ, ସଂସ୍ଥାପନ, ବାସ ।
Loft, *s.* ଉପର ତାଲାର କୋଠରୀ ।
Loftily, *ad.* ଊର୍ଦ୍ଧ୍ୱେ; ସଗର୍ବେ, ପ୍ରଗଳ୍ଭରୂପେ, ଉତ୍ତମରୂପେ ।
Loftiness, *s.* ଊର୍ଦ୍ଧ୍ୱତା, ଉଚ୍ଚତା, ମହତ୍ତ୍ୱ, ଗର୍ବ

Lofty, *a.* ଊର୍ଦ୍ଧ୍ୱ, ଉଚ୍ଚ, ମହତ୍ତ୍ୱବିଶିଷ୍ଟ; ଗର୍ବୀ, ଅହଂକାରୀ । [ଯନ୍ତ୍ରବିଶେଷ ।
Log, *s.* କାଠମୁଣ୍ଡିଆ; ଜାହାଜର ଗତିମାପକ-
Logarithms, *s.* ଗଣନାର ସଙ୍କେତଶାସ୍ତ୍ର, ଗଣିତବିଶେଷ ।
Logbook, *s.* ଜାହାଜର ରୋଜନାମା ବା ବିବରଣ ଲେଖା ।
Loggerhead, *s.* ମୂର୍ଖ, ନିର୍ବୋଧ ଲୋକ ।
Logic, *s.* ନ୍ୟାୟବିଦ୍ୟା, ତର୍କଶାସ୍ତ୍ର, ଯୁକ୍ତି-ଦର୍ଶନବିଦ୍ୟା, ନ୍ୟାୟ, ଯୁକ୍ତି ।
Logical, *a.* ଯୁକ୍ତିସିଦ୍ଧ, ତର୍କ ବା ନ୍ୟାୟ ପ୍ରମାଣ ।
Logician, *s.* ନୈୟାୟିକ, ତାର୍କିକ, ନ୍ୟାୟକାରୀ
Loin, Loins, *s.* କଟି, କଙ୍କାଳ, ଅଣ୍ଟା, କମର
Loiter, *v.* ବିଳମ୍ବ-ଆଳସ୍ୟ-ଡିଲା-ଡେରି-କ ।
Loiterer, *s.* ଅଳସୁଆ, ଅଳସବ୍ୟକ୍ତି, ସୁସ୍ତି, କୋଢ଼ିଆ ।
Loll, *v.* ଅଉଜି ପଡ଼ିବା; ଜିହ୍ୱା ବାହାରିବା ।
Lone, *a.* ଏକାକୀ, ଏକା, ଏକଲା, ନିଃସଙ୍ଗ, ନିରୋଳ ।
Loneliness, *s.* ଔଦାସ୍ୟ, ଉଦାସ, ନିଃସଙ୍ଗତା, ନିର୍ଜନତା ।
Lonely, *a.* ଉଦାସୀ, ଏକାକୀ, ନିଃସଙ୍ଗ, ନିର୍ଜନ
Long, *a.* ଲମ୍ବା, ଦୀର୍ଘ, ଆୟତ; ବିଳମ୍ବୀ, ଚିର ।—*ad.* ଦୀର୍ଘକାଳେ, ଶେଷରେ ।—*v.* ଅତିଶୟ ଇଚ୍ଛା-ଆକାଂକ୍ଷା-ବାଞ୍ଛା-କ ।
Longboat, *s.* ଜାହାଜର ବଡ଼ ଡଙ୍ଗା ବା ନୌକା ।
Longevity, *s.* ଦୀର୍ଘାୟୁ, ଦୀର୍ଘଜୀବିତା ।
Longing, *s.* କାମନା, ସ୍ପୃହା, ଅତ୍ୟାକାଂକ୍ଷା, ଅଭୀପ୍ସା । [ଠାରୁ ଦୂରତ୍ୱ ମାପ ।
Longitude, *s.* ଦ୍ରାଘିମା, ପୃଥିବୀର ମଧ୍ୟ ରେ-
Longsuffering, *s.* ଧୈର୍ଯ୍ୟ, ଦୀର୍ଘସହିଷ୍ଣୁତା ।—*a.* କ୍ଷମାବାନ୍, ଦୟାଳୁ, ଚିରସହିଷ୍ଣୁ ।

Look, *v.* ଦୃଷ୍ଟି-ଦର୍ଶନ-କ, ଦେଖିବା, ଅନାଇବା; ଅପେକ୍ଷା-କ; ନିରୀକ୍ଷଣ-କ; ଶୋଭିବା; ଦିଶିବା ।— *s.* ଦୃଷ୍ଟିପାତ, ଦର୍ଶନ; ଆକାର, ରୂପ ।

Looking-glass, *s.* ଦର୍ପଣ, ଆର୍ଶି, ଅଇନା ।

Loom, *s.* ବସ୍ତ୍ର ବୁଣିବା ଯନ୍ତ୍ର, ତନ୍ତବାଣ୍ଡ ।
—*v.* ଦୂରରୁ ଅତି ଅନ୍ଧକାରରେ ବଡ ଦିଶିବା ।

Loop, *s.* ଫାଶ ଦଉଡିର ଛିଦ୍ର ବା କଣା ।

Loophole, *s.* ଛିଦ୍ର, ରନ୍ଧ୍ର; ଏଡାଇବା ଉପାୟ; ଛଳ; ପଥର କାନ୍ଥ ମଧ୍ୟରେ ବନ୍ଧୁକ ମାରିବା ନିମନ୍ତେ ଫାଙ୍କ ।

Loose, *v.* ଫିଟାଇବା, ଖୋଲିବା; ଢିଲା-କ, ଛାଡିବା, ମୁକ୍ତ-ମୋଚନ-କ ।—*a.* ଅବଦ୍ଧ, ଅଲଗା, ଅଯୁକ୍ତ ; ଅଠିକ, ଲମ୍ପଟ ।

Loosely, *ad.* ଶିଥିଳରୂପେ, ଲମ୍ପଟ୍ୟପୂର୍ବକ ।

Loosen, *v.* ଅଲଗା-କ, ଫିଟାଇବା; ମୋଚନ-କ; ଢିଲା-କ ।

Looseness, *s.* ଢିଲାମି, ଲମ୍ପଟତା ; ଭେଦ ।

Lop, *v.* ଛେଦନ-କର୍ତ୍ତନ-କ, କାଟିବା ।

Loquacious, *a.* ବହୁବକ୍ତା, ବକୁଆ, ବଡବଡିଆ ।

Loquacity, *s.* ବାଚାଳତା, ବହୁଭାଷିତ୍ୱ ।

Lord, *s.* ପରମେଶ୍ୱର, ପ୍ରଭୁ; ସ୍ୱାମୀ, ଅଧିପତି, କର୍ତ୍ତା, ମୁନିବ; ରାଜା ।—*v.* ପ୍ରଭୁତ୍ୱ-କର୍ତ୍ତୃତ୍ୱ-ଗର୍ବ-କ ।

Lordly, *a.* ମାନ୍ୟ, କୁଳୀନ, ଉପଯୁକ୍ତ, ଅହଙ୍କାରୀ, ଅଭିମାନୀ, ଗର୍ବୀ ।

Lord's-day, *s.* ବିଶ୍ରାମବାର, ପ୍ରଭୁଙ୍କର ଦିନ, ରବିବାର ।

Lordship, *s.* କୁଳୀନତ୍ୱ, ପ୍ରଭୁତ୍ୱ, କୁଳୀନ-ପଦବି ବା ଅଧିକାର ।

Lord's-supper, *s.* ପ୍ରଭୁଙ୍କର ଭୋଜ, ପ୍ରଭୁ- [ଭୋଜ ।

Lore, *s.* ଶିକ୍ଷା, ଉପଦେଶ, ବିଦ୍ୟା, ଅଧ୍ୟୟନ ପାଠ ।

Lorn, *a.* ଉଦାସୀ, ତ୍ୟକ୍ତ, ଅନାଥ, ହୀନ ।

Lose, *v.* ହଜିବା, ହରାଇବା; ହାରିବା, ପରାଜିତ-ହେ; କ୍ଷତି- ହାନି-କ; ବ୍ୟର୍ଥ-ହେ ।

Loss, *s.* କ୍ଷତି, ହାନି, ହୋକସାନ, ବିଧ୍ୱଂସ ।

Lot, *s.* ଭାଗ୍ୟ, କପାଳ, ଅଦୃଷ୍ଟ, ନସିବ; ଅଂଶ ଭାଗ, ଗୁଳିବାଣ୍ଟ ।

Lotion, *s.* ପ୍ରକ୍ଷାଳନାର୍ଥେ ଔଷଧୀୟ ଜଳ ।

Lottery, *s.* ଘୁଷୁଁଖେଳା, ଗୁଳିବାଣ୍ଟ ।

Lotus, *s.* ପଦ୍ମ, କମଳ, ପଙ୍କଜ, ରାଜୀବ ।

Loud, *a.* ରବ ବା ଶବ୍ଦକାରୀ, ଗୋଳକାରୀ ।

Loudly, *ad.* ଉଚ୍ଚୈଃସ୍ୱରରେ, ମହାରବେ, ବଡ ବା ଅଣ୍ଟ ବର । [ଅଭଦ୍ର ।

Loudness, *s.* ଉଚ୍ଚୈଃସ୍ୱର, ବଡଶବ୍ଦ; ବହୁ

Lounge, *v.* ଆଳସ୍ୟରେ କାଳ ଯାପନ-କ ।

Lounger, *s.* ଅଳସୁଆ, କୋଢିଆ ।

Lour, *v.* ମେଘାଚ୍ଛନ୍ନ-ଅପ୍ରସନ୍ନ-ହେ ।

Louse, *s.* ଉକୁଣି, ଢଙ୍ଗା, ନିଶ ।

Lousy, *a.* ଉକୁଣିପୂର୍ଣ୍ଣ, ଉକୁଣିଯୁକ୍ତ ।

Lout, *s.* ଅସଭ୍ୟ, ମୂର୍ଖ, ଅଜ୍ଞାନ ।—*v.* ସ୍ନେହ-ପ୍ରୀତି-ପ୍ରେମ-କ, ଭଲ ପାଇବା, ପ୍ରିୟଜ୍ଞାନ-କ ।

Love, *s.* ପ୍ରେମ, ପ୍ରୀତି, ସ୍ନେହ, ଆସକ୍ତି ।

Loveliness, *s.* ପ୍ରିୟତା, ସୌନ୍ଦର୍ଯ୍ୟ, ଲାବଣ୍ୟ ।

Lovely, *a.* ମନୋହର, ଅତିସୁନ୍ଦର, ରମ୍ୟ, ପ୍ରୀତିଜନକ, ପ୍ରେମାକର୍ଷକ ।

Lover, *s.* ପ୍ରେମକାରୀ, ସଖା, ପ୍ରିୟ, କାମୁକ ।

Lovesuit, *s.* ବିବାହେଚ୍ଛା ନିବେଦନ, ପ୍ରୀତିକରଣ ।

Loving, *a.* ପ୍ରେମୀ, ପ୍ରଣୟୀ, ସ୍ନେହକାରୀ ।

Lovingkindness, *s.* ଅନୁଗ୍ରହ, କୃପା, ଦୟା, ସ୍ନେହ, କ୍ଷମା ।

Lovingly, *ad.* ସ୍ନେହପୂର୍ବକ, ବାତ୍ସଲ୍ୟରୂପେ ।

Low, *a.* ନୀଚ, ଇତର; ଗମ୍ଭୀର; ଶସ୍ତା; କ୍ଷୀଣ; ଦୁର୍ବଳ; ଉଦାସ, ବିରସ; ଅଳ୍ପ ଜଳବିଶିଷ୍ଟ; ବିନମ୍ର ।—*v.* ଗୋରୁର- ହମ୍ବାରବ-କ, ହମ୍ବାଳିବା ।

Lower, *v.* ନୀଚ-କ; ନମ୍ର- ହତ- ଦମନ-କ, କମାଇବା; ଊଣା- କମ୍-କ; ନୀଚପଦସ୍ଥ-କ; ଡୁବାଇବା; ମେଘାଚ୍ଛନ୍ନ- ହେ; ମୁହଁ ଭୁରୁଙ୍ଗା -କ ।

Lowing, *s.* ଗୋରୁର, ହମ୍ବା, ହମ୍ବାଳ ।

Lowland, *s.* ନିମ୍ନ ବା ନୀଚଭୂମି, ପର୍ବତର ଅଧୋଦେଶ ।

Lowliness, *s.* ନମ୍ରତା, ନିରହଙ୍କାର ।

Lowlived, *a.* ଇତର, ଅସଭ୍ୟ, ପାମର ।

Lowly, *a.* ବିନତ, ନମ୍ର, କୋମଳ, ମୃଦୁ ।

Lowness, *s.* ଅବନତତା, ନମ୍ରତା; ବିଷାଦ; ଗମ୍ଭୀରସ୍ୱର । [ଉଦ୍ବିଗ୍ନଚିତ୍ତ ।

Lowspirited, *s.* ଉଦ୍ଗ୍ନମନା, ବିଷଣ୍ଣ, ନିସ୍ତେଜ;

Loyal, *a.* ପ୍ରଭୁଭକ୍ତ, ରାଜାଜ୍ଞାନୁବର୍ତ୍ତୀ, ବିଶ୍ୱସ୍ତ,

Loyalist, *s.* ରାଜା ବା ପ୍ରଭୁଭକ୍ତ ବ୍ୟକ୍ତି ।

Loyalty, *s.* ପ୍ରଭୁଭକ୍ତି; ରାଜଭକ୍ତି; ନାୟକ ନାୟିକା ମଧ୍ୟରେ ବିଶ୍ୱସ୍ତତା ।

Lozenge, *s.* ଚକ୍ତିମିଠାଇ, ଔଷଧୀୟ ଟିକିକା ।

Lubber, *s.* ଜଡମା, ମୋଟାଅବ୍ୟକ୍ତି ।

Lubricate, *v.* ଚିକ୍କଣ- ତେଲିଆ-ଖସଡା- ପିଚ୍ଛିଳ-କ ।

Lubricity, *s.* ଚିକ୍କଣତା; କାମୁକତା ।

Lubricous, *a.* ଚିକ୍କଣ, ଖସଡା, ତେଲିଆ ।

Lucid, *a.* ଦୀପ୍ତିମାନ, ଉଜ୍ଜ୍ୱଳ, ନିର୍ମଳ, ପ୍ରସନ୍ନ ।

Lucifer, *s.* ଶୁକ୍ରତାରା, ପ୍ରଭାତତାରା; ଶୟତାନ,

Luck, *s.* ଭାଗ୍ୟ, କପାଳ, ଅଦୃଷ୍ଟ, ଦଶା

Luckily, *ad.* ସୌଭାଗ୍ୟକ୍ରମେ, ଶୁଭାଦୃଷ୍ଟେ ।

Luckless, *a.* ଭାଗ୍ୟହୀନ, ଅଭାଗା, ଅସୁଖୀ ଦୁର୍ଦ୍ଦଶାପ୍ରାପ୍ତ ।

Lucky, *a.* ଶୁଭ, ଭାଗ୍ୟବାନ, କୁଶଳୀ, ମଙ୍ଗଳଜନକ । [କର ।

Lucrative, *a.* ଲାଭଜନକ, ପ୍ରାପ୍ତିକର, ଅର୍ଥ-

Lucre, *s.* ଲାଭ, ପ୍ରାପ୍ତି, ଉପାର୍ଜ୍ଜନ, ଧନ ।

Lucubration, *s.* ପ୍ରଦୀପଯୋଗେ ପଢ଼ାଅଭ୍ୟାସ

Ludicrous, *a.* ହାସ୍ୟଜନକ, କୌତୁକଜନକ ଉପହାସ୍ୟ ।

Lug, *v.* ଓଟାର-କେ, ବଳରେ ଟାଣିବା ।

Luggage, *s.* ଜିନିସପତ୍ର, ସରଂଜାମ, ଭାର-ବସ୍ତୁ, ଚିଟେସ । [ଅନୁଦ୍ୟମୀ ।

Lukewarm, *a.* ଈଷଦୁଷ୍ଣ, ଅଳ୍ପତପ୍ତ; ଅବଂଶ,

Lukewarmness, *s.* ଈଷଦୁଷ୍ଣତା, ଅନୌତ୍ସୁକ୍ୟ, ଅସ୍ପୃହା ।

Lull, *v.* ସାନ୍ତ୍ୱନା-ଥୟ-ଶାନ୍ତ-କ, ଥମାଇବା ।

Lullaby, *s.* ବାଳକ ଶୁଆଇବା ଗୀତ ।

Lumbago, *s.* କମରବେଦନା, ଅଣ୍ଟାବାତ ।

Lumber, *s.* ଅକର୍ମଣ୍ୟ ଜିନିସପତ୍ର, ପୁରୁଣା ଭଙ୍ଗା ମେଜାଦି ।

Luminary, *s.* ଜ୍ୟୋତିଃ, ସୂର୍ଯ୍ୟ, ଚନ୍ଦ୍ରସୂର୍ଯ୍ୟାଦି; ଜ୍ଞାନଦାୟକ ବ୍ୟକ୍ତି । [ମୟ ।

Luminous, *a.* ଦୀପ୍ତିମାନ, ତେଜସ୍ୱୀ, ଆଲୋକ-

Lump, *s.* ଏକଠା, ଗଦା; ଢେଲା, ଡେଲା; (in the ) ଗଡେ, ହରଦରେ ।

Lumpy, *a.* ପିଣ୍ଡବତ, ଢେଲାମୟ, ମେଣ୍ଟାମେଣ୍ଟା

Lunacy, *s.* ଚନ୍ଦ୍ରଦୋଷରେ ଉନ୍ମତ୍ତତା, ପାଗଳପଣ, ବାତୁଳତା ।

Lunar, *s.* ଚନ୍ଦ୍ରସମ୍ବନ୍ଧୀୟ ।

Lunatic, *s.* ଉନ୍ମତ୍ତବ୍ୟକ୍ତି, ପାଗଳ, ବାୟା ।

Lunation, *s.* ଚନ୍ଦ୍ରର ପ୍ରଦକ୍ଷିଣ ବା ଗତି, ଚାନ୍ଦ୍ରମାସ ।

Lunch, Luncheon, *s.* ଜଳପାନ, ଟିପେନ, ଅର୍ଦ୍ଧଭୋଜନ ।

Lungs, *s.* ଫୋପା, ଫୋପସ, ଫୋମ୍ପଡା ।

Lurch, *s.* ନୌକାର ହଠାତ୍ ହଲ୍ଲ ।—*v.* ଛଳ-କ; ଲୁଚି-ର; ଏକ ପାଶରେ ହଲିବା; ଦୁର୍ଦ୍ଦଶାରେ ପଡ଼ିବା ।
Lure, *s.* ଲୋଭଜନକ ଦ୍ରବ୍ୟ, ଟୋପ ।—*v.* ଲୋଭ ଦେଖାଇବା, ଫୁସଲାଇବା, ଭୁଲାଇବା ।
Lurid, *a.* ଘୋର, ଧୂଆଁ ପରି, ମ୍ଳାନ, ବିବର୍ଣ୍ଣ ।
Lurk, *v.* ଓଗାଳି ବସିବା, ଲୁଚି-ର ।
Luscious, *a.* ଅତିମିଷ୍ଟ, ସୁସ୍ୱାଦୁ, ତୃପ୍ତିଜନକ ।
Lust, *s.* କାମ, ଲୋଭ, କୁଅଭିଳାଷ ।—*v.* ଲୋଭ-କ, କାମାସକ୍ତ-ଶାରୀରିକାଭିଳାଷୀ-ହେ
Lustful, *a.* ଲମ୍ପଟ, କାମାସକ୍ତ, କାମୀ, ଲୋଭୀ ।
Lustily, *ad.* ବଳିଷ୍ଠରୂପେ, ସାହସପୂର୍ବକ ।
Lustiness, *s.* ବଳ, ସାମର୍ଥ୍ୟ, ଜୋର, ତେଜ ।
Lustration, *s.* ପବିତ୍ର ବା ଶୁଚିକରଣ, ଜଳ-ସଂସ୍କାର । [ଯଶ; ଦୀପଗୁଚ୍ଛ ।
Lustre, *s.* ଦୀପ୍ତି, ଶୋଭା, ଉଜ୍ଜ୍ୱଳତା; ସୁଖ୍ୟାତି,
Lustrous, *a.* ଉଜ୍ଜ୍ୱଳ, ଦୀପ୍ତିମାନ୍, ଚକ୍‌ଚକିଆ ।
Lusty, *a.* ହୃଷ୍ଟପୁଷ୍ଟ, ମୋଟା, ସବଳ, ସ୍ଥୂଳ ।
Lute, *s.* ସିତାର, ତନ୍ତ୍ରବାଦ୍ୟ ଯନ୍ତ୍ର ।
Lute-string, *s.* ସିତାର ତାର; ଚିକ୍କଣ ପଟ୍ଟବସ୍ତ୍ରବିଶେଷ ।
Luxuriance, *s.* ବାହୁଲ୍ୟ, ଆଧିକ୍ୟ ।
Luxuriant, *a.* ବହୁଳ, ଅଧିକ, ବିସ୍ତର, ସତେଜ ।
Luxurious, *a.* ସୁଖଭୋଗୀ, ପେଟାର୍ଥୀ, ବହୁବ୍ୟୟୀ । [ଭୋଗ ।
Luxury, *s.* ସୁଖାଭିଳାଷ, ସୁଖାଦ୍ୟ, ସୁଖ-
Lye, *s.* କ୍ଷାରଯୁକ୍ତ ଜଳ, ଖାରିଆ ପାଣି ।
Lying, *s.* ମିଥ୍ୟା, କହିବା ଦୋଷ ।—*a.* ମିଥ୍ୟା, ମିଛ; ମିଛୁଆ, ମିଥ୍ୟାବାଦୀ ।
Lymph, *s.* ଶରୀରସ୍ଥିତ ବର୍ଣ୍ଣହୀନ ଜଳ ।
Lynx, *s.* ବଣବିରାଡ଼ି, କ୍ଷୁଦ୍ରବାଘ ।
Lyre, *s.* ବୀଣା, ତନ୍ତ୍ରବାଦ୍ୟ ଯନ୍ତ୍ର ।
Lyric, Lyrical, *a.* ବୀଣା ସମ୍ବନ୍ଧୀୟ ।
Lyrist, *s.* ବୈଣିକ, ବୀଣାବାଦକ ।

## M.

M, ଇଂରାଜୀ ବର୍ଣ୍ଣମାଳାର ତ୍ରୟୋଦଶାକ୍ଷର; ଏକ-ସହସ୍ର ସଂଖ୍ୟକ, M̄, ଦଶଲକ୍ଷ ସଂଖ୍ୟକ ।
M.A. (*Artium Magister*), ବିଦ୍ୟାଳଙ୍କାର; MS. (*Manuscript*), ହସ୍ତଲିପି; MSS., ହସ୍ତଲିପିମାନ ।
Mab, *s.* ପରୀସମୂହର ରାଣୀ ।
Mac, *s.* ସ୍କଟଲଣ୍ଡ ଦେଶୀୟ ଭାଷାରେ ପୁତ୍ରସୂଚକ ଶବ୍ଦ ।
Macadamise, *v.* ଭଙ୍ଗା ପଥର ଦ୍ୱାରା ବାଟ ଚିକ୍କଣ ଓ ଟାଣ-କ । [ବିଶେଷ ।
Macaroni, *s.* ସିମାଇ, ସୂଜିର ଖାଦ୍ୟଦ୍ରବ୍ୟ
Macaroon, *s.* ବାଦାମ ଚିନି ଅଣ୍ଡା ମିଶ୍ରିତ ମିଠାଇ ବିଶେଷ । [ସୂଚକ ଚିହ୍ନ ।
Mace, *s.* ଆସା, ଗଦା, ଯଷ୍ଟି; ଜୈତ୍ରୀ; ଐଶ୍ୱର୍ଯ୍ୟ-
Mace-bearer, *s.* ଆସାବରଦାର, ଦଣ୍ଡଧର ।
Macerate, *v.* କୃଶ- କ୍ଷୀଣ- ଓଦା-କ, ଭିଜାଇବା ।
Machination, *s.* କୁମନ୍ତ୍ରଣା, ଷଡ଼ଯନ୍ତ୍ରକରଣ ।
Machine, *s.* କଳ, ଯନ୍ତ୍ର ।
Machinery, *s.* କଳ ସବୁ, ଯନ୍ତ୍ରତନ୍ତ୍ର, ଯନ୍ତ୍ରର ଭିନ୍ନ ଭାଗ ।
Machinist, *s.* କଳଚାଳକ, ଯନ୍ତ୍ରକର୍ତ୍ତା ।
Mackerel, *s.* ସମୁଦ୍ର ମାଛ ବିଶେଷ ।
Mad, *a.* ଉନ୍ମତ୍ତ, ବାୟା, ବାତୁଳ, ହତବୁଦ୍ଧି, ପାଗଳ; ରାଗାନ୍ଧ । [ରାଣୀ ।
Madam, *s.* ସମ୍ଭ୍ରାନ୍ତ ସ୍ତ୍ରୀର ଉପାଧି—ଠାକୁ-
Madcap, *s.* କ୍ଷିପ୍ତ; ରାଗୀ; ଚଞ୍ଚଳ; ଅତି ଅବିବେଚକ ।

**Madden**, *v.* ଉନ୍ମତ୍ତ-କ୍ଷିପ୍ତ-କ, କୋପାଇବା ।
**Madder**, *s.* ମଞ୍ଜିଷ୍ଠାବୃକ୍ଷ । [ଶାଳା ।
**Madhouse**, *s.* ଉନ୍ମତ୍ତର ଆଶ୍ରମ, ପାଗଲ-
**Madly**, *ad.* ବାୟାରୂପେ, ଅବିବେଚନାରେ ।
**Madman**, *s.* ଉନ୍ମତ୍ତ, ପାଗଲ, ବାୟା, ହତ-ବୁଦ୍ଧି ବ୍ୟକ୍ତି । [ଅତିକ୍ରୋଧ ।
**Madness**, *s.* ଉନ୍ମାଦ, ବାୟାପଣ, ପାଗଲାମୀ;
**Magazine**, *s.* ଭଣ୍ଡାର, ଗୋଦାମ; ଅସ୍ତ୍ରାଗାର; ନିରୂପିତ ସମୟରେ ପ୍ରକାଶିତ ନାନା ବିବରଣଘଟିତ ପୁସ୍ତକ ।
**Maggot**, *s.* କୀଟ, କୃମି, ପୋକ, ଘୁଣ ।
**Magi**, *s.* ପୂର୍ବଦେଶୀୟ ଜ୍ୟୋତିର୍ବେତ୍ତା ବା ଜ୍ଞାନୀ ବ୍ୟକ୍ତି । [ଜାଦୁ ।
**Magic**, *s.* ଇନ୍ଦ୍ରଜାଲ, ଭୋଜବିଦ୍ୟା, ଭେଲ୍କି,
**Magical**, *a.* ଐନ୍ଦ୍ରଜାଲିକ, ମାୟାବୀ ।
**Magician**, *s.* ବୈତାଳିକ, ମାୟାବୀ, କୁହକୀ, ଜାଦୁଗର, କୁହକ ।
**Magisterial**, *a.* ଫୌଜଦାରୀ ବିଚାରକର୍ତ୍ତା ସମ୍ବନ୍ଧୀୟ; ଗର୍ବୀ, ଅହଂକାରୀ ।
**Magistracy**, *s.* ବିଚାରକର୍ତ୍ତାର ପଦ ବା କର୍ମ ।
**Magistrate**, *s.* ଫୌଜଦାରୀର ବିଚାରକର୍ତ୍ତା, ଶାସନକର୍ତ୍ତା, ହାକିମ୍ ।
**Magnanimity**, *s.* ମାହାତ୍ମ୍ୟ, ମନର ମହତ୍ତ୍ୱ, ମହିମା । [ଶ୍ରାନ୍ତୁତ ।
**Magnanimous**, *a.* ମହାତ୍ମା, ମହାମହିମ,
**Magnesia**, *s.* ଭେଦକ ଔଷଧବିଶେଷ ।
**Magnet**, *s.* ଚୁମ୍ବକପଥର, ଅୟସ୍କାନ୍ତ, ଲୌହାକର୍ଷକ ପ୍ରସ୍ତର ।
**Magnetic**, *a.* ଅୟସ୍କାନ୍ତଧର୍ମକ, ଲୌହାକର୍ଷକ, ଚୁମ୍ବକପଥର ଗୁଣବିଶିଷ୍ଟ ।
**Magnetism**, *s.* ଅୟସ୍କାନ୍ତମଣିର ଗୁଣ ।
**Magnificence**, *s.* ଐଶ୍ୱର୍ଯ୍ୟ, ପ୍ରତାପ, ଦୀପ୍ତି, ମହିମା, ଗୌରବ ।
**Magnificent**, *a.* ଐଶ୍ୱର୍ଯ୍ୟଯୁକ୍ତ, ମହିମାବନ୍ତ ।
**Magnifier**, *s.* ସ୍ତବକାରୀ, ସ୍ତୁତିବାଦୀ; ଯେଉଁ କାଚ କ୍ଷୁଦ୍ର ଦ୍ରବ୍ୟକୁ ବଡ ଦେଖାଏ ।
**Magnify**, *v.* ବଡ-କ, ବଢାଇବା ; ସ୍ତବ-ପ୍ରଶଂସା-କ । [ଗୁରୁତ୍ୱ ।
**Magnitude**, *s.* ପରିମାଣ, ବୃହତ୍ତ୍ୱ, ମହତ୍ତ୍ୱ,
**Magpie**, *s.* ପକ୍ଷିବିଶେଷ; ବକାବ୍ୟକ୍ତି ।
**Mahogany**, *s.* ବହୁମୂଲ୍ୟ କାଠବିଶେଷ ।
**Mahomedan**, *s.* ମୁସଲମାନ, ଯବନ, ପଠାଣ, ମହମ୍ମଦର ମତାବଲମ୍ବୀ ।
**Maid**, *s.* କୁମାରୀ, କନ୍ୟା; ଅନୂଢା, ସଖୀକନ୍ୟା, ଦାସୀ, ଚାକରାଣୀ ।
**Maiden**, *s.* କୁମାରୀ, ଅବିବାହିତା କନ୍ୟା ।
—*a.* ତରୁଣ, ନୂତନ ।
**Maidenhood**, *s* କୁମାରୀତ୍ୱ, ବାଳିକାବସ୍ଥା, କନ୍ୟାକାଳ । [ଲିନ୍ଦା ।
**Mail**, *s.* ଯୁଦ୍ଧସଜ୍ଜା, ସାଞ୍ଜୁଆ, କବଚ; ଡାକର ପୁ-
**Maim**, *v.* ହୀନାଙ୍ଗ-ବିକଳାଙ୍ଗ-କ୍ଷତବିକ୍ଷତ-କ
**Maimed**, *a.* ଲେଙ୍ଗଡା, ଛୋଟା, ହୀନାଙ୍ଗ, ପଙ୍ଗୁ
**Main**, *a.* ପ୍ରଧାନ, ଶ୍ରେଷ୍ଠ, ମୁଖ୍ୟ, ବଡ, ମୁଖ୍ୟ ।
—*s.* ଶକ୍ତି, ବଳ ; ଅଧିକଭାଗ, ବଡଖଣ୍ଡ, ମୋଟ, ସମୁଦାୟ; ମହାସମୁଦ୍ର ।
**Mainland**, *s.* ମହାଦ୍ୱୀପ, ଶୁଷ୍କଭୂମି, ସ୍ଥଳ ।
**Mainly**, *ad.* ପ୍ରଧାନରୂପେ, ପରାକ୍ରମପୂର୍ବକ ବିଶେଷତଃ । [ମାସ୍ତୁଲ
**Mainmast**, *s.* ଜାହାଜର ପ୍ରଧାନ ବା ମଧ୍ୟସ୍ଥ
**Maintain**, *v.* ପ୍ରତିପାଳନ-କ, ପୋଷିବା, ରକ୍ଷା-କ ; ପ୍ରମାଣସିଦ୍ଧ-କ । [ଧାର୍ଯ୍ୟ ।
**Maintainable**, *a.* ରକ୍ଷଣୀୟ, ପାଳନୀୟ,
**Maintenance**, *s.* ଭରଣପୋଷଣ, ପ୍ରତିପାଳନ, ସାହାଯ୍ୟ, ରକ୍ଷା ।
**Maize**, *s.* ଶସ୍ୟବିଶେଷ, ମକ୍କା । [ମହତ୍, ବଡ
**Majestic**, *a.* ପ୍ରତାପାନ୍ୱିତ, ଶ୍ରୀମାନ୍, ପ୍ରତାପ

Majesty, *s.* ରାଜତ୍ୱ, ଗୌରବ; ରାଜା ବା ରାଣୀର ଉପାଧି ।
Major, *a.* ପ୍ରଧାନ, ଶ୍ରେଷ୍ଠ, ବଡ, ଅଧିକ ।—*s.* ଇଂରାଜୀ ସୈନ୍ୟାଧ୍ୟକ୍ଷର ନାମ ବିଶେଷ; ବୟଃପ୍ରାପ୍ତ ବ୍ୟକ୍ତି; ମୂଳକଥା ।
Majority, *s.* ଅଧିକାଂଶ, ଅର୍ଧରୁ ଅଧିକ; ପୂର୍ଣ୍ଣବୟସ, ବୟଃପ୍ରାପ୍ତ ।
Make, *v.* ସୃଷ୍ଟି-ନିର୍ମାଣ-ତିଆର-ରଚନା-କ, ଗଢିବା, ବନାଇବା : ପହଞ୍ଚିବା; ଲାଭ-କ ।—*s.* ଆକୃତି, ଆକାର, ରୂପ, ଗଠନ ।
Maker, *s.* ସୃଷ୍ଟିକର୍ତ୍ତା, ନିର୍ମାଣକାରକ, ରଚକ ।
Make-weight, *s.* ତରାଜୁର ବଟକର ।
Malady, *s.* ରୋଗ, ପୀଡ଼ା, ବ୍ୟାଧି, ବେଆରାମ
Malaria, *s.* ପୀଡାଜନକ ବାଷ୍ପ, ମନ୍ଦ ବାୟୁ ।
Malcontent, *a.* ଅସନ୍ତୁଷ୍ଟ, ଅସନ୍ତୁଷ୍ଟ, ଦ୍ରୋହୀ
Male, *s.* ପୁରୁଷ, ପୁଂ, ନର, ଅଣ୍ଡିର ।
Malediction, *s.* ଅଭିଶାପ, ଶାପ, ମନ୍ଦ ।
Malefactor, *s.* ଅପରାଧୀ, ଦୋଷୀ, କୁକର୍ମୀ
Malevolence, *s.* ଦ୍ୱେଷ, ଈର୍ଷା, ହିଂସା, ଅନିଷ୍ଟଚିନ୍ତା, ଜିଘାଂସା । [ହିଂସକ ।
Malevolent, *a.* ଦ୍ୱେଷୀ, ଦ୍ରୋହକ, କୁଟିଳ,
Malice, *s.* ହିଂସା, ଦ୍ୱେଷ, ଈର୍ଷା ଅନିଷ୍ଟଚେଷ୍ଟା ।
Malicious, *a.* ମନ୍ଦଚିନ୍ତକ, ଦ୍ୱେଷୀ, କୁଟିଳ, ହିଂସକ ।
Malign, *v.* ଦ୍ୱେଷ-ହିଂସା-ଈର୍ଷା-କ ।
Malignant, *a.* ମନ୍ଦଚେଷ୍ଟାକାରୀ, ଦ୍ୱେଷକ, ଜିଘାଂସୁ । [ମାରାତ୍ମକ ।
Malignity, *s.* ଦ୍ୱେଷ, ଈର୍ଷା, ଅସୂୟା, ହିଂସା,
Maligner, *s.* ମିଥ୍ୟାପବାଦକ, ଅଖ୍ୟାତିକାରକ
Mall, *s.* କ୍ରୀଡାବିଶିଷ୍ଟ ବିହାର ସ୍ଥାନ ।
Malleable, *a.* ଆଘାତ ଦ୍ୱାରା ବୃଦ୍ଧିଶୀଳ, ଅହନନୀୟ, ଅହନ୍ତବ୍ୟ ।
Mallet, *s.* ମୁଦ୍ଗର, ମୁଗୁର, ପିଟଣା, ମାର୍ତ୍ତୋଳ

Malpractice, *s.* କଦାଚାର, କୁବ୍ୟବହାର, କୁକର୍ମ । [ସ୍ୱରୂପ ଦ୍ରବ୍ୟ ।
Malt, *s.* ଜଳରେ ଭିଜାଇ ଶୁଷ୍କ ଯବ ଯହିଁରୁ ସୁରା-
Maltreat, *v.* କଷ୍ଟ-ମାରପିଟ-କ, କ୍ଳେଶ-ଦେ
Malversation, *s.* ଦୁଷ୍କର୍ମ, ଅସଦାଚାର, ପ୍ରତାରଣା, ଦୁର୍ନୀତି ।
Mamma, *s.* ସ୍ନେହୋକ୍ତି ଅର୍ଥାତ୍ ମା, ମାତା ।
Mammalia, *s.* ଦୁଗ୍ଧଦାୟୀ ପ୍ରାଣିବର୍ଗ ।
Mammon, *s.* ଧନ, ସମ୍ପତ୍ତି, ଲକ୍ଷ୍ମୀ, ଦୌଲତ ।
Mammoth, *s.* ପୂର୍ବକାଳର ବୃହତ୍ ଚତୁଷ୍ପଦ ଜନ୍ତୁବିଶେଷ ।
Man, *s.* ପୁରୁଷ, ମନୁଷ୍ୟ, ନର, ମର୍ଦ୍ଦ, ମାନବ, ଜନ, ଲୋକ ।—*v.* ଜାହାଜ କାମରେ ଲୋକ ଯୋଗାଇବା ।
Manacle, *v.* ବେଡି-ଦେ, ଶିକୁଳି ମାରିବା ।
Manacles, *s.* ହାତକଡି ବା ବେଡ଼ୀ ।
Manage, *v.* ଚଳାଇବା, କର୍ମନିର୍ବାହ-ତତ୍ତ୍ୱାବଧାରଣ-କ । [ଉପଯୋଗୀ ।
Manageable, *a.* ସୁସାଧ୍ୟ, ଶାସନୀୟ, ନିର୍ବା-
Management, *s.* କର୍ମକର୍ତ୍ତୃତ୍ୱ, କାର୍ଯ୍ୟନିର୍ବାହ; ପରିମିତବ୍ୟୟ ।
Manager, *s.* କର୍ମନିର୍ବାହକ, ନେବର୍ତ୍ତା, କର୍ମକର୍ତ୍ତା, ସମ୍ପାଦକ; ପରିମିତବ୍ୟୟୀ ।
Mandarin, *s.* ଚୀନଦେଶର କୁଳୀନ କର୍ମକର୍ତ୍ତା ।
Mandate, *s.* ଆଜ୍ଞା, ଆଦେଶ, ହୁକୁମ ।
Mandatory, *a.* ଆଦେଶକ, ଆଜ୍ଞାଦାୟୀ ।
Mane, *s.* ଅଶ୍ୱାଦିର ବେକର କେଶ ।
Man-eater, *s.* ମନୁଷ୍ୟଭକ୍ଷକ, ରାକ୍ଷସ, ଅସୁର
Manes, *s.* ପ୍ରେତଲୋକ, ପରଲୋକ, ପିତୃଲୋକ ।
Manful, *a.* ସାହସିକ, ନିର୍ଭୟ, ବଳବାନ, ବିକ୍ରମୀ ।
Manfully, *ad.* ସାହସପୂର୍ବକ, ନିର୍ଭୟେ ।

Manger, *s.* ପଶ୍ୱାଦିର ଦାନା ଡଙ୍ଗା ବା ଗାଦି
Mangle, *v.* ଖଣ୍ଡ-କ, ବଦାଇବା ; ବସ୍ତ୍ର ଇସ୍ତ୍ରୀ-କ ।
Mango, *s.* ଅମ୍ର. ଅମ୍ବ, ଚୂତ ; ମାଛବିଶେଷ ।
Mangy, *a.* କାଛୁରୋଗଗ୍ରସ୍ତ ।
Manhood, *s.* ବୟଃପ୍ରାପ୍ତି.ମନୁଷ୍ୟତ୍ୱ,ପୁରୁଷତ୍ୱ, ପୁଂଶକ୍ତି ; ସାହସ, ବୀରତ୍ୱ ।
Mania, *s.* କୌଣସି ବିଷୟରେ ମନର ଆସକ୍ତି, ଅତ୍ୟନୁରାଗ ; ପାଗଳାମୀ ।
Maniac, *s.* ଉନ୍ମତ୍ତ, ପାଗଲ, ବାୟା ।
Manifest, *a.* ସ୍ପଷ୍ଟ, ପ୍ରକାଶ, ବ୍ୟକ୍ତ, ପ୍ରତ୍ୟକ୍ଷ । —*v.* ପ୍ରକାଶ-ବ୍ୟକ୍ତ-କ. ଦର୍ଶାଇବା, ଜଣାଇବା ।
Manifestation, *s.* ପ୍ରକାଶକରଣ. ଘୋଷଣା, ପ୍ରାଦୁର୍ଭାବ ।
Manifesto, *s.* ରାଜାଙ୍କ ଘୋଷଣା ପତ୍ର, ରାଜନୈତିକ ଦଳର ବିଜ୍ଞାପନ ପତ୍ର ।
Manifold, *a.* ବିବିଧ,ନାନାପ୍ରକାର, ବହୁରୂପ, ଅନେକ ।
Manikin, *s.* କ୍ଷୁଦ୍ର ମନୁଷ୍ୟ, ବାମନ ।
Manipulate, *v.* ହାତ ବୁଲାଇବା, ହସ୍ତେ ମର୍ଦ୍ଦନ-କ ।
Mankind, *s.* ମନୁଷ୍ୟଜାତି, ମାନବଗଣ, ନରବଂଶ । [ବୀରତ୍ୱ ।
Manliness, *s.* ପୁରୁଷତ୍ୱ, ସାହସ, ବିକ୍ରମ,
Manly, *a.* ମନୁଷ୍ୟର ନ୍ୟାୟ, ବଳବାନ୍, ସାହସୀ, ନିର୍ଭୟ ।
Manna, *s.* ଅରଣ୍ୟରେ ଇସ୍ରାୟେଲ ବଂଶର ଖାଦ୍ୟବିଶେଷ ।
Manner, *s.* ମତ, ପ୍ରକାର, ରୂପ, ରକମ ; ଧାରା, ରୀତି, ଆଚରଣ, ଢଙ୍ଗ, ଡୌଲ ।
Mannerism, *s.* ଅଭ୍ୟାସରେ ସ୍ୱାଭାବିକ ଧାରା ବିଶେଷ ।
Mannerly, *a.* ଶିଷ୍ଟାଚାରୀ, ସୁଶୀଳ ।
Manners, *s.* ସୁରୀତି, ଶିଷ୍ଟାଚାର, ସଭ୍ୟତା ରୀତି ।
Manœuvre, *s.* କୌଶଳ, ଉପାୟ, ଛଳ, ନୈପୁଣ୍ୟରୂପେ କର୍ମକରଣ ।
Man-of-war, *s.* ଯୁଦ୍ଧଜାହାଜ ।
Manor, *s.* ଭୂମ୍ୟଧିକାର, ତାଲୁକ, ଜମିଦାରୀ ।
Manse, *s.* ଧର୍ମୋପଦେଶକର ଗୃହ ।
Mansion, *s.* ଧନୀଲୋକର ଘର, ଅଟ୍ଟାଳିକା ।
Manslaughter, *s.* ଅଜ୍ଞାନକୃତ ମନୁଷ୍ୟବଧ, ଅଜାଣତସାରେ ବଧ ।
Mantle, *s.* ବଡଜାମା, ଲବେଦା, ଓଢଣୀ ବସ୍ତ୍ର । —*v.* ଢାଙ୍କିବା, ଘୋଡାଇବା, ଆଚ୍ଛାଦନ-କ ।
Manual, *a.* ହସ୍ତକୃତ, ହାତରେ କରିବା କର୍ମ, କାରିଗରି ।—*s.* କ୍ଷୁଦ୍ର ସାରସଂଗ୍ରହ ପୁସ୍ତକ, ପ୍ରାର୍ଥନାପଦ୍ଧତି ।
Manufactory, *s.* ଶିଳ୍ପକର୍ମ କରିବା ଘର, କାରଖାନା ।
Manufacture, *s.* ଶିଳ୍ପକର୍ମ ବା ବ୍ୟବସାୟ, କାରିଗରି, ଗଠନ ।—*v.* ଶିଳ୍ପକର୍ମ ଦ୍ୱାରା ନିର୍ମାଣ-ରଚନା-କ, ଗଢ଼ିବା, ବନାଇବା ।
Manufacturer, *s.* ଶିଳ୍ପକାର, କାରିଗର, ନିର୍ମାଣକର୍ତ୍ତା ।
Manure, *v.* ଖତମାଟି-ଦେ, ଉର୍ବର-କ ।—*s.* ସାର, ଖତ, ଗୋବର ଇତ୍ୟାଦି ।
Manuscript, *s.* ହସ୍ତଲିପି, ହସ୍ତରେ ଲିଖିତ ପତ୍ର ବା ପୁସ୍ତକ । [ଅପାର ।
Many, *a.* ଅନେକ, ଗୁଡାଏ, ବହୁତ, ଢେର,
Map, *s.* ଦେଶାଦିର ନକ୍ସା, ମାନଚିତ୍ର ।
Mar, *v.* ନଷ୍ଟ-କ୍ଷତ-ହାନି-ଅପଚୟ-କ, ବିଗାଡିବା । [ବାଟପାଡ଼ ।
Marauder, *s.* ଲୁଟିଆର, ଡକାଇତ, ଗୁଣ୍ଡା,
Marauding, *s.* ଡକାଇତି ବା ଲୁଟକରଣାର୍ଥେ ଭ୍ରମଣ ।

**Marble**, *s.* ମର୍ମରପଥର; ବାଟି, ବାଳକର ଖେଳବାର୍ଥେ କ୍ଷୁଦ୍ରଗୋଲ । —*v.* ମର୍ମରପଥର ନ୍ୟାୟ ଚିହ୍ନବିଚିହ୍ନ-କର ।

**March**, *v.* ସୈନ୍ୟପ୍ରସ୍ଥାନ-ଗମନ-ଯାତ୍ରା-କର । —*s.* ସେନାମାନଙ୍କର ଯାତ୍ରା; ଇଂରାଜୀ ବର୍ଷର ତୃତୀୟ ମାସ । [ସୀମା ।

**Marches**, *s.* ଦୁଇ ଦେଶର ସନ୍ଧିସ୍ଥାନ ବା

**Marchioness**, *s.* ଇଂରାଜୀ କୁଳୀନା ସ୍ତ୍ରୀ ବିଶେଷ ।

**Mare**, *s.* ଘୋଡ଼ି, ଅଶ୍ୱୀ, ମାଈଅଶ୍ୱ ।

**Margin**, *s.* ସୀମା, ପ୍ରାନ୍ତ, ଧାର, ତୀର, କୂଳ, କିନାର ।

**Marginal**, *a.* ଧାରସ୍ଥିତ, ପୃଷ୍ଠାର ପାର୍ଶ୍ୱସ୍ଥ ।

**Marigold**, *s.* ଗେଣ୍ଡୁଫୁଲ ।

**Marine**, *a.* ଜାହାଜର ସମୁଦ୍ରସମ୍ବନ୍ଧୀୟ । —*s.* ଜାହାଜୀୟ ସୈନ୍ୟ, ଯୁଦ୍ଧଜାହାଜ ସମୂହ, ନାବିକ କର୍ମ । [ଜୀବୀ ଲୋକ ।

**Mariner**, *s.* ନାବିକ, ଖଲାସୀ, ମଝୁଆ, ଜାହା-

**Maritime**, *a.* ସମୁଦ୍ରସମ୍ବନ୍ଧୀୟ, ସାମୁଦ୍ରୀୟ ।

**Mark**, *s.* ଚିହ୍ନ, ଦାଗ, ଅଙ୍କ; ଲକ୍ଷ୍ୟ; ପ୍ରମାଣ; ନିଶାଣ, ଛାପ; ରୂପାର ମୁଦ୍ରା ବିଶେଷ । —*v.* ଚିହ୍ନ-ଦାଗ-ନିଶାଣ-ଦେ, ମନୋଯୋଗ-କର ।

**Market**, *s.* ହାଟ, ବଜାର, ଗଞ୍ଜ, କ୍ରୟବିକ୍ରୟସ୍ଥାନ । —*v.* ହାଟ-ବଜାର-କ୍ରୟବିକ୍ରୟ-କର ।

**Marketable**, *a.* କ୍ରୟବିକ୍ରୟଯୋଗ୍ୟ, ବିକ୍ରେୟ ।

**Marketing**, *s.* ସଉଦା, ହାଟର ଦ୍ରବ୍ୟ ।

**Marketplace**, *s.* ହାଟ ବା କ୍ରୟବିକ୍ରୟସ୍ଥାନ ।

**Marksman**, *s.* ଲକ୍ଷ୍ୟ ଠିକ କରି ମାରିବା ବ୍ୟକ୍ତି ।

**Marl**, *s.* ଅଠାଳ ମୃତ୍ତିକା ବା ସାରମାଟୀବିଶେଷ

**Marmalade**, *s.* ମୋରବ୍ବା ବିଶେଷ ।

**Marque**, *s.* ଶତ୍ରୁର ଜାହାଜ ଧରିବା ଅନୁମତି ।

**Marquee**, *s.* ସେନାପତିର ତାମ୍ବୁ, ବଡଡେରା ।

**Marquis**, *s.* ଇଂରାଜୀ କୁଳୀନ ଉପାଧିବିଶେଷ ।

**Marriage**, *s.* ବିବାହ, ବିଭା, ପାଣିଗ୍ରହଣ ।

**Marriageable**, *a.* ବିବାହଯୋଗ୍ୟ, ବିଭା-କାଳପ୍ରାପ୍ତ ।

**Married**, *a.* ବିବାହିତ, ପରିଣୀତ, ଊଢ଼ା ।

**Marrow**, *s.* ଅସ୍ଥିର ସାର ବା ମଜ୍ଜା, ହାଡରସ, [ମର୍ମ ।

**Marrowbone**, *s.* ମଜ୍ଜାଥିବା ହାଡ଼ ।

**Marry**, *v.* ବିବାହ-ପାଣିଗ୍ରହଣ-କର, ବିବାହ-ଦେ

**Mars**, *s.* ମଙ୍ଗଳଗ୍ରହ, ଭୂମିଜ, କୁଜ ।

**Marsh**, *s.* ଜଳାଭୂମି, ଝିଲ ।

**Marshal**, *s.* ସୈନ୍ୟର ଅଗ୍ରଗଣ୍ୟ, ପ୍ରଧାନ ସେନାପତି । —*v.* ଶ୍ରେଣୀବଦ୍ଧ-ଧାଡ଼ି-କର ।

**Marshy**, *a.* ଜଳଯୁକ୍ତ, ପଙ୍କିଳ, ଜଳସମ୍ବନ୍ଧୀୟ, ଦଳଦଳିଆ ।

**Mart**, *s.* ହାଟ, ଗଞ୍ଜ, ବନ୍ଦର, ଚୌକ ।

**Marten**, *s.* ନେଉଳ ବିଶେଷ ।

**Martial**, *a.* ଯୁଦ୍ଧସମ୍ବନ୍ଧୀୟ, ସାହସୀ, ଯୁଦ୍ଧାର୍ଥୀ

**Martin**, *s.* ପକ୍ଷିବିଶେଷ ।

**Martingale**, *s.* ଘୋଡ଼ାର ମୁହଁ ବନ୍ଧନୀ ବିଶେଷ, ନେଉଳବନ୍ଧ ।

**Martyr**, *s.* ଧର୍ମାର୍ଥେ ପ୍ରାଣ ଛାଡ଼ିବା ଲୋକ ।

**Martyrdom**, *s.* ଧର୍ମ ପ୍ରମାଣାର୍ଥେ ମରଣ ।

**Marvel**, *s.* ଆଶ୍ଚର୍ଯ୍ୟବିଷୟ, ଅଦ୍ଭୁତକର୍ମ । —*v.* ଆଶ୍ଚର୍ଯ୍ୟବୋଧ-କର, ଚମତ୍କୃତ-ହେ ।

**Marvellous**, *a.* ଆଶ୍ଚର୍ଯ୍ୟ, ଚମତ୍କାର, ଅଦ୍ଭୁତ, ଅପୂର୍ବ । [ରୂପେ

**Marvellously**, *ad.* ଆଶ୍ଚର୍ଯ୍ୟ ବା ଚମତ୍କୃତ-

**Masculine**, *a.* ପୁଂ, ପୁରୁଷବତ୍, ବୀର୍ଯ୍ୟବନ୍ତ ।

**Masculine Gender**, *s.* ପୁଂଲିଙ୍ଗ ।

**Mash**, *s.* ମିଶ୍ରିତଦ୍ରବ୍ୟ ।

**Mask**, *s.* ମୁଖସ, କପଟବେଶ, କୃତ୍ରିମମୁଖ । —*v.* ଲୁଚା-ଧ, ଛଦ୍ମବେଶ-କର ।

**Mason**, *s.* ରାଜମିସ୍ତ୍ରୀ, ରାଜ, ଭାସ୍କର ।

**Masonry**, *s.* ରାଜମିସ୍ତ୍ରୀର କର୍ମ ।

Masquerade, *s.* ମୁଖା ବା ଛଦ୍ମବେଶଧାରୀ ବ୍ୟକ୍ତିମାନଙ୍କର ଉତ୍ସବ ।

Mass, *s.* ପିଣ୍ଡ, ଗଦା, ଢେର, ଅନେକ ରୋମୀୟ ମତରେ ପ୍ରଭୁଙ୍କ ଭୋଜ ପ୍ରତିପାଳନ ।

Massacre, *s.* ହତ୍ୟା, ବଧ, ଖୁଣ, ସଂହାର । —*v.* ହତ୍ୟା- ବଧ- ସଂହାର-କ ।

Massive, *a.* ଭାରି, ଗୁରୁ, ବୃହତ୍, ବଡ଼ ।

Mast, *s.* ଜାହାଜର ମାସ୍ତୁଲ ।

Master, *s.* କର୍ତ୍ତା, ପ୍ରଭୁ, ମୁନିବ, ସ୍ୱାମୀ; ଶିକ୍ଷକ ଅଧ୍ୟକ୍ଷ, ଗୁରୁ ।—*v.* ଶାସନ-ଦମନ-ବଶ- ଅଧୀନ-କ ।

Masterly, *ad.* ଅତିବିଜ୍ଞରୂପେ,ନିପୁଣମତେ ।

Masterpiece, *s.* ଅନୁପମ କର୍ମ, ଉତ୍କୃଷ୍ଟ କାରିଗରି, ବଡ଼ ସୁନ୍ଦର ବିଷୟ ।

Mastery, *s.* ପ୍ରଭୁତ୍ୱ, କର୍ତ୍ତୃତ୍ୱ, ପ୍ରାଧାନ୍ୟ ।

Masticate, *v.* ଚୋବାଇବା, ଚର୍ବଣ-କ, ଦାନ୍ତରେ ପେଷିବା ।

Mastiff, *s.* ଅତିବଡ଼ କୁକ୍କୁର ବିଶେଷ ।

Mat, *s.* ଚଟାଇ, ପଟି, ସପ, ଟେଁସ—*v.* ସପ ବିଛାଇବା ; ଚଟାଇ ବନାଇବା ।

Match, *s.* ନିଆଁକାଠି, ଦିଆଶିଲି ; ବାଜି ବା ପଣର ଯୁଦ୍ଧ, ସମତୁଲ୍ୟ; ବିବାହ ।—*v.* ସମତୁଲ୍ୟ-କ ; ଯୋଡ଼ି- ବିବାହ-କ ।

Matchless, *a.* ଅତୁଲ୍ୟ, ଅଦ୍ୱିତୀୟ, ଅନୁପମ ।

Matchlock, *s.* ତୋଡ଼ାଦାର ବନ୍ଧୁକ ।

Mate, *s.* ସହବାସୀ, ସଙ୍ଗୀ; ଜାହାଜ ଅଧ୍ୟକ୍ଷର ନାଏବ । [ମୟ ; ଭାରି, ଆବଶ୍ୟକ ।

Material, *a.* ପଞ୍ଚଭୂତାତ୍ମକ, ଶାରୀରିକ ବସ୍ତୁ-

Materialist, *s.* ଦେହାତ୍ମବାଦୀ, ଚାର୍ବାକ ।

Materially, *ad.* ଅତ୍ୟାବଶ୍ୟକରୂପେ,ଗୁରୁତରମତେ ।

Materials, *s.* ସାମଗ୍ରୀ, ସରଞ୍ଜାମ, ମାଲମସଲା ।

Maternal, *a.* ମାତୃବତ୍, ଦୟାଶୀଳ, ମାତୃତୁଲ୍ୟ ।

Maternity, *s.* ମାତୃସ୍ୱଭାବ, ମାତାବସ୍ଥା ।

Mathematical, *a.* ଅଙ୍କ ବା ପରିମାଣାଦି ବିଦ୍ୟା ସମ୍ବନ୍ଧୀୟ ।

Mathematician, *s.* କ୍ଷେତ୍ରାଦି ପରିମାଣବିଦ୍ୟାଜ୍ଞ, ହିସାବୀ ଲୋକ ।

Mathematics, *s.* ଅଙ୍କ ବା ପରିମାଣାଦିବିଦ୍ୟା

Matins, *s.* ପ୍ରାତଃକାଳର ଉପାସନା ବା ସେବା

Matricide, *s.* ମାତୃହତ୍ୟା; ମାତୃଘାତକ ।

Matriculate, *v.* କୌଣସି ବିଦ୍ୟାଳୟ ବା ସମାଜରେ ଭୁକ୍ତ-ହେ । [ହିକ ।

Matrimonial, *a.* ବିବାହସମ୍ବନ୍ଧୀୟ, ବୈବା-

Matrimony, *s.* ବିବାହ, ବିଭା, ପରିଣୟ ।

Matrix, *s.* ଗର୍ଭ, ଜଠର, ଜରାୟୁ ;ଢାଳିବା ଛାଞ୍ଚ, ଫର୍ମା । [ପ୍ରାଚୀନା ।

Matron, *s.* ବିବାହିତାସ୍ତ୍ରୀ, ଗୃହିଣୀ, କର୍ତ୍ତ୍ରୀ;

Matronly, *a.* ଗୃହିଣୀବତ୍, ଧୀର, ମାତୃତୁଲ୍ୟ

Matter, *s.* ପ୍ରକୃତି, ବସ୍ତୁ, ଦ୍ରବ୍ୟ ; ବ୍ୟାପାର, କଥା, ବିଷୟ ; ପୂଜ ।—*v.* ଆବଶ୍ୟକ-ପ୍ରୟୋଜନ-ହେ ।

Mattock, *s.* କୋଦାଳି ବା କୋଡିବିଶେଷ ।

Mattress, *s.* ତୋଷକ, ତୁଳାଦିପୂର୍ଣ୍ଣ ବିଛଣା, ଗଦି ।

Mature, *a.* ପାଚିଲା, ପରିପକ୍ୱ, ସମ୍ପୂର୍ଣ୍ଣ ; ସୁବିବେଚିତ ।—*v.* ପରିପକ୍ୱ-ହେ, ପାଚିବା, ସୋଲ୍ଲ-କ ।

Maturity, *s.* ପରିପାକ, ସମ୍ପୂର୍ଣ୍ଣତା ।

Maudlin, *a.* ଅର୍ଦ୍ଧମତ୍ତ, ବିହ୍ୱଳ ।

Maul, *v.* ପ୍ରହାର-କ, ପିଟିବା, ମାରିବା ।

Maund, *s.* ଏକ ମହଣ, ୪୦ ସେର ।

Mausoleum, *s.* କବରର ଉପରସ୍ଥ ସ୍ତମ୍ଭ, ବୃହତ୍ ସମାଧି ।

Maw, *s.* ପଶୁ ପକ୍ଷୀାଦିର ଜଠର ବା କୋଷ୍ଠ ।
Mawkish, *a.* ଅରୁଚିଜନକ, ଘୃଣାଜନକ ।
Maw-worm, *s.* ଉଦରସ୍ଥ କୃମି ବା କୀଟ ।
Maxim, *s.* ମୂଳସତ୍ୟ, ମତ, ଉପଦେଶବାକ୍ୟ ।
Maximum, *s.* ସର୍ବୋଚ୍ଚ ସଂଖ୍ୟା; ମୋଟ ।
May, *s.* ଇଂରାଜୀ ବର୍ଷର ପଞ୍ଚମ ମାସ ।—*v.* ସମ୍ଭବ-ପାରଗ-ହେ, କ୍ଷମତା-ଅନୁମତି ପାଇବା; (may-be) ହୋଇପାରେ, ଅବା ।
Mayor, *s.* ନଗରାଧ୍ୟକ୍ଷ, ନଗରସ୍ଥ ସମାଜର ପ୍ରଧାନ ବ୍ୟକ୍ତି ।
Mayoress, *s.* ନଗରାଧ୍ୟକ୍ଷର ପତ୍ନୀ ବା ସ୍ତ୍ରୀ ।
Maypole, *s.* ମେ ମାସ ପ୍ରଥମ ଦିନର ଉତ୍ସବ ସମ୍ବନ୍ଧୀୟ ଖୁଣ୍ଟ ବିଶେଷ । [ବିସ୍ମୟ ।
Maze, *s.* ଘୁରୁଣିଆ ବା ବୁଲଣିବାଟ; ଉଦ୍ବିଗ୍ନତା,
Mazy, *a.* ପେଞ୍ଚାଳ, ବିସ୍ମୟଜନକ, କୁଟିଳ ।
Me, *pro.* ଅମ୍ଭକୁ, ମୋତେ, ମତେ ।
Mead, *s.* ମଧୁ ଓ ଜଳମିଶ୍ରିତ ପେୟଦ୍ରବ୍ୟ ।
Mead, Meadow, *s.* ଚରାବାଲି, ମାଠ, ତୃଣମୟ ଭୂମି, ଘାସ ପଡ଼ିଆ ।
Meagre, *a.* କୃଶ, କ୍ଷୀଣ, ଦୁର୍ବଳ ।
Meal, *s.* ଆହାର, ଭୋଜନ; ମଇଦା ଗୁଣ୍ଡ ଇତ୍ୟାଦି ।
Mealy, *a.* ମଇଦାଗୁଣ୍ଡ ଇତ୍ୟାଦି ଗୁଣବିଶିଷ୍ଟ ।
Mean, *a.* କ୍ଷୁଦ୍ର, ନୀଚ, ଅଧମ, ଇତର; କୃପଣ ।—*s.* ମଧ୍ୟ, ମଧ୍ୟ, ମୂଳ ଦ୍ରବ୍ୟ, ମଧ୍ୟମତା ।—*v.* ମନରେ-ମନସ୍ଥ-ମାନସ-ଅଭିପ୍ରାୟ-କର ।
Meander, *v.* ଘୂରିବା, ବୁଲି ବୁଲିବା ।
Meaning, *s.* ଅର୍ଥ, ଅଭିପ୍ରାୟ, ମତଲବ, ଭାବ ।
Meanly, *ad.* କାର୍ପଣ୍ୟରୂପେ, କୁତ୍ସିତ ବା କଦର୍ଯ୍ୟରୂପେ ।
Meanness, *s.* କ୍ଷୁଦ୍ରତା, ଅଧମତା, ନୀଚତା ।
Means, *s.* ଜୀବନୋପାୟ, ସଂସ୍ଥାନ, ଉପାୟ, ଯୋଗ ।

Meantime, Meanwhile, *ad.* ଏହିମଧ୍ୟରେ, ମଧ୍ୟକାଳେ ।
Measles, *s.* ମିଳିମିଳା, ହାମଜ୍ୱର ।
Measurable, *a.* ପରିମେୟ, ମାପିବାଯୋଗ୍ୟ
Measure, *v.* ମାପିବା, ପରିମାଣ-କର ।—*s.* ମାପ, ଅଟକଳ, ପରିମାଣ, ଉପାୟ; ବାଦ୍ୟର ତାଳ । [ମାଣ ।
Measurement, *s.* ମାପକରଣ, ମାପ, ପରି-
Measures, *s.* ଉପାୟ, କର୍ମର ପଥ ବା ଧାରା ।
Meat, *s.* ଖାଦ୍ୟମାଂସ, ଭକ୍ଷ୍ୟଦ୍ରବ୍ୟ, ଆହାର ।
Mechanic, *s.* ଶିଳ୍ପକର, ଶିଳ୍ପୀ, କାରିଗର ।
Mechanical, *a.* ଶିଳ୍ପଯନ୍ତ୍ରସମ୍ବନ୍ଧୀୟ ।
Mechanics, *s.* ଶିଳ୍ପବିଦ୍ୟା, ଯନ୍ତ୍ରାଦିବିଷୟକ ବିଦ୍ୟା ।
Mechanism, *s.* ଯନ୍ତ୍ରର ଗଢ଼ ନିୟମ ବା ଧାରା, ଶିଳ୍ପବିଦ୍ୟା ଦ୍ୱାରା ନିର୍ମାଣ । [ମୁଦ୍ରା ।
Medal, *s.* ମୁଦ୍ରା, ପାରିତୋଷିକାର୍ଥେ ଅଙ୍କିତ
Medallion, *s.* ପ୍ରାଚୀନ କାଳର ମୁଦ୍ରା ବା ମୋହର । [କାର ଚର୍ଚ୍ଚା-କର ।
Meddle, *v.* ପରକର୍ମରେ ହାତ-ଦେ, ଅନଧି-
Meddler, *s.* ପରଚର୍ଚ୍ଚକ । [-କର ।
Mediate, *v.* ମଧ୍ୟସ୍ଥ- ମଧ୍ୟବର୍ତ୍ତୀ-ହେ, ସାଲିସ
Mediation, *s.* ମଧ୍ୟସ୍ଥପଣ, ସାଲିସ, ମୀମାଂସା ।
Mediator, *s.* ମଧ୍ୟସ୍ଥ, ମଧ୍ୟବର୍ତ୍ତୀ, ସାଲିସକର୍ତ୍ତା, ସମାଧାନକାରକ । [କାର୍ଯ୍ୟ ।
Medicable, *a.* ଚିକିତ୍ସାଯୋଗ୍ୟ, ଉପଶମ୍ୟ, ପ୍ରତି-
Medical, *a.* ଚିକିତ୍ସାସମ୍ବନ୍ଧୀୟ, ବୈଦ୍ୟକ ।
Medically, *ad.* ବୈଦ୍ୟକରୂପେ, ଚିକିତ୍ସକରୂପେ । [ପାଦ ।
Medicament, *s.* ଔଷଧ, ଭେଷଜ, ପ୍ରଲେ-
Medicinal, *a.* ଔଷଧୀୟ, ବୈଦ୍ୟକ ।
Medicine, *s.* ଔଷଧ, ଦଵାଇ, ଇଲାଜ; ବୈଦ୍ୟବିଦ୍ୟା ।

Mediocrity, *s.* ମଧ୍ୟମାବସ୍ଥା, ମଧ୍ୟମତା; ପରିମିତଭାବ । [ଭାବନା ।
Meditate, *v.* ଧ୍ୟାନ- ମାନସ- ବିବେଚନା-କ,
Meditation, *s.* ଧ୍ୟାନ, ଚିନ୍ତା, ଭାବନା, ଯୋଗ
Meditative, *a.* ଧ୍ୟାନୀ, ଚିନ୍ତାଯୁକ୍ତ, ଯୋଗୀ ।
Mediterranean, *s.* ଭୂମଧ୍ୟସ୍ଥ; ଭୂମଧ୍ୟସ୍ଥ ସମୁଦ୍ର ବିଶେଷ । [ବାହନ ।
Medium, *s.* ମଧ୍ୟ, ମଧ୍ୟମାବସ୍ଥା; ଉପାୟ;
Medley, *s.* ଖିଚଡ଼ି, ମିଶାମିଶି, ନାନାଦ୍ରବ୍ୟ ସଂଗ୍ରହ ।
Medullary, *a.* ମଜ୍ଜାସମ୍ବନ୍ଧୀୟ ।
Meed, *s.* ପ୍ରତିଫଳ, ଦାନ, ପାରିତୋଷିକ ।
Meek, *a.* ବିନୟୀ, ନମ୍ରଶୀଳ, ମୃଦୁ, କୋମଳ ।
Meekness, *s.* ମୃଦୁତା, ନମ୍ରତା, ସୁଶୀଳତା, ବିନୟ ।
Meet, *v.* ସମ୍ମୁଖା ସମ୍ମୁଖୀ-ଏକତ୍ର-ହେ, ସାକ୍ଷାତ୍-ସଙ୍ଗ-କ, ମିଳିବା, ଭେଟିବା ।—*a.* ଉପଯୁକ୍ତ, ଉଚିତ, ଯୋଗ୍ୟ, ସଙ୍ଗତ । [ଭେଟ ।
Meeting, *s.* ସଭା, ସମାଜ, ମେଳା; ସାକ୍ଷାତ୍
Meetness, *s.* ଉପଯୁକ୍ତତା, ଯୋଗ୍ୟତା, ଉଚିତପଣିଆ । [ବାଥା ।
Megrim, *s.* ଅର୍ଦ୍ଧକପାଳା, ମୁଣ୍ଡବୁଲା, ଦୋଠାବ
Melancholy, *a.* ଉତ୍କଣ୍ଠିତ, ବିମର୍ଷ, ଦୁଃଖିତ, ବିଷଣ୍ଣ ।—*s.* ଉତ୍କଣ୍ଠା, ବିସନ୍ନ, ବିଷାଦ ।
Meliorate, *v.* ଉପଶମ- ପୂର୍ବରୁ ଉତ୍ତମ-କ, ସୁଧାରିବା ।
Melioration, *s.* ଉପଶମ, ପୂର୍ବରୁ ଉତ୍ତମକରଣ, ଉତ୍ତମାବସ୍ଥା ।
Mellifluence, *s.* ମଧୁ ପ୍ରବାହ, ମିଷ୍ଟବାକ୍ୟ, ବାକ୍‌ପଟୁତା । [ମିଷ୍ଟଭାଷୀ ।
Mellifluous, *a.* ମଧୁମୟ, ମଧୁର, ବାକ୍‌ପଟୁ,
Mellow, *a.* ସୁପକ୍ୱ, ପରିପକ୍ୱ; ମୃଦୁସ୍ୱର ।—*v.* ପରିପକ୍ୱ- ନରମ- କୋମଳ-କ ।

Melodious, *a.* ସୁଶ୍ରାବ୍ୟ, ମିଷ୍ଟ, ସୁସ୍ୱର, ମାଧୁର୍ଯ୍ୟଯୁକ୍ତ । [ରୂପେ ।
Melodiously, *ad.* ମିଷ୍ଟସ୍ୱରପୂର୍ବକ, ସୁଶ୍ରାବ୍ୟ-
Melody, *s.* ସ୍ୱରସଂଲନ, ସୁସ୍ୱର, ସଙ୍ଗୀତ ।
Melon, *s.* ଫୁଟି; ତରଭୁଜ; ଖରଭୁଜ ।
Melt, *v.* ଆର୍ଦ୍ର-ଦ୍ରବ-କ, ତରଳାଇବା, ପିଘଳାଇବା, କୋମଳ-ନରମ-କ ।
Member, *s.* ଅଙ୍ଗ, ଅବୟବ; ସଭ୍ୟ, ସମାଜର ଲୋକ, ସଭାସ୍ଥଜନ; ପ୍ରକରଣ, ସ୍କନ୍ଧ ।
Membrane, *s.* ଜାଲପରି ଚର୍ମ, ମାଂସପିଣ୍ଡର ସୂକ୍ଷ୍ମାଚ୍ଛାଦନ । [ଦ୍ରବ୍ୟ ।
Memento, *s.* ସ୍ମୃତିଜନକ ଚିହ୍ନ, ସ୍ମରଣାର୍ଥକ
Memoir, *s.* ଅପୂର୍ବ ବିବରଣ, ବୃତ୍ତାନ୍ତ, ଚରିତ୍ର
Memorable, *a.* ସ୍ମରଣୀୟ, ମନରେ ରଖିବା-ଯୋଗ୍ୟ ।
Memorandum, *s.* ସ୍ମରଣାର୍ଥେ ଲିପି, ଯାହା ସ୍ମରଣାର୍ଥେ ଲେଖାଯାଏ ।
Memorial, *s.* ସ୍ମରଣାର୍ଥ ଚିହ୍ନ; ଜ୍ଞାପକ ବା ନିବେଦକ ପତ୍ର । [ଶକ୍ତି ।
Memory, *s.* ସ୍ମୃତି, ସ୍ମରଣ, ମନ; ସ୍ମୃତି ଧାରଣ-
Menace, *v.* ଭୟ ଦେଖାଇବା, ଧମକାଇବା, ତର୍ଜ୍ଜନ-କ ।—*s.* ଧମକ, ତର୍ଜ୍ଜନ, ତାଡ଼ନା, ଭୟପ୍ରଦର୍ଶନ ।
Menagerie, *s.* ବନ୍ୟ ପଶୁ ସଂଗ୍ରହ ସ୍ଥାନ ।
Mend, *v.* ସଜାଡ଼ିବା, ସୁଧାରିବା, ମରାମତ— ଉତ୍ତମ-କ ।
Mendacious, *a.* ମିଥ୍ୟା, ମିଥ୍ୟାବାଦୀ, ଝୁଠା;
Mendacity, *s.* ମିଥ୍ୟାକଥା, ପ୍ରବଞ୍ଚନା, ଝୁଠ ।
Mendicant, *s.* ଭିକ୍ଷୁକ, ସର୍ବଦ୍ୱାରୀ, କଙ୍ଗାଳୀ, ଭିଖାରୀ । [ଳିପଣିଆ ।
Mendicity, *s.* ଭିକ୍ଷୁକତା, ଦରିଦ୍ରତା, କଙ୍ଗା-
Menial, *s.* ଭୃତ୍ୟ, ଦାସ, ଚାକର, ଅନୁଚର ।—*a.* ନିକୃଷ୍ଟ, ନୀଚ; ଚାକରସମ୍ବନ୍ଧୀୟ ।

Menses, *s.* ଋତୁ, ରଜଃ, ସ୍ତ୍ରୀଧର୍ମ, ଛୁଁଆ ।
Menstrual, *a.* ମାସିକ ଋତୁସମ୍ବନ୍ଧୀୟ, ଆର୍ତ୍ତବ
Mensurate, *v.* ମାପିବା, ମାପ-ପରିମାଣ-କ ।
Mensuration, *s.* ପରିମାଣବିଦ୍ୟା : କ୍ଷେତ୍ର-
ପରିମାଣ ।
Mental, *a.* ମନଃସମ୍ବନ୍ଧୀୟ, ମାନସିକ, ମନସ୍ଥ ।
Mention, *s.* ଉଲ୍ଲେଖ, ପ୍ରସ୍ତାବ, ଚର୍ଚ୍ଚା ।—*v.*
ପ୍ରକାଶ-ପ୍ରସଙ୍ଗ-ଉଲ୍ଲେଖ-ଉକ୍ତି-କ, ଜଣାଇବା,
ବୋଲିବା ।
Mercantile, *a.* ବାଣିଜ୍ୟବିଷୟକ, ବ୍ୟବସାୟୀ,
ସୌଦାଗରି ।
Mercenary, *s.* ଟଙ୍କାବର ବା ସିପାହୀ,
ବେତନଗ୍ରାହୀ ସେବକ ।—*a.* ଲୋଭୀ, ବେତନା-
ପେକ୍ଷୀ, ଅର୍ଥପ୍ରିୟ ।
Mercer, *s.* ପଟ୍ଟବସ୍ତ୍ରାଦିର ବ୍ୟବସାୟୀ, କାପଡ଼ିଆ
Merchandise, *s.* ବାଣିଜ୍ୟ, ମହାଜନି, ବେ-
ପାର, ସୌଦାଗରି ।
Merchant, *s.* ମହାଜନ, ବେପାରୀ, ବଣିକ,
ବାଣିଜ୍ୟକାରକ, ସୌଦାଗର ।
Merchantable, *a.* କ୍ରୟବିକ୍ରୟଯୋଗ୍ୟ ।
Merchantman, *s.* ବାଣିଜ୍ୟର ଜାହାଜ ।
Mercitul, *a.* କ୍ଷମାବାନ୍, କୃପାବାନ୍, ଦୟାଳୁ,
କରୁଣାମୟ । [ନ୍ତଃକରଣ ।
Merciles, *a.* ନିର୍ଦ୍ଦୟ, ନିଷ୍ଠୁର, କ୍ରୂର, କଠିନା-
Mercurial, *a.* ପାରଦଯୁକ୍ତ, ସତେଜ, ଚଞ୍ଚଳ;
ବୁଧଗ୍ରହସମ୍ବନ୍ଧୀୟ । [ଗ୍ରହ ।
Mercury, *s.* ପାର, ତରଳଧାତୁ, ପାରଦ; ବୁଧ-
Mercy, *s.* କୃପା, ଦୟା, କରୁଣା, କ୍ଷମା ।
Mercy-seat, *s.* ଈଶ୍ୱରଙ୍କ ସାକ୍ଷ୍ୟ ସିନ୍ଦୁକର
ଆବରଣ, ଈଶ୍ୱରଙ୍କ ସିଂହାସନ ।
Mere, *a.* ମାତ୍ର, କେବଳ, ସିନା ।—*s.* ଜଳା-
ଶୟ, ପୁଷ୍କରିଣୀ ।
Merely, *ad.* କେବଳ, ମାତ୍ର, ଖାଲି ।

Meretricious, *a.* ଲମ୍ପଟ, ବେଶ୍ୟାପର;
ମିଥ୍ୟା, କଳ୍ପିତ । [ଯିବା ।
Merge, *a.* ବୁଡ଼ିବା, ମଗ୍ନ-ଲୀନ-ହେ, ମିଶି-
Meridian, *s.* ଭୂଗୋଳ ମଧ୍ୟରେଖା, ମଧ୍ୟାହ୍ନ,
ଦୁଇପ୍ରହର ବେଳ; ଅତିଶୟ ଗୌରବ କାଳ ।
Meridional, *a.* ଦକ୍ଷିଣଦିଗସ୍ଥ, ଦକ୍ଷିଣାଭିମୁଖ ।
Merit, *s.* ଗୁଣ, ଯୋଗ୍ୟତା, ପୁଣ୍ୟ, ଧର୍ମ ।
—*v.* ଯୋଗ୍ୟ-ଉପଯୁକ୍ତ-ଭାଜନ-ହେ ।
Meritorious, *a.* ଯୋଗ୍ୟ, ଗୁଣୀ, ପ୍ରଶଂସନୀୟ
Mermaid, *s.* ଅର୍ଦ୍ଧସ୍ତ୍ରୀ ଅର୍ଦ୍ଧମତ୍ସ୍ୟାକାର କଳ୍ପିତ
ସମୁଦ୍ରୀୟ ଜନ୍ତୁ । [ରସିକସ୍ୱଭାବେ ।
Merrily, *ad.* ଆନନ୍ଦରୂପେ, ହର୍ଷପୂର୍ବକ,
Merriment, *s.* ହର୍ଷ, କୌତୁକ, ଆନନ୍ଦ,
ଆହ୍ଲାଦ, କୁତୂହଳ, ଆମୋଦ । [ରସିକ ।
Merry, *a.* ଉଲ୍ଲସିତ, ହର୍ଷିତ, ଆନନ୍ଦିତ,
Merry-andrew, *s.* କୌତୁକୀ, ଭଣ୍ଡ, ମସ୍କରା
Merry-making, *s.* ହର୍ଷ ବା ଆନନ୍ଦମହୋ-
Mesh, *s.* ଜାଲର ଫାଙ୍କ ବା ଛିଦ୍ର । [ତ୍ସବ ।
Mess, *v.* ଏକତ୍ରଭୋଜନ-କ, ଖାଇବା ।—*s.*
ଖାଇବା ଦ୍ରବ୍ୟ, ଏକତ୍ରଭୋଜନ, ମିଶାମିଶି;
ଜଞ୍ଜାଳ । [ଖବର ।
Message, *s.* ପ୍ରେରିତସଂବାଦ, ସମାଚାର, ବାର୍ତ୍ତା,
Messenger, *s.* ଦୂତ, ଚର, ପିଅନ,
ସଂବାଦବାହକ । [ବିଶେଷ, ମସୀହ ।
Messiah, *s.* ଅଭିଷିକ୍ତତ୍ରାଣକର୍ତ୍ତା, ଖ୍ରୀଷ୍ଟଙ୍କ ଉପାଧି
Messmate, *s.* ସହଭୋଜୀ, ଏକତ୍ରଭୋକ୍ତା ।
Messuage, *s.* ବସତିଗୃହ, ଘରର ଭୂମିବାଡ଼ି ।
Metal, *s.* ଧାତୁ, ସୁନା ରୁପା ଲୁହା ଇତ୍ୟାଦି;
ସାହସ ।
Metallic, *a.* ଧାତୁନିର୍ମିତ, ଧାତୁମୟ ।
Metallurgy, *s.* ଧାତୁପରିଷ୍କାରକ ବିଦ୍ୟା ।
Metamorphose, *v.* ଅନ୍ୟମୂର୍ତ୍ତି ଧରିବା;
ରୂପାନ୍ତର-ହେ ।

Metamorphosis, *s.* ଆକାର ପରିବର୍ତ୍ତନ, ଅନ୍ୟମୂର୍ତ୍ତି ଧାରଣ ।
Metaphor, *s.* ଦୃଷ୍ଟାନ୍ତ, ଉପମା, ତୁଳନା, ଉଦାହରଣ, ରୂପକବାକ୍ୟ । [ଉପମାବିଶିଷ୍ଟ ।
Metaphorical, *a.* ରୂପକ, ସ୍ୱାର୍ଥଯୁକ୍ତ
Metaphysical, *a.* ଜ୍ଞାନ ବା ବିବେକଶାସ୍ତ୍ର-ସମ୍ବନ୍ଧୀୟ । [ବିଦ୍ୟା ।
Metaphysics, *s.* ଅନୁଭବବିଦ୍ୟା, ମାନସିକ
Mete, *v.* ପରିମାଣ-କ, ମାପିବା, ମାପି ବାଣ୍ଟିବ
Metempsychosis, *s.* ମରଣାନ୍ତେ ପୁନର୍ଜନ୍ମ, ଜୀବସଂକ୍ରମଣ, ଦେହପରିବର୍ତ୍ତନ ।
Meteor, *s.* ଆକାଶାଗ୍ନିପାତ, ଉଲ୍କା ।
Meteorology, *s.* ଆକାଶୀୟ ବା ଉଲ୍କାବିଦ୍ୟା, ବାୟୁ ବା ଶୀତୋଷ୍ଣ ବିଷୟକ ବିଦ୍ୟା ।
Meter, *s.* ପରିମାଣକାରକ, ମାପିବା ଯନ୍ତ୍ର ।
Methinks, *s.* ବୋଧ-ମନେ-ଅନୁମାନ-କ ।
Method, *s.* ପ୍ରକାର, ଧାରା, ରୀତି, ଅନୁକ୍ରମ, ଶୈଲୀ । [ମତ, ଟେକ୍ଟୋକ୍ ।
Methodical, *a.* ଯଥାକ୍ରମ, ନିୟମିତ, ଧାରା-
Methodically, *ad.* ରୀତ୍ୟନୁସାରେ, ଧାରା-କ୍ରମେ, କ୍ରମଶଃ ।
Methodise, *v.* ନିୟମନିରୂପଣ-ସୁଧାରା-ଶୃଙ୍ଖଲା-କ୍ରମାଗତ-କ ।
Metre, *s.* କାବ୍ୟର ଛନ୍ଦ, ପୟାର, ପଦ୍ୟ, ପଦ ।
Metrical, *a.* ଛନ୍ଦବଶିଷ୍ଟ, ପୟାରସମ୍ବନ୍ଧୀୟ, ଶ୍ଳୋକସହିତ । [ନଗର
Metropolis, *s.* ରାଜଧାନୀ, ରାଜ୍ୟର ପ୍ରଧାନ
Mettle, *s.* ସାହସ, ତେଜ, ଗୁଣ, ପ୍ରତାପ ।
Mettlesome, *a.* ସାହସିକ, ସତେଜ, ଉଲ୍ଲାସିକ ।
Mew, *v.* ବିରାଡ଼ିପରି ରବ-ମ୍ୟାଓଁ-କ; ପିଞ୍ଜରରେ ରୁଦ୍ଧ-କ ।—*s.* ପିଞ୍ଜର, ପଞ୍ଜୁରି; ସମୁଦ୍ରୀୟ ପକ୍ଷୀ ବିଶେଷ ।

Miasma, *s.* ଗଳିତ ଦ୍ରବ୍ୟର ରୋଗଜନକ ବାଷ୍ପ ।
Microcosm, *s.* କ୍ଷୁଦ୍ରଜଗତ; ମନୁଷ୍ୟ ।
Microscope, *s.* ଅଣୁବୀକ୍ଷଣଯନ୍ତ୍ର, ଯେଉଁ ଯନ୍ତ୍ର ଦ୍ୱାରା କ୍ଷୁଦ୍ର ଦ୍ରବ୍ୟ ବଡ଼ ଦେଖାଯାଏ ।
Mid, *a.* ମଧ୍ୟ, ମଝି, ଅଭ୍ୟନ୍ତର ।
Midday, *s.* ମଧ୍ୟାହ୍ନ, ଦୁଇପହର ବେଳ ।
Middle, *s.* ମଧ୍ୟ, ମଝି, ଅନ୍ତର, ଭିତର ।
Middle-man, *s.* ମଧ୍ୟସ୍ଥ, କ୍ଷେତ୍ର ଓ କୃଷକଙ୍କ ମଧ୍ୟବର୍ତ୍ତୀ । [ବୁଢ଼େ, ମଧ୍ୟମ ।
Middling, *a.* ମଧ୍ୟଭଳି, ଯେ ବଡ଼ ବା ସାନ
Midge, *s.* କ୍ଷୁଦ୍ରପୋକ, ପୋକକ, ମଶା ।
Midheaven, *s.* ଆକାଶର ମଧ୍ୟସ୍ଥାନ ।
Midland, *a.* ଦେଶର ମଧ୍ୟବର୍ତ୍ତୀ, ଦେଶର ଅନ୍ତରସ୍ଥିତ ।
Midnight, *s.* ଅର୍ଦ୍ଧରାତ୍ର, ମଧ୍ୟରାତ୍ର, ଦୁଇ ପ୍ରହରରାତ୍ରି, ନିଶୀଥ । [ଲୋକ ।
Midshipman, *s.* ଜାହାଜ କର୍ମ ଶିକ୍ଷିବା
Midst, *s.* ମଧ୍ୟ, ମଝି, ଅନ୍ତର । [ମଝି ।
Mid-stream, *s.* ମଧ୍ୟ ସ୍ରୋତ, ସ୍ରୋତର
Midsummer, *s.* ଗ୍ରୀଷ୍ମକାଳମଧ୍ୟ, ଉତ୍ତରାୟଣ ଓ ଦକ୍ଷିଣାୟନର ମଧ୍ୟକାଳ ।
Midway, *ad.* ଅଧବାଟେ, ପଥମଧ୍ୟରେ ।
Midwife, *s.* ଦାଈ, ଧାତ୍ରୀ, ଧାଈ ।
Midwifery, *s.* ପ୍ରସବ କରାଇବା କର୍ମ ବା ବିଦ୍ୟା । [ଶୀତକାଳ ।
Midwinter, *s.* ହେମନ୍ତ ମଧ୍ୟକାଳ, ଅତି
Mien, *s.* ମୁଖ, ମୂର୍ତ୍ତି, ବଦନ, ଚେହାରା, ରୂପ, ଆକାର । [ସାମର୍ଥ୍ୟ ।
Might, *s.* ପରାକ୍ରମ, ବଳ, ଶକ୍ତି, ଜୋର,
Mightily, *ad.* ଶକ୍ତିପୂର୍ବକ, ପ୍ରବଳରୂପେ ।
Mightiness, *s.* ପରାକ୍ରମ, ଶକ୍ତି; ମାହାତ୍ମ୍ୟ, ଗୌରବ ।

Mighty, *a.* ପରାକ୍ରାନ୍ତ, ବଳବନ୍ତ, ଶକ୍ତିମାନ, ପ୍ରବଳ ।

Migrate, *v.* ସ୍ଥାନାନ୍ତରେ ଭ୍ରମିବା, ଅନ୍ୟ ଦେଶରେ ଯାଇ ବାସ-କ ।

Migration, *s.* ଦେଶାନ୍ତରେ ବସତିକରଣ, ସ୍ଥାନ ପରିବର୍ତ୍ତନ ।

Milch, *a.* ଦୁଗ୍ଧଅଳୀ, ଦୁଗ୍ଧବତୀ, ପୟସ୍ୱିନୀ ।

Mild, *a.* ମୃଦୁ, ନରମ, କୋମଳ, ଶାନ୍ତ, ଦୟାଳୁ ।

Mildew, *s.* ଲୁଣାଦିରେ ପାଣିର ଦାଗ: ବୃକ୍ଷର [ରୋଗବିଶେଷ ।

Mildly, *ad.* କୋମଳଭାବେ, ମୃଦୁରୂପେ, ଧୀରେ । [ଦୟା ।

Mildness, *s.* କୋମଳତା, ମୃଦୁତା, ନମ୍ରତା,

Mile, *s.* ମାଇଲ ବା ଅର୍ଦ୍ଧକୋଶ ।

Milestone, *s.* ଅର୍ଦ୍ଧକୋଶ ନିରୂପକ ଚିହ୍ନ ପଥର । [ସଂଗ୍ରାମଶୀଳ ।

Militant, *a.* ଯୁଦ୍ଧକାରୀ, ଯୁଦ୍ଧରେ ପ୍ରବୃତ୍ତ,

Military, *a.* ଯୁଦ୍ଧସମ୍ବନ୍ଧୀୟ, ସୈନିକ, ରଣ-ଯୋଗ୍ୟ ।—*s.* ସେନାସମୂହ, ସୈନ୍ୟ ।

Militate, *v.* ପ୍ରତିକୂଳ-ବିପରୀତ-ହେ, ବିରୁଦ୍ଧ-କ ।

Militia, *s.* ସ୍ୱଦେଶସ୍ଥିତ ସୈନ୍ୟ, ଯେ ସୈନ୍ୟ ଦେଶାନ୍ତର ନ ଯାଆନ୍ତି ।

Milk, *s.* ଦୁଧ, ଦୁଗ୍ଧ, ପୟଃ, କ୍ଷୀର ।—*v.* ଦୁଧ ଦୁହିବା, ଦୁଗ୍ଧ ଦୋହନ-କ ।

Milkmaid, *s.* ଗୌଡୁଣୀ, ଗୁଆଳଣୀ, ଗୋପୀ ।

Milkman, *s.* ଗଉଡ, ଗୋପ, ଗୋପାଳ ।

Milksop, *s.* ଅଳ୍ପବୁଦ୍ଧି ଲୋକ, କାପୁରୁଷ ।

Milktooth, *s.* ଦୁଧଦାନ୍ତ, ପ୍ରଥମ ଦନ୍ତ ।

Milky, *a.* ଦୁଗ୍ଧନିର୍ମିତ, ଦୁଗ୍ଧମୟ, କୋମଳ ।

Milky-way, *s.* ମନ୍ଦାକିନୀ, ଆକାଶଗଙ୍ଗା ।

Mill, *s.* ଚକି, ପେଷଣଯନ୍ତ୍ର, କଳ ।—*v.* ପେଷିବା, ଚୂର୍ଣ୍ଣ-କ; ମୁଦ୍ରାର ଚିହ୍ନ-କ ।

Millcog, *s.* ପେଷଣୀ କଳର ଚକର ଦାନ୍ତ ।

Millenium, *s.* ଏକ ସହସ୍ର ବର୍ଷ, ଯେଉଁ ହଜାର ବର୍ଷ ଖ୍ରୀଷ୍ଟ ସ୍ୱୟଂ ପୃଥିବୀରେ ରାଜ୍ୟ କରିବେ ।

Miller, *s.* କଳରେ ଅଟା ପ୍ରସ୍ତୁତ କରାଇବା ଲୋକ ।

Millet, *s.* ଗଙ୍ଗା, ଶସ୍ୟବିଶେଷ ।

Milliner, *s.* ସ୍ତ୍ରୀମାନଙ୍କର ଟୋପିଆଦି କର୍ମିକା ।

Millinery, *s.* ସ୍ତ୍ରୀମାନଙ୍କର ପରିଚ୍ଛଦ, ଟୋପି, ଫିତା ଇତ୍ୟାଦି ।

Million, *s.* ଦଶଲକ୍ଷ, ନିଯୁତ, ୧,୦୦୦,୦୦୦ ।

Millstone, *s.* ଚକି ବା ପେଷଣୀ ପଥର ।

Milt, *s.* ପିଲେହି ପ୍ଲୀହା; ପୁଂମାଛର ବୀଜ ।

Mimic, *s.* ଭଣ୍ଡ, ମସ୍କର ।

Mimicry, *s.* ଭଣ୍ଡପଣ, ଟାପରା, ବହୁରୂପ, ଅନୁକରଣ ।

Minaret, *s.* ମନ୍ଦିରର ଶିଖା, ମସଜିଦର ଚୂଡା ।

Mince, *v.* ଖଣ୍ଡ ଖଣ୍ଡ-କାଟକୁଟ-କ; ବାଙ୍କ କରି କହିବା, ସଂକ୍ଷେପରେ କଥା-କହ ।

Mind, *s.* ମନ, ଚିତ୍ତ, ମତ, ବୁଦ୍ଧି; ଇଚ୍ଛା, ବାଞ୍ଛା ।—*v.* ମନୋଯୋଗ-ସ୍ମରଣ-ମନସ୍ଥ-କ, ମନ-ଦେ

Mindful, *a.* ମନୋଯୋଗୀ, ସାବଧାନ, ସତର୍କ

Mine, *pro.* ଆମ୍ଭର, ମୋର, ନିଜର, ଆପଣାର ।—*s.* ଆକର, ଖଣି, ଧାତ୍ୱାଦିର ଉତ୍ପତ୍ତିସ୍ଥାନ; ସୁଡଙ୍ଗ ।—*v.* ଆକର ଖୋଳିବା, ସୁଡଙ୍ଗ କାଟିବା । [ସୁଡଙ୍ଗକର୍ତ୍ତା ।

Miner, *s.* ଆକରଖୋଳିବା ବ୍ୟକ୍ତି, ଖନକ,

Mineral, *s.* ଧାତୁଦ୍ରବ୍ୟ, ଆକରୀୟବସ୍ତୁ, ପ୍ରସ୍ତ-ରାଦି ।—*a.* ଧାତୁଦ୍ରବ୍ୟ ସମ୍ବନ୍ଧୀୟ, ଆକରୀୟ ।

Mineralogist, *s.* ଧାତୁଦ୍ରବ୍ୟ ନିରୂପକ, ଧାତୁ ବିଦ୍ୟାବେତ୍ତା । [ବିଦ୍ୟା ।

Mineralogy, *s.* ଧାତୁନିରୂପଣ ବିଦ୍ୟା, ଧାତୁ-

Mingle, *v.* ମିଶାଇବା, ମିଳାଇବା, ଗୋଳା-ଇବା, ଏକତ୍ର-କ ।

Miniature, *s.* କ୍ଷୁଦ୍ର ଚିତ୍ରିତ ଛବି ।

Minikin, *a.* ଅତିକ୍ଷୁଦ୍ର, ଛୋଟ ।—*s.* ପ୍ରିୟପାତ୍ର; ଛୋଟ କଣ୍ଟା ବିଶେଷ । [ମାଣ ।

Minimum, *s.* ଅତିକ୍ଷୁଦ୍ରଭାଗ, କ୍ଷୁଦ୍ରତମ ପରି-

Minion, *s.* ପ୍ରିୟପାତ୍ର, ଚରଣସେବକ; ଛାପାର କ୍ଷୁଦ୍ର ଅକ୍ଷର ବିଶେଷ ।

Minister, *s.* ରାଜାର ମନ୍ତ୍ରୀ; ସେବକ, ଧର୍ମୋପଦେଶକ, ଯାଜକ; ପ୍ରତିନିଧି ।—*v.* ସେବା-ସହାୟତା-କୌଣସି ଉପର କର୍ମ-କ ।

Ministerial, *a.* ଧର୍ମୋପଦେଶକ ବା ଯାଜକ ବା ରାଜଦୂତର ସମ୍ବନ୍ଧୀୟ ।

Ministration, *s.* ସେବା, ଉପାସନା, ଯାଜକତ୍ୱ; ଧର୍ମ ବା ରାଜମନ୍ତ୍ରିପଦ ।

Ministry, *s.* ସେବା, କର୍ମ, ପ୍ରତିନିଧିପଣ, ଧର୍ମୋପଦେଶକପଦ, ରାଜମନ୍ତ୍ରିସମୂହ ।

Minium, *s.* ସିନ୍ଦୂର ନାଗତ, ହିଙ୍ଗୁଳ ।

Minor, *a.* କନିଷ୍ଠ, ସାନ, ଛୋଟ, କ୍ଷୁଦ୍ର ।—*s.* ଅପ୍ରାପ୍ତବୟସ୍କ ଲୋକ, ନାବାଳକ; ନ୍ୟାୟ ବ-ଚନରେ ଦ୍ୱିତୀୟ ପକ୍ଷ ।

Minority, *s.* ବାଲ୍ୟାବସ୍ଥା, ନାବାଳକତା; ଅତ୍ୟଳ୍ପସଂଖ୍ୟା ।

Minster, *s.* ପ୍ରଧାନ ଧର୍ମଶାଳା ବା ଉପାସନାଳୟ

Minstrel, *s.* ବାଦ୍ୟକର, ଗାୟକ, ଯନ୍ତ୍ରୀ ।

Minstrelsy, *s.* ବାଦ୍ୟଗାନାଦି; ଗାୟକ ବା ବାଦକସମୂହ ।

Mint, *s.* ଟଙ୍କାଶାଳା, ଟଙ୍କାନିର୍ମାଣସ୍ଥାନ; ପୋ-ଦନା ।—*v.* ମୁଦ୍ରା ବା ଟଙ୍କା ପ୍ରସ୍ତୁତ-କ ।

Minuet, *s.* ନୃତ୍ୟବିଶେଷ ।

Minute, *a.* ଅତିକ୍ଷୁଦ୍ର, ଅତିସୂକ୍ଷ୍ମ, ଲଘୁ, ସରୁ ।—*s.* ଘଣ୍ଟାର ଷଷ୍ଠିତମାଂଶ, ଅଢ଼ାଇପଲ ବା ଛଡା; ସ୍ମରଣାର୍ଥକ ଲିପି ।—*v.* ଟିପି ରଖିବା, ସଂକ୍ଷେପରେ ଲେଖିବା । [ରୂପେ ।

Minutely, *ad.* ଠିକ୍ ବା ଯଥାର୍ଥ ବା ସୂକ୍ଷ୍ମ-

Minuteness, *s.* ସୂକ୍ଷ୍ମତା, କ୍ଷୁଦ୍ରତା, ଲଘୁତା ।

Minutiæ, *s.* ଅତିସୂକ୍ଷ୍ମ ବା କ୍ଷୁଦ୍ରବିଷୟ, ଅତ୍ୟ-ପ୍ରାନ୍ତବିବରଣ । [ଟୋକୀ ।

Minx, *s.* ନିର୍ଲଜ୍ଜ ବାଳିକା, ରସିକା, ଧେଙ୍ଗା

Miracle, *s.* ଆଶ୍ଚର୍ଯ୍ୟ ବା ଅଦ୍ଭୁତକ୍ରିୟା, ଚମତ୍କାର ବା ଅଲୌକିକକର୍ମ ।

Miraculous, *a.* ଅଦ୍ଭୁତ, ଆଶ୍ଚର୍ଯ୍ୟ, ଚମତ୍କାର, ଅପୂର୍ବ, ଅଲୌକିକ ।

Miraculously, *ad.* ଅଦ୍ଭୁତ ବା ଆଶ୍ଚର୍ଯ୍ୟରୂପେ

Mirage, *s.* ମୃଗତୃଷ୍ଣା, ମରୀଚିକା ।

Mire, *s.* ପଙ୍କ, କାଦୁଅ, କର୍ଦ୍ଦମ ।

Mirror, *s.* ଦର୍ପଣ, ଅଇନା, ଆର୍ଶି; ଆଦର୍ଶ ।

Mirth, *s.* ରସିକତା, ଆନନ୍ଦ, ଆମୋଦପ୍ରମୋଦ, ପରିହାସ, ହାସ୍ୟ ।

Mirthful, *a.* ଆନନ୍ଦିତ, ରସିକ, ପ୍ରଫୁଲ୍ଲଚିତ୍ତ, ହସକୁରା ।

Miry, *a.* ପଙ୍କମୟ, କାଦୁଅ, ପଙ୍କିଳ ।

Misadventure, *s.* ଦୁର୍ଭାଗ୍ୟ, ଦୁର୍ଘଟଣା, ଅମଙ୍ଗଳ ।

Misadvised, *a.* କୁମନ୍ତ୍ରିତ, ମନ୍ଦପରାମର୍ଶପ୍ରାପ୍ତ

Misallied, *a.* ମନ୍ଦ ବା ଅସଙ୍ଗତରୂପେ ମିଳିତ

Misanthrope, *s.* ମନୁଷ୍ୟ ଘୃଣାକାରୀଲୋକ, ସର୍ବଦ୍ୱେଷୀ ।

Misanthropy, *s.* ମନୁଷ୍ୟର ପ୍ରତି ଘୃଣା ।

Misapply, *v.* ଅକର୍ମରେ ଲଗାଇବା, ବ୍ୟର୍ଥ ବ୍ୟୟ-କ, ଅପ୍ରକୃତରୂପେ ଖଟାଇବା ।

Misapprehend, *v.* ଓଲଟା କରି ବୁଝିବା, ଅଯଥାର୍ଥ ବୋଧ ଭୁଲ-କ ।

Misapprehension, *s.* ମିଥ୍ୟା ବା ଅପ୍ରକୃତ ବୋଧ, ଭ୍ରମ, ଭୁଲ ।

Misbecoming, *s.* ଅଯୋଗ୍ୟ, ଅନୁପଯୁକ୍ତ ।

Misbegotten, *a.* ଜାରଜ, କଜନ୍ମା, ଅସଜ୍ଜାତ

Misbehave, . ଅଶିଷ୍ଟାଚାର- କଦାଚାର- କୁବ୍ୟବହାର-କ ।

Misbehaviour, *s.* ଅଶିଷ୍ଟାଚାର, କୁବ୍ୟବ-ହାର, କଦାଚାର ।
Misbelieve, *v.* ଭ୍ରମ ବିଶ୍ୱାସ-ମିଥ୍ୟା ପ୍ରତ୍ୟୟ-କ । [ଭୁଲ-କ ।
Miscalculate, *v.* ହିସାବ ବା ଗଣନାରେ
Miscall, *v.* ଭ୍ରମରେ ନାମ-କ, ଅପ୍ରକୃତରୂପେ ନାମ-ଦେ । [ଗର୍ଭସ୍ରାବ; ବିଫଳତା ।
Miscarriage, *s.* ଗର୍ଭପାତ, ପେଟଖସା,
Miscarry, *v.* ଗର୍ଭପାତ-ଗର୍ଭସ୍ରାବ-ହେ; ବିଫଳ-ହେ । [ମିଶ୍ରିତ ।
Miscellaneous, *a.* ନାନାପ୍ରକାର, ବିବିଧ,
Miscellany, *s.* ବିବିଧ ସଂଗ୍ରହ ପୁସ୍ତକ; ମିଶା-ମିଶି । [ଉତ୍ପାତ ।
Mischance, *s.* ଦୁର୍ଭାଗ୍ୟ, ଦୁରଦୃଷ୍ଟ, ବିପଦ,
Mischief, *s.* ଅପକାର, ଦୁଷ୍କର୍ମ, ଅନର୍ଥ, ହାନି, କ୍ଷତି, ମନ୍ଦ ।
Mischief-maker, *s.* ବିବାଦ ଜନ୍ମାଏ ଯେ, ଅପକାରକ, ଛିଦ୍ରାନ୍ୱେଷୀ । [ହିଂସ୍ରକ, ଦୁଷ୍ଟ ।
Mischievous, *a.* ଅମଙ୍ଗଳଜନକ, ଦ୍ରୋହୀ,
Misconception, *s.* ଉଲ୍ଟା ବା ବିପରୀତ ବୋଧ, ଭୁଲ, ଭ୍ରାନ୍ତି । [କୁକର୍ମ, କୁପଥ ।
Misconduct, *s.* କୁବ୍ୟବହାର, ଅନାଚାର,
Misconstruction, *s.* ଅଯଥାର୍ଥ ବୋଧ, ମିଥ୍ୟା ବାକ୍ୟ ବା ଅର୍ଥ, ଅପ୍ରକୃତ ଅର୍ଥ ।
Misconstrue, *v.* ଅଯଥାର୍ଥ ବୁଝିବା, ଓଲଟା ଅର୍ଥ-ଭ୍ରମରେ ବ୍ୟାଖ୍ୟା-କ ।
Miscreant, *s.* ନାସ୍ତିକ; ଦୁରାତ୍ମା, ପାଷଣ୍ଡ, ଦୁଷ୍ଟ ଲୋକ, ଦଗାବାଜ । [ରାଧ ।
Misdeed, *s.* କୁକର୍ମ, ମନ୍ଦକ୍ରିୟା, ଦୋଷ,ଅପ-
Misdemean, *v.* ମନ୍ଦ-କୁବ୍ୟବହାର-କଦା-ଚାର-କ ।
Misdemeanour, *s.* ଦୋଷ, ଅପରାଧ, ଅସଦାଚାର, କୁବ୍ୟବହାର ।

Misdirect, *v.* କୁପଥରେ-ନେ, କୁପରାମର୍ଶ-ଦେ ।
Miser, *s.* କୃପଣ, ଅଦାତା, ଖିନା, କାଞ୍ଜି-ଲୋକ, କଂସୁବାତର । [ନାଚର ।
Miserable, *a.* ଦୁଃଖୀ ପୀଡ଼ିତ, ଦରିଦ୍ର,
Miserably, *ad.* ଦୁଃଖିରୂପେ, ମନ୍ଦରୂପେ ।
Miserly, *a.* ଅତ୍ୟନ୍ତ ଲୋଭୀ, ବଡ଼ କୃପଣ ।
Misery, *s.* ଦୁଃଖ, ପୀଡ଼ା, ଦୁର୍ଦଶା, କ୍ଳେଶ ।
Misfortune, *s.* ବିପତ୍ତି, ଦୁର୍ଦଶା, ଅପଦ, ଦୁର୍ଭାଗ୍ୟ । [ଶଙ୍କା ଜନ୍ମାଇବା ।
Misgive, *v.* ସନ୍ଦେହ-କ, ସଂଶୟାପନ୍ନ-ହେ,
Misgiving, *s.* ସନ୍ଦେହ, ସଂଶୟ, ଶଙ୍କା, ଅବିଶ୍ୱାସ । [ରୂପେ କର୍ତ୍ତୃତ୍ୱ-କ ।
Misgovern, *v.* ମନ୍ଦ ଶାସନ-କ, ଅଯଥାର୍ଥ-
Misgovernment, *s.* ମନ୍ଦ ଶାସନ, ଅଯ-ଥାର୍ଥ କର୍ତ୍ତୃତ୍ୱ । [କୁପଥଗାମୀ-କ ।
Misguide. *v.* କୁଶିକ୍ଷା-ଦେ, ଭୁଲାଇବା,
Mishap, *s.* ଦୁର୍ଘଟଣା, ଦୁର୍ଭାଗ୍ୟ, ବିପଦ ।
Misinform, *v.* ମିଥ୍ୟାସମ୍ବାଦ-ଦେ, ଅସତ୍ୟ କଥା ଜଣାଇବା । [ବ୍ୟାଖ୍ୟା-କ ।
Misinterpret, *v.* ଭୁଲ ଅର୍ଥ-କ, ମିଥ୍ୟା
Mislay, *v.* ଅସ୍ଥାନରେ ରଖିବା, ରଖି ଭୁଲି-ଯିବା ।
Mislead, *v.* ବିପଥରେ-ନେ, ଭୁଲାଇବା ।
Mismanage, *v.* ମନ୍ଦରୂପେ କର୍ମ ଚଳାଇ-କ ।
Misname, *v.* ଅପ୍ରକୃତ ବା ଅନ୍ୟ ନାମରେ ଡାକିବା, ମିଥ୍ୟାନାମ-ଦେ ।
Misnomer, *s.* ମିଥ୍ୟା ବା ଉଲ୍ଟା ନାମ ।
Misplace, *v.* ଅସ୍ଥାନରେ ବା ଅପ୍ରକୃତ ସ୍ଥାନ-ରେ ରଖିବା ।
Misprint, *v.* ଅଶୁଦ୍ଧ ଛପାଇବା ।—*s.* ଛପାର ଅଶୁଦ୍ଧ ବା ଭୁଲ ।
Mispronounce, *v.* ଅଶୁଦ୍ଧ ଉଚ୍ଚାରଣ-କ ।

Mispronunciation, *s.* ଅଶୁଦ୍ଧୋଚ୍ଚାରଣ ।

Misquote, *v.* ଅଶୁଦ୍ଧ ପ୍ରମାଣ-ଦେ, ଭୁଲରେ ଉଦ୍ଧୃତ-କ ।

Misrepresent, *v.* ମିଥ୍ୟା ପ୍ରତିରୂପ ବର୍ଣ୍ଣନ-କା, ବିପରୀତ ବର୍ଣ୍ଣନା-କ ।

Misrepresentation, *s.* ମିଥ୍ୟା ପ୍ରତିମୂର୍ତ୍ତି ; ବିପରୀତ ବର୍ଣ୍ଣନା ।

Misrule, *s.* କୁଶାସନ, କଳହ, ଗଣ୍ଡଗୋଳ

Miss, *s.* କନ୍ୟା, କୁମାରୀ, ବାଳିକା ; ଅବିବାହିତା ସ୍ତ୍ରୀର ପଦବୀ ; ଅନ୍ୟତା ; କ୍ଷତି, ହାନି ; ଭ୍ରମ, ଭୁଲ ।—*v.* ଲକ୍ଷ୍ୟରେ ନ ଲାଗିବା, ହରାଇବା, ଅଲବ୍ଧ ବୋଧ-କ, ଅପ୍ରାପ୍ତ-ହେ ।

Missal, *s.* ପୋପ ମତର ପ୍ରାର୍ଥନା ପୁସ୍ତକ ।

Misshape, *v.* ବିକୃତାକାରରେ ଗଢ଼ିବା ।

Missile, *s.* ହାତରୁ ପକାଇବା ଅସ୍ତ୍ର, ବର୍ଚ୍ଛା, ବାଣାଦି ।

Missing, *a.* ଅନୁପସ୍ଥିତ, ଅପ୍ରାପ୍ତ ।

Mission, *s.* ବିଶେଷ କର୍ମରେ ନିଯୋଜନ, ପ୍ରେରଣ, ଦୌତ୍ୟକର୍ମ; ପ୍ରେରିତ ବ୍ୟକ୍ତିସମୂହ ।

Missionary, *s.* ଧର୍ମ ପ୍ରଚାରଣାର୍ଥେ ପ୍ରେରିତ-ବ୍ୟକ୍ତି, ପ୍ରେରିତ, ମିଶନେରି ।

Missive, *s.* ପ୍ରେରିତପତ୍ର ।—*a.* ପ୍ରେରଣୀୟ ; ନିକ୍ଷିପ୍ତ ଯୋଗ୍ୟ ।

Misspell, *v.* ଅକ୍ଷର ଭୁଲ-କ, ଅଶୁଦ୍ଧ-ଲେଖି

Misstate, *v.* ଭୁଲରେ ବୃତ୍ତାନ୍ତ-କହ, ମିଥ୍ୟା ବିବରଣ-କ ।

Misspend, *v.* ଉଡ଼ାଇ-ଦେ, ଅପବ୍ୟୟ-କ ।

Mist, *s.* କାକର, କୁହୁଡ଼ି ।

Mistake, *v.* ମିଥ୍ୟାବୋଧ-ଭ୍ରମ- ଭୁଲ-କ ।—*s.* ଭ୍ରମ, ଭୁଲ, ତ୍ରୁଟି, ଭ୍ରାନ୍ତି; ଅଶୁଦ୍ଧତା ।

Mistaken, *a.* ଭ୍ରାନ୍ତ, ଭ୍ରମଯୁକ୍ତ ।

Mistiness, *s.* କୁହୁଡ଼ିମୟ, ମେଘୁଆଭାବ, ଘୋରତା ।

Mistress, *s.* ଗୃହିଣୀ, କର୍ତ୍ତ୍ରୀ, ସାଅନ୍ତାଣୀ, ଠାକୁରାଣୀ; ଉପପତ୍ନୀ, ପ୍ରେମଣୀ; ଶିକ୍ଷୟିତ୍ରୀ ।

Mistrust, *s.* ଅବିଶ୍ୱାସ, ଅପ୍ରତ୍ୟୟ, ସନ୍ଦେହ, ସଂଶୟ ।—*v.* ଅବିଶ୍ୱାସ-ଅପ୍ରତ୍ୟୟ- ସନ୍ଦେହ-କ ।

Mistrustful, *a.* ଅପ୍ରତ୍ୟୟୀ, ଅବିଶ୍ୱାସୀ, ସନ୍ଦେହୀ, ଶଙ୍କାକୁଳ ।

Misty, *a.* କୁହୁଡ଼ିମୟ, ମେଘାଚ୍ଛନ୍ନ, ଅସ୍ପଷ୍ଟ ।

Misunderstand, *v.* ବିପରୀତ ବା ଅଯଥାର୍ଥ ବୋଧ-କ, ଭ୍ରମ ବୁଝିବା ।

Misunderstanding, *s.* ଭ୍ରମ ବୋଧ, ବିବାଦ, ବିରୋଧ, ଅମିଳନ ।

Misuse, *s.* କୁବ୍ୟବହାର, ଅତ୍ୟାଚାର ।

Mite, *s.* ଅତି ସାନକୀଟ ; ଅତି କ୍ଷୁଦ୍ରାଂଶ ।

Mitigate, *v.* ଊଣା-ଲଘୁ-ଶାନ୍ତ-ଅଳ୍ପ-ଉପଶମ-କ ।

Mitigation, *s.* ଉପଶମ ; ମନ୍ଦତା ; ଊଣା ବା ଲଘୁକରଣ ।

Mitre, *s.* ମହାଧର୍ମାଧ୍ୟକ୍ଷର ମୁକୁଟ ବା ଶିରୋଭୂଷଣ ।

Mittens, *s.* ଦସ୍ତାନା ବା ହାତ ମୋଜା ବିଶେଷ ।

Mittimus, *s.* କାରାଗାରରେ ବନ୍ଧକରଣାର୍ଥେ ଆଜ୍ଞାପତ୍ର ବା ପରୁଆନା ।

Mix, *v.* ମିଶାଇବା, ଘୋଳାଇବା, ମିଳାଇବା, ଯୋଡିବା ।

Mixture, *s.* ମିଶ୍ରିତଦ୍ରବ୍ୟ, ମିଶା, ଘଣ୍ଟାଘଣ୍ଟି ।

Mizen, *s.* ଜାହାଜର ପଶ୍ଚାତ୍ ମାସ୍ତୁଲ ।

Mnemonical, *a.* ସ୍ମୃତିଜନକ, ସ୍ମରଣକାରକ

Mnemonics, *s.* ସ୍ମରଣ ରଖିବାର ବିଦ୍ୟା ।

Moan, *v.* କ୍ରନ୍ଦନ-ବିଳାପ-ବେଦନ-କ ।—*s.* ବିଳାପ, କ୍ରନ୍ଦନ, କାତରଧ୍ୱନି ।

Moat, *s.* ଗଡ଼ଚତୁଃପାର୍ଶ୍ୱର ଖାଲ, ଗଡ଼ର ଖାଇ

Mob, *s.* ସାଧାରଣ ଲୋକସମୂହ; ଲୋକଗହଳି, ଗଣ୍ଡଗୋଳ, ଭିଡ ।

Mobility, *s.* ଗମନଶୀଳତା, ଅସ୍ଥିରତା ।

Mock, *v.* ପରିହାସ-ଥଟ୍ଟା-ବିଦ୍ରୂପ-ଠାହୁଲି-କ
।—*a.* କୃତ୍ରିମ, ମିଥ୍ୟା, ଅପ୍ରକୃତ ।
Mockery, *s.* ପରିହାସ, ଥଟ୍ଟା, ବିଦ୍ରୂପ; ବ୍ୟ-
ର୍ଥଚେଷ୍ଟା । [ବିସ୍ତର ।
Mode, *s.* ରୂପ, ପ୍ରକାର, ମତ, ଧାରା, ରୀତି,
Model, *s.* ଆଦର୍ଶ, ନକଲ, ନମୁନା; ଛାଞ୍ଚ,
ପରିମା ।—*v.* ଗଢ଼ିବା, ନିର୍ମାଣ-ଅନୁକୃତ-କ,
ରୂପ ବନାଇବା ।
Moderate, *a.* ପରିମିତାଚାରୀ, ଅଳ୍ପବ୍ୟୟୀ;
କୋମଳ, ମଧ୍ୟମ, ଧୀର ।—*v.* ପରିମିତ-
ଉପଶମ-ଶୀତଳ-କୋମଳ-କ, ଥମାଇବା ।
Moderately, *ad.* ପରିମିତରୂପେ, କୋମ-
ଳଭାବେ, ଧୀରେ ।
Moderation, *s.* ପରିମିତାଚାର ବା ବେଗ ।
Moderator, *s.* ସଭାପତି, ମଧ୍ୟସ୍ଥ ।
Modern, *a.* ନୂତନ, ନବ୍ୟ, ହାଲର, ଆଧୁ-
ନିକ, ଅପ୍ରାଚୀନ । [ବିନତ; ସାଧୁ, ସତୀ ।
Modest, *a.* ଲଜ୍ଜାଶୀଳ, ଅନହଙ୍କାରୀ, ଅଦର୍ପ,
Modestly, *ad.* ଲଜ୍ଜା-ବିନୟ-ଶିଷ୍ଟାଚାର
ପୂର୍ବକ, ନମ୍ରରୂପେ । [ଚାର, ସତୀତ୍ୱ ।
Modesty, *s.* ଲଜ୍ଜା, ବିନୟ, ନମ୍ରତା, ଶିଷ୍ଟା-
Modicum, *s.* ଯତ୍କିଞ୍ଚିତ, ଅତ୍ୟଳ୍ପ, କ୍ଷୁଦ୍ରାଂଶ ।
Modification *s.* ସୁଧରଣ, ବଦଳ, ପରି-
ବର୍ତ୍ତନ; ମତାନ୍ତରକରଣ ।
Modify, *v.* ସୁଧରାଇବା, ବଦଳ ବା ରୂପା-
ନ୍ତର-କ, ଥମାଇବା ।
Modish, *a.* ରୀତ୍ୟାନୁଯାୟୀ, ଚଳନମତ ।
Modulate, *v.* ସ୍ୱର ବାନ୍ଧିବା, ସ୍ୱରମିଳନ-କ ।
Modulation, *s.* ସ୍ୱରମେଳ, ବାକ୍ୟ ବା ଶବ୍ଦର
ଏକୀକରଣ ।
Moiety, *s.* ଅର୍ଦ୍ଧେକ, ଅର୍ଦ୍ଧାଂଶ, ଅଧା, ଅଧ ।
Moil, *v.* କାଦୁଅ ଲଗାଇବା, ଅତିଶୟ ପରି-
ଶ୍ରମ-କ ।

Moist, *a.* ଭିଜା, ଓଦା, ସଜଳ, ଓଲ୍ଲା, ନରମ
Moisten, *v.* ଭିଜାଇବା, ଓଲ୍ଲାଇବା-ଓଦା-
ନରମ-କ । [ୀୟ ଭାବ ।
Moisture, *s.* ରସ, ଆର୍ଦ୍ରତା, ଭିଜା ବା ଜଳ-
Molasses, *s.* ଗୁଡ଼, ଇକ୍ଷୁରସ, ଇକ୍ଷୁପାକ ।
Mole, *s.* ତିଳ, ଜଷା; ଛୁଞ୍ଚା ପରି ଜନ୍ତୁ
ବିଶେଷ; ବନ୍ଧ ।
Molehill, *s.* ମାଟିର ଢିପ, ଛୁଞ୍ଚା ପରି ଢିପ
Molest, *v.* କ୍ଲେଶ-ଦୁଃଖ-କଷ୍ଟ-ଦେ, ବିରକ୍ତ-
ବେକାର-ଉପଦ୍ରବ-କ ।
Molestation, *s.* କ୍ଲେଶ, ଦୁଃଖ, ଉତ୍ପାତ,
ଉପଦ୍ରବ । [ଥମାଇବା ।
Mollify, *v.* ନରମ-ଶାନ୍ତ-ଥଣ୍ଡା-ସୁସ୍ଥିର-କ,
Molten, *a.* ଉତ୍ତାପରେ ତଳା, ଗଳିତ, ତରଳିତ,
ଦ୍ରବୀଭୂତ । [ନିମେଷ, ମୁହୂର୍ତ୍ତ, ପଲକ ।
Moment, *s.* ଗୁରୁତା, ଆବଶ୍ୟକତା; କ୍ଷଣ,
Momentary, *a.* କ୍ଷଣସ୍ଥାୟୀ, କ୍ଷଣିକ, ଅଳ୍ପ-
କାଳର । [ବଶ୍ୟକ, ବଡ଼ ।
Momentous, *a.* ଭାରି, ଗୁରୁତର, ଅତ୍ୟା-
Momentum, *s.* ଗତିଶକ୍ତିର ପରିମାଣ ।
Monarch, *s.* ରାଜା, ମହାରାଜା, ନୃପତି, ଚକ୍ର-
ବର୍ତ୍ତୀ, ସମ୍ରାଟ, ଏକାଧିପତି । [ରାଜାଧୀନ ।
Monarchical, *a.* ରାଜସମ୍ବନ୍ଧୀୟ, ରାଜକୀୟ,
Monarchy, *s.* ଏକାଧିପତ୍ୟ, ରାଜଶାସନ,
ଏକଚ୍ଛତ୍ର, ସାମ୍ରାଜ୍ୟ । [ଧର୍ମଶାଳା ।
Monastery, *s.* ଉଦାସୀମାନଙ୍କର ମଠ ବା
Monastic, *a.* ସନ୍ନ୍ୟାସୀ ମଠ ବା ଧର୍ମଶାଳା
ସମ୍ବନ୍ଧୀୟ । [ଦିନ ।
Monday, *s.* ସୋମବାର, ସପ୍ତାହର ଦ୍ୱିତୀୟ
Money, *s.* ମୁଦ୍ରା, ଟଙ୍କା, ଧନ, ପଇସା, ସମ୍ପତ୍ତି ।
Moneychanger, *s.* ବଣିଆ, ପୋଦାର,
ଟଙ୍କା ପଇସା ବେପାରୀ ।
Moneyed, *a.* ଧନୀ, ଧନବାନ୍, ଧନାଢ୍ୟ ।

Monger, *s.* ବେପାରୀ, ବ୍ୟବସାୟୀ, ବିକ୍ରେତା ଲୋକ ।

Mongoose, *s.* ନେଉଳ, ନକୁଳ ।

Mongrel, *s.* ସଂକର ଜାତ, ଦ୍ୱିଜାତୀୟ ଜନ୍ତୁ, ଖଚର ।—*a.* ବର୍ଣ୍ଣସଙ୍କ, ଦ୍ୱିଜାତୀୟ ।

Monition, *s.* ଉପଦେଶ, ଶିକ୍ଷା, ପରାମର୍ଶ, ଅନୁଯୋଗ, ଚେତନା । [ଗୁରୁ, ବଡଭାଇ ।

Monitor, *s.* ଶିକ୍ଷକ, ଚେତନାଦାତା, ଉପ-

Monitory, *a.* ଉପଦେଶକ, ଉଦ୍‌ବୋଧକ ।

Monk, *s.* ମଠବାସୀ, ଉଦାସୀନ, ସନ୍ନ୍ୟାସୀ ।

Monkey, *s.* ମାଙ୍କଡ, ମର୍କଟ, ବାନର, କପି ।

Monkish, *a.* ସନ୍ନ୍ୟାସୀ ବିଷୟକ, ମଠସମ୍ବନ୍ଧୀୟ ।

Monogamy, *s.* ଏକ ସ୍ତ୍ରୀ ବିବାହ ।

Monologue, *s.* ଆପଣା ସହିତ କଥୋପକଥନ ।

Monopolist, *s.* ଏକାକୀ ବ୍ୟବସାୟୀ, ଯେ ଆପଣା ହସ୍ତେ ବ୍ୟବସାୟାଦି ରଖେ ।

Monopolise, *v.* ସମୁଦାୟ କ୍ରୟବିକ୍ରୟ-ଅଧିକାର-କ ।

Monopoly, *s.* ଏକଚେଟିଆ ବ୍ୟବସାୟ, ଶାସନଦତ୍ତ ଯାହା ଅନ୍ୟ କେହି କ୍ରୟବିକ୍ରୟ କରି ନ ପାରେ । [ପଦ ବା ବାକ୍ୟ ।

Monosyllable, *s.* ଏକାକ୍ଷର ଶବ୍ଦ, ଏକବର୍ଣ୍ଣିକ

Monotheism, *s.* ଏକେଶ୍ୱରରେ ବିଶ୍ୱାସ ।

Monotonous, *a.* ସମାନ ସ୍ୱରବିଶିଷ୍ଟ, ସମୋଚ୍ଚାରଣବିଶିଷ୍ଟ ।

Monotony, .. ସମାନ ଉଚ୍ଚାରଣ, ସମସ୍ୱର ।

Monsieur, *s.* ଫ୍ରାନ୍ସଦେଶର ଭାଷାରେ ମହାଶୟ, ବାବୁ ।

Monsoon, *s.* ଭାରତବର୍ଷର ନିରୂପିତ କାଳବ୍ୟାପକ ପବନ ; ୬ ମାସ ଏକଦିଗେ ଅଉ ୬ ମାସ ଅନ୍ୟଦିଗେ ବହିବା ବାୟୁ ବିଶେଷ ।

Monster, *s.* ଅଦ୍ଭୁତଜନ୍ତୁ, ବିକଟାକାର ଭୟାନକ ରୂପଧାରୀ, ଅତି କ୍ରୂର ମନୁଷ୍ୟ, ରାକ୍ଷସ ।

Monstrous, *a.* ଭୟାନକ, ଅସ୍ୱାଭାବିକ, ଅଦ୍ଭୁତ କୁରୂପୀ ; ଘୃଣାଜନକ ।

Month, *s.* ମାସ, ଦୁଇପକ୍ଷ, ଚାରି ସପ୍ତାହ ।

Monthly, *a.* ମାସିକ, ମାସିକିଆ, ମାସକୁ ଥରେ ।

Monument, *s.* ମୃତ ବ୍ୟକ୍ତିର ସ୍ମରଣାର୍ଥେ ସ୍ତମ୍ଭ, ଘଟଣା ସ୍ମରଣାର୍ଥକ ସ୍ତମ୍ଭ ।

Monumental, *a.* ସ୍ମରଣାର୍ଥକ ସ୍ତମ୍ଭସମ୍ବନ୍ଧୀୟ ।

Mood, *s.* ଭାବ, ସ୍ୱଭାବ, ମନର ଅବସ୍ଥା ; ରୀତି, ଧାରା ; କ୍ରିୟାପଦର ଅବସ୍ଥା ।

Moody, *a.* ଅସନ୍ତୁଷ୍ଟ, ବିରକ୍ତ, ବିଷଣ୍ଣ, କ୍ରୋଧୀ, କ୍ଷିପ୍ତ ।

Moon, *s.* ଚନ୍ଦ୍ର, ଜହ୍ନ, ସୋମ, ଚନ୍ଦ୍ରମା, ନିଶାକର ; ପୌର୍ଣ୍ଣମୀ ; ଧ୍ୱଜେନ୍ଦ୍ର ।

Moonbeam, *s.* ଚନ୍ଦ୍ରର କିରଣ, ଚନ୍ଦ୍ରିକା ।

Moonlight, *s.* ଚନ୍ଦ୍ରର ଆଲୁଅ, ଜହ୍ନ, ଜୋଛ୍ନା, କୌମୁଦୀ ।

Moor, *s.* ଆଫ୍ରିକା ଦେଶର ପଠାଣ ; ପଡିଆ । —*v.* ଜାହାଜ ବନ୍ଧ ବା ଅଟକ-କ । [ସ୍ଥାନ ।

Moorings, *s.* ଜାହାଜ ବା ନୌକା ରଖିବା

Moot, *v.* ପ୍ରଶ୍ନ ଅନୁରୋଧ-ତର୍କବିତର୍କ-କ ।

Mop, *s.* ପାଣିପଡିଲା ପୋଛିବା ଝାଡୁବିଶେଷ ।

Mope, *v.* ବିଷଣ୍ଣ ହୋଇ ବୁଲିବା ।

Mopish, *a.* ଉଦାସ, ନିଶ୍ଚେଷ୍ଟ, ଅଳସୁଆ, ନିଦ୍ରାଳୁ ।

Moral, *a.* ନୀତି ବା ଧର୍ମବିଷୟକ, ଉତ୍ତମଭାବୁ-ଚରିତ, ଯଥାର୍ଥ ।—*s.* ଦୃଷ୍ଟାନ୍ତର ଅର୍ଥ, ହିତୋପଦେଶର ସାର, ତାତ୍ପର୍ଯ୍ୟ, ଶିକ୍ଷା ।

Moralist, *s.* ନୀତିଜ୍ଞ, ହିତୋପଦେଶକ ।

Morality, *s.* ସଦାଚାର ; ନୀତିଶାସ୍ତ୍ର ବା ବିଦ୍ୟା

Moralize, *v.* ନୀତିଶିକ୍ଷା ଦେ, ଧର୍ମାଧର୍ମ ବିଷୟରେ ବିବେଚନା-କ ।

**Morally**, *ad.* ସଦାଚାରପୂର୍ବକ, ନୀତିଶାସ୍ତ୍ରାନୁସାରେ, ଯଥାର୍ଥରୂପେ ।

**Morals**, *s.* ସୁନୀତି, ସଦାଚାର, ଧର୍ମ; ନୀତିଶାସ୍ତ୍ର ।

**Morass**, *s.* ହେଲ, ଜଳମୟ ଭୂମି, ଜଳଖଣ୍ଡ ।

**Morbid**, *a.* ରୋଗୀ, ପୀଡିତ, ଅସୁସ୍ଥ, ବ୍ୟାଧିଯୁକ୍ତ ।

**More**, *a.* ଅତି, ଅତ୍ତର, ଅଧିକ, ଅତିରିକ୍ତ । —*ad.* ଅତ୍ତର ଅଧିକ, ଅଧିକ ବାର ।

**Moreover**, *ad.* ପୁନଶ୍ଚ, ଅତ୍ତର, ଅବର, ତାହାଛଡା ।

**Moribund**, *a.* ମରଣାପନ୍ନ, ମୁମୂର୍ଷୁ ।

**Morion**, *s.* ମୁଣ୍ଡର ସାଜ, ଶିରସ୍ତ୍ରାଣ, ଟୋପର ।

**Morn, Morning**, *s.* ପ୍ରାତଃକାଳ, ସକାଳ, ପ୍ରଭାତ, ଭୋର ।

**Morning-star**, *s.* ପାହାନ୍ତା ତାରା, ପ୍ରଭାତ ତାରା, ଶୁକ୍ର ।

**Morocco**, *s.* ଏକ ଦେଶର ନାମ; ଉତ୍ତମ ଚର୍ମ ବିଶେଷ ।

**Morose**, *a.* କର୍କଶ, କଠିନ, ଉଗ୍ର, ରାଗୀ ।

**Moroseness**, *s.* ଉଗ୍ରତା, କଠିନତା, ବିରକ୍ତପଣ ।

**Morrow**, *s.* କାଲି, ଆସନ୍ତା କାଲି ।

**Morsel**, *s.* ଏକଗ୍ରାସ, କବଳ, ଖଣ୍ଡେ, ଟିକିଏ

**Mortal**, *a.* ମରଣଯୋଗ୍ୟ, ମର୍ତ୍ତ୍ୟ, ନାଶ୍ୟ, ମୃତ୍ୟୁର ଅଧୀନ; ପ୍ରାଣନାଶକ; ମନୁଷ୍ୟପର, ମାନବ ସମ୍ବନ୍ଧୀୟ ।—*s.* ମନୁଷ୍ୟ, ନର, ମାନବ, ମର୍ତ୍ତ୍ୟ ।

**Mortality**, *s.* ମରଣ, ମୃତ୍ୟୁର ଅଧୀନତା; ମାରି, ମଡକ ।

**Mortally**, *ad.* ପ୍ରାଣନାଶପୂର୍ବକ, ସାଂଘାତିକରୂପେ ।

**Mortar**, *s.* ଚୂନ ବାଲି ମିଶ୍ରିତ ଗାନ୍ଥୁଣିର ମସଲା; ବଡକମାଣ; ହାମାନଦସ୍ତା ।

**Mortgage**, *v.* ଭୂମି ଇତ୍ୟାଦି ବନ୍ଧକ-ଦେ ।

**Mortgagee**, *s.* ବନ୍ଧକ ରଖିବା ଲୋକ, ବନ୍ଧକଗ୍ରାହୀ ।

**Mortgager**, *s.* ବନ୍ଧକ ଦେବାର ଲୋକ ।

**Mortification**, *s.* ପଚିଲା ମାଂସ; ବୈରାଗ୍ୟ, ଇନ୍ଦ୍ରିୟ ଦମନକରଣ, ତପସ୍ୟା, କଷ୍ଟ ସ୍ୱୀକାର ।

**Mortify**, *v.* ପଚିବା; ତପସ୍ୟା-କ, ଦୁଃଖକ୍ଳେଶ-ଦେ, ଇନ୍ଦ୍ରିୟ ଦମନ-କ ।

**Mortise**, *s.* କାଠରେ କାଠ ଯୋଡିବାର ସେହି ରନ୍ଧ୍ର ।—*v.* ଦାରୁଗର୍ତ୍ତ-କ, କାଠରେ କାଠ ଯୋଡିବା ।

**Mortuary**, *s.* ମୃତ୍ୟୁ କାଳରେ ଧର୍ମାର୍ଥେ ଦାନ; କବରସ୍ଥାନ, ମଡା ରଖିବା ସ୍ଥାନ ।—*a.* କବର ଦେବା ସମ୍ବନ୍ଧୀୟ ।

**Mosaic**, *a.* ମୋଶାରଚିତ ଗ୍ରନ୍ଥ ସମ୍ବନ୍ଧୀୟ ।

**Mosaic-work**, *s.* ନାନାବିଧ ପଥରଜଡିତ ଚିତ୍ରବିଶେଷ ।

**Moses**, *s.* ମିଶରଦେଶୀୟ ବନ୍ଧନରୁ ଏବ୍ରୀ ଲୋକମାନଙ୍କର ଉଦ୍ଧାରକର୍ତ୍ତା, ମୋଶା ।

**Mosque**, *s.* ମସଜିଦ, ମୁସଲମାନଙ୍କର ଭଜନାଳୟ ।

**Mosquito**, *s.* ମଶା, ମଶକ ।

**Moss**, *s.* ଶିଉଳି, ଶୈବାଳ ।

**Mossy**, *a.* ଶିଉଳି ବା ଶୈବାଳମୟ ।

**Most**, *a.* ଅଧିକ, ଅତିଶୟ, ବହୁତ, ସର୍ବାପେକ୍ଷା ।—*s.* ଅଧିକାଂଶ, ବଡ଼ ଭାଗ ବା ବାଣ୍ଟ, ସଂଖ୍ୟାରେ ଅଧିକ ।

**Mostly**, *ad.* ଅଧିକାଂଶରେ, ପ୍ରାୟସର୍ବଦା ।

**Mote**, *s.* ଅତିକ୍ଷୁଦ୍ର ଦ୍ରବ୍ୟ; କୁଟା, କଣା, ଅଣୁ, କଣିକା ।

**Moth**, *s.* ଲୁଗାର କୀଟ ବା ପୋକ, ପ୍ରଜାପତି, କ୍ଷୁଦ୍ରପତଙ୍ଗ ।

**Mother**, *s.* ମା, ମାତା, ମାତୃ, ଜନନୀ ।

**Mother-in-law**, *s.* ଶାଶୁ, ସ୍ୱାମୀର ବା ସ୍ତ୍ରୀର ମାତା ।

Motherless, *a.* ମାତୃହୀନ, ଅମାତୃକ ।
Motherly, *a.* ମାତୃବତ୍. ମାତୃତୁଲ୍ୟ ।
Mother-of-pearl, *s* ମୁକ୍ତାଜନକ ବସ୍ତୁ ସ. ଯେଉଁ ଶାମୁକରେ ବସ୍ତୁ ସ ଜନ୍ମେ । [ହୀରା ।
Motion, *s.* ଗମନ, ଗତି; ପ୍ରସ୍ତାବ, ପ୍ରସଙ୍ଗ:
Motionless, *a.* ଅଚଳ, ସ୍ଥିର, ସ୍ତମ୍ଭିତ, ଗତିରହିତ ।
Motive, *s.* କାରଣ, ହେତୁ, ନିମିତ୍ତ ପ୍ରବର୍ତ୍ତକ
Motley, *a.* ପାଞ୍ଚରଙ୍ଗା, ନାନାରଙ୍ଗୀ, ଚିତ୍ରବିଚିତ୍ର ।
Motto, *s.* ମୁଖବନ୍ଧବାକ୍ୟ. ମୂଳ ଶ୍ଳୋକ, ଗ୍ରନ୍ଥିପଦାକାର ଶିରୋନାମା ।
Mould, *s.* ମୃତ୍ତିକା, ମାଟି: ସାଞ୍ଚା, ଫରମା: ଛୁପ, ଢ଼ୌଲ ।—*v.* ସାଞ୍ଚରେ ଢାଳିବା. ଆକାର-କ, ଗଢ଼ିବା ।
Moulder, *v.* ଧୂଳିବତ୍-ଚୂର୍ଣ୍ଣ- କ୍ଷୟ-ହେ ।
Moulding, *s.* ଶୋଭା ନିମନ୍ତେ ଖୋଳିବାର କାରୁକର୍ମ ।
Moult, *v.* ପକ୍ଷିର ନୂତନ ପକ୍ଷ ଜାତିବା ।
Mound, *s.* ବନ୍ଧ, ହେଣ୍ଡୁ, ଯୋସ୍ତ,ମୃତ୍ତିକାଟିପ
Mount, *s.* ପର୍ବତ, ପାହାଡ଼, ଗିରି ।—*v.* ଆରୋହଣ-କ, ଚଢ଼ିବା; ମଣ୍ଡିତ-କ ।
Mountain, *s.* ପର୍ବତ, ପାହାଡ଼, ଗିରି ।
Mountaineer, *a.* ପାର୍ବତୀୟଲୋକ, ଅରଣ୍ୟଜାତ, ପାହାଡ଼ିଆ ।
Mountainous, *a.* ପାର୍ବତୀୟ, ଅତିବଡ଼ ।
Mountebank, *s.* ବାଜିକର, ହାସ୍ୟକାରୀ; ପ୍ରବଞ୍ଚକ ବୈଦ୍ୟ । [ଦ-କ ।
Mourn, *v.* କାନ୍ଦିବା, ବିଳାପ -ଶୋକ -ଖେ-
Mourner, *s.* ବିଳାପୀ, ଶୋକ ବା ଖେଦକାରୀ ଲୋକ, ଅନୁତାପୀ ।
Mournful, *a.* ଦୁଃଖିତ, ଖେଦଯୁକ୍ତ, ଶୋକାକୁଳ ।
Mournfully, *ad.* ବିଳାପ- ଖେଦ- ଶୋକ-ପୂର୍ବକ । [ବିସ୍ତରିତ ବସ୍ତ୍ର ।
Mourning, *s.* ଶୋକ, ଦୁଃଖ, ଖେଦ; ଶୋ-
Mouse, *s.* ମୂଷା, ମୂଷିକ, ଉନ୍ଦୁର ।
Mousetrap, *s.* ମୂଷାପଞ୍ଜୁରୀ ।
Mouth, *s.* ମୁହଁ, ତୁଣ୍ଡ. ପାଟି: ଦ୍ୱାର ।—*v.* ପାଟି-କର୍-କ, ମେଲାଇବା ।
Mouthful, *s.* ଏକଗ୍ରାସ, ଅଳ୍ପଗଣ୍ଡା ।
Mouthpiece, *s.* ଯେ ଅନ୍ୟପାଇଁ କଥା କହେ; ମୁଖନଳ ।
Move, *v.* ଯିବା, ଘୁଞ୍ଚିବା. ସ୍ଥାନାନ୍ତର-ହେ; ମଣାଇବା, ପ୍ରବର୍ତ୍ତାଇବା, ସୁଖ ବା ଦୁଃଖ ଜନ୍ମାଇବା ।
Moveable, *a.* ଗମନଶୀଳ, ଚଳନ୍ତ, ଜଙ୍ଗମ, ଅସ୍ଥିର । [ଜିନିଷପତ୍ର ।
Moveables, *s.* ଅସ୍ଥାବର, ଧନଆଦି, ଘର-
Movement, *s.* ଗତି, ଚଳନ୍ତିଧାପ, ଚଳନ ।
Mover, *s.* ଘୁଞ୍ଚାଇବାରେ; ପ୍ରସ୍ତାବକର୍ତ୍ତା ।
Moving, *a.* କୃପାଜନକ; ମର୍ମଭେଦକ, ଖେଦୋତ୍ପାଦକ ।
Mow, *v.* ଘାସ କାଟିବା, ତୃଣ ଛେଦିବା ।
Mower, *s.* ଘାସକଟାଳି, ଯେ ତୃଣ କାଟଇ ।
Much, *a.* ଅନେକ, ଅପାର. ବହୁତ, ପ୍ରଚୁର । —*ad.* ଅତିଶୟ, ଯଥେଷ୍ଟ ବା ବହୁଳରୂପେ ।
Mucilage, *s.* ଅଠା, ଚଟଚଟିଆ ଜିନିଷ ।
Mucilaginous, *a.* ଅଠାପରି, ଚଟଚଟିଆ, ଲସଲସିଆ । [ଗଦା ।
Muck, *s.* ଗନ୍ଧଗଦି, ଗୋବରଗଦ, ମଇଳା
Muckworm, *s.* ଗୋବରପୋକ, ଲୋଭୀ-ଜାତ କୀଟ, କୃପଣ ଲୋକ ।
Mucous, *a.* ଅଠାବିଶିଷ୍ଟ, ଚଟଚଟିଆ ।
Mucus, *s.* ଶିଙ୍ଘାଣି, ନାକର ମଳ, ଶ୍ଳେଷ୍ମ ।

Mud, *s.* ପଙ୍କ, କାଦୁଅ, କର୍ଦ୍ଦମ ।
Muddle, *v.* ଘୋଳାଇବା, ମତୁଆପର-ହେ ।
Muddy, *a.* କାଦୁଅମୟ, ଘୋଳା, ମଳିନ ; ମୋଟାବୁଦ୍ଧିବିଶିଷ୍ଟ ।
Muff, *s.* ସ୍ତ୍ରୀଲୋକଙ୍କର ଶୀତକାଳର ଦସ୍ତାନା ।
Muffin, *s.* ଚଟାକୃତ ରୁଟୀବିଶେଷ । [ଇବା ।
Muffle, *v.* ଆବୃତ-ଆଚ୍ଛାଦନ-କ, ଘୋଡା-
Muffler, *s.* ମୁଖାଚ୍ଛାଦନୀ, ଘୋମଟା, ମୁଖାବରଣ ।
Mug, *s.* ପାନପାତ୍ର, ପିଆଲାବିଶେଷ ।
Muggy, *a.* ଜଳୁଆ, ଜଳମୟ, ମେଘାଚ୍ଛନ୍ନ ।
Mulatto, *s.* ଇଉରୋପୀୟର ଔରସରେ କାଫ୍ରି ସ୍ତ୍ରୀର ଗର୍ଭଜାତ ସନ୍ତାନ ।
Mulberry, *s.* ତୁତବୃକ୍ଷ ବା ଫଳ ।
Mulct, *v.* ଅର୍ଥଦଣ୍ଡ–ଜରିମାନା-କ । [ପଶୁ ।
Mule, *s.* ଖଚର, ଗଧ ଓ ଘୋଡାଠାରୁ ଜାତ
Muleteer, *s.* ଖଚରଚାଳକ ବା ରକ୍ଷକ ।
Mulish, *a.* ଖଚରବତ୍, ଥେଣ୍ଟା, ଅବାଧ୍ୟ ।
Muller, *s.* ରଙ୍ଗ ବାଟିବା ଶିଳ, ବାଟଣା ।
Multifarious, *a.* ନାନାବିଧ, ବହୁବିଧ, ବହୁପ୍ରକାର ।
Multiform, *a.* ଅନେକରୂପ ବା ଆକାରବିଶିଷ୍ଟ, ବହୁରୂପୀ ।
Multiparous, *a.* ଏକକାଳେ ବହୁପ୍ରସବିନୀ ।
Multiple, *s.* ଅନେକ ଥର ଗଣିଲେ ଯେ ସଂଖ୍ୟା ହୁଏ ।—*a.* ପୂରକ, ଗୁଣିତ ।
Multiplicand, *s.* ଗୁଣ୍ୟାଙ୍କ, ପୂରଣୀୟ ଅଙ୍କ ।
Multiplication, *s.* ଅଙ୍କବୃଦ୍ଧି ବା ପୂରଣ ।
Multiplicity, *s.* ବାହୁଲ୍ୟ, ଅନେକତ୍ୱ, ବହୁତ୍ୱ, ଆଧିକ୍ୟ ।
Multiplier, *s.* ଗୁଣକ, ଅଙ୍କପୂରକ ।
Multiply, *v.* ସଂଖ୍ୟା ବା ଅଙ୍କ ବୃଦ୍ଧି-ଅଧିକ-କ, ବଢ଼ାଇବା, ଗୁଣିବା ।

Multitude, *s.* ସମୂହ, ଅନେକ, ଗହଳ, ଭିଡ଼, ଲୋକାରଣ୍ୟ । [ବହୁଳ ।
Multitudinous, *a.* ବହୁ, ବହୁବିଧ, ଅନେକ,
Mum, *int.* ଚୁପ୍, ତୁନି ବା ସ୍ଥିର ହୁଅ ।—*s.* ମୌନ; ଜର୍ମାନ ମଦ୍ୟବିଶେଷ ।
Mumble, *v.* ଅସ୍ପଷ୍ଟ-କହ; ଚୋବାଇବା ।
Mummery, *s.* ଭଣ୍ଡତା, ମସ୍କରୀ, ବ୍ୟର୍ଥକ୍ରିୟା ।
Mummy, *s.* ସୁଗନ୍ଧି ଦ୍ରବ୍ୟରେ ରକ୍ଷିତ ଶବ, ଶୁଷ୍କମଡ଼ା । [ଚିଡ଼ିଆ ।
Mumpish, *a.* ଗୁପ୍ତକ୍ରୋଧୀ, ଗୁମୁହା, ଚିଡ଼-
Mumps, *s.* ବଗିବଢ଼ା, ମନ୍ଦ କ୍ରୋଧ; ଗଳାରୋଗ ବିଶେଷ । [-କ ।
Munch, *v.* ଗାଲ ଭରି ଚୋବାଇବା, ଗ୍ରାସ-
Mundane, *a.* ଜଗତସମ୍ବନ୍ଧୀୟ, ସାଂସାରିକ, ଲୌକିକ । [ସଭା ସମ୍ବନ୍ଧୀୟ ।
Municipal, *a.* ନଗରର କାର୍ଯ୍ୟ ସମ୍ପାଦନାର୍ଥ
Municipality, *s.* ନଗରର କାର୍ଯ୍ୟ ସମ୍ପାଦକ ସମାଜ । [ଔଦାର୍ଯ୍ୟ ।
Munificence, *s.* ଦାନଶୀଳତା, ଦାତାପଣ,
Munificent, *a.* ଦାନୀ, ଅତିଦାତା, ଦାନଶୀଳ, ମୁକ୍ତହସ୍ତ ।
Muniment, *s.* ଗଡ଼, ଦୁର୍ଗ, ଗଡ଼ବନ୍ଦ ।
Munition, *s.* ଯୁଦ୍ଧର ସରଞ୍ଜାମ ବା ଦ୍ରବ୍ୟ ; ଗଡ଼ ।
Mural, *a.* ପ୍ରାଚୀର ସମ୍ବନ୍ଧୀୟ, କାନ୍ଥପରି ।
Murder, *s.* ଜ୍ଞାନକୃତବଧ, ଖୁନ, ନରହତ୍ୟା ।—*v.* ଜ୍ଞାନରେ ବଧ-କ, ଖୁନ ବା ନରହତ୍ୟା-କ । [ଘାତକ, ନାଶକ ।
Murderer, *s.* ଖୁନୀ, ବଧକାରୀ, ହନ୍ତା,
Murderous, *a.* ନିଷ୍ଠୁର, ଅପଘାତୀ, ବଧକାରୀ, ହତ୍ୟାଶୀଳ । [ତତ୍ସମ୍ବନ୍ଧୀୟ ।
Muriatic, *a.* ସମୁଦ୍ରୀୟ ଲବଣରୁ ଜାତ ବା
Murky, *a.* ଅନ୍ଧାରମୟ, ଘୋର ତିମିର ।

Murmur, v. ଅସନ୍ତୋଷ ପ୍ରକାଶ-କ, ବଡ଼୍-ବଡ଼୍-ବଡବଡ଼ି-କ ।—s. ଅରକ୍ତବାକ୍ୟ, ବଡ଼ ବଡ଼, ବକବକ୍, ଅସ୍ପଷ୍ଟର ସ୍ୱର ।

Murrain, s. ପଶୁମାନଙ୍କର ମାରକ ବା ସଂକ୍ରାମକ ରୋଗ ।

Muscle, s. ମାଂସ ପେଶୀ; ରଗ । [ପୁଷ୍ଟ ।

Muscular, a. ପେଶୀମୟ, ବଳବାନ୍, ହୃଷ୍ଟ-

Muse, s. ଧ୍ୟାନ, ଭୋରଚିନ୍ତା; କାବ୍ୟାଧିଷ୍ଠାତ୍ରୀ ଦେବୀ ।—v. ଧ୍ୟାନ-ଚିନ୍ତା-ଭାବନା-କ ।

Museum, s. ଅଦ୍ଭୁତ ବା ଦୁଷ୍ପ୍ରାପ୍ୟ ଦ୍ରବ୍ୟାଳୟ, ରଙ୍ଗଶାଳା ।

Mushroom, s. ଛତୁ, ଭୂଇଁଫୁଲ, ଶିଲୀନ୍ଧ୍ର ।

Music, s. ବାଦ୍ୟ, ବାଜା, ବାଜଣା; ସ୍ୱର ବା ସଂଗୀତବିଦ୍ୟା ।

Musical, a. ସୁଶ୍ରାବ୍ୟ, ମିଷ୍ଟ ସ୍ୱରଯୁକ୍ତ, ସଂଗୀତ ବା ବାଦ୍ୟସମ୍ବନ୍ଧୀୟ । [ବାଜା ।

Musical instrument, s. ବାଦ୍ୟଯନ୍ତ୍ର,

Musician, s. ବାଜାଦାର, ବାଦ୍ୟକର, ତନ୍ତ୍ରୀ ।

Musk, s. କସ୍ତୁରୀ, ମୃଗନାଭି, ମୃଗମଦ ।

Musket, s. ବନ୍ଧୁକ, ଅଗ୍ନେୟାସ୍ତ୍ର ।

Musketeer, s. ବନ୍ଧୁକଧାରୀ ସୈନ୍ୟ ।

Musk-rat, s. ଛୁଞ୍ଚୁନ୍ଦ୍ରୀ, ଛୁଚ୍ଛ, ଗନ୍ଧମୂଷିକ ।

Muslin, s. ମଲମଲ ଇତ୍ୟାଦି ଅତି ସୂକ୍ଷ୍ମବସ୍ତ୍ର ।

Mussalman, s. ପଠାଣ, ମୁସଲମାନ, ଯବନ ।

Mussel, s. ଶାମୁକା, ଶମ୍ବୁକ; କସ୍ତୁରା ।

Must, v. ହେବାକୁ ହେବ; ନୋହିଲେ ନାହିଁ; ଅବଶ୍ୟ କରିବ; ଯିବାକୁ ହେବ; ଅବଶ୍ୟକ-ପ୍ରୟୋଜନ- କର୍ତ୍ତବ୍ୟ-ହେ ।—s. ଟାଟକା ମଦସ, ନୂତନ ମଦ ।

Mustaches, s. ମୋଛ, ଦଣ ।

Mustard, s. ସୋରିଷ, ସର୍ଷପ; ରାଇ ।

Muster, v. ଏକତ୍ର-ଜମା-ସଂଖ୍ୟା-ସଂଗ୍ରହ-କ ।—s. ସଂଗ୍ରହ, ଗଣନା; ନମୁନା ।

Muster-roll, s. ସୈନ୍ୟମାନଙ୍କର ନାମ ଲେଖିତ ଫର୍ଦ୍ଦ ।

Musty, a. ଗନ୍ଧିଆ, ଛତୁଆ, ପଚା ।

Mutability, s. ପରିବର୍ତ୍ତନୀୟତା, ଅନିତ୍ୟତା, ଅସ୍ଥିରତା । [ଚଞ୍ଚଳ ।

Mutable, a. ପରିବର୍ତ୍ତନୀୟ, ଅନିତ୍ୟ, ଅସ୍ଥାୟୀ

Mutation, s. ବଦଳ, ପରିବର୍ତ୍ତନ, ରୂପାନ୍ତର, ଅନ୍ୟଥାକରଣ ।

Mute, a. ମୂକ, ମୌନୀ, ନୀରବ, ଚୁପ୍ ।—s. ମୂକ, ନିଃଶବ୍ଦ, ବୋବା, ଅବାକ୍ ।

Mutilate, v. ଅଙ୍ଗଚ୍ଛେଦନ-ବିକୃତ-କ, କାଟିବା

Mutilation, s. ଅଙ୍ଗଚ୍ଛେଦନ, ଅଙ୍ଗଚ୍ଛେଦ ।

Mutineer, s. ଅବଶ ବ୍ୟକ୍ତି; ଦ୍ରୋହୀ ।

Mutinous, a. ଅନାୟତ୍ତ, ଅବଶ, ଅବାଧ୍ୟ, ଦଙ୍ଗାବାଜ ।

Mutiny, v. ଅବାଧ୍ୟ-ଅବଶ-ହେ, ସୈନ୍ୟ ବା ନାବିକ ଅଧ୍ୟକ୍ଷ ଦ୍ରୋହ-କ, କର୍ତ୍ତୃପକ୍ଷ ବିରୁଦ୍ଧେ ଉଠିବା ।—s. ଗଣ୍ଡଗୋଳ, କଳହ, ସୈନ୍ୟ ବା ନାବିକ ଅଧ୍ୟକ୍ଷର ଦ୍ରୋହ ।

Mutter, v. ବଡ଼ବଡ଼-ବକବକ୍-କ, ଅସ୍ପଷ୍ଟରୂପେ-କହ ।

Mutton, s. ମେଣ୍ଢାମାଂସ, ଭେଡ଼ମାଂସ ।

Mutual, a. ଅନ୍ୟୋନ୍ୟ, ପରସ୍ପର, ଉଭୟର ।

Mutually, ad. ପରସ୍ପରରେ, ଉଭୟେ, ଦୁହିଁଙ୍କର ପକ୍ଷେ ।

Muzzle, s. ପଶୁର ବା ବନ୍ଧୁକର ମୁହଁ; ମୁହଁଜାଲି, ତୁଣ୍ଡୀ ।—v. ମୁହଁବାନ୍ଧିବା, ତୁଣ୍ଡୀ ବା ମୁହଁଜାଲି-ଦେ ।

My, *pro.* ଆମ୍ଭର, ମୋର ।

Myriad, s. ଅୟୁତ, ଦଶ ହଜାର ସଂଖ୍ୟା ।

Myrmidon, s. ଅସଭ୍ୟ ସୈନ୍ୟ, ଡକାଇତ ।

Myrrh, s. ଗନ୍ଧରସ, ସୁଗନ୍ଧିନିର୍ଯ୍ୟାସ ବିଶେଷ ।

Myrtle, s. ବିଲାତି ମେହେନ୍ଦୀ ।

Myself, *pro.* ଆପେ, ନିଜେ, ସ୍ୱ, ସ୍ୱୟଂ ।

Mysterious, *a.* ନିଗୂଢ଼, ଗୁପ୍ତ, ଗମ୍ଭୀର, ଅସ୍ପଷ୍ଟ ।

Mysteriousness, *s.* ନିଗୂଢ଼ତା, ବୋଧାଗମ୍ୟତ୍ୱ । [ବିଷୟ; ତ୍ରିତ୍ୱଧର୍ମ ।

Mystery, *s.* ନିଗୂଢ଼ କଥା, ବୋଧାଗମ୍ୟ

Mystic, *a.* ଅସ୍ପଷ୍ଟ, ଗୁପ୍ତ, ଗୂଢ଼, ଅପ୍ରକାଶିତ ।

Mythological, *a.* କବିକଳ୍ପିତ ଦେବାଦି ବିଷୟକ । [କଥା, ପୁରାଣ ଶାସ୍ତ୍ର ।

Mythology, *s.* କଳ୍ପିତ ଦେବାଦି ବିଷୟକ

## N.

N, ଇଂରାଜୀ ବର୍ଣ୍ଣମାଳାର ଚତୁର୍ଦ୍ଦଶାକ୍ଷର ।

Nab, *v.* ହଠାତ୍ ଧରିବା, ନେଇ ରଖିବା ।

Nabob, *s.* ନବାବ, ହିନ୍ଦୁସ୍ଥାନ ରାଜାମାନଙ୍କର ଉପାଧି ବିଶେଷ, ଅତି ଧନୀ ।

Nadir, *s.* ଭୂମଣ୍ଡଳର ଅଧୋବିନ୍ଦୁ, ପାଦର ତଳେ ଯେ ସ୍ଥାନ ।

Nag, *s.* କ୍ଷୁଦ୍ର ଘୋଡ଼ା, ଟଟ୍ଟୁ ।

Naiad, *s.* କଳ୍ପିତ ଜଳଦେବୀ ।

Nail, *s.* ନଖ; ଲୁହାର କଣ୍ଟା ବା ମେଖ; ଅଢ଼େଇ ଇଞ୍ଚର ମାପ ।—*v.* କଣ୍ଟା ବା ମେଖ ମାରିବା ।

Naked, *a.* ଉଲଗ୍ନ, ବସ୍ତ୍ରହୀନ, ଲଙ୍ଗଳା; ପ୍ରତ୍ୟକ୍ଷ । [ଅନାବୃତତ୍ୱ ।

Nakedness, *s.* ଉଲଗ୍ନତା, ଉଲଙ୍ଗତା,

Name, *s.* ନାମ, ସଂଜ୍ଞା, ପଦବୀ, ଉପାଧି ଯଶଃ. ସୁଖ୍ୟାତି, କୀର୍ତ୍ତି ।—*v.* ନାମ-ଦେ, ଡାକିବା, ନାମ ଧରି-କହ, ଉଲ୍ଲେଖ-କ, ।

Nameless, *a.* ନାମହୀନ, ଅଜ୍ଞାତନାମକ, ବେନାମୀ ।

Namely, *ad.* ବିଶେଷତଃ, ଅର୍ଥାତ୍, ଯଥା ।

Namesake, *s.* ଏକନାମକ, ସ୍ୱନାମକ, ମିତ ।

Nap, *s.* ଅଳ୍ପନିଦ୍ରା, ଢୁଳ; ବସ୍ତ୍ରର ଅଶୁଁ ବା ରୁଅଁ ।—*v.* ଢୁଳାଇବା, ଝୋଲାଇବା, ଅନ୍ୟାଯତ୍ତ-ହେ ।

Nape, *s.* ଗ୍ରୀବା, ବେକର ପଛ ।

Naptha, *s.* ତୈଳବିଶେଷ ।

Napkin, *s.* ଗାମୁଛା, ରୁମାଲ, ପାଦମାର୍ଜ୍ଜନୀ ।

Narcotic, *a.* ନିଦ୍ରାଜନକ, ମାଦକ ।

Nard, *s.* ଜଟାମାଂସୀ, ସୁଗନ୍ଧି ପ୍ରଲେପବିଶେଷ ।

Narrate, *v.* ବିବରଣ ବା ବୃତ୍ତାନ୍ତ-କହ ।

Narration, *s.* ବର୍ଣ୍ଣନା ବିବରଣ ।

Narrative, *s.* ବିବରଣ, ବୃତ୍ତାନ୍ତ, ଇତିହାସ ।

Narrator, *s.* ବିବରଣବକ୍ତା, ବର୍ଣ୍ଣକ, ଉପାଖ୍ୟାନବେତ୍ତା ।

Narrow, *a.* ଅପ୍ରଶସ୍ତ, କମଚଉଡ଼ା, ଅଳ୍ପ-ପରିସର, କ୍ଷୁଦ୍ର; କୃପଣ, କାର୍ପଣ୍ୟ । [ପ୍ରାୟ କଷ୍ଟେ ।

Narrowly, *ad.* ସୂକ୍ଷ୍ମରୂପେ, ଯତ୍ନପୂର୍ବକ,

Narrow-minded, *a.* କ୍ଷୁଦ୍ରମନାଃ ବା ବୁଦ୍ଧି, କାର୍ପଣ୍ୟ । [ଶଙ୍କା ।

Nasal, *a.* ଅନୁନାସିକ, ନାସିକାସମ୍ବନ୍ଧୀୟ,

Nascent, *a.* ବର୍ଦ୍ଧନଶୀଳ, ବର୍ଦ୍ଧିଷ୍ଣୁ ।

Nastily, *ad.* କୁତ୍ସିତ ବା ଅଶୁଚିରୂପେ ।

Nastiness, *s.* ମଳିନତା, ଅପରିଷ୍କାରତା, ଦୁର୍ଗନ୍ଧତା । [ଘୃଣତା ।

Nasty, *a.* ମଇଳା, ଅଶୁଚି, କୁତ୍ସିତ, ଦୁର୍ଗନ୍ଧି,

Natal, *a.* ଜନ୍ମଦିନ ବା ସ୍ଥାନ ସମ୍ପର୍କୀୟ ।

Nation, *s.* ଏକଜାତି ବା ଦେଶର ଲୋକସମୂହ ।

National, *a.* ଦେଶୀୟ, ସାଧାରଣ, ଦେଶଜ ।

Nationality, *s.* ସ୍ୱଦେଶୀୟତ୍ୱ, ଜାତୀୟତ୍ୱ, ଜନପଦୀୟତ୍ୱ ।

Native, *a.* ସ୍ୱାଭାବିକ, ସ୍ୱଜାତୀୟ, ଦେଶଜ; ଆଦିମ ।—*s.* ଦେଶଜାତଲୋକ ବା ଦେଶୀ ।

Nativity, *s.* ଜନ୍ମ, ଉତ୍ପତ୍ତି; ଜନ୍ମପତ୍ରୀ, ଜାତକ

Natural, *a.* ସ୍ୱାଭାବିକ, ପ୍ରକୃତିସିଦ୍ଧ; ଜାରଜ, ଜନ୍ମା; କୋମଳ; ଯଥାର୍ଥ ।—*s.* ଜନ୍ମାବଧି ପାଗଳ ।
Natural history, *s.* ପଶ୍ୱାଦି ବିଦ୍ୟା ।
Naturalist, *s.* ପଶୁପଦାର୍ଥ ବିଦ୍ୟାବେତ୍ତା ।
Naturalize, *v.* ଜାତିଭୁକ୍ତ-କ; ବିଦେଶୀକୁ ସ୍ୱଦେଶୀୟମାନଙ୍କର କ୍ଷମତା-ଦେ । [କ୍ରମେ ।
Naturally, *ad.* ସ୍ୱଭାବତଃ, ସହଜେ, ସ୍ୱେଚ୍ଛା-
Natural religion, *s.* ସାଂସାରିକ ଯୁକ୍ତି-ସାଧିତ ଧର୍ମ ।
Nature, *s.* ପ୍ରକୃତି, ସ୍ୱଭାବ, ଗୁଣ; ପ୍ରକାର, ଜାତି; ସଂସାର; ସୃଷ୍ଟିକର୍ତ୍ତା । [ଅବସ୍ଥା ।
Naught, *s.* କିଛି ନୋହେ ।—*a.* ଅସାର,
Naughtily, *ad.* ଦୁଷ୍ଟ ବା ଅଧମରୂପେ ।
Naughtiness, *s.* ଦୁଷ୍ଟତା, ବଦାଚାର, ଖଳପଣ, ଇଷ୍ଟାମି ।
Naughty, *a.* ଦୁଷ୍ଟ, ପାପିଷ୍ଠ, ମନ୍ଦ, ଦୁଷ୍ଟ ।
Nausea, *s.* ଉଦ୍ଗାର, ବାନ୍ତିକରିବାଇଚ୍ଛା, ଅରୁଚି, ଘୃଣା । [-ହେ ।
Nauseate, *v.* ଘୃଣା ବା ଅରୁଚି-କ, ବାନ୍ତି
Nauseous, *a.* ବାନ୍ତିଜନକ, ଅପ୍ରୀତିକର, ଘୃଣାଜନକ । [ନାବିକୀୟ ।
Nautical, *a.* ନାବିକ ବିଦ୍ୟାସମ୍ବନ୍ଧୀୟ, ନୌ-
Naval, *a.* ଯୁଦ୍ଧଜାହାଜସମ୍ବନ୍ଧୀୟ, ନାବ୍ୟ ।
Nave, *s.* ଭଜନାଳୟର ମଧ୍ୟଭାଗ; ଚକ୍ରନାଭି ।
Navel, *s.* ନାଭି, ନାହି ।
Navel-string, *s.* ନାହିର ନାଡ଼ି ରଜ୍ଜୁ ।
Navigable, *a.* ଜାହାଜର ବାଟ, ଜାହାଜର ଗମନଯୋଗ୍ୟ । [-କ ।
Navigate, *v.* ଜାହାଜ ଦ୍ୱାରା ଗମନାଗମନ
Navigation, *s.* ଜାହାଜ ଚଳାଇବା ବିଦ୍ୟା; ନାବିକର ଗମନାଗମନ ।
Navigator, *s.* ନାବିକ, ଜାହାଜର ଅଧ୍ୟକ୍ଷ ।

Navy, *s.* ଯୁଦ୍ଧ ଜାହାଜସମୂହ ।
Nay, *ad.* ନା, ନାହିଁ, ନୁହେ; ବରଂ, ମାତ୍ର ।
Neap-tide, *s.* ଅଳ୍ପଜୁଆର, ମନ୍ଦ ଜୁଆର ।
Near, *pr.* ନିକଟ, ସମୀପ ନିକଟରେ ।—*a.* ନିକଟସ୍ଥ, ସମୀପସ୍ଥ; ପ୍ରିୟ; କୃପଣ ।
Near, Nearly, *ad.* ପ୍ରାୟ, ନିକଟେ, ପାଖରେ, ନିକଟରେ । [କଟେଣତା ।
Nearness, *s.* ନୈକଟ୍ୟ, ସାମୀପ୍ୟ, କୃପଣତା,
Neat, *a.* ସୁଦୃଶ୍ୟ, ଉତ୍ତମ, ପରିଷ୍କୃତ ।
Neatly, *ad.* ଉତ୍ତମ-ସୁନ୍ଦର-ପରିଷ୍କାରରୂପେ ।
Neatness, *s.* ସୁଦୃଶ୍ୟତା, ଉତ୍ତମତା, ଶୁଦ୍ଧତା ।
Nebula, *s.* ଛାୟାନୀହାରିକା, ନକ୍ଷତ୍ର ସମୂହ ।
Nebulous, *a.* ମେଘାଚ୍ଛନ୍ନ, କୁଜ୍ଝଟିଆ ।
Necessaries, *s.* ଅବଶ୍ୟକଦ୍ରବ୍ୟ, ଅହାରଦ୍ରବ୍ୟ; ଜୀବନଧାରଣବସ୍ତୁ, ସାମଗ୍ରୀ ।
Necessarily, *ad.* ପ୍ରୟୋଜନୀୟ ବା ଅବଶ୍ୟକରୂପେ, ସୁତରାଂ ।
Necessary, *a.* ଅବଶ୍ୟକ, ଜରୁରୀ, ପ୍ରୟୋଜନୀୟ, ଦରକାରୀ, ଯାହା ନୋହିଲେ ନୁହେ ।
Necessitate, *v.* ଅବଶ୍ୟକ-ପ୍ରୟୋଜନ-କ; ବଶ-କ । [ଯାଚକ ।
Necessitous, *a.* ଦରିଦ୍ର, କାଙ୍ଗାଳ, ଦୁଃଖୀ,
Necessity, *s.* ଅବଶ୍ୟକତା, ପ୍ରୟୋଜନୀୟତା; ଦରିଦ୍ରତା; ଅଦୃଷ୍ଟ, କପାଳ ।
Neck, *s.* ଗଳା, କଣ୍ଠ, ବେକ, ଗ୍ରୀବା ।
Neckcloth, *s.* ଗଳାବନ୍ଧା, ଗ୍ରୀବାବନ୍ଧନୀ ।
Necklace, *s.* ମାଳ, ହାର, କଣ୍ଠି, କଣ୍ଠାଭରଣ ।
Necrology, *s.* ମୃତବ୍ୟକ୍ତିମାନଙ୍କର ବିବରଣ ।
Necromancer, *s.* ଗୁଣି, ଯାଦୁକର, ଭୂତାଦି ବିଦ୍ୟାବେତ୍ତା । [ମନ୍ତ୍ର ।
Necromancy, *s.* ଭୌତିକବିଦ୍ୟା, ଜାଦୁଗିରି,
Nectar, *s.* ଅମୃତ, ସୁଧା, ଦେବପେୟଦ୍ରବ୍ୟ ।

**Nectarine**, *a.* ଅମୃତତୁଲ୍ୟ, ମଧୁର, ମିଷ୍ଟ । —*s.* ଫଳବିଶେଷ ।

**Need**, *s.* ଦରିଦ୍ରତା, ଅପ୍ରତୁଳ, ଦୁର୍ଦ୍ଦଶା, ଅଭାବ ।—*v.* ଆବଶ୍ୟକ- ଅଭାବ- ପ୍ରୟୋଜନ-ହେ ।

**Needful**, *a.* ଆବଶ୍ୟକୀୟ, ପ୍ରୟୋଜନୀୟ, ଜରୁରି, ଦରକାରି ।

**Needle**, *s.* ସୂଚି, ଛୁଞ୍ଚି ; ଚୋମ୍ବକର କଣ୍ଟା ।

**Needless**, *a.* ନିଷ୍ପ୍ରୟୋଜନ, ଅନାବଶ୍ୟକ, ଅକାରଣ । [କର୍ମ ।

**Needlework**, *s.* ସୂଚି ବା ଛୁଞ୍ଚିକର୍ମ, ସିଲାଇ-

**Needs**, *ad.* ଅବଶ୍ୟ, ନିତାନ୍ତ ।

**Needy**, *a.* ନିର୍ଦ୍ଧନ, ଦରିଦ୍ର, ଦୁଃଖୀ, ଅକିଞ୍ଚନ ।

**Nefarious**, *a.* ଅତିଘୃଣ୍ୟ, କୁତ୍ସିତ, ପାପିଷ୍ଠ ।

**Negation**, *s.* ଅସ୍ୱୀକାର, ଅସମ୍ମତି, ଅନଙ୍ଗୀକାର, ନା ।

**Negative**, *s.* ଅସ୍ୱୀକାରସୂଚକ ଅବ୍ୟୟଶବ୍ଦ, ଯଥା—ନା ।—*v.* ଅପ୍ରମାଣ-ଅଗ୍ରାହ୍ୟ-ନାସ୍ତି-ଅସ୍ୱୀକାର-ନାହିଁ-କ । [ସୂଚକ ।

**Negatively**, *ad.* ଅସ୍ୱୀକାର ବା ଅସମ୍ମତି-

**Neglect**, *v.* ତ୍ରୁଟି- ଅମନୋଯୋଗ- ହେଳା- ଭୁଲି-କ ।—*s.* ତ୍ରୁଟି, ଅବହେଳା, ଅନାଦର, ଅମନୋଯୋଗ ।

**Negligence**, *s.* ଅବହେଳା, ଅମନୋଯୋଗ, ଅସାବଧାନତା । [ଢିଲା ।

**Negligent**, *a.* ଅନବଧାନ, ଅମନୋଯୋଗୀ,

**Negotiable**, *a.* ବ୍ୟବସାୟ ବା କ୍ରୟବିକ୍ରୟ ଯୋଗ୍ୟ, କାରବାରି ।

**Negotiate**, *v.* ସନ୍ଧି ବିଷୟରେ କଥୋପକଥନ-କ; ବନ୍ଦୋବସ୍ତ- ସନ୍ଧି- ବାଣିଜ୍ୟ-କ ।

**Negotiation**, *s.* ବାଣିଜ୍ୟ, କାରବାର, କୌଣସି ବିଷୟରେ କଥାବାର୍ତ୍ତା, ନିୟମ ।

**Negro**, *s.* ଅଫ୍ରିକା ଦେଶର ଏକ ଜାତୀୟ ଲୋକ ।

**Negus**, *s.* ମଦ୍ୟ, ଚିନି ଲେମ୍ବୁରସ ଓ ଜାଇଫଳ ମିଶ୍ରିତ ପେୟଦ୍ରବ୍ୟ ।

**Neigh**, *s.* ହ୍ରେଷା, ଅଶ୍ୱନାଦ, ଘୋଡ଼ାରରବ । —*v.* ହ୍ରେଷା- ଅଶ୍ୱର ଧ୍ୱନି-କ । [ସୀ ।

**Neighbour**, *s.* ପ୍ରତିବାସୀ, ପଡ଼ୋଶୀ, ପଡ଼ି-

**Neighbourhood**, *s.* ସ୍ଥାନ, ପାଖ, ନିକଟ ।

**Neighbouring**, *a.* ନିକଟବର୍ତ୍ତୀ, ସମୀପସ୍ଥ, ପାଖର ।

**Neighbourly**, *ad.* ମିତ୍ରବତ୍, ଆତ୍ମୀୟ, ପଡ଼ୋଶୀ ପରି, ଉପକାରଶୀଳ ।

**Neither**, *pro.* ଏହି ନାହିଁ ସେହି ନାହିଁ । —*ad.* ଏହିକି ନୁହେ ସେହିକି ନୁହେ, କେହି ନୁହେ । [ଆପତ୍ତିରେ ।

**Nem Con.**, ସମସ୍ତଙ୍କର ସମ୍ମତିରେ, ବିନା

**Neophyte**, *s.* ନୂତନ ମତାବଲମ୍ବୀ ବ୍ୟକ୍ତି ।

**Nephew**, *s.* ଭାଇର ପୁଅ, ପୁତୁରା; ଭଉଣୀର ପୁଅ, ଭଣଜା ।

**Nepotism**, *s.* ସ୍ୱଜନ ପୁତ୍ରାଦିର ପ୍ରତି ସ୍ନେହ ।

**Nereid**, *s.* କଳ୍ପିତ ଜଳଦେବୀ ।

**Nerve**, *s.* ଶିରା, ଶିର, ରଗ ; ବଳ, ଶକ୍ତି, ସାହସ

**Nerveless**, *s.* କ୍ଷୀଣ, ଅସମର୍ଥ, ଦୁର୍ବଳ, ନିସ୍ତେଜ

**Nervous**, *a.* ଶିରାମୟ, ସତେଜ, ସବଳ ; ଦୁର୍ବଳ ।

**Nest**, *s.* ପକ୍ଷୀର ବସା, ନୀଡ଼, ବାସସ୍ଥାନ ।

**Nestle**, *v.* ପକ୍ଷୀର ଛୁଆପରି ପାଖେ ଶୋଇବା ; ପକ୍ଷୀପ୍ରାୟ ବସାରେ ଛୁଆ ପ୍ରତିପାଳନ-କ ।

**Nestling**, *s.* ବସାରେ ଥିବା ପକ୍ଷୀର ଛୁଆ ; ନୂତନ ଜାତ ଛୁଆ ।

**Net**, *s.* ଜାଲ, ଫାନ୍ଦ, କୂଟଯନ୍ତ୍ର, ବାଗୁରା ।

**Nether**, *a.* ଅଧଃସ୍ଥ, ତଳସ୍ଥ, ନୀଚସ୍ଥ ।

**Nethermost**, *a.* ସବୁଠାରୁ ନୀଚ, ସର୍ବାଧଃ ।

**Nettle**, *s.* ବିଛୁଆତି ପତ୍ର ବୃକ୍ଷବିଶେଷ ।—*v.* ବିରକ୍ତ-ଚିଡ଼ା-କ, ରାଗାଇବା ।

Network, *s.* ଜାଲି, ଜାଫରି ବା ଜାଲିରକର୍ମ ।
Neuter, *s.* ଅପକ୍ଷପାତ; କ୍ଳୀବଲିଙ୍ଗ ।
Neutral, *a.* ଅପକ୍ଷପାତୀ, କୌଣସି ପକ୍ଷର ନୁହେ
Neutrality, *s.* ଅପକ୍ଷପାତତ୍ୱ ।
Never, *ad.* କେବେ ନାହିଁ, କଦାଚ ନୁହେ ।
Nevertheless, *ad.* ତଥାଚ, ତେବେ, ତଥାପି, ଅଥାଚ ।
New, *a.* ଅଧୁନିକ, ନୂତନ, ନବୀନ, ନୂଆ; ଟାଟକା, ତାଜା; ବର୍ତ୍ତମାନ । [ନୂଆସ୍ୱୀ ।
Newfangled, *a.* ନବ ସୃଷ୍ଟ, ଅଧୁନିକ ମତା-
New-fashioned, *a.* ନୂତନମତାନୁଯାୟୀ ।
Newly, *ad.* ଅଳ୍ପଦିନର, ନୂତନରୂପେ ।
Newness, *s.* ନୂତନତା, ନବୀନତା, ନବ୍ୟତା ।
News, *s.* ନୂଆକଥା, ଖବର, ସମ୍ବାଦ, ସମାଚାର ।
Newspaper, *s.* ଖବରକାଗଜ, ସମ୍ବାଦପତ୍ର ।
Next, *a.* ଅତିନିକଟ, ପାଖେ; ଲଗାଲଗି । —*ad.* ତହିଁଉତ୍ତାରୁ; ପଶ୍ଚାତ୍, ପଛେ, ଅନନ୍ତରେ । [ବା ଅଗ ।
Nib, *s.* ଅଗ୍ରଭାଗ, ପକ୍ଷୀର ଥଣ୍ଟ; କଲମର ମୁନ
Nibble, *v.* ମାଛପରି ଟିକିଟିକି କାମୋଡିବା; ଦୋଷାନ୍ୱେଷଣ-କ ।
Nice, *a.* ଶୁଦ୍ଧ, ସୂକ୍ଷ୍ମ, ଉତ୍ତମ, ସ୍ୱାଦୁ ।
Nicely, *ad.* ସୂକ୍ଷ୍ମରୂପେ, ଉତ୍ତମରୂପେ, ଠିକ୍‌ରୂପେ ।
Nicety, *s.* ସୂକ୍ଷ୍ମତା, ଉତ୍ତମତା, ଶୁଦ୍ଧତା, ସୂକ୍ଷ୍ମବିବେଚନା । [ଠଣା ।
Niche, *s.* ମୂର୍ତ୍ତ୍ୟାଦି ରଖିବା କାନ୍ଥଗର୍ତ୍ତ ବା
Nick, *s.* ସୁଯୋଗ, ସୁସମୟ; ଖାଞ୍ଜ, ଘର; ଗଣ୍ଡାଚିହ୍ନ ।—*v.* ଖାଞ୍ଜ ବା ଘର କାଟିବା; ସୁଯୋଗରେ ଆସିବା ।
Nickname, *s.* ନିନ୍ଦନାମ ବା ଅପମାନଜନକ ନାମ । [ଭଉଣୀର ଝିଅ ।
Niece, *s.* ଭାଇର ଝିଅ, ଝିଅସ୍ତ୍ରୀ; ଭଣିଜୀ,
Niggard, *s.* କୃପଣ ବା କାର୍ପଣ୍ୟବ୍ୟକ୍ତି, ଅଦାତା ।
Niggardly, *ad.* ବ୍ୟୟକୁଣ୍ଠ ବା କୃପଣରୂପେ
Nigh, *ad.* ନିକଟରେ, ପାଖରେ, ଅତିରେ, ପ୍ରାୟ ।
Night, *s.* ରାତ୍ରି, ରାତ, ନିଶା, ରଜନୀ, ଯାମିନୀ ।
Night-cap, *s.* ରାତ୍ରିଟୋପି । [ଖାଦ ।
Night-dress, *s.* ରାତ୍ରିର ପରିଚ୍ଛଦ ବା ପୋ-
Nightingale, *s.* ମଧୁରସ୍ୱର ପକ୍ଷିବିଶେଷ ।
Nightly, *ad.* ରାତ୍ରିକୃତ, ରାତ୍ରିକାଳର, ରାତିରେ, ପ୍ରତିରାତ୍ରିରେ ।
Nightmare, *s.* କୁସ୍ୱପ୍ନ, ଦୁଃସ୍ୱପ୍ନ, ବୋବାନି ।
Nightshade, *s.* ଧାତୁରା, ବିଷବୃକ୍ଷ ବିଶେଷ ।
Night-walker, *s.* ନିଦ୍ରାରେ ଭ୍ରମଣକାରୀ, ମନ୍ଦକର୍ମାର୍ଥେ ରାତିରେ ବୁଲିବା ଲୋକ ।
Night-watch, *s.* ରାତ୍ରିର ପ୍ରହରୀ ।
Nil, *s.* କିଛି ନାହିଁ, ଶୂନ୍ୟ ।
Nimble, *a.* ଦ୍ରୁତ, ବେଗ, ଚଞ୍ଚଳ, ସତର୍କ ।
Nimbly, *ad.* ଦ୍ରୁତ ବା ସତ୍ୱର ବା ଶୀଘ୍ରରୂପେ ।
Nine, *a.* ନଅ, ନବ ।
Nine-fold, *a.* ନଅଗୁଣ ।
Nineteen, *a.* ଊଣେଇଶ, ଊନବିଂଶତି ।
Nineteenth, *a.* ଊନବିଂଶତିତମ ।
Ninetieth, *a.* ନବତିତମ, ନବେ ।
Ninety, *a.* ନବେ, ନବେ, ନବତି ।
Ninny, *s.* ମୂଢ଼ ଅବା ନିର୍ବୋଧବ୍ୟକ୍ତି ।
Ninth, *a.* ନବମ ।
Nip, *v.* ଚିମୁଟିବା, କାଟିବା, କାମୁଡିବା; ବିନାଶ-କ ।—*s.* ଚିମୁଟା, କାମୁଡା; ବିନାଶ; ଅଣ୍ଟା ।
Nippers, *s.* ଚିମୁଟା, ସଂଦ୍ରଶୀ ।
Nipple, *s.* ସ୍ତନର ଅଗ୍ର, ଚୁଚୁକ, ଚୁଚୁମୁଣ୍ଡି, ଚୁଚୁକ, କୁଚାଗ୍ର; ବନ୍ଧୁକରେ ଟୋପି ଲଗାଇବା ସ୍ଥାନ ।

Nit, *s.* ନିଶ, ଉକୁଣିଅଦର ଡିମ୍ବ ।

Nitre, *s.* ସୋରା, ଯବକ୍ଷାର, ଲବଣବିଶେଷ ।

No, *ad.* ନା, ନାହିଁ, ନୋହେ, ନୁହେ, ନୁହଇ ।

Nobility, *s.* କୁଳୀନସମୂହ; ବଡ଼ଲୋକ; ମହିମା, ଗୌରବ ।

Noble, *a.* ମହାକୁଳଜାତ; ମହିମାଯୁକ୍ତ; ମହାମହିମ ।

Nobleman, *s.* କୁଳୀନ ବା ମହତ୍ ବ୍ୟକ୍ତି ।

Nobly, *ad.* ମାହାତ୍ମ୍ୟପୂର୍ବକ, ପ୍ରତାପେ, ସାହସେ ।

Nobody, *s.* କେହି ନୁହେ ।

Nocturnal, *a.* ରାତ୍ରିକାଳେ, ରାତ୍ରିବିଷୟକ ।

Nod, *v.* ମୁଣ୍ଡ ନୁଆଁଇବା ବା ହଲାଇବା; ଢୁଲାଇବା, ଇସାରିବା ।—*s.* ମୁଣ୍ଡହଲା, ଇଶାରା; ଅଳ୍ପପ୍ରଣାମ; ଘୁମ, ଢୋଲ ।

Noddle, *s.* ମୁଣ୍ଡ, ମସ୍ତକ, ମଥା ।

Node, *s.* ଗଣ୍ଠି; ଫୁଲା; *in astronomy*, (ascending-) ରାହୁ; (descending-) କେତୁ ।

Nodule, *s.* କ୍ଷୁଦ୍ର ପୁଟୁଳି, ଢେଲା ।

Noise, *s.* ଗୋଳ, ଶବ୍ଦ, ଧ୍ୱନି, ରାବ ।—*v.* ପ୍ରକାଶ- ପ୍ରଚାର- ରବ- ଶବ୍ଦ-କର ।

Noisome, *a.* ଅନିଷ୍ଟକର, ଅପକାରୀ; ମନ୍ଦ; ଘୃଣ୍ୟ; ଦୁର୍ଗନ୍ଧୀ । [ଗୋଳ ।

Noisy, *a.* ଶବ୍ଦକାରୀ, ଗଣ୍ଡଗୋଳିଆ, କଳିଆ-

Nomenclature, *s.* ନାମକରଣ, ଶବ୍ଦକୋଷ, ଅଭିଧାନ ।

Nominal, *a.* ନାମମାତ୍ର; କୃତ୍ରିମ, ଅପ୍ରକୃତ ।

Nominally, *ad.* ନାମମାତ୍ରେ, ନାମରେ, ମିଥ୍ୟା ବା କଳ୍ପିତରୂପେ ।

Nominate, *v.* ନାମ-କର, ନାମ-ଦେ, ନିଯୁକ୍ତ-ମୁକରର-କର । [କର ନିର୍ଦ୍ଦିଷ୍ଟକରଣ ।

Nomination, *s.* ସମର୍ପଣ,ନିଯୋଜନ,ନାମ

Nominative, *s.* କର୍ତ୍ତୃକାରକ ଶବ୍ଦ, କ୍ରିୟାର କର୍ତ୍ତା ।

Nominee, *s.* ନାମରେ ନିଯୁକ୍ତ ବ୍ୟକ୍ତି ।

Non, *s.* ଅନ୍ୟଥାଭାବସୂଚକ ଶବ୍ଦ, ଯଥା:- nonage. [ବାଲ୍ୟାବସ୍ଥା ।

Nonage, *s.* ଅପ୍ରାପ୍ତବୟସ୍କତା, ନାବାଳକତା,

Nonce, *s.* ଅଭିପ୍ରାୟ ; ମାନସ ; ପ୍ରୟୋଜନ ।

Non-conductor, *s.* ବହ୍ନ୍ୟାଦି ଅପ୍ରଚଳକ ପଦାର୍ଥ ।

Nonconformist, *s.* ସ୍ଥାପିତମତେ ଅସ୍ୱୀକୃତ ବ୍ୟକ୍ତି, ସ୍ୱେଚ୍ଛାମତେ ଉପାସନାକାରୀ ।

Nondescript, *a.* ଅବର୍ଣ୍ଣିତ, ବର୍ଣ୍ଣନ ଭିନ୍ନ, ଅନୁକ୍ତ ।

None, *a.* କେହି ନୁହେ, କିଛି ନାହିଁ ।

Nonentity, *s.* ଅସତ୍ତ୍ୱ, ଅବର୍ତ୍ତମାନତ୍ୱ,ଅବସ୍ତୁ, କଳ୍ପିତମାତ୍ର । [ଜନ ।

Non-essential, *a.* ଅନାବଶ୍ୟକ, ଅପ୍ରୟୋ-

Nonesuch, *s.* ଅତୁଲ୍ୟ ପଦାର୍ଥ,ଅନୁପମଦ୍ରବ୍ୟ, ଅଦ୍ୱିତୀୟ ବିଷୟ । [ମାନତ୍ୱ ।

Non-existence, *s.* ଅସତ୍ତ୍ୱ ; ଅଭାବ, ଅବର୍ତ୍ତ-

Nonplus, *s.* ଅପ୍ରସ୍ତୁତ, ସାବଧ; ନିରୁତ୍ତର ।

Nonsense, *s.* ଅନର୍ଥକବାକ୍ୟ, ମାହାଳିଆ, ଉଟଉଟ ; ତୁଚ୍ଛବସ୍ତୁ ।

Nonsensical, *a.* ଅନର୍ଥକ, ଅସଙ୍ଗତ ।

Nonsuit, *v.* ନାଲିଶ ନାମଞ୍ଜୁର- ଅସ୍ୱୀକାର- ଖାରିଜ- ନିନସୁଟ-କର ।

Noodle, *s.* ବାତୁଲ,ମୂର୍ଖ,ନିର୍ବୋଧ, ବୋକା ।

Nook, *s.* କୋଣ, ଗୁପ୍ତସ୍ଥାନ, ଫାଙ୍କ ।

Noon, Noonday, *s.* ମଧ୍ୟାହ୍ନସମୟ, ଦୁଇ ପ୍ରହର ବେଳ ।

Noose, *s.* ଫାଶ, ଗଳାସି ।—*v.* ଫାଶରେ ଧରିବା, ଗଳାସି-ଦେ । [ନୋହେ ।

Nor, *conj.* ନା, ନୋହେ, ଏମନ୍ତ ନ ତେମନ୍ତ

Normal, *a.* ନିୟମାନୁସାରୀ ; ମୂଳ ବିଦ୍ୟା-ସମ୍ବନ୍ଧୀୟ ।

North, *a.* ଉତ୍ତରଦିଗର ବା ଦିଗସ୍ଥ ।—*s.* ଉତ୍ତର, ଉତ୍ତରଦିଗ, ଉଦକ୍ ।

North-east, *s.* ଈଶାନ ବା ଉତ୍ତର ପୂର୍ବ କୋଣ । [ଉଦୀଚୀନ ।

Northerly, *a.* ଉତ୍ତରଦିଗସ୍ଥ, ଉତ୍ତରୀୟ.

North-pole, *s.* ଉତ୍ତର କେନ୍ଦ୍ର, ସୁମେରୁ ।

North-star, *s.* ଧ୍ରୁବନକ୍ଷତ୍ର, ଧ୍ରୁବ ।

Northward, *ad.* ଉତ୍ତରଦିଗେ, ଉତ୍ତରମୁଖେ । [କୋଣ ।

North-west, *s.* ବାୟୁକୋଣ, ଉତ୍ତରପଶ୍ଚିମ

Nose, *s.* ନାକ, ନାସିକା, ନାସା ।

Nosegay, *s.* ଫୁଲ୍‌ପେଣ୍ଡା, ପୁଷ୍ପଗୁଚ୍ଛ, ସ୍ତବକ ।

Nose-ring, *s.* ନଥ, ନାସିକାଭରଣବିଶେଷ ।

Nostril, *s.* ନାସାରନ୍ଧ୍ର, ନାସିକାଛିଦ୍ର ବା ପୁଡା ।

Nostrum, *s.* ଅପ୍ରକାଶିତ ଔଷଧ ।

Not, *ad.* ନା, ନାହିଁ, ନୋହେ, ନୁହଇ ।

Notable, *a.* ପ୍ରସିଦ୍ଧ, ସ୍ମରଣୀୟ, ବିଖ୍ୟାତ ।

Notably, *ad.* ପ୍ରସିଦ୍ଧରୂପେ, ସ୍ମରଣୀୟରୂପେ ।

Notary, *s.* ନିୟମପୂର୍ବକ ବ୍ୟବସ୍ଥାମତେ ଲେଖି ରଖେ ଯେ ।

Notation, *s.* ଅର୍ଥ, ଟୀକା, ଚିହ୍ନ ବା ଅଙ୍କକରଣ

Notch, *s.* ଛିଦ୍ର, ଦାନ୍ତ, ଖାଞ୍ଜ, ଘାଟ ।

Note, *s.* ଚିହ୍ନ, ଅଙ୍କ; ଟୀକା, ଟିପ୍ପଣୀ; ଖ୍ୟାତି, ଠିକା; ସ୍ୱର; ଚିଟି; ଟୀପ, ଖତ ।—*v.* ଅବଧାନ- ମନୋଯୋଗ-କ, ଟିପି ବା ଲେଖି ରଖିବା ।

Noted, *a.* ପ୍ରସିଦ୍ଧ, ବିଖ୍ୟାତ, ନାମଜାଦା ।

Nothing, *s.* ଅବସ୍ତୁ, ଅପଦାର୍ଥ, କିଛି ନାହିଁ ।

Notice, *s.* ଅବଧାନ; ସଂବାଦ, ବିଜ୍ଞାପନ, ଇସ୍ତିହାର; ବିଜ୍ଞାପନପତ୍ର ।—*v.* ଦୃଷ୍ଟି-ଅବଲୋକନ-ମନୋଯୋଗ-କ ।

Notification, *s.* ବିଜ୍ଞାପନ, ସଂବାଦ, ସମାଚାର

Notify, *v.* ଜ୍ଞାତ-କ, ସମ୍ବାଦ-ଦେ, ଜଣାଇବା ।

Notion, *s.* ଅନୁମାନ, ବୋଧ, ମତ, ମାନସ ।

Notoriety, *s.* ପ୍ରସିଦ୍ଧତା, କୁଖ୍ୟାତି ।

Notorious, *s.* ସର୍ବତ୍ର ପ୍ରସିଦ୍ଧ. ପ୍ରକାଶିତ; ଅଖ୍ୟାତିବିଶିଷ୍ଟ ।

Notwithstanding, *conj.* ତଥାପି, ତଥାତ, ତେବେହେଁ, ନୋହିଲେ । [ଶୂନ୍ୟ ।

Nought, *s.* ନିର୍ଗୁଣ, ଅବସ୍ତୁ, କିଛିନୁହେଁ;

Noun, *s.* ଶବ୍ଦ, ସଂଜ୍ଞା, ନାମବାଚକ ପଦ ।

Nourish, *v.* ପ୍ରତିପାଳନ-କ, ପୋଷିବା ।

Nourisher, *s.* ପ୍ରତିପାଳକ, ପୋଷକ, ଅନ୍ନଦାତା ।

Nourishing, *a.* ପୁଷ୍ଟିକର, ସୁପଥ୍ୟ, ପୋଷକ ।

Nourishment, *s.* ଆହାରୀୟ, ଖାଇବା-ଦ୍ରବ୍ୟାଦି, ପଥ୍ୟ ।

Novel, *a.* ନୂତନ, ଅଧୁନାତନ, ଅସାମାନ୍ୟ ।—*s.* ପୁସ୍ତକବିଶେଷ; ଉପକଥା, ଉପାଖ୍ୟାନ ।

Novelist, *s.* ଉପାଖ୍ୟାନ ବା ଉପକଥା ଲେଖକ ।

Novelty, *s.* ନବ୍ୟତା; ନୂତନବିଷୟ, ନୂତନ କୌଣସି ଅଶ୍ରୁତପୂର୍ବ ଦ୍ରବ୍ୟ ।

November, *s.* ଇଂରାଜୀ ବର୍ଷର ଏକାଦଶ ମାସ, ନବେମ୍ବର ମାସ ।

Novice, *s.* ଅପଟୁ, ନୂତନଶିଷ୍ୟ, ନବ୍ୟଲୋକ ।

Novitiate, *s.* ନବଶିଷ୍ୟତ୍ୱ, ଶିକ୍ଷା ବା ଅଭ୍ୟାସ କରିବା ସମୟ; ନୂତନ ଶିଷ୍ୟ ।

Now, *ad.* ଏକ୍ଷଣେ, ଏହିକ୍ଷଣି, ଏବେ, ବର୍ତ୍ତମାନ ।

Now-a-days, *ad.* ଆଜିକାଲି, ଏବକେ, ଏସମୟରେ; ଅଧୁନା । [ନାହିଁ ।

Nowhere, *ad.* କେଉଁଠାରେ ନାହିଁ, କାହିଁରେ

Nowise, *ad.* କୌଣସିମତେ ନୁହେଁ, କୌଣସି ପ୍ରକାରେ ନୁହେଁ ।

Noxious, *a.* ହିଂସକ, ଘାତକ, ଦ୍ୱେଷୀ, ଅପ-
କାରକ । [ଗାଜ ।
Nucleus, *s.* ବର୍ଦ୍ଧନଶୀଳ ଦ୍ରବ୍ୟର ମୂଳ ବା
Nude, *a.* ନଙ୍ଗଳା, ଉଲଙ୍ଗ, ଅନାବୃତ ।
Nudity, *s.* ଉଲଙ୍ଗତା, ନଙ୍ଗଳଅବସ୍ଥା; ନଗ୍ନତା ।
Nugatory, *a.* ନିଷ୍ଫଳ, ମିଥ୍ୟା, ବ୍ୟର୍ଥ, ତୁଚ୍ଛ,
ରଦ ।
Nuisance, *s.* କ୍ଳେଶଜନକ ବସ୍ତୁ, ଦୁର୍ଗନ୍ଧିବସ୍ତୁ ।
Null, *a.* ବୃଥା, ମିଥ୍ୟା, ନିଷ୍ଫଳ ।
Nullify, *v.* ଅନ୍ୟଥା-ମିଥ୍ୟା-ବ୍ୟର୍ଥ-ରଦ-କ ।
Numb, *a.* ସ୍ପନ୍ଦନରହିତ, ଅବଶ, ଜଡ଼, ଅଶକ୍ତ ।
Number, *s.* ସଂଖ୍ୟା, ଗଣନା, ଏକାଦି ଅଙ୍କ ।
—*v.* ଗଣିବା, ସଂଖ୍ୟା ବା ସୁମାର-କ ।
Numberless, *a.* ଅସଂଖ୍ୟ, ଅଗଣ୍ୟ, ଅସୁ-
ମାର । [ବହୁତ୍ୱ ।
Numbness, *s.* ଅବଶତା, ଜଡ଼ତା, ସ୍ପନ୍ଦନ-
Numerable, *a.* ଗଣନୀୟ, ସଂଖ୍ୟାଯୋଗ୍ୟ,
ଗଣ୍ୟ ।
Numeral, *a.* ଅଙ୍କ ବା ଗଣନାସମ୍ବନ୍ଧୀୟ ।
—*s.* ଅଙ୍କ, ସଂଖ୍ୟା, ଅଙ୍କ ବର୍ଣ୍ଣାତ୍ମକ ଚିହ୍ନ ।
Numeration, *s.* ସଂଖ୍ୟା, ଗଣନା, ସୁମାର ।
Numerator, *s.* ଗଣନାକର୍ତ୍ତା; ଭଗ୍ନକ ବା
ପୂରକ ଅଙ୍କ । [ଅଙ୍କାତ୍ମକ ।
Numerical, *a.* ଅଙ୍କସୂଚକ ବା ବିଷୟକ,
Numerous, *a.* ଅନେକ, ବହୁତ, ବହୁର,
ବହୁସଂଖ୍ୟକ ।
Numismatics, *s.* ଟଙ୍କା ବା ମୁଦ୍ରାବିଦ୍ୟା ।
Numskull, *s.* ମୂର୍ଖ, ଜଡ଼, ନିର୍ବୋଧ, ଅଜ୍ଞାନୀ ।
Nun, *s.* ଉଦାସୀନା ସ୍ତ୍ରୀ, ମଠବାସିନୀ ।
Nuncio, *s.* ପୋପର ପ୍ରତିନିଧି ବା ଦୂତ ।
Nunnery, *s.* ଉଦାସୀନା ସ୍ତ୍ରୀମାନଙ୍କର ମଠ
ବା ବାସଗୃହ ।
Nuptial, *a.* ବିବାହସମ୍ବନ୍ଧୀୟ, ବୈବାହିକ ।
Nuptials, *s.* ବିବାହ, ବିଭା, ପାଣିଗ୍ରହଣ, ସାଦି
Nurse, *s.* ଅମ୍ମା, ଧାଈ; ରୋଗୀର ସେବକ ।
—*v.* ପିଲାକୁ ପୋଷିବା, ଦୁଗ୍ଧପାନ କରା-
ଇବା; ରୋଗୀର ସେବା-କ ।
Nursery, *s.* ପିଲାମାନଙ୍କର କୁଠରୀ; ଗଛ-
ଜନ୍ମାଇବା ବଗିଚା । [ପିଲା ।
Nursling, *s.* ଦୁଧର ବାଳକ, ଦୁଗ୍ଧପୋଷ୍ୟ
Nurture, *s.* ଆହାର, ଭକ୍ଷ୍ୟଦ୍ରବ୍ୟ; ଶିକ୍ଷା,
ଉପଦେଶ ।—*v.* ପୋଷିବା; ପାଳିବା; ଶିକ୍ଷ
-ଦେ ।
Nut, *s.* କଠିନ ଖୋସାଯୁକ୍ତ ଫଳ ।
Nut-crackers, *s.* ଯାନ୍ତି, ଗୁଆକାଟ, ସରତା ।
Nutmeg, *s.* ଜାଇଫଳ, ଜାତିଫଳ ।
Nutriment, *s.* ଆହାର, ଭକ୍ଷ୍ୟଦ୍ରବ୍ୟ, ପଥ୍ୟ ।
Nutrition, *s.* ପୋଷଣ, ପୁଷ୍ଟିକରଣ ।
Nutritious, *a.* ସୁପଥ୍ୟ, ବଳବର୍ଦ୍ଧକ, ଉତ୍ତମ
ଭୋଜ୍ୟ । [ଖୋସା ।
Nutshell, *s.* କୌଣସି ଫଳର ଦୃଢ଼ଷ୍ଟଲ ବା
Nux-vomica, *s.* କୋଚିଲା ।
Nymph, *s.* ଉପଦେବୀ, ସୁନ୍ଦରୀ ସ୍ତ୍ରୀ ।

# O

O, ଇଂରାଜୀ ବର୍ଣ୍ଣମାଳାର ପଞ୍ଚଦଶାକ୍ଷର; ସମ୍ବୋ-
ଧନବୋଧକ ଅବ୍ୟୟ ଶବ୍ଦ, ଯଥା ହେ, ରେ,
ଅହୋ, ଭୋ, ଲୋ ।
Oaf, *s.* ନିର୍ବୋଧ, ମୂଢ଼, ମୂର୍ଖ, ଅଜ୍ଞାନ ।—*s.*
ବଉବୃକ୍ଷବିଶେଷ ।
Oaken, *a.* ଉକ୍ତ ବୃକ୍ଷର କାଷ୍ଠନିର୍ମିତ ।
Oakum, *s.* କଳାପାଟ ବା ଦୌଡ଼ି ।
Oar, *s.* ନୌକାର ଦଣ୍ଡ, ଅହୁଲ; କାତ ।
Oasis, *s.* ମରୁଭୂମିର ମଧ୍ୟସ୍ଥ ଉର୍ବରସ୍ଥଳ ।
Oath, *s.* ପଣ, ଶପଥ, ନିୟମ, ହଲଫ ।

Oatmeal, *s.* ଓଟନାମକ ଶସ୍ୟର ମଇଦା ବା ଅଟା । [ବିଶେଷ ।
Oats, *s.* ଶସ୍ୟବିଶେଷ, ଓଟ, ଘୋଡ଼ାର ଖାଦ୍ୟ-
Obduracy, *s.* ଅନ୍ତଃକରଣର କାଠିନ୍ୟ, କୁ-କର୍ମରେ ନିର୍ଭୟତା ।
Obdurate, *a.* କଠିନହୃଦୟ, ନିଷ୍ଠୁର, ନିର୍ଦ୍ଦୟ ।
Obedience, *s.* ଆଜ୍ଞାପାଳନ, ଆଜ୍ଞାବହତା, ବଶୀଭୂତତା, ଅଧୀନତା । [ପାଳକ ।
Obedient, *a.* ଆଜ୍ଞାବହ, ଆଜ୍ଞାକାରୀ, ଆଜ୍ଞା-
Obeisance, *s.* ନମସ୍କାର, ଦଣ୍ଡବତ, ପ୍ରଣାମ, ସଲାମ । [ବିଶେଷ ।
Obelisk, *s.* ପଥରମୟ ବଡ଼ଖମ୍ବ ବା ସ୍ତମ୍ଭ, ଚିହ୍ନ
Obesity, *s.* ସ୍ଥୂଳକାୟତ୍ୱ, ମାଂସଲତା ।
Obey, *v.* ମାନିବା, ଶୁଣିବା, ଆଜ୍ଞାପାଳନ-କ ।
Obit, *s.* ଅନ୍ତ୍ୟେଷ୍ଟିକ୍ରିୟା; ମୃତ୍ୟୁ, ମରଣ, ମୃତ-ମାନଙ୍କ ଉଦ୍ଦେଶରେ ବାର୍ଷିକ କ୍ରିୟା ।
Obituary, *s.* ମୃତବ୍ୟକ୍ତିମାନଙ୍କର ବିବରଣ ବା ନାମାବଳୀ ପୁସ୍ତକ ।
Object, *s.* ବିଷୟ; ପଦାର୍ଥ, ବସ୍ତୁ; ଅଭିପ୍ରାୟ, ତାତ୍ପର୍ଯ୍ୟ ।—*v.* ଆପତ୍ତି-ଅସ୍ୱୀକାର-ଉତ୍ତର-କ । [ସ୍ୱୀକାର ।
Objection, *s.* ଆପତ୍ତି, ବାଧା, ଉତ୍ତର, ଅ-
Objectionable, *a.* ବାଧାଯୋଗ୍ୟ, ଆପତ୍ତି-କର, ତ୍ୟାଜ୍ୟ ।
Objective, *a.* ଅଭିପ୍ରେତ, ତାତ୍ପର୍ଯ୍ୟାତ୍ମକ ।
Objective case, *s.* କର୍ମପଦ ।
Objector, *s.* ଆପତ୍ତି ବା ଉତ୍ତରକର୍ତ୍ତା, ବିବା-ଦକ, ବାଧା ଜନ୍ମାଏ ଯେ ।
Objuration, *s.* ଶପଥ ବା ନିୟମ ଦ୍ୱାରା ବଦ୍ଧ କରାଇବା ।
Objurgation, *s.* ଅନୁଯୋଗ, ତାଡ଼ନା, ଭର୍ତ୍ସନା । [ହୋମ, ହବିଃ ।
Oblation, *s.* ନୈବେଦ୍ୟ, ଉତ୍ସର୍ଗ, ବଳିଦାନ,
Obligation, *s.* ନିୟମ, ବନ୍ଧନ, ପ୍ରତିଜ୍ଞା; ଖ-ତରନାମା; ବାଧ୍ୟତା; କର୍ତ୍ତବ୍ୟତା, ଔଚିତ୍ୟ ।
Obligatory, *a.* କର୍ତ୍ତବ୍ୟ, ଉଚିତ, ବନ୍ଧକ, ଅନୁଷ୍ଠେୟ ।
Oblige, *v.* ବଳରେ କରାଇବା; ବାଧିତ-ହେ; ଅନୁଗ୍ରହ-ଉପକାର-ବାଧ୍ୟ-କ ।
Oblique, *a.* ବଙ୍କା, ତେର୍ଛା, ଢାଲୁ, ତେଢା ।
Obliquely, *ad.* ବକ୍ରଭାବେ, ଅସ୍ପଷ୍ଟାର୍ଥପୂର୍ବକ ।
Obliquity, *s.* ବକ୍ରତା, ବିପଥଗମନ, ଅନ୍ୟାୟ ।
Obliterate, *v.* ମୋଚନ-ବିନାଶ-ଲୋପ-କ, ନିଭାଇବା, ପୋଛିବା ।
Obliteration, *s.* ଲୋପ, ବିନାଶ, ମୋଚନ ।
Oblivion, *s.* ବିସ୍ମରଣ, ଭ୍ରମ, ଭୁଲ; ଦୋଷ-କ୍ଷମା । [ଜନକ ।
Oblivious, *a.* ଭୁଲଜନକ, ବିସ୍ମାରକ, ଭ୍ରମ-
Oblong, *a.* ପ୍ରସ୍ଥରୁ ଦୀର୍ଘରେ ବଡ଼, ଦୀର୍ଘାକାର ।
Obloquy, *s.* ନିନ୍ଦା, କୁତ୍ସା, ଗ୍ଲାନି, ଅପଯଶ, ଦୁର୍ନାମ । [ଅଧୀନ ।
Obnoxious, *a.* ଦଣ୍ଡ୍ୟ, ଦଣ୍ଡଯୋଗ୍ୟ; ଦାୟୀ,
Obscene, *a.* ଲଜ୍ଜନୀୟ, ନିର୍ଲଜ୍ଜ, ଅବାଚ୍ୟ, ଖେଚଡ଼ା । [ଅପବିତ୍ରତା, ଭ୍ରଷ୍ଟତା ।
Obscenity, *s.* କୁବାକ୍ୟ, ଅବାଚ୍ୟ କଥା,
Obscure, *a.* ଘୋର, ଅନ୍ଧକାର, ଅସ୍ପଷ୍ଟ, ଅଖ୍ୟାତ ।—*v.* ଅନ୍ଧକାର-ଅସ୍ପଷ୍ଟ-କ, ଘୋଡ଼ା-ଇବା । [ବସ୍ତ୍ର ।
Obscurity, *s.* ଅନ୍ଧକାର, ମଳିନତା; ଗୁପ୍ତ ।
Obsequies, *s.* ଅନ୍ତ୍ୟେଷ୍ଟିକ୍ରିୟା, ସତ୍କାର, ଉତ୍ତରକ୍ରିୟା ।
Obsequious, *a.* ଶରଣାଗତ, ଅନୁଗତ, ଆଜ୍ଞାକାରୀ । [ଶ୍ରେଷ୍ଠ ।
Observable, *a.* ଅବଧାନଯୋଗ୍ୟ, ଦୃଶ୍ୟ,
Observance, *a.* କର୍ତ୍ତବ୍ୟକ୍ରିୟା, ସେବା; ଆଦର, ମନୋଯୋଗ ।

Observant, *a.* ଅବଧାନୀ, ବହୁଦର୍ଶୀ, ମନୋଯୋଗୀ ।

Observation, *s.* ଦର୍ଶନ ; ଅବଲୋକନ, ବିବେଚନା; ମନ୍ତବ୍ୟ ବାକ୍ୟ, କଥା, ବୋଧ ।

Observatory, *s.* ନକ୍ଷତ୍ରାଦି ଦେଖିବା ପାଇଁ ଉଚ୍ଚ ଘର । [ହବା, ପାଳିବା ।

Observe, *v.* ନିରୀକ୍ଷଣ-ମନୋଯୋଗ-କ; କ-

Observer, *s.* ଦର୍ଶକ, ମନୋଯୋଗୀ, ଶାସ୍ତ୍ର-ପାଳକ । [ଲୁପ୍ତ ।

Obsolete, *a.* ଅପ୍ରଚଳିତ, ଅବ୍ୟବହୃତ, ରଦ୍,

Obstacle, *s.* ବାଧା, ଅଟକ, ବ୍ୟାଘାତ, ପ୍ରତିବନ୍ଧକ, ବନ୍ଧ ।

Obstinacy, *s.* ଥେଣ୍ଟାମୀ, ଅବାଧ୍ୟତା, ଏକଗୁଁୟାମୀ । [ଥେଣ୍ଟା, ଅବାଧ୍ୟ ।

Obstinate, *a.* ଏକଗୁଆ, ହଠୀ, ମଗଜ-

Obstreperous, *a.* କଳହକାରୀ; ବଡପାଟିଆ

Obstruct, *v.* ପ୍ରତିବନ୍ଧ-କ, ଅଟକାଇବା, ବାଧା ଜନ୍ମାଇବା । [ବାଧା ।

Obstruction, *s.* ବନ୍ଦ, ଅବରୋଧ, ଅଟକ,

Obstructive, *a.* ପ୍ରତିବନ୍ଧକ, ବାଧକ, ରୋଧକ

Obtain, *v.* ପାଇବା, ମିଳିବା, ପ୍ରାପ୍ତ-ହ, ଲାଭ-କ, ସ୍ଥାପିତ-ଚଳିତ-ପ୍ରବଳ-ହ ।

Obtainable, *a.* ପ୍ରାପ୍ୟ, ଲଭ୍ୟ, ପ୍ରାପ୍ତବ୍ୟ ।

Obtrude, *v.* ଅସମୟରେ ପ୍ରବେଶ-ହ, ବିନାନୁମତିରେ ପ୍ରସ୍ତାବ-କ । [ପ୍ରସ୍ତାବ ।

Obtrusion, *s.* ଅନ୍ୟାୟ କରି ପ୍ରବେଶ ବା

Obtrusive, *a.* ଅକାଳରେ ପ୍ରସ୍ତାବ ବା ପ୍ରବେଶକାରୀ, ଅନାହୂତ ଅଗମନକାରୀ ।

Obtuse, *a.* ଅଦାଢୁଆ, ଅତୀକ୍ଷ୍ଣ ; ଅବୁଝା, ସ୍ଥୂଳବୁଦ୍ଧି ।

Obtuseness, *s.* ନିସ୍ତେଜତା, ଅତୀକ୍ଷ୍ଣତା, ଜଡତା । [ଛବି ଥାଏ ।

Obverse, *s.* ଟଙ୍କା ବା ମୁଦ୍ରାର ଯେ ପୃଷ୍ଠେ

Obviate, *v.* ପ୍ରତିକାର-ବାରଣ-କ, ମେଣ୍ଟାଇବା ।

Obvious, *a.* ପ୍ରତ୍ୟକ୍ଷ, ବ୍ୟକ୍ତ, ପ୍ରକାଶ, ସୁସ୍ପଷ୍ଟ ।

Obviously, *ad.* ପ୍ରତ୍ୟକ୍ଷରୂପେ, ସୁବ୍ୟକ୍ତରୂପେ ।

Occasion, *s.* ଘଟନା; ପ୍ରୟୋଜନ; ନିମିତ୍ତ, ହେତୁ; କାରଣ; ସୁଯୋଗ, ସମୟ ।—*v.* କରାଇବା, ଘଟାଇବା । [ନିଜାନୁସାରେ ।

Occasional, *a.* ନୈମିତ୍ତିକ, କେବେ, ପ୍ରୟୋ-

Occidental, *a.* ପଶ୍ଚିମା, ପଶ୍ଚିମଦେଶସ୍ଥ ।

Occult, *a.* ଗୁପ୍ତ, ଗୂଢ, ଅବ୍ୟକ୍ତ, ଅପ୍ରକାଶ ।

Occupancy, *s.* ଅଧିକାରକରଣ, ଦଖଲକରଣ । [ଲକାରୀ ।

Occupant, *s.* ଭୋଗକାରୀ, ଅଧିକାରୀ, ଦଖ-

Occupation, *s.* ଅଧିକାର; ବ୍ୟବସାୟ, କାର୍ଯ୍ୟ, ପଦ ।

Occupier, *s.* ଅଧିକାରୀ; ବାସକାରୀ ।

Occupy, *v.* ଧରିବା ; ଅଧିକାର-ଦଖଲ-କ, ପ୍ରବର୍ତ୍ତ-ହ; ବ୍ୟବହାର-କ ।

Occur, *v.* ଘଟିବା, ଉପସ୍ଥିତ-ହ; ମନେ ପଡିବା । [ଉପସ୍ଥିତ ହୁଏ ।

Occurrence, *s.* ଘଟନା, ଦୈବଘଟନା, ଘାହା

Ocean, *s.* ମହାସାଗର, ସମୁଦ୍ର, ଅର୍ଣ୍ଣବ, ସିନ୍ଧୁ ।

Ochre, *s.* ମୃତ୍ତିକା ବିଶେଷ, ଗେରୁମାଟି; ହଳଦ ବା ଗୋପୀମାଟି ।

Octagon, *s.* ଅଷ୍ଟକୋଣାକାର ।

Octave, *s.* ବାଦ୍ୟ ବିଷୟକ ଅଷ୍ଟମ ସ୍ୱର ।

Octavo, *s.* ଏକଠକ୍କା କାଗଜକୁ ଅଠଭାଗ କଲେ ଯେ ଅଙ୍ଗ ହୁଏ ସେହି ପରିମାଣ ।

October, *s.* ଇଂରାଜୀ ସନର ଦଶମ ମାସ ।

Octogenarian, *s.* ଅଶୀ ବରଷର ବୟସ୍କ ବ୍ୟକ୍ତି ।

Octuple, *a.* ଅଷ୍ଟଗୁଣ, ଅଠଗୁଣ ।

Ocular, *a.* ପ୍ରତ୍ୟକ୍ଷ, ଚକ୍ଷୁର ଗୋଚର ।
Oculist, *s.* ଚକ୍ଷୁ ବା ଅକ୍ଷିରୋଗର ବୈଦ୍ୟ ।
Odd, *s.* ବିଷମ, ବିଯୋଡ଼; ଅସାଧାରଣ, ଅଦ୍ଭୁତ
Oddity, *s.* ଅସାଧାରଣ ଲୋକ; ଏକ ବସ୍ତୁ; ଅଦ୍ଭୁତବିଷୟ । [ରୂପେ ।
Oddly, *ad.* ବିଯୋଡ଼େ, ଅସରୂପେ, ଅଦ୍ଭୁତ-
Odds, *s.* ଅସମାନତା, ଭେଦ, ଉତ୍କୃଷ୍ଟତା ।
Ode, *s.* ଗୀତ, ଗାନ, କ୍ଷୁଦ୍ରକବିତା ।
Odious, *a.* ଅରୁଚ୍ୟ, ଘୃଣାର୍ହ, କୁତ୍ସିତ, ଘୃଣ୍ୟ ।
Odium, *s.* ନିନ୍ଦା, ଦ୍ୱେଷ, ଘୃଣା, ଅଖ୍ୟାତି ।
Odoriferous, *a.* ସୁଗନ୍ଧି, ସୁବାସବିଶିଷ୍ଟ ।
Odour, *s.* ଗନ୍ଧ, ସୁବାସ, ଘ୍ରାଣ, ସୁଗନ୍ଧ ବା ଦୁର୍ଗନ୍ଧ । [ଶୀୟ ।
Œcumenical, *a.* ସର୍ବସାଧାରଣ, ସର୍ବଦେ-
Of, *prep.* ଠାରୁ, ବିଷୟକ; ସମ୍ବନ୍ଧର ଶବ୍ଦ, ଯଥା—ଅମ୍ଭର ବନ୍ଧୁ ।
Off, *ad.* ଦୂର, ଦୂରସ୍ଥ; ଉପରେ ନାହିଁ ।
Offal, *s.* ଉଚ୍ଛିଷ୍ଟଦ୍ରବ୍ୟ, ଅଇଣ୍ଠା, ଅଭକ୍ଷ୍ୟମାଂସାଦି ।
Offence, *s.* ଦୋଷ, ତ୍ରୁଟି, ଅପରାଧ; କ୍ରୋଧ; କ୍ଷତି, ହାନି ।
Offend, *a.* କୁପିତ-ବିରକ୍ତ-କ, କ୍ରୋଧ ଜନ୍ମାଇବା; ଅପରାଧ-କ ।
Offender, *s.* ଅପରାଧୀ, ଦୋଷୀ, ଅପକାରକ ।
Offensive, *a.* ଅତୁଷ୍ଟିକର, କ୍ରୋଧଜନକ, ଆକ୍ରମକ, ଅପକାରକ ।
Offer, *v.* ଉତ୍ସର୍ଗ-ବଳିଦାନ-ଦାନ-କ; ମୂଲ୍ୟ-କ; ଉଦ୍ୟତ-ଉପସ୍ଥିତ-ହେ, ପ୍ରସ୍ତାବ-କ ।—*s.* ପ୍ରସ୍ତାବ; ଉଦ୍ୟମ, ଚେଷ୍ଟା; ମୂଲ୍ୟ: ପ୍ରତିଜ୍ଞା ।
Offering, *s.* ନୈବେଦ୍ୟ, ବଳିଦାନ; ଦର୍ଶନୀ, ଭେଟିଦ୍ରବ୍ୟ ।
Office, *s.* ପଦ, କାର୍ଯ୍ୟ, କର୍ମଘର; କର୍ମଶାଳା, ଦପ୍ତରଖାନା ।
Officer, *s.* କର୍ମକାରକ, କେବର୍ଣ୍ଣ; ସେନାପତି ।
Official, *a.* ସରକାରୀ କର୍ମ ସମ୍ବନ୍ଧୀୟ, ପଦସମ୍ବନ୍ଧୀୟ ।—*s.* ପଦସ୍ଥ ବ୍ୟକ୍ତି, ସରକାର କର୍ମଚାରୀ ବିଶେଷ ।
Officiate, *v.* ଅନ୍ୟର ବଦଳରେ କର୍ମ-କ ।
Officious, *a.* ଅନଧିକାରଚର୍ଚ୍ଚକ; ଅନୁଗ୍ରାହକ ।
Offing, *s.* ତୀରରୁ କିଛିଦୂର ସମୁଦ୍ରୀୟ ସ୍ଥାନ ।
Offscouring, *s.* ଦ୍ରବ୍ୟ ମାର୍ଜନରେ ନିର୍ଗତ ମଇଳା, ମଳକୁଣ୍ଡି । [କାର୍ଯ୍ୟାଦି ।
Offset, *s.* ଶାଖା, ଗଛର କଲମ; ଭୁଲମୂଲ
Offspring, *s.* ଉତ୍ପନ୍ନଦ୍ରବ୍ୟ, ସନ୍ତାନସନ୍ତତି ।
Oft, Often, *ad.* ବାରମ୍ବାର, ଥରକୁଥର, ପୁନଃ, ଅନେକଥର ।
Ogle, *v.* କଟାକ୍ଷ-କ, ଆଡ଼ଆଖିରେ ଚାହିଁବା ।
Oh ! *int.* ହାଃ, ଇଃ, ଉଃ, ଓଃ, ହାୟ ।
Oil, *s.* ତେଲ, ତୈଳ, ମାଲିସ, ମଥାଦହ ।
Oilman, *s.* ତେଲି; ତେଲ ବିକେତା, ଅଗ୍ନି-ଦ୍ରବ୍ୟବ୍ୟବସାୟୀ ।
Oilmill, *s.* ଘଣା, ତୈଳଯନ୍ତ୍ର ।
Oily, *v.* ତେଲିଆ, ଚିକ୍କଣ, ସ୍ନିଗ୍ଧ ।
Ointment, *s.* ମଲମ, ପ୍ରଲେପ, ସୁଗନ୍ଧି ତୈଳ ।
Old, *a.* ପୁରାତନ, ପ୍ରାଚୀନ, ବୃଦ୍ଧ, ବହୁକାଳର ।
Old age, *s.* ବୃଦ୍ଧାବସ୍ଥା, ବୃଦ୍ଧକାଳ, ବହୁତ ବୟସ ।
Olfactory, *a.* ଘ୍ରାଣେନ୍ଦ୍ରିୟ ସମ୍ବନ୍ଧୀୟ ।
Oligarchy, *s.* ଅଳ୍ପଲୋକେ ରାଜଶାସନ ବା ପ୍ରଭୁତ୍ୱ ।
Olive, *s.* ଜୈତୁନ ବୃକ୍ଷ, ଜୀତବୃକ୍ଷ ବା ଫଳ ।
Olive-branch, *s.* ଶାନ୍ତିସୂଚକ ଚିହ୍ନ ।
Omega, *s.* ଗ୍ରୀକ୍ ବର୍ଣ୍ଣମାଳାର ଶେଷ ଅକ୍ଷର ।
Omelet, *s.* ଡିମ୍ବମିଶ୍ରିତ ଭଜା ପିଠା ।
Omen, *s.* ଶୁଭାଶୁଭଲକ୍ଷଣ । [ଅଳକ୍ଷଣ ।
Ominous, *a.* ଅମଙ୍ଗଳସୂଚକ, ଅଶୁଭକର,
Omission, *s.* ତ୍ରୁଟି, ଭୁଲ, ଭ୍ରମ, ଦୋଷ ।

**Omit**, *v.* ନ କରିବା, ଭୁଲ- ଭ୍ରମ- ଅବହେଳା -କ, ଛାଡ଼ିବା ।

**Omnipotence**, *s.* ସର୍ବସାମର୍ଥ୍ୟ, ସର୍ବଶକ୍ତି, ଅସୀମ ପରାକ୍ରମ । [କାନ୍ତ ।

**Omnipotent**, *a.* ସର୍ବଶକ୍ତିମାନ୍, ସର୍ବପରା-

**Omnipresence**, *s.* ସର୍ବବ୍ୟାପିତ୍ୱ, ସର୍ବ ବ୍ୟାପକତା ।

**Omnipresent**, *a.* ସର୍ବବ୍ୟାପୀ, ସର୍ବଗାମୀ, ସର୍ବତ୍ର ବର୍ତ୍ତମାନ ।

**Omniscience**, *s.* ସର୍ବଜ୍ଞତା, ସର୍ବଜ୍ଞାନ ।

**Omniscient**, *a.* ସର୍ବଜ୍ଞ, ସର୍ବସାକ୍ଷୀ, ସର୍ବଜ୍ଞାତ

**Omnivorous**, *a.* ସର୍ବଖାଦକ, ସର୍ବଭକ୍ଷକ ।

**On**, *prep.* ଉପରେ, ଉପର, ନିକଟେ, ମାଧ୍ୟେ । —*ad.* ଆଗେ, ଅଗ୍ରେ, ଉପରେ ।

**Once**, *ad.* ଥରେ, ଏକବାର, ଏକ କାଳେ; ପୂର୍ବେ ।

**One**, *a.* ଏକ, ଗୋଟାଏ, ଏକଲା, ଅଦ୍ୱିତୀୟ । —*s.* ଏକସଂଖ୍ୟା; ଏକ ବ୍ୟକ୍ତି ବା ଜନ ।

**One by one**, *ad.* ଏକେ୨, ଜଣେ୨, ଗୋଟାଏ୨ କରି ।

**Oneness**, *s.* ଐକ୍ୟ, ଏକତା, ଏକତ୍ୱ, ଏକଭାବ ।

**Onerous**, *a.* ଭାରଯୁକ୍ତ, ଭାରଗ୍ରସ୍ତ, ଭାରି, ଗୁରୁ

**Onion**, *s.* ପିଆଜ, ପିୟାଜ, ପଲାଣ୍ଡୁ ।

**Only**, *ad.* କେବଳ, ମାତ୍ର, ଖାଲି ।—*a.* ଏକଲା, ଅଦ୍ୱିତୀୟ, ଏକା ।

**Onset**, *s.* ଆକ୍ରମଣ, ଚଢ଼ାଉ, ଯୁଦ୍ଧାରମ୍ଭ ।

**Onward**, *ad.* ଅଗ୍ରେ, ଆଗେ, ସମ୍ମୁଖେ ।

**Onyx**, *s.* ବୈଦୂର୍ଯ୍ୟମଣି ।

**Ooze**, *v.* ଝରିବା, କ୍ଷରିବା, ସ୍ରବିବା ।

**Opacity**, *s.* ଅନ୍ଧକାର, ଅନ୍ଧାର, ଅସ୍ୱଚ୍ଛତା, ଦୃଷ୍ଟିରୋଧକତା ।

**Opal**, *s.* ଗୋଦନ୍ତମଣି ।

**Opaque**, *a.* ଦୃଷ୍ଟିରୋଧକ, ଅନିର୍ମଳ, ଅନୁଜ୍ଜ୍ୱଳ ।

**Open**, *v.* ଫିଟାଇବା, ଖୋଲିବା, ମୁକ୍ତ-କ; ଅନାବୃତ- ପ୍ରକାଶ- ବିସ୍ତାର-କ; ଫୁଟିବା, ବିକଶିତ-ହ; ଆରମ୍ଭ-କ ।—*a.* ଖୋଲା, ମେଲା, ମୁକୁଳା, ପ୍ରକାଶିତ ।

**Open-handed**, *a.* ମୁକ୍ତହସ୍ତ, ଦାତା, ଦାନଶୀଳ । [ପଟ, ଦୟାଶୀଳ ।

**Open-hearted**, *a.* ସରଳାନ୍ତଃକରଣ, ଅକ-

**Opening**, *s.* ଛିଦ୍ର, ଫାଙ୍କ, ଫାଟ; ଦ୍ୱାର; ଆରମ୍ଭ; ପଥ, ସୁଯୋଗ । [ଅଗୋପନରେ ।

**Openly**, *ad.* ପ୍ରତ୍ୟକ୍ଷ ବା ପ୍ରକାଶ୍ୟରୂପେ,

**Openness**, *s.* ସରଳତା, ଅକାପଟ୍ୟ, ସୁପ୍ରକାଶ

**Opera**, *s.* ନାଟକବିଶେଷ, ଗାନବାଦ୍ୟବିଶିଷ୍ଟ ଯାତ୍ରା ।

**Operate**, *v.* କର୍ମ-ଫଳୋତ୍ପାଦନ-କ, ଖଟିବା ।

**Operation**, *s.* କର୍ମ, କାର୍ଯ୍ୟ, ଫଳୋତ୍ପାଦନ ଅଙ୍ଗାଦି ଛେଦିବାର କର୍ମ ।

**Operative**, *a.* କର୍ମକ୍ଷମ, କର୍ମଯୋଗ୍ୟ, ଫଳୋତ୍ପାଦକ, ବ୍ୟାପକ ।

**Operator**, *s.* କର୍ମକର୍ତ୍ତା, କାର୍ଯ୍ୟକାରୀ; ଅସ୍ତ୍ରଚିକିତ୍ସକ ।

**Ophthalmia**, *s.* ଚକ୍ଷୁରୋଗ, ଅଖିଜଳା ।

**Ophthalmic**, *a.* ଚକ୍ଷୁସମ୍ବନ୍ଧୀୟ, ନେତ୍ରବିଷୟକ

**Opiate**, *s.* ନିଦ୍ରାଜନକ ଔଷଧ, ସିଦ୍ଧିର ବା ଅଫିମାଦିର ଔଷଧ । [ମାନସ ।

**Opinion**, *s.* ମତ, ବୋଧ, ବିଚାର, ବିବେଚନା,

**Opinionative**, *a.* ଥେଣ୍ଟା, ଏକଗୁଁଆ, ସ୍ୱେଚ୍ଛା-ଗ୍ରହ, ମତସ୍ଥ ।

**Opium**, *s.* ଅଫିମ, ଅହିଫେନ, ପୋସ୍ତଫଳର ଅଠା

**Opponent**, *s.* ବିପକ୍ଷ, ଶତ୍ରୁ, ପ୍ରତିବାଦୀ, ବିରୋଧୀ

**Opportune**, *a.* ଉଚିତ କାଳର, କାଳୋପଯୁକ୍ତ, ସୁଯୋଗୀ ।

**Opportunity**, *s.* ସୁଯୋଗ, ସୁସମୟ, ଅବସର, ଉପଯୁକ୍ତକାଳ, ଫୁରୁସତ ।

Oppose, *v.* ବ୍ୟାଘାତ- ବାଧା- ନିଷେଧ-କ, ଅଟକାଇବା । [ଉଲ୍ଟା ।

Opposite, *a.* ସମ୍ମୁଖବର୍ତ୍ତୀ, ଅଗ୍ରସ୍ଥ; ବିପରୀତ,

Opposition, *s.* ବିପକ୍ଷତା, ବାଧା, ବୈପରୀତ୍ୟ, ପ୍ରତିକୂଳାଚରଣ । [ଦୌରାତ୍ମ୍ୟ-କ ।

Oppress, *v.* ଅନ୍ୟାୟ-ଅତ୍ୟାଚାର- ଉପଦ୍ରବ-

Oppression, *s.* ଅତ୍ୟାଚାର, ଦୌରାତ୍ମ୍ୟ, ଉପଦ୍ରବ, ଜୁଲମ୍ । [ୟୀ, ପୀଡ଼କ ।

Oppressive, *a.* ଅତ୍ୟାଚାରୀ, କଠିଣ, ଅନ୍ୟା-

Oppressor, *s.* ଅତ୍ୟାଚାରୀ, ଉପଦ୍ରବୀ, ଦୁରନ୍ତ

Opprobrious, *a.* ଅଖ୍ୟାତିକର, ଅପମାନକ, ନିନ୍ଦକ, ଲଜ୍ଜାକର ।

Opprobrium, *s.* ଅଖ୍ୟାତି, ନିନ୍ଦା, ଅପମାନ

Oppugn, *v.* ବ୍ୟାଘାତ-ନିଷେଧ-କ, ବାଧା-ଦେ

Optical, *a.* ଦୃଷ୍ଟିସମ୍ବନ୍ଧୀୟ, ଦୃଷ୍ଟିଜନକ ।

Optician, *s.* ଦୃଷ୍ଟିବିଦ୍ୟାଜ୍ଞ, ଦୃଷ୍ଟିର ଉପକାରକ-ଯନ୍ତ୍ର ନିର୍ମିତା ବା ବିକ୍ରେତା ।

Optics, *s.* ଦୃଷ୍ଟିବିଦ୍ୟା, ଦର୍ଶନେନ୍ଦ୍ରିୟ ଶାସ୍ତ୍ର ।

Option, *s.* ଇଚ୍ଛା, ବାଞ୍ଛା, ଅଭିପ୍ରାୟ; ଖୁସୀ, ପସନ୍ଦ ।

Optional, *a.* କାମ୍ୟ, ଇଚ୍ଛାଧୀନ, ବିକଳ୍ପିତ ।

Opulence, *s.* ସମ୍ପତ୍ତି, ଧନ, ଅର୍ଥ ସଂଗ୍ରହ ।

Opulent, *a.* ଧନୀ, ଧନବାନ୍ ଧନାଢ୍ୟ । [ଲେ ।

Or, *conj.* କି, ଅବା, ଅଥବା; ନତୁବା, ନୋହି-

Oracle, *s.* ଦୈବବାଣୀ; ଈଶ୍ୱରଙ୍କ ପ୍ରତ୍ୟାଦେଶ, ଈଶ୍ୱରୋକ୍ତଶାସ୍ତ୍ର; ସର୍ବସମ୍ମତବାକ୍ୟ; ଅତିବିଜ୍ଞ-ବ୍ୟକ୍ତି । [ଜ୍ଞାପକ; ସର୍ବସମ୍ମତ ।

Oracular, *a.* ଦୈବବାଣୀବିଶିଷ୍ଟ, ପ୍ରତ୍ୟାଦେଶ

Oral, *a.* ମୁଖରେ କଥିତ, ଉକ୍ତ, ମୌଖିକ ।

Orange, *s.* କମଳାଲେମ୍ବୁ, ନାରଙ୍ଗୀ ।

Orang-outang, *s.* ମାଙ୍କଡ଼ ବିଶେଷ ।

Oration, *s.* ଅଲଙ୍କୃତବାକ୍ୟ, ବାକ୍ୟପ୍ରବନ୍ଧ, ପ୍ରସ୍ତାବ, ଉତ୍ତମ ବଚନ ।

Orator, *s.* ସୁବକ୍ତା, ବାକ୍‌ପଟୁବ୍ୟକ୍ତି, କଥକ, ବାଗ୍ମୀ । [ଳୟ ।

Oratory, *s.* ସୁବକ୍ତୃତା, ବାକ୍‌ପଟୁତା; ଭଜନା-

Orb, *s.* ଗଗନ ବା ଆକାଶମଣ୍ଡଳ; ଗୋଲାକାର, ଚକ୍ର । [କୋଠରୀ ।

Orbit, *s.* ଗ୍ରହାଦି ଗମନର ପଥ, କକ୍ଷ: ଚକ୍ଷୁ

Orchard, *s.* ଫଳଗଛର ବଗିଚା, ଫଳବୃକ୍ଷର ଉଦ୍ୟାନ ।

Orchestra, *s.* ନୃତ୍ୟବାଦ୍ୟଶାଳା, ଗାନ ବାଦ୍ୟାଗାର । [ଆଜ୍ଞା-କ ।

Ordain, *v.* ନିଯୁକ୍ତ-ନିରୂପଣ-କ; ସ୍ଥାପନ-କ;

Ordeal, *s.* ପରୀକ୍ଷା; ଅଗ୍ନି ଆଦି ଦ୍ୱାରା ପରୀକ୍ଷା

Order, *s.* ଆଦେଶ, ଆଜ୍ଞା, ବିଧି, ହୁକୁମ; ଧାରା, ରୀତି, ଶ୍ରେଣୀ; ସମ୍ପ୍ରଦାୟ, ଦଳ ।—*v.* ଆଜ୍ଞା-ଆଦେଶ-କ; ଧାରାମତ- ଶ୍ରେଣୀବଦ୍ଧ-ନିଯୁକ୍ତ-କ ।

Orderly, *ad.* କ୍ରମାଗତ, ନିୟମାନୁସାରେ, ଶ୍ରେଣୀବଦ୍ଧରୂପରେ । [ଧାର ।

Ordinance, *s.* ବ୍ୟବସ୍ଥା, ବିଧି, ବିଧାନ, ନିୟମ

Ordinarily, *ad.* ସାମାନ୍ୟତଃ, ସାଧାରଣରୂପେ, ସରସରର, ବିଧିପୂର୍ବକ ।

Ordinary, *s.* ଧର୍ମବ୍ୟବସ୍ଥାକର୍ତ୍ତା; ସାଧାରଣ ଭୋଜନ ଗୃହ ।—*a.* ସ୍ଥାପିତ, ଚଳିତ; ସାମାନ୍ୟ, ନୀଚ, ମଧ୍ୟମ; ଅସୁନ୍ଦର ।

Ordination, *s.* ଧର୍ମ ପଦରେ ନିଯୁକ୍ତିକରଣ: ସ୍ଥାପିତ ନିୟମ ।

Ordnance, *s.* କମାଣ, ତୋପସମୂହ ।

Ordure, *s.* ଗୁହ, ମଳ, ବିଷ୍ଠା, ଗଳିଜ ।

Ore, *s.* ଆକରୀୟ ଅପରିଷ୍କୃତ ଧାତୁ ।

Organ, *s.* ଇନ୍ଦ୍ରିୟ, କର୍ମେନ୍ଦ୍ରିୟ, ହସ୍ତପାଦାଦି; ବାଦ୍ୟଯନ୍ତ୍ରବିଶେଷ । [ଇନ୍ଦ୍ରିୟବିଶିଷ୍ଟ ।

Organic, *a.* ସ୍ୱାଭାବିକ, ଶାରୀରିକ; ଯନ୍ତ୍ରୀୟ;

Organist, *a.* ଅର୍ଗାନ୍ ନାମକ ଯନ୍ତ୍ରବାଦକ ।

Organization, *s.* ସାବୟବକରଣ, କ୍ରମା-ଗତକରଣ; ଯଥାବିଧି ସ୍ଥାପିତାବସ୍ଥା ।
Organize, *v.* ଅଙ୍ଗପ୍ରତ୍ୟଙ୍ଗ ନିଯୁକ୍ତ-କ; ଯଥା-ବିଧି ସ୍ଥାପନ-କ ।
Orgy, *s.* ପର୍ବକାଳର ଶେଗଭୋଗୀ; ମଦ୍ୟ ଦେବତାର ଉପାସନା ।
Orient, *a.* ପୂର୍ବୀୟ; ତେଜସ୍କର, ସୂର୍ଯ୍ୟପ୍ରଭ ଉଜ୍ଜ୍ୱଳ । [ଦିଗସ୍ଥ ।
Oriental, *a.* ପୂର୍ବୀୟ, ପୂର୍ବଦେଶୀୟ, ପୂର୍ବ-
Orifice, *s.* ଛିଦ୍ର, ଫାଟ, ରନ୍ଧ୍ର, ଗର୍ତ୍ତ, ମୁଖ ।
Origin, *s.* ଆରମ୍ଭ, ଆଦି; ମୂଳ, ଉତ୍ପତ୍ତିସ୍ଥାନ, ବୀଜ: କୁଳ, ବଂଶ ।
Original, *s.* ଆଦର୍ଶ, ପ୍ରଥମରୂପ ।—*a.* ଆଦି, ପ୍ରଥମ, ମୂଳ, ଅସଲ ।
Originality, *s.* ମୂଳତ୍ୱ, ଆଦିତ୍ୱ, ଅପୂର୍ବତା ।
Originally, *ad.* ପ୍ରଥମେ, ଆଦ୍ୟରେ, ଆଗରେ । [ହେବା, ସୃଷ୍ଟି-କ ।
Originate, *v.* ଆରମ୍ଭ–ଉତ୍ପନ୍ନ-କ, ଜନ୍ମ-
Orion, *s.* ମୃଗଶୀର୍ଷ, ଦକ୍ଷିଣଦିଗସ୍ଥ ନକ୍ଷତ୍ରବିଶେଷ ।
Orison, *s.* ପ୍ରାର୍ଥନା, ସ୍ତବ, ସ୍ତୁତି; ଉପାସନା ।
Ornament, *s.* ଅଳଙ୍କାର, ଆଭରଣ, ବେଶ-ଭୂଷା, ଗହଣା ।—*v.* ଭୂଷିତ-ଅଳଙ୍କୃତ-ଶୋଭିତ-କ ।
Ornamental, *a.* ଶୋଭିତ, ଭୂଷିତ, ସୁନ୍ଦର ।
Ornithology, *s.* ପକ୍ଷୀବିଷୟକ ବିଦ୍ୟା ।
Orphan, *s.* ପିତୃମାତୃହୀନ ବାଳକ, ଅନାଥ, ଛେଉଣ୍ଡ ପିଲା ।
Orphanage, *s.* ଅନାଥାଶ୍ରମ ।
Orpiment, *s.* ହରିତାଳବିଶେଷ, ଗୋଦନ୍ତ ।
Orrery, *s.* ଗ୍ରହାଦିର ଗମନ ଦର୍ଶନାର୍ଥ ଯନ୍ତ୍ର ।
Orthodox, *a.* ସ୍ଥାପିତ ମତାନୁଯାୟୀ, ଶାସ୍ତ୍ରା-ନୁବର୍ତ୍ତୀ; ଶୁଦ୍ଧାଚାରୀ । [ସ୍ୱୀକୃତ ।
Orthographical, *a.* ବର୍ଣ୍ଣ ବିନ୍ୟାସରେ ଶୁ-
Orthography, *s.* ବ୍ୟାକରଣ ଅନୁସାରେ ବର୍ଣ୍ଣ ଶୁଦ୍ଧତା ।
Ortolan, *s.* କ୍ଷୁଦ୍ରପକ୍ଷୀ ବିଶେଷ ।
Orts, *s.* ଅଇଣ୍ଠା. ଉଚ୍ଛିଷ୍ଟଦ୍ରବ୍ୟ, ଝୁଠା ।
Oscillation, *s.* ଝୁଲଣ, ଆନ୍ଦୋଳନ, ଦୋ-ଳନ ।
Osprey, *s.* କୁରଳ ପକ୍ଷୀ । [ପରିବର୍ତ୍ତନ ।
Ossification, *s.* ଅସ୍ଥିତ୍ୱ, ମାଂସାଦିର ଅସ୍ଥି
Ossify, *v.* ଅସ୍ଥିବତ୍-କ, ମାଂସାଦିର ଅସ୍ଥି ପରିବର୍ତ୍ତିତ-ହେବା [ବ୍ୟକ୍ତ ।
Ostensible, *a.* ଦୃଶ୍ୟ, ଦର୍ଶନୋପଯୁକ୍ତ,
Ostensibly, *ad.* ଦୃଶ୍ୟତଃ ପ୍ରତ୍ୟକ୍ଷ ବା ସ୍ପଷ୍ଟ-ରୂପେ । [ଶ୍ଳାଘା ।
Ostentation, *s.* ଆଡମ୍ବର, ଭଡଙ୍ଗ କର୍ମ, ଆ-
Ostentatious, *a.* ସ୍ୱଗୁଣ ପ୍ରକାଶକ, ଗର୍ବୀ, ଆଡମ୍ବରୀ ।
Osteology, *s.* ଅସ୍ଥିବିଦ୍ୟା, ଅସ୍ଥିବିବରଣ ।
Ostler, *s.* ସଇସ, ସରାଇ ଘରେ ଘୋଡାର ରକ୍ଷକ ।
Ostrich, *s.* ଉଷ୍ଟ୍ରପକ୍ଷୀ, ଓଟପକ୍ଷୀ ।
Other, *a.* ଅନ୍ୟ, ପର, ଅନ୍ୟ, ଭିନ୍ନଭିନ୍ନ, ଦୁସରା । [କିମ୍ବା, ଅଥବା ।
Otherwise, *ad.* ଅନ୍ୟପ୍ରକାରେ, ନଚେତ୍,
Otter, *s.* ଓଧ, ଓଧୁଅ, ଜଳମାର୍ଜାର ।
Ottoman, *s.* ଆସନବିଶେଷ ; ତୁରକୀୟ ଲୋକ
Ought, *v.* ଅବଶ୍ୟକ-ଉଚିତ-ଥିବା ।
Ounce, *s.* ଅର୍ଦ୍ଧଛଟାଙ୍କି ପରିମାଣ; ବନବିଡାଳ-ବିଶେଷ ।
Our, *a.* ଅମ୍ଭମାନଙ୍କର, ଅସ୍ମଦୀୟ ।
Ours, *pro.* ଅମ୍ଭ ସମସ୍ତଙ୍କର ।
Ourselves, *pro.* ଅମ୍ଭେମାନେ ସ୍ୱୟଂ, ଆପ-ଣାମାନେ । [-କ ।
Oust, *v.* ଅଧିକାରରୁ ବାହାର-ଅପଦସ୍ଥ-ଦୂର

Out, *ad.* ବାହାରେ; ଘରରେ ନାହିଁ, ଶେଷ-ପର୍ଯ୍ୟନ୍ତ ।—*int.* ଦୂର ହୁଅ ! ବାହାର ହୁଅ ! ଅନ୍ତର ହୁଅ !
Outbid, *v.* ଅନ୍ୟଠାରୁ ଅଧିକମୂଲ୍ୟ ଡାକିବା ।
Outbreak, *s.* ବହିର୍ଗମନ; ଫୋଟିବା, ସ୍ଫୋଟନ ।
Outcaste, *s.* ଜାତିଭ୍ରଷ୍ଟବ୍ୟକ୍ତି, ପତିତବ୍ୟକ୍ତି, ତ୍ୟକ୍ତବ୍ୟକ୍ତି । [ଚିତ୍କାର, ଗୋଳ ।
Outcry, *s.* ଭୟ ବା ଆପଦ ହେତୁରୁ ଶବ୍ଦ,
Outdo, *v.* ଜୟ-କର, ଉତ୍କୃଷ୍ଟ-ଶ୍ରେଷ୍ଠ-ହେ ।
Outer, *a.* ବାହ୍ୟ, ବାହାରସ୍ଥ, ବାହାରର ।
Outermost, *a.* ସକଳର ବାହାରେ, ସର୍ବ-ବହିଃସ୍ଥ ।
Outfit, *s.* ଜଳପଥର ଦ୍ରବ୍ୟାଦି ।
Outgoing, *s.* ବାହାରଗମନ; ଅଭ୍ୟନ୍ତର ସୀମା; ବ୍ୟୟ । [ବଢ଼ିବା ।
Outgrow, *v.* ଅନ୍ୟଠାରୁ ବର୍ଦ୍ଧିଷ୍ଣୁ-ହେ, ଅଧିକ
Outhouse, *s.* ଘରର ବାହାରିସ୍ଥ କୁଠରି, ବାଡ଼ିଘର । [ମ୍ଲେଚ୍ଛ ।
Outlandish, *s.* ବିଦେଶୀୟ; ଅଚଳିତ,
Outlast, *v.* ଅଧିକକାଳସ୍ଥାୟୀ-ହେ, ବହୁଦିନ ବଞ୍ଚିବା । [ଇତ ଇତ୍ୟାଦି ।
Outlaw, *s.* ରାଜରକ୍ଷଣ ବର୍ଜିତ, ଚୋର ଡକା-
Outlay, *s.* ବ୍ୟୟ, ଖରଚ, ଖର୍ଚ୍ଚ, ଅର୍ଥନିକ୍ଷେପ ।
Outlet, *s.* ଯିବାର ବାଟ, ନହର, ମୁହାଣ ।
Outline, *s.* ସର୍ବସୀମାର ରେଖାମାତ୍ର; ଛାଞ୍ଚ, ନକ୍ସା । [ବଞ୍ଚିବା ।
Outlive, *v.* ଅନ୍ୟମାନଙ୍କଠାରୁ ଅଧିକକାଳ
Outlook, *s.* ସାବଧାନତା; ଦୂର ଦର୍ଶନ ।
Outmost, *a.* ସବୁଠାରୁ ଦୂରସ୍ଥ ବା ବାହାରସ୍ଥ ।
Outnumber, *v.* ସଂଖ୍ୟାରେ ଅନ୍ୟଠାରୁ ଅଧିକ-ହେ । [ଶ୍ରେଣୀ ବା ଥାନା ।
Outpost, *s.* ସୈନ୍ୟମାନଙ୍କର ଛାଉଣିରୁ ଦୂରସ୍ଥ
Outpour, *v.* ସ୍ରୋତପରି ଢାଳିବା ।
Outrage, *s.* ଦୌରାତ୍ମ୍ୟ, ଅତ୍ୟାଚାର, ଉପଦ୍ରବ ।
Outrageous, *a.* ଅତ୍ୟାଚାରୀ, ଉପଦ୍ରବୀ, ଅନ୍ୟାୟୀ, ଅତ୍ୟନ୍ତିକ । [-ହେ ।
Outreach, *v.* ଗମନରେ ଅତିକ୍ରମ-କର, ଡିଙ୍ଗା
Outride, *v.* ଅଶ୍ୱାରୋହଣରେ ଅନ୍ୟକୁ ପଛେ ପକାଇବା ।
Outright, *ad.* ଏକ୍ଷଣେ, ଏକାନ୍ତରୂପେ, ଖୋଲଖଣାରୂପେ, ସମ୍ପୂର୍ଣ୍ଣରୂପେ ।
Outrun, *v.* ବେଗଗମନରେ ଅନ୍ୟର ଅଗ୍ରସାର-ହେ, ଅନ୍ୟକୁ ପଛେ ପକାଇବା ।
Outset, *s.* ଆରମ୍ଭ, ଆରମ୍ଭସମୟ ।
Outside, *s.* ଉପରଭାଗ, ବାହାରପାଖ, ଉପର, ଅନ୍ତର ସୀମା । [ତଳୀ ।
Outskirts, *s.* ନଗରର ପ୍ରାନ୍ତଭାଗ, ସହର-
Outstanding, *a.* ବାକି ପାଉଣା; ବାହାରେ ନିର୍ଗତ । [ବଢ଼-କର ।
Outstretch, *v.* ବିସ୍ତୀର୍ଣ୍ଣ-କର, ଲମ୍ବା-କର, ଟାଣି
Outstrip, *v.* ଅନ୍ୟଠାରୁ ଶ୍ରେଷ୍ଠ-ହେ; ଦୌଡ଼ିବାରେ ପରକୁ ପଛେ ପକାଇବା ।
Outward, *a.* ବାହାରେ, ଉପରେ: ମୌଖିକ; ଦୃଶ୍ୟ । [ଦୃଶ୍ୟଭାବେ ।
Outwardly, *ad.* ମୌଖିକେ; ବାହ୍ୟରୂପେ,
Outweigh, *v.* ଓଜନ ବା ପରିମାଣରେ ଅଧିକ ଭାରି-ହେ ।
Outwit, *v.* ଛଳ ବା ଚତୁରୀ କରି ଜିତିବା ।
Outworks, *s.* ଗଡ ବାହାରର ପାଚେରି, ଗଡଖାଇ ।
Oval, *a.* ଅଣ୍ଡାକାର, ଗବାକ୍ଷାକାର; ବାଦାମୀ ।
Ovary, *s.* ଡିମ୍ବକୋଷ, ଡିମ୍ବାଧାର ।
Ovation, *s.* ଜୟୋତ୍ସବ ବିଶେଷ ।
Oven, *s.* ତନୁର, ରୁଟୀ ପାକକରିବାର ଚୁଲ୍ଲୀ ବିଶେଷ ।

Over, *prep*. ଉପର,ଉପରେ;ସେପାଖରେ ।
—*ad*. ଊର୍ଦ୍ଧ୍ୱରେ, ଉପରେ, ଅଧିକ; ସ୍ଥାନ: ଏହି ଶବ୍ଦ ଅନ୍ୟ ଶବ୍ଦ ପୂର୍ବେ ଦେଲେ ଅଧିକ ବା ଅତ୍ୟନ୍ତ ବୁଝାଏ ।

Overact, *v*. ଅତିବାଦ-ଅତିକ୍ରାନ୍ତ-କ ।

Overalls, *s*. ଢିଲା ପାଇଜାମା ବିଶେଷ ।

Overarch, *v*. ଉପର ଖିଲାଣ-କ; ଖିଲାଣ ଦ୍ୱାରା ଆଚ୍ଛାଦନ- କ ।

Overawe, *v*. ଦମନ-ଭୀତ-କ, ଧମକାଇବା ।

Overbalance, *v*. ଅଧିକ ଭାର-ହେ ।

Overbear, *v*. ଦମନ-ଜୟ-କ, ଚପିବା ।

Overbearing, *a*. ଗର୍ବୀ, ଦାମ୍ଭିକ, ଦର୍ପୀ ।

Overboard, *ad*. ଜାହାଜର ବାହାରେ ।

Overboil, *v*. ଅତିସିଦ୍ଧ-କ, ଅଧିକସିଝା-ହେ ।

Overbold, *a*. ନିର୍ଭୟ, ଦୁଃସାହସୀ, ପ୍ରଗଲ୍ଭ ।

Overcast, *a*. ମେଘାଚ୍ଛନ୍ନ, ଘୋର; ବିଷଣ୍ଣ ବିମର୍ଷ ।

Overcharge, *v*. ଅଧିକ ପୂରିବା, ଅଧିକ-ମୂଲ୍ୟ ମାଗିବା ବା ଲେଖିବା । [ଅନ୍ଧକାର-କ ।

Overcloud, *v*. ମେଘ ଢାଙ୍କିବା, ମେଘାଚ୍ଛନ୍ନ-

Overcome, *v*. ଜିଣିବା, ଜୟ- ପରାସ୍ତ-କ ।

Overdo, *v*. ଅଧିକ-ଅତିରିକ୍ତ-ଅତିଶୟ-କ ।

Overdrive, *v*. ଅତିବେଗେ ଚଳାଇବା ବା ଦୌଡ଼ାଇବା । [-କ ।

Overfeed, *v*. ଅତ୍ୟନ୍ତ ଭୋଜନ ବା ଆହାର

Overflow, *v*. ଉଚ୍ଛୁଳି ପଡ଼ିବା, ଆପ୍ଲାବନ-କ, ମଗ୍ନ-ହେ । [ବନ୍ୟାର ।

Overflowing, *a*. ଅତିଶୟ,ପ୍ରଚୁର, ବହୁଳ,

Overgrown, *a*.ଅତିବର୍ଦ୍ଧିତ, ବ୍ୟାପ୍ତ, ଆକୀର୍ଣ୍ଣ ।

Overhang, *v*. ବାହାର ହୋଇ ପଡ଼ିବା ।

Overhaul, *v*. ପୁନଃପରୀକ୍ଷାବାଆଲୋଚନା-କ ।

Overhead, *ad*. ଊର୍ଦ୍ଧ୍ୱେ, ଉପରେ, ମସ୍ତକ-ପର ।

Overhear, *v*. ଗୁପ୍ତରେ ଶ୍ରବଣ-କ, ବକ୍ତା ନ ଜାଣି ଶୁଣିବା ।

Overheat, *v*. ଅତିଶୟ ଉଷ୍ଣ-ଅତିତପ୍ତ-କ ।

Overjoy, *s*. ପରମାନନ୍ଦ, ଅତ୍ୟୁଲ୍ଲାସ, ମହାହ୍ଲାଦ ।

Overlay, *v*. ସ୍ତରଦେଇ ମାରିବା; ମଣ୍ଡିତ-କ ।

Overleap, *v*. କୁଦିବା, ଡେଇଁବା, ଉଲ୍ଲମ୍ଫ -କ । [-କ ।

Overload, *v*. ବଡ଼ ଭାର-ଦେ, ଭାରି ବୋଝାଇ

Overlook, *v*. ଉଚ୍ଚ ସ୍ଥାନରୁ ଦେଖିବା; ଅବଲୋକନ-ତତ୍ତ୍ୱାବଧାରଣ-କ; କ୍ଷମା-କ; ଭୁଲି-ଅବଜ୍ଞା-କ ।

Overmatch, *v*. ଅନ୍ୟଠାରୁ ବଳବାନ୍-ହେ ।

Overmuch, *a*. ଅଧିକ, ଅତିଶୟ, ଅତିବାଦ ।

Overnight, *s*. ପୂର୍ବସନ୍ଧ୍ୟା, ଗତସନ୍ଧ୍ୟା, ଶୟନର ପୂର୍ବକାଳ । [ଅଧିକ ମୂଲ୍ୟ-କ ।

Overpay, *v*. ପ୍ରକୃତ ମୂଲ୍ୟରୁ ଅଧିକ-ଦେ,

Overplus, *s*. ଉପର, ବେଶୀ, ଫାଜିଲ, ବାକି ।

Overpower, *v*. ଦମନ- ଅତିକ୍ରମ- ଜୟ-ହୋଇସମ୍ଭୂ୍ୟ-କ, ପ୍ରବଳ-ହେ ।

Overrate, *v*. ଅଧିକ ମୂଲ୍ୟ ବା ଭାଉ-କ ।

Overreach, *v*. ଉପରେ ଉଠିବା, ଲଙ୍ଘ-ଇବା, ପ୍ରତାରଣା-ପ୍ରଗୁମ୍ଫ-କ ।

Overripe, *a*. ଅଧିକ ପକ୍ୱ, ଅତି ପାକଳ ।

Overripen, *v*. ଅତିଶୟ ପକ୍ୱ-କ; ଅତି ପାଚିବା । [-କ ।

Overrule, *v*. ଶାସନ-କର୍ତ୍ତୃପଣ-କ; ଅନ୍ୟଥା

Overrun, *v*. ଲୁଟପାଟ-ଉପଦ୍ରବ-ଉଚ୍ଛିନ୍ନ-କ; ବ୍ୟାପିଯିବା ।

Oversee, *v*. ତତ୍ତ୍ୱାବଧାରଣ- କର୍ମାଧ୍ୟକ୍ଷତା-କ ।

Overseer, *s*. ତତ୍ତ୍ୱାବଧାରକ, ଅମୀନ, କର୍ମାଧ୍ୟକ୍ଷ, ପରିଦର୍ଶକ ।

Overset, *v.* ଉଲ୍ଟାଇବା, ଜଳକୁ ଉପର-କ ।
Overshadow, *v.* ଘୋଡ଼ାଇବା, ଅଚ୍ଛାଦନ-କ, ଢାଙ୍କିବା । [ରଣ ।
Oversight, *s.* ଭ୍ରମ, ଭୁଲ, ତ୍ରୁଟି ; ତତ୍ତ୍ଵାବଧା-
Oversleep, *v.* ଅତିଶୟ ନିଦ୍ରା ଯିବା, ଅଧିକ କାଳ ଶୁଆଇବା ।
Overspread, *a.* ବ୍ୟାପିବା, ସବୁଆଡ଼େ ବଢିଯିବା ।
Overstrain, *v.* ଅତିଶୟ ଚେଷ୍ଟା-କ, ଅତି ଯତ୍ନବାନ୍-ହେ, ଅତିଶୟ ବିସ୍ତାର୍ଣ୍ଣ-କ ।
Overt, *a.* ବ୍ୟକ୍ତ, ପ୍ରକାଶିତ, ପ୍ରତ୍ୟକ୍ଷ ।
Overtake, *v.* ଦୌଡ଼ ବା ଧାଇଁ ଧରିବା ।
Overthrow, *v.* ଉଲ୍ଟାଇବା ; ଜୟ-କ, ଉଚ୍ଛନ୍ନ-ବିନାଶ-କ ।—*s.* ଉଚ୍ଛେଦ, ପରାଜୟ, ବିନାଶ, ନିପାତ ।
Overtop, *v.* ବଢିବା, ବର୍ଦ୍ଧିତ-ଉତ୍କୃଷ୍ଟ-ହେ ।
Overture, *s.* ପ୍ରସଙ୍ଗ, ପ୍ରସ୍ତାବ, ପ୍ରକ୍ଷେପ; ନାଟକାରମ୍ଭେ ଗୀତ ବିଶେଷ । [ଇବା ।
Overturn, *v.* ଉଲ୍ଟାଇପକାଇବା, ଉଲ୍ଟା-
Overweening, *a.* ଦର୍ପୀ, ଗର୍ବ, ଆତ୍ମଶ୍ଲାଘୀ ।
Overwhelm, *v.* ଉପାଡ଼-ଦେ, ବ୍ୟାକୁଳ-ମଗ୍ନ-କ ।
Overwise, *a.* ଆତ୍ମାଭିମାନୀ, ଅତି ବୁଦ୍ଧିବିଶିଷ୍ଟ ।
Overwork, *v.* ଅଧିକ କର୍ମ-ଅତିପରିଶ୍ରମ-କ ।
Oviparous, *a.* ଅଣ୍ଡଜାତ, ଡିମ୍ବୋତ୍ପାଦକ ।
Owe, *v.* ଧାରୁଅ-ଋଣୀ-ହେ ; ବାଧିତ-ହେ ।
Owl, *s.* ପେଚା, ପେଚକ, ଉଲ୍ଲୁକ, ନିଶାଚର ।
Own, *pro.* ନିଜର, ସ୍ଵୟଂ, ସ୍ଵୀୟ, ସ୍ଵକୀୟ ।
—*v.* ଅଧିକାରୀ-ପ୍ରାପ୍ତ-ହେ, ସ୍ଵୀକାର-ଅଙ୍ଗୀକାର-ଗ୍ରହଣ-କ, ମାନିବା ।
Owner, *s.* ସ୍ଵାମୀ, ଅଧିକାରୀ, କର୍ତ୍ତା, ମାଲିକ ।
Ownership, *s.* ସ୍ଵତ୍ଵ, ସ୍ଵାମିତ୍ଵ, ଅଧିକାରିତ୍ଵ, ମାଲିକୀ ।
Ox, ବଳଦ, ଦାମ୍ଣ୍ଡ, ଦାମଡ଼ା, ଗୋରୁ ।
Oxygen, *s.* ବାୟୁର ଏକାଂଶ, ଅମ୍ଳଜବାଷ୍ପ ।
Oyster, *s.* କସ୍ତୁରୀ; ଶୁକ୍ତିକା ।

## P.

P, ଇଂରାଜୀ ବର୍ଣ୍ଣମାଳାର ଷୋଡ଼ଶାକ୍ଷର ।
Pabulum, *s.* ଅହାର, ଭରଣପୋଷଣ ।
Pace, *s.* ଏକପାଦ, ପଦବିକ୍ଷେପ, ଗୋଡ଼ପକାଇବା; ଗତି, ଚାଲି ; ପରିମାଣବିଶେଷ ।—*v.* ଧୀରେ୍ ଗମନ-କ; ପାଦ ଦ୍ଵାରା ମାପିବା ।
Pacific, *a.* ଶାନ୍ତ, ମୃଦୁ, ଶାନ୍ତିକର, ବିବାଦଭଞ୍ଜକ ।
Pacificator, *s.* ମଧ୍ୟସ୍ଥ, ମେଳକାରକ ଲୋକ ।
Pacify, *v.* ଶାନ୍ତ- ସୁସ୍ଥିର- ଥଣ୍ଡା-କ ।
Pack, *s.* ଗଣ୍ଠିରି, ପୁଳିନା, ବୋଝ, ମୋଟ, ବସ୍ତା; ତାହାଲ କୁକୁର ସମୂହ ।—*v.* ବସ୍ତା ବା ଗଣ୍ଠିରି ବା ବୋଝ-ବାନ୍ଧିବା ।
Packet, *s.* ପୁଳିନା ;ଡାକ ପୁଳିନା; ଯାତ୍ରୀଲୋକ ବହିବା କିମ୍ବା ପତ୍ର ବାହକ ବାଷ୍ପୀୟଜାହାଜ
Packhorse, *s.* ବୋଝିଆ ଘୋଡ଼ା ।
Packthread, *s.* ଅଖା ସିଇଁବାର ଦଉଡ଼ି, ଗଣ୍ଠି ବାନ୍ଧିବାର ସୂତଳି ।
Pad, *s.* ପଥ, ଧୀରଗାମୀ ଅଶ୍ଵ; କାଠପାଜି ।
Paddle, *s.* ବେଲୁଅଳ, କ୍ଷୁଦ୍ର ଅହୁଲା ।
—*v.* ଅହୁଲମାରିବା; ଜଳରେକ୍ରୀଡ଼ା-କ ।
Paddock, *s.* ମୃଗାଦି ଜନ୍ତୁ ରଖିବାର କ୍ଷେତ୍ର ବିଶେଷ; ବେଙ୍ଗ ।
Paddy, *s.* ଧାନ, ଧାନ୍ୟ ।
Padlock, *s.* ତାଲା, କୋଲପ, କୁଲୁପ ।
Pæan, *s.* ଜୟଧ୍ଵନି, ସ୍ତୁତି ଗୀତ, ଜୟସୂଚକ ଗାନ । [ନିକ ।
Pagan, *s.* ଦେବପୂଜକ, ଦେବାର୍ଚ୍ଚକ, ପୌତ୍ତ-

Paganism, *s.* ଦେବପୂଜା, ଦେବପୂଜକମାନ-ଙ୍କର ମତ ବା ଧର୍ମ ।

Page, *s.* ପୃଷ୍ଠ, ପୃଷ୍ଠା, ପୃଭା, ପେଠି, ପତ୍ର; ଚାକରଟୋକା । [ଆଡମ୍ବର ।

Pageant, *s.* ତାମସା, ଘଟା, ଜାକଜମକ,

Pageantry, *s.* ଦୃଷ୍ଟିଶୋଭା, ଆଡମ୍ବର, ଉତ୍ସବ ।

Pagoda, *s.* ଦେଉଳ, ଦେବାଳୟ, ଦେବ-ମନ୍ଦିର; ମୁଦ୍ରାବିଶେଷ ।

Paid, *v.* ଋଣ ଶୁଝିଲା, ପରିଶୋଧ ହେଲା ।

Pail, *s.* ଜଳପାତ୍ର ବିଶେଷ, ବାଲ୍ଟି ।

Pain, *s.* ବେଦନା, ବ୍ୟଥା, ଯନ୍ତ୍ରଣା, ଦୁଃଖ । —*v.* ଦୁଃଖ-ପୀଡ଼ା-ଦେ, ବିନ୍ଧିବା, ବ୍ୟଥା-କ ।

Painful, *a.* ପୀଡ଼ାଜନକ, ଦୁଃଖଦାୟକ, କ୍ଳେଶଦ । [ରୂପେ ।

Painfully, *ad.* ଦୁଃଖପୂର୍ବକ, କଷ୍ଟେ, ବ୍ୟଥା-

Pains, *s.* କ୍ଳେଶ, କଷ୍ଟ; ଶ୍ରମ, ପରିଶ୍ରମ, ଚେଷ୍ଟା; ପ୍ରସବ ବେଦନା ।

Paint, *s.* ରଙ୍ଗ, ବର୍ଣ୍ଣ, ଲେପନ ।—*v.* ଚିତ୍ର -କ, ରଙ୍ଗ-ଦେ; ବର୍ଣ୍ଣନା-କ ।

Painter, *s.* ଚିତ୍ରକର, ଛବିକର, ରଙ୍ଗବାଳା ।

Painting, *s.* ଚିତ୍ରବିଦ୍ୟା; ଚିତ୍ର, ଛବି, ପେନ୍ତୁଲି ।

Pair, *s.* ଯୋଡ଼, ଯୋଡ଼ା, ଦୁଇ, ଯୁଗ୍ମ; ସ୍ତ୍ରୀ ପୁରୁଷ, ଦମ୍ପତି ।—*v.* ଯୋଡ଼ାଇ-ଦେ, ଯୁଗଳ -ହେ, ବିବାହ-କ । [ଅଟ୍ଟାଳିକା

Palace, *s.* ରାଜନଘର, ଉଆସ, ରାଜଗୃହ,

Palanquin, *s.* ପାଲ୍‌କି, ଖଡ଼ଖଡ଼, ଶିବିକା, ମେହେନା । [ରୁଚିକର ।

Palatable, *a.* ସୁସ୍ୱାଦୁ, ସୁରସ, ରୁଚିକ,

Palate, *s.* ମୁଖର ତାଲୁ, ତାଳୁଅ; ସ୍ୱାଦ, ରସବୋଧ । [ରିତ ।

Palatine, *a.* ତାଳବ୍ୟ, ତାଳୁଦ୍ୱାରା ଉଚ୍ଚା-

Palaver, *s.* ମିଥ୍ୟାବକାବକ; ସ୍ତବସ୍ତୁତି ।

Pale, *a.* ମଳିନ, ପାଟଳ, ଫିକା, ପିଙ୍ଗଳବର୍ଣ୍ଣ । —*s.* କାଠ ବା ଲୌହବାଡ଼; ସୀମା, ଅଞ୍ଚଳ ।

Paleness, *s.* ମାଳିନ୍ୟ, ବୈବର୍ଣ୍ଣ୍ୟ, ପାଂଶୁବର୍ଣ୍ଣ ।

Palette, *s.* ଚିତ୍ରକରର ରଙ୍ଗର ପାତ୍ର ।

Palfrey, *s.* ସ୍ତ୍ରୀଲୋକର ଚଢ଼ିବା କ୍ଷୁଦ୍ର ଘୋଡ଼ା ।

Palisade, *s.* ବାଡ଼, କାଠରବାଡ଼, କାଠଗଡ଼ ।

Palish, *a.* ଈଷତ୍‌ପିଙ୍ଗଳବର୍ଣ୍ଣ; ମ୍ଳାନବତ ।

Pall, *s.* ଶବାଚ୍ଛାଦନର ବସ୍ତ୍ର; ଯାଜକୀୟ ଜାମା-ବିଶେଷ ।

Pall, *v.* ସ୍ୱାଦୁ-ନଷ୍ଟ-ହେ, ଅରୁଚି ଜନ୍ମାଇ-ବା, ତୃପ୍ତକରାଇବା; କ୍ଷୀଣ-କ ।

Pallet, *s.* କ୍ଷୁଦ୍ରଶଯ୍ୟା, ମନ୍ଦପଲଙ୍କ ।

Palliate, *v.* ଦୋଷାଚ୍ଛାଦନ-ଦୋଷ ଊଣା-କ ।

Palliation, *s.* ଦୋଷ ଲଘୁକରଣ, ଦୋଷା-ଚ୍ଛାଦନ, ଓଜର; ଉପଶମ ।

Pallid, *a.* ମଳିନ, ବିବର୍ଣ୍ଣ, ଫିକା ।

Palm, *s.* ତାଳାଦିବୃକ୍ଷର ସାଧାରଣ ନାମ; ତା-ଳୁଅ କରତଳ, ଜୟ ଚିହ୍ନ, ତାଳବାହୁଙ୍ଗା । —*v.* ଠକିବା, ପ୍ରବଞ୍ଚନା-କ ।

Palmer, *s.* ପୁଣ୍ୟକ୍ଷେତ୍ରର ଯାତ୍ରୀ, ପଥିକ ।

Palmistry, *s.* ସାମୁଦ୍ରିକବିଦ୍ୟା, ହାତ ଦେଖି ଭାଗ୍ୟକଥନ ବିଦ୍ୟା ।

Palmy, *a.* ତାଳଜନକ, ତଦ୍‌ବୃକ୍ଷମୟ; ଜୟୀ, ଶୁଭ, ସୁଖୀ ।

Palpable, *a.* ସ୍ପର୍ଶନୀୟ, ଛୁଁଅ; ସ୍ପଷ୍ଟ, ପ୍ରତ୍ୟକ୍ଷ

Palpably, *ad.* ସ୍ପଷ୍ଟରୂପେ, ପ୍ରତ୍ୟକ୍ଷରୂପେ ।

Palpitate, *v.* କମ୍ପିବା, ଥର୍‌ଥର୍‌-ହେ, ଧୁକ୍‌ଧୁକ୍‌-କ ।

Palpitation, *s.* କମ୍ପନ, ଥରଥର; ହୃତ୍ପିଣ୍ଡର ଧକ୍‌ଧକ୍‌ ।

Palsy, *s.* ପକ୍ଷାଘାତ, ଅବଶାଙ୍ଗରୋଗ ।

Paltry, *a.* କ୍ଷୁଦ୍ର, ନୀଚ, ଅଧମ, ପାଜି, ହେୟ

Pamper, *v.* ଦେହପୁଷ୍ଟ-ପେଟଭର-କ ।

Pamphlet, *s.* ସାନ ବହିବିଶେଷ । [ରଚକ ।
Pamphleteer, *s.* ଉକ୍ତ ବହି ଲେଖକ ବା ର·
Pan, *s.* ପାକପାତ୍ର, କରାଇ; କଂସା; ରଞ୍ଜକପର
Panacea, *s.* ସର୍ବରୋଗନାଶକ ଔଷଧ ।
Pancake, *s.* ମଇଦା ଦୁଧାଦି ନିର୍ମିତ ପିଠା
Pandemonium, *s.* ନରକ, ଦୁଷ୍ଟାତ୍ମାମାନଙ୍କର ସଭାସ୍ଥାନ ।
Pander, *s.* କୁଟ୍ଟଣୀ, ଭଡୁଆ ।
Pane, *s.* ଚଉକୋଣା କାଚ ଅବା ପରକଳା
Panegyric, *s.* ଗୁଣ ବର୍ଣ୍ଣନା, ସ୍ତବ, ସ୍ତୁତି ।
Panegyrist, *s.* ଭାଟ, ସ୍ତୁତିବାଦକ, ବନ୍ଦୀ ।
Panel, *s.* କବାଟର ପାଳଦଣ୍ଡ; ଜୁରି ବା ପଞ୍ଚାୟତମାନଙ୍କର ତାଲିକା ।
Pang, *s.* ଅତିଶୟ ଯନ୍ତ୍ରଣା, ଯାତନା, ବେଦନା
Panic, *s.* ହଠାତ୍ ବା ବିନା କାରଣେ ଭୟ, ଆତଙ୍କ, ଶଙ୍କା । [ଦିଆ ଯାଏ ।
Pannier, *s.* ପଶୁ ପିଠିରେ ଯେ ଟୋକାଇ
Panoply, *s.* ସର୍ବାଙ୍ଗର ସାଜ ଅବା କବଚ ।
Panorama, *s.* ଦେଶର ଚିତ୍ରବିଶେଷ ।
Pant, *v.* ହାମ୍ପିବା, ବକ୍ଷସ୍ଥଳ ଥର୨-କ; ଆକାଂକ୍ଷା-କ ।
Pantaloons, *s.* ପାଇଜାମା, ଇଜାର ।
Pantheon, *s.* ଦେବସମୂହର ମନ୍ଦିର ।
Panther, *s.* ଚିତାବାଘ, ବ୍ୟାଘ୍ରବିଶେଷ ।
Pantomime, *s.* କୌତୁକ, ଭଣ୍ଡ, ନକଲିଆ, ମସ୍କରା ।
Pantry, *s.* ଖାଦ୍ୟଦ୍ରବ୍ୟ ଘର, ଭୋଜନଶାଳା
Pap, *s.* ସ୍ତନାଗ୍ର, ଚୁଚୁକ, ଦୁଧର ମଣ୍ଡ, ବାଳକର କୋମଳ ଅନ୍ନ ।
Papa, *s.* ସ୍ନେହବାକ୍ୟରେ ପିତା, ବାପା, ପାପା
Papacy, *s.* ରୋମୀୟ ଧର୍ମାଧ୍ୟକ୍ଷର ପଦ ।
Papal, *a.* ଉପରୋକ୍ତ ଧର୍ମାଧ୍ୟକ୍ଷର ପଦସମ୍ବନ୍ଧୀୟ
Paper, *s.* କାଗଜ, ଲେଖିବାର ପତ୍ର ବା ପତ୍ରିକା
Paper-money, *s.* ହୁଣ୍ଡି, ନୋଟ୍ କାଗଜ ।
Papist, *s.* ରୋମୀୟ ଧର୍ମ ମତାବଲମ୍ବୀ ।
Par, *s.* ତୁଲ୍ୟତା, ସମାନତା, ବରାବର, ସମତା
Parable, *s.* ଦୃଷ୍ଟାନ୍ତକଥା, ଉପମା, ପଟାନ୍ତର, ଉପଦେଶାର୍ଥ ବାକ୍ୟ ।
Parachute, *s.* ଛତ୍ରବିଶେଷ । [ପବିତ୍ରାତ୍ମା ।
Paraclete, *s.* ସାନ୍ତ୍ୱନାକର୍ତ୍ତା, ପ୍ରବୋଧକର୍ତ୍ତା,
Parade, *s.* ସୈନ୍ୟମାନଙ୍କର ସମାବେଶ, ଧୁମ୍‌ଧାମ; ଶିକ୍ଷାକରଣ ଅବା କବାଜ୍ ସ୍ଥାନ ।
Paradigm, *s.* ଉଦାହରଣ, ଦୃଷ୍ଟାନ୍ତ, ନମୁନା
Paradise *s.* ଏଦନର ଉଦ୍ୟାନ, ସ୍ୱର୍ଗ, ସୁଖସ୍ଥାନ
Paradox, *s.* ଅସମ୍ଭବକଥା, ଅନୁପଲବ୍ଧ ପ୍ରସଙ୍ଗ
Paragon, *s.* ଅଦ୍ୱିତୀୟ ବସ୍ତୁ ବା ବ୍ୟକ୍ତି, ଆଦର୍ଶ; ସଙ୍ଗୀ, ସହବାସୀ ।
Paragraph, *s.* ପ୍ରକରଣ, କାଣ୍ଡ, ପରିଚ୍ଛେଦ, ବାକ୍ୟର ଅଙ୍ଗ ।
Parallel, *a.* ସମସରଳରେଖା, ତୁଲ୍ୟ, ସମାନ
Paralellogram, *s.* ସମସରଳ, ଅଯୁତ-ଚତୁଷ୍କୋଣ, ସମାନ୍ତରାଲ କ୍ଷେତ୍ର ।
Paralysis, *s.* ପକ୍ଷାଘାତ, ଅର୍ଦ୍ଧାଙ୍ଗରୋଗ ।
Paralytic, *a.* ପକ୍ଷାଘାତି, ଅବଶାଙ୍ଗ ।
Paralyse, *v.* ଅଙ୍ଗାବଶ-କ୍ରିୟାଶୂନ୍ୟ-କ, ଅବଶ-ହ ।
Paramount, *a.* ପ୍ରଧାନ, ସର୍ବଶ୍ରେଷ୍ଠ, ଅତିବଡ଼
Paramour, *s.* ଜାର, ଉପପତି, ଉପପତ୍ନୀ, ଢେମଣା, ଢେମଣୀ ।
Parapet, *s.* ବୁକସରକପାଚେରି । [ରଦାନ ।
Paraphernalia, *s.* ସ୍ତ୍ରୀଧନ, ଯୌତୁକ, ବର-
Paraphrase, *s.* ଟୀକା, ଟିପ୍ପଣୀ, ବ୍ୟାଖ୍ୟା ।
Parasite, *s.* ତୋଷାମୋଦିଆ, ପେଟୁବାଙ୍କା; ବୃକ୍ଷବିଶେଷ ।
Parasol, *s.* ବଡ଼ଲୋକର ସାନ ଛତା ।
Parboil, *v.* ଅର୍ଦ୍ଧସିଝା-ଦରସିଝା-କ ।

Parcel, *s.* ସାନପୁଟୁଳିକା, ଗଣ୍ଠିଲି, ପୁଟଳା; ଭାଗ, ଅଂଶ ।
Parch, *v.* ଭଜିବା, ପୁଅଇବା; ଶୁଖିବା ।
Parchment, *s.* ଲେଖନାର୍ଥେ ତିଆର ଚର୍ମ ।
Pardon, *s.* କ୍ଷମା, ମାଫ, ମାର୍ଜନା, ବିମୋଚନ । —*v.* କ୍ଷମା-ମାର୍ଜନା-କର ।
Pardonable, *a.* କ୍ଷମାଯୋଗ୍ୟ, ମାର୍ଜନୀୟ, କ୍ଷନ୍ତବ୍ୟ ।
Pare, *v.* ନଖାଦି କାଟିବା, ଛାଟିବା ।
Parent, *s.* ପିତା ବା ମାତା, ବାପ ବା ମା ।
Parentage, *s.* ଜନ୍ମ, ବଂଶ, ଗୋତ୍ର, କୁଳ ।
Parental, *a.* ପିତାମାତାସମ୍ବନ୍ଧୀୟ, ମା ବାପର
Parenthesis, *s.* ଲେଖାର ଛେଦ,ଚିହ୍ନ,ଯଥା()
Paring, *s.* ଛାଲ, ଖୋଲପା, ଛାଲ୍କା ।
Parish, *s.* ଏଲାକା, ପଲ୍ଲୀ; ଧର୍ମାଧ୍ୟକ୍ଷ ଅଧିକାରର ପ୍ରଦେଶ ବା ଅଞ୍ଚଳ । [ବାସୀ ।
Parishioner, *s.* ପୂର୍ବୋକ୍ତ ପ୍ରଦେଶ ବା ଗ୍ରାମ-
Parity, *s.* ତୁଲ୍ୟତା, ସମାନତା, ସାଦୃଶ୍ୟ; ସମମୂଲ୍ୟ ।
Park, *s.* ଉଦ୍ୟାନ, ଉପବନ; ମୃଗାଳୟ ।
Parley, *s.* କଥାବାର୍ତ୍ତା; ବାଦାନୁବାଦ ।
Parliament, *s.* ଇଂଲଣ୍ଡ ଦେଶର ରାଜକୀୟ ମହାସଭା । [କୀୟ ।
Parliamentary, *a.* ଉପରୋକ୍ତ ସଭା ସମ୍-
Parlour, *s.* ଉତ୍ତମ, ବସିବାର କୋଠରୀ, ବୈଠକଖାନା [ସମ୍ବନ୍ଧୀୟ ।
Parochial, *a.* ଧର୍ମାଧ୍ୟକ୍ଷର ଅଧିକୃତ ପ୍ରଦେଶ
Parody, *s.* ପରରଚନାକୁ ବିକାର, ଛଦ୍ମଲେଖା, ଉପହାସର ଲେଖନ ।
Parole, *s.* ବାକ୍ୟପ୍ରତିଜ୍ଞା, ଜଣାସବୋଧକବାକ୍ୟ
Paroquet, *s.* ତୋତା, ଶୁଆ, ଶୁକପକ୍ଷୀ ।
Paroxysm, *s.* ରୋଗର ବୃଦ୍ଧି ବା ସାମୟିକ ଉପଦ୍ରବ ।

Parricide, *s.* ପିତୃହତ୍ୟା; ପିତୃହନ୍ତା, ପିତୃଘ୍ନ
Parrot, *s.* ଶୁକ, ଶୁଆ, ତୋତା, ଟିଆ ।
Parry, *v.* ଆଘାତ-ଅବରୋଧ-ନିବାରଣ-କର ।
Parse, *v.* ବ୍ୟାକରଣାନୁସାରେ ପଦ ସାଧିବା ।
Parsimonious, *a.* କୃପଣ, କାଞ୍ଜୀ, ଦାତ-କଷା, ବ୍ୟୟକୁଣ୍ଠ । [କୁଣ୍ଠତା ।
Parsimony, *s.* କାର୍ପଣ୍ୟ, କୃପଣତା, ବ୍ୟୟ-
Parsley, *s.* ପିତଶାଳୀ ।
Parsnip, *s.* ରକ୍ଷଣୀୟ ମୂଳବିଶେଷ ।
Parson, *s.* ଧର୍ମୋପଦେଶକ, ପାଦ୍ରୀ ।
Parsonage, *s.* ଉପରୋକ୍ତ ବ୍ୟକ୍ତିର ବାସସ୍ଥାନ ।
Part, *s.* ଅଂଶ, ଭାଗ, ବାଣ୍ଟ; ଅଙ୍ଗ; ପକ୍ଷ, ସମ୍ପର୍କ; କର୍ତ୍ତବ୍ୟକର୍ମ ।—*v.* ଅଂଶ-ଭାଗ-ଭିନ୍ନ-ପୃଥକ୍-କର; ପ୍ରସ୍ଥାନ-କର ।
Partake, *v.* ଅଂଶୀ-ଭାଗୀ-ସମ୍ଭୋଗୀ-ହେ ।
Partaker, *s.* ଅଂଶୀ, ଭାଗୀ, ସହଭୋଗୀ, ହିସ୍ସାଦାର । [ପେକ୍ଷୀ; ଅସମ୍ପୂର୍ଣ୍ଣ ।
Partial, *a.* ପକ୍ଷପାତୀ, ଉପରୋଧୀ, ମୁଖା-
Partiality, *s.* ପକ୍ଷପାତ, ମୁଖାପେକ୍ଷା, ଉପରୋଧ । [ଅଂଶରେ ।
Partially, *ad.* ପକ୍ଷପାତପୂର୍ବକ; କୌଣସି
Participate, *v.* ସହଭୋଗୀ-ଅଂଶୀ-ଭାଗୀ-ହେ । [ଭାଗିତା ।
Participation, *s.* ସହଭୋଗ, ଅଂଶିତ୍ୱ,
Participle, *s.* ଅସମାପିକା କ୍ରିୟାପଦ ।
Particle, *s.* କ୍ଷୁଦ୍ରବସ୍ତୁ, ପରମାଣୁ, ଅଣୁ; ଅବ୍ୟୟଶବ୍ଦ ।
Particular, *a.* ବିଶେଷ; ଅସାଧାରଣ; ପୃଥକ୍; ଅନ୍ତରଙ୍ଗ । [କହିବା ।
Particularize, *v.* ବିଶେଷ ବା ବିସ୍ତାର କରି
Particularly, *ad.* ବିଶେଷରୂପେ, ସ୍ପଷ୍ଟରୂପେ ।

Particulars, *s.* ବିବରଣ, ବେଓରା, ଇତ୍ଥଂ-ବୃତ୍ତାନ୍ତ । [ଭେଦ ।

Partisan, *s.* ଦଳଭୁକ୍ତ ବ୍ୟକ୍ତି, ପକ୍ଷପାତୀ,ସ୍ୱପକ୍ଷ

Partition, *s.* ବିଭାଗକରଣ; ବଣ୍ଟନ; ଭାଗ, ବାଣ୍ଟ; ପର୍ଦ୍ଦା, ବ୍ୟବଧାନ ।

Partly, *ad.* ଏକଭାବେ, ଏକାଂଶେ, କିଛି ।

Partner, *s.* ଅଂଶୀ, ଭାଗୀ, ହିସାବଦାର, ସହବାସୀ, ସଙ୍ଗୀ, ସରିକଦାର ।

Partnership, *s.* ଅଂଶିତ୍ୱ, ଭାଗିତ୍ୱ, ଅଂଶାଂଶୀ

Partridge, *s.* ତିତିରପକ୍ଷୀ ।

Parts, *s.* ଗୁଣ, ବୁଦ୍ଧି, କ୍ଷମତା; ପ୍ରଦେଶ ।

Parturition, *s.* ପ୍ରସବକରଣ, ପ୍ରସବ ।

Party, *s.* ଦଳ, ସଭା, ସମ୍ପ୍ରଦାୟ, ସମାଜ; ପକ୍ଷ, ତରଫ । [ବର୍ଣ୍ଣବିଶିଷ୍ଟ ।

Party-coloured, *a.* ବିଚିତ୍ର,ବହୁରଙ୍ଗ,ନାନା

Pasquinade, *s.* ଗାଳି ବା ଅପବାଦସୂଚକ କବିତା ।

Pass, *v.* ଯିବା, ଗମନ-କ; ଚାଲିବା; ପାର-ହେ; କ୍ଷେପଣ-କ; ପରିବର୍ତ୍ତିତ-ହେ; କାର୍ଯ୍ୟ ସ୍ଥାପନ-କ; ଘଟିବା; ଗତ-ହେ; ଚଳିତ-ହେ; ସମ୍ମତ-ହେ; ପରୀକ୍ଷାରେ ଫଳ ପ୍ରାପ୍ତ-ହେ । —*s.* ଛାଡ଼ଚିଠି; ପଥ, ବାଟ; ଅସ୍ତ୍ରାଘାତ, ଚେଷ୍ଟା; ଗତି, ଦଶା ।

Passable, *a.* ଗମନୀୟ, ଚଳନାର୍ହ ।

Passage, *s.* ଯାତ୍ରା; ଗଳି, ପଥ; ପ୍ରବର୍ତ୍ତନ, ପଦ, ଗ୍ରନ୍ଥର ଏକ ଅଂଶ ।

Passenger, *s.* ପଥିକ, ଯାତ୍ରୀ, ବାଟୋଇ; ଚଢ଼ନଦାର ।

Passing, *ad.* ଅତ୍ୟନ୍ତରୂପେ, ଶ୍ରେଷ୍ଠଭାବେ, ଉତ୍କୃଷ୍ଟଭାବେ ।—*a.* ଅତ୍ୟୁତ୍ତମ, ଶ୍ରେଷ୍ଠ; ଗମନଶୀଳ, ଚଳିତ ।

Passion, *s.* ସୁଖଦୁଃଖାବେଗ, ରାଗ, କ୍ରୋଧ; ପ୍ରେମ, ସ୍ନେହ, ଅନୁରାଗ ।

Passionate, *a.* ରାଗୀ, କ୍ରୋଧୀ, ଉଗ୍ର,ଗରମ ।

Passionately, *ad.* ଅତିବଡ଼, ସକୋପେ, କ୍ରୋଧପୂର୍ବକ ।

Passive, *a.* ସହିଷ୍ଣୁ, ନମ୍ର, ସହନଶୀଳ ।

Passive-voice, *s.* କର୍ମଣିବାଚ୍ୟ ।

Passover, *s.* ନିସ୍ତାରପର୍ବ, ଯିହୁଦୀୟମାନଙ୍କର ପର୍ବ ବିଶେଷ । [ଅଜ୍ଞା ।

Passport, *s.* ଛାଡ଼ଚିଠି, ପରୁଆନା, ରାହ-

Past, *a.* ଗତ, ଅତୀତ, ଭୂତ, ଗଲା, ହେଲା; ଭୂତ ।

Paste, *s.* ଲେଇ, ମଣ୍ଡ, ଅଠା ।

Pasteboard, *s.* ଜମାଟ କାଗଜ । [ଖେଳା ।

Pastime, *s.* ଖେଳ, କୌତୁକ, ବିହାର,

Pastor, *s.* ମେଷରକ୍ଷକ; ମଣ୍ଡଳୀପାଳକ, ଧର୍ମୋପଦେଶକ ।

Pastoral, *a.* ଗ୍ରାମ୍ୟ, ରଖୁଆଳବିଷୟକ;ଧର୍ମୋପଦେଶକସମ୍ବନ୍ଧୀୟ ।—*s.* ରଖୁଆଳର ଗୀତ, ଗ୍ରାମ୍ୟକବିତା ।

Pastry, *s.* ପିଠା, ପୁଆ, କଚୁରି ।

Pastry-cook, *s.* ମିଠାଇକର, ଗୁଡ଼ିଆ-ବିଶେଷ ।

Pasturage, *s.* ଗୋମେଷାଦି ଚରିବା ପଡ଼ିଆ ।

Pasture, *s.* ଚର ପଶୁର ଆହାର ।

Pat, *a.* ଉପଯୁକ୍ତ, ଠିକ୍, ଯୋଗ୍ୟ ।—*s.* ଟୋକର, ଥାପୁଡ଼, ଢାକୁଡ଼ା ।—*v.* ଥାପୁଡ଼ା ମାରିବା, ଲଘୁ ଅଘାତ-କ ।

Patch, *v.* ତାଳି ପକାଇବା, ଯୋଡ଼-ଦେ । —*s.* ଯୋଡ଼, ତାଳି ।

Patchwork, *s.* ଯୋଡ଼ା ବା ତାଳିର କର୍ମ ।

Pate, *s.* ମସ୍ତକ, ମଥା, ମୁଣ୍ଡ ।

Patent, *a.* ଖୋଲା, ପ୍ରକାଶିତ, ବ୍ୟକ୍ତ, ସ୍ପଷ୍ଟ । —*s.* ସନନ୍ଦ, ନିଦର୍ଶନପତ୍ର ଅବା ପଟ୍ଟା ।

Patentee, *s.* ନିଦର୍ଶନପତ୍ରଧାରୀ ।

Paternal, *a.* ପୈତୃପକ୍ଷ, ପୈତୃକ, ପିତୃସମ୍ବନ୍ଧୀୟ ।
[ଅଧିକାର ।
Paternity, *s.* ପିତୃତ୍ୱ, ପିତାର ଧର୍ମ ବା
Path, *s.* ପଥ, ବାଟ, ମାର୍ଗ, ରାସ୍ତା ।
Pathetic, *a.* କରୁଣାଜନକ, ମର୍ମଭେଦକ, ଚିତ୍ତାକର୍ଷକ ।
Pathless, *a.* ଦୁର୍ଗମ, ଅବାଟ, ପଥରହିତ ।
Pathology, *s.* ରୋଗନିରୂପକ ବିଦ୍ୟା ।
Pathos, *s.* କରୁଣାରସ, ଚିତ୍ତାକର୍ଷକ ବାକ୍ୟ ।
Patience, *s.* ଧୈର୍ଯ୍ୟ, ସହିଷ୍ଣୁତା, କ୍ଷାନ୍ତି, ତିତିକ୍ଷା
Patient, *a.* ସହିଷ୍ଣୁ, ଧୈର୍ଯ୍ୟଶୀଳ, ଧୀର, କ୍ଷମାବନ୍ତ ।—*s.* ରୋଗୀ, ପୀଡ଼ିତବ୍ୟକ୍ତି ।
Patriarch, *s.* ଗୋଷ୍ଠୀର ପ୍ରଧାନ ବ୍ୟକ୍ତି, ଗୋଷ୍ଠୀପତି, ପୂର୍ବପୁରୁଷ ।
Patriarchal, *a.* ଗୋଷ୍ଠୀପତି ସମ୍ବନ୍ଧୀୟ ।
Patrician, *s.* ରୋମୀୟ କୁଳୀନ ଲୋକ । —*a.* କୁଳୀନ, ପ୍ରଧାନ ।
Patrimony, *s.* ପୈତୃକଧନ ବା ଅଧିକାର ।
Patriot, *s.* ସ୍ୱଦେଶହିତୈଷୀ, ସ୍ୱଦେଶାନୁରାଗୀ
Patriotism, *s.* ସ୍ୱଦେଶର ହିତଚେଷ୍ଟାନୁରାଗ ।
Patrol, *s.* ଭ୍ରମଣକାରୀ ପହରୀ ।—*v.* ଚୌକି ନିମନ୍ତେ ଭ୍ରମଣ-କ ।
Patron, *s.* ଉପକାରକ, ପ୍ରତିପାଳକ, ରକ୍ଷାକାରୀ ।
[ଯ୍ୟତା ।
Patronage, *s.* ଉପକାର, ଅନୁକୂଳ, ସହା-
Patronise, *v.* ସାହାଯ୍ୟ-ରକ୍ଷା-ମୁରବିପଣ-କ ।
Patronimic, *s.* ଲୋକର ନାମ ବା ଉପାଧି ।
Patten, *s.* କାଠଉବିଶେଷ ।
[ଶବ୍ଦ-କ ।
Patter, *v.* ଟିଟରପଟରଶବ୍ଦ- ଶିଳାବୃଷ୍ଟିବତ୍
Pattern, *s.* ନମୁନା, ନିଦର୍ଶନ, ଆଦର୍ଶ ।
Paucity, *s.* ଅଳ୍ପତା, ନ୍ୟୂନତା, କମତି ।
Paunch, *s.* ଉଦର, ପେଟ, କୁକ୍ଷି ।

Pauper, *s.* କଙ୍ଗାଳି, ଦରିଦ୍ର, ଭିକ୍ଷୁକ, ଗରିବ ।
Pauperism, *s.* କାଙ୍ଗାଳିପଣ, ଦରିଦ୍ରତା, ଆକିଞ୍ଚନତା ।
Pause, *s.* ବିରାମ, ବିଶ୍ରାମ, ସ୍ଥିତି, ନିବୃତ୍ତି, ଛେଦ । —*v.* ବିରାମ- ବିଚ୍ଛେଦ-କ, ଅଳ୍ପକାଳ ସ୍ଥିତ -ହେ ।
[ଇବା ।
Pave, *v.* ଚଟାଣରେ ଇଟା ବା ପଥର ବସା-
Pavement, *s.* ଇଟା ବା ପଥରନିର୍ମିତ ଚଟାଣ
Pavilion, *s.* ତାମ୍ବୁ, ତମ୍ବୁ, ଡେରା, ବସ୍ତ୍ରଗୃହ ।
Paw, *s.* ପଶ୍ୱାଦିର ପାଦ ଅବା ଗୋଡ଼ ।—*v.* ପାଦାଘାତ-କ; ଫୁସଲାଇବା ।
Pawn, *v.* ବନ୍ଧକ-ଦେ ବା ରଖିବା ।
Pawnbroker, *s.* ବନ୍ଧକୀମହାଜନ, ବନ୍ଧକ ଯେ ରଖେ ।
Pay, *s.* ବର୍ତ୍ତନ, ବେତନ, ମୂଲ୍ୟ, ମହିନା, ଦରମାହା ।—*v.* ଋଣପରିଶୋଧ-କ, ମୂଲ୍ୟ-ଦେ; ପ୍ରତିଫଳ-ଦେ ।
Payable, *a.* ପରିଶୋଧନୀୟ, ଦେୟ, ଦେଣା
Payee, *s.* ହୁଣ୍ଡି ଯାହାର ନାମରେ ଦିଆଯାଏ ।
Payment, *s.* ପରିଶୋଧ, ନିକାଶ; ଦାନ,
[ପୁରସ୍କାର ।
Pea, *s.* ମଟର, କଲାଇ ।
Peace, *s.* ଶାନ୍ତି, ଅବିରୋଧ, ସନ୍ଧି, ମେଳ । —*int.* ସ୍ଥିର ହୁଅ, ଚୁପ ହୁଅ, ଚୁପ୍ କର ।
Peaceable, *a.* ଶାନ୍ତ, ସୁସ୍ଥିର, ଅବିରୋଧୀ, ନିର୍ବିରୋଧୀ ।
Peaceably, *ad.* ଶାନ୍ତରୂପେ, ଅବିରୋଧେ, ସ୍ୱଚ୍ଛନ୍ଦେ ।
Peaceful, *a.* ଶାନ୍ତ, ସୁସ୍ଥିର, ମୃଦୁ, ଧୀର ।
Peacemaker, *s.* ବିବାଦଭଞ୍ଜକ, ମଧ୍ୟସ୍ଥ, ମେଳକାରୀ ।
Peace-offering, *s.* ପ୍ରାୟଶ୍ଚିତ୍ତ, ଶାନ୍ତିସୂଚକ ନୈବେଦ୍ୟ ।
Peach, *s.* ପିଚୁଫଳ, ଫଳବିଶେଷ ।

Peacock, *s.* ମୟୂର, ଶିଖୀ ।
Pea-hen, *s.* ମୟୂରୀ, ଶିଖିନୀ ।
Peak, *s.* ଚୂଡ଼ା, ଶୃଙ୍ଗ, ଶିଖ, ଅଗ୍ରଭାଗ ।
Peal, *s.* ମେଘ ଘଣ୍ଟାଦିର ବୃହତ୍ ଶବ୍ଦ ।
Pearl, *s.* ମୋତି, ମୁକ୍ତା, ମୌକ୍ତିକ, ଶୁକ୍ତିଜ ।
Peasant, *s.* ଚଷା, କୃଷାଣ, ଚାଷୀ, କୃଷକ ।
Peasantry, *s.* ଚାଷୀ, କୃଷାଣ ; ପ୍ରଜାବର୍ଗ ।
Pease, *s.* ମଟର କଳାଇ ଇତ୍ୟାଦି ।
Peat, *s.* ଜଳାଇବାର ମୃତ୍ତିକା ବିଶେଷ ।
Pebble, *s.* କଙ୍କର, ଗୋଡି, କ୍ଷୁଦ୍ର ପଥର ।
Peccable, *a.* ପାପସମ୍ଭାବନୀୟ, ପାପାଧୀନ ।
Peccadillo, *s.* କ୍ଷୁଦ୍ର ଅପରାଧ, ଲଘୁଦୋଷ ।
Peccancy, *s.* ପାପର ସ୍ୱଭାବ, ଅଗୁଣ, କୁବ୍ୟବହାର ।
Peck, *v.* ଚଞ୍ଚୁରେ ଖାଇବା, ଖୁଣ୍ଟିବା; ଠୋକର ମାରିବା ।
Pectoral, *a.* ବକ୍ଷଃସ୍ଥିତ, ବକ୍ଷଃସମ୍ବନ୍ଧୀୟ ।
Peculate, *v.* ସରକାରୀ ମାଲ ଚୋର-କ ।
Peculation, *s.* କର୍ତ୍ତାର ଧନ ଗୁପ୍ତରେ ଅପହରଣ । [ଅପୂର୍ବ ।
Peculiar, *a.* ନିଜର, ଆପଣାର; ବିଶେଷ,
Peculiarity, *s.* ବିଶେଷତ୍ୱ, ସ୍ୱାଭାବିକ ଧାର ବା ଗୁଣ, ଅସାଧାରଣ ଭାବ ।
Peculiarly, *ad.* ବିଶେଷତଃ, ବିଶେଷରୂପେ
Pecuniary, *a.* ଅର୍ଥସମ୍ବନ୍ଧୀୟ, ଧନର ।
Pedagogue, *s.* ପିଲାମାନଙ୍କର ଶିକ୍ଷା ବା ପାଠ ଗୁରୁ, ଅଧ୍ୟାପକ, ଅଳ୍ପ ବିଦ୍ୟାରେ ପଣ୍ଡିତାଭିମାନୀ
Pedal, *s.* ଚେକି ।—*a.* ପାଦସମ୍ବନ୍ଧୀୟ ।
Pedant, *s.* ଅଳ୍ପ ବିଦ୍ୟାରେ ଗର୍ବୀ ଲୋକ ।
Pedantic, *a.* ବିଦ୍ୟାଭିମାନୀ, ପଣ୍ଡିତାଭିମାନୀ
Pedantry, *s.* ପଣ୍ଡିତାଭିମାନ, ବିଦ୍ୟାଭିମାନ
Peddle, *v.* ତୁଚ୍ଛାବିଷୟରେ ବ୍ୟସ୍ତ-ହେ; ପାଦଭ୍ରମଣ-କ; ଖୁଚୁରା ବିକ୍ରୀ-କ ।

Pedestal, *s.* ପ୍ରତିମା ଅବା ସ୍ତମ୍ଭର ମୂଳସ୍ଥାନ
Pedestrian, *s.* ପାଦଚାରୀ, ପଥିକ, ପାଦଗାମୀ, ଚାଲିବା ଲୋକ ।
Pedigree, *s.* ବଂଶାବଳୀ, କୁଳ, ଗୋଷ୍ଠୀ ।
Pediment, *s.* ଗୃହର ଉପରେ ଶୋଭାର୍ଥେ ଯେ ତ୍ରିକୋଣାକାର ଗଢ଼ାଯାଏ । [ବୃଷଳ ।
Pedlar, *s.* ପସରାଳି, କ୍ଷୁଦ୍ରବ୍ୟବସାୟୀ, ବାକ୍-
Pedling, *s.* କ୍ଷୁଦ୍ରବ୍ୟବସାୟ, ପସରାଳି ।
Pedobaptism, *s.* ଖ୍ରୀଷ୍ଟୀୟାନ ଧର୍ମରେ ଶିଶୁ ସଂସ୍କାରକରଣର ମତ ।
Peel, *s.* ଛାଲ, ଚୋପା, ଛାଲିବା ।—*v.* ଛାଲ-ଚୋପା- ଛାଲିବା-କାଢ଼ିବା ।
Peep, *v.* ଉଦୟ-ପ୍ରଥମେ ଦେଖା-ହେ; ପକ୍ଷିଶାବକପରି ଡାକିବା ।—*s.* ପ୍ରଥମ ଉଦୟ, ଈଷଦୃଷ୍ଟି ।
Peer, *s.* ସମପଦସ୍ଥବ୍ୟକ୍ତି, କୁଳୀନ ।—*v.* ଉଦୟ-ଦୃଷ୍ଟିଗୋଚର-ହେ, ଉଙ୍କିବା ।
Peerage, *s.* କୁଳୀନତ୍ୱ, କୁଳୀନସମୂହ, କୁଳୀନପଦ ।
Peerless, *a.* ସର୍ବଶ୍ରେଷ୍ଠ, ଅତୁଲ୍ୟ, ଅନୁପମ ।
Peevish, *a.* କ୍ଷଣେ କ୍ରୋଧୀ ବା ରାଗୀ, ଖିଟିଖିଟିଆ । [ବାଳ ।
Peevishness, *s.* ଚିଡ଼ଚିଡ଼ିଆ ସ୍ୱଭାବ, ଖେଁ-
Peg, *s.* ମେଖ, ଖିଲ, ଗୋଜ, ଖଣ୍ଟା ।
Pelf, *s.* ଅଧର୍ମଧନ; ଧନ, ଅର୍ଥ ।
Pelican, *s.* ହାଡ଼ଗିଲା, ପାଣିଭେଲା ।
Pelisse, *s.* ବିବିଲୋକର ବସ୍ତ୍ରବିଶେଷ ।
Pellet, *s.* ଗୁଳି, ବାଟୁଳି, ବର୍ତ୍ତୁଳ ।
Pellmell, *ad.* ଗୋଳମାଳେ, ବିଶୃଙ୍ଖଳରୂପେ
Pellucid, *a.* ନିର୍ମଳ, ସ୍ୱଚ୍ଛ, ପରିଷ୍କାର ।
Pelt, *v.* ଢେଲା ବା ଟେକା ମାରିବା, ଫୋପାଡ଼ -ଦେ ।
Pelvis, *s.* ଉଦରାଧୋଭାଗ, ତଳିପେଟ ।

Pen, s. କଲମ, ପକ୍ଷ, ଲେଖନୀ ।—v. କଲମରେ ଲେଖିବା ; ଠପାରେ ରଖିବା, ଖୁଆଡ଼ରେ ବନ୍ଦ-କ ।
Penal, a. ଦଣ୍ଡଦାୟକ, ଦଣ୍ଡବ୍ୟବସ୍ଥାପକ ।
Penalty, s. ଦଣ୍ଡ, ସଜା, ଶାସ୍ତି, ଜରିମାନା ।
Penance, s. ତପସ୍ୟା; ଦଣ୍ଡଭୋଗ ।
Pencil, s. ତୂଳି, ତୂଳିକା; ସୀସାର ଲେଖନୀ, ପେନସିଲ ; ଖଡ଼ି ।
Pendant, s. କର୍ଣ୍ଣାଭରଣ କୁଣ୍ଡଳ; କ୍ଷୁଦ୍ର-ପତାକା ।
Pending, a. ଅନିଷ୍ପନ୍ନ, ଅସମ୍ପନ୍ନ ।
Pendulous, s. ଦୋଳାୟମାନ, ଝୁଲା ।
Pendulum, s. ଝୁଲିବା ବା ଲଟକିବା କୌଣସି ବସ୍ତୁ, ଘଡ଼ି ମଧ୍ୟରେ ଝୁଲା ଲଗ ।
Penetrate, v. ପ୍ରବେଶ-କ, ପଶିବା; ଭେଦିବା, ଉପଲବ୍ଧ-କ ।
Penetration, s. ପ୍ରବେଶ; ଦୂର ଦର୍ଶନ; ସୂକ୍ଷ୍ମବୁଦ୍ଧି, ତୀକ୍ଷ୍ଣବୁଦ୍ଧି ।  [ବେଷ୍ଟିତ ଭୂମିଖଣ୍ଡ ।
Peninsula, s. ଉପଦ୍ୱୀପ, ସମୁଦ୍ରରେ ପ୍ରାୟ
Penitence, s. ପାପଜନ୍ୟ ଖେଦ, ଅନୁତାପ, ମନସ୍ତାପ, ମନଫେରଣ ।  [ଯୁକ୍ତ ଲୋକ ।
Penitent, s. ଅନୁତାପୀ, ପାପକର୍ମରେ ଖେଦ-
Penitentiary, s. ବନ୍ଦିଶାଳା, କାରାଗାର ।
Penknife, s. କଲମକାଟ, ପାନଛୁରୀ, ଛୁରୀ ।
Penman, s. ଲେଖକ, ଭଦ୍ରଅକ୍ଷରଲେଖୀ ।
Penmanship, s. ଲେଖିବା ବିଦ୍ୟା ।
Penniless, a. ନିର୍ଦ୍ଧନ, ଦରିଦ୍ର, କଙ୍ଗାଳି ।
Penny, s. ଇଂରାଜୀ ତାମ୍ର ମୁଦ୍ରା ବିଶେଷ, ଏକ ପଇସା ।
Pennyweight, s. ଚୌବିଂଶ ରତି ପରିମାଣ ।
Pension, s. ବୃତ୍ତି, ବାର୍ଷିକ, ପେନସ୍ୟନ ।
Pensioner, s. ବୃତ୍ତିଭୋଗୀ, ବାର୍ଷିକୋପଜୀବୀ ।
Pensive, a. ଚିନ୍ତିତ, ଖିନ୍ନ, ବିଷଣ୍ଣ, ବିମର୍ଷ ।
Pensiveness, s. ଗ୍ଳାନି, ଚିନ୍ତା, ବିଷାଦ, ଖିନ୍ନତା ।
Pentagon a. ପଞ୍ଚକୋଣ, ପଞ୍ଚାସ୍ର ।
Pentarchy, s. ପଞ୍ଚାଧିପ କର୍ତ୍ତୃକ ଶାସନ ।
Pentateuch, s. ମୋଶାଲିଖିତ ପଞ୍ଚଗ୍ରନ୍ଥ ।
Pentecost, s. ଯିହୁଦୀୟମାନଙ୍କର ପର୍ବବିଶେଷ, ଧର୍ମାତ୍ମାର ଦତ୍ତ ସମୟ ।
Penultima, s. ଅନ୍ତ୍ୟାକ୍ଷରର ପୂର୍ବ ଅକ୍ଷର ।
Penurious, a. ବ୍ୟୟକୁଣ୍ଠ, କୃପଣ, କାଞ୍ଜି ।
Penury, s. ଦରିଦ୍ରତା, କଙ୍ଗାଳିପଣ, ଦୀନହୀନତା ।
Peon, s. ପିୟାଦା, ଚପରାସୀ, ଦୂତ, ହରକରା ।
People, s. ଦେଶୀୟଲୋକ, ପ୍ରଜା, ସାଧାରଣ ମନୁଷ୍ୟ ।—v. ନଗର ବା ଦେଶ ବସାଇବା, ବସତି-କ ।
Pepper, s. ଗୋଲମରିଚ, 'କଳାମରିଚ; ପିପ୍ପଳୀ; ଲଙ୍କାମରିଚ ।
Peppercorn, s. ଅତି ତୁଚ୍ଛନୀୟ ଦ୍ରବ୍ୟ ।
Peppermint, s. ପୋଦିନା ଗଛ ବା ରସ ।
Peptic, a. ଜୀର୍ଣ୍ଣକାରୀ, ପାଚକ, ଜାରକ ।
Peradventure, ad. କେଜାଣି, ଦୈବାତ୍, ହୋଇପାରେ ।
Perambulate, v. ବୁଲିବା, ପର୍ଯ୍ୟଟନ-ଭ୍ରମଣ-କ; ଜରିପ-କ ।
Perambulation, s. ପର୍ଯ୍ୟଟନ, ଦେଶଭ୍ରମଣ
Perambulator, s. ପଥ ମାପିବା ଯନ୍ତ୍ର ବିଶେଷ; ପିଲାର ସାନ ଗାଡ଼ି ବିଶେଷ ।
Perceivable, a. ବୋଧଗମ୍ୟ, ଦୃଶ୍ୟ ।
Perceive, v. ବୋଧ-ଜ୍ଞାନ-ଉପଲବ୍ଧି-କ; ବୁଝିବା; ଦେଖିବା ।
Perception, s. ଦୃଷ୍ଟି, ବୋଧ, ଜ୍ଞାନ, ଉପଲବ୍ଧି
Perch, s. ପକ୍ଷୀ ବସିବା ଅଡ଼ା; ଭୂମି ମାପିବାର ୫ଗାଉହାତଅ ଦଣ୍ଡ; ମତ୍ସ୍ୟ ବିଶେଷ ।—v. ଅଡ଼ାରେ ବସିବା ।

Perchance, *ad.* ହୋଇପାରେ; କେଜାଣି, ଦୈବାତ୍ । [ସମର୍ଥ ।

Percipient, *a.* ଅନୁମାନକାରକ, ବୁଝିବା

Percolate, *v.* ବନ୍ଦୁ ଗଡ଼ିବା; ଛାଣିବା, ଛାଣି ପରିଷ୍କାର-କ ।

Percussion, *s.* ଆଘାତକରଣ, ମାରଣ, ଧକ୍କା, ଚୋଟ ।

Perdition, *s.* ବିନାଶ, ସର୍ବନାଶ, ନରକଗମନ

Peregrination, *s.* ଭ୍ରମଣ, ପର୍ଯ୍ୟଟନ, ଦେଶାନ୍ତର ଭ୍ରମଣ । [ନିତାନ୍ତ ।

Peremptorily, *ad.* ନିଶ୍ଚିତରୂପେ, ଅବଶ୍ୟ,

Peremptory, *a.* ନିଶ୍ଚୟ, ସ୍ଥିର, ତାତ୍କାଳ. ଅନିବାର୍ଯ୍ୟ ।

Perennial, *a.* ବର୍ଷସ୍ଥାୟୀ; ଚିରସ୍ଥାୟୀ, ନିତ୍ୟ

Perfect, *a.* ସିଦ୍ଧ, ପୂର୍ଣ୍ଣ, ସମ୍ପୂର୍ଣ୍ଣ; ନିର୍ଦୋଷ; ପକ୍ୱ, ଶୁଦ୍ଧ ।—*v.* ସମାପ୍ତ-ସମ୍ପୂର୍ଣ୍ଣ- ସାଙ୍ଗ-କ, ପକ୍କ-ନିପୁଣ-କ; ପରିପକ୍ୱ-ହେ ।

Perfection, *s.* ସମ୍ପୂର୍ଣ୍ଣତା, ସିଦ୍ଧି, ନିର୍ଦୋଷତା.

Perfectly, *ad.* ସମ୍ପୂର୍ଣ୍ଣରୂପେ, ଷୋଳଅଣା-ପରି, ଠିକ୍ ବା ଶୁଦ୍ଧରୂପେ, ସର୍ବତୋଭାବେ ।

Perfidious, *a.* ବିଶ୍ୱାସଘାତ, ଅବିଶ୍ୱସ୍ତ. ପ୍ରତାରକ, ଠକ । [ଶଠତା ।

Perfidy, *s.* ପ୍ରବଞ୍ଚନା, ବିଶ୍ୱାସଘାତକତା, ଅବି

Perforate, *v.* ଫୋଡ଼ିବା, ବିନ୍ଧ- ଭେଦ-ରନ୍ଧ୍ର-କ । [ରନ୍ଧ୍ର ।

Perforation, *s.* ଛିଦ୍ରକରଣ ; ବିନ୍ଧ, ଛିଦ୍ର,

Perforce, *ad.* ବଳରେ, ବଳାତ୍କାରରେ; ଅନିଚ୍ଛାରେ । [ନିର୍ବାହ-କ ।

Perform, *v.* କରିବା, ସାଧିବା, ସମ୍ପାଦନ-

Performance, *s.* କ୍ରିୟା, ସାଧନ, କୃତକର୍ମ, ନିର୍ବାହ, କର୍ମକରଣ ।

Performer, *s.* କର୍ମକାରକ, ସାଧକ, ନିର୍ବାହକ ; ବାଦ୍ୟଯନ୍ତ୍ରବାଦକ ।

Perfume, *s.* ସୁଗନ୍ଧିଦ୍ରବ୍ୟ; ସୁବାସ. ଆମୋଦ, ସୁଗନ୍ଧ, ସୌରଭ ।—*v.* ସୁଗନ୍ଧି-ସୁବାସ-କ, ବାସିତ-ହେ ।

Perfunctory, *a.* ଅସାବଧାନ, ଅମନୋଯୋଗୀ । [ଯେତେବେ ।

Perhaps, *ad.* ହୋଇପାରେ, କେଜାଣି,

Peril, *s.* ଆପଦ, ଆଶଙ୍କା, ଭୟ, ବିପଦ ।—*v.* ଆପଦ୍ଗ୍ରସ୍ତ-କ, ଭୟରେ ପକାଇବା ।

Perilous, *a.* ସଂକଟଯୁକ୍ତ, ସଭୟ, ଆପଦଗ୍ରସ୍ତ ।

Peremeter, *s.* ପରିଧି, ପରିବେଶ, ମଣ୍ଡଳାକୃତି ।

Period, *s.* ପରିମିତ ସମୟ, ଯୁଗ; ଶେଷ, ଅନ୍ତ; ସମ୍ପୂର୍ଣ୍ଣବାକ୍ୟ ଚିହ୍ନବିଶେଷ ଯଥା (.)

Periodical, *a.* ସାମୟିକ, କାଳାନୁସାରୀ, କାଳକ୍ରମିକ ।—*s.* କାଳକ୍ରମିକ ପତ୍ରିକା ।

Periodically, *ad.* ନିରୂପିତ କାଳକ୍ରମେ, ସମୟାନୁସାରେ । [ଘେର ।

Periphery, *s.* ପରିଧି, ଚକ୍ରର ବେଢ ବା

Periphrasis, *s.* ବାକ୍ୟବାହୁଲ୍ୟ, ଏକବାକ୍ୟ ନିମନ୍ତେ ବହୁ ବାକ୍ୟବ୍ୟୟ । [ନ୍ନ-ହେ ।

Perish, *v.* ବିନାଶ-କ୍ଷୟ-ଲୋପ-ଧ୍ୱଂସ-ଉଚ୍ଛି-

Perishable, *a.* ନାଶ୍ୟ, ଅନିତ୍ୟ, ଅସ୍ଥାୟୀ, କ୍ଷୟଣୀୟ ।

Perjure, *v.* ମିଥ୍ୟାପଣ ବା ନିୟମ-କ ।

Perjuror, *s.* ମିଥ୍ୟାସାକ୍ଷୀ ବା ପଣକାରୀ ।

Perjury, *s.* ମିଥ୍ୟାପଣ ବା ନିୟମକରଣ, ମିଥ୍ୟା ଶପଥ । [ସ୍ଥିତ ।

Permanence, *s.* ସ୍ଥାୟିତ୍ୱ, ନିତ୍ୟତା, ଅବ-

Permanent, *a.* ଚିରସ୍ଥାୟୀ, ନିତ୍ୟ, ଅକ୍ଷୟ, ସ୍ଥିର, ଅବସ୍ଥିତ ।

Permanently, *ad.* ନିତ୍ୟ, ସ୍ଥାୟିରୂପେ ।

Permeate, *v.* ମଧ୍ୟ ଦେଇ ପାର-ହେ, ଗଳିବା ବ୍ୟାପି ଯିବା ।

Permission, *s.* ଅନୁମତି, ଆଜ୍ଞା, କ୍ଷମତାଦାନ ।
Permissive, *a.* ଅନୁମତିଦାୟକ, ଆଜ୍ଞାକାରକ
Permit, *v.* ଅନୁମତି- ଆଜ୍ଞା- କ୍ଷମତା-ଦେ ।
—*s.* ରହଦାନା, ଛାଡଚିଠି, ପରୁଆନା ।
Permutation, *s.* ବିନିମୟ, ପରିବର୍ତ୍ତନ, ଅଦଲବଦଳ । [ନାଶକ ।
Pernicious, *a.* ଅପକାରୀ, କ୍ଷତିକର, ଧ୍ୱଂସକ,
Peroration, *s.* ବକ୍ତୃତାର ଶେଷବାକ୍ୟ ।
Perpendicular, *a.* ଠିଆ, ସରଳ, ସିଧା, ସଳଖ ।
Perpendicularly, *ad.* ଅବଲମ୍ବରେ, ସରଳ ବା ସିଧା ରେଖା କ୍ରମେ ।
Perpetrate, *v.* କରିବା; ଅପରାଧ-କ ।
Perpetual, *a.* ଅନବରତ, ନିତ୍ୟ, ସର୍ବଦା, ଚିରକାଳସ୍ଥାୟୀ । [ସର୍ବଦା ।
Perpetually, *ad.* ଅନବରତରୂପେ, ସଦା-
Perpetuate, *v.* ନିତ୍ୟ-ଚିରସ୍ଥାୟୀ-ସଦାକାଳଯାଏ-କ ।
Perpetuity, *s.* ନିତ୍ୟବୃତ୍ତି, ନିତ୍ୟତା, ସ୍ଥିରତ୍ୱ ।
Perplex, *v.* ବିରକ୍ତ- ବ୍ୟସ୍ତ- ସନ୍ଦିଗ୍ଧ-କ, ଗୋଳରେ ପକାଇବା । [ସନ୍ଦେହ ।
Perplexity, *s.* ଉଦ୍ବେଗ, ବ୍ୟସ୍ତତା, ଚିନ୍ତା,
Perquisite, *s.* ଉପରିଲାଭ, ଦସ୍ତୁର, ରସମ ।
Perry, *s.* ମଦିରା ବା ମଦ୍ୟବିଶେଷ । [-ଦେ ।
Persecute, *v.* ତାଡନା-ନିଗ୍ରହ-କ, କ୍ଲେଶ
Persecution, *s.* ତାଡନା, ଯନ୍ତ୍ରଣା, ନିଗ୍ରହ, ଦୁଃଖ, କ୍ଲେଶ, ଉପଦ୍ରବ । [ଦାୟୀ ।
Persecutor *s.* ତାଡନାକର୍ତ୍ତା, ପୀଡକ, କ୍ଲେଶ-
Perseverance, *s.* ଚେଷ୍ଟା, ନିରନ୍ତର ଉତ୍ସାହ, ସଦାଉଦ୍ୟୋଗ ।
Persevere, *v.* ସର୍ବଦା ଯତ୍ନବାନ୍-ହେ, ଦୃଢ ବା ସ୍ଥିରଚେଷ୍ଟା-କ । [ରୂପେ ।
Perseveringly, *ad.* ଧୈର୍ଯ୍ୟପୂର୍ବକ, ଦୃଢ-

Persist, *v.* ଅନୁବୃତ୍ତ-ହେ, ଦୃଢଚେଷ୍ଟା-କ, ସ୍ଥିର-ହୋଇଥିବା ।
Person, *s.* ବ୍ୟକ୍ତି, ଜନ, ଲୋକ, ମନୁଷ୍ୟ ; ଶରୀର; ରୂପ, ବେଶ ।
Personage, *s.* ସମ୍ଭ୍ରାନ୍ତବ୍ୟକ୍ତି, ମହଲୋକ, ମାନ୍ୟ ବା ବଡ ଲୋକ ।
Personal, *a.* ବିଶେଷବ୍ୟକ୍ତିବିଷୟକ, ନିଜ. ସ୍ୱୀୟ, ସ୍ୱକୀୟ ; ବାହ୍ୟ, ଦୈହିକ ।
Personality, *s.* ବ୍ୟକ୍ତିତ୍ୱ, କୌଣସି ବ୍ୟକ୍ତି ସମ୍ବନ୍ଧେ ଅପମାନ ବା ଗ୍ଳାନିବାକ୍ୟ ।
Personally, *ad.* ନିଜେ, ଆପେ, ସ୍ୱୟଂ ।
Personate, *v.* ଅନୁରୂପ-କ, ବେଶଧରିବା ; ପ୍ରତିନିଧି-ହେ ; ଆପଣାକୁ ଅନ୍ୟ ବୋଲି ଜଣାଇବା ।
Personification, *s.* ମନୁଷ୍ୟରୂପକରଣ, ଅପ୍ରାଣ ବସ୍ତୁକୁ ପ୍ରାଣିରୂପକରଣ ।
Personify, *v.* ମନୁଷ୍ୟରୂପ-କ, ପ୍ରତିନିଧି-ହେ
Perspective, *s.* ଦୂରବୀନ; ଚିତ୍ରକର୍ମରେ ବସ୍ତୁର ଦୂରଦୂରତ୍ୱନିର୍ଣ୍ଣାୟକ ବିଦ୍ୟା; ଦର୍ଶନ ।
Perspicacity, *s.* ତୀକ୍ଷ୍ଣଦୃଷ୍ଟି, ସୂକ୍ଷ୍ମଜ୍ଞାନ, ସୁବୋଧ
Perspicuity, *s.* ସ୍ପଷ୍ଟତା, ସୁପ୍ରକାଶ, ପରିଷ୍କାର
Perspicuous, *a.* ସ୍ପଷ୍ଟ, ସୁବୋଧଗମ୍ୟ, ନିର୍ମଳ
Perspiration, *s.* ଘର୍ମ, ଝାଳ, ସ୍ୱେଦ ।
Perspire, *v.* ଝାଳ ବାହାରିବା ।
Persuade, *v.* ପ୍ରବର୍ତ୍ତିବା-ପ୍ରବୋଧ-କ, ବୁଝାଇବା ମଣାଇବା ।
Persuasion, *s.* ପ୍ରବୋଧ, ପ୍ରବୃତ୍ତି, ପରାମର୍ଶ; ମତ, ଦୃଢବୋଧ ।
Persuasive, *a.* ପ୍ରବର୍ତ୍ତକ, ପ୍ରବୃତ୍ତିଜନକ ।
Pert, *a.* ବାଚଳ, ଗୁଣ୍ଡୁଆ; ଚଞ୍ଚଳ; ଘଙ୍ଗୀ
Pertain, *v.* ସମ୍ପର୍କୀୟ-ସମ୍ବନ୍ଧୀୟ-ଅର୍ହ-ହେ ।
Pertinacious, *a.* ସ୍ୱେଚ୍ଛାଚାରୀ, ଏକବୁଝା ; ସ୍ଥିରମନା ।

Pertinent, *a.* ଉଚିତ, ଉପଯୁକ୍ତ, ପ୍ରକୃତ, ଯୋଗ୍ୟ, ସଙ୍ଗତ ।

Perturb, *v.* ବ୍ୟାକୁଳ-ସାବସ୍ତ-ବ୍ୟସ୍ତ-ମନ-ଅସ୍ଥିର-ଉଦ୍‌ବେଗାନ୍ୱିତ-କ । [ଉଦ୍‌ବେଗ ।

Perturbation, *s.* ବ୍ୟାକୁଳତା, ଉଦ୍‌ବେଗ,

Peruke, *s.* କୃତ୍ରିମ କେଶର ଟୋପି ।

Perusal, *s.* ପଠନ, ପାଠକରଣ, ଅଧ୍ୟୟନ ।

Peruse, *v.* ପାଠ-କ, ପଢ଼ିବା, ଅଧ୍ୟୟନ-କ

Pervade, *v.* ବ୍ୟାପିବା, ବ୍ୟାପ୍ତ-ହେ, ପ୍ରବେଶ-କ । [ଅବାଧ୍ୟ, ଅବଶ ।

Perverse, *a.* ଯେଣ୍ଡା, ବିପଥଗାମୀ, ଏକବୁଝା,

Perverseness, *s.* ଯେଣ୍ଡାପଣ, ଅବାଧ୍ୟତା

Perversity, *s.* ବିପରୀତାଚରଣ, ବିପଥଗମନ

Pervert, *v.* ବିଗାଡ଼ିବା, ବିପଥଗାମୀ-କ-ପତିତ-କ, ଓଲଟାଇବା । [ମାର୍ଗ ।

Pervious, *a.* ପ୍ରବେଶନୀୟ, ଭେଦ୍ୟ, ଛେଦ-

Pest, *s.* ମାରି, ମଡ଼କ, ଅନିଷ୍ଟ ବିଷୟ, ଅପକାରକ । [-କ ।

Pester, *v.* କ୍ଲେଶ-ଦେ, ଅନିଷ୍ଟ-ବ୍ୟସ୍ତ-ହଇରାଣ

Pestiferous, *a.* ପ୍ରାଣଘାତକ, ସାଂଘାତିକ, ଧ୍ୱଂସକ, ମନ୍ଦକାରୀ । [ରୋଗ ।

Pestilence, *s.* ମହାମାରୀ, ମଡ଼କ, ଛୁଆଁ-

Pestilent, *a.* ମାରକ, ଧ୍ୱଂସକ, ନାଶକାରକ ।

Pestle, *s.* ହାମାମଦସ୍ତା, ମୂଷଳ; ପାହୁରଣୀ ।

Pet, *s.* ଈଷତ୍ କ୍ରୋଧ, ଅଳ୍ପରାଗ; ସ୍ନେହପାତ୍ର; ପୋଷା ପଶୁର ଛୁଆ ।—*v.* ପ୍ରିୟପାତ୍ର-ଜ୍ଞାନରେ ଆଦର-କ ।

Petal, *s.* ଫୁଲର ପାଖୁଡ଼ା, ପୁଷ୍ପର ଦଳ ।

Petition, *s.* ପ୍ରାର୍ଥନା, ନିବେଦନ, ଗୁହାରି ; ଅରଜି, ଯାଚଜ୍ଞା ।—*v.* ନିବେଦନ-ଅରଜି-ଦାଖଲ-କ, ଦରଖାସ୍ତ-ଦେ ।

Petitioner, *s.* ଯାଚକ, ପ୍ରାର୍ଥକ, ଭିକ୍ଷୁକ, ନିବେଦନକାରୀ, ଗୁହାରିଆ ।

Petrifaction, *s.* ପ୍ରସ୍ତରବତ୍କରଣ ।

Petrify, *v.* ପଥର-କ, କାଳକ୍ରମେ ପଥର ହେ; କଠିନ-କ, ବିସ୍ମୟାପନ୍ନ-ହେ । [ବସ୍ତ୍ର ।

Petticoat, *s.* ସାୟା, ଘାଗ୍ରା, ସ୍ତ୍ରୀ ପରିଧେୟ

Pettifogger, *s.* କ୍ଷୁଦ୍ର ବା ସାମାନ୍ୟ ଉକିଲ

Pettish, *a.* ଖିଟଖିଟିଆ, ଚିଡ଼ଚିଡ଼ିଆ ।

Petty, *a.* କ୍ଷୁଦ୍ର, ତୁଚ୍ଛ, ସାମାନ୍ୟ, ଅଧମ, ସାନ

Petulance, *s.* ଖିଟଖିଟାମି, କ୍ଷଣକ୍ରୋଧ ।

Pew, *s.* ଧର୍ମାଳୟରେ ଶ୍ରୋତାର ଆସନବିଶେଷ ।

Pewter, s. ସୀସା ଓ ରଙ୍ଗମିଶ୍ରିତ ଧାତୁ, ଦସ୍ତା

Phæton, *s.* ଦୁଇଘୋଡ଼ାର ଗୋଲଗାଡ଼ି ବିଶେଷ ।

Phalanx, *s.* ସୈନ୍ୟର ଦଳ ବା ବ୍ୟୂହ ।

Phantasm, *s.* କଳ୍ପିତଦର୍ଶନ, ବୃଥାକଳ୍ପନା, ଅପଚ୍ଛାୟା ।

Phantom, *s.* ଅପଚ୍ଛାୟା, ଭୂତ, ପ୍ରେତ ।

Pharisaical, *a.* ମୌଖିକଧାର୍ମିକ, ଭଣ୍ଡତପସ୍ୱୀ, ଭଗଲଭକ୍ତ ।

Pharisee, *s.* ଯିହୁଦୀୟ ଧର୍ମମତାବଲମ୍ବୀ ବିଶେଷ; ବାହ୍ୟଧାର୍ମିକ ବ୍ୟକ୍ତି ।

Pharmacopœia, *s.* ଔଷଧର ଗୁଣ ଜ୍ଞାପକ ଗ୍ରନ୍ଥ; ନିଦାନଶାସ୍ତ୍ର ।

Pharmacy, *s.* ଔଷଧ ପ୍ରସ୍ତୁତକରଣ ବିଦ୍ୟା, ଔଷଧ ବିକ୍ରେତାର ବ୍ୟବସାୟ । [ଭାବ ।

Phase, *s.* ଚନ୍ଦ୍ରକଳାର ବୃଦ୍ଧି ବା ହ୍ରାସ ଦର୍ଶନ;

Pheasant, *s.* ସୁନ୍ଦର ବନ୍ୟ କୁକ୍କୁଟ ବିଶେଷ ।

Phenomenon, *s.* ଅଦ୍ଭୁତଦର୍ଶନ, ଚମତ୍କାର ଘଟଣା ।

Phial, *s.* କ୍ଷୁଦ୍ରଶିଶି, ସାନ ବୋତଲ ।

Philanthropist, *s.* ସର୍ବୋପକାରୀ, ସର୍ବହିତୈଷୀ ।

Philanthropy, *s.* ସର୍ବୋପକାର, ସର୍ବହିତୈଷିତା ।

Philippic, *s.* ତିରସ୍କାରବଚନ, ଭର୍ତ୍ସନା, ଅପବାଦ ।
Philological, *a.* ବ୍ୟାକରଣଘଟିତ, ବ୍ୟାକରଣସଂଶ୍ଳିଷ୍ଟ, ବ୍ୟାକରଣ ସମ୍ବନ୍ଧୀୟ ।
Philology, *s.* ଶବ୍ଦନିର୍ଣ୍ଣାୟକବିଦ୍ୟା, ବ୍ୟାକରଣବିଦ୍ୟା । [ବହୁଦର୍ଶୀ ।
Philosopher, *s.* ପଣ୍ଡିତ, ଶାସ୍ତ୍ରଜ୍ଞ, ତତ୍ତ୍ୱଦର୍ଶୀ,
Philosopher's-stone, *s.* ପରଶପଥର, ସ୍ୱର୍ଣ୍ଣମଣି । [ଶାସ୍ତ୍ରଜ୍ଞାନରେ ।
Philosophically, *ad.* ପାଣ୍ଡିତ୍ୟପୂର୍ବକ,
Philosophy, *s.* ଦର୍ଶନ, ପାଣ୍ଡିତ୍ୟ, ତତ୍ତ୍ୱଜ୍ଞାନ
Phiz, *s.* କୌତୁକୀୟ ଭାଷାରେ ମୁଖ ।
Phlegm, *s.* ଶ୍ଳେଷ୍ମା, କଫ, ଗୟାର ।
Phlegmatic, *a.* ନିଶ୍ଚେଷ୍ଟ, ଶିଥିଳ, ଔଦାସ୍ୟ-ବିଶିଷ୍ଟ; ଶ୍ଳୈଷ୍ମିକ, କଫଯୁକ୍ତ ।
Phœnix, *s.* କଳ୍ପିତ ପକ୍ଷୀବିଶେଷ ।
Phonetic, *a.* ରବ ସମ୍ବନ୍ଧୀୟ, ଧ୍ୱନିକର ।
Phonetics, *s.* ଧ୍ୱନି ବିଦ୍ୟା ।
Phosphorus, *s.* ପ୍ରଭାତ ତାରା; କମନୀୟବସ୍ତୁ ଯାହା ବାୟୁ ସଂଯୋଗେ ଜ୍ୱଳନଶୀଳ ହୁଏ ।
Photography, *s.* ସୂର୍ଯ୍ୟକିରଣ ସଂଯୋଗେ ଛବି କରିବା ବିଦ୍ୟା ।
Phrase, *s.* ଭାଷାର ଖଣ୍ଡ; ବାକ୍ୟ, ବଚନ ।
Phraseology, *s.* ବାକ୍ୟବିନ୍ୟାସ, ରଚନ ବା କଥନର ଧାରା ।
Phrenetic, *a.* ଉନ୍ମତ୍ତ, ପାଗଳ, ବାତୁଳ, କ୍ଷିପ୍ତ
Phrenology, *s.* ମୁଣ୍ଡର ଆକୃତି ଦ୍ୱାରା ସ୍ୱଭାବାଦି ନିର୍ଣ୍ଣୟବିଦ୍ୟା ।
Phthisic, *s.* କ୍ଷୟ; କ୍ଷୟରୋଗୀ ।
Phthisis, *s.* କ୍ଷୟ ରୋଗ; ଯକ୍ଷ୍ମା ରୋଗ ।
Physic, *s.* ବୈଦ୍ୟବିଦ୍ୟା; ଔଷଧ, ଦବାଇ, ଜୁଲାପ । [ଦ୍ୟକ ।
Physical, *a.* ପ୍ରକୃତିବିଷୟକ, ଔଷଧୀୟ, ବୈ-

29

Physician, *s.* ଚିକିତ୍ସକ, ବୈଦ୍ୟ, କବିରାଜ ।
Physics, *s.* ସକଳ ପଦାର୍ଥବିଷୟକ ବିଦ୍ୟା ।
Physiognomy, *s.* ମୁଖ, ବଦନ; ମୁଖ ଦେଖି ସ୍ୱଭାବ ନିର୍ଣ୍ଣୟବିଦ୍ୟା ।
Physiology, *s.* ଦ୍ରବ୍ୟର ତତ୍ତ୍ୱଜ୍ଞାନ, ବସ୍ତୁବିଦ୍ୟା
Piano-forte, *s.* ବାଦ୍ୟଯନ୍ତ୍ରବିଶେଷ ।
Piazza, *s.* ବରଣ୍ଡା, ପିଣ୍ଡା, ଗଳିମା, ଦଳାଣ ।
Pica, *s.* ଛାପାର ଅକ୍ଷରବିଶେଷ ।
Pick, *v.* ମନୋନୀତ-କ, ବାଛି-ନେ; ସାଉଣ୍ଟିବା; ତୋଳିବା; ଥଣ୍ଟମାରିବା; ଖୁଣ୍ଟିବା; ଚୋରି-କ
Pickaxe, *s.* ଗଇନ୍ତି, ଖାଣିବା ଅସ୍ତ୍ର ।
Picket, *s.* ସୈନ୍ୟଛାଉଣିର ଚୌକି ।
Pickle, *s.* ଆଚାର, କାସନ୍ଦି; ଅବସ୍ଥା ।—*v.* ଆଚାର-କ, ମାଂସାଦି ଲବଣଜଳେ ରଖିବା ।
Picklock, *s.* ତାଲା ଖୋଲିବା କାଠି ବା ଅସ୍ତ୍ର ।
Pickpocket, *s.* ଗଣ୍ଠିକଟା ଚୋର ।
Picnic, *s.* ପଡ଼ିଆରେ ଏକପ୍ରକାର ଭୋଜ ଯହିଁରେ ପ୍ରତ୍ୟେକ ବ୍ୟକ୍ତି ଆପଣା୨ର ଆହାର ଦ୍ରବ୍ୟ ଯୋଗାନ୍ତି । [ଖିତ ।
Pictorial, *a.* ଚିତ୍ରିତ, ଚିତ୍ରକରକୃତ ବା ଲି-
Picture, *s.* ଚିତ୍ର, ଛବି, ମୂର୍ତ୍ତି, ଚିତ୍ରପଟ ।—*v.* ଚିତ୍ର- ଛବି- ନକ୍ସା-କ ।
Pie, *s.* ମାଂସାଦିପୂର୍ଣ୍ଣ ପିଠାବିଶେଷ; ଛାପା-କର୍ମର ମିଶ୍ରିତ ଅକ୍ଷର ।
Piebald, *a.* ଚିତ୍ରବିଚିତ୍ର, ନାନା ରଙ୍ଗବିଶିଷ୍ଟ ।
Piece, *s.* ଖଣ୍ଡ, ଭାଗ, ଟୁକୁରା; ବନ୍ଧୁକ; ରଚନା; ତାଳି ।—*v.* ତାଳି-ଯୋଡ଼-ଦେ ।
Piecemeal, *ad.* ଖଣ୍ଡ୨, ପୃଥକ୍୨, କ୍ରମଶଃ ।
Pier, *s.* ଖିଲାଣର ଖମ୍ବ, ପୋଲପାୟା ।
Pierce, *v.* ଫୋଡ଼ିବା, ବିନ୍ଧିବା, ଭେଦ-କ ।
Piercing, *a.* ତୀକ୍ଷ୍ଣ, ମର୍ମଭେଦ-କ, ବିନ୍ଧିବାର
Piety, *s.* ଈଶ୍ୱରଭକ୍ତି, ଧର୍ମକର୍ମ; ଶ୍ରଦ୍ଧା, ଭକ୍ତି
Pig, *s.* ଶୂକର, ଘୁଷୁରି; ଲୌହାଦିର ପିଣ୍ଡ ବା ଖଣ୍ଡ

Pigeon, *s.* ପାରା, କବୁତର ।
Pigment, *s.* ରଙ୍ଗ, ବର୍ଣ୍ଣ, ଲେପନ, ଅଞ୍ଜନ ।
Pigmy, *s.* ବାମନ, ବାଙ୍ଗର, ଅତିକ୍ଷୁଦ୍ର ।
Pigtail, *s.* କେଶର ବେଣୀ, କବରୀ, ଯୁଡ଼ା ।
Pike, *s.* ମତ୍ସ୍ୟବିଶେଷ; ବର୍ଚ୍ଛା, ବଲ୍ଲମ ।
Pilaster, *s.* ଚଉକୋଣିଆ ଅଧା ସ୍ତମ୍ଭବିଶେଷ
Pile, *s.* ଗଣି, ଗଦା; କାଠଗଣ୍ଡି; ପ୍ରକାଣ୍ଡଗୃହ; ଚିତା ।—*v.* ଗଣି-ଗଦା-କ ; ସଞ୍ଚୟ-କ ।
Piles, *s.* ଅର୍ଶରୋଗ, ଅରଶ, ଅରଶାବେମାରି
Pilfer, *v.* ସାମାନ୍ୟଦ୍ରବ୍ୟ ଚୋରି-ହରଣ-କ ।
Pilgrim, *s.* ତୀର୍ଥଯାତ୍ରୀ, ଯାତ୍ରିକ, ପରିବ୍ରାଜକ
Pilgrimage, *s.* ତୀର୍ଥଗମନ, ତୀର୍ଥଯାତ୍ରା, ପର୍ଯ୍ୟଟନ ।
Pill, *s.* ଔଷଧର ଗୁଳି, ବଟିକା, ବଟି ।
Pillage, *s.* ଲୁଟ, ଅପହାର, ଡକାଇତି ।
Pillar, *s.* ଖମ୍ବ, ସ୍ତମ୍ଭ, ଖୁଣ୍ଟ, ଢିଲ୍‌ପାୟା ।
Pillory, *s.* ଦଣ୍ଡ ଦେବାପାଇଁ ଏକ ଚକ୍ରାକାର
Pillow, *s.* ତକିଆ, ଗଦି, ମୁଣ୍ଡଲା । [କଳ ।
Pillow-case, *s.* ତକିଆ ଖୋଳ ।
Pilot, *s.* ଜାହାଜର ପଥଦର୍ଶକ, କାଣ୍ଡାରୀ ।
Pilotage, *s.* ଜାହାଜର ପଥଦର୍ଶକର କାର୍ଯ୍ୟ; କାଣ୍ଡାରୀର ବେତନ ।
*Pimento*, *s.* କଳା ବା ଗୋଲମରିଚ ।
Pimp, *s.* କୁଟ୍ଟଣୀ, ଭଡ଼ୁଆ, ଯୋଜକ ।
Pimple, *s.* ଫେମ୍ବର, ସ୍ଫୋଟକ ।
Pin, *s.* ପିନ; ଖୋଞ୍ଚ, ଖିଲ; ବାଦ୍ୟଯନ୍ତ୍ରର ଖୁଣ୍ଟି; ଲୁଚ୍ଛମାତ୍ର ବସ୍ତୁ ।—*v.* ଖିଲ-ଖୋଞ୍ଚ-ଦେ, ଆଲପିନ୍ ଦ୍ୱାରା ବନ୍ଧ-କ ।
Pincers, *s.* ସଣ୍ଡାଶୀ, ଚିମୁଟା, ଚିମୁଟା ।
Pinch, *v.* ଚିମୁଟିବା, କଣାପାତ-କ ; କ୍ଲେଶ-ଦେ, କଷ୍ଟରେ ବ୍ୟୟ-କ ।—*s.* ଚିମୁଟା ; କ୍ଲେଶ, ଦୁଃଖ ।
Pincushion, *s.* ପିନ୍ ରଖିବାର କ୍ଷୁଦ୍ର ଗଦି ।
Pine, *s.* ବୃକ୍ଷବିଶେଷ, ମାସ୍ତୁଲଗଛ ।—*v.* ଦୁଃଖରେ ଶୁଖିଯିବା, ଝୁରିବା, କୃଶ-କ୍ଷୀଣ-ହେ
Pineapple, *s.* ସପୁଷ୍ପପଣସ, ଅନାରସ ।
Pinion, *s.* ପକ୍ଷୀର ଡେଣା; ହାତକଡ଼ି ।
Pink, *s.* ପାଟଳବର୍ଣ୍ଣ, ଗୋଲାପୀରଙ୍ଗ; ଅତ୍ୟୁତ୍ତମ-ଦ୍ରବ୍ୟ; ପୁଷ୍ପବିଶେଷ । [ଦତ୍ତଧନ ।
Pinmoney, *s.* ସ୍ତ୍ରୀଧନ, ସ୍ତ୍ରୀର ନିଜ ବ୍ୟୟାର୍ଥେ
Pinnace, *s.* କ୍ଷୁଦ୍ର ଜାହାଜ ବା ନୌକା ।
Pinnacle, *s.* ମନ୍ଦିରର ଚୂଡ଼ା, ଶୃଙ୍ଗ, ଶିଖା ।
Pint, *s.* ପ୍ରାୟ ଅଧସେର ଜଳାଦିମାପ ।
Pioneer, *s.* ଅଗ୍ରଗାମୀ, ଆଗେ ଯାଇ ବାଟ ପ୍ରସ୍ତୁତ କରିବା ଲୋକ ।
Pious, *a.* ଈଶ୍ୱରପରାୟଣ, ଧାର୍ମିକ, ପୁଣ୍ୟବନ୍ତ
Pipe, *s.* ନଳୀ, ନଳ; ଧୂଆଁ ଟାଣିବା ନଳୀ, ହୁକା; ପିପା; ବଂଶୀ, ମୁରଲୀ ।—*v.* ବଂଶୀ ବଜାଇବା, ମୁରଲୀ ଧ୍ୱନି-କ ।
Piper, *s.* ବଂଶୀବାଲା, ବଂଶୀବାଦକ ।
Piquant, *a.* ତୀକ୍ଷ୍ଣ, ତୀବ୍ର, ସତେଜ ।
Pique, *s.* ଅସନ୍ତୋଷ, ବୈରକ୍ତ୍ୟ ।
Piracy, *s.* ସମୁଦ୍ରଡକାଇତି ।
Pirate, *s.* ଜଳଚୋର, ସମୁଦ୍ର ଡକାଇତ ।
Pisces, *s.* ମୀନରାଶି; ମୀନ, ମତ୍ସ୍ୟ । [ଧୁତ୍ !
Pish ! *int.* ଅବଜ୍ଞାସୂଚକ ଶବ୍ଦ ଯଥା ଛିଃ, ଛି,
Piss, *v.* ମୁତିବା, ପ୍ରସ୍ରାବ-ପରିତ୍ୟାଗ-କ ।
Pistol, *s.* କ୍ଷୁଦ୍ରବନ୍ଧୁକ, ପିସ୍ତଲ ।
Piston, *s.* ବାଷ୍ପୀୟକଳର ଚୁଙ୍ଗୀର ଦଣ୍ଡ ।
Pit, *s.* ଗର୍ତ୍ତ, ଗାତ, ଗହ୍ୱର, କୁଣ୍ଡ; କବର; ନାଟ୍ୟାଗାରର ମଧ୍ୟସ୍ଥାନ ।
Pitch, *v.* ଝୁଣା, ଦେବଦାରୁ ପ୍ରାୟ ଏକବୃକ୍ଷର ରସ; ଉଚ୍ଚତାର ମାପ ।—*v.* ସ୍ଥାପନ-କ, ବସାଇବା; ନିକ୍ଷେପ-କ; ଝୁଣା ଲଗାଇବା ।
Pitcher, *s.* କଳଶ, କଳସୀ, ଘଟ, ମାଠିଆ, ଗଗ, ଗଗରା, ଗଗରି ।

Pitchfork, *s.* ଘାସ ନିକ୍ଷେପ କରିବା ଅସ୍ତ୍ର ବିଶେଷ ।
Pitcoal, *s.* ଅଙ୍ଗାରୀୟ କୋଇଲା ।
Piteous, *a.* ଦୁଃଖଦାୟକ, ଦୟାଜନକ; କରୁଣାମୟ, ଶୋକାନ୍ୱିତ; ଅଧମ [ଭାବେ ।
Piteously, *ad.* ଶୋକାନ୍ୱିତଭାବେ; କୃପାଳୁ-
Pitfall, *s.* ଗୁପ୍ତଗାତ, ଅବୃତଗର୍ତ୍ତ ।
Pith, *s.* ବୃକ୍ଷର ମଜ୍ଜା ବା ମଞ୍ଜ; ସାର, ରସ ।
Pithy, *a.* ସାରଯୁକ୍ତ, ମଜ୍ଜାଳ; ତେଜାଳ, ଶକ୍ତ
Pitiable, *a.* ଦୟା ବା କୃପାଯୋଗ୍ୟ, କରୁଣୀୟ । [ଅଧମ ।
Pitiful, *a.* ଦୟାଜନକ, କୃପାବାନ୍; ତୁଚ୍ଛ,
Pitiless, *a.* ନିର୍ଦ୍ଦୟ, ଦୟାରହିତ,ନିଷ୍ଠୁର, ନିର
Pittance, *s.* କ୍ଷୁଦ୍ରଭାଗ, ଅଳ୍ପଦାନ ବା ଅଂଶ
Pity, *s.* ଦୟା, କୃପା, କରୁଣା, ପ୍ରେମ—*v.* କୃପା- ଦୟା- ଅନୁଗ୍ରହ-କ ।
Pivot, *s.* ଖିଲ, ନିକ୍ତିର ଦଣ୍ଡି, ଅକ୍ଷାଗ୍ର କୀଳକ ।
Placable, *a.* ଶାନ୍ତିମୟ, ପ୍ରବୋଧମୟ, କ୍ଷମାଶୀଳ ।
Placard, *s.* ବିଜ୍ଞାପନପତ୍ର, ଘୋଷଣା ବା ଇସ୍ତାହାରପତ୍ର ।
Place, *s.* ସ୍ଥାନ, ସ୍ଥଳ, ଜାଗା; ବାସସ୍ଥାନ; ମୋକାମ; ପଦ, କର୍ମ ।—*v.* ରଖିବା,ଥୋଇ-ଦେ, ସ୍ଥାପନ-କ ।
Placeman, *s.* ପଦଧାରୀ, ପଦସ୍ଥଲୋକ ।
Placenta, *s.* ଉଦରସ୍ଥ ଫୁଲ, ଜରାୟୁ ଫୁଲ ।
Placid, *a.* ଶାନ୍ତ, କୋମଳ, ଅକ୍ରୋଧ, ମୃଦୁ
Placidity, *s.* ମୃଦୁତା, ନମ୍ରତା, ଶାନ୍ତଭାବ ।
Plagiarism, *s.* ପରଦ୍ରବ୍ୟହରଣ, ବାକ୍ୟ ବା ଗ୍ରନ୍ଥ ଚୋରି ।
Plague, *s.* ମଡ଼କ, ମାରକ, ମହାମାରୀ; ଯେ ହକ କରଇ ବା କ୍ଳେଶ ଦିଅଇ ।—*v.* ବିରକ୍ତ-କ, କ୍ଳେଶ ବା ଦୁଃଖ-ଦେ, ମାଇଗ୍ରସ୍ତ-କ
Plain, *a.* ସମାନ; ଅକପଟ, ସରଳ; ପ୍ରକାଶ, ସ୍ପଷ୍ଟ; ସାଦା; ସହଜ ।—*s.* ସମଭୂମି, ପଦା, ପଡ଼ିଆ, ମଇଦାନ ।
Plain-dealing, *s.* ସରଳଆଚରଣ ।
Plainly, *ad.* ସରଳତାପୂର୍ବକ, ସ୍ପଷ୍ଟରୂପେ; ନିତାନ୍ତ ।
Plainness, *s.* ସମାନତା, ଅଲଙ୍କାରରହିତ, ସ୍ପଷ୍ଟତା ।
Plaint, *s.* ନାଲିଶପତ୍ର, ଅରଜି, ଗୁହାରି, ବିଳାପ ।
Plaintiff, *s.* ମୁଦେଇ, ବାଦୀ, ଫରିୟାଦୀ ।
Plaintive, *a.* ବିଳାପକ, ଖେଦସୂଚକ, ଶୋକଜନକ ।
Plait, *v.* ଭାଙ୍ଗିବା, ବୁଣିବା, କେଶକୁ ଖୋଷା-ବେଣୀ-କ ।—*s.* ଖୋଷା, ବେଣୀ, ଭାଙ୍ଗ ।
Plan, *s.* କଳ୍ପନା; ଅଦର୍ଶ; ନକ୍ସା, ନମୁନା । —*v.* କଳ୍ପନା-ମାନସ-ନକ୍ସା-ଉଦ୍ଯୋଗ-କ ।
Plane, *s.* ସମଭୂମି; ରନ୍ଦା ।
Planet, *s.* ଗ୍ରହ; ସୂର୍ଯ୍ୟାଦି ନବଗ୍ରହ ।
Planetary, *a.* ଗ୍ରହସମ୍ବନ୍ଧୀୟ, ଗ୍ରହଘଟିତ ।
Plank, *s.* ତକ୍ତା, କାଠର ପଟା ।
Plant, *v.* ରୋଇବା, ରୋପଣ- ସ୍ଥାପନ-କ; ବସତି-କ ।—*s.* ବୃକ୍ଷ, ଗଛ; ଚାରା, ଓଳି, ଗଛର ଧୂଆ, ଡାଳ ।
Plantain, *s.* କଦଳୀ, କେଳା, ରମ୍ଭା ।
Plantation, *s.* ଉଦ୍ୟାନ, ବଗିଚା, ତୋଟା, ବାଗ; ବସତି ।
Planter, *s.* ବୃକ୍ଷାଦିରୋପକ, କୃଷକ ।
Plashy, *a.* ଜଳୁଆ, ଦଲଦଲିଆ ।
Plaster, *s.* ବାଲିଚୂନ, ଚୂନକାମ; ପ୍ରଲେପ, ମଲମ ।—*v.* ଚୂନକାମ-କ, ମଲମ ଲଗାଇବା । [କର ।
Plastic, *a.* ଅକାରକରଣକ୍ଷମ, ସର୍ଜକ, ସୃଷ୍ଟି-

Plat, *s.* ସାନ ବଲ, କ୍ଷୁଦ୍ର ଭୂମିଖଣ୍ଡ ।

Plate, *s.* ବାସନ, ଥାଳୀ, ଭୋଜନପାତ୍ର ; ରୌପ୍ୟପାତ୍ର ।—*v.* ମଣ୍ଡନ-କ; ପତର ମାରିବା ।

Plateau, *s.* ଉଚ୍ଚ ସମସ୍ଥଳ ଭୂମିଖଣ୍ଡ ।

Platform, *s.* ମଞ୍ଚ, ମଞ୍ଚା, ସ୍ତୂପ; ଚଉତସ ।

Platina, *s.* ରୂପାପରି ଧାତୁବିଶେଷ ।

Platoon, *s.* ବନ୍ଧୁକଧାରୀ ସୈନ୍ୟର ସମଚତୁଷ୍କୋଣ କ୍ଷୁଦ୍ରଦଳ ।

Platter, *s.* ଥାଳୀ, ବାସନ, କାଠୁଆ, ମାଟିପାତ୍ର । [ସ୍ତୁତି ।

Plaudit, *s.* ପ୍ରଶଂସା, ଧନ୍ୟବାଦ, ଜୟଧ୍ୱନି,

Plausible, *a.* ବାହାରେ ସୁଦୃଶ୍ୟ, ସମ୍ଭାବନୀୟ, ଗ୍ରହଣଯୋଗ୍ୟ । [ରୂପେ ।

Plausibly, *ad.* ସମ୍ଭାବନୀୟରୂପେ, ସଦୃଶ୍ୟ-

Play, *v.* ଖେଳା-ଖେଳ-କ୍ରୀଡ଼ା-କୌତୁକ-ତାମସା-କ; ଜୁଆ ଖେଳିବା; ବାଦ୍ୟ ବଜାଇବା ।—*s.* ଖେଳା, ଖେଳ; କୌତୁକ, ନାଟ; ଜୁଆଖେଳ । [ଳିବାବାଲା ।

Player, *s.* ଯାତ୍ରାକାରକ; ବାଦ୍ୟକର; ଖେ-

Playful, *a.* ଖେଳାଳୀ, ରସିକ, କୌତୁକୀ ।

Playhouse, *s.* ନାଟଘର, ନାଟ୍ୟଶାଳା ।

Playmate, *s.* ଖେଳସଙ୍ଗୀ, ସହକ୍ରୀଡ଼କ, ସଙ୍ଗୀ ।

Plaything, *s.* ଖେଳନା, କ୍ରୀଡ଼ାର ବସ୍ତୁ ।

Plea, *s.* ହେତୁବାଦ, କାରଣକଥା; ଉତ୍ତର, ନିବେଦନ ।

Plead, *v.* ଉତ୍ତରପ୍ରତ୍ୟୁତ୍ତର-ସଉଆଲଜବାବ-ପ୍ରତିବାଦ-ନିବେଦନ-କ ।

Pleader, *s.* ଉକୀଲ, ଆବେଦକ, ଉତ୍ତରପ୍ରତ୍ୟୁତ୍ତରକାରୀ ।

Pleading, *s.* ମକଦ୍ଦମାରେ ସଉଆଲଜବାବ, ଅଦାଲତରେ ଉତ୍ତରପ୍ରତ୍ୟୁତ୍ତର ।

Pleasant, *a.* ମନୋରମ୍ୟ, ସୁନ୍ଦର, ସୁଖଦାୟକ ।

Pleasantly, *ad.* ମନୋହରରୂପେ, ପରିହାସପୂର୍ବକ ।

Pleasantness, *s.* ଆନନ୍ଦ; ରମ୍ୟତା, ମନୋରମତା, ରସିକତା ।

Pleasantry, *s.* କୌତୁକ, ରସିକତା, ହାସ୍ୟ ।

Please, *v.* ତୁଷ୍ଟ-ଖୁସି-କ, ସନ୍ତୋଷ ଜନ୍ମାଇବା । [ଜନକ ।

Pleasing, *a.* ମନୋହର, ତୁଷ୍ଟିକର, ସନ୍ତୋଷ-

Pleasure, *s.* ସୁଖ, ସନ୍ତୋଷ, ଖୁସି, ଆନନ୍ଦ ।

Plebeian, *a.* ଅକୁଳୀନ, ନୀଚ, ଇତର ।—*s.* ନୀଚଲୋକ ।

Pledge, *s.* ବନ୍ଧକ, ଗଚ୍ଛିତଧନ, ଜାମୀନ୍ ।—*v.* ବନ୍ଧକ-ଜାମୀନ୍-ଦେ; ବନ୍ଦୋବସ୍ତ-କ ; ମଦ୍ୟପାନାର୍ଥ ନିମନ୍ତ୍ରଣ-କ । [ନକ୍ଷତ୍ର ।

Pleiades, *s.* ସପ୍ତର୍ଷି, ଉତ୍ତରଦେଶୀୟ ସପ୍ତ-

Plenary, *a.* ପୂରା, ପୂର୍ଣ୍ଣ, ଭରା, ସମ୍ପୂର୍ଣ୍ଣ ।

Plenipotentiary, *s.* ସମ୍ପୂର୍ଣ୍ଣକ୍ଷମତାପନ୍ନ ରାଜଦୂତ ବା ମନ୍ତ୍ରୀ । [ହୁଲ୍ୟ ।

Plenitude, *s.* ପରିପୂର୍ଣ୍ଣତା, ଅନେକତ୍ୱ, ବା-

Plenteous, *a.* ବହୁଳ, ଅନେକ, ଅତିଶୟ, ଯଥେଷ୍ଟ ।

Plentiful, *a.* ପ୍ରଚୁର, ବହୁତ, ବସୁର ।

Plentifully, *ad.* ବହୁଳରୂପେ ।

Plenty, *s.* ବାହୁଲ୍ୟ, ଆଧିକ୍ୟ, ଅନେକ, ଅତିରିକ୍ତତା, ଯଥେଷ୍ଟତା ।

Plethora, *s.* ରକ୍ତାଦିର ଅତିଶଯ୍ୟ ବା ବାହୁଲ୍ୟ

Plethoric, *a.* ଅତିପୁଷ୍ଟ, ଅତିରକ୍ତାଦିବିଶିଷ୍ଟ ।

Pleurisy, *s.* ପାର୍ଶ୍ୱଶୂଳବିଶେଷ ।

Pliable, *a.* ନମନୀୟ, ନମ୍ର, ମୃଦୁ, ଚଞ୍ଚଳମନା ।

Pliant, *a.* ନମ୍ୟ, ନରମ, କୋମଳ, ବଶ୍ୟ ।

Pliers, *s.* ଚିମୁଟା, ଚମୁଟା, ସଣ୍ଡାଶୀ ।

Plight, *s.* ଦଶା, ଗତି, ଅବସ୍ଥା, ହାଲ୍; ବନ୍ଧକ, ପ୍ରତିଜ୍ଞା ।— *v.* ବନ୍ଧକ-ଦେ; ଅର୍ପ-କ ।
Plod, *v.* ପରିଶ୍ରମ-ନିରନ୍ତର ଅଭ୍ୟାସ-କ ।
Plodder, *s.* ପରିଶ୍ରମୀବ୍ୟକ୍ତି, ନିତ୍ୟାଭ୍ୟାସୀ ।
Plot, *s.* ଭୂମିଖଣ୍ଡ; କୁମନ୍ତ୍ରଣା; କଳ୍ପନା ।—*v.* କୁମନ୍ତ୍ରଣା-କୁଚକ୍ର-ଷଡ଼ଯନ୍ତ୍ର-କ ।
Plough, *s.* ଲଙ୍ଗଳ, ହଳ ।—*v.* ଲଙ୍ଗଳ ଚଳାଇବା, ହଳଦେଇ ଚଷିବା, କୃଷି-କ ।
Ploughman, *s.* ଚଷା, କୃଷକ, କୃଷୀ, ହଳିଆ, ହଳଧର ।
Ploughshare, *s.* ଲଙ୍ଗଳ ଲୁହା, ଫାଳ ।
Pluck, *s.* ସାହସ; ପଶୁର ଅନ୍ତ; ଝିଙ୍କା ।—*v.* ଉପାଡ଼-ଦେ. ଝାଡ଼ିପକାଇବା, ତୋଳିବା ।
Plug, *s.* ଠିପି, କୀଳ, ମେଖ ।
Plumage, *s.* ପକ୍ଷୀର ପର । [ବା ସୀସା ।
Plumb, Plummet, *s.* ଓଳମ, ଓଳମସୂତା
Plumber, *s.* ଯେ ସୀସାର କର୍ମ କରେ ।
Plume, *s.* ଶିଖା, ପକ୍ଷ, ଶିରୋଭୂଷଣ; ଗର୍ବ ।—*v.* ଶିଖାଦ୍ୱାରା ଶୋଭିତ-କ; ଗର୍ବିତ-ହ ।
Plump, *a.* ପୁଷ୍ଟ, ମୋଟା, ହୃଷ୍ଟପୁଷ୍ଟ ।
Plumpness, *s.* ହୃଷ୍ଟପୁଷ୍ଟତା, ମୋଟାପଣ, ସ୍ଥୂଳତା ।
Plum-pudding. *s.* ଚିନି ଦୁଗ୍ଧ ଶୁଷ୍କଦ୍ରାକ୍ଷାଦିରେ ପ୍ରସ୍ତୁତ ମିଠାଇ ।
Plunder, *s.* ଲୁଟ, ଯୁଦ୍ଧରେ ପ୍ରାପ୍ତଦ୍ରବ୍ୟ, ଅପହାର ।—*v.* ଲୁଟ-ଅପହରଣ-ଡକାଇତି-କ ।
Plunderer, *s.* ଲୁଟିଆର, ଡକାଇତ, ଗଣ୍ଠି
Plunge, *v.* ବୁଡ଼ିବା, ମଗ୍ନ-କ; ଝାଉଁପଡ଼ିବା ।—*s.* ବୁଡ଼, ଡୁବକି, ଜଳରେ ମଗ୍ନ, ଅବଗାହନ, ସ୍ନାନ ।
Plural, *a.* ଅନେକ, ଏକରୁ ଅଧିକ, ବହୁବଚନାନ୍ତ
Plurality, *s.* ଐକାଧିକ୍ୟ, ବହୁତ୍ୱ, ଅନେକତ୍ୱ ।

Plus, *s.* ବୀଜଗଣିତର ଏକ ଚିହ୍ନ, ଯଥା (+); ବୃଦ୍ଧି ।
Plush, *s.* ଲୋମନିର୍ମିତ ବସ୍ତ୍ରବିଶେଷ ।
Ply, *v.* ଅବଶ୍ୟ-ହ, ଯତ୍ନରେ କର୍ମ-କ, ପୁନଃ୨ ମାଗିବା; ନିରୂପିତ ପଥରେ ଗମନାଗମନ-କ ।
Pneumatics. *s.* ବାୟୁନିରୂପକ ବିଦ୍ୟା ।
Poach, *s.* ଅଧା ସିଝାଇବା, ଦରସିଝା-କ; ଶିକାର ପଶ୍ୱାଦି ଚୋରି-କ ।
Poacher, *s.* ଶିକାର ପଶ୍ୱାଦିର ଚୋର ବା ଅପହାରକ ।
Pock, *s.* ବସନ୍ତ ରୋଗର ଚିହ୍ନ ବା ଦାଗ ।
Pocket, *s.* ଥଳୀ, ମୁଣୀ, ବଗଲି, ଜେବ୍ ।
Pod, *s.* ଶିମ୍ବ ମଟର ଆଦିର ଚୋପା ।
Poem, *s.* କାବ୍ୟ, କବିତା, ପଦ୍ୟ ।
Poet, *s.* କବି, କାବ୍ୟକର୍ତ୍ତା, କାବ୍ୟରଚକ ।
Poetaster, *s.* କୁକବି, ଅଧମକାବ୍ୟକର ।
Poetess, *s.* କାବ୍ୟକାରିଣୀ, କବିସ୍ତ୍ରୀ ।
Poetical, *a.* କାବ୍ୟସମ୍ବନ୍ଧୀୟ, କାବ୍ୟମୟୀ, ପଦ୍ୟ, କବିତାମୟ ।
Poet-laureate, *s.* ରାଜକବି ।
Poetry, *s.* କବିତା, କାବ୍ୟ, ପଦ୍ୟ ।
Poignancy, *s.* ତୀକ୍ଷ୍ଣତା, କଟୁତା, ତେଜ ।
Poignant, *a.* ତୀକ୍ଷ୍ଣ, କଟୁ, ସତେଜ, କଟିଣ, ପୀଡ଼କ, ଜ୍ୱାଳାକର, ଗ୍ଲାନିକର ।
Point, *s.* ଅଗ୍ରଭାଗ, ଅଗ; ଟିପା; ବିନ୍ଦୁ; ଅଭିପ୍ରାୟ; ନିମେଷ; ଦଶା ।—*v.* ଅଗ-ତୀକ୍ଷ୍ଣ-କ; ଲକ୍ଷ୍ୟ-କ, ଅଙ୍ଗୁଳିରେ ଦେଖାଇବା; କଥାମଧ୍ୟରେ ବିନ୍ଦୁ-ଦେ ।
Pointed, *a.* ତୀକ୍ଷ୍ଣ, ମୁନିଆଁ, ସରୁଅଗ୍ରଯୁକ୍ତ ।
Pointer, *s.* ପ୍ରଦର୍ଶକ; ଯେଉଁ କୁକ୍କୁର ଶିକାର ଦେଖାଏ ।
Pointless, *a.* ଅତୀକ୍ଷ୍ଣ, ନିସ୍ତେଜ; ନିରର୍ଥକ ।
Poise, *s.* ଭାର, ଓଜନ, ସମପରିମାଣ, ତୌଲ

Poison, *s.* ବିଷ, ଗରଳ, ମହୁର, ଜହର ।
—*v.* ବିଷମୟ-ବିଷ ଦେଇ ପ୍ରାଣନାଶ-କ ।
Poisonous, *a.* ବିଷାକ୍ତ, ବିଷାଳ, ବିଷଯୁକ୍ତ. ସବିଷ ।
Poke, *v.* ଅନ୍ଧାରରେ ଖୋଜିବା; ନିଆଁ ଉସକାଇବା, ଘେଞ୍ଚିବା । [ଉସୁଉଥ ।
Poker, *s.* ଅଗ୍ନି ଉସକାଇବା ଦଣ୍ଡ, ଖୋଞ୍ଚଣା,
Polar, *a.* ଧ୍ରୁବ ବା କେନ୍ଦ୍ରସମ୍ବନ୍ଧୀୟ, କେନ୍ଦ୍ରସ୍ଥ
Pole, *s.* କେନ୍ଦ୍ର, ମେରୁ; ଦଣ୍ଡ, ପତକା ।
Pole-axe, *s.* ଟାଙ୍ଗୀ, ଯୁଦ୍ଧକୁଠାର ।
Polecat, *s.* ବଟାଶ ବିଶେଷ, ଗନ୍ଧଗୋକୁଳ ।
Polemic, *a.* ବାଦାନୁବାଦ, ବିତର୍କବାଦ ।
Polestar, *s.* ଧ୍ରୁବତାରା, ଉତ୍ତରକେନ୍ଦ୍ର ନିକଟସ୍ଥ
Police, *s.* ନଗରଶାସନ; ପୋଲିସ । [ତାରା ।
Policy, *s.* ରାଜନୀତି, ରାଜ୍ୟଶାସନବିଧି; କୌଶଳ, ବୁଦ୍ଧି; ନିୟମ ପତ୍ର ।
Polish, *s.* ଉଜ୍ଜ୍ୱଳତା, ପରିଷ୍କାର; ଶିଷ୍ଟାଚାର ।
—*v.* ଘଷିବା, ମାଜିବା, ସଫା-ଶିତଳ-କ; ଶିଷ୍ଟ-କ ।
Polite, *a.* ଶିଷ୍ଟାଚାରୀ, ସଭ୍ୟ, ଭବ୍ୟ, ସୁଶୀଳ
Politeness, *s.* ଶିଷ୍ଟାଚାର, ସଭ୍ୟତା, ଶିଷ୍ଟତା,
Politic, *a.* ଜ୍ଞାନୀ, ଚତୁର, ବିଜ୍ଞ । [ସୌଜନ୍ୟ
Political, *a.* ରାଜନୀତିସମ୍ବନ୍ଧୀୟ, ରାଜ୍ୟଶାସନବିଷୟକ । [ବେତ୍ତା ।
Politician, *s.* ରାଜନୀତିଜ୍ଞ. ରାଜ୍ୟଶାସନବିଦ୍ୟା-
Politics, *s.* ରାଜ୍ୟଶାସନବିଦ୍ୟା, ରାଜନୀତି ।
Poll, *s.* ମସ୍ତକ. ମୁଣ୍ଡ: ମସ୍ତକଗଣନା; ସର୍ବସମ୍ମତ ଦ୍ୱାରା ପଦାର୍ପଣ, ଉକ୍ତ କର୍ମର ସ୍ଥାନ ।—*v.* ଗଛର ମୁଣ୍ଡ ହାଣିବା; ସମ୍ମତି-ଦେ; ନାମ ଲେଖିବା ।
Pollen, *s.* ପୁଷ୍ପରେଣୁ, ପରାଗ, ରେଣୁକ ।
Polute, *v.* ଅପବିତ୍ର-ଅଶୁଦ୍ଧ-ଭ୍ରଷ୍ଟ-କ ।
Polution, *s.* ଅଶୁଦ୍ଧତା, ଅପବିତ୍ରତା ।

Poltroon, *s.* କାପୁରୁଷ, ଭୀରୁବ୍ୟକ୍ତି, ଗାଣ୍ଡ ।
Polyandry, *s.* ବହୁଭର୍ତ୍ତାଗ୍ରହଣ, ଅନେକ ବିବାହ ।
Polyglot, *a.* ବହୁଭାଷାଯୁକ୍ତ, ବହୁଭାଷୀୟ ।
—*s.* ଅନେକ ଭାଷାଯୁକ୍ତ ଗ୍ରନ୍ଥ ।
Polygon, *s.* ବହୁପାର୍ଶ୍ୱବିଶିଷ୍ଟ ବସ୍ତୁ ।
Polypus, *s.* ନାସା ରୋଗ, ନାକର ଅର୍ଶ; ସାମୁଦ୍ରୀୟ ଜନ୍ତୁବିଶେଷ । [ବାକ୍ୟ ।
Polysyllable, *s.* ଅନେକ ସ୍ୱର ବା ବର୍ଣ୍ଣଯୁକ୍ତ-
Polytechnic, *a.* ବହୁଶିଳ୍ପକର୍ମବିଶିଷ୍ଟ ।
Polytheism, *s.* ବହୁଦେବାର୍ଚ୍ଚନା, ଅନେକ ଈଶ୍ୱରବାଦ । [ବାଦୀ ।
Polytheist, *s.* ବହୁଦେବତା ସେବକ, ଦ୍ୱୈତ-
Pomatum, *s.* କେଶରେ ଲଗାଇବା ସୁଗନ୍ଧି ତେଲ ।
Pomegranate, *s.* ଡାଳିମ୍ବ ବା ଦାଡିମ୍ବଫଳ
Pommel, *s.* ଜିନର ଗୁଣ୍ଡ ବା ଉଚ୍ଚଭାଗ ।
—*v.* ମାରିବା, ପିଟିବା, ପ୍ରହାର-କ ।
Pomp, *s.* ଗୌରବ, ଐଶ୍ୱର୍ଯ୍ୟ, ବଡିମା, ପ୍ରାଗଲ୍ଭ୍ୟ
Pomposity, *s.* ଦାମ୍ଭିକତା, ବଡାଇ, ଉଚ୍ଚତ
Pompous, *a.* ଐଶ୍ୱର୍ଯ୍ୟବାନ୍, ପ୍ରଗଲ୍ଭ, ଗର୍ବୀ ।
Pond, *s.* ପୁଷ୍କରିଣୀ, କ୍ଷୁଦ୍ରଜଳାଶୟ, ପୋଖରୀ, ଡଙ୍ଗ । [ଚିନ୍ତା-କ ।
Ponder, *v.* ଭାବିବା, ଚିନ୍ତା-ଧ୍ୟାନ-ବିବେ-
Ponderous, *a.* ଅତିଭାରୀ, ଗୁରୁ, ମହତ୍, ଅତିବଡ ।
Poniard, *s.* କଟାରି, ଛୁରୀ, ଖଣ୍ଡା ।
Pontiff, *s.* ରୋମୀୟ ପ୍ରଧାନ ଧର୍ମାଧ୍ୟକ୍ଷ, ପାପା
Pontifical, *a.* ରୋମୀୟ ଧର୍ମାଧ୍ୟକ୍ଷସମ୍ବନ୍ଧୀୟ ।
Pontificate, *s.* ରୋମୀୟ ଧର୍ମାଧ୍ୟକ୍ଷର ପଦ
Pontoon, *s.* ନୌକାଯୁକ୍ତସଙ୍କ, ନୌକାରସେତୁ
Poney, *s.* ଟଟୁ, କ୍ଷୁଦ୍ରଘୋଡା, ଟାଙ୍ଗଣ ।
Pool, *s.* ଗାଡିଆ, ପୋଖରୀ, କ୍ଷୁଦ୍ରଜଳାଶୟ ।

Poop, *s.* ଜାହାଜର ପଶ୍ଚାଦ୍ଭାଗ ବା ପଛଭାଗ
Poor, *a.* ଗରିବ, କଙ୍ଗାଳି, ଦରିଦ୍ର, ନିର୍ଦ୍ଧନ; ନିଷ୍ଫଳ; ଅଳ୍ପବଳ, ଦୁର୍ବଳ, କ୍ଷୀଣ; ଅଧମ ।
Poorly, *ad.* ଦରିଦ୍ରରୂପେ; ନୀଚରୂପେ । —*a.* ଅସୁସ୍ଥ, ପୀଡିତ, ରୋଗାନ୍ୱିତ, ବେରାମୀ
Pop, *s.* ହଠାତ୍ ଶବ୍ଦବିଶେଷ, ଫଟ୍‌ଶବ୍ଦ ।—*v.* ହଠାତ୍ ପଶିବା, ଫଟିବା ଶବ୍ଦକର-କ ।
Pope, *s.* ରୋମୀୟ ପ୍ରଧାନ ଧର୍ମାଧ୍ୟକ୍ଷ ।
Popery, *s.* ରୋମୀୟ ଧର୍ମାବଲମ୍ବୀମାନଙ୍କ ମତ
Popgun, *s.* ବାଳକମାନଙ୍କର ଖେଳାର୍ଥେ ବନ୍ଧୁକ, ଫଟକା ।
Popish, *a.* ରୋମୀୟ ଧର୍ମସମ୍ବନ୍ଧୀୟ ।
Poplar, *s.* ଉଚ୍ଚ ବୃକ୍ଷବିଶେଷ ।
Poppy, *s.* ପୋସ୍ତବୃକ୍ଷ, ଅଫିମଗଛ ବା ଉଦ୍ଭିଦ
Populace, *s.* ଇତର ଲୋକସମୂହ, ଜନତା
Popular, *a.* ସର୍ବପ୍ରିୟ, ସର୍ବଲୋକସମ୍ମତ; ପ୍ରଚଳିତ ।
Popularity, *s.* ସର୍ବପ୍ରିୟତ୍ୱ, ଲୌକିକତା, ସର୍ବସମ୍ମତ । [ବା ।
Populate, *v.* ଲୋକବୃଦ୍ଧି-କ, ଦେଶବସାଇ-
Population, *s.* ରାଜ୍ୟ ବା ଦେଶର ଲୋକସମୂହ, ଜନସଂଖ୍ୟା । [ପୂର୍ଣ୍ଣ ।
Populous, *a.* ଲୋକରେ ପରିପୂର୍ଣ୍ଣ, ବହୁପ୍ରଜା-
Porcelain, *s.* ଚୀନଦେଶର ମୃତ୍ତିକା ଓ କାଚ ନିର୍ମିତ ପାତ୍ରାଦି ।
Porch, *s.* ବରଣ୍ଡା, ଘରର ଚନ୍ଦନୀ ।
Porcupine, *s.* ଝିଙ୍କ, ଶଲ୍ଲକୀ, ଶଜାରୁ ।
Pore, *v.* ଏକଦୃଷ୍ଟିରେ ଚାହିଁବା, ସ୍ଥିରଭାବେ ଅନାଇ ପଢିବା, ମନୋଯୋଗପୂର୍ବକ ଦେଖିବା
Pores, *s.* ଲୋମର ମୂଳ ବା କୂପ, ସ୍ୱେଦ ନିର୍ଗମନର ଛିଦ୍ର ।
Pork, *s.* ଘୁଷୁରି ମାଂସ, ବରାହମାଂସ ।
Porous, *a.* ସୂକ୍ଷ୍ମଛିଦ୍ରମୟ ।
Porphyry, *s.* ମର୍ମର ପଥରବିଶେଷ ।
Porpoise, *s.* ଶିଶୁମାର, ଶୁଶୁକ, ସମୁଦ୍ରୀୟ ଜନ୍ତୁ ବିଶେଷ ।
Porridge, *s.* ଝୋଲ, ରସା, ଶୁରୁଆବିଶେଷ
Porringer, *s.* ଝୋଲର କଟୋରି ବା ପାତ୍ର ବିଶେଷ ।
Port, *s.* ବନ୍ଦର, ଘାଟ, ଦ୍ୱାର; ଗଡ; ଜାହାଜ-ଘାଟସ୍ଥ ଝରକା; ମଦ୍ୟ ବିଶେଷ ।
Portable, *a.* ସୁବହନୀୟ, ହାଲୁକା, ଉଣ୍ଠାସ
Portage, *s.* ବନ୍ଦରସ୍ଥ ଜାହାଜର ମାସୁଲ; ଜିନିଷ ବହିବାର ଭଡା । [ପ୍ରାଙ୍ଗଣ ।
Portal, *s.* ଦ୍ୱାର, କବାଟ, ଫାଟକ, ଦ୍ୱାର-
Porte, *s.* ତୁରସ୍କଦେଶୀୟ ରାଜସଭା ।
Portend, *v.* ଅଗତବିଷୟ ଦର୍ଶାଇବା, ଆଗ କଥା ଜଣା-କ । [ଭବିଷ୍ୟତ୍ ଚିହ୍ନ ।
Portent, *s.* ଅମଙ୍ଗଳର ଲକ୍ଷଣ, ଉପଦ୍ରବର
Portentous, *a.* ଭବିଷ୍ୟତ୍ ଅଶୁଭ ବା ଅମଙ୍ଗଳ ବୋଧକ ।
Porter, *s.* ଦ୍ୱାରୀ, ଦରୁଆନ୍; ବୋଝିଆ, ମୋଟିଆ, କୁଲୀଅ; ସରଶସ୍ୱବିଶେଷ । [ଖୋଳ ।
Portfolio, *s.* କାଗଜପତ୍ର ରଖିବା ଖାପ ବା
Porthole, *s.* ଜାହାଜର ପାର୍ଶ୍ୱସ୍ଥ କମାଣ ଫୁଟାଇବା ଛିଦ୍ର ।
Portico, *s.* ବରଣ୍ଡା, ଘରର ଚନ୍ଦନୀ ।
Portion, *s.* ଅଂଶ, ଖଣ୍ଡାଂଶ, ଭାଗ, ବାଣ୍ଟ; ଯୌତୁକ, ସ୍ତ୍ରୀଧନ ।—*v.* ବାଣ୍ଟିବା, ଭାଗ-ଅଂଶ -ବାଣ୍ଟ-କ; ଯୌତୁକ-ଦେ ।
Portliness, *s.* ଭବ୍ୟଭାବ ବା ଗର୍ବ, ସ୍ଥୂଳକାୟ ।
Portly, *a.* ଉତ୍ତମ ଚାଲିବର୍ଣ୍ଣି, ଶ୍ରୀମାନ୍ ।
Portmanteau, *s.* ଭ୍ରମଣାର୍ଥ ପେଟରା ।
Portrait, *s.* ପ୍ରତିମୂର୍ତ୍ତି, ଛବି, ମୁଖର ଛବି ।
Portray, *v.* ଚିତ୍ର-ଛବି-ନକ୍ସା-ଅନୁରୂପ-କ ; ବର୍ଣ୍ଣନା-କ ।

Pose, *v.* ନିରୁତ୍ତର-ଅପ୍ରସ୍ତୁତ-କ; ଅଙ୍ଗ ବିନ୍ୟାସ-କ ।

Position, *s.* ସ୍ଥିତି, ସ୍ଥାନ, ଅବସ୍ଥା, ଦଶା; ମୂଳକଥା, ସୂତ୍ର ।

Positive, *a.* ନିଶ୍ଚିତ, ଯଥାର୍ଥ, ସ୍ଥିର, ନିଃସନ୍ଦେହ [ଗାଢ଼ବା ।

Positively, *ad.* ନିଶ୍ଚୟରୂପେ, ଅବଶ୍ୟ, ନିତାନ୍ତ ।

Possess, *v.* ଅଧିକାର- ଭୋଗ- ଦଖଲ-କ.

Possessed, *a.* ଅଧିକୃତ, ଗ୍ରସ୍ତ; ଭୂତଗ୍ରସ୍ତ ।

Possession, *s.* ଅଧିକାର- ଭୋଗ, ସମ୍ପତ୍ତି, ପ୍ରାପ୍ତି, ଧନ ।

Possessive, *a.* ଅଧିକାରୀ; ସମ୍ବନ୍ଧବାଚକ ।

Possessor, *s.* ଅଧିକାରୀ. କର୍ତ୍ତା, ସ୍ୱାମୀ, ଦଖଲକାର ।

Possibility, *s.* ସାଧ୍ୟତା, ସମ୍ଭାବନା, ଯାହା ହେବାକୁ ପାରେ । [ପାର୍ଯ୍ୟ ।

Possible, *a.* ସମ୍ଭାବନୀୟ, ସାଧ୍ୟ, ଶକ୍ୟ.

Possibly, *ad.* ସମ୍ଭବତଃ, ସାଧ୍ୟରେ, କେଜାଣି ହୋଇପାରେ ।

Post, *s.* ଡାକ, ଟପା, ସମ୍ବାଦବହ; କର୍ମ, ପଦ; ସ୍ଥାନ; କାଠର ଖୁଣ୍ଟ ବା ସ୍ତମ୍ଭ, ସୈନ୍ୟର ଅଡ୍ଡା । —*v.* ବେଗରେ ଯିବା; ସ୍ଥାପନ-ସ୍ଥିତ-କ ।

Postage, *s.* ଡାକର ବା ଡାକଠାରେ ମାସୁଲ

Postboy, *s.* ଧାଉଡ଼ିଆ, ଡାକବାଲା ।

Postchaise, *s.* ଘୋଡ଼ାଚାଳିଆ ଭଡ଼ାଟିଆଗାଡ଼ି ।

Postdate, *v.* ପ୍ରକୃତ ତାରିଖର ବଦଳେ ଆଗାମୀ ତାରିଖ-ଲେଖି ।

Posterior, *a.* ଉତ୍ତର, ପଶ୍ଚାତ୍, ପଛରେ ।

Posteriors, *s.* ପିଚା, ପଶ୍ଚାଦ୍ଭାଗ, ନିତମ୍ବ ।

Posterity, *s.* ସନ୍ତାନସନ୍ତତି, ପୁତ୍ରପୌତ୍ରାଦି, [ବଂଶ ।

Postern, *s.* ଖିଡ଼କିଦ୍ୱାର, କ୍ଷୁଦ୍ରଦ୍ୱାର ।

Posthaste, *ad.* ଦୌଡ଼ାଦୌଡ଼ି, ବେଗଗମନ. ଦ୍ରୁତ ।

Posthumous, *a.* କୌଣସି ବ୍ୟକ୍ତିର ମରଣ-ଉତ୍ତାରୁ ଜାତ ବା ପ୍ରକାଶିତ ।

Postilion, *s.* ସାରଥି, କୋଚୁଆନ ।

Postman, *s.* ଡାକବାଲା, ଡାକର ପିଅନ ।

Postmaster, *s.* ଡାକର ଅଧ୍ୟକ୍ଷ ଅବା କର୍ତ୍ତା ।

Postmeridian, *a.* (P.M.) ଉପରଓଳିର, ଅପରାହ୍ନିକ ।

Post-office, *s.* ଡାକଘର ।

Postpone, *v.* ବିଳମ୍ବ-ଡେରି-କ, ସ୍ଥଗିତ-ହେ ।

Postscript, *s.* ଜୋଡ଼ପତ୍ର, ପୁନଶ୍ଚ ଲେଖନ ।

Postulate, *s.* ଅବିତର୍କଣୀୟ ମତବାକ୍ୟ ।—*v.* ପ୍ରମାଣବିନା କୌଣସି ମତ ଗ୍ରହଣ-କ ।

Posture, *s.* ଅଙ୍ଗର ଭାବ; ଅବସ୍ଥା, ଧାରା, ଢୌଲ । [ପୁଷ୍ପ-ଗୁଚ୍ଛ ।

Posy, *s.* ମୁଦ୍ରିକା ଉପରେ ଖୋଦିତ ଲେଖା;

Pot, *s.* ଜଳ ପାତ୍ର ବିଶେଷ, କଳଶୀ, ହାଣ୍ଡି, ରନ୍ଧନପାତ୍ର, ଡେକ୍‌ଚି ।

Potash, *s.* ଖାର, ବୃକ୍ଷଭସ୍ମ, କ୍ଷାର ।

Potation, *s.* ପାନ, ପାନକରଣ । [ରକମ ।

Potato, *s.* ବିଲାତି ଆଳୁ, ଆଳୁ; କନ୍ଦମୂଳ, ଶକ-

Pot-bellied, *a.* ଲମ୍ବୋଦର, ଭୁଡ଼ିଲ, ପେଟୁଆ ।

Potency, *s.* ପରାକ୍ରମ, ବଳ, ଶକ୍ତି, ସାମର୍ଥ୍ୟ ।

Potent, *a.* ପରାକ୍ରମୀ, ବଳବାନ୍, ପ୍ରତାପୀ ।

Potentate, *s.* ସମ୍ରାଟ୍, ରାଜାଧିରାଜ. ଚକ୍ରବର୍ତ୍ତୀ ।

Potential, *a.* ପରାକ୍ରାନ୍ତ, ସାମର୍ଥ୍ୟବାନ୍, ଶକ୍ତିବିଶିଷ୍ଟ ।

Pother, *s.* ଗୋଳ, ଗୋଳମାଳ, ହୁଡ଼ାହୁଡ଼ି ।

Potherb, *s.* ଶାଗ, ଶାକ, ସବୁଜ ।

Potton, *s.* ଏକବାରେ ଯେତେ ପାନ କରାଯାଏ, ଔଷଧର ଢୋକ ।

Potsherd, *s.* ଖପର, ଭଙ୍ଗାହାଣ୍ଡି, ଖୋଳା ।

Potter, *s.* କୁମାର, କୁମ୍ଭକାର, କୁଲାଳ ।

Pottery, *s.* କୁମ୍ଭକାରର କର୍ମ ବା କର୍ମସ୍ଥାନ ।

Pouch, *s.* ସାନଥଳୀ, ଝୁଲି, ଥଳିଆ ।
Poulterer, *s.* କୁକୁଡ଼ା ହଂସାଦିର ବେପାରୀ ।
Poultice, *s.* ପାକକରିବା ପଟୀ, ପକ୍ୱକରିବାର ପ୍ରଲେପ ।
Poultry, *s.* ଗୃହପାଳିତ କୁକୁଡ଼ାଦି ପକ୍ଷୀ ।
Pounce, *s.* ଝୁଣାର ଗୁଣ୍ଡ; ପକ୍ଷୀର ପଲ୍ ।—*v.* ଝାମ୍ପମାରିବା, ଧରିବା ।
Pound, *s.* ପାଉଁ ଅର୍ଦ୍ଧସେରର ପରିମାଣ; ଇଂରାଜୀ ସ୍ୱର୍ଣ୍ଣମୁଦ୍ରା ବିଶେଷ, ପାଉଁ ପନ୍ଦର ଟଙ୍କା; କାଞ୍ଜିଘର ବା ହାଉଡ଼ା ।
Pound, *v.* କୁଟିବା, ଚୂର୍ଣ୍ଣ-କ; ଗୁଆଡ଼ରେ ରଖିବା । [ଦାର ମାସୁଲ ।
Poundage, *s.* ଦସ୍ତୁରି, ଧଉଟ; କାଞ୍ଜିହାଉ-
Pour, *v.* ଢାଳିବା, ବର୍ଷାଇବା, ଗଡ଼ି ପଡ଼ିବା ।
Pout, *v.* ଓଷ୍ଠ ଦ୍ୱାରା ରାଗ ପ୍ରକାଶ-କ ।
Poverty, *s.* ଦରିଦ୍ରତା, ଦୀନତା, ନିର୍ଦ୍ଧନତା ।
Powder, *v.* ଚୂର୍ଣ୍ଣ- ଧୂଳିବତ୍- ଗୁଣ୍ଡା-କ ।
Powder, *s.* କେଶର ସୁଗନ୍ଧିଚୂର୍ଣ୍ଣ; ବାରୁଦ; ଗୁଣ୍ଡା, ଚୂନା ।
Powder-magazine, *s.* ବାରୁଦଶାଳା ।
Power, *s.* କ୍ଷମତା, ଶକ୍ତି, ପରାକ୍ରମ; ମାନସିକ ଶକ୍ତି; କର୍ତ୍ତୃତ୍ୱ, ଅଧିକାର; ରାଜା ।
Powerful, *a.* ପରାକ୍ରାନ୍ତ, ଶକ୍ତିମାନ୍, ବଳବନ୍ତ ।
Pox, *s.* ବସନ୍ତ, ଠାକୁରାଣୀ, ହାଡ଼ଫୁଟୀ; ଉପଦଂଶ, ଗରମି ।
Practicability, *s.* ସାଧ୍ୟତା, କର୍ତ୍ତବ୍ୟତା, ବ୍ୟବହାର୍ଯ୍ୟତା ।
Practicable, *a.* ସାଧ୍ୟ, କର୍ତ୍ତବ୍ୟ, ସମ୍ଭାବ୍ୟ ।
Practical, *a.* ବ୍ୟବହାର୍ଯ୍ୟ, କାର୍ଯ୍ୟବିଷୟକ ।
Practically, *ad.* ବ୍ୟବହାରତଃ, ଅଭ୍ୟାସଦ୍ୱାରା, କର୍ମ ସମ୍ବନ୍ଧେ ।
Practice, *s.* ଅଭ୍ୟାସ, ବ୍ୟବହାର, ରୀତି; ରୋଗ, ପଥ; ଗଣିତଶାସ୍ତ୍ରର ସୂତ୍ର ବିଶେଷ ।



Practise, *v.* ଅଭ୍ୟାସ- ବ୍ୟବହାର- ବ୍ୟାପାର -କ । [ଚିକିତ୍ସକ, ଉକୀଲ ।
Practitioner, *s.* ବ୍ୟବସାୟୀ, ଅଭ୍ୟାସକର୍ତ୍ତା;
Pragmatic, *a.* ପରକାର୍ଯ୍ୟଚର୍ଚ୍ଚକ, ଅଶିଷ୍ଟ ।
Praise, *s.* ପ୍ରଶଂସା, ବନ୍ଦନା, ସ୍ତବ, ସ୍ତୁତି, ଧନ୍ୟବାଦ; ସୁଖ୍ୟାତି, ଯଶଃ ।—*v.* ସ୍ତୁତି- ଧନ୍ୟବାଦ- ପ୍ରଶଂସା-କ । [ତବ୍ୟ ।
Praiseworthy, *a.* ପ୍ରଶଂସାଯୋଗ୍ୟ, ସ୍ତୋ-
Prance, *v.* ଡିଆଁ ମାରିବା, ନାଚିବା ।
Prank, *s.* କ୍ରୀଡ଼ା, କୌତୁକକ୍ରିୟା ।
Prate, *v.* ବକ୍ ୵- ବଡ଼ ୵- ପ୍ରଳାପ-କ ।
Prattle, *s.* ବକାବକି, ଅନର୍ଥକଗଳ୍ପ, ପ୍ରଳାପ ।
Prawn, *s.* ଚିଙ୍ଗୁଡ଼ି, ଚିଙ୍ଗୁଡ଼ିମାଛ ।
Pray, *v.* ପ୍ରାର୍ଥନା- ଉପାସନା-କ; ଅର୍ଚ୍ଚନା- ଯାଚନା-କ, ମାଗିବା; ବିନତି- ନିବେଦନ-କ ।
Prayer, *s.* ପ୍ରାର୍ଥନା, ଯାଚ୍ଞା, ନିବେଦନ, ମିନତି, ବିନତି । [ପୁସ୍ତକ ।
Prayerbook, *s.* ଉପାସନାର ପୁସ୍ତକ, ପ୍ରାର୍ଥନା
Prayerful, *a.* ପ୍ରାର୍ଥନାଶୀଳ, ପ୍ରାର୍ଥନାରେ ଅବଶ୍ୟ ।
Prayerless, *a.* ପ୍ରାର୍ଥନାଶୂନ୍ୟ ବା ରହିତ ।
Preach, *v.* ଧର୍ମୋପଦେଶ-ଦେ, ପ୍ରଚାର- ଘୋଷଣା-କ ।
Preacher, *s.* ଧର୍ମୋପଦେଶକ, ପ୍ରଚାରକ, ଧର୍ମଶିକ୍ଷକ, ଉପଦେଶକ ।
Preamble, *s.* ଭୂମିକା, ହେତୁବାଦ, ଆରମ୍ଭ
Precarious, *a.* ଅନିଶ୍ଚିତ, ଅନିତ୍ୟ, ଚଞ୍ଚଳ
Precariously, *ad.* ଅନିଶ୍ଚିତରୂପେ, ଦ୍ୱିଧା-କଳ୍ପ ।
Precaution, *s.* ପୂର୍ବଚିନ୍ତା, ସାବଧାନତା, ସତର୍କତା, ଉପାୟ ।
Precede, *v.* ଆଗେ ଯିବା, ଅଗ୍ରସର-ଅଗ୍ରଗଣ୍ୟ-ହେ ।

Precedence, *s.* ଅଗ୍ରଗଣ୍ୟତା; ପ୍ରାଧାନ୍ୟ, ଶ୍ରେଷ୍ଠତା ।

Precedent, *a.* ଅଗ୍ରଗାମୀ, ଅଗ୍ରଗନ୍ତା, ପୂର୍ବଗତ ।—*s.* ପୂର୍ବକୃତ ନିୟମ ବା ନିଷ୍ପତ୍ତି, ଆଦର୍ଶ, ଦୃଷ୍ଟାନ୍ତ ସ୍ଥଳୀ । [ଗାମୀ ।

Preceding, *a.* ପୂର୍ବୋକ୍ତ, ଅଗ୍ରଗତ, ଅଗ୍ର-

Precentor, *s.* ପ୍ରଧାନଗାୟକ, ଅଗ୍ରଗାୟକ ।

Precept, *s.* ଆଦେଶ, ଆଜ୍ଞା, ବିଧି, ବ୍ୟବସ୍ଥା ।

Preceptor, *s.* ଉପଦେଶକ, ଅଧ୍ୟାପକ, ଶିକ୍ଷକ, ଗୁରୁ । [ବିଶେଷ ।

Preceptory, *s.* ଶିକ୍ଷାର ସ୍ଥାନ, ଧର୍ମବିଦ୍ୟାଳୟ

Precinct, *s.* ସୀମା, ଧାର, ଅଞ୍ଚଳ, ସରହଦ

Precious, *a.* ବହୁମୂଲ୍ୟ, ଦୁର୍ମୂଲ୍ୟ, ପ୍ରିୟ, ଅତ୍ୟୁତ୍ତମ । [ଭାବେ ।

Preciously, *ad.* ବହୁମୂଲ୍ୟରୂପେ, ଅମୂଲ୍ୟ-

Precipice, *s.* ଅତ୍ୟୁଚ୍ଚସ୍ଥାନ; ପର୍ବତର ଧାର ବା ଶୃଙ୍ଗ, ଭୃଗୁ ।

Precipitance, *s.* ବେଗ, ଜବନ, ଦ୍ରୁତବେଗ, ତରତ, ତ୍ୱରା ।

Precipitate, *v.* ତଳେ ପକାଇବା, ପ୍ରମତ୍ତ ହୋଇ କର୍ମ-କ, ଅବିବେଚନାରେ କର୍ମ-କ ।—*a.* ଅବିବେକୀ, ଦୁଃସାହସୀ । [ଧାନତା ।

Precipitation, *s.* ଅବିବେଚନା, ଅସାବ-

Precipitous, *a.* ପତନ୍ତ, ଢାଲୁ; ଦୁଃସାହସୀ

Precise, *a.* ନିଶ୍ଚିତ, ଠିକ, ଯଥାର୍ଥ, ପ୍ରକୃତ ।

Precisely, *ad.* ନିଶ୍ଚିତରୂପେ, ଠିକଠାକ, ଯଥାର୍ଥରୂପେ । [ଠିକ୍ ।

Precision, *s.* ନିଶ୍ଚୟ, ଯଥାର୍ଥତା, ପ୍ରକୃତତା,

Preclude, *v.* ମନା- ବାରଣ- ନିଷେଧ-କ ।

Precocious, *a.* ଅକାଳରେ ପକ୍ୱ ବୁଦ୍ଧିବିଶିଷ୍ଟ

Precocity, *s.* ଅକାଳରେ ପରିପକ୍ୱତା, ଶୈଶବକାଳେ ବୁଦ୍ଧିମତ୍ତା । [-କ ।

Preconceive, *v.* ପୂର୍ବକଳ୍ପନା- ଅନ୍ତଃବୋଧ

Preconception, *s.* ପୂର୍ବଜ୍ଞାନ, ପୂର୍ବସଂସ୍କାର

Preconcerted, *a.* ପୂର୍ବସ୍ଥିରୀକୃତ, ପୂର୍ବରେ ଅବଧାରିତ ।

Precontract, *s.* ପୂର୍ବନିୟମ, ପୂର୍ବବନ୍ଦୋବସ୍ତ

Precursor, *s.* ଅଗ୍ରସାର, ଅଗ୍ରଗାମୀ, ଅଗ୍ରଗନ୍ତା ।

Predatory, *a.* ଅପହାରକ, ଲୁଟକାର, ଲୁଟବ୍ୟବସାୟୀ ।

Predecessor, *s.* ପୂର୍ବପଦସ୍ଥ, ପୂର୍ବାଧିକାରୀ ।

Predestinarian, *s.* ଅଦୃଷ୍ଟବାଦୀ, ଦୈବାଧୀନ ମତାବଲମ୍ବୀ ।

Predestinate, *v.* ପୂର୍ବରୁ ନିର୍ଦ୍ଧାରିତ-ଅଗ୍ରେ-ନିରୂପିତ-କ । [କପାଳ ।

Predestination, *s.* ପୂର୍ବନିରୂପଣ, ଅଦୃଷ୍ଟ,

Predetermination, *s.* ପୂର୍ବନିଶ୍ଚୟ ବା ସ୍ଥିରକରଣ ।

Predicament, *s.* ଅବସ୍ଥା, ଦଶା, ଗତି, ଦାୟ, ହାଲ ।

Predicate, *s.* ନିଶ୍ଚିତଉକ୍ତି, ସ୍ଥିରୀକୃତବିଷୟ; ବିଶେଷଣ ।—*v.* ନିଶ୍ଚୟକରି-ଦୃଢ଼କରି-କହ ।

Predict, *v.* ଭବିଷ୍ୟତ କଥା-ଆଗତ-କହ ।

Prediction, *s.* ଭବିଷ୍ୟଦ୍‌ବାକ୍ୟ, ଭାବିକଥନ, ଆଗତକଥା । [ପକ୍ଷପାତ ।

Predilection, *s.* ପୂର୍ବାନୁରାଗ, ଅଗ୍ରେ ପ୍ରବୃତ୍ତି,

Predispose, *v.* ପୂର୍ବରୁ ପ୍ରବୃତ୍ତି ଜନ୍ମାଇବା, ପୂର୍ବେ ମନସ୍ଥିର-କ ।

Predisposition, *s.* ପୂର୍ବାନୁରାଗ, ପୂର୍ବମନସ୍ଥତା, ଅଗ୍ରେ ସ୍ଥିରକରଣ ।

Predominance, *s.* ପ୍ରାଧାନ୍ୟ, ପ୍ରାବଲ୍ୟ, ବ୍ୟାପକତା । [ବ୍ୟାପକ ।

Predominant, *a.* ପ୍ରଧାନ, ପ୍ରବଳ, ଶ୍ରେଷ୍ଠ,

Predominate, *v.* ପ୍ରଧାନ- ପ୍ରବଳ-ହେ, ବ୍ୟାପିବା ।

Pre-eminence, *s.* ଅଗ୍ରଗଣ୍ୟତା, ସର୍ବଶ୍ରେଷ୍ଠତା, ଉତ୍ତମତା, ବଳିଷ୍ଠତା ।

Pre-eminent, *a.* ମୁଖ୍ୟ, ବଳିଷ୍ଠ, ସର୍ବଶ୍ରେଷ୍ଠ, ପ୍ରଧାନ, ଅଗ୍ରଗଣ୍ୟ ।

Pre-emption, *s.* ଅନ୍ୟର ଆଗେ କ୍ରୟ-କରଣାଧିକାର ।

Pre-engage, *v.* ପୂର୍ବରୁ ନିଯୁକ୍ତ- ଆଗେ ବନ୍ଦୋବସ୍ତ-କ ।

Pre-engagement, *s.* ପୂର୍ବନିୟମ, ଅଗ୍ର ବନ୍ଦୋବସ୍ତ, ପୂର୍ବାଙ୍ଗୀକାର, ପୂର୍ବାହ୍ୱାନ ।

Pre-exist, *v.* ପୂର୍ବଜାତ- ଅଗ୍ରସ୍ଥାୟୀ-ହେ ।

Pre-existence, *s.* ପୂର୍ବଜୀବନ, ପୂର୍ବସ୍ଥିତ, ପ୍ରାଗ୍ଭବ ।

Pre-existent, *a.* ପୂର୍ବଜାତ, ପୂର୍ବସ୍ଥାୟୀ, ପ୍ରାଚୀନବନିଷ୍ଠ ।

Preface, *s.* ଭୂମିକା, ମଙ୍ଗଳାଚରଣ, ଅଗ୍ରାଂଶ ।

Prefatory, *a.* ପ୍ରାଥମିକ, ଭୂମିକାସମ୍ବନ୍ଧୀୟ ।

Prefect, *s.* ଅଧ୍ୟକ୍ଷ, କର୍ତ୍ତା, ଶାସନକର୍ତ୍ତା ।

Prefecture, *s.* ଅଧ୍ୟକ୍ଷତା, କର୍ତ୍ତୃତ୍ୱ, ଅଧିପତି ।

Prefer, *v.* ଶ୍ରେୟୋଜ୍ଞାନ- ମନୋନୀତ- ପସନ୍ଦ -କ, ଅଧିକ ଭଲ ଜାଣିବା । [ଶ୍ରେଷ୍ଠ ।

Preferable, *a.* ଅନ୍ୟଠାରୁ ଭଲ, ଉତ୍ତମତର,

Preference, *s.* ପସନ୍ଦ, ଅନ୍ୟଠାରୁ ମନୋନୀତକରଣ । [ଉନ୍ନତି ।

Preferment, *s.* ସମ୍ଭ୍ରମପ୍ରାପ୍ତି; ଉଚ୍ଚପଦ, ବୃଦ୍ଧି,

Prefigure, *v.* ଦୃଷ୍ଟାନ୍ତ ଦ୍ୱାରା ଆଗେ ଜ୍ଞାତ-କ

Prefix, *s.* ଉପସର୍ଗ, ଅଗ୍ରେସ୍ଥାପନ ।—*v.* ପୂର୍ବେ ନିଯୁକ୍ତ- ଆଗେ ସ୍ଥାପନ-କ, ଆଗେ ଲଗାଇବା । [ବନ୍ତ ।

Pregnancy, *s.* ଗର୍ଭଧାରଣ; ଉର୍ବରତ୍ୱ, ଫଳ-

Pregnant, *a.* ଗର୍ଭିଣୀ, ଗର୍ଭବତୀ, ଅନ୍ତଃସତ୍ତ୍ୱା; ବୃଷ୍ଟି ଉର୍ବର, ଫଳବତୀ ।

Prejudge, *v.* ବିଚାରପୂର୍ବରେ ଦୋଷୀ-କ ।

Prejudice, *s.* ବିବେଚନାର ପୂର୍ବେ ମତସ୍ଥିର-କରଣ, ଅବରୋଧ, ପକ୍ଷପାତ ।—*v.* ପକ୍ଷପାତ ବା ଦ୍ୱେଷ ଜନ୍ମାଇବା; ହିଂସା- ମନ୍ଦ-କ ।

Prejudicial, *a.* କ୍ଷତିକର, ଅନିଷ୍ଟକାରୀ, ହିଂସକ ।

Prelacy, *s.* ଧର୍ମାଧ୍ୟକ୍ଷପଦ, ମହାଯାଜକତା ।

Prelate, *s.* ଧର୍ମାଧ୍ୟକ୍ଷ, ଧର୍ମନେତା ।

Prelection, *s.* ଅଧ୍ୟାପନା, ଉପଦେଶ, ବକ୍ତୃତାଘୋଷଣା ।

Preliminary, *s.* ପୂର୍ବନିୟମ, ଅଗ୍ରାଂଶ ।—*a.* ପୂର୍ବବର୍ତ୍ତୀ, ପ୍ରାଥମିକ, ଅଗ୍ରିମ ।

Prelude, *s.* ଆରମ୍ଭ; ପୂର୍ବବାକ୍ୟ, ଲକ୍ଷଣ, ପ୍ରକରଣ; ବାଦ୍ୟୋପକ୍ରମ ।

Premature, *a.* ଅକାଳିକ, ଅକାଳରେ କୃତ, ଅସମୟରେ ପକ୍ୱ, କଞ୍ଚା ।

Premeditate, *v.* ପୂର୍ବେ ବିବେଚନା-କ, ପୂର୍ବେ ଧ୍ୟାଇବା ।

Premeditation, *s.* ପୂର୍ବଧ୍ୟାନ, ପୂର୍ବ ଚିନ୍ତା, ଅଗ୍ରବିବେଚନା ।

Premier, *a.* ପ୍ରଧାନ, ଶ୍ରେଷ୍ଠ, ଆଦ୍ୟ; ମୁଖ୍ୟ ।

Premier, *s.* ପ୍ରଧାନ ରାଜମନ୍ତ୍ରୀ । [ପଦ ।

Premiership, *s.* ପ୍ରଧାନ ରାଜମନ୍ତ୍ରୀର କର୍ମ ବା

Premise, *v.* ପୂର୍ବେ ପ୍ରସଙ୍ଗ- ଆଗେ ବର୍ଣ୍ଣନା- ପୂର୍ବ ବ୍ୟାଖ୍ୟା-କ ।

Premises, *s.* ଭୂମିକାର କଥା; ଘରବାଡି ଭୂମି ଇତ୍ୟାଦି ।

Premium, *s.* ପାରିତୋଷିକ, ପୁରସ୍କାର, ଦାନ । [ଦେଶ-କ ।

Premonish, *v.* ପୂର୍ବେ ଚେତନା-ଦେ, ପ୍ରତ୍ୟା-

Premonition, *s.* ପୂର୍ବଚେତନା, ପ୍ରତ୍ୟାଦେଶ

Preoccupy, *v.* ପୂର୍ବାଧିକାର- ଅଗ୍ରେଦଖଲ-କ

Preordain, *v.* ପୂର୍ବେ ନିଯୁକ୍ତ ବା ସ୍ଥାପନ-କ ।

Preparation, *s.* ପ୍ରସ୍ତୁତକରଣ, ଆୟୋଜନ ।

Preparatory, *a.* ଆୟୋଜନୀୟ, ପ୍ରସ୍ତୁତକାରୀ, ସଂଯୋଗକାରୀ ।

Prepare, *v.* ଆୟୋଜନ-ପ୍ରସ୍ତୁତ-ତୟାର-କ, ନିର୍ମାଣ-କ, ବନାଇବା ।

Prepense, *a.* ପୂର୍ବେ କଳ୍ପିତ, ଅଗ୍ରେ ବିଚିନ୍ତିତ

Preponderance, *s.* ଗୁରୁତ୍ୱ, ପ୍ରାବଲ୍ୟ ।

Preponderate, *v.* ଅଧିକ ଗୁରୁ-ଅଧିକ ପରିମାଣ- ପ୍ରବଳ-ହେ ।

Preposition, *s.* ଉପସର୍ଗ, ଅବ୍ୟୟ ଶବ୍ଦ ।

Prepossess, *v.* ପୂର୍ବେ ପ୍ରବୃତ୍ତି ଜନ୍ମାଇବା, ବିବେଚନା ପୂର୍ବେ ଅନୁରକ୍ତ- ଅନ୍ୟକୁ ପକ୍ଷପାତ-କ ।

Prepossession, *s.* ବିବେଚନାର ପୂର୍ବେ ନିଶ୍ଚୟକରଣ, ପୂର୍ବାନୁରାଗ ।

Preposterous, *a.* ଅସମ୍ଭବ, ଓଲଟା, ବିପରୀତ, ଅସଙ୍ଗତ ।

Prepuce, *s.* ପୁରୁଷାଙ୍ଗର ଅଗ୍ର ତ୍ୱକ୍ ।

Prerequisite, *a.* ପୂର୍ବାବଶ୍ୟକ, ପୂର୍ବେ ପ୍ରୟୋଜନୀୟ, ଅଗ୍ରେ ଦରକାରୀ । [ଷାଧିକାର ।

Prerogative, *s.* ଅସାଧାରଣକ୍ଷମତା,ବିଶେ-

Presage, *s.* ଆଗତ ଶୁଭାଶୁଭ ବୋଧକ ଚିହ୍ନ । —*v.* ଲକ୍ଷଣ ଦ୍ୱାରା ଆଗତ ବିଷୟ ଜଣାଇବା ।

Presbyter, *s.* ପୁରୋହିତ, ଧର୍ମୋପଦେଶକ, ମଣ୍ଡଳୀପତି ।

Presbytery, *s.* ମଣ୍ଡଳୀର ପ୍ରାଚୀନମାନଙ୍କର ସମାଜ ବିଶେଷ ।

Prescience, *s.* ଭବିଷ୍ୟଦ୍ବୋଧ, ପୂର୍ବ ଜ୍ଞାନ ।

Prescient, *a.* ଭବିଷ୍ୟଦ୍ଦର୍ଶୀ, ଦୂରଦର୍ଶୀ ।

Prescribe, *v.* ଆଜ୍ଞା-ଆଦେଶ-କ ; ଔଷଧର ବ୍ୟବସ୍ଥା-କ ।

Prescript, *s.* ଆଜ୍ଞା, ଆଦେଶ, ହୁକୁମ ।

Prescription, *s.* ବ୍ୟବସ୍ଥା, ଚଳନ୍ତି ବ୍ୟବହାର ; ବୈଦ୍ୟର ପରାମର୍ଶ ।

Prescriptive, *a.* ଧାରାବାହିକ, ବ୍ୟବହାରସିଦ୍ଧ ।

Presence, *s.* ସାକ୍ଷାତ, ସମ୍ମୁଖ, ସନ୍ନିଧ, ଉପସ୍ଥିତି; ଗତି, ରୂପ; ଉପସ୍ଥିତବୁଦ୍ଧି ।

Present, *s.* ଦାନ, ପାରିତୋଷିକ, ଭେଟି, ଦର୍ଶନୀ, ବକ୍‌ଶିସ୍, ଇନାମ୍ ।—*v.* ଦାନ-କ; ଦେଖାଇବା, ନିବେଦନ-କ; ନୈବେଦ୍ୟ- ଉତ୍ସର୍ଗ-କ ।—*a.* ଉପସ୍ଥିତ, ସମ୍ମୁଖସ୍ଥ, ସାକ୍ଷାତ୍, ବର୍ତ୍ତମାନ ।

Presentation, *s.* ଦାନକରଣ, ଧର୍ମବୃତ୍ତିରେ ନିଯୁକ୍ତକରଣ ।

Presentiment, *s.* ପୂର୍ବବୋଧ, ଭବିଷ୍ୟଦ୍ବିଷୟର ଅନୁମାନ ।

Presently, *ad.* ଅବିଳମ୍ବେ, ଏହିକ୍ଷଣେ, ଅଚିରାତ୍ । [ନିସ୍ତାର, ପାଳନ ।

Preservation, *s.* ରକ୍ଷା, ତ୍ରାଣ, ଉଦ୍ଧାର,

Preservative, *a.* ରକ୍ଷାକାରୀ, ରକ୍ଷଣକ୍ଷମ ।

Preserve, *s.* ମୋରବ୍ବା, ଚିନିରସରେ ପାକ କରିବା ଫଳାଦି; ଶିକାର ପକ୍ଷୀ ଆଦି ରକ୍ଷଣାର୍ଥକ ଉଦ୍ୟାନ ବିଶେଷ ।—*v.* ରକ୍ଷା-ତ୍ରାଣ-କ, ବଞ୍ଚାଇବା ; ଫଳାଦିର ମିଠାଇ-ମୋରବ୍ବା-କ ।

Preserver, *s.* ରକ୍ଷାକର୍ତ୍ତା, ନିସ୍ତାରକ, ଉଦ୍ଧାରକ । [ଇବା ।

Preside, *v.* ସଭାପତି-ଅଧ୍ୟକ୍ଷ-ହେ, କର୍ତ୍ତୃତ୍ୱ ଚଳା-

Presidency, *s.* ରାଜଧାନୀ ; ଅଧ୍ୟକ୍ଷତା, ତତ୍ତ୍ୱାବଧାରଣ । [ପ୍ରାମାଣିକ ।

President, *s.* ଅଧ୍ୟକ୍ଷ, ପ୍ରଧାନ, ସଭାପତି ;

Press, *s.* ଛାପାଯନ୍ତ୍ର ବା କଳ; ଲୁଗା ଆଦି ରଖିବା ଆଲମାରି; ଭିଡ଼, ଲୋକଗହଳ, କର୍ମାର୍ଥେ ବେଗାରି ଧରା ।—*v.* ଛାପିବା, ଚିପିବା; ବେଗାରି ଧରିବା; ଭିଡ଼-କ, ଠେସାଠେସି-କ; ଉତ୍ସାହ-କ ।

Press-gang, *s.* ଯୁଦ୍ଧଜାହାଜାର୍ଥେ ମନୁଷ୍ୟ-ଧାରକ ଦଳ । [କୀୟ, ଶୀଘ୍ର ।

Pressing, *a.* ଉତ୍ତେଜନାକାରୀ, ଅତ୍ୟାବଶ୍ୟ-

Pressman, *s.* ଛାପାକାରକ, ଯେଉଁବ୍ୟକ୍ତି ଛାପେ; ଦେଖାସ୍ତ ଧରିବା ବ୍ୟକ୍ତି ।

Pressure, *s.* ଚାପ; ବଳ; ଭାର; ଦୁଃଖ; ଉପଦ୍ରବ ।

Prestige, *s.* ଗୌରବ, ଶୋଭା, ପ୍ରଭା ।

Presume, *v.* ଅନୁମାନ-କ, ବୁଝିବା; ଅନା-ଜ୍ଞାମତରେ-କ ।

Presuming, *a.* ନିର୍ଭୟ, ନିର୍ଲଜ୍ଜ; ଗର୍ବୀ, ଦୁଃସାହସୀ ।

Presumption, *s.* ଅନୁମାନ, ଅନ୍ଦାଜ; ବଡ଼ ସମ୍ଭାବନା; ଗର୍ବ ।

Presumptive, *a.* ଅନୁମେୟ, ସମ୍ଭାବ୍ୟ ।

Presumptuous, *a.* ନିର୍ଭୟ, ଗର୍ବୀ, ଅହଂ-କାରୀ, ଦାମ୍ଭିକ ।

Presuppose, *v.* ପୂର୍ବେ ଅନୁମାନ-କ, ଆଗେ ଠଉରିବା । [ଓଜର ।

Pretence, *s.* ଛଳ, ଛଦ୍ମବେଶ; ବାହାନା,

Pretend, *v.* ଛଦ୍ମବେଶ-ଛଳ-ଓଜର-କ ।

Pretended, *a.* ମୌଖିକ, ଭଣ୍ଡ ।

Pretender, *s.* ପ୍ରତାରକ; ଦାବୀକର୍ତ୍ତା, ଅନଧି-କାରଚର୍ଚ୍ଚକ । [ଦାବୀ ।

Pretension, *s.* ବାହାନା, ଦାଉଆ, ମିଥ୍ୟା-

Preterimperfect, *a.* ଅନିଷ୍ପନ୍ନ ଭୂତ (କାଳ) ।

Preterite, *a.* ଅତୀତ ବା ଭୂତ (କାଳ) ।

Preternatural, *a.* ଅଦ୍ଭୁତ, ଅପୂର୍ବ, ଅ-ସ୍ୱାଭାବିକ ।

Preterperfect, *a.* ପୂର୍ଣ୍ଣ, ଭୂତ (କାଳ) ।

Pretext, *s.* ଛଳ, ବାହାନା, ଫାଙ୍କି, ଓଜର ।

Prettiness, *s.* ସୌନ୍ଦର୍ଯ୍ୟ, ଉତ୍ତମତା, ଶୋଭା ।

Pretty, *a.* ଉତ୍ତମ, ସୁନ୍ଦର, ମନୋହର ।—*ad.* କିଛି, କିଞ୍ଚିତ୍, ଏକପ୍ରକାର ।

Prevail, *v.* ପ୍ରବଳ-ଚଳିତ-ହେ; ବ୍ୟାପିବା; ଜିତିବା । [ବ୍ୟାପକ ।

Prevailing, *a.* ଚଳିତ, ପ୍ରଧାନ, ପ୍ରବଳ,

Prevalence, *s.* ପ୍ରାଧାନ୍ୟ, ପ୍ରାବଲ୍ୟ, ବ୍ୟାପ-କତା ।

Prevalent, *a.* ଜୟୀ, ବଳବାନ୍; ଶ୍ରେଷ୍ଠ; ଚଳିତ, ବ୍ୟବହୃତ ।

Prevaricate, *v.* ବାକ୍‌ଚାତୁରୀ-ପ୍ରବଞ୍ଚନା-କ, କଥା ଉଲଟାଇବା, ଟାଳମଟାଳ-କ ।

Prevarication, *s.* ପ୍ରବଞ୍ଚନା, ଦ୍ୱିରୂପକଥନ, ଟାଳମଟାଳ ।

Prevaricator, *s.* ପ୍ରବଞ୍ଚକ, ପ୍ରତାରକ, ମିଥ୍ୟାବାଦୀ ଲୋକ ।

Prevent, *v.* ନିବାରଣ-ନିଷେଧ-କ, ଅଟ-କାଇବା ।

Prevention, *s.* ନିବାରଣ, ନିଷେଧ, ମନା, ବାଧା, ଅଟକ ।

Preventive, *a.* ନିଷେଧକ, ପ୍ରତିବାଧକ, ଅବ-ରୋଧକ । [ପ୍ରଥମ ।

Previous, *a.* ପୂର୍ବ, ପୂର୍ବବର୍ତ୍ତୀ, ଅଗ୍ରଗତ,

Previously, *ad.* ଆଗେ, ଅଗ୍ରେ, ପ୍ରଥମେ, ପୂର୍ବେ ।

Prey, *s.* ଲୁଟ, ଲୁଣ୍ଠିତଦ୍ରବ୍ୟ, ଶିକାରରେ ଲବ୍ଧବସ୍ତୁ ।—*v.* ବଳରେ ଧରି ଖାଇବା, ଶିକାର-କ; ଲୁଟ-କ; କ୍ଷୟ-କ ।

Price, *s.* ମୂଲ୍ୟ, ଦର, ଦାମ୍; ଖରଚ, ଶୁଳ୍କ; ପୁରସ୍କାର ।

Prick, *s.* ସୂକ୍ଷ୍ମାଗ୍ରବିଶେଷ; ଛିଦ୍ର, କଣ୍ଟା, ବିନ୍ଧ ।—*v.* ବିନ୍ଧିବା, ଫୋଡ଼ିବା, କଣ୍ଟା ମାରିବା; ଦୁଃଖ-ଦେ ।

Prickle, *s.* କଣ୍ଟକ, କଣ୍ଟା, ଶୂଳ ।

Prickly, *ad.* କଣ୍ଟାଯୁକ୍ତ, କଣ୍ଟାମୟ, ଶୂଳବିଶିଷ୍ଟ ।
Prickly-heat, *s.* ଘମାଚି, ଘମାଇ, ସର୍ଷପାଟୁ
Pride, *s.* ଅହଙ୍କାର, ଗର୍ବ, ଦର୍ପ, ଅଭିମାନ । —*v.* ଅହଙ୍କାର-ଗର୍ବ-ଆତ୍ମଶ୍ଲାଘା-କ ।
Priest, *s.* ଯାଜକ, ପୁରୋହିତ, ପୂଜାରି; ପାଦ୍ରି
Priestcraft, *s.* ଯାଜକମାନଙ୍କର ପ୍ରତାରଣା, ଯାଜକ ଫେଦର ।
Priestess, *s.* ପୁରୋହିତା ସ୍ତ୍ରୀ, ଯାଜକା ।
Priesthood, *s.* ଯାଜକର ପଦ, ଯାଜକତା, ପୌରୋହିତ୍ୟ ।
Priestridden, *a.* ଯାଜକ ଦ୍ୱାରା ଶାସିତ, ଯାଜକପରବଶ ।
Prim, *a.* ସୁବେଶଧାରୀ, ଶିଷ୍ଟାନୁଯାୟୀ ।
Primacy, *s.* ଶ୍ରେଷ୍ଠତା, ପ୍ରଧାନଧର୍ମାଧ୍ୟକ୍ଷର ପଦ
Primarily, *ad.* ପ୍ରଥମତଃ, ପ୍ରଥମେ । [ଶ୍ରେଷ୍ଠ ।
Primary, *a.* ଆଦ୍ୟ, ଅଗ୍ର, ପୂର୍ବ; ପ୍ରାଥମିକ;
Primate, *s.* ପ୍ରଧାନ ଧର୍ମାଧ୍ୟକ୍ଷ ।
Prime, *s.* ଉତ୍ତମାଂଶ; ଯୌବନକାଳ; ପ୍ରାତଃକାଳ । —*a.* ନୂତନ, ଉତ୍ତମ, ଶ୍ରେଷ୍ଠ, ପ୍ରଧାନ ।
Prime, *v.* ଭେଣ୍ଟ ଘରେ ବାରୁଦ-ଦେ; ରଙ୍ଗର ଅସ୍ତର-କ ।
Primer, *s.* ବର୍ଣ୍ଣମାଳା, ପ୍ରଥମପୁସ୍ତକ ।
Primeval, *a.* ଆଦ୍ୟକାଳର, ଆଦ୍ୟଭବ ।
Priming, *s.* ଭେଣ୍ଟ ବାରୁଦ, ରଙ୍ଗର ଅସ୍ତର
Primitive, *a.* ପ୍ରାଥମିକ, ମୂଳୀୟ, ଆଦ୍ୟର, ସରଳ । [ଅସଭ୍ୟଅବସ୍ଥା ।
Primogeniture, *s.* ଜ୍ୟେଷ୍ଠତ୍ୱ, ପ୍ରଥମଜାତତ୍ୱ,
Primordial, *a.* ଆଦ୍ୟବର୍ତ୍ତୀ, ଆଦ୍ୟମ, ଆଦ୍ୟଙ୍କର
Primrose, *s.* ଉତ୍ତମ ପୁଷ୍ପବିଶେଷ ।
Prince, *s.* ରାଜା, ଭୂପାଳ; ରାଜପୁତ୍ର, ଯୁବରାଜ
Princely, *a.* ରାଜୈଶ୍ୱର୍ଯ୍ୟୀୟ, ରାଜାରପରି, ରାଜଧର୍ମକ, ପ୍ରତାପାନ୍ୱିତ ।

Princess, *s.* ରାଣୀ, ପାଟମହାଦେଈ, ରାଜକୁମାରୀ, ରାଜପୁତ୍ରୀ ।
Principal, *s.* କର୍ତ୍ତା, ଅଧ୍ୟକ୍ଷ, ସରଦାର; ମୂଳଧନ, ପାଣ୍ଠି । —*a.* ପ୍ରଧାନ, ଶ୍ରେଷ୍ଠ, ଅଗ୍ରଗଣ୍ୟ । [କାର ।
Principality, *s.* ରାଜ୍ୟ, ରାଜତ୍ୱ, ରାଜ୍ୟାଧି-
Principally, *ad.* ପ୍ରଥମତଃ, ସର୍ବାଗ୍ରେ; ଅଧିକନ୍ତୁ, ବିଶେଷତଃ ।
Principle, *s.* ବୀଜ, ମୂଳ, ମତ, ଅବଧାରଣ
Print, *s.* ମୁଦ୍ରାଙ୍କ, ଚିହ୍ନ, ଛାପାର ଛବି । —*s.* ଛାପିବା, ମୁଦ୍ରାଙ୍କନ-ଛାପା-କ ।
Printer, *s.* ଛାପାକର, ଛାପାବାଲା, ମୁଦ୍ରାଙ୍କ-
Printing, *s.* ଛାପାକରଣ, ଛାପା । [କାରକ ।
Printing-office, *s.* ଛାପାଖାନା ।
Prior, *s.* ଉଦାସୀନମାନଙ୍କର ମଠାଧ୍ୟକ୍ଷ । —*a.* ପୂର୍ବବର୍ତ୍ତୀ, ଆଦ୍ୟ, ପ୍ରଥମର ।
Priority, *s.* ପୂର୍ବବର୍ତ୍ତିତା, ପ୍ରାଧାନ୍ୟ, ଶ୍ରେଷ୍ଠତା
Priory, *s.* ବୈରାଗୀମାନଙ୍କର ମଠ, ଉଦାସୀନମାନଙ୍କର ଆଶ୍ରମ ।
Prism, *s.* ସମଭୂଜତ୍ରି ସମକୋଣ କାଚବିଶେଷ ।
Prismatic, *a.* ତ୍ରିକୋଣ କାଚର ଆକୃତିବିଶିଷ୍ଟ ।
Prison, *s.* କାରାଗାର; ବନ୍ଦିଶାଳା, ଜେଲଖାନା ।
Prisoner, *s.* ବନ୍ଦୀ, କଏଦୀ; ଯୁଦ୍ଧରେ ଧୃତଲୋକ ।
Pristine, *a.* ପୂର୍ବକାଳର, ଆଦ୍ୟର, ପ୍ରଥମ ।
Prithee, *v.* ବିନତିକର, ନିବେଦନକର ।
Privacy, *s.* ଗୋପନ, ଅପ୍ରକାଶ, ନିର୍ଜନସ୍ଥାନ
Private, *a.* ଗୁପ୍ତ, ଅପ୍ରକାଶିତ; ଏକାକୀ, ନିର୍ଜନ; ସ୍ୱୀୟ ।
Private, *s.* ସାମାନ୍ୟ ଯୋଦ୍ଧା, ସେନା ।
Privateer, *s.* ଲୁଟକରଣାର୍ଥେ ଜାହାଜବିଶେଷ

Privately, *ad.* ଗୋପନରେ, ଅପ୍ରକାଶେ, ନିର୍ଜ୍ଜନରେ । [ସାତ ।

Privation, *s.* ଅଭାବ, କଷ୍ଟ, ସୁଖଭୋଗ,ବାଧା-

Privilege, *s.* ଅସାଧାରଣ କ୍ଷମତା ବା ଅଧିକାର ।—*v.* ବିଶେଷକ୍ଷମତା-ଦେ, ନିଷ୍କର-ମୁକ୍ତ-କ । [ବିଶେଷ ।

Privily, *ad.* ଗୁପ୍ତଭାବେ, ଅଜ୍ଞାତରେ, ଅପ୍ର-

Privy, *s.* ପାଇଖାନା, ଶୌଚଶାଳା ।—*a.* ନିଜ, ଗୁପ୍ତ; ଜ୍ଞାତସାର, ଗୋଚର ।

Prize, *s.* ପୁରସ୍କାର, ପାରିତୋଷିକ ; ଲୁଣ୍ଠିତଦ୍ରବ୍ୟ ।—*v.* ବହୁମୂଲ୍ୟ ଜ୍ଞାନ-କ; ମୂଲ୍ୟ ନିଷ୍ପ-କ

Probability, *s.* ସମ୍ଭାବନା, ପ୍ରାମାଣ୍ୟ,ହୋଇପାରେ ଯାହା ।

Probable, *a.* ସମ୍ଭାବନୀୟ, ଘଟନୀୟ, ଭବିତବ୍ୟ

Probably, *ad.* ହୋଇପାରେ, ସମ୍ଭବତଃ, ଅନୁମାନରେ । [ଲୁପି ।

Probate, *s.* ଦାନପତ୍ର ପ୍ରମାଣକରଣ ବା ତତ୍ତ୍-

Probation, *s.* ପରଖ, ପରୀକ୍ଷା; ପ୍ରମାଣ ।

Probationer, *s.* ପରୀକ୍ଷାପାତ୍ର, ଶିକ୍ଷାନବୀଶ ।

Probe, *v.* ଅସ୍ତ୍ରଦ୍ୱାରା କ୍ଷତ ପରୀକ୍ଷା-କ ।

Probity, *s.* ବିଶୁଦ୍ଧତା, ସାରଲ୍ୟ, ସାଧୁତା ।

Problem, *s.* ପ୍ରଶ୍ନ, ନିର୍ଦ୍ଧାର୍ଯ୍ୟବିଷୟ, ତତ୍ତ୍ୱବିଚାର

Problematical, *a.* ଅନିଶ୍ଚିତ, ସନ୍ଦେହଯୁକ୍ତ, ସନ୍ଦିଗ୍ଧ, ବିବାଦ୍ୟ ।

Proboscis, *s.* ହସ୍ତୀର ଶୁଣ୍ଡ, ଥୋଡ଼ପାଡ଼ାର ।

Procedure, *s.* କର୍ମ କରିବା ଧାର, କାର୍ଯ୍ୟ, ବ୍ୟବହାର ।

Proceed, *v.* ଅଗ୍ରସର-ହେ, ଆଗେ ଯିବା; ଜନ୍ମିବା, ଉତ୍ପନ୍ନ-ନିର୍ଗତ-ହେ ।

Proceeding, *s.* କାର୍ଯ୍ୟ, କ୍ରିୟା, କର୍ମ ।

Proceeds, *s.* ଉତ୍ପନ୍ନ, ଲାଭ, ଲଭ୍ୟ, ଫଳ, ଉପାର୍ଜନ । [ଧ ସ ।

Process, *s.* ଅନୁକ୍ରମ, କର୍ମ କରିବାର ବ୍ୟବହାର

Procession, *s.* ନିର୍ଗମନ, ସମାରୋହ ଯାତ୍ରା, ଧାଡ଼ିରେ ଚଳିବା । [ଭ-ଦେ ।

Proclaim, *v.* ଘୋଷଣା-ପ୍ରଚାର-କ ଇସ୍ତାହା-

Proclamation, *s.* ଘୋଷଣା, ପ୍ରଚାର, ପ୍ରକାଶ, ଢଣ୍ଡୋରା ।

Proclivity, *s.* ପ୍ରବୃତ୍ତି, ଇଚ୍ଛା, ଉଦ୍ୟମ ।

Proconsul, *s.* ରୋମୀୟମାନଙ୍କର ପ୍ରଜାଧର୍ମାଧ୍ୟକ୍ଷବିଶେଷ ।

Procrastinate, *v.* ବିଳମ୍ବ ବା ଡେରି-କ, ଟାଳମଟାଳ-କ ।

Procreate, *v.* ଜନ୍ମାଇବା, ଉତ୍ପନ୍ନ-ଉତ୍ପାଦନ-କ । [ତର ଓକିଲ ।

Proctor, *s.* ପ୍ରତିନିଧି, ଧର୍ମସଂକ୍ରାନ୍ତ ଅଦାଲ-

Procurable, *a.* ପ୍ରାପ୍ୟ, ପ୍ରାପଣୀୟ, ଲଭ୍ୟ, ଉପାର୍ଜନୀୟ ।

Procure, *v.* ପାଇବା, ପ୍ରାପ୍ତ-ହେ, ଆଣି-ଦେ ।

Procurer, *s.* ପ୍ରାପକ; ଭଡ଼ୁଆ, କୁଟଣା, କୁଟଣୀ ।

Prodigal, *s.* ଅପବ୍ୟୟକାରକ ।—*a.* ଅପବ୍ୟୟୀ, ଉଡ଼ାଣିଆ, ବାସ୍ତବ ।

Prodigality, *s.* ଅପବ୍ୟୟିତା, ଅପଚୟ ।

Prodigious, *a.* ଆଶ୍ଚର୍ଯ୍ୟ, ଅଦ୍ଭୁତ, ଅପୂର୍ବ, ଅତି ବୃହତ୍ ।

Prodigy, *s.* ଅପୂର୍ବ ବା ଅଦ୍ଭୁତ ବିଷୟ ।

Produce, *s.* ଦେଶଜାତ ଦ୍ରବ୍ୟ, ଉତ୍ପନ୍ନ,ଫଳ; ଲାଭ ।—*v.* ଦେଖାଇବା; ଜନ୍ମାଇବା; ପ୍ରସବ-ଉତ୍ପନ୍ନ-କ । [ଅଙ୍କ ।

Product, *s.* ଫଳ, ଲାଭ, ଉତ୍ପନ୍ନ; ଗୁଣିତ

Production, *s.* ଉତ୍ପନ୍ନ ବସ୍ତୁ, ସୃଜନ, ଫଳ, କୃତ କର୍ମ, ରଚନା ।

Productive, *a.* ଉତ୍ପାଦକ, ଫଳବାନ୍,ଲାଭଜନକ, ଉର୍ବର ।

Proem, *s.* ଭୂମିକା, ମୁଖବନ୍ଧ, ଅନୁକ୍ରମଣିକା ।

Profanation, *s.* ଅପବିତ୍ରକରଣ; ଅଶୁଦ୍ଧାଚରଣ, ଅଶୁଚିକରଣ ।

Profane, *v.* ଅପବିତ୍ର-ଅଶୁଚି-ଭ୍ରଷ୍ଟ-କ ।—*a.* ଈଶ୍ୱରନିନ୍ଦକ, ଅଶୁଦ୍ଧ, ଅପବିତ୍ର ।

Profanity, *s.* ଈଶ୍ୱର ବା ଧର୍ମବିଷୟ ନିନ୍ଦା, ଶାସ୍ତ୍ରନିନ୍ଦା, ପାଷଣ୍ଡତା । [-କ ।

Profess, *v.* ସ୍ପଷ୍ଟରୂପେ ପ୍ରକାଶ- ସ୍ୱମତ ବ୍ୟକ୍ତ

Professedly, *ad.* ବାହାରେ, ବ୍ୟକ୍ତରୂପେ, ପ୍ରକାଶ୍ୟରୂପେ ।

Profession, *s.* ବ୍ୟବସାୟ, ଉପଜୀବିକା, ବୃତ୍ତି, କର୍ମ, ନିଷ୍ଠିତକଥା; ପ୍ରତିଜ୍ଞା ।

Professional, *a.* ବ୍ୟବସାୟ ସମ୍ବନ୍ଧୀୟ, ବ୍ୟାବହାରିକ ।

Professor, *s.* ପଣ୍ଡିତ, ଅଧ୍ୟାପକ, ଶିକ୍ଷକ ।

Professorship, *s.* ଅଧ୍ୟାପକତା, ଶିକ୍ଷକର ପଦ ।

Proffer, *v.* ପ୍ରସ୍ତାବ-କ, ଦାନୋଦ୍ୟମ-କ, ଯାଚିବା । [ଗୁଣ ।

Proficiency, *s.* ସଂସ୍କାର, ବ୍ୟୁତ୍ପତ୍ତି, ନୈପୁଣ୍ୟ,

Proficient, *a.* ବିଦ୍ୱାନ୍, ନିପୁଣ, ଯୋଗ୍ୟବନ୍ତ ।

Profile, *s.* ମୁଖର ଏକ ପାର୍ଶ୍ୱର ଛବି ।

Profit, *s.* ଲାଭ, ଫଳ, ପ୍ରାପ୍ତି, ଉପାର୍ଜନ ।—*v.* ଫଳପ୍ରାପ୍ତ-ହେ, ଲାଭ-ଉପାର୍ଜନ-କ ।

Profitable, *a.* ଲାଭକର, ଉପକାରକ, ଫଳଜନକ ।

Profitless, *a.* ଲାଭରହିତ, ନିଷ୍ଫଳ ।

Profligacy, *s.* ଦୁଷ୍ଟତା, ଦୁଷ୍କର୍ମ, ଲମ୍ପଟତ ।

Profligate, *s.* ଦୁଷ୍କର୍ମୀ, ଲମ୍ପଟ, ଲୋଚା ।—*a.* ଦୁରାଚାରୀ, ଦୁଷ୍ଟ, ଭ୍ରଷ୍ଟାଚାରୀ ।

Profound, *a.* ଗମ୍ଭୀର, ଅଗାଧ ; ଅତିଜ୍ଞାନୀ; ନମ୍ର ।

Profoundly, *ad.* ଗମ୍ଭୀରଭାବେ, ଅତ୍ୟନ୍ତଜ୍ଞାନପୂର୍ବକ ।

Profundity, *s.* ଗାମ୍ଭୀର୍ଯ୍ୟ, ଅତି ପ୍ରାଜ୍ଞତା, ବିଜ୍ଞତା ।

Profuse, *a.* ଅଧିକ, ଅପରିମିତ, ଅପବ୍ୟୟୀ ।

Profusion, *s.* ଅପରିମିତବ୍ୟୟ, ଅପବ୍ୟୟ; ବାହୁଲ୍ୟ ।

Progenitor, *s.* ଆଦିପୁରୁଷ, ପୂର୍ବପୁରୁଷ, ପିତୃଲୋକ । [ଗୋଷ୍ଠ ।

Progeny, *s.* ବଂଶ, ସନ୍ତାନସନ୍ତତି, କୁଳ,

Prognostic, *s.* ଭବିଷ୍ୟଦ୍ବାକ୍ୟ, ପୂର୍ବଲକ୍ଷଣ ।—*a.* ଭାବବୋଧକ, ଭବିଷ୍ୟସୂଚକ ପ୍ରଦର୍ଶକ ।

Prognosticate, *v.* ଭବିଷ୍ୟଦ୍ବିଷୟ ଦେଖାଇବା ।

Programme, *s.* ଭୂମିକା ; ଘୋଷଣାପତ୍ର ; କାର୍ଯ୍ୟ ନିୟମାବଳୀ ।

Progress, Progression, *s.* ଗମନ, କ୍ରମଶଃ ବୃଦ୍ଧି, ଅଗ୍ରସରଣ ।

Progressive, *a.* କ୍ରମ ବର୍ଦ୍ଧିଷ୍ଣୁ, ବର୍ଦ୍ଧନଶୀଳ, ଅଗ୍ରସାମୀ ।

Prohibit, *v.* ନିଷେଧ- ମନା- ବାରଣ- ଅଟକ-କ ।

Prohibition, *s.* ନିଷେଧ, ନିବାରଣ, ମନା, ବାଧା ।

Prohibitive, *a.* ନିଷେଧକ, ନିବାରଣଯୋଗ୍ୟ

Project, *s.* କଳ୍ପନା, ଉପାୟ, ପରାମର୍ଶ, ଫିକର ।—*v.* କଳ୍ପନା- ଉପାୟ-ଫିକର-କ ; ନିକ୍ଷେପ-କ, ବାହାର-ହେ ।

Projectile, *s.* ନିକ୍ଷିପ୍ତ ବା ଚଳନଶୀଳ ବସ୍ତୁ ।—*a.* ପ୍ରକ୍ଷେପଣୀୟ ।

Projection, *s.* ନିକ୍ଷେପକରଣ, ବେଗେ ପ୍ରକ୍ଷେପଣ; କଳ୍ପନା ।

Projector, *s.* କଳ୍ପନାକାରକ, ନିର୍ମାଣକାରକ, ହିକମତି ।

Prolific, *a.* ବହୁଫଳା, ଫଳବନ୍ତ, ଫଳବତୀ ।

Prolix, *a.* ବସ୍ତାରିତ, ଲମ୍ବମାନ, ସାର୍ଘସୂତ୍ର, ବହୁଭାଷୀ ।
Prolocutor, *s.* ଧର୍ମବସୟକ ସଭାପତି ।
Prologue, *s.* ଅଦ ବଚନ, ଭୂମିକା, ଅଭାସ
Prolong, *v.* ସୀର୍ଘ-ଲମ୍ବା-ବଳିମ୍ବ-ଡେରି-କ
Promenade, *s.* ବାୟୁସେବନାର୍ଥ ସ୍ଥାନ ।
Prominence, *s.* ସ୍ପଷ୍ଟ, ଉଚ୍ଚତା, ସୁପ୍ରକାଶ
Prominent, *a.* ଉଚ୍ଚ,ସୁପ୍ରକାଶିତ । [ଳିଅ ।
Promiscuous, *a.* ମିଶ୍ରିତ, ମିଶାମିଶି, ଗୋ-
Promiscuously, *ad.* ମିଶ୍ରିତରୂପେ, ଗୋଳମାଳରେ, ଅଶ୍ରେଣୀକ୍ରମେ ।
Promise, *s.* ପ୍ରତିଜ୍ଞା, ଅଙ୍ଗୀକାର, ଏକରାର ।
—*v.* ଅଙ୍ଗୀକାର-ପ୍ରତିଜ୍ଞା-ସ୍ୱୀକାର-କ ।
Promising, *a.* ଅଶାଜନକ, ଅଶାପ୍ରଦାୟୀ, ଭରସାଦାୟକ ।
Promissory-note, *s.* ପ୍ରତିଜ୍ଞାପତ୍ର, ଖତ, ହ୍ଣ୍ଡି, ତମସୁକ । [ବା ଠୁଣ୍ଡା ।
Promontory, *s.* ଅନ୍ତରୀପ; ସମୁଦ୍ରର ଢେକ
Promote, *v.* ବଢାଇବା, ବର୍ଦ୍ଧିତ-ହେ, ଉନ୍ନତ-କ, ଉଚ୍ଚପଦ-ଦେ, ସାହାଯ୍ୟ-କ ।
Promoter, *s.* ବର୍ଦ୍ଧନକାରୀ, ପୁରସ୍କାରକ, ସହାୟକାରୀ । [ସାହାଯ୍ୟ ।
Promotion, *s.* ବର୍ଦ୍ଧନ, ଉନ୍ନତି, ପଦବୃଦ୍ଧି,
Prompt, *v.* କହିବାର ପ୍ରବର୍ତ୍ତାଇବା, ଚେତାଇବା, ବଢାଇବା, ଉତ୍ସାହ-ଦେ ।—*a.* ତତ୍ପର, ସତ୍ୱର, ଉଦ୍ୟମୀ, ଅବଳମ୍ବ ।
Prompter, *s.* ଉଦ୍ବୋଧକ, ସ୍ମାରକ, ଉତ୍ତେଜକ
Promptitude, *s.* ତତ୍ପର, ଅବଳମ୍ବତା, ସତ୍ୱରତା । [ଅଚିରତ୍ୱ ।
Promptly, *ad.* ତ୍ୱରିତ, ଶୀଘ୍ର, ଅବିଳମ୍ବେ,
Promulgate, *v.* ଘୋଷଣା-ପ୍ରଚାର-ପ୍ରକାଶ-କ । [ଚାର ।
Promulgation, *s.* ଘୋଷଣା, ପ୍ରକାଶ, ପ୍ର-

Prone, *a.* ଅଧୋମୁଖ; ରତ, ଅଭିଳାଷୀ, ଅନୁରକ୍ତ ।
Proneness, *s.* ଅଧୋଗତି, ସ୍ୱାଭାବିକ ବାଞ୍ଛା, ଇଚ୍ଛା, ଅସକ୍ତି ।
Prong, *s.* କଣ୍ଟାଲଗାଇ କଣ୍ଟା ବା ଖଣ୍ଡା ।
Pronoun, *s.* ସର୍ବନାମ ।
Pronounce, *v.* କହିବା, ଉଚ୍ଚାରଣ-କ । ଦଣ୍ଡାଜ୍ଞା-ଦେ । [ଣତ;
Pronunciation, *s.* ଉଚ୍ଚାରଣ, କହିବାର
Proof, *s.* ପ୍ରମାଣ, ସାକ୍ଷ୍ୟ, ସାବୁତ୍, ପରୀକ୍ଷା; ଛାପାର ଶୁଦ୍ଧାଶୁଦ୍ଧ ସଂଶୋଧନୀୟ ପତ୍ର ।
—*a.* ଶକ୍ତ, ଦୃଢ, ଅଭେଦ୍ୟ, ଅପ୍ରବେଶ୍ୟ ।
Prop, *s.* ଠେସ, ଅବଲମ୍ବନ, ଖୁଣ୍ଟ, ଠେକ ।
—*v.* ଠେକ-ଡିସ-ଠେସ-ଦେ,ଅବଲମ୍ବନ-କ ।
Propagate, *v.* ଉତ୍ପନ୍ନ-ଉତ୍ପାଦନ-କ, ଜନ୍ମାଇବା; ବର୍ଦ୍ଧନ-ବିସ୍ତାର-କ ।
Propagation, *s.* ଉତ୍ପତ୍ତି, ବଂଶବୃଦ୍ଧି । [ଶକ ।
Propagator, *s.* ଉତ୍ପାଦକ, ଜନ୍ମଦାତା,ପ୍ରକା-
Propel, *v.* ପେଲି ବା ଠେଲି ଚଳାଇବା, ପ୍ରକ୍ଷେପ-କ । [ଘୋଷ ।
Propensity, *s.* ଅନୁରାଗ, ଅସକ୍ତି, ଅଭିଳାଷ,
Proper, *a.* ସ୍ୱୀୟ, ନିଜର; ଉଚିତ, ଯଥାର୍ଥ, ଠିକ୍, କର୍ତ୍ତବ୍ୟ ।
Properly, *ad.* ଉପଯୁକ୍ତରୂପେ, ଉଚିତ ବା ଯୁକ୍ତରୂପେ ।
Property, *s.* ଗୁଣ, ସ୍ୱଭାବ; ଧନ, ସମ୍ପତ୍ତି; ସ୍ଥାବର ଧନ; ଅସ୍ଥାବର ଧନ ।
Prophecy, *s.* ଭବିଷ୍ୟଦ୍ବାକ୍ୟ,ଅଗତକଥା ।
Prophesy, *v.* ଭବିଷ୍ୟଦ୍ବାକ୍ୟ-କହ, ଅଗତକଥା ଜଣାଇବା ।
Prophet, *s.* ଭବିଷ୍ୟଦ୍ବକ୍ତା, ଭାବବକ୍ତା, ଅର୍ଷ୍ଟ
Prophetic, *a.* ଭବିଷ୍ୟଦ୍ବାକ୍ୟ ସମ୍ବନ୍ଧୀୟ, ଭାବସୂଚକ ।

Propitiate, *v.* ପ୍ରାୟଶ୍ଚିତ୍ତ ଦ୍ୱାରା କୃପାବାନ୍-କ; ପ୍ରସନ୍ନ-ତୁଷ୍ଟ-କ ।
Propitiation, *s.* ପ୍ରାୟଶ୍ଚିତ୍ତ; ପ୍ରସନ୍ନକରଣ ।
Propitiatory, *a.* ପ୍ରସନ୍ନକାରୀ, ତୁଷ୍ଟିକର ।
Propitious, *a.* ପ୍ରସନ୍ନ, ତୁଷ୍ଟ, ଦୟାଳ, ଅନୁକୂଳ, ଶୁଭ, ମାଙ୍ଗଲ୍ୟ ।
Proportion, *v.* ସମପରିମାଣ-ସମାନାଂଶ-ସୁମେଳ-ସମସର-କ ।
Proportional, *a.* ସମ, ସମାନ, ସମସଂଶିକ, ସମାନାଂଶ ।
Proportionate, *a.* ସମୀଭୂତ, ତୁଲ୍ୟ, ଯଥୋଚିତ, ସମସର ।
Proposal, *s.* ପ୍ରସ୍ତାବ, ପ୍ରସଙ୍ଗ, ନିବେଦନ, କାର୍ଯ୍ୟସୂଚନା ।
Propose, *v.* ପ୍ରସ୍ତାବ-ପ୍ରସଙ୍ଗ-ନିବେଦନ-କ ।
Proposition, *s.* ପୂର୍ବପକ୍ଷ, ପ୍ରସଙ୍ଗ, ନିବେଦନ, ପରାମର୍ଶବାଦ ।
Propound, *v.* ପ୍ରସ୍ତାବ-ନିବେଦନ-ବ୍ୟକ୍ତ-କ ।
Proprietary, *a.* ସ୍ୱତ୍ୱାଧିକାରୀ ।
Proprietor, *s.* ସ୍ୱାମୀ, ଅଧିକାରୀ, କର୍ତ୍ତା ।
Propriety, *s.* କର୍ତ୍ତବ୍ୟତା, ଉପଯୁକ୍ତତା, ଯୋଗ୍ୟତା । [ଠେଲିବା ।
Propulsion, *s.* ଅକ୍ଷେପକରଣ, ପ୍ରକ୍ଷେପଣ,
Prorogation, *s.* ସ୍ଥଗିତକରଣ, ନିବୃତ୍ତି, ବିରାମ
Prorogue, *v.* ସ୍ଥଗିତ-ନିବୃତ୍ତ-ବିଶ୍ରାମ-କ ।
Prosaic, *a.* ଗଦ୍ୟରେ ରଚିତ, କଥାପରି ଲିଖିତ ।
Proscribe, *v.* ମହାପବାଦ ଜଣାଇ ପ୍ରାଣଦଣ୍ଡ ଆଜ୍ଞା ପ୍ରଚାର-କ ।
Proscription, *s.* ସର୍ବସ୍ୱଦଣ୍ଡ, ପ୍ରାଣଦଣ୍ଡ ପ୍ରଚାରକରଣ ।
Proscriptive, *a.* ଦଣ୍ଡକାରୀ, ମହାପବାଦୀ ।
Prose, *s.* ଲୋକକଥା, ଗଦ୍ୟଛନ୍ଦ, ଅପଦ୍ୟ ।
Prosecute, *v.* ଅନୁବର୍ତ୍ତୀ-ହେ, କର୍ମସାଧିବା; ନାଲିଶ-କ ।
Prosecution, *s.* ସର୍ବଦା ଚାଳନ, କର୍ମସାଧନ; ଅଭିଯୋଗ, ନାଲିଶ ।
Prosecutor, *s.* ବାଦୀ, ଗୁହାରଲୋକ, ମୁଦେଇ, ଫରିଆଦ ।
Proselyte, *s.* ପରମତାବଲମ୍ବୀ, ସ୍ୱମତତ୍ୟାଗୀ, ନୂଆ ଶିଷ୍ୟ । [ବିଦ୍ୟା ।
Prosody, *s.* ଛନ୍ଦଃଶାସ୍ତ୍ର, ଛନ୍ଦଃପରିମାଣ-
Prospect, *s.* ଦର୍ଶନ, ଦୃଷ୍ଟି, ଦୃଶ୍ୟବସ୍ତୁ; ଆଶା, ଭରସା, ଲକ୍ଷଣ । [ଅଗ୍ରଦର୍ଶକ ।
Prospective, *a.* ଭାବିଦର୍ଶକ, ଦୂରଦର୍ଶକ,
Prospectus, *s.* ପୁସ୍ତକର ନମୁନା ପତ୍ର ।
Prosper, *v.* କୃତାର୍ଥ-ଜୟୀ-ହେ, ସୌଭାଗ୍ୟ-ବୃଦ୍ଧି-ଉନ୍ନତି-ପାଇବା । [କୃତାର୍ଥ ।
Prosperity, *s.* ଉନ୍ନତି, ବୃଦ୍ଧି, ସୌଭାଗ୍ୟ,
Prosperous, *a.* କୃତାର୍ଥ, ଶ୍ରୀମାନ, ଭାଗ୍ୟବନ୍ତ, କଲ୍ୟାଣୀ ।
Prostitute, *s.* ବେଶ୍ୟା, ଦାସୀ, ବ୍ୟଭିଚାରିଣୀ, କସବୀ ।—*v.* ନଷ୍ଟ-ଭ୍ରଷ୍ଟ-କ, ଲାଭ ନିମନ୍ତେ ଦୁଷ୍କର୍ମରେ ପ୍ରବୃତ୍ତ-ହେ ।
Prostitution, *s.* ଭ୍ରଷ୍ଟକରଣ, ବେଶ୍ୟାବୃତ୍ତି ।
Prostrate, *v.* ଅଷ୍ଟାଙ୍ଗପ୍ରଣାମ-ଦଣ୍ଡବତ୍-କ, ଭୂମିଷ୍ଠ-ହେ ।—*a.* ଦଣ୍ଡବତ୍, ଭୂମିପତିତ, ପ୍ରଣତ ।
Protect, *v.* ରକ୍ଷା-କ, ଆଶ୍ରୟ-ଶରଣ-ଦେ, ବଞ୍ଚାଇବା । [ପାଳନ ।
Protection, *s.* ରକ୍ଷା, ଆଶ୍ରୟ, ଶରଣ,
Protector, *s.* ରକ୍ଷକ, ଆଶ୍ରୟଦାତା, ପ୍ରତିପାଳନକର୍ତ୍ତା ।
Protest, *v.* ଦୃଢ଼ରୂପେ-କହ, ଅସ୍ୱୀକାର-କ ।—*s.* ଅସ୍ୱୀକାର, ଦୃଢ଼ ପ୍ରତିଜ୍ଞା, ଅସମ୍ମତିଜ୍ଞାପକ ପତ୍ର ।

Protestant, *s.* ରୋମାନ୍ ମତ ଅସ୍ୱୀକାରୀ ବ୍ୟକ୍ତି ।

*Protestantism, s.* ରୋମାନ୍ ଧର୍ମର ବିପରୀତ ମତ । [ଚି ପ୍ରକାଶ ।

Protestation, *s.* ଅସ୍ୱୀକାର ବିଜ୍ଞାପନ,ଅସମ୍ମ-

Prototype, *s.* ଆଦର୍ଶ, ମୂଳ, ନିଦର୍ଶନ ।

Protract, *v.* ବିଳମ୍ବ-ଉଚ୍ଛୁର-ଡେରି-ଦୀର୍ଘ-କ ।

Protraction, *s.* ବିଳମ୍ବ, ଉଚ୍ଛୁର, ଡେରି, ଦୀର୍ଘତା ।

Protrude, *v.* ଆଗକୁ ଠେଲିବା ବା ବଢିବା, ବାହାରକୁ ଦେଖାଇ-ଦେ ।

Protuberance, *s.* ଫୁଲା, ଅବୁ, ଉଚ୍ଚାଂଶ ।

Proud, *a.* ଅହଙ୍କାରୀ, ଗର୍ବୀ, ଅଭିମାନୀ,ପ୍ରଫୁଲ୍ଲ

Proudly, *ad.* ଅହଙ୍କାରପୂର୍ବକ, ସଗର୍ବଭାବେ

Prove, *v.* ପ୍ରମାଣ-ଦେ, ସପ୍ରମାଣ- ସାବ୍ୟସ୍ତ-ନିଶ୍ଚୟ-କ; ପରୀକ୍ଷା- ପରଖ-କ ।

Provender, *s.* ପଶୁଗଣର ଭକ୍ଷ୍ୟ ଦ୍ରବ୍ୟ, ଶୁଖିଲା ଘାସ ।

Proverb, *s.* ଉପଦେଶକଥା, ଦୃଷ୍ଟାନ୍ତବାକ୍ୟ, ଚଳନ୍ତିକଥା ।

Proverbial, *a.* ରୂପକ, ଦୃଷ୍ଟାନ୍ତ ବା ଉପଦେଶାର୍ଥକ ।

Provide, *v.* ଆଗେ ସାବଧାନ-ହୁ, ପ୍ରସ୍ତୁତ-ନିର୍ବାହ-କ, ଯୋଗାଇବା । [ଯେବେ ।

Provided that, *con.* ଯଦି, ଯଦ୍ୟପି,

Providence, *s.* ବିଧାତା, ଦୈବ, ସର୍ବପ୍ରତିପାଳକ; ପୂର୍ବଚିନ୍ତା, ଦୂରଦର୍ଶନ ।

Provident, *a.* ଭବିଷ୍ୟଦ୍ବିବେଚକ, ଦୂରଦର୍ଶୀ; ସାବଧାନ ।

Providential, *a.* ଦୈବାଧୀନ, ଈଶ୍ୱରାଧୀନ ।

Providentially, *ad.* ଦୈବାତ୍, ଦୈବଯୋଗେ, ବିଧାତା ଦ୍ୱାରା ।

Province, *s.* ପ୍ରଦେଶ; ପଦ, ସ୍ୱାଧିକାର, କର୍ମ

Provincial, *a.* ପ୍ରଦେଶ ସମ୍ବନ୍ଧୀୟ, ଗ୍ରାମ୍ୟ, ଅସଭ୍ୟ ।

Provincialism, *s.* ଗ୍ରାମ୍ୟ ଭାଷା, ଗ୍ରାମ୍ୟ ବୋଲି, ଗାଉଁଲି କଥା ।

Provision, *s.* ଆୟୋଜନ, ଉପାୟ, ସଞ୍ଚିତ ଖାଦ୍ୟ; ନିୟମ ।

Provisional, *a.* ଅଳ୍ପକାଳୀନ, ଅଳ୍ପକାଳ ନିମନ୍ତେ ନିଯୁକ୍ତ ।

Proviso, *s.* ବିଶେଷ ନିୟମ, ପଣ, ଏକରାର ।

Provocation, *s.* ରାଗର ହେତୁ ଅବା କାରଣ, ଯହିଁରେ କ୍ରୋଧ ଜନ୍ମେ ।

Provocative, *a.* ପ୍ରବୃତ୍ତିଜନକ, ପ୍ରବର୍ତ୍ତକ, କ୍ରୋଧଜନକ । [ରେଗାଇବା ।

Provoke, *v.* ରାଗ ବା କ୍ରୋଧ ଜନ୍ମାଇବା,

Provokingly, *ad.* ବିରକ୍ତିପୂର୍ବକ, ରାଗଜନ୍ମାଇବା ଭାବରେ । [ବ୍ୟକ୍ତି ।

Provost, *s.* ସମାଜ ପତି, ବିଦ୍ୟାଳୟର ପ୍ରଧାନ

Prow, *s.* ନୌକାର ଅଗ୍ରଭାଗ, ଅଗମଙ୍ଗ ।

Prowess, *s.* ବିକ୍ରମ, ବଳ; ସାହସ, ପ୍ରତାପ ।

Prowl, *v.* ଆହାରାର୍ଥେ ଭ୍ରମଣ-କ, ଭୁଲିବା ।

Proximate, *a.* ଅତି, ନିକଟ, ପାଖ, ଅନ୍ତିକ ।

Proximity, *s.* ନୈକଟ୍ୟ, ସାମୀପ୍ୟ, ସନ୍ନିଧାନ

Proxy, *s.* ପ୍ରତିନିଧି, ବଦଳୀ, ନାଏବ ।

Prude, *s.* କପଟୀ ସ୍ତ୍ରୀ, ଛଦ୍ମସାଧ୍ୱୀ ।

Prudence, *s.* ପୂର୍ବବିବେଚନା, ସାବଧାନତା, ବିଜ୍ଞତା, ପରିଣାମଦର୍ଶିତା ।

Prudent, *a.* ସୁବିବେଚକ, ପ୍ରାଜ୍ଞ, ସାବଧାନ ।

Prudential, *a.* ଦୂରଦର୍ଶୀ, ସୁବିବେଚିତ ।

Prudery, *s.* ମିଥ୍ୟାଲଜ୍ଜାପ୍ରକାଶ, କପଟଶିଷ୍ଟତା

Prune, *s.* ଶୁଷ୍କଫଳବିଶେଷ ।—*v.* ଗଛର ଶାଖାଦି ପରିଷ୍କାର-କ ।

Prurient, *a.* କାମାତୁର, କାମୁକ, ଆକାଙ୍କ୍ଷିତ

Pry, *v.* ଅନ୍ୟକାର୍ଯ୍ୟଚର୍ଚ୍ଚା-କ, ଭୁକ ମାରିବା ।

Psalm, *s.* ଧର୍ମଗୀତ, ସ୍ତବଗାନ ।
Psalmist, *s.* ଧର୍ମଗୀତରଚକ ।
Psalmody, *s.* ଧର୍ମଗୀତ କହିବାର ରୀତ ।
Psalter, *s.* ଧର୍ମଗୀତର ପୁସ୍ତକ ।
Pseudonym, *s.* ଅପ୍ରକୃତ ନାମ, ମିଥ୍ୟା ଉପାଧି ।
Pshaw, *int.* ଛି, ଛୀ, ଥୁଃ, ଫୁସ୍ ।
Psychological, *a.* ଅନ୍ତଃତତ୍ତ୍ୱବିଷୟକ ।
Puberty, *s.* ଯୌବନାବସ୍ଥା, ଯୁବାଧର୍ମ, ବୟଃ-
Pubescent, *a.* ପୁଂ ବା ସ୍ତ୍ରୀଧର୍ମ ପ୍ରାପ୍ତ । [ପ୍ରାପ୍ତି ।
Public, *s.* ସାଧାରଣଲୋକ, ଲୋକସମୂହ ।
—*a.* ସାଧାରଣ, ସର୍ବସାଧାରଣ, ପ୍ରକାଶିତ ।
Publican, *s.* ସରକାରୀ କର ସଂଗ୍ରାହକ; ସାଧାରଣ ପାନ ବିକ୍ରୟକାରୀ । [ବିକ୍ରୟ ।
Publication, *s.* ଘୋଷଣା ବା ପ୍ରକାଶକରଣ;
Publicity, *s.* ପ୍ରଚାର, ପ୍ରକାଶ, ବ୍ୟକ୍ତତା ।
Publicly, *ad.* ସାଧାରଣସମକ୍ଷେ, ପ୍ରକାଶ୍ୟରୂପେ, ସବୁ ସାକ୍ଷାତରେ । [-କ ।
Publish, *v.* ପ୍ରକାଶ- ପ୍ରଚାର- ଛାପା ପ୍ରକାଶ
Publisher, *s.* ପ୍ରକାଶକ, ଘୋଷକ; ଛାପା ପୁସ୍ତକ ବିକ୍ରେତା ।
Pucker, *v.* କୁଞ୍ଚ- ସଙ୍କୁଚ- ଚୁନ୍ନଟ-କ ।
Pudding, *s.* ମଇଦାଦି ସିଦ୍ଧେଇର ଭକ୍ଷ୍ୟ ।
Puddle, *s.* ଗାଡ଼ିଆ, ଗୋଳିଆ ପାଣି ।
Puerile, *a.* ବାଲକପରି, ବାଲକବତ୍ ।
Puff, *s.* ଦମକାବତାସ, ଫୁଙ୍କ; ମିଥ୍ୟା ପ୍ରଶଂସାବଚନ ।—*v.* ଫୁଙ୍କ-ଦେ, ଅହଙ୍କାରରେ ପ୍ରଫୁଲ୍ଲ-ହୋ ।
Pugh, *int.* ଦ୍ୱେଷସୂଚକ ଅବ୍ୟୟଶବ୍ଦ, ଫୁଃ ।
Pugilism, *s.* ବାହୁଯୁଦ୍ଧ, ମଲ୍ଲଯୁଦ୍ଧ, ମୁଷ୍ଟାମୁଷ୍ଟି
Pugilist, *s.* ବାହୁଯୁଦ୍ଧକାରୀ, ମଲ୍ଲ, ଖାର, ମାଲ୍ଲ
Pugnacious, *a.* ଯୁଦ୍ଧେଚ୍ଛୁକ, ଲଢ଼ୁଆ, କଳି-
Puisne, *a.* କନିଷ୍ଠ, ସାନ, ଅପ୍ରଧାନ । [କିଆ ।
Puissance, *s.* ପରାକ୍ରମ, ବଳ, ଶକ୍ତି, ପ୍ରତାପ, ବିକ୍ରମ, କ୍ଷମତା ।
Puke, *v.* ବାନ୍ତି- ବମନ- ଉଦ୍ଗାର-କ ।
Pull, *s.* ଟଣା, ଓଟାର, ଝିଙ୍କା, ଆକର୍ଷଣ ।—*v.* ଆକର୍ଷଣ-କ, ଓଟାରିବା, ଟାଣିବା; ଉପାଡ଼ିବା
Pullet, *s.* ସାନ କୁକୁଡ଼ା, ଛୋଟ ମୁର୍ଗୀ ।
Pulley, *s.* କପି କଳ୍କଳ ।
Pulmonary, *a.* ଫୁସ୍ଫୁସ୍ ସମ୍ବନ୍ଧୀୟ, ଫୋପ୍ସାଘଟିତ ।
Pulp, *s.* ଫଳର କୋମଳ ଭାଗ, ଶସ, ଶସ୍ୟ; ସାରଭାଗ ।
Pulpit, *s.* ଧର୍ମୋପଦେଶକର ଉଚ୍ଚାସନ ବା ମଞ୍ଚ
Pulsation, *s.* ନାଡୀର ଗତି ବା ଚଳନ ।
Pulse, *s.* ନାଡୀ; ଧାନ୍ଯ; ଡାଲି ମଟର ଇତ୍ୟାଦି
Pulverize, *v.* ଚୂର୍ଣ୍ଣ-ଚୂର୍ଣ୍ଣ- ଧୂଳିପରି-କ ।
Pumelo, *s.* ବାତାପି-ଲେମ୍ବୁ ।
Pumice, *s.* ଝାମା ପରି ପଥରବିଶେଷ ।
Pump, *s.* ବୋମା, ଜଳ ଉଠାଇବାର କଳ: ପାତଳା ଯୋତା ବିଶେଷ ।—*v.* ବୋମାଦ୍ୱାରା ଜଳ ତୋଳିବା; ଛଳରେ ପଚାରିବା ।
Pumpkin, *s.* କୋଇଁଳାକଖାରୁ, ଲାଉ, କଦୁ
Pun, *s.* ବ୍ୟଙ୍ଗୋକ୍ତି, ଦ୍ୱ୍ୟର୍ଥକଥା, ଶ୍ଳେଷବାକ୍ୟ ।
Punch, *s.* ନାନାମିଶ୍ରିତ ମଦ୍ୟବିଶେଷ; ମସ୍ଖରା ।
ଆଘାତ; ଛେଣୀ ।—*v.* ଛିଦ୍ର-କ, ଛେଣୀ ମାରିବା, ବିନ୍ଧିବା; କେଞ୍ଚିବା ।
Puncheon, *s.* ପ୍ରାୟ ସାତମହଣୀ ପିପା ।
Punctilio, *s.* ଅତ୍ୟଳ୍ପ ବିଷୟରେ କଷ୍ଟତା, ସୂକ୍ଷ୍ମ ଶିଷ୍ଟାଚାର ।
Punctual, *a.* ନିୟମରକ୍ଷାକାରୀ, ଯଥାର୍ଥ, ଠିକ୍
Punctuality, *s.* ନିୟମରକ୍ଷା, ଯଥାର୍ଥତା ।
Punctually, *ad.* ନିୟମାନୁଯାୟୀ, ଠିକ୍ ।
Punctuation, *s.* ପଦଚ୍ଛେଦର ଚିହ୍ନ ବା ଦାଗ
Puncture, *s.* ଛିଦ୍ର, ବିନ୍ଧ, ଭୁକ୍ତ ।

Pungency, *s.* କଟୁତା, ତୀକ୍ଷ୍ଣତା, ଉଗ୍ରତା, ତେଜ, ସତ ।
Pungent, *a.* କଟୁ, ଉଗ୍ର, ତୀକ୍ଷ୍ଣ, ତୀବ୍ର ।
Punish, *v.* ଦଣ୍ଡ- ଶାସ୍ତି- ସଜା-ଦେ ।
Punishment, *s.* ଦଣ୍ଡ, ଶାସ୍ତି, ସଜା, ନିଗ୍ରହ ।
Punster, *s.* ଶ୍ଳେଷବାକ୍ୟବାଦୀ, ଦ୍ୱ୍ୟର୍ଥବକ୍ତା ।
Puny, *a.* ଖୁଟେ, ସାନ, କ୍ଷୁଦ୍ର, ଦୁର୍ବଳ ।
Pup, *s.* କୁକ୍କୁର ଛୁଆ ।—*v.* କୁକ୍କୁରର ଛୁଆ-ହେ । [ବା ପୁଅ ।
Pupil, *s.* ଛାତ୍ର, ଶିଷ୍ୟ, ପଢୁଆ; ଆଖିର ତାର
Pupilage, *s.* ପଢୁଆଅବସ୍ଥା, ଛାତ୍ରତ୍ୱ; ନାବାଳକାବସ୍ଥା । [ଣ୍ଡାଇ ।
Puppet, *s.* ପିତୁଳା, ପୁତ୍ତଳିକା, ଦାରୁକ, କ-
Puppy, *s.* କୁକ୍କୁରଛୁଆ; ପାଜିଟୋକା ବା ବ୍ୟକ୍ତି
Purblind, *a.* ଝାପସା, ଅନ୍ଧାରକଣା, ଅଦୂରଦୃଷ୍ଟି ।
Purchase, *s.* କିଣା, କ୍ରୟକରଣ, ଖରିଦ, କିଣିଲବସ୍ତୁ ।—*v.* କ୍ରୟ- ଖରିଦ-କ, କିଣିବା ।
Purchaser, *s.* କିଣିବା ଲୋକ, କ୍ରୟୀ, ଖରିଦଦାର, କ୍ରେତା ।
Pure, *a.* ନିର୍ମଳ, ସଫା, ପବିତ୍ର, ପରିଷ୍କାର ।
Purely, *ad.* ପବିତ୍ରରୂପେ; ମାତ୍ରକେ ।
Purgation, *s.* ଶୌଚକରଣ, ଧୌତକରଣ, ମଳ ତ୍ୟାଗକରଣ । [ନକ ।
Purgative, *a.* ଭେଦକ, ରେଚକ, ଝାଡ଼ାଜ-
Purgatorial, *a.* ପ୍ରେତଲୋକ ସମ୍ବନ୍ଧୀୟ ।
Purgatory, *s.* ପ୍ରେତଲୋକ, ପାପ ଧୋଇବାର କଳ୍ପିତ ସ୍ଥାନ ।
Purge, *s.* ଭେଦକ ଔଷଧ, ଜୁଲାପ ।—*v.* ନିର୍ମଳ- ପରିଷ୍କାର-କ; ଦୋଷମାର୍ଜନା-କ; -bowels ଝାଡ଼ା କରାଇବା ।
Purification, *s.* ଶୁଦ୍ଧକରଣ, ଶୁଚିକରଣ, ପବିତ୍ରତା ।
Purify, *v.* ପବିତ୍ର- ଶୁଚି- ପରିଷ୍କାର-କ, ଦୋଷ ଛଡ଼ାଇବା ।
Puritan, *s.* ଖ୍ରୀଷ୍ଟିୟମତାବଲମ୍ବୀ ବିଶେଷ ।
Purity, *s.* ଶୁଦ୍ଧତା, ଶୁଚିତ୍ୱ, ପବିତ୍ରତା ।
Purlieu, *s.* ଅଞ୍ଚଳ, ସୀମା, ପ୍ରଦେଶ ।
Purling, *a.* ଝରଝରଶବ୍ଦକାରୀ, ମନ୍ଦ ଜଳସ୍ରୋତପର ।
Purloin, *v.* ଅପହରଣ- ଚୋରି-କ ।
Purple, *s.* ବାଇଗଣିଆରଙ୍ଗ, ଧୂମ୍ରବର୍ଣ୍ଣ ।
Purport, *s.* ଅର୍ଥ, ଅଭିପ୍ରାୟ, ତାତ୍ପର୍ଯ୍ୟ, ଭାବାର୍ଥ ।
Purpose, *s.* ଅଭିପ୍ରାୟ, ମାନସ; ଫଳ ।—*v.* କଳ୍ପନା-ମାନସ- ମନସ୍ଥ-କ ।
Purposely, *ad.* ଅଭିପ୍ରାୟପୂର୍ବକ, ଅଭିପ୍ରାୟତଃ, ଜ୍ଞାତସାରେ, ଜାଣିଶୁଣି ।
Purr, *v.* ବିରାଡ଼ିପରି ଘଡ଼ ଶବ୍ଦ-କ ।
Purse, *s.* ଟଙ୍କାର ଥଳୀ, ଗାଣ୍ଠିଆ, ମୁଣୀ ବଟୁଆ
Purser, *s.* ଜାହାଜର ଭଣ୍ଡାରଘରିଆ, ଖଜାଞ୍ଚୀ
Pursuance, *s.* ଅନୁଧାବନ, ଅନୁବର୍ତ୍ତନ, ଅନୁସାର ।
Pursuant, *a.* ଅନୁସାରୀ, ଅନୁବର୍ତ୍ତୀ, ଅନୁଯାୟୀ
Pursue, *v.* ପଛେ ଧାଇଁବା, ପଶ୍ଚାତରେ ଗୋଡ଼ାଇବା; ଚେଷ୍ଟା-କ ।
Pursuit, *s.* ଅନୁଧାବନ; ଚେଷ୍ଟା, ଉଦ୍ୟୋଗ; କାର୍ଯ୍ୟ କର୍ମ ।
Purulent, *a.* ପୂଜମୟ, କ୍ଲେଦବିଶିଷ୍ଟ ।
Purvey, *v.* ଭକ୍ଷ୍ୟଦ୍ରବ୍ୟ ଯୋଗାଇବା ବା ପଠାଇବା ।
Purveyor, *s.* ଭକ୍ଷ୍ୟଦ୍ରବ୍ୟ ଯୋଗାଇବା ବ୍ୟକ୍ତି
Pus, *s.* ପୂଜ, କ୍ଲେଦ, ଘାଅର ପାଣି ।
Push, *s.* ଠେଲା, ପେଲା, ଧକ୍କା; ଆକ୍ରମଣ; ଦୁର୍ଯୋଗ ।—*v.* ଠେଲିବା, ପେଲିବା, ଧକ୍କା ମାରିବା; ଉତ୍ତେଜନା-କ ।

Pushing, *a.* ସତ୍ରିବାନ, ଉଦ୍ଯୋଗୀ, ଉଦ୍ୟମୀ, କ୍ଷମୀ ।

Pusillanimity, *s.* କ୍ଷୁଦ୍ରତା, ଅସାହସ, କାପୁରୁଷତା । [ତ୍ରସ ।

Pusillanimous, *a.* କ୍ଷୁଦ୍ର, କ୍ଷୁଦ୍ର, କାପୁ-

Puss, *s.* ବିଲେଇ, ବିରାଡ଼, ମାର୍ଜାର, ଶଶା,

Pustule, *s.* ବ୍ରଣ, ଫୋଡ଼ା, ଦଥ ।

Put, *v.* ରଖିବା, ଥୋଇବା, ସ୍ଥାପନ-କ ।

Putative, *a.* ଅନୁମେୟ, କଳ୍ପିତ ।

Putrefaction, *s.* ପଚନ, ଗଳିତତ୍ତ୍ୱ, ସଢିବା

Putrefy, *v.* ପଚିବା, ସଢିବା, ଗଳିବା, ଦୁର୍ଗନ୍ଧ-ହେ ।

Putrid, *a.* ଦୁର୍ଗନ୍ଧ, ପଚା, ସଢ଼ା, ଗଳିତ ।

Puzzle, *s.* ପେଚ ; ହତବୁଦ୍ଧିକରଣ—*v.* ଘାବର-କ, ହଟ୍ଟରେ ପକାଇବା ।

Pygmy, *s.* ବାମନ, ଅତିବାଙ୍ଗରଲୋକ, ଖର୍ବ

Pyramid, *s.* ମିଶରଦେଶସ୍ଥ ଶୃଙ୍ଗାକୃତି ସ୍ତମ୍ଭ

Pyre, *s.* ଶବଦାହନର କାଷ୍ଠସ୍ତୂପ, ଚିତା ।

Pyrites, *s.* ଅଗ୍ନିମୟ ପ୍ରସ୍ତରବିଶେଷ ।

Pyrotechnical, *a.* ଅଗ୍ନିକ୍ରୀଡ଼ାସମ୍ବନ୍ଧୀୟ ।

## Q.

Q, ଇଂରାଜୀ ବର୍ଣ୍ଣମାଳାର ସପ୍ତଦଶାକ୍ଷର; ପ୍ରଶ୍ନ ଶବ୍ଦର ସଂକ୍ଷେପ ଲେଖନ ।

Quack, *v.* ହଂସପରି ଶବ୍ଦ-କ; ଦର୍ପ-କ ।

Quack, *s.* ହାତୁଡ଼ିଆ ବୈଦ୍ୟ, ଖଣ୍ଡପାଠୁଆ, କୁବୈଦ୍ୟ ।

Quadrangle, *s.* ଚତୁଷ୍କୋଣବିଶିଷ୍ଟ ସ୍ଥାନ ।

Quadrangular, *a.* ଚତୁଷ୍କୋଣ, ଚତୁରସ୍ର-ବିଶିଷ୍ଟ, ଚାରିକୋଣିଆ ।

Quadrant, *s.* ମଣ୍ଡଳର ଚତୁର୍ଥାଂଶ; ଗ୍ରହାଦି-ର ଉଚ୍ଚ ମାପିବା ଯନ୍ତ୍ର ।

Quadrature, *s.* ଚତୁଷ୍କୋଣକରଣ ।

Quadrilateral, *a.* ଚତୁଷ୍ପାର୍ଶ୍ୱବିଶିଷ୍ଟ, ଚତୁ-ପାର୍ଶ୍ୱୀୟ ।

Quadrille, *s.* ନୃତ୍ୟବିଶେଷ; ତାସଖେଳାବି- [ଶେଷ ।

Quadrisyllable, *s.* ଚତୁରକ୍ଷରଯୁକ୍ତ ବାକ୍ୟ ।

Quadruped, *s.* ଚତୁଷ୍ପଦପଶୁ, ଚାରିଗୋଡ଼ିଆ [ଜନ୍ତୁ ।

Quadruple, *a.* ଚତୁର୍ଗୁଣ, ଚାରିଗୁଣ ।

Quaff, *v.* ବହୁତପାନ- ଅତିପାନ-କ ।

Quagmire, *s.* ପଙ୍କ, ଦଲଦଲିଆ ହିଲ, କାଦୁଆ ଭୂମି ।

Quail, *s.* ବଟ୍ଟଇପକ୍ଷୀ, ଘଟୋଇ, ଘଟୁଇ ।

Quail, *v.* ଭୀତ-ବଶତ୍ୱାରେ ମନ୍ଦ-ସଙ୍କୁଚିତ-ହେ

Quaint, *a.* ଅସମ୍ଭବ, ବିସ୍ମୟଜନକ; ପରିପାଟୀ

Quake, *v.* କମ୍ପିବା ଥରଥର-ହେ

Quaker, *s.* ଥରଥରିଆ ଲୋକ; ଖ୍ରୀଷ୍ଟମତାବଲମ୍ବୀ ମତାବଲମ୍ବୀ । [ସ୍ୱାରକୂଣ ।

Qualification, *s.* କ୍ଷମତା, ଯୋଗ୍ୟତା, ଗୁଣ—

Qualified, *a.* କ୍ଷମତାପନ୍ନ, ଯୋଗ୍ୟ; ମଣ୍ଡିତ

Qualify, *v.* କାର୍ଯ୍ୟର ଯୋଗ୍ୟ-ଉପଯୁକ୍ତ-ନ୍ୟୂନ -କ; ମତାନ୍ତର-କ ।

Quality, *s.* ବିଶେଷଣ, ଗୁଣ, ଭାବ, ଧର୍ମ, ପ୍ରକାର

Qualm, *s.* ଅକସ୍ମାତ୍ ଉଦ୍‌ବେଗ, ପାପବିଷୟେ ମନର ଉଦ୍‌ବେଗ, ଅକସ୍ମାତ୍ ମନସ୍ତାପ ।

Qualmish, *a.* ବାନ୍ତି କରିବାକୁ ଉଦ୍ୟତ ।

Quandary, *s.* ପେଚ, ଦାୟ, ସଂକଟ ।

Quantity, *s.* ଅଳ୍ପବହୁତ, ପରିମାଣ; ଓଜନ, ପରିମାଣ; ସଂଖ୍ୟା; ଅଂଶ; କେତେକ ।

Quantum, *s.* ଜମା, ଅଂଶ, ଭାଗ, ରାଶି ।

Quarantine, *s.* ମାରିଭୟ ଦେଶରୁ ଆସିବା ଜାହାଜସ୍ଥ ବ୍ୟକ୍ତିମାନଙ୍କୁ ସହରରେ ପ୍ରବେଶ କରିବାକୁ ନିଷେଧ ।

Quarrel, *s.* କଳହ, ଝଗଡ଼ା, ବିବାଦ, ଝଗଡ଼ା —*v.* ଗଣ୍ଡଗୋଳ-ଝଗଡ଼ା-କଳି-କ ।

Quarrelsome, *a.* କଳାପୀ, କନ୍ଦଳିଆ, ଝଗଡ଼ାଟି

Quarry, *s.* ପଥରର ଆକର ବା ଉତ୍ପତ୍ତିସ୍ଥାନ; ଶିକାର ।

Quart, *s.* ପ୍ରାୟ ଏକ ସେର ପରିମାଣ ।

Quartan, *a.* ଚତୁର୍ଥିକ, ଚତୁର୍ଥାହିକ ।

Quarter, *s.* ଚତୁର୍ଥାଂଶ, ପାଏ ; ଅଞ୍ଚଳ; କ୍ଷମା ; ସୈନ୍ୟ ରହିବାର ବାସସ୍ଥାନ ।—*v.* ଚାରିଖଣ୍ଡ-କ; ବାସସ୍ଥାନ ନିରୂପଣ-କ, ବସା-ଦେ

Quarterdeck, *s.* ଜାହାଜର ପଛପଟର ଉପରଭାଗ ।

Quarterly, *ad.* ତ୍ରୈମାସିକ, ତିନମାସରେ ।

Quarto, *s.* ଏକଚଉଠା, କାଗଜ ଯାହାର ପ୍ରତ୍ୟେକ ପୃଷ୍ଠରେ ଚାରିପେଜ ଛପା ହୁଏ ।

Quash, *v.* ଚାପିବା, ଦାବିବା, ନଷ୍ଟ-ଉଚ୍ଛେଦ-କ ।

Quatrain, *s.* ଚାରିଚରଣର ଶ୍ଳୋକ, ଚତୁଷ୍ପଦୀ କବିତା ।

Quaver, *s.* ସ୍ୱରକମ୍ପନ; ବାଦ୍ୟର ଚିହ୍ନ ବିଶେଷ ।—*v.* କମ୍ପିତସ୍ୱରରେ ଗାଇବା ବା କହିବା ।

Quay, *s.* ନୌକାଦି ଲଗାଇବା ଘାଟ, ଘାଟ ।

Quean, *s.* ଭ୍ରଷ୍ଟା ସ୍ତ୍ରୀ, ବେଶ୍ୟା, କୁଳଟା ।

Queen, *s.* ରାଣୀ, ରାଜପତ୍ନୀ, ପାଟମହାଦେଇ

Queer, *a.* ଅପରୂପ, ଅଚଳନ୍ତି, ହାସ୍ୟଜନକ

Quell, *v.* ଦମନ-ବଶ-ଅଧୀନ-ଶାନ୍ତ-କ ।

Quench, *v.* ନିଭାଇବା, ଲିଭାଇବା; ତୃଷାଦି ନିବୃତ୍ତ-କ ।

Querist, *s.* ପ୍ରଶ୍ନକାରକ, ପଚାରିବା ଲୋକ ।

Querulous, *a.* ଖିଟଖିଟିଆ, କୁଟକୁଟିଆ, ନାଲିସକାରୀ ।

Query, *s.* ପ୍ରଶ୍ନ, ପଚରା, ସନ୍ଦେହ ।—*v.* ପ୍ରଶ୍ନ-କ, ପଚାରିବା ; ମନେ ସନ୍ଦେହ-କ ।

Quest, *s.* ଅନ୍ୱେଷଣ, ତଲାସ, ତତ୍ତ୍ୱ, ଅନୁସନ୍ଧାନ ।

Question, *s.* ପ୍ରଶ୍ନ, ବିବେଚନାର ବିଷୟ, ବିବାଦ, ସଂଶୟ ।—*v.* ପ୍ରଶ୍ନ-ଜିଜ୍ଞାସା-କ, ପଚାରିବା ; ସନ୍ଦେହ- ବାଦାନୁବାଦ-କ ।

Questionable, *v.* ସନ୍ଦିଗ୍ଧ, ଅନିଶ୍ଚିତ, ଅଠିକ

Quibble, *s.* ବ୍ୟର୍ଥ ଉତ୍ତର, ବ୍ୟଙ୍ଗୋକ୍ତି, ଦ୍ୱ୍ୟର୍ଥ କଥା ।—*v.* ବ୍ୟଙ୍ଗୋକ୍ତି- ବାକ୍‌ଛଳ- ଦ୍ୱ୍ୟର୍ଥ -କ । [ଚଞ୍ଚଳ; ସଜୀବ, ଜୀବନ୍ତ, ଜୀଅନ୍ତା ।

Quick, *a.* ବେଗ, ଶୀଘ୍ର,ଚଞ୍ଚଳ,ତ୍ୱରିତ,ସତର୍କ,

Quicken, *v.* ସଜୀବ-କ, ଜୀଅଁାଇବା, ଚେତାଇବା ; ବେଗ-କ ।

Quicklime, *s.* ପୋଡ଼ାଯାଇଥିବା ଚୂର୍ଣ୍ଣ, ଜଳଚୂର୍ଣ୍ଣ

Quickly, *ad.* ତ୍ୱରିତ, ଶୀଘ୍ର, ବେଗ, ଚଞ୍ଚଳ, ସତରେ, ବହୁତେ ।

Quicksand, *s.* ପେଲବାଲି, ଧସାବାଲି ।

Quicksighted, *a.* ତୀକ୍ଷ୍ଣଦୃଷ୍ଟି, ସୂକ୍ଷ୍ମଦର୍ଶୀ ।

Quicksilver, *s.* ପାରଦ, ପାରା, ରସେନ୍ଦ୍ର ।

Quiescence, *s.* ବିଶ୍ରାମ, ଶାନ୍ତି, ବିରାମ ।

Quiescent, *a.* କ୍ଷାନ୍ତ, ଶାନ୍ତ, ସ୍ଥିର, ଅଚଳନ୍ତି

Quiet, *s.* ଶାନ୍ତି, ସୁସ୍ଥିରତା, ବିଶ୍ରାମ, ମୌନ ।—*v.* ସ୍ଥିର- ଶାନ୍ତ-କ, ଥମାଇବା, ଚୁପ୍ କରାଇବା ।—*a.* ସ୍ଥିର, ଶାନ୍ତ, ନୀରବ, ନିଃଶବ୍ଦ

Quietly, *ad.* ଧୀରେ, ଶାନ୍ତରୂପେ, ଚୁପ୍‌ଚାପରେ ।

Quietness, *s.* ସ୍ଥିରତା, ଶାନ୍ତି, ଧୀରତା ।

Quill, *s.* ପକ୍ଷୀକଲମ, ପରକଲମ, ଡେଣାର ବଡ଼ପକ୍ଷ ।

Quilt, *s.* ରେଜାଇ, ତୋସକ, ଲେପ ।

Quince, *s.* ବୃକ୍ଷ ଓ ଫଳବିଶେଷ ।

Quinquennial, *a.* ପଞ୍ଚବର୍ଷୀୟ ।

Quinsy, *s.* କଣ୍ଠରୋଗବିଶେଷ, ଗଣ୍ଡମାଳା ।

Quintessence, *s.* ସାରାଂଶ,ସାରଭାଗ, ସାର

Quintuple, *a.* ପାଞ୍ଚଗୁଣ, ପଞ୍ଚଗୁଣ ।

Quip, *s.* ବିଦ୍ରୂପ, ଉପହାସ, ଥଟା, ତିରସ୍କାର

Quire, *s.* କାଗଜର ଦସ୍ତା, ୨୪ ପର୍ଦ୍ଦ; ଭଜ-ନାଳୟର ଗାୟକସମୂହ ।
Quirk, *s.* ଥଟ୍ଟା, ଦ୍ୱ୍ୟର୍ଥବାକ୍ୟ, ଚାପଳ । [-କ ।
Quit, *v.* ତ୍ୟାଗ-କ, ଛାଡ଼ିବା, ଋଣପରିଶୋଧ
Quite, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ, ନିତାନ୍ତ । [ଠିକ୍ ।
Quits, *ad.* ବାକିରେ ଶୋଧହେଲା, ସମାନ୍,
Quittance, *s.* ଋଣଶୋଧ,ମୁକ୍ତି,ଖଲାସପତ୍ର ।
Quiver, *s.* କାଣ୍ଡତୂଣୀ, ବାଣକୋଷ, ତୂଣ, ତୂଣୀର ।—*v.* କମ୍ପିବା, ଥରଥର-ହେ ।
Quoit, *s.* ଖେଳିବାପାଇଁ ଲୋହର ଚକ୍ର ।
Quondam, *a.* ପୂର୍ବର, ଅପର, ପୂର୍ବକୃତ ।
Quorum, *s.* ସମାଜର ଯେତେ ଲୋକ ଦ୍ୱାରା କାର୍ଯ୍ୟ ସିଦ୍ଧ ହୋଇ ପାରେ । [ଅଂଶ ।
Quota, *s.* ଅଂଶ, ଭାଗ, ପ୍ରତ୍ୟେକ ବ୍ୟକ୍ତିର
Quotation, *s.* ଅନ୍ୟଗ୍ରନ୍ଥର କଥା, ପ୍ରମାଣ ପ୍ରୟୋଗକରଣ, ଦୃଷ୍ଟାନ୍ତ ପଦ, ଉଦ୍ଧୃତ ବାକ୍ୟ ।
Quote, *v.* ଶାସ୍ତ୍ରରୁ ପ୍ରମାଣ ଧରିବା, ଅନ୍ୟ ଗ୍ରନ୍ଥରୁ ଉଦ୍ଧୃତ-କ, ଦୃଷ୍ଟାନ୍ତ-ଦେ ।
Quoth, *v.* କହିଲ ।
Quotidian, *a.* ପ୍ରତିଦିନ, ନିତ୍ୟ, ଐକାହିକ ।
Quotient, *s.* ହରଣ କଲେ ପ୍ରାପ୍ତ ସଂଖ୍ୟା, ଭାଗଫଳ ।

## R.

R, ଇଂରାଜୀ ବର୍ଣ୍ଣମାଳାର ଅଷ୍ଟାଦଶାକ୍ଷର ।
Rabbi, *s.* ଯିହୁଦୀମାନଙ୍କର ଗୁରୁ ବା ପଣ୍ଡିତ
Rabbit, *s.* ସାନ ଠେକୁଆ ବିଶେଷ, ଖରଗୋଶ
Rabble, *s.* ଇତର ଲୋକର ଗହଳ ବା ଭିଡ଼ ।
Rabid, *a.* ପାଗଳ, ପ୍ରଚଣ୍ଡ, ଉନ୍ମତ୍ତ ।
Race, *s.* ବଂଶ, କୁଳ, ଗୋଷ୍ଠୀ, ସ୍ରୋତ; ଗତି, ପ୍ରବାହ, ଦୌଡ଼ ।
Racer, *s.* ଦୌଡ଼ି, ବାଜିରେ ଉଦ୍ୟୋଗ କରେ ଯେ ; ଦୌଡ଼ର ଘୋଡ଼ା ।
Raciness, *s.* ସୁସ୍ୱାଦ, ଉତ୍ତମସ୍ୱାଦ, ରସାଳତା
Rack, *s.* ଯନ୍ତ୍ରଣା ଦେବାର କଳ; ଘାସମଞ୍ଚା-ବିଶେଷ ।—*v.* ଯନ୍ତ୍ରଣା ବା କ୍ଲେଶ-ଦେ ।
Racket, *s.* ଗୋଳମାଳ, କୋଳାହଳ ।
Rack-rent, *s.* ଅତିଶୟ ଖଜଣା,ଅତିରିକ୍ତ କର
Racy, *a.* ରସାଳ, ସ୍ୱାଦଯୁକ୍ତ, ସୁସ୍ୱାଦୁ ।
Radiance, *s.* ଦୀପ୍ତି, ପ୍ରଭା, ଶୋଭା, ଉଜ୍ଜ୍ୱଳତା
Radiant, *a.* ଦୀପ୍ତିମାନ୍, ଅଂଶୁମୟ, ଉଜ୍ଜ୍ୱଳ ।
Radiate, *v.* ଅଂଶୁ ନିର୍ଗମନ- ପ୍ରଭା- କିରଣ ପ୍ରକାଶ-କ ; ଅଂଶୁମାନ୍-ହେ । [ତା ।
Radiation, *s.* ଅଂଶୁ ନିର୍ଗତ କରଣ; ଉଜ୍ଜ୍ୱଳ-
Radical, *a.* ମୂଳଜ, ସମୂଳକ, ଅସଲ, ମୂଳ, ଆଦ୍ୟ । [ଆଦ୍ୟରେ ।
Radically, *ad.* ଅମୂଳ, ସ୍ୱଭାବତଃ, ସମୂଳେ,
Radish, *s.* ମୂଳା, ମୂଳକ ।
Radius, *s.* ଚକ୍ରାକୃତି ବସ୍ତୁର ଅର୍ଦ୍ଧବ୍ୟାସ ।
Raffle, *v.* ଗୁଳିବାଣ୍ଟ ଦେଇ ଦ୍ୟୂତ ଖେଳିବା ।
Raft, *s.* ଭେଲା, ଦ୍ରୋଣୀ, ଉଡ଼ୁପ ।
Rafter, *s.* ବରଗା, ଛାତର ଅଡ଼କାଠ ।
Rag, *s.* ବସ୍ତ୍ରଖଣ୍ଡ, କନା, ଚିରା ଫଟା ଲୁଗା ।
Ragamuffin, *s.* ପାଜିବ୍ୟକ୍ତି, ଖେଚଡ଼ା ଲୋକ
Rage, *s.* ପ୍ରଚଣ୍ଡରାଗ, କ୍ରୋଧ, କୋପ; ବ୍ୟଗ୍ରତା
Ragged, *a.* ଛିଣ୍ଡା, ଚିରା, ଫଟା, ଦରିଦ୍ର ।
Raging, *a.* ପ୍ରଚଣ୍ଡ ରାଗୀ, କୋପାନ୍ୱିତ ।
Rail, *s.* କାଠ ବା ଲୁହା ବେଢ଼ା ।—*v.* ତିରସ୍କାର-କ, ଗାଳି-ଦେ; କାଠ ଦ୍ୱାରା ବେଢ଼ାଇବା
Railing, *s.* ତିରସ୍କାର, ପରିହାସ ; ଘେର, ବେଢ଼ା ।
Raillery, *s.* ପରିହାସ, ଉପହାସ, ତିରସ୍କାର
Railroad, *s.* ବାଷ୍ପୀୟ ଗାଡ଼ି ଗମନର ପଥ, ଧୂଆଁ ଗାଡ଼ିର ବାଟ ।

Raiment, *s.* ପୋଷାକ, ଲୁଗା, ପିନ୍ଧିବା ବସ୍ତ୍ର

Rain, *s.* ବୃଷ୍ଟି, ବର୍ଷା, ବର୍ଷଣ, ମେଘରୁ ଜଳ ପତନ ।—*v.* ବର୍ଷା-ବୃଷ୍ଟି-ହେ, ବର୍ଷିବା ।

Rainbow, *s.* ଇନ୍ଦ୍ରଧନୁ, ମେଘଧନୁକ ।

Rainy-season, *s.* ବର୍ଷାକାଳ, ବୃଷ୍ଟିଋତୁ ।

Raise, *v.* ଉଠାଇବା, ଟେକିବା, ଉନ୍ନତ-କ; ମୂଲ୍ୟ ବଢ଼ାଇବା; ଉତ୍ପନ୍ନ-କ; ସେନା-ସଂଗ୍ରହ-କ; ଆକ୍ରମଣ ତ୍ୟାଗ-କ ।

Raisin, *s.* ଶୁଷ୍କଦ୍ରାକ୍ଷାଫଳ, କିସମିସ୍ ।

Rake, *s.* ତୃଣାଦି ସାଉଣ୍ଟିବାର ବା ଛେଦନର ଅସ୍ତ୍ର; ଲମ୍ପଟ, ଲୋଚ୍ଚା ।—*v.* ଅସ୍ତ୍ର ଦେଇ ଘାସାଦି ସାଉଣ୍ଟିବା, ଏକଠା-କ; ଅନ୍ୱେଷଣ-କ

Rally, *v.* ଛନ୍ନଭିନ୍ନ ସୈନ୍ୟମାନଙ୍କୁ ପୁନର୍ବାର ଶ୍ରେଣୀବଦ୍ଧ-କ; ଠଟା- ଥଟ୍ଟା-କ ।

Ram, *s.* ଭେଡ଼ା, ମେଣ୍ଢା; ମେଷରାଶି; ପାଚେରି ଭାଙ୍ଗିବା ଯନ୍ତ୍ରବିଶେଷ ।—*v.* ଠେସିବା, ପୁରାଇବା, ଭରିବା, ଦୁମୁସ-କ ।

Ramble, *s.* ପର୍ଯ୍ୟଟନ, ଭ୍ରମଣ, ପରିଭ୍ରମଣ ।—*v.* ବୁଲିବା, ପର୍ଯ୍ୟଟନ- ଭ୍ରମଣ-କ ।

Rambling, *a.* ପର୍ଯ୍ୟଟନକାରୀ, ଭ୍ରମଣକାରୀ ।

Ramification, *s.* ଶାଖାର ନ୍ୟାୟ ବିସ୍ତାର, ଶାଖାନିର୍ଗମନ ।

Ramify, *v.* ଶାଖା ପରି ବଢ଼ିବା, ଏଣେ–ତେଣେ ବାହାରିବା ।

Rammer, *s.* ଦୁମୁସ, ପିଟଣା, ଠେସଣୀ; ବନ୍ଧୁକର ଗଜ ।

Rampant, *a.* କୁଦନ୍ତସ୍ଥ, ପ୍ରବଳ, ବାହୁଲ୍ୟ ।

Rampart, *s.* ଗଡ଼ର ପାଚେରି, ଦୁର୍ଗ ବେଷ୍ଟନ ପାଚେରି, ମୁର୍ଚ୍ଚା ।

Ramrod, *s.* ବନ୍ଧୁକର ଗଜ, ଠେସିବା ଦଣ୍ଡ ।

Rancid, *a.* ଉଗ୍ରଗନ୍ଧଯୁକ୍ତ, ଦୁର୍ଗନ୍ଧ, ପଚିଆ ।

Rancour, *s.* ଦ୍ୱେଷ, ହିଂସା, ଅନିଷ୍ଟଚିନ୍ତା ।

Random, *a.* ଅନିୟମ, ଟିକଣାରହିତ, ଅଡ଼ୁଅ

Range, *s.* ଶ୍ରେଣୀ, ପଂକ୍ତି, ଧାଡ଼ି; ବର୍ଗ, ସମ୍ପ୍ରଦାୟ; ଭ୍ରମଣ; ସୀମା ।

Ranger, *s.* ଭ୍ରମଣକାରୀ; ମୃଗାଳୟରକ୍ଷକ ।

Rank, *s.* ଶ୍ରେଣୀ, ପଂକ୍ତି, ବର୍ଗ; ମର୍ଯ୍ୟାଦା, ମାନ ।—*v.* ଶ୍ରେଣୀ-କ, ଧାଡ଼ିରେ ରଖିବା ।—*a.* ସତେଜ; ଦୁର୍ଗନ୍ଧଯୁକ୍ତ, ବାସୀ, ପଚା ।

Rankle, *v.* ପାଚିବା, ପଚ୍-ହେ; ମନକୁ ଜଳାଇବା ।

Ransack, *v.* ଲୁଟିବା, ଅପହରଣ-କ; ଖୋଜିବା ।

Ransom, *s.* ଉଦ୍ଧାର ବା ମୁକ୍ତକରଣାର୍ଥେ ମୂଲ୍ୟ ।—*v.* ଅର୍ଥ ବା ଧନ ଦେଇ ଉଦ୍ଧାର-କ ।

Rant, *v.* ଅନର୍ଥବାକ୍ୟ-କହ, ବକ୍‌ବକ୍-କ ।

Rap, *s.* ଠୋକର, ଆଘାତ ।—*v.* ପିଟିବା, ଠୋକର ମାରିବା ।

Rapacious, *a.* ଲୋଭୀ, ସର୍ବଗ୍ରାସୀ, ଲୁଟିଅସ

Rapacity, *s.* ଅତିଲୋଭ, ସର୍ବଗ୍ରାସେଚ୍ଛା, ଅପହାର ।

Rape, *s.* ବଳାତ୍କାର ସ୍ତ୍ରୀରମଣ ।

Rapid, *a.* ତ୍ୱରିତ, ବହନ, ଶୀଘ୍ର, ବେଗଗାମୀ ।

Rapidly, *ad.* ଶୀଘ୍ର, ବେଗରେ, ଜଲ୍‌ଦି ।

Rapier, *s.* କ୍ଷୁଦ୍ରଖଡ୍ଗ, ଖ୍ଲେସ, ଯମଧାର ।

Rapine, *s.* ଲୁଟ, ଲୁଟପାଟ, ଉଜଡ଼, ଅପହାର

Rapture, *s.* ଉଲ୍ଲାସ, ମହାନନ୍ଦ, ପରମାହ୍ଲାଦ

Rapturous, *a.* ଉଲ୍ଲସିତ, ଅତିହର୍ଷିତ, ମହାହ୍ଲାଦଜନକ ।

Rare, *a.* ଦୁର୍ଲଭ, ଅପୂର୍ବ, ଅନୁତ୍ତମ; ଅତିସୂକ୍ଷ୍ମ ।

Rarefaction, *s.* ତାପରେ ବିସ୍ତାରିତ କରଣ, ଅତି ପାତଳକରଣ ।

Rarefy, *v.* ତାପରେ ବିସ୍ତାରିତ ବା ପାତଳ-କ

Rarely, *ad.* କେବେ, କ୍ୱଚିତ୍, କଦାଚିତ୍ ।

Rarity, *s.* ଅପୂର୍ବବସ୍ତୁ; ସୂକ୍ଷ୍ମତା, ପାତଳତ୍ୱ ।

Rascal, *s.* ଦୁଶ୍ଚରିତ୍ରବ୍ୟକ୍ତି, ଦୁଷ୍ଟଲୋକ, ପାଜି

Rascality, *s.* ଦୁଷ୍ଟପଣିଆ, ହାରାମଜାଦାମି ।

Rascally, *ad.* ଅଧମ-ପାଜି-ଅସଚ୍ଚରିତ୍ରରୂପେ ।

Rash, *s.* ଚିମ୍ପିଉ, ବ୍ରଣବିଶେଷ ।

Rash, *a.* ଅବିବେକୀ, ଦୁଃସାହସୀ, ଚଞ୍ଚଳ ।

Rasher, *s.* ଘୁଷୁରିର ଶୁଖିଲମାଂସର ପାତଳଖଣ୍ଡ ।

Rashly, *ad.* ଅବିବେଚନାରେ, ଅସାବଧାନତାପୂର୍ବକ ।

Rashness, *s.* ଦୁଃସାହସ, ଅବିବେକତା, ଅସାବଧାନତା ।

Rasp, *s.* ମୋଟା ଉଖା ।

Raspberry, *s.* ଉତ୍ତମ ଫଳବିଶେଷ ।

Rat, *s.* ମୂଷା, ମୂଷିକ, ଉନ୍ଦୁର ।

Ratan, *s.* ବେତ, ବେଣ ।

Rate, *s.* ନିରୂପିତ ମୂଲ୍ୟ, ନିରଖ, ଭାଉ; କର । —*v.* ମୂଲ୍ୟନିରୂପଣ-କ, ଦର ଧରିବା; ଧମକାଇବା । [ସ୍ୱକଳ୍ପ ।

Rather, *ad.* ବରଞ୍ଚ, ବରଂ, ବିଶେଷତଃ, ଅ-

Ratification, *s.* ସ୍ଥାବ୍ୟସ୍ତକରଣ, ସମ୍ମତ ।

Ratify, *v.* ସ୍ଥିର,-ଦୃଢ଼-ନିଶ୍ଚୟ-କ; ସ୍ୱୀକାର-କ ।

Rating, *s.* ତାଡ଼ନା, ଭର୍ତ୍ସନା ।

Ratio, *s.* କ୍ରମ, ସଂଖ୍ୟା, ଭାଗ, ହାର ।

Ratiocination, *s.* ବିତର୍କ, ବିବେଚନା, ବିଚାରକରଣ ।

Ration, *s.* ଦୈନିକ ଆହାର, ଖୋରାକ ।

Rational, *a.* ଯୁକ୍ତିସିଦ୍ଧ, ବିବେଚକ, ଜ୍ଞାନୀ, ବିଜ୍ଞ

Ratsbane, *s.* ମୂଷାନାଶକାରୀ ଦ୍ରବ୍ୟ ।

Rattle, *s.* ଅର୍ଭକର ବାଦ୍ୟ; ଘଡ଼ଘଡ଼ ଶବ୍ଦ, ଝଣଝଣ ରବ ।

Rattle, *v.* ବଡ଼ବଡ଼ ଶବ୍ଦ-ବକବକ୍-କ ।

Rattlesnake, *s.* ଶବ୍ଦକାରୀ ବିଷାକ୍ତ ସର୍ପବିଶେଷ ।

Rattling, *s.* ଘଡ଼ଘଡ଼ ଶବ୍ଦ, ଝମଝମ ଶବ୍ଦ ।

Ravage, *v.* ଲୁଟ-ଉଜାଡ଼-ନଷ୍ଟ-ଉପଦ୍ରବ-କ । —*s.* ଲୁଟ, ଅପହାର, ଉଚ୍ଛିନ୍ନତା, ନାଶ ।

Rave, *v.* ଉନ୍ମତ୍ତ-ହେ, ପ୍ରଳାପ-ବକବକ-ଚିତ୍କାର-କ ।

Raven, *s.* ଡାମରା କୁଆ, ବଡ଼କାଉ ।

Ravenous, *a.* ଲୋଭୀ, ପେଟୁ, ଅତିକ୍ଷୁଧିତ ।

Ravine, *s.* ଗଡ଼ା, ଗହ୍ୱର, ପର୍ବତର ଜୋର, ଲମ୍ବାଗାତ ।

Raving, *s.* ପ୍ରଳାପ, ଉନ୍ମତ୍ତଭାବ ।

Ravish, *v.* ଅପହରଣ-ବଳାତ୍କାର ସ୍ତ୍ରୀରମଣ-କ; ମୋହିତ-କ ।

Ravishment, *s.* ବଳାତ୍କାର; ଅହ୍ଲାଦ, ଆନନ୍ଦରେ ମଗ୍ନ ।

Raw, *a.* କଞ୍ଚା, ଅପକ୍ୱ; ଚର୍ମହୀନ; ଶୀତଳ, ହିମ

Rawboned, *a.* ଅସ୍ଥିଚର୍ମବିଶିଷ୍ଟ ।

Ray, *s.* ଅଂଶୁ, କିରଣ, ରଶ୍ମି, ଝଳ ।

Raze, *v.* ସମୂଳୋତ୍ପାଟନ-କ, ଉଜାଡ଼ିବା ।

Razor, *s.* ଖୁର, କ୍ଷୁର, ଅସ୍ତୁରା । [ଚର୍ମ ।

Razor-strop, *s.* ଚମାଟୀ, ଖୁର ଧାର କରିବା

Reach, *s.* ସାଧ୍ୟ, କ୍ଷମତା; ହସ୍ତଗୋଚର । —*v.* ହାତପାଇବା, ହାତବଢ଼ାଇ ଲଗାଇବା; ପହଞ୍ଚିବା ।

Reaction, *s.* ପ୍ରତିକାର, ପ୍ରତିକୃତ, ପ୍ରତିଘାତ

Read, *v.* ପାଠ-କ, ପଢ଼ିବା; ଅଧ୍ୟୟନ-କ ।

Readable, *a.* ପାଠ୍ୟ, ପଠନୋପଯୁକ୍ତ ।

Reader, *s.* ପାଠକ, ପଢ଼ୁଆ; ପଢ଼ାଇବାଲୋକ

Readily, *ad.* ଅବିଳମ୍ବରେ, ବେଗେ, ଅନାୟାସରେ ।

Readiness, *s.* ପ୍ରସ୍ତୁତତା, ଦକ୍ଷତା ।

Reading, *s.* ପଠନ, ପଢ଼ା, ଅଧ୍ୟୟନ ।

Re-admission, *s.* ପୁନର୍ଗ୍ରହଣ, ପୁନଃସ୍ଥାପନ

Ready, *a.* ପ୍ରସ୍ତୁତ, ତିଆର; ସମ୍ମତ, ଉଦ୍ୟତ

Real, *a.* ପ୍ରକୃତ, ଯଥାର୍ଥ, ସତ୍ୟ, ବାସ୍ତବ ।

Reality, *s.* ପ୍ରକୃତତା, ସତ୍ୟତା, ଯାଥାର୍ଥ୍ୟ, ତତ୍ତ୍ୱ ।

Realize, *v.* ପ୍ରାପ୍ତ-ହେ, ସିଦ୍ଧ-କ, ପାଇବା ; ଅଦାୟ-କ ; ଅବଗତ-ହେ ।
Really, *ad.* ସତ୍ୟରୂପେ, ସତ୍ୟ, ନିଶ୍ଚୟରୂପେ
Realm, *s.* ରାଜ୍ୟ, ରାଜାଧିକାର, ଦେଶ, ରାଷ୍ଟ୍ର
Ream, *s.* କୋଡିଏ ଦସ୍ତା ବା ଚାରି ଶହ କାଗଜ, କାଗଜର ପରିମାଣ ବିଶେଷ ।
Reanimate, *v.* ପୁନର୍ଜୀବିତ-ସଜୀବ-କ, ଚେତାଇବା ।
Reap, *v.* ଶସ୍ୟ ବା ଫସଲ କାଟିବା, ସଂଗ୍ରହ-କ
Reaper, *s.* କଟାଳି, ଶସ୍ୟଛେଦନକାରୀ ।
Reaping-hook, *s.* ଦାଆ, ଶସ୍ୟକର୍ତ୍ତନୀ ।
Reappear, *v.* ପୁନର୍ବାର ଉପସ୍ଥିତ-ହେ, ପୁନର୍ଦର୍ଶନ-ଦେ ।
Reappoint, *v.* ପୁନର୍ବାର ନିଯୁକ୍ତ-କ ।
Rear, *s.* ପଛଅଡ଼, ସୈନ୍ୟମାନଙ୍କର ପଶ୍ଚାଦ୍ଭାଗ
Rear, *v.* ତୋଳିବା, ଉଠାଇବା; ପାଳନ-ପୋଷଣ-କ; ଡେଇଁ ଉଠିବା ।
Rear-admiral, *s.* ଯୁଦ୍ଧଜାହାଜରେ ଅଧ୍ୟକ୍ଷ
Rear-guard, *s.* ସୈନ୍ୟ ପଶ୍ଚାଦ୍ଭାଗର ରକ୍ଷକ ଦଳ । [ଚଢ଼ିବା ।
Reascend, *v.* ପୁନର୍ବାର ଆରୋହଣ-କ, ପୁଣି
Reason, *s.* ବିଚାରଶକ୍ତି, ବିବେକଗୁଣ; ହେତୁ, କାରଣ; ଯୁକ୍ତି; ନ୍ୟାୟ; ଜ୍ଞାନ, ବୁଦ୍ଧି ।—*v.* ବିତର୍କ-ଯୁକ୍ତି-କ, କାରଣ ଦେଖାଇବା ।
Reasonable, *a.* ଯୁକ୍ତିସିଦ୍ଧ, ଉଚିତ, ଯଥାର୍ଥ, ନ୍ୟାଯ୍ୟ; ପରିମିତ ।
Reasonableness, *s.* ଉପଯୁକ୍ତତା, ଯୁକ୍ତତା, ଯୁକ୍ତିସିଦ୍ଧତା । [ଚନାପୂର୍ବକ ।
Reasonably, *ad.* ଯୁକ୍ତିସିଦ୍ଧରୂପେ, ସଦ୍ବିବେ-
Reasoner, *s.* ଯୁକ୍ତିକାରକ, ବିତର୍କକାରୀ, ବିତଣ୍ଡକ ।
Reasoning, *s.* ବିତର୍କ, ବିବେଚନା, ବାଦାନୁବାଦ, ବିଚାର ।
Reassemble, *v.* ପୁନର୍ବାର ସଂଗ୍ରହ-ପୁନରପି ଏକତ୍ର-କ ।
Reassert, *v.* ପୁନର୍ବାର ଦୃଢ଼-କ ।
Reassume, *v.* ପୁନର୍ଗ୍ରହଣ-ପ୍ରତ୍ୟାଦାନ-କ ।
Reassure, *v.* ଭୟରୁ ମୁକ୍ତ-କ ।
Rebel, *s.* ରାଜବିଦ୍ରୋହୀ, ରାଜବିରୁଦ୍ଧାଚାରୀ । —*v.* ରାଜବିଦ୍ରୋହକର୍ମ-କ ।
Rebellion, *s.* ରାଜବିଦ୍ରୋହକର୍ମ, ରାଜାଜ୍ଞାଲଙ୍ଘନ ; ଅବଶତା ।
Rebound, *v.* ଛିଟକି ଆସିବା, ପାଲଟି ଆସିବା
Rebuff, *s.* ତର୍ଜନଗର୍ଜନ, ଧମକ, ତିରସ୍କାର, ବାରଣ ।
Rebuild, *v.* ପୁନର୍ନିର୍ମାଣ-ଭଙ୍ଗା ମରାମତି-କ ।
Rebuke, *s.* ତିରସ୍କାର, ଭର୍ତ୍ସନା, ଅନୁଯୋଗ । —*v.* ଭର୍ତ୍ସନା-ତିରସ୍କାର-ଅନୁଯୋଗ-କ, ଧମକାଇବା ।
Rebut, *v.* ପ୍ରତ୍ୟୁତ୍ତର-ନିବାରଣ-କ । [ଥା-କ ।
Recall, *v.* ପୁନରାହ୍ୱାନ-କ, ପୁଣି ଡାକିବା; ଅନ୍ୟ-
Recant, *v.* ପୂର୍ବକଥା ଅନ୍ୟଥା-କ ।
Recantation, *s.* ପୂର୍ବକଥା ଅସ୍ୱୀକାର କରଣ
Recapitulate, *v.* ସଂକ୍ଷେପ କରି ପୁନର୍ବ୍ୟାଖ୍ୟା-କ ।
Recede, *v.* ପଛକୁ ହଟିଯିବା; ନିବୃତ୍ତ-କ୍ଷାନ୍ତ-ହେ । [ଗ୍ରହଣକରଣ ।
Receipt, *s.* ପାଉତି, ରସିଦ, ସ୍ୱୀକାରପତ୍ର ;
Receivable, *a.* ପ୍ରାପ୍ୟ, ପ୍ରାପଣୀୟ, ଗ୍ରହଣଯୋଗ୍ୟ । [କାର-କ
Receive, *v.* ପାଇବା, ଗ୍ରହଣ-ଗ୍ରାହ୍ୟ-ସ୍ୱୀ-
Receiver, *s.* ଗ୍ରାହକ, ଗ୍ରହଣକର୍ତ୍ତା; ଗାଳାଖୀ
Recent, *a.* ନୂଆ, ଅଭିନବ, ଅଳ୍ପକାଳୀନ ।
Recently, *ad.* ଅଳ୍ପକାଳତଳେ, ଇଦାନୀଂ, ସଦ୍ୟ, ଅଧୁନା ।
Receptacle, *s.* ଆଧାର, ପାତ୍ର, ରଖିବା ସ୍ଥାନ ।

Reception, *s.* ଗ୍ରହଣକରଣ, ଆଦାନ; ଅଭ୍ୟର୍ଥନା। [ସ୍ଥାନ।
Recess, *s.* ବିଶ୍ରାମକାଳ; ବିଶ୍ରାମସ୍ଥାନ, ଗୁପ୍ତ-
Recipe, *s.* ଔଷଧର ଭା'ବ ଅବା ବ୍ୟବସ୍ଥା।
Recipient, *s.* ଗ୍ରହଣକର୍ତ୍ତା, ଗ୍ରହଣପାତ୍ର, ଗ୍ରାହକ। [ପରସ୍ପର।
Reciprocal, *a.* ଅନ୍ୟୋନ୍ୟ, ଏକକୁ ଅନେକ,
Reciprocate, *v.* ପରସ୍ପରରେ କାର୍ଯ୍ୟ-କ।
Recision, *s.* ଛେଦନ, ଅନ୍ୟଥା ବା ରଦ୍-କରଣ। [ବର୍ଣ୍ଣନା।
Recital, *s.* ପୁନରୁକ୍ତି, କଥନ, ପାଠକରଣ,
Recite, *v.* ପୁନରୁକ୍ତି-କ; ପୁନର୍ବାର ବୃତ୍ତାନ୍ତ-କହ, ବର୍ଣ୍ଣନା-କ। [ଧାନ।
Reckless, *a.* ନିଶ୍ଚିନ୍ତ, ଦୁଃସାହସ, ଅସାବ-
Reckon, *v.* ଗଣନା-ସୁମାର-ସଂଖ୍ୟା-କ; ଜ୍ଞାନ-ବୋଧ-କ [ହିସାବ।
Reckoning, *s.* ଗଣନା, ଲେଖାଜୋଖା,
Reclaim, *v.* ସୁଧରାଇବା, ପୁନରୁଦ୍ଧାର-କ।
Recline, *v.* ଆଉଜିବା, ଢୁଙ୍କିବା, ଶୋଇବା।
Recluse, *s.* ଉଦାସୀନ, ଏକାକୀ, ସଂସାର-ତ୍ୟାଗୀ, ବୈରାଗୀ।
Recognise, *v.* ଚିହ୍ନିବା, ପରିଚୟ ପାଇବା. ସ୍ୱୀକାର-ସ୍ମରଣ-କ।
Recognition, *s.* ସ୍ମରଣ, ସ୍ମୃତି, ମନରେ-କରଣ, ଚେତନ, ସ୍ୱୀକାର। [ଜାମିନ।
Recognizance, *s.* ଅଙ୍ଗୀକାର; ମୁଚଲିକା;
Recoil, *v.* ପଛେ ହଟିବା, ହଟିପଡ଼ିବା; ଡର ମାଡ଼ିବା।
Recollect, *v.* ସ୍ମରଣ-ମନେ-କ, ଚେତିବା।
Recollection, *s.* ସ୍ମରଣ,ମନେକରଣ, ସ୍ମୃତି।
Recommence, *v.* ପୁନରାରମ୍ଭ-ପୁନଃପ୍ରବର୍ତ୍ତନ-କ। [ସୁଖ୍ୟାତି-କ।
Recommend, *v.* ଉପଦେଶ-ସୁପାରିସ-କ;
Recommendation, *s.* ସୁପାରିସ, ଉପଦେଶ, ପ୍ରଶଂସାପତ୍ର।
Recompense, *s.* ପୁରସ୍କାର, ପ୍ରତିଦାନ, ପାରିତୋଷିକ।
Reconcile, *v.* ବିରୋଧ ମେଣ୍ଟାଇବା, ପୁନର୍ମେଳ-ପ୍ରଣୟ-କ।
Reconciliation, *s.* ପୁନର୍ମେଳ, ମିଳନ, ସମାଧା, ପ୍ରୀତି। [ଦୁର୍ଜ୍ଞେୟ।
Recondite, *a.* ଗମ୍ଭୀର, ଗୂଢ଼, ଗୋପ୍ୟାର୍ଥକ,
Reconnoitre, *v.* ଦୃଷ୍ଟି-ପରୀକ୍ଷା-ଅନୁସନ୍ଧାନ-କ, ଭେଦ-ନେ।
Record, *s.* ସ୍ମରଣାର୍ଥକ ଲେଖା, ନିଦର୍ଶନ, ଶିରସ୍ତା।—*v.* ଲେଖି ରଖିବା, ନିଦର୍ଶନ ରଖିବା
Recorder, *s.* କାନୁନଗୋଇ; ଶିରସ୍ତାଦାର।
Recount, *v.* ବର୍ଣ୍ଣନା-କ, ବିଶେଷ କରି-କହ, ବେଉରା-କ।
Recourse, *s.* ଉପାୟ: ଆଶ୍ରୟ, ଶରଣ।
Recover, *v.* ସୁସ୍ଥ-ହେ, ଆରାମ ପାଇବା; ପୁନଃପ୍ରାପ୍ତ-ହେ।
Recoverable, *a.* ପୁନଃପ୍ରାପଣୀୟ।
Recovery, *s.* ସ୍ୱାସ୍ଥ୍ୟ, ରୋଗୋପଶମ, ଆରାମ ପୁନଃପ୍ରାପଣ ବା ଲାଭ।
Recreant, *s.* କାପୁରୁଷ, ଭୀରୁ; ସ୍ୱଧର୍ମ-ତ୍ୟାଗୀ। [ପୁନଃସୃଷ୍ଟି-କ।
Recreate, *v.* ବିଶ୍ରାମ-ଆରାମ-ସନ୍ତୋଷ-କ;
Recreation, *s.* ବିଶ୍ରାମ, ଆରାମ, କ୍ରୀଡ଼ା; ସନ୍ତୋଷ; ପୁନଃସୃଷ୍ଟି।
Recriminate, *v.* ପ୍ରତ୍ୟପବାଦ-ଦୋଷାଦୋଷୀ-କ।
Recruit, *s.* ନୂତନ ସଂଗୃହୀତ ସୈନ୍ୟ।—*v.* ପୁନଃ ସବଳ-ନୂତନ-କ; ନୂଆ ସୈନ୍ୟ ଭର୍ତ୍ତି-କ
Rectangle, *s.* ସମଭୁଜ, ସମକୋଣାକୃତି।
Rectangular, *a.* ସମଭୁଜବିଶିଷ୍ଟ।

Rectify, *v.* ଶୁଦ୍ଧ- ଠିକ୍-କ, ସୁଧାରିବା, ସଜାଡ଼ିବା । [ଧର୍ମ ।
Rectitude, *s.* ସରଳତା, ଯଥାର୍ଥତା, ନ୍ୟାୟ୍.
Rector, *s.* ଅଧ୍ୟକ୍ଷ, ଧର୍ମୋପଦେଶକ ।
Recumbent, *a.* ଅଉଜା, ଶୟିତ ।
Recur, *v.* ପୁନର୍ବାର ମନରେ ଆସିବା, ପୁନଃ-ସ୍ମରଣ-ହେ, ପୁନର୍ବାର ଘଟିବା ବା ଉପସ୍ଥିତ-ହେ ।
Recurrence, *s.* ପୁନରାଗମନ, ପୁନର୍ଘଟନା, ପୁନରାବୃତ୍ତି । [ହିତବର୍ଣ୍ଣ ।
Red, *a.* ରକ୍ତବର୍ଣ୍ଣ, ରଙ୍ଗ, ଲାଲ, ଲାଲିଆ, ଲୋ-
Redbreast, *s.* କ୍ଷୁଦ୍ରପକ୍ଷୀବିଶେଷ ।
Redden, *v.* ରକ୍ତବର୍ଣ୍ଣ-ଲାଲିଆରଙ୍ଗ-କ ।
Redeem, *v.* ମୂଲ୍ୟ ବା ପ୍ରାୟଶ୍ଚିତ୍ତ ଦେଇ ମୁକ୍ତ-ତ୍ରାଣ-କ ।
Redeemer, *s.* ଉଦ୍ଧାରକର୍ତ୍ତା, ମୁକ୍ତିଦାତା, ଯୀଶୁ-ଖ୍ରୀଷ୍ଟଙ୍କର ଏକ ଉପାଧି ।
Redemption, *s.* ମୁକ୍ତି, ନିସ୍ତାର, ତ୍ରାଣ. ଉଦ୍ଧାର, ପ୍ରାୟଶ୍ଚିତ୍ତ ଦ୍ୱାରା ମୋଚନ ।
Red-hot, *a.* ଅଗ୍ନି ପରି ତପ୍ତ, ଅଗ୍ନିସଦୃଶ ।
Red-lead, *s.* ସିନ୍ଦୂର, ନାଗଜ ; ନାଗରେଣୁ ।
Redness, *s.* ରକ୍ତିମା, ଲାଲ, ଟକଟକ୍ । [ଯୁକ୍ତ ।
Redolent, *a.* ସୁଗନ୍ଧବିଶିଷ୍ଟ, ସୁଗନ୍ଧ, ସୁବାସ-
Redouble, *v.* ଦ୍ୱିଗୁଣ-କ ; ବାରମ୍ବାର ଉଦ୍ୟୋଗ-କ । [ଦୁର୍ଗର ।
Redoubt, *s.* ଗଡ଼ର ବାହାରର ମୁରୁଜ ବା କ-
Redoubtable, *a.* ଭୟାନକ, ଶଙ୍କାଜନକ ।
Redound, *v.* ଢେଉ ଉଠି ଫେରି ଆସିବା ; ବାକି ଫଳରେ ଉତ୍ପନ୍ନ-ହେ ।
Redress, *s.* ପ୍ରତିକାର, କ୍ଷତିର ଶୋଧ, ଉପାୟ, ସାହାଯ୍ୟ, ପ୍ରତିଫଳଦାନ ।—*v.* ପ୍ରତିକାର, ଉପାୟ-କ ; ଦୋଷ ସୁଧାରିବା, ହାନି ଶୁଝିବା ।

Reduce, *v.* ନ୍ୟୂନ-ଊଣା-କମ୍-କ ; ଦମନ-ବଶ-କ । [ୟ ; ଦମନୀୟ ।
Reducible, *a.* ହ୍ରାସକରଣୀୟ, ନ୍ୟୂନକରଣୀ-
Reduction, *s.* ନ୍ୟୂନ ବା କମ୍ କରଣ ; ଏକ ପରିବର୍ତ୍ତନକରଣ ; ଦମନ । [ଶଯ୍ୟ ।
Redundance, *s.* ଆଧିକ୍ୟ, ବାହୁଲ୍ୟ, ଅତି-
Redundant, *a.* ବହୁଳ, ଅତିରିକ୍ତ, ଅଧିକ, ବହୁତ, ଆବଶ୍ୟକାତିରିକ୍ତ ।
Re-echo, *v.* ପୁନର୍ବାର ପ୍ରତିଧ୍ୱନି-କ ।
Reed, *s.* ନଳ, ତୃଣବିଶେଷ; ବଂଶୀ, ମୁରଲୀ ।
Reef, *v.* ଜାହାଜର ପାଲ କମ୍-କ ।
Reef, *s.* ସମୁଦ୍ର ମଧ୍ୟରେ ପର୍ବତଶ୍ରେଣୀ ।
Reek, *s.* ବାଷ୍ପ, ବାମ୍ଫ, ଧୂଅଁ ।
Reel, *s.* ନଟାଇ, ତନ୍ତୁର ଚରଖି, ନାଚବିଶେଷ । —*v.* ନଟାଇରେ ଗୁଡ଼ାଇବା; ମଦୁଆଳାପରି ଘୂରିବା, ଟଳ୨-ହେ ।
Re-elect, *v.* ପୁନର୍ମନୋନୀତ-କ ।
Re-enact, *v.* ପୁନର୍ବାର ବ୍ୟବସ୍ଥା ସଂସ୍ଥାପନ-କ
Re-engage, *v.* ପୁନର୍ବାର ଅଙ୍ଗୀକାର-କ, ପୁନଃ ନିଯୁକ୍ତ-ହେ ।
Re-establish, *v.* ପୁନଃ ସ୍ଥାପନ-କ ।
Refectory, *s.* ଭୋଜନାଗାର, ଭୋଜନଶାଳା ।
Refer, *v.* ଅନ୍ୟର ପ୍ରତି ଭାର-ଦେ; ପଠାଇବା, ପ୍ରୟୋଗ-କ, ସମ୍ପର୍କ ରଖିବା । [ପ୍ରାର୍ଥନୀୟ ।
Referable, *a.* ଅର୍ପଣୀୟ, ଅନ୍ୟର ବିଚାର
Reference, *s.* ସମ୍ପର୍କ, ସମ୍ବନ୍ଧ ; ସମର୍ପଣ ।
Refine, *v.* ନିର୍ମଳ-ପରିଷ୍କାର-ଉତ୍ତମ-ଶୁଦ୍ଧ-କ ।
Refinement, *s.* ଶୁଦ୍ଧକରଣ, ନିର୍ମଳତା, ସଭ୍ୟତା । [ଷ୍କାରକ ।
Refiner, *s.* ନିର୍ମଳକାରକ, ସଂଶୋଧକ, ପରି-
Refit, *v.* ପୁନଃପ୍ରସ୍ତୁତ-କ, ସଜାଡ଼ିବା, ମରାମତି-କ । [ତିରସ୍କାର-କ ।
Reflect, *v.* ଚିନ୍ତା-କ; ପ୍ରତିବିମ୍ବିତ-କ; ନିନ୍ଦା-

Reflection, *s.* ପ୍ରତିବିମ୍ବ; ଛବି; ଚିନ୍ତା, ଭାବନା; ନିନ୍ଦା, ଗ୍ଲାନି, ତିରସ୍କାର ।

Reflector, *s.* ପ୍ରତିବାଦକ; ପ୍ରତିବିମ୍ବପାତକାରୀ ।

Reflex, *a.* ପ୍ରତିବିମ୍ବିତ, ଉପମିତ ।

Reflux, *s.* ଭଟ୍ଟା, ଜୁଆରର ବିପରୀତ ।

Reform, *v.* ସୁଧୁରାଇବା, କୁପଥ ଛାଡ଼ି ସୁପଥ-କ ।—*s.* ସଂସ୍କାର, ସଂଶୋଧନ, ପରିବର୍ତ୍ତନ ।

Reformation, *s.* ପରିବର୍ତ୍ତନ, ଉତ୍ତମତା ପ୍ରାପ୍ତି; ନୂତନ ସୃଷ୍ଟି । [ବକ୍ରଗତ ।

Refraction, *s.* କିରଣର ରେଖା ବକ୍ରକରଣ;

Refractory, *a.* ଏକଜିଦ୍ଧିଆ, ଅବାଧ୍ୟ, ଅବଶ ।

Refrain, *v.* ନିରସ୍ତ- କ୍ଷାନ୍ତ- ନିବୃତ୍ତ-ହେ ।

Refresh, *v.* ବିଶ୍ରାମ- ଥଣ୍ଡା- ପ୍ରାଣକୁ ଶୀତଳ-କ । [ରାମ; ସୁଖ ।

Refreshment, *s.* ଅହ୍ଲାଦ ; ବିଶ୍ରାମ, ଆ-

Refrigerate, *v.* ସ୍ନିଗ୍ଧ- ଶୀତଳ- ଥଣ୍ଡା-କ ।

Refuge, *s.* ଆଶ୍ରୟ, ଶରଣ, ରକ୍ଷାସ୍ଥାନ, ଉପାୟ ।

Refugee, *s.* ଆଶ୍ରିତବ୍ୟକ୍ତି, ଶରଣାଗତ ।

Refulgence, *s.* ତେଜ, ଦୀପ୍ତି, ପ୍ରଭା, ଶୋଭା ।

Refulgent, *a.* ଦୀପ୍ତିମାନ୍, ଉଜ୍ଜ୍ୱଳ, ତେଜୋମୟ

Refund, *v.* ପୁନର୍ଦାନ- ଧାରକର୍ଜ ପରିଶୋଧ -କ, ଫେରି-ଦେ, ପ୍ରତିଦାନ-କ ।

Refusal, *s.* ଅସ୍ୱୀକାର, ଅସମ୍ମତି, ଅନଙ୍ଗୀକାର

Refuse, *s.* ଉଚ୍ଛିଷ୍ଟ ଦ୍ରବ୍ୟ, ମଇଳା, ମଳ, ଗାଦ, ଖଣ୍ଡିଖଣ୍ଡା ।—*v.* ଅସ୍ୱୀକାର- ନାହିଁ- ନାସ୍ତି-କ, ଅସମ୍ମତ-ହେ ।

Refutation, *s.* ଖଣ୍ଡନ, ଅନ୍ୟଥାକରଣ ।

Refute, *v.* ଖଣ୍ଡନ-କ, ଦୋଷ କାଟିବା ।

Regain, *v.* ପୁନଃପ୍ରାପ୍ତ-ହେ, ଫେରି ମିଳିବା ।

Regal, *a.* ରାଜକୀୟ, ରାଜସମ୍ବନ୍ଧୀୟ, ରାଜାର ।

Regale, *v.* ଭୋଜନ- ପରିତୁଷ୍ଟ- ତୃପ୍ତ-କ ।

Regalia, *s.* ରାଜଚିହ୍ନ, ରାଜଭୂଷା ।

Regard, *s.* ଦୃଷ୍ଟି ; ସମ୍ମାନ, ଆଦର; ମନୋଯୋଗ ।—*v.* ମନୋଯୋଗ- ଅବଧାନ-କ; ସମ୍ମାନ- ସମାଦର-ମାନ୍ୟ-କ ।

Regardless, *a.* ଅମନୋଯୋଗୀ, ନିଶ୍ଚିନ୍ତ, ଅନବଧାନ ।

Regency, *s.* ରାଜପ୍ରତିନିଧିର ଶାସନ ।

Regenerate, *v.* ପୁନର୍ଜନ୍ମ-ଦେ, ନୂତନସୃଷ୍ଟି-କ, ନୂଆମନ ପାଇବା ।—*a.* ପୁନର୍ଜାତ, ଦ୍ୱିଜ, ନୂତନ ସ୍ୱଭାବବିଶିଷ୍ଟ ।

Regeneration, *s.* ପୁନର୍ଜନ୍ମ, ନୂତନସ୍ୱଭାବଲାଭ, ନୂଆମନ ପ୍ରାପ୍ତି ।

Regent, *s.* ରାଜପ୍ରତିନିଧି, ରାଜ୍ୟଶାସନକର୍ତ୍ତା ।

Regicide, *s.* ରାଜହନ୍ତା, ରାଜଘାତକ ।

Regimen, *s.* ପଥ୍ୟ, ରୋଗୀର ପରିମିତ ଆହାର

Regiment, *s.* ସୈନ୍ୟଦଳ, ପଲ୍ଟନ ।

Regimental, *a.* ପଲ୍ଟନସମ୍ବନ୍ଧୀୟ ।

Regimentals, *s.* ସୈନ୍ୟମାନଙ୍କର ସାଜ ।

Region, *s.* ପ୍ରଦେଶ, ସ୍ଥାନ, ଅଞ୍ଚଳ, ଦେଶ ।

Register, *s.* ତାଲିକା, ବହି, ଖାତା ।—*v.* ସ୍ମରଣାର୍ଥେ ଲେଖି ରଖିବା । [ଦାର ।

Registrar, *s.* ରେଜଷ୍ଟରିକାରକ, ଶିରସ୍ତା-

Registry, *s.* ଲେଖି ରଖିବା ; ସ୍ମରଣାର୍ଥକ ଲେଖା ଖାତାଦି ରଖିବା ସ୍ଥାନ ।

Regnant, *a.* ରାଜତ୍ୱକାରୀ, ପ୍ରଧାନ, ପ୍ରବଳ ।

Regret, *s.* ଖେଦ, ଅନୁତାପ, ଅନୁଶୋଚନା, ଉତ୍କଣ୍ଠା ।—*v.* ଖେଦ- ଶୋକ- ଅନୁତାପ-କ

Regular, *a.* କ୍ରମାଗତ, ନିୟମିତ, ରୀତ୍ୟନୁଯାୟୀ, ବରାବର । [ଭାବ ।

Regularity, *s.* ନିୟମ, ଧାରା, କ୍ରମ, ସମାନ-

Regularly, *ad.* ନିୟମିତରୂପେ ।

Regulate, *v.* ନିୟମ- ନିରୂପଣ-କ; ସଜାଡ଼ିବା, ଠିକ୍-କ ।

Regulation, *s.* ନିୟମ, ବ୍ୟବସ୍ଥା, ଧାର, ଦସ୍ତୁର, ବନ୍ଦୋବସ୍ତ ।

Regulator, *s.* ନିୟାମକ, କଳ୍ପକ, ଯେ ଠିକ କରେ ।

Rehear, *v.* ପୁନଃଶ୍ରବଣ-କ, ଫେର ଶୁଣିବା ।

Rehearsal, *s.* ଆବୃତ୍ତି, ପୁନରପି ଅଭ୍ୟାସକରିବା

Rehearse, *v.* ଅଭ୍ୟାସ-କ, ଘୋଷିବା, ଆବୃତ୍ତି-କ ।

Rèign, *s.* ରାଜାଧିକାର, ରାଜତ୍ୱ, ରାଜ୍ୟଶାସନର କାଳ ।—*v.* ରାଜ୍ୟ- ଅଧିକାର-କ, ପ୍ରବଳ -ହେ ।

Reimburse, *v.* କ୍ଷତିପୂରଣ- ପୁନର୍ଦାନ-କ, ଫେରି-ଦେ ।

Rein, *s.* ଲଗାମ, ବାଗଡୋର, ରଶି ।—*v.* ଲଗାମ ଦ୍ୱାରା ଅଟକ-କ ।

Reinforce, *v.* ଅଧିକ ସୈନ୍ୟ ପଠାଇବା, ସବଳ-ବଳପୋଷଣ-କ ।

Reinforcement, *s.* ନୂତନ ବା ନୂଆସଂଗୃହୀତ ସୈନ୍ୟ ।

Reins, *s.* ଅନ୍ତର୍ଭାଗ, ପେଡୁଦେଶ, ଅଣ୍ଟା ।

Reinstate, *v.* ପୁନର୍ବାର ପଦସ୍ଥ-ପୂର୍ବପଦ-କ ।

Reinvest, *v.* ପୁନରଧିକାର- ପୁନର୍ନିଯୁକ୍ତ-କ

Reiterate, *v.* ବାରମ୍ବାର-କହ, ପୁନରୁକ୍ତି-କ ।

Reject, *v.* ଅଗ୍ରାହ୍ୟ- ନାସ୍ତି- ହେୟଜ୍ଞାନ-କ ।

Rejection, *s.* ତ୍ୟାଗ, ହେୟଜ୍ଞାନ, ବର୍ଜନ ।

Rejoice, *v.* ଆନନ୍ଦିତ-ହୃଷ୍ଟ-ଆହ୍ଲାଦିତ-ହେ

Rejoin, *v.* ପୁନର୍ଯୋଗ- ପୁନର୍ମିଳନ-କ; ପ୍ରତ୍ୟୁତ୍ତର-କ, ପୁନଃସଂଯୋଗ-କ ।

Rejoindor, *s.* ପ୍ରତ୍ୟୁତ୍ତର, ଉତ୍ତରବାଦ, ପ୍ରତିବାଦ ।

Relapse, *v.* ପୁନଃପତିତ-ହେ, ପୁନର୍ବାର ପାପରେ ପଡିବା ।

Relate, *v.* ବିବରଣ-ବର୍ଣ୍ଣନା-କ, ଜଣାଇବା ।

Relation, *s.* ସମ୍ପର୍କ, କୁଟୁମ୍ବ; ବର୍ଣ୍ଣନା, ବୃତ୍ତାନ୍ତ

Relationship, *s.* କୁଟୁମ୍ବିତା, ଜ୍ଞାତିତ୍ୱ ।

Relative, *s.* କୁଟୁମ୍ବ, ଜ୍ଞାତି, ଆତ୍ମୀୟ ।—*a.* ସମ୍ପର୍କୀୟ, ସମ୍ବନ୍ଧୀୟ, ବିଷୟକ ।

Relative pronoun, *s.* ସର୍ବନାମବିଶେଷ ।

Relax, *v.* ଢିଲା-କୁସୁଲା-କଠିନତ୍ୱହ୍ରାସ-କ ।

Relaxation, *s.* ବିଶ୍ରାମ, ଆରାମ; ଢିଲାମି, କୁସୁଲା; ନରମ ଭାବ ।

Relay, *s.* ପଥିକ ନିମନ୍ତେ ସ୍ଥାନେ ଘୋଡାର

Release, *s.* ମୁକ୍ତି, ଉଦ୍ଧାର; ମୁକ୍ତିପତ୍ର ।—*v.* ମୁକ୍ତ-ଉଦ୍ଧାର-ଖଲାସ-କ ।

Relent, *v.* କୃପା-ଦୟା-କ, ନରମ-ହେ । ସ୍ଥାନ ।

Relentless, *a.* ନିର୍ଦ୍ଦୟ, ନିଷ୍ଠୁର, କଠିନ, କୃପା-

Relevancy, *s.* ସମ୍ପର୍କ, ସମ୍ବନ୍ଧ, ଉପକାର ।

Relevant, *a.* ସମ୍ପର୍କୀୟ, ସଙ୍ଗତ; ଅନୁକୂଳ ।

Reliance, *s.* ଭରସା, ଆଶା, ନିର୍ଭର, ବିଶ୍ୱାସ

Relic, *s.* ଅବଶିଷ୍ଟ ଦ୍ରବ୍ୟ; ମୃତଶରୀର; ସ୍ମରଣାର୍ଥ ଦ୍ରବ୍ୟ ।

Relict, *s.* ବିଧବା, ସ୍ୱାମୀହୀନା, ରଣ୍ଡ । କାର ।

Relief, *s.* ଉପଶମ, ଶାନ୍ତି, ଉପକାର, ପ୍ରତି-

Relieve, *v.* କ୍ଳେଶାଦି ଦୂର- ଉପକାର-ଶାନ୍ତ -କ; ପ୍ରହରୀ ବଦଳ-କ ।

Religion, *s.* ଧର୍ମ, ମତ, ଈଶ୍ୱରସମ୍ବନ୍ଧୀୟବାଦ ।

Religious, *a.* ଧର୍ମସମ୍ବନ୍ଧୀୟ, ଧାର୍ମିକ, ପାରମାର୍ଥିକ ।

Relinquish, *v.* ପରିତ୍ୟାଗ-କ, ଛାଡିବା; [ମୋଚନ-କ ।

Relinquishment, *s.* ତ୍ୟାଗ, ବର୍ଜନ ।

Relish, *s.* ରସାସ୍ୱାଦ, ରୁଚି; ସନ୍ତୋଷ ।—*v.* ସ୍ୱାଦବୋଧ-କ, ସ୍ୱାଦ ଜାଣିବା ।

Reluctance, *s.* ଅସମ୍ମତି, ଅନିଚ୍ଛା, ଅଶ୍ରଦ୍ଧା ।

Reluctant, *a.* ଅସମ୍ମତ, ଅନିଚ୍ଛୁକ, ନିସ୍ପୃହ ।

Rely, *v.* ଭରସା ରଖିବା, ନିର୍ଭର-ବିଶ୍ୱାସ-କ ।

Remain, *v.* ସ୍ଥିତ-କ, ରହିବା; ବାକି ଥିବା, ଅବଶିଷ୍ଟ ରହିବା

Remainder, *s.* ଅବଶେଷ, ଶେଷ, ବାକି ।

Remains, *s.* ଅବଶିଷ୍ଟ, ଉଚ୍ଛିଷ୍ଟ; ଶବ, ମଢ଼ା ।
Remand, *v.* ଫେର ପଠାଇବା, ପୁଣି ଭାକିବା।
Remark, *s.* ମନ୍ତବ୍ୟ କଥା, ମାନିବାର ବିଷୟ, ଟୀକାକଥା; କଥାଗୋଟିଏ ।—*v.* ଦେଖିବା; କହିବା; ଟୀକା-କ ।
Remarkable, *a.* ଅଦ୍ଭୁତ, ଅପୂର୍ବ, ଦୃଷ୍ଟି-ଯୋଗ୍ୟ । [ରୂପେ ।
Remarkably, *ad.* ଅଦ୍ଭୁତରୂପେ, ଅପୂର୍ବ-
Remedy, *s.* ଉପାୟ, ପ୍ରତିକାର, ଔଷଧ । —*v.* ଉପାୟ-ପ୍ରତିକାର-ଭଲ-କ, ସୁଧାର-ଇବା ।
Remember, *v.* ମନେ ରଖିବା, ସ୍ମରଣ-କ, ହେଜିବା ।
Remembrance, *s.* ସ୍ମରଣ, ସ୍ମୃତି, ଉଦ୍ବୋଧ
Remind, *a.* ମନେକରାଇ-ଦେ, ସ୍ମରଣ କରାଇବା ।
Reminiscence, *s.* ସ୍ମରଣ, ସ୍ମୃତି, ବୋଧ ।
Remiss, *a.* ଅମନୋଯୋଗୀ, ଢିଲା, ଅଳସ ।
Remission, *s.* କ୍ଷମା, ମାର୍ଜନା, ମୋଚନ,ମାଫ୍
Remit, *v.* ଶିଥିଳ-ଢିଲା-କ୍ଷମା-କ; ପ୍ରେରଣ -କ ।
Remittance, *s.* ହୁଣ୍ଡିଆଦିରେ ଟଙ୍କା ପ୍ରେରଣ; ପଠାଇଲା ଟଙ୍କା ।
Remnant, *s.* ଅବଶେଷ, ଉଚ୍ଛିଷ୍ଟ, ବାକି ।
Remonstrance, *s.* ପ୍ରତିବାଦ, ନିତାନ୍ତ ଅସ୍ୱୀକାର, ଆପତ୍ତି ।
Remonstrate, *v.* ଅପତ୍ତି- ପ୍ରତିବାଦ-କ, କାରଣ ଦେଖାଇବା ।
Remorse, *s.* ଅନୁତାପ, ସନ୍ତାପ, ଖେଦ ।
Remorseless, *a.* ନିର୍ଦ୍ଦୟ, ନିଷ୍ଠୁର, କଠିଣ ।
Remote, *a.* ଦୂର, ଅନ୍ତର,ସ୍ଥାନାନ୍ତର, ଭିନ୍ନ ।
Remotely, *ad.* ଦୂରେ, ଦୂରଦୂରାନ୍ତ ।
Removable, *a.* ସ୍ଥାନାନ୍ତରକରଣୀୟ, ଜଙ୍ଗମ
Removal, *s.* ସ୍ଥାନାନ୍ତରକରଣ, କର୍ମଚ୍ୟୁତ-କରଣ ।
Remove, *v.* ସ୍ଥାନାନ୍ତର-କ, ଘୁଞ୍ଚାଇବା; ପ୍ରସ୍ଥାନ-କ ।
Remunerate, *v.* ପୁରସ୍କାର- ବେତନ- ପାରିତୋଷିକ-ଦେ । [କ୍ରିୟାର୍ଥ ।
Remuneration, *s.* ପୁରସ୍କାର, ବେତନ, କ-
Remunerative, *a.* ଲାଭଦାୟକ ।
Rend, *v.* ବିଦୀର୍ଣ୍ଣ-କ, ବିଦାରିବା, ଚିରିବା, ଫାଡ଼ିବା ।
Render, *v.* ପ୍ରତିଫଳ-ଦେ, ଦାନ-ଦେ, ସମର୍ପଣ-କ; ଭାଷାନ୍ତର-କ ।
Rendezvous, *s.* ମିଳନସ୍ଥାନ, ବୈଠକ, ସଭା
Renegade, *s.* ସ୍ୱଧର୍ମତ୍ୟାଗୀ, ବିଶ୍ୱାସଘାତକ ।
Renew, *v.* ନୂଆ- ନୂତନ-ପୁନର୍ବାର-ବଦଳି-କ
Renewal, *s.* ନୂତନକରଣ, ପରିବର୍ତ୍ତନ ।
Renounce, *v.* ପରିତ୍ୟାଗ-ବର୍ଜନ-କ, ଛାଡ଼ି -ଦେ; ଅସ୍ୱୀକାର-କ ।
Renovate, *v.* ନୂତନ-କ, ବଦଳାଇବା ।
Renovation, *s.* ନୂତନକରଣ, ଜୀର୍ଣ୍ଣୋଦ୍ଧାର ।
Renown, *s.* ସୁଖ୍ୟାତି, କୀର୍ତ୍ତି, ଯଶଃ, ନାମ ।
Rent, *s.* ଫଟା, ଚିର,ଛିଦ୍ର;ଘରଭଡ଼ା;ଖଜଣା। —*v.* ଭଡ଼ା-ଦେ, ଭଡ଼ାକରି-ନେ ।
Rent-free, *a.* ଲାଖରାଜ, ନିଷ୍କର, ବେମାଲୁଲ
Rent-roll, *s.* ଖଜଣାର ସଂଖ୍ୟା, ଜାବାଦ ।
Renunciation, *s.* ସ୍ୱତ୍ୱ ପରିତ୍ୟାଗକରଣ, ଅସ୍ୱୀକାର ତ୍ୟାଗ ।
Repair, *v.* ସୁଧାରିବା, ମରାମତି-କ, ସଜାଡ଼ିବା; ଯିବା ।
Repairs, *s.* ମରାମତି, ସଜାଡ଼ିବାର କର୍ମ
Reparable, *a.* ପ୍ରତିକାର୍ଯ୍ୟ, ସୁଧାରିବାର ଯୋଗ୍ୟ ।
Reparation, *s.* ପ୍ରତିକାର, କ୍ଷତିପୂରଣ ।

Repartee, *s.* ହଠାତ୍ ଉତ୍ତର, ଉଚିତର-ପ୍ରତିବାକ୍ୟ । [-କ ।
Repass, *v.* ପୁନର୍ବାର ପାର-ହେ, ପ୍ରତ୍ୟାଗମନ
Repast, *s.* ଜଳପାନ, ଭୋଜନ, ଆହାର ।
Repay, *v.* ଫେର-ପ୍ରତିଫଳ-ଦେ, ପରିଶୋଧ-କ
Repayment, *s.* ପରିଶୋଧକରଣ ।
Repeal, *s.* ଅନ୍ୟଥାକରଣ, ରଦ୍‌କରଣ ।—*v.* ରଦ୍-ରହିତ-ଅନ୍ୟଥା-କ ।
Repeat, *v.* ପୁନର୍ବାର-ପୁନରୁକ୍ତି-ଜପ-କ ।
Repeatedly, *ad.* ପୁନଃ ୨, ବାରମ୍ବାର, ଥରକୁଥର । [ସ୍ୱୟଂ ବାଜନ ।
Repeater, *s.* ପୁନରୁକ୍ତିକର୍ତ୍ତା ; ସେ କ୍ଷୁଦ୍ରଘଡି-
Repel, *v.* ବାରଣ-କ, ଠେଲ-ପେଲ-ଦେ ।
Repent, *v.* ମନଫେରାଇବା, ପସ୍ତାଇବା-ପଶ୍ଚାତ୍ତାପ-ପଛେ ଖେଦ-କ । [ଖେଦ ।
Repentance, *s.* ମନଫେରଣ, ଅନୁତାପ,
Repertory, *s.* ବସ୍ତୁସାରସଂଗ୍ରହ, କୋଷ, ଭଣ୍ଡାର ।
Repetition, *s.* ପୁନରୁକ୍ତି, ପୁନର୍ପଠନ; ଜପ ।
Repine, *v.* ତାପିତ-ବିରକ୍ତ-ଅସନ୍ତୁଷ୍ଟ-ହେ ।
Replace, *v.* ପୁନଃସ୍ଥାପନ-କ, ବଦଳରେ-ଦେ
Replenish, *v.* ଭରପୂର-ଉପଚ-ପରିପୂର୍ଣ୍ଣ
Replete, *a.* ପୂର୍ଣ୍ଣ, ପରିପୂର୍ଣ୍ଣ, ଭରା । [-କ ।
Repletion, *s.* ଅତିପୂର୍ଣ୍ଣତା, ଅତିବାହୁଲ୍ୟ ।
Reply, *s.* ଉତ୍ତର, ପ୍ରତିବାକ୍ୟ, ପ୍ରତ୍ୟୁତ୍ତର । —*v.* ଉତ୍ତର-ପ୍ରତ୍ୟୁତ୍ତର-କ, ଜବାବ-ଦେ ।
Report, *s.* ଜନରବ, ସଂବାଦ, ଜନଶ୍ରୁତି, ଗପ; ଶବ୍ଦ ।—*v.* ଜନରବ-କ, ସଂବାଦ-ଦେ; ଧ୍ୱନି-କ ।
Reporter, *s.* ସଂବାଦଦାୟକ, ବୃତ୍ତାନ୍ତଲେଖକ
Repose, *s.* ଶୟନ, ବିଶ୍ରାମ, ଶାନ୍ତି, ନିଦ୍ରା । —*v.* ବିଶ୍ରାମ-କ, ନିଦ୍ରାଯିବା, ଶୋଇବା; ଆଉଜିବା ।

Repository, *s.* ଭଣ୍ଡାର, ଅମାର, ସଂଗ୍ରହସ୍ଥାନ
Reprehend, *v.* ଧମକାଇବା, ଭର୍ତ୍ସନା-କ; ଦୋଷୀ-କ ।
Reprehensible, *a.* ଭର୍ତ୍ସନୀୟ, ଅନୁଯୋଗ୍ୟ, ଦୂଷଣୀୟ । [ତିରସ୍କାର ।
Reprehension, *s.* ଅନୁଯୋଗ, ଭର୍ତ୍ସନା,
Represent, *v.* ଜଣାଇବା, ବର୍ଣ୍ଣନା-ନିବେଦନ-କ, ପ୍ରତିନିଧି-ହେ ।
Representation, *s.* ପ୍ରତିନିଧିତ୍ୱ; ପ୍ରତିମୂର୍ତ୍ତି ; ବର୍ଣ୍ଣନା, ନିବେଦନ ।
Representative, *s.* ପ୍ରତିନିଧି, ଉକିଲ, ନାଏବ । [ଶାସନ-କ ।
Repress, *v.* ଚାପିରଖିବା, ବାରଣ-ଦମନ-
Repressive, *a.* ଦମନକାରୀ, ଶାସନକାରକ, ଦମନକ୍ଷମ ।
Reprieve, *s.* ପ୍ରାଣଦଣ୍ଡାଜ୍ଞାକରଣାନ୍ତର କ୍ଷମା, ବଧନିବାରଣ ।—*v* ପ୍ରାଣଦଣ୍ଡ କ୍ଷମା ବଧରୁ ନିବାରଣ-କ ।
Reprimand, *s.* ଅନୁଯୋଗ, ଭର୍ତ୍ସନା, ଚେତନା ।—*v.* ଧମକାଇବା, ଚେତାଇବା, ଅନୁଯୋଗ-କ ।
Reprint, *v.* ପୁନର୍ମୁଦ୍ରିତ-କ, ପୁନର୍ବାର ଛାପିବା
Reprisal, *s.* ପ୍ରତିହରଣ, ପ୍ରତିକାର, କ୍ଷତି ବଦଳେ କ୍ଷତି ।
Reproach, *v.* ନିନ୍ଦା-ତିରସ୍କାର-ଭର୍ତ୍ସନା-ଗ୍ଳାନି-କ ।—*s.* ନିନ୍ଦା, ଭର୍ତ୍ସନା, ତିରସ୍କାର, ଗ୍ଳାନି ।
Reproachful, *a.* ନିନ୍ଦାକାରୀ, ଗ୍ଳାନିଜନକ ।
Reprobate, *s.* ଅତିପାପାତ୍ମା, ଦୁସ୍ୱଭାବ, ପାପୀ ।—*a.* ନଷ୍ଟ, ଭ୍ରଷ୍ଟ, ଦୁଷ୍ଟ, ପାଷଣ୍ଡ ।—*v.* ଅବଜ୍ଞା-ଅଗ୍ରାହ୍ୟ-ଘୃଣାପୂର୍ବକ ତ୍ୟାଗ-କ ।
Reproduction, *s.* ପୁନରୁତ୍ପତ୍ତି, ପୁନରୁତ୍ପାଦନ ।

Reproof, *s.* ଅନୁଯୋଗ, ଧାମିକ, ତାଡ଼ନା, ଭତ୍ସନା ।
Reprove, *v.* ଧମକାଇବା, ଚେତାଇବା, ଅନୁଯୋଗ-କ । [ଗାମୀ ।
Reptile, *s.* ସର୍ପଜାତୀୟ ଜନ୍ତୁ, ଉରଗ, ଉରେ-
Republic, *s.* ଯେଉଁ ରାଜ୍ୟରେ ସାଧାରଣ ଲୋକେ କର୍ତ୍ତୃତ୍ୱ କରନ୍ତି ।
Republican, *a.* ଉକ୍ତକର୍ତ୍ତୃତ୍ୱସମ୍ବନ୍ଧୀୟ ।
Republish, *v.* ପୁନଃପ୍ରକାଶ-ପୁନଃପ୍ରଚାର-କ ।
Repudiate, *v.* ତ୍ୟାଗ-ଦୂର-କ, ଛାଡ଼ପତ୍ର-ଦେ
Repugnance, *s.* ବିରୁଦ୍ଧତା, ଅସମ୍ମତ, ବୈପରୀତ୍ୟ । [କୂଳ ।
Repugnant, *a.* ବିପରୀତ, ଅସମ୍ମତ, ଅନନୁ-
Repulse, *s.* ପରାଜୟ, ପରାଭବ, ପ୍ରତିଘାତ । —*v.* ତଡ଼ି-ଦେ, ବାରଣ-ଦୂର-କ ; ପରାଜୟ-କ ।
Repulsive, *a.* ଘୃଣାଜନକ; ଅପସାରକ ।
Reputable, *a.* ପ୍ରତିଷ୍ଠ, ସମ୍ଭ୍ରାନ୍ତ, ମର୍ଯ୍ୟାଦାବନ୍ତ, ଯଶସ୍ୱୀ । [ସୁନାମ ।
Reputation, *s.* ଖ୍ୟାତି, ମର୍ଯ୍ୟାଦା, ସମ୍ଭ୍ରମ,
Repute, *s.* ସମ୍ଭ୍ରମ, ସୁଖ୍ୟାତି, ପ୍ରତିଷ୍ଠା, ଯଶଃ, କୁମତା—*v.* ବୋଧ-ଜ୍ଞାନ-ଗଣ୍ୟ-କ, ମାନିବା ।
Request, *s.* ପ୍ରାର୍ଥନା, ନିବେଦନ, ଅରଜ ; ଆବଶ୍ୟକ ।—*v.* ପ୍ରାର୍ଥନା-ନିବେଦନ-କ, ମାଗିବା ।
Requiem, *s.* ମୃତ ବ୍ୟକ୍ତିର ଉପଦେଶ ଗୀତ ବା ମଙ୍ଗଳ ପ୍ରାର୍ଥନା ।
Require, *v.* ଖୋଜିବା, ମାଗିବା, ଦରକାର-ପ୍ରୟୋଜନ-ହୁ ।
Requisite, *a.* ଆବଶ୍ୟକୀୟ, ଉଚିତ, ଉପଯୁକ୍ତ, ପ୍ରୟୋଜନୀୟ । [ତଲବକରଣ ।
Requisition, *s.* ପ୍ରାର୍ଥନା, ଯାଚଞ୍ଚା ; ଦାବୀ ;
Requital, *s.* ପ୍ରତିଫଳ, ପ୍ରତିଦାନ, ପରିଶୋଧ

Requite, *v.* ପ୍ରତିଫଳ-ପାରିତୋଷିକ-ଦେ, ପରିଶୋଧ-କ ।
Rereward, *s.* ସୈନ୍ୟର ପଶ୍ଚାଦ୍ଭାଗ ଦଳ ।
Rescind, *v.* ଛେଦ-ରଦ୍-କ, ଉଠାଇବା ।
Rescript, *s.* ରାଜାଜ୍ଞା, ଆଦେଶପତ୍ର, ରାଜପରୁଆନା ।
Rescue, *s.* ରକ୍ଷା, ଉଦ୍ଧାର, ମୁକ୍ତି, ଖଲାସ, ନିସ୍ତାର, ତ୍ରାଣ ।—*v.* ରକ୍ଷା-ଉଦ୍ଧାର-କ, ବଞ୍ଚାଇବା ।
Research, *s.* ଅନ୍ୱେଷଣ, ଅନୁସନ୍ଧାନ, ତତ୍ତ୍ୱ ।
Resemblance, *s.* ସାଦୃଶ୍ୟ, ତୁଲ୍ୟତା, ଉପମା, ପ୍ରତିମୂର୍ତ୍ତି ।
Resemble, *v.* ସଦୃଶ-ତୁଲ୍ୟ-ଅନୁରୂପ-ହୁ
Resent, *v.* ବିରକ୍ତ-ରୁଷ୍ଟ-କ୍ରୁଦ୍ଧ-ହୁ ।
Resentful, *a.* ଦ୍ୱେଷୀ, ଅନିଷ୍ଟଚିନ୍ତାକାରୀ, ରାଗୀ । [ଦ୍ୱେଷ, କୋପ ।
Resentment, *s.* ଅନିଷ୍ଟଚିନ୍ତା, କ୍ରୋଧ, ହିଂସା,
Reservation, *s.* ମନରେ ରକ୍ଷିତ ବିଷୟ, ଅବଶିଷ୍ଟ କୌଣସି ବସ୍ତୁ, ସଞ୍ଚୟ ।
Reserve, *v.* ହାତରେ ରଖିବା, ସଞ୍ଚୟ କରି ରଖିବା ।—*s.* ସଞ୍ଚିତ ଧନ, ଅର୍ଜ୍ଜିତଧନ; ସ୍ୱଭାବ ଲଜ୍ଜା, ମୌନଭାବ ।
Reserved, *a.* ଅଳାଲାପୀ, ଲଜ୍ଜକ, କୁଣ୍ଠିତ ।
Reservoir, *s.* ପୋଖରୀ, ଜଳାଶୟ, ହ୍ରଦ ।
Reside, *v.* ବାସ-ସ୍ଥିତ ବସତି-କ—ରହିବା ।
Residence, *s.* ବାସସ୍ଥାନ, ନିବାସ, ବସତି, ଘର, ବସା ।
Resident, *s.* ବାସକାରୀ, ଗୃହବାସୀ, ରାଜପ୍ରତିନିଧି ।—*a.* ନିବାସୀ, ଅବସ୍ଥିତ, ବାସକାରକ ।
Residue, *s.* ଅବଶେଷ, ବାକି, ଅବଶିଷ୍ଟାଂଶ ।
Resign, *v.* ତ୍ୟାଗ-କ, ଛାଡ଼ି-ଦେ, ବଶୀଭୂତ-ହୁ ।

Resignation, *s.* ତ୍ୟାଗକରଣ, ସନ୍ତୁଷ୍ଟତା, ବଶତା ।
Resin, *s.* ଝୁଣା, ଧୁଣା, ସର୍ଜ୍ଜରସ ।
Resinous, *a.* ଧୁଣାଯୁକ୍ତ, ଝୁଣାମୟ ।
Resist, *v.* ନିବାରଣ-ରୋଧ-କ, ଅଟକାଇବା ।
Resistance, *s.* ନିବାରଣ, ପ୍ରତିରୋଧ, ବ୍ୟାଘାତ । [ଅବାଧ୍ୟ, ଅଦମ୍ୟ ।
Resistless, *a.* ଅନିବାର୍ଯ୍ୟ, ଅନିବାରଣୀୟ,
Resolute, *a.* ଅଟଳ, ଦୃଢ଼, ନିଶ୍ଚିତ, ସାହସିକ
Resolution, *s.* ସ୍ଥିରଅନ୍ତଃକରଣ, ଦୃଢ଼ପ୍ରତିଜ୍ଞା. ଭିନ୍ନ ଅଂଶକରଣ । [ଣୀୟ ।
Resolvable, *a.* ବିଶ୍ଳେଷଣଯୋଗ୍ୟ; ଅର୍ଥକର-
Resolve, *s.* ପ୍ରତିଜ୍ଞା; ଦୃଢ଼ବାକ୍ୟ, ସ୍ଥିରମନ । —*v.* ଅର୍ଥ- ମନେ ସ୍ଥିର-କ; ଦ୍ରବ-କ ।
Resonant, *a.* ପ୍ରତିଧ୍ୱନିକାରୀ ।
Resort, *s.* ଭିଡ଼, ସେବାରଣ୍ୟ, ସଭାସ୍ଥାନ; ଉପାୟ; ଆଶ୍ରୟ ।—*v.* ଗମନାଗମନ-ଯାତାୟାତ-କ; ଆଶ୍ରୟ-କ ।
Resound, *v.* ପ୍ରତିଶବ୍ଦ-ପ୍ରତିଧ୍ୱନି-କ ।
Resource, *s.* ଉପାୟ, ଗତି, ଆଶ୍ରୟ; ଉପଜୀବିକା ।
Respect, *s.* ଆଦର, ମାନ, ମର୍ଯ୍ୟାଦା; ସମ୍ବନ୍ଧ । —*v.* ମର୍ଯ୍ୟାଦା- ସମ୍ଭ୍ରମ- ଆଦର-କ; ସମ୍ବନ୍ଧ ରଖିବା ।
Respectability, *s.* ମାନ୍ୟତା, ମର୍ଯ୍ୟାଦା, ସମ୍ଭ୍ରମ । [ମାନ୍ୟ, ଭଦ୍ର ।
Respectable, *a.* ଆଦରଣୀୟ, ସମ୍ଭ୍ରମବିଶିଷ୍ଟ,
Respectful, *a.* ମର୍ଯ୍ୟାଦକ, ବିନୟାନ୍ୱିତ, ଶିଷ୍ଟ ।
Respectfully, *ad.* ମର୍ଯ୍ୟାଦାପୂର୍ବକ, ବିନୟରୂପେ ।
Respecting, *prep.* ବିଷୟକ, ସମ୍ବନ୍ଧେ ।
Respective, *a.* ସ୍ୱୀୟ, ଆପଣାସମ୍ବନ୍ଧୀୟ; ବିଶେଷ ।
Respectively, *ad.* ସ୍ୱ ସ୍ୱ, ଆପଣା୍, ବିଶେଷରୂପେ, ଯଥାପୂର୍ବେ ।
Respiration, *s.* ନିଶ୍ୱାସ; ନିଶ୍ୱାସପ୍ରଶ୍ୱାସ, ବାୟୁତ୍ୟାଗ ।
Respiratory, *a.* ନିଶ୍ୱାସପ୍ରଶ୍ୱାସକ୍ଷମ ।
Respire, *v.* ନିଶ୍ୱାସ ଛାଡିବା, ଦମ ମାରିବା
Respite, *s.* ପ୍ରାଣଦଣ୍ଡର କ୍ଷମା; ବିଶ୍ରାମ, ବିରାମ
Resplendence, *s.* ପ୍ରଭା, ତେଜ, ଅରୂପ, ଶୋଭା । [ପ୍ରମାନ ।
Resplendent, *a.* ଉଜ୍ଜ୍ୱଳ, ତେଜୋମୟ,ଦୀ-
Respond, *v.* ଉପଯୁକ୍ତ- ସମତୁଲ୍ୟ- ହେ; ପ୍ରତ୍ୟୁତ୍ତର-କ । [ତ୍ୟୁତ୍ତରକାରୀ ।
Respondent, *s.* ପ୍ରତିବାଦୀ, ଅନୁବାଦୀ, ପ୍ର-
Response, *s.* ପ୍ରତ୍ୟୁତ୍ତର, ପ୍ରତିବାକ୍ୟ, ଜବାବ
Responsibility, *s.* ଦାୟ, ଭାର, ଲଦାପଣ, ଜାମୀନ ।
Responsible, *a.* ଦାୟୀ, ଭାରଗ୍ରସ୍ତ, ଜୁକିଗ୍ରସ୍ତ
Responsive, *a.* ଉତ୍ତରକାରୀ, ପ୍ରତ୍ୟୁତ୍ତରଦାୟୀ
Rest, *s.* ନିଦ୍ରା, ଶାନ୍ତି, ବିଶ୍ରାମ, ନିଶ୍ଚଳ; ଅବଶେଷ ।—*v.* ନିଦ୍ରାଯିବା, ଶାନ୍ତ-ହେ, ବିଶ୍ରାମ-ଶୟନ-କ; ନିର୍ଭର-ଦେ ।
Rest, *a.* ଅବଶିଷ୍ଟ, ବାକି, ଶେଷ ।
Restive, *a.* ଅବାଧ୍ୟ, ଅବଶ, ଅମଣା ।
Restitution, *s.* ପ୍ରତିଦାନ, କ୍ଷତିପୂରଣ ।
Restless, *a.* ଚଞ୍ଚଳ, ଅସ୍ଥିର, ଛଟପଟିଆ ।
Restoration, *s.* ପ୍ରତିଦାନ; ପୁନଃସ୍ଥାପନ,ପୂର୍ବାବସ୍ଥା ପୁନଃପ୍ରାପ୍ତି ।
Restorative, *a.* ସୁସ୍ଥକାରୀ, ରୋଗନାଶକ, ଧାତୁପୋଷକ । [ଭିଲ-କ ।
Restore, *v.* ମରାମତି-କ, ଫେରି-ଦେ, ସୁସ୍ଥ-
Restrain, *v.* ଧରିରଖିବା, ଅଟକାଇବା, ଦମନ-କ, ଗଣା-କ ।
Restraint, *s.* ଅଟକ, ନିବାରଣ, ଦମନ,ବାଧା

Restrict, *v.* ସୀମାନିରୂପଣ-କ, ଅଟକାଇବା ।
Restriction, *s.* ସୀମାନିରୂପଣ, ଅଟକ, ନିବାରଣ, ନିଷେଧ ।
Result, *s.* ଉତ୍ପନ୍ନ, ଫଳ, ଲାଭ, ଶେଷ ।— *v.* ଫଳୋତ୍ପନ୍ନ-ହେ; ଶେଷ-ହେ ।
Resumable, *a.* ପୁନର୍ଗ୍ରହଣୀୟ, ପୁନରାରମ୍ଭ ଯୋଗ୍ୟ । [ରି-ନେ ।
Resume, *v.* ପୁନର୍ଗ୍ରହଣ-ପୁନରାରମ୍ଭ-କ, ଫେ-
Resumption, *s.* ପୁନର୍ଗ୍ରହଣ, ପ୍ରତ୍ୟାଦାନ, କାର୍ଯ୍ୟାରମ୍ଭକରଣ । [ଉତ୍ଥାନ
Resurrection, *s.* ପୁନରୁତ୍ଥାନ, ମୃତ୍ୟୁରୁ
Resuscitate, *v.* ପୁନଃସଞ୍ଜୀବ-ପୁନଃଚେତନ -କ, ଜିଆଁଇବା ।
Retail, *v.* ଛୁଟା ବିକ୍ରୟ-ଅଳ୍ପ ବିକ୍ରୟ-କ ।
Retailer, *s.* ଖୁଚୁରାବେପାରୀ, ଦୋକାନୀ, ମୁଦି
Retain, *v.* ରଖିବା, ଧାରଣ- ବନ୍ଦ-କ ।
Retainer, *s.* ସେବକ, ଭୃତ୍ୟ, ଅନୁଚର, ଚାକର
Retake, *v.* ପୁନର୍ବାର ଗ୍ରହଣ-କ, ଫେରି-ନେ ।
Retaliate, *v.* ପ୍ରତିଫଳ-ଦେ, ପରିଶୋଧ-କ ।
Retaliation, *s.* ପ୍ରତିଫଳ, ପରିଶୋଧ ।
Retard, *v.* ବାଧା-ଦେ, ଅଟକାଇବା, ବିଳମ୍ବ-କ
Retch, *v.* ବାନ୍ତି-ଉଦ୍ଗାର- ବମି-କ ।
Retention, *s.* ଧାରଣା, ଅଟକ; ସ୍ମୃତି; ଜମ୍ମା. ବନ୍ଦ ।
Retentive, *a.* ଧାରଣକ୍ଷମ, ସ୍ମାରକ ।
Reticule, *s.* କ୍ଷୁଦ୍ର ଥଳୀ ବା ଜାଲି ।
Retina, *s.* ଚକ୍ଷୁର ଡୋଳା ବା ପିତୁଳି ।
Retinue, *s.* ପାରିଷଦ, ଅନୁଚରସମୂହ ।
Retire, *v.* ପ୍ରସ୍ଥାନ-କ; କାର୍ଯ୍ୟତ୍ୟାଗ- ବିଶ୍ରାମ -କ; ନିର୍ଜନ ସ୍ଥାନେ ଯିବା ।
Retired, *a.* ଗୁପ୍ତ, ନିର୍ଜନ, ନିଭୃତ; ଅବାଳାପୀ
Retirement, *s.* ବିଷୟତ୍ୟାଗ, ଗୁପ୍ତନିବାସ; ଅପସରଣ ।

Retort, *s.* ପ୍ରତ୍ୟପବାଦ; କାଚପାତ୍ରବିଶେଷ । —*v.* ପ୍ରତ୍ୟପବାଦ-କ, ଉଲଟି ଦୋଷ-ଦେ ।
Retouch, *v.* ସୁଧାରିବା. ଅଧିକଉଜ୍ଜ୍ୱଳ-କ ।
Retrace, *v.* ଚିହ୍ନ ଦ୍ୱାରା ପୁନରୁଦ୍ଦେଶ-କ ।
Retract, *v.* ପୂର୍ବକଥା ଅନ୍ୟଥା ବା ଅସ୍ୱୀକାର-କ
Retraction, *s.* ଅନ୍ୟଥାକରଣ, ଅସ୍ୱୀକାର ।
Retreat, *s.* ପଳାୟନ, ଆଶ୍ରୟସ୍ଥାନ, ଗୁପ୍ତନିବାସ ।—*v.* ଆଶ୍ରୟ-ନେ, ହଟିବା, ପ୍ରସ୍ଥାନ-କ ।
Retrench, *v.* କାଟିବା, ଖରଚ ଊଣା -କ ।
Retrenchment, *s.* ଊଣା, କମତିବ୍ୟୟ, ନ୍ୟୂନତା; ଦୁର୍ଗର ବହିରଙ୍ଗ । [ତିଦାନ ।
Retribution, *s.* ପ୍ରତିଫଳ, ପରିଶୋଧ, ପ୍ର-
Retributive, *a.* ପ୍ରତିଫଳଦାୟୀ. ପ୍ରତିକାରୀ ।
Retrieve, *v.* ପୁନର୍ଲାଭ- ପୁନରୁଦ୍ଧାର- ରକ୍ଷା -କ, ସଜାଡିବା । [ଉଲଟା ।
Retrograde, *a.* ପଶ୍ଚାଦ୍ଗାମୀ; ବିପରୀତ,
Retrogression, *s.* ପଶ୍ଚାଦ୍ଗମନ ।
Retrospect, *s.* ଗତାଲୋଚନା, ପଶ୍ଚାଦ୍ଦର୍ଶନ ।
Retrospective, *a.* ଗତବିଷୟଦର୍ଶୀ, ପଶ୍ଚା- ଦ୍ଦର୍ଶୀ, ଗତାଲୋଚନାକାରୀ ।
Return, *s.* ପ୍ରତ୍ୟାଗମନ, ପରିଶୋଧ: ଲଭ- ଫଳ; ବିବରଣପତ୍ର ।—*v.* ପ୍ରତ୍ୟାଗମନ-କ; ଫେରିଯିବା, ବାହୁଡିବା; ପ୍ରତିଫଳ-ଫେରି-ଦେ
Reunion, *s.* ପୁନର୍ମେଳ. ପୁନର୍ଯୋଗ ।
Reunite, *v.* ପୁନର୍ଯୋଗ-ପୁନର୍ମେଳ-କ, ପୁନ- ର୍ବାର ଯୋଡିବା ।
Reveal, *v.* ପ୍ରକାଶ-ବ୍ୟକ୍ତ-କ, ଜଣାଇବା ।
Reveille, *s.* ଅତି ପ୍ରତ୍ୟୁଷରେ ସୈନ୍ୟମାନଙ୍କୁ ଜାଗ୍ରତ କରାଇବା ବାଦ୍ୟର ଶବ୍ଦ ।
Revel, *s.* ମଦ୍ୟପାନରେ ଆମୋଦପ୍ରମୋଦ । —*v.* ମଦ୍ୟପାନେ ଆମୋଦ-କ; ଧୂମଧାମ-କ ।
Revelation, *s.* ଗୁପ୍ତବିଷୟର ପ୍ରକାଶ; ଈଶ୍ୱରଙ୍କର ଦତ୍ତଶାସ୍ତ୍ର, ପ୍ରକାଶିତ ବାକ୍ୟ ।

Revelry, *s.* ଅତଶାନପାନାଦ, ସସ୍ପଘପର ବର୍ମ ।

Revenge, *s.* ପ୍ରତିହଂସା, ପ୍ରତିଦ୍ୱେଷ ।—*v.* ପ୍ରତିହଂସା- ପ୍ରତିଦ୍ୱେଷ-କ । [କ୍ଷାତ୍ର ।

Revengeful, *a.* ପ୍ରତିହଂସକ, ଦ୍ୱେଷୀ, ଜି-

Revenger, *s.* ପ୍ରତିଦ୍ୱେଷକର୍ତ୍ତା, ଦଣ୍ଡଦାୟୀ ।

Revenue, *s.* ରାଜସ୍ୱ, କର, ଖଜଣା, ମାଲଗୁ-

Reverberate, *v.* ପ୍ରତିଧ୍ୱନି-ଦେ । [ଜାରି ।

Revere, *v.* ଆଦର- ସମ୍ଭ୍ରମ-ମାନ୍ୟ- ଭକ୍ତି-କ ।

Reverence, *s.* ଆଦର, ସମ୍ମାନ; ନମସ୍କାର, ଦଣ୍ଡବତ ।—*v.* ଆଦର-ଭକ୍ତି-କ; ପୂଜା-କ ।

Reverend, *a.* ମାନ୍ୟ, ସେବ୍ୟ; ଧର୍ମୋପଦେଶକର ଉପାଧି ।

Reverie, *s.* ଧ୍ୟାନ, ଅସ୍ଥିରଚିନ୍ତା । [ବର୍ତ୍ତନ ।

Reversal, *s.* ଅନ୍ୟଥା ବା ରଦ୍ଦକରଣ, ପରି-

Reverse, *s.* ଅନ୍ୟଥା, ବୈପରୀତ୍ୟ, ବ୍ୟତିକ୍ରମ ।—*v.* ଓଲଟା-ତଳଉପର-ବିପରୀତ-କ ।—*a.* ବିପରୀତ, ଓଲଟା, ପ୍ରତିକୂଳ ।

Reversion, *s.* ଉତ୍ତରାଧିକାରିତ୍ୱ; ଉତ୍ତରାଧିକାର

Revert, *v.* ଫେରିବା, ନେଉଟି ଆସିବା ।

Review, *s.* ପୁନର୍ଦୃଷ୍ଟି, ପୁନର୍ବିବେଚନା, ନୂତନ ଗ୍ରନ୍ଥର ଦୋଷାଦୋଷ ବର୍ଣ୍ଣନ; ସୈନ୍ୟଗଣର ପରୀକ୍ଷା ।—*v.* ଅବଲୋକନ-କ, ପରଖି ଦେଖିବା; ଦୋଷାଦୋଷ ବିବେଚନା-କ ।

Reviewer, *s.* ଗ୍ରନ୍ଥର ଦୋଷାଦୋଷ ବିବେଚକ ।

Revile, *v.* ଭର୍ତ୍ସନା- ନିନ୍ଦା-କ, ଗାଳି-ଦେ ।

Reviler, *s.* ନିନ୍ଦକ, ଗ୍ଲାନିକାରକ, ତିରସ୍କାରକର୍ତ୍ତା ।

Reviling, *s.* ନିନ୍ଦାକରଣ, ଗ୍ଲାନି, ଭର୍ତ୍ସନା ।

Revise, *v.* ପୁନର୍ଦୃଷ୍ଟି-ପୁନଃପରୀକ୍ଷା-ଶୋଧନ-କ

Revision, *s.* ପୁନର୍ଦର୍ଶନ ବା ପରୀକ୍ଷା, ପୁନଃଶୋଧନ ।

Revisit, *v.* ପୁନର୍ଦର୍ଶନ- ପୁନଃସାକ୍ଷାତ-କ ।

Revival, *s.* ପୁନରୁଜ୍ଜୀବନ, ପୁନର୍ଜୀବନ; ଧର୍ମବିଷୟରେ ପୁନଃପ୍ରବୃତ୍ତି । [ଶ୍ୱାସ-ଦେ ।

Revive, *v.* ପୁନରୁଜ୍ଜୀବନ-କ, ଜୀଅଁଇବା; ଆ-

Reviving, *a.* ଚେତନାକାରୀ, ସାନ୍ତ୍ୱନାଜନକ, ଆଶାପ୍ରଦାୟକ ।

Revivify, *v.* ସଜୀବ- ପୁନରୁଜ୍ଜୀବନ-କ ।

Revocation, *s.* ରଦ୍ଦକରଣ, ବ୍ୟର୍ଥକରଣ, ଖଣ୍ଡନ ।

Revoke, *v.* ଅନ୍ୟଥା- ବ୍ୟର୍ଥ- ରଦ୍-କ ।

Revolt, *s.* ରାଜଦ୍ରୋହ; ପକ୍ଷତ୍ୟାଗ ।—*v.* ରାଜଦ୍ରୋହ-ସ୍ୱପକ୍ଷତ୍ୟାଗକରଣ-କ ।

Revolution, *s.* ଚକ୍ରଗତି, ଭ୍ରମଣ; ରାଜ୍ୟପରିବର୍ତ୍ତନ । [ଘୂରିବା ।

Revolve, *v.* ଘୂରିବା, ଚକ୍ରଗତି-କ; ମନେ-

Revulsion, *s.* ପ୍ରତ୍ୟାକର୍ଷଣ; ହଠାତ୍ ପରିବର୍ତ୍ତନ, ବୈପରୀତ୍ୟ ।

Reward, *s.* ପ୍ରତିଫଳ, ପୁରସ୍କାର, ପାରିତୋଷିକ ।—*v.* ପୁରସ୍କାର- ପ୍ରତିଫଳ- ବକଶିସ୍- ଇନାମ-ଦେ ।

Rhapsody, *s.* ଅସଂଲଗ୍ନକଥା, ବାଗାଡମ୍ବର

Rhetoric, *s.* ଅଲଙ୍କାରଶାସ୍ତ୍ର, ବାକ୍‌ପଟୁତା ।

Rhetorician, *s.* ଅଲଙ୍କାରଶାସ୍ତ୍ରବେତ୍ତା, ସୁବକ୍ତା ।

Rheum, *s.* କଫ, ଶ୍ଳେଷ୍ମା, ସର୍ଦ୍ଦି ।

Rheumatic, *a.* ଋଷବାତସମ୍ବନ୍ଧୀ, ଶ୍ଲୈଷ୍ମିକ ।

Rheumatism, *s.* ଗଣ୍ଠିବାତ, ଋଷବାତ, ବାତରୋଗ ।

Rhinoceros, *s.* ଗଣ୍ଡାର ଖଡ୍ଗ । [ଔଷଧ ।

Rhubarb, *s.* ରେଉଚିନି, ରେବଚିନି, ରେଚ-

Rhyme, *s.* ମିତ୍ରାକ୍ଷର, ଗୀତ ବା ଶ୍ଳୋକର ଶେଷାକ୍ଷର ମିଳନ ।

Rib, *s.* ପଞ୍ଜର, ପାଞ୍ଜର ।

Ribaldry, *s.* ଭଣ୍ଡ ବା ଖେଡଭାକଥା ।
Ribbon, *s.* ରେଶମକମଡ ଫିତା, ବନ୍ଧନୀ ।
Rice, *s.* ଧାନ, ଧାନ୍ୟ; ଚାଉଳ, ତଣ୍ଡୁଳ; ଭାତ ।
Rich, *a.* ଧନବାନ, ଧନୀ, ଧନାଢ୍ୟ; ବହୁମୂଲ୍ୟ; ଉର୍ବର ।
Riches, *s.* ଧନ, ଅର୍ଥ, ସମ୍ପତ୍ତି, ଦୌଲତ ।
Richly, *ad.* ଧନାଢ୍ୟଭାବରେ, ବାହୁଲରୂପେ ।
Richness, *s.* ଧନବତ୍ତ ; ଉର୍ବରତ୍ଵ ; ମିଷ୍ଟତା ।
Rick, *s.* ଗଦି, ଗଦା; ଘାସ ଗଦା ।
Rickety, *a.* ରୋଗଗ୍ରସ୍ତ, ଦୁର୍ବଳ ।
Rid, *v.* ମୁକ୍ତ-ଦୂର-କ, ଛାଡ-ଦେ ।
Riddance, *s.* ମୁକ୍ତି, ଉଦ୍ଧାର,ଖଲାସ, ତ୍ୟାଗ ।
Riddle, *s.* ଢଗ, ପ୍ରହେଳିକା ; ମୋଟା ଚାଲୁଣୀ ।
Ride, *v.* ଘୋଡା ବା ଗାଡି ଆଦିରେ ଚଢିବା, ଅଶ୍ୱାରୋହଣ-କ ।
Rider, *s.* ଅଶ୍ୱାରୋହୀ, ସଓଆର ।
Ridge, *s.* କୌଣସି ଦ୍ରବ୍ୟର ପୃଷ୍ଠର ମଧ୍ୟ ସ୍ଥାନ; ହୁଡ; ମଥାନ ।
Ridicule, *s.* ପରିହାସ, ଠାଟ୍ଟା, ଠଟ୍ଟା, ଥଟ୍ଟା ।—*v.* ପରିହାସ- ଥଟ୍ଟା-କ ।
Ridiculous, *a.* ପରିହାସ୍ୟ, ଠାଟ୍ଟାଯୋଗ୍ୟ ।
Rife, *a.* ବ୍ୟାପକ; ସାଧାରଣ ; ପ୍ରବଳ ।
Riffraff, *s.* ଇତର ବା ନୀଚଲୋକ, ଅଧମବର୍ଣ୍ଣ
Rifle, *s.* ବନ୍ଧୁକବିଶେଷ ।—*v.* ଲୁଟିବା, ଚୋର- ଅପହରଣ-କ ।
Rig, *v.* ସୁସଜ୍ଜିତ-କ; ଜାହାଜର ପାଲଦଉଡି ଇତ୍ୟାଦି ସଜ କରିବା ।
Rigging, *s.* ଜାହାଜର ପାଲ ଓ ଦଉଡି ।
Right, *s.* ନ୍ୟାୟ, ଉତ୍ତମ, ଯାଥାର୍ଥ୍ୟ ; ସ୍ୱତ୍ୱ, କ୍ଷମତା, ଅଧିକାର ; ଦକ୍ଷିଣ ହସ୍ତ ।—*a.* ଉଚିତ, ଯଥାର୍ଥ, ଠିକ; ଡାହାଣ ।—*ad.* ଯଥାର୍ଥରୂପେ, ଠିକରୂପେ ।
Righteous, *a.* ଧାର୍ମିକ, ପୁଣ୍ୟାତ୍ମା, ଧର୍ମବନ୍ତ, ଯାଥାର୍ଥିକ ।
Righteousness, *s.* ଧର୍ମ, ନ୍ୟାୟ, ପୁଣ୍ୟ, ଯାଥାର୍ଥ୍ୟ । [ସ୍ୱତ୍ୱ ।
Rightful, *a.* ଯଥାର୍ଥାଧିକାରୀ, ହକ୍‌ଦାର;
Rightly, *ad.* ପ୍ରକୃତରୂପେ, ଠିକ୍ ବା ଉପଯୁକ୍ତରୂପେ ।
Rigid, *a.* କଠିନ, ଦୃଢ, ଟାଣ ।
Rigmarole, *s.* ବକାବକ, ଗଳ୍ପ ।
Rigorous, *a.* କର୍କଶ, କଠିନ, କଠୋର ।
Rigour, *s.* କାଠିନ୍ୟ, କଠୋରତା, ଦୃଢତା ।
Rill, *s.* କ୍ଷୁଦ୍ରନଦୀ ବା ସ୍ରୋତ, ପାଣିଧାର ।
Rim, *s.* ଧାର, କନା, ଘନ ।
Rind, *s.* ତ୍ୱକ, ଛାଲ, ବକଲ, ଚୋପା ।
Ring, *s.* ମଣ୍ଡଳ, ଚକ୍ର, ଗୋଲ; ଅଙ୍ଗୁରି, ମୁଦି; ଘଣ୍ଟାର ଧ୍ୱନି ।—*v.* ବଜାଇବା, ଘଣ୍ଟାର ଶବ୍ଦ-କ । [କର ସରଦାର ।
Ringleader, *s.* ଦଳପତି, ଦୁଷ୍ଟଲୋକମାନ-
Ringlet, *s.* ଚିକୁରବାଳ, ସାନକୁଣ୍ଡଳି ।
Ringworm, *s.* ଦାଦୁ, ଦାଦୁ, ଦଦ୍ରୁ ।
Rinse, *v.* ପ୍ରକ୍ଷାଳନ- ଧୌତ-କ, ଧୋଇବା ।
Riot, *s.* କଳହ, ଗଣ୍ଡଗୋଳ, ଦଙ୍ଗା; ମତ୍ତତା ।—*v.* ଧମଧାମ- କଳି- ଗଣ୍ଡଗୋଳ-କ ।
Rip, *s.* ଫାଟ, ଜାବାସଲୋକ, କଳହକାରୀ ।—*v.* ଚିରିବା, ଫାଡିବା, କଟାଇବା ।
Ripe, *a.* ପାଚିଲା, ପକ୍ୱ, ପୋକ୍ତା, ସିଦ୍ଧ ।
Ripen, *v.* ପରିପକ୍ୱ-ହେ, ପାଚିବା, ପାକ-କ ।
Ripple, *s.* କ୍ଷୁଦ୍ର ଢେଉ ବା ତରଙ୍ଗ, ସାନ ଲହରୀ ।—*v.* କ୍ଷୁଦ୍ର ଲହରୀଯୁକ୍ତ-ହେ, ଜଳ ଦୋହଲିବା ।
Rise, *s.* ଉତ୍ଥାନ, ଊର୍ଦ୍ଧ୍ୱଗମନ, ଉଦୟ, ଉନ୍ନତି, ଆୟ ।—*v.* ଉଠିବା, ଉଦୟ-ହେ ; ଉନ୍ନତ-ବର୍ଦ୍ଧିତ-ହେ; ମୂଳ ବାହାରିବା ।

Risibility, *s.* ହସିବାର ଭାବ, ରହସ୍ୟତା ।
Risible, *a.* ହାସ୍ୟଜନକ, ପରିହାସ୍ୟ ।
Rising, *s.* ଉତ୍ଥାନ, ଉଦୟ, ଊର୍ଦ୍ଧ୍ୱଗମନ ।
Risk, *s.* ଦାୟ, ଝୁଙ୍କି, ଆପଦ, ଭୟ ।—*v.* ଦାୟ-ନେ, ଭୟ ଘେନିବା ; ପଣ-କ ।
Rite, *s.* ଧର୍ମବିଧି ବା ବ୍ୟବସ୍ଥା, ଶାସ୍ତ୍ରୀୟ ଧାରା, ଆଚାର । [ଧର୍ମଶାସ୍ତ୍ରାନୁମତ ।
Ritual, *s.* ଧର୍ମକର୍ମପଦ୍ଧତି, ଧର୍ମସଂହିତା ।—*a.*
Rival, *a.* ଏକ ଦ୍ରବ୍ୟାଭିଳାଷୀ, ଏକ କର୍ମୀ ।—*v.* ପ୍ରତିଯୋଗିତା- ପ୍ରତିବାଦ-କ ।
Rivalry, *s.* ପ୍ରତିଯୋଗିତା, ବିପକ୍ଷତା, ପ୍ରତିବାଦକତା ।
Rive, *v.* ଫାଟିବା, ଚିରିବା, ଫାଡିବା ।
River, *s.* ନଦୀ, ନଈ, ସ୍ରୋତସ୍ୱତୀ ।
Rivet, *s.* ମେଖ, ଖିଲା, ପ୍ରେକ୍ ।—*v.* ପ୍ରେକ୍ ମାରି ବନ୍ଦ-କ ।
Rivulet, *s.* କ୍ଷୁଦ୍ରନଦୀ, ସାନନଈ, ନାଳ ।
Road, *s.* ପଥ, ବାଟ; ବଡ଼ଦାଣ୍ଡ, ସଡ଼କ ।
Roadstead, *s.* ସମୁଦ୍ର ତଟରେ ଜାହାଜ ରହିବା ସ୍ଥାନ । [ବୁଲିବା ।
Roam, *v.* ଭ୍ରମଣ- ପର୍ଯ୍ୟଟନ-କ, ଦେଶାନ୍ତରେ
Roan, *s.* ବର୍ଣ୍ଣବିଶେଷ ।
Roar, *s.* ପଶୁର ନାଦ, ଗର୍ଜନ; ସମୁଦ୍ରାଦିର ଧ୍ୱନି ।—*v.* ଗର୍ଜନ- ଆର୍ତ୍ତନାଦ- କଲ୍ଲୋଳ ଶବ୍ଦ-କ । [କବାବ-କ ।
Roast, *s.* କବାବର ମାଂସ ।—*v.* ଭାଜିବା,
Rob, *v.* ଲୁଟିବା, ଡକାଇତି- ଚୋରି-କ ।
Robber, *s.* ଡକାଇତ, ଚୋର, ଗଣ୍ଠି, ବାଟ-ପାଡ଼ି ।
Robbery, *s.* ଚୋରି, ଡକାଇତି, ଗଣ୍ଠିଚଣିଆଁ ।
Robe, *s.* ଉପର ଲୁଗାବିଶେଷ, ଗୌରବସୂଚକ ବସ୍ତ୍ର । [ମୋଟା ।
Robust, *a.* ବଳବାନ୍, ଶକ୍ତିମାନ୍, ସତେଜ,

Rock, *s.* ଶୈଳ, ବଡ଼ ପଥର, ପାହାଡ ।—*v.* ଦୋହଲାଇବା, ହଲାଇବା ।
Rocket, *s.* ସର୍ଗ ବାଣ, ହାବେଲି ।
Rocksalt, *s.* ସୈନ୍ଧବ, ଅକୃତ୍ରିମ ଲବଣ ।
Rocky, *a.* ପଥରମୟ, ଶିଳାମୟ; କଠିନ ।
Rod, *s.* ଦଣ୍ଡ, ବାଡ଼ି, ଯଷ୍ଟି ; ଗଜ, ପଦକା ; ବନଶୀ ।
Roe, *s.* ମୃଗୀ, ହରିଣୀ; ମାଛର ଡମ୍ବ ।
Rogue, *s.* ପ୍ରବଞ୍ଚକ, ଦୁଷ୍ଟ, ଠକ, ଚୋର ।
Roguery, *s.* ଠକପଣିଆଁ, ଶଣ୍ଠପଣିଆ, ଲୁଚୁଇ
Roll, *s.* ଜଡ଼ିତବସ୍ତୁ; ତାଲିକା, ନାମଫର୍ଦ୍ଦ ।—*v.* ଗଡ଼ାଇବା, ଘୁରାଇବା, ଲେଟିବା, ବୁଲିବା ।
Roller, *s.* ବେଲଣା, ଦଳନା; ଶିଳପଟା ।
Roman, *a.* ରୋମ ନଗରସ୍ଥ ଲୋକ, ରୋମୀୟ ।
Romance, *s.* ଇତିହାସ, ଉପନ୍ୟାସ, ଗପ ।
Romanize, *v.* ରୋମାନ୍ କାଥଲିକ୍ ମତରେ ପ୍ରବେଶ କରାଇବା ।
Romantic, *a.* କଳ୍ପିତ, ଅସମ୍ଭବ; ବନମୟ ।
Romish, *a.* ରୋମୀୟ, ରୋମନଗର ସମ୍ବନ୍ଧୀୟ
Romp, *s.* ଚଞ୍ଚଳା ସ୍ତ୍ରୀ, ବାଳକପରି ଖେଳିବାର ବାଳିକା; ଅସଭ୍ୟ ଖେଳ ।
Rood, *s.* ଭୂମିର ପରିମାଣବିଶେଷ ଅର୍ଥାତ୍ ୧୨୧୦ ଗଜ; କ୍ରୁଶ ଯନ୍ତ୍ରର ମୂର୍ତ୍ତିବିଶେଷ ।
Roof, *s.* ଛାତ, ଛପର; ମୁଖତାଳୁ ।—*v.* ଛାଇବା, ଛାତ- ଛପର-କ ।
Rook, *s.* କାକବିଶେଷ; ଶତରଞ୍ଜ ଖେଳର ନୌକା । [ବଞ୍ଚନ ।
Room, *s.* କାମରା, କୋଠରୀ, ସ୍ଥାନ, ଜାଗା,
Roomy, *a.* ଅନେକ ସ୍ଥାନଯୁକ୍ତ, ପରସ୍ତ, ବଡ଼ ।
Roost, *s.* ପକ୍ଷୀମାନେ ବସିବା ଦଣ୍ଡ, ଅଡ୍ଡା ।
Root, *s.* ମୂଳ, ଜଡ଼, ଚେର; ଅବଧାରଣ ।—*v.* ମାଟିରେ ମୂଳ ବା ଚେର ବସାଇବା; ମୂଳସହିତ ଉପାଡିବା ।

Rope, *s.* ଦଉଡ଼ି, ରଜ୍ଜୁ, ରସି ।
Rope-walk, *s.* ଦଉଡ଼ିର ନିର୍ମାଣ ସ୍ଥାନ ।
Rosary, *s.* ଗୋଲାପ ଫୁଲର କ୍ଷେତ ; ଜପମାଳା, କରମାଳା ।
Rose, *s.* ଗୋଲାପ ଫୁଲ ।
Rose-apple, ଗୋଲାପଜାମୁ ।
Roseate, *a.* ଗୋଲାପ ସଦୃଶ, ଗୋଲାପୀ ।
Rosemary, *s.* ବୃକ୍ଷବିଶେଷ ।
Rosette, *s.* ଫିତାନିର୍ମିତ ଗୋଲାପ ଫୁଲ ।
Rosin, *s.* ଝୁଣା, ଧୂନା, ସର୍ଜରସ ।
Rostrum, *s.* ପକ୍ଷୀର ଥଣ୍ଟ; ବକ୍ତାର ମଞ୍ଚ ବା ଉ- [ଚାଉନି ।
Rosy, *s.* ଗୁଲାବୀ, ବର୍ଣ୍ଣରେ ଗୋଲାପଫୁଲ ପରି
Rot, *s.* ପଚନ, ଗଳନ, କ୍ଷୟ; ମେଷର ରୋଗବିଶେଷ ।—*v.* ପଚିବା, ସଢ଼ିବା, ଗଳିତ-କ୍ଷୟ-ହେ ।
Rotation, *s.* ବୁଲିବା, ଚକ୍ରଗତି, ଘୂରଣ ।
Rotatory, *a.* ଘୂର୍ଣ୍ଣାୟମାନ, ଘୂର୍ଣ୍ଣନଶୀଳ ।
Rote, *s.* ମୁଖସ୍ଥ କଥନ, ଅଭ୍ୟାସ ।
Rotten, *a.* ପଚା, ସଢ଼ା, ନଷ୍ଟ, ଗଳିତ ।
Rottenness, *s.* ପଚାଭାବ, ସଢ଼ାପଣିଆ ।
Rotund, *a.* ବର୍ତ୍ତୁଳାକାର, ଗୋଲ ।
Rouge, *s.* ଲାଲରଙ୍ଗବିଶେଷ, ରକ୍ତିମା ।
Rough, *a.* କର୍କଶ, ଅବଡ଼ାଖାବଡ଼ା, ଅସମାନ; କଠିନ; ଅସଭ୍ୟ ।
Rough-draught, *s.* ପ୍ରଥମଲେଖା, ଚିଠା ।
Roughness, *s.* ଅସମାନତା; କାଠିନ୍ୟ; ଅସଭ୍ୟତା ।
Round, *s.* ଚକ୍ର, ମଣ୍ଡଳ; ଶିଡ଼ିର ପାବଚ୍ଛ; ଚୌକିଆର ପରିଭ୍ରମ, ପାରିଦ ।—*a.* ଗୋଲ, ଚକ୍ରାକାର, ବର୍ତ୍ତୁଳାକାର ; ପୂର୍ଣ୍ଣ ।—*ad.* ଘୂରିକରେ, ସର୍ବତ୍ରରେ, ଚତୁର୍ଦ୍ଦିଗେ ।
Roundabout, *a.* ବଙ୍କା, ଅସରଳ, ଅସ୍ପଷ୍ଟ ।
Roundhouse, *s.* ଥାନା, ଚୌକିଘର, କାର

Roundly, *ad.* ଗୋଲାକାରରେ, ଗୋଲରୂପେ; ସ୍ପଷ୍ଟରୂପେ, ସାହସପୂର୍ବକ ।
Rouse, *v.* ଜଗାଇବା, ଚେତାଇବା, ନିଦ୍ରାଭଙ୍ଗାଇବା ।
Rout, *s.* ଭିଡ଼, ଲୋକଗହଳ; ପରାଜୟ ।—*v.* ପରାଜୟ-କ, ଛିନ୍ନଭିନ୍ନ କରି ପକାଇବା ।
Route, *s.* ପନ୍ଥା, ବାଟ, ପଥ, ରାସ୍ତା ।
Routine, *s.* କର୍ମ କରିବା ରୀତି ବା ଧାରା ।
Rove, *v.* ଭ୍ରମଣ-କ, ବୁଲିବା, ପର୍ଯ୍ୟଟନ-କ ।
Rover, *s.* ବୁଲିବାଲୋକ, ପରିଭ୍ରମକ, ପର୍ଯ୍ୟଟକ ।
Row, *s.* ଧାଡ଼ି, ପଂକ୍ତି, ଶ୍ରେଣୀ ।
Row, *s.* ଗୋଳମାଳ, କଳହ, ଗଣ୍ଡଗୋଳ ।
Row, *v.* ଆହୁଲ ପକାଇବା, ଆହୁଲ ବାହିବା ।
Rower, *s.* ଯେ ଆହୁଲ ପକାଏ, ନୌକା ବାହକ ।
Royal, *a.* ରାଜକୀୟ, ରାଜସମ୍ବନ୍ଧୀୟ, ରାଜୋ- [ପଯୁକ୍ତ ।
Royalist, *s.* ରାଜପକ୍ଷୀୟ ବ୍ୟକ୍ତି ।
Royalty, *s.* ରାଜତ୍ୱ, ରାଜପଦ, ରାଜଧର୍ମ ।
Rub, *s.* ଘର୍ଷଣ, ମର୍ଦ୍ଦନ; ଦାଗ, ବିପଦ; ବାଧା; ଅଡ଼ୁ ।—*v.* ଘଷିବା, ମାର୍ଜ୍ଜନ-କ, ପୋଛିବା ।
Rubbish, *s.* ମଇଳା, ଝାଡ଼ୁଅ, ତୁଚ୍ଛଦ୍ରବ୍ୟ, ଅଳିଆ ।
Rubicund, *a.* ରକ୍ତବର୍ଣ୍ଣ, ରକ୍ତପରି ଲାଲ ।
Rubric, *s.* ରକ୍ତାକ୍ଷରେ ଲିଖିତ ସୂତ୍ର; ପ୍ରାର୍ଥନା ପୁସ୍ତକର ସଙ୍କେତ ।
Ruby, *s.* ପଦ୍ମରାଗମଣି, ମାଣିକ୍ୟ, ମଣି ।
Rudder, *s.* ମଙ୍ଗଧର; ହାଲ ।
Ruddy, *a.* ରଙ୍ଗାଟିଆ, ଈଷଦ୍ରକ୍ତବର୍ଣ୍ଣ ।
Rude, *a.* ଅସଭ୍ୟ, ମୂର୍ଖ, ଅଶିଷ୍ଟ, ଅଜ୍ଞାନ ।
Rudely, *ad.* ଅସଭ୍ୟରୂପେ, ଅଶିଷ୍ଟଭାବେ ।
Rudeness, *s.* ଅସଭ୍ୟତା, ଅଶିଷ୍ଟାଚାର; ମୂର୍ଖତା; ଜୋର ।

Rudiment, *s.* ମୂଳସୂତ୍ର, ବିଦ୍ୟାର ଉପକ୍ରମ, ଆରମ୍ଭ ।
Rue, *v.* ଖେଦ-ଅନୁତାପ-ସନ୍ତାପ-କ ।
Rueful, *a.* ଶୋକାନ୍ୱିତ, ଦୁଃଖିତ, ବିଷଣ୍ଣ ।
Ruff, *s.* କୁଞ୍ଚିତ କଣ୍ଠବସ୍ତ୍ର: ମତ୍ସ୍ୟବିଶେଷ ।
Ruffian, *s.* ଦୁଷ୍ଟ, ଦୁରାଚାର, ଗୁଣ୍ଡା, ଘାତକ ।
Ruffle, *v.* ଘାଣ୍ଟିଅ- ଅସମାନ- ବିରକ୍ତ-କ. ଦିକ୍-କ । [କୁଳତା ।
Ruffle, *s.* ଚୁନଟ, କୁଞ୍ଚିତ ଭୂଷାବିଶେଷ; ବ୍ୟା-
Rug, *s.* କମ୍ବଳ, ଦୁଲିଚାବିଶେଷ । [ଠୋର ।
Rugged, *a.* ଅସମାନ, ଉଚ୍ଚନୀଚ; କର୍କଶ, କ-
Ruggedness, *s.* ଅସମାନତା, କାର୍କଶ୍ୟ, କଠିନତା, ଅସଭ୍ୟତା ।
Ruin, *s.* ବିନାଶ, ସର୍ବନାଶ, ଧ୍ୱଂସ, ଉଜାଡ଼ । —*v.* ବିନାଶ-ଉଚ୍ଛିନ୍ନ-ନଷ୍ଟ-ଧ୍ୱଂସ-କ !
Ruinous, *a.* ବିନାଶକ, ଧ୍ୱଂସକ, ହାନିଜନକ ।
Ruins, *s.* ଭଙ୍ଗାଘର ଆଦି, ଖାନ୍ଦୁଡ଼ା ।
Rule, *s.* କର୍ତ୍ତୃତ୍ୱ, ଶାସନ; ଆଜ୍ଞା, ବିଧି, ବ୍ୟବସ୍ଥା; ରେଖା ଟାଣିବାର ଦଣ୍ଡ ।—*v.* କର୍ତ୍ତୃତ୍ୱ-ପ୍ରଭୁତ୍ୱ-ଶାସନ-କ, ରେଖା ବା ଗାର ଟାଣିବା ।
Ruler, *s.* ଦେଶାଧିପତି, ଶାସନକର୍ତ୍ତା; ରେଖା ଟାଣିବାର ଦଣ୍ଡ ।
Rum, *s.* ମଦ୍ୟବିଶେଷ, ଆସବ ।
Rumble, *v.* ଗମ୍ଭୀର ବା ଘଡଘଡ ଶବ୍ଦ-କ ।
Ruminate, *v.* ଧ୍ୟାନ-କ; ପାଟି ପାକୁଳାଇବା
Rummage, *v.* ଏଣେତେଣେ ଖୋଜିବା, ଘେଣ୍ଟି ଅନୁସନ୍ଧାନ-କ ।
Rumour, *s.* ଜନରବ, ରବ, ସଂବାଦ ।
Rump, *s.* ପିଚ୍ଛ, ପଶ୍ଚାଦ୍ଦେଶ, ନିତମ୍ବ ।
Rumple, *v.* ଚୁନଟ-କ, କୁଞ୍ଚିବା ।
Run, *s.* ଦୌଡ଼, ଧାବନ; ବେଗଗତି, ଚଳନ । —*v.* ଧାଇଁବା, ଦୌଡ଼ିବା, ପଳାଇବା; ତରଳିବା, ଦ୍ରବ-ହେ ।



Runagate, *s.* କାପୁରୁଷ, ମିଥ୍ୟା ଭ୍ରମଣକାରୀ
Runaway, *s.* ପଳାୟନକାରୀ, ପଳାତକ, ଭୀରୁ
Running, *s.* ଦୌଡ଼; ପୂଜ, କ୍ଲେଦ ।
Rupee, *s.* ଟଙ୍କା, ରୌପ୍ୟମୁଦ୍ରା ବିଶେଷ ।
Rupture, *s.* ଭଙ୍ଗ, ଭେଦ, ବିବାଦ; ଅନ୍ତ୍ରବୃଦ୍ଧି, କୋଷବୃଦ୍ଧି । [ନ୍ଧୀୟ ।
Rural, *a.* ଗ୍ରାମ୍ୟ, ଗାଉଁଲିଆ, ମଫସଲସମ୍ବ-
Ruse, *s.* ଛଳ, ପ୍ରତାରଣା, ଫୁସୁଲା, ଫିକର ।
Rush, *s.* ତୃଣବିଶେଷ; ତୁଚ୍ଛନୀୟ ବିଷୟ; ବଳାତ୍କାର ପ୍ରବେଶ ।—*v.* ବେଗେ ପ୍ରବେଶ-କ, ବେଗେ ଦୌଡ଼ିବା ।
Russet, *a.* ମାଟିଅଳିଆ, ଗ୍ରାମ୍ୟ, ଗ୍ରାମସ୍ଥ ।
Rust, *s.* ଲୌହର ମଳ, ମୁର୍ଚ୍ଚା, କଳଙ୍କ ।—*v.* କଳଙ୍କ-ହେ, ମୁର୍ଚ୍ଚାପଡ଼ିବା, ମଇଲାଧରିବା ।
Rustic, *a.* ଗ୍ରାମ୍ୟ, ଚଷାପରି, ମଫସଲୀ ।
Rusticate, *v.* ଗ୍ରାମରେ ବାସ-ବନବାସ-କ ।
Rustle, *v.* ଖଡଖଡ ଶବ୍ଦ-କ ।
Rusty, *a.* ମୁର୍ଚ୍ଚାପଡ଼ା, କଳଙ୍କଯୁକ୍ତ । [ଷଣ ।
Rut, *s.* ମୃଗାଦିର ସଙ୍ଗମ ବା ଫଳ; ଶଗଡର
Ruthless, *a.* ନିର୍ଦ୍ଦୟ, ନିଷ୍ଠୁର, କୃପାହୀନ ।
Rye, *s.* ଶସ୍ୟବିଶେଷ, ଯଉଶୋଇଷ ।
Ryot, *s.* ରଇତ, ପ୍ରଜା, ଭଗାଟିଆ ।

## S.

S, ଇଂରାଜୀ ବର୍ଣ୍ଣମାଳାର ଊନବିଂଶତି ଅକ୍ଷର ।
Sabaoth, *s.* ସୈନ୍ୟ ସମୂହ, ବାହିନୀ ।
Sabbath, *s.* ରବିବାର, ବିଶ୍ରାମଦିନ ।
Sable, *a.* କଳାବର୍ଣ୍ଣ, କାଳିଆ ।
Sable, *s.* ନେଉଳ ଜାତୀୟ ଜନ୍ତୁବିଶେଷ ।
Sabre, *s.* କରବାଳ, ଖଡ୍ଗ, ଖଣ୍ଡା, ତରୁଆର ।
Saccharine, *a.* ଶର୍କରାବତ୍, ଚିନି ସଦୃଶ, ଚିନିପରି ସ୍ୱାଦୁ ।

Sacerdotal, *a.* ଯାଜକୀୟ, ପୁରୋହିତ ସମ୍ବନ୍ଧୀୟ ।

Sack, *s.* ବଡ଼ଥଳୀ, ଅଖା; ଲୁଟପାଟ; ସ୍ତ୍ରୀଲୋକର ବସ୍ତ୍ର; ମଦ୍ୟବିଶେଷ ।—*v.* ଥଳୀରେ ପୁରାଇବା; ଲୁଟପାଟ-କ ।

Sackbut, *s.* ତୂରୀବିଶେଷ; ଭାରବାଦ୍ୟବିଶେଷ

Sackcloth, *s.* ଅଖା, ଚଟ, ଲୁଗା ; ଶୋକସୂଚକ ଲୁଗା । [ଭୋଜନ ।

Sacrament, *s.* ଖ୍ରୀ. ଶପଥ, ନିୟମ, ପ୍ରଭୁର

Sacred, *a.* ପ୍ରତିଷ୍ଠିତ, ପୁଣ୍ୟବନ୍ତ, ପବିତ୍ର; ଅଲଙ୍ଘ୍ୟ, ଅଟଳ; ଆଦରଣୀୟ ।

Sacrifice, *s.* ବଳିଦାନ, ନୈବେଦ୍ୟ, ହୋମ, ଯାଗ ।—*v.* ବଳିଦାନ- ହୋମ- ଯଜ୍ଞ- ଉତ୍ସର୍ଗ-କ; ତ୍ୟାଗ-ଦେ, କ୍ଷତି ସ୍ୱୀକାର-କ ।

Sacrilege, *s.* ଈଶ୍ୱରଙ୍କ ପବିତ୍ରଦ୍ରବ୍ୟ ହରଣ ।

Sad, *a.* ଦୁଃଖିତ, ନିରାନନ୍ଦ, ମ୍ଳାନବଦନ, ଖେଦିତ ।

Saddle, *s.* ଜିନ, ଘୋଡ଼ାର ଗଦି ।—*v.* ଜିନବନ୍ଧ-କ; ଭାର-ଦେ ।

Saddler, *s.* ଜିନ ନିର୍ମାଣକାରକ ବା ନିର୍ମିତା ।

Sadly, *ad.* ବିଷଣ୍ଣରୂପେ, ଅନମନରୂପେ ।

Sadness, *s.* ଶୋକ, ଖେଦ, ବିଷଣ୍ଣତା, ନିରାନନ୍ଦତା ।

Safe, *s.* ଖାଦ୍ୟ ଦ୍ରବ୍ୟାଦି ନିରାପଦେ ରଖିବା ସ୍ଥାନ; ଲୁହା ପେଡ଼ି, ଭଣ୍ଡାର ।—*a.* ରକ୍ଷିତ, ନିରାପଦ, ନିର୍ବିଘ୍ନ, ନିର୍ଭୟ; ନିଃଶଙ୍କ ।

Safeguard, *s.* ନିରାପଦରେ ରକ୍ଷା, ରକ୍ଷକ ।

Safely, *ad.* ନିର୍ବିଘ୍ନେ, ନିରାପଦେ, ନିର୍ଭୟରୂପରେ ।

Safety, *s.* ନିର୍ବିଘ୍ନତା, ରକ୍ଷା, ନିରାପଦତା ।

Safflower, *s.* କୁସୁମଫୁଲ, କୁସୁମ ।

Saffron, *s.* କୁଙ୍କୁମ, କେଶର, ଜାଫ୍ରାନ ।—*a.* ହଳଦିରଙ୍ଗ, ପୀତବର୍ଣ୍ଣ ।

Sagacious, *a.* ତୀକ୍ଷ୍ଣ, ବୁଦ୍ଧିମନ୍ତ, ଚତୁର ।

Sagacity, *s.* ତୀକ୍ଷ୍ଣବୁଦ୍ଧି, ସୁଚତୁର, ଧୀରତା ।

Sage, *s.* ଋଷି, ମୁନି, ପଣ୍ଡିତ, ଜ୍ଞାନୀ; ବୃକ୍ଷବିଶେଷ ।—*a.* ଜ୍ଞାନୀ, ପ୍ରାଜ୍ଞ, ବୁଦ୍ଧିମାନ୍ ।

Sagittarius, *s.* ଧନୁରାଶି, ଧାନୁଷ୍କ ।

Sago, *s.* ସାଗୁଦାନା, ସାଗୁ ।

Sail, *s.* ଜାହାଜର ପାଲ; ଏକ ଜାହାଜ ।—*v.* ଜାହାଜାଦିରେ ଗମନ-କ; ପାଲ ତୋଳିବା ।

Sailing, *s.* ପାଲ ଦ୍ୱାରା ଜାହାଜରେ ଗମନାଗମନ ।

Sailor, *s.* ନାବିକ, ଜାହାଜୀୟ ଲୋକ, ଖଲାସୀ

Saint, *s.* ପବିତ୍ରଲୋକ, ଧାର୍ମିକ, ସାଧୁ, ସନ୍ଥ, ମୁନି ।

Saintly, *s.* ଧାର୍ମିକବତ୍, ଈଶ୍ୱରପରାୟଣ, ସୁଭକ୍ତ ।

Sake, *s.* ଅଭିପ୍ରାୟ, ହେତୁ, କାରଣ; ପାଇଁ, ନିମନ୍ତେ, ଅର୍ଥ ।

Sal, *s.* ଲବଣ, କ୍ଷାର ।

Salad, *s.* ଅସିଦ୍ଧ ସବଜିର ବ୍ୟଞ୍ଜନ, ଚଟଣୀ ।

Salary, *s.* ବର୍ତ୍ତନ, ଦରମାହା, ବେତନ, ମହିନା ।

Sale, *s.* ବିକ୍ରୟ, ବିକୀ, ବିକା; ନିଲାମ ।

Saleable, *s.* ବିକିବାଯୋଗ୍ୟ, ବିକ୍ରେୟ ।

Salesman, *s.* ବିକିବା ଲୋକ, ବିକ୍ରୟକାରୀ, ବିକ୍ରେତା ।

Salient, *a.* ସୁପ୍ରକାଶିତ, କୁଦାମାରୁ ଥିବା ।

Saline, *a.* ଲୋଣା. ଲୁଣିଆ, ଲବଣଯୁକ୍ତ ।

Saliva, *s.* ଥୁଥୁ, ଛେପ, ହୁଣିକା ।

Salivate, *v.* ଔଷଧ ଦ୍ୱାରା ଲାଳ ଉଠିବା ।

Sallow, *a.* ପାଣ୍ଡୁବର୍ଣ୍ଣ, ଫିକା, ବିରସ, ମଳିନ ।

Sally, *s.* ଶତ୍ରୁଉପରେ ହଠାତ୍ ଚଢାଉ, ହଠାତ୍ ଆକ୍ରମଣ ।

Salmon, *s.* ଉତ୍ତମ ମତ୍ସ୍ୟବିଶେଷ ।

Saloon, *s.* ବଡ଼ଦାଲାଣ, ଉତ୍ତମ ବୈଠକଘର ।

Salt, *s.* ଲବଣ, ଲୁଣ, ନୁଣ, ନିମକ ।—*a.* ସଲବଣ, ଲୋଣା, ଲୁଣିଆ; କ୍ଷାରଯୁକ୍ତ । —*v.* ଲବଣ-ଦେ, ଲବଣାକ୍ତ-କ ।

Saltcellar, *s.* ନିମକଦାନୀ, ଲବଣପାତ୍ର ।

Salt-pan, *s.* ଯେଉଁ ସ୍ଥାନରୁ ଲବଣ ବାହାରେ, ଲୁଣର ଅକର ।

Saltpetre, *s.* ସୋରା, ଯବକ୍ଷାର, ଯବଶାର ।

Salubrious, *a.* ସ୍ୱାସ୍ଥ୍ୟଜନକ, ହିତପ୍ରଦ, ହିତକାରୀ

Salutary, *a.* ହିତକାରକ, କୁଶଳଦାୟୀ, ଉପକାରକ ।

Salutation, *s.* ନମସ୍କାର, ପ୍ରଣାମ, ଦଣ୍ଡବତ, ବନ୍ଦନା, ସଲାମ; ଚୁମ୍ବନ ।

Salute, *s.* ପ୍ରଣାମ; ଚୁମ୍ବନ; ସଲାମୀ ତୋପ । —*v.* ନମସ୍କାର-କ; ଚୁମ୍ବନ-ଅଭିନନ୍ଦନ-କ ।

Salvage, *s.* ଜଳମଗ୍ନ ଜାହାଜର ଦ୍ରବ୍ୟାଦି ରକ୍ଷାର୍ଥ ଦେୟ ପୁରସ୍କାର ।

Salvation, *s.* ପରିତ୍ରାଣ, ନିସ୍ତାର, ଉଦ୍ଧାର, ମୁକ୍ତି, ରକ୍ଷା, ତ୍ରାହି ।

Salve, *s.* ମଲମ, ପ୍ରଲେପ; ପ୍ରତିକାର; ତୋପ ବା ବନ୍ଧୁକ ଫୁଟାଇ ଦ୍ୱାରା ସୈନିକ ପ୍ରଣାମ, ସଲାମୀ ତୋପ ।

Salver, *s.* ଥାଳୀ, ବାସନ, ରେକାବୀ ।

Salvo, *s.* ବ୍ୟତିରେକ; ଅପତ୍ତି, ଓଜର ।

Same, *a.* ଏକଇ, ସେ, ଏକସମାନ, ଅଭିନ୍ନ ।

Sameness, *s.* ଐକ୍ୟ, ସାଦୃଶ୍ୟ, ତୁଲ୍ୟତା ।

Sample, *s.* ନମୁନା, ଆଦର୍ଶ, ନିଦର୍ଶନ ।

Sanctification, *s.* ପବିତ୍ରତା, ଶୁଚିକରଣ ।

Sanctifier, *s.* ପବିତ୍ର ଯେ କରେ, ଶୁଚିକର୍ତ୍ତା ।

Sanctify, *v.* ପବିତ୍ର-ଶୁଦ୍ଧ-ଶୁଚି-କ ।

Sanctimonious, *a.* ଶୁଦ୍ଧାଚାରୀ, ଅତିଧାର୍ମିକ, ବାହ୍ୟିକ ପୁଣ୍ୟବାନ୍ ।

Sanction, *s.* ଅନୁମତି, ସମ୍ମତି, ଅଜ୍ଞା, ଅଦେଶ

Sanctity, *s.* ପବିତ୍ରତା, ଶୁଦ୍ଧତା, ଶୁଚିତା ।

Sanctuary, *s.* ପବିତ୍ରସ୍ଥାନ, ଭଜନାଳୟ, ଅଶ୍ରୟସ୍ଥାନ ।

Sand, *s.* ବାଲି, ବାଲୁକା, ରେଣୁ ।

Sandal, *s.* କାଷ୍ଠପାଦୁକା, ଖଡ଼ମ ।

Sandalwood, *s.* ଚନ୍ଦନକାଷ୍ଠ, ଗନ୍ଧସାର ।

Sand-bank, *s.* ଚଡା, ପୁଳିନ ।

Sandbox, *s.* ବାଲୁକା ରଖିବାର ଡବା ।

Sandstone, *s.* ବାଲିପଥର, କୁଣ୍ଡାପଥର ।

Sandy, *a.* ବାଲିମୟ, ବାଲିଆ, କର୍କରିଆ ।

Sane, *a.* ସଜ୍ଞାନ, ସଚେତନ, ସୁସ୍ଥ ।

Sang-froid, *s.* ଧୈର୍ଯ୍ୟ, ଅଭୟ, ନିର୍ଭୟ ।

Sanguinary, *a.* ନିଷ୍ଠୁର, ଘାତକ, ରକ୍ତପାତକ । [ତର ରସାଯୁକ୍ତ ।

Sanguine, *a.* ରକ୍ତବର୍ଣ୍ଣ; ଉତ୍ସାହଶୀଳ, ଅ-

Sanhedrim, *s.* ଯିହୁଦୀ ଲୋକର ମହାସଭା ।

Sanitarium, *s.* ଅରୋଗ୍ୟସ୍ଥାନ, ସ୍ୱାସ୍ଥ୍ୟାଳୟ

Sanitary, *a.* ସ୍ୱାସ୍ଥ୍ୟକର, ଅରୋଗ୍ୟକାରୀ ।

Sanity, *s.* ସଜ୍ଞାନତା, ବୁଦ୍ଧିମତ୍ତା; ସୁସ୍ଥତା ।

Sap, *s.* ଗଛର ରସ; ସାର; ମୃତ୍ତିକା ମଧ୍ୟପଥ । —*v.* ହିଞ୍ଚି-କ; ଗଡ଼ାଇ ତଳେ ସୁଡଙ୍ଗ-କ ।

Sapid, *a.* ସୁସ୍ୱାଦୁ, ସୁରସ, ରସବିଶିଷ୍ଟ ।

Sapient, *a.* ପ୍ରାଜ୍ଞ, ଜ୍ଞାନୀ, ବୁଦ୍ଧିମାନ୍ ।

Sapless, *a.* ନୀରସ, ରସହୀନ, ଶୁଷ୍କ, ଶୁଖିଲା ।

Sapling, *s.* ନୂଅବୃକ୍ଷ, ଗଛର ପୁଅ, ଚାରାଗଛ ।

Sapper, *s.* ସୁଡଙ୍ଗ ଯେ ଖୋଳେ । [ନୀଳ ।

Sapphire, *s.* ନୀଳକାନ୍ତମଣି, ନୀଳମଣି, ଇନ୍ଦ୍ର-

Saracen, *s.* ଅରବୀୟ ମୁସଲମାନ ।

Sarcasm, *s.* ବ୍ୟଙ୍ଗୋକ୍ତି, ଶ୍ଳେଷୋକ୍ତି; ଥଟ୍ଟା, ଟାହିଣ ।

Sarcastic, *a.* ଥଟ୍ଟାକାରୀ; ବ୍ୟଙ୍ଗ, ଅବକ୍ଷିପ୍ତ; କଟୁ । [ଲୁଗା ।

Sarcenet, *s.* ପଟ୍ଟବସ୍ତ୍ରବିଶେଷ, ସରୁ ରେଶମ

Sarcophagus, *s.* ଶବର ପଥର ଅଧାର ।

Sardius, *s.* ଶୋଣରତ୍ନ, ଚୁଣି ।
Sardonic, *a.* କପଟ, ନିର୍ଦ୍ଦୟ ।
Sardonyx, *s.* ମଣିବିଶେଷ, ବୈଦୂର୍ଯ୍ୟମଣି ।
Sash, *s.* ପଟ୍ଟବସ୍ତ୍ରର କଟିବନ୍ଧନୀ, ପଟୁକା ।
Sash-window, *s.* ସରକଣାଯୁକ୍ତ ଝରକା, ଘଉଚାଳିତକ ।
Satan, *s.* ଶୟତାନ, ପାପାତ୍ମା, ପ୍ରଧାନଭୂତ ।
Satanic, *a.* ଶୟତାନୀୟ, ନାରକୀୟ, ପାପାତ୍ମ ସମ୍ବନ୍ଧୀୟ ।
Satchel, *s.* ପୁସ୍ତକ ରକ୍ଷଣାର୍ଥ କ୍ଷୁଦ୍ର ଥଳିଆ ।
Sated, *a.* ପରିପୂର୍ଣ୍ଣ, ପରିତୃପ୍ତ, ଭରପୁର ।
Satellite, *s.* ଉପଗ୍ରହ ; ସଙ୍ଗେ ଗୋଡାଏ ଯେ, ଅନୁଚର ।
Satiate, *v.* ତୃପ୍ତ-ପରିପୂର୍ଣ୍ଣ-ଅବଶ୍ୟ-କ ।
Satiety, *s.* ପୂର୍ଣ୍ଣତା, ପରିତୃପ୍ତତା, ଅରୁଚି
Satin, *s.* ରେଶମିବସ୍ତ୍ର, ସାଟିନ । [ପର୍ଯ୍ୟନ୍ତ ।
Satire, *s.* ବ୍ୟଙ୍ଗୋକ୍ତିବାକ୍ୟ, ଉପହାସଯୁକ୍ତ କବିତା । [ଶ୍ଳେଷୋପହାସ ।
Satirical, *a.* ଗ୍ଲାନିକର, ଦୋଷସୂଚକ, ଦୂଷ-
Satirist, *s.* ଶ୍ଳେଷୋକ୍ତିରଚକ, ବ୍ୟଙ୍ଗବାକ୍ୟକର୍ତ୍ତା
Satirize, *v.* ଶ୍ଳେଷୋକ୍ତି-ବ୍ୟଙ୍ଗୋକ୍ତି-କ ।
Satisfaction, *s.* ସନ୍ତୋଷ, ପରିତୋଷ, ତୃପ୍ତି; ପ୍ରତିକାର; ପ୍ରାୟଶ୍ଚିତ୍ତ, ଉତ୍ତର । [ରୂପେ ।
Satisfactorily, *ad.* ସନ୍ତୋଷପୂର୍ବକ, ଉତ୍ତମ-
Satisfactory, *a.* ସନ୍ତୋଷକ, ତୁଷ୍ଟିକର, ତୃପ୍ତିଜନକ ।
Satisfy, *v.* ସନ୍ତୁଷ୍ଟ-ତୃପ୍ତ-କ; ପ୍ରତିକାର-କ, ପ୍ରବୋଧ-କ; ସିଦ୍ଧ-କ, ସନ୍ଦେହ ଘୁଞ୍ଚାଇବା ।
Strap, *s.* ଚମଡ଼ା, ପାରସ୍ୟ ଦେଶୀୟ ପ୍ରଦେଶାଧ୍ୟକ୍ଷ । [ପୂର୍ଣ୍ଣ-କ ।
Saturate, *v.* ପାଣି ଦ୍ରବ୍ୟରେ ଭରିବା, ପରି-
Saturday, *s.* ଶନିବାର, ସପ୍ତାହର ଶେଷ ଦିବସ ।

Saturn, *s.* ଶନି, ଶନୈଶ୍ଚର, ଶନିଗ୍ରହ ।
Saturnalian, *a.* ଉତ୍ସବୀୟ, ଖେଳା, ଉତ୍ସବ
Satyr, *s.* ଅରଣ୍ୟସ୍ଥ ଉପଦେବତା; କାମୁକ-ବ୍ୟକ୍ତି ।
Sauce, *s.* ଉପବ୍ୟଞ୍ଜନ, ଚଟଣୀ, ଅଚାର, ସୁସ୍ୱାଦୁରସ ।
Saucepan, *s.* ରନ୍ଧନପାତ୍ର, ଲୁହାର ହାଣ୍ଡି ।
Saucer, *s.* ପିରିଚ, କ୍ଷୁଦ୍ରଥାଳୀ, ରେକାବୀ ।
Saucy, *a.* ଢେଙ୍ଗା, ଅଶିଷ୍ଟ, ଅବାଧ୍ୟ ।
Saunter, *v.* ନିରର୍ଥକ ବୁଲିବା, ଏଣେତେଣେ ଭ୍ରମଣ-କ ।
Sausage, *s.* ମସଲାପୂରିତ ପକ୍ୱମାଂସବିଶେଷ ।
Savage, *s.* ଅସଭ୍ୟବ୍ୟକ୍ତି, ବନବାସୀ । —*a.* ଅସଭ୍ୟ, ବଣୁଆ, ନିର୍ଦ୍ଦୟ, ନିଷ୍ଠୁର ।
Savagely, *ad.* ନିଷ୍ଠୁରରୂପେ, ଅସଭ୍ୟରୂପେ
Save, *v.* ରକ୍ଷା-ଉଦ୍ଧାର-ମୁକ୍ତ-ତ୍ରାଣ କରା-ଇ-କ ; ସଞ୍ଚୟ-କ ।
Save, *prep.* ବିନୁ, ବିନା, ଛଡା, ବ୍ୟତିରେକେ ।
Saving, *a.* ସଞ୍ଚୟୀ, ଅଳ୍ପବ୍ୟୟୀ, ବ୍ୟୟକୁଣ୍ଠ ।
Saving, *prep.* ବ୍ୟତିରେକେ, ଛଡା, ବିନା ।
Savings-bank, *s.* ଦେଶଜନଙ୍କ କଷ୍ଟଲବ୍ଧ ସଞ୍ଚିତ ଧନର ରକ୍ଷଣାଳୟ ।
Saviour, *s.* ତ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା, ରକ୍ଷକ ।
Savour, *s.* ସ୍ୱାଦ, ରସ, ରୁଚି; ଗନ୍ଧ, ବାସ ।
Savoury, *a.* ସୁସ୍ୱାଦୁ, ସୁରସ, ସୁଗନ୍ଧି ।
Saw, *s.* କରତ, କରପତ୍ର ।—*v.* କରତ ଦେଇ ଚିରିବା ।
Sawdust, *s.* କରତ ଚୂର୍ଣ୍ଣ ।
Sawpit, *s.* କରତର ଗର୍ତ୍ତ, କରତଗାଡ ।
Sawyer, *s.* କରତୀ, କାଠ ଚିରିବା ଲୋକ ।
Say, *v.* କହିବା, ବୋଲିବା, ଉକ୍ତି-କ ।
Saying, *s.* ବଚନ; ବାକ୍ୟ, ଉକ୍ତି, କଥା; ଦୃଷ୍ଟାନ୍ତକଥା ।

Scab, *s.* ଖାଜୁ, ଘାଅ ଖୋସା ।
Scabbard, *s.* ଖାପ, ଖୋଲ, ଅସିକୋଷ, କୋଷ ।
Scabby, *s.* ଖାଜୁରୋଗଗ୍ରସ୍ତ, ଖାଜୁଆ ।
Scaffold, *s.* ମଞ୍ଚା, ମଞ୍ଚ, ଭାର; ଫାଶିକାଠ ।
Scaffolding, *s.* ଭାର, ମଞ୍ଚା ।   [ଝିସିବା ।
Scald, *v.* ଗରମ ପାଣିରେ ପୋଡ଼ିବା-ହେବ, ସି-
Scale, *s.* ନିକ୍ତି ବା ତରାଜୁର ଥାଳୀ; ତୁଳାରା-
ଶି; ମାଛର କାତି; ଶିଡ଼ି; କ୍ରମ; ସରକଟା ମାପ ।
—*v.* ଶିଡ଼ି ଦେଇ ଉଠିବା; କାତି କାଢ଼ିବା ।
Scalp, *s.* ମୁଣ୍ଡର ଚୋପା, ମସ୍ତକାଧାର ।
Scalpel, *s.* ଚିକିତ୍ସାର ଅସ୍ତ୍ରବିଶେଷ ।
Scaly, *a.* କାତିଯୁକ୍ତ; କୃପଣ ।
Scamp, *s.* ଧୂର୍ତ୍ତ, ଶଠ ।   [ପଳାଇବା ।
Scamper, *v.* ଭୟରେ ପଳାଇବା, ବେଗେ-
Scan, *v.* ଅତି ସୂକ୍ଷ୍ମପରୀକ୍ଷା- ସୁବିବେଚନା-କ ।
Scandal, *s.* ମନ୍ଦଚର୍ଚ୍ଚା, ନିନ୍ଦା, ଅଖ୍ୟାତି, ଅପ-
ବାଦ ।   [ଉକ୍ତ-କ ।
Scandalize, *v.* ଅଖ୍ୟାତି- ନିନ୍ଦା-ଗ୍ଳାନି- ବି-
Scandalous, *a.* ନିନ୍ଦାଜନକ, ଲଜ୍ଜାଜନକ
Scanning, *s.* ଶ୍ଳୋକର ଛନ୍ଦ ପରିମାଣ ।
Scant, *a.* ଅପ୍ରଚୁର, ନିପଣ୍ଟ, ଅଳ୍ପ ।   [ରୂପେ ।
Scantily, *ad.* ଅଳ୍ପବ୍ୟୟରୂପେ, କୃପଣ-
Scantling, *s.* ସାନ ନମୁନା, ସାନଖଣ୍ଡେ ।
Scanty, *a.* ନିପଣ୍ଟ, ଅଳ୍ପ; କାର୍ପ୍ୟ ।
Scapula, *s.* କାନ୍ଧର ହାଡ଼, ସ୍କନ୍ଧଦେଶର ଅସ୍ଥି
Scar, *s.* କ୍ଷତ ବା ଘାଅ ଚିହ୍ନ ।—*v.* ଦାଗ-
ଚିହ୍ନ-ଦେ ।
Scarce, *a.* ଦୁର୍ଲ୍ଲଭ, ଅଭାବ, ଅପ୍ରାପ୍ତ, ଦୁଷ୍ପ୍ରାପ୍ୟ
Scarcely, *ad.* କଷ୍ଟେ, କଦାଚ, ପ୍ରାୟ ନାହିଁ ।
Scarcity, *s.* ଅଭାବ, ଅପ୍ରାପ୍ତି, ଅଳ୍ପତା, ଦୁ-
ର୍ଭିକ୍ଷ, ଦୁର୍ଲ୍ଲଭତା ।   [-କ ।
Scare, *v.* ଭୟ ଦେଖାଇବା, ତଡ଼ାଇବା, ଚମକ

Scarecrow, *s.* ପକ୍ଷ୍ୟାଦି ତଡ଼ାଇବା ମୂର୍ତ୍ତି, ପା-
ଳ ଭୂତ; ନିରର୍ଥକ ଭୟ ।
Scarf, *s.* ଶାଲ୍‌ବିଶେଷ, ଓଢ଼ଣା, ଏକପଟା ।
Scarify, *v.* ବେଲ୍‌କାର ଦେଇ ରକ୍ତ କାଢ଼ିବା,
ଶିଙ୍ଗା ଲଗାଇବା ।
Scarlet, *s.* ରକ୍ତବର୍ଣ୍ଣ, ଲାଲବର୍ଣ୍ଣ, ରଙ୍ଗ ।
Scathe, *v.* କ୍ଷୟ- ଅପଚୟ- କ୍ଷତ-କ ।
Scatter, *v.* ଛିନ୍ନଭିନ୍ନ-କ, ଛଡ଼ାଇବା; ବୁଣିବା
Scavenger, *s.* ରାସ୍ତା ସଫା କରିବା ଲୋକ,
ପଥ ପରିଷ୍କାରକ ।
Scene, *s.* ଦର୍ଶନ, ଦୃଷ୍ଟି; ନାଟରେ ଏକପ୍ରସଙ୍ଗ,
ସଙ୍ଗୀତର ସ୍ଥାନ; ତାମାସା ।
Scenery, *s.* ଦୃଶ୍ୟସ୍ଥାନରେ ଯାହା ଦେଖା-
ଯାଏ; ଦେଖାକୁତି ।
Scent, *s.* ଗନ୍ଧ, ବାସ, ଆମୋଦ, ବାସନା ।
—*v.* ଶୁଙ୍ଘିବା, ଗନ୍ଧନେଇବା, ଆଘ୍ରାଣ-କ;
ସୁଗନ୍ଧି-କ ।   [ବାଦୀ ।
Sceptic, *s.* ନାସ୍ତିକ, ଶାସ୍ତ୍ରାମାନକ, ସନ୍ଦେହ-
Scepticisms, *s.* ପାଷଣ୍ଡତା, ସବୁ ବିଷୟରେ
Sceptre, *s.* ରାଜଦଣ୍ଡ, ରାଜଚିହ୍ନ ।   [ସନ୍ଦେହ ।
Schedule, *s.* ତାଲିକା, ଲେଖନବିଶେଷ,
ଫର୍ଦ୍ଦ, ତପସିଲ ।
Scheme, *s.* କଳ୍ପନା, ମାନସ; ଉପାୟ; ନକ୍ସା
Schemer, *s.* ଉପାୟ ଚେଷ୍ଟକ, କଳ୍ପନାକର୍ତ୍ତା ।
Schism, *s.* ମତଭେଦ, ମତାନ୍ତର, ଅନୈକ୍ୟ
Schismatic, *a.* ମତବିଚ୍ଛେଦ ସମ୍ବନ୍ଧୀୟ ।
Scholar, *s.* ଶିଷ୍ୟ, ପଢ଼ୁଆ; ପଣ୍ଡିତ, ବିଦ୍ୱାନ୍ ।
Scholarship, *s.* ବିଦ୍ୟା, ପାଣ୍ଡିତ୍ୟ, ବୃତ୍ତି;
ଛାତ୍ରବୃତ୍ତି, ବିଦ୍ୟାର୍ଥୀର ବେତନ ।
Scholastic, *a.* ବିଦ୍ୟାଳୟ ସମ୍ବନ୍ଧୀୟ, ବିଦ୍ୟା-
ଳୟେ ଅଭ୍ୟସ୍ତ ।   [ଟିପ୍ପଣୀକର୍ତ୍ତା ।
Scholiast, *s.* ଭାଷ୍ୟକାର, ଟୀକାକାରକ,
Scholium, *s.* ଟିପ୍ପଣୀ, ଟୀକା, ଭାଷ୍ୟ, ବ୍ୟାଖ୍ୟା

School, *s.* ପାଠଶାଳା, ବିଦ୍ୟାଳୟ, ଚଟଶାଳୀ

School-fellow, *s.* ସହପାଠକ, ସହାଧ୍ୟାୟୀ, ସଙ୍ଗୀ । [କ୍ଷାର ବେତନ ।

Schooling, *s.* ବିଦ୍ୟାଶିକ୍ଷା, ଉପଦେଶ; ଶି-

Schoolmaster, *s.* ଅବଧାନ, ପାଠଗୁରୁ, ଶିକ୍ଷକ, ଅଧ୍ୟାପକ ।

Schoolmistress, *s.* ଶିକ୍ଷାଦାୟିନୀ ସ୍ତ୍ରୀ, ଶିକ୍ଷିକା

Schooner, *s.* ଛୋଟ ଜାହାଜବିଶେଷ ।

Sciatica, *s.* କଟିର ବାତରୋଗ, କମର-ବାତ । [ସଂଗ୍ରହ ।

Science, *s.* ବିଦ୍ୟା, ଜ୍ଞାନ; ଦର୍ଶନଶାସ୍ତ୍ର, ତତ୍ତ୍ୱ-

Scientific, *a.* ବିଦ୍ୱାନ, ବିଦ୍ୟାସୂତ୍ରାନୁଯାୟୀ ।

Scimitar, *s.* ଅସି, ଖଡ୍ଗ, ଖଣ୍ଡା, ଚନ୍ଦ୍ରହାସ ।

Scintillation, *s.* ସ୍ଫୁଲିଙ୍ଗ ବା ଅଗ୍ନିର କଣା ହୋଇ ଉଠିବା ।

Scion, *s.* ପଲ୍ଲବ, ଅଙ୍କୁର, ଶାଖା, କଲମ ।

Scissors, *s.* କଇଞ୍ଚି, କତୁରୀ, କର୍ତ୍ତନୀ ।

Scoff, *v.* ଅଟ୍ଟ- ଉପହାସ ଠାପଣ-କ ।

Scoffer, *s.* ନିନ୍ଦକ, ପରିହାସକ, ଅଟ୍ଟାକାରକ ।

Scold, *s.* କଳିହୁଡ଼ି, ଝଗଡ଼ା ବା ଗାଳି କରିବା ସ୍ତ୍ରୀ ।—*v.* ଧମକାଇବା, ରେଭାଇବା, ତିରସ୍କାର-କ ।

Scollop, *s.* ଶାମୁକ, ଝିନୁକ; କୁଞ୍ଚିଧାର ।

Scoop, *v.* ହାତ ଦେଇ ତୋଳିବା; ଖୋଳିବା, ଗର୍ତ୍ତ-କ ।

Scope, *s.* ଅଭିପ୍ରାୟ, ତାତ୍ପର୍ଯ୍ୟ, ଅଭିପ୍ସିତାର୍ଥ; ପ୍ରଶସ୍ତସ୍ଥାନ ।

Scorbutic, *a.* ଗଲୁରୋଗଗ୍ରସ୍ତ, ଗଲୁଅ ।

Scorch, *v.* ଝଲସିବା, ଈଷଦଗ୍ଧ-କ, ପୋଡ଼ିବା ।

Score, *s.* ରେଖା, ଅଙ୍କ, ହିସାବ; ଋଣ; ହେତୁ; କୋଡ଼ିଏ । [ଅବଜ୍ଞାକାରୀ ।

Scorner, *s.* ନିନ୍ଦକ, ତୁଚ୍ଛକାରୀ, ଦ୍ୱେଷୀ,

Scornful, *a.* ଅବଜ୍ଞାକାରୀ, ନିନ୍ଦକ ।

Scorpion, *s.* କଙ୍କଡ଼ାବିଛା, ବୃଶ୍ଚିକ ।

Scotch, *v.* ଅଳ୍ପ କରି କାଟିବା; କାଷ୍ଠାଦିଦ୍ୱାରା ଚକ ବନ୍ଦ-କ ।

Scotch, *a.* ସ୍କଟଲଣ୍ଡଦେଶୀୟ ।

Scot free, *a.* କରମୁକ୍ତ, ନିଷ୍କର; ଅଦଣ୍ଡିତ ।

Scoundrel, *s.* ଦୁଷ୍କର୍ମକ, ପାଜି, ଦଗାବାଜ ।

Scour, *v.* ମାର୍ଜ୍ଜନ- ପରିଷ୍କାର-କ, ଘଷିବା; ବୁଲିବା ।

Scourge, *s.* କୋରଡ଼ା, ଚାବୁକ; ଶାସ୍ତି; ଦଣ୍ଡଦାୟୀ ।—*v.* କୋରଡ଼ା ମାରିବା, କଷାଘାତ-କ, ଶାସ୍ତି-ଦେ ।

Scout, *s.* ଚର, ଦୂତ, ସନ୍ଧାନୀ, ଗୋଏନ୍ଦା, ଗୁପ୍ତଦୂତ ।—*v.* ଗୋପନେ ଅନୁସନ୍ଧାନ-କ, ଚର-ହେ; ବିଦ୍ରୂପ-ଦୂର-କ ।

Scowl, *v.* ମୁଖରେ କ୍ରୋଧ ଦେଖାଇବା, ମୁଖ ବଙ୍କା-କ ।

Scramble, *v.* କଡ଼ାକଡ଼ି- ଛଡ଼ାଛଡ଼ି-କ, ହାମାଗୁଡ଼ି ଦେଇ ଚଢ଼ିବା ।

Scrap, *s.* ଖଣ୍ଡ, ଟୁକୁଡ଼ା, କୁଟି, ଲେଶ ।

Scrape, *s.* ଆପଦ, ବିପଦ, ଦାୟ, ପେଚ ।—*v.* କୋରିବା, ଚାଞ୍ଛିପକାଇବା; କ୍ଲେଶରେ ଧନ ସଞ୍ଚୟ-କ । [କାଙ୍ଗାଳ ।

Scraper, *s.* କୋରଣୀ, ଚାଞ୍ଛିବା ଅସ୍ତ୍ର; କୃପଣ,

Scratch, *s.* ନଖାଘାତ, ଆଞ୍ଚୁଡ଼ା, ବିଦାରଣ ।—*v.* ନଖାଘାତ-କ, ଆଞ୍ଚୁଡ଼ିବା, ବିଦାରିବା ।

Scrawl, *v.* ଆଞ୍ଚୁଡ଼ିବା; ଅସ୍ପଷ୍ଟ ଅକ୍ଷର ଲେଖିବା ।

Scream, *s.* ଉଚ୍ଚ ବିକଟ ଶବ୍ଦ, ଚିତ୍କାର-ଶବ୍ଦ ।

Screetch, *v.* ଉଚ୍ଚସ୍ୱରେ ରବ-କ, ଚିତ୍କାର-କ ।

Screetch-owl, *s.* କାଳପେଚା, ପେଚକ ।

Screen, *s.* ଆଚ୍ଛାଦନ, ଆବରଣ, ପରଦା ।—*v.* ପରଦା-ଦେ, ଘୋଡ଼ାଇବା, ଅନ୍ତରାଳ- ଆବରଣ-କ; ରକ୍ଷା-କ ।

Screw, *s.* ପେଚ, ପେଚକଣ୍ଟା ।—*v.* ପେଚ ଦେଇ ବନ୍ଦ-କ; ଉପଦ୍ରବ-କ ।

Scribble, *s.* କଦକ୍ଷର, କଦର୍ଯ୍ୟଲେଖା ।—*v.* ଅସ୍ପଷ୍ଟ- କଦକ୍ଷର- ଲେଖ ।

Scribbler, *s.* ସାମାନ୍ୟ ଗ୍ରନ୍ଥକର୍ତ୍ତା ।

Scribe, *s.* ଲେଖକ, ମସୀଜୀବୀ; ଯିହୁଦୀମାନଙ୍କ ଅଧ୍ୟାପକ ।

Scrip, *s.* ଝୋଳ ଥଳୀ; ଲେଖାପତ୍ର । [ହିତ ।

Scriptural, *a.* ଧର୍ମଶାସ୍ତ୍ରାନୁଯାୟୀ, ଧର୍ମପୁସ୍ତକ-

Scripture, *s.* ଧର୍ମପୁସ୍ତକ, ଈଶ୍ୱରଙ୍କର ଦତ୍ତ-ଶାସ୍ତ୍ର, ଧର୍ମଶାସ୍ତ୍ର । [ଙ୍କାବଣିକ ।

Scrivener, *s.* ନିୟମପତ୍ରାଦି ଲେଖକ; ଟ-

Scrofula, *s.* ଗଣ୍ଡମାଳା, ଗଳାର ଅର୍ବୁଦସ୍ୟ ରୋଗ ।

Scroll, *s.* ଗୁଡ଼ା ଲେଖାପତ୍ର, ଲେଖିବା ଚର୍ମ ।

Scrotum, *s.* ଅଣ୍ଡକୋଷ ଚର୍ମଖଣ୍ଡ ।

Scrub, *s.* ମୁଣ୍ଡାଝାଡ଼ୁ, ମୁଣ୍ଡାମାର୍ଜନୀ; ପାଜି-ଲୋକ; ବନବୃକ୍ଷ ।

Scrub, *v.* ଘର୍ଷଣ-କ, ଘଷିବା, ରଗଡ଼ିବା ।

Scruple, *s.* ଗ୍ରାମ୍ ଅଠରତ୍ତିପରିମାଣ; ଆପତ୍ତି, ସନ୍ଦେହ, ଦ୍ୱିଧା ।—*v.* ସନ୍ଦେହ- ସଂଶୟ- ଆପତ୍ତି-କ ।

Scrupulous, *a.* ସୂକ୍ଷ୍ମାନ୍ୱେଷୀ, ସନ୍ଦେହୀ, ଅତି ସାବଧାନୀ । [ଅନୁସନ୍ଧାନ-କ ।

Scrutinize, *v.* ସୂକ୍ଷ୍ମ ପରୀକ୍ଷା- ସୁବିବେଚନା-

Scrutiny, *s.* ପରୀକ୍ଷା, ସୂକ୍ଷ୍ମତତ୍ତ୍ୱ, ଅନୁସନ୍ଧାନ

Scrutoire, *s.* same as *escritoire*, ଲେଖିବାର ସିନ୍ଦୁକ ।

Scud, *v.* ପବନଦ୍ୱାରା ଅତିବେଗରେ ଗମନ-କ ।

Scuffle, *s.* ଠେଲାଠେଲି, ମରାମରି, ପେଲା-ପେଲି, କଳହ ।

Scull, *s.* ମୁଣ୍ଡର ଖପୁରି, ମସ୍ତିଷ୍କାଧାର; ମଡ଼ାର ମୁଣ୍ଡ; ଛୋଟ ଆହୁଲା; କ୍ଷୁଦ୍ର ନୌକା ।

Scullery, *s.* ବାସନ ଇତ୍ୟାଦି ରଖିବା ଗୃହ ।

Scullion, *s.* ବାସନ ଯେ ଧୁଏ, ନୀଚ ଚାକର ।

Sculptor, *s.* ପଥରର ମୂର୍ତ୍ତି ନିର୍ମାତା, ଖୋଦକାରକ, ଭାସ୍କର । [ବିଦ୍ୟା ।

Sculpture, *s.* ଭାସ୍କରର କର୍ମ, ଖୋଦକାରୀ

Scum, *s.* ଫେଣ; ଜଳାଦିର ବିକାର; ମଇଳା ।

Scurf, *s.* ଶୁଷ୍କଚର୍ମ, କୁଣ୍ଡିଆ ।

Scurrility, *s.* ମନ୍ଦଗାଳି, କଟୁବାକ୍ୟ, ଦୁର୍ଭାଷା ।

Scurrilous, *a.* ଦୁର୍ମୁଖ, କଟୁଭାଷୀ, ଖେଚଡ଼ ।

Scurvy, *s.* କାଚ୍ଛୁରୋଗବିଶେଷ ।—*a.* କାଚ୍ଛୁଯୁକ୍ତ; ନୀଚ, ଅଧମ ।

Scuttle, *s.* ଟୋକାଇ, ବେଢ଼ା; ସିପୁଣି ।

Scuttle, *v.* ଜାହାଜ ତଳାରେ ଛିଦ୍ର-କ ।

Scythe, *s.* ତୃଣଚ୍ଛେଦନାସ୍ତ୍ର, କଡ଼ଦାଆ, କଚିଆ

Sea, *s.* ସମୁଦ୍ର, ସାଗର, ସିନ୍ଧୁ, ଅର୍ଣ୍ଣବ ।

Seaboard, *s.* ସମୁଦ୍ର ତୀର ବା ତଟ ।

Seafaring, *a.* ସମୁଦ୍ରରେ ଗମନାଗମନକାରୀ

Sea-gauge, *s.* ଜାହାଜର ଯେ ପର୍ଯ୍ୟନ୍ତ ପାଣିରେ ବୁଡ଼ିଥାଏ ।

Seahorse, *s.* ସମୁଦ୍ର ଘୋଟକ, ସମୁଦ୍ର ଜନ୍ତୁବିଶେଷ, ମତ୍ସ୍ୟବିଶେଷ ।

Seal, *s.* ସମୁଦ୍ରୀୟ ଜନ୍ତୁ; ମୋହର, ମୁଦ୍ରା ।—*v.* ମୋହର ଦେଇ ବନ୍ଦ-କ, ମୋହର ଛପାଇବା ।

Sealing-wax, *s.* ଜଉ, ଲାଖ ।

Seam, *s.* ଯୋଡ଼, ସିଲାଇ; ସନ୍ଧିସ୍ଥାନ; ଦାଗ ।

Seaman, *s.* ନାବିକ, ଖଲାସୀ ।

Seamless, *a.* ଯୋଡ଼ରହିତ, ବିଯୋଡ଼, ବେ-ସିଲାଇ, ନିଃସନ୍ଧି ।

Seamstress, *s.* ସିଲାଇକାରିଣୀ, ଦର୍ଜିଅଣୀ ।

Seaport, *s.* ବନ୍ଦର, ସମୁଦ୍ର ତୀରସ୍ଥ ନଗର ।

Sear, *v.* ଦଗ୍ଧ-କ, ପୋଡ଼ିବା; ଛିଦ୍ର-ଦାଗ-ଦେ ।—*a.* ଶୁଷ୍କ, ଶୁଖିଲା, ମ୍ଳାନ, ନୀରସ ।

Search, *s.* ଅନୁସନ୍ଧାନ, ତତ୍ତ୍ୱ, ଅନ୍ୱେଷଣ, ତଲାସ ।—*v.* ଅନ୍ୱେଷଣ- ତତ୍ତ୍ୱ-କ, ଖୋଜିବା, ଲୋଡ଼ିବା ।

Searcher, *s.* ଅନ୍ୱେଷଣକାରୀ, ଅନୁସନ୍ଧାନୀ, ପରୀକ୍ଷକ, ଖୋଜିବା ଲୋକ ।

Season, *s.* ଋତୁ; କାଳ, ସମୟ; ସୁଯୋଗ ।—*v.* ସ୍ୱାଦ- ସୁରସ- ମସଲାଯୁକ୍ତ- ପରିପକ୍ୱ-କ ।

Seasonable, *a.* ସାମୟିକ, ଉଚିତକାଳୀନ, ଋତୁନୁସାରୀ । [ମସଲାଦି ।

Seasoning, *s.* ସ୍ୱାଦଜନକ ଦ୍ରବ୍ୟ, ବ୍ୟଞ୍ଜନ,

Seat, *s.* ଆସନ, ପୀଠ, ପଦ; ସ୍ଥାନ; ଗୃହ ।—*v.* ଉପବିଷ୍ଟ-ହେ, ଆସନରେ ବସାଇବା, ସ୍ଥାପନ-କ ।

Seaward, *ad.* ସମୁଦ୍ର ଦିଗେ ବା ମୁଖେ ।

Secede, *v.* ତ୍ୟାଗ-କ, ଛାଡ଼ି ଯିବା, ଭିନ୍ନ-ହେ ।

Secession, *s.* ତ୍ୟାଗକରଣ, ବହିର୍ଗମନ ।

Seclude, *v.* ପୃଥକ୍- ବାହାର-କ, ବନ୍ଦ ବା ଗୋପନେ ରଖିବା; କାଟି-ଦେ । [ଦାସ୍ୟ ।

Seclusion, *s.* ପୃଥକକରଣ; ଗୋପନ; ଔ-

Second, *s.* ସହାୟ, ସଙ୍ଗୀ, ସହାୟୀ; ପଲକ ।—*v.* ସାହାଯ୍ୟ- ଉପକାର-କ ।—*a.* ଦ୍ୱିତୀୟ, ଦୋସର; ଅପ୍ରଧାନ, ସାମାନ୍ୟ ।

Secondarily, *ad.* ଦ୍ୱିତୀୟତଃ, ଦ୍ୱିତୀୟ କ୍ରମେ ।

Secondary, *a.* ଦ୍ୱିତୀୟ, ଅପ୍ରଧାନ, ସାନ ।

Secondhand, *a.* ଅର୍ଦ୍ଧପୁରୁଣା, ଦୁଇ ଥର ବିକାତ ।

Secondly, *ad.* ଦ୍ୱିତୀୟତଃ, ଦ୍ୱିତୀୟବାର ।

Second-rate, *a.* ଦ୍ୱିତୀୟଗଣ୍ୟ, ମଧ୍ୟମ ।

Secrecy, *s.* ଗୋପନ, ଅପ୍ରକାଶ, ଗୁପ୍ତତା ।

Secret, *s.* ଗୁପ୍ତ ବାକ୍ୟ, ଜଣୁଚା ବିଷୟ, ଅପ୍ରକାଶ କଥା, ମର୍ମ ।—*a.* ଅପ୍ରକାଶିତ, ଗୁପ୍ତ, ଅବ୍ୟକ୍ତ, ଅଦେଖା ।

Secretary, *s.* ପରର ଲେଖକ, କର୍ମ ନିର୍ବାହକ, ସମାଜର ବେବର୍ତ୍ତ । [ପଦ ।

Secretaryship, *s.* କର୍ମାଧ୍ୟକ୍ଷ ବା କର୍ମକର୍ତ୍ତାର

Secrete, *v.* ଗୁପ୍ତ-କ, ଲୁଚାଇବା, ଘୋଡ଼ାଇବା ।

Secretion, *s.* ଶରୀରର ରସ, ମଳ, ବିଷ୍ଠା ।

Secretly, *ad.* ଗୁପ୍ତରୂପେ, ଅପ୍ରକାଶରେ, ଅଜ୍ଞାତରେ । [ମତ ।

Sect, *s.* ବିଶେଷ ମତାବଲମ୍ବୀମାନଙ୍କର ଦଳ,

Sectarian, *a.* ବିଶେଷ ମତ ସମ୍ପର୍କୀୟ ।

Sectary, *s.* ବିଶେଷ ଧର୍ମମତାବଲମ୍ବୀ ।

Section, *s.* ଅଂଶ, ଖଣ୍ଡ; ପରିଚ୍ଛେଦ, ଅଧ୍ୟାୟ, ପର୍ବ, ପ୍ରକରଣ ।

Secular, *a.* ସାଂସାରିକ, ଲୌକିକ, ବିଷୟୀ, ସଂସାରକାମୀ ।

Secularize, *v.* ସାଂସାରିକ-କ, ବିଷୟ କର୍ମରେ ଲଗାଇବା । [ଫୁଲ ।

Secundine, *s.* ଗର୍ଭପୁଷ୍ପ, ପେଟ ବା ଜରାୟୁ-

Secure, *v.* ନିଶ୍ଚୟ-ରକ୍ଷା-କ, ବଞ୍ଚାଇବା ।—*a.* ନିର୍ଭୟ, ନିର୍ଦ୍ୱନ୍ଦ୍ୱ, ନିଃଶଙ୍କ, ନିଶ୍ଚିନ୍ତ ।

Securely, *ad.* ନିର୍ବିଘ୍ନରୂପେ, ନିର୍ଭୟରେ, ନିଃସନ୍ଦେହରେ ।

Security, *s.* ଅଭୟ, ନିରାପଦ; ଲଗା, ଜାମୀନ, ଆଶ୍ରୟ ।

Sedan, *s.* ପାଲିଙ୍କିବିଶେଷ । [ଞ୍ଚଳ ।

Sedate, *a.* ଧୀର, ସ୍ଥିରମନାଃ, ଗମ୍ଭୀର, ଅଚ-

Sedately, *ad.* ଧୀରେ, ଗମ୍ଭୀରଭାବରେ ।

Sedative, *a.* ସୁସ୍ଥିରକାରକ, ଶାନ୍ତିକର ।

Sedentary, *a.* ଅଚରିଷ୍ଣୁ, ଅନୁଦ୍ୟୋଗଶୀଳ ।

Sedge, *s.* ଜଳଜାତ, ବୃକ୍ଷବିଶେଷ ।

Sediment, *s.* ଗାଦ, ମଳି, କାଣ୍ଟି; ପଟୁ, ପଙ୍କ ।

Sedition, *s.* ରାଜବିଦ୍ରୋହକର୍ମ, ଗଣ୍ଡଗୋଳ, ଦଙ୍ଗା ।

Seditious, *a.* ରାଜଦ୍ରୋହୀ, କଳହକାରୀ, ଦଙ୍ଗାବାଜ । [ସତୀତ୍ୱନାଶ-କ ।
Seduce, *v.* ଭୁଲାଇବା, କୁପଥଗାମୀ-ସ୍ତ୍ରୀ-
Seducer, *s.* କୁପଥରେ ଗମନ କରାଇବା-ଲୋକ; ଭ୍ରଷ୍ଟକର୍ତ୍ତା ।
Seduction, *s.* ଭୁଲା, ଭ୍ରଷ୍ଟକରଣ; ସତୀତ୍ୱନାଶ
Sedulous, *a.* ପରିଶ୍ରମୀ, ଉଦ୍ୟୋଗୀ, ଯତ୍ନୀ ।
See, *s.* ଧର୍ମାଧ୍ୟକ୍ଷର ଅଧିକାର ।
See, *v.* ଦେଖିବା, ଅନାଇବା, ବୁଝିବା, ନିରୀକ୍ଷଣ-ଅବଲୋକନ-ଦୃଷ୍ଟି-କ ।
Seed, *s.* ମଞ୍ଜି, ବୀଜ, ବିହନ, ରଜ, ବୀର୍ଯ୍ୟ; ସନ୍ତାନ, ବଂଶ, କୁଳ ।
Seedling, *s.* ବୀଜାଙ୍କୁର, ଚାରାଗଛ । [ଲୋକ ।
Seedsman, *s.* ବୀଜବିକିବା ଲୋକ, ବୁଣିବା-
Seedtime, *s.* ବୀଜବପନକାଳ, ବୁଣିବା ସମୟ ।
Seeing, *s.* ଦୃଷ୍ଟି, ଦର୍ଶନ, ଅବଲୋକନ ।
Seeing that, *conj.* ଯେହେତୁ ।
Seek, *v.* ଚେଷ୍ଟା-କ; ଅନ୍ୱେଷଣ-କ, ଖୋଜିବା; ପ୍ରାର୍ଥନା-କ । [ଦିଶିବା ।
Seem, *v.* ଅନୁମାନ-ବୋଧ-ଦେଖା-ହେ,
Seemingly, *ad.* ଆକାରପର, ଦୃଷ୍ଟିମତେ ।
Seemly, *a.* ଶିଷ୍ଟ, ଉପଯୁକ୍ତ, ଯୋଗ୍ୟ, ଉଚିତ ।
Seer, *s.* ଭାବଦର୍ଶକ, ଭବିଷ୍ୟଦ୍ବକ୍ତା; ଏକସେର-ପରିମାଣ ।
Seesaw, *s.* ଝୁଲଝୁଲ, ଆନ୍ଦୋଳନ, ଦୋଳନ ।
Seethe, *v.* ସିଝାଇବା, ଫୁଟିବା, ଉଷ୍ଣ ଜଳରେ ସିଦ୍ଧ-ପାକ-କ ।
Segment, *s.* ଖଣ୍ଡଆକାର; ଛିନ୍ନାଂଶ ।
Segregate, *v.* ଭିନ୍ନ-କ, ପୃଥକ୍-ହେ, ଉପାଡ଼-ରଖିବା ।
Seginior, *s.* ଉପାଧିବିଶେଷ, ମହାଶୟ, ମହାରାଜ, ଅଧିପତି । [ଧରିବା ।
Seize. *v.* ଆକ୍ରମଣ-କ୍ରୋକ-କ, ବଳପୂର୍ବକ

Seizure, *s.* ଆକ୍ରମଣ, ଗ୍ରହଣ, କ୍ରୋକ, ଧରଣ ।
Selah, *s.* ଏବ୍ରୀ ଭାଷାରେ ବାଦ୍ୟସମ୍ବନ୍ଧୀୟ ଶବ୍ଦ-ବିଶେଷ ।
Seldom, *ad.* କେବେ, କ୍ୱଚିତ୍, କଦାଚ ।
Select, *v.* ମନୋନୀତ-ପସନ୍ଦ-କ, ବାଛିବା । —*a.* ବଛା, ବାଛିଲା, ମନୋନୀତ, ପସନ୍ଦ ।
Selection, *s.* ମନୋନୀତକରଣ, ବାଛିଲା ବସ୍ତ୍ରାଦିସମୂହ, ସଂଗ୍ରହ ।
Self, *s.* ଆତ୍ମ; ସ୍ୱାର୍ଥପରତା ।—*a.* ସ୍ୱୟଂ, ଆପଣା, ନିଜ, ସ୍ୱୀୟ ।
Self-abasement, *s.* ନମ୍ରତା, ଆତ୍ମନମ୍ରତା ।
Self-applause, *s.* ଆତ୍ମଶ୍ଳାଘା, ଅହଂକାର, ଆତ୍ମପ୍ରଶଂସା ।
Self-conceit, *s.* ଆତ୍ମାଭିମାନ ।
Self-confidence, *s.* ଆତ୍ମବିଶ୍ୱାସ, ନିଜ ବଳରେ ନିର୍ଭର ।
Self defence, *s.* ଆତ୍ମରକ୍ଷା ।
Self-denial, *s.* ଆତ୍ମଦମନ, ଅସ୍ୱୀକାର, ଇନ୍ଦ୍ରିୟ ଦାପ୍ତି ।
Self-existent, *a.* ସ୍ୱୟମ୍ଭୂ, ସ୍ୱୟଂଜାତ ।
Selfish, *a.* ସ୍ୱାର୍ଥପର, ଲୋଭୀ, ଆତ୍ମମ୍ଭରି ।
Selfishness, *s.* ସ୍ୱାର୍ଥପରତା, ଆତ୍ମଗ୍ରାହିତା ।
Self-righteous, *a.* ସ୍ୱଧର୍ମଗର୍ବୀ । [କଥା ।
Selfsame, *a.* ତତ୍, ସେହି, ତାହାଇ, ଏକ
Self-sufficiency, *s.* ଆତ୍ମବଳରେ ସମ୍ପୂର୍ଣ୍ଣ ବିଶ୍ୱାସ ।
Self-willed, *a.* ସ୍ୱେଚ୍ଛାଚାରୀ; ଥେଣ୍ଡା ।
Sell, *v.* ବିକିବା, ବିକ୍ରୟ-ବିକ୍ରୀ-କ ।
Seller, *s.* ବିକ୍ରୟକାରୀ, ବିକିବା, ଲୋକ ବିକ୍ରେତା ।
Selvedge, *s.* ଲୁଗାର ଧାର ବା ଧଡ଼, ବସ୍ତ୍ରର କିନାରା । [ତୁଳନା ।
Semblance, *s.* ଅନୁରୂପ, ପ୍ରତିମୂର୍ତ୍ତି, ସାଦୃଶ୍ୟ,
Semen, *s.* ରେତଃ, ଶୁକ୍ର, ବୀର୍ଯ୍ୟ ।

**Semi**, *a.* ଅଧ, ଅର୍ଦ୍ଧ, ଅର୍ଦ୍ଧେକ, ଅଧା ।
**Semicircle**, *s.* ଅର୍ଦ୍ଧମଣ୍ଡଳ, ଅର୍ଦ୍ଧଚକ୍ର, ଅର୍ଦ୍ଧ-ଗୋଲାକାର ।
**Semicolon**, *s.* ପଦଚ୍ଛେଦର ଚିହ୍ନ, ଯଥା (;)
**Seminal**, *a.* ବୀଜସମ୍ବନ୍ଧୀୟ, ବୀଜର ଅନ୍ତର୍ଗତ ।
**Seminary**, *s.* ବୀଜ ରୋପଣସ୍ଥାନ ; ପାଠ-ଶାଳା, ବିଦ୍ୟାଳୟ । [n, r, s.
**Semivowel**, *s.* ଅର୍ଦ୍ଧସ୍ୱର, ଯଥା : f, l, m,
**Sempster**, *s.* ଦର୍ଜି ବ୍ୟବସାୟିନୀ ସ୍ତ୍ରୀ ।
**Senate**, *s.* ରାଜକର୍ମ ସମ୍ପାଦକସଭା, ରାଜସଭା ।
**Senator**, *s.* ରାଜସଭାସ୍ଥ ଲୋକ, ରାଜମନ୍ତ୍ରୀ ।
**Send**, *v.* ପଠାଇବା, ପ୍ରେରଣ-କ, ପେଶିବା ; କହି ପଠାଇବା ; ଡାକ ପଠାଇବା; ବିଦାୟ-କ
**Senior**, *s.* ସବୁଠାରୁ ଅଧିକ ବୟସ ।—*a.* ଜ୍ୟେଷ୍ଠ, ବଡ଼, ଅଗ୍ରଜ ।
**Seniority**, *s.* ଜ୍ୟେଷ୍ଠତ୍ୱ, ପ୍ରାଧାନ୍ୟ, ଅଗ୍ରଗଣ୍ୟତା
**Senna**, *s.* ସୋନାମୁଖୀପତ୍ର, ରେଚକପତ୍ର ।
**Sensation**, *s.* ଇନ୍ଦ୍ରିୟବୋଧ, ଚେତନା ।
**Sense**, *s.* ଜ୍ଞାନେନ୍ଦ୍ରିୟ ; ବୁଦ୍ଧି, ଜ୍ଞାନ ; ଅର୍ଥ, ଅଭିପ୍ରାୟ ।
**Senseless**, *a.* ନିର୍ବୋଧ, ମୂର୍ଖ ; ହତଜ୍ଞାନ, ଅଚେତନ, ମୂର୍ଚ୍ଛ । [ଅନୁବୋଧ ।
**Sensibility**, *s.* ଇନ୍ଦ୍ରିୟବୋଧ, ଚୈତନ୍ୟ,
**Sensible**, *a.* ଇନ୍ଦ୍ରିୟଗୋଚର ; ବୁଦ୍ଧିମାନ, ଜ୍ଞାନୀ ।
**Sensitive**, *a.* ଚେତନାଯୁକ୍ତ, ସଚେତନ ।
**Sensualist**, *s.* କାମୁକ, ଶାରୀରିକ ସୁଖାଭି-ଳାଷୀ । [ଭିଳାଷ ।
**Sensuality**, *s.* ଇନ୍ଦ୍ରିୟସୁଖେଚ୍ଛା, ଶାରୀରିକା-
**Sentence**, *s.* ଦଣ୍ଡାଜ୍ଞା, ସଜା ; ବଚନ, ବାକ୍ୟ, ପଦ ।—*v.* ଦଣ୍ଡାଜ୍ଞା- ନିଷ୍ପତ୍ତି-କ ।
**Sententious**, *a.* ଅଳ୍ପ କଥାରେ ଅନେକ ଅର୍ଥଯୁକ୍ତ, ଚୁମ୍ବକ ।
**Sentient**, *a.* ବୋଧକ୍ଷମ, ସଚେତନ, ଜ୍ଞାନ-ବିଶିଷ୍ଟ ।
**Sentiment**, *s.* ଜ୍ଞାନ, ଚିନ୍ତା, ମତ, ଭାବ, ଅଭିପ୍ରାୟ, ରସ, ରାଗ ।
**Sentimental**, *a.* ଚିନ୍ତାକାଙ୍କ୍ଷୀ, କରୁଣାଦିର ରସବିଶିଷ୍ଟ, ଭାବଯୁକ୍ତ ।
**Sentinel, Sentry**, *s.* ପ୍ରହରୀ, ଚୌକିଦାର, ଜଗୁଆଳି, ରକ୍ଷକ ।
**Separable**, *a.* ପୃଥକ୍‌ଯୋଗ୍ୟ, ବିଯୋଜ୍ୟ, ବିଚ୍ଛେଦ୍ୟ ।
**Separate**, *a.* ପୃଥକ୍, ଭିନ୍ନ, ଛଡ଼ା, ଅଲଗା । —*v.* ପୃଥକ୍- ଭିନ୍ନ- ଭେଦ-ଅଲଗା-କ ।
**Separately**, *ad.* ପୃଥକ୍‌ରୂପେ, ଭିନ୍ନରୂପେ, ଏକରୂପେ ।
**Separation**, *s.* ପୃଥକ୍‌କରଣ, ବିଭେଦ, ବିଯୋଗ ।
**September**, *s.* ଇଂରାଜୀ ବରଷର ନବମ ମାସ
**Septennial**, *a.* ସାତରୂପେ ବର୍ଷୀୟ, ସପ୍ତବର୍ଷୀୟ
**Sepulchral**, *a.* କବର ବା ସମାଧିସମ୍ବନ୍ଧୀୟ
**Sepulchre**, *s.* କବର, ଗୋର, ସମାଧି, ଶ୍ମଶାନ । [ସମର୍ପଣ ।
**Sepulture**, *s.* ଅନ୍ତ୍ୟେଷ୍ଟିକ୍ରିୟା, ମୃତ୍ତିକାରେ
**Sequel**, *s.* ଶେଷଭାଗ; ଫଳ, ଶେଷାନୁସାରେ
**Sequence**, *s.* ଅନୁକ୍ରମ, ଶ୍ରେଣୀ, ଧାରା ।
**Sequester**, *v.* ପୃଥକ୍-କ; କ୍ରୋକ-ଅଟକ-କ ।
**Seraglio**, *s.* ତୁର୍କୀଦେଶ ରାଜାର ସ୍ତ୍ରୀଲୋକ-ମାନଙ୍କର ଅନ୍ତଃପୁର, ଜନାନା ମହଲ ।
**Seraph**, *s.* ଈଶ୍ୱରୀୟ ଦୂତ, ସ୍ୱର୍ଗୀୟ ଦୂତ ।
**Seraphic**, *a.* ସ୍ୱର୍ଗଦୂତ ସଦୃଶ; ମନୋହର; ଶୁଦ୍ଧ । [ବାଦ୍ୟ-କ ।
**Serenade**, *v.* ଝରକା ତଳେ ସଙ୍ଗେ ଗାନ-
**Serene**, *a.* ପ୍ରସନ୍ନ, ସ୍ଥିର, ଶାନ୍ତ, ନିର୍ମଳ ।
**Serenity**, *s.* ଶାନ୍ତି, ଧୀରତା, ଧୈର୍ଯ୍ୟ; ନିର୍ମଳ-
**Serf**, *s.* ପରାଧୀନବ୍ୟକ୍ତି; ଦାସ, ଚାକର । [ତା ।

Sergeant, *s.* ଦଣ୍ଡନାୟକ, ଦଫାଦାର, ହାବିଲଦାର ।
Serial, *a.* ଅନୁକ୍ରମିକ, ଶ୍ରେଣୀସମ୍ବନ୍ଧୀୟ ।
Series, *s.* ଅନୁକ୍ରମ, ଶ୍ରେଣୀ, ଧାର, ପ୍ରଣାଳୀ ।
Serious, *a.* ଭାରି, ଧୀର, ଗମ୍ଭୀର, ମନୋଯୋଗୀ । [ପୂର୍ବକ ।
Seriously, *ad.* ଧୀରରୂପେ, ମନୋଯୋଗ-
Sermon, *s.* ଉପଦେଶ, ଧର୍ମପ୍ରସଙ୍ଗ ।
Serous, *a.* ଜଳୀୟ, ଜଳବତ୍, ପାଣିଆ ।
Serpent, *s.* ସାପ, ସର୍ପ, ନାଗ, ଅହି ।
Serpentine, *a.* ସର୍ପାକୃତି, ସର୍ପବତ୍, ଅଙ୍କାବଙ୍କା ।
Servant, *s.* ସେବକ, ଦାସ, ଭୃତ୍ୟ, ଚାକର ।
Serve, *v.* ସେବା-ଚାକରି-କ; ଉପଯୁକ୍ତ-ହେ ।
Service, *s.* ଉପକାର; ଚାକରି, ଦାସତ୍ୱ, ସେବା, ପଦ, କର୍ମ; ପୂଜା, ଭଜନା ।
Serviceable, *a.* କର୍ମଯୋଗ୍ୟ, କର୍ମୋପଯୁକ୍ତ, ଉପକାରୀ ।
Servile, *a.* ଦାସବତ୍, ଚରଣସେବକ, ଖୁସାମୋଦିଆ । [ମୋଦ ।
Servility, *s.* ଅଧୀନତା, ଚରଣସେବା, ଖୁସା-
Servitude, *s.* ଦାସତ୍ୱ, ସେବା, ସେବକପଣ ।
Sesamum, *s.* ତିଳ, ରାଶି, ସର୍ଶି ।
Session, *s.* ସଭା; ଉତ୍ସବ, ଦୋଷ; ଅଦାଲତର ବସିବାର ସମୟ ।
Set, *s.* ଯୋଡ଼ା; ସମ୍ପ୍ରଦାୟ, ଦଳ ।—*v.* ସ୍ଥାପନ-କ, ରଖିବା, ଥୋଇବା; ବସାଇବା; ଶାଣ-ଧାର-ଦେ; ଜମିବା, ଗାଢ଼-ହେ; ରୋପଣ-କ; ପ୍ରବୃତ୍ତ-ହେ; ଉଦ-କ; ପ୍ରସ୍ଥାନ-କ; ପ୍ରକାଶ-କ ।—*a.* ନିଶ୍ଚିତ, ବ୍ୟବସ୍ଥିତ, ସମାପିତ; ଅସ୍ତ; ଦୃଢ଼ ।
Set-off, *s.* ସମମୂଲ୍ୟବସ୍ତୁ, ପ୍ରତିଦାନ, ପରିବର୍ତ୍ତନ, ତୁଳନା ।
Settle, *s.* କାଷ୍ଠାସନ ବିଶେଷ ।—*v.* ବସତି-ବାସ-ସ୍ଥିର-ନିର୍ଣ୍ଣୟ-କ; ଜମିବା, ବସିଯିବା; ବନ୍ଦୋବସ୍ତ-ରଫା-କ ।
Settlement, *s.* ବସତିକରଣ; ନିଷ୍ପତ୍ତି, ବନ୍ଦୋବସ୍ତ; ଯୌତୁକ; ବାସସ୍ଥାନ ।
Settler, *s.* ଭିନ୍ନଦେଶବାସୀ, ଅବସ୍ଥିତିକର୍ତ୍ତା ।
Seven, *a.* ସପ୍ତ, ସାତ । [ଗୁଣ ।
Sevenfold, *a.* ସାତଗୁଣ, ସପ୍ତଗୁଣ, ସାତ-
Seventeen, *a.* ସତର, ସପ୍ତଦଶ ।
Seventh, *a.* ସପ୍ତମ, ସପ୍ତକ ।
Seventieth, *a.* ସପ୍ତତିତମ ।
Seventy, *a.* ସତୁରି, ସପ୍ତତି ।
Sever, *v.* ଭିନ୍ନ-ପୃଥକ୍-ଦ୍ୱିଭାଗ-କ, କାଟିପକାଇବା ।
Several, *a.* ବିବିଧ, ପୃଥକ୍, ଅନେକ, ବହୁତ ।
Severally, *ad.* ପ୍ରତ୍ୟେକ, ଏକ ଏକ, ଭିନ୍ନ ଭିନ୍ନ, ପୃଥକ୍ ପୃଥକ୍ ।
Severe, *a.* କଠିନ, ଶକ୍ତ, ନିର୍ଦ୍ଦୟ, ନିଷ୍ଠୁର ।
Severely, *ad.* ଶକ୍ତରୂପେ, ନିଷ୍ଠୁରରୂପେ, କଠିନ ବାକ୍ୟରେ ।
Severity, *s.* ନିର୍ଦ୍ଦୟତା, କାଠିନ୍ୟ, କଠୋରତା, କ୍ରୂରତା ।
Sew, *v.* ସିଲାଇବା, ସିଲାଇ-କ । [ନାଳ ।
Sewer, *s.* ପୟଃନାଳୀ, ନର୍ଦ୍ଦମା, ମନ୍ଦୁଅ, ପାଣି-
Sex, *s.* ଲିଙ୍ଗ, ସ୍ତ୍ରୀଜାତି ବା ପୁରୁଷଜାତି, ସ୍ତ୍ରୀ ପୁଂ ଜାତିଭେଦ । [ବର୍ଷର ।
Sexagenary, *a.* ଷଷ୍ଟିବର୍ଷୀୟ, ଷାଠିଏ
Sexangular, *a.* ଷଟ୍‌କୋଣବିଶିଷ୍ଟ, ଛଅକୋଣିଆ ।
Sexennial, *a.* ଛଅ ଛଅ ବର୍ଷର ଅନ୍ତର ।
Sextant, *s.* ଚକ୍ରର ଷଷ୍ଠାଂଶ ବା ଛଅଭାଗ; କୋଣମାପକ ଯନ୍ତ୍ର । [ଲୋକ ।
Sexton, *s.* ଧର୍ମାଳୟର କବର ଖୋଳିବା

Sexual, *a.* ସ୍ତ୍ରୀ ପୁଂ ଜାତି ସମ୍ବନ୍ଧୀୟ ।

Shabbily, *ad.* ଜଘନ୍ୟ ବା କୁତ୍ସିତ ବା ଅଧମରୂପେ ।

Shabby, *a.* କୃପଣ, ଅପକୃଷ୍ଟ, ଜଘନ୍ୟ, ଗାଭା ।

Shackle, *v.* ଜଞ୍ଜିର ବା ବେଡି ଦେଇ ବାନ୍ଧିବା; ଅଟକାଇବା । [ଶୃଙ୍ଖଳ ।

Shackles, *s.* ବେଡି, ହାତକଡି, ଜଞ୍ଜିର,

Shade, *s.* ଛାୟା, ଆଚ୍ଛାଦନୀ, ପର୍ଦ୍ଦା ; ଭୂତ, ପ୍ରେତ ।—*v.* ଛାୟା-ଆଶ୍ରୟ-ଦେ, ଆଚ୍ଛାଦନ-ଅନ୍ଧକାର-କ ।

Shadow, *s.* ଛାୟା, ଉହାଡ; ପ୍ରତିବିମ୍ବ, ଆଶ୍ରୟ ।

Shadowy, *a.* ଛାୟାମୟ, ଅନ୍ଧାର; ଅସାର,

Shady, *a.* ଉହାଡ଼ଯୁକ୍ତ, ଛାୟାଯୁକ୍ତ । [ମିଥ୍ୟା ।

Shaft, *s.* ତୀର, ବାଣ, ଶର ; ଖଣିପଥ, ଅସ୍ତ୍ରର ବେଣ୍ଟ ।

Shaggy, *a.* ଲୋମଯୁକ୍ତ; ଅବତଶାବତ ।

Shake, *v.* ହଲିବା, କମ୍ପିବା, ଥରହର-ହେ ।

Shall, *v.* ଭବିଷ୍ୟତ୍କାଳସୂଚକ କ୍ରିୟାପଦ, ଯଥା ଆମ୍ଭେ ଯିବା ।

Shallow, *s.* ଗଡ଼ା, ଜଳସ୍ଥଳ, ଅଗଭୀରତା ।—*a.* ଅଗଭୀର; ଅଳ୍ପବୁଦ୍ଧି ।

Sham, *v.* ପ୍ରତାରଣା- ଛଳ- ବାହାନା-କ ।—*a.* କଳ୍ପିତ, ମିଥ୍ୟା, କୃତ୍ରିମ । [ଘର ।

Shambles, *s* ମାଂସ ବିକିବା ହାଟ, କଂସାଇ

Shame, *s.* ଲଜ୍ଜା, ସରମ, ଅପମାନ ।

Shamefaced, *a.* ଲଜ୍ଜିତ, ସଙ୍କୁଚିତ, ମାଇମୁହାଁ

Shameful, *a.* ଲଜ୍ଜାକର, ଲଜ୍ଜାଜନକ, କଦାଚାର, ନୀଚ । [ହୀନ, ବେସରମା ।

Shameless, *a.* ନିର୍ଲଜ୍ଜ, ବେହୟା, ଲଜ୍ଜାର-

Shank, *s.* ଗୋଡର ନଳୀ; ଅସ୍ତ୍ରର ବେଣ୍ଟ ।

Shape, *s.* ଆକାର, ରୂପ, ଗଠନ, ଢୌଲ ।—*v.* ନିର୍ମାଣ-କ, ଗଢ଼ିବା, ଆକାର ବା ରୂପ କରାଇବା ।

Shapeless, *a.* ବିରୂପ, କଦାକାର, ବେଢୌଲ

Share, *s.* ଅଂଶ, ଭାଗ, ବାଣ୍ଟ, ବଖରା; ଲଙ୍ଗଳ-ଲୁହା, ଫାଳ ।—*v.* ଭାଗ-ଅଂଶ-କ, ବାଣ୍ଟିବା, ଭାଗ-ଦେ, ବଖରା-କ ।

Shark, *s.* ହାଙ୍ଗରମାଛ ; ଠକ, ଧୂର୍ତ୍ତ ।

Sharp, *a.* ଧାରୁଆ, ତୀକ୍ଷ୍ଣ, ତୀବ୍ର; କ୍ଲେଶଦାୟକ; ସୂକ୍ଷ୍ମବୁଦ୍ଧି; ଅମ୍ଳ, ଖଟା ।

Sharpen, *v.* ଧାରୁଆ, ତୀକ୍ଷ୍ଣ-କ; ଶାଣ-ଦେ; ତେଜାଇବା ।

Sharper, *s.* ଜୁଆଖେଳ, ପ୍ରବଞ୍ଚକ, ଠଗ ।

Sharply, *ad.* ସୁଧାରରେ, ପ୍ରଖରରୂପେ, କଟୁରୂପେ ।

Sharp-sighted, *a.* ତୀକ୍ଷ୍ଣଦୃଷ୍ଟି, ପ୍ରଖରଦର୍ଶୀ ।

Shatter, *v.* ଖଣ୍ଡ-କ, ଭାଙ୍ଗିପକାଇବା ।

Shave, *v.* କ୍ଷୌର-କ, ମୁଣ୍ଡନ-କ । [ଞ୍ଚକ ।

Shaver, *s.* ଭଣ୍ଡାରୀ, ନାପିତ, ବାରିକ; ପ୍ରବ-

Shaving, *s.* କାଠ ରନ୍ଧାର ଛିଲକା ।

Shawl, *s.* ଉତ୍ତମ ପଶମୀ ବସ୍ତ୍ର, ଶାଲ ।

She, *pron.* ସ୍ତ୍ରୀଲିଙ୍ଗବାଚକ ସଂଜ୍ଞା, ସେ ।

Sheaf, *s.* ଶସ୍ୟର ବିଡା, ବୋଝ, ପୁଳା ।

Shear, *v.* କଇଞ୍ଚି ଦେଇ କାଟିବା, ମେଷର ଲୋମ ଛେଦନ-କ । [କର୍ତ୍ତନୀ ।

Shears, *s.* ବଡ କଇଞ୍ଚି, ବଡ କତୁରୀ, ବୃହତ୍

Sheath, *s.* ଖାପ, ଖୋଳ, କୋଷ ଆଧାର ।

Sheathe, *v.* କୋଷରେ ରଖିବା, ଖାପ-ଦେ ।

Shed, *s.* କୁଡିଆଘର, କୁଟୀର, ଏକଚାଳ ।—*v.* ଢାଳି-ଦେ, ଝର ପଡିବା ।

Sheep, *s.* ମେଣ୍ଢା, ମେଷ, ଗାଡର, ଭେଡା ।

Sheepfold, *s.* ମେଷଶାଳ, ମେଣ୍ଢାର ଖୁଆଡ, ଅଟେଇ ।

Sheepish, *a.* ମେଷବତ୍, ଭୟାଳୁ, ସଙ୍କୁଚ ।

Sheer, *a.* ମାତ୍ର, କେବଳ, ଶୁଦ୍ଧ ପ୍ରକୃତ; ଅମିଶ୍ରିତ ।

Sheet, *s.* ଚଦର, ଦୋପଟା; ଫର୍ଦ, ତକ୍ତା ।
Sheet-anchor, *s.* ଜାହାଜର ପ୍ରଧାନଲଙ୍ଗର
Shelf, *s.* ମଞ୍ଚା, ତକ୍ତାକାଠ, ପଟା ।
Shell, *s.* ଶଙ୍ଖ, ଶାମୁକା, କଉଡ଼ି; ଖୋଳପା, ଛାଲ ।—*v.* ଖୋଳପା ବା ଛାଲ କାଟିବା ।
Shell-fish, *s.* ଶାମୁକା, ଝିନୁକାଦି ଜନ୍ତୁ ।
Shelter, *s.* ଆଶ୍ରୟ, ଶରଣ, ରକ୍ଷାସ୍ଥାନ, ଉଦ୍ଧାର ।—*v.* ଆଶ୍ରୟ-ଦେ, ପ୍ରତିପାଳନ- ରକ୍ଷା-କ ।
Shelving, *a.* ଢାଳୁ, ଗଡ଼ାଣିଆ, ଗଡ଼ନ୍ତ ।
Shepherd, *s.* ମେଷପାଳକ, ରକ୍ଷକ, ରଖୁଆଳ
Sherbert, *s.* ଚିନିର ପଣା, ଶରବତ ।
Sheriff, *s.* ନଗର ବା ଜିଲ୍ଲାର କେବର୍ଣ୍ଣ, ଅଦାଲତର ଜାରିର, ଦଣ୍ଡଦାୟକ ।
Sherry, *s.* ମଦ୍ୟବିଶେଷ ।
Shew, *v.* ଦର୍ଶାଇବା, ଦେଖାଇବା, ପ୍ରକାଶ-କ
Shew-bread, *s.* ଦର୍ଶନ ରୋଟୀ, ଈଶ୍ୱରୋ-ଦ୍ଦେଶେ ଉତ୍ସର୍ଗୀକୃତ ରୋଟୀ ।
Shield, *s.* ଢାଲ, ଫଲକ, ଆଶ୍ରୟ, ରକ୍ଷା ।—*v.* ଢାଲ ଧରିବା, ରକ୍ଷା-କ, ବଞ୍ଚାଇବା, ଆଶ୍ରୟ-ଦେ ।
Shift, *s.* ଉପାୟ, ବାହାନା, ଛଳ; ସ୍ତ୍ରୀଲୋକର କାମିଜ ।—*v.* ପରିବର୍ତ୍ତନ- ବଦଳି-କ, ସ୍ଥାନାନ୍ତରକୁ ଯିବା । [ପାୟଶୂନ୍ୟ ।
Shiftless, *a.* ନିରୁପାୟ, ଗତିବର୍ଜିତ, ଉ-
Shilling, *s.* ଇଂରାଜୀ ରୌପ୍ୟମୁଦ୍ରାବିଶେଷ, ପ୍ରାୟ ବାର ଅଣା । [ଟାଳ ।
Shillishally, *s.* ବକବକ, ଅସ୍ଥିରତା, ଟାଳମ-
Shin, *s.* ଗୋଡ଼ ନଳୀର ଅଗ୍ରଭାଗ ।
Sbine, *v.* ଉଜ୍ଜ୍ୱଳ-କ, ଶୋଭିତ- ତେଜସ୍ୱୀ-ପ୍ରକାଶ-ହେ ।
Shingle, *s.* ଗୃହାଚ୍ଛାଦନ ସରୁ ତକ୍ତା ବା ପଟା
Shining, *a.* ଦୀପ୍ତିମାନ୍, ଚିକ୍କଣ, ଉଜ୍ଜ୍ୱଳ
Shingles, *s.* ଅଣ୍ଟାର ଜାଦୁ ରୋଗବିଶେଷ ।

Ship, *s.* ଜାହାଜ, ବୋଇତ, ସମୁଦ୍ରପୋତ ।—*v.* ଜାହାଜରେ ତୋଳିବା, ଜାହାଜରେ ବୋହୋଇ-କ । [ନୌକାରେ ।
Shipboard, *ad.* ଜାହାଜରେ, ବୋଇତରେ,
Shipmate, *s.* ଏକଜାହାଜର ସହକର୍ମକାରୀ ।
Shipping, *s.* ଜାହାଜସମୂହ, ବହର ।
Shipwreck, *s.* ଜାହାଜଭଙ୍ଗା; ଉଚ୍ଛେଦ, ବିନାଶ ।
Shipwright, *s.* ଜାହାଜ ନିର୍ମାଣକର୍ତ୍ତା, ଜାହାଜ ମିସ୍ତ୍ରୀ ।
Shire, *s.* ଇଂଲଣ୍ଡ ଦେଶର ଜିଲା ।
Shirt, *s.* କାମିଜ, ଇତର ଜାମାବିଶେଷ ।
Shiver, *v.* ଖଣ୍ଡ ଖଣ୍ଡ ଭାଙ୍ଗିବା; କମ୍ପିବା, ଥରଥର-ହେ ।
Shivering, *s.* କମ୍ପ, ଥରଥର; ଖଣ୍ଡ ଖଣ୍ଡକରଣ ।
Sheal, *s.* ଗହଳ, ଭିଡ଼; ଅଗଭୀର ସ୍ଥାନ, ଚଡ଼ା; ମାଛର ଝାଙ୍କ ।
Shock, *s.* ଧକ୍କା, ଧମକ, ଠେଲାଠେଲି, ଆଘାତ; ଶସ୍ୟ ବିଡ଼ାର ଗଦା ।—*v.* ଧକ୍କାମାରିବା; ବିରକ୍ତ-କ, ଭୟ ଜନ୍ମାଇବା ।
Shocking, *a.* ଘୃଣାଜନକ, କୁତ୍ସିତ, କଦର୍ଯ୍ୟ, ଭୟାନକ ।
Shoe, *s.* ଯୋତା, ପାଦୁକା, ଖଡ଼ାଉ; ନାଲ ।—*v.* ନାଲ ବାନ୍ଧିବା । [ବନ୍ଦ ।
Shoemaker, *s.* ମୋଚି, ଚର୍ମକାର; ନାଲ-
Shoot, *s.* ନୂଆପଲ୍ଲବ, ଅଙ୍କୁର, ଶାଖା ।—*v.* ଛୁଟିବା, ଅଙ୍କୁର ବାହାରିବା; ବେଦନାର ଶୂଳ-ହେ; ବନ୍ଧୁକ ମାରିବା ।
Shop, *s.* ଦୋକାନ, ମୁଦିଘର; ଶିଳ୍ପଶାଳା ।
Shopkeeper, *s.* ଦୋକାନୀ, ମୁଦି, ଦୋକାନଦାର । [ଠେକ ।
Shore, *s.* ତଟ, ତୀର, କୂଳ; ଖୁଣ୍ଟ, ଅଲମ୍ବ,
Shoreless, *a.* ଅକୂଳ, ଅପାର, ଅତଟ ।

Short, *a.* ଅଦୀର୍ଘ, ଖାଟ, କମ୍ ଲମ୍ବ; ଅପୂର୍ଣ୍ଣ, ଊଣା; ସଂକ୍ଷିପ୍ତ ।

Shorten, *v.* ହ୍ରାସ-କର- ଖାଟ- ଊଣା- କ ।

Shorthand, *s.* ସଂକ୍ଷେପ ଲେଖାବିଶେଷ ।

Short-lived, *a.* ଅଳ୍ପକାଳସ୍ଥାୟୀ, ଅଚିର-ଜୀବୀ, ଅଳ୍ପାୟୁଷ ।

Shortly, *ad.* ଶୀଘ୍ର, ଝଟତି, ଅବିଳମ୍ବେ, ବେଗେ; ସଂକ୍ଷେପରେ ।

Short-sighted, *a.* ଅଦୂରଦର୍ଶୀ; ଅଳ୍ପବୁଦ୍ଧି ।

Shot, *s.* ଗୁଳି, ସୀସ ଟୁକି, ଛରସ ।

Should, *v.* ଭବିଷ୍ୟଦିଚ୍ଛାବୋଧକ କ୍ରିୟା ।

Shoulder, *s.* କାନ୍ଧ, ସ୍କନ୍ଧ; ଅଂସ ।—*v.* କାନ୍ଧେଇବା, ସ୍କନ୍ଧରେ ଉଠାଇବା; ଧକ୍କା ମାରିବା ।

Shout, *s.* ଉଚ୍ଚରବ, ଚିତ୍କାର ଶବ୍ଦ, ଜୟସୂଚକ ଧ୍ୱନି, ଡାକ, ହାକ ।—*v.* ଜୟଧ୍ୱନି-କ, ଉଚ୍ଚୈଃସ୍ୱରେ ଡାକିବା, ହାକମାରିବା ।

Shove, *s.* ଠେଲା, ପେଲା, ଧକ୍କା ।

Shovel, *s.* କୋଡ଼ି, କୋଦାଳୀ ।

Show, *s.* ଦର୍ଶନ, ଦୃଷ୍ଟି, ଜାକଜମକ; ତାମାସା ।—*v.* ଦର୍ଶାଇବା; ଦେଖାଇବା; ବୁଝାଇବା, ସାବ୍ୟସ୍ତ-କ, ପ୍ରମାଣ-ଦେ ।

Shower, *s.* ବୃଷ୍ଟି, ବର୍ଷଣ, ଝଡ଼, ବର୍ଷା ।—*v.* ବୃଷ୍ଟି-ହେ, ବର୍ଷିବା; ଅଜସ୍ର ଦାନ-କ ।

Showery, *a.* ବୃଷ୍ଟିମୟ, ବର୍ଷାବହୁ ।

Showy, *a.* ଜମକପୂର୍ଣ୍ଣ, ଜାକମୟ; ସୁନ୍ଦର ।

Shred, *s.* ଟୁକୁରା, ଖଣ୍ଡ, କନା, ଚିନ୍ଦି ।

Shrew, *s.* କଳିହୁଡ଼ା ସ୍ତ୍ରୀ, ଭୁଣ୍ଡେଇ, ମୂଷକ ।

Shrewd, *a.* ବୁଦ୍ଧିମାନ, ସିଆଣା, ଶଠ, ଧୂର୍ତ୍ତ ।

Shrewdly, *ad.* ଚତୁରତାପୂର୍ବକ, ଚତୁର-ଭାବରେ । [ଡାକିବା ।

Shriek, *v.* ଚିତ୍କାର- ଆର୍ତ୍ତନାଦ-କ, ଭୟରେ

Shrill, *a.* ସୂକ୍ଷ୍ମଶବ୍ଦ ପୂର୍ଣ୍ଣ; ତୀକ୍ଷ୍ଣ ।

Shrimp, *s.* ଚିଙ୍ଗୁଡ଼ିମତ୍ସ୍ୟ । [ବେଦୀ ।

Shrine, *s.* ପବିତ୍ର ବସ୍ତୁର ଆଧାର, ଦେବାଳୟ;

Shrink, *v.* ସଙ୍କୁଚିତ-ହେ; ଛୋଟ-ହେ ଭୟରେ ହଟିବା ।

Shrivel, *v.* କୁଞ୍ଚୁଡ଼ି ଯିବା, ସଙ୍କୁଚିଯିବା, ଜଡ଼-ସଡ଼ାଇବା ।

Shround, *s.* ଚିତାବସ୍ତ୍ର, ଶବାଚ୍ଛାଦନ; ଆଶ୍ରୟ ।—*v.* ଆଚ୍ଛାଦନ- ଆଚ୍ଛନ୍ନ-କ, ଘୋଡ଼ାଇବା ।

Shrub, *s.* ସାନଗଛ, ଗୁଳ୍ମ, ଝାଡ଼; ଫଳଅଦ-ମିଶ୍ରିତ ମଦ୍ୟ । [ମୟ ସ୍ଥାନ ।

Shrubbey, *s.* ଉପବନ, ଉଦ୍ୟାନ, ଗୁଳ୍ମ-

Shrug, *v.* ଉତ୍କ୍ଷେପ-କ, ଘୃଣାବୋଧରେ ଗ୍ରୀବାଉ ଉଟେବା ।

Shudder, *v.* କମ୍ପିବା, ଥରୁ-ରୋମାଞ୍ଚିତ-ହେ

Shuffle, *v.* ତାସ୍ ଫେଣ୍ଟାଇବା; ଅଦଳ-କ; କପଟ-କ ।

Shuffler, *s.* ପ୍ରବଞ୍ଚକ, ଠକ, ଜୁଆଚୋର, ଛଳୀ

Shun, *v.* ତ୍ୟାଗ-କ, ଅନ୍ତର-ହେ, ଘୁଞ୍ଚିବା ।

Shut, *v.* ବନ୍ଦ-ରୁଦ୍ଧ-କ, ଅଟକାଇବା; ମୁଦ୍ରିତ-କ ।

Shutter, *s.* କବାଟ, ଖିଡ଼କି, ଢୁଅର, ଝରକା

Shuttle, *s.* ମାକୁ, ତନ୍ତର ଜୁଆ, କଣ୍ଡା ।

Shy, *a.* ଲାଜୁକ, ସଙ୍କୋଚିତ, ଅନାଳାପୀ ।

Shyness, *s.* ଲାଜୁକତା, ଅନାସକ୍ତତା, ଅସାହସ

Sibilant, *a.* ଶୀଷଯୁକ୍ତ, ସ୍ୱରର ଶବ୍ଦପୂର୍ଣ୍ଣ ।

Sibyl, *s.* କବିକଳ୍ପିତ ଭବିଷ୍ୟଦ୍ବକ୍ତ୍ରୀ ।

Sick, *a.* ପୀଡ଼ିତ, ରୋଗୀ, ଅସୁସ୍ଥ; ବିରକ୍ତ ।

Sicken, *v.* ପୀଡ଼ିତ-ହେ; ବମନେଚ୍ଛା ଜନ୍ମାଇବା; ବିରକ୍ତ-କ ।

Sickle, *s.* ଦାଆ, ଧାନ୍ୟାଦି କର୍ତ୍ତନୀ, କଚିଆ ।

Sickly, *a.* ଅସୁସ୍ଥ, ସଦାରୋଗୀ, କ୍ଷୀଣ, ଦୁର୍ବଳ । [କେଛା, ଦାଆ ।

Sickness, *s.* ପୀଡ଼ା, ରୋଗ, ବ୍ୟାଧି; ବମ-

Side, *s.* ପାର୍ଶ୍ୱ, ପାଖ, ପାଶ; ପଞ୍ଜର, ପଞ୍ଜସ; ଦିଗ; ପକ୍ଷ, ଦଳ ।—*a.* ପାଖର, ପାର୍ଶ୍ୱସ୍ଥିତ, ଏକପାଖିଆ ।—*v.* ପକ୍ଷ-ହେ, ପକ୍ଷପାତ-କ ।

Sideboard, *s.* ପାଖର ମେଜ, ସାଇଡବୋର୍ଡ ।

Sidelong, *a.* ପାର୍ଶ୍ୱସ୍ଥ, ତେର୍ଚ୍ଛା, ତେଡ଼ା ।

Sidereal, *a.* ତାରା ସମ୍ବନ୍ଧୀୟ, ନକ୍ଷତ୍ରମୟ ।

Sideways, *ad.* ଏକପାର୍ଶ୍ୱେ, ଏକପାଖେ; ଅଡ଼େ

Sidle, *v.* ଅଡ଼ହୋଇ ଯିବା, ଅପ୍ରଶସ୍ତ ପଥେ ଗମନ-କ ।

Siege, *s.* ନଗର ଅବା ଗଡ଼ାଦି ଚୌଦିଗରେ ବେ-[ଷ୍ଟନ ।

Sieve, *s.* ଚାଲୁଣୀ, ଛାଙ୍କୁଣୀ, ଝାଡ଼ଣୀ ।

Sift, *v.* ଚଳାଇବା, ଛାଣିବା; ପରୀକ୍ଷା-କ ।

Sigh, *s.* ଦୀର୍ଘ ନିଶ୍ୱାସ, ହାଇ ।—*v.* ଦୀର୍ଘ-ନିଶ୍ୱାସ ଛାଡ଼ିବା, ହାଇମାରିବା ।

Sight, *s.* ଦର୍ଶନ, ଦୃଷ୍ଟି, ଚକ୍ଷୁ; ଆଶ୍ଚର୍ଯ୍ୟବିଷୟ ।

Sightless, *a.* ଅନ୍ଧ, କଣା, ଦୃଷ୍ଟିହୀନ, ଚକ୍ଷୁହୀନ

Sightly, *a.* ସୁନ୍ଦର, ସୁରୂପ, ସୁଦୃଶ୍ୟ ।

Sign, *s.* ଚିହ୍ନ, ଲକ୍ଷଣ, ଠାର, ସଙ୍କେତ; ସ୍ୱର୍ଗ ।—*v.* ଚିହ୍ନ-ଦେ, ସ୍ୱାକ୍ଷର-ଦସ୍ତଖତ-ସହି-କ ।

Signal, *s.* ଚିହ୍ନ, ଠାର, ଇଙ୍ଗିତ ଇଶାରା, ସଙ୍କେତ, ନିଶାଣ ।

Signal, *a.* ସ୍ମରଣୀୟ; ଆଶ୍ଚର୍ଯ୍ୟ, ବିଶେଷ, ଅପୂର୍ବ ।

Signalize, *v.* ପ୍ରସିଦ୍ଧ- ସ୍ମରଣୀୟ- ଖ୍ୟାତ୍ୟା- [ପନ୍ନ-କ ।

Signally, *ad.* ଅପୂର୍ବରୂପେ, ଆଶ୍ଚର୍ଯ୍ୟରୂପେ ।

Signature, *s.* ସ୍ୱାକ୍ଷର, ନାମାକ୍ଷର, ଦସ୍ତଖତ, ସନ୍ତକ, ଚିହ୍ନ ।

Signet, *s.* ରାଜାଙ୍କର ମୋହର, ମୁଦ୍ରା ।

Significance, *s.* ଅର୍ଥ, ଭାବ, ଅଭିପ୍ରାୟ; ଶକ୍ତି, ବଳ, ଆବଶ୍ୟକତା ।

Significant, *a.* ଅର୍ଥବୋଧକ; ବଡ଼ଭାରି ।

Signification, *s.* ଅର୍ଥ, ଭାବ, ଅଭିପ୍ରାୟ; ଜ୍ଞାପନ ।

Signify, *v.* ଜ୍ଞାପନ-କ, ବୁଝାଇବା, ଜଣାଇବା

Silence, *s.* ମୌନ, ନିଶବ୍ଦ, ଅବାକ୍, ଚୁପ୍, ତୁନି ।—*v.* ତୁନି- ଚୁପ୍-କ; ଥମାଇବା, ସ୍ଥିର-କ ।

Silent, *a.* ମୌନୀ, ନୀରବ, ଚୁପ୍, ତୁନି, ସ୍ଥିର ।

Silk, *s.* ରେଶମ, ଟସର, ପୋଟିପୋକର ଦ୍ରବ୍ୟ ।

Silken, *a.* ରେଶମୀ, ଟସରୀ, ପାଟ ନିର୍ମିତ; କୋମଳ ।

Silk-mercer, *s.* ରେଶମ ବ୍ୟାପାରୀ, ପାଟ ବ୍ୟବସାୟୀ ।

Silk-weaver, *s.* ଟସର ତନ୍ତି ।

Silkworm, *s.* ପୋଟିପୋକ, ଗୁଟିପୋକ ।

Sill, *s.* ଚୌକାଠର ତଳପଟ ।

Silly, *a.* ମୂର୍ଖ, ନିର୍ବୋଧ, ମୂଢ଼, ବାୟା ।

Silt, *s.* ସମୁଦ୍ରର ସୂକ୍ଷ୍ମବାଲି, ପଙ୍କ ।

Silver, *s.* ରୂପା, ରଜତ, ରୌପ୍ୟ ।

Silversmith, *s.* ସୁନାର, ସ୍ୱର୍ଣ୍ଣକାର ।

Silvery, *a.* ରୂପାପରି, ରୌପ୍ୟମୟ ।

Similar, *a.* ତୁଲ୍ୟ, ପରି, ସଦୃଶ, ଅନୁରୂପ ।

Similarity, *s.* ସାଦୃଶ୍ୟ, ତୁଲ୍ୟତା, ସମାନଭାବ

Simile, *s.* ଉପମା, ଦୃଷ୍ଟାନ୍ତ, ଉଦାହରଣ ।

Similitude, *s.* ସାଦୃଶ୍ୟ, ଉପମା, ତୁଳନା, ଦୃଷ୍ଟାନ୍ତ ।

Simmer, *v.* ଅଳ୍ପ ଫୁଟିବା ।

Simper, *v.* ମୃଦୁ ହସିବା, ଅଳ୍ପହାସ୍ୟ-କ ।

Simple, *a.* ସରଳ, ନିଷ୍କପଟ; ସହଜ; ମୂଢ଼ ।

Simpleton, *s.* ନିର୍ବୋଧ ଲୋକ, କ୍ଷୀଣବୁଦ୍ଧି, ମୂର୍ଖ ।

Simplicity, *s.* ସାରଲ୍ୟ, ସରଳତା; ନିର୍ବୁଦ୍ଧିତା; ସହଜତା ।

Simplify, *v.* ସହଜ- ସ୍ପଷ୍ଟ- ବ୍ୟକ୍ତ-କ ।

Simply, *ad.* ସରଳଭାବେ, ଅକପଟଭାବେ; ମାତ୍ର, କେବଳ ।

**Simulation**, *s.* ଛାଦ୍ମିକତା, କାପଟ୍ୟ, ଛଳ

**Simultaneous**, *a.* ସମକାଳର, ଏକକାଳରେ ଘଟିତ ।

**Sin**, *s.* ପାପ, ପାତକ, ଅପରାଧ, ଦୋଷ, ଦୁ-ରିତ, ଅଧର୍ମ ।—*v.* ଈଶ୍ୱରଙ୍କ ଆଜ୍ଞା ଲଙ୍ଘିବା. ପାପ-କ ।

**Since**, *conj.* ଯେହେତୁ, ଯେ କାରଣ ।—*ad.* ଯେହେତୁକ; ଯଦବଧି, ଯେଉଁକାଳରୁ ।

**Sincere**, *a.* ସରଳ, ଅକପଟ, ନେକ, ଯଥାର୍ଥ ।

**Sincerely**, *ad.* ସରଳରୂପେ, ସତ୍ୟରୂପେ ।

**Sincerity**, *s.* ସରଳତା, ଅକାପଟ୍ୟ, ଯାଥା-ର୍ଥ୍ୟ, ସତ୍ୟତା, ଶୁଦ୍ଧତା ।

**Sinecure**, *s.* କର୍ମାବର୍ଜରେ ବୃତ୍ତିଭୋଗ; ଉପରି ଲଭ୍ୟ-ପଦ । [ସାମର୍ଥ୍ୟ ।

**Sinew**, *s.* ସ୍ନାୟୁ, ଶିର, ରଗ, ମାଂସପେଶୀ; ବଳ,

**Sinful**, *a.* ପାପିଷ୍ଠ, ପାପୀ, ପାତକୀ, ଦୋଷୀ ।

**Sing**, *v.* ଗାଇବା, ଗାନ- କୀର୍ତ୍ତନ-କ; ସ୍ୱର-ଗୁନ୍ଥିବା ।

**Singe**, *v.* ଅଳ୍ପଦଗ୍ଧ-କ, ଅଧେ ପୋଡିବା ।

**Singer**, *s.* ଗାୟକ, ଗାଥକ, କୀର୍ତ୍ତନୀୟ ।

**Single**, *a.* ଏକ, ଅଦ୍ୱିତୀୟ; ଅବିବାହିତ, ଅନୂଢ଼; ଶୁଦ୍ଧ, ନିର୍ମଳ; ବିଶେଷ; ଏକାଙ୍ଗ ।—*v.* ବାଛିବା, ପୃଥକ୍- ଚିହ୍ନ-କ ।

**Singleness**, *s.* ଏକତ୍ୱ; ସରଳତା ।

**Singly**, *ad.* ଏକେ୨, ପ୍ରତ୍ୟେକେ; ମାତ୍ରକେ, କେବଳ ।

**Singular**, *a.* ଏକ, ଏକକ: ଅସାଧାରଣ, ଅପୂର୍ବ ।

**Singularity**, *s.* ଅସାଧାରଣତା, ବିଶେଷ ଭାବ, ଅଦ୍ଭୁତତା ।

**Singularly**, *ad.* ଅଦ୍ଭୁତରୂପେ, ଅପୂର୍ବମତେ

**Sinister**, *a.* ବାମ, ବାଁ ; ମନ୍ଦ, ଅମଙ୍ଗଳ, ଅଶୁଭ; ଅପ୍ରସନ୍ନ ।

**Sink**, *v.* ତଳକୁ ପଡ଼ିବା, ବୁଡ଼ିବା, ବୁଡ଼ି ଯିବା, ଜଳରେ ମଗ୍ନ-ହେ; କ୍ରମେ ଦୁର୍ବଳ-ହେ ।—*s.* ନର୍ଦ୍ଦମା, ନଳା, ମଳକୁଣ୍ଡ, ପାଣିନଳା ।

**Sinless**, *a.* ନିଷ୍ପାପ, ନିର୍ଦ୍ଦୋଷ, ସାଧୁ ।

**Sinner**, *s.* ପାପୀ, ପାତକୀ, ଦୋଷୀ, ଅପରାଧୀ

**Sin-offering**, *s.* ପ୍ରାୟଶ୍ଚିତ୍ତ, ବଳିଦାନ ।

**Sinuous**, *a.* ବଙ୍କା, ବକ୍ର, ପେଁଚଳ ।

**Sip**, *v.* ଅଳ୍ପ୨ ପାନ-କ, ଢୋକେ ପିଇବା ।

**Siphon**, *s.* ଯୌଣସେଁ ପାତ୍ରରୁ ଦ୍ରବ ଦ୍ରବ୍ୟ କାଢିବା ନଳ ବା ଚୋଙ୍ଗୀ । [ନର ଉପାଧି ।

**Sir**, *s.* ମହାଶୟ, ଅବଧାନ, ସାହେବ, କୁଳୀ-

**Sire**, *s.* ପିତା, ବାପ, ଜନକ; ରାଜୋପାଧି ।

**Siren**, *s.* କବିକଳ୍ପିତ ସମୁଦ୍ରୀୟ ରାକ୍ଷସୀ; ମୋହିନୀ ।

**Sirius**, *s.* ତାରାବିଶେଷ ।

**Sirloin**, *s.* ଗବାଦର କଟିଦେଶ ।

**Sirocco**, *s.* ଈଥିୟାଦେଶର ଦକ୍ଷିଣପୂର୍ବର ଗରମବାୟୁ । [ରେ ।

**Sirrah**, *s.* ଅବଜ୍ଞାସୂଚକ ଶବ୍ଦ, ଯଥା—ଅରେ,

**Sister**, *s.* ଭଉଣୀ, ଭଗିନୀ, ଭଗ୍ନୀ, ସହୋଦରା ।

**Sisterhood**, *s.* ଏକ ସମ୍ପ୍ରଦାୟର ସ୍ତ୍ରୀଗଣ, ଭଗିନୀର ସମାଜ; ଭଗିନୀତ୍ୱ ।

**Sister-in-law**, *s.* ଭାଇର ବହୁ, ଭ୍ରାତୃବଧୂ, ଯାଉଜ, ଶାଳୀ ନଣନ୍ଦ ।

**Sisterly**, *a.* ଭଉଣୀ ତୁଲ୍ୟ, ଭଗିନୀବତ୍ ।

**Sit**, *v.* ବସିବା, ଉପବେଶନ-କ ; ସଭାସ୍ଥ-ହେ ।

**Site**, *s.* ସ୍ଥାନ, ସ୍ଥଳ, ଠାବ ।

**Sitting**, *s.* ଉପବେଶନ, ବୈଠକ, ସଭା ।

**Situated**, *a.* ସ୍ଥିତ, ସ୍ଥାପିତ, ଅବସ୍ଥିତ ।

**Situation**, *s.* ସ୍ଥାନ, ସ୍ଥଳ, ସ୍ଥିତି; ଅବସ୍ଥା ; ପଦ; କର୍ମ, ଧନ୍ଦା ।

**Six**, *a.* ଛଅ, ଷଟ୍ ।

**Sixfold**, *a.* ଛଅଗୁଣ, ଛଅପ୍ରସ୍ଥ ।

Sixteen, *a.* ଷୋଳ ।
Sixteenth, *a.* ଷୋଡଶ ।
Sixth, *a.* ଷଷ୍ଠ, ଷଠ ଅଂଶଏକ ।
Sixtieth, *a.* ଷଷ୍ଟିତମ ।
Sixty, *a.* ଷାଠିଏ ।
Size, *s.* ପରିମାଣ, ମାପ; ମଣ୍ଡ, କଳ୍ପ ।
Skate, *s.* ବରଫ ଉପରେ ଚାଲିବାର୍ଥେ ଲୌହ-ଯୁକ୍ତ କଠାଉବିଶେଷ ; ମାଛବିଶେଷ ।—*v.* ଲୌହଯୁକ୍ତ କଠାଉ ପିନ୍ଧି ବରଫ ଉପରେ ଗମନାଗମନ-କ ।
Skein, *s.* ସୂତାର ଲଟାଇ ବା ମେଣ୍ଟି ।
Skeleton, *s.* ଅସ୍ଥିମାତ୍ରାକାର, କଙ୍କାଳ ।
Sketch, *s.* ନକ୍ସା, ଖଡଲେଖା, ଆକାର ।—*v.* ନକ୍ସା-କ; କଳ୍ପନା-କ; ସଂକ୍ଷେପରେ-ଲେଖି ।
Skewer, *s.* ଖିଲବିଶେଷ, ଶୋଳ ।
Skiff, *s.* ସାନ ନୌକା, କ୍ଷୁଦ୍ର ନାବ, ଡଙ୍ଗା ।
Skilful, *a.* ନିପୁଣ, ଦକ୍ଷ, ପାରଗ, ପଟୁ; ବୁଦ୍ଧିମନ୍ତ ।
Skilfully, *ad.* ନିପୁଣରୂପେ, ପ୍ରଜ୍ଞତାପୂର୍ବକ
Skill, *s.* ନିପୁଣତା, ଦକ୍ଷତା, ପାରଗତା ।
Skim, *v.* ଫେଣ ବାହାର-କ, ସାରକାଢିବା ।
Skimmer, *s.* ଚଟୁ, ହତା ।
Skin, *s.* ଚମ, ଚର୍ମ, ଚମଡା, ଛାଲ ।—*v.* ଚର୍ମ ବାହାର-କ, ଛାଲ କାଢିବା ।
Skinner, *s.* ଚର୍ମବ୍ୟବସାୟୀ, ଚର୍ମକାର ।
Skinny, *a.* ଚର୍ମମାତ୍ର, ମାଂସହୀନ, ମୁର୍କୁଟିଆ ।
Skip, *v.* ଡେଇଁବା, କୁଦାମାରିବା; ଛାଡିଯିବା ।
Skipper, *s.* ସାନ ଜାହାଜର କର୍ତ୍ତା ।
Skirmish, *s.* ଅଳ୍ପଯୁଦ୍ଧ, ହାତାହାତି ।
Skirt, *s.* ବସ୍ତ୍ରର ତଳଭାଗ; ପ୍ରାନ୍ତଭାଗ, ଧାର, କୋଣ ।
Skittish, *a.* ଚଞ୍ଚଳ, ଅସ୍ଥିର, ଖେଳୁଆ ।

Skulk, *v.* ଲୁଚିଯିବା, ଗୋପନରେ ଥିବା ।
Skull, *s.* ମୁଣ୍ଡର ଖୋଲି, କପାଳ, କରୋଟି ।
Sky, *s.* ଆକାଶ, ଗଗନମଣ୍ଡଳ, ଅନ୍ତରୀକ୍ଷ ।
Skylark, *s.* ଚଟୁଲପକ୍ଷୀ, ଉଦଉଦଳିଆପକ୍ଷୀ
Skylight, *s.* ଘରର ଉପରସ୍ଥ ଝରକା ।
Skyrocket, *s.* ହାଉଇ, ଅଗ୍ନିବାଣ ।
Slab, *s.* ପଥର ଚଟା, କାଠର ପଟା ।
Slabber, *v.* ଲାଳ- ଛେପ- ଥୁକ ପକାଇବା ।
Slack, *a.* ଢିଲା; ଶିଥିଳ, ଟିଲା, ଅଳସ ।
Slacken, *v.* ଅଳସ-ହେ; ଢିଲା-ଟିଲା-କ, ଶିଥିଳ-ହେ ।
Slag, *s.* ଧାତୁ ମଳ, ଲୌହାଦିର କଳଙ୍କ ।
Slake, *v.* ନିବୃତ୍ତ- ଥଣ୍ଡା- ନିର୍ବାଣ-କ ।
Slam, *v.* ବଳରେ ଦ୍ୱାର ବନ୍ଦ-କ ।
Slander, *s.* ନିନ୍ଦା, ଅପବାଦ, ଗ୍ଲାନି, କୁତ୍ସା ।—*v.* ଅପବାଦ- ନିନ୍ଦା- ଗ୍ଲାନି-କ । [ବାଦୀ ।
Slanderer, *s.* ଅପବାଦକ, ନିନ୍ଦକ, କୁତ୍ସା-
Slant, *a.* ଗଡାଣିଆ, ଢାଲୁ, ତେର୍ଛା ।
Slap, *s.* ଚାପଡା, ଥାପୁଡା, କରଘାତ ।
Slash, *s.* ଘା, ଆଘାତ, କଟା, ଦୀର୍ଘକ୍ଷତ ।
Slate, *s.* ଲେଖିବା ପଥରବିଶେଷ, ସ୍ଲେଟ ପଟା ।
Slattern, *s.* କୁବେଶାସ୍ତ୍ରୀ, ବସ୍ତ୍ରବିଷୟରେ ଅମନୋଯୋଗିନୀ ସ୍ତ୍ରୀ ।
Slaughter, *s.* ହତ୍ୟା, ବଧ, ହନନ, ସଂହାର ।—*v.* ହତ୍ୟା- ବଧ-କ ।
Slave, *s.* ଦାସ, କଣାଦାସ ; ଗୋଲା, ଗୋଲାମ ।—*v.* ଦାସତ୍ୱ- କ୍ଷୁଦ୍ରକର୍ମ- ପରିଶ୍ରମ-କ ।
Slavery, *s.* ଦାସର ଅବସ୍ଥା, ଗୋଲାପଣ, ଗୋଲାମୀ । [ଜାତ ।
Slavish, *a.* ଦାସବତ୍, ଦାସପରି; ଅଧମ,
Slay, *v.* ହତ୍ୟା- ବଧ- ପ୍ରାଣନାଶ-କ, ମାରି ପକାଇବା ।

Sledge, *s.* ଚକଶୂନ୍ୟ ଗାଡ଼ିବିଶେଷ ।

Sledge-hammer, *s.* ବୃହତ୍ ମୁଦ୍ଗର, ବଡ଼ ହାତୁଡ଼ି ।

Sleek, *a.* ଚିକ୍କଣା, ଚେଲ୍ଲ, ଚେଲସିଆ ।

Sleep, *s.* ନିଦ୍ରା, ଘୁମ, ଶୋଇଲ, ଶୟନ; ମୃତ୍ୟୁ ।

Sleeper, *s.* ନିଦ୍ରାଗତ ବା ନିଦ୍ରିତଲୋକ, ଶୟନକାରୀ; ଲୌହପଥରେ ବଂବହାଙ୍କ କାଷ୍ଠଖଣ୍ଡ ।

Sleepy, *a.* ନିଦ୍ରାଳୁ; ଅଳସୁଆ ।

Sleet, *s.* ହିମବୃଷ୍ଟି ।

Sleeve, *s.* ଭୁଜ ଛାଦକ, ଅସ୍ତିନ ।

Sleight, *s.* ଇନ୍ଦ୍ରଜାଲ, ଛଳ, ଭେଲ୍କିବିଦ୍ୟା ।

Slender, *a.* କ୍ଷୀଣ, ସରୁ, ସୂକ୍ଷ୍ମ; ଅଳ୍ପ, ଅପ୍ର- [ଚୁର ।

Slice, *s.* ସରୁଖଣ୍ଡ, ଟୁକୁଡ଼ା ।

Slide, *v.* ପିଚ୍ଛିଳିଯିବା, ଗୋଡ଼ ଖସିଯିବା ।

Slight, *a.* ସାନ, କ୍ଷୁଦ୍ର, ହାଲୁକା, ସରୁ, ପାତଳା ।

Slight, *v.* ତୁଚ୍ଛବୋଧ- ହେଳା- ଅନାଦର- ହେୟଜ୍ଞାନ- ଅବଜ୍ଞା-କ ।

Slightly, *ad.* ଲଘୁରୂପେ, ଅନାଦରପୂର୍ବକ ।

Slily, *ad.* ଧୂର୍ତ୍ତରୂପେ, କପଟଭାବେ, ଚୁପ୍-ଚାପ୍‌ରେ ।

Slim, *a.* ସୂକ୍ଷ୍ମ, ସରୁ, କୃଶାଙ୍ଗ, କ୍ଷୀଣ, ପାତଳ

Slime, *s.* କାଦୁଅ, ପଙ୍କ, ଚିକଟାମାଟି ।

Slimy, *a.* ଅଠାଳିଆ, ଚଟଚଟିଆ ।

Sling, *s.* ଗୁଲ୍ଟେଣି, ଫିଙ୍ଗା; ଶିକା; ଝୁଲା ।—*v.* ଫିଙ୍ଗା ମାରିବା, ଗୁଲ୍ଟେଣି ଦ୍ୱାରା ଫୋପାଡ଼ିବା; ଲଟକାଇବା, ଟାଙ୍ଗିବା ।

Slink, *v.* ଚୁପ୍‌ଚାପ୍ ଉଠିଯିବା ।

Slip, *s.* ପଳାୟନ; ଭ୍ରମ, ଭୁଲ; ସରୁ ଲମ୍ବାଖଣ୍ଡେ; ବୃକ୍ଷର କଲମ ।—*v.* ପାଦ ଖସିବା; ପାସୋରି ଯିବା, ଛାଡ଼ି-ଦେ ।

Slipknot, *s.* ଅଲଗା ବା ଫିଟୁଲା ଗଣ୍ଠି ।

Slipper, *s.* ଯୋତାବିଶେଷ, ପାଣ୍ଡୋଇ, ଚିଲ୍ପଟ

Slippery, *a.* ଚିକ୍କଣ, ପିଚ୍ଛିଳ, ଅସ୍ଥିର, ଚଞ୍ଚଳ

Slit, *s.* ଦୀର୍ଘରେ ଛେଦ, ଲମ୍ବାଚିର ।—*v.* ଦୀର୍ଘରେ ଛେଦ-କ, ଫ ଡ଼ିବା, ଚିରିବା ।

Sloe, *s.* ବନଜାତ ଫଳବିଶେଷ ।

Sloop, *s.* ଏକ ମାସ୍ତୁଲ ଜାହାଜବିଶେଷ, ସ୍ଲୁପ୍

Slope, *s.* ଢାଲୁ ଜାଗା, ଗଡ଼ାଣ ସ୍ଥାନ ।—*v.* ଢାଲୁକର-କ, ଗଡ଼ାଣ-ହେ ।

Sloping, *a.* ତେଢ଼, ଢାଲୁ, ଗଡ଼ାଣ, ବେଢ଼ା ।

Sloth, *s.* ଆଳସ୍ୟ, ଢିଲାମି, ଜଡ଼ତା ।

Slothful, *a.* ଅଳସ, ସୁସ୍ତ, ଢିଲା, କୁଢିଆ ।

Slouch, *s.* ଅଧୋଦୃଷ୍ଟି, ଅନାଡ଼ି ।

Slough, *s.* ପଙ୍କମୟ ସ୍ଥାନ, କାଦୁଅଭର୍ତ୍ତି ।

Slough, *s.* ସାପକାତି; କ୍ଷତ ଚର୍ମ ।

Sloven, *s.* ଅପରିଷ୍କୃତବ୍ୟକ୍ତି, କୁତ୍ସିତ ଲୋକ ।

Slovenly, *a.* ଅପରିଷ୍କୃତ, ବଦଖି ।

Slow, *a.* ଅଶୀଘ୍ର, ମନ୍ଦଗାମୀ, ଧୀର, ଢିଲା, ଅଳସ ।

Slowly, *ad.* ଧୀରେ୨, ମନ୍ଦ୨, ଅସ୍ତେ୨, କ୍ରମେ୨ ।

Slug, *s.* ଶାମୁକାବିଶେଷ, ଗୁଳିବିଶେଷ ।

Sluggard, *s.* ଅଳସବ୍ୟକ୍ତି, ସୁଟି, ନିଷ୍କର୍ମା ଲୋକ ।

Sluggish, *a.* ଅଳସ, ଢିଲା, ଜଡ଼, ମନ୍ଦଗାମୀ

Sluice, *s.* ପାଣି ଯିବାର ବାଟ, ନଳା, ନହୁଆ ।

Slumber, *s.* ଅଳ୍ପନିଦ୍ରା, କାଞ୍ଚନିଦ୍ରା, ଘୁମ ।

Slur, *s.* ଅପମାନ, ବଦନାମ, ଗ୍ଲାନି, କଳଙ୍କ ।—*v.* ସକଳଙ୍କ-ଅପମାନ-କ; ପ୍ରତାରଣା-କ ।

Slut, *s.* ମଇଳା ସ୍ତ୍ରୀ, ନଷ୍ଟଗଟ ଟୋକୀ ।

Sly, *a.* ଧୂର୍ତ୍ତ, ଚତୁର, ଶଠ, ସଂଯଣ ।

Smack, *s.* ସ୍ୱାଦୁ, ରସ, ଚୁମ୍ବନ; ସାନ ଜାହାଜ, ଚପଡ଼; ଭୁଣ୍ଡର ଶବ୍ଦ ।

Small, *a.* କ୍ଷୁଦ୍ର, ସାନ, ଛୋଟ, କ୍ଷୀଣ, ଦୁର୍ବଳ ।

Small-pox, *s.* ବସନ୍ତ, ଗୁଟିରୋଗ, ଠାକୁରାଣୀ ।

Smart, *a.* ତୀକ୍ଷ୍ଣ, ଉଗ୍ର, ଚଟୁ; ଚପଳ; ସୁବେଶୀ ।—*v.* ଜଳିବା, କଷ୍ଟିବା, ବ୍ୟଥା-କ ।

Smartly, *ad.* ତୀକ୍ଷ୍ଣରୂପେ, ଉଗ୍ରରୂପେ ଦ୍ରୁତରୂପେ । [ଚଲାକି ।

Smartness, *s.* ଧୂର୍ତ୍ତତା, ତେଜ, ଦକ୍ଷତା,

Smash, *v.* ଚୂର୍ଣ୍ଣ-ଖଣ୍ଡ-କ, ଭାଙ୍ଗିବା ।

Smattering, *s.* ଅଳ୍ପଜ୍ଞାନ, ନାମମାତ୍ର ସଂସ୍କାର ।

Smear, *v.* ଲେପିବା, ଲଗାଇବା, ମର୍ଦ୍ଦନ-କ ।

Smell, *s.* ଘ୍ରାଣ, ଗନ୍ଧ, ବାସ; ଘ୍ରାଣେନ୍ଦ୍ରିୟ ।—*v.* ଶୁଙ୍ଘିବା, ଗନ୍ଧ ପାଇବା, ଘ୍ରାଣ-ନେ; ବାସିବା ।

Smelt, *v.* ଧାତୁ ତରଳାଇ ନିର୍ମଳ-କ ।

Smile, *v.* ମନ୍ଦହାସ୍ୟ-ଦରହାସ୍ୟ-କ; ପ୍ରସନ୍ନ-ପ୍ରଫୁଲ୍ଲବଦନ-ହେ । [ଲ୍ଲ-ହେ ।

Smirk, *v.* କୋମଳରୂପେ ଦୃଷ୍ଟି-କ, ପ୍ରଫୁ-

Smite, *v.* ପ୍ରହାର-ଅଘାତ-କ; ମାରିବା, ବଧ-କ ।

Smith, *s.* କମାର, କର୍ମକାର, ଲୋହାର ।

Smithy, *s.* କମାରଶାଳ, ଲୋହାର ଶାଳା ।

Smock, *s.* ସ୍ତ୍ରୀଲୋକର ଜାମା, ଭିତରଜାମା

Smoke, *s.* ଧୂଆଁ, ଧୂମ, ଧୂମ୍ର ।—*v.* ଧୂଆଁ ନିର୍ଗତ-ଧୂଆଁ-ହେ; ତମାଖୁର ଧୂଆଁ ଖାଇବା; ଧୂଆଁ ଦ୍ୱାରା ଶୁଷ୍କ-କ । [ବ୍ୟକ୍ତି ।

Smoker, *s.* ଧୂଆଁ ପତ୍ର ବା ତମାଖୁ ଖାଇବା;

Smoky, *a.* ଧୂଆଁଳିଆ, ଧୂମମୟ ।

Smooth, *a.* ସମାନ, ଚୌରସ; ଚିକ୍କଣ; ମୃଦୁ, କୋମଳ ।—*v.* ସମାନ-ଚୌରସ-ସହଜ-କ; ଦୂର-କ; ଇସ୍ତ୍ରି-କ ।

Smoothly, *ad.* ଅକ୍ଳେଶେ, ସହଜେ, ଧୀରେ, କୋମଳରୂପେ ।

Smother, *v.* ଶ୍ୱାସବନ୍ଦ କରି ପ୍ରାଣ ମାରିବା, ଚପାଇ ନାଶ-କ ।

Smuggle, *v.* ଘାଟ ମାରିବା, ମାସୁଲ ନ ଦେଇ ଜିନିସ ଆଣିବା

Smuggler, *s.* ଘାଟମାରିବା ଲୋକ, ଘାଟମାରଣିୟା । [ଲୁକ୍ଷ ।

Smut, *s.* ଝୁଲ, କଳଙ୍କ; ଅଶ୍ଳୀଳ; ଦୁର୍ବାକ୍ୟ,

Smutty, *a.* ଧୂଆଁଳିଆ, କାଳିଆଦାଗ; ଖେଚଡା ।

Snaffle, *s.* ନାକଦଉଡ, ମୁଖସ, କଡ଼ିୟାଳୀ ।

Snail, *s.* ଶାମୁକ, ଶମ୍ବୁକ; ଗେଣ୍ଡା ।

Snake, *s.* ସାପ, ସର୍ପ, ନାଗ, ଭୁଜଙ୍ଗ ।

Snap, *v.* ଝଟ୍ କରି ଭାଙ୍ଗିବା; କାମୁଡିବା; ଅଙ୍ଗୁଳିଧ୍ୱନି-କ । [ଡ଼ଚିଡ଼ିଆ ।

Snappish, *a.* କାମୁଡାଟିଆ, ଖିଟଖିଟିଆ, ଚି-

Snare, *s.* ଫାନ୍ଦ, ଜାଲ, ଫାଶ, କୂଟଯନ୍ତ୍ର ।

Snarl, *v.* କୁକୁରପରି ଗର୍ଜିବା; କଟୁକଥା-କହ

Snatch, *v.* ଛଡାଇ-ଝିଙ୍କି-କାଢି-ନେ ।

Sneak, *v.* ଲୁଚିକରି ଯାଆସ-କ; ଚରଣ ସେବା -କ ।

Sneaker, *s.* ବଡ ପେୟାଲାବିଶେଷ ।

Sneaking, *a.* ନୀଚ, ଚରଣସେବକ; କୃପଣ, ପାଜି ।

Sneer, *s.* ଟାପରା, ପରିହାସ, ଥଟ୍ଟା ବ୍ୟଙ୍ଗୋକ୍ତି

Sneeze, *s.* ହାଁଚି, ଛିଙ୍କ ।—*v.* ଛିଙ୍କିବା, ହାଁଚି-କ ।

Sniff, *v.* ଶୁଙ୍ଘିବା, କୁକୁରପରି ଶୁଙ୍ଘିବା ।

Snip, *v.* କଇଁଚିରେ କାଟିବା, ଥରେ କାଟିବା

Snipe, *s.* କାଦୁଅପକ୍ଷୀ, ଜଳଚରପକ୍ଷୀ, ଗ ଚଢ଼େଇ

Snivel, *v.* ଶିଙ୍ଘାଣି ପଡିବା, ଫେଁପଇ କାନ୍ଦିବା

Snore, *v.* ନିଦ୍ରାବସ୍ଥାରେ ନାକ ଶବ୍ଦ-ହେ, ଘଙ୍ଘଡ ମାରିବା ।

Snort, *v.* ଘୋଡାପରି ନାକ ଡାକିବା, ଘଡଘଡ ଡାକିବା ।

Snot, *s.* ନାକର ଜଳ ବା ପୋଟା, ଶିଙ୍ଘାଣି ।

**Snout**, *s.* ପଶ୍ୱାଦିର ନାକ, ଶୁଣ୍ଡ, ଥୋମଣି ।
**Snow**, *s.* ବରଫ, ହିମ, ତୁଷାର । [ଧଳା ।
**Snowy**, *a.* ବରଫପରି, ତୁଷାରମୟ; ଶୁକ୍ଳ,
**Snub**, *v.* ଧମକାଇବା, ଭର୍ତ୍ସନା-କ ।
**Snuff**, *s.* ବତିର ଶୀଷ ବା ଫୁଲ; ନାସ, ନସ୍ୟ ।—*v.* ଶୁଙ୍ଘିବା, ନାସ-ନେ ; ବତିର ଫୁଲ-କାଟିବା ।
**Snuff-box**, *s.* ନାସଦାନୀ, ନସ୍ୟାଧାର ।
**Snuffers**, *s.* ବତିର କତୁରୀ, ଫୁଲକଟା ।
**Snuffle**, *v.* ନାକରେ କଥା-କହ, ଗୁଣ୍ଗୁଣ୍-କ ।
**Snug**, *a.* ଗୁପ୍ତ, ଆବୃତ; ନିବିଡ଼, କୁଶଳ ।
**So**, *ad.* ଏହିପ୍ରକାର, ଏହିମତ, ଏମନ୍ତ, ଏରୂପ ।
**Soak**, *v.* ଓଦା-ତିନ୍ତ-କ, ଭିଜାଇବା, ତିନ୍ତା-ଇବା ।
**Soap**, *s.* ସାବୁନ, ସାବନ; କ୍ଷାର, ସାଜିମାଟି
**Soapnut**, *s.* ରିଠାଫଳ, ମୁକ୍ତା, ମଜା ।
**Soar**, *v.* ଊର୍ଦ୍ଧ୍ୱରେ ଉଡ଼ିବା, ଉଡ଼ିବା, ଉନ୍ନତ ଚେଷ୍ଟା-କ ।
**Sob**, *s.* ଦୀର୍ଘ ନିଶ୍ୱାସ, ହାଇ ।—*a.* ହାଇ ମାରିବା, ଖେଦରେ ଦୀର୍ଘ ନିଶ୍ୱାସ ଛାଡ଼ିବା ।
**Sober**, *a.* ଅମତ୍ତ, ଧୀର, ସୁସ୍ଥିର, ସଚେତନ ।
**Soberly**, *ad.* ଧୀରେ, ସୁବିବେକରେ, ପରିମିତାଚାରପୂର୍ବକ [ଧୀର, ସ୍ଥୈର୍ଯ୍ୟ ।
**Sobriety**, *s.* ଅମତ୍ତତା, ଧୀରତା, ପରିମିତା-
**Sociable**, *a.* ଅଳାପୀ, ମେଳାପୀ, ଜନସଙ୍ଗମ-ପ୍ରିୟ । [ସଭ୍ୟ ।
**Social**, *a.* ସାମ୍ପ୍ରଦାୟିକ, ସଙ୍ଗପ୍ରିୟ, ଅଳାପୀ,
**Society**, *s.* ସମାଜ, ସମ୍ପ୍ରଦାୟ, ସଭା, ଦଳ ।
**Sock**, *s.* ଅର୍ଦ୍ଧ ମୋଜାବିଶେଷ ।
**Socket**, *s.* ଗର୍ତ୍ତ, ଖୋଲ, ଘର, ଆଧାର ।
**Sod**, *s.* ଘାସର ଚେକା, ଘାସର ଭୂମି ।
**Soda**, *s.* କ୍ଷାର, ଖାର, କ୍ଷାରଦ୍ରବ୍ୟ ।
**Sodawater**, *s.* ବିଲାତି ପାଣି; କ୍ଷାରଜଳ ।
**Sodden**, *a.* ସିଦ୍ଧ, ସିଝା, ସିକ୍ତ ।
**Sodomite**, *s.* ଗ୍ଲେବସ୍ୱବାଜ୍ଞ, ପୁଂମୈଥୁନକ ।
**Sodomy**, *s.* ଗ୍ଲେବସ୍ୱବାଜୀ, ପୁଂମୈଥୁନ ।
**Sofa**, *s.* ସୁଶୋଭିତ ଆସନ, କୌଚ୍ ।
**Soft**, *a.* ଅଶକ୍ତ, କୋମଳ, ନରମ, ନମ୍ର, ମୃଦୁ ।
**Soften**, *v.* କୋମଳ-ନରମ-କ ।
**Softly**, *ad.* କୋମଳରୂପେ, ମୃଦୁସ୍ୱରରେ, ଅସ୍ତେ, ଧୈର୍ଯ୍ୟପୂର୍ବକ ।
**Soho !** *int.* ହେ, ହୋ, ଅହୋ, ଅରେ ।
**Soil**, *s.* ଭୂମି, ମାଟି; ମଇଳା, କଳଙ୍କ; ଦେଶ ।—*v.* ସମଳ-ମଇଳା-କଳଙ୍କ-କ ।
**Soiree**, *s.* ସନ୍ଧ୍ୟାକାଳୀନ ବୈଠକ ।
**Sojourn**, *s.* କିଛିକାଳ ନିମନ୍ତେ ଦେଶାନ୍ତରରେ ବାସ, ବସତି, ପ୍ରବାସ ।
**Sojourner**, *s.* ପ୍ରବାସୀ, ବିଦେଶ ନିବାସୀ ।
**Solace**, *v.* ସାନ୍ତ୍ୱନା-ପ୍ରବୋଧ-କ, ଆଶ୍ୱାସ-ଦେ
**Solar**, *a.* ସୌର, ସୂର୍ଯ୍ୟସମ୍ବନ୍ଧୀୟ ।
**Solder**, *v.* ଧାତୁ ଆଦି ଦ୍ରାବ ଢାଳିବା ।
**Soldier**, *s.* ସୈନ୍ୟ, ସେନା, ସିପାହି, ଯୋଦ୍ଧା ।
**Soldiery**, *s.* ସୈନ୍ୟସମୂହ, ସେନାଗଣ, ସିପାହିଲୋକ ।
**Sole**, *s.* ତାଳୁଅ, ପାଦର ତଳ, ତଳିପା, ଯୋତାର ତଳା; ମାଛବିଶେଷ ।—*a.* ଏକା, ଏକଲା, ଗୋଟିକିୟା, ଅଦ୍ୱିତୀୟ ।
**Solecism**, *s.* ଅବଚନୀୟତା, ବାକ୍ୟର ଅମିଳନ ବା ଅଯୁକ୍ତି ।
**Solely**, *ad.* ଏକାକୀରୂପେ, କେବଳ, ମାତ୍ର ।
**Solemn**, *a.* ଗମ୍ଭୀର, ଧୀର, ଭବ୍ୟ; ଘୋର, ଭୟାନକ । [ଗାମ୍ଭୀର୍ଯ୍ୟ ।
**Solemnity**, *s.* ପର୍ବ, ଧର୍ମୋତ୍ସବ ; ଧୀରତ୍ୱ,
**Solemnization**, *s.* ଧର୍ମସଂସ୍କାରକ କର୍ମକରଣ
**Solemnize**, *v.* ଯଥାବିଧି-କ; ଉତ୍ସବ-କ ପର୍ବାଦି ପାଳିବା ।

Solemnly, *ad.* ଶାସ୍ତ୍ରାନୁସାରେ; ଗମ୍ଭୀର-ଭାବରେ, ଧୀରେ ।

Solicit, *v.* ମାଗିବା, ପ୍ରାର୍ଥନା-ନିବେଦନ-କ ।

Solicitation, *s.* ନିବେଦନ, ପ୍ରାର୍ଥନା, ଅଭ୍ୟର୍ଥନା ।

Solicitor, *s.* ଉକୀଲବିଶେଷ; ଯାଚକ, ପ୍ରାର୍ଥକ

Solicitous, *a.* ଉଦ୍‌ବିଗ୍ନ, ଉତ୍କଣ୍ଠିତ, ଚିନ୍ତାଯୁକ୍ତ, ଇଚ୍ଛୁକ । [ଚେଷ୍ଟା, ଆକାଂକ୍ଷା ।

Solicitude, *s.* ଉଦ୍‌ବେଗ, ଭାବନା, ଚିନ୍ତା;

Solid, *a.* ଅଦ୍ରବ; ନିବିଡ଼, ଦୃଢ଼, ଶକ୍ତ, ଟାଣ; ଗୁରୁ; ଯଥାର୍ଥ ।

Solidify, *v.* ନିବିଡ଼-ଦୃଢ଼-ଟାଣ-କ ।

Solidity, *s.* ଶକ୍ତତା, କଠିନତା, ଗୁରୁତ୍ୱ, ଘନତ୍ୱ । [ଆପଣାକୁ ଆପେ-କହ ।

Soliloquize, *v.* ମନରେ କଥୋପକଥନ-କ,

Soliloquy, *s.* ଅପଣାଅପଣାକୁ କଥାବାର୍ତ୍ତା ।

Solitaire, *s.* ଉଦାସୀନ; କଣ୍ଠାଭରଣବିଶେଷ ଖେଳାବିଶେଷ । [ସଙ୍ଗ ।

Solitary, *a.* ନିର୍ଜ୍ଜନ, ନିରୋଳା, ଏକାକୀ, ନିଃ-

Solitude, *s.* ଔଦାସ୍ୟ, ନିଃସଙ୍ଗତା; ଅରଣ୍ୟ, ନିରୋଳାସ୍ଥାନ ।

Solo, *s.* ଏକଜଣର ଗାନ, ଏକ ବାଦ୍ୟ ଯନ୍ତ୍ରର ସ୍ୱର

Solstice, *s.* ସୂର୍ଯ୍ୟର ଅୟନ; ଉତ୍ତରାୟଣ; ଦ-କ୍ଷିଣାୟନ ।

Solubility, *s.* ଦ୍ରବଣୀୟତ୍ୱ, ଗଳନୀୟଭାବ ।

Soluble, *a.* ଦ୍ରବଣୀୟ, ଗଳନୀୟ, ଯେ ଦ୍ରବ୍ୟ-ତରଳି ଯାଏ ।

Solution, *s.* ଦ୍ରବକରଣ, ଗଳନ, ତରଳବସ୍ତୁ; ଅର୍ଥ, ତାତ୍ପର୍ଯ୍ୟ । [ଖିବା ।

Solve, *v.* ଅର୍ଥ-କ, ବୁଝାଇବା, ସନ୍ଦେହ ଭା-

Solvency, *s.* ଋଣ ଶୋଧକରଣର କ୍ଷମତା ।

Solvent, *a.* ଯୋଗ୍ୟବିଶିଷ୍ଟ; ଦ୍ରାବକ ।

Sombre, *a.* ଘୋର, ଅନ୍ଧାରମୟ, ବିରସବଦନ, ଅପ୍ରସନ୍ନ ।

Some, *a.* କିଛି, କିଞ୍ଚିତ୍; କୌଣସି, କେତେକ ।

Somebody, *s.* କୌଣସିଜଣ, କେହି, କୌଣ-ସି ଲୋକ । [ମତେ ।

Somehow, *ad.* କୌଣସି ପ୍ରକାରେ, କୌଣସି-

Somersault, Somerset, *s.* ଲମ୍ଫଝମ୍ପ, ମୁଣ୍ଡ ତଳେ ଦେଇ ଉଲ୍ଟାଇଲ, ଡିଅଁକୁଦା ।

Something, *s.* କିଛି, କୌଣସି ବସ୍ତୁ ।

Sometime, *ad.* କୌଣସି କାଳେ ବା ସମ-ୟେ; ପୂର୍ବକାଳେ । [କଦାଚନ ।

Sometimes, *ad.* କେବେକେବେ, କଦାଚିତ୍,

Somewhat, *s.* କିଛି, କିଞ୍ଚିତ୍, କେତେକ ।

Somewhere, *ad.* କୌଣସି ସ୍ଥାନରେ, କାହିଁ-ରେ, କେଉଁଠାରେ ।

Somnambulist, *s.* ସ୍ୱପ୍ନଚର, ନିଦ୍ରାଚର ।

Somniferous, *a.* ନିଦ୍ରାଜନକ, ସ୍ୱାପକ, ନିଦ୍ରାକର୍ଷକ । [ନିଦ୍ରେଚ୍ଛା ।

Somnolence, *s.* ନିଦ୍ରାକର୍ଷଣ, ନିଦ୍ରାଳୁତା,

Son, *s.* ପୁଅ, ପୁତ୍ର, ସନ୍ତାନ, ତନୟ, ନନ୍ଦନ ।

Son-in-law, *s.* ଜ୍ୱାଇଁ, ଜାମାତା, ଦୁହିତା-ପତି ।

Song, *s.* ଗୀତ, ଗାନ, ଗାୟନ, ସଙ୍କୀର୍ତ୍ତନ ।

Songster, *s.* ଗାଥକ, ଗାୟକ, ଗାଇବାଲୋକ

Sonnet, *s.* ଚତୁର୍ଦ୍ଦଶପଦୀ ବା କ୍ଷୁଦ୍ର କବିତା ।

Sonorous, *a.* ଧ୍ୱନିକର, ଶବ୍ଦକାରୀ, ଝଣଝଣିଆଁ ।

Soon, *ad.* ଅବିଳମ୍ବେ, ଶୀଘ୍ର, ବେଗେ ।

Sooner, *ad.* ଶୀଘ୍ରତର; ବରଂ, ବରଞ୍ଚ ।

Soot, *s.* ଧୁଁଆର କାଳି, ଅଳନ୍ଧୁ ।

Sooth, *s.* ସତ୍ୟତା, ଯାଥାର୍ଥ୍ୟ ।

Soothe, *v.* ପ୍ରବୋଧ-ସାନ୍ତ୍ୱନା-ସନ୍ତୁଷ୍ଟ-କ ।

Soothsayer, *s.* ଭବିଷ୍ୟଦ୍‌ବକ୍ତା, ଆଗତ କଥା କହିବାଲୋକ । [ବନ୍ଧ ।

Sop, *s.* ତନ୍ତାଇଲା କୌଣସି ଭକ୍ଷ୍ୟଦ୍ରବ୍ୟ; ମୁଖ-

Sophism, *s.* ମିଥ୍ୟାଯୁକ୍ତି, ଅସିଦ୍ଧାନ୍ତ ବାକ୍ୟ ।

Sophist, *s.* ଅଯଥାର୍ଥ ଯୁକ୍ତିକର୍ତ୍ତା, ପ୍ରବଞ୍ଚକ ।
Sophistical, *a.* ଅଯୁକ୍ତିସିଦ୍ଧ, ଅଯଥାର୍ଥ, ଭ୍ରମାର୍ଥ ।
Sophisticate, *v.* ସତ୍ୟ ମିଥ୍ୟା ମିଶାଇବା, ଅଶୁଦ୍ଧ-କ ।
Sophistry, *s.* ବିତଣ୍ଡା, ମିଥ୍ୟାଯୁକ୍ତି ବା ତର୍କ
Soporific, *a.* ନିଦ୍ରାଜନକ, ଘୁମକାରକ, ମାଦକ
Sorcerer, *s.* ଯାଦୁଗର, କୁହକୀ, ମୋହକ ।
Sorcery, *s.* କୁହକ, ମାୟା, ଯାଦୁ, ଭେଲ୍କି ।
Sordid, *a.* ନୀଚ, ଅଧମ, ପାଜି, ଅପକୃଷ୍ଟ; କୃପଣ ।
Sore, *s.* ଘା, ଦାଗ, କ୍ଷତ, ସ୍ଫୋଟ ।—*a.* ବେଦନାଯୁକ୍ତ, ଘାଯୁକ୍ତ, ପୀଡିତ, ବ୍ୟଥିତ ।
Sorely, *ad.* ଅତ୍ୟନ୍ତ; ଅତି ଦୁଃଖିତରୂପେ. କଷ୍ଟପୂର୍ବକ ।
Sorrily, *ad.* ନୀଚରୂପେ, ଅଧମରୂପେ ।
Sorrow, *s.* ଖେଦ, ଦୁଃଖ, ଶୋକ, ଅନୁତାପ ।—*v.* ଖେଦିତ-ଶୋକାନ୍ୱିତ-ଦୁଃଖିତ-ହେ ।
Sorrowful, *a.* ଖେଦିତ, ଦୁଃଖିତ, ଉତ୍କଣ୍ଠିତ ।
Sorry, *a.* ଖେଦିତ, ଦୁଃଖିତ, ଶୋକିତ; ନିକୃଷ୍ଟ ।
Sort, *s.* ବର୍ଗ, ଜାତି; ରକମ, ପ୍ରକାର; ଗୁଣ ।—*v.* ଭିନ୍ନ-ପୃଥକ୍-କ, ବାଛିବା; ସଜାଡିବା ।
Sortee, *s.* ବେଷ୍ଟିତ ସୈନ୍ୟର ବେଷ୍ଟକମାନଙ୍କ ଉପରେ ହଠାତ୍ ଆକ୍ରମଣ ।
Sot, *s.* ମଦୁଆଳ, ନିଶାଖୋର; ମୂର୍ଖ ।
Sottish, *a.* ମଦ୍ୟପାନରେ ଆସକ୍ତ, ମଦୁଆଳ ।
Soul, *s.* ଆତ୍ମା, ପ୍ରାଣ, ଜୀବାତ୍ମା; ସାରାଂଶ ।
Sound, *a.* ନିରୋଗ, ଅପୀଡିତ, ଦୃଢ଼, ଶକ୍ତ ।
Sound, *s.* ଧ୍ୱନି, ଶବ୍ଦ, ସ୍ୱର, ରବ; ଅଗଭୀର ସମୁଦ୍ର ।—*v.* ଧ୍ୱନି-କ, ବଜାଇବା; ପରୀକ୍ଷା-କ; ଜଳ ମାପିବା ।
Soundings, *s.* ସମୁଦ୍ରାଦିର ପରିମିତସ୍ଥାନ ।
Soundly, *ad.* ଶକ୍ତରୂପେ, ଯଥାର୍ଥରୂପେ ।
Soup, *s.* ମାଂସର ଝୋଳ, ସୁରୁଆ, ଯୂଷ, ରସା ।
Sour, *a.* ଅମ୍ବିଳ, ଅମ୍ଳ, ଖଟା; କର୍କଶ, କଟୁ ।
Source, *s.* ଆଦିକାରଣ, ମୂଳ, ହେତୁ, ବୀଜ, ଉତ୍ପତ୍ତିସ୍ଥାନ ।
Souse, *v.* ଦୈର୍ଘ୍ୟଯୁକ୍ତ-କ; ଜଳରେ ବୁଡାଇବା ।
South, *s.* ଦକ୍ଷିଣ, ଉଦିତ ସୂର୍ଯ୍ୟର ବାମ ଦିଗ ।
Southerly, *ad.* ଦକ୍ଷିଣ ଦିଗରେ, ଦକ୍ଷିଣେ ।
Southern, *a.* ଦକ୍ଷିଣଦିଗସ୍ଥ, ଦକ୍ଷିଣ ।
Southing, *s.* ଦକ୍ଷିଣାଭିମୁଖେ ଗମନ ।
South-pole, *s.* କୁମେରୁ ।
Southward, *a.* ଦକ୍ଷିଣଦିଗରେ, ଦକ୍ଷିଣେ ।
Souvenir, *s.* ସ୍ମାରକ, ସ୍ମୃତିକର ବସ୍ତୁ ।
Sovereign, *s.* ରାଜା, ଅଧିପତି, ସମ୍ରାଟ୍; ସ୍ୱର୍ଣ୍ଣମୁଦ୍ରାବିଶେଷ ।—*a.* ମୁଖ୍ୟ, ସର୍ବପ୍ରଧାନ, ସ୍ୱେଚ୍ଛାଧୀନ ।
Sovereignty, *s.* ଆଧିପତ୍ୟ, ରାଜତ୍ୱ, ସାମ୍ରାଜ୍ୟ
Sow, *s.* ଶୂକରୀ, ବରାହୀ, ମାଈ ଘୁଷୁରି ।
Sow, *v.* ବୀଜ ବୁଣିବା, ବୀଜ ରୋପଣ-ବପନ-କ ।
Sower, *s.* ବୀଜ ବାପକ, ବୁଣିବା ଲୋକ ।
Space, *s.* ସ୍ଥାନ, ଜାଗା; କାଳ, ସମୟ; ଅବକାଶ ।
Spacious, *a.* ପ୍ରଶସ୍ତ, ବଡ଼, ଚୌଡ଼ା, ପ୍ରସାର ।
Spade, *s.* କୋଦାଳବିଶେଷ, ଖୋଳିବା ଅସ୍ତ୍ର, କୋଦାଳ ।
Span, *s.* ବିଘତ, ପ୍ରାଦେଶ, ବିତସ୍ତି ।—*v.* ବିଘତ ଦ୍ୱାରା ମାପ-କ ।
Spangle, *s.* ଚମକ, ବାଜ ।
Spaniel, *s.* ଚିକ୍କଣ କୁକୁରବିଶେଷ; ଖୁସାମଦୀଆ ଲୋକ ।
Spanish, *a.* ସ୍ପେନଦେଶୀୟ, ସ୍ପାନୀୟ ।
Spanking, *a.* ବଳିଆର, ବଡ଼ ।
Spar, *s.* ଖଣିର ପଥରବିଶେଷ; କାଷ୍ଠଖଣ୍ଡ ।

Spar, *v.* ବିବାଦ-ଯୁଦ୍ଧ-ମୁଷ୍ଟିମାର-କ ।

Spare, *a.* ଅଳ୍ପ, କୃଶ, କ୍ଷୀଣ; ଉଚ୍ଛିଷ୍ଟ ।—*v.* ଅତିମିତବ୍ୟୟ-କ; ବଞ୍ଚାଇବା; କ୍ଷମା-ରକ୍ଷା-କ; ଛାଡ଼ି-ଦେ । [କୁଣ୍ଠ ।

Sparing, *a.* ଅଳ୍ପବ୍ୟୟୀ, କୃପଣ, ବ୍ୟୟ-

Spark, *s.* ଅଗ୍ନିକଣା; ଲୁପ୍ତଗର୍ବିତବ୍ୟକ୍ତି ।

Sparkle, *v.* ଝକମକ-କ, ଅଗ୍ନିକଣା ବାହାରିବା । [ମକା ।

Sparkling, *a.* ଉଜ୍ଜ୍ୱଳ, ତେଜୋମୟ, ଝକ-

Sparrow, *s.* ଘରଚଟିଆ ପକ୍ଷୀ, ଚଟକପକ୍ଷୀ ।

Spasm, *s.* ଅଙ୍ଗଗ୍ରହ, ଶରୀରୋଦ୍ବେଗ ।

Spasmodic, *a.* ଅଙ୍ଗଗ୍ରହ ରୋଗବିଶିଷ୍ଟ ।

Spotter, *v.* କାଦୁଅଛିଟା ପକାଇବା, ମଇଳା-ପାଣି ଫୋପାଡ଼ିବା ।

Spawn, *s.* ମତ୍ସ୍ୟାଦିର ଡିମ୍ବ ।

Speak, *v.* କହିବା, ବୋଲିବା, ଉକ୍ତି-କ, ବକ୍ତୃତା-କ ।

Speaker, *s.* ବକ୍ତା, କଥକ, ବାକ୍ୟବାଦୀ: ସଭାପତି । [ତୂର୍ଯ୍ୟବିଶେଷ ।

Speaking-trumpet, ᶜ. କଥା କହିବା

Spear, *s.* ଶଲ, ବର୍ଚ୍ଛି, ବଲମ । [ଅପୂର୍ବ ।

Special, *a.* ବିଶେଷ, ଅସାଧାରଣ, ଶ୍ରେଷ୍ଠ,

Species, *s.* ଜାତି, ବର୍ଗ, ପ୍ରକାର; ଗଣ; ଶ୍ରେଣୀ ।

Specific, *s.* ବିଶେଷ ଗୁଣକାରୀ ଔଷଧ, ମହୌଷଧ ।—*a.* ବିଶେଷ, ବିଶେଷ ଜାତୀୟ: ନିର୍ଦ୍ଦିଷ୍ଟ । [ବିଶେଷକରଣ ।

Specification, *s.* ବିବରଣ, ବୃତ୍ତାନ୍ତ, ବର୍ଣ୍ଣନା,

Specify, *v.* ବିଶେଷ-କହ, ବିଶେଷ ବିବରଣ-କ

Specimen, *s.* ଆଦର୍ଶ, ଦୃଷ୍ଟାନ୍ତ, ନମୁନା, ଉଦାହରଣ ।

Specious, *a.* ସୁଦୃଶ୍ୟ, ଦୃଷ୍ଟିରେ ଭଲ ମାତ୍ର ଫଳରେ ମନ୍ଦ, କଥାମାତ୍ର ସାର ।

Speck, *s.* ଚିହ୍ନ, ଦାଗ, ଛିଟା, ବିନ୍ଦୁ ।

Speckled, *a.* ଚିହ୍ନିତ, ଚିହ୍ନବିଶିଷ୍ଟ, ଚିତ୍ରା ।

Spectacle, *s.* ଦୃଶ୍ୟ, ଅଦ୍ଭୁତଦର୍ଶନ, ତମାସା, କୌତୁକ ।

Spectacles, *s.* ଚଷ୍ମା, ପ୍ରତିଚକ୍ଷୁ, ପରଚକ୍ଷୁ ।

Spectacular, *a.* କୌତୁକ ବା ଯାତ୍ରାସମ୍ବନ୍ଧୀୟ ।

Spectator, *s.* ଦୃଷ୍ଟିକାରକ, ଦର୍ଶକ ।

Spectre, *s.* ଛାୟା, ମାୟା, ଭୂତ, ପ୍ରେତ ।

Speculate, *v.* ଧ୍ୟାନ- କଳ୍ପନା-କ; ଧନ ବ୍ୟାପାର-କ । [କ୍ରୟବିକ୍ରୟକରଣ ।

Speculation, *s.* କଳ୍ପନା, ଧ୍ୟାନ; ଲାଭଆଶାରେ

Speculative, *a.* କାଳ୍ପନିକ, ଆନୁମାନିକ, ବିବେଚନାମୟ । [ପାରୀ ।

Speculator, *s.* ଅନ୍ୱେଷଣକାରୀ; ଧନ ବ୍ୟା-

Speculum, *s.* ଦର୍ପଣ, ଆଇନା; ଆଦର୍ଶ; ପ୍ରତିରୂପ ।

Speech, *s.* ବାକ୍ୟୋଚ୍ଚାରଣ, ବାକ୍ୟ, ବଚନ, କଥା; ଭାଷା; ବକ୍ତୃତା, ଉକ୍ତି । [ନୀରବ ।

Speechless, *a.* ବାକ୍ୟରହିତ, ଘୁଙ୍ଗା, ମୂକ,

Speed, *s.* ବେଗ, ତ୍ୱରା, ଶୀଘ୍ରତା, ଦ୍ରୁତଗମନ; କୃତାର୍ଥ ।—*v.* ତ୍ୱରା- ଶୀଘ୍ର-କ, କୃତକାର୍ଯ୍ୟ-ହେ ।

Speedily, *ad.* ଶୀଘ୍ର, ବେଗରେ ।

Speedy, *a.* ଦ୍ରୁତ, ଶୀଘ୍ର, ବହ୍ନ, ଜଲ୍‌ଦ ।

Spell, *s.* ମନ୍ତ୍ର, ଜାଦୁ, ଟୁଣିବିଦ୍ୟା, ଭୁରକା ।

Spell, *v.* ବନାନ୍- ବର୍ଣ୍ଣଯୋଗ-କ, ଅକ୍ଷର ଯୋଡ଼ିବା; ପାଳି-ନେ ।

Spend, *v.* ବ୍ୟୟ-ଖରଚ-କ, ଉଡ଼ାଇବା; କାଳଯାପନ-କ ।

Spendthrift, *s.* ଅତିବ୍ୟୟୀ, ଅପବ୍ୟୟୀ, ଖାଗର୍ଚ୍ଚୀ, ଉଡ଼ାଣିଆ ।

Sperm, *s.* ଶୁକ୍ର, ରେତଃ, ବୀଜ ।

Sperm-oil, *s.* ମାଛତେଲବିଶେଷ ।
Spew, *v.* ବାନ୍ତି- ବମି-ଉଦ୍ଗାର-କ ।
Sphere, *s.* ଗୋଲ, ମଣ୍ଡଳ, ଗଗନ; ଅଧିକାର । [ଗୋଲ ।
Spherical, *a.* ଗୋଲକୃତ, ମଣ୍ଡଳାକାର,
Spheroid, *s.* ଅଣ୍ଡାକାର ବସ୍ତୁ ।
Spherule, *s.* କ୍ଷୁଦ୍ର ମଣ୍ଡଳ ବା ବର୍ତ୍ତୁଳ ।
Sphinx, *s.* ମିସରଦେଶୀୟ କଳ୍ପିତ ଦାନବ ।
Spice, *s.* ଝାଲମସଲା, ସୁଗନ୍ଧିଦ୍ରବ୍ୟ ।
Spicy, *a.* ଗରମ ମସଲାଯୁକ୍ତ, ସୁସ୍ୱାଦୁ, ସୁଗନ୍ଧି ।
Spider, *s.* ବୁଢିଅଣୀ, ମାକଡସା ।
Spigot, *s.* କାଠର ଠିପି ବା କଳ ।
Spike, *s.* ବଡକଣ୍ଟା, କେଶ; ଶସ୍ୟର ଶୀଷା ।
Spikenard, *s.* ଜଟାମାଂସୀ, ପେଷୀ; ବୃକ୍ଷବିଶେଷର ତେଲ ।
Spill, *v.* ଢାଳିବା, ଗଳିବା, ଝଡିପଡିବା, ପାତ-କ । [ବିନଷ୍ଟ-କ ।
Spin, *v.* ସୂତାକାଟିବା, ଜଟାଇ ଘର ବୁଣିବା;
Spinage, *s.* ଶାକବିଶେଷ, ପୋଇଶାକ ।
Spinal, *a.* ପିଠିର ହାଡସମ୍ବନ୍ଧୀୟ, ପୃଷ୍ଠାସ୍ଥି ବା ମେରୁଦଣ୍ଡସମ୍ବନ୍ଧୀୟ ।
Spindle, *s.* ଟାକୁଆ, ତକୁଟା ।
Spine, *s.* ମେରୁଦଣ୍ଡ, ପିଠିଶିର, ପୃଷ୍ଠାସ୍ଥି ।
Spinet, *s.* ବାଦ୍ୟଯନ୍ତ୍ରବିଶେଷ । [ମାକଡସା ।
Spinner, *s.* ସୂତା କାଟେ ଯେ, କାଟଣୀ;
Spinning-wheel, *s.* ଅରଟ, ଚରଖା, ସୂତ୍ରଯନ୍ତ୍ର । [କାଟୋଇ ।
Spinster, *s.* ଅବିବାହିତାସ୍ତ୍ରୀ, ଅନୂଢା, ଅଦତ୍ତା,
Spiral, *a.* ପେଚ୍ଲ, ଘୂରଣିଆ, କୁଣ୍ଡଳୀ ।
Spire, *s.* ବାଙ୍କ, ପେଚ; ଶୁଣ୍ଡାକୃତ, ମନ୍ଦିରର ଚୂଡା ।
Spirit, *s.* ଆତ୍ମା, ପ୍ରାଣ; ଭୂତ, ପ୍ରେତ, ତେଜ; ବଳ, ସାହସ; ମଦ, ଶରବ ।

Spirited, *a.* ସାହସିକ, ସତେଜ, ଚଞ୍ଚଳ, ଉଗ୍ର ।
Spiritless, *a.* ଉତ୍ସାହହୀନ, ନିର୍ଜୀବ, ନିସ୍ତେଜ ।
Spirits, *s.* ମଦ୍ୟସମୂହ; ସାହସ, ଉଲ୍ଲସିତଭାବ ।
Spiritual, *a.* ଅମୂର୍ତ୍ତିକ, ନିରାକାର, ପାରମାର୍ଥିକ, ମାନସିକ । [ଉଠିବା ।
Spirt, *v.* ଜଳ ପ୍ରକ୍ଷେପଣ-କ, ହଠାତ୍ ଫୁଟା-
Spit, *s.* ଲୁହାଶୀକ; ଥୁଡ, ଖଳ, ଛେପ ।—*v.* ଶୀକ ଉପରେ ମାଂସ ଚଢାଇବା; ଛେପପକାଇବା ।
Spite, *s.* ଈର୍ଷା, ଦ୍ୱେଷ, ହିଂସା ଅନିଷ୍ଟଚିନ୍ତା ।—*v.* ଦ୍ୱେଷ- ଅପକାର ଚେଷ୍ଟା-କ ।
Spiteful, *a.* ଦ୍ୱେଷ୍ଟା, ଦ୍ୱେଷୀ, କ୍ରୋଧୀ ।
Spittle, *s.* ଛେପ, ଥୁଥୁ, ଖଳ ।
Splash, *v.* ଜଳ ବା କାଦୁଅ ଆସ୍ଫାଳନ-କ, ଗୋଳାପାଣିରେ ବୁଡିବା । [ଔଦାସ୍ୟ ।
Spleen, *s.* ପିଳେହି, ପ୍ଲୀହା; କ୍ରୋଧ, ବିଷାଦ,
Splendid, *a.* ଶ୍ରୀମାନ୍, ତେଜସ୍ୱୀ, ଶ୍ରୀଯୁକ୍ତ, ଐଶ୍ୱର୍ଯ୍ୟବନ୍ତ । [ଶ୍ୱର୍ଯ୍ୟ, ମହିମା ।
Splendour, *s.* ପ୍ରଭା, ଶୋଭା, ତେଜ, ଐ-
Splenetic, *a.* ରାଗୀ, ଅଶୁକ୍ରୋଧୀ, ଚିଡଚିଡଆ ।
Splice, *v.* ଗଣ୍ଠି ନ ଦେଇ ଯୋଡିବା ।
Splint, *s.* ଅସ୍ଥି ବୈଦ୍ୟର ସୂକ୍ଷ୍ମ କାଠର ପଟା ।
Splinter, *s.* ଖଣ୍ଡ, ଟୁକୁରା, ଛେଲି ।
Split, *v.* ଚିରିବା, ଫାଡିବା, ଦ୍ୱିଖଣ୍ଡ-କ ।
Spoil, *s.* ଯୁଦ୍ଧୋପାର୍ଜିତ ଦ୍ରବ୍ୟ, ଲୁଟ, ଲୁଟପାଟ, ଅପହରଣ ।—*v.* ନଷ୍ଟ- ଖରାପ- ଅପହରଣ-କ ।
Spoiler, *s.* ଲୁଟିଆର, ଅପହାରକ, ଡକାଇତ ।
Spoke, *s.* ଚକର ଅର, ଚକର ଦଣ୍ଡ ।
Spokesman, *s.* ପ୍ରତିନିଧିବକ୍ତା, ଅନ୍ୟର ନିମିତ୍ତ କହେ ଯେ ।

**Spoliation**, *s.* ଅପହରଣ, ଜବ୍ଦ ବା ଉଜାଡ କରଣ ।

**Sponge**, *s.* ଜଳ ଶୋଷକ ସମୁଦ୍ରୀୟ ବସ୍ତୁ, ସ୍ପଞ୍ଜ ।

**Sponge**, *v.* ମାର୍ଜନା-କ; ପରଦାସ-ହେ ।

**Sponsor**, *s.* ପ୍ରତିଭୂ, ଜାମୀନ, ଲଗା; ଧର୍ମପିତା ବା ମାତା । [ବ ।

**Spontaneous**, *a.* ସ୍ୱତନ୍ତ୍ର, ସ୍ୱେଚ୍ଛାଜାତ, ଇଚ୍ଛୁ-

**Spoon**, *s.* ଚାମଚ, ଚାମୁଚ; ହତା ।

**Spoonful**, *s.* ଏକ ଚାମଚପରିମାଣ, ଏକଚାମଚରେ ଯେତେ ଧରେ ।

**Sport**, *s.* କ୍ରୀଡ଼ା, ଖେଳା, କୌତୁକ, ଲୀଳା; ଶିକାର ।—*v.* କ୍ରୀଡ଼ା-କ, ଖେଳିବା; ଅଟ୍ଟପରିହାସ-କ । [ଅଟ୍ଟାବାଜ ।

**Sportive**, *a.* କୌତୁକୀ, ଲୀଳାକାରୀ, ରସିକ;

**Sportsman**, *s.* ବ୍ୟାଧ, ଶିକାରୀ, ମୃଗୟାକର୍ତ୍ତା ।

**Spot**, *s.* କଳଙ୍କ, ଦାଗ, ଚିହ୍ନ, ଛିଟା; ବିଶେଷ ସ୍ଥାନ ।

**Spotless**, *a.* ନିଷ୍କଳଙ୍କ, ନିର୍ମଳ, ଶୁଦ୍ଧ ।

**Spotted**, *a.* ଚିହ୍ନପଡ଼ା, ଦାଗୀ, ଚିତ୍ରବିଚିତ୍ର ।

**Spouse**, *s.* ଭାର୍ଯ୍ୟା ବା ସ୍ୱାମୀ, ପତ୍ନୀ ବା ପତି ।

**Spout**, *s.* ମୁହଁ, ନଳ, ଜଳପଥ, ଢୁଙ୍ଗିନଳ ।—*v.* ଜଳ ଝରିବା, ଉବକା ଉଠିବା ।

**Sprain**, *v.* ଅଙ୍ଗ ମକଚି ଯିବା, ଶିରା ଖସି [ଯିବା ।

**Sprat**, *s.* କ୍ଷୁଦ୍ର ମତ୍ସ୍ୟବିଶେଷ ।

**Sprawl**, *v.* ଛଟପଟ-କ, ଗଡ଼ାଗଡ଼ି-ହେ ।

**Spray**, *s.* ସମୁଦ୍ରର ଫେଣ; ଡାଳର ଅଗ; ବାଲୁଙ୍ଗା ।

**Spread**, *v.* ବିସ୍ତୃତ- ବ୍ୟାପ୍ତ-କ, ବିଛାଇବା, ପ୍ରକାଶ- ବ୍ୟକ୍ତ-କ; ଲେପନ-କ ।

**Sprig**, *v.* ପଲ୍ଲବ, କ୍ଷୁଦ୍ରଶାଖା, ସାନ ଡାଳ, କଲମ ।

**Sprightly**, *a.* ପ୍ରଫୁଲ୍ଲ, ସଚେତନ, ଦ୍ରୁତ; ଚଞ୍ଚଳ, ରସିକ ।

37

**Spring**, *s.* ଋତୁରାଜ, ବସନ୍ତକାଳ; ନିର୍ଝର, ଉବକା; କୁଦା, ଡିଅଁ; ହେତୁ, କାରଣ; ଘଡ଼ିଆଦିର ପ୍ରଧାନ କଳ ।

**Spring**, *v.* ଅଙ୍କୁରିତ ବା ଜାତ ହୋଇ ଉଠିବା; ଡେଇଁ ପଡ଼ିବା ।

**Spring-tide**, *s.* ଅମା ବା ପୂର୍ଣ୍ଣଚନ୍ଦ୍ର ସମୟର ଜୁଆର; ଜଳବୃଦ୍ଧି ।

**Sprinkle**, *v.* ଛିଟା ପକାଇବା, ଜଳ ସିଞ୍ଚିବା, ପ୍ରୋକ୍ଷଣ-କ । [ଛାୟା ।

**Sprite**, *s.* ଭୂତ, ପ୍ରେତ, ଅପଦେବତା, ଅପ-

**Sprout**, *s.* ଅଙ୍କୁର, ପଲ୍ଲବ, ଗଜା ।

**Spruce**, *a.* ସୁବେଶୀ, ସୁଶ୍ରୀ, ସୁନ୍ଦର, ପରିପାଟୀ ।

**Spume**, *s.* ଫେଣା, ଫେଣ, ଗାଜଲ ।

**Spur**, *s.* ଅଶ୍ୱାରୋହୀର ଜୋତାର ପଶ୍ଚାଦ୍ଭାଗସ୍ଥିତ କଣ୍ଟା ।—*v.* କଣ୍ଟା ମାରି ଘୋଡ଼ା ଦୌଡ଼ାଇବା; ପ୍ରବର୍ତ୍ତାଇବା । [କଳ୍ପିତ, ମିଥ୍ୟା ।

**Spurious**, *a.* ଅପ୍ରକୃତ, ଅଯଥାର୍ଥ, କୃତ୍ରିମ,

**Spurn**, *v.* ପଦାଘାତ-କ; ଅନାଦର-ତୁଚ୍ଛ-କ ।

**Sputter**, *v.* ଅସ୍ପଷ୍ଟ ବା ଶୀଘ୍ରରୂପେ-କହ; ଥୁଅ ପକାଇବା ।

**Spy**, *s.* ଚର, ଚାର, ଗୋଏନ୍ଦା, ଗୂଢ଼ପୁରୁଷ, ସନ୍ଧାନୀ ।—*v.* ଦୂରଦୃଷ୍ଟି-କ; ଚର ପରି ଖୋଜିବା ।

**Spyglass**, *s.* ଦୂରବୀଣ, ଦୂରବୀକ୍ଷଣ, ଦୃଷ୍ଟିଯନ୍ତ୍ର ।

**Squabble**, *s.* ଝଗଡ଼ା, କଳହ, କନ୍ଦଳ, କଳି ।

**Squadron**, *s.* ସୈନ୍ୟଦଳ; ଯୁଦ୍ଧ ଜାହାଜ ସମୂହ ।

**Squalid**, *a.* କୁତ୍ସିତ, କଦର୍ଯ୍ୟ, ମଇଳା ।

**Squall**, *s.* ହଠାତ୍‌ଝଡ଼, ଦମକାବତାସ; ଉଚ୍ଚ-ସ୍ୱରର ଧ୍ୱନି ।—*v.* ଚିତ୍କାର-ଆର୍ତ୍ତନାଦ-କ ।

**Squander**, *v.* ଅପବ୍ୟୟ-କ, ଉଡ଼ାଇବା; ଛଡ଼ାଇ-ଦେ ।

Square, *s.* ଚତୁଷ୍କୋଣାକୃତ, ଚୌକୋଣା; ଚକ; ବର୍ଗଘର; ବଗମଲ ।—*a.* ଚତୁଷ୍କୋଣ, ଚତୁରସ୍ର; ଠିକ, ସମାନ ।—*v.* ଚତୁଷ୍କୋଣ-କ; ଏକସମାନ-କ । [-କ ।

Squash, *v.* ମର୍ଦ୍ଦନ-ଛେଚି-ଦଳି- ନଷ୍ଟକର

Squat, *v.* ଗୋଡ଼ମାରି ବସିବା, ଗୋଠ ହୋଇ ବସିବା ।

Squeak, *v.* ଚିଁ ଚିଁ ଶବ୍ଦ-କ, ଆର୍ତ୍ତନାଦ-କ ।

Squeal, *v.* ଆର୍ତ୍ତନାଦ-କ, ଚେଁଇଁବା, ଚିତ୍କାର-କ । [ସହଜେ ବିରକ୍ତ ।

Squeamish, *a.* ବମନେଚ୍ଛୁ, ଅରୁଚିଶୀଳ:

Squeeze, *v.* ଚିପିବା, ଚାପିବା; କ୍ଲେଶ-ଦେ ।

Squib, *s.* ଫଟକା; ଚାତୁରି, ପରିହାସୋକ୍ତି ।

Squint, *v.* ଅପଦୃଷ୍ଟି-କ, ବକ୍ର ବା ଅନେଇ ଚାହିଁବା ।

Squire, *s.* ଇଂଲଣ୍ଡ ଦେଶରେ କୁଳୀନ ଲୋକର ଉପାଧିବିଶେଷ ।

Squirrel, *s.* ଗୁଣ୍ଡୁଚିମୁଷା, କାଠବସଡ ।

Squirt, *s.* ପିଚକାରି, ଦମକଳ ।—*v.* ପିଚକାରି ଦ୍ୱାରା ପାଣି ପକାଇବା, ଫୋପାଡିବା ।

Stab, *s.* ବିନ୍ଧା, ଗେଞ୍ଜା, ଫୋଡା, ଘା ।—*v.* ବିନ୍ଧିବା, ଗେଞ୍ଜିବା, ଫୋଡିବା ।

Stability, *s.* ସ୍ଥାୟିତ୍ୱ, ସ୍ଥିରତା, ନିଶ୍ଚଳତା, ଦୃଢ଼ତା, ଅଟଳତ୍ୱ ।

Stable, *s.* ଘୋଡାଶାଳ, ଅସ୍ତବଲ ।

Stable, *a.* ସ୍ଥିର, ଅଟଳ, ଦୃଢ଼, ସ୍ଥାବର, ସ୍ଥାୟୀ । [ଗଦା-ଗଦି-କ ।

Stack, *s.* ଗଞ୍ଜି, ଗଦା, ଢେର, ଚିପି ।—*v.*

Staff, *s.* ଦଣ୍ଡ, ଯଷ୍ଟି, ଲାଠି, ବାଡ଼ି, ଠେଙ୍ଗା ।

Stag, *s.* ହରିଣ, ମୃଗ, କୁରଙ୍ଗ ।

Stage, *s.* ନାଟ୍ୟ, ମଞ୍ଚ, ନାଟ୍ୟଶାଳା; ଉତ୍ତରିବା ସ୍ଥାନ, ମୁକାମ; କ୍ରମ । [ଗାଡି ।

Stage-coach, *s.* ଭଡ଼ାଟିଆ ବା ଡାକର

Stagger, *v.* ଟଳମଳ- ଦୋହଲ- ହେ; ସନ୍ଦିଗ୍ଧ-ଭୀତ-କ । [ନିଶ୍ଚଳ ।

Stagnant, *a.* ଗତିରହିତ; ବନ୍ଧା, ସ୍ଥଗିତ,

Stagnate, *v.* ଅପ୍ରବାହିତ-ସ୍ରୋତରହିତ-ହେ

Staid, *a.* ଅଚଞ୍ଚଳ, ଧୀର, ଶାନ୍ତ, ସ୍ଥିରମନାଃ ।

Stain, *s.* କଳଙ୍କ, ଦାଗ, ଚିହ୍ନ; ଦୋଷ, ଅପଯଶ ।—*v.* ଦାଗ- କଳଙ୍କ- ଦୋଷୀ-ଅପରାଧୀ-କ ।

Stainless, *a.* ଦାଗଶୂନ୍ୟ, ନିର୍ଦ୍ଦୋଷ, ନିଷ୍କଳଙ୍କ ।

Stair, *s.* ନିଶୁଣି, ସୋପାନ, ପାହାଚ ।

Stake, *s.* ଦଣ୍ଡ, ଖୁଣ୍ଟି, ଶୂଳ, ଖୋଜ; ପଣ, ବାଜି; ସଂକଟ, ଝୁଙ୍କି ।—*v.* ବାନ୍ଧିରଖିବା, ପଣ-କ; ଠେକାଇବା ।

Stale, *a.* ପୁରୁଣା, ବାସି, ବହୁତ ଦିନର ।

Stalk, *s.* ପୁଷ୍ପ ଦଣ୍ଡ, ଡେମ୍ଫ, ବୃନ୍ତ ।—*v.* ଗୋଡ ଲମ୍ବାଇ ଚାଲିବା, ଅହଙ୍କାର ପୂର୍ବକ ଗମନ-କ ।

Stalking-horse, *s.* ବ୍ୟାଧର ଅଶ୍ୱାକାର-ବିଶେଷ; ଛଳ ।

Stall, *s.* ଘୋଡାଶାଳର ଏକ କୋଠରି; ବିକିବା ସାମଗ୍ରୀ ରଖିବା ମଞ୍ଚ । [ଘୋଡା ।

Stallion, *s.* ଅଚ୍ଛିନ୍ନମୁଷ୍କ ଅଶ୍ୱ, ଖାସି ନୁହେଁ ଯେ

Stalwart, *a.* ବଳବାନ, ମଜବୁତ ।

Stamen, *s.* ପୁଷ୍ପର କେଶର; ମୂଳ ।

Stamina, *s.* କେଶର, ସାର, ମୂଳତତ୍ତ୍ୱ; ଶରୀରର ବଳ ।

Stammer, *v.* ଶବ୍ଦ ବା ତୋତଲା କରି-କହ ।

Stamp, *s.* ଛାପ, ମୁଦ୍ରା, ମୋହର; ଦାଗ, ଚିହ୍ନ; ରୂପ, ଢୌଲ; ଗୁଣ ।—*v.* ପଦାଘାତ-କ; ମୋହର-ଚିହ୍ନ-ଦେ, ଛାପିବା ।

Stanch, *a.* ଦୃଢ଼, ଟାଣ, ସ୍ଥିର, ଅଟଳ, ମଜବୁତ ।—*v.* ରକ୍ତପ୍ରବାହ ରୋଧ-କ, ଥମାଇବା ।

Stanchion, *s.* ଅବଲମ୍ବ, ଠେସ, ଖୁଣ୍ଟ ।

Stand, *s.* ସ୍ଥିତି, ଅବସ୍ଥିତି, ଠିଆ, ଛିଡ଼ା; ମଞ୍ଚ; ବାଧା; ଦାସ୍ ।—*v.* ଠିଆ- ଛିଡ଼ା- ଉଦ୍ଦଣ୍ଡାୟମାନ-ହେ; ସ୍ଥିର- ସ୍ଥଗିତ-ହେ; ସହିବା; ଅବଲମ୍ବନ-କ; କୌଣସି ପଦର ପ୍ରାର୍ଥୀ-ହେ; ଦୂରରେ ରହିବା ।

Standard, *s.* ଧ୍ୱଜା, ପତାକା, ନିଶାଣ; ମାରଗ, ଲଉ; ଆଦର୍ଶ, ନମୁନା ।

Standing, *s.* ସ୍ଥାୟିତ୍ୱ, ସ୍ଥିତିର ସ୍ଥାନ; ପଦ, ଅବସ୍ଥା ।—*a.* ସ୍ଥାପିତ; ଅଚଳ; ଚିରସ୍ଥାୟୀ ।

Standish, *s.* କାଳୀକଲମର ଆଧାର, କଲମଦାନ ।

Stanza, *s.* ଶ୍ଳୋକ, କବିତା, ପଦ୍ୟ, ଦୋହା ।

Staple, *s.* ଦେଶୋତ୍ପନ୍ନ ପ୍ରଧାନ ଦ୍ରବ୍ୟ; ଖିଲଘର ।—*a.* ସ୍ଥାପିତ; ଚଳିତ; ପ୍ରଧାନ, ମୁଖ୍ୟ ।

Star, *s.* ତାରା, ନକ୍ଷତ୍ର, ତାରକା ।

Starboard, *s.* ଜାହାଜର ଦକ୍ଷିଣ ପାର୍ଶ୍ୱ ।

Starch, *s.* ମଣ୍ଡ, ଲେଇ, କଳ୍ପ ।

Stare, *v.* ଏକଦୃଷ୍ଟିରେ ଚାହିଁବା, ସ୍ଥିରଦୃଷ୍ଟି-କ ।

Stark, *ad.* ସମ୍ପୂର୍ଣ୍ଣ- ଅତ୍ୟନ୍ତ- ନିତାନ୍ତରୂପେ ।—*a.* ଶକ୍ତ, କଠିନ; ଉଗ୍ର, ସମ୍ପୂର୍ଣ୍ଣ ।

Starling, *s.* ପକ୍ଷିବିଶେଷ । [ଭୂଷିତ ।

Starry, *a.* ତାରାମୟ, ତାରାଖଚିତ, ନକ୍ଷତ୍ର-

Start, *s.* ପ୍ରସ୍ଥାନକରଣ, ଆରମ୍ଭ; ଚମକ ।—*v.* ଚମକି- ଡେଇଁ ଉଠିବା; ଅକସ୍ମାତ୍ ଗତ-ହେ; ପ୍ରସ୍ଥାନ-କ; ଆରମ୍ଭ-କ ।

Startle, *v.* ଭୟ ଦେଖାଇବା; ହଠାତ୍ ଛକ-କ, ଚମକିବା ।

Starve, *v.* ଅନାହାରରେ ବା ଶୀତରେ ମରିବା, ଅତିଶୟ ଅଭାବଯୁକ୍ତ-ହେ ।

Starveling, *s.* ଅନାହାରରେ କ୍ଷୀଣ ବ୍ୟକ୍ତି: ଶୁଷ୍କ ବୃକ୍ଷ ।

State, *s.* ଦଶା, ଅବସ୍ଥା, ଗତି; ଐଶ୍ୱର୍ଯ୍ୟ, ରାଜ୍ୟ, ଦେଶ ।

State, *v.* ବର୍ଣ୍ଣନା- ପ୍ରକାଶ- ବ୍ୟାଖ୍ୟା-କ, ବୃତ୍ତାନ୍ତ-କହ; ନିବେଦନ-କ । [କ୍ରମେ ।

Statedly, *ad.* ଯଥାବଶ୍ୟ, ସମୟ ବା ନିୟମ-

Stately, *a.* ପ୍ରଗଳ୍ଭ, ମହିମାଯୁକ୍ତ, ଐଶ୍ୱର୍ଯ୍ୟବନ୍ତ. ମହତ୍ତ୍ୱ । [ବୃତ୍ତାନ୍ତ ।

Statement, *s.* ବିବରଣ, ବେଓରା, ବ୍ୟାଖ୍ୟା,

Statesman, *s.* ରାଜନୀତିଜ୍ଞ, ରାଜମନ୍ତ୍ରୀ, ରାଜସଭାସ୍ଥ ଲୋକ ।

Station, *s.* ନିଯୁକ୍ତସ୍ଥାନ, ଥାନା; କର୍ମ, ପଦ; ମର୍ଯ୍ୟାଦା ।—*v.* ନିଯୁକ୍ତ- ସ୍ଥାପିତ-କ, ବସାଇବା ।

Stationary, *a.* ସ୍ଥିରସ୍ୱଭାବ, ସ୍ଥାବର, ସ୍ଥିର, ଅଚଳ, ଅଟଳ । [ବିକ୍ରେତା ।

Stationer, *s.* କାଗଜାଦିର ବ୍ୟବସାୟୀ ବା

Stationery, *s.* କାଗଜ କଲମ ବହି ଇତ୍ୟାଦି ଦ୍ରବ୍ୟ । [ରଣ ।

Statistics, *s.* ରାଜ୍ୟ ବା ଦେଶାବସ୍ଥାର ବିବ-

Statuary, *s.* ପଥରର ମୂର୍ତ୍ତିର ନିର୍ମାଣକାରୀ ।

Statue, *s.* ମୂର୍ତ୍ତି, ପ୍ରତିମା, ପିତ୍ତୁଳା, ବିଗ୍ରହ ।

Stature, *s.* ଶରୀରର ଉଚ୍ଚତା ବା ଦୀର୍ଘତା, ଲମ୍ବା । [ଆଜ୍ଞା ।

Statute, *s.* ବିଧି, ବ୍ୟବସ୍ଥା, ବିଧାନ, ଆଇନ,

Stave, *v.* ଭାଙ୍ଗିପକାଇବା, ଖଣ୍ଡ୨-କ ।

Stay, *s.* ସ୍ଥିତି, ଅବସ୍ଥିତି; ଠେସ, ଖୁଣ୍ଟି ।—*v.* ରହିବା, ଥିବା, ବାସ-କ; ନିର୍ଭର-କ; ଠେସ-ଦେ ।

Stays, *s.* କାଞ୍ଚୁଲି, ଅଙ୍ଗିଆ ।

Stead, *s.* ସ୍ଥାନ; ପରିବର୍ତ୍ତନ, ବଦଳ; ଉପକାର ।

Steadfast, *a.* ଦୃଢ଼ସ୍ଥାୟୀ, ଅଟଳ, ସ୍ଥିର, ଅଚଳମନା । [ନିର୍ଭୟ ।

Steady, *a.* ସ୍ଥିର, ଧୀର, ଅଟଳ, ଅଚଞ୍ଚଳ;

Steak, *s.* ଭଜା ମାଂସଖଣ୍ଡ । [ଗୁଲିବା ।

Steal, *v.* ଚୋରି- ଅପହରଣ-କ; ଲୁଚିରୂପେ

Stealth, *s.* ଚୋରକରଣ; ଗୁପ୍ତଭାବ ।
Steam, *s.* ବାଷ୍ପ, ଭାପ, ବାମ୍ଫ, ଧୂମ ।
Steamboat, *s.* ବାଷ୍ପୀୟ ଜାହାଜ ।
Steam-engine, *s.* ବାଷ୍ପୀୟ କଳ ।
Steed, *s.* ଘୋଡ଼ା, ଅଶ୍ୱ, ଘୋଟକ ।
Steel, *s.* ଇସ୍ପାତ, କାନ୍ତଲୌହ; ଚକମକ । —*v.* ଇସ୍ପାତ ଲଗାଇବା; କଠିନ-ଶକ୍ତ-କର ।
Steelyard, *s.* ତୁଲାଦଣ୍ଡ ବା ତରାଜୁବିଶେଷ ।
Steep, *a.* ଢାଲୁ, ଢାଲୁବନ୍ତ; ଉଚ୍ଚ ।
Steep, *v.* ଜଳରେ ମଗ୍ନ-କର, ତିନ୍ତାଇବା, ଭିଜାଇବା ।
Steeple, *s.* ମନ୍ଦିରର ଚୂଡ଼ା ବା ଊର୍ଦ୍ଧ୍ୱଦେଶ ।
Steer, *s.* ଯୁବାବଳଦ, ଦାମୁଡ଼ି ।
Steer, *v.* ମଙ୍ଗଧର ଦ୍ୱାରା ନୌକା ବା ଜାହାଜ ଚଳାଇବା । [ଜାହାଜର ଚାଳନ କର୍ମ ।
Steerage, *s.* ଜାହାଜର ଅଗ୍ରଭାଗ; ଜାହା-
Steersman, *s.* କର୍ଣ୍ଣଧାର, ମାଝି, କାଣ୍ଡାରୀ ।
Stellar, *a.* ତାରାସମ୍ବନ୍ଧୀୟ, ନାକ୍ଷତ୍ରିକ ।
Stem, *s.* ପୁଷ୍ପଦଣ୍ଡ; ବଂଶ, ଗୋତ୍ର; ଜାହାଜ ଅଗ୍ରଭାଗ । [ଅଟକାଇବା ।
Stem, *v.* ସ୍ରୋତ ନିବାରଣ-କର, ଥମାଇବା,
Stench, *s.* ଦୁର୍ଗନ୍ଧ, କୁବାସ, ପଚାଗନ୍ଧ, ବଦବୋ । [ବିଦ୍ୟା ।
Stenography, *s.* ସଂକ୍ଷିପ୍ତରୂପେ ଲେଖିବା
Stentorian, *a.* ବଡ ଶବ୍ଦକାରୀ, ବଡପାଟିଆ ।
Step, *s.* ପାଦବିକ୍ଷେପ, କ୍ରମ; କ୍ରିୟା; ଗମନ । —*v.* ପାଦବିକ୍ଷେପ-କର, ଗୋଡ ପକାଇବା, ଚାଲିବା ।
Step-by-step, *ad.* ପଦେ୨, କ୍ରମେ୨ ।
Step-father, *s.* ସାବତ ବା ଉପପିତା ।
Step-mother, *s.* ସାବତ ମା, ବିମାତା, ଉପମାତା ।
Steppe, *s.* ବହୁତ ବିସ୍ତୃତ ଚରାଭୂମି ।

Stereotype, *s.* ପୃଷ୍ଠପୃଷ୍ଠ ଛପାର ଅକ୍ଷର ।
Sterile, *a.* ବନ୍ଧ୍ୟା, ବାଞ୍ଝ; ଅନୁର୍ବର, ଅଫଳା, ମରୁ ।
Sterility, *s.* ବନ୍ଧ୍ୟାତ୍ୱ, ଅଫଳାତ୍ୱ, ମରୁତ୍ୱ ।
Sterling, *a.* ଇଂଲଣ୍ଡୀୟ ମୁଦ୍ରାର ବିଶେଷଣ; ପ୍ରକୃତ; ଅକୃତ୍ରିମ ।
Stern, *s.* ଜାହାଜାଦିର ପଶ୍ଚାଦ୍ଭାଗ ବା ପିଛଡ଼
Stern, *a.* କଡ଼ା, କଠିନ, ନିଷ୍ଠୁର ।
Stew, *s.* ସିଦ୍ଧ ବା ସିଝା ମାଂସ ।—*v.* ଅଳ୍ପ ଜଳରେ ସିଝାଇବା ।
Steward, *s.* ଭଣ୍ଡାରଘରିଆ, ଗୃହାଧ୍ୟକ୍ଷ; ଖାନସାମା । [ଖାନସାମାଗିରି ।
Stewardship, *s.* ଗୃହାଧ୍ୟକ୍ଷର ପଦ ବା କର୍ମ,
Stibium, *s.* ରସାଞ୍ଜନ, ଅଞ୍ଜନ, କଜ୍ଜଳ ।
Stick, *s.* କାଠ, ଦଣ୍ଡ, ଯଷ୍ଟି, ଲଠି, ଛଡ ।
Stick, *v.* ଲଗାଇବା, ବେଣ୍ଟ ମାରିବା, ଅଟକ -ହେ; ସନ୍ଦେହ-କର; ଗଞ୍ଜିବା । [ଦକ୍ଷ-ହେ ।
Stickle, *v.* ବାଗ୍ଯୁଦ୍ଧ ବା ବିବାଦ-କର, ଏକ
Stickler, *s.* ସ୍ୱପକ୍ଷରେ ଯତ୍ନବାନ୍ ବ୍ୟକ୍ତି, କୌଣସି କଥାରେ ବିବାଦୀ, ବାଗ୍ଯୋଦ୍ଧା ।
Sticky, *a.* ଅଠାପରି, ଅଠାବନ୍ତ, ଚଟଚଟିଆ ।
Stiff, *a.* ଅନମ୍ୟ, କଠୋର, ଶକ୍ତ, ଅବାଧ୍ୟ ।
Stiffen, *v.* ଅନମ୍ୟ- ଦୃଢ- କଠିନ-କର; ଶକ୍ତ -ହେ । [ଏକବୁଝା, ମଗର ।
Stiffnecked, *a.* ଅବାଧ୍ୟ, ଅନମ୍ୟ, ଶକ୍ତ,
Stifle, *v.* ନିଶ୍ୱାସ ବନ୍ଦ ବା ରୋଧ-କର, ଚୁପି ରଖିବା; ନିଭାଇବା ।
Stigma, *s.* କଳଙ୍କ, ଚିହ୍ନ, ଦୋଷ, ଦାଗ, ଅପବାଦ । [-ଦେ ।
Stigmatize, *s.* କଳଙ୍କ- କୁନାମ- ଅପବାଦ
Stile, *s.* ପାହାଚବିଶେଷ । [ଅସି ।
Stiletto, *s.* କ୍ଷୁଦ୍ରଖଡ଼ଗ, ଯମଧାର, କଟାରି,
Still, *s.* ଚୁଆଇବା ପାତ୍ର, ମଦ୍ୟଭାଟି ।

Still, *a.* ସ୍ଥିର, ଶାନ୍ତ, ନୀରବ, ଚୁପ୍ ।—*v.* ଶାନ୍ତ-ସୁସ୍ଥିର-କ, ଥମାଇବା, ଚୁପ୍ କରାଇବା ।

Still, *ad.* ଅଦ୍ୟାବଧି, ଏଯାବତ୍ ; ତଥାଚ, ତଥାପି, ତେବେହେଁ ।

Stillborn, *a.* ମୃତଜାତ, ମଲାଜନ୍ମ ।

Stilts, *s.* ରଣପା, ବାଳକମାନଙ୍କର ଚଢ଼ିବା କାଷ୍ଠବିଶେଷ । [ଚେତକ ଔଷଧ ।

Stimulant, *s.* କ୍ଷୁଧା ବା ରୁଚି ବା ଚେତନା-

Stimulate, *v.* ଉତ୍ସାହ ବା ପ୍ରବୃତ୍ତି ଜନ୍ମାଇବା, ଚେତାଇବା । [ପ୍ରବର୍ତ୍ତନା ।

Stimulus, *s.* ପ୍ରବୃତ୍ତି, ଚେତନା, ଉତ୍ତେଜନା,

Sting, *s.* କାଙ୍କୁଡ଼ି, ହୁଲ, ଦଂଶ ।—*v.* କାଙ୍କୁଡ଼ି ଫୁଟାଇବା, କାମୁଡ଼ିବା, ଦଂଶନ-କ ; ବେଦନା-ଦେ । [କାମ୍ଭେ ।

Stingy, *a.* କୃପଣ, ଅଦାତା, ବ୍ୟୟକୁଣ୍ଠ,

Stink, *s.* ଦୁର୍ଗନ୍ଧ, କୁବାସ, ସଢ଼ାଗନ୍ଧ, ବଦ୍‌ବୋ

Stint, *v.* ସୀମା- ବନ୍ଦ-କ ; ଅଳ୍ପବ୍ୟୟ-କ ।

Stipend, *s.* ବେତନ, ମଜୁରୀ, ଦରମାହା, ତଲବ ।

Stipendiary, *s.* ବେତନଗ୍ରାହୀ, ବେତନଭୋଗୀ, ବୃତ୍ତିଭୋଗୀ । [କରାର-କ ।

Stipulate, *v.* ନିୟମ- ବନ୍ଦୋବସ୍ତ- ନିର୍ଦ୍ଧାରଣ-

Stipulation, *s.* ନିୟମ, ପଣ, ନିର୍ଦ୍ଧାରଣ, ଚୁକ୍ତି, ବନ୍ଦୋବସ୍ତ ।

Stir, *s.* ଗୋଳ, କୋଳାହଳ, ହୁଲାହୁଲ ।—*v.* ସ୍ଥାନାନ୍ତର-ହେ; ଘାଣ୍ଟିବା, ମିଶାଇବା; ହଲାଇବା; ଚେତନା-ଦେ, ପ୍ରବୃତ୍ତି ଜନ୍ମାଇବା;

Stirrup, *s.* ଘୋଡ଼ାର ଜିନର ରେକାବ ।

Stitch, *s.* ସିଲାଇ, ଟାଙ୍କ; ହଠାତ୍ ବେଦନା ।—*v.* ଟାଙ୍କିବା, ସିଇଁବା, ସିଲାଇ-କ ।

Stock, *s.* ମୂଳଧନ, ପୁଞ୍ଜି ; କଣ୍ଢ, ଗୋଷ୍ଠ ; ଗଛର ଗଣ୍ଡି ବା ମୂଳ ; ଦ୍ରବ୍ୟସମୂହ ।—*v.* ପୁଞ୍ଜି- ସଞ୍ଚୟ- ଜମା- ପୂର୍ଣ୍ଣ-କ ।

Stockade, *s.* କାଷ୍ଠନିର୍ମିତ ବେଢ଼ା ବା ଗଡ଼ ।

Stocking, *s.* ଗୋଡ଼ର ମୋଜା, ପାଦାବରଣ

Stocks, *s.* ହାଡ଼ିକାଠ, ନିଗଡ଼, ପାଦବନ୍ଧନୀ ; ଜାହାଜ ବନାଇବା ତଳର ମଞ୍ଚା ।

Stoic, *s.* କାମ କ୍ରୋଧାଦି ରହିତ ବ୍ୟକ୍ତି ।

Stoicism, *s.* ଶମ, ବୈରାଗ୍ୟ, ଅନଭିଲାଷ, ଅନନୁରାଗ ।

Stoker, *s.* ଅଗ୍ନିର ତତ୍ତ୍ୱାବଧାରକ ।

Stole, *s.* ଓଢ଼ଣିବସ୍ତ୍ର, ଲମ୍ବା ଜାମା ବା ଯାଜକବସ୍ତ୍ର ।

Stolen, *a.* ଚୋରିତ, ଅପହୃତ ।

Stomach, *s.* ଉଦର, ପେଟ : ରୁଚି, ଇଚ୍ଛା ; ଅହଙ୍କାର ।—*v.* କ୍ରୋଧାନ୍ୱିତ-ହେ : ସହି ପାରିବା ।

Stomacher, *s.* ସ୍ତ୍ରୀର ବକ୍ଷସ୍ଥଳର ଆବରଣ ।

Stone, *s.* ପଥର, ପ୍ରସ୍ତର, ଶିଳା, ପାଷାଣ ; ରତ୍ନ; ଅଣ୍ଡସ୍ଥ; ମଞ୍ଜି, ଟାଙ୍କୁଆ ।—*v.* ପ୍ରସ୍ତରଘାତ-କ, ପଥର ଫୋପାଡ଼ିବା ।

Stone-blind, *a.* ପଥର ପରି ଅନ୍ଧ, ସମ୍ପୂର୍ଣ୍ଣରୂପେ ଦୃଷ୍ଟିହୀନ । [ଲୋକ ।

Stone-cutter, *s.* ଭାସ୍କର, ପଥର କାଟିବା

Stony, *a.* ପ୍ରସ୍ତରମୟ, ପଥରପରି, କଠିନ ।

Stool, *s.* କାଷ୍ଠାସନ, ପିଢ଼ା ; ପାଦପୀଠ ; ଝାଡ଼ା । [-ହେ ।

Stoop, *v.* ମୁଣ୍ଡ ନୁଆଁଇବା, ନତ- ନମ୍ର- କଷ

Stop, *s.* ପଦଚ୍ଛେଦ ଚିହ୍ନ ; ବାଧା ; ସ୍ଥିତି ।—*v.* ସ୍ଥଗିତ- ଅଟକ- ବନ୍ଦ-କ ; ଥିବା, ରହିବା ।

Stoppage, *s.* ବାଧା, ଅଟକ, ବ୍ୟାଘାତ, ନିବାରଣ, ନିଷେଧ ।

Store, *s.* ପୁଞ୍ଜି, ସଞ୍ଚିତଦ୍ରବ୍ୟ; ବାହୁଲ୍ୟ, ଭଣ୍ଡାର ।—*v.* ସଞ୍ଚୟ- ସଂଗ୍ରହ- ଏକତ୍ର-କ, ଯୋଗାଇବା । [ଗୋଦାମ, ଗଞ୍ଜ ।

Storehouse, *s.* ଭଣ୍ଡାର, ଅମାର, ଗୋଲା,

Stork, *s.* ବକ ଜାତୀୟ ପକ୍ଷୀବିଶେଷ ।

Storm, *s.* ପ୍ରଚଣ୍ଡବାୟୁ, ଝଡ଼; ତୋଫାନ, ଅକ୍ରମଣ, ଉତ୍ପାତ ।—*v.* ଉତ୍ପାତ-ଅକ୍ରମଣ-କ; ଗର୍ଜନତର୍ଜନ-ସଗାନ୍ବିତ-କ । [ପ୍ରଚଣ୍ଡ ।

Stormy, *a.* ତୋଫାନି, ଝଡ଼ମୟ; କ୍ରୁଦ୍ଧ,

Story, *s.* ଉପକଥା, କାହାଣୀ, ଇତିହାସ, ବୃତ୍ତାନ୍ତ; ଘରର ତାଲ ।

Stout, *a.* ବଳବାନ,ବିକ୍ରମୀ, ନିର୍ଭୟ; ମାଂସଳ, ମୋଟା, ସ୍ଥୂଳକାୟ ।

Stoutly, *ad.* ଶକ୍ତିରୂପେ, ସାହସପୂର୍ବକ ।

Stove, *s.* ଅଗ୍ନିକୁଣ୍ଡ, ଲୁହାନିର୍ମିତ ଚୁଲ୍ଲୀ ।

Stow, *v.* ସଞ୍ଚୟ-କ, ସଜାଇ ରଖିବା, ଥୋଇ -ଦେ । [ବା ସ୍ଥାନ ।

Stowage, *s.* ସଜାଇ ରଖିବା କର୍ମ ବା ସ୍ଥାନ

Straddle, *v.* ଗୋଡ ମେଲାଇ ବା ଫାଙ୍କ କରି ଚାଲିବା । [ପଥ ଭ୍ରମଣ-କ ।

Straggle, *v.* ଏଣେତେଣେ ବୁଲିବା, ପଥ

Straggler, *s.* ଏଣେତେଣେ ଭ୍ରମଣକାରୀ ।

Straight, *a.* ସରଳ, ସଳଖ, ସିଧା, ଠିକ୍ ।

Straighten, *v.* ସରଳ- ସଳଖ-କ, ବାଙ୍କ ଛାଡ଼ିବା । [ଅବିଳମ୍ବେ ।

Straightway, *ad.* ତତ୍କ୍ଷଣାତ୍, ଏହିକ୍ଷଣେ,

Strain, *s.* ଟାଣ; କହିବାର ଧାରା ବା ସ୍ୱର; ସ୍ୱର; ଗାନ ।—*v.* ଛାଣିବା;ଟାଣିବା,ଝାଙ୍କିବା; ବଳରୁ ଅଧିକ ଯତ୍ନ-କ ।

Strainer, *s.* ଚାଲୁଣୀ, ଛାଙ୍କୁଣୀ ।

Strait, *s.* ମୋହାନା; ଡମରୁମଧ୍ୟ; କଷ୍ଟ, କ୍ଲେଶ ।—*a.* ସଙ୍କୀର୍ଣ୍ଣ, ଅପ୍ରଶସ୍ତ, ସାନ; କଠିନ । [କ୍ଲେଶ-ଦେ ।

Straiten, *v.* ସଙ୍କୀର୍ଣ୍ଣ- ସରୁ-କ; ପୀଡା-

Straitly, *ad.* ଦୃଢରୂପେ, କଠିଣରୂପେ ।

Strand, *s.* ତଟ, ଧାର, ଜଳାଶୟସ୍ଥ ଭୂମି, ସମୁଦ୍ର ପ୍ରାନ୍ତର; ଦଉଡ଼ିର ମୋଡା ।—*v.* କୂଳରେ ଲାଗିବା, ଚଡ଼ାରେ ଲାଗିବା ।

Strange, *a.* ଅସଙ୍ଗତ, ଅଦ୍ଭୁତ, ଅସ୍ପର୍ଶ; ଅପରିଚିତ, ବିଦେଶୀୟ । [ରୂପେ ।

Strangely, *ad.* ଅଶୁଦ୍ଧୀଂରୂପେ, ଅଦ୍ଭୁତ-

Stranger, *s.* ବିଦେଶୀ, ଅପରିଚିତ ବ୍ୟକ୍ତି, ଅତିଥି ।

Strangle, *v.* ଗଳା ଚିପି ବା ନିଶ୍ୱାସ ବନ୍ଦକରି ମାରିବା, ଫାଶୀ-ଦେ ।

Strangulation, *s.* ଗଳା ଚିପି ମାରଣ ।

Strangury, *s.* ମୂତ୍ରକୃଚ୍ଛ୍ର, କଷ୍ଟରେ ମୂତ୍ରପାତ ।

Strap, *s.* ପଟୀ, ଚର୍ମପଟୀ, ଚର୍ମବନ୍ଧନୀ ।

Strapping, *a.* ବୃହତ୍, ପ୍ରକାଣ୍ଡ, ଡେଙ୍ଗା ।

Stratagem, *s.* ଛଳ, କୌଶଳ, ଉପାୟ, ଫାନ୍ଦ । [ବଦ୍ୟା ।

Strategy, *s.* ସୈନ୍ୟ କୌଶଳରେ ଚଳାଇବା

Stratify, *v.* ଥାକ ବା ସ୍ତର ସଜାଇବା ।

Stratum, *s.* ଥାକ, ସ୍ତର, ଋଦା ।

Straw, *s.* ନଡା; ପାଳ, କୁଟା, କଡ଼ଡା, ବପ୍ଳଲ

Strawberry, *s.* ଫଳବିଶେଷ ।

Stray, *v.* ଅବାଟେ ଯିବା, ପଥ ଭୁଲିବା, ଭ୍ରମିବା ।

Streak, *s.* ରେଖା, ଗାର; ଚିହ୍ନ; କିରଣ ।

Stream, *s.* ସ୍ରୋତ, ପ୍ରବାହ; ଜଳ, ନଈ ।—*v.* ସ୍ରୋତ ବହିବା, ପ୍ରବାହିତ-ହେ ।

Streamer, *s.* ପତାକା, ବାନା, ଧ୍ୱଜା, ନିଶାଣ ।

Streamlet, *s.* କ୍ଷୁଦ୍ର ସ୍ରୋତ, ସାନ ନଈ ।

Street, *s.* ନଗରର ପଥ, ସଡ଼କ, ବାଟ, ଦାଣ୍ଡ ଗଳି, ମାର୍ଗ, ରସ୍ତା ।

Strength, *s.* ଶକ୍ତି, ଶରୀରର ବଳ, ଜୋର୍, ସାମର୍ଥ୍ୟ, ତେଜଃ ।

Strengthen, *v.* ସବଳ- ଶକ୍ତିମାନ-କ; ଅଶ୍ୱାସ କି ଉପକାର-ଦେ ।

Strenuous, *a.* ବ୍ୟଗ୍ର, ଉଦ୍‌ଯୋଗୀ; ବଳିଅର ।

Stress, *s.* ଗୁରୁତ୍ୱ, ଜୋର୍, ଟାଣ; ସ୍ୱର ◆

Stretch, *s.* ବିସ୍ତାର, ଲମ୍ବା, ପ୍ରସାର,; ଯତ୍ନ, ଉଦ୍ୟମ ।—*v.* ପ୍ରସାରିବା, ଓଟାରି ଲମ୍ବ-କ ; ବଢାଇବା ।
Stretcher, *s.* ବିସ୍ତାରକଯନ୍ତ୍ର; ଡୋଲି;ଖଟୁଲି ।
Strew, *v.* ବୁଣିବା, ବିଞ୍ଚିବା, ଛିଟାଇବା ।
Stricken, *a.* ପ୍ରହାରିତ,ଆହତ; ବୟଃପ୍ରାପ୍ତ ।
Strict, *a.* କଠିନ, କଷ୍ଟକର, ଦୃଢ; ଠିକ୍,ଯଥାର୍ଥ ।
Stricture, *s.* ଅଙ୍ଗସଙ୍କୁ; ଗ୍ରନ୍ଥର ଦୋଷାଦୋଷ କଥନ ।
Stride, *s.* ଦୀର୍ଘ ପାଦନିକ୍ଷେପ ।—*v.* ଗୋଡ ମେଲାଇ ଚାଲିବା, ଦୀର୍ଘ ପାଦନିକ୍ଷେପ-କ ।
Strife, *s.* ବିବାଦ, ବିରୋଧ, କଳିଆ, ଝଗଡା ।
Strike, *s.* ଶସ୍ୟାଦି ପରିମାପକ ଯନ୍ତ୍ରବିଶେଷ ।
Strike, *v.* ଆଘାତ-ପ୍ରହାର-କ, ମାରିବା, ପିଟିବା, ବାଜିବା; ମୁଦ୍ରାଙ୍କିତ-କ; ସ୍ଥିର-କ, ଦୂର-କ ।
Striking, *a.* ଚମତ୍କାର, ଅଶ୍ଚର୍ଯ୍ୟ ।
String, *s.* ରଜ୍ଜୁ, ଦଉଡି, ସୂତଳି; ବାଦ୍ୟଯନ୍ତ୍ରର ତାର ।—*v.* ମାଳାଗୁନ୍ଥିବା, ଗ୍ରନ୍ଥନ-କ ।
Stringed, *a.* ସତାର, ତନ୍ତ୍ରଯୁକ୍ତ, ସସୂତ୍ର ।
Stringent, *a.* ବନ୍ଧନକାରୀ,କଠିନ,ସଙ୍କୋଚକ
Stringy, *a.* ସୂତ୍ରମୟ, ଅଁଶୁଆ, ରେଶୁଆ ।
Strip, *s.* ପଟି, ଖଣ୍ଡ, ଟୁକୁଡା ।
Strip, *v.* ଲଙ୍ଗଳା-ବିବସ୍ତ୍ର-କ, ଛାଲି ତୋଳିବା ; ଲୁଟ-କ ।
Stripe, *s.* ରେଖା, ଚିହ୍ନ; ମାଡ଼, ଚାବୁକର ଆଘାତ ବା ଦାଗ ।
Striped, *a.* ଚିହ୍ନବିଶିଷ୍ଟ, ରେଖାଯୁକ୍ତ ।
Stripling, *s.* ଯୁବା ପୁରୁଷ, ତେଙ୍ଗାଟୋକା ।
Strive, *v.* ଉଦ୍ୟମ-ଯତ୍ନ-କ; ବିବାଦ-ଦ୍ୱନ୍ଦ-କ ।
Stroke, *s.* ଆଘାତ, ଘା, ମାଡ; ରେଖା ; ଅକସ୍ମାତ୍ ବିପଦ; ଘଡିର ଶବ୍ଦ ।—*v.* ସ୍ନେହ-ପୂର୍ବକ ହାତ ବୁଲାଇବା, ଆଉଁସିବା ।
Stroll, *s.* ଇତସ୍ତତଃ ଭ୍ରମଣ, ପର୍ଯ୍ୟଟନ, ବୁଲା ।—*v.* ଭ୍ରମଣ-କ, ଏଣେତେଣେ ବୁଲିବା ।
Strong, *a.* ବଳବାନ୍, ବଳିଷ୍ଠ, ଟାଣ, ଶକ୍ତ ।
Stronghold, *s.* ଦୁର୍ଗ, ଦୃଢଦୁର୍ଗ, ଗଡ, ଆଶ୍ରୟସ୍ଥାନ ।
Strop, *s.* କ୍ଷୁରର ଧାର ବସାଇବାର ଚର୍ମପଟୀ ।
Structure, *s.* ନିର୍ମାଣ, ଗାନ୍ଥୁଣି; ଅକୃତ, ଢୋଲ୍, ଗଠନ; ଅଟ୍ଟାଳିକା ।
Struggle, *s.* ପରିଶ୍ରମ, ଉଦ୍ୟମ; ଯନ୍ତ୍ରଣା, କଷ୍ଟ ।—*v.* ଯତ୍ନ-ଉଦ୍ଯୋଗ-କ ; ବାହୁଯୁଦ୍ଧ-କ ।
Strumpet, *s.* ବେଶ୍ୟା, କସବି, କୁଳଟା ।
Strut, *v.* ଗର୍ବ ବା ଦେହ ଫୁଲାଇ ଚାଲିବା ।
Stubble, *s.* ନଡା, ଛଣ, ବିରଡା ।
Stubborn, *a.* ଅବଶ, ଅବାଧ୍ୟ, ଯେଣ୍ଡା, ମତସ୍ୱ ।
Stucco, *s.* ଚୂନବିଶେଷ; ଚୂନକାମ ।
Stud, *s.* ପାଲ ବଢିବା ଘୋଡା ଘୋଡୀର ସମୂହ; ମେଖ ଖିଲ ।—*v.* ବାରମ୍ବାର ପ୍ରେକ ବା ମେଖ ମାରିବା ।
Student, *s.* ବିଦ୍ୟାର୍ଥୀ, ପଢୁଆ, ଶିଷ୍ୟ, ଛାତ୍ର ।
Studied, *a.* ଅଭ୍ୟସ୍ତ, ଶିକ୍ଷିତ, ବିବେଚିତ, ପୂର୍ବେ କଳ୍ପିତ ।
Studious, *a.* ଅଭ୍ୟାସୀ, ମନୋଯୋଗୀ, ପାଠେଚ୍ଛୁ, ବିଦ୍ୟାପରାୟଣ ।
Studiously, *ad.* ମନୋଯୋଗ ବା ଯତ୍ନ-ପୂର୍ବକ ।
Study, *s.* ବିଦ୍ୟାଭ୍ୟାସ, ଅଧ୍ୟୟନ, ପଠନ ; ଧ୍ୟାନ, ଚିନ୍ତା; ପାଠଗୃହ ।—*v.* ବିଦ୍ୟା-ଭ୍ୟାସ-କ, ଶିଖିବା; ଧ୍ୟାନ-କ ।
Stuff, *s.* ଦ୍ରବ୍ୟ, ପଦାର୍ଥ, ସାମଗ୍ରୀ; ବସ୍ତ୍ରବିଶେଷ
Stuff, *v.* ଠେସି ଦେଇବା ବା ଭରିବା; ଅତି-ରିକ୍ତ ଭୋଜନ-କ ।
Stuffing, *s.* ମାଂସର ସୁସ୍ୱାଦୁକର ମସଲା-ଦ୍ରବ୍ୟ ।

**Stultify**, *v.* ଅଜ୍ଞତା ପ୍ରକାଶ-କ ।
**Stumble**, *v.* ଝୁଣ୍ଟି ପଡ଼ିବା, ଠୋକର ଲାଗିବା; ଭୁଲ-ଭ୍ରମ-କ । [ଝୁଣ୍ଟିବାର କାରଣ ।
**Stumbling-block**, *s.* ବାଧା, ବ୍ୟାଘାତ,
**Stump**, *s.* ଗଛର ଗଣ୍ଡି ବା ମୁଣ୍ଡା ।
**Stun**, *v.* ଅଘାତଦ୍ୱାରା ମୂର୍ଚ୍ଛିତ ବା ଅଚେତନ -କ; ବଧିର-କ ।
**Stunt**, *v.* ବୃଦ୍ଧିର ବାଧା-କ; ଖର୍ବ-କ ।
**Stupefaction**, *s.* ଅଚୈତନ୍ୟ, ଭ୍ରମ, ମୂର୍ଚ୍ଛା-ବସ୍ଥା ।
**Stupefy**, *v.* ମୂର୍ଚ୍ଛାପନ୍ନ-ଅଚେତନ-ହତବୁଦ୍ଧି -କ । [ଅଦ୍ଭୁତ ।
**Stupendous**, *a.* ବୃହତ୍, ବଡ଼, ଅଦ୍ଭୁତ;
**Stupid**, *a.* ଜଡ଼, ଅବୋଧ, ମୂର୍ଖ, ଅଜ୍ଞାନ ।
**Stupidity**, *s.* ଜଡ଼ତା, ମୂର୍ଖତା, ଅଜ୍ଞତା ।
**Stupor**, *s.* ଅଚୈତନ୍ୟ, ମୂର୍ଚ୍ଛା, ବିହ୍ୱଳ ।
**Sturdy**, *a.* ଶକ୍ତ, ବଳବାନ୍, ସବଳ; ହୃଷ୍ଟପୁଷ୍ଟ, ମୋଟା; ଏକଗୁଣ୍ଡ ।
**Sturgeon**, *s.* ସମୁଦ୍ରୀୟ ମାଛବିଶେଷ ।
**Stutter**, *v.* ତୋତଲ ବା ଅପ୍ରକାଶ କହ-କହ
**Sty**, *s.* ଘୁଷୁରି କୁଡ଼ିଆ, ଶୂକର ଘର; ଅକ୍ଷିର ବ୍ରଣ ।
**Stygian**, *a.* ନାରକୀୟ, ବୈତରଣୀସମ୍ବନ୍ଧୀୟ ।
**Style**, *s.* ଲେଖା ବା କଥାର ଧାରା; ପଦବୀ, ଉପାଧି, ସଂଜ୍ଞା ।—*v.* ସଂଜ୍ଞା-ଦେ, ନାମ ରଖିବା, ଉପାଧି-ଦେ ।
**Stylish**, *a.* ସୁଶ୍ରୀ, ସୁନ୍ଦର, ବସ୍ତ୍ରାଭିଳାଷୀ ।
**Suasion**, *s.* ପ୍ରବୃତ୍ତି, ପ୍ରତିବୋଧ ।
**Suavity**, *s.* ମିଷ୍ଟତା, ମୃଦୁତା, ନମ୍ରତା ।
**Subaltern**, *s.* ଅପ୍ରଧାନ ସେନାପତି; କନିଷ୍ଠ-ପଦସ୍ଥବ୍ୟକ୍ତି ।
**Subdivide**, *v.* ପୁନର୍ବିଭାଗ-ଅଂଶାଂଶ-କ ।
**Subdue**, *v.* ବଶୀଭୂତ-ଅଧୀନ-ପରାସ୍ତ-କ ।
**Subdued**, *a.* ବଶୀଭୂତ, ଜିତ, ଅସ୍ୱଚ୍ଛ ।
**Subject**, *s.* ପ୍ରଜା, ରୟତ; ବିଷୟ, ପ୍ରସଙ୍ଗ, ବୃତ୍ତାନ୍ତ ।—*a.* ଅଧୀନ, ବଶତାପନ୍ନ, ବଶୀଭୂତ, ଦାୟଗ୍ରସ୍ତ, ଦାୟୀ ।—*v.* ଅଧୀନ-ପରାସ୍ତ-କ; ଦାୟରେ ପକାଇବା । [ବୃତା ।
**Subjection**, *s.* ଅଧୀନତା, ବଶତା, ଅସ୍-
**Subjoin**, *v.* ଅନ୍ତେଯୋଗ-ସଂଯୋଗ-କ ।
**Subjugate**, *v.* ବଶ-ଦମନ-ପରାଜୟ-କ ।
**Subjugation**, *s.* ବଶୀକରଣ, ଦମନ, ବଶୀ-ଭୂତତା । [କରଣ ।
**Subjunction**, *s.* ଅନ୍ତେ ବା ପଶ୍ଚାତ୍ ଯୋଗ-
**Sublimate**, *v.* ପାରଦ ଭସ୍ମ-ସାରସାର-କ ।
**Sublime**, *a.* ପରମ, ମହତ୍, ଶ୍ରେଷ୍ଠ, ଅତ୍ୟୁତ୍ତମ ।
**Sublimity**, *s.* ମହଦ୍ଭାବ, ଉତ୍ତମତା, ଉଚ୍ଚତା ଶ୍ରେଷ୍ଠତା । [ପାର୍ଥିବ ।
**Sublunary**, *a.* ଚନ୍ଦ୍ରାଧଃସ୍ଥିତ, ପୃଥିବୀସ୍ଥ,
**Submarine**, *a.* ସମୁଦ୍ରାଧଃସ୍ଥିତ ।
**Submerge**, *v.* ବୁଡ଼ାଇବା, ଜଳରେ ମଗ୍ନ-କ ।
**Submersion**, *s.* ଡୁବନ, ବୁଡ଼ନ, ଜଳରେ ମଗ୍ନକରଣ । [କ୍ଷମା, ଶାନ୍ତ ।
**Submission**, *s.* ଆଜ୍ଞାକାରିତା, ବଶ୍ୟତା,
**Submissive**, *a.* ଆଜ୍ଞାବହ, ବଶ୍ୟ, ନମ୍ର, ବିନୟୀ । [କାର-କ; ସମର୍ପଣ-କ ।
**Submit**, *v.* ବଶୀଭୂତ-ହ, ଅଧୀନତା ସ୍ୱୀ-
**Subordinate**, *a.* ଅପ୍ରଧାନ, ଅଧୀନ ସ୍ଥାନ ।
**Subordination**, *s.* ବଶତା, ଅଧୀନତା, ତାବେଦାରି । [ଦେବାକୁ ପ୍ରବୃତ୍ତ-କ ।
**Suborn**, *v.* ଲାଞ୍ଚ ଦେଇ ମିଥ୍ୟାସାକ୍ଷ୍ୟ
**Subpœna**, *s.* କଚେରି ସ୍ଥାନରେ ସାକ୍ଷ୍ୟ ଦେବା ନିମନ୍ତେ ଆଜ୍ଞାପତ୍ର, ତଲବଚିଠି ।
**Subscribe**, *v.* ସ୍ୱାକ୍ଷର-ଦସ୍ତଖତ-କ; ସ୍ୱୀକାର -କ; ଚନ୍ଦା-କ । [ଲେଖେ ।
**Subscriber**, *s.* ପତ୍ରରେ ଆପଣାର ନାମ ଯେ

Subscription, *s.* ସ୍ୱାକ୍ଷର, ସହି; ଚାନ୍ଦା ।
Subsequent, *a.* ଉତ୍ତର, ପଛର, ପଶ୍ଚାତ୍ ।
Subsequently, *ad.* ଉତ୍ତରେ, ପଛେ, ଅନନ୍ତରେ । [-ହେ; ଉପକାର-କ ।
Subserve, *v.* ସେବା-କ, ଅଧୀନ ଅନୁବର୍ତ୍ତୀ
Subservient, *a.* ଉପଯୋଗୀ, ପରାଧୀନ, ସେବାକାରୀ । [ସ୍ଥିର-ହେ ।
Subside, *v.* ସମତା ପାଇବା, ଥମିବା, ନିବୃତ୍ତ-
Subsidence, *s.* ଅଧଃପତନଶୀଳତା ।
Subsidiary, *a.* ସାହାଯ୍ୟକାରୀ, ସହକାରୀ, ଉପକାରୀ ।
Subsidise, *v.* ଧନଦ୍ୱାରା ଉପକାର-କ ।
Subsidy, *s.* ଅର୍ଥ ବା ଧନଦ୍ୱାରା ଉପକାର, ସହାୟତା ।
Subsist, *v.* ଜୀବନଧାରଣ-କ, ବଞ୍ଚିବା, ବର୍ତ୍ତମାନ ଥିବା, ନିର୍ବାହ-ହେ ।
Subsistence, *s.* ଉପଜୀବିକା, ଦିନଯାପନ, ଜୀବନୋପାୟ । [ପୁଷ୍ଟି ।
Substance, *s.* ସାରଭାଗ; ବସ୍ତୁ, ଧନ; ଦେହ;
Substantial, *a.* ଯଥାର୍ଥ, ପ୍ରକୃତ, ବାସ୍ତବିକ, ସତ୍ୟ; ଦୃଢ଼, ବଳୀ ।
Substantially, *ad.* ନିତାନ୍ତ ବା ଶକ୍ତରୂପେ, ଯଥାର୍ଥରୂପେ ।
Substantiate, *v.* ସାବ୍ୟସ୍ତ- ସାବୁଦ- ପ୍ରମାଣ-ନିଶ୍ଚୟ-କ । [ସଂଜ୍ଞା ।
Substantive, *s.* ବିଶେଷ୍ୟପଦ, ଦ୍ରବ୍ୟବାଚକ
Substitute, *s.* ପ୍ରତିନିଧି, ବଦଳି, ଜାମୀନ ।
—*v.* ପ୍ରତିନିଧି-ବଦଳି-ଦେ, ଏକର ପାଲଟେ ଅନ୍ୟକୁ ରଖିବା ।
Substitution, *s.* ପରିବର୍ତ୍ତ, ବଦଳ, ପାଲଟ ।
Substratum, *s.* ତଳର ଥର ବା ଥାକ ।
Sub-tenant, *s.* ସେକମ୍ ରୟତ ।
Subterfuge, *s.* ଛଳ, ପ୍ରବଞ୍ଚନା, ବାହାନା ।

Subterranean, *a.* ଭୂମିର ତଳସ୍ଥ, ପୃଥିବୀର ଅନ୍ତରସ୍ଥ ।
Subtilise, *v.* ଅତିସୂକ୍ଷ୍ମ-ପାତଳ ବା ସରୁ-କ ।
Subtle, *a.* ଧୂର୍ତ୍ତ, ଚତୁର, ଖଳ, ଶଠ, ଶିଅଣା ।
Subtlety, *s.* ଧୂର୍ତ୍ତତା, ଖଳତା, ଚତୁରୀ ।
Subtract, *v.* ବାଦ୍-ଦେ, କମ-ଊଣା-କ; ଅପହରଣ-କ, ଫେଡିବା ।
Subtraction, *s.* ବ୍ୟବକଲନ, ଜମାଖରଚ, ନ୍ୟୂନକରଣ, ଫେଡାଣ ।
Subtropical, *a.* ଅୟନ ବୃତ୍ତର ନିକଟବର୍ତ୍ତୀ ।
Suburban, *a.* ଉପନଗର ନିବାସୀ, ଗାଉଁଲୀ
Suburbs, *s.* ନଗରର ପ୍ରାନ୍ତଭାଗ, ସହରର ଚଉଅଡ଼, ଉପନଗର । [ଧ୍ୱଂସ ।
Subversion, *s.* ସମୂଳୋତ୍ପାଟନ, ବିନାଶ,
Subversive, *a.* ଉତ୍ପାଟକ, ନାଶକ, ଧ୍ୱଂସକ ।
Subvert, *v.* ଉତ୍ପାଟନ- ଉଜାଡ଼- ବିନାଶ- ଧ୍ୱଂସ-କ ।
Succeed, *v.* କ୍ରମାନୁସାରେ ଚାଲିବା, କ୍ରମବର୍ତ୍ତୀ-ପଦ ଲା-ହେ; ସଫଳ-କୃତାର୍ଥ-ହେ ।
Success, *s.* କୃତକାର୍ଯ୍ୟତା, ଇଷ୍ଟସିଦ୍ଧି, ଫଳପ୍ରାପ୍ତି ।
Successful, *a.* କୃତାର୍ଥ, ସଫଳ, ଭାଗ୍ୟବନ୍ତ ।
Succession, *s.* ଅନୁକ୍ରମ, କ୍ରମ, ପାରମ୍ପର୍ଯ୍ୟ; ବଂଶ, କୁଳ । [ମରକ ।
Successive, *a.* ଅନୁକ୍ରମିକ, କ୍ରମାଗତ, ପାର-
Successor, *s.* ଉତ୍ତରାଧିକାରୀ, କ୍ରମବର୍ତ୍ତୀ, ବଦଳି ।
Succinct, *a.* ସଂକ୍ଷିପ୍ତ, ଲଘୁ, ସାନ, ଅଳ୍ପ ।
Succour, *s.* ସହାୟତା, ଉପକାର, ରକ୍ଷା, ଆଶ୍ରୟ, ଅନୁକୂଳ ।
Succulent, *a.* ସରସ, ରସାଳ, ରସବନ୍ତ ।
Succumb, *v.* ନଇଁପଡ଼ିବା, ବଶୀଭୂତ- ପରାସ୍ତ-ହେ ।

Such, *a.* ଏମନ୍ତ, ଏରୂପ, ଏପ୍ରକାର, ଏତାଦୃଶ ।
Suck, *v.* ଶୋଷିବା, ସ୍ତନ୍ୟପାନ-କ, ଦୁଗ୍ଧ-ଖାଇବା ।
Sucker, *s.* ଅଙ୍କୁର, ପଲ୍ଲବ; ଶୋଷକ ।
Suckle, *v.* ସ୍ତନ୍ୟପାନ-କ, ଦୁଗ୍ଧ-ଦେ ।
Suckling, *s.* ଦୁଗ୍ଧପୋଷ୍ୟଶିଶୁ, ଦୁଧଖିଆ ବାଳକ । [କର୍ଷଣ ।
Suction, *s.* ଶୋଷଣ, ଶୋଷିବା କର୍ମ, ଉସା-
Sudden, *a.* ହଠାତ୍, ଅକସ୍ମାତ୍, ଅଚମ୍ଭିତ ।
Sudorific, *s.* ଘର୍ମଜନକ ଔଷଧ ।—*a.* ସ୍ୱେଦକ, ଝାଳଜନକ ।
Suds, *s.* ସାବୁନ ଜଳର ଫେଣ ।
Sue, *v.* ପ୍ରାର୍ଥନା-କ; ଦ୍ୱାର-ନାଲିଶ-କ ।
Suet, *s.* ଚରବି, ବସା, ଚର୍ବି ।
Suffer, *v.* ଭୋଗ-କ, ସହିବା; ଅନୁମତି-ଦେ ।
Sufferance, *s.* ଅନୁମତି; ଧୈର୍ଯ୍ୟ, ସହିଷ୍ଣୁତା; ଦୁଃଖଭୋଗ । [କ୍ଲେଶ ।
Sufferer, *s.* ଦୁଃଖଭୋଗୀ, ପୀଡିତ, ସହିବା
Suffering, *s.* ଦୁଃଖଭୋଗ, ବେଦନା, ଯନ୍ତ୍ରଣା
Suffice, *v.* ପ୍ରଚୁର- ବହୁତ- ଯଥେଷ୍ଟ-ହେ, ଅଣ୍ଟିବା, ତୃପ୍ତ-କ ।
Sufficiency, *s.* ବାହୁଲ୍ୟ, ବିସ୍ତାର, ପ୍ରଚୁରତା
Sufficient, *a.* ପ୍ରଚୁର, ଯଥେଷ୍ଟ, ବହୁତ ।
Suffocate, *v.* ଶ୍ୱାସବନ୍ଦ-କ, ଗଳାଚିପି ମାରିବା ।
Suffrage, *s.* ସମ୍ମତି, ସ୍ୱୀକାର, ଅଙ୍ଗୀକାର ।
Suffuse, *v.* ବ୍ୟାପିବା, ବିସ୍ତାରିତ-ହେ ।
Sugar, *s.* ଚିନି, ନବାତ, ଶର୍କରା, ଖଣ୍ଡ ।
Sugar-candy, *s.* ମିଶିରି ।
Sugar-cane, *s.* ଆଖୁ, ଇକ୍ଷୁ ।
Sugary, *a.* ଚିନିପରି ମିଷ୍ଟ ।
Suggest, *v.* ସଙ୍କେତରେ-କହ; ପରାମର୍ଶ-ଦେ, ଜ୍ଞାତ-ଅବବୋଧ-କ ।
Suggestion, *s.* ସଙ୍କେତବାକ୍ୟ, ଠାର; ପରାମର୍ଶ, ଶିକ୍ଷା କଥା । [ଘାତ ।
Suicide, *s.* ଆତ୍ମହତ୍ୟା, ଆତ୍ମଘାତକ ବା
Suit, *s.* ପ୍ରସ୍ଥ, ଯୋଡା; ଅନୁଚରସମୂହ; ପ୍ରାର୍ଥନା; ମକଦ୍ଦମା ।—*v.* ଉପଯୁକ୍ତ-ଯୋଗ୍ୟ-ହେ; ଐକ୍ୟ-ହେ, ମିଳିବା ।
Suitable, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ, ଲାଏକ । [ବିବାହାର୍ଥୀ ।
Suitor, *s.* ନିବେଦନକାରୀ, ପ୍ରାର୍ଥକ, ଉପାସକ,
Sulky, *a.* ବିରକ୍ତମୁଖ, ମଗର, ଚିଡଚିଡିଆ ।
Sullen, *a.* ଅଭିମାନୀ, ଅପ୍ରସନ୍ନ ବା ବିଷଣ୍ଣ-
Sully, *v.* ମଳିନ-ଦାଗ-କଳଙ୍କ-କ । [ମୁଖ ।
Sulphur, *s.* ଗନ୍ଧକ, ଗନ୍ଧପାଷାଣ ବା ପଥର ।
Sulphuric acid, *s.* ଗନ୍ଧକାମ୍ଳ; ଦ୍ରାବକ ।
Sulphurous, *a.* ଗନ୍ଧକବତ୍ ବା ସମ୍ବନ୍ଧୀୟ ।
Sultan, *s.* ତୁରସ୍କଦେଶୀୟ ରାଜା, ସୁଲତାନ, ବାଦଶାହ ।
Sultana, *s.* ତୁରସ୍କଦେଶୀୟ ରାଣୀ ।
Sultry, *a.* ଶୁଷ୍କ, ବର୍ଷାକାଳର ଗରମ ଦିନ ।
Sum, *s.* ମୋଟ, ରାଶି, ସମୁଦାୟ, ଏକୁନ୍; ସାର ।—*v.* ସଂଖ୍ୟା-ମୋଟ-କ, ଠିକ୍-ଦେ, ଗଣନା-କ; ଜମା-କ ।
Summarily, *ad.* ସଂକ୍ଷେପରେ, ମୋଟେ, ଅଳ୍ପ କଥାରେ; ଶୀଘ୍ର, ଝଟତି ।
Summary, *s.* ସାରସଂଗ୍ରହ, ସଂକ୍ଷେପ ।—*a.* ସଂକ୍ଷିପ୍ତ, ଚମ୍ପୁକ, ଅଳ୍ପ ।
Summer, *s.* ଗ୍ରୀଷ୍ମସମୟ, ଖରାକାଳ ।
Summer-house, *s.* ବଗିଚାର ବୈଠକ ଘର
Summit, *s.* ଚୂଡା, ଅଗ୍ର, ମୁଣ୍ଡ, ଶିଖା, ଉପରଭାଗ ।
Summon, *v.* ଡାକିବା, ତଲବ-ଆହ୍ୱାନ-କ ।
Summons, *s.* ଡାକିବାଚିଟି, ତଲବପତ୍ର, ସମନ ।

Sumptuous, *a.* ବହୁମୂଲ୍ୟ; ଅପବ୍ୟୟୀ, ଅପବ୍ୟୟଶୀଳ ।

Sun, *s.* ସୂର୍ଯ୍ୟ, ଦିବାକର, ରବି, ପ୍ରଭାକର, ତପନ, ଭାସ୍କର ।—*v.* ସୂର୍ଯ୍ୟ ତାପରେ ରଖିବା ।

Sunbeam, *s.* ଗଭସ୍ତି, ସୂର୍ଯ୍ୟକିରଣ ବା ରଶ୍ମି ।

Sunburnt, *a.* ଖରା ବାଜିଥିବା, ଖରାରେ ପୋଡ଼ା; ତାମ୍ରବର୍ଣ୍ଣ । [ପ୍ରଥମ ଦିବସ ।

Sunday, *s.* ରବିବାର, ବିଶ୍ରାମବାର, ସପ୍ତାହର

Sunder, *v.* ଭିନ୍ନ-ପୃଥକ-ବିଭାଗ-କ ।

Sun-dial, *s.* ସୂର୍ଯ୍ୟ ବା ଛାୟାଘଡ଼ି, ରୌଦ୍ର-ଘଟିକା ।

Sundry, *a.* ନାନା, କେତେ, ବିବିଧ, ଭିନ୍ନ ।

Sunflower, *s.* ସୂର୍ଯ୍ୟମୁଖୀ ଫୁଲ; ଅର୍କପୁଷ୍ପ ।

Sunrise, *s.* ଅରୁଣୋଦୟ, ସୂର୍ଯ୍ୟୋଦୟ ସମୟ, ପ୍ରାତଃକାଳ ।

Sunset, *s.* ଅସ୍ତକାଳ, ସୂର୍ଯ୍ୟାସ୍ତ, ବେଳବୁଡ଼ ।

Sunshine, *s.* ସୂର୍ଯ୍ୟର ତେଜ, ଖରା, ଧୂପ ।

Sup, *v.* ରାତ୍ରରେ ଭୋଜନ-କ, ଅଳ୍ପପାନ-କ ।

Super, *prep.* ଅଧିକ, ବହୁତ; ଉପରସ୍ଥ ।

Superable, *a.* ସାଧ୍ୟ, ନିବାର୍ଯ୍ୟ: ପରାଜେୟ ।

Superabound, *v.* ଅତିରିକ୍ତ-ପ୍ରଚୁର-ହେ ।

Superabundance, *s.* ଅତି ବାହୁଲ୍ୟ, ଅତି-ପ୍ରାଚୁର୍ଯ୍ୟ, ଆଧିକ୍ୟ । [ଉପରେ ଯୋଗ-କ ।

Superadd, *v.* ଅଧିକ ସଂଯୋଗ-କ, ଯୋଗ

Superannuate, *v.* ବାର୍ଦ୍ଧକ୍ୟପ୍ରଯୁକ୍ତ ଅଯୋଗ୍ୟ-କ । [ବୟଃପ୍ରଯୁକ୍ତ ଅକ୍ଷମ ।

Superannuated, *a.* ଅତିବୃଦ୍ଧ, ଜୀର୍ଣ୍ଣ; ବାର୍ଦ୍ଧ-

Superb, *a.* ଅପୂର୍ବ, ଅତିସୁନ୍ଦର, ଶୋଭାନ୍ୱିତ ।

Super-cargo, *s.* ନୌକା ବା ଜାହାଜସ୍ଥ ବାଣିଜ୍ୟର ତତ୍ତ୍ୱାବଧାରକ ।

Supercilious, *a.* ଗର୍ବୀ, ଅହଙ୍କାରୀ, ଅଭି-ମାନୀ, ଦାମ୍ଭିକ ।

Supererogation, *s.* ନିୟମ ବା କର୍ତ୍ତବ୍ୟର ଆଧିକ୍ୟ । [ବଣ୍ଠା ।

Superficial, *a.* ଅଗଭୀର, ଉପରସ୍ଥ, ବାହ୍ୟ;

Superficies, *s.* ଉପରଭାଗ, ବାହାରଅଙ୍ଗ ।

Superfine, *a.* ଅତିସୂକ୍ଷ୍ମ ବା ସରୁ; ଅତ୍ୟୁତ୍ତମ, ଶ୍ରେଷ୍ଠ । [ପ୍ରାଚୁର୍ଯ୍ୟ ।

Superfluity, *s.* ଆଧିକ୍ୟ, ବାହୁଲ୍ୟ, ଅତିରିକ୍ତ,

Superfluous, *a.* ଅତିରିକ୍ତ, ଅଧିକ, ବହୁତ, ଅନାବଶ୍ୟକ । [ଅମାନୁଷିକ ।

Superhuman, *a.* ମନୁଷ୍ୟର କ୍ଷମତାତିରିକ୍ତ,

Superintend, *v.* କର୍ମ ଚଳାଇବା, ତତ୍ତ୍ୱା-ବଧାରଣ-କ ।

Superintendent, *s.* ଅଧ୍ୟକ୍ଷ, ବେବର୍ତ୍ତି, କର୍ମକର୍ତ୍ତା, ତତ୍ତ୍ୱାବଧାରକ । [ଉତ୍ତମ ।

Superior, *a.* ଶ୍ରେଷ୍ଠ, ପ୍ରଧାନ, ମହତ୍, ଅତ୍ୟୁ-

Superiority, *s.* ଶ୍ରେଷ୍ଠତା, ପ୍ରାଧାନ୍ୟ, ଉତ୍ତ-ମତା, ପ୍ରକୃଷ୍ଟତା । [ସର୍ବୋତ୍ତମ ।

Superlative, *a.* ଶ୍ରେଷ୍ଠତମ, ସର୍ବଶ୍ରେଷ୍ଠ,

Supernal, *a.* ଆକାଶୀୟ, ଉଚ୍ଚସ୍ଥ, ଗଗନସ୍ଥ ।

Supernatural, *a.* ଅଲୌକିକ, ଅଦ୍ଭୁତ, ଅସମ୍ଭବ, ଆଶ୍ଚର୍ଯ୍ୟ । [ବେଶୀ, ଅଧିକ ।

Supernumerary, *a.* ଅତିରିକ୍ତ, ବଳକା,

Superscribe, *v.* ଶିରୋନାମା ଲେଖିବା ।

Superscription, *s.* ଶିରୋନାମା, ଉପର-ଭାଗର ଲେଖା । [-କ ।

Supersede, *v.* ଲୋପ-କ; ଅନ୍ୟଥା- ରଦ୍

Superstition, *s.* ଅମୂଳକଧର୍ମ, କଳ୍ପିତ ମତ ।

Superstructure, *s.* ମୂଳଦୁଆ ବା ଭିତ୍ତି-ସ୍ଥାନର ଉପରସ୍ଥ ଗାନ୍ଥୁଣୀ ।

Supervene, *v.* ଅକସ୍ମାତ୍ ଘଟିବା, ହଠାତ୍ ଉପସ୍ଥିତ-ହେ ।

Supervise, *v.* କର୍ମ ବୁଝିବା, କାର୍ଯ୍ୟ ତଦାରକ-କ, ତତ୍ତ୍ୱାବଧାରଣ-କ ।

Supervision, *s.* ତତ୍ତ୍ୱାବଧାରଣ, ପରିଦର୍ଶନ, ସମୀକ୍ଷା, ସରଦାରି ।

Supervisor, *s.* ତତ୍ତ୍ୱାବଧାରକ, ପରିଦର୍ଶକ, ତଦାରକ ଯେ କରେ, ସମୀକ୍ଷକ, ସରଦାର ।

Supine, *a.* ଅଳସ, ଅମନୋଯୋଗୀ, କୁଣ୍ଠିତ ।

Supper, *s.* ରାତ୍ରିର ଭୋଜନ ବା ଖାଦ୍ୟ ।

Supplant, *v.* ଛଳରେ ପଦଚ୍ୟୁତ ବା ଅପଦସ୍ଥ-କ ।

Supple, *a.* ନମନଶୀଳ, ନରମ, କୋମଳ ।

Supplement, *s.* ଅତିରିକ୍ତ, କ୍ରୋଡ଼ପତ୍ର, ଅଧିକ ଲେଖା । [ପ୍ରାର୍ଥକ ।

Suppliant, *s.* ମାଗିବା ଲୋକ, ନିବେଦକାରକ,

Supplication, *s.* ପ୍ରାର୍ଥନା, ବିନତି, ବିନୟ ।

Supply, *s.* ଉପକାର, ନିର୍ବାହ, ଅପ୍ରାପ୍ତବସ୍ତୁ-ପ୍ରାପ୍ତି, ରସଦ ।—*v.* ଯୋଗାଇବା, ଖଞ୍ଜାଇବା; ଦାନ-କ; ପରର ବଦଳେ କାର୍ଯ୍ୟ-କ ।

Support, *s.* ଅବଲମ୍ବନ, ଭରଣପୋଷଣ; ଅଲମ୍ବ, ଟେକ, ଆଶ୍ରୟ ।—*v.* ପ୍ରତିପାଳନ-କ; ଆଶ୍ରୟ-ଦେ, ସହିବା; ସାହାଯ୍ୟ-କ ।

Suppose, *v.* ଅନୁଭବ-ଅନୁମାନ-ମନେ-କ ।

Supposition, *s.* ଅନୁମାନ, ଅନୁଭବ, ଅନ୍ଦାଜ, ବୋଧ ।

Suppress, *v.* ଦମନ- ନିବାରଣ- ମନା-କ, ଲୁଚାଇ ବା ଘୋଡ଼ାଇ ରଖିବା ।

Suppression, *s.* ଦମନ, ଅଟକ; ପରାଜୟ-କରଣ; ଗୋପନକରଣ ।

Suppurate, *v.* ପାଚିବା, ପୂଜ ବା କ୍ଲେଦ-ହେ ।

Supremacy, *s.* ଆଧିପତ୍ୟ, ପ୍ରାଧାନ୍ୟ, ସର୍ବଶ୍ରେଷ୍ଠତା, ସରଦାରି ।

Supreme, *a.* ସର୍ବଶ୍ରେଷ୍ଠ, ପ୍ରଧାନ, ବଡ଼, ମହାନ୍, ପରମ । [ବୋଝାଇ-ଦେ ।

Surcharge, *v.* ଅଧିକ ଭାର- ଅତିରିକ୍ତ

Sure, *a.* ନିଶ୍ଚିତ, ସ୍ଥିର, ଦୃଢ଼, ଅଟଳ ।

Surety, *s.* ପ୍ରତିଭୂ, ଜାମିନ, ଲଗା; ନିଶ୍ଚୟତା, ନିଃସନ୍ଦେହତା । [ଲହରୀ ।

Surf, *s.* ସମୁଦ୍ର ତୀରରେ ଯେ ଢେଉ ଉଠେ,

Surface, *s.* ଉପର, ଉପରିଭାଗ, ବାହାର ।

Surfeit, *s.* ବହୁ ଭକ୍ଷଣ ଦ୍ୱାରା ଅରୁଚି, କଣ୍ଠପୂରକ ଖାଇବା ଦ୍ୱାରା ପୀଡ଼ା ।

Surge, *s.* ତରଙ୍ଗ, ଢେଉ, ଲହରୀ, ଲାଟି ।

Surgeon, *s.* ଅସ୍ତ୍ରବୈଦ୍ୟ, ଅସ୍ତ୍ରଚିକିତ୍ସକ ।

Surgery, *s.* ଅସ୍ତ୍ରଚିକିତ୍ସା ବିଦ୍ୟା; ଚିକିତ୍ସାଳୟ ।

Surgical, *a.* ଅସ୍ତ୍ରଚିକିତ୍ସାସମ୍ବନ୍ଧୀୟ ।

Surliness, *s.* ରୁକ୍ଷତା, କ୍ରୋଧ, କର୍କଶତା, ଉଗ୍ରଶୀଳତା, ଚିଡ଼ଚିଡ଼ିଆସ୍ୱଭାବ । [ଚିଡ଼ିଆ ।

Surly, *a.* ରାଗୀ, କ୍ରୋଧୀ, କଠୋର, ଚିଡ଼-

Surmise, *s.* ଅନୁମାନ, ଉପଲବ୍ଧି, ବୋଧ; ସନ୍ଦେହ । [ନିଶ୍ଚୟ-କ ।

Surmount, *v.* ପାରି-ହେ; ଊର୍ଦ୍ଧ୍ୱରେ ଉଠିବା;

Surname, *s.* ପଦବୀ, କୁଳର ସଂଜ୍ଞା, ବଂଶର ଡାକିବା ନାମ । [ଅତିକ୍ରମ-କ ।

Surpass, *v.* ଅନ୍ୟଠାରୁ ଅଧିକ-ଶ୍ରେଷ୍ଠ-ହେ;

Surpassing, *a.* ଅପୂର୍ବ, ଅନ୍ୟଠାରୁ ଶ୍ରେଷ୍ଠ, ଅତିକ୍ରାମକ । [ଚ୍ଛଦବିଶେଷ ।

Surplice, *s.* ଧର୍ମୋପଦେଶକର ଶୁକ୍ଳ ପରି-

Surplus, *s.* ଅଧିକଭାଗ, ଅତିରେକ, ବଳିଲା ଯେ, ଜିଆଦା ।

Surprise, *s.* ବିସ୍ମୟ, ଚମତ୍କାର, ଆଶ୍ଚର୍ଯ୍ୟଜ୍ଞାନ; ଅକସ୍ମାତ୍ ଆକ୍ରମଣ ।—*v.* ବିସ୍ମୟାପନ୍ନ-ଚମତ୍କୃତ-କ; ହଠାତ୍ ଧରିବା, ଅକସ୍ମାତ୍ ଆକ୍ରମଣ-କ ।

Surprising, *a.* ଚମତ୍କାର, ଆଶ୍ଚର୍ଯ୍ୟ, ଅଦ୍ଭୁତ ।

Surrender, *v.* ତ୍ୟାଗ-ସମର୍ପଣ-କ; ଶତ୍ରୁର ହସ୍ତେ ଅର୍ପଣ-କ, ହାରି ମାନିବା ।

Surreptitious, *a.* ପ୍ରବଞ୍ଚନାକୃତ, ଛଳରେ ପ୍ରାପ୍ତ ।

Surrogate, *s.* ଧର୍ମାଧ୍ୟକ୍ଷର ପ୍ରତିନିଧି, ସହ-କର୍ତ୍ତା । [ଆଡ଼େ ବେଢ଼ିବା ।

Surround, *v.* ବେଷ୍ଟନ-କ, ଘେରିବା, ଚାରି-

Surrounding, *a.* ଚତୁର୍ଦ୍ଦିଗସ୍ଥ, ଚତୁର୍ଦ୍ଦିଗର; ନିକଟ ।

Survey, *s.* ଦର୍ଶନ, ଦୃଷ୍ଟି; ତତ୍ତ୍ୱାବଧାରଣ, ଭୂମି ମାପ ।—*v.* ଦର୍ଶନ- ଦୃଷ୍ଟି-କ, ଦେଖିବା; ନିରୀକ୍ଷଣ-କ; ଭୂମ୍ୟାଦି ମାପିବା ।

Surveyor, *s.* ନିରୀକ୍ଷକ; କର୍ମଚାରୀ, ଅମୀନ, ତତ୍ତ୍ୱାବଧାରକ ।

Survive, *v.* ଉତ୍ତରଜୀବୀ-ହେ, ଅନ୍ୟଠାରୁ ଅଧିକ ସମୟ ବଞ୍ଚିବା । [ପ୍ରିୟ ।

Susceptibility, *s.* ବେଦନାଯୁକ୍ତତା; ଗ୍ରହଣୀ-

Susceptible, *a.* ଗ୍ରହଣଶୀଳ, ବେଦନାଯୁକ୍ତ, ପ୍ରୟୋକ୍ତବ୍ୟ । [ଦୋଷୀ ମଣିବା ।

Suspect, *v.* ସଂଶୟ- ସନ୍ଦେହ-କ; ପରଖ୍

Suspend, *v.* ଟଙ୍ଗାଇବା, ଝୁଲାଇବା, ଲଟକାଇବା; କିଛିକାଳ ବନ୍ଦ-କ; ବିଳମ୍ବ-କ ।

Suspension, *s.* ଟଙ୍ଗା, ଲଟକା, ଝୁଲା; କିଛିକାଳ ପର୍ଯ୍ୟନ୍ତ ନିବୃତ୍ତି ବା ବିଳମ୍ବ । [ଶୁବେ ।

Suspicion, *s.* ସନ୍ଦେହ, ସଂଶୟ, ଧୋକା,

Suspicious, *a.* ସନ୍ଦେହୀ, ସନ୍ଦିଗ୍ଧମନାଃ, ଶଙ୍କାଜନକ । [ପାଳନ-କ ।

Sustain, *a.* ଧାରଣ-କ, ସହିବା, ରକ୍ଷା-

Sustenance, *s.* ଭରଣପୋଷଣ, ଅନ୍ନଜଳ; ଜୀବନୋପାୟ, ବୃତ୍ତିଦାନ ।

Sustentation, *s.* ଅବଲମ୍ବନ, ଠେସ; ଭରଣପୋଷଣ, ଅନ୍ନଜଳ ।

Sutler, *s.* ଭକ୍ଷ୍ୟଦ୍ରବ୍ୟ ବ୍ୟବସାୟୀ, ଯେଉଁ ମୁଦି ପଲ୍ଟନ ସଙ୍ଗେ ବେପାର କରେ ।

Suture, *s.* ଖପର ଟାଙ୍କ, ଯୋଡ଼ା, ସୂଚିକର୍ମରେ ଯୋଡ଼ା ।

Swab, *s.* ଜାହାଜର ମାର୍ଜନୀ ବା ଝାଡ଼ୁବିଶେଷ ।

Swaddle, *v.* ବସ୍ତ୍ର ବା ଲୁଗାରେ ଗୁଡ଼ାଇବା, ପଟି ବାନ୍ଧିବା । [ଫୁଲାଇ ଚାଲିବା ।

Swagger, *v.* ଗର୍ବ- ବଡ଼ାଇ-କ, ଦେହ-

Swain, *s.* ଗ୍ରାମ୍ୟ ଯୁବା ପୁରୁଷ, ଗ୍ରାମ୍ୟଦାସ; ମେଷପାଳକ ।

Swallow, *s.* ଖାଲଚଞ୍ଚୁ ପକ୍ଷୀ, ଚଟକ; ଗ୍ରାସ ।

Swallow, *v.* ଗିଳିବା, ଢୋକିବା, ଗ୍ରାସ-କ; ବିବେଚନା ନ କରି ପ୍ରତ୍ୟୟ-କ ।

Swamp, *s.* ଝିଲ, ଦଲଦଲିଆ ଭୂମି ।—*v.* ପଙ୍କ ବା ଜଳରେ ମଗ୍ନ-ହେ । [ସଁତିଆ ।

Swampy, *a.* ଜଲୁଆ, ଦଲଦଲିଆ, ସଁତ-

Swan, *s.* ଅତିବଡ଼ ହଂସବିଶେଷ ।

Sward, *s.* ତୃଣଯୁକ୍ତ ଭୂମି; ଶୁଷ୍କ ଶୂକର ମାଂସର ଚମଡ଼ା ।

Swarm, *s.* ଝାଙ୍କ, ଦଳ, ସମୂହ; ମହୁମାଛିର ଦଳ ।—*v.* ଦଳଦଳ ହୋଇ ଉଡ଼ିବା; ଭିଡ଼-କ ।

Swarthy, *a.* ଶ୍ୟାମବର୍ଣ୍ଣ, କାଳିଆ ।

Swathe, *v.* ଗୁଡ଼ାଇବା, ଲପ୍ଟାଇବା, ପଟିବାନ୍ଧିବା ।

Sway, *s.* କର୍ତ୍ତୃତ୍ୱ, ପ୍ରଭୁତ୍ୱ, ଶାସନ, ଚଳନ୍ତ ।—*v.* ଚଳନ୍ତ-କ; କୌଣସି ପକ୍ଷରେ ପ୍ରବର୍ତ୍ତାଇବା ।

Swear, *v.* ଶପଥ- ନିୟମ- ପଣ- ହଲପ୍-କ ।

Sweat, *s.* ଝାଳ, ଘର୍ମ, ସ୍ୱେଦ, ପସୀନା ।—*v.* ଝାଳ ବହିବା । [ଚାଲିବା ।

Sweep, *v.* ଝାଡ଼ୁ ଦେଇ ସଫା-କ; ବେଗରେ

Sweeper, *s.* ଝାଡ଼ୁଆ, ମେହନ୍ତର, ହାଡ଼ି ।

Sweepings, *s.* ଅଳିଆ, ଝାଟିଆ ।

Sweepstake, *s.* ଘୋଡ଼ା ଦୌଡ଼ରେ ବାଜିବିଶେଷ ।

Sweet, *a.* ମିଷ୍ଟ, ମଧୁର, ମିଠା, ସୁସ୍ୱାଦୁ ।

Sweeten, *v.* ମିଷ୍ଟ- ସୁସ୍ୱାଦୁ- ମଧୁର-କ ।

Sweetheart, *s.* ପ୍ରିୟ, ପ୍ରେୟସୀ, ନାୟକ,
ନାୟିକା ।
Sweetmeat, *s.* ମିଠାଦ୍ରବ୍ୟ, ମିଠାଇ ।
Swell, *v.* ଫୁଲିବା, ଫାମ୍ପିବା, ବଢିବା ।
Swelling, *s.* ଶୋଥ, ଫୁଲା, ମାଂସବୃଦ୍ଧି,
ଫାମ୍ପ, ବଢତି । [-ହେ ।
Swelter, *v.* ଘାମରେ ପୀଡିତ ବା କ୍ଲାନ୍ତ
Swerve, *v.* ପଥଭ୍ରମଣ-କ, ଏକାଡେ ଯିବା,
ଉଚିତ କର୍ମ ତ୍ୟାଗ-କ । [ଗାମୀ ।
Swift, *a.* ଦ୍ରୁତଗାମୀ, ବେଗବାନ୍, ଶୀଘ୍ର-
Swiftly, *ad.* ବେଗରେ, ଶୀଘ୍ରେ, ତ୍ୱରାରେ,
ଜଲଦିକରି ।
Swiftness, *s.* ବେଗ, ସତ୍ୱରତା, ଦ୍ରୁତତା,
ଶୀଘ୍ରତା, କ୍ଷିପ୍ରତା, ଜଲଦି ।
Swill, *v.* ଅତିରିକ୍ତ ପାନ-ଜଳରେ ଓଦା-କ;
ମଦୁଆଳ-ହେ । [ବୁଡିବା ।
Swim, *v.* ପହଁରିବା; ଜଳରେ ଭାସିବା; ମୁଣ୍ଡ
Swimmer, *s.* ପହଁରିବା ଲୋକ । [ଘୂର୍ଣ୍ଣି ।
Swimming, *s.* ସନ୍ତରଣ, ପହଁରା, ଭ୍ରମି,
Swindle, *v.* ପ୍ରବଞ୍ଚନା-କ, ଛଳରେ ନେଇ-
ଯିବା; ଠକିବା । [ଛଳୀ ।
Swindler, *s.* ଜୁଆଚୋର, ପ୍ରବଞ୍ଚକ, ଠକ,
Swine, *s.* ଶୂକର, ଘୁଷୁରି, ବରାହ ।
Swineherd, *s.* ଶୂକର ରକ୍ଷକ, ଘୁଷୁରିଆ ।
Swing, *s.* ଦୋଳା, ଦୋଳି, ଝୁଲଣ, ଆନ୍ଦୋ-
ଳନ । [ଳିତ-ହେ ।
Swing, *v.* ଝୁଲିବା, ଦୋଳାୟମାନ- ଆନ୍ଦୋ-
Swinish, *a.* ଶୂକରର ସଦୃଶ, ଘୁଷୁରିପରି ।
Switch, *s.* ଛଡି, ଯଷ୍ଟି, ବେତ ।
Swivel, *s.* ଘୂର୍ଣ୍ଣକଡା; ସାନ ତୋପବିଶେଷ ।
Swoon, *s.* ମୂର୍ଚ୍ଛା, ମୂର୍ଚ୍ଛାବସ୍ଥା, ଅଚୈତନ୍ୟ ।
Swoop, *v.* ଝାମ୍ପମାରିବା, ଝାମ୍ପମାରି ଧରିବା ।
Swop, *v.* ବଦଳ- ଓଲଟ- ବିନିମୟ-କ ।

Sword, *s.* ଖଡ୍ଗ, ଖଣ୍ଡା, ଅସି, ତରବାରି ।
Swordsman, *s.* ଖଡ୍ଗଧାରୀ, ଯୋଦ୍ଧା, ସେନା ।
Sycamore, *s.* ଗଛବିଶେଷ ।
Sycophant, *s.* ଚାଟୁବାଦୀ, ଖୋସାମୁଦିଆ,
ଭାଟ । [ବନାନ ।
Syllable, *s.* ସ୍ୱରଯୁକ୍ତବର୍ଣ୍ଣ, ଏକଅକ୍ଷର, ଫଳା,
Syllabus, *s.* ଅନୁକ୍ରମଣିକା, ନିର୍ଘଣ୍ଟ ।
Syllogism, *s.* ଯୌକ୍ତିକବାଦ, ଅବୟବଘଟିତ
ବାକ୍ୟ । [ଦେବତା ।
Sylph, *s.* ଖେଚରବିଶେଷ, ପରୀ, କଳ୍ପିତ
Sylvan, *a.* ବନ୍ୟ, ଆରଣ୍ୟକ, ବନମୟ ।
Symbol, *s.* ନିଦର୍ଶନ, ଦୃଷ୍ଟାନ୍ତ, ଚିହ୍ନ, ପ୍ରତିରୂପ
Symbolical, *a.* ଚିହ୍ନରୂପକ, ନିଦର୍ଶନଯୁକ୍ତ,
ପ୍ରତିରୂପକ ।
Symbolise, *v.* ଦୃଷ୍ଟାନ୍ତଦ୍ୱାରା ଜ୍ଞାତ-କ, ନିଦ-
ର୍ଶନ- ଅନୁରୂପ- ପ୍ରତିମନ୍ତ-ହେ ।
Symmetrical, *a.* ରୂପବାନ୍, ସର୍ବାଙ୍ଗେ
ସମାନ, ସୁଡୌଲ୍ । [ପରସ୍ପର ଐକ୍ୟ ।
Symmetry, *s.* ସର୍ବାଙ୍ଗର ସୁମେଳନ, ଅଙ୍ଗର
Sympathetic, *a.* ପର ଦୁଃଖେ ଦୁଃଖୀ,
ପର ସୁଖେ ସୁଖୀ ।
Sympathise, *v.* ସମବ୍ୟଥୀ- ଦୟାଳୁ- ପର
ଦୁଃଖେ ଦୁଃଖୀ-ହେ । [ଦୁଃଖ ।
Sympathy, *s.* ସମଭାବ, ଦୟା, ପର ଦୁଃଖେ
Symphony, *s.* ସ୍ୱରୈକ୍ୟ, ସ୍ୱରମେଳ ।
Symptom, *s.* ଲକ୍ଷଣ, ଚିହ୍ନ, ଉପସର୍ଗ ।
Synagogue, *s.* ଯିହୁଦୀୟମାନଙ୍କର ଭଜ-
ନାଳୟ ।
Synchronism, *s.* କାଳର ମେଳ, ସମ-
କାଳେ ଘଟନ । [କ୍ଷର ଲୋପ ।
Syncope, *s.* ମୂର୍ଚ୍ଛା, ପ୍ରଳୟ, ଅଚେତନା; ମଧ୍ୟ-
Synod, *s.* ଧର୍ମବିଷୟକ ସଭା, ଧର୍ମସମାଜ ।
Synonym, *s.* ତୁଲ୍ୟାର୍ଥ ଶବ୍ଦ, ଏକାର୍ଥ ଶବ୍ଦ ।

Synonymous, *a.* ତୁଲ୍ୟାର୍ଥକ, ଏକାର୍ଥକ ।
Synopsis, *s.* ସଂକ୍ଷେପ, ଚୁମ୍ବକ, ଗ୍ରନ୍ଥର ସାର-ସଂଗ୍ରହ ।
Syntax, *s.* ବାକ୍ୟବିନ୍ୟାସ ପଦ୍ଧତି ।
Synthesis, *s.* ସଂଯୋଗ, ଯୋଗକରଣ ।
Syphon, *s.* ନଳୀ, ଚୁଙ୍ଗୀ ।
Syringe, *s.* ପିଚକାରୀ, ଦମକଳ ।
Syrup, *s.* ଚିନି ରସ, ଶିରା ।
System, *s.* ରୀତି, ଧାରା, ବ୍ୟବସ୍ଥା, ମତ, ମର୍ମ ।
Systematic, *a.* ବ୍ୟବସ୍ଥାନୁଯାୟୀ, କ୍ରମାଗତ, ରୀତ୍ୟନୁସାରେ ।

## T.

T, ଇଂରାଜୀ ବର୍ଣ୍ଣମାଳାର ବିଂଶତମାକ୍ଷର ।
Tabby, *a.* ଚିତ୍ରିତ, ଚିତ୍ରବିଚିତ୍ର, ବହୁରଙ୍ଗ ।
Tabernacle, *s.* ତାମ୍ବୁ, ବସ୍ତ୍ରଗୃହ; ଭଜନାଳୟ, ମନ୍ଦିର; ଦେହ ।—*v.* ପ୍ରବାସ- ଅଳ୍ପ-କାଳ ବାସ-କ ।   [ଅନୁକ୍ରମଣିକା, ନିର୍ଘଣ୍ଟ ।
Table, *s.* ମେଜ; ଫଳକ; ଫର୍ଦ୍ଦ, ତାଲିକା;
Table-cloth, *s.* ମେଜ ଚାଦର ।
Tableland, *s.* ଭିଟ, ଉଚ୍ଚସମସ୍ଥଳୀ ଭୂମି ।
Tablet, *s.* ପଥରଚଟ୍ଟା ବା ପଟା; ସ୍ଲେଟମେଜ, ଟିପାଇ ।
Table-talk, *s.* ଭୋଜନ ସମୟର କଥାବାର୍ତ୍ତା ।
Tabour, *s.* ମୃଦଙ୍ଗବିଶେଷ ।
Tabular, *s.* ନିର୍ଘଣ୍ଟପରି ଶ୍ରେଣୀବଦ୍ଧ, ଫର୍ଦ୍ଦପରି ।
Tacit, *a.* ଚୁପ, ଅବ୍ୟକ୍ତ, ଯେ ସ୍ପଷ୍ଟ ନ କହିଲେ ବୋଧ ହୁଏ ।   [ଅଳ୍ପାଳାପଶୀଳ ।
Taciturn, *a.* ମୌନୀ, ନୀରବ, ନିଃଶବ୍ଦ,
Tack, *s.* କ୍ଷୁଦ୍ରପେରେକ, ବଇଞ୍ଚିକଣ୍ଟା; ଜାହାଜ ଫେରଣ ।   [ଫେରାଇବା ।
Tack, *v.* ଟାଙ୍କିବା; କଣ୍ଟା ମାରିବା; ଜାହାଜ
Tackle, *s.* ଜାହାଜର ଦଉଡ଼ିଆଦି; ଅସ୍ତ୍ରଶସ୍ତ୍ର । —*v.* ଜାହାଜ ସଜାଇବା; ଧରିବା, ଆକ୍ରମଣ-କ ।
Tact, *s.* ସ୍ପର୍ଶ; ବୁଦ୍ଧି; କୌଶଳ, ଚାତୁର୍ଯ୍ୟ ।
Tactful, *a.* ସ୍ପର୍ଶଯୁକ୍ତ; ଚତୁର, ନିପୁଣ ।
Tactfully, *ad.* ବୁଦ୍ଧିମାନ୍‌ରୂପେ, ଚତୁରଭାବେ ।
Tactician, *s.* ଯୁଦ୍ଧ ପଦ୍ଧତିରେ ନିପୁଣ ବ୍ୟକ୍ତି ।
Tactics, *s.* ସୈନ୍ୟ ବିନ୍ୟାସ ପଦ୍ଧତି, ସୈନ୍ୟବ୍ୟୂହ ରଚନାପଦ୍ଧତି; ଯୁଦ୍ଧଶାସ୍ତ୍ର ।
Tadpole, *s.* ବେଙ୍ଗର ଛୁଆ, ମଣ୍ଡୂକ ଶାବକ ।
Tag, *s.* ଫିତାରେ ଲୋହ ନିର୍ମିତ ପେଚକ ବା ଅଗ
Tag-rag, *s.* ନୀଚ ଲୋକ ।
Tail, *s.* ଲାଙ୍ଗୁଳ, ଲାଞ୍ଜ, ପୁଚ୍ଛ, ଦୁମ, ପଶ୍ଚାଦ୍‌ଭାଗ ।
Tailor, *s.* ଦରଜି, ସୂଚିକର୍ମକାରୀ, ସୂଚିଜୀବୀ ।
Taint, *s.* କଳଙ୍କ, ଦୋଷ, ଦାଗ, ସଂକ୍ରାମକ, ଦୁର୍ଗନ୍ଧି, ପଚାଗନ୍ଧ ।
Take, *v.* ଗ୍ରହଣ-କ, ନେବା, ଘେନିବା; ଧରିବା; ଆକ୍ରମଣ-ବନ୍ଦି-କ; ମନୋନୀତ-କ; ସମ୍ମତ-ହେ; ମୋହିତ-କ ।
Taking, *s.* ଗ୍ରହଣ, ଧରଣ, ଆକ୍ରମଣ; ହରଣ, ଉଦ୍‌ବେଗ ।
Talc, *s.* ଅଭ୍ର, ଅବରକ୍, ମେଘଜାଲ ।
Tale, *s.* ଇତିହାସ, କଥା, କାହାଣୀ, ଗଳ୍ପ; ସମାଚାର; ଗଣନା, ବୃତ୍ତାନ୍ତ ।   [ଭେଦକ ।
Talebearer, *s.* କର୍ଣ୍ଣେଜପ, ଚୁଗୁଲିଆ, ଠକ,
Talent, *s.* ସ୍ୱାଭାବିକବୁଦ୍ଧି, କ୍ଷମତା, ଶକ୍ତି; ଟଙ୍କାର ତୋଡ଼ା ।   [ପଟୁ ।
Talented, *a.* ଗୁଣବାନ୍, ନିପୁଣ, ଦକ୍ଷ, ପ୍ରବୀଣ,
Talisman, *s.* କବଚ ବିଶେଷ, ମାୟାବୀ ଅକ୍ଷର
Talk, *s.* କଥାବାର୍ତ୍ତା, କଥନ, ଆଳାପ; ଜନରବ । —*v.* କହିବା, କଥାବାର୍ତ୍ତା- ଆଳାପ-କ ।
Talkative, *a.* ବହୁବକ୍ତା, ବଡ଼ବଡ଼ିଆ, ବକୁଆ ।

Tall, *a.* ଢେଙ୍ଗା, ସମୁଚ୍ଚ, ଦୀର୍ଘକାୟ, ଲମ୍ବା, ବଡ଼ ।

Tallow, *s.* ବସା, ମାଂସତେଲ; ବତୀର ଚରବ ।

Tallow-chandler, *s.* ଚରବିର ବତୀ ବ୍ୟବସାୟୀ ।

Tally, *s.* ପତ୍ରକଟା କାଠ ଯହିଁରେ ହିସାବ ରଖା ଯାଏ; ଯେ ବସ୍ତୁ ଅନ୍ୟର ସହିତ ମିଳେ ।—*v.* ଟେକ-କ, ଯୋଡ଼ିବା; ମିଳିବା, ଉପଯୁକ୍ତ-ହେ ।

Talon, *s.* ପକ୍ଷୀର ନଖ ।  [ମାଛ ।

Tamarind, *s.* ତେନ୍ତୁଳି, ଅମ୍ଳରସ; ଇଲିସି

Tamarix, *s.* ଝାଉଁଗଛ ।

Tambourine, *s.* ଖଞ୍ଜଣୀ, ଖଞ୍ଜରୀ, ମାଦଳ, ତବଲ ।  [ସ୍ତେଜ ।

Tame, *s.* ହାତପୋଷା, ପୋଷା, ପଳା; ନି-

Tame, *v.* ପୋଷିବା; ବଶ-ଦମନ-ଅଧୀନ-କ ।

Tamper, *v.* ଗୁପ୍ତରୂପେ ବ୍ୟବହାର-କ: ମିଥ୍ୟା ହାତ-ଦେ ।

Tan, *v.* ଚର୍ମ ପ୍ରସ୍ତୁତ-କ, କଷାଇବା, ତାମ୍ର-ବର୍ଣ୍ଣ-କ; ଖରାରେ ଦିହିଁବା ।  [ଯୋଗ୍ୟ ।

Tangible, *a.* ସ୍ପୃଶ୍ୟ, ସ୍ପର୍ଶନୀୟ, ଛୁଇଁବା

Tangle, *v.* ପେଚ ଲଗାଇବା, ଜଟି-କ, ଫାନ୍ଦେ ପକାଇବା, କଚଟ-କ ।  [ବର ।

Tank, *s.* ପୁଷ୍କରିଣୀ, ପୋଖରୀ, ତଡ଼ାଗ, ସରୋ-

Tankard, *s.* ବଡ଼ ପାନପାତ୍ର, ଢାକୁଣୀ ବଶିଷ୍ଟ ପିଅଲା ବଶେଷ ।

Tanner, *s.* ଚର୍ମକାର, ଚର୍ମପ୍ରସ୍ତୁତକାରକ ।

Tannery, *s.* ଚର୍ମ ପ୍ରସ୍ତୁତ କରିବା ସ୍ଥାନ ।

Tantalize, *v.* ମିଥ୍ୟାଆଶା-ଦେ, ଭରସା ଭଙ୍ଗ କରି କ୍ଲେଶ-ଦେ ।  [ତୁଲ୍ୟମୂଲ୍ୟ ।

Tantamount, *a.* ତୁଲ୍ୟ, ସମତୁଲ୍ୟ, ଏକଇ,

Tap, *s.* ଅଳ୍ପାଘାତ, ଠୋକର, ଚାପୋଡ଼ା; ପିପାର ଚୁଙ୍ଗୀ ବା କଳ ।—*v.* ଠୋକର ବା ଚାପୋଡ଼ ମାରିବା; ପିପାରେ ଛିଦ୍ର-କ ।

Tape, *s.* ସୂତାର ପଟି, ଫିତା, ବନ୍ଧନୀ ।

Taper, *s.* ସାନ ବତୀ, ଶଳିତା, ବଳିତା—*v.* ଅଗ୍ର ସରୁ-କ, ଶୁଣ୍ଡାକୃତି-ହେ ।

Tapestry, *s.* ଚିତ୍ରିତ ଲୁଗାବିଶେଷ, ବୁଟା-ଦାର ବସ୍ତ୍ର ।

Tapeworm, *s.* ଉଦରସ୍ଥ କୃମି, ଜିଆଁ ।

Tapioca, *s.* ସଠାବତ୍ ଭକ୍ଷ୍ୟ ଦ୍ରବ୍ୟବିଶେଷ ।

Tapis, *s.* ମେଜର ଟେବଟେବ ଚଦର; ଉପ-ସ୍ଥିତ ବିଷୟ ।

Tapster, *s.* ପିପାର ମଦ୍ୟ ବୋତଲରେ ପୂରାଏ ଯେ, ମଦ୍ୟ ଚୁଆଇବା ଲୋକ ।

Tar, *s.* ଡାବୁ; ଜାହାଜ ଲୋକ, ନାବିକ ।

Tardy, *a.* ବିଳମ୍ବ, ଅଶୀଘ୍ର, ଧୀର, ଅଳସୁଆ, ସୁସ୍ତ ।  [ଧଡ଼ା ବା ଧସଠ ।

Tare, *s.* ବାଳୁଙ୍ଗା; ଘାସବିଶେଷ; ଓଜନର

Target, *s.* ଲକ୍ଷ୍ୟ, ନିଶାଣ; ଢାଲ, ଫଳକ ।

Tariff, *s.* କରଗ, ବାଣିଜ୍ୟ ଦ୍ରବ୍ୟର ଶୁଳ୍କ ।

Tarnish, *v.* ସକଳଙ୍କ-ମଳିନ-କ ।

Tarpauling, *s.* ମହମଜାମା, ଝୁଣାଲିପ୍ତ ବସ୍ତ୍ର ।

Tarry, *v.* ଥିବା, ରହିବା, ବିଳମ୍ବ-କ ।

Tart, *s.* ଫଳର ମିଠାଇ, ମିଷ୍ଟାନ୍ନବିଶେଷ ।—*a.* ଅମ୍ଳ, ଅମିଳ, ଖଟା; କଟୁ, କର୍କଶ ।

Tartar, *s.* ତାତାର ଦେଶୀୟଲୋକ ।

Task, *s.* ନିରୂପିତକର୍ମ, ଦୁଃସାଧ୍ୟକର୍ମ; କାର୍ଯ୍ୟ; ପାଠ ।  [କରିବା ବ୍ୟକ୍ତି ।

Taskmaster, *s.* କାର୍ଯ୍ୟଶାସକ, କର୍ମ ନିରୂପଣ

Tassel, *s.* ଥୋପ, ଝାମ୍ପ ।

Taste, *s.* ସ୍ୱାଦ, ଆସ୍ୱାଦ, ରୁଚି, ରସନେନ୍ଦ୍ରିୟ ।—*v.* ଆସ୍ୱାଦନ-କ, ଚାଖିବା ପରୀକ୍ଷା-କ ।

Tasteless, *a.* ବିସ୍ୱାଦ, ନୀରସ, ପାଣିଆ ।

Tatter, *s.* ଚିରକନା, ଛିଣ୍ଡାଲୁଗା, କେରଡ଼ା ।

Tattle, *v.* ଗପମାରିବା, ଗଳ୍ପ-କ, ବକ୍‌ବକ୍-ହେ ।

Tattler, *s.* ବକୁଆ, ଗପୁଆ, ବଡ଼ବଡ଼ଆ ।

Tattoo, s. ସୈନ୍ୟମାନଙ୍କ ଡାକିବା ବାଜା ବିଶେଷ; ଟିକା; ଗୋଦାନ୍ତି ।
Taunt, v. ନିନ୍ଦା- ଥଟ୍ଟା- ପରିହାସ-କ ।
Taurus, s. ବୃଷ, ଦ୍ୱିତୀୟ ରାଶି ।
Tautology, s. ବୃଥା ପୁନରୁକ୍ତି, ଦ୍ୱିରୁକ୍ତି ।
Tavern, s. ଭୃଟିଆରଖାନା, ମଦ୍ୟଶାଳା, ସରାଇ ।
Taw, s. ବର୍ତ୍ତୁଳ, ବାଟୁଲି, କ୍ଷୁଦ୍ର ଏଣ୍ଟୁଲ ।
Tawdry, a. ଭଡ଼ଙ୍ଗିଆ, ଚିକ୍କଣଚିକ୍କଣ, ରଙ୍ଗିଲ, ଝକଝକିଆ ।
Tawny, a. ତାମ୍ରବର୍ଣ୍ଣ, ପିଙ୍ଗଳ, ପାଣ୍ଡୁବର୍ଣ୍ଣ ।
Tax, s. କର, ରାଜସ୍ୱ, ମାସୁଲ, ଶୁଳ୍କ; ଭାର, ଝୁଙ୍କି ।—v. ଭାର-ଦେ, କର ବା ମାସୁଲ ନିରୂପଣ-କ; ଅପବାଦ- ଦୋଷୀ-କ ।
Taxation, s. କର ନିରୂପଣ, ରାଜସ୍ୱ ସ୍ଥାପନ ।
Tea, s. ଚା, ଚୀନ୍ ଇତ୍ୟାଦି ଦେଶୀୟ ବିଶେଷ ବୃକ୍ଷର ପତ୍ର ବା ତଦ୍ରସ ।
Teach, v. ଶିକ୍ଷା-ଦେ, ଶିଖାଇବା, ପଢ଼ାଇବା, ଉପଦେଶ-କ ।
Teacher, s. ଶିକ୍ଷକ, ଉପଦେଶକ, ଅଧ୍ୟାପକ, ଗୁରୁ ।
Teacup, s. ଚା ପାଣି ପିଇବା ପିଆଲ ।
Teal, s. ବାଲିହଂସ ।
Team, s. ଯୋଡ଼ାଏ ବଳଦ ଅବା ଘୋଡ଼ା ।
Teapot, s. ଚା ବତାଇବା ପାତ୍ର, ଚା ଦାନି ।
Teapoy, s. ତିପଈ, ଟିପାଇ, ସାନମେଜବିଶେଷ
Tear, s. ଅଶ୍ରୁ, ନେତ୍ରଜଳ, ଲୋତକ, ଲୁହ । —v. ବିଦାରିବା, ଚିରିବା, ଫାଡ଼ିବା, ଛିଣ୍ଡାଇବା ।
Tease, v. ବ୍ୟସ୍ତ- ବିରକ୍ତ- ଦିକ୍-କ, ଚିଡ଼ାଇବା ।
Teat, s. ପଶ୍ୱାଦିର ସ୍ତନ, ଚିଚି । [ସମ୍ବନ୍ଧୀୟ ।
Technical, a. ପାରିଭାଷିକ, ବିଶେଷ ବିଦ୍ୟା-
Technics, s. ସାଧାରଣ ଶିଳ୍ପକର୍ମର ଶାସ୍ତ୍ର ।

Te Deum, s. ଧର୍ମର ଅଭ୍ୟୁଦୟକର ଗାନ, ସ୍ତବ ଗୀତ । [ଧୀର ।
Tedious, a. ବିରକ୍ତି ବା କ୍ଲେଶକରକ; ଅତି-
Teem, v. ପ୍ରସବ-କ, ଉତ୍ପାଦନ-କ; ଗର୍ଭିଣୀ-ହେ, ପୂର୍ଣ୍ଣ-ହେ ।
Teens, s. ବାର ବରଷଠାରୁ ବୋଉଶ ବର୍ଷ ଯାଏ ଯେ କୌଣସି ବରଷ ।
Teeth, s. ଦାନ୍ତସମୂହ । [ନିର୍ଗମନ ।
Teething, s. ଶିଶୁର ଦନ୍ତ ବର୍ଦ୍ଧନ, ଦାନ୍ତ
Teetotaler, s. ମଦ୍ୟପାନ ତ୍ୟାଗକାରୀ ବ୍ୟକ୍ତି, ସୁରା ବର୍ଜ୍ଜକ । [ରଣ ।
Tegument, s. ତ୍ୱକ୍, ଛାଲ, ଖୋସା, ଆବ-
Telegram, s. ତାରଖବର ।
Telegraph, s. ସଂକେତ ଦ୍ୱାରା ଶୀଘ୍ର ସଂବାଦ ପ୍ରେରଣ ଓ ପ୍ରାପଣାର୍ଥକ ଯନ୍ତ୍ର ।
Telegraph-office, s. ତାରଶାଳା ।
Telescope, s. ଦୂରଦର୍ଶକ ଯନ୍ତ୍ର, ଦୂରବୀନ୍, ଦୂରବୀକ୍ଷଣ ।
Tell, v. କହିବା, ବୋଲିବା, ଜଣାଇବା; ସଂଖ୍ୟା-କ । [ଖୋର ।
Tell-tale, s. ଖଚୁଆ, କର୍ଣ୍ଣେଜପ, ଚୁଗୁଲ-
Temerity, s. ଦୁଃସାହସ, ନିର୍ଭୟତା, ଅସାବଧାନତା ।
Temper, s. ପ୍ରକୃତି, ସ୍ୱଭାବ; ଭାବ; ସୁଶୀଳତା, ରାଗ ।—v. ମଧ୍ୟାନ୍ତର-କ, ମିଶାଇ ନରମ-କ; ସୁଶକ୍ତ-କ ।
Temperament, s. ସ୍ୱଭାବ, ପ୍ରକୃତି; ଧାତୁର ସାମ୍ୟାସାମ୍ୟ ଗୁଣ ।
Temperance, s. ପରିମିତ ଅହାର, ପରିମିତାହାରିତ; ଧୈର୍ଯ୍ୟ । [ଚୈତନ୍ୟକାରୀ, ହୃଷ୍ଟର ।
Temperate, a. ପରିମିତାଚାରୀ, ମଧ୍ୟମ,
Temperature, s. ଉଷ୍ଣତା, ଶୀତୋଷ୍ଣଭାବ; ସ୍ୱଭାବ, ପ୍ରକୃତି ।

Tempest, *s.* ଝଡ଼, ବେଗବାୟୁ, ବତାସ; ତୋଫାନ; କଳହ, ଗଣ୍ଡଗୋଳ ।
Tempestuous, *a.* ତୋଫାନମୟ, ଝଡ଼ମୟ, ବତାସୀ; କଳହକାରୀ ।
Temple, *s.* ମନ୍ଦିର, ଦେବାଳୟ, ଦେଉଳ, ଭଜନାଳୟ; କପାଳର ଦୁଇ ପାର୍ଶ୍ୱ ।
Temporal, *a.* ସାଂସାରିକ, ଐହିକ, ଲୌକିକ, ଅନିତ୍ୟ, ଅଳ୍ପକାଳସ୍ଥାୟୀ । [କାଳର ।
Temporary, *a.* କ୍ଷଣିକ, ଅନିତ୍ୟ, ଅଳ୍ପ-
Temporize, *v.* ଟାଳମଟାଳ- କାଳମ୍- ସମୟ ବୁଝି କର୍ମ-କ । [ଯୁଗାନୁଗ-କ ।
Tempt, *v.* ପରୀକ୍ଷା-କ, ଲୋଭ ଦର୍ଶାଇବା;
Temptation, *s.* ପରୀକ୍ଷା, ପରଖ, କର୍ମରେ ପ୍ରବର୍ତ୍ତନା । [ଶୟତାନ ।
Tempter, *s.* ପରୀକ୍ଷକ, ଲୋଭ ଦେଖାଏ ଯେ,
Ten, *a.* ଦଶ, ଦଶସଂଖ୍ୟକ ।
Tenable, *a.* ଧରିବାଯୋଗ୍ୟ, ରକ୍ଷଣୀୟ, ଧର୍ତ୍ତବ୍ୟ, ଧାର୍ଯ୍ୟ ।
Tenacious, *a.* ଦୃଢଧାରକ, ଧାରଣକ୍ଷମ, ଦୃଢାବଲମ୍ବୀ, ଟାଣ ।
Tenacity, *s.* ଲାଗିବା ଗୁଣ, ଦୃଢତା, ଧରଣ ।
Tenancy, *s.* ପ୍ରଜାସ୍ୱତ୍ୱ, ରଇତି ।
Tenant, *s.* ପ୍ରଜା, ରଇତ, ଭଡାଟିଆ, କେଉସ୍ୱାଦାର ।
Tenantry, *s.* ପ୍ରଜାସମୂହ, ପ୍ରଜାଗଣ ।
Tend, *v.* ରକ୍ଷା-କ, ସମ୍ଭାଳିବା; ଏକ ପାଖେ ଝୁଙ୍କିବା, କୌଣସି ଅନ୍ତେ ଲାଗିବା; ସାହାଯ୍ୟ-କ ।
Tendency, *s.* କୌଣସି ଅନ୍ତେ ଲାଗିବାଭାବ, ଅଭିପ୍ରାୟ; ସ୍ୱଭାବ ।
Tender, *a.* କୋମଳ, ନରମ, କଁଅଳ; ଦୟାଳୁ; ଯୁବା, ନବୀନ ।—*v.* ଯାଚିବା; ଦେବାକୁ-କହି; ନିବେଦନ-କ ।
Tender, *s.* ଦାନାର୍ଥେ ନିବେଦନ; ପ୍ରସଙ୍ଗ; ବୃହତ ଜାହାଜର ସମଭିବ୍ୟାହାରୀ କ୍ଷୁଦ୍ର ଜାହାଜ । [ସ୍ନେହ, ପ୍ରେମ ।
Tenderness, *s.* କରୁଣା, ଦୟା, ନମ୍ରତା,
Tendon, *s.* ଶିର, ରଗ, ଶିରା, ନାଡ଼ ।
Tendril, *s.* ଲତାର ପଲ୍ଲବ ବା ଡାଳ ।
Tenement, *s.* ଘର, ଗୃହ, ବସା, ନିବାସ ।
Tenet, *s.* ମୂଳ କଥା, ମତ, ଧାରା; ମତ ।
Tenfold, *a.* ଦଶଗୁଣ, ଦଶପ୍ରସ୍ଥ ।
Tennis, *s.* ଟେନ୍ସ୍ ଖେଳାବିଶେଷ ।
Tenor, *s.* ଅନୁସାରିତ୍ୱ; ଭାବାର୍ଥ, ଅଭିପ୍ରାୟ ।
Tense, *s.* କାଳସୂଚକ କ୍ରିୟାପଦ । [ଓଟରି ।
Tension, *s.* କଷି ଟଣା, ସଂକୋଚ, ଓଟର-
Tent, *s.* ତମ୍ବୁ, ଡାମ୍ବୁ, ବସ୍ତ୍ରଗୃହ, ଡେରା; କ୍ଷତର ଅବାଡ଼ି; ସଳିତା ।
Tent-curtain, *s.* କନାତ୍, ତମ୍ବୁର ଆବରଣ ।
Tenter, *s.* କୌଣସି ଦ୍ରବ୍ୟ ବସ୍ତ୍ରାର୍ଥେ ଲୌହର ଅଙ୍କୁଡ଼ି ।
Tenth, *a.* ଦଶମ । [ଭାବ ।
Tenuity, *s.* ସୂକ୍ଷ୍ମତା, କ୍ଷୀଣତା, କୃଶତା, ସରୁ-
Tenure, *s.* ପଟ୍ଟା ଦେବାର ନିୟମ, ଭୁକ୍ତି, ସ୍ୱତ୍ୱଭୋଗ ।
Tepid, *a.* ଅଳ୍ପଗରମ, ଈଷଦୁଷ୍ଣ, କବୋଷ୍ଣ ।
Tergiversation, *s.* ଟାଳମଟାଳ, ଛଳ, ଫେରଫାରେ କଥୋପକଥନ ।
Term, *s.* ସୀମା; ସଂଜ୍ଞା; ନିୟମ; କଥା; ନିରୂପିତ କାଳ; ଅଦାଲତର ବୈଠକର ସମୁଦାୟକାଳ ।
Term, *v.* ନାମ-କ, ସଂଜ୍ଞା- ଅଖ୍ୟା-ଦେ ।
Termagant, *s.* କଳେହି ସ୍ତ୍ରୀ, ଦୁର୍ମୁଖା ସ୍ତ୍ରୀ ।
Terminate, *v.* ସମାପ୍ତ- ଶେଷ-କ; ସରିବା । [ଅନ୍ତ; କଡ଼କି ।
Termination, *s.* ସୀମା, ସମାପ୍ତି, ଶେଷ,

Terminus, *s.* ସୀମା; ଲୌହ ପଥର ସୀମା ।

Terrace, *s.* ଉଚ୍ଚୀକୃତ ସ୍ଥାନ, ମଞ୍ଚାବିଶେଷ; ସ୍ତର । [ସମୁଦ୍ରଯୁକ୍ତ ।

Terraqueous, *a.* ଜଳସ୍ଥଳମୟ, ଭୂମି ଓ

Terrestrial, *a.* ପୃଥିବୀସ୍ଥ, ପାର୍ଥିବ, ଲୌକିକ ।

Terrible, Terrific, *a.* ଭୟାନକ, ଦାରୁଣ, ଭୟଙ୍କର, ବିଷମ ।

Terrier, *s.* କୁକ୍କୁରବିଶେଷ । [ଭୟଇବା ।

Terrify, *v.* ଭୀତ-କ, ଭୟ ଦେଖାଇବା,

Territorial, *a.* ନାଗରିକ ସୈନ୍ୟବିଶେଷ ।

Territory, *s.* ରାଜ୍ୟ, ଦେଶ, ଭୂମି, ଅଧିକାର, ମୁଲକ ।

Terror, *s.* ଶଙ୍କା, ଭୟ, ଡର, ତ୍ରାସ ।

Terse, *a.* ଚିକ୍କଣ; ସୁରଚିତ, ସୁନ୍ଦର; ସଂକ୍ଷିପ୍ତ ।

Tertian, *s.* ପାଳି ଜ୍ୱରବିଶେଷ, ଦିନେ ଦିନ ଛଡା ଜ୍ୱର ।—ତ୍ର୍ୟାହିକ, ତିନିଦିନିଆ ।

Tesselated, *a.* ନାନା ରଙ୍ଗୀ ଚତୁଷ୍କୋଣ ପଥରରେ ଜଡ଼ିତ ।

Test, *s.* ପରୀକ୍ଷା, ପରଖ, କଷ୍ଟି, ଧାତୁକଷଣର ପଥର ।—*v.* ପରୀକ୍ଷା-ପରଖ-କ ।

Testaceous, *a.* ଶଙ୍ଖବିଶିଷ୍ଟ, ଶଙ୍ଖାଦିରେ ଯୁକ୍ତ ।

Testament, *s.* ମରଣ କାଳର ଦାନପତ୍ର, ମୁମୂର୍ଷୁର ଦାନପତ୍ର, ନିୟମପତ୍ର; ଧର୍ମପୁସ୍ତକର ଅଦି ଓ ଅନ୍ତଭାଗ । [ଦ୍ୱାରା ଦତ୍ତ ।

Testamentary, *a.* ମରଣକାଳରେ ଦାନପତ୍ର

Testator, *s.* ମରଣକାଳରେ ଦାନପତ୍ରକର୍ତ୍ତା ।

Testatrix, *s.* ମରଣ କାଳରେ ଦାନପତ୍ରକର୍ତ୍ତ୍ରୀ ।

Tester, *s.* ଖଟର ଉପର, ପଲଙ୍କର ଛତ ।

Testicle, *s.* ମୁଷ୍କ, ଅଣ୍ଡକୋଷ, ପେଲ ।

Testify, *v.* ସାକ୍ଷ୍ୟ-ପ୍ରମାଣ-ଦେ, ସାବ୍ୟସ୍ତ-କ

Testily, *ad.* ଚିଡ଼ଚିଡ଼ିଆଭାବେ ।

Testimonial, *s* ପ୍ରମାଣପତ୍ର, ସାକ୍ଷ୍ୟଲିପି, ଦସ୍ତାବେଜ; ସୁପାରିସ୍ ପତ୍ର । [ନିଦର୍ଶନ ।

Testimony, *s.* ସାକ୍ଷ୍ୟ, ପ୍ରମାଣ, ସାବୁଦ;

Testy, *a.* କ୍ରୋଧୀ, ରଗୀ, ଚିଡ଼ଚିଡ଼ିଆ ।

Tête-á-tête, *s.* ଦୁଇ ଜଣର ଗୁପ୍ତ କଥାବାର୍ତ୍ତା, ସମ୍ମୁଖାସମ୍ମୁଖି ।

Tether, *s.* ପଶୁ ବାନ୍ଧିବା ଦଉଡ଼ି ।

Tetrarch, *s.* ରୋମୀୟ ପ୍ରଦେଶର ଅଧ୍ୟକ୍ଷ ।

Text, *s.* ମୂଳବଚନ, ଯେ ପଦ ଧରି ବ୍ୟାଖ୍ୟା ହୁଏ, ମନୋନୀତ ପଦ ।

Text-book, *s.* ବିଦ୍ୟାର୍ଥୀର ପାଠ୍ୟପୁସ୍ତକ ।

Textile, *a.* ବୁଣା, ବୁଣିବା ଯୋଗ୍ୟ ।

Textual, *a.* ମୂଳ ପଦର ଅନ୍ତର୍ଗତ ବା ସମ୍ବନ୍ଧୀୟ ।

Texture, *s.* ବୁଣାଟ, ବୁଣିବା ଧାର ।

Than, *ad.* ଠାରୁ, ରୁ, ଅପେକ୍ଷା ।

Thank, *v.* ଉପକାର ବା କୃତଜ୍ଞତା ସ୍ୱୀକାର-କ, ଧନ୍ୟବାଦ-କ । [ମାନୀ ।

Thankful, *a.* କୃତଜ୍ଞ, ଧନ୍ୟବାଦୀ, ଉପକାର-

Thankless, *a.* କୃତଘ୍ନ, ଅକୃତଜ୍ଞ, ଉପକାର ଅମାନକ ।

Thanks, *s.* କୃତଜ୍ଞତା ସ୍ୱୀକାର, ଧନ୍ୟବାଦ, ସଲାମ, ନମସ୍କାର ।

Thanksgiving, *s.* ଧନ୍ୟବାଦ, ସ୍ତବ, ପ୍ରଶଂସା

That, *pron.* ସେ, ସେଇ, ସେହି, ତାହା, ତତ୍

That, *conj.* ଏଣୁ, ଏଥି, ଏନିମନ୍ତେ, ଅତଏବ ।

That is to say, *(phrase)* ଅର୍ଥାତ୍, ଯଥା ।

Thatch, *s.* ଛଣର ଛାଉଣି, ବେଣା ବା ନଡ଼ା ।—*v.* ଗୃହାଚ୍ଛାଦନ-ଛାଉଣି-କ, ଛାଇବା ।

Thaw, *v.* ଜମାଟବସ୍ତୁ ଗଳିବା, ନରମ-ହେ, ତରଳିବା ।

The, *art.* ସେ, ଯେ, ବିଶେଷ, ବସ୍ତୁ ବା ବ୍ୟକ୍ତିସୂଚକ ଶବ୍ଦ; ଯଥା—ଏହି [ସେ] ବ୍ୟକ୍ତି ।

Theatre, *s.* କେଳିଗୃହ, ନାଟ୍ୟଶାଳା, ରଙ୍ଗଭୂମି ।

Thee, *pron.* ଆପଣଙ୍କୁ, ତୁମ୍ଭଙ୍କୁ, ତୋତେ ।

Theft, *s.* ଚୋର, ଚୌର୍ଯ୍ୟକ୍ରିୟା, ପରଦ୍ରବ୍ୟହରଣ ।

Their, *pron.* ସେମାନଙ୍କର ।

Theism, *s.* ଅଦ୍ବୈତତା, ଈଶ୍ୱର ମାନନ ।

Theist, *s.* ଏକାତ୍ମବାଦୀ, ଈଶ୍ୱରବାଦୀ ।

Them, *pron.* ସେମାନଙ୍କୁ, ସେ ସବୁକୁ ।

Theme, *s.* ବିଷୟ, ପ୍ରସ୍ତାବ, ପ୍ରସଙ୍ଗ, ମୂଳବାକ୍ୟ

Themselves, *pron.* ସେମାନେ ନିଜେ, ଆପଣାମାନେ ମଧ୍ୟ ।

Then, *ad.* ସେ ସମୟରେ, ସେହି କାଳରେ, ତେବେ, ତେତେବେଳେ, ତତ୍କ୍ଷଣେ ।

Thence, *ad.* ସେ ସମୟରୁ, ତହିଁଉତ୍ତାରୁ, ତଦବଧି ।

Thenceforth, Thenceforward, *ad.* ତତ୍କାଳାବଧି, ସେଇଅବଧି, ତାହାପରେ ।

Theocracy, *s.* ଈଶ୍ୱରଙ୍କ ଶାସିତ ରାଜ୍ୟ, ଯେଉଁ ରାଜ୍ୟରେ ଶାସନକର୍ତ୍ତାପଣ ଈଶ୍ୱରଙ୍କ ପ୍ରତିନିଧିସ୍ୱରୂପ ଗଣିତ ହୁଅନ୍ତି ।

Theodolite, *s.* ଭୂମିପରିମାପକ ଯନ୍ତ୍ରବିଶେଷ ।

Theogony, *s.* ଦେବଦେବୀର ବଂଶାବଳୀର ବୃତ୍ତାନ୍ତ ।

Theologian, *s.* ଧର୍ମଶାସ୍ତ୍ରଜ୍ଞ, ପରମାର୍ଥ ବା ଐଶ୍ୱରିକ ବିଦ୍ୟାବେତ୍ତା ।

Theological, *a.* ଧର୍ମାର୍ଥ ବିଦ୍ୟାସମ୍ବନ୍ଧୀୟ, ତଦ୍ବିଷୟକ ।

Theology, *s.* ଈଶ୍ୱରବିଷୟକ ବିଦ୍ୟା, ଧର୍ମଜ୍ଞାନ

Theorem, *s.* ସୂତ୍ର, ପ୍ରସଙ୍ଗ, ପୂର୍ବପକ୍ଷ ।

Theoretic, *a.* ଅନୁମାନିକ, କାଳ୍ପନିକ, ବିତର୍କଣୀୟ ।

Theory, *s.* ଅନୁମାନିକ ବିଷୟ, ବିତର୍କ, କଳ୍ପନା, ପଦ୍ଧତି ।

Therapeutics, *s.* ଚିକିତ୍ସା ବିଦ୍ୟା ।

There, *ad.* ସେଠାରେ, ସେହି ସ୍ଥାନରେ, ତହିଁରେ, ତତ୍ର ।

Thereabout, Thereabouts, *ad.* ତନ୍ନିକଟେ, ତାହା ପାଖରେ ବା ନିକଟରେ; ଉଣାଅଧିକେ ।

Thereafter, *ad.* ତଦନନ୍ତର, ତହିଁଉତ୍ତାରୁ, ତଦନୁସାରେ ।

Thereat, *ad.* ତହିଁରେ, ସେଠାରେ, ତହିଁ, ସେକାରଣେ ।

Thereby, *ad.* ତଦ୍ଦ୍ୱାରା, ସେଇହେତୁ, ତହିଁରେ, ତାହା ଦେଇ ବା ନିମନ୍ତେ ।

Therefore, *ad.* ତନ୍ନିମିତ୍ତ, ଏହି କାରଣେ, ସେ ହେତୁ, ଅତଏବ, ତେଣୁକରି ।

Therefrom, *ad.* ତାହାଠାରୁ, ଏହାଠାରୁ, ତସ୍ମାତ୍ ।

Therein, *ad.* ତହିଁରେ, ତନ୍ମଧ୍ୟେ, ସେଥିରେ

Thereof, *ad.* ତାହାର, ତଦ୍ବିଷୟରେ, ତାହାଠାରୁ, ତଦ୍ବିଷୟକ ।

Thereon, *ad.* ତହିଁରେ, ତାହା ଉପରେ, ତତ୍କ୍ଷଣାତ୍, ତାହାଶୁଣି ।

Thereto, *ad.* ତହିଁରେ, ସେଥିରେ ।

Thereupon, *ad.* ତହିଁର ଉପରେ, ସେହି କାରଣ ହେତୁ, ତତ୍କ୍ଷଣାତ୍ ।

Therewith, *ad.* ତାହାର ସହିତ, ତତ୍ସହ ।

Thermometer, *s.* ତାପ ମାପିବା ଯନ୍ତ୍ର, ଶୀତୋଷ୍ଣ ମାପିବା ଯନ୍ତ୍ର ।

These, *pron.* ଏହି ସମସ୍ତ, ଏଗୁଡ଼ାକ, ଏମାନେ

Thesis, *s.* ପୂର୍ବପକ୍ଷ, ପ୍ରସଙ୍ଗ, କୋଟି, ସୂତ୍ର ।

They, *pron.* ସେମାନେ, ଏମାନେ, ଏହି ସମସ୍ତ

Thick, *a.* ସ୍ଥୂଳ, ମୋଟା; ବୋଳା, ଗୋଳିଆ, ନିବିଡ ।

Thicken, *v.* ଗାଢ-ସ୍ଥୂଳ-କ; ଘାଣ୍ଟିବା; ଜମିବା

Thicket, *s.* ବୁଦା; ବଣ, ଜଙ୍ଗଲ, ଝାଡବନ

Thickheaded, *a.* ମୂର୍ଖ, ନିର୍ବୋଧ ।

Thickness, *s.* ସ୍ଥୂଳତା, ମୋଟାପଣ, ଗାଢ଼-
Thickset, *a.* ଘନରୋପିତ, ନିବଡ଼ । [ତ୍ୱ ।
Thief, *s.* ଚୋର, ଅପହାରକ, ତସ୍କର ।
Thieve, *v.* ଚୋରି-ଅପହରଣ-କ ।
Thievish, *a.* ଚୋରପରି, ଚୋରସ୍ୱଭାବ ।
Thigh, *s.* ଜଙ୍ଘ, ଊରୁ, ଊରୁଦେଶ ।
Thimble, *s.* ଅଙ୍ଗୁଷ୍ଠାନା, ଅଙ୍ଗୁଳିତ୍ର ।
Thin, *a.* ପାତଳ, ସରୁ, କୃଶ; ସୂକ୍ଷ୍ମ, କ୍ଷୀଣ ।
Thine, *pron.* ତୋହର, ତୁମ୍ଭର, ତୋର, ଭବଦୀୟ ।
Thing, *s.* ବିଷୟ, ବସ୍ତୁ, ଦ୍ରବ୍ୟ, ପଦାର୍ଥ, ଚିଜ ।
Think, *v.* ଭାବିବା, ମନେ-ବିବେଚନା- ବୋଧ-କ; ବିଚାର-କ; ଚିନ୍ତା-ଧ୍ୟାନ-କ ।
Thinking, *s.* ଅନୁମାନ, ଚିନ୍ତା, ବୋଧ, ବିବେଚନା, ମନେକରଣ ।
Thinness, *s.* କ୍ଷୀଣତା, ସୂକ୍ଷ୍ମତା, ପାତଳାଭାବ
Third, *s.* ତୃତୀୟାଂଶ, ତୃତୀୟ ଭାଗ ।—*a.* ତୃତୀୟ । [ତିନି ଦଫା ।
Thirdly, *ad.* ତୃତୀୟତଃ, ତିନିବାର ବା ଥର,
Thirst, *s.* ଶୋଷ, ତୃଷା, ପାନେଚ୍ଛା, ପିପାସା ।—*v.* ତୃଷା ବା ଶୋଷ-କ; ଅଭିଳାଷ-ହେ ।
Thirsty, *a.* ତୃଷିତ, ତୃଷାର୍ତ୍ତ, ଶୋଷୀ ।
Thirteen, *a.* ତେର ।
Thirteenth, *a.* ତ୍ରୟୋଦଶ ।
Thirty, *a.* ତିରିଶ, ତ୍ରିଂଶତ ।
This, *pron.* ଏ, ଏହି; ଇହା, ଏହା ।
Thistle, *s.* ଅଗସଗଛ, କଣ୍ଟା । [ଅଡ଼େ ।
Thither, *ad.* ସେଠାରେ, ସେ ସ୍ଥାନରେ, ସେ-
Thitherward, *ad.* ସେଦିଗରେ, ସେପାଖେ, ସେଅଡ଼େ ।
Thong, *s.* ଚମଡ଼ାପଟି, ଚର୍ମବନ୍ଧନୀ ।
Thorax, *s.* ବକ୍ଷସ୍ଥଳ, ବକ୍ଷ, ଛାତି, ଗଳାର ତଳଦେଶ ।

Thorn, *s.* କଣ୍ଟା, କଣ୍ଟକ, କ୍ଲେଶଦାୟକ ସେ ।
Thorn-apple, *s.* ଦୁଦୁରା, ଧାତୁରା, ଧୁସ୍ତୁର ।
Thorny, *a.* କଣ୍ଟାମୟ, ସକଣ୍ଟକ, କଠିଣ, କଷ୍ଟ
Thorough, *a.* ସମ୍ପୂର୍ଣ୍ଣ, ସମୁଦାୟ, ପୂରା, ସବୁଯାକ ।
Thoroughfare, *s.* ସବୁଲୋକର ବାଟ, ସର୍ବସାଧାରଣ ପଥ । [ଭାବେ ।
Thoroughly, *ad.* ସମ୍ପୂର୍ଣ୍ଣରୂପେ, ସର୍ବତୋ-
Those, *pron.* ସେମାନେ, ସେସମସ୍ତେ ।
Thou, *pron.* ତୁମ୍ଭେ, ଆପଣ, ତୁ, ତୁଇ ।
Though, *conj.* ଯଦି, ଯେବେ, ଯଦ୍ୟପି, ଯଦି-ସ୍ୟାତ୍ ।
Thought, *s.* ଚିନ୍ତା, ବୋଧ, ମନେକରଣ, ମାନସ; ଧ୍ୟାନ, ଭାବନା ।
Thoughtful, *a.* ଚିନ୍ତିତ, ଭାବିତ, ଉତ୍କଣ୍ଠିତ, ଧ୍ୟାନୀ, ମନୋଯୋଗୀ । [ଅବିବେଚକ ।
Thoughtless, *a.* ନିଶ୍ଚିନ୍ତ, ଅମନୋଯୋଗୀ,
Thousand, *a.* ହଜାର, ସହସ୍ର, ଦଶଶତ ।
Thraldom, *s.* ଦାସତ୍ୱ, ଅଧୀନତା, ବଶତା ।
Thrall, *s.* ଗୋଲାମ, କିଙ୍କର; ଦାସତ୍ୱ ।
Thrash, *v.* ଶସ୍ୟ ମର୍ଦ୍ଦନ-କ, ଦଳିବା, ବରଡା ବାଡେଇବା; ପ୍ରହାର-କ, ମାଇବା ।
Thrashing-floor, *s.* ଖଳା, ଧାନ୍ୟାଦି ମଳିବା ସ୍ଥାନ ।
Thread, *s.* ସୂତା, ସୂତ୍ର, ତନ୍ତୁ, ଖିଅ । [ତନ ।
Threadbare, *a.* ଅଂଶୁରହିତ, ଜୀର୍ଣ୍ଣ, ପୁରା-
Threat, *s.* ଧମକ, ତର୍ଜ୍ଜନଗର୍ଜ୍ଜନ, ତାଡ଼ନା ।
Threaten, *v.* ତର୍ଜ୍ଜନ-କ, ଧମକାଇବା, ଭୟ
Three, *a.* ତିନି, ତ୍ରି, ତିନିଟା । [ଦେଖାଇବା ।
Three-cornered, *a.* ତିନିକୋଣବିଶିଷ୍ଟ ।
Threefold, *a.* ତିନିଗୁଣ, ତେହରା ।
Threescore, *a.* ଷାଠିଏ, ଷଷ୍ଟି, ତିନିକୋଡ଼ି ।
Thresh, *v.* ଶସ୍ୟ ମର୍ଦ୍ଦନ-କ, ମଳିବା ।

Threshold, *s.* ଦ୍ୱାରର ଖିଲା, ପ୍ରବେଶ ପଥ, ଏଲୁଣ୍ଡି ।
Thrice, *ad.* ତିନିଥର, ତୃତୀୟବାର ।
Thrift, *s.* ପ୍ରାପ୍ତି, ଲାଭ, ଲଫା; ଅଳ୍ପବ୍ୟୟ, ପରିମିତବ୍ୟୟ । [ଭାବରେ ।
Thriftily, *ad.* ପରିମିତ ବ୍ୟୟକ୍ରମେ, କୃପଣ-
Thriftless, *a.* ଅପରିମିତବ୍ୟୟୀ, ଉଡ଼ାଣିଆ ।
Thrifty, *a.* ଅଳ୍ପ ବା ପରିମିତବ୍ୟୟୀ, ବ୍ୟୟ-କୁଣ୍ଠୀ, ବର୍ଦ୍ଧିଷ୍ଣୁ । [ଞ୍ଚିତ-ପୁଲକିତ-ହେ ।
Thrill, *v.* ଫୁଟାଇବ, ବିନ୍ଧିବା; ହୃଷ୍ଟ-ରୋମା-
Thrive, *v.* ବଢ଼ିବା, ବର୍ଦ୍ଧିଷ୍ଣୁ- ଉନ୍ନତ- ହେ ।
Thriving, *a.* ବର୍ଦ୍ଧନଶୀଳ, ବର୍ଦ୍ଧିଷ୍ଣୁ ।
Throat, *s.* କଣ୍ଠ, ଗଳା, ଗଳଦେଶ, ତଣ୍ଟି ।
Throb, *v.* ଧୁକୁ୨-କ, ଧକ୨-ହେ ।
Throb, Tbrobbing, } *s.* କମ୍ପନ, ଧୁକୁଧୁକ ।
Throe, *s.* ପ୍ରସବବେଦନା; ପୀଡ଼ା, ଯନ୍ତ୍ରଣା ।
Throne, *s.* ସିଂହାସନ, ରାଜାସନ, ଉଚ୍ଚାସନ, ଗାଦି । [ଠେଲାଠେଲି ।
Tbrong, *s.* ଜନତା, ଭିଡ଼, ଲୋକସମୂହ,
Throttle, *a.* ଗଳା ଚିପି ଧରିବା, ବେକ ଚିପିବା, ନିଶ୍ୱାସ ବନ୍ଦ-କ ।
Through, *prep.* ମଧ୍ୟଦେଇ, ଆଦ୍ୟପ୍ରାନ୍ତ, ବିଷୟର, ଦେଇ, ରେ, ପର୍ଯ୍ୟନ୍ତ, ଦ୍ୱାରା ।
Throughout, *ad.* ସର୍ବତ୍ର, ସବୁଆଡ଼େ; ଷୋ-ଳଅଣାରେ, ସର୍ବତୋଭାବେ । [ଫୋପାଡ଼ିବା ।
Throw, *v.* ପକାଇ-ଫିଙ୍ଗି-ଦେ, ନିକ୍ଷେପ-କ,
Thrum, *s.* ତନ୍ତ୍ରର ସୂତାର ପଣି, ଦଶୀ ।
Thrush, *s.* ପକ୍ଷୀ ବିଶେଷ; ରୋଗବିଶେଷ ।
Thrust, *s.* ଧକ୍କା, ଠେଲା, ଗେଞ୍ଜ, ଚେଷ୍ଟା ।
—*v.* ପେଷା-ପେଲି-ଦେ, ଧକ୍କାମାରିବା, ଠେ-ଲିବା, ଗେଞ୍ଜିବା ।
Thumb, *s.* ଅଙ୍ଗୁଷ୍ଠ, ବୃଦ୍ଧାଙ୍ଗୁଳି, ବୁଢ଼ାଅଙ୍ଗୁଠି
Thumbscrew, *s.* ଯନ୍ତ୍ରଣା ଦେବା ଯନ୍ତ୍ରବି-ଶେଷ ।
Thump, *s.* ମୁଷ୍ଟ୍ୟାଘାତ, ବିଧା ।—*v.* ବିଧା ବା ଢୁମସା ମାରିବା ।
Thumping, *a.* ବୃହତ୍, ଅତିବଡ଼ ।
Thunder, *s.* ମେଘ ଗର୍ଜ୍ଜନ ବା ନାଦ, ଘଡ଼ଘଡ଼ି ।
—*v.* ମେଘଗର୍ଜ୍ଜନ-କ, ମେଘନାଦ-ହେ; ତର୍ଜ୍ଜନ-କ ।
Thunderbolt, *s.* ବଜ୍ର, ବଜ୍ରାଘାତ, ବିଦ୍ୟୁତ୍
Thundering, *a.* ବଜ୍ରଶବ୍ଦପରି; ଉତ୍ପାତକ, ପ୍ରକାଣ୍ଡ । [ବିସ୍ମୟାପନ୍ନ, ସ୍ତବ୍ଧ ।
Thunderstruck, *a.* ବଜ୍ରାହତ, ବଜ୍ରପାତ;
Thursday, *s.* ଗୁରୁବାର, ବୃହସ୍ପତିବାର ।
Thus, *ad.* ଏମନ୍ତ, ଏହିରୂପ, ଏପ୍ରକାର; ତେଣୁ; ଏପର୍ଯ୍ୟନ୍ତ, ଏସବୁକ ।
Thwack, *s.* ଆଘାତ, ଚାପୁଡ଼ା, ଥାପଡ଼ ।
—*v.* ଆଘାତ-କ, ଚାପୁଡ଼ା ମାରିବା ।
Thwart, *v.* ବିରୁଦ୍ଧ- ବ୍ୟାଘାତ- ପ୍ରତିକୂଳା-ଚରଣ-କ ।
Thy, *pron.* ତୁମ୍ଭର, ତୋର, ତବ, ଭବଦୀୟ
Thyself, *pron.* ତୁମ୍ଭେ, ଆପଣ, ସ୍ୱୟଂ ।
Tiara, *s.* ମୁକୁଟ, କିରୀଟ, ମସ୍ତକାଭରଣ ।
Tick, *s.* ଘଡ଼ିର ଶବ୍ଦ; ଲୋମକୀଟ, ଟିକ; ତୋ-ଷକର ଖୋଳ; ଉଧାର, କର୍ଜ୍ଜ ।
Ticket, *s.* ଚିଠି, ପତ୍ର, ଲେଖା, ଅନୁମତିପତ୍ର ।
Ticking, *s.* ବିଛଣାର ଖୋଳ, ତକିଆରଲୁଗା
Tickle, *v.* କୁତୁକୁତୁ-କ; ହରଷ ଜନ୍ମାଇବା ।
Ticklish, *a.* କୁତୁକୁତିଆ; ଚପଳ, ଅସ୍ଥିର ।
Tide, *s.* ଜୁଆରଭଟ୍ଟା, ଜୁଆର, ଭଟ୍ଟା; ପ୍ରବାହ;
Tide-waiter, *s.* ଘାଟିଆବିଶେଷ । [ସମୟ ।
Tidily, *a.* ପରିଷ୍କାରରୂପେ, ଭଲମତେ ।
Tidings, *s.* ବାର୍ତ୍ତା, ସମ୍ବାଦ, ସମାଚାର, ଖବର
Tidy, *a.* ପରିଷ୍କାର, ପରିପାଟୀ, ଭଲ, ଦୋରସ୍ତ

Tie, *s.* ବନ୍ଧନ, ଗଣ୍ଠି; ବାଧ୍ୟତା; ସମ୍ବନ୍ଧ । —*v.* ବନ୍ଧନ-କ, ବାନ୍ଧିବା; ଅଟକାଇବା ।
Tier, *s.* ପଂକ୍ତି, ଶ୍ରେଣୀ, ଧାଡ଼ି ।
Tierce, *s.* ପ୍ରାୟ ୧୪୨ ସେର ପରିମାଣର ପିପା ।
Tiff, *s.* ହଠାତ୍ ରାଗ, ଝଗଡ଼ା, କଳହ ।
Tiffin, *s.* ଜଳପାନ, ଅଳ୍ପଭୋଜନ ।
Tiger, *s.* ବାଘ, ଶାର୍ଦ୍ଦୂଳ, ବ୍ୟାଘ୍ର ।
Tight, *a.* ଟାଣ, କଷା, ଶକ୍ତ । [ବାନ୍ଧିବା ।
Tighten, *v.* କଷି ଟାଣିବା, ଶକ୍ତରୂପେ
Tightness, *s.* କଷାଭାବ, ଶକ୍ତତା, ଦୃଢ଼ତା ।
Tigress, *s.* ବାଘୁଣୀ, ବ୍ୟାଘ୍ରୀ ।
Tile, *s.* ଖପର, ଟାଇଲ୍, ଚୌରସ ଇଟା ।
Tiling, *s.* ଖପରଲି ଘର ବା ଛପର ।
Till, *s.* ଦୋକାନର ଟଙ୍କା ପଇସାଦିର ସିନ୍ଦୁକ ।
Till, *prep.* ପର୍ଯ୍ୟନ୍ତ, ଅବଧି, ସରକ, ଯେପର୍ଯ୍ୟନ୍ତ
Till, *v.* ଚାଷ-କୃଷି-କ, ଚଷିବା, ଲଙ୍ଗଳ-ଦେ ।
Tillage, *s.* ଚାଷ, କୃଷିକର୍ମ, ଚାଷବାସ ।
Tiller, *s.* ଚଷା, କୃଷକ, କୃଷାଣ; ନୌକାର ମଙ୍ଗ ।
Tilt, *s.* ଗାଡ଼ିର ଟପ; ନୌକାର ଚନ୍ଦ୍ରଆ; ଅଶ୍ୱାରୂଢ଼ ସୈନ୍ୟର ଅସ୍ତ୍ରଖେଳା; ଧକ୍କା, ଠେଲା ।—*v.* ଝୁଙ୍କି ପଡ଼ିବା, ଓଲଟାଇ ପକାଇବା, ଅସ୍ତ୍ର ଖେଳା-କ । [କାଠ ।
Timber, *s.* କାଷ୍ଠର ସାଧାରଣ ନାମ, କଡ଼ି-
Timber-yard, *s.* କାଠଗୋଲା, କଡ଼ିକାଠର
Timbrel, *s.* ମୃଦଙ୍ଗ, ତବଲା, ମାଦଳ । [ସ୍ଥାନ ।
Time, *s.* କାଳ, ସମୟ, ବେଳ, ଯୁଗ; ବାଦ୍ୟର ତାଳ ।—*v.* ଉଚିତ ସମୟରେ କର୍ମ-କ; ବାଦ୍ୟତାଳ-କ ।
Time-keeper, *s.* ଘଡ଼ି; କାର୍ଯ୍ୟକାରକମାନଙ୍କର ସମୟ ଲେଖିବା ଲୋକ ।
Timely, *ad.* ସାମୟିକ, ସମୟୋପଯୁକ୍ତ, ଯଥାକାଳେ ।
Timepiece, *s.* ଘଡ଼ି, ଘଣ୍ଟା ।
Time-server, *s.* ସ୍ୱସ୍ୱାର୍ଥୀ, ବେତନାକାଂକ୍ଷୀ, ଅଧମ, ପାଜି ।
Timid, *a.* ଭୀତ, ଅସାହସିକ, ଭୟାର୍ତ୍ତ ।
Timidity, *s.* ତ୍ରାସ, ଅସାହସ, ଭୟ, ଡର ।
Timorous, *a.* ଭୟାର୍ତ୍ତ, ତ୍ରାସଯୁକ୍ତ, ଲଜ୍ଜାଶୀଳ
Tin, *s.* ରଙ୍ଗା, କଥିର, ଟିନ, ଧାତୁବିଶେଷ ।
Tincture, *s.* ବର୍ଣ୍ଣ, ରଙ୍ଗ; ରସ, ସାର, ସାରାଂଶ, କ୍ୱାଥ ।—*v.* ରଙ୍ଗ-ଦେ, ରସାକ୍ତ-ସିକ୍ତ-କ; ମନ ଲିପ୍ତ-କ ।
Tinder, *s.* ଶୀଘ୍ରଦାହ୍ୟବସ୍ତୁ, ପୋଡ଼ା ଶୋଲ ବା କନା ।
Tinge, *v.* ରଙ୍ଗ-ବର୍ଣ୍ଣ-ଦେ, ରଙ୍ଗରେ ଲିପ୍ତ-କ ।
Tingle, *v.* ଝୁଣ୍୨-ଟୁଣ୍୨-କ; କାନରେ ଶବ୍ଦ-କ
Tinker, *s.* କଂସାରି, କାଂସ୍ୟକାର, ଥଟାରି ।
Tinkle, *v.* ଟିଙ୍୨ ଶବ୍ଦ-କ, ଝୁଣ୍୨ ଶବ୍ଦ-ହେ ।
Tinman, *s.* କଂସାରି, କଲାଇକର ।
Tinsel, *s.* ମିଥ୍ୟା, ଶୋଭାଯୁକ୍ତ ଦ୍ରବ୍ୟ, ଚକଚକିଆ
Tint, *s.* ବର୍ଣ୍ଣ, ରଙ୍ଗ, ଦାଗ ।
Tiny, *a.* ଅତିସାନ, ଛୋଟ, କ୍ଷୁଦ୍ର, ସାନୁଟି ।
Tip, *s.* ଅଗ୍ରଭାଗ, ଅଗ, ଚୂଡ଼ା; ଫନ୍ଦ ।—*v.* ଚୂଡ଼ା- ଅଗ୍ରଭାଗ- ମୁନ-କ ।
Tippet, *s.* ସ୍ତ୍ରୀମାନଙ୍କର କଣ୍ଠର ବସ୍ତ୍ରବିଶେଷ ।
Tipple, *v.* ଅତିଶୟ ମଦ୍ୟପାନ-କ, ମଦ୍ୟାସକ୍ତ
Tippler, *s.* ମଦୁଆ, ମଦ୍ୟପାୟୀ । [-ହେ ।
Tipstaff, *s.* ଦଣ୍ଡଧାରକ; ଅଦାଲତର ବର୍କନ୍ଦାଜ, ରାଜକର୍ମଚାରୀ ବିଶେଷ ।
Tipsy, *a.* ମତ୍ତ, ମଦ୍ୟାସକ୍ତ, ମଦରେ ବିହ୍ୱଳ ।
Tiptoe, *s.* ପାଦାଙ୍ଗୁଳିର ଅଗ୍ରଭାଗ ।
Tiptop, *s.* ଚୂଡ଼ାର ଅଗ୍ରଭାଗ ବା ଅଗ, ଶ୍ରେଷ୍ଠ
Tire, *s.* ଝାମ; ଚକର ଲୌହପଟ୍ଟ; କବ୍ଜା; ଶିରୋଭୂଷଣ ।
Tire, *v.* କ୍ଳାନ୍ତ-ଶ୍ରାନ୍ତ-ହେ, ଶ୍ରମ-କ, ଥକିଯିବା ।

Tiresome, *a.* କ୍ଳାନ୍ତିକର,ପୀଡାଜନକ, କ୍ଳେଶଦ
Tissue, *s.* ଜରିର ବା ଜରୀର ଲୁଗା ।
Titan, *s.* ଦୈତ୍ୟ, ଦାନବ, ଅସୁର, ରାକ୍ଷସ ।
Titbit, *s.* ଭକ୍ଷ୍ୟ ଦ୍ରବ୍ୟର ଉତ୍ତମାଂଶ, ଉତ୍ତମ ।
Tithe, *s.* ଦଶମାଂଶ କର, ଦଶମାଂଶ । [ଖଣ୍ଡ ।
Titillation, *s.* କୁତୁକୁତୁକରଣ ।
Title, *s.* ପଦବୀ, ନାମ, ଅଧିକାର, ଉପାଧି
Titlepage, *s.* ଗ୍ରନ୍ଥର ଅଗ୍ରପତ୍ର, ପୁସ୍ତକର ନାମାଙ୍କିତ ପତ୍ର ।
Titter, *v.* ମୁଖ ଚିପି ବା ହୁଁ ହୁଁ କରି ହସିବା ।
Tittle, *s.* ଟିକିଏ; ଖଣ୍ଡେ; ବିନ୍ଦୁ ।
Tittle-tattle, *s.* ଗପସପ, ଅନର୍ଥକ, କଥାବାର୍ତ୍ତା
Titular, *a.* କେବଳ ନାମରେ,ନାମମାତ୍ରଧାରୀ ।
To, *prep.* ପ୍ରତି, କୁ , ନିକଟ, ପର୍ଯ୍ୟନ୍ତ, ଠାରେ ।
Toad, *s.* କଟକଟିଆବେଙ୍ଗ, ମଣ୍ଡୁକବିଶେଷ ।
Toadeater, *s.* ଚାଟୁବାଦୀ, ଖୋସାମୋଦିଆ ।
To and fro, *ad.* ଏଣେତେଣେ, ଏଆଡେ-ସେଆଡେ ।
Toast, *s.* ସେକାରୁଟୀ; ମଙ୍ଗଳ ପ୍ରାର୍ଥନା, କଲ୍ୟାଣ ଉକ୍ତି ।—*v.* ସେଟୀ ନିଅଁରେ ସେକିବା; ପାନ କରିବା ସମୟରେ ମଙ୍ଗଳ ପ୍ରାର୍ଥନା-କ ।
Tobacco, *s.* ଧୂଆଁପତ୍ର, ତମାଖୁ [ବେଚା ।
Tobacconist, *s.* ତମାଖୁ ବ୍ୟବସାୟୀ, ତଦ୍-
Tocsin, *s.* ଶଙ୍କାଜନକ ଦୁନ୍ଦୁଭି ଘଣ୍ଟା ବା ଢାହାଳି
Today, *ad.* ଆଜି, ଅଦ୍ୟ, ଅଦ୍ୟଦିନ । [ଦ୍ରିମ ।
Toddle, *v.* ଟଳମଳ କରି ଚାଲିବା ।
Toddy, *s.* ତାଡି, ତାଳ ବା ଖଜୁରିର ରସ ।
Toe, *s.* ପାଦର ଅଙ୍ଗୁଳି, ପାଦାଙ୍ଗୁଷ୍ଠ ।
Together, *ad.* ଏକତ୍ର, ଏକଠା, ଏକାଠି, ଏକସଙ୍ଗେ, ସହିତ ।
Toil, *s.* ପରିଶ୍ରମ, ଦୁଃଖ, ଯତ୍ନ, ମେହନତ; ଫାନ୍ଦ, ଜାଲ—*v.* ପରିଶ୍ରମ- ମେହନତ-ଯତ୍ନ-କ ।
Toilet, *s.* ପରିଚ୍ଛଦ ବା ସଜ୍ଜାକରଣାର୍ଥେ ମେଜ
Toilsome, *a.* ପରିଶ୍ରମୀ, କ୍ଳେଶଯୁକ୍ତ, ମେହନତୀ
Token, *s.* ଚିହ୍ନ, ଲକ୍ଷଣ, ଠାର; ସ୍ମରଣଜନକ ବସ୍ତୁ ।
Tolerable, *a.* ସହ୍ୟ, ସହିବା ଯୋଗ୍ୟ; ମଧ୍ୟମ-ପ୍ରକାର ।
Tolerance, *s.* ସହ୍ୟତା, ସହିଷ୍ଣୁତା, ଅନୁମତି ।
Tolerate, *v.* ସହ୍ୟ-କ, ସହିବା, ଅନୁମତି-ଦେ
Toleration, *s.* ସହ୍ୟକରଣ, ପର ଧର୍ମରେ ସମ୍ମତି, ଅନିଷେଧ ।
Toll, *s.* କର, ଗଣନା, ମାସୁଲ; ଘଣ୍ଟାର ଶବ୍ଦ ।—*v.* ଘଣ୍ଟା ବଜାଇବା ।
Toll-booth, *s.* ହାଟ, ବଜାର; କାରାଗାର ।
Toll-gate, *s.* ଶୁଳ୍କ ଅଦାୟ କରିବା ଦ୍ୱାର ।
Tomahawk, *s.* ଟାଙ୍ଗୀ, ପରଶୁ, ଯୁଦ୍ଧ-
Tomato, *s.* ବିଲାତି ବାଇଗଣ । [କୁଠାର ।
Tomb, *s.* କବର, ସମାଧି, ଗୋର ।
Tomboy, *s.* ଚଞ୍ଚଳା ଟୋକୀ, ବାଳକ ପରି ବାଳିକା ।
Tombstone, *s.* କବରର ନାମାଦି ଅଙ୍କିତ ପଥର ।
Tome, *s.* ପୁସ୍ତକ, ଗ୍ରନ୍ଥର ଏକଖଣ୍ଡ ।
Tomorrow, *s.* କାଲି, ଅସନ୍ତାଦିନ, କଲ୍ୟ ।
Ton, *s.* ପ୍ରାୟ ** ମହଣ ଓଜନ ।
Tone, *s.* ସ୍ୱର, ଶବ୍ଦ, ଧ୍ୱନି, ଉଚ୍ଚାରଣ; ବଳ ।
Tongs, *s.* ସନ୍ଦଂଶ, ଚିମୁଟା । [ବାକ୍ୟ ।
Tongue, *s.* ଜିହ୍ୱା, ଜିଭ, ରସନା; ଭାଷା,
Tongue-scraper, *s.* ଜିହ୍ୱାର ପରି-ଷ୍କାରକାଷ୍ଠ, ଜିଭ ଛେଲଣୀ । [ଅକ୍ଷମ ।
Tongue-tied, *a.* ବଦ୍ଧଜିହ୍ୱ, କଥନରେ
Tonic, *s.* ପୌଷ୍ଟିକ, ବଳବର୍ଦ୍ଧକ ଔଷଧ ।
To-night, *s.* ଅଦ୍ୟରାତ୍ରି, ଅଦ୍ୟରାତ୍ରେ ।
Tonnage, *s.* ଜାହାଜର ପରିମାଣ ବା ଭଡା ।

Tonsil, *s.* ଜିହ୍ୱା ମୂଳୋତ୍ଥିତ ମାଂସ ଖଣ୍ଡବିଶେଷ
Tonsure, *s.* କ୍ଷୌର, ମୁଣ୍ଡନ ।
Too, *ad.* ଅତି, ଅଧିକ, ଅତ୍ୟନ୍ତ, ଅଉ, ଓ ।
Tool, *s.* ହତିଆର, ଅସ୍ତ୍ର; ପରର ଆଜ୍ଞାବର୍ତ୍ତୀ-ବ୍ୟକ୍ତି ।
Tooth, *s.* ଦାନ୍ତ, ଦନ୍ତ, ରଦନ । [ବେଦନା ।
Toothache, *s.* ଦନ୍ତଶୂଳ, ଦାନ୍ତକଣା, ଦନ୍ତ-
Toothbrush, *s.* ଦନ୍ତମାର୍ଜ୍ଜନୀ, ଦାନ୍ତକାଠି ।
Toothless, *a.* ଦନ୍ତହୀନ, ପାକୁଆ । [ଖୁଣ୍ଟା ।
Toothpick, *s.* ଖଡିକା, ଦନ୍ତଶୋଧନୀ, ଦାନ୍ତ-
Toothpowder, *s.* ଦାନ୍ତଘଷା ମଞ୍ଜି ।
Top, *s.* ଉପରଭାଗ, ମୁଣ୍ଡ, ଶିଖା, ଚୂଡା ; ଚାକୁଣି ; ସବୁଠାରୁ ଉଚ୍ଚସ୍ଥାନ ।
Topaz, *s.* ଗୋମେଦମଣି, ପଦ୍ମରାଗମଣି ।
Toper, *s.* ପାନାସକ୍ତଲୋକ, ମଦୁଆଲ, ସୁରାପ ।
Top-heavy, *a.* ମୁଣ୍ଡଭାର, ମତ୍ତ ।
Topic, *s.* ପ୍ରସଙ୍ଗ, ପ୍ରସ୍ତାବ, କଥା, ବିଷୟ ।
Topknot, *s.* ଚୂଡା, ଶିଖା, ଖୋପା ; ମୁଣ୍ଡ ବାଳର ଗଣ୍ଠି ।
Topmost, *a.* ସର୍ବୋପରିସ୍ଥ, ସବୁଠାରୁ ଉଚ୍ଚ ।
Topography, *s.* ବିଶେଷ ସ୍ଥାନର ବିବରଣ, ଦେଶପ୍ରଦେଶର ବର୍ଣ୍ଣନା ।
Topple, *v.* ତଳେ ପଡିବା, ଝୁଣ୍ଟିପଡିବା ।
Topsy-turvy, *ad.* ଓଲଟାପାଲଟା, ତଳ-ଉପର ।
Torch, *s.* ମଶାଲ, ଦିହୁଡି ; ଉଲ୍କା ।
Torchbearer, *s.* ଦିହୁଡିଆ, ମଶାଲଧାରୀ ।
Torchlight, *s.* ଦିହୁଡିର ଆଲୁଅ ।
Torment, *s.* ଅତିଯନ୍ତ୍ରଣା, ମହାଦୁଃଖ, ଯାତନା, ବେଦନା ।—*v.* ଅତିଯନ୍ତ୍ରଣା-ପୀଡା-କଷ୍ଟ-ଦେ ।
Tornado, *s.* ପ୍ରଚଣ୍ଡ ଝଡ, ତୋଫାନ, ଅତିଶୀଘ୍ର ଘୂର୍ଣ୍ଣିବାତ ।



Torpedo, *s.* ସାମୁଦ୍ରିକ ମତ୍ସ୍ୟବିଶେଷ ; ସମୁଦ୍ରରେ ଗମନ ନାଶକ ଯନ୍ତ୍ରବିଶେଷ ।
Torpid, *a.* ବୋଠିଆ, ଗତିଶକ୍ତିହୀନ, ସ୍ପନ୍ଦନ-ରହିତ ।
Torpor, *s.* ବୋଠିପଣ, ଜଡତା, ଅଚେତନା ।
Torrent, *s.* ସୋତ, ସୁଅ, ବେଗସ୍ରୋତଃ ବଳିଅର ପ୍ରବାହ ।
Torrid, *a.* ଅତ୍ୟୁଷ୍ଣ, ଖରତପ୍ତ, ଗ୍ରୀଷ୍ମପ୍ରଧାନ ।
Torrid-zone, *s.* ଉଷ୍ଣ କଟିବନ୍ଧ ।
Tortoise, *s.* କଇଁଛ, କଚ୍ଛପ, କୂର୍ମ, କମଠ ।
Tortuous, *a.* ବଙ୍କା, ବକ୍ର ; ପେଞ୍ଚଲ ; ଦୁଷ୍ଟ ।
Torture, *s.* ଅତିଯନ୍ତ୍ରଣା, ମହାବେଦନା, ପୀଡା । [ଦେବା; ଛଟପଟ-ହେ ।
Toss, *v.* ନିକ୍ଷେପ-କ, ଫୋପାଡିବା, ପକା-
Total, *s.* ଯୋଗ, ମୋଟ ; ଜମା, ଏକୁନ ।—*a.* ସମ୍ପୂର୍ଣ୍ଣ, ସବୁ, ସମୁଦାୟ, ଭାବର; ମୋଟ ।
Totally, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ ।
Totter, *v.* ଟଳିବା, ଢଳିବା, ଟଳମଳ-ହେ ।
Touch, *s.* ଛୁଆଁ, ସ୍ପର୍ଶ; ସ୍ପର୍ଶବୋଧ ।—*v.* ଛୁଇଁବା, ସ୍ପର୍ଶ-କ, ହାତ-ଦେ; ଲାଗିବା, ସଂଲଗ୍ନ-ହେ ।
Touch-hole, *s.* ରଞ୍ଜକପାତ୍ର, ରଞ୍ଜକର ଛିଦ୍ର ।
Touching, *a.* କୃପାକର, ଖେଦୋଦୟକର ।
Touching, *prep.* ବିଷୟକ; ସମ୍ବନ୍ଧୀୟ ।
Touchstone, *s.* କଷ୍ଟିପଥର, ସ୍ୱର୍ଣ୍ଣ ପରୀକ୍ଷକ ପ୍ରସ୍ତର । [କାଠ, ଶୋଲ ।
Touchwood, *s.* ନିଆଁ ବେଗେ ଧରନ୍ତ ସେ
Touchy, *a.* ରାଗୀ, ଚିଡ଼ଚିଡ଼ିଆ, ଉଗ୍ରସ୍ୱଭାବ ।
Tough, *a.* ଚେମଡା, ଶକ୍ତ, କଠିନ, ଟାଣ, ଅଣ୍ଡ
Tour, *s.* ଯାତ୍ରା, ପର୍ଯ୍ୟଟନ, ଦେଶଭ୍ରମଣ ।
Tourist, *s.* ଯାତ୍ରିକ, ଦେଶଭ୍ରମଣକର୍ତ୍ତା ।
Tournament, *s.* ଯୁଦ୍ଧକୌତୁକ, ମଲ୍ଲଯୁଦ୍ଧ ।
Tow, *s.* ଛଣପଟ, ଶଣ ।

Tow, *v.* ଗୁଣ ଟାଣିବା, ଦୌଡ଼ ଦେଇ ନୌକାଦି ଟାଣିବା । [ଗ୍ରହଣଶୀଳ ।
Toward, *a.* ଆଜ୍ଞାବହ, ଉଦ୍ଯୋଗୀ, ଶିକ୍ଷା-
Towards, *prep.* ଅଭିମୁଖେ, ଆଡ଼େ, ଦିଗେ, ପାଖରେ, ନିକଟରେ । [ହାତଜ ।
Towel, *s.* ଗାମୁଛା, ଗାତ୍ରମାର୍ଜନୀ, ଭଉଳିଅ,
Tower, *s.* ଗଡ଼, କିଲ୍ଲା, ଉଚ୍ଚଦୁର୍ଗ; ବୁରୁଜ । —*v.* ଊର୍ଦ୍ଧ୍ୱେ ବା ଆକାଶରେ ଉଠିବା, ଉନ୍ନତ-ହେ ।
Town, *s.* ନଗର, ନଗରୀ, ପୁର, ପୁରୀ, ସହର ।
Townhall, *s.* ନଗରର ସାଧାରଣ ସଭାଗୃହ ।
Townsman, *s.* ନଗରସ୍ଥ ଲୋକ, ନଗରବାସୀ
Toy, *s.* ଖେଳନା, ପିତୁଳୀ; କ୍ଷୁଦ୍ରଦ୍ରବ୍ୟ । —*v.* ଖେଳା-କ୍ରୀଡ଼ା-ଲୀଳା-କ ; ଥଟ୍ଟା-ରଙ୍ଗଭଙ୍ଗି-କ ।
Trace, *s.* ପଦଚିହ୍ନ, ପଦାଙ୍କ, ଗୁପ୍ତଦାଗ ; ଚିହ୍ନ, ଦାଗ ; ଖୋଜ । —*v.* ଚିହ୍ନଦ୍ୱାରା ତତ୍ତ୍ୱ-କ, ଚିହ୍ନଦ୍ୱାରା ରେଖା ଟାଣିବା ; ଉଦ୍ଦେଶ ପାଇବା । [ଯୋଗ୍ୟ ।
Traceable, *a.* ଅନୁସନ୍ଧାନକରଣୀୟ, ତତ୍ତ୍ୱ-
Traces, *s.* ଘଣ୍ଟାଦିର ସାଜ, ଯୋତ, ଗାଡ଼ି-ଟଣା ଚର୍ମ ।
Track, *s.* ଚିହ୍ନ, ଦାଗ, ଅଙ୍କ ; ପଥ, ବାଟ, ସରୁ ।—*v.* ଚିହ୍ନ ଦ୍ୱାରା ଗମନ-କ, ପଦାଙ୍କ ଅନୁଗାମୀ-ହେ । [ଶୂନ୍ୟ, ଅବାଟ ।
Trackless, *a.* ଚିହ୍ନ ବା ଦାଗରହିତ, ପଥ-
Tract, *s.* ଦେଶ, ପ୍ରଦେଶ, ଅଞ୍ଚଳ; କ୍ଷୁଦ୍ରପୁସ୍ତିକା
Tractable, *a.* ଆଜ୍ଞାବଶ, ନମ୍ର, ଦମ୍ୟ, ମଣା ।
Traction, *s.* ଆକର୍ଷଣକରଣ ।
Trade, *s.* ବାଣିଜ୍ୟ, ମହାଜନୀ, ବେପାର, ବ୍ୟବସାୟ ।—*v.* ବାଣିଜ୍ୟ-ବ୍ୟାପାର-କ୍ରୟ-ବିକ୍ରୟ-କ । [ମହାଜନ ।
Trader, *s.* ବ୍ୟାପାରୀ, ବ୍ୟବସାୟୀ, ବେପାରୀ,
Tradesman, *s.* ବ୍ୟବସାୟୀ, ପସାରୀ, ଦୋକାନୀ, ବଣିଆ ।
Tradewind, *s.* ଅନୁକୂଳ ବାୟୁ ।
Tradition, *s.* ପରମ୍ପରା ଶ୍ରୁତକଥା, ପୁରାତନ-ବାକ୍ୟ ।
Traditional, *a.* ପାରମ୍ପର୍ଯ୍ୟ, ପୁରାଣୋକ୍ତ, ପରମ୍ପରାଗତ ।
Traduce, *v.* ଗ୍ଲାନି-ନିନ୍ଦା-କ, ଅପବାଦ-ଦେ ।
Traffic, *s.* ବାଣିଜ୍ୟ, ବ୍ୟବସାୟ, କ୍ରୟବିକ୍ରୟ ।
Tragedian, *s.* କରୁଣାଜନକ ସଂବର୍ଣ୍ଣ ।
Tragedy, *s.* ଦୁର୍ଦ୍ଦଶାସୂଚକ ନାଟକ; ଦୁର୍ଘଟନା ।
Tragical, *a.* ଶୋକ ବା ଶଙ୍କାଜନକ, ଦାରୁଣ ।
Trail, *v.* ଘୋଷାରିବା, ଓଟାରିବା, ଭୂମିରେ ଟାଣିବା ।
Train, *s.* ଲମ୍ବ ଲୁଗାର ପଛପଟ; ଶ୍ରେଣୀ, ଧାଡ଼ି; ସହଚରଗଣ; ଲୌହପଥରେ ଚାଲିବା ଗାଡ଼ି ସମୂହ ।
Train, *v.* ଶିକ୍ଷା-ଦେ, ମଣାଇବା, ପ୍ରସ୍ତୁତ-କ ।
Train-bearer, *s.* ଲମ୍ବ ଜାମାର ପଛଭାଗ ବାହକ ।
Train-oil, *s.* ତିମିମତ୍ସ୍ୟର ତେଲ ଅବା ବସା
Trait, *s.* ସ୍ୱଭାବର ଚିହ୍ନ, ଗୁଣ ।
Traitor, *s.* ରାଜଦ୍ରୋହୀ, ବିଶ୍ୱାସଘାତକ ।
Traitorous, *a.* ରାଜଦ୍ରୋହୀ, କୃତଘ୍ନ ।
Traitress, *a.* ବିଶ୍ୱାସଘାତିନୀ, ରାଜ-ଦ୍ରୋହିଣୀ ।
Trammel, *s.* ଜାଲ, ବନ୍ଧନ ଫାନ୍ଦ ।—*v.* ଅବରୋଧ-କ, ବାଧା-ଦେ, ଅଟକାଇବା ।
Tramp, *s.* ପଦବ୍ରଜେ ଯାତ୍ରା; ଭ୍ରମଣକାରୀ । —*v.* ପାଦ ଘାତରେ ଯାତ୍ରା-କ, ପାଦ ମାଡ଼ିବା
Trample, *v.* ପାଦତଳେ ମର୍ଦ୍ଦନ-କ, ମାଡ଼ିବା
Trance, *s.* ମୂର୍ଚ୍ଛା, ମୋହ, ଅଚେତନ ।
Tranquil, *a.* ଶାନ୍ତ, ସୁସ୍ଥିର, ଧୀର, ଅଶ୍ରା ।

Tranquility, *s.* ଶାନ୍ତି, ସୁସ୍ଥିରତା, ଅନୁଦ୍ବେଗ, ନିର୍ବିଘ୍ନତା । [-କ ।

Tranquilize, *v.* ସୁସ୍ଥିର- ଶାନ୍ତ- ଉପଶମ

Transact, *v.* କର୍ମ ଚଳାଇବା, ନିର୍ବାହ-କ ।

Transaction, *s.* କାର୍ଯ୍ୟ, କର୍ମ, ବ୍ୟାପାର, କାରବାର । [ବଡ଼-ହେ, ଅତିକ୍ରମ-କ ।

Transcend, *v.* ଶ୍ରେଷ୍ଠ- ଅନ୍ୟଠାରୁ ଭଲ ବା

Transcendent, *a.* ଅତ୍ୟୁତ୍ତମ, ସର୍ବୋତ୍କୃଷ୍ଟ ।

Transcribe, *v.* ପ୍ରତିରୂପ, ନକଲ-କ, ଉତ୍ତାରିବା ।

Transcript, *s.* ପ୍ରତିରୂପ, ନକଲ, ଆଦର୍ଶ ।

Transfer, *v.* ପରହସ୍ତେ- ଅନ୍ୟକୁ-ଦେ, ହସ୍ତାନ୍ତର-କ ।

Transfiguration, *s.* ଅନ୍ୟମୂର୍ତ୍ତି ଧାରଣ, ରୂପାନ୍ତରଧାରଣ । [ଧରିବା ।

Transfigure, *v.* ରୂପାନ୍ତର-ହେ, ଅନ୍ୟମୂର୍ତ୍ତି

Transfix, *v.* ଫୋଡ଼ିବା, ଏପାଶ ସେପାଶ ପଶିବା, ବିନ୍ଧିବା । [-କ ।

Transform, *v.* ରୂପାନ୍ତର-ହେ; ଅନ୍ୟମୂର୍ତ୍ତି

Transformation, *s.* ରୂପାନ୍ତରକରଣ, ଅନ୍ୟମୂର୍ତ୍ତି ଧାରଣ । [ଢାଳିବା ।

Transfuse, *v.* ଏକଠାରୁ ଅନ୍ୟଠାରେ

Transgress, *v.* ଆଜ୍ଞା ଲଙ୍ଘିବା, ମେଣ୍ଟିବା, ଅତିକ୍ରମ-କ ।

Transgression, *s.* ଅପରାଧ, ପାପ, ଦୋଷ; ଅତିକ୍ରମ, ଲଙ୍ଘନ । [କାରୀ ।

Transgressor, *s.* ଅପରାଧୀ, ଆଜ୍ଞା ମେଣ୍ଟନ-

Tranship, *v.* ଏକ ଜାହାଜରୁ ଅନ୍ୟ ଜାହାଜରେ-ନେ । [ଅସ୍ଥିର ।

Transient, *a.* ଅଚିରସ୍ଥାୟୀ, କ୍ଷଣିକ, ଅନିତ୍ୟ,

Transit, *s.* ଏକ ଗ୍ରହ ଅନ୍ୟଗ୍ରହ ପାଖେ ଯିବା; ବାଣିଜ୍ୟ ଦ୍ରବ୍ୟର ଦେଶାନ୍ତର ଚଳଣି ।

Transit-duty, *s.* ରାହାଦାରୀ ମାଶୁଲ ।

Transition, *s.* ସ୍ଥାନାନ୍ତର ବା ଅବସ୍ଥାନ୍ତରକରଣ, ପରିବର୍ତ୍ତନ ।

Transitive, *a.* ଗତିକରଣ କ୍ଷମ; ଭାବାନ୍ତରକାରୀ କ୍ରିୟାପଦ । [କାଳସ୍ଥାୟୀ ।

Transitory, *a.* କ୍ଷଣଧ୍ବଂସୀ, ଅନିତ୍ୟ, ଅଳ୍ପ-

Translate, *v.* ଭାଷାନ୍ତର- ଅନୁବାଦ- ତର୍ଜମା -କ; ହସ୍ତାନ୍ତର- ବଦଳ-କ । [ନ୍ତରକରଣ ।

Translation, *s.* ଅନୁବାଦ, ତର୍ଜମା; ଭାଷା-

Translator, *s.* ଅନୁବାଦକ, ତର୍ଜମାକାରକ ।

Translucent, *a.* କାଚପରି ନିର୍ମଳ, ଉଜ୍ଜ୍ୱଳ ।

Transmigration, *s.* ସ୍ଥାନାନ୍ତରଗମନ, ପୁନର୍ବାର ଜନ୍ମ, ଅନ୍ୟାନ୍ୟ ଯୋନି ଭ୍ରମଣ ।

Transmission, *s.* ପ୍ରେରଣ, ଚାଳନ, ହସ୍ତାନ୍ତର କରଣ । [ଚଳାଇବା ।

Transmit, *v.* ପ୍ରେରଣ-କ, ପଠାଇବା,

Transmutation, *s.* ଗୁଣ ପରିବର୍ତ୍ତନ, ଗୁଣାନ୍ତର, ବସ୍ତ୍ୱନ୍ତରକରଣ ।

Transmute, *v.* ସ୍ୱଭାବାନ୍ତର-ପ୍ରକାର-କ, ଗୁଣ ବଦଳାଇବା । [ଉଜ୍ଜ୍ୱଳତା ।

Transparency, *s.* ସ୍ୱଚ୍ଛତା, ନିର୍ମଳତା,

Transparent, *a.* ସ୍ୱଚ୍ଛ, ନିର୍ମଳ, ସ୍ପଷ୍ଟ, ଉଜ୍ଜ୍ୱଳ

Transpire, *v.* ବାଷ୍ପ ପରି ଉଡ଼ିବା; ପ୍ରକାଶ ପାଇବା, ବ୍ୟକ୍ତ-ହେ ।

Transplant, *v.* ଅନ୍ୟସ୍ଥାନରେ ରୋଇବା, ସ୍ଥାନାନ୍ତରେ ସ୍ଥାପନ-କ । [ଦେଶାନ୍ତର-କ ।

Transport, *v.* ସ୍ଥାନାନ୍ତର-କ; ଦୋଷ ଲାଗି

Transport, *s.* ମୋହ, ମହାନନ୍ଦ, ଅତି ହର୍ଷ; ଜାହାଜବିଶେଷ । [ଚଲାଣ ।

Transportation, *s.* ଦେଶାନ୍ତର ପ୍ରେରଣ,

Transpose, *v.* ସ୍ଥାନ ପରିବର୍ତ୍ତନ-କ, ଫେରଫାର- ଓଲଟା-କ ।

Transposition, *s.* ସ୍ଥାନାନ୍ତରକରଣ, ଫେରଫାର, ଓଲଟାକରଣ ।

Transubstantiate, *v.* ସ୍ୱଭାବାନ୍ତର-କ, ବସ୍ତୁର ସ୍ୱଭାବ ବଦଳାଇବା ।
Transverse, *a.* ଅଡ, ତେର୍ଚ୍ଛା, ତେଢା ।
Transversely, *ad.* କୋଣାକୋଣି, ଅଡେଇ
Trap, *s.* ଫାନ୍ଦ, ଜାଲ, ପଶୁ ଧରିବାର କଳ । —*v.* ଫାନ୍ଦ ବା କଳରେ ଧରିବା ।
Trap-door, *s.* ଗୁପ୍ତକବାଟ, ଗୁପ୍ତ ଦ୍ୱାର ।
Trappings, *s.* ଭୂଷଣ, ଆଭରଣ, ସାଜ ।
Trash, *s.* ତୁଚ୍ଛଦ୍ରବ୍ୟ, ଅସାର ବା ଜୀର୍ଣ୍ଣ ବସ୍ତୁ
Travail, *s.* କ୍ଲେଶ, ଯତ୍ନ, ପରିଶ୍ରମ; ପ୍ରସବ ବେଦନା ।—*v.* ପରିଶ୍ରମ- ଯତ୍ନ-କ; ପ୍ରସବ ବେଦନା-ହେ ।
Travel, *v.* ଦେଶବିଦେଶ ଭ୍ରମଣ- ଯାତ୍ରା-କ ।
Traveller, *s.* ପଥିକ, ଯାତ୍ରୀ, ବାଟୋଇ, ପର୍ଯ୍ୟଟକ, ପ୍ରବାସୀ ।
Traverse, *v.* ଅଡେଇ ରଖିବା; ଭ୍ରମଣ-କ, ବୁଲିବା ।—*ad.* ଅଡେଇ, କୋଣାକୋଣି ।
Travesty, *v.* ଉପହାସର ବିଷୟ-କ ।—*a.* ଉପହାସଜନକ ବେଶଧାରୀ ।
Tray, *s.* ଥାଳୀ, ଭାଣ୍ଡ; ବାକ୍ସକୋଷ ।
Treacherous, *a.* ବିଶ୍ୱାସଘାତକ, ଅବିଶ୍ୱସ୍ତ, କୃତଘ୍ନ ।
Treachery, *s.* ବିଶ୍ୱାସଘାତକତା, ପ୍ରତାରଣା, ଅବିଶ୍ୱସ୍ତତା ।
Treacle, *s.* ଗୁଡ଼, ଶିରା ।
Tread, *v.* ପଦାର୍ପଣ-କ, ମାଡିବା, ଦଳିବା ।
Treadle, *s.* କଳକାଠି, ଚିକାଠି ।
Treason, *s.* ରାଜଦ୍ରୋହ, ରାଜାର ପ୍ରତିକୂଳାଚରଣ । [ଉଦ୍ଦୀପକ ।
Treasonable, *a.* ରାଜଦ୍ରୋହସମ୍ବନ୍ଧୀୟ,
Treasure, *s.* ସଞ୍ଚିତଧନ, ନିଧି, ସମ୍ପତ୍ତି, ଦୌଲତ, ବହୁମୂଲ୍ୟ ବସ୍ତୁ —*v.* ସଞ୍ଚୟ-ଟଙ୍କା-ଜମା-କ, ବହୁମୂଲ୍ୟ ମଣି ରଖିବା ।
Treasurer, *s.* କୋଷାଧ୍ୟକ୍ଷ, ଭଣ୍ଡାରରକ୍ଷକ, ଖାଜାଞ୍ଚି, ତହବିଲଦାର । [ଗାର ।
Treasury, *s.* ଖଜଣାଘର, ରାଜକୋଷ, ଧନା-
Treat, *s.* ଭୋଜ, ସୁଖଭୋଗ, ସୁସ୍ୱାଦୁଦ୍ରବ୍ୟ ।
Treat, *v.* ବ୍ୟବହାର- ପ୍ରସ୍ତାବ-କ; ସନ୍ଧି ବିଷୟରେ କଥାବାର୍ତ୍ତା-କ; ଭୋଜଦାନ-ଦେ ।
Treatise, *s.* ପ୍ରବନ୍ଧ, ପ୍ରସଙ୍ଗ; ପୁସ୍ତକ ।
Treatment, *s.* ବ୍ୟବହାର, ସଦସଦାଚାର; ଚିକିତ୍ସାକରଣ ।
Treaty, *s.* ନିୟମ, ସନ୍ଧିପତ୍ର, ନିର୍ଦ୍ଧାରଣ, ସନ୍ଧି ।
Treble, *s.* ଉଚ୍ଚସ୍ୱର, ଟାଲ୍ ।
Treble, *a.* ତ୍ରିଗୁଣ, ତିନିଗୁଣ, ତେହେରା ।—*v.* ତ୍ରିଗୁଣ- ତିନିଗୁଣ-କ ।
Tree, *s.* ବୃକ୍ଷ, ଗଛ, ତରୁ, ଦ୍ରୁମ, ପାଦପ ।
Trefoil, *s.* ତ୍ରିପତ୍ରଯୁକ୍ତ ତୃଣ, ବନମେଥି ।
Trellis, *s.* ଲୌହ ବା କାଷ୍ଠନିର୍ମିତ ଝାଞ୍ଜିରି ବା ଜାଲି, ଜାଫ୍ରେଇ । [ପାଇବା ।
Tremble, *v.* କମ୍ପିବା, ଥରହର-ହେ, ଭୟ
Trembling, *s.* କମ୍ପ, ଥରଥର ।
Tremendous, *a.* ଭୟଙ୍କର, ଘୋରତର, ଦାରୁଣ; ବୃହତ୍, ଅଦ୍ଭୁତ, ବଡ ।
Tremor, *s.* ଥରଥର, ଭୟତ୍ରସ୍ତ ।
Tremulous, *a.* କମ୍ପମାନ, ଅସ୍ଥିର, ଚଞ୍ଚଳ ।
Trench, *s.* ଗାତ, ଖନକ, ଗଡଖାଇ, ପରିଖା
Trenchant, *a.* ତୀକ୍ଷ୍ଣ, ପ୍ରଖର; ଦାରୁଣ ।
Trencher, *s.* କାଠର ଥାଳୀ ।
Trend, *v.* କୌଣସି ଅଡେ ଲମ୍ବିବା, ଝୁଙ୍କିବା ।
Trepan, *s.* ଫାନ୍ଦ; ଅସ୍ତ୍ରଚିକିତ୍ସାର ବ୍ୟବହାର୍ଯ୍ୟ ଗୋଲ କରତ ।—*v.* ଉପରୋକ୍ତ କରତ ଦ୍ୱାରା ମୁଣ୍ଡର ଖୋଲ କାଟିବା; ଫାନ୍ଦରେ ପକାଇବା
Trepanning, *s.* ମୁଣ୍ଡ ଖୋଲପାରେ ରନ୍ଧ୍ରକରଣ । [କରିବା ଅସ୍ତ୍ର ।
Trephine, *s.* ମୁଣ୍ଡ ଖୋଲପାରେ ରନ୍ଧ୍ର

Trepidation, *s.* କମ୍ପ, ଡର, ଭୟ, ତ୍ରାସ।
Trespass, *s.* ଅପରାଧ, ଦୋଷ, ଅଜ୍ଞାଲଙ୍ଘନ।
—*v.* ଅପରାଧ-ଅତିକ୍ରମ-କ; ଅନ୍ୟାୟରେ ପ୍ରବେଶିବା।
Tresses, *s.* ସ୍ତ୍ରୀର କେଶ, ଝଲପି, କେଶଗୁଚ୍ଛ
Trestle, *s.* ତ୍ରିପଦୀ, ମେଜର ଢାଞ୍ଚା।
Trevet, *s.* ତ୍ରିପଦୀବିଶେଷ, ଟିପାଇ।
Triad, *s.* ଯୁକ୍ତତ୍ରୟ; ତ୍ରୟାତ୍ମକ ଧର୍ମ।
Trial, *s.* ପରୀକ୍ଷା, ପରଖ; ତତ୍ତ୍ୱାନୁସନ୍ଧାନ, ଗୁଣାଗୁଣବିବେଚନା; ବିଚାର, ଉମ୍ମେଦ୍ୱାର୍।
Triangle, *s.* ତ୍ରିକୋଣ, ତ୍ରିଭୁଜ, ତିନିକୋଣିଆ ବସ୍ତୁ।
Triangular, *a.* ତ୍ରିକୋଣବିଶିଷ୍ଟ, ତିନିକୋଣିଆ
Tribe, *s.* ଗୋଷ୍ଠୀ, ଗୋତ୍ର, ଜାତି, କୁଳ, ବଂଶ
Tribulation, *s.* କ୍ଲେଶ, ଦୁଃଖ, ବିପତ୍ତି, ସନ୍ତାପ, ଉତ୍ପାତ।
Tribunal, *s.* ବିଚାରକର୍ତ୍ତା ବା ସ୍ଥାନ, ଅଦାଲତ
Tribune, *s.* ରୋମୀୟ ଅଧ୍ୟକ୍ଷ ବା ବିଚାରକର୍ତ୍ତା ବିଶେଷ।
Tributary, *s.* କରଦାୟୀ ରାଜା; ନଦୀରେ ସଂଯୁକ୍ତ ସ୍ରୋତ।—*a.* କରଦାୟୀ, ପରାଧୀନ, ବଶ, ଅଧୃତ।
Tribute, *s.* ରାଜସ୍ୱ, କର, ଖଜଣା।
Trice, *s.* କ୍ଷଣମାତ୍ରକାଳ, ନିମେଷ, ମୁହୂର୍ତ୍ତ।
Trick, Trickery, *s.* ପ୍ରଲୋଭ, ଫାଙ୍କି, ଭେଲ୍କି, ପ୍ରବଞ୍ଚନା, ଛଳ। [କ୍ଷରିବା।
Trickle, *v.* ଟୋପା ଟୋପା ଝରିବା, ଚୁଇଁବା,
Trident, *s.* ତ୍ରିଶୂଳ, ତ୍ରିଫଳାସ୍ତ୍ରବିଶେଷ।
Triennial, *a.* ତ୍ରୈବାର୍ଷିକ, ତିନି ବର୍ଷର।
Trifle, *s.* କ୍ଷୁଦ୍ରବିଷୟ, ଅଳ୍ପମୂଲ୍ୟବସ୍ତୁ।
Trifle, *v.* ଅବଜ୍ଞା-ଅନାଦର-କ; ଅବହେଳା ପୂର୍ବକ କର୍ମ-କ, ମିଥ୍ୟାରେ କାଳକାଟିବା।
Trifler, *s.* ଅନର୍ଥକ କର୍ମକର୍ତ୍ତା, ତୁଚ୍ଛକାରୀ।
Trifling, *a.* ତୁଚ୍ଛ, କ୍ଷୁଦ୍ର, ସାନ, ଲଘୁ, ଅଳ୍ପ।
Trigger, *s.* ବନ୍ଧୁକର ଟିପକଳ।
Trigonometry, *s.* ତ୍ରିକୋଣବସ୍ତୁ ମାପିବା ବିଦ୍ୟା, ତ୍ରିକୋଣମିତି।
Trilateral, *a.* ତ୍ରିଭୁଜବିଶିଷ୍ଟ, ତିନିକୋଣିଆ।
Trill, *v.* ସ୍ୱର ଅବା ବାଦ୍ୟର କମ୍ପ, ଥରଥର।
Trillion, *s.* ଶତପରାର୍ଦ୍ଧ, ସଂଖ୍ୟା ବିଶେଷ, ଯଥା ୧,୦୦୦,୦୦୦,୦୦୦,୦୦୦,୦୦୦,୦୦୦
Trim, *s.* ଅଳଙ୍କାର, ବେଶଭୂଷା; ଦଶା।—*a.* ସୁନ୍ଦର, ଦୋରସ୍ତ, ସଜ୍ଜିତ।—*v.* ସୁସଜ୍ଜିତ-କ, ସଜାଇବା; ଛେଣ୍ଟିବା; କାଟିବା।
Trimmer, *s.* ଦୁଇଦଳିଆ, କ୍ଷଣକ ଏପକ୍ଷ କ୍ଷଣକ ସେପକ୍ଷର ଲୋକ।
Trimming, *s.* ଦଶୀ, ଝାଲର, ଜରି।
Trinity, *s.* ତ୍ରୈକତ୍ୱ, ଅଭେଦତ୍ରିଭେଦସ୍ୱରୂପ; ପିତା ପୁତ୍ର ଧର୍ମାତ୍ମା, ଏହି ତିନି ଏକ ଈଶ୍ୱର।
Trinket, *s.* ଅଳଙ୍କାର, ଗହଣା, ଭୂଷଣ; ଅଳ୍ପ ମୂଲ୍ୟର ଦ୍ରବ୍ୟ। [ରାଗରାଗିଣୀ।
Tris, *s.* ଏକତ୍ରରେ ତିନି ଗାୟକର ଗାନ ବା
Trip, *s.* ଝୁଣ୍ଟା, ଭ୍ରମ; ଏକ କ୍ଷେପ, ଅଳ୍ପଦୂର ବା ସମୟର ଯାତ୍ରା।—*v.* ଝୁଣ୍ଟିପଡିବା; ସହର୍ଷ-ହୋଇ ଚାଲିବା; ବିହାର-ଭ୍ରମଣ-କ।
Tripartite, *a.* ତିନିଭାଗରେ ବିଭକ୍ତ, ତ୍ରିଂଶୀଭୂତ।
Tripe, *s.* ପଶୁର ନାଡି, ଅନ୍ତୁଡି।
Tripthong, *s.* ଏକତ୍ର ତିନି ସ୍ୱର, ତ୍ରିସ୍ୱର।
Triple, Triplicate, *a.* ତିନିଗୁଣ, ତ୍ରିଗୁଣ, ତେହେରା। [ଇ ଚଳ।
Triplet, *s.* ତ୍ରିପଦ ଶ୍ଳୋକ ବା କବିତା; ଏକ-
Tripod, *s.* ତ୍ରିପଦୀ, ଟିପାଇ।
Tripping, *a.* ତ୍ୱରିତ, ଶୀଘ୍ରଗାମୀ, ଚଞ୍ଚଳ।
Tri-syllable, *s.* ତ୍ରିସ୍ୱର, ତ୍ର୍ୟକ୍ଷରଯୁକ୍ତ ବାକ୍ୟ
Trite, *a.* ସାମାନ୍ୟ, ସାଧାରଣ, ପୁରୁଣା, ଜୀର୍ଣ୍ଣ

Trituration, *s.* ଚୂର୍ଣ୍ଣିକରଣ, ପେଷଣ ।

Triumph, *s.* ଜୟ, ବିଜୟ, ଜୟଗାନ, ଢକ, ଜୟୋତ୍ସବ ।—*v.* ଜୟ-କ, ଜିତିବା, ଜୟ-ଜୟକାର-କ । [ସମ୍ବନ୍ଧୀୟ ।

Triumphal, *a.* ଜୟୋତ୍ସବୀୟ, ଜୟଧ୍ୱନି

Triumphant, *a.* ଜୟୀ, ବିଜୟୀ, ଜୟବାନ୍

Triumvirate, *s.* ତ୍ରୟାଧିପତ୍ୟ, ତିନି ବ୍ୟକ୍ତି-କର୍ତ୍ତୃକ ସଙ୍ଘ । [ତ୍ରିମୂର୍ତ୍ତ୍ୟାତ୍ମକ ।

Triune, *a.* ତ୍ରୈକ, ତିନିଏକ ଓ ଏକେତିନି,

Trivial, *a.* ଲଘୁ, କ୍ଷୁଦ୍ର, ନଗଣ୍ୟ ।

Troll, *v.* ଘୂରାଇବା, ବୁଲିବା ; ଏକ ପ୍ରକାର ଗୀତ-କ ।

Trollop, *s.* କୁବେଶା ସ୍ତ୍ରୀ, ବଦଚଳି, ମଇଳା ।

Troop, *s.* ଦଳ, ସୈନ୍ୟସମୂହ, ଗୋଠ, ପଙ୍କ୍ତି ।—*v.* ଏକତ୍ର ହୋଇ ଯିବା, ଦଳବଦ୍ଧ ହୋଇ ଗମନ-କ । [ସୱାର ।

Trooper, *s.* ଅଶ୍ୱାରୂଢ଼ ସୈନ୍ୟ, ଘୋଡ଼-

Trope, *s.* ଅଲଙ୍କାରାର୍ଥେ ବାକ୍ୟର ମୂଳାର୍ଥ ପରିବର୍ତ୍ତନ ।

Trophy, *s.* ଜୟରେ ପ୍ରାପ୍ତବସ୍ତୁ, ଜୟସୂଚକଚିହ୍ନ

Tropic, *s.* ଉତ୍ତରଦକ୍ଷିଣାୟନର ସୀମା ।

Tropical, *a.* ଅୟନସୀମାବର୍ତ୍ତୀ, ଅୟନ-ସାମାନ୍ତ, ଲାକ୍ଷଣପ୍ରଧାନ ।

Trot, *v.* ଡୁଲ୍‌କି ଯିବା, ଇଷତ୍ ଦ୍ରୁତଗତି-କ ।

Troth, *s.* ସତ୍ୟତା, ବିଶ୍ୱାସ ; ପ୍ରତିଜ୍ଞା, ନିୟମ ।

Troubadour, *s.* ପ୍ରାକ୍‌କାଳୀନ କବିବିଶେଷ ।

Trouble, *s.* କ୍ଲେଶ, ଦୁଃଖ, କଷ୍ଟ, ବିପତ୍ତି ।—*v.* କ୍ଲେଶ- ଦୁଃଖ- କଷ୍ଟ-ଦେ, ବିରକ୍ତ-କର-କ ।

Troublesome, *a.* କ୍ଲେଶଦାୟକ, ପୀଡ଼ାଦାୟକ, କଣ୍ଟକ । [ମାଳଯୁକ୍ତ ।

Troublous, *a.* ଅସ୍ଥିର, ବ୍ୟାକୁଳ, ଗୋଳ-

Trough, *s.* ଡଙ୍ଗା, କାଠୁଆ, ଡୋଙ୍ଗା ।

Trousers, *s.* ପାଇଜାମା, ଇଜାର ।

Trout, *s.* ନଦୀ ମତ୍ସ୍ୟବିଶେଷ । [ମାନ-କ ।

Trow, *v.* ମନେ-କ, ବୁଝିବା; ଜାଣିବା; ଅନୁ-

Trowel, *s.* କରଣୀ, କର୍ଣ୍ଣିକ । [ପରିମାଣ ।

Troyweight, *s.* ସ୍ୱର୍ଣ୍ଣରୌପ୍ୟାଦି ତୌଲର

Truant, *s.* କର୍ମରେ ବିମୁଖ, ପାଠଶାଳାକୁ ନ ଯାଇ ଖେଳି ବୁଲିବା ପିଲା ।

Truce, *s.* ସନ୍ଧି, ଯୁଦ୍ଧବିଶ୍ରାମ, ବିରତି ।

Truck, *s.* କ୍ଷୁଦ୍ରଚକ୍ରର ଗାଡ଼ି, ହାତରେ ଟାଣିବା ଗାଡ଼ି ।

Truckle, *v.* ବଶ-ହେ ଅଧୀନ ମାନିବା ।

Truculent, *a.* ଅସଭ୍ୟ, ନିର୍ଦ୍ଦୟ, ଭୟଙ୍କର ।

Trudge, *v.* କଷ୍ଟେ ଚାଲିବା, କ୍ଳେଶରେ ଗମନ-କ; ଯତ୍ନ-କ ।

True, *a.* ସତ୍ୟ, ଯଥାର୍ଥ, ପ୍ରକୃତ, ବିଶ୍ୱସ୍ତ ।

Truism, *a.* ସର୍ବସମ୍ମତବାକ୍ୟ, ସୂତ୍ର, ସ୍ୱତଃସିଦ୍ଧାନ୍ତ ।

Truly, *ad.* ସତ୍ୟ, ଯଥାର୍ଥ, ନିତାନ୍ତ, ଅବଶ୍ୟ ।

Trump, *s.* ତୂରୀ, ରଣଶିଙ୍ଗା ; ତାସ ଖେଳାରେ ତୁରୁପ । [ଦ୍ରବ୍ୟ ।

Trumpery, *s.* ମିଥ୍ୟାଶୋଭନବସ୍ତୁ, ତୁଚ୍ଛ-

Trumpet, *s.* ତୂରୀ, ଭେରୀ, ଶୃଙ୍ଗ, ରଣଶିଙ୍ଗା ।

Trumpet, *s.* ତୂରୀ ବଜାଇବା; ଆତ୍ମଶ୍ଳାଘା-କ; ପ୍ରଚାର- ଘୋଷଣା-କ ।

Trumpeter, *s.* ତୂରୀବାଦକ, ଭେରୀଙ୍ଗିୟା ।

Trump-up, *v.* କଳ୍ପନା-କ, ମିଥ୍ୟାକରି-କହ ।

Truncheon, *s.* ଆଷା, କୌଣସି ପଦର ଦଣ୍ଡ; ଠେଙ୍ଗା, ଯଷ୍ଟି; ମୁଦ୍ଗର ।

Trundle, *v.* ଗଡ଼ାଇବା, ଘୁରାଇବା ।

Trunk, *s.* କୌଣସି ଅଙ୍ଗହୀନ ଦେହ; ଗଛର ଗଣ୍ଡି; ସିନ୍ଦୁକବିଶେଷ; ହାତୀର ଶୁଣ୍ଢ, ଥୋର-ପାହାର ।

Trunnion, *s.* କମାଣର କାନ୍ଧ, ତୋପର ହାତଲ ।
Truss, *s.* ଅନ୍ତରବୃଦ୍ଧି ପାଇଁ ବନ୍ଧନୀ ବା ପଟୀ; ବୋଝ, ଗଣ୍ଠିଲ; ବଡ଼ା, ଗଣ୍ଡୁସ ।
Trust, *s.* ପ୍ରତ୍ୟୟ, ବିଶ୍ୱାସ; ଧାର, ଜିମ୍ମା; ଅପେକ୍ଷା ।—*v.* ପ୍ରତ୍ୟୟ- ବିଶ୍ୱାସ-କ; ନି-ର୍ଭରା-ଜିମ୍ମା-ଦେ; ଧାରି- ଧାରିଅ-ଦେ ।
Trustee, *s.* ପରଧନ ରକ୍ଷାର୍ଥ ନିଯୁକ୍ତ ବ୍ୟକ୍ତି, ଜିମ୍ମାଦାର ।
Trusty, *a.* ବିଶ୍ୱସ୍ତ, ବିଶ୍ୱାସୀ, ପତିଆରା, ସତ୍ୟ ।
Truth, *s.* ସତ୍ୟତା, ପ୍ରକୃତତା, ଯାଥାର୍ଥ୍ୟ ।
Truthful, *a.* ସତ୍ୟମୟ, ଯଥାର୍ଥିକ ।
Try, *v.* ଚେଷ୍ଟା- ଉଦ୍ୟୋଗ-କ; ପରୀକ୍ଷା- ପରଖ- ବିଚାର-କ ।
Tub, *s.* କାଠର କୁଣ୍ଡ ବା ପାତ୍ର, ଡେଗ ।
Tube, *s.* ନଳୀ, ଚୁଙ୍ଗୀ, ନଳ, ପ୍ରଣାଳୀ ।
Tubercle, *s.* କ୍ଷୁଦ୍ରବ୍ରଣ, ଅବୁ, ଫୁରୁକୁଣି ।
Tubular, *a.* ନଳୀମୟ, ନଳବତ୍, ନଳାକୃତ ।
Tuck, *s.* ଲମ୍ବ ଅଣୋସାର ତରବାରିବିଶେଷ; କୁଞ୍ଚ, ଭାଙ୍ଗ, ସଙ୍କୋଚ ।—*v.* ଗୁଞ୍ଜି- ଗୋଞ୍ଜି- ରଖିବା; କୁଞ୍ଚା-କ । [ବନ୍ଦ ।
Tuesday, *s.* ମଙ୍ଗଳବାର, ସପ୍ତାହର ତୃତୀୟ-
Tuft, *s.* ଗୁଚ୍ଛ, ସ୍ତବକ, ଥୋପା; ଚୁଟି; କେଶର; ଚୂଡ଼ା, ଶିଖା ।
Tug, *v.* ଆକର୍ଷଣ-କ, ଟାଣିବା, ଓଟାରିବା ।
Tuition, *s.* ରକ୍ଷଣାବେକ୍ଷଣ; ବିଦ୍ୟାଶିକ୍ଷା, ଉପଦେଶ, ଶିକ୍ଷା ।
Tulip, *s.* ସୁନ୍ଦର ପୁଷ୍ପବିଶେଷ, ମଞ୍ଜିକା ।
Tumble, *s.* ପତନ, ପଟକଣ, ଗୋଟକ ।—*v.* ପଡ଼ିବା, ଗଡ଼ି ପଡ଼ିବା, ଝୁଣ୍ଟିବା ।
Tumbler, *s.* ବାଜିକର, ଖେଳା; ପାନପାତ୍ର, ଗ୍ଲାସ ।
Tumid, *a.* ଫମ୍ପା, ଫୁଲା, ସ୍ଫୀତ, ପ୍ରଗଲ୍ଭ ।

Tumour, *s.* ସ୍ଫୋଟକ, ଅବୁ, ଫରସୁର, ଫୋଡ଼ା, ବ୍ରଣ । [ହଙ୍ଗାମା ।
Tumult, *s.* ଗଣ୍ଡଗୋଳ, କଳହ, ଦଙ୍ଗା,
Tumultuous, *a.* କଳହକାରୀ, ଗଣ୍ଡଗୋଳିଆ ହଙ୍ଗାମୀ । [ଡେପା ।
Tun, *s.* ଓଜନରେ ପ୍ରାୟ ୨୭ ମହଣ ଧରିବା
Tune, *s.* ସ୍ୱର, ଗାନ, ସୁର ।—*v.* ସ୍ୱରମିଳନ-କ, ସ୍ୱର ବାନ୍ଧିବା, ବାଦ୍ୟଯନ୍ତ୍ର ସଜାଡ଼ିବା ।
Tuneful, *a.* ସୁସ୍ୱର, ସୁଶ୍ରାବ୍ୟ, ମଧୁର, ମିଷ୍ଟ-ଗାନ ।
Tunic, *s.* କୁର୍ତ୍ତି, ଅଙ୍ଗରଖା, ଓଢ଼ଣୀ ।
Tunnel, *s.* ଧୂଆଁ ବାହାରିବା ବାଟ; ନଳୀ; ସୁଡ଼ଙ୍ଗର ଭିତର ପଥ ।
Turban, *s.* ପାଗ, ପଗଡ଼ି, ଶିରୋବନ୍ଧନୀ ।
Turbid, *a.* ଘୋଳିଆ, ବାଲୁଆ, ପଙ୍କିଳ, ମଳିନ । [ହଙ୍ଗାମା ।
Turbulence, *s.* ଗୋଳ, କଳହ ଧୂମଧାମ,
Turbulent, *a.* କଳହକାରୀ, କନ୍ଦୁଆ, ବିଦଳିଆ
Tureen, *s.* ସରୁଆର ପାତ୍ର, ଝୋଳପାତ୍ର ।
Turf, *s.* ଘାସର ଚେକା; ଘାସପଡ଼ିଆ ।
Turgid, *a.* ଫମ୍ପା, ଫୁଲା, ସ୍ଫୀତ ।
Turk, *s.* ତୁରସ୍କଦେଶୀୟ ଲୋକ, ତୁରୁକ ।
Turkey, *s.* ତୁରସ୍କଦେଶ; ପେରୁ ପକ୍ଷୀ ।
Turmeric, *s.* ହଳଦୀ, ହରିଦ୍ରା, ପୀତରସ ।
Turmoil, *s.* ଉଦ୍ବେଗ, ଅବ୍ୟବସ୍ଥା, ଉତ୍ପାତ, କ୍ଲେଶ ।
Turn, *s.* ପାଳି, ପାଲଟ; ବଦଳ, ପରିବର୍ତ୍ତନ; ବୁଲାବାଟ; ଘୂରଣ, ବୁଲ ଫେରଣ ।—*v.* ବୁଲିବା, ଫେରିବା, ଘୂରିବା ।
Turncoat, *s.* ସ୍ୱମତ ବା ସ୍ୱଧର୍ମତ୍ୟାଗୀ, ଦ୍ୱିଦଳିଆ । [ଯେ, କୁନ୍ଦେ ।
Turner, *s.* କୁନ୍ଦକର, କୁନ୍ଦାରୁ, କୁନ୍ଦ କରେ
Turning, *s.* ବାଙ୍କ, ଫେର, ମୋଡ଼ ।

Turnip, s. ଶାଲଗମ, ଖାଦ୍ୟ ମୂଳବିଶେଷ ।
Turnkey, s. ବନ୍ଦିଶାଳା କକ୍ଷ ରକ୍ଷକ, ବନ୍ଦିପାଳ
Turnpike-road, s. ପ୍ରକଦାଣ୍ଡ, ଯେ ବାଟେ କର ଦେବାକୁ ହୁଏ ।
Turnscrew, s. ପାକସନ୍ଧୁଅଣୀ, ସେଲ୍‌କସ୍ ।
Turnstile, s. ବାଟ ଉଗାଳିବାର ଚକ୍ରକଳ ।
Turpentine, s. ସର୍ଜରସ, ଟାରପେନ୍ ତୈଳ ।
Turpitude, s. ଅଧମତା, ଦୁଷ୍ଟତା, କଦର୍ଯ୍ୟତା ।
Turret, s. ଚୂଡ଼ା, ଗୁମ୍ଭୁଜ ।
Turtle, s. କଚ୍ଛପ, କଇଁଛ, କୂର୍ମ ।
Turtle-dove, s. ଘୁଘୁପକ୍ଷୀ, କାପ୍ତା ।
Tush, Tut, int. ଛିସ୍, ଧୁସ୍, ଛି, ଧୁତ୍ ।
Tusk, s. ପଶୁର ବଡଦାନ୍ତ, କଷାଣ, ଦଂଷ୍ଟ୍ରା ।
Tutelage, s. ପ୍ରତିପାଳନ, ଶାସନ, ରକ୍ଷା ।
Tutelary, a. ରକ୍ଷକ, ପ୍ରତିପାଳକ, ପୋଷକ ।
Tutor, s. ଗୁରୁ, ଶିକ୍ଷକ, ଉପଦେଶକ, ଅଧ୍ୟାପକ, ବିଦ୍ୟାଦାତା ।—v. ଅଧ୍ୟୟନ କରାଇବା, ଶିକ୍ଷା-ଦେ ।
Tutorage, s. ଶିକ୍ଷକତ୍ୱ, ଉପଦେଶ, ଶିକ୍ଷା ।
Twain, a. ଦୁଇ, ଦ୍ୱୟ, ଯୋଡ଼ା, ଯୁଗ, ଯୁଗଳ
Twang, s. କର୍କଶଶବ୍ଦ; କଟୁ ଉଚ୍ଚାରଣ ।
Tweak, v. ଚିମୁଟିବା, ଶାମୁଡ଼ିବା ।
Tweezers, s. ଚିମୁଟା; କାକୁଅଣୀ ।
Twelfth, a. ଦ୍ୱାଦଶ ।
Twelve, a. ଦ୍ୱାଦଶ, ବାର ।
Twentieth, a. ବିଂଶ, ବିଂଶତିତମ ।
Twenty, a. ବିଂଶତି, ବିଂଶ, କୋଡ଼ିଏ ।
Twice, ad. ଦୁଇବାର, ଦୁଇଥର, ଦୁଇଗୁଣ ।
Twig, s. ପଲ୍ଲବ, ସାନଡାଳ, ପତ୍ର ।
Twilight, s. ଉଷା, ଅରୁଣୋଦୟ: ଗୋଧୂଳି, ସନ୍ଧ୍ୟାକାଳ ।
Twin, s. ଯାଆଳା, ଯମଜ, ମିଥୁନ, ଯାମଳ ।
Twinborn, a. ଯାଆଳାଜାତ, ଯମଜ ।
Twine, s. ସାନ ଦଉଡ଼ି, ସୁତୁଳି, ଶଣସୂତ ।
Twine, v. ଗୁଡ଼ାଇବା, ଜଡ଼ାଇବା, ମୋଡ଼ିବା; ଜଡ଼ିତ-ହେ ।
Twinge, v. ଚିମୁଟିବା, ଶାମୁଡ଼ିବା; ବ୍ୟଥା-ଦେ । [-ହେ ।
Twinkle, v. ପଲକ ପଡ଼ିବା, ଚକ୍ଷୁର ନିମିଷ
Twinkling, s. ଚକ୍ଷୁର ନିମେଷ, ମିଞ୍ଜିମିଞ୍ଜି ।
Twirl, s. ଚକ୍ରପରି ଗତି, ଘୂରଣ, ଫେରଣ ।—v. ବୁଲାଇବା, ଫେରାଇବା, ଘୁରାଇବା ।
Twist, s. ମୋଡ଼, ଘୁରପାକ, ସୂତାବିଶେଷ; ମୋଡ଼, ବାଙ୍କ ।—v. ମୋଡ଼-ପେଚ-ଦେ, ବଳିବା ।
Twit, v. ବ୍ୟଙ୍ଗ୍ୟ-ଅର୍ଥ-ତିରସ୍କାର-ନିନ୍ଦା-କ ।
Twitch, v. ବେଦନା-ଦେ; ଓଟାରି କାଢ଼ିବା ।
Twitter, v. ଚଟକପରି ରବ-କ, ଔତ୍ସୁକ୍ୟରେ ଥରଥର-ହେ ।
Two, a. ଦୁଇ, ଦ୍ୱି, ଦ୍ୱୟ, ଦୁଇଟି ।
Two-edged, a. ଦ୍ୱିଧାର, ଦୁଇ ପାଶରେ ଧାରୁଆ ।
Twofold, a. ଦ୍ୱିଗୁଣ, ଦୁଇଗୁଣ, ଦୋହରା ।
Tympanum, s. କାନକୁହରର ଚକଳ ବା ଢକ୍କା । [ଦୃଷ୍ଟାନ୍ତ, ଚିହ୍ନ ।
Type, s. ଛାପାର ଅକ୍ଷର; ନିଦର୍ଶନ, ଉପମା,
Typhus, s. ଦୁର୍ବଳକାରୀ ଜ୍ୱରବିଶେଷ ।
Typical, a. ନିଦର୍ଶନରୂପକ, ଦୃଷ୍ଟାନ୍ତସ୍ୱରୂପ, ଉପମାବିଶିଷ୍ଟ ।
Typify, v. ପ୍ରତିମୂର୍ତ୍ତି-ପ୍ରତିବିମ୍ବ-କ । [ଯେ ।
Typographer, s. ଛାପାକର, ଛାପା କରେ
Typographical, a. ଛାପାସମ୍ବନ୍ଧୀୟ, ଛାପାକର୍ମର । [ବିଦ୍ୟା, ଛାପାକର୍ମ ।
Typography, s. ଛାପା ବା ମୁଦ୍ରାକରଣ
Tyrannical, a. ପ୍ରଜାପୀଡ଼କ, ଉପଦ୍ରବକାରୀ, ନିଷ୍ଠୁର ।

Tyranny, *s.* ନିଷ୍ଠୁରତା, ଉପଦ୍ରବ, ଦୌରାତ୍ମ୍ୟ, ଅତ୍ୟାଚାର । [ଲୋକ ।
Tyrant, *s.* ଦୁଃଶାସକ, ଉପଦ୍ରବୀ, ନିର୍ଦ୍ଦୟ-
Tyro, *s.* ନବଶିକ୍ଷକ, ନୂତନପଢ଼ୁଆ ।

## U.

U, ଇଂରାଜୀ ବର୍ଣ୍ଣମାଳାର ଏକବିଂଶତିତମାକ୍ଷର ।
Ubiquitous, *a.* ସର୍ବବ୍ୟାପୀ, ସର୍ବତ୍ରବର୍ତ୍ତ- ମାନ । [ସ୍ଥିତି ।
Ubiquity, *s.* ସର୍ବବ୍ୟାପିତ୍ୱ, ସର୍ବସ୍ଥାନରେ
Udder, *s.* ପଶ୍ୱାଦିର ପହା ବା ସ୍ତନ ।
Ugliness, *s.* କୁରୂପତା, ଅସୁନ୍ଦରତ୍ୱ, ବଦାକାର । [ବିବର୍ଣ୍ଣ ।
Ugly, *a.* ଅପରୂପ, କୁତ୍ସିତ, କୁରୂପ, ଅସୁନ୍ଦର,
Ulcer, *s.* ନାଳିଘା, ପୂଜସ୍ରବା ।
Ulcerous, *a.* କ୍ଷତମୟ, ନାଳିଘାଯୁକ୍ତ, କ୍ଷତ- ରୋଗଗ୍ରସ୍ତ । [ଅଷ୍ଟବତର ।
Ulterior, *a.* ଦୂରସ୍ଥ, ଅନ୍ତରସ୍ଥ, ଅନନ୍ତରସ୍ଥ;
Ultimate, *a.* ଅନ୍ତ୍ୟ, ଅନ୍ତିମ, ସର୍ବଶେଷ ।
Ultimately, *ad.* ସର୍ବଶେଷେ, ଅନ୍ତେ, ଶେଷକାଳେ । [ସିଦ୍ଧାନ୍ତ ବିବେଚନା ।
Ultimatum, *s.* ଶେଷକଥନ, ଶେଷ ବା
Ultra, *ad.* ପାରସ୍ଥ, ଅତୀତ, ଅଧିକ ।
Ultramarine, *a.* ସମୁଦ୍ର ସେପାରସ୍ଥ, ବିଦେଶୀୟ ।
Ultramarine, *s.* ଅତ୍ୟୁତ୍ତମ ନୀଳବର୍ଣ୍ଣବିଶେଷ ।
Ultramontane, *a.* ପର୍ବତପାରସ୍ଥ ।
Umbilical, *a.* ନାଭିସମ୍ବନ୍ଧୀୟ ।
Umbrage, *s.* ଛାୟା, ଉଦ୍ଭାସ; ବୈରକ୍ତ୍ୟ, ବେଜାର । [ନିବିଡ଼ ।
Umbrageous, *a.* ଛାୟାବିଶିଷ୍ଟ, ଅନ୍ଧୁଆଳ,
Umbrella, *s.* ଛତା, ଛତ୍ର, ଆତପତ୍ର ।

Umpire, *s.* ମଧ୍ୟସ୍ଥ, ବିବାଦ, ନିଷ୍ପାଦକ, ସାଲିସ୍, ମୀମାଂସକ ।
Un, ଅଭାବ ବା ବିପରୀତ ଅର୍ଥସୂଚକ ଉପସର୍ଗ ।
Unabashed, *a.* ଅଲଜ୍ଜିତ, ଅଶଙ୍କ, ନିର୍ଭୟ, ଲଜ୍ଜାରହିତ । [ଅହ୍ରାସିତ ।
Unabated, *a.* ଅସଂକ୍ଷିପ୍ତ, ଅନ୍ୟୂନୀକୃତ,
Unable, *a.* ଅସମର୍ଥ, ଅକ୍ଷମ, ଅପାରଗ, ଅଯୋଗ୍ୟ ।
Unabridged, *a.* ଅସଂକ୍ଷିପ୍ତ ।
Unacceptable, *a.* ଅନଭୀଷ୍ଟ, ଅଗ୍ରାହ୍ୟ, ଅସ୍ୱୀକାର୍ଯ୍ୟ, ଅନାଦେୟ । [ଏକାକୀ ।
Unaccompanied, *a.* ଅସହିତ, ସଙ୍ଗରହିତ,
Unaccomplished, *a.* ଅସମାପ୍ତ, ଅନିଷ୍ପନ୍ନ; ଅନିପୁଣ ।
Unaccountable, *a.* ବୋଧାଗମ୍ୟ, ଅବ୍ୟା- ଖ୍ୟାତବ୍ୟ; ଅଧର୍ତ୍ତବ୍ୟ; ସ୍ୱାଧୀନ ।
Unaccustomed, *a.* ନୂତନ, ଅବ୍ୟବହାର୍ଯ୍ୟ, ଅପ୍ରଚଳିତ, ଅନଭ୍ୟସ୍ତ, ଅଶିକ୍ଷିତ ।
Unacquainted, *a.* ଅଜ୍ଞାତ, ଅପରିଚିତ, ଅଚିହ୍ନା ।
Unadorned, *a.* ଅଭୂଷିତ, ସାଦା, ଅସଜ୍ଜିତ, ଅନଳଙ୍କୃତ । [ନିଷ୍କୃଷ୍ଟ ।
Unadulterated, *a.* ଅମିଶ୍ରିତ, ଶୁଦ୍ଧ,
Unadvisable, *a.* ଅପରାମୃଶ୍ୟ, ଅବିବେଚ୍ୟ ।
Unadvised, *a.* ଅବିବେଚିତ, ଅପ୍ରାଜ୍ଞ, ଅନ- ଚିତ, ଅଦୂରଦର୍ଶୀ ।
Unaffected, *a.* ଅକପଟ, ସରଳ, ପ୍ରକୃତ ।
Unaided, *a.* ନିଃସହାୟ, ଅନୁପକୃତ, ଏକାକୀ ।
Unalienable, *a.* ଅନାଦେୟ, ସ୍ଥାବର; ଅନଂଶ୍ୟ ।
Unalloyed, *a.* ଅମିଶା, ନିର୍ଖାଣ୍ଟି, ଅମିଶ୍ରିତ ।
Unalterable, *a.* ଅଟଳ, ସ୍ଥିର, ଅନନ୍ୟଥା, ଅକରଣୀୟ, ଅପରିବର୍ତ୍ତନୀୟ ।

Unamiable, *a.* ଅପ୍ରିୟ, ଅପ୍ରୀତିକର, ଅମନୋହର ।
Unanimity, *s.* ମନର ଐକ୍ୟ, ଏକଚିତ୍ତତା ।
Unanimous, *a.* ଏକମନାଃ, ଏକଚିତ୍ତ, ଏକସମ୍ମତି । [ଅଖଣ୍ଡନୀୟ, ସର୍ବୈକ ।
Unanswerable, *a.* ଅପ୍ରତିବାଦନୀୟ,
Unappalled, *a.* ଅଶଙ୍କିତ, ଅଭୀତ, ଭୟରହିତ । [ଅବାରଣୀୟ ।
Unappeasable, *a.* ଅଶାମ୍ୟ, ଉଗ୍ର, ଶାନ୍ତ
Unapproachable, *a.* ଅଗମ୍ୟ, ଅପ୍ରବେଶନୀୟ; ଅନାଳାପୀ । [ଅସମ୍ମତ ।
Unapproved, *a.* ଅନନୁମତ, ଅଗ୍ରାହ୍ୟ,
Unarmed, *a.* ଅସ୍ତ୍ରରହିତ, ନିରସ୍ତ୍ର, ଅସଜ୍ଜିତ ।
Unasked, *a.* ଅଯାଚିତ, ଅନାହୂତ, ଅନିମନ୍ତ୍ରିତ । [ଉଚ୍ଚାରଣ ବର୍ଜିତ ।
Unaspirated, *a.* ଅଳ୍ପପ୍ରାଣୋଚ୍ଚାରିତ, ଘାର୍ଦ୍ଦ
Unaspiring, *a.* ଅନଭିଳାଷୀ, ଅପଦାକାଂକ୍ଷୀ । [ଯୋଗ୍ୟ ।
Unassailable, *a.* ଅନାକ୍ରମଣୀୟ, ଅନଭି-
Unassigned, *a.* ଅନନୁର୍ପିତ, ଅନିର୍ଣ୍ଣିତ, ଅନାର୍ପିତ । [ଏକାକୀ ।
Unassisted, *a.* ଅନୁପକୃତ, ନିଃସହାୟ,
Unassorted, *a.* ଅପୃଥକ, ଅବଛା, ମିଶ୍ରିତ ।
Unassuming, *a.* ନିରହଙ୍କାର, ଅଗର୍ବ, ଅଦାମ୍ଭିକ ।
Unattainable, *a.* ଅପ୍ରାପ୍ୟ, ଅଲଭ୍ୟ, ଅଗମ୍ୟ । [ଅପରୀକ୍ଷିତ ।
Unattempted, *a.* ଅନୁପକ୍ରାନ୍ତ, ଅଚେଷ୍ଟିତ,
Unattended, *a.* ସଙ୍ଗହୀନ, ନିଃସଙ୍ଗ, ଏକାକୀ
Unauthenticated, *a.* ଅପ୍ରମାଣୀକୃତ ।
Unauthorised, *a.* ବିନାଆଜ୍ଞା, ଅନାଦିଷ୍ଟ, ବିଧିହୀନ । [ଅକର୍ମଣ୍ୟ ।
Unavailing, *a.* ବୃଥା ଅନ୍ୟଥା, ନିଷ୍ଫଳ,
Unavoidable, *a.* ଅନିବାର୍ଯ୍ୟ, ଅଲଂଘ୍ୟ, ବର୍ତ୍ତବ୍ୟ । [ହଠାତ୍ ।
Unawares, *ad.* ଅଜ୍ଞାତସାରେ, ଅକସ୍ମାତ୍,
Unawed, *a.* ଭୟରହିତ, ଅତ୍ରସ୍ତ, ଅନାଦର
Unbar, *v.* ଅର୍ଗଳ-ମୁକ୍ତ-କ, କୁଡ଼ୁବା ଖୋଲିବା ।
Unbearable, *a.* ଅସହ୍ୟ, ଅସହନୀୟ ।
Unbeaten, *a.* ଅପ୍ରହାରିତ ; ଅଦଳା, ଅମର୍ଦ୍ଦିତ । [ଅନୁପଯୁକ୍ତ ।
Unbecoming, *a.* ଅଶୋଭିତ, ଅନୁଚିତ,
Unbelief, *s.* ଅପ୍ରତ୍ୟୟ ଅବିଶ୍ୱାସ, ଅପରିଶ୍ରଦ୍ଧା
Unbeliever, *s.* ଅବିଶ୍ୱାସୀ, ନାସ୍ତିକ, ଅପ୍ରତ୍ୟୟୀ
Unbending, *a.* ଅନମ୍ୟ, ଅଦମ୍ୟ, ଶକ୍ତ, ଦୃଢ଼
Unbiased, *a.* ଅପକ୍ଷପାତୀ, ଅନତ, ଯଥାର୍ଥୀ
Unbidden, *a.* ଅନିମନ୍ତ୍ରିତ, ଅନାହୂତ, ଅନାଦିଷ୍ଟ । [ପିଟାଇବା ।
Unbind, *v.* ବନ୍ଧନ ମୁକ୍ତ-କ, ଖୋଲିବା,
Unblameable, *a.* ନିର୍ଦ୍ଦୋଷ, ଅଦୂଷ୍ୟ, ଅନିନ୍ଦ୍ୟ
Unblemished, *a.* ନିଷ୍କଳଙ୍କ, ନିର୍ଦ୍ଦୋଷ, ଶୁଦ୍ଧ, ଅପାପୀ ।
Unblown, *a.* ଅପ୍ରଫୁଲ୍ଲ, ଅବିକସିତ, ମୁକୁଳିତ,
Unblushing, *a.* ନିର୍ଲଜ୍ଜ, ଲଜ୍ଜାରହିତ ।
Unbelt, *v.* କୁଡୁବା ଖୋଲିବା, ଅର୍ଗଳ-ମୁକୁଳା-କ ।
Unborn, *a.* ଅଜାତ, ଅନୁତ୍ପନ୍ନ, ଅବର୍ତ୍ତମାନ
Unbosom, *v.* ମନ ଖୋଲି କହିବା, ମାନସ ପ୍ରକାଶ-କ । [ଅନନ୍ତ ।
Unbought, *a.* ବିନାମୂଲ୍ୟରେ ପ୍ରାପ୍ତ, ଅକ୍ରୀତ,
Unbounded, *a.* ଅସୀମ, ଅପରିମିତ, ଅଶେଷ, ଅପାର ।
Unbridled, *a.* ଅବାଧ୍ୟ, ଅଦମ୍ୟ, ଅନାୟତ୍ତ
Unbroken, *a.* ଅଭଗ୍ନ, ଅଖଣ୍ଡିତ, ଅଟୁଟ, ସମ୍ପୂର୍ଣ୍ଣ ।

Unbuckle, *v.* ଅଙ୍କୁଶୀ ଫିଟାଇବା, ଅଲଗା -କର ।

Unburden, *v.* ଭାର ଉଠାଇବା, ବୋଝ କାଢ଼ିବା । [ବନ୍ଧା ।

Unburnt, *a.* ଅପୋଡ଼ା, ଅଦଗ୍ଧ, ଅଜ୍ୱଳିତ,

Unceasing, *n.* ଅନବରତ, ଅବିରତ, ନିରନ୍ତର, ସର୍ବଦା ।

Uncertain, *a.* ଅନିଶ୍ଚିତ, ଅସ୍ଥିର, ଯାହାର ଠିକଣା ନାହିଁ । [ସନ୍ଦେହ, ସଂଶୟ ।

Uncertainty, *s.* ଅସ୍ଥିରତା, ଅନିଶ୍ଚୟ,

Unchangeable, *a.* ଅପରିବର୍ତ୍ତନୀୟ, ଅଟଳ

Uncharitable, *a.* ଅଦାତା, ନିର୍ଦ୍ଦୟ, କଠିନ-ହୃଦେରକ । [କାମାର୍ତ୍ତ, ଅସାଧ୍ୱୀ ।

Unchaste, *a.* ଅଶୁଚି, ଅପବିତ୍ର, ଲମ୍ପଟ,

Unchecked, *a.* ଅନିବାରିତ, ଅବାଧିତ ।

Unchristian, *a.* ଖ୍ରୀଷ୍ଟର ଧର୍ମ ବିରୁଦ୍ଧ ।

Uncircumcised, *a.* ଅସୁନ୍ନତ, ଅତ୍ୱକ୍‌ଛେଦ,

Uncivil, a. ଅଶିଷ୍ଟ, ଅନାଦରକାରୀ ।

Uncivilised, *a.* ଅସଭ୍ୟ, ଅଶିଷ୍ଟ ।

Uncle, *s.* ମାତୁଳ, ମାମୁ, ମୌଳା; ପିଉସା, ମଉସା; ପିତୃବ୍ୟ, ଖୁଡ଼ୁତା, ଦାଦ ।

Unclean, *a.* ଅଶୁଚି, ଅପବିତ୍ର, ମଳିନ, ଲମ୍ପଟ

Unclothe, *v.* ବସ୍ତ୍ର-ଉଲଗ୍ନ-ଲଙ୍ଗଳା-କର, ଲୁଗା କାଢ଼ିବା । [ଫର୍ଦ୍ଦା ।

Unclouded, *a.* ମେଘରହିତ, ଅମେଘାଚ୍ଛନ୍ନ,

Uncomely, *ad.* କୁରୂପ, ଅସୁନ୍ଦର, କଦାକାର, କୁତ୍ସିତ ।

Uncomfortable, *a.* ଅସୁଖୀ, ଅସୁଖଦାୟକ, ଅସ୍ୱସ୍ଥ, ନିରାନନ୍ଦ । [ତୁଷ୍ଟାପ୍ନ ।

Uncommon, *a.* ଅପୂର୍ବ, ଅସାଧାରଣ,

Uncompromising, *a.* ଅମେଳନକାରୀ ।

Unconcern, *s.* ଅମନୋଯୋଗ, ନିଶ୍ଚିନ୍ତତା, ହେଳା ।

Unconditional, *a.* ପଣ ଅତିରିକ୍ତ, ନିୟମାତିରିକ୍ତ । [ଅସମ୍ବନ୍ଧ, ଅସଂଲଗ୍ନ ।

Unconnected, *a.* ଅଲଗା; ଅସମ୍ପର୍କୀୟ,

Unconquerable, *a.* ଅଜେୟ, ଅପରାଜେୟ, ଅଜେତବ୍ୟ ।

Unconscionable, *a.* ଅସଙ୍ଗତ, ଅସମ୍ଭବ, ଅନୁଚିତ, ଅଯଥାର୍ଥ । [ତନ ।

Unconscious, *a.* ଅଜ୍ଞାନ, ଅଜଣା; ଅଚେ-

Unconstrained, *a.* ଅନବରୋଧିତ, ଅବାଧିତ । [ଶାସ୍ୟ ।

Uncontrollable, *a.* ଅବାଧ୍ୟ, ଅଦମ୍ୟ, ଅ-

Unconverted, *a.* ଅପରିବର୍ତ୍ତିତ, ଅବିଶ୍ୱାସୀ

Uncourteous, *a.* ଅଶିଷ୍ଟ, ଅସଭ୍ୟ, ଗଁଆର; କୁଧାସ । [ବିଜ୍ଞ ।

Uncouth, *a.* ଅପରୂପ, ଅସୁନ୍ଦର, ଅନାଡ଼,

Uncover, *v.* ଖୋଲିବା, ଅନାବୃତ-ଅଚ୍ଛନ୍ନା-କର । [ଅନିର୍ମିତ ।

Uncreated, *a.* ଅସୃଷ୍ଟ, ଅନୁତ୍ପନ୍ନ, ଅଜାତ,

Unction, *s.* ତୈଳାକ୍ତକରଣ, ଅଭିଷେକକରଣ; ଅବଶତୈଳ ।

Unctuous, *a.* ତୈଳାକ୍ତ, ଚିକ୍କଣ, ସ୍ନିଗ୍ଧ ।

Uncultivated, *a.* ଅକୃଷ୍ଟ, ପଡ଼ିଆ; ଅଶିକ୍ଷିତ, ମୂର୍ଖ ।

Uncut, *a.* ଅଛିନ୍ନ, ଅକଟା ।

Undaunted, *a.* ନିର୍ଭୟ, ନିଃଶଙ୍କ, ଅଭୀତ, ସାହସୀ । [ଅକ୍ଷୟ, ଅଜୀର୍ଣ୍ଣ ।

Undecayed, *a.* କ୍ଷୟହୀନ, ହ୍ରାସ, ଅପ୍ରାପ୍ତ,

Undeceive, *v.* ଭ୍ରମ ଭାଙ୍ଗିବା, ସତ୍ୟ ଜଣାଇବା । [ଶ୍ଚିତ ।

Undecided, *a.* ସଂଶୟଯୁକ୍ତ, ଅସ୍ଥିର, ଅନି-

Undefiled, *a.* ନିର୍ମଳ, ଅଭ୍ରଷ୍ଟ, ଅଦାଗୀ ।

Undefinable, *a.* ଅନିରୂପ୍ୟ, ଅନିରୂପଣୀୟ, ଅନିର୍ବଚନୀୟ ।

Undeniable, *a.* ଅଖଣ୍ଡନୀୟ, ଅକାଟ୍ୟ, ନିଶ୍ଚିତ
Under, *prep.* ନୀଚେ, ତଳେ, ଅଧଃ, ଅଧୀନେ
Underbid, *v.* ଉପଯୁକ୍ତ ମୂଲ୍ୟରୁ ଅଳ୍ପମୂଲ୍ୟ
ଯାଚିବା । [ଧାର ।
Undercurrent, *s.* ନୀଚସ୍ଥ ସ୍ରୋତ, ଜଳ-
Underdo, *v.* ଆବଶ୍ୟକ ବା କର୍ତ୍ତବ୍ୟରୁ ଊଣା-
କର୍ମ-କ । [ସହିବା ।
Undergo, *v.* ଭୋଗ- ସହ୍ୟ- ବର୍ଦ୍ଦାସ୍ତ-କ,
Undergraduate, *s.* ମହାବିଦ୍ୟାଳୟର
ଅପଦପ୍ରାପ୍ତ ଛାତ୍ର । [ଭୂମିତଳ, ପାତାଳ ।
Underground, *a.* or *ad.* ନୀଚସ୍ଥ ଭୂମି,
Undergrowth, *s.* ବଡ଼ବୃକ୍ଷର ତଳେ ଯେ
କ୍ଷୁଦ୍ର ବୃକ୍ଷ, ଉପବନ ।
Underhand, *a.* ଗୁପ୍ତ, ଅପ୍ରକାଶ, ଛଳପୂର୍ବ ।
Underline, *v.* ନୀଚରେଖା ଟାଣିବା ।
Underling, *s.* ଅପ୍ରଧାନବ୍ୟକ୍ତି, ଅଶ୍ରେଷ୍ଠ
କର୍ମକର୍ତ୍ତା ।
Undermine, *v.* ନୀଚେ ସୁରଙ୍ଗପଥ-କ ;
ଗୁପ୍ତରେ ପରର ଅନିଷ୍ଟ-କ ।
Undermost, *a.* ସକଳର ତଳେ ଥିବା,
ସର୍ବାଧଃ, ସର୍ବନୀଚ । [ଦେଶେ ।
Underneath, *ad.* ନୀଚେ, ତଳେ, ଅଧୋ-
Underrate, *v.* ଅଳ୍ପମୂଲ୍ୟସ୍ଥିର-ନ୍ୟୂନଜ୍ଞାନ-କ
Undersell, *v.* ପରଠାରୁ ଅଳ୍ପମୂଲ୍ୟରେ
ବିକିବା । [ଜ୍ଞାତ-ହ, ଜାଣିବା ।
Understand, *v.* ବୁଝିବା, ବୋଧ-କରେ-
Understanding, *s.* ବୁଦ୍ଧି, ଜ୍ଞାନ, ମନ,
ଅର୍ଥବୋଧଧୀ; ନିୟମ, ବନ୍ଦୋବସ୍ତ ।
Understrapper, *s.* କ୍ଷୁଦ୍ରଭୃତ୍ୟ, ଛୋଟଚାକର
Undertake, *v.* ପ୍ରବୃତ୍ତ-ହେ, ସ୍ୱୀକାର-କ,
ଭାର ନେବା ।
Undertaker, *s.* ଯେ ମୃତ ଲୋକର କବର
କର୍ମ କରନ୍ତି ।

Undertaking, *s.* କାର୍ଯ୍ୟ, କର୍ମ, ବ୍ୟାପାର,
ବିଷୟ ।
Undervalue, *v.* ଅଳ୍ପ ମୂଲ୍ୟ ଜ୍ଞାନ-କ ; ଅନା-
ଦର-ସାମାନ୍ୟ ବୋଧ-କ ।
Underwood, *s.* ବୁଦା, ବଣ, ବନ ଜଙ୍ଗଲ ।
Underwriter, *s.* ସ୍ୱାକ୍ଷରକର୍ତ୍ତା, ବୀମାକର୍ତ୍ତା ।
Undeserving, *a.* ଅଯୋଗ୍ୟ, ଅସ୍ୱଜନ,
ଅପାତ୍ର ।
Undesigned, *a.* ଅନଭିପ୍ରେତ, ଅମନସ୍କକୃତ
Undetermined, *a.* ଅନିର୍ଣ୍ଣୀତ, ଅନିଶ୍ଚିତ,
ଅନିର୍ଦ୍ଧାରିତ । [ଗାମୀ ।
Undeviating, *a.* ଅନନ୍ୟଥାଚାରୀ, ଅବିପଥ-
Undigested, *a.* ଅଜୀର୍ଣ୍ଣ, ଅପାକ; ଅବ୍ୟବ-
ସ୍ଥିତ । [ସମସ୍ତ, ସମୁଦାୟ ।
Undiminished, *a.* ଅନ୍ୟୂନୀକୃତ, ଅଖଣ୍ଡ;
Undisciplined, *a.* ଅଶିକ୍ଷିତ, ଅଶାସିତ,
ଅମଣା । [ପଢ଼ଣା ।
Undiscovered, *a.* ଅପ୍ରକାଶିତ, ଅଦୃଷ୍ଟ,
Undisguised, *a.* ଅକପଟ, ସରଳ, ସୁବ୍ୟକ୍ତ
Undismayed, *a.* ନିର୍ଭୟ, ସାହସୀ, ଅଗ୍ରତ
Undisputed, *a.* ଅବିରୋଧ, ନିଃସନ୍ଦେହ ।
Undisturbed, *a.* ନିର୍ବିଘ୍ନ, ସୁସ୍ଥିର, ଅଚଳିତ,
ଅବ୍ୟାକୁଳ । [ଅଖଣ୍ଡ ।
Undivided, *a.* ଅବିଭକ୍ତ, ଅଭଗ୍ନ, ଅଖଣ୍ଡିତ,
Undo, *v.* ନାଶ- ଉଚ୍ଛିନ୍ନ-କ, ଭାଙ୍ଗିବା,
ଖୋଲିବା । [ଉଚ୍ଛନ୍ନ ।
Undone, *pp.* ଅକୃତ, ଅସମାପ୍ତ, ବିନଷ୍ଟ,
Undoubtedly, *ad.* ନିଃସନ୍ଦେହରୂପେ,
ଅବାଧେ, ଅବଶ୍ୟ ।
Undress, *s.* ଅଲଗା ପରିଚ୍ଛଦ, ଖୋଲା
ପୋଷାକ ।—*v.* ଲୁଗା କାଢ଼ିବା, ବସ୍ତ୍ର ତ୍ୟାଗ-
କ; ବିବସ୍ତ୍ର-କ । [ଶୋଧ୍ୟ ।
Undue, *a.* ଅନ୍ୟାଯ୍ୟ, ଅନୁଚିତ; ଅପରି-

Undulate, *v.* ଢେଉପରି ଉଠିବା, ଉଚ୍ଚ-ନୀଚ-ହେ ।

Undulation, *s.* ଢେଉପରି ଗତି, ଆନ୍ଦୋଳନ

Unduly, *ad.* ଅନୁପଯୁକ୍ତରୂପେ, ଅନୁଚିତ-ମତେ ।

Undutiful, *a.* ଅନାଜ୍ଞାବହ, ଅଭକ୍ତ, ଅବାଧ୍ୟ

Uneasiness, *s.* ଉଦ୍‌ବେଗ, ଯନ୍ତ୍ରଣା, ବ୍ୟାକୁଳତା, ଅସୁଖ । [ଖେଦ ।

Uneasy, *a.* ବ୍ୟାକୁଳ, ବ୍ୟସ୍ତ, ଦୁଃଖିତ,

Uneducated, *a.* ଅଶିକ୍ଷିତ, ମୂର୍ଖ, ଅଜ୍ଞାନ ।

Unemployed, *a.* ନିଷ୍କର୍ମା, ଅପଦସ୍ଥ, ବେକାର

Unequal, *a.* ଅସମାନ, ଅତୁଲ୍ୟ, ଉଚ୍ଚନୀଚ; ଅଯୋଗ୍ୟ ।

Unequivocal, *a.* ଅସନ୍ଦିଗ୍ଧ, ସୁସ୍ପଷ୍ଟ, ନିଶ୍ଚିତ

Unerring, *a.* ଅଭ୍ରାନ୍ତ, ଭ୍ରମରହିତ, ନିର୍ଭୁଲ, ସ୍ଥିର । [ଅଚୌରସ ।

Uneven, *a.* ଅସମାନ, ଉଚ୍ଚନୀଚ, ଖାଲବଢ଼,

Unexampled, *a.* ଅପୂର୍ବ, ଅତୁଲ୍ୟ, ଅନୁପମ

Unexceptionable, *a.* ସର୍ବଗ୍ରାହ୍ୟ, ନିର୍ଦ୍ଦୋଷ, ଓଜରବର୍ଜିତ ।

Unexpected, *a.* ଅନପେକ୍ଷିତ, ଅଚିନ୍ତିତ, ହଠାତ୍ ଉପସ୍ଥିତ ।

Unexplored, *a.* ଅନନ୍ୱେଷିତ, ଅପରୀକ୍ଷିତ ।

Unexpressed, *a.* ଅକଥିତ, ଅପ୍ରକାଶିତ ।

Unfading, *a.* ଅମ୍ଳାନ, ଅକ୍ଷୟ, ସର୍ବଦା ସରସ, ଅଶୁଷ୍କ । [ଅପ୍ରକୃତ ।

Unfair, *a.* ଅଯଥାର୍ଥ, ଅନ୍ୟାୟ, ଅନୁଚିତ.

Unfaithful, *a.* ଅବିଶ୍ୱସ୍ତ, ବିଶ୍ୱାସଘାତକ. ଅସତ୍, କୃତଘ୍ନ । [ଅବ୍ୟବହାରିତ ।

Unfashionable, *a.* ଅଚଳିତ, ଅପ୍ରଚଳିତ,

Unfasten, *v.* ଫିଟାଇବା, ଖୋଲିବା, ମୁକ୍ତ-ଢିଲ-କ । [ଅତି ଗଭୀର ।

Unfathomable, *a.* ଅତଳସ୍ପର୍ଶ, ଅଗାଧ,

Unfavourable, *a.* ଅଶୁଭ, ଅମଙ୍ଗଳ, ଅଭଦ୍ର, ଅପ୍ରସନ୍ନ । [ଅଚେତନ ।

Unfeeling, *a.* ନିର୍ଦ୍ଦୟ, ଅପ୍ରେମୀ, ନିଷ୍ଠୁର;

Unfeigned, *a.* ଅକୃତ୍ରିମ, ପ୍ରକୃତ, ସତ୍ୟ, ଅକଳ୍ପିତ, ଅସଲ । [ମୁକୁଳା ।

Unfettered, *a.* ଅବଦ୍ଧ, ମୁକ୍ତ, ସ୍ୱାଧୀନ,

Unfilial, *a.* ପୁତ୍ରର ସ୍ନେହ ଭକ୍ତି ରହିତ ।

Unfinished, *a.* ଅସମାପ୍ତ, ଅସମ୍ପୂର୍ଣ୍ଣ, ଅସାଙ୍ଗ

Unfit, *a.* ଅନୁପଯୁକ୍ତ, ଅଯୋଗ୍ୟ, ଅକ୍ଷମ । —*v.* ଅନୁପଯୁକ୍ତ-ଅପାରଗ-କ ।

Unfledged, *a.* ପକ୍ଷହୀନ, ଲଙ୍ଗଳା, ଅନାବୃତ

Unfold, *v.* ଜଣାଇବା, ପ୍ରସାରିବା, ଖୋଲିବା, ମେଲିବା । [ଅନପେକ୍ଷିତ ।

Unforeseen, *a.* ପୂର୍ବେ ଅଦୃଷ୍ଟ ବା ଅଦେଖା,

Unforgiving, *a.* ଅକ୍ଷମାବାନ୍, ନିର୍ଦ୍ଦୟ ।

Unformed, *a.* ଅନିର୍ମିତ, ଅଗଠିତ ।

Unfortunate, *a.* ଅଭାଗା, ଦୁର୍ଭାଗା, ଲକ୍ଷ୍ମୀଛଡ଼ା ।

Unfounded, *a.* ଅମୂଳ-କ, ମିଥ୍ୟା, ଅଯଥାର୍ଥ

Unfrequented, *a.* ନିର୍ଜନ, ଗତାୟାତ-ରହିତ, ଶୂନ୍ୟ ।

Unfriendly, *a.* ବିପକ୍ଷ, ବିରୋଧୀ, ଅପ୍ରେମୀ ।

Unfruitful, *a.* ଅଫଳନ୍ତ, ବନ୍ଧ୍ୟା, ଅନୁର୍ବର, ମରୁ । [ଦିବା ।

Unfurl, *v.* ଖୋଲିବା, ପ୍ରସାରିତ-କ, ଫିଟା-

Ungainly, *a.* ବେଢଙ୍ଗ, ଅନାଡ଼, କୁତ୍ସିତ, ବଦାକାର ।

Ungenerous, *a.* ଅଦାତା, କୃପଣ, ବାଖ୍ରେ ।

Ungenial, *a.* ଅସ୍ୱାସ୍ଥ୍ୟକର, ଅପ୍ରାକୃତ, ଅନ-ନୁକୂଳ ।

Ungenteel, *a.* ଅଶିଷ୍ଟ, ଅସଭ୍ୟ, ଅନୁପଯୁକ୍ତ

Ungentle, *a.* ଅମୃଦୁ, ଅକୋମଳ, କର୍କଶ, କଠିନ ।

Ungentlemanly, *a.* ଅଶିଷ୍ଟାଚାରୀ, ଅଭଦ୍ର, ନୀଚ, ଅଧମ ।
Ungird, *v.* କଟିବନ୍ଧନୀ ବା କମର ଖୋଲିବା, ସାଜ ଫିଟାଇବା; ମୁକ୍ତ-କ ।
Ungodly, *a.* ଅଧାର୍ମିକ, ପାପିଷ୍ଠ, ଦୁଷ୍ଟ ।
Ungovernable, *a.* ଅଦମ୍ୟ, ଅବାଧ୍ୟ, ଅଶାସ୍ୟ, ଅବଶ । [କଦାକାର, କୁଶ୍ରୀ ।
Ungraceful, *a.* ଅମନୋହର, ଅସୁନ୍ଦର.
Ungracious, *a.* କଦର୍ଯ୍ୟ, ଘୃଣାର୍ହ, ଅସୁଶୀଳ ଅପ୍ରିୟ, ଅପ୍ରସନ୍ନ । [ବିପରୀତ ।
Ungrammatical, *a.* ବ୍ୟାକରଣ ବିଦ୍ୟାର
Ungrateful, *a.* କୃତଘ୍ନ, ଅଗ୍ରାହ୍ୟ, ଉପ-କାର ଅମାନିକ । [ପ୍ରମାଣରହିତ, ମିଥ୍ୟା ।
Ungrounded, *a.* ଅମୂଳକ, ନିର୍ହେତୁ.
Unguarded, *a.* ଅରକ୍ଷିତ; ଅସାବଧାନ, ଅଜାଣତ; ଅବିବେଚିତ ।
Unguent, *s.* ଲେପ, ପ୍ରଲେପ, ମଲମ ।
Unhandsome, *a.* ଅସୁନ୍ଦର, ଅନୁତ୍କୃଷ୍ଟ, ଅକର୍ତ୍ତବ୍ୟ । [ବେଢଙ୍ଗା ।
Unhandy, *a.* ଅକର୍ମଠ, ଅପଟୁ, ଅନିପୁଣ,
Unhappily, *ad.* ଦୁର୍ଦ୍ଦଶାବଶତଃ, ଅଭାଗ୍ୟ-ରୂପେ । [ଖେଦାନ୍ୱିତ ।
Unhappy, *a.* ଅସୁଖୀ, ନିରାନନ୍ଦ, ଦୁଃଖୀ,
Unhealthy, *a.* ଅସୁସ୍ଥ, ଅସ୍ୱାସ୍ଥ୍ୟଜନକ, ରୋଗୀ, ରୋଗପ୍ରସମୀ । [ଅପୂର୍ବ ।
Unheard, *a.* ଅଶ୍ରୁତ, ଅଶୁଣା, ଅଜଣା,
Unheeded, *a.* ଅମାନିତ, ଅବହେଳାକୃତ, ଉପେକ୍ଷିତ । [-କ ।
Unhinge, *v.* କବଜା କାଢିବା; ବ୍ୟସ୍ତ-ଅସ୍ଥିର
Unholy, *a.* ଅପବିତ୍ର, ଅଧାର୍ମିକ, ଅଶୁଚି ।
Unhorse, *v.* ଘୋଡାରୁ ପକାଇବା, ଓହ୍ଲା-ଇବା ।
Unhurt, *a.* ଅକ୍ଷତ, ଅପୀଡିତ, ଅବ୍ୟଥିତ ।

Unicorn, *s.* ଏକଶୃଙ୍ଗଯୁକ୍ତ କଳ୍ପିତ ପଶୁ; ଗଣ୍ଡାର; ଖଡ୍ଗୀ ।
Uniform, *s.* ସୈନ୍ୟର ବେଶଭୂଷା, ସେନାର ସାଜ । [ତୁଲ୍ୟ, ଏକପ୍ରକାର ।
Uniform, *a.* ଏକରୂପ, ଏକସମାନ, ସମ-
Uniformity, *s.* ଏକାକାରତ୍ୱ, ଏକରୂପତା, ଐକ୍ୟ, ସମାନତା ।
Unimpaired, *a.* ଅକ୍ଷୟିତ, ଭଲ, ଅବିଗତ ।
Unimpeachable, *a.* ଅଦୂଷ୍ୟ, ଅପରିବାଦ୍ୟ, ନିର୍ଦ୍ଦୋଷ । [ସାମାନ୍ୟ, ଅନାବଶ୍ୟକ ।
Unimportant, *a.* ଅଗୁରୁତର, ଲଘୁ,
Unimproved, *a.* ବୃଦ୍ଧିପ୍ରାପ୍ତିହୀନ, ଅଶୋଧିତ, ଅଶୁଦ୍ଧୀକୃତ । [ଅପଣ୍ଡିତ ।
Uninformed, *a.* ଅଶିକ୍ଷିତ, ଅଜ୍ଞାନ, ମୂର୍ଖ,
Uninhabitable, *a.* ବସତିର ଅଯୋଗ୍ୟ, ଅବାସ୍ତେୟ, ମନସ୍ଥାନ । [ହୀନ, ଉଜାଡ ।
Uninhabited, *a.* ଜନଶୂନ୍ୟ, ନିର୍ଜ୍ଜନ, ବସତି-
Uninitiated, *a.* ଅଦ ଶିକ୍ଷା ରହିତ ।
Uninjured, *a.* କ୍ଷତହୀନ, ଅକ୍ଷତ, ଅପୀଡିତ, ସୁସ୍ଥ । [ଦୀକ୍ଷିତ ।
Uninspired, *a.* ଦୈବଜ୍ଞାନାପ୍ରାପ୍ତ, ଈଶ୍ୱର-
Uninstructed, *a.* ଅଶିକ୍ଷିତ, ମୂର୍ଖ, ଅନୁପ-ଦିଷ୍ଟ, ଅଜ୍ଞାନ । [କଠିନ ।
Unintelligible, *a.* ବୁଦ୍ଧିର ଅଗମ୍ୟ, ଅସ୍ପଷ୍ଟ,
Unintentional, *a.* ଅନିଚ୍ଛିତ, ଅନଭିପ୍ରେତ, ଅଜ୍ଞାତସ୍ୱରୂପ; ଇଚ୍ଛାରହିତ ।
Uninterested, *a.* ଅମନୋଯୋଗୀ, ଅସମ୍ପର୍କୀୟ, ଅସ୍ୱାର୍ଥୀ, ଅନଭିଳାଷୀ ।
Uninteresting, *a.* ଅମନୋରଞ୍ଜକ, ଅତୁଷ୍ଟି-କର, ନିଃସ୍ୱାଦ ।
Uninterrupted, *a.* ଅବିଶ୍ରାମ, ଅବାଧିତ, କ୍ରମିକ, ନିରନ୍ତର । [ହୂତ ।
Uninvited, *a.* ଅନିମନ୍ତ୍ରିତ, ଅଯାଚିତ, ଅନା-

Uninviting, *a.* ଅରମ୍ୟ, ଅସୁନ୍ଦର, ଅମନୋହର । [ସ୍ନିଗ୍ଧତା, ସମାଜ ।
Union, *s.* ଐକ୍ୟ, ସଂଯୋଗ, ମିଳନ, ସମ୍ବନ୍ଧ;
Unique, *a.* ଅଦ୍ୱିତୀୟ, ଅଦ୍ୱୈତ, ଅତୁଲ୍ୟ ।
Unison, *s.* ସମାନସ୍ୱର, ଏକଧ୍ୱନି, ଏକସ୍ୱର ।
Unit, *s.* ଏକ, ଏକମାତ୍ର, ଏକାଙ୍କ, ଏକକ ।
Unite, *v.* ଐକ୍ୟ- ଯୋଗ- ସଂଯୁକ୍ତ-କ, ଯୋଗ-ଦେ, ଏକ-ହେ ।
Unitedly, *ad.* ଏକଯୋଗେ, ମିଳନରେ ।
Unity, *s.* ଏକତା, ଐକ୍ୟ, ଅଦ୍ୱୈତତା, ଏକଚିତ୍ତତା, ମେଳ ।
Universal, *a.* ସର୍ବମୟ, ସାର୍ବତ୍ରିକ, ସର୍ବତ୍ର-ଚର, ସାଧାରଣ, ସକଳ ।
Universality, *s.* ସର୍ବସାଧାରଣତ୍ୱ, ସର୍ବବ୍ୟାପିତ୍ୱ, ସର୍ବମୟତା, ବହୁଭବ ।
Universe, *s.* ବିଶ୍ୱ, ଜଗତ, ସଂସାର, ବ୍ରହ୍ମାଣ୍ଡ, ତ୍ରିଭୁବନ । [ଶିକ୍ଷା ଚୌପାଢ଼ୀ ।
University, *s.* ମହାବିଦ୍ୟାଳୟ, ସର୍ବବିଦ୍ୟା
Unjust, *a.* ଅନ୍ୟାୟୀ, ଅଯଥାର୍ଥ, ଅଧର୍ମିକ, ଅବିଚାରକ । [ଣୀୟ, ଶାସ୍ତ୍ରବିରୁଦ୍ଧ ।
Unjustifiable, *a.* ଦୂଷ୍ୟ, ଅସଙ୍ଗତ, ଅବିଚାର-
Unkind, *a.* ନିର୍ଦ୍ଦୟ, ଅନୁପକାରୀ, ଅପ୍ରେମୀ, ଅସ୍ନେହୀ । [ନିର୍ଦ୍ଦୟ ।
Unkindness, *s.* ଅନୁପକାର, ଅକୃପା,
Unknowingly, *ad.* ଅଜ୍ଞାତସାରେ, ଅଜାଣାରେ । [ଅଚିହ୍ନା ।
Unknown, *a.* ଅପରିଚିତ, ଅଜଣା, ଅଜ୍ଞାତ,
Unlade, *v.* ବୋଝ ଉଠାଇବା, ଭାର କାଟିବା ।
Unlamented, *a.* ଅବିଳାପିତ, ଅସେବିତ ଅକ୍ରନ୍ଦିତ, ଅଖେଦିତ । [ଇବା ।,
Unlatch, *v.* ଖିଲ୍ ଖୋଲିବା, ଛୁଡ଼ୁକା ଫିଟା-
Unlawful, *a.* ଆଜ୍ଞା ବା ବ୍ୟବସ୍ଥାବିରୁଦ୍ଧ, ଅଶାସ୍ତ୍ର ।
Unlearn, *v.* ଶିକ୍ଷିତ ବିଷୟ ପାସୋରିବା, ବିସ୍ମରଣ-ହେ, ଭୁଲିବା । [ଅପାଠୁଆ ।
Unlearned, *a.* ଅବିଦ୍ୱାନ, ମୂର୍ଖ, ଅପଣ୍ଡିତ,
Unleavened, *a.* ତାଡ଼ିଶୂନ୍ୟ, ବେଖମିର ।
Unless, *conj.* ବିନା, ବିନୁ, ଛଡ଼ା, ବ୍ୟତିରେକ, ବିହୁନେ, ନୋହିଲେ । [ଅପାଠୁଆ ।
Unlettered, *a.* ଅଶିକ୍ଷିତ, ମୂର୍ଖ, ନିରକ୍ଷର,
Unlike, *a.* ଅସଦୃଶ, ଅସମାନ, ଅତୁଲ୍ୟ, ବିଭିନ୍ନ । [ଅସଙ୍ଗତ ।
Unlikelihood, *s.* ଅସମ୍ଭାବନା, ଅପ୍ରାମାଣ୍ୟ,
Unlikely, *a.* ଅସମ୍ଭବ, ଅସଙ୍ଗତ, ଅପ୍ରାମାଣିକ
Unlimited, *a.* ଅସୀମ, ଅଶେଷ, ଅପାର, ଅନନ୍ତ; ନିରବଧି । [କାଟିବା ।
Unload, *v.* ଭାର ଉଠାଇବା, ବୋଝ
Unlock, *v.* ତାଲପ ଫିଟାଇବା, ତାଲ ଖୋଲିବା, କବାଟ ଫିଟାଇବା; ଅର୍ଥବ୍ୟାଖ୍ୟା-କ । [ତର, ହଠାତ୍ ଉପସ୍ଥିତ ।
Unlooked-for, *a.* ଅନପେକ୍ଷିତ, ଅଗୋ-
Unloose, *v.* ଛାଡ଼ିବା, ଖୋଲିବା, ମୁକ୍ତ-କ, ଫିଟାଇବା ।
Unlovely, *a.* ଅମନୋହର, ଅସୁନ୍ଦର, ଅପ୍ରିୟ, ଅପ୍ରୀତିଜନକ, କୁତ୍ସିତ ।
Unlucky, *a.* ଦୁର୍ଭାଗ୍ୟ, ଅଶୁଭ, ଅମଙ୍ଗଳ ।
Unman, *v.* ସାହସ ଭାଙ୍ଗିବା, ମନୁଷ୍ୟ ଗୁଣ ଶୂନ୍ୟ-କ; ପୁରୁଷତ୍ୱହୀନ-କ ।
Unmanageable, *a.* ଅଶାସନୀୟ, ଅଦମ୍ୟ, ଅବଶ, ଥେଣ୍ଟା ।
Unmanly, *a.* ପୁରୁଷର ଅଯୋଗ୍ୟ, ଅପୌରୁଷେୟ, ଅସାହସିକ । [ଅଶିଷ୍ଟ ।
Unmannerly, *a.* କୁବ୍ୟବହାରୀ, ଅସଭ୍ୟ,
Unmarked, *a.* ଅଚିହ୍ନିତ, ଅଲକ୍ଷିତ, ଲକ୍ଷଣ-ରହିତ । [ଅନୂଢ଼ା ।
Unmarried, *a.* ଅବିବାହିତ, ବାଢ଼ୁଅ,

Unmask, *v.* ଛଦ୍ମବେଶ ଭାଙ୍ଗ-କ, ମୁଖା-
ଖୋଲିବା, ଗୁପ୍ତ ବିଷୟ ବାହାର-କ ।
Unmastered, *a.* ଅଜିତ, ଅବଶୀଭୂତ ।
Unmatched, *a.* ଅନୁପମ, ଅତୁଲ୍ୟ, ଅସଦୃଶ
Unmeaning, *a.* ଅର୍ଥହୀନ, ଅସଙ୍ଗତ, ବ୍ୟର୍ଥ ।
Unmeasured, *a.* ଅପରିମିତ, ଅନନ୍ତ,
ବହୁତ, ଅମାପିତ । [ଚିତ ।
Unmeet, *a.* ଅନୁପଯୁକ୍ତ, ଅଯୋଗ୍ୟ, ଅନୁ-
Unmerciful, *a.* ନିର୍ଦ୍ଦୟ, ନିଷ୍ଠୁର, ଅକୃପା-
କର, ଅପ୍ରେମୀ । [ଚିତ ।
Unmerited, *a.* ଅଯୋଗ୍ୟ, ଅଲବ୍ଧ, ଅନୁ-
Unmindful, *a.* ଅମନୋଯୋଗୀ, ଚଞ୍ଚଳ,
ଅସାବଧାନ । [ନିଶ୍ଚିନ୍ତ ।
Unmingled, *a.* ଅମିଶ୍ରିତ, ଅମିଶା, ନିର୍ମଳ,
Unmitigated, *a.* ଅବିମୁକ୍ତ, ଅନ୍ୟୂନୀକୃତ ।
Unmoor, *v.* ଲଙ୍ଗର ତୋଳିବା, ଜାହାଜ
ଫିଟାଇବା । [ନୋହେ ଯେ ।
Unmortgaged, *n.* ନିଷ୍କର, ବନ୍ଧକ
Unmoved, *a.* ଅଚଳିତ, ସ୍ଥିର; ଅକମ୍ପ ହୃଦ ।
Unnamed, *a.* ଅନାମ, ଅନୁକ୍ତ, ଅକଥିତ,
ଅନାଖ୍ୟାତ । [ଅପ୍ରକୃତିସିଦ୍ଧ ।
Unnatural, *a.* ସ୍ୱଭାବବିରୁଦ୍ଧ, ଅସ୍ୱାଭାବିକ,
Unnecessary, *a.* ଅନାବଶ୍ୟକ, ଅପ୍ରୟୋ-
ଜନୀୟ, ନିରର୍ଥକ । [ଚେଷ୍ଟା, ଅନୁପାଶ୍ଚ ।
Unneighbourly, *a.* ଅପ୍ରାତିରୂପ, ଅଦ୍ଭ-
Unnerve, *v.* ଉଦ୍ୟୋଦ୍ୟମ- ଦୁର୍ବଳ- ତେଜ-
ହ୍ରାସ-ହତାଶ-କ ।
Unnumbered, *a.* ଅଗଣିତ, ଅସଂଖ୍ୟ,
ଅସୁମାର, ଅଗଣ୍ୟ ।
Unobjectionable, *a.* ନିରାପତ୍ତିଜନକ,
ଉତ୍ତରରହିତ, ନିର୍ଦ୍ଦୋଷ ।
Unobservant, *a.* ଅମନୋଯୋଗୀ, ଅବି-
ବେଚକ, ଅନବଧାନୀ ।

Unobtrusive, *a.* ଅପରଚର୍ଚ୍ଚୀ, ସ୍ୱାର୍ଥକାର-
ଚର୍ଚ୍ଚିକ, ନମ୍ର । [ପଭୁକ୍ତ ।
Unoccupied, *a.* ଶୂନ୍ୟ, ଅନଧିକୃତ, ଅନୁ-
Unoffending, *a.* ଅନପରାଧ, ଅହିଂସକ,
ନିର୍ଦ୍ଦୋଷ । [ଅଶୋଭ, ଅବିକଶିତ ।
Unopened, *a.* ଅଫିଟା, ମୁଦ୍ରିତ, ବନ୍ଦ,
Unostentatious, *a.* ଅଗର୍ବୀ, ନିରହଙ୍କାର,
ନମ୍ର । [ଫିଟାଇବା ।
Unpack, *v.* ମୋଟ ଖୋଲିବା, ଗଣ୍ଠିଲି
Unpaid, *a.* ଅପରିଶୋଧିତ, ଅଦତ୍ତ । [କର ।
Unpalatable, *a.* ଅରୁଚ୍ୟ, ବିସ୍ୱାଦୁ, ଅତୁଷ୍ଟି-
Unparalleled, *a.* ଅତୁଲ୍ୟ, ଅପୂର୍ବ, ଅନୁପମ
Unpardonable, *a.* ଅକ୍ଷମାଯୋଗ୍ୟ,
ଯାହାର ମୋଚନ ନାହିଁ ।
Unperceived, *a.* ଅଗୋଚର, ଅଜଣା,
ଅଦୃଷ୍ଟ, ଅବ୍ୟକ୍ତ ।
Unphilosophical, *a.* ଅଶାସ୍ତ୍ରୀୟ, ଅଯୁକ୍ତି-
ସିଦ୍ଧ, ବିଦ୍ୟାବିରୁଦ୍ଧ । [କର ।
Unpleasant, *a.* ଅପ୍ରିୟ, ଅତୁଷ୍ଟିକର, ଘୃଣା-
Unpleasing, *a.* ଅସନ୍ତୋଷଜନକ, ଅନା-
ମୋଦୀ, କୁତ୍ସିତ । [ଅଶିଷ୍ଟ, ଅସଭ୍ୟ ।
Unpolished, *a.* ଅମାର୍ଜିତ, ଅଚିକ୍କଣ;
Unpolite, *a.* ଅସଭ୍ୟ, ଅଶିଷ୍ଟ; ଗଁଆର,
ଅଶିଷ୍ଟାଚାର । [ଶୁଦ୍ଧ, ଅଭ୍ରଷ୍ଟ ।
Unpolluted, *a.* ପବିତ୍ର, ଶୁଚି, ନିର୍ମଳ,
Unpopular, *a.* ଅଚଳିତ, ସର୍ବସାଧ୍ୟ
ନୋହେ, ସାଧାରଣ ଲୋକର ଅସମ୍ମତ ।
Unpractised, *a.* ଅନଭ୍ୟସ୍ତ, ଅଶିକ୍ଷିତ,
ଅପଟୁ ।
Unprecedented, *a.* ଅପୂର୍ବ, ଅଦୃଷ୍ଟ, ନୂଆ
Unprejudiced, *a.* ଅପକ୍ଷପାତ, ସରଳ ।
Unpremeditated, *a.* ପୂର୍ବେ ଅଚିନ୍ତିତ,
ପୂର୍ବେ ଅବିବେଚିତ ।

Unprepared, *a.* ଅପ୍ରସ୍ତୁତ, ଅନୁପସ୍ଥିତ, ଅନୁପଯୁକ୍ତ । [ଅଗୌରବାକାଂକ୍ଷୀ ।
Unpretending, *a.* ଅଗର୍ବୀ, ନମ୍ରଶୀଳ,
Unprincipled, *a.* ସଦସଦ୍ବିଚାରଶୂନ୍ୟ, ଅଧାର୍ମିକ, ଛେଚଡ଼ା, ଦୁର୍ବୃତ୍ତ ।
Unprofitable, *a.* ଅନର୍ଥକ, ନିଷ୍ଫଳ, ବ୍ୟର୍ଥ, ଅଲାଭଜନକ ।
Unpropitious, *a.* ଅଶୁଭ, ଅମଙ୍ଗଳ, ଅପ୍ରସନ୍ନ, ଅନନୁକୂଳ । [ଅନାଥ ।
Unprotected, *a.* ଅନାଶ୍ରିତ, ଅରକ୍ଷିତ,
Unprovoked, *a.* ବିନା କ୍ରୋଧର କାରଣ, ଅକୁପିତ, ଅବିରକ୍ତ । [ଅପ୍ରଚାରିତ ।
Unpublished, *a.* ଅପ୍ରକାଶିତ, ଅବ୍ୟକ୍ତ,
Unpunished, *a.* ଅଦଣ୍ଡିତ, ଅଶାସିତ, ବେସଜା । [ର୍ଜିତ, ଅପଟୁ ।
Unqualified, *a.* ଅକ୍ଷମ, ଅଯୋଗ୍ୟ, ଅବି-
Unquenchable, *a.* ଅନିର୍ବାଣ, ଅଶାମ୍ୟ ।
Unquestionable, *a.* ନିଃସନ୍ଦେହ, ପ୍ରମାଣସିଦ୍ଧ, ନିଶ୍ଚୟ ।
Unquiet, *a.* ଅସ୍ଥିର, ଅତୃପ୍ତ, ଚଞ୍ଚଳ, ବ୍ୟସ୍ତ
Unravel, *v.* ଖୋଲିବା, ଫେଡ଼ିବା, ଫିଟାଇବା, ଅଜଡ଼ିତ-କ ।
Unread, *a.* ଅପଠିତ, ଅଶିକ୍ଷିତ, ଅପଢ଼ା ।
Unready, *a.* ଅପ୍ରସ୍ତୁତ, ଅପଟୁ, ଅନାଡ଼ ।
Unreal, *a.* ଅଯଥାର୍ଥ, ଅପ୍ରକୃତ, କୃତ୍ରିମ, କଳ୍ପିତ । [ଅନୁଚିତ, ଅସମ୍ଭବ ।
Unreasonable, *a.* ଅସଙ୍ଗତ, ଅଯୁକ୍ତିସିଦ୍ଧ,
Unreclaimed, *a.* ଅଦମିତ, ଅଶିଷ୍ଟ, ଦୁଷ୍ଟ; ଅପୋଷା; ଅଚଷା । [ମେଣ୍ଟଣ ରହିତ ।
Unreconciled, *a.* ମିଳନ ରହିତ, ବିରୋଧ
Unredeemed, *a.* ଅମୁକ୍ତ, ଅତ୍ରାତ, ନିସ୍ତାରରହିତ । [ପ୍ୟାୟିତ ।
Unrefreshed, *a.* ଅତୁଷ୍ଟ, ଅତୃପ୍ତ, ଅନା-

Unregarded, *a.* ଅନାଦୃତ, ଅମାନିତ, ଅଲକ୍ଷିତ । [ଦୁଃସ୍ୱଭାବ ।
Unregenerate, *a.* ଅପୁନର୍ଜାତ; ଦୁର୍ବୃତ୍ତ,
Unrelenting, *a.* କ୍ଷମାଶୂନ୍ୟ, ନିର୍ଦୟ, ନିଷ୍ଠୁର, କଠିନାନ୍ତଃକରଣ । [ବିରତ ।
Unremitting, *a.* ନିତ୍ୟ, ଅବିଶ୍ରାନ୍ତ, ଅନ-
Unrequested, *a.* ଅଯାଚିତ, ଅବାଞ୍ଛିତ, ଅପୃଷ୍ଟ ।
Unrequited, *a.* ପ୍ରତିଫଳାପ୍ରାପ୍ତ, ଅପ୍ରତିଦତ୍ତ
Unresented, *a.* ଅପ୍ରତିହିଂସିତ, କ୍ଷମାକୃତ ।
Unreserved, *a.* ଅକପଟ, ସରଳ, ଖୋଲାସା, ଅକୁଟିଳ । [ଦିଏ ।
Unresisting, *a.* ଅନିବାରକ, ଯେ ବାଧା ନ
Unresolved, *a.* ଅନିଶ୍ଚିତ, ସନ୍ଦିଗ୍ଧ, ଅବିବେଚିତ । [ସ୍ୱଚ୍ଛନ୍ଦ, ଖୋଲା ।
Unrestrained, *a.* ଅବାରିତ, ଅନିରୁଦ୍ଧ,
Unrevealed, *a.* ଅପ୍ରକାଶିତ, ଅବ୍ୟକ୍ତ, ଅକଥିତ, ଗୁପ୍ତ ।
Unrevenged, *a.* ଅପ୍ରତିହିଂସିତ, ଅପ୍ରତିକାରିତ, କ୍ଷମାକୃତ । [ପ୍ରାପ୍ତ ।
Unrewarded, *a.* ଅପୁରସ୍କୃତ, ପ୍ରତିଫଳା-
Unriddle, *v.* ପ୍ରହେଳିକା ବା ଗୂଢ଼ ଅର୍ଥ-କ ।
Unrighteous, *a.* ଅଯାଥାର୍ଥିକ, ଅଧାର୍ମିକ, ଅନ୍ୟାୟୀ ।
Unripe, *a.* କଞ୍ଚା, ଅପୋକ୍ତ, ଅପକ୍ୱ ।
Unrivalled, *a.* ଅନୁପମ, ଅତୁଲ୍ୟ, ଅଦ୍ୱିତୀୟ
Unrobe, *v.* ପୋଷାକ ବା ବସ୍ତ୍ର ଫିଟାଇବା, ଲୁଗା କାଢ଼ିବା ।
Unroll, *v.* ଗୁଡ଼ାଇବା ବସ୍ତୁ ଫିଟାଇବା, ଜଡ଼ିତ ବସ୍ତୁ ମେଲାଇବା ।
Unroof, *v.* ଘରର ଛାତ ଭାଙ୍ଗି ପକାଇବା ।
Unruffled, *a.* ଅଚଞ୍ଚଳ, ସୁସ୍ଥିର ।
Unruly, *a.* ଅବାଧ୍ୟ, ଅଶାସ୍ୟ, ଅବଶ, ମନସ୍ୱ

Unsafe, *a.* ଅପଦଯୁକ୍ତ, ସଂକଟ ବା ବିପଦପୂର୍ଣ୍ଣ
Unsaid, *a.* ଅନୁକ୍ତ, ଅକଥିତ, ଅବ୍ୟକ୍ତ, ଅନୁଚ୍ଚାରିତ । [ଲୁପ୍ତ ।
Unsanctified, *a.* ଅପବିତ୍ରୀକୃତ, ଅଶୁଚି-
Unsatiable, *a.* ଅତର୍ପଣୀୟ, ଅତୃପ୍ତିଯୋଗ୍ୟ, ଅଶାମ୍ୟ । [ଷଡରକ ।
Unsatisfactory, *a.* ଅତୁଷ୍ଟିକର, ଅସନ୍ତୋ-
Unsatisfied, *a.* ଅତୃପ୍ତ, ଅତୁଷ୍ଟ, ଅପୂର୍ଣ୍ଣ ।
Unsavoury, *a.* ବିସ୍ୱାଦୁ; ବିରସ, ଅରୁଚି ।
Unsay, *v.* କଥା ଓଲଟାଇବା, କଥିତ ବିଷୟ ଅନ୍ୟଥା-କ । [ଖସାଇବା ।
Unscrew, *v.* ପେଚ ଖୋଲିବା, ପେଚ
Unseal, *v.* ମୋହର ଫିଟାଇବା, ମୁଦ୍ରା ଭାଙ୍ଗିବା
Unsearchable, *a.* ବୋଧାଗମ୍ୟ, ଅନନ୍ୱେଷଣୀୟ, ଅଲକ୍ଷ୍ୟ ।
Unseasonable, *a.* ଅସମୟ, ଅକାଳୀନ, ଅକାଳିକ, ଅସଙ୍ଗତ ।
Unseemly, *a.* ଅନୁଚିତ, ଅସୁନ୍ଦର, କୁଦୃଶ୍ୟ ।
Unseen, *a.* ଅଦେଖା, ଅଦୃଶ୍ୟ, ଅପ୍ରକାଶିତ
Unserviceable, *a.* ଅକର୍ମଣ୍ୟ, ଅନର୍ଥକ, ନାକାମ । [ସନ୍ଦେହ ଜନ୍ମାଇବା ।
Unsettle, *v.* ଅସ୍ଥିର-କ, ନିର୍ଣ୍ଣୟଭଙ୍ଗ-କ;
Unshaken, *a.* ଅଚଳିତ, ସ୍ଥିର, ଅଟଳ, ଅକମ୍ପିତ । [ବେଢାଣି ।
Unshapen, *a.* ବିଦାକାର, କୁତ୍ସିତ,
Unsheath, *v.* କୋଷ-ଖାପରୁ ବାହାର-କ, ଖାପ ଫିଟାଇବା । [ଅରକ୍ଷିତ ।
Unsheltered, *a.* ଅନାଶ୍ରିତ, ନିରାଶ୍ରୟ,
Unship, *v.* ଜାହାଜରୁ କାଢିବା ଅବା ବାହାର-କ । [ନାଲିଘାକ ।
Unshod, *a.* ପାଦୁକା ରହିତ, ଖୋଲା ବା
Unsightly, *a.* କୁରୂପ, ଅସୁନ୍ଦର, ବିଦାକାର
Unskilful, *a.* ଅପଟୁ, ଅନଭିଜ୍ଞ, ଅନାଡି ।
Unskilled, *a.* ଅଶିକ୍ଷିତ, ନୈପୁଣ୍ୟ ରହିତ, ଯାହାର ବ୍ୟବହାର ନାହିଁ । [ଅଲ୍ପଭାଷୀ ।
Unsociable, *a.* ଅପ୍ରଣୟୀ, ଅନାଳାପୀ,
Unsoiled, *a.* ନିର୍ମଳ, ନିଷ୍କଳଙ୍କ, ଶୁଦ୍ଧ, ଦାଗରହିତ ।
Unsold, *a.* ଅବିକ୍ରୀତ, ଅବିକା ।
Unsolicited, *a.* ଅଯାଚିତ, ଅପ୍ରାର୍ଥିତ ।
Unsophisticated, *a.* ଅକୃତ୍ରିମ, ଶୁଦ୍ଧ, ସରଳ ।
Unsought, *a.* ଅନନ୍ୱେଷିତ, ଅଖୋଜିତ ।
Unsound, *a.* ଭଙ୍ଗା, ଦୋଷଯୁକ୍ତ; ଅସୁସ୍ଥ, ପଚା, ସଢା, ଅଶକ୍ତ । [ଅବକ୍ତବ୍ୟ ।
Unspeakable, *a.* ଅକଥନୀୟ, ଅବାଚ୍ୟ,
Unspotted, *a.* ନିଷ୍କଳଙ୍କ, ନିର୍ମଳ, ଶୁଦ୍ଧ; ଅଚିହ୍ନିତ, ଦାଗ ରହିତ ।
Unstable, *a.* ଅସ୍ଥିର, ଚଞ୍ଚଳ, ଲଘୁଚିତ୍ତ ।
Unstaid, *a.* ଅସ୍ଥିରମନା, ଚଞ୍ଚଳ, ଚପଳ ।
Unstained, *a.* ନିଷ୍କଳଙ୍କ, ନିର୍ଦାଗ, ଅକଳଙ୍କି । [ଅଶକ୍ତ ।
Unsteady, *a.* ଅସ୍ଥିର, ଅଧୀର, ଚଞ୍ଚଳ,
Unstinted, *a.* ଅପରିମିତ, ଅସୀମ, ଅଶେଷ ।
Unstop, *v.* ଠିପି କାଢିବା, ଅଟକ ଘୁଞ୍ଚାଇବା । [ଫିଟାଇବା ।
Unstring, *v.* ତାର ଖୋଲିବା, ଦଉଡ
Unsubdued, *a.* ଅନାୟତ୍ତ, ଅଜିତ, ଅବଶୀଭୂତ । [ସ୍ତବ; ଅଶକ୍ତ ।
Unsubstantial, *a.* ଅସାର, ଅବସ୍ତୁ, ଅବା-
Unsuccessful, *a.* ଅକୃତାର୍ଥ, ନିଷ୍ଫଳ, ଅପ୍ରାପ୍ତ, ଅସିଦ୍ଧ । [ଅନୁଚିତ, ଅଗୁଣ୍ଡ ।
Unsuitable, *a.* ଅନୁପଯୁକ୍ତ, ଅଯୋଗ୍ୟ,
Unsullied, *a.* ନିଷ୍କଳଙ୍କ, ନିର୍ମଳ, ଅମଳିନ ।
Unsuspected, *a.* ଅସନ୍ଦିଗ୍ଧ, ଅଶଙ୍କିତ, ଅଜଣା ।

Unsuspecting, *a.* ନିଃସନ୍ଦେହଶୀଳ, ନିର୍ବି-
ସ୍ୱଭାବ ।
Untainted, *a.* ଅପକ୍ୱ, ନିଷ୍କଳଙ୍କ; ଅଭ୍ରଷ୍ଟ ।
Untamed, *a.* ଅପୋଷା, ଅଶାସିତ, ଅନା-
ୟତ୍ତ ।
Untaught, *a.* ଅଶିକ୍ଷିତ, ମୂର୍ଖ । [ହିବ୍ୟ ।
Untenable, *a.* ଅସ୍ଥାପନୀୟ, ଅରକ୍ଷ, ଅଧ-
Untenanted, *a.* ପ୍ରଜା ରହିତ, ରଇତଶୂନ୍ୟ,
ଅଭଡାଟିଆ, ଖାଲି । [ବାସମାନଙ୍କ ।
Unthankful, *a.* ଅକୃତଜ୍ଞ, କୃତଘ୍ନ, ଉପ-
Unthinking, *a.* ନିଶ୍ଚିନ୍ତ, ଅବିବେକୀ, ନିର୍ବୋଧ
Unthrifty, *a.* ଅପବ୍ୟୟୀ, ଅସଞ୍ଚୟୀ, ଅସବୁ-
ଖରଚ, ଉଡାଣିଆ ।
Untie, *v.* ଗଣ୍ଠି ଫିଟାଇବା, ବନ୍ଧନ ଖୋଲିବା ।
Until, *ad.* ଯେପର୍ଯ୍ୟନ୍ତ, ଯେସମୟ, ଯାବତ୍,
ଯଦବଧି । [ମସ୍ ।
Untimely, *a.* ଅକାଳୀନ, ଅକାଳ, ଅସ-
Unto, *prep.* ପର୍ଯ୍ୟନ୍ତ, ନିକଟ, ପ୍ରତି, ସହିତ, କୁ
Untold, *a.* ଅକଥିତ, ଅନନ୍ତ, ଅବର୍ଣ୍ଣନୀୟ ।
Untouched, *a.* ଅସ୍ପୃଷ୍ଟ; ଅମୃଷ୍ଟ, ଅମୋହିତ ।
Untoward, *a.* ଅବାଧ୍ୟ, ଅନାୟତ୍ତ; ଅମଙ୍ଗ-
ଳସୂଚକ ।
Untractable, *a.* ଅଦମ୍ୟ, ଅଶାସ୍ୟ ।
Untrained, *a.* ଅଶିକ୍ଷିତ, ଅନଭ୍ୟସ୍ତ ।
Untried, *a.* ଅପରୀକ୍ଷିତ, ଅଗଣା, ନୂଆ; ଅବି-
ଚାରିତ । [ବାହିତ ।
Untrodden, *a.* ଅମଡା, ଅମର୍ଦ୍ଦିତ, ଅପା-
Untrue, *a.* ଅସତ୍ୟ, ମିଥ୍ୟା, ଅଯଥାର୍ଥ ।
Untruth, *s.* ମିଥ୍ୟାକଥା, ଅସତ୍ୟତା ।
Untutored, *a.* ଅଶିକ୍ଷିତ; ନିର୍ବୋଧ, ଅଜ୍ଞାନ ।
Untwine, Untwist, *v.* ପାକ ଖୋଲିବା,
ପାକଲ ଫିଟାଇବା, ଜଡିତ ବସ୍ତୁକୁ ପୃଥକ୍-କ ।
Unused, *a.* ଅନଭ୍ୟସ୍ତ, ଅବ୍ୟବହୃତ, ଅଚଳିତ

Unusual, *a.* ଅସାଧାରଣ, ଅଲୌକିକ,
ଅବ୍ୟବହାର । [ଙ୍ଗତମାୟ ।
Unutterable, *a.* ଅକଥ୍ୟ, ଅବକ୍ତବ୍ୟ, ଅନି-
Unvaried, *v.* ଅପରିବର୍ତ୍ତିତ, ସମସ୍ୱରଯୁକ୍ତ ।
Unvarnished, *a.* ରଙ୍ଗଶୂନ୍ୟ, ଲେପଣରହିତ,
ଅଶୋଭିତ; ଅମିଶ୍ରିତ । [ଇବା ।
Unveil, *v.* ବ୍ୟକ୍ତ-ପ୍ରକାଶ-କ, ଘୁମ୍ଟା ଖୋ-
Unwarily, *ad.* ଅସାବଧାନପୂର୍ବକ, ଅସତ,
ର୍କରୂପେ । [ନଷ୍ଟିକ ।
Unwarrantable, *a.* ଅନୁଚିତ, ଅକର୍ତ୍ତବ୍ୟ,
Unwarranted, *a.* ବିନାଅଜ୍ଞା, ଅଶାସ୍ତ୍ର,
ଅବଶ୍ୟମତ, ଅବ୍ୟବସ୍ଥିତ । [ବେତନ ।
Unwary, *a.* ଅସତର୍କ, ଅସାବଧାନ, ଅବି-
Unwearied, *a.* ଅକ୍ଳାନ୍ତ, ଅଶ୍ରମୀ, ସଦା-
ଉଦ୍‌ଯୋଗୀ ।
Unwelcome, *a.* ବିମୁଖ, ଅତୁଷ୍ଟିକର, ଅପ୍ରିୟ ।
Unwell, *a.* ଅସୁସ୍ଥ, ପୀଡିତ, ରୋଗୀ, ଭଲ
ନୁହେ । [ଅରୁଣକାଳ ।
Unwholesome, *a.* ପୀଡାଜନକ, ଅପଥ୍ୟ,
Unwieldy, *a.* ବଡ଼, ପ୍ରକାଣ୍ଡ, ଭାରି; ମୋଟା ।
Unwilling, *a.* ଅନିଚ୍ଛୁକ, ଅତୁଷ୍ଟ, ଅସମ୍ମତ ।
Unwise, *a.* ଅଜ୍ଞାନ, ଅପଣ୍ଡିତ, ଅବୋଧ, ମୂର୍ଖ ।
Unwittingly, *ad.* ଅଜ୍ଞାତସାରେ, ନିର୍ବୋ-
ଧରୂପେ । [ଅଲୌକିକ ।
Unwonted, *a.* ଅପ୍ରଚଳିତ, ଅସାଧାରଣ,
Unworthily, *ad.* ଅଯୋଗ୍ୟରୂପେ, ଅନୁ-
ପଯୁକ୍ତଭାବେ । [ଏକ ।
Unworthy, *a.* ଅଭାଜନ, ଅଯୋଗ୍ୟ, ନୀଚ-
Unwritten, *a.* ଅଲିଖିତ, ଅଲେଖା, ସାଦା ।
Unwrought, *a.* ଅଗଠିତ, ଅନିର୍ମିତ, ଅଗଢା
Unyielding, *a.* ଅସମ୍ମତ; ଅନମ୍ୟ, ଅନମ-
ନୀୟ । [ଇବା ।
Unyoke, *v.* ଯୁଆଳିରୁ ମୁକ୍ତ-କ, ଯୁଆଳି ଫିଟା-

Up, *ad.* ଉପରେ, ଊର୍ଦ୍ଧ୍ବେ, ଉଚ୍ଚରେ ।
Up and down, *ad.* ଉଚ୍ଚନୀଚ; ଏଣେତେଣେ
Upbraid, *v.* ଭର୍ତ୍ସନା-ତିରସ୍କାର-ନିନ୍ଦା-କ ।
Uphill, *a.* ଉଠାଣିଆ; ଦୁଷ୍କର, କଠିନ, କଷ୍ଟ-ସାଧ୍ୟ । [ଧରିବା ।
Uphold, *v.* ଆଶ୍ରୟ-ଦେ, ରକ୍ଷା-କ, ଟେକି
Upholsterer, *s.* ଗୃହସଜ୍ଜା ନିର୍ମିତା, ଘରର ସାମଗ୍ରୀ ବ୍ୟବସାୟୀ ।
Upland, *s.* ଉଚ୍ଚଭୂମି, ଡିହ, ଉଚ୍ଚଦେଶ ।
Uplift, *v.* ଟେକିବା, ଉଠାଇ ରଖିବା ।
Upon, *prep.* ଉପରେ, ପରେ, ଠାରେ ।
Upper, *a.* ଉପରସ୍ଥ, ଉପରର, ଊର୍ଦ୍ଧ୍ବସ୍ଥିତ ।
Uppermost, *a.* ସର୍ବୋପରିସ୍ଥ, ଉଚ୍ଚତମ, ସର୍ବପ୍ରଧାନ, ସର୍ବଉପର ।
Upraise, *v.* ଉତ୍ଥାପନ-କ, ଊର୍ଦ୍ଧ୍ବେ ବା ଉପରେ ଉଠାଇବା; ଉନ୍ନତ-କ । [ଥାର୍ଥିକ ।
Upright, *a.* ଠିଆ, ଉଭା, ସିଧା, ସଳଖ; ଯା-
Uproar, *s.* କଳହ, ବୋଲବୋଲି, ଗଣ୍ଡଗୋଳ ।
Uproot, *v.* ଉପାଡ଼ିବା, ନିର୍ମୂଳ-ସମୂଳୋତ୍ପାଟନ-କ, ମୂଳରୁ କାଟି ପକାଇବା ।
Upshot, *s.* ଫଳ, ଶେଷ, ଅନ୍ତ, ସମାପ୍ତି, ଶେଷ—ଘଟଣା ।
Upside, *s.* ଉପରଭାଗ, ଊର୍ଦ୍ଧ୍ବଦେଶ ।
Upside-down, *ad.* ଓଲଟା, ତଳଉପରେ
Upstart, *s.* ନୂଆଧନଗର୍ବୀ, ହଠାତ୍ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତି । [ବେଶୀ ।
Upward, *ad.* ଉପରକୁ ଊର୍ଦ୍ଧ୍ବେ; ଅଧିକ
Urbanity, *s.* ସୌଜନ୍ୟ, ଶିଷ୍ଟାଚାର, ସଭ୍ୟତା, ଅଳାପ୍ୟତା ।
Urchin, *s.* ବାଳକ, ପିଲା, ଟୋକା ।
Urge, *v.* ବେଗେ ଚଳାଇବା, ହକାଇବା; ପୁଣିପୁଣି ମାଗିବା, ପ୍ରବୃତ୍ତ କରାଇବା; ଜିଦ୍-କ ।

Urgency, *s.* ଅତ୍ୟାବଶ୍ୟକତା, ଅତିପ୍ରୟୋଜନ, ଦରକାର ।
Urgent, *a.* ଅତ୍ୟାବଶ୍ୟକ, ବ୍ୟସ୍ତ, ଜୋହଲେ ନୂହଲ, ଦରକାରୀ ।
Urine, *s.* ପରିସ୍ରା, ପ୍ରସ୍ରାବ, ମୂତ୍ର, ମୂତ ।
Urn, *s.* ପାତ୍ରବିଶେଷ, ମୃତଜନର ଭସ୍ମାଧାର ।
Ursa-major, *s.* ସପ୍ତର୍ଷି, ନକ୍ଷତ୍ରବିଶେଷ ।
Us, *pron.* ଆମ୍ଭମାନଙ୍କୁ, ଆମ୍ଭସମସ୍ତଙ୍କୁ ।
Usage, *s.* ଆଚାର, ବ୍ୟବହାର, ରୀତି, ଧାରା ।
Use, *s.* ବ୍ୟବହାର; କାର୍ଯ୍ୟ, ଫଳ, ପ୍ରୟୋଜନ ।—*v.* ବ୍ୟବହାରରେ ଆଣିବା, ଆଚର-ଅଭ୍ୟାସ-କ ।
Useful, *a.* କର୍ମଣ୍ୟ, କର୍ମଯୋଗ୍ୟ, ଉପକାରୀ ।
Useless, *a.* ନିଷ୍ଫଳ, ବ୍ୟର୍ଥ, ଅନର୍ଥକ ।
Usher, *s.* ପ୍ରବେଶକ, ଉପଶିକ୍ଷକ, ଉପଗୁରୁ ।—*v.* ପ୍ରବେଶ-ସାକ୍ଷାତ-ଭେଟ କରାଇବା, ପରିଚୟ-ଦେ ।
Usual, *a.* ରୀତିମତ, ପ୍ରଚଳିତ, ସଚରାଚର ।
Usually, *ad.* ଧାରାମତ, ଯଥାରୀତି, ପ୍ରାୟ ସର୍ବଦା । [ଭୋଗଦଖଲ ।
Usufruct, *s.* ଉପସ୍ୱତ୍ୱ, କିଛି କାଳ ନିମିତ୍ତ
Usurer, *s.* ସୁଧଖୋର, ଅତ୍ୟନ୍ତ ସୁଧଗ୍ରାହକ, ଦେଢ଼ିଦାର । [ଗ୍ରାହୀ ।
Usurious, *a.* ଅତ୍ୟନ୍ତ ସୁଧଲୋଭୀ, ବୃଦ୍ଧ୍ୟପ-
Usurp, *v.* ପରସ୍ୱତ୍ୱକାର, ଅକ୍ରମଣ-କ, ଅନ୍ୟାୟ-ରେ ଭୋଗ-କ । [ପହରଣ ।
Usurpation, *s.* ବଳରେ ଆକ୍ରମଣ, ରାଜ୍ୟା-
Usurper, *s.* ରାଜ୍ୟାପହାରକ, ପରସ୍ୱତ୍ୱକାର-ଭୋଗୀ । [ଜୀବ ।
Usury, *s.* ଅତ୍ୟନ୍ତ ସୁଧ, ବ୍ୟାଜ, ଲାଭ, ବୃ-
Utensils, *s.* ପାତ୍ର ଆଧାର, ବାସନକୁସନ; ଅସ୍ତ୍ରଶସ୍ତ୍ର ।
Uterine, *a.* ଏକଗର୍ଭ, ସହୋଦର ।

Uterus, *s.* ଗର୍ଭ, ପେଟ, ଉଦର, ଜଠର, ଜରାୟୁ ।
Utility, *s.* କାର୍ଯ୍ୟ, ଫଳ, ଲାଭ, ପ୍ରୟୋଜନୀୟତା ।
Utmost, *a.* ଅତିବଡ, ଅତିଶୟ, ଯଥାସାଧ୍ୟ ।
Utopian, *a.* ଅନୁମାନିକ, ମାନସିକ, କଳ୍ପିତ ।
Utter, *a.* ଅତି, ନିତାନ୍ତ, ଅତ୍ୟନ୍ତ, ଏକାନ୍ତ. ପୂର୍ଣ୍ଣ ।
Utter, *v.* ଉଚ୍ଚାରଣ-କ, କହିବା, ଉଲ୍ଲେଖ-ପ୍ରକାଶ-କ । [ବିତର ।
Utterance, *s.* ଉଚ୍ଚାରଣ, ଉଲ୍ଲେଖ, ଉକ୍ତି,
Utterly, *ad.* ସମୁଦାୟରୂପେ, ସମ୍ପୂର୍ଣ୍ଣରୂପେ, ସର୍ବତୋଭାବେ । [ଷୋଳିଅଣା ।
Uttermost, *a.* ଶେଷପର୍ଯ୍ୟନ୍ତ, ସର୍ବଶେଷ;
Uvula, *s.* ଉପଜିହ୍ୱା, ଉପଦ୍ରାକ୍ଷା, ଘଣ୍ଟିକା ।
Uxorious, *a.* ସ୍ତ୍ରୀବାଧ୍ୟ, ସ୍ତ୍ରୀବଶ, ସ୍ତ୍ରୀପରାୟଣ, ସ୍ତ୍ରୀଠାରେ ଆସକ୍ତ ।

## V.

V, ଇଂରାଜୀ ବର୍ଣ୍ଣମାଳାର ଦ୍ୱାବିଂଶତିତମାକ୍ଷର ।
Vacancy, *s.* ଶୂନ୍ୟତା, ଶୂନ୍ୟସ୍ଥାନ, ଶୂନ୍ୟପଦ ବା କର୍ମ; ଅବକାଶ ।
Vacant, *a.* ଶୂନ୍ୟ, ଖାଲି, ଅସ୍ୱାମିକ, କର୍ମରହିତ; ନିଶ୍ଚିନ୍ତ ।
Vacate, *v.* ତ୍ୟାଗ-ଶୂନ୍ୟ-କ, ଉଠି ଯିବା ।
Vacation, *s.* ବିରାମ, ଅବକାଶ, ଛୁଟୀ, ବିଶ୍ରାମ, ଅବସର କାଳ । [-ଦେ ।
Vaccinate, *v.* ଗୋବସନ୍ତ ଗାତରେ ଟୀକା
Vacillate, *v.* ଅସ୍ଥିର-ଅନିଶ୍ଚୟ-ଟଳମଳ-ହେ ।
Vacuity, *s.* ଶୂନ୍ୟତା, ଫାଙ୍କ, ଅନ୍ତସ୍ଥଳ ।
Vacuum, *s.* ଶୂନ୍ୟସ୍ଥାନ, ଶୂନ୍ୟ, ଫାଙ୍କ, ଅନ୍ତସ୍ଥଳ । [ପୁସ୍ତକ ।
Vade-mecum, *s.* ନିତ୍ୟ ବ୍ୟବହାର୍ଯ୍ୟ କ୍ଷୁଦ୍ର

Vagabond, *s.* ମିଥ୍ୟା ଭ୍ରମଣକାରୀ, ବାର-ବୁଲା, ଦୁଷ୍ଟ ଲୋକ ।
Vagary, *s.* ଚିତ୍ତର ଭ୍ରମ, ଅନର୍ଥକ ଗଳ୍ପ, କୌତୁକ । [ଚଞ୍ଚଳ ।
Vagrant, *a.* ଭ୍ରମଣକାରୀ; ଭିକ୍ଷାକାରୀ, ବୁଲା;
Vague, *a.* ଅସ୍ଥିର, ଅନିଶ୍ଚିତ, ଅସ୍ପଷ୍ଟ ।
Vail, *s.* ଘୁମ୍ଟା, ଘୋଡଣୀ, ପରଦା, ଆଚ୍ଛାଦନୀ
Vain, *a.* ବୃଥା, ନିଷ୍ଫଳ; ଆତ୍ମଶ୍ଳାଘୀ ଦାମ୍ଭିକ, ଗର୍ବୀ । [ଗର୍ବିତ ।
Vainglorious, *a.* ମିଥ୍ୟାଭିମାନୀ, ଆତ୍ମଶ୍ଳାଘୀ,
Vainglory, *s.* ମିଥ୍ୟାଭିମାନ, ଉଭଙ୍ଗ, ଆତ୍ମଶ୍ଳାଘା, ଦର୍ପ ।
Vainly, *ad.* ନିରର୍ଥକରୂପେ, ବୃଥା; ଗର୍ବପୂର୍ବକ
Valance, *s.* ପଲଙ୍କ ବା ଖଟ ଛପର ଝାଲର ।
Vale, *s.* ଉପତ୍ୟକା, ପାହାଡତଳୀ, ଦୁଇ ପର୍ବତର ମଧ୍ୟସ୍ଥଳ । [ବିଦାଣ ।
Valediction, *s.* ପ୍ରସ୍ଥାନ ସମୟର ବନ୍ଦନା ବା
Valedictory, *a.* ପ୍ରସ୍ଥାନ କାଳର ବନ୍ଦନା-ସମ୍ବନ୍ଧୀୟ । [ପ୍ରେରିତ ପ୍ରୀତିପତ୍ର ।
Valentine, *s.* ନାୟକନାୟିକାର ପରସ୍ପର
Valet, *s.* ଭୃତ୍ୟ, ଚାକର, ସେବକ ।
Valetudinarian, *s.* ସଦାରୋଗୀ ଚିରପୀଡିତ ବ୍ୟକ୍ତି । [କ୍ରାନ୍ତ ।
Valiant, *a.* ସାହସୀ, ବିକ୍ରମୀ, ବିକ୍ରାନ୍ତ, ପରା-
Valid, *a.* ଦୃଢ, ପ୍ରମାଣସିଦ୍ଧ, ସ୍ଥିର, ପ୍ରବଳ ।
Validity, *s.* ଦୃଢତା, ସ୍ଥିରତା, ନିଶ୍ଚୟ, ପ୍ରାମାଣ୍ୟ । [ଭୂମି, ଉପତ୍ୟକା, ପଦା ।
Valley, *s.* ଦୁଇ ପର୍ବତର ମଧ୍ୟଭୂମି, ତଳ
Valorous, *a.* ସାହସୀ, ବିକ୍ରାନ୍ତ, ବୀର୍ଯ୍ୟବାନ୍ ।
Valour, *s.* ବିକ୍ରମ, ପରାକ୍ରମ, ସାହସ, ବୀରପଣ
Valuable, *a.* ବହୁମୂଲ୍ୟ; ଅତ୍ୟୁତ୍ତମ; ଉପଯୁକ୍ତ
Valuation, *s.* ନିରୂପିତମୂଲ୍ୟ; ମୂଲ୍ୟନିରୂପଣ, ଦରନିର୍ଣ୍ଣୟ ।

Value, *s.* ମୂଲ୍ୟ, ଦାମ, ଦର, ସ୍ୱତ୍ୱ; ଗୁଣ । —*v.* ମୂଲ୍ୟନିରୂପଣ, ଦର-ଦାମ- ସ୍ୱତ୍ୱ-କ; ଶ୍ରେୟଜ୍ଞାନ-ମାନ୍ୟ-କ ।
Valve, *s.* ପଟେ କବାଟ, କଳକବାଟ ।
Vamp, *v.* ତାଳୀ-ଦେ, ଯୋଡା ସଜାଇବା, ମରାମତି-କ ।
Vampire, *s.* କବିକଳ୍ପିତ ରାକ୍ଷସ; ବଡ ବାଦୁଡି ।
Van, Vanguard, *s.* ସୈନ୍ୟର ଅଗ୍ର ଦଳ, ପୁରୋବର୍ତ୍ତୀ ସୈନ୍ୟ ଦଳ ।
Vane, *s.* ବାୟୁର ଗତି ଜାଣିବା ନିମନ୍ତେ ଘୂରଣୀୟ ପତାକା ବିଶେଷ ।
Vanish, *v.* ଅନ୍ତର୍ଦ୍ଧାନ- ଅନ୍ତର- ଲୁପ୍ତ-ହେ ।
Vanity, *s.* ଅସାରତ୍ୱ, ମିଥ୍ୟା; ଅହଙ୍କାର, ଦର୍ପ ।
Vanquish, *v.* ପରାସ୍ତ- ଜୟ-କ, ଜିତିବା ।
Vantage, *s.* ଲାଭ, ଲାଭ, ପ୍ରାପ୍ତି, ଶ୍ରେଷ୍ଠତା ।
Vapid, *a.* ନିରସ, ନିସ୍ୱାଦୁ, ପାଣିଚିଆ, ନିସ୍ତେଜ ।
Vaporish, *a.* ବାଷ୍ପମୟ, ବାଷ୍ପପୂର୍ଣ୍ଣ, ଧୂମମୟ ।
Vaporise, *v.* ବାଷ୍ପ-ବାଷ୍ପ-କ ।
Vapour, *s.* ବାଷ୍ପ, ବାଷ୍ପ, ଧୂମ ।—*v.* ବାଷ୍ପ ନିର୍ଗତ-ହେ, ବାଷ୍ପ ହୋଇ ଉଡି ଯିବା; ଗର୍ବ-କ । [ଗ୍ଲାନି ।
Vapours, *s.* ବାୟୁରୋଗ, ବିମର୍ଷତା, ମନର
Variable, *a.* ଚଞ୍ଚଳ, ଅସ୍ଥିର, ଅନିତ୍ୟ ।
Variance, *s.* ଅନୈକ୍ୟ, ଅମେଳ, ମତଭେଦ, ବିବାଦ । [ନ୍ତର ।
Variation, *s.* ବୈଲକ୍ଷଣ୍ୟ, ଭେଦ, ପ୍ରକାରା-
Variegated, *a.* ଚିତ୍ରବିଚିତ୍ର, ବହୁରଙ୍ଗ ।
Variegation, *s.* ଚିତ୍ରବିଚିତ୍ରତା, ନାନାରଙ୍ଗ ।
Variety, *s.* ବଦଳାବଦଳି; ଭେଦ; ଭିନ୍ନ-ପଦାର୍ଥ ।
Various, *a.* ନାନା ପ୍ରକାର, ବିବିଧ, ଅନେକ ।
Varlet, *s.* ଭୃତ୍ୟ, ଦାସ; ଦୁରାତ୍ମା, ଦୁଷ୍ଟଲୋକ ।

Varnish, *s.* ଚିକ୍କଣତୈଳ ବା ଲେପ, ବାର୍ଣ୍ଣିଷ । —*v.* ଲେପନ-ଚିକ୍କଣ-କ; କଥା ଦେଇ ସଜାଡିବା, ଦୋଷ ଢାଙ୍କିବା ।
Vary, *v.* ବଦଳ-ଭିନ୍ନ-କ; ବିକୃତ-କ ।
Vase, *s.* ସୁନ୍ଦର ପାତ୍ରବିଶେଷ, ଫୁଲଦାନ ।
Vassal, *s.* ପ୍ରଜା, ଦାସ, କିଙ୍କର, ଅଧୀନବ୍ୟକ୍ତି ।
Vassalage, *s.* ଅଧୀନତା, ଦାସତ୍ୱ, କିଙ୍କରତା ।
Vast, *a.* ବଡ, ବୃହତ୍, ମହତ୍, ପ୍ରକାଣ୍ଡ ।
Vat, *s.* ଚୌବଚ୍ଛା, କୁଣ୍ଡ । [ଅଟ୍ଟାଳିକା ।
Vatican, *s.* ରୋମ ନଗରରେ ପୋପର
Vault, *s.* ଖିଲାଣଘର ବା ଗୋଦାମ; କବରସ୍ଥାନ; ଗୁହା, ଗୁମ୍ଫା । [-କ ।
Vault, *v.* କୁଦା ବା ଡିଆଁମାରିବା; ଖିଲାଣ
Vaunt, *v.* ଅହଙ୍କାର-ଦର୍ପ- ବଡାଇ-କ ।
Veal, *s.* ବାଛୁରିର ମାଂସ, ଗୋବତ୍ସର ମାଂସ ।
Veer, *v.* ବୁଲିବା, ଫେରଫାର-ଏପାଖ ସେ-ପାଖ-କ, ଅସ୍ଥିର-ହେ । [ଉଦ୍ଭିଜ, ବୃକ୍ଷ ।
Vegetable, *s.* ଶାକ, ତୃଣପତ୍ର, ଶାକସବଜୀ;
Vegetable, *a.* ଉଦ୍ଭିଦ, ବୃକ୍ଷଧର୍ମକ ।
Vegetate, *v.* ଗଛପରି ବଢିବା ବା ଉଠିବା ।
Vegetation, *s.* ବୃକ୍ଷବର୍ଦ୍ଧନ, ଗଛ ଉତ୍ପତ୍ତି; ଗଛ ତୃଣାଦି ସମୂହ । [ବଳ, ବେଗ ।
Vehemence, *s.* ବ୍ୟଗ୍ରତା, ଉତ୍ତାପ, ତେଜ,
Vehement, *a.* ପ୍ରବଳ, ଉଷ୍ଣ, ବ୍ୟଗ୍ର, ପ୍ରଚଣ୍ଡ ।
Vehicle, *s.* ଯାନ, ବାହନ, ଗାଡି, ପାଲିଙ୍କି ।
Veil, *s.* ଘୁମ୍ଟା, ମୁଖାଚ୍ଛାଦନୀ, ଓଢଣୀ, ଆବରଣ । [ଇବା ।
Veil, *v.* ଆଚ୍ଛାଦନ-ପ୍ରଚ୍ଛନ୍ନ-ଗୁପ୍ତ-କ, ଘୋଡା-
Vein, *s.* ରକ୍ତପ୍ରବାହକ ନାଡୀ, ଶିରା, ରଗ; କାଷ୍ଠ ବା ଧାତୁରେ ରେଖା; ଅବସ୍ଥ ଦ୍ରବ୍ୟର ଧାର; ମନର ଗତି, ଝୋକ; ଫାଟ ।
Vellum, *s.* ଲେଖନାର୍ଥେ ପ୍ରସ୍ତୁତ ପଶୁଚର୍ମ ।
Velocity, *s.* ବେଗ, ଦ୍ରୁତଗମନ, ଶୀଘ୍ରତ୍ୱ ।

Velvet, *s.* ମଖମଲଜାତୀୟ ରେଶମୀ ଲୁଗା-ବିଶେଷ ।

Venal, *a.* ଅର୍ଥଗ୍ରାହ୍ୟ, ଅର୍ଥପ୍ରିୟ, ଲାଞ୍ଚଗ୍ରାହୀ ।

Venality, *s.* ଲାଞ୍ଚ ବା ଦ୍ରବ୍ୟଗ୍ରହଣ, ଅର୍ଥ-ଗ୍ରାହିତା; ବେଶ୍ୟାବୃତ୍ତି । [ରଖିବା ।

Vend, *v.* ବିକ୍ରୟ-କ, ବିକିବା, ବିକ୍ରୟାର୍ଥେ

Vendee, *s.* କ୍ରେତା, କ୍ରୟକର୍ତ୍ତା, ଗ୍ରାହକ, କିଣିବା ଲୋକ । [ଲୋକ ।

Vendor, *s.* ବିକ୍ରେତା, ବିକ୍ରୟକର୍ତ୍ତା, ବିକିବା

Veneer, *v.* କାଷ୍ଠର ସୂକ୍ଷ୍ମପଟୀ ବା ପଲସ୍ତା ଲଗାଇବା । [ଆଦରଣୀୟ ।

Venerable, *a.* ବନ୍ଦନୀୟ, ମାନ୍ୟ, ପୂଜ୍ୟ,

Venerate, *v.* ପୂଜା- ଶ୍ରଦ୍ଧା- ସମ୍ମାନ- ଆଦର -କ । [ସମ୍ମାନ ।

Veneration, *s.* ସମାଦର, ପୂଜା, ଶ୍ରଦ୍ଧା,

Venereal, *a.* ଶୃଙ୍ଗାରରସ ସମ୍ବନ୍ଧୀୟ; ରତି ବିଷୟକ; ଉପଦଂଶ ରୋଗ ସମ୍ବନ୍ଧୀୟ ।

Venery, *s.* ମୃଗୟା, ଶିକାର; ରତିକ୍ରିୟା, ସ୍ତ୍ରୀସଂସର୍ଗ ।

Venesection, *s.* ରକ୍ତମୋକ୍ଷଣ, ରକ୍ତ ପାତନ ।

Venetian, *s.* ଖିଡ଼କିର ଝିଲିମିଲ ।

Vengeance, *s.* ସମୁଚିତଦଣ୍ଡ, ପ୍ରତିଫଳ, ଶାସ୍ତି, ସଜା ।

Vengeful, *a.* ପ୍ରତିହିଂସକ, ପ୍ରତ୍ୟପକାରୀ, ଦ୍ୱେଷୀ । [ଦୋଷ, ଅଳ୍ପ ।

Venial, *a.* କ୍ଷମାଯୋଗ୍ୟ, କ୍ଷମଣୀୟ, ସହଜ-

Venison, *s.* ମୃଗମାଂସ, ହରିଣମାଂସ, ମୃଗ-ୟାରପଶୁ ।

Venom, *s.* ଗରଳ, ବିଷ, ଜହର, କାଳକୂଟ ।

Venomous, *a.* ବିଷଧର, ହିଂସ୍ରକ, ବିଷଯୁକ୍ତ, ଗରଳୀ ।

Vent, *s.* କ୍ଷୁଦ୍ର ଛିଦ୍ର, ରନ୍ଧ୍ର; ଯାଇବାଟ ; ଉକ୍ତି ।

Vent, *v.* ବାହାର- ପ୍ରକାଶ- ପ୍ରଚାର-କ ।

Ventilate, *v.* ବିଞ୍ଚିବା; ବାୟୁରେ ପରିଷ୍କାର -କ; ବିତର୍କ-ବିଚାର-କ ।

Ventilation, *s.* ବାୟୁ ବିଞ୍ଚଣ, ପବନର ଯାଆସ ; ଅନ୍ୱେଷଣା, ଆନ୍ଦୋଳନ [କଲ ।

Ventilator, *s.* ଗୃହରେ ପବନର ଯାଆସ

Ventricle, *s.* କୋଷ୍ଠ, ପେଣ୍ଡରକୋଷ; ହୃଦ-ୟର କଳ । [ରଖି କଥା କହିବା ଲୋକ ।

Ventriloquist, *s.* ଉଦରବାଦୀ, ମୁଖ ବନ୍ଦ

Venture, *s.* ଦୈବକର୍ମ, ସାହସ, ଝୁଙ୍କିପଣ, କପାଳଠୋକାକର୍ମ ।

Venture, *v.* ସାହସ-କ, ନିର୍ଭୟରେ ପ୍ରବୃତ୍ତ -ହେ, ଦୁଃସାଧ୍ୟ କର୍ମେ ଉଦ୍‌ଯୋଗ କ, ପ୍ରାଣ-ପଣ-କ । [କପାଳଠୋକା ।

Venturesome, *a.* ସାହସିକ, ନିର୍ଭୟ,

Venus, *s.* ଶୁକ୍ରଗ୍ରହ, ପ୍ରଭାତତାରା; ରତିଦେବୀ,

Veracity, *s.* ସତ୍ୟତା, ଯାଥାର୍ଥ୍ୟ, ତତ୍ତ୍ୱ, ନିଷ୍ଠା

Verandah, *s.* ବରଣ୍ଡା, ଉପଗୃହ, ବାହାର ଦାଳଣ ।

Verb, *s.* ବ୍ୟାକରଣରେ କ୍ରିୟାବାଚକ ପଦ ।

Verbal, *a.* ମୌଖିକ, ବାଚନିକ, ଉକ୍ତ, କଥିତ; କ୍ରିୟାପଦ ସମ୍ବନ୍ଧୀୟ ।

Verbal noun, *s.* କୃଦନ୍ତ ସଂଜ୍ଞା ।

Verbally, *ad.* ପ୍ରମୁଖତ, ବାକ୍ୟ ଦ୍ୱାରା, ଉକ୍ତିରେ, କଥାରେ, ମୁଖରେ । [ଅକ୍ଷର ।

Verbatim, *ad.* କଥା ପରି କଥା, ଅକ୍ଷର ପରି

Verbiage, *s.* ଅନର୍ଥକ ବାହୁଲ୍ୟ କଥା ।

Verbose, *a.* ବାହୁଲ୍ୟ କଥାଯୁକ୍ତ, ବହୁବାକ୍ୟ-ବ୍ୟୟୀ ।

Verbosity, *s.* ବହୁବାକ୍ୟ, ଅତି ପ୍ରସଙ୍ଗ ।

Verdant, *a.* ତୃଣମୟ, ହରିଦ୍ବର୍ଣ୍ଣ, ଶାଦ୍ୱଳ, ଘାସପୂର; ସତେଜ ।

Verdict, *s.* ନିଷ୍ପତ୍ତି, ଦଣ୍ଡାଜ୍ଞା, ସିଦ୍ଧାନ୍ତ, ଚୂଡ଼ାନ୍ତାଜ୍ଞା, ବିଚାର ।

Verdigris, *s.* ତମ୍ବାର କଳଙ୍କ, ଜଙ୍ଗାଲ ।
Verdure, *s.* ତୃଣାଦିର ସତେଜତ୍ୱ, ଶାଗୁଆ-ବର୍ଣ୍ଣ ।
Verge, *s.* ସୀମା, ଧାର, କୂଳ, ଘେର ।
Verge, *v.* କୌଣସିଅଡ଼େ ନଇଁବା, ଝୁଙ୍କିବା ; ସମୀପସ୍ଥ-ନିକଟବର୍ତ୍ତୀ-ହେ ।
Verger, *s.* ଅସାବରଦାର, ଯଷ୍ଟିବାହକ ।
Verify, *v.* ପ୍ରମାଣ-ସାବୁଦ୍-ସାବ୍ୟସ୍ତ-କ ।
Verily, *ad.* ସତ୍ୟ, ନିଶ୍ଚେ, ଯଥାର୍ଥରେ, ନିତାନ୍ତ । [ପାରଇ ଯେ ।
Verisimilitude, *s.* ସମ୍ଭାବନୀୟତା, ହୋଇ
Veritable, *a.* ସତ୍ୟ, ପ୍ରକୃତ, ସପ୍ରମାଣ, ଯଥାର୍ଥ, ବାସ୍ତବକ । [ନିଷ୍ଠା ।
Verity, *s.* ସତ୍ୟତା, ପ୍ରକୃତତା, ଯାଥାର୍ଥ୍ୟ,
Vermicelli, *s.* ସେମାଇ, ମଇଦାର ସୂତାପରି ଖାଦ୍ୟ ।
Vermicular, *a.* କୃମିବତ୍, ପେଞ୍ଚୁଲ ।
Vermicule, *s.* କ୍ଷୁଦ୍ର କୀଟ, କୃମି, ପୋକ ।
Vermifuge, *s.* କୃମିନାଶକ ଔଷଧ ।
Vermilion, *s.* ସିନ୍ଦୁର, ଜାଜକ, ହିଙ୍ଗୁଳ ।
Vermin, *s.* କୀଟ, ପୋକ, କୃମି, ଜଅ ।
Vernacular, *a.* ସ୍ୱଦେଶୀୟ, ଦେଶୀୟ । —*s.* ଦେଶର ଭାଷା । [କୀୟ ।
Vernal, *a.* ବସନ୍ତକାଳ, ବସନ୍ତକାଳସମ୍-
Versatile, *a.* ଚଞ୍ଚଳ, ଅସ୍ଥିର, ପରିବର୍ତ୍ତନୀୟ
Versatility, *s.* ଅସ୍ଥିରତା, ପରିବର୍ତ୍ତନୀୟତ୍ୱ ; ଅନେକ ବିଷୟରେ ନୈପୁଣ୍ୟ ।
Verse, *s.* କବିତା, ଶ୍ଳୋକ, ପଦ୍ୟ ; ପଦ ।
Versed, *a.* ବ୍ୟୁତ୍ପନ୍ନ, ନିପୁଣ, ପଟୁ, ପାରଦର୍ଶୀ
Versification, *s.* କବିତାକରଣବିଦ୍ୟା, ଶ୍ଳୋକରଚନା । [ରଚନା-କ ।
Versify, *v.* କବିତା-ଶ୍ଳୋକ,-ପଦ୍ୟ-କ, ଛନ୍ଦ
Version, *s.* ଅନୁବାଦ ତର୍ଜମା, ଭାଷାନ୍ତର ।

Vertebra, *s.* ମେରୁଦଣ୍ଡର ଗଣ୍ଠି, ମଝିଶିର, ହାଡ ।
Vertex, *s.* ମୁଣ୍ଡ ଉପରେ ଅଗ୍ରଭାଗସ୍ଥାନ; ଶିଖା, ଉପରିଭାଗ ।
Vertical, *a.* ମୁଣ୍ଡର ଊର୍ଦ୍ଧ୍ୱସ୍ଥିତ, ଉପରିସ୍ଥ ।
Vertigo, *s.* ମୁଣ୍ଡବୁଲା, ଶିରଭ୍ରମଣ ।
Very, *a.* ସତ୍ୟ, ଯଥାର୍ଥ, ଅବିକଳ, ସେହି । —*ad.* ଅତି, ଅତିଶୟ, ଅତ୍ୟନ୍ତ, ବହୁତ ।
Versicle, *s.* ଛୋଟକବି, ପ୍ରଶ୍ନବର୍ଗ ।
Vesper, *s.* ସନ୍ଧ୍ୟାର ତାରା; ସନ୍ଧ୍ୟାକାଳ ।
Vespers, *s.* ସନ୍ଧ୍ୟା ସମୟର ପ୍ରାର୍ଥନା ବା ଉପାସନା ।
Vessel, *s.* ପାତ୍ର, ଆଧାର; ପୋତ; ଜାହାଜ, ନୌକାଦି; ଶରୀରର ରକ୍ତ ଧମନୀ ।
Vest, *s.* ଅଙ୍ଗରଖା, ବସ୍ତ୍ରବିଶେଷ ।
Vestal, *s.* ସତୀକନ୍ୟା ଦେବୋପାସିକା କୁମାରୀ ।—*a.* ଅବିବାହିତା, ଶୁଦ୍ଧ, ସତୀ ।
Vestibule, *s.* ଦ୍ୱାରର ବରଣ୍ଡା, ପିଣ୍ଡା, ଅଙ୍ଗଣ
Vestige, *s.* ଚିହ୍ନ, ପଦଚିହ୍ନ, ଦାଗ, ନିଶାଣୀ
Vestment, Vesture, *s.* ପରିଚ୍ଛଦବସ୍ତ୍ର; ପୋଷାକ ।
Vestry, *s.* ଉପାସନାଳୟର ସରଞ୍ଜାମ ରଖିବା କୁଠରୀ; ତଦ୍ଗୃହବର୍ତ୍ତୀ ସଭା ।
Vetch, *s.* ବୀଜ, ଉରଦାନା ।
Veteran, *s.* ପ୍ରାଚୀନ ଯୋଦ୍ଧା ।—*a.* ବହୁକାଳାଭ୍ୟାସୀ, ଦକ୍ଷ ।
Veterinary, *a.* ପଶ୍ୱାଦିର ଚିକିତ୍ସାସମ୍ବନ୍ଧୀୟ
Veterinary-surgeon, *a.* ଘୋଡ଼ାବୈଦ୍ୟ
Vex, *v.* ବିରକ୍ତ-ବ୍ୟସ୍ତ-ଦିକ୍-କ, ଦୁଃଖ-ଦେ ।
Vexation, *s.* ଯନ୍ତ୍ରଣା, ଦୁଃଖ, ପୀଡ଼ା, ବିରକ୍ତି
Vexatious, *a.* ଅତୁଷ୍ଟିକର, ଦୁଃଖଦାୟକ, କୋପଜନକ । [ବିଶେଷ ।
Vial, *s.* ଶିଶି, ସାନ ବୋତଲ, କାଚପାତ୍ର

Viand, *s.* ଭୋଜ୍ୟ, ଭକ୍ଷ୍ୟ, ଖାଦ୍ୟ, ପକ୍ୱ-
ମାଂସାଦି । [ଦ୍ରୁତକିସ୍ତା, ବୈତରଣୀ ।
Viaticum, *s.* ପାଥେୟ; ମରିବା କାଳର
Vibrate, *v.* ଝୁଲିବା, ଦୋଳିବା, ଦୋହଲିବା ।
Vibration, *s.* ଆନ୍ଦୋଳନ, ଝୁଲା, ଦୋଳା ।
Vicar, *s.* ଗ୍ରାମ୍ୟ ଧର୍ମୋପଦେଶକ, ପ୍ରତିନିଧି ।
Vicarious, *a.* ପ୍ରତିନିଧିସ୍ୱରୂପ, ପରପାଇଁ
କୃତ ।
Vice, *s.* ପାତକ, ଦୁଷ୍କୃତ, ପାପ; ପାକ ସଣ୍ଡା-
ସୀ, ଚିମୁଟାବିଶେଷ ।
Vice, *prep.* ପ୍ରତିନିଧିଭୂତତାବାଚକ ଉପସର୍ଗ ।
Vice-regent, *s.* ପ୍ରତିନିଧି, ନାଏବ, ଡେପୁଟୀ
Vice-president, *s.* ସଭାପତିର ପ୍ରତିନିଧି ।
Viceroy, *s.* ରାଜା ବା ରାଣୀର ପ୍ରତିନିଧି;
ନବାବ, ସୁବେଦାର । [ବଦଳେ ।
Vice-versa, *ad.* ବିପରୀତ ଭାବରେ, ବଦଳା-
Vicinity, *s.* ନୈକଟ୍ୟ, ସାନ୍ନିଧ୍ୟ, ସାମୀପ୍ୟ,
ପାଖ ।
Vicious, *a.* ଦୁଷ୍ଟ, ଦୁରାଚାର, ଅଧମ ।
Vicissitude, *s.* ପରିବର୍ତ୍ତନ, ବଦଳ, ଫେର-
ଫାର । [ଅନ୍ୟାୟରେ ଦଣ୍ଡିତ ଯେ ।
Victim, *s.* ବଳି, ବୋଦା, ନାଶର ପାତ୍ର;
Victor, *s.* ଜୟକର୍ତ୍ତା, ବିଜୟୀ, ଜୟୀ, ଜେତା
Victorious, *a.* ଜୟଯୁକ୍ତ, ଜୟବାନ, ବିଜୟୀ
Victory, *s.* ଜୟ, ବିଜୟ; ବାଜି ଜି ।
Victual, *v.* ଖାଦ୍ୟଦ୍ରବ୍ୟ ଯୋଗାଇବା ।
Victualler, *s.* ଭକ୍ଷ୍ୟଦ୍ରବ୍ୟ ଯୋଗାଇବା
ଲୋକ ।
Victuals, *s.* ଅନ୍ନ, ଖାଦ୍ୟ, ଆହାର, ଭକ୍ଷ୍ୟ ।
Videlicet, *ad.* ଅର୍ଥାତ୍, ଯଥା, ସ୍ପଷ୍ଟତଃ,
ବିଶେଷତଃ ।
Vie, *v.* ପ୍ରତିଯୋଗୀ-ହେ, ପଣ-କ; ପରଠାରୁ
ଭଲ କରିବାକୁ ଚେଷ୍ଟା-କ ।

View, *s.* ଦର୍ଶନ, ଦୃଷ୍ଟି, ଦେଖା; ଆଶୟ, ହେତୁ
।—*v.* ନିରୀକ୍ଷଣ- ଦୃଷ୍ଟି- ଦର୍ଶନ- ପ୍ରେକ୍ଷଣ-କ,
ଚାହିଁବା ।
Vigil, *s.* ପର୍ବର ପୂର୍ବସନ୍ଧ୍ୟା, ଜାଗିବାକାଳର କୃତ୍ୟ
Vigilance, *s.* ସତର୍କତା, ସାବଧାନତା,
ଚୌକିଦାରୀ । [ଉଦ୍ଯୋଗୀ ।
Vigilant, *a.* ସତର୍କ, ସଚେତନ, ସାବଧାନ,
Vignette, *s.* ପତ୍ର ପୃଷ୍ଠାଦି ଚିତ୍ରିତ ଛବି ।
Vigorous, *a.* ସତେଜ, ବଳବାନ, ବଳିଷ୍ଠ,
ଶକ୍ତିମାନ । [ସାମର୍ଥ୍ୟ ।
Vigour, *s.* ବଳ, ତେଜ, ଶକ୍ତି, ପରାକ୍ରମ·
Vile, *a.* ପାମର, ଅଧମ, ନୀଚ, ଦୁଷ୍ଟ, ପାଜି ।
Villify, *v.* ଗ୍ଲାନି-ନିନ୍ଦା- ଦୁର୍ନାମ-କ, ଗାଳି
-ଦେ । [ଗୃହ ।
Villa, *s.* ନଗର ନିବାସୀର ପାଲିଁଲ ଗୃହ ବଗି-
Village, *s.* ପଲ୍ଲୀଗ୍ରାମ, ପାଲିଁଲ ଗ୍ରାମ ।
Villager, *s.* ଗ୍ରାମବାସୀ, ପାଲିଁଲ ବା ଗ୍ରାମ-
ଲୋକ ।
Villain, *s.* ଦୁରାତ୍ମା, ଠକ, ଦୁଷ୍ଟଲୋକ ।
Villainous, *a.* ଦୁଷ୍ଟ, ଦୁରାଚାର, ଅପରାଧୀ,
ପାପିଷ୍ଠ । [ଠକପଣ, ନଷ୍ଟାମୀ ।
Villainy, *s.* ଦୁଷ୍ଟତା, ଦୁରାଚାର, ଠଗାମୀ,
Vindicate, *v.* ନିର୍ଦ୍ଦୋଷତା ସାବ୍ୟସ୍ତ-କ;
ପ୍ରତିଫଳ-ଦେ ।
Vindication, *s.* ଦୋଷଖଣ୍ଡନ, କଳଙ୍କ-
ମାର୍ଜନ, ଉଦ୍ଧାରକରଣ । [ଦ୍ୱେଷୀ ।
Vindictive, *a.* ପ୍ରତିଫଳଦାୟୀ, ପ୍ରତିହିଂସକ,
Vine, *s.* ଦ୍ରାକ୍ଷାଲତା, ଅଙ୍ଗୁରଗଛ ।
Vinegar, *s.* ସିରକା, ଶିର୍ଷିରଣୀ, ଅମ୍ଳରସ ।
Vineyard, *s.* ଦ୍ରାକ୍ଷାକ୍ଷେତ୍ର, ଅଙ୍ଗୁରର କ୍ଷେତ
Vinous, *a.* ମଦଗୁଣବିଶିଷ୍ଟ, ସୁରାବତ୍, ମଦ୍ୟ-
ପ । [ସଂଗ୍ରହର ସମୟ ।
Vintage, *s.* ଅଙ୍ଗୁରର ଫସଲ; ଦ୍ରାକ୍ଷା ଫଳ

Vintner, *s.* ଶୁଣ୍ଡୀ, ମଦ୍ୟବିକ୍ରେତା, ଶୌଣ୍ଡିକ
Viol, *s.* ତାରଯୁକ୍ତ ବାଦ୍ୟଯନ୍ତ୍ରବିଶେଷ, ବୀଣା ।
Violate, *v.* ଅପକାର-ହାନି-ଭ୍ରଷ୍ଟ-କ; ଉଲ୍ଲଙ୍ଘନ-ଅନ୍ୟଥା-କ । [ସ୍ୱର ।
Violation, *s.* ଲଙ୍ଘନ, ବଳାତ୍କାର, ବଳୁଷା-
Violence, *s.* ଅତ୍ୟାଚାର, ଉପଦ୍ରବ, ଉତ୍ପାତ, ଦୌରାତ୍ମ୍ୟ, ଅନ୍ୟାୟ, ବେଠି । [ସ୍ୱଗାନ୍ଧିତ ।
Violent, *a.* ପ୍ରଚଣ୍ଡ, ଅତ୍ୟାଚାରୀ, ପ୍ରବଳ;
Violet, *s.* ସୁଗନ୍ଧି ସୁନ୍ଦର ପୁଷ୍ପବିଶେଷ ।
Violin, *s.* ବେହେଲା, ବୀଣା ବା ସାରଙ୍ଗୀ ବିଶେଷ ।
Violoncello, *s.* ବୃହତ୍ ବେହେଲା ।
Viper, *s.* କାଳସର୍ପବିଶେଷ; ହିଂସକ ଲୋକ ।
Virago, *s.* ବଳଦ୍ଧାରିଣୀ ସ୍ତ୍ରୀ, ବହେରୁ ସ୍ତ୍ରୀ, ବଡ଼ଅଶୋରଣୀ, ଅଣ୍ଡ୍ରିସରଣ୍ଡୀ ।
Virgin, *s.* କୁମାରୀ, କନ୍ୟା, ଅକ୍ଷତା, ଅଛୁଟା । —*a.* କନ୍ୟାପରି, କୁମାରୀବତ୍; ଶୁଦ୍ଧ, ନିର୍ମଳ । [ଘାବୁ ।
Virginity, *s.* କନ୍ୟାବସ୍ଥା, କୁମାରୀତ୍ୱ, ଅକ୍ଷୁ-
Virgo, *s.* କନ୍ୟାରାଶି, କନ୍ୟା ।
Virile, *s.* ପୁଂବତ୍, ପୁରୁଷପରି, ବଳବାନ୍ ।
Virility, *s.* ପୌରୁଷ, ପୁଂଶକ୍ତି, ପୁରୁଷତ୍ୱ ।
Virtual, *a.* ବାସ୍ତବିକ, ସ୍ୱାଭାବିକ, ଫଳଦ ।
Virtually, *ad.* ଯାଥାର୍ଥ୍ୟରେ, ସାର କରି, ଗୁଣଦ୍ୱାରା ।
Virtue, *s.* ସୌଜନ୍ୟ, ଧର୍ମ, ପୁଣ୍ୟ, ଗୁଣ, ଶକ୍ତି
Virtuous, *a.* ଧାର୍ମିକ, ପୁଣ୍ୟବନ୍ତ, ସଜ୍ଜନ; ସତୀ; ପତିବ୍ରତା । [ଉଷ୍ଣ, ଜ୍ୱାଳା ।
Virulence, *s.* ଉଗ୍ରତା, କଟୁତା, ଦ୍ୱେଷ;
Virulent, *a.* ବିଷପୂର୍ଣ୍ଣ, ଉଗ୍ର, ଦ୍ୱେଷୀ, କଟୁ ।
Virus, *s.* ବିଷ, ଗରଳ; କ୍ଷତରସ, ପୂଜ ।
Visage, *s.* ମୁଖ, ବଦନ, ଚେହେରା, ମୂର୍ତ୍ତି, ତୁଣ୍ଡ ।
Viscera, *s.* ଅନ୍ତ୍ର, ଅନ୍ତୁଡ଼ି, ଅନ୍ତ୍ରବୁଡ଼ୁଳା ।
Viscid, *a.* ଚଟଚଟିଆ, ଅଠାପରି ।
Viscount, *s.* ଇଂଲଣ୍ଡୀୟ କୁଳୀନର ଉପାଧି-ବିଶେଷ ।
Viscountess, *s.* ଉକ୍ତ କୁଳୀନର ପତ୍ନୀ ।
Visibility, *s.* ଦୃଷ୍ଟିଗୋଚରତା, ଦୃଶ୍ୟତା ।
Visible, *a.* ଦୃଶ୍ୟ, ଚକ୍ଷୁଗୋଚର, ପ୍ରତ୍ୟକ୍ଷ ।
Visibly, *ad.* ଦୃଶ୍ୟରୂପେ, ପ୍ରକାଶ ବା ପ୍ରତ୍ୟକ୍ଷରୂପେ । [ଦୈବ ଦର୍ଶନ ।
Vision, *s.* ଦୃଷ୍ଟି, ଦର୍ଶନ; ଦର୍ଶନଶକ୍ତି, ସ୍ୱପ୍ନଦର୍ଶନ,
Visionary, *a.* ମିଥ୍ୟା, ସ୍ୱପ୍ନବତ୍, ଅମୂଳକ ।
Visionary, *s.* ମିଥ୍ୟାକଳ୍ପନାକାରୀ, ଭ୍ରମଧ୍ୟାନୀ
Visit, *s.* ସାକ୍ଷାତ୍, ସନ୍ଦର୍ଶନ, ଦେଖା, ଭେଟ, ମୁଲାକାତ୍ । —*v.* ସାକ୍ଷାତ୍- ସନ୍ଦର୍ଶନ-କ, ଭେଟିବା; ସଙ୍ଗୋଳିବା; ଶାସନ-କ ।
Visitation, *s.* ସାକ୍ଷାତ୍କରଣ, ଦୈବଘଟନା, ଈଶ୍ୱରଦତ୍ତ ଶାସନ ।
Visitor, *s.* ସାକ୍ଷାତ୍କାରକ, ଯେ ଭେଟିବାକୁ ଆସେ; ତତ୍ତ୍ୱାବଧାରକ ।
Visor, *s.* ଛଦ୍ମବେଶ, ମୁଖାଚ୍ଛାଦକ । ଦର୍ଶନ ।
Vista, *s.* ଦୁଇପାଖେ ବୃକ୍ଷ ଶ୍ରେଣୀର ମଧ୍ୟ
Visual, *a.* ଦୃଷ୍ଟିସମ୍ବନ୍ଧୀୟ, ଅକ୍ଷିର ଗୁଣବିଷୟକ
Vital, *a.* ଜୀବନସମ୍ବନ୍ଧୀୟ, ପ୍ରାଣାଧାର; ଅତ୍ୟାବଶ୍ୟକ ।
Vitality, *s.* ଜୀବାତ୍ମା, ଜୀବଧାରଣଶକ୍ତି, ମର୍ମତ୍ୱ, ସଜୀବତ୍ୱ, ତେଜ ।
Vitals, *s.* ପ୍ରାଣର ସ୍ୱାସ୍ଥ୍ୟ, ମର୍ମସ୍ଥାନ ।
Vitiate, *v.* ନଷ୍ଟ-ଭ୍ରଷ୍ଟ-ଖରାପ-କ, ବିଗାଡ଼ିବା
Vitrify, *v.* କୌଣସି ଦ୍ରବ୍ୟରେ କାଚ ନିର୍ମାଣ-କ
Vitriol, *s.* ତୁତିଆ, ମଦରଗିସ; ପୁଷ୍ପକ ।
Vituperate, *v.* ଅପବାଦ-ଦେ, ଭର୍ତ୍ସନା-ନିନ୍ଦା-କ ।
Vituperation, *s.* ନିନ୍ଦା, ଭର୍ତ୍ସନା, ଅପବାଦ

Vivacious, *a.* ଉଲ୍ଲାସିତ, ସତେଜ, ସଜୀବ, ଚପଳ |

Vivacity, *s.* ସଜୀବତ୍ୱ, ପ୍ରଫୁଲ୍ଲତା, ଉଲ୍ଲାସ, ରସିକତା |

Vivid, *a.* ସ୍ପଷ୍ଟ, ଉଜ୍ଜ୍ୱଳ, ସଜୀବ, ସତେଜ |

Vividly, *ad.* ସତେଜରୂପେ, ସ୍ପଷ୍ଟଭାବେ |

Vivify, *v.* ସତେଜ-କ; ପ୍ରାଣଦାନ- ସଜୀବ-କ, ଜୀଅଁଇବା |

Viviparous, *a.* ଜରାୟୁଜାତ, ଅଣ୍ଡଜ ନୁହେଁ |

Vivisection, *s.* ସଜୀବ ଜନ୍ତୁର ଅଙ୍ଗଚ୍ଛେଦନ |

Vivisector, *s.* ସଜୀବ ଜନ୍ତୁର ଅଙ୍ଗ ଯେ ଛେଦନ କରେ |

Vixen, *s.* କଳହୀସ୍ତ୍ରୀ, କଳିହୁଡ଼ି, ଗୁଣ୍ଡ୍ରୋଈ |

Viz, *ad.* ଅର୍ଥାତ୍, ଯଥା, ଫଳତଃ, ବିଶେଷତଃ |

Vizier, *s.* ତୁରୁକଦେଶର ରାଜମନ୍ତ୍ରୀ, ଉଜିର |

Vocabulary, *s.* ଅଭିଧାନ, ଶବ୍ଦକୋଷ, ବାକ୍ୟାବଳି |

Vocal, *a.* ବାଚକ, ସ୍ୱରଯୁକ୍ତ, ସ୍ୱରସମ୍ବନ୍ଧ |

Vocalist, *s.* ଗାୟକ |

Vocation, *s.* ବ୍ୟବସାୟ, ପଦ; ସମ୍ବୋଧନ; ଆହ୍ୱାନ, ନିମନ୍ତ୍ରଣ |

Vocative-case, *s.* ସମ୍ବୋଧନ ପଦ ବା କାରକ |

Vociferate, *v.* ବଡ଼ ପାଟିକରି ଡାକିବା, ଚିତ୍କାର-ବୃହନ୍ନାଦ-କ |

Vociferation, *s.* ବଡ଼ପାଟି, ବୃହନ୍ନାଦ, ଚିତ୍କାରଶବ୍ଦ |

Vogue, *s.* ରୀତି, ଚଳନ, ପ୍ରଥା, ବ୍ୟବହାର, ଦସ୍ତୁର |

Voice, *s.* ସ୍ୱର, ଶବ୍ଦ, ଧ୍ୱନି, ରବ, ଭାବ; ସମ୍ମତି; କର୍ତ୍ତୃବାଚ୍ୟ; କର୍ମବାଚ୍ୟ |

Void, *s.* ଶୂନ୍ୟସ୍ଥାନ; ଶୂନ୍ୟତା; ଆକାଶ, ଶୂନ୍ୟ |—*a.* ଶୂନ୍ୟ, ଖାଲି, ବ୍ୟର୍ଥ, ମିଥ୍ୟା, ଅସାର; ରଦ୍; ବର୍ଜିତ |

Void, *v.* ରହିତ- ଖାଲି- ତ୍ୟାଗ- ରଦ୍-କ |

Volatile, *a.* ବାଷ୍ପପରି ଉଡ଼ନ୍ତା, ଚଞ୍ଚଳ, ଚପଳ |

Volcano, *s.* ଅଗ୍ନେୟଗିରି, ଜ୍ୱଳନ୍ତପର୍ବତ, ଜ୍ୱାଳାମୁଖୀ |

Volition, *s.* ଇଚ୍ଛା, ବାଞ୍ଛା, ମାନସ, ବାଞ୍ଛାକରଣଶକ୍ତି |

Volley, *s.* ଏକାବେଳେ ଅନେକ ଗୁଳି ମାରଣ

Volubility, *s.* ବାଚାଳପଣ, ବହୁବକ୍ତୃତା |

Voluble, *a.* ବାଚାଳ, ବହୁଭାଷୀ, ବକୁଆ |

Volume, *s.* ପୁସ୍ତକ, ଖଣ୍ଡ, ଏକପୁସ୍ତକ; ଦ୍ରବ୍ୟର ସଂସ୍ଥ |

Voluminous, *a.* ବହୁ ପୁସ୍ତକବର୍ଣ୍ଣିତ; ବିସ୍ତୃତ, ବଡ଼, ଅନେକ |

Voluntarily, *ad.* ସ୍ୱେଚ୍ଛାରେ, ସ୍ୱଚ୍ଛନ୍ଦେ |

Voluntary, *a.* ସ୍ୱେଚ୍ଛାଧୀନ, ସ୍ୱଚ୍ଛନ୍ଦ, ଐଚ୍ଛିକ |

Voluntary, *s.* ସ୍ୱେଚ୍ଛିକ; ଯେ ବାଦ୍ୟ ବାଦକ ଇଚ୍ଛାମତେ କରେ |

Volunteer, *s.* ସ୍ୱେଚ୍ଛାରେ ଯୁଦ୍ଧକାରୀ |

Volunteer, *v.* ସ୍ୱେଚ୍ଛାରେ କୌଣସି କର୍ମରେ ଉଦ୍ୟତ-ହେ; ସ୍ୱେଚ୍ଛାରେ ଯୁଦ୍ଧ ସ୍ୱୀକାର-କ |

Voluptuary, *s.* ଐହିକ ସୁଖାର୍ଥୀ, ସାଂସାରିକ ସୁଖରେ ମଗ୍ନ ଯେ |

Voluptuous, *a.* ଇନ୍ଦ୍ରିୟସୁଖାର୍ଥୀ, ପେଟାର୍ଥୀ, କାମାର୍ଥୀ, ପେଟୁକ |

Vomit, *v.* ବାନ୍ତି- ଉଦ୍ଗାର- ବମନ-କ |

Vomit, *s.* ବମନକାରକ ଔଷଧ; ବାନ୍ତି |

Voracious, *a.* ବହୁଭୋକ୍ତା, ପେଟୁକ, ବହୁଗ୍ରାସୀ |

Voracity, *s.* ପେଟୁକତା, ଅଦୂରତା |

Vortex, *s.* ଘୂର୍ଣ୍ଣି, ଆବର୍ତ୍ତ, ଘୂର୍ଣ୍ଣିଜଳ ବା ବାୟୁ |

Votary, *s.* ଉପାସକ, ସେବକ; ସ୍ୱଧର୍ମଗ୍ରାହୀ !

Vote, *s.* ସମ୍ମତି, ସମ୍ମତି ଚିହ୍ନ |—*v.* ସମ୍ମତି- ସମ୍ମତି ପ୍ରକାଶ-କ, ଜଣାଇବା |

Votive, *a.* ମାନତ ବା ବ୍ରତାନୁସାରେ ଦତ୍ତ |

Vouch, *v.* ସାକ୍ଷ୍ୟ-ପ୍ରମାଣ-ଦେ, ନିଶ୍ଚୟ କରି-କହ

Voucher, *s.* ପ୍ରମାଣଦାତା, ସାକ୍ଷୀ, ସାକ୍ଷ୍ୟ-ପତ୍ର, ରସୀଦ । [ଅନୁଗ୍ରହ ପ୍ରକାଶ-କ ।
Vouchsafe, *v.* ପ୍ରସନ୍ନ ହୋଇ ବର-ଦେ,
Vow, *s.* ବ୍ରତ, ମାନତ, ସଂକଳ୍ପ, ପ୍ରତିଜ୍ଞା ।
Vow, *v.* ମାନତ- ବ୍ରତ- ପ୍ରତିଜ୍ଞା-କ ।
Vowel, *s.* ସ୍ୱରବର୍ଣ୍ଣ, ସ୍ୱର, ଅଚବର୍ଣ୍ଣ ।
Voyage, *s.* ଜାହାଜରେ ଯାତ୍ରା, ଜଳପଥ-ଗମନ । [ଯାତ୍ରାକାରୀ ।
Voyager, *s.* ଜଳପଥରେ ବା ଜାହାଜରେ
Vulcanite, *s.* ଶିଙ୍ଗ ପରି ଏକପ୍ରକାର କୃଷ୍ଣ-ବର୍ଣ୍ଣ ପଦାର୍ଥ ଏଥିରେ ପାନିଆ, ହାତର ବାଲା ଓ କଲମର ହାଣ୍ଡଲ୍ ପ୍ରଭୃତି ତିଆର ହୁଏ ।
Vulgar, *a.* ଇତର, ନୀଚ, ସାମାନ୍ୟ; ଶେତଡା, ଅଧମ ।
Vulgar, *s.* ଇତର ଲୋକ ସମୂହ । [ମତା ।
Vulgarity, *s.* ଇତରତ୍ୱ, ଅଶ୍ଳୀଳତା, ଅଧ-
Vulgate, *s.* ସେଣ୍ଟ୍ ଜେରୋମଙ୍କ ଦ୍ୱାରା ଅନୁ-ବାଦିତ ଅତି ପ୍ରାଚୀନ ଲାଟିନ୍ ଭାଷାର ବାଇ-ବଲ ।
Vulnerable, *a.* ଭେଦନୀୟ, ହନନୀୟ, କ୍ଷତଯୋଗ୍ୟ । [ଶଠ ।
Vulpine, *a.* କୋକଶିଆଳୀସମ୍ବନ୍ଧୀୟ; ଧୂର୍ତ୍ତ,
Vulture, *s.* ଶାଗୁଣା, ଗୃଧ୍ର, ଶକୁନି ।

## W.

W, ଇଂରାଜୀ ବର୍ଣ୍ଣମାଳାର ତ୍ରୟୋବିଂଶତିତମାକ୍ଷର
Wadding, *s.* ବନ୍ଧୁକର ବର୍ତ୍ତି ବା ଢିପଲ୍ଲା; ବସ୍ତ୍ରବିଶେଷ; ବହଳ କମଳେ ତୁଳାଦି ପୂର-ଇବା ଦ୍ରବ୍ୟ । [ ଢଳିଢୋଳି ଚାଲିବା ।
Waddle, *v.* ହଂସବତ୍ ପାଦ- ବିକ୍ଷେପ-କ,
Wade, *v.* ପାଣିରେ ଚାଲିବା; କଷ୍ଟରେ ଚାଲିବା
Wafer, *s.* ଚିଠି ବନ୍ଦ କରିବା ଚକ୍ତି ଟିକଲି ।
Waft, *v.* ଚଳାଇବା, ଉଡାଇବା; ଜଳରେ ଭାସି ଯିବା, ପବନରେ ଉଡିଯିବା ।
Wag, *s.* ଭଣ୍ଡ, ଅଟ୍ଟାବାଜ, ରସିକ, ଖଣ୍ଡ ।
Wag, *v.* ହଲିବା, ହଲାଇବା, ଲଡାଇବା ।
Wage, *v.* ପଣ- ଉଦ୍ୟମ-କ, ପ୍ରବୃତ୍ତ-ହେ, ଲାଗିବା ।
Wager, *s.* ପଣ, ଜୁଆ, ବାଜି; ସତ୍ୟସ୍ୱୀକାର । —*v.* ପଣ-କ, ଜୁଆ ବା ବାଜି ମାରିବା ।
Wages, *s.* ବର୍ତ୍ତନ, ଦରମାହା, ମୂଲ, ମଜୁରୀ, ତଲବ । [ହସକୁଡା ।
Waggish, *a.* ରସିକ, ମସ୍କର, କୌତୁକୀ,
Wagon, *s.* ଚାରିଚକର ବୋହାଇ ଗାଡି ।
Wagoner, *s.* ଶଗଡିଆ, ଗାଡିବାହକ ବିଶେଷ ।
Wagtail, *s.* ଖଞ୍ଜନପକ୍ଷୀ, ଖଞ୍ଜରିଟ ।
Waif, *s.* ଗରିବ, ଗୃହହୀନ ଲୋକ, ଚୁଲିଚୁଲ ନାହିଁ ଯାହାର, ଛଉଡ ।
Wail, *v.* ହାହାକାର- ଶୋକ- ବିଳାପ-କ ।
Wailing, *s.* ହାହାକାରଧ୍ୱନି, କ୍ରନ୍ଦନ, ବିଳାପ
Wain, *s.* ଗାଡି ବା ଯାନବିଶେଷ; ସପ୍ତର୍ଷି ନାମକ ନକ୍ଷତ୍ର ।
Wainscot, *s.* କୋଠରୀର ତକ୍ତାବନ୍ଧ ।—*v.* କୋଠରୀ ତକ୍ତାବନ୍ଧ-କ ।
Waist, *s.* କଟି, ଅଣ୍ଟା, କମର, ମଧ୍ୟଦେଶ ।
Waistband, *s.* କମରବନ୍ଧାଲୁଗା, କଟିବନ୍ଧନୀ
Waistcoat, *s.* ଅଙ୍ଗରଖା ବିଶେଷ, ଫତୁଆ ।
Wait, *v.* ରହିବା, ବିଳମ୍ବ-କ; ଅପେକ୍ଷା-କ, ଚାହିଁବା; ସେବା-କ ।
Waiter, *s.* ସେବକ, ଚାକର, ଖିଦ୍ମତଗାର ।
Waive, *v.* ସ୍ଥଗିତ ରଖିବା; ଛାଡ-ଦେ ।
Wake, *s.* ଜାଗରଣ; ପର୍ବ; ନୌକାର ପଥ-ଚିହ୍ନ ।—*v.* ନିଦ୍ରା ଭାଙ୍ଗିବା, ଜାଗିବା; ଚେତାଇବା, ଉଠାଇ-ଦେ ।

Wakeful, *a.* ଜାଗ୍ରତ, ସଚେତ, ସାବଧାନ ।
Waken, *v.* ଜାଗ୍ରତ-ଚେତନ-କ, ଚିଆଁଇବା, ଜଗାଇବା ।
Walk, *s.* ଗମନ, ଗତି, ବୁଲ; ପଥ, ବାଟ; ଆଚରଣ ।—*v.* ଗମନ-ପାଦଗତି-ବଜେ-କ, ବୁଲି ବୁଲିବା ।
Wall, *s.* କାନ୍ଥ, ପ୍ରାଚୀର, ପାଚେରି, ଭିତ୍ତି, ବେଢ଼ଅଳ ।—*v.* ପାଚେରି ବେଷ୍ଟନ-କ, ବେଢ଼ଅଳ-ଦେ ।
Wallet, *s.* ଝୁଲି, ଥଳୀ, ମୁଣି ।
Wall-eyed, *a.* ବଗଡଅକ୍ଷିଅ
Wallow, *v.* ପଙ୍କରେ ଗଡାଗଡି-କ, କାଦୁଅରେ ଲେଟିବା ।
Walnut, *s.* ଅକ୍ଷୋଟଫଳବିଶେଷ ।
Walrus, *s.* ସମୁଦ୍ରୀୟ ପଶୁ, ସମୁଦ୍ର ଘୋଡା ।
Waltz, *s.* ନୃତ୍ୟ ଓ ସ୍ୱରବିଶେଷ ।
Wan, *a.* ପାଣ୍ଡୁବର୍ଣ୍ଣ, ଫିକା, ମଇଳା ।
Wand, *s.* ଦଣ୍ଡ, ଲମ୍ବାବେତ, ପାଞ୍ଚଣ ।
Wander, *v.* ପଥ ଛାଡି ବୁଲିବା, ଅନିଶ୍ଚିତ ବା ଉଦ୍ଦେଶ୍ୟତଃ ଭ୍ରମଣ-କ ।
Wanderer, *s.* ଭ୍ରମଣକାରୀ, ବୁଲିବାଲୋକ, କପଥଗାମୀ । [ଭ୍ରାନ୍ତ ।
Wandering, *s.* ଭ୍ରମଣକରଣ; ଭ୍ରମ, ଭୁଲ,
Wane, *v.* ହ୍ରାସ-କ୍ଷୀଣ-ହେ, ଊଣା ବା କମ ପଡିବା; କଳାକ୍ଷୟ-ହେ ।
Want, *s.* ଅଭାବ; ପ୍ରୟୋଜନ; ଊନତା, ଦରିଦ୍ରତା ।—*v.* ଅଭାବ- ବଞ୍ଚିତ- ହେ; ଲୋଡିବା, ଚାହିଁବା । [ଚଞ୍ଚଳ ।
Wanton, *a.* କାମୁକ, ଖେଳା; ଅନର୍ଥକ,
Wantonly, *ad.* କାମବଶେ, ଅକାରଣେ ।
War, *s.* ଯୁଦ୍ଧ, ସମର, ସଂଗ୍ରାମ, ରଣ, ଲଢାଇ ।—*v.* ଯୁଦ୍ଧ-ଲଢାଇ-କ ।
Warble, *v.* ସୁଗାନ-କ, ସ୍ୱର କମ୍ପାଇବା ।
Warbler, *s.* ଗାୟକ, ଗାନକର୍ତ୍ତା; ସୁସ୍ୱର ଗାନପକ୍ଷୀ ।
Ward, *s.* ଚୌକି, ରକ୍ଷାକରଣ; ପଡା, ସାହି; ଭାଗର ରେଖ; ପାଳିତ ନାବାଳକ ।—*v.* ରକ୍ଷା-କ, ଆଶ୍ରୟ-ଦେ, ଅଟକ-କ ।
Warder, *s.* ରକ୍ଷକ, ପାଳକ, ଅଧ୍ୟକ୍ଷ ।
Warden, *s.* କାରାଘରର ଅଧ୍ୟକ୍ଷ ।
Wardrobe, *s.* ଲୁଗା ରଖିବା କୁଠରି, ପରିଚ୍ଛଦର ଆଗାର । [ନାବାଳକତ୍ୱ ।
Wardship, *s.* ଅଧ୍ୟକ୍ଷର ଅଧୀନତ୍ୱପଦ,
Wares, *s.* ବାଣିଜ୍ୟର ଦ୍ରବ୍ୟ, ସାମଗ୍ରୀ, ମାଲ, ସମ୍ପତ୍ତି । [ଦ୍ରବ୍ୟଶାଳା ।
Warehouse, *s.* ଗୋଦାମ, ଭଣ୍ଡାର, ବକ୍ଷେୟ
Warfare, *s.* ଯୁଦ୍ଧକର୍ମ, ଯୁଦ୍ଧବୃତ୍ତି, ଯୁଦ୍ଧକରଣ; ଦ୍ୱନ୍ଦ୍ୱ, ଲଢାଇ । [ଜାଗ୍ରତରେ ।
Warily, *ad.* ସତର୍କରୂପେ, ସଚେତନେ,
Warlike, *a.* ଯୁଦ୍ଧଯୋଗ୍ୟ, ଯୁଦ୍ଧୋପଯୁକ୍ତ, ଯୁଦ୍ଧସମ୍ବନ୍ଧୀୟ ।
Warm, *a.* ଗରମ, ତାତ୍ତ, ଈଷଦୁଷ୍ଣ, ଉଷ୍ଣ; ଉତ୍ତପ୍ତ, ରାଗୀ ।—*v.* ଉଷ୍ଣ-ତପ୍ତ-ଗରମ-କ, ତାପ-ଦେ, ତତାଇବା; ଉତ୍ସୁକ-କ ।
Warmth, *s.* ଈଷତ୍ତାପ, ଉଷ୍ଣତା; ଔତ୍ସୁକ୍ୟ, ଉଗ୍ରତା, ବ୍ୟଗ୍ରତା । [ସାବଧାନ-କ ।
Warn, *v.* ପୂର୍ବେ ଜଣାଇବା, ଚେତାଇବା,
Warning, *s.* ଚେତନାବାକ୍ୟ, ପ୍ରତ୍ୟାଦେଶ, ପୂର୍ବଜଣାଣ ।
Warp, *s.* ଟଣାସୂତ, ଭରଣୀ, ବୁଣିବା ତନ୍ତୁ ।
Warp, *v.* ମୋଡିଦେବା, ବକ୍ର-ବଙ୍କା-ହେ ।
Warrant, *s.* ଆଜ୍ଞାପତ୍ର, ସନନ୍ଦ, ପରୁଆନା, ତଲବଚିଠି ।—*v.* କ୍ଷମତାପ୍ରଦାନ-କ, ଯୋଗ୍ୟତା-ଅଧିକାର-ଦେ ।
Warrantable, *a.* ବ୍ୟବସ୍ଥେୟ, କର୍ତ୍ତବ୍ୟ, ଉଚିତ, ଅବଶ୍ୟ ।

Warranty, *s.* ପ୍ରମାଣ ବା ଅଜ୍ଞାପତ୍ର, ଏକପତ୍ର

Warren, *s.* ଠେକୁଆର ଘୁଅଡ଼, ଶଶକର ଅଳୟ । [ବର୍ଣ୍ଣ ।

Warrior, *s.* ଯୋଦ୍ଧା, ବୀର, ମଲ୍ଲ, ସଂଗ୍ରାମ-

Wart, *s.* ଆଚୁଁଳି, ଉପମାଂସ, ଅବୁ ।

War-whoop, *s.* ସିଂହନାଦ, ରଣଦୁନ୍ଦ ।

Wary, *a.* ସତର୍କ, ସାବଧାନ, ଚତୁର, ସଚେତନ ।

Wash, *s.* ଧୌତକରଣ, ଧୁଆ, କଷ୍ଟ, ପ୍ରକ୍ଷାଳନ, ଟୁଇଲ, ହଳା ।—*v.* ଧୋଇବା, କାଚିବା. ସ୍ନାନ-ପ୍ରକ୍ଷାଳନ-କ ।

Washer, *s.* ପ୍ରକ୍ଷାଳକ, ଯେ ଧୁଏ; ଲୁହା, ତମ୍ବା ବା ପିତ୍ତଳ ପ୍ରଭୃତିର ଚକ୍ରି, ଏହାର ମଝିରେ ଗୋଟିଏ ରନ୍ଧ୍ର ଥାଏ, ଏକ ପେଚକୁ ଶୁଦ୍ଧ ଅଂଶରେ ବସାଇବା ପାଇଁ ସବୁ ମୁହଁରେ ଦିଆ ଯାଏ ।

Washerman, *s.* ଧୋବା, ରଜକ ।

Washerwoman, *s.* ଧୋବଣୀ ।

Wasp, *s.* ବିରୁଡ଼ି, ବଲ୍ଲର । [ଚିଡ଼ଚିଡ଼ିଆ ।

Waspish, *a.* ବିରୁଡ଼ିମୁହାଁ, ଖିଟ୍‌ଖିଟିଆ,

Waste, *s.* କ୍ଷତି, ନଷ୍ଟ, ଅପଚୟ, ଅପବ୍ୟୟ; ପଡ଼ିଆଭୂମି ।—*a.* ଉଜାଡ଼, ଉଚ୍ଛିନ୍ନ, ଶୂନ୍ୟ; ଋକ୍ଷ, ପତିଆ ।—*v.* ଅପଚୟ-ମିଥ୍ୟାବ୍ୟୟ-ବୃଥାଖର୍ଚ୍ଚ-କ, ଉଡ଼ାଇ-ଦେ ।

Waste-book, *s.* ଜାବଦା ।

Wasteful, *a.* ଅପବ୍ୟୟୀ, ଉଡ଼ାଣିଆ, କ୍ଷତିକର, ନାଶକ ।

Waste-paper, *s.* ରଦ୍ଦିକାଗଜ ।

Watch, *s.* ଘଡ଼ି; ସାବଧାନତା, ଚୌକି, ପହରା; ପ୍ରହର, ଚୌକିର ସମୟ; ରକ୍ଷକ, ପ୍ରହରୀ ।—*v.* ଜାଗ୍ରତ ଥିବା, ଚୌକି-ଦେ, ଜଗି ରହିବା, ପ୍ରହରୀ-କ; ଅନାଇଁ ରହିବା, ଅପେକ୍ଷା-କ ।

Watchful, *a.* ଚୌକସ, ସତର୍କ, ଜାଗ୍ରତ, ସାବଧାନ । [ଘାଣ୍ଟି ।

Watch-house, *s.* ଥାନା, ଚୌକିଘର;

Watchmaker, *a.* ଘଡ଼ିକର୍ମୀତା, ଘଡ଼ିବାଲା ।

Watchman, *s.* ଚୌକିଦାର, ପ୍ରହରୀ, ଦଣ୍ଡ-ଅଣି । [ବା ଠାର ।

Watchword, *s.* ପ୍ରହରୀର ସଂକେତ ବାକ୍ୟ

Water, *s.* ଜଳ, ପାଣି; ନୀର, ବାରି; ଜଳାଶ୍ୟ; ମୂତ୍ର ।—*v.* ଜଳସିଞ୍ଚିବା, ଜଳ-ଦେ, ଜଳ ଯୋଗାଇବା; ମୁତିବା, ପରିସ୍ରା-ପ୍ରସ୍ରାବ-କ ।

Water-carrier, *s.* ଭିସ୍ତି, ପାଣିବାଲା; କୁମ୍ଭବଣି ।

Water-clock, *s.* ଜଳ ଘଡ଼ି ।

Water-colour, *s.* ଜଳ ବର୍ଣ୍ଣ, ପାଣିରଙ୍ଗ ।

Watercourse, *s.* ଜଳବାଟ, ପାଣିନର୍ଦ୍ଦମା, ନାଳ, ମାହାଳ ।

Waterfall, *s.* ଝର୍ଣ୍ଣର, ପର୍ବତର ଜଳପ୍ରପାତ ।

Water-gruel, *s.* ତୋରାଣି; କାଞ୍ଜି ।

Water-lily, *s.* ପଦ୍ମ, ପଙ୍କଜ, କଳ୍ହାର ।

Waterman, *s* ନାବିକ, ନାଉରିଆ, ନାଉରୀ ।

Watermark, *s.* ଜଳ ଯେପର୍ଯ୍ୟନ୍ତ ଉଠେ ତାହାର ଚିହ୍ନ, କାଗଜର ଚିହ୍ନ ।

Watermelon, *s.* ତରଭୁଜ, ଖରଭୁଜ ।

Watermill, *s.* ଜଳଯନ୍ତ୍ର, ପାଣିକଳ ।

Waterproof, *s.* ଜଳରୋଧକ, ପାଣି ନ ପଶିଲ ଯହିଁରେ ।

Water-spout, *s.* ଜଳସ୍ତମ୍ଭ । [ପାଣିଆ ।

Watery, *a.* ପାତଳା, ଜଳୁଆ, ଅସ୍ୱାଦୁ,

Wattles, *s.* କୁକୁଡ଼ା ପ୍ରଭୃତି ଜନ୍ତୁର ଗଳାରେ ଝୁଲୁଥିବା ଚର୍ମ, ଗାଲ ।

Wave, *s.* ଢେଉ, ଲହରୀ, ତରଙ୍ଗ, ଉର୍ମି ।

Wave, *v.* ଆନ୍ଦୋଳନ-ଝୁଲଣ-କ; ଇଙ୍ଗିତ-ଠାର-କ ।

Waver, v. ଦ୍ୱିଧା-କ, ଅସ୍ଥିର- ଟଳମଟଳ-
ଦ୍ୱିମନା-ହେ । [ଦୋମନା ।
Wavering, a. ଚଞ୍ଚଳ, ତରଳ, ଅସ୍ଥିର,
Wax, s. ମହମ, ସୋଠା; କାନମଳି; ଜଉ,
ଲାଖ, ଲାକ୍ଷା । [ବୃଦ୍ଧି-କ ।
Wax, v. ବର୍ଦ୍ଧିତ-ହେ, ବଢି ଉଠିବା, ମହମ-
Wax-candle, s. ମହମବତୀ ।
Waxcloth, s. ମହମଜାମା ବା ଲୁଗା ।
Waxen, a. ମହମ ନିର୍ମିତ, ମହମଯୁକ୍ତ ।
Waxwork, s. ମହମନିର୍ମିତ ପୁତ୍ତଳା;
ମହମନିର୍ମିତ କର୍ମ । [ସ୍ୱଭ ।
Way, s. ପଥ, ବାଟ, ମାର୍ଗ; ଉପାୟ; ଧାରା,
Wayfarer, s. ପଥିକ, ଯାତ୍ରୀ, ବାଟୋଇ,
ସହାଗିର ।
Wayfaring, a. ଯାତ୍ରିକ, ଯାତାୟାତ ।
Waylay, v. ବାଟ ଓଗାଳି ବସିବା, ପଥ
ଅବୋରି ବସିବା । [ଅମାନ୍ୟକ ।
Wayward, a. ଅବଶ, ଅବାଧ୍ୟ, ଥେଣ୍ଟା,
We, *pron.* ଅମ୍ଭେମାନେ, ଅମ୍ଭେ ସମସ୍ତେ ।
Weak, a. ଦୁର୍ବଳ, ଅଶକ୍ତ, କ୍ଷୀଣ, କମ୍‌ଜୋର;
ପାତଳା, ଫିକା ।
Weaken, v. ଦୁର୍ବଳ–ପାତଳା–କ୍ଷୀଣ-କ,
ତେଜ ବା ବଳ ହ୍ରାସ-କ ।
Weakly, a. ଦୁର୍ବଳ, ଅଶକ୍ତ, କ୍ଷୀଣ ।
—*ad.* ଦୁର୍ବଳରୂପେ, କ୍ଷୀଣରୂପେ ।
Weakness, s. ଦୁର୍ବଳତା, କ୍ଷୀଣତା, ଅଶକ୍ତି,
କୃଶତା ।
Weal, s. ମଙ୍ଗଳ, କଲ୍ୟାଣ, ସୁଖ, କୁଶଳ ।
Wealth, s. ଅର୍ଥ, ଧନ, ସମ୍ପତ୍ତି, ଦୌଲତ ।
Wealthy, a. ଧନବାନ୍, ଧନୀ, ଧନାଢ୍ୟ,
ଭାଗ୍ୟବନ୍ତ, ଐଶ୍ୱର୍ଯ୍ୟବାନ୍ ।
Wean, v. ସ୍ତନ ତ୍ୟାଗ କରାଇବା, ଦୁଧ
ଛଡାଇବା, ଅଭ୍ୟାସ ଛଡାଇବା ।

Weapon, s. ଯନ୍ତ୍ରାସ୍ତ୍ର, ଅସ୍ତ୍ରଶସ୍ତ୍ର, ହତିଆର ।
Wear, v. କ୍ଷୟ ପାଇବା; ପିନ୍ଧିବା, ପରି-
ଧାନ-କ ।
Weariness, s. କ୍ଳାନ୍ତି, ଶ୍ରାନ୍ତି ଶ୍ରମ, ଅବ-
ସନ୍ନତା । [ଦାୟକ ।
Wearisome, a. କ୍ଳାନ୍ତିକର, କ୍ଳେଶଦ, କଷ୍ଟ-
Weary, a. କ୍ଳାନ୍ତ, ଶ୍ରାନ୍ତ, ଅବସନ୍ନ ; ବ୍ୟସ୍ତ ।
—v. କ୍ଳାନ୍ତ-ଶ୍ରାନ୍ତ-ବ୍ୟସ୍ତ-କ, ଦିକ୍-ହେ ।
Weasel, s. ନେଉଳ ବିଶେଷ ।
Weather, s. ବାୟୁ ବୃଷ୍ଟ୍ୟାଦି ଯେରୂପ ଥାଏ,
କାଳ ବା ବାୟୁର ଭାବ ବା ଅବସ୍ଥା, ସମୟ,
କାଳ ।
Weather, v. କଟିବା; କଷ୍ଟେ କାଳଯାପନ
-କ, ବାୟୁରୁ ଉଦ୍ଧାର ପାଇବା ।
Weather-beaten, a. ଝଡରେ ବଳୁତ ମୃତ
Weathercock, s. ବାୟୁର ଗତିନିରୂପକ
କଳ । [ଯନ୍ତ୍ର ।
Weatherglass, s. ବାୟୁ ପରିମାପକ କାଚ-
Weave, v. ବୁଣିବା, ବସ୍ତ୍ରନିର୍ମାଣ-କ; ଯୋଡ
-ହେ । [ଯେ ।
Weaver, s. ତନ୍ତି, ତନ୍ତୁବାୟ, ଲୁଗା ବୁଣେ
Weaving, s. ବସ୍ତ୍ର ବୁଣିବା କର୍ମ । [ଜାଲ ।
Web, s. ବୁଣାଟ ବା ଜାଲିକର୍ମ, ବୁଢିଆଣୀ
Web-footed, a. ଲିପ୍ତପାଦ, ହଂସପରି ପାଦ-
ଯୁକ୍ତ ।
Wed, v. ବିଭା-ବିବାହ-ପାଣିଗ୍ରହଣ-କ ।
Wedded, a. ଆସକ୍ତ; ବିବାହିତ; ପାଣିଗୃହୀତା,
ବିବାହିତା । [ପର, ପାଣିଗ୍ରହଣ ।
Wedding, s. ବିବାହ, ବିଭା, ପରିଣୟ, ବିଭା-
Wedding-cake, s. ବିବାହର ପିଷ୍ଟକବିଶେଷ
Wedding-feast, s. ବିବାହ କାଳୀନ ଭୋଜ
Wedge, s. କାଷ୍ଠାଦି ଚିରିବା କଳା, ଗୋଜ,
ମେଖ ।

Wedge, *v.* କଳା ବା ଗୋଜରେଦେଇ ବନ୍ଦ-କ ।
Wedlock, *s.* ବିବାହ, ବିବାହଅବସ୍ଥା ।
Wednesday, *s.* ବୁଧବାର, ସପ୍ତାହର ଚତୁର୍ଥ ଦିବସ ।
Wee, *a.* କ୍ଷୁଦ୍ର, ସାନ ଛୋଟ, ସୂକ୍ଷ୍ମ ।
Weed, *s.* ବନଘାସ, ବନଗୁଳ୍ମ ।—*v.* ଘାସ ଉପାଡିବା, କ୍ଷେତରୁ ବନ ଗଛ ମାରିବା ।
Weeds, *s.* ବିଧବାର ଶୋକବସ୍ତ୍ର ।
Week, *s.* ହପ୍ତା, ସପ୍ତାହ, ସାତଦିନ ।
Week-day, *s.* ରବିବାର ଭିନ୍ନ ଅନ୍ୟ କୌଣସି ଦିନ, କର୍ମଦିନ ।
Weekly, *a.* ସାପ୍ତାହିକ, ପ୍ରତିସପ୍ତାହର ।—*ad.* ପ୍ରତି ସପ୍ତାହ, ହପ୍ତାକୁ ହପ୍ତା ।
Weep, *v.* କାନ୍ଦିବା, ରୋଦନ- ଅଶ୍ରୁପାତ-କ ।
Weeping, *s.* କ୍ରନ୍ଦନ, ରୋଦନ, ବିଳାପ, ହାହାକାର ।
Weeping-willow, *s.* କାନ୍ଦଣୀ ବୃକ୍ଷବିଶେଷ
Weevil, *s.* ଗହମିଆ ପୋକ, କୀଟ, ଶସ୍ୟ-ନାଶକ, ଧାନକୀଟ ।
Weft, *s.* ପଡିଆଣ ସୂତା, ଭରଣିସୂତ ।
Weigh, *v.* ଓଜନ-କ, ତୌଳିବା ; ପରୀକ୍ଷା-ବିବେଚନା-କ ; ଉଠାଇବା ।
Weight, *s.* ତୌଲ, ଓଜନ, ଭାର, ଗୁରୁତ୍ୱ ।
Weights, *s* ବଟଖରା, ଡଣ୍ଡ ।
Weighty, *a.* ଭାରି, ଗରୁ ; ଶକ୍ତ ; ଆବଶ୍ୟକ ।
Weir, *s.* ମାଛପାଣ, ମାଛ ଧରିବା ପାଇଁ ପାଣିର ବନ୍ଧ ; କେନାଲରେ ଜଳ ଯୋଗା-ଇବା ପାଇଁ ଅନିକଟ ।
Weird, *a.* ଗୁଣୀ ଇନ୍ଦ୍ରଜାଳ ; ଅପାର୍ଥିବ ।
Welcome, *s.* ଶୁଭାଗମନ, ଅଭ୍ୟର୍ଥନା ।—*a.* ଗ୍ରହଣୀୟ, ଆହ୍ଲାଦରେ ଗୃହୀତ ।—*v.* ଆଦର କରି ଗ୍ରହଣ-ଅଭ୍ୟର୍ଥନା-ଶୁଭା-ଗମନ-କ ।

Weld, *v.* ତପ୍ତ କରି ଲୌହ ଆଦି ଯୋଡିବା ।
Welfare, *s.* ମଙ୍ଗଳ, କଲ୍ୟାଣ, କୁଶଳ, ମଙ୍ଗଳାବସ୍ଥା, ଉନ୍ନତି ।
Welkin, *s.* ଆକାଶମଣ୍ଡଳ, ବ୍ୟୋମ ଶୂନ୍ୟ ।
Well, *s.* କୂପ, କୂଅ, ଜଳାକର ; ବାମ୍ଫୀ ।
Well, *a.* ସୁସ୍ଥ, ଭଲ, ଅପୀଡିତ, ଆରାମ ।—*ad.* ଉତ୍ତମ ବା ଭଲରୂପେ, ଭଲ, ଆଚ୍ଛା ।
Well-being, *s.* ମଙ୍ଗଳ, କଲ୍ୟାଣ, କୁଶଳ, ସୁଖାବସ୍ଥା ।
Well-born, *a.* ସଦ୍‌ବଂଶଜ, ଉତ୍ତମଜାତ ।
Well-bred, *a.* ସଦାଚାରୀ, ଶିଷ୍ଟ, ସୁଶୀଳ, ସଭ୍ୟ ।
Well-done, *int.* ଭଲ, ଉତ୍ତମ ହେଲା ।
Well-favoured, *a.* ସୁନ୍ଦର, ସୁଶ୍ରୀ, ସୁଦୃଶ୍ୟ, ରୂପବନ୍ତ ।
Well-nigh, *ad.* ପ୍ରାୟ ନିକଟେ, ସନ୍ନିକଟେ ।
Well-spring, *s.* ଜଳାକର ; ଆକର ; ମୂଳ-କାରଣ ।
Well-to-do, *a.* ଭଲ ଅବସ୍ଥାପନ୍ନ ; ସଙ୍ଗତି-ସମ୍ପନ୍ନ ; ସମୃଦ୍ଧଶାଳୀ ।
Well-wisher, *s.* ମଙ୍ଗଳେଚ୍ଛୁ, ମଙ୍ଗଳକା-ଙ୍କ୍ଷୀ, ହିତୈଷୀ ।
Welsh, *a.* ଉଏଲ୍‌ସ୍ ଦେଶସମ୍ବନ୍ଧୀୟ ।
Welt, *s.* କିନାର, ଧାର, ଧଡି ।—*v.* କିନାର ବା ଧଡି ବସାଇବା ।
Welter, ରକ୍ତାଦିରେ ଗଡାଗଡି-ହେ ।
Wen, *s.* ଅର୍ବୁଦ, ମାଂସବୃଦ୍ଧି, ଗଳଗଣ୍ଡ ।
Wench, *s.* ବାଳିକା, ଟୋକୀ ; ବେଶ୍ୟା ।
Wend, *v.* ଯିବା, ଫେରିବା, ପ୍ରସ୍ଥାନ-କ ।
Were, *pret. plural of the verb to be*, ଥିଲେ, ହୋଇଥିଲେ ।
West, *s.* ପଶ୍ଚିମ, ପଶ୍ଚିମଦିଗ ।
Western, *a.* ପଶ୍ଚିମଦିଗସ୍ଥ, ପଶ୍ଚିମାଞ୍ଚଳୀୟ ।

Westward, *ad.* ପଶ୍ଚିମେ, ପଶ୍ଚିମଦିଗେ ।
Wet, *a.* ଓଦା, ଭିଜା, ତିନ୍ତା, ଜଳସ୍ଥ, ଆର୍ଦ୍ର ।
—*v.* ଭିଜା- ତିନ୍ତ- ଓଦା-କ, ତିନ୍ତାଇବା ।
Wether, *s.* ଛିନ୍ନମୁଷ୍କ, ଖାସୀ ।
Wet-nurse, *s.* ଧାଇ, ଧାତ୍ରୀ, ଉପମାତା ।
Wet-weather, *s.* ବର୍ଷାକାଳ ।
Whack, *s.* ଅଘାତ, ମାଡ, ପାହାର ।—*v.* ଜୋରରେ ଅଘାତ-କ, ମାରିବା, ପିଟିବା ।
Whale, *s.* ତିମିମତ୍ସ୍ୟ, ଅତି ବଡ ମାଛବିଶେଷ ।
Wharf, *s.* ନୌକାରୁ ଜିନିଷ ଉଠାଇବା ଘାଟ, ତୁଠ ।
Wharfage, *s.* ଘାଟର ଭଡା, ଘାଟମାସୁଲ ।
Wharfinger, *s.* ଘାଟର ଅଧ୍ୟକ୍ଷ ବା ରକ୍ଷକ ।
What, *pron.* କି, କେଉଁ, କିସ; ଯେ ଯାହା- ଯେ କୌଣସି । [କିଛି, ଯାହା ।
Whatever, Whatsoever, *pron.* ଯେ-
Wheat, *s.* ଗହମ, ଗୋଧୂମ ।
Wheaten, *a.* ଗହମରୁ ପ୍ରସ୍ତୁତ, ଗୋଧୂମ-ନିର୍ମିତ । [ତୋଷାଇବା ।
Wheedle, *v.* ଫୁସୁଲାଇବା, ଭୁଲାଇବା,
Wheel, *s.* ଚକ, ଚକ୍ର; ଅରଟ, ଚରଖା, ଚକ୍ରଯନ୍ତ୍ର ।—*v.* ଚକଯାନରେ ଗତି-କ, ଘୁରାଇବା; ସୈନିକ ଶ୍ରେଣୀରେ ଅଗ ବା ପଛକୁ ଫେରି ବୁଲିବା । [ବିଶେଷ ।
Wheelbarrow, *s.* ଏକ ଚକର ହାତ ଗାଡି-
Wheelwright, *s.* ଗାଡିଆଦିର ଚକ ନିର୍ମାଣ-କାରୀ, ରଥକାର ।
Wheeze, *v.* ଘସ୍ ଘସ୍ ଶବ୍ଦ କରି ଶ୍ୱାସ ଛାଡିବା ।
Whelp, *s.* କୁକୁର ବା ସିଂହାଦିର ଛୁଆ ।
When, *ad.* କେବେ, କେତେବେଳେ, କେଉଁ-ସମୟରେ; ଯେତେବେଳେ ।
Whence, *ad.* କେଉଁଠାରୁ, କୌଠାରୁ. କାହିଁ, ଯେହେତୁ ।

Whenever, *ad.* ଯେତେବେଳେ, ଯେ କୌଣସି ସମୟରେ ।
Where, *ad.* କେଉଁଠାରେ, କେଉଁସ୍ଥାନରେ, କୌଠି, କାହିଁରେ ।
Whereabout, *ad.* କେଉଁଆଡେ, କୌ ସ୍ଥାନରେ, କାହିଁରେ । [କାରଣରୁ ।
Whereas, *ad.* ଏଣୁ, ଯେହେତୁକ, ଯେଉଁ
Whereat, *ad.* ଯହିଁରେ, ତହିଁରେ, ତାହା-ଲଗେ, ତେଣୁ । [ହେଉ, ଯେ ପ୍ରକାରେ ।
Whereby, *ad.* ଯହିଁରେ, ଯଦ୍ୱାରା, ଯାହା-
Wherefore, *ad.* ଏନିମନ୍ତେ, ଅତଏବ, ସେ ପ୍ରକାରୁଁ, ତେଣୁକରି; କାହିଁକି, କିପାଁ ।
Wherein, *ad.* ଯହିଁରେ; କାହିଁରେ ।
Whereof, *ad.* ଯଦ୍ୱାରା, ଯାହାର, କାହାର ।
Whereupon, *ad.* ଯହିଁରେ, ତହିଁରେ ।
Wherever, *ad.* ଯେକୌଣସି ସ୍ଥାନରେ, ଯେଉଁଠାରେ ।
Wherewithal, *ad.* ଯଦ୍ୱାରା; କାହିଁରେ ।
Wherry, *s.* କ୍ଷୁଦ୍ରନୌକା, ଡଙ୍ଗା ।
Whet, *v.* ଶାଣ- ଦାନ- ଧାର-ଦେ, ତୀକ୍ଷ୍ଣ-କ; ଭୋକ ଜନ୍ମାଇବା ।
Whether, *conj.* ଯଦି, ବା, କିମ୍ବା, ଅଥବା ।
Whether or not, *ad.* ହେଲେ କି ନୋହିଲେ ।
Whetstone, *s.* ଶାଣପଥର, ଶିଳ ।
Whey, *s.* ଛେନାପାଣି, ଦହିରପାଣି, ମାଠ ।
Which, *pron.* କେଉଁ; ଯେଉଁ, ଯେ, ଯାହା ।
Whichever, *pron.* ଯେ କୌଣସି ।
Whiff, *s.* ଶ୍ୱାସ, ଫୁ; ଦମକାବତାସ ।—*v.* ଫୁ- ଫୁଙ୍କ-ଦେ ।
While, *s.* ସମୟ, କାଳ; କ୍ଷଣ, କିଛିକାଳ ।
While, Whilst, *ad.* ଯାବତ୍, ଯତକ୍ଷଣ, ପର୍ଯ୍ୟନ୍ତ, ସରିକ, ଯାଏ ।

**Whim**, *s.* ଅକସ୍ମାତ୍ ବାସନା; ବିଭ୍ରମ ।
**Whimper**, *v.* ଫେଁକାଇ ଫୁଁ ଫୁଁ କରି କାନ୍ଦିବା ।
**Whimsical**, *a.* ଅସମ୍ଭବ କଳ୍ପନାକାରୀ, ଚିତ୍ତେଭାବକ, ଅସ୍ଥିରମନା ।
**Whine**, *v.* ଭଣ୍ ଭଣ୍ କରି କାନ୍ଦିବା, କୋକା-ଇବା ।
**Whinny**, *v.* ଘୋଡ଼ା ପରି ଶବ୍ଦ-କ ।
**Whip**, *s.* ଚାବୁକ, କୋରଡ଼ା, କଶା ।—*v.* ଚାବୁକ ବା କୋରଡ଼ା ମାରିବା, ସଜା-ଦେ ।
**Whipcord**, *s.* ଚାବୁକର ଦଉଡ଼ି ।
**Whiplash**, *s.* ଚାବୁକର ଅଗ୍ରଭାଗ ।
**Whipping**, *s.* କୋରଡ଼ାମାରଣ, କଶାଘାତ ।
**Whipping-post**, *s.* ଯେଉଁ ଖମ୍ବରେ ବାନ୍ଧି କୋରଡ଼ା ପ୍ରହାର କରାଯାଏ ତାହା ।
**Whirl**, *v.* ଘୁରାଇବା, ବୁଲାଇବା, ପାକ-ଦେ ।
**Whirligig**, *s.* ଚରକୀ ଖେଳନା, ଘୁରଣିକଳ ।
**Whirlpool**, *s.* ଘୁରଣିକଳ, ପାଣିଭଉଁରି ।
**Whirlwind**, *s.* ଘୂର୍ଣ୍ଣିବତାସ, ଘୂର୍ଣ୍ଣିପବନ ।
**Whisk**, *s.* ଝାଡ଼ୁ, ବ୍ରସ୍; କ୍ଷୀର ଗୋଳା ବସ୍ତୁ ।
**Whisk**, *v.* ଫଁପାଇବା, ଝାଟୋଇବା ।
**Whisker**, *s.* ମୋଛ, ଗାଲର କେଶ ।
**Whiskey**, *s.* ଯବ ଉତ୍ଥ ମଦ୍ୟବିଶେଷ ।
**Whisper**, *v.* ଫୁସ୍ ଫୁସ୍-କ, କାନରେ କହିବା ।
**Whisperer**, *s.* କର୍ଣ୍ଣେଜପ ।
**Whist**, *s.* ତାସ୍ ଖେଳବିଶେଷ ।
**Whist**, *int.* ଚୁପ୍, ତୁନି ହୋ ।
**Whistle**, *v.* ଶିସ-ଶିଟୀ-ଦେ, ସିଟି ମାରିବା ।
**Whit**, *s.* ବିନ୍ଦୁ, ଟୋପା, ତିଳ, କଣା, ଲେଶ ।
**White**, *s.* ଶୁକ୍ଳବର୍ଣ୍ଣ, ଧଳାବର୍ଣ୍ଣ; ଅଣ୍ଡାର ଶୁକ୍ଳାଂଶ ।—*a.* ଶୁକ୍ଳ, ଧଳା, ଧୋବଲା, ଶ୍ୱେତ, ଶାଦା ।
**White-ant**, *s.* ଉଇ ପୋକ, ବଲ୍ମୀକ ।
**Whitelead**, *s.* ରଙ୍ଗ କର୍ମର ସଫେଦା ।
**Whiten**, *v.* ଶୁକ୍ଳବର୍ଣ୍ଣ- ଧୋବଲା-କ ।
**Whitesmith**, *s.* କମାର, କର୍ମକାର, ଲୁହାର
**Whitewash**, *s.* କଳିଚୂନ, କଳିଚୂନର କାମ ।—*v.* ଚୂନ ଲଗାଇବା, ପରିଷ୍କାର-କ; ଦୋଷ ଢାଙ୍କିବା ।
**Whither**, *ad.* କେଉଁଠାରେ, କେଉଁସ୍ଥାନରେ, କାହିଁରେ ।
**Whitish**, *a.* ଅଳ୍ପଶୁକ୍ଳ, ଶ୍ୱେତ ବା ଧଳାପରି ।
**Whitlow**, *s.* ଅଗାପଗୁଲା, କୁଣୀ ।
**Whitsuntide**, *s.* ପର୍ବବିଶେଷ, ଧର୍ମାତ୍ମା ଦତ୍ତ ହେବାର ସ୍ମରଣାର୍ଥକ ଉତ୍ସବ କାଳ ।
**Whiz**, *v.* ଫସ୍ ଫସ୍ ଶବ୍ଦ-କ ।
**Who**, *pron.* କିଏ, କିଏସେ : ଯେ, ଯେଉଁ ।
**Whoever**, *pron.* ଯେକେହୁ, ଯେ ଯେ ।
**Whole**, *s.* ତାବତ୍, ସମସ୍ତ, ସକଳ, ସମୁଦାୟ; ମୋଟ, ଜମା ।—*a.* ଅଖଣ୍ଡ, ଅଭଙ୍ଗ, ଅଖିଳ; ସୁସ୍ଥ, ଅପୀଡ଼ିତ; ସମ୍ପୂର୍ଣ୍ଣ, ସବୁ ।
**Wholesale**, *s.* ମୋଟେ ବିକ୍ରୟ ।
**Wholesome**, *a.* ସୁପଥ୍ୟ, ସ୍ୱାସ୍ଥ୍ୟଜନକ, ଉତ୍ତମ, ହିତକାରୀ ।
**Wholly**, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ, ନିତାନ୍ତ ।
**Whom**, *pron.* ଯାହାକୁ, ଯେ କୌଣସି ବ୍ୟକ୍ତିକୁ; କାହାକୁ ।
**Whoop**, *s.* ଚିତ୍କାରଶବ୍ଦ, ଦୀର୍ଘରବ, ଡାକ ।
**Whore**, *s.* ବେଶ୍ୟା, ଦାସୀ, କସବୀ, ବାରା-ଙ୍ଗନା ।
**Whoredom**, *s.* ବେଶ୍ୟାଗମନ, ବ୍ୟଭିଚାର ।
**Whoremonger**, *s.* ବେଶ୍ୟାଗାମୀ, କସବୀ-ବାଜ୍ । [କରି ।
**Whose**, *pron.* କାହାର; ଯାହାର, ଯାହା-
**Whosoever**, *pron.* ଯେକେହି, କୌଣସି, କେହି ।

Why, *ad.* କିପାଇଁ, କିନିମନ୍ତେ, କାହିଁକି, କି କାରଣ
Wick, *s.* ସଳିତା, ସଳିତା, ଶଳିତା, ବତି ।
Wicked, *a.* ଅଧର୍ମୀ, ପାପୀ, ଦୁରାତ୍ମା, ଦୁଷ୍ଟ ।
Wickedly, *ad.* ଦୁଷ୍ଟରୂପେ, ଅଧର୍ମରେ, ପାପରେ । [ଦୁରାଚାର ।
Wickedness, *s.* ଅଧର୍ମ, ପାପ, ଦୁଷ୍ଟତା,
Wicker, *s.* ବେତରେ ବୁଣା ।
Wicket, *s.* କ୍ଷୁଦ୍ର ବା ସାନ ଦ୍ୱାର, ଖିଡ଼କି ଦ୍ୱାର, ଫାଟକ । [ଦୂରସ୍ଥ ।
Wide, *a.* ପ୍ରଶସ୍ତ, ଚୌଡ଼ା, ବିସ୍ତୀର୍ଣ୍ଣ, ଓସାର;
Widely, *ad.* ବିସ୍ତାରରୂପେ, ଦୂରେ ।
Widen, *v.* ପ୍ରଶସ୍ତ-ଓସାର-ଚୌଡ଼ା-କ ।
Widow, *s.* ବିଧବା, ରାଣ୍ଡ, ସ୍ୱାମିହୀନା ।
Widower, *s.* ମାଇପବର୍ଜିତ, ମୃତଦାର ।
Widowhood, *s.* ବିଧବାବସ୍ଥା, ରାଣ୍ଡଦଶା, ବୈଧବ୍ୟ । [ପ୍ରଶସ୍ତତା ।
Width, *s.* ଓସାର, ଆୟତନ, ଚୌଡ଼ା,
Wield, *v.* ଅକ୍ଲେଶରେ ଧାରଣ-କ, ଚଳାଇବା । [ପତ୍ନୀ ।
Wife, *s.* ଲକ୍ଷ୍ମୀ, ଦାର, ପତ୍ନୀ, ସ୍ତ୍ରୀ, ଭାର୍ଯ୍ୟା,
Wig, *s.* ଛଦ୍ମବେଶ, ଚୁଳର ଟୋପ ।
Wight, *s.* (ହେୟ ଜ୍ଞାନରେ) ଜୀବ ବା ବ୍ୟକ୍ତି ।
Wigwam, *s.* କୁଡ଼ିଆ, କୁଟୀର, ଝୁପଡ଼ି ।
Wild, *s.* ବନ୍ୟସ୍ଥାନ, ଅରଣ୍ୟ, ଜଙ୍ଗଲ ।—*a.* ବନ୍ୟ, ଜଙ୍ଗଲି; ଅବାଧ୍ୟ; ଲମ୍ପଟ ।
Wilderness, *s.* ଅରଣ୍ୟ, ବନ, ଜଙ୍ଗଲ, ବଣ ।
Wildfire, *s.* ବେଗେ ଜ୍ୱଳନ୍ତ ଦ୍ରବ୍ୟବିଶେଷ ।
Wildness, *s.* ବନ୍ୟତା, ଅସଭ୍ୟତା; ଉନ୍ମତ୍ତତା ।
Wile, *s.* ଛଳ, ଫନ୍ଦିଫିକର, ଧୂର୍ତ୍ତତା, ପ୍ରବଞ୍ଚନା ।
Wilful, *a.* ଏକଗୁଣ୍ଡା, ଏକଗୁଁୟା, ଜିଦ୍ଖୋର, ସ୍ୱେଚ୍ଛାଚାରୀ, ସ୍ୱତନ୍ତ୍ର ।
Wilfully, *ad.* ଜାଣିଶୁଣିକରି, ସ୍ୱେଚ୍ଛାରେ ।

Will, *s.* ଇଚ୍ଛାର ଶକ୍ତି; ଇଚ୍ଛା, ଅଭିମତ, ଆଜ୍ଞା, ହୁକୁମ; ମରିବାବେଳେ ଦାନପତ୍ର । —*v.* ଇଚ୍ଛା-ବାଞ୍ଛା-କ; ଅନୁମତି-ଦେ, ଆଜ୍ଞା-ହୁକୁମ-ଆଦେଶ-କ; ମୃତପତ୍ର ଦ୍ୱାରା ଦାନ-କ ।
Willing, *a.* ଇଚ୍ଛୁକ, ସମ୍ମତ, ସ୍ୱୀକୃତ, ରାଜି ।
Willingness, *s.* ଇଚ୍ଛୁକତା, ସ୍ୱେଚ୍ଛା, ଇଚ୍ଛା, ସମ୍ମତି ।
Willow, *s.* ବୃକ୍ଷବିଶେଷ, ବାଇଶୀବୃକ୍ଷ ।
Will-o'-the-wisp, *s.* ଅଗ୍ନିବିଶେଷ, ଭିରଭୁଣୀ ।
Wily, *a.* ଧୂର୍ତ୍ତ, ପ୍ରବଞ୍ଚକ, ପ୍ରତାରକ, ଶଠ ।
Wimple, *s.* ଓଢ଼ଣୀ, ଛଦ, ମସ୍ତକାବରଣ ।
Win, *v.* ଜୟୀ-ହୁ, ଜିତିବା, ଲାଭ-କ । ଅର୍ଜ୍ଜନ-କ । [ପ୍ରାପ୍ତ-କ ।
Wince, *v.* ଛଟପଟ-ହୁ, ବେଦନାରେ ପଦାଘାତ-କ ।
Winch, *s.* ଚରଖାର ହାତ, କଳର ବେଣ୍ଟ ।
Wind, *s.* ବାୟୁ, ପବନ, ବତାସ; ବାତ ।
Wind, *v.* ଜଡ଼ାଇବା, ଗୁଡ଼-କ; ବକ୍ରଗତି-ହୁ; ସମାପ୍ତି-କ । [ହଠାତ୍ ଲାଭ ।
Windfall, *s.* ବତାସରେ ପଡ଼ିଥିବା ଫଳ;
Winding, *a.* ପେଞ୍ଚାଳ, ଫେରନ୍ତା, ବଙ୍କା ।
Winding-sheet, *s.* ଶବାଚ୍ଛାଦନ ବସ୍ତ୍ର, ଚିତାଲୁଗା । [କଳ ।
Windlass, *s.* ଭାରଦ୍ରବ୍ୟ ଟେକିବା ଚରଖ-
Windmill, *s.* ବାୟୁଦ୍ୱାରା ଚାଳିତ କଳ ।
Window, *s.* ଝରକା କବାଟ, ଝରକା, ଖିଡ଼କି
Windpipe, *s.* ଶ୍ୱାସନଳୀ, କଣ୍ଠନଳୀ ।
Windward, *ad.* ବାୟୁର ଅଭିମୁଖେ, ବତାସ ସମ୍ମୁଖେ । [ଫମ୍ପା ।
Windy, *a.* ବାୟୁଯୁକ୍ତ, ବତାସିଆ; ଫମ୍ପା,
Wine, *s.* ମଦିରା, ମଦ୍ୟ, ସୁରା, ଦ୍ରାକ୍ଷାରସ ।
Wing, *s.* ଡେଣା, ପର, ପକ୍ଷ; ସୈନ୍ୟର ପାଶର ଦଳ ।

Winged, *a.* ଡେଣାବିଶିଷ୍ଟ, ପକ୍ଷଯୁକ୍ତ; ପକ୍ଷଭଙ୍ଗା; ବେଗ ।

Wink, *v.* ଚକ୍ଷୁ ମୁଦିବା ବା ବୁଜିବା, ଅକ୍ଷି ବୁଜି ଠାରିବା; ଦେଖି ନ ଦେଖିବା ।

Winner, *s.* ଜୟକର୍ତ୍ତା, ଲାଭକର୍ତ୍ତା ।

Winning, *a.* ମନୋହର, ମନୋରମ, ମନଆକର୍ଷକ ।

Winnings, *s.* ଜୁଆର ଟଙ୍କା ବା ଧନ ।

Winnow, *v.* ଶସ୍ୟ ଝାଡିବା, ପାଛୁଡିବା ।

Winnowing-fan, *s.* କୁଲା, ସୂର୍ପ ।

Winter, *s.* ଶୀତକାଳ, ହେମନ୍ତକାଳ, ଜାଡଦିନ ।—*v.* ଶୀତକାଳ କାଟିବା ବା ଯାପନ-କ ।

Wintery, Wintry, *a.* ଶୀତକାଳୀନ, ଜାଡ ସମୟ ପର, ହେମନ୍ତୋପଯୁକ୍ତ ।

Wipe, *s.* ପୋଛପାଛ, ମାର୍ଜ୍ଜନ; ଟାହୁର, ଟାପରା ।—*v.* ମାର୍ଜ୍ଜନା-ପରିଷ୍କାର-କ, ପୋଛିବା; ନିଗାଡିବା ।

Wire, *s.* ଲୁହା ପିତ୍ତଳାଦିର ସୂତ, ତାର,ତନ୍ତୁ

Wiredrawer, *s.* ତାରକାର, ଗୁଣ ଓଟାରେ [ଯେ ।

Wiry, *a.* ତାରନିର୍ମିତ, ତାରବତ୍ ।

Wisdom, *s.* ଜ୍ଞାନ, ବୁଦ୍ଧି, ବିଜ୍ଞତା, ବିବେକ ।

Wise, *s.* ମତ, ପ୍ରକାର, ଧାରା, ରୂପ ।

Wise, *a.* ଜ୍ଞାନୀ, ବୁଦ୍ଧିମାନ୍, ବିଜ୍ଞ, ପ୍ରବୀଣ ।

Wiseacre, *s.* ନିର୍ବୋଧ, କିମ୍ବା ବୁଦ୍ଧିବିଶିଷ୍ଟ ବ୍ୟକ୍ତି । [ବିବେକପୂର୍ବକ ।

Wisely, *ad.* ଜ୍ଞାନରୂପେ, ବୁଦ୍ଧିମନ୍ତମତେ,

Wish, *s.* ଇଚ୍ଛା, ବାଞ୍ଛା, ମନୋରଥ, କାମନା, ବାସନା, ମାନସ ।—*v.* ଇଚ୍ଛା- ବାଞ୍ଛା-ବାସନା- ସାଧ-କ ।

Wishful, *a.* ଇଚ୍ଛୁକ, କାମନାକାରୀ,ଆକାଂକ୍ଷୀ

Wishfully, *ad.* ଅଭିଳାଷରେ, ବାଞ୍ଛାରେ, ଇଚ୍ଛାକରି ।

Wisp, *s.* ନୁଡ଼ା; ବିଡ଼ା, ନଅଁପଟା ।

Wistful, *a.* ସଚେତନ, ସାବଧାନ, ଚିନ୍ତିତ ।

Wit, *s.* ତୀକ୍ଷ୍ଣବୁଦ୍ଧି, ଆଶୁବୋଧ, ରସିକ ବାକ୍ୟ; ବୁଦ୍ଧିମାନ୍ ବ୍ୟକ୍ତି; କୌଶଳ, ଫିକର; (to wit, *ad.* ଅର୍ଥାତ୍, ବିଶେଷତଃ ।)

Witch, *s.* ଡାଆଣୀ, ଡାକିନୀ, ଗୁଣିଆ ।

Witchcraft, *s.* ଡାଆଣୀପଣ, ଯାଦୁ, ଟୋଣା ।

With, *prep.* ସହିତ, ସଙ୍ଗେ, ଦେଇ ।

Withal, *ad.* ତତ୍ସଙ୍ଗେ; ସବୁ ସମେତ ।

Withdraw, *v.* ପ୍ରସ୍ଥାନ-କ, କାଢି-ନେ; ରହିତ-କ, ଉଠି ଯିବା ।

Withe, *s.* କଞ୍ଚାବେତ; ବାଉଁଶକଣି ।

Wither, *v.* ଶୁଖିଯିବା, ମ୍ଳାନ-ଶୁଷ୍କ-ହେ ।

Withers, *s.* ଅଶ୍ୱର ସ୍କନ୍ଧ ଓ ଗ୍ରୀବାଦ୍ୱୟରସନ୍ଧିସ୍ଥାନ ।

Withhold, *v.* ନିବାରଣ-ନିଷେଧ- ଅଟକ-ଆକ୍ରାନ୍ତ-କ ।

Within, *prep.* ଭିତରେ, ଅନ୍ତରେ, ମଧ୍ୟରେ

Without, *prep.* ବାହାର; ବ୍ୟତିରେକେ, ବିନା, ଛଡା, ବେ, ଅ, ନିର ।

Without, *ad.* ବାହାରେ, ବହିର୍ଦ୍ଦେଶରେ ।

Withstand, *v.* ପ୍ରତିରୋଧ- ନିବାରଣ- ପ୍ରତିକୂଳାଚରଣ-କ ।

Witless, *a.* ନିର୍ବୋଧ, ବୁଦ୍ଧିହୀନ, ଅଜ୍ଞାନ ।

Witling, *s.* ଅଳ୍ପବୁଦ୍ଧିର ଲୋକ, ଜ୍ଞାନାଭିମାନୀ ବ୍ୟକ୍ତି ।

Witness, *s.* ଗୁହା, ସାକ୍ଷୀ, ଗୁହାରି; ସାକ୍ଷ୍ୟ, ପ୍ରମାଣ, ସାବୁଦ ।—*v.* ପ୍ରମାଣ- ସାକ୍ଷ୍ୟ- ଗୁହାରି-ଦେ; ନିରୀକ୍ଷଣ-ଦୃଷ୍ଟି-ଦର୍ଶନ-କ ।

Witticism, *s.* ବ୍ୟଙ୍ଗୋକ୍ତି, ଶ୍ଳେଷବାକ୍ୟ ।

Wittily, *ad.* ତୀକ୍ଷ୍ଣବୁଦ୍ଧିଦ୍ୱାରା, ବ୍ୟଙ୍ଗପୂର୍ବକ ।

Wittingly, *ad.* ଜ୍ଞାତସାରେ, ଜାଣିକରି ।

Witty, *a.* ତୀକ୍ଷ୍ଣବୁଦ୍ଧି, ବ୍ୟଙ୍ଗକାରୀ, ସୁଚତୁର ।

Wizard, s. କୁହୁକୀ, ମାୟାବୀ, ଭେଲ୍କିକର, ଯାଦୁକର । [ହ୍ରାସ ।
Woe, s. ଦୁଃଖ, ଅମଙ୍ଗଳ, ଶୋକ, ସନ୍ତାପ ;
Woe-begone, a. ଦୁଃଖୀ, ସନ୍ତାପରେ ମଗ୍ନ, ଖିଦ୍ୟମାନ ।
Woful, a. ଦୁଃଖିତ, ସନ୍ତାପିତ, କ୍ଷୁଣ୍ଣ ।
Wofully, ad. ଶୋକାନ୍ୱିତଭାବେ, ଦୁଃଖିତରୂପେ ।
Wold, s. ପ୍ରାନ୍ତର, ପଡିଆ, ମଇଦାନ, ମାଠ ।
Wolf, s. କେନ୍ଦୁଆ ବାଘ ।
Woman, s. ସ୍ତ୍ରୀ, ନାରୀ, ଯୋଷା, ଅବଳା, ମାଇକିନିଅ । [ଭାବ ।
Womanhood, s. ସ୍ତ୍ରୀତ୍ୱ, ନାରୀତ୍ୱ, ବନିତା-
Womanish, a. ସ୍ତ୍ରୀବତ୍, ସ୍ତ୍ରୀଧର୍ମକ, ମାଇଚ୍ଚ ।
Womankind, s. ସ୍ତ୍ରୀଜାତି ବା ସମୂହ, ମାଇପେଲେକେ, ନାରୀଗଣ ।
Womanly, a. ସ୍ତ୍ରୀବତ୍, ସ୍ତ୍ରୀପର । [ପେଟ ।
Womb, s. ଗର୍ଭସ୍ଥଳୀ, ଗର୍ଭ, ଜଠର, ଜରାୟୁ,
Wonder, s. ଆଶ୍ଚର୍ଯ୍ୟଜ୍ଞାନ ବା ବୋଧ, ଚମତ୍କାର; ଅଦ୍ଭୁତ ବା ଆଶ୍ଚର୍ଯ୍ୟ କର୍ମ ।—v. ଆଶ୍ଚର୍ଯ୍ୟଜ୍ଞାନ-କ, ଅବାକ୍-ହେ, ବିସ୍ମୟାପନ୍ନ-ହ ।
Wonderful, Wondrous, a. ଆଶ୍ଚର୍ଯ୍ୟ, ଅଦ୍ଭୁତ, ବିସ୍ମୟକର, ଅସମ୍ଭବ, ଅଲୌକିକ ।
Wonderfully, ad. ଆଶ୍ଚର୍ଯ୍ୟାନ୍ୱିତରୂପେ, ଚମତ୍କାରପୂର୍ବକ ।
Wont, s. ବ୍ୟବହାର, ରୀତି, ରୁଚି, ଶୀଳ ।—v. ବ୍ୟବହୃତ-ଅଭ୍ୟସ୍ତ-ହେ ।
Wonted, a. ଶୀଳମତେ, ବ୍ୟବହାର ପର, ବ୍ୟବହୃତ, ଅଭ୍ୟସ୍ତ, ପ୍ରଚଳିତ ।
Woo, v. ପ୍ରୀତ୍ୟର୍ଥେ ଯତ୍ନ-କ, ବିବାହାର୍ଥେ ସ୍ତ୍ରୀକୁ ଉପାସନା ବା ସେବା-କ ।
Wood, s. କାଷ୍ଠ, କାଠ; ଜାଳକାଠ; ବନ, ଅରଣ୍ୟ, ଜଙ୍ଗଲ, ବିପିନ, କାନନ ।
Woodapple, s. ଶ୍ରୀଫଳ, ବେଲ ।
Woodbine, s. ଲତା ବୃକ୍ଷ ବିଶେଷ ।
Woodcock, s. ବନ ପକ୍ଷି ବିଶେଷ ।
Woodcutter, s. କାଠ କାଟିବା ଲୋକ ।
Wooded, a. ବନମୟ; କାଷ୍ଠନିର୍ମିତ ।
Woodland, s. ବୃକ୍ଷମୟସ୍ଥାନ ବା ଦେଶ ।
Woodman, s. କାଷ୍ଠ ବ୍ୟବସାୟୀ, କାଠ-କାଟିବା ଲୋକ; ବ୍ୟାଧ ।
Woodpecker, s. କାଠଠୋକରା, କାଠ-ଦୁଣା ପକ୍ଷୀ । [ଉଡାଉ ।
Wood-pigeon, s. ବନ୍ୟ କପୋତ, ହରଡ-
Woodwork, s. କାଷ୍ଠକର୍ମ, କାଠର କାମ ।
Woody, a. ବନମୟ, ବନବୃକ୍ଷି, ଜଙ୍ଗଲଠ ।
Woof, s. ବୁଣାଣ ବା ଭରଣିସୂତା ।
Wool, s. ମେଷଲୋମ, ମେଣ୍ଢାଲୋମ, ପଶମ ।
Woollen, a. ପଶମୀ, ଲୋମନିର୍ମିତ, ଊର୍ଣ୍ଣାମୟ । [ସାୟୀ ।
Woolen-draper, s. ଊର୍ଣ୍ଣାବସ୍ତ୍ର ବ୍ୟବ-
Woolly, a. ଲୋମମୟ, ଲୋମଜ; ଲୋମଶ ।
Woolsack, s. ଲୋମର ବସ୍ତା; ଇଂଲଣ୍ଡ ଦେଶର ପ୍ରଧାନ ବିଚାରକର୍ତ୍ତାର ଆସନବିଶେଷ ।
Word, s. ବାକ୍ୟ, କଥା, ବଚନ, ଉକ୍ତି; ବାର୍ତ୍ତା, ସଂବାଦ, ପ୍ରତିଜ୍ଞା, ଧର୍ମପୁସ୍ତକ; ଯୀଶୁ ଖ୍ରୀଷ୍ଟ ।—v. କଥା-କହ; ଶବ୍ଦ ବିନ୍ୟାସ-କ, ବାକ୍ୟ ସୁଧାଇବା ।
Wording, s. ବାକ୍ୟ ପ୍ରକାଶକରଣ ।
Wordy, a. ବହୁବାକ୍ୟବିଶିଷ୍ଟ ବାକ୍ୟମୟ; ବାଚାଳ ।
Work, s. କର୍ମ, କ୍ରିୟା, କାର୍ଯ୍ୟ, ପାଇଟି, ବ୍ୟାପାର; ଗ୍ରନ୍ଥ; ପଦ ।—v. କର୍ମ-କାର୍ଯ୍ୟ-ନିର୍ବାହ-ମେହନତ-ପରିଶ୍ରମ-କ; ଫେଣ ଉଠିବା; ଫଳୋତ୍ପନ୍ନ-କ; ସିଲାଇ-କ ।
Worker, s. କର୍ମକର୍ତ୍ତା, କାର୍ଯ୍ୟକାରୀ ।

Workhouse, *s.* ଦରିଦ୍ର ଲୋକର ଉପ-
କାରାର୍ଥେ ସ୍ଥାପିତ କର୍ମାଳୟ । [ମଜୁରିଆ ।
Workman, *s.* କାରିଗର, ଶିଳ୍ପକର, ମିସ୍ତ୍ରୀ ;
Workmanlike, *a.* ଶିଳ୍ପକର ନ୍ୟାୟ, ନିପୁଣ,
ଉତ୍ତମ କର୍ମକାରିଯୋଗ୍ୟ । [ନୈପୁଣ୍ୟ ।
Workmanship, *s.* କାରିଗରି, ଶିଳ୍ପକର୍ମ,
Workshop, *s.* କାରଖାନା, କର୍ମାଳୟ ।
World, *s.* ଜଗତ, ପୃଥିବୀ, ସଂସାର, ବ୍ରହ୍ମାଣ୍ଡ,
ଭୁବନ, ଖଣ୍ଡ, ମର୍ତ୍ତ୍ୟ, ଭୂମଣ୍ଡଳ; ଲୋକସମୂହ ।
Worldliness, *s.* ସାଂସାରିକତ୍ୱ, ଲୋଭ,
ଘରେଚ୍ଛା । [ଧନସେବକ ।
Worldling, *s.* ଅର୍ଥପ୍ରିୟ, ସାଂସାରିକ ଲୋକ,
Worldly, *a.* ସାଂସାରିକ, ବିଷୟୀ, ଐହିକ,
ଲୌକିକ ।
Worm, *s.* କୃମି, କୀଟ, ପୋକ; ଘାଟ; ସନ୍ତାପ;
ମୋଡମୋଡିଆ ପେଚ ଦ୍ରବ୍ୟ ।—*v.* କୃମିପରି
ଗମନ-କ; ଧୀରେ ଓ ଗୁପ୍ତେ ସାଧନ-କ ।
Wormeaten, *a.* ପୋକକଟା, ଜୀର୍ଣ୍ଣ ।
Wormwood, *s.* ନାଗଦଣା ।
Worn, *a.* ଜୀର୍ଣ୍ଣ, ପୁରୁଣା, କ୍ଷୟପ୍ରାପ୍ତ; ଶ୍ରାନ୍ତ ।
Worry, *v.* ପଶୁପରି କାମୁଡିବା, ଦାନ୍ତଦ୍ୱାରା
ଛିଣ୍ଡାଇ ପକାଇବା, ବ୍ୟସ୍ତ-କ ।
Worse, *a.* ମନ୍ଦତର, ଅଧିକ ମନ୍ଦ, ଅତିଶୟ ମନ୍ଦ
Worship, *s.* ଭଜନା, ପୂଜା, ଅର୍ଚ୍ଚନା, ଆରା-
ଧନା ; ସମ୍ଭ୍ରମସୂଚକ ଉପାଧି ।—*v.* ପୂଜା-
ଭଜନା- ଆରାଧନା-କ; ଆଦର- ମର୍ଯ୍ୟାଦା-କ ।
Worshipful, *a.* ପୂଜନୀୟ, ମାନ୍ୟ, ଆଦର-
ଣୀୟ ।
Worshipper, *s.* ପୂଜକ, ଅର୍ଚ୍ଚକ, ସେବକ,
ଭକ୍ତ, ପୂଜାକାରୀ ।
Worst, *s.* ଅତ୍ୟନ୍ତ ଦୁରବସ୍ଥା, ମନ୍ଦାବସ୍ଥା.
ଦୁର୍ଦ୍ଦଶା ।—*a.* ମନ୍ଦତମ, ସବୁଠାରୁ ମନ୍ଦ ।
Worst, *v.* ପରାଭୂତ- ପରାସ୍ତ- ଜୟ-କ ।

Worsted, *s.* ଉର୍ଣ୍ଣାସୂତ୍ର, ଲୋମ ବା ପଶମର
ସୂତା ।
Worth, *s.* ମୂଲ୍ୟ, ଦର, ଦାମ; ଗୁଣ, ଶ୍ରେଷ୍ଠତା,
ମହତ୍ତ୍ୱ, ଯୋଗ୍ୟତା ।—*a.* ଯୋଗ୍ୟ, ଉପ-
ଯୁକ୍ତ, ସମତୁଲ୍ୟ ।
Worthily, *ad.* ଉପଯୁକ୍ତରୂପେ, ଉଚିତ-
ମତେ ।
Worthiness, *s.* ଯୋଗ୍ୟତା, ଉତ୍ତମତା,
ଶ୍ରେଷ୍ଠତା, ମାହାତ୍ମ୍ୟ । [ମୂଲ୍ୟ ନାହିଁ ।
Worthless, *a.* ଅକର୍ମଣ୍ୟ, ନାକାମ, ଯାହାର
Worthy, *a.* ଯୋଗ୍ୟ, ଗୁଣବାନ, ଉପଯୁକ୍ତ,
ଅର୍ହ, ମାନ୍ୟ । [ଲୋକ ।
Worthy, *s.* ସଜ୍ଜନ, ସାଧୁ ବ୍ୟକ୍ତି, ବରିଷ୍ଠ
Wot, *v.* ଜାଣିବା, ବୋଧ-କ, ଜ୍ଞାତ-ହେ ।
Wound, *s.* କ୍ଷତ, ଘା, ଅସ୍ତ୍ରାଘାତ, ଚୋଟ ।
—*v.* କ୍ଷତ- ଅଘାତ କ, ହାଣିବା ।
Wrangle, *v.* ବିବାଦ- କଳି- କଜିଆ-କ ।
Wrangle, *s.* ବିବାଦ, ଦନ୍ଦ୍ରା, କଳହ,ଝଗଡା
Wrangler, *s.* ବିବାଦକାରୀ, ବାକ୍‌ବିତଣ୍ଡକ;
କେମ୍ବ୍ରିଜ ମହାବିଦ୍ୟାଳୟର ସର୍ବୋତ୍କୃଷ୍ଟ ପରୀ-
କ୍ଷୋତ୍ତୀର୍ଣ୍ଣ ଛାତ୍ର । [ଲିବା ।
Wrap, *v.* ଗୁଡାଇବା, ଜଡାଇବା, ଲପା-
Wrapper, *s.* ଆଚ୍ଛାଦନ, ଘୋଡଣି, ଚାଦର ।
Wrath, *s.* କୋପ, କ୍ରୋଧ, ରୋଷ, ରାଗ ।
Wrathful, *a.* କ୍ରୋଧୀ, ରାଗୀ, କୋପାନ୍ୱିତ ।
Wreak, *v.* ପ୍ରତିହିଂସା-କ, ପ୍ରତିଫଳ-ଦେ ।
Wreath, *s.* ଫୁଲମାଳା, ହାର, ମାଳା ।
Wreathe, *v.* ବୁଣିବା, ଗୁନ୍ଥିବା; ହାର ବା
ମାଳା ଗୁନ୍ଥିବା; ମୋଡିବା ।
Wreck, *s.* ବିନାଶ, ଉତ୍ପାତ, ପ୍ରଳୟ; ଭଙ୍ଗା-
ଜାହାଜ ।—*v.* ବିନଷ୍ଟ-କ; ଭ୍ରଷ୍ଟ-କ; ଉଚ୍ଛିନ୍ନ
-ହେ ।
Wren, *s.* କ୍ଷୁଦ୍ର ପକ୍ଷୀବିଶେଷ, ଟିପ୍‌ଚଡାଇ ।

Wrench, *s.* ମୋଡ଼ା; ପେଁଚ; ହତିଆର-ବିଶେଷ ।—*v.* ଟାଣି ମୋଡ଼ିବା, ସନ୍ଧିଖସା-ଇବା, ମୋଡ଼-ଦେ ।

Wrest, *v.* ବଳରେ ଛଡ଼ାଇ-ନେ, ବିକୃତ-କ ।

Wrestle, *v.* ମଲ୍ଲଯୁଦ୍ଧ- ବାହୁଯୁଦ୍ଧ- କୁସ୍ତି-କ ।

Wretch, *s.* ହତଭାଗ୍ୟ ଲୋକ, ଦୁଃଖୀ ବ୍ୟକ୍ତି; ଭଣ୍ଡ, ପାଜି ।

Wretched, *a.* ଦୁଃଖୀ, ଅଭାଗା; ଅନାଥ, ନିକୃଷ୍ଟ; ନୀଚ, ତୁଚ୍ଛ । [ପର ।

Wretchedly, *ad.* ମନ୍ଦରୂପେ, ଅତିଦୁଃଖିତ-

Wriggle, *v.* ଏଣେତେଣେ ହଲିବା; ଉଠ-ପଡ଼ ଚଳିବା ।

Wright, *s.* ମିସ୍ତ୍ରୀ, କାରିଗର, ଶିଳ୍ପୀ ।

Wring, *v.* ମୋଡ଼ିବା, ପାକ-ଦେ; ଚିପୁଡ଼ିବା; ଯନ୍ତ୍ରଣା-ଦେ ।

Wrinkle, *s.* ଚୁନ୍ନଟ, କୋଁଚଡ଼ା, ଲୁଗାର ଭାଙ୍ଗ; କୁଞ୍ଚିତମାଂସ ।—*v.* କୋଁଚଡ଼ା-କ, କୁଞ୍ଚୁକୁଞ୍ଚା-ଦେ, ଭାଙ୍ଗ-ଦେ ।

Wrist, *s.* ମଣିବନ୍ଧ, ହାତର ଗଣ୍ଠି ।

Writ, *s.* ଲେଖନ; ଅଦାଲତର ପରୁଆନା; ଧର୍ମପୁସ୍ତକ ।

Write, *v.* ଲେଖିବା; ରଚନା- ଲିପି-କ; ଶ୍ଲୋକ ବାନ୍ଧିବା । [କର୍ତ୍ତା, ରଚକ ।

Writer, *s.* ଲେଖକ, କରଣ, ଲିପିକର; ଗ୍ରନ୍ଥ-

Writhe, *v.* ଛଟପଟ-ଧଡ଼ପଡ଼-କ ।

Writing, *s.* ଲିପି, ଲେଖା, ଲେଖନ; ପତ୍ର, ସନନ୍ଦ, ଚିଠି; ପୋଥି, ପୁସ୍ତକ ।

Wrong, *s.* ଅନ୍ୟାୟ, ଅଧର୍ମ, ଅତ୍ୟାଚାର, ଅପକାର ।—*a.* ଅଯଥାର୍ଥ, ଅନୁଚିତ, ଅନ୍ୟାୟ; ଅଶୁଦ୍ଧ ।—*v.* ଅନ୍ୟାୟ–ଅତ୍ୟାଚାର-କ; କ୍ଷତି-ମନ୍ଦ-କ ।

Wrongfully, *ad.* ଅନ୍ୟାୟ କରି, ଅନୁଚିତ-ରୂପେ ।

Wrong-headed, *a.* ଦୁଷ୍ଟ, ବିପରୀତ ମତେ-ଚଳ ।

Wroth, *a.* କ୍ରୋଧାନ୍ୱିତ, କୁପିତ, ରୋଷଯୁକ୍ତ, ରୋଷାଯୁକ୍ତ । [ବ୍ୟାକୁଳୀକୃତ ।

Wrought, *a.* କୃତ, ନିର୍ମିତ, ସମାପ୍ତ;

Wry, *a.* ବଙ୍କା, ବକ୍ର, ତେର୍ଛା, ଟେଢ଼ା, ବିକୃତ;

## X.

X, ଇଂରାଜୀ ବର୍ଣ୍ଣମାଳାର ଚତୁର୍ବିଂଶତିତମାକ୍ଷର; (ଏ ଅକ୍ଷରର ଇଂରାଜୀ ଭାଷାରେ କୌଣସି ଶବ୍ଦର ଆଦ୍ୟରେ ପ୍ରାୟ ବ୍ୟବହାର ନାହିଁ ।)

X, ଦଶସଂଖ୍ୟା, ଦଶମ । [ଦ୍ରବ୍ୟବିଶେଷ ।

Xanthine, *s.* ମଞ୍ଜିଷ୍ଠାବୃକ୍ଷରୁ ପ୍ରାପ୍ତ ପୀତବର୍ଣ୍ଣ

Xebec, *s.* ତିନି ମାସ୍ତୁଲବିଶିଷ୍ଟ କ୍ଷୁଦ୍ର ଜାହାଜ-ବିଶେଷ ।

Xylography, *s.* କାଷ୍ଠରେ ତକ୍ଷଣକରଣ ବିଦ୍ୟା, କାଠ ଉପରେ ଅକ୍ଷରାଦି ଖୋଳିବା ବିଦ୍ୟା ।

## Y.

Y, ଇଂରାଜୀ ବର୍ଣ୍ଣମାଳାର ପଞ୍ଚବିଂଶତିତମାକ୍ଷର; (ଆଦ୍ୟରେ ଏ ଅକ୍ଷର ଥିଲେ ବ୍ୟଞ୍ଜନ ଓ ମଧ୍ୟରେ ଅବା ଶେଷରେ ଥିଲେ ସ୍ୱର ହୁଏ ।)

Yacht, *s.* ସୁଶୋଭିତ କ୍ଷୁଦ୍ର ଜାହାଜ ।

Yam, *s.* ଆଳୁ, ରଙ୍ଗାଆଳୁ, ଶମ୍ବଆଳୁ ।

Yard, *s.* ଦୁଇହାତ ପରିମାଣ, ଗଜ; ଜାହାଜର ପାଲର ଦଣ୍ଡ; ଅଗଣା ।

Yardstick, *s.* ଗଜକାଠି ବା ବାଡ଼, ତିନି ଫୁଟ ପରିମାଣ ଲମ୍ବ ଦଣ୍ଡ ।

Yarn, *s.* ଊର୍ଣ୍ଣା ବା ପଶମୀ ସୂତା ।

Yawl, *s.* ଜାହାଜର ଡଙ୍ଗାବିଶେଷ ।

Yawn, *v.* ହାଇମାରିବା, ଜୃମ୍ଭା-କ, ଅଳସ୍ୟ ସୂଚିବା । [ନାମକଥିତ ।
Ycleped, Yclept, *a.* ଖ୍ୟାତ, ନାମକ.

Ye, *pron.* ତୁମ୍ଭେମାନେ, ଆପଣମାନେ ।

Yea, *ad.* ହିଁ, ହାଁ; ସତ୍ୟ, ଅବଶ୍ୟ ।

Yean, *v.* ମେଷାଦି ପ୍ରସବ-କ, ବେଇବା ।

Year, *s.* ବର୍ଷ, ବରଷ, ସନ, ସାଲ, ବତ୍ସର, ଅବ୍ଦ; ବାରମାସ ।

Yearling, *s.* ଏକ ବର୍ଷ ବୟସ୍କ ପଶୁ, ଏକବର୍ଷୀୟ ଜନ୍ତୁ ।

Yearly, *a.* ବାର୍ଷିକ, ବର୍ଷର, ବର୍ଷୀୟ ।

Yearly, *ad.* ପ୍ରତିବର୍ଷରେ, ବରଷକୁ ବରଷ ।

Yearn, *v.* ସ୍ନେହରେ ବ୍ୟାକୁଳ-ଅତ୍ୟାତୁର-ହେ ।

Yearning, *s.* ଅତୀଚ୍ଛା, ବ୍ୟାକୁଳତା, ଅନ୍ତରିକ ବ୍ୟଥା, ଅନ୍ତଃକରଣର ଜ୍ୱାଳା ।

Yeast, *s.* ମଦ୍ୟ ମଣ୍ଡ, ଦୁଗ୍ଧ ଫେଣ, ମୋସ୍ୱା; ଭାଜ ।

Yell, *s.* ଅତ୍ୟନ୍ତ ଚିତ୍କାର, ଆର୍ତ୍ତନାଦ ବା ରବ ।—*v.* ଚିତ୍କାର ଶବ୍ଦ- ଆର୍ତ୍ତନାଦ-କ, ଅତି ବେଦନାରେ ଡାକିବା ।

Yellow, *a.* ପୀତବର୍ଣ୍ଣ, ହଳଦିଆ ରଙ୍ଗ ।

Yellow-ochre, *s.* ଗୋପୀ ମୃତ୍ତିକା ।

Yelp, *v.* ଶ୍ୱାନ କୁକ୍କୁରପରି ରବ-କ ।

Yeoman, *s.* ଇଂରେଜୀୟ ଜମିଦାରବିଶେଷ ।

Yes, *ad.* ହାଁ, ହିଁ; ସତ୍ୟ, ଅବଶ୍ୟ ।

Yesterday, *s.* କାଲି, ଗତଦିବସ, କଲ୍ୟ ।

Yet, *conj.* ତଥାପି, ତଥାଚ, ଆଉ, ତେବେ, ତେବେହେଁ ।

Yet, *ad.* ଅଦ୍ୟାପି, ଅହୁରି; କଦାପି ।

Yew, *s.* ବୃକ୍ଷବିଶେଷ, ଝାଉଁ ଗଛ ।

Yield, *v.* ଫଳ-ଦେ, ଉତ୍ପନ୍ନ-କ; ସମର୍ପିବା; ସ୍ୱୀକାର-କ ଅଧୀନ-ହେ; ଛାଡ଼ିବା; ଦେବା; କ୍ଷାନ୍ତ-ହେ ।

Yoke, *s.* ଯୁଆଳି; ଯୁଗ୍ମ, ଯୋଡ଼ା; ଦାସତ୍ୱ ।—*v.* ଯୁଆଳିରେ ବାନ୍ଧିବା, ଯୁକ୍ତ-କ ଯୋଡ଼-ଯୋଡ଼ି-ଦେ । [ସହଦାସ ।

Yokefellow, *s.* ସହକାରୀ, ସାଥୀ, ସଙ୍ଗୀ,

Yolk, *s.* ଅଣ୍ଡ ମଧ୍ୟସ୍ଥ ହଳଦିଆ ପଦାର୍ଥ ବା ସାରଭାଗ ।

Yon, Yonder, *a.* ସାକ୍ଷାତରେ ଥିବା, ଦୃଶ୍ୟମାନ; ସେହି, ସେସ୍ଥାନର ।

Yonder, *ad.* ସେଅଡ଼େ, ସେଠାରେ ।

Yore, *ad.* ପୂର୍ବକାଳେ, ପ୍ରାଚୀନ ସମୟରେ ।

You, *pron.* ତୁମ୍ଭେ, ଆପଣ, ତୁ; ତୁମ୍ଭେମାନେ ।

Young, *s.* ଛୁଆ, ବଚ୍ଚା, ପିଲା, ବତ୍ସ, ଶାବକ; ସନ୍ତାନ । [ନବୀନ, ନୂତନ ।

Young, *a.* ଯୁବା, ତରୁଣ, ଯୁଆନ; ନୂଆ,

Youngster, *s.* ବାଳକ, ଯୁବା ଲୋକ ।

Young woman, *s.* ଯୁବତୀ, କୁମାରୀ ।

Your, *pron.* ତୁମ୍ଭର, ତୋହର, ଆପଣଙ୍କର; ତୁମ୍ଭମାନଙ୍କର, ଆପଣମାନଙ୍କର । [ନିଜେ ।

Yourself, *pron.* ତୁମ୍ଭେ, ଆପଣ, ସ୍ୱୟଂ,

Youth, *s.* ଯୌବନାବସ୍ଥା ବା କାଳ; ଯୁବା ପୁରୁଷ, ଟୋକା । [ବଳବନ୍ତ ।

Youthful, *a.* ଯୁବା, ତରୁଣ; ସତେଜ,

Youthfulness, *s.* ଯୁବାସମୟ, ଯୌବନାବସ୍ଥା ।

Yule, *s.* ଖ୍ରୀଷ୍ଟଙ୍କ ଜନ୍ମୋତ୍ସବ ସମୟର ପ୍ରାଚୀନ କାଳର ନାମ ।

## Z.

Z, ଇଂରାଜୀ ବର୍ଣ୍ଣମାଳାର ଷଡ଼ବିଂଶତିତମ ବା ଶେଷାକ୍ଷର ।

Zany, *s.* ଭଣ୍ଡ, ମସ୍କରା, କୌତୁକୀ ଲୋକ ।

Zeal, *s.* ଉତ୍ସାହ, ଉଗ୍ରତା, ବ୍ୟଗ୍ରତା, ଔତ୍ସୁକ୍ୟ ।

Zealot, *s.* ଅନୁରକ୍ତ ଲୋକ, ଦୃଢ଼ମତାବଲମ୍ବୀ, ସ୍ଥିର ଭକ୍ତ । [ବ୍ୟଗ୍ର ।

Zealous, *a.* ଉତ୍ସୁକ, ଉଦ୍ଯୋଗୀ, ସଚେଷ୍ଟ,

Zealously, *ad.* ଉତ୍ସାହପୂର୍ବକ, ଉଦ୍ୟମରେ ।

Zebra, *s.* ବନ୍ୟ ଗଧବିଶେଷ ।

Zemindar, *s.* ଜମିଦାର ।

Zenana, *s.* ଜେନାନା, ସ୍ତ୍ରୀମାନଙ୍କ କୋଠରୀ ।

Zendavesta, *s.* ପାରସୀ ଲୋକମାନଙ୍କର ଧର୍ମଶାସ୍ତ୍ର ।

Zenith, *s.* ମଧ୍ୟାହ୍ନ, ସ୍ୱର୍ଗସ୍ଥଳ, ଶିରୋବିନ୍ଦୁ, ଠିକ୍ ମୁଣ୍ଡ ଉପର । [ଚୁଷ୍ମବାୟୁ ।

Zephyr, *s.* ପଶ୍ଚିମବାୟୁ, ମୃଦୁବାୟୁ, ଉଷ-

Zero, *s.* ତାପମାନଯନ୍ତ୍ରର ପରିମାଣ; ଶୂନ୍ୟ (•)

Zest, *s.* ସ୍ୱାଦ, ରସ, ରୁଚିଜନକ ବସ୍ତୁ ।

Zigzag, *a.* ବକ୍ରାକାର, ବଙ୍କା, କରତ-ଧାରାକାର ।

Zinc, *s.* ଦସ୍ତା, ରୂପଦସ୍ତା ।

Zodiac, *s.* ରାଶିଚକ୍ର, ଜ୍ୟୋତିଶ୍ଚକ୍ର, ଲଗ୍ନମଣ୍ଡଳ ।

Zone, *s.* କଟିବନ୍ଧ, ପଟୁକା; ଉଷ୍ଣକଟିବନ୍ଧ; ସମକଟିବନ୍ଧ; ଶୀତକଟିବନ୍ଧ ।

Zoography, *s.* ପଶ୍ୱାଦିର ବିବରଣ, ଜୀବଜନ୍ତୁ-ବିଷୟକ ବିଦ୍ୟା । [ସମ୍ବନ୍ଧୀୟ ।

Zoological, *a.* ଜୀବଜନ୍ତୁବିଷୟକ ବିଦ୍ୟା-

Zoologist, *s.* ଜୀବଜନ୍ତୁବିଷୟକ ବିଦ୍ୟାବେତ୍ତା ।

Zoology, *s.* ଜୀବଜନ୍ତୁବିଷୟକ ବିଦ୍ୟା, ଜାନ୍ତବ ବିଦ୍ୟା ।

Zoophyte, *s.* ଜୀବ ଧର୍ମକ ବୃକ୍ଷବିଶେଷ ।

Zootomy, *s.* ପଶ୍ୱାଦିର ବ୍ୟବଚ୍ଛେଦ; ଜନ୍ତୁ-ବ୍ୟବଚ୍ଛେଦ ବିଦ୍ୟା । [ଛୋଟ ଜାକେଟ୍ ।

Zouave, *s.* ସ୍ତ୍ରୀମାନଙ୍କର ପିନ୍ଧିବା ଏକପ୍ରକାର

Zymotic, *a.* ଯେଉଁ ସବୁ ରୋଗରେ ରକ୍ତ ଦୂଷିତ ହୁଏ, ଉତ୍ସୁଚକ ।

# APPENDIX.

## GRAMMATICAL TERMS.

*In the order of the Parts of Speech.*

GRAMMAR, ବ୍ୟାକରଣ ।

### *Orthographical Terms.*

The alphabet, ବର୍ଣ୍ଣମାଳା ।
A letter, ଅକ୍ଷର ।
A vowel, ସ୍ୱର ।
A short vowel, ହ୍ରସ୍ୱ ।
A long vowel, ଦୀର୍ଘ ।
A diphthong, ସନ୍ଧ୍ୟକ୍ଷର ।
A similar vowel, ସମାନ ।
A dissimilar one, ଅସମାନ ।
The letter, (ଂ) ଅନୁସ୍ୱାର ।
The letter, (ଃ) ବିସର୍ଗ ।
When the vowels are enumerated, each vowel is pronounced with କାର after it, as ଅ-କାର akár, ଇ-କାର ikár, &c.
A consonant, ବ୍ୟଞ୍ଜନ ।
A guttural, କଣ୍ଠ୍ୟ ।
A palatal, ତାଲବ୍ୟ ।
A lingual, or cerebral, ମୂର୍ଦ୍ଧନ୍ୟ ।
A dental, ଦନ୍ତ୍ୟ ।
A labial, ଓଷ୍ଠ୍ୟ ।
A nasal, ଅନୁନାସିକ ।
Unaspirated consonant, ଅଳ୍ପପ୍ରାଣ ।
Aspirated, ମହାପ୍ରାଣ ।
Classified, including the first five rows of consonants, ବର୍ଗୀୟ ।
Not classified, *i.e.* miscellaneous, including the remaining rows, ଅବର୍ଗୀୟ । [ଘ, ଙ ।
The first class, କ-ବର୍ଗ, viz. କ, ଖ, ଗ,
The second class, ଚ-ବର୍ଗ ।
The third class, ଟ-ବର୍ଗ ।
The fourth class, ତ-ବର୍ଗ ।
The fifth class, ପ-ବର୍ଗ । [ସଂଯୋଗ ।
Union of vowels and consonants,
A compound consonant, ଯୁକ୍ତାକ୍ଷର ।
Pronunciation, ଉଚ୍ଚାରଣ ।
Addition or insertion of a letter, ଆଗମ । [another, ଆଦେଶ ।
The substitution of one letter for
The mark ( ୍), ହସନ୍ତ, for excluding the vowel ଅ, as ଅକ— ଅକ୍ *ak.*
Permutation of letters, ସନ୍ଧି ।
Permutation of vowels, ସ୍ୱର or ଅଚ୍-ସନ୍ଧି । [ସନ୍ଧି ।
Permutation of consonants, ବ୍ୟଞ୍ଜନ-
Permutation of (ଃ), ବିସର୍ଗସନ୍ଧି ।
The changing of the letters ଇ and ଈ to ଏ, and of ଉ and ଊ to ଓ, of ଋ and ୠ to ଅର୍, is called *goon*, ଗୁଣ ।

The changing of the letter ଅ to ଆ, ଇ ଈ to ଐ, ଉ ଊ to ଔ, and ଋ ୠ to ଆର୍, is called *bruddhi*, ବୃଦ୍ଧି ।

## Etymological Terms.

A word, ଶବ୍ଦ ।
An inflexion, ବିଭକ୍ତି ।
An affix, ପ୍ରତ୍ୟୟ ।
A noun or name, ସଂଜ୍ଞା ।
Gender, ଲିଙ୍ଗ ।
Masculine gender, ପୁଂଲିଙ୍ଗ ।
Feminine gender, ସ୍ତ୍ରୀଲିଙ୍ଗ ।
Neuter gender, କ୍ଲୀବଲିଙ୍ଗ ।
Singular number, ଏକବଚନ ।
Plural number, ବହୁବଚନ ।
The cases, when simply enumerated, are—

First, ପ୍ରଥମା ।
Second, ଦ୍ୱିତୀୟା ।
Third, ତୃତୀୟା ।
Fourth, ଚତୁର୍ଥୀ ।
Fifth, ପଞ୍ଚମୀ ।
Sixth, ଷଷ୍ଠୀ ।
Seventh, ସପ୍ତମୀ ।
Eighth, ଅଷ୍ଟମୀ ।

When considered in relation to the verb, they are called କାରକ ।
The agent, the nominative, କର୍ତ୍ତା ।
The work, the objective, କର୍ମ ।
The means, the instrumental, କରଣ
The giving to, the dative, ସମ୍ପ୍ରଦାନ ।
The taking from, the ablative, ଅପାଦାନ ।
The connecting, the possessive, ସମ୍ବନ୍ଧ ।
The appointing, the locative, ଅଧିକରଣ ।
The calling to, the vocative, ସମ୍ବୋଧନ ।
A noun, ବିଶେଷ୍ୟ ।
An adjective, ବିଶେଷଣ or ଗୁଣବାଚକ ।
A pronoun, whether personal, relative, interrogative, or adjectival, ସର୍ବନାମ ।
A verbal root, ଧାତୁ ।
A verb, କ୍ରିୟା ।
A transitive verb, ସକର୍ମକ ।
An intransitive verb, ଅକର୍ମକ ।
A causal verb, ପ୍ରେରଣ ।
The active voice, କର୍ତ୍ତୃବାଚ୍ୟ ।
The passive, କର୍ମବାଚ୍ୟ ।
For the indicative mood, ସ୍ୱାର୍ଥ is sometimes used.
For the imperative mood, ଅନୁମତ୍ୟର୍ଥ or ଅନୁଜ୍ଞା ।
Time or tense, କାଳ ।
Present time, ବର୍ତ୍ତମାନ ।
The present indefinite, ନିତ୍ୟପ୍ରବୃତ୍ତ ବର୍ତ୍ତମାନ ।
Present definite, ଶୁଦ୍ଧ ବର୍ତ୍ତମାନ ।
Past time, ଅତୀତ or ଭୂତ ।
Past imperfect, ଅନଦ୍ୟତନଭୂତ or ଭୂତ ସାମୀପ୍ୟ ବର୍ତ୍ତମାନ ।
The imperfect definite, ହ୍ୟସ୍ତ or ଅଦ୍ୟତନ ଭୂତ ।
The perfect, ପୁରାଭୂତ or ଅନଦ୍ୟତନାନଦ୍ୟତନ ଭୂତ ।
The pluperfect, ଚିରଭୂତ or ଅନଦ୍ୟତନ ଭୂତ ।

The aorist, ଅନଦ୍ୟତନ ଭୂତ or ଅପରୋକ୍ଷ
The future, ଭବିଷ୍ୟତ୍ ।     [ଭୂତ ।
The first person, ଅସ୍ମଦ୍ବାଚୀ or ପ୍ରଥମ
ପୁରୁଷ ।     [ପୁରୁଷ ।
The second person, ଯୁଷ୍ମଦ୍ବାଚୀ or ଦ୍ୱିତୀୟ
The third person, ନାମବାଚୀ or ତୃତୀୟ
ପୁରୁଷ ।
Indeclinable word, ଅବ୍ୟୟ ।
Inseparable preposition, ଉପସର୍ଗ ।
Words derived from verbal roots,
କୃଦନ୍ତ ।     [ତଦ୍ଧିତ ।
Words derived from other words,
A common noun, ଦ୍ରବ୍ୟବାଚକ ।
A proper noun, ନାମବାଚକ ।
Patronymics, ଅପତ୍ୟବାଚକ ।
Gentiles, ଜାତିବାଚକ ।
Collectives, ସମୂହବାଚକ ।
Abstracts, ଭାବବାଚକ ।
Diminutives, ନ୍ୟୂନବାଚକ ।
Verbals, କ୍ରିୟାବାଚକ ।
Denominatives, ବର୍ଣ୍ଣବାଚକ ।
Names of animate beings, ପ୍ରାଣି-
ବାଚକ ।     [ବାଚକ ।
Names of inanimate beings, ଅପ୍ରାଣି-
Passive nouns, କର୍ମବାଚକ, as କାର୍ଯ୍ୟ a
work.     [ମୁଖ, mouth
Instrumental nouns, କରଣବାଚକ, as
Recipient nouns, ସମ୍ପ୍ରଦାନବାଚକ, as
ଦାସ, a servant.
Communicative nouns, ଅପାଦାନ
ବାଚକ, as ଶିକ୍ଷକ, a teacher.
Possessive nouns, ଅଧିକରଣବାଚକ, as
ମନ୍ଦିର, a temple.   [କାନ, the ear.
Members of the body, ଅଙ୍ଗବାଚକ, as

Verbal adjectives, ବର୍ଣ୍ଣବାଚକ ।
Adjectives relating to colour, ବର୍ଣ୍ଣାର୍ଥ
Adjectives of place or circumstance, ସ୍ଥିତ୍ୟର୍ଥକ, as ସାମୁଦ୍ରକ, of the
sea.     [ଶୀତଳ, of the winter.
Adjectives of time, କାଳାର୍ଥ, as ହେମ-
Adjectives of origin, ଉଦ୍ଭବାର୍ଥ, as
ସିନ୍ଧୁଜାତ, produced from the sea.
A compound word, ସମାସ ।
A compound noun, ଦ୍ୱନ୍ଦ୍ୱ । [ଭେଦର ।
Of the first genus masculine, ଉଭ-
Of the first genus neuter, ସମାହାର ।
A compound noun of the second
genus, କର୍ମଧାରୟ । [class, ବହୁବ୍ରୀହି ।
A compound adjective of the first
A compound adjective of the
second class, ତତ୍ପୁରୁଷ ।
A compound adjective formed by
prefixing a numeral, ଦ୍ୱିଗୁ ।
A compound adverb, ଅବ୍ୟୟୀଭାବ ।

## Terms in Syntax.

The words or clauses that qualify
others, ବିଶେଷଣ । [others, ବିଶେଷ୍ୟ ।
The words or clauses qualified by
The particular case in which a word is put by the influence of another word upon it, କାରକ ।
The principal objective case when a verb governs two, ପ୍ରଧାନ, ମୁଖ୍ୟ ।
The secondary objective case when a verb governs two, ଅ-
ପ୍ରଧାନ, ଗୌଣ ।

## Terms in Prosody.

Verse or poetry, ପଦ୍ୟ ।

*Prose*, ଗଦ୍ୟ ।

Metre, ବୃତ୍ତ, ଛନ୍ଦ ।   [ଶ୍ଲୋକ ।

A verse containing four pádas,

The fourth part of a verse, ପାଦ ।

An instant, ମାତ୍ରା ।

The harmonic pause, ଯତି ।

The sentential pause, (।) ଗାର or ପଦଚ୍ଛେଦ ଚିହ୍ନ ।

A long syllable, ଗୁରୁ ।

A short syllable, ଲଘୁ ।

The common heroic metre of the Mahábhárat and Rámáyan has fourteen syllables (ଚଉଦାକ୍ଷର) in each line (ପାଦ). The Bhàgabat has ନବାକ୍ଷର or nine syllables. Oriya poetry has a great variety of metres, ranging from eight to thirty-six syllables.

---

## Terms of Kindred and Affinity

Adopted son, ପୋଷ୍ୟପୁତ୍ର, ପୋଷ୍ୟପୁତ୍ର, ଦତ୍ତକପୁତ୍ର ।   [ମହାଦି ।

Ancestor, ପୂର୍ବପୁରୁଷ, ପିତାମହ ପ୍ରପିତା-

Bastard, ବେଶ୍ୟାପିଲା, ଜାରଜ ।

Bride, କନ୍ୟା, ଦୁହିତା, ଝିଅ ।

Bridegroom, ବର, ବବାହ କୁମର ।

Brother, ଭାଇ, ଭ୍ରାତା, ଭ୍ରାତୃ, ସହୋଦର ।

Brother-in-law, ଶଳା, ଶାଳକ । [ଦର ।

Brother-of-the-whole-blood, ଏକୋ-

Children, ପିଲାମାନେ, ସନ୍ତାନସନ୍ତତି ।

Cousin, ଭାଇ, ଭ୍ରାତା, Fem. ଭଉଣୀ, ଭଗିନୀ

Child's father-in-law, ସମ୍ବନ୍ଧୀ, ସମୁଦି, ସମ୍ବନ୍ଧୀ ।   [ସମୁଦିର ସ୍ତ୍ରୀ, ପୁତ୍ରାଦିର ଶାଶୁ ।

Child's mother-in-law, ସମୁଦୁଣୀ,

Daughter, ଝିଅ, ଦୁହିତା ।

Daughter-in-law, ବୋହୂ, ପୁତ୍ରବଧୂ ।

Daughter's son, ଦୌହିତ୍ର, ଝିଅର ପୁଅ, ନାତି ।

Deceased owner, ମୃତକର୍ତ୍ତା, ମୃତାଧିକାରୀ ।

Father, ବାପ, ପିତା, ଜନକ, ତାତ, ବୋପା ।

Father-in-law, ଶ୍ୱଶୁର, ପତ୍ନ୍ୟାଦିର ବାପ ।

Family, ପରିବାର; କୁଳ, ବଂଶ, ଗୋତ୍ର ।

Fellow-student, ଗୁରୁଭାଇ, ସହପାଠୀ, ସହାଧ୍ୟାୟୀ ।   [ଶ୍ରେଣୀ ।

Genealogy, ବଂଶାବଳି, ପୂର୍ବପୁରୁଷର ନାମ-

Grandson, ପୌତ୍ର, ନାତି, ପୁତ୍ରାଦିର ପୁଅ ।

Grandfather, ପିତା ବା ମାତାର ପିତା, ସାଆନ୍ତ ବାପ ।   [ସାଆନ୍ତ ମା ।

Grandmother, ପିତା ବା ମାତାର ମାତା,

Great-grandson, ପ୍ରପୌତ୍ର, ପୌତ୍ରର ପୁତ୍ର, ପଣନାତି ।

Half-brother, ଶାବତଭାଇ, ବୈମାତ୍ରେୟ ।

Half-sister, ଶାବତଭଉଣୀ, ମାତାର ସ-ପତ୍ନୀର ଦୁହିତା ।

Heir, ଉତ୍ତରାଧିକାରୀ, ଓୟାରିସ ।

Husband, ସ୍ୱାମୀ, ଗୃହସ୍ଥ, ଘରଭା, ପ୍ରଭୁ, ପତି

*Husband's brother's wife*, ଜା, ପତିର ବଡ଼ ବା ସାନ ଭାଇଙ୍କର ସ୍ତ୍ରୀ ।

Husband's elder brother, ଦେଢ଼ଶୁର, ପତିର ବଡ଼ଭାଇ ବା ଅଗ୍ରଜ ।

Husband's younger brother, ଦିଅର, ସ୍ୱାମୀର ସାନ ଭାଇ ।
Husband's youngerbrother's wife, ସାନଜା, ସ୍ୱାମୀର କନିଷ୍ଠ ଭାଇର ସ୍ତ୍ରୀ ।
Husband's sister, ନଣନ୍ଦ, ସ୍ୱାମୀରଭଉଣୀ
Husband's sister's husband, ନଣନ୍ଦୋଇ, ସ୍ୱାମୀର ଭଉଣୀର ସ୍ୱାମୀ ।
Maternal grandfather, ଅଜା, ମାତୃପିତା, ମାତାମହ, ମାମୁଁ ବା ମାର ବାପ ।
Maternal grandmother, ଆଈ, ମାତୃମାତା, ମା ବା ମାମୁଁର ମା, ମାତାମହୀ ।
Maternal aunt, ମାଉସୀ, ମାର ଭଉଣୀ ।
Maternal aunt's husband, ମଉସା, ମାତାର ଭଉଣୀର ପତି ।
Maternal uncle, ମାମୁଁ, ମୌଳା, ବାପର ଶଳା, ମାତୁଳ । [ଳାଣୀ, ମାମୁଁର ସ୍ତ୍ରୀ ।
Maternal uncle's wife, ମାଇଁ, ମଉ-
Mother, ମା, ମାତା, ଜନନୀ, ଜନୟିତ୍ରୀ ।
Mother-in-law, ଶାଶୁ, ପତି ବା ସ୍ତ୍ରୀର ମାତା । [ଣୀର ପୁତ୍ର ।
Nephew, ପୁତୁରା, ଭଣଜା, ଭାଇ ବା ଭଉ-
Niece, ଝିଆରୀ, ଭାଣିଜୀ, ଭ୍ରାତା ବା ଭଗିନୀର
Orphan, ଅନାଥ, ଅରକ୍ଷ । [ଝିଅ ।
Paternal grandfather, ପିତାମହ, ବଡବାପ, ପିଉସୀ ବା ବାପର ବାପ ।
Paternal grandmother, ଆଈ, ବଡମା, ପିତାମହୀ, ବାପ ବା ପିଉସୀର ମା ।
Paternal uncle (senr.), ଜେଠପା, ଜେଠୁବା, ଦଦେଇ, ଜେଠା ।
Paternal uncle's wife, ଜେଠାଈ, ବାପର ବଡଭାଇର ସ୍ତ୍ରୀ ।
Paternal uncle (junr.), ଦାଦ, ଖୁଡୁବା, ଦଦେଇ, ପିତାର କନିଷ୍ଠ ଭ୍ରାତା ।
Paternal uncle's wife, ଖୁଡୀ, ଖୁଡ଼ୀମାଈ, ଦଦେଇର ସ୍ତ୍ରୀ ।
Paternal aunt, ପିଉସୀ, ବାପର ଭଉଣୀ ।
Paternal aunt's husband, ପିଉସା, ବାପର ଭଣୋଇ ।
Paternal great-grandfather, ଅଣଅଜା, ପ୍ରପିତାମହ, ବାପର ବଡବାପ ।
Paternal great great-grandfather, ପଣଅଜା, ବାପର ଅଣଅଜା, ବୃଦ୍ଧ ପ୍ରପିତାମହ
Paternal great-grandmother, ଅଣଆଈ, ପ୍ରପିତାମହୀ, ବାପର ବଡମା ।
Paternal great great-grandmother, ପଣଆଈ, ବୃଦ୍ଧ ପ୍ରପିତାମହୀ, ବାପର ଅଣଆଈ । [ସମ୍ପତ୍ତି ।
Patrimony, ପୈତୃକ ଧନ; ପିତାଦତ୍ତସମ୍ପ
Pedigree, ବଂଶାବଳିପତ୍ର, ପୂର୍ବପୁରୁଷଙ୍କ ନାମାଙ୍କିତ ପଦବୀ ତାଲିକା ।
Posterity, ସନ୍ତାନ ସନ୍ତତି, ପୁତ୍ରାଦି, ବଂଶ ।
Pupil, ଶିଷ୍ୟ, ଚେଲା, ଛାତ୍ର; ମନ୍ତ୍ରଗ୍ରହୀତା ।
Remote kindred, ଦୂର କୁଟୁମ୍ବ ।
Sister, ଭଉଣୀ, ଭଗିନୀ, ସହୋଦରା, ସ୍ୱସା ।
Sister's daughter, ଭାଣିଜୀ, ଭାଗିନେୟୀ ।
Sister's husband, ଭଣୋଇ ।
Sister-in-law, ଜେଠଶାଶୁ ।
Sister-of-the-whole-blood, ଏକୋଦରା, ଏକ ମାତୃଜାତା, ସହୋଦରା ।
Sister's son, ଭଣଜା, ଭାଗିନେୟ ।
Son, ପୁତ୍ର, ଆତ୍ମଜ, ସନ୍ତାନ, ସୁତ ।
Son-in-law, ଜ୍ୱାଇଁ, ଜାମାତା ।
Spiritual preceptor, ଗୁରୁ, ମନ୍ତ୍ରଦା-
Twins, ଯାଅଁଳା, ଯମଜ । [ତା ।
Widow, ବିଧବା, ବେଉଆ, ରାଣ୍ଡ, ଅନାଥା ।
Wife, ମାଇପ, ସ୍ତ୍ରୀ, ଗୃହିଣୀ, ଦାର ।
Wife's sister's husband, ସାଢ଼ୁ ।
Wife's younger sister, ଶାଳୀ ।

# MONEY, WEIGHTS, MEASURES, &c.

There are two sorts of accounts kept in Orissa, viz., ସକ୍କା and ବଡ଼ି, which are known by ଟଙ୍କା being written over the ସକ୍କା account, and ବଉଠ over the ବଡ଼ି. The figures for the cowries, &c., are the same in both ; but in the ସକ୍କା account ଟଙ୍କା or rupee is the highest denomination, and in the ବଡ଼ି account the କାହାଣ. The number of káháns for a rupee varies from 4 to 10, according to the market.

---

## Money.

| | | | | | |
|---|---|---|---|---|---|
| 3 Páhulá equal to | 1 Pice. | ତିନି ପାହୁଲ | ... | ଏକ ପଇସା । |
| 4 Pice ... | 1 Anna. | ଚାରି ପଇସା | ... | ଏକ ଅଣା ।। |
| 4 Annas ... | 1 Suki. | ଚାରି ଅଣା | ... | ଏକ ସୁକି । |
| 4 Sukis or 16 Annas | 1 Rupee. | ଚାରି ସୁକି ବା ଷୋହଳ ଅଣା | | ଏକ ଟଙ୍କା । |

---

## Cowries or small shells.

| | | | | |
|---|---|---|---|---|
| 3 Kránti equal to | 1 Kauri. | ତିନି କାନ୍ତି | | ଏକ କଉଡ଼ି ବା ବଡ଼ି । |
| 4 Kauri ... | 1 Gandá. | ଚାରି ବଡ଼ି | ... | ଏକ ଗଣ୍ଡା । |
| 20 Gandá ... | 1 Pana. | କୋଡ଼ିଏ ଗଣ୍ଡା | ... | ଏକ ପଣ । |
| 16 Pana ... | 1 Káhána. | ଷୋହଳ ପଣ | ... | ଏକ କାହାଣ । |
| 10 Káhána ... | 1 Tanká. | ଦଶ କାହାଣ | ... | ଏକ ଟଙ୍କା । |

---

## Land Measure.

| | | | | |
|---|---|---|---|---|
| 4 Káni equal to | 1 Biswá. | ଚାରି କାଣି | ... | ଏକ ବିଶ୍ୱା । |
| 16 Biswá ... | 1 Guntha. | ଷୋହଳ ବିଶ୍ୱା | ... | ଏକ ଗୁଣ୍ଠ । |
| 25 Guntha ... | 1 Mána. | ପଚିଶ ଗୁଣ୍ଠ | ... | ଏକ ମାଣ । |
| 20 Mána ... | 1 Báti. | କୋଡ଼ିଏ ମାଣ | ... | ଏକ ବାଟୀ । |

## Days of the Week.

| | | Mahomedan. |
|---|---|---|
| Sunday, ରବିବାର, | from the Sun, ରବି। | ଏତ୍ୱାର। |
| Monday, ସୋମବାର, | „ the Moon, ସୋମ। | ପୀର୍। |
| Tuesday, ମଙ୍ଗଳବାର, | „ Mars, ମଙ୍ଗଳ। | ମଙ୍ଗଲ୍। |
| Wednesday, ବୁଧବାର, | „ Mercury, ବୁଧ। | ବୁଧ୍। |
| Thursday, ଗୁରୁବାର, | „ Jupiter, ବୃହସ୍ପତି। | ଜୁମେରାତ୍। |
| Friday, ଶୁକ୍ରବାର, | „ Venus, ଶୁକ୍ର। | ଜୁମ୍ମା। |
| Saturday, ଶନିବାର, | „ Saturn, ଶନି। | ଶନିଚର୍। |

A day is divided into two parts, ଦିନବେଳ, viz., the time from sun-rising to sun-setting; and ରାତିକାଳ, the time from sun-setting to sun-rising. Each of these is subdivided into four equal parts, called ପହର, or watches, one of which is nearly equal to three English hours, but varying with the season.

---

## Of the Hindu Months.

The Hindu months always begin at what they call the ସଂକ୍ରାନ୍ତି, viz., the moment of the sun's entering any sign of the zodiac.

| | | | | |
|---|---|---|---|---|
| ବୈଶାଖ, | Boishakba | part of | April and May. | Sign, ମେଷ। |
| ଜ୍ୟେଷ୍ଠ, | Jyestha | „ | May and June. | ବୃଷ। |
| ଆଷାଢ଼, | Ashárdha | „ | June and July. | ମିଥୁନ। |
| ଶ୍ରାବଣ, | Shrábana | „ | July and August. | କକଡ଼ା। |
| ଭାଦ୍ରବ, | Bhádraba | „ | August and September. | ସିଂହ। |
| ଆଶ୍ୱିନ, | Ashwina | „ | September and October. | କନ୍ୟା। |
| କାର୍ତ୍ତିକ, | Kárttik | „ | October and November. | ତୁଳ। |
| ମାର୍ଗଶିର, | Margashira | „ | November and December. | ବିଛା। |
| ପୌଷ, | Powsha | „ | December and January. | ଧନୁ। |
| ମାଘ, | Mágha | „ | January and February. | ମକର। |
| ଫାଲ୍‌ଗୁନ, | Phálguna | „ | February and March. | କୁମ୍ଭ। |
| ଚୈତ୍ର, | Choitra | „ | March and April. | ମୀନ। |

The month is divided into two ପକ୍ଷ, or sides (of the moon) ; the time from change (ଅମାବାସ୍ୟା) to the full moon (ପୂର୍ଣ୍ଣିମା), is called the ଶୁକ୍ଳପକ୍ଷ, bright side ; and from the full to the change କୃଷ୍ଣପକ୍ଷ, the dark side. A lunar day is called ତିଥି ।

---

## *Directions for commencing and addressing Letters to Persons of Rank.*

ପତ୍ର, ପତ୍ରର ଶିରୋନାମା ଲେଖିବା ।

---

### The King.

*Commence.* Most Gracious Sovereign, or May it please Your Majesty.

*Address.* To the King's Most Excellent Majesty.

### The Nobility.

A Duke, Marquis, Earl, Viscount, or Baron.

*Com.* My Lord Duke ; Your Grace, or May it please your Grace; My Lord Marquis, or Your Lordship ; My Lord, or Your Lordship (*to the others.*)

*Add.* To His Grace the Duke of Argyll.
To the Most Honourable the Marquis of Bute.
To the Right Honourable the Earl of Derby.
To the Right Honourable the Lord Viscount Duncan.
To the Right Honourable Lord Grey.

### Official Members of the State.

*A Member of H. M. Most Honourable Privy Council.*

*Com.* Sir ; Right Honourable Sir, or My Lord.

*Add.* To the Right Honourable————————, His Majesty's Principal Secretary of State.

**The Parliament.**

*House of Peers.—Com.* My Lords, or May it Please your Lordships.

*Add.* To the Right Honourable the Lords Spiritual and Temporal in Parliament assembled.

*House of Commons.—Com.* May it please your Honourable House.

*Add.* To the Right Honourable the Commons of the United Kingdom of Great Britain and Ireland in Parliament assembled.

*The Speaker of the House of Commons.—Com.* Sir, or Mr. Speaker,

*Add.* To the Right Honourable———, Speaker of the House of Commons.

*A Member of the House of Commons, not ennobled.—Com.* Sir,

*Add.* To W. H. Gladstone, Esq., M. P.

To His Excellency, the Right Honourable Lord Northbrook, G. M. S., Viceroy and Governor-General of India.

My Lord, May it please your Lordship.

Right Honourable Sir G. Campbell, D. C. L., Governor of Bengal,

Your Excellency May it please your Excellency.

His Highness the Raja of Burdwan,

May it please your Highness.

T. R.———Esq., Commissioner,—Sir.

J. B.———Esq., Judge and Magistrate,—Sir.

A. B.———Esq., Collector,—Sir.

Dr. H. C.,—Sir.

Mrs. A. B., —Madam.

Messrs. H. S. and Co., Merchants,—Gentlemen.

Babu Radha Kanta Deb,—Sir.

## Stops, &c. ଛେଦ ଚିହ୍ନ ।

| | | | |
|---|---|---|---|
| Comma | ... ... | , | ଏକ ଖଣ୍ଡାଂଶର ବିଶ୍ରାମ ଚିହ୍ନ । |
| Semi-colon | ... ... | ; | ଦୁଇ " " |
| Colon | ... ... | : | ତିନି " " |
| Period or full-stop | ... | . | ପୂର୍ଣ " " |
| Note of Interrogation | ... | ? | ପ୍ରଶ୍ନବା ଚିହ୍ନ । |
| Note of Exclamation | ... | ! | ଚମତ୍କାରବୋଧର ଚିହ୍ନ । |
| Parenthesis or Brackets | | ( ) [ ] | ଏହି ଚିହ୍ନ ମଧ୍ୟରେ ଯେଉଁ କଥା ଲେଖା ହୁଏ ତାହା ଛଡା ମୂଳ କଥା ବୋଧ ହୁଅଇ । |

Printed at the Orissa Mission Press, Cuttack, by S. F. Robinson.